Vinay Avasthi Sahib Bhuvan Vani Trust Donations

ଶ୍ରୀ ଶୂଦ୍ରମୁନି ସାରଳାଦାସଙ୍କ କୃତ

ମହାଭାରତ

विराट पर्व

ବିରାଟ ପର୍ବ





ନୂତନ ମୁଦ୍ରଣ

ମୂଲ୍ୟ
ଟ ୯-୫୦

ପ୍ରକାଶକ-

ଶ୍ରୀ ରାଧାରମଣ ପୁସ୍ତକାଳୟ, ବିନୋଦବିହାରୀ, କଟକ-୨

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମହାଭାରତ ବିରାଟପର୍ବର

ସୂଚିପତ୍ର

ବିଷୟ	ପୃଷ୍ଠା
ବନ୍ଦନା	୧
ପଞ୍ଚପାଣ୍ଡବଙ୍କର ଗୁପ୍ତବାସର ପରାମର୍ଶ	୨
ଯୁଧିଷ୍ଠିରଙ୍କର ବିରାଟ ସଭାକୁ ଗମନ	୫
ଯୁଧିଷ୍ଠିରଙ୍କର ଶାଢ଼ୀ ଗ୍ରହଣ	୮
ଭୀମଙ୍କର ବିରାଟ ସଭାରେ ପ୍ରବେଶ	୯
ଅର୍ଜୁନଙ୍କର ବିରାଟ ସଭାରେ ପ୍ରବେଶ	୧୨
ଦ୍ରୌପଦୀଙ୍କର ବିରାଟ ଭବନରେ ପ୍ରବେଶ	୧୫
ନକୁଳଙ୍କର ବିରାଟ ସଭାକୁ ଗମନ	୧୮
ସହଦେବଙ୍କର ବିରାଟ ସଭାକୁ ଗମନ	୨୩
ଭୀମ, ବ୍ୟାଘ୍ର ଯୁଦ୍ଧ ଓ ନାନା ପ୍ରସଙ୍ଗ	୩୦
ଭୀମଙ୍କ ସହିତ ପ୍ରଦେଶୀମଲ୍ଲର ଯୁଦ୍ଧ ଓ ତାହାର ମୃତ୍ୟୁ	୪୩
ମାଲର ପୂର୍ବଜନ୍ମ ବୃତ୍ତାନ୍ତ ଓ ଭୀମଙ୍କର ରନ୍ଧନ ପ୍ରଣାଳୀ	୫୦
ବିରାଟର ଚନ୍ଦନଯାତ୍ରା ଉତ୍ସବ ପ୍ରବର୍ତ୍ତନ	୫୪
ସୈରିନ୍ଧ୍ରୀ ଦର୍ଶନେ କୀଚକର ଦୂତ ପ୍ରେରଣ	୫୫
ସୁଦେଷ୍ଣା ସୈରିନ୍ଧ୍ରୀଙ୍କୁ କୀଚକ ନିକଟେ ପ୍ରେରଣ ଓ ସୈରିନ୍ଧ୍ରୀଙ୍କର ସୂର୍ଯ୍ୟଙ୍କୁ ପ୍ରାର୍ଥନା	୫୮
ଗୁପ୍ତ ମାଧ୍ୱୀ ସାହାଯ୍ୟେ ଦ୍ରୌପଦୀଙ୍କର ଗମନ ଓ କୀଚକର ଲାଞ୍ଛନା	୬୪
ପଞ୍ଚପାଣ୍ଡବଙ୍କ ନିକଟରେ ଦ୍ରୌପଦୀର କୀଚକ ମୃତ୍ୟୁର ଗୁପ୍ତ ପରାମର୍ଶ	୬୮
ଭୀମ କର୍ତ୍ତୃକ କୀଚକ ବଧ	୭୪
କୀଚକର ମୃତଦେହ ଦର୍ଶନେ ବିରାଟଙ୍କ ଶୋକ	୭୯
ଭୀମ କର୍ତ୍ତୃକ କୀଚକର ଅନେଶ୍ୱତ ଭ୍ରାତାଙ୍କର ନିଧନ	୮୨
ଦାସୀମାନଙ୍କର ଶୋକ, ଦ୍ରୌପଦୀଙ୍କର ଉପଦେଶ ଓ କୀଚକର ଶୁଦ୍ଧକ୍ରିୟା	୮୪
ପାଣ୍ଡବମାନଙ୍କର ଅନୁସନ୍ଧାନାର୍ଥେ ଦୁର୍ଯ୍ୟୋଧନର ଦୂତ ପ୍ରେରଣ ଓ ତ୍ରିଗର୍ତ୍ତ ରାଜା ସହିତ ବିରାଟଙ୍କ ଯୁଦ୍ଧ	୮୫
ତ୍ରିଗର୍ତ୍ତ ସହ ଯୁଦ୍ଧରେ ବିରାଟର ବନ୍ଦୀ ହେବା	୯୪
ଭୀମସେନଙ୍କ ଯୁଦ୍ଧ ଓ ବିରାଟ ରାଜାଙ୍କ ମୁକ୍ତି	୯୬
ତ୍ରିଗର୍ତ୍ତର ପରାଜୟ ବାର୍ତ୍ତା ଶୁଣି ମାନଗୋବିନ୍ଦର ରଣସଜ୍ଜା	୯୮
ବିରାଟ ସାରବାହୁ ସହିତ ଯୁଦ୍ଧେ ଗମନ, ଗୋଧନ ହରଣ ନିମନ୍ତେ କୁରୁସୈନ୍ୟ ବିରାଟରେ ପ୍ରବେଶ ଓ ପୃଥୁନାର ସହଦେବ ସହିତ ଯୁଦ୍ଧ	୧୦୨
ବୃହନ୍ନଳାଙ୍କୁ ସାରଥି କରି ଉତ୍ତରର ଯୁଦ୍ଧଯାତ୍ରା	୧୦୯

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିଷୟ	ପୃଷ୍ଠା
କୁରୁ ସୈନ୍ୟ ଦେଖି ଉତ୍ତରର ପଳାୟନ, ଅର୍ଜୁନଙ୍କର ପଶ୍ଚାଦ୍ଧାବନ ଓ ନାନାବିଧ ଉପଦେଶ ଏବଂ କୁରୁବୀରଙ୍କର ଅନୁସନ୍ଧାନ	୧୧୪
ଶୁନ୍ଧ ମହାରାଜାଙ୍କ ଉପାଖ୍ୟାନ	୧୧୮
ଅର୍ଜୁନଙ୍କର ଆଦେଶରେ ଉତ୍ତରର ଶମୀବୃକ୍ଷରୁ ଅସ୍ତ୍ର ଆଣିବା ନିମନ୍ତେ ଗମନ ଓ ଶୋଷକସର୍ପ ଦଂଶନ	୧୨୦
ବୃହନ୍ନଳା କର୍ତ୍ତୃକ ଉତ୍ତର ନିକଟରେ ପଞ୍ଚପାଣ୍ଡବଙ୍କର ପରିଚୟ ଓ ଅର୍ଜୁନଙ୍କର ଦଶନାମ କଥନ	୧୨୨
ଶିବପିଣ୍ଡ ଓ ଦେବଦତ୍ତ ଶଙ୍ଖ ବିବରଣ ଏବଂ ଅନ୍ଧାସୁର ବଧ	୧୨୮
ଅର୍ଜୁନର ନନ୍ଦିଘୋଷରଥ ପ୍ରାପ୍ତି ଏବଂ ମହିଷାସୁର ବଧ ଓ ଅକ୍ଷୟ ତୂଣ ଉତ୍ପତ୍ତିର ବିବରଣ	୧୩୧
ଅର୍ଜୁନର ପାଶୁପତ ଅକ୍ଷୟତୂଣ ପ୍ରାପ୍ତି ବିବରଣ	୧୩୪
କୁରୁସେନାପତିମାନଙ୍କର ପରିଚୟ, ହିମିଟି ଖେଳ ଓ ଦୁର୍ବାସାଙ୍କଠାରୁ କୁନ୍ତୀଙ୍କ ବରପ୍ରାପ୍ତ ଏବଂ କର୍ଣ୍ଣ ଜନ୍ମ ବିବରଣ	୧୩୫
ଅର୍ଜୁନ ଦୁର୍ଯ୍ୟୋଧନଙ୍କ କଳି ଓ ଶତଭ୍ରାତାଙ୍କ ସହିତ ଯୁଦ୍ଧ	୧୪୦
କର୍ଣ୍ଣ ଅର୍ଜୁନଙ୍କ ଯୁଦ୍ଧ	୧୪୨
ଅର୍ଜୁନ ସହିତ କୁରୁସୈନ୍ୟଙ୍କର ଗୋଳଯୁଦ୍ଧ, ମୋହନା ଶର ପ୍ରୟୋଗ ଏବଂ କୁରୁସେନାଙ୍କର ଲାଞ୍ଛନା	୧୪୩
ବିରାଟ କଳି ରାଜା ଯୁଦ୍ଧେ ଗମନ ଓ ଭୀମ କର୍ତ୍ତୃକ ବୀରବାହୁର ପତନ	୧୫୦
ଉତ୍ତରର ଜୟବାର୍ତ୍ତା ଶୁଣି ବିରାଟର ଆନନ୍ଦ ଓ ଯୁଧିଷ୍ଠିରଙ୍କର ମସ୍ତକରୁ ରକ୍ତପାତ	୧୫୩
ଉତ୍ତରର ଯୁଧିଷ୍ଠିରଙ୍କୁ ସ୍ତୁତି ବାଦନ ଓ ଅଭିଷେକ ନିମନ୍ତେ ଯୁଧିଷ୍ଠିର ସହଦେବଙ୍କ ସହିତ ମନ୍ତ୍ରଣା	୧୫୭
ଶମୀବୃକ୍ଷ ତଳେ ଯୁଧିଷ୍ଠିରଙ୍କର ଅଭିଷେକ ଓ ବଳଦେବଙ୍କ ଅପମାନ	୧୬୦
ବିରାଟ ସିଂହାସନରେ ଯୁଧିଷ୍ଠିରଙ୍କର ଉପବେଶନ ଶୁଣି ବିରାଟର କୋପ ଓ ଉତ୍ତର କର୍ତ୍ତୃକ ପରିଚୟ ପ୍ରଦାନ	୧୬୭
ବିରାଟ ଯୁଧିଷ୍ଠିରଙ୍କ ନିକଟରେ ଅନୁନୟ, ଯୁଧିଷ୍ଠିରଙ୍କ ପୁନର୍ବାର ଅଭିଷେକ, ଉତ୍ତରା କୁମାରୀର ବିବାହ ନିର୍ବନ୍ଧ	୧୭୨
ଅଭିମନ୍ୟୁଙ୍କର ଉତ୍ତରା ସହିତ ବିବାହ	୧୭୫
ଧୃତରାଷ୍ଟ୍ର ଶକୁନିର କଥୋପକଥନ ଓ ଧୃତରାଷ୍ଟ୍ରଙ୍କର ଅପମାନ	୧୮୫
ଯୁଧିଷ୍ଠିରଙ୍କର ଇନ୍ଦ୍ରପ୍ରସ୍ଥେ ଯିବାର ଅନୁକୂଳ	୧୮୭

ବିରାଟ ପର୍ବର ସୂଚିପତ୍ର ସମାପ୍ତ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମହାଭାରତ

ବିରାଟ ପର୍ବ

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟମୁଦୀରୟେତ୍ ॥
ବେଦେ ରାମାୟଣେ ଚୈବ ପୁରାଣେ ଭାରତେ ତଥା ।
ଆଦୌ ଅନ୍ତେ ଚ ମଧ୍ୟେ ଚ ହରିଃ ସର୍ବତ୍ର ଗୀୟତେ ॥

ତଂ ବେଦଶାସ୍ତ୍ରପରିନିଷ୍ଠିତଶୁଦ୍ଧବୁଦ୍ଧିଂ,
ଚର୍ମାମ୍ବରଂ ସୁରମୁନୀନ୍ଦ୍ରନୁତଂ କବୀନ୍ଦ୍ରଂ ।
କୃଷ୍ଣତ୍ୱିଷଂ କନକପିଙ୍ଗଜଟାକଳାପଂ,
ବ୍ୟାସଂ ନମାମି ଶିରସା ତିଳକଂ ମୁନୀନାମ୍ ॥

ଆଦୌ ଧୃତରାଷ୍ଟ୍ରପାଣ୍ଡୁ ଜନନଂ ଲାକ୍ଷାଗୃହେ ଦାହନଂ,
ଦ୍ୟୂତେ ସ୍ତ୍ରୀହରଣଂ ବନେ ବିଚରଣଂ ମତ୍ସ୍ୟାଳୟେ ଗୋପନଂ ।
ଲୀଳା ଗୋ ହରଣଂ ହ୍ୟନେନ ତରଣଂ ସନ୍ଧିର୍ଦ୍ୱୟୋ ଜୃମ୍ଭଣଂ,
ଭୀଷ୍ମଦ୍ରୋଣସୁଯୋଧନାଦି ଦଳନଂ ଏତନ୍ମହାଭାରତଂ ॥

ଭୀଷ୍ମଦ୍ରୋଣତଟା ଜୟଦ୍ରଥଜଳା ଗାନ୍ଧାରନୀଳୋତ୍ପଳା,
ଶଲ୍ୟଗ୍ରାହବତୀ କୃପେଣ ବହନୀ କର୍ଣ୍ଣେନ ବେଳାକୁଳା ।
ଅଶ୍ୱତ୍ଥାମାବିକର୍ଣ୍ଣ ଘୋର ମକରା ଦୁର୍ଯ୍ୟୋଧନାବର୍ତ୍ତିନୀ,
ସୋଽତ୍ତୀର୍ଣ୍ଣା ଖଳୁ ପାଣ୍ଡବୈଃ ରଣନଦୀ ଯତ୍କର୍ଣ୍ଣଧାରେ ହରିଃ ॥

ଆଦ୍ୟପର୍ବଂ ସଭାପର୍ବଂ ପର୍ବମାରଣ୍ୟକଂ ତଥା ।
ବିରାଟପର୍ବଂ ବିଜ୍ଞେୟଂ ଚତୁର୍ଥଂ ତଦନନ୍ତରଂ
ଉଦ୍ୟୋଗଂ ପଞ୍ଚମଂ ପର୍ବଂ ଭୀଷ୍ମପର୍ବଂ ତତଃପରଂ ।
ସପ୍ତମଂ ଦ୍ରୋଣପର୍ବଂ ସ୍ୟାତ୍ କର୍ଣ୍ଣପର୍ବଂ ତଥାଷ୍ଟମଂ ॥
ନବମଂ ଶଲ୍ୟପର୍ବଂସ୍ୟାତ୍ ଗଦାପର୍ବଂ ତତଃପରଂ ।
ସୌପ୍ତିକଂ ତୁ ତଥା ପ୍ରୋକ୍ତଂ ଗର୍ଭନାଶନ ମେବ ଚ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ହ୍ରଦପ୍ରବେଶଂ ତୁ ସ୍ତ୍ରୀପର୍ବଂ ପ୍ରଧାନମୃତକସ୍ୟ ତୁ
ଶାନ୍ତିପର୍ବଂ ତତଃ ପ୍ରୋକ୍ତଂ ଅଶ୍ୱମେଧିକମେବ ଚ
ସ୍ୱର୍ଗାରୋହଣକଂ ଚୈବ ହରିବଂଶଂ ତଥୈବ ଚ ।
ଇତ୍ୟଷ୍ଟାଦଶପର୍ବାଣାଂ ସଂଖ୍ୟାଂ ଦ୍ୱୈପାୟନେରିତାଃ ॥

ହେମନ୍ତେ ପ୍ରଥମେ ମାସି ଶୁକ୍ଳପକ୍ଷେ ତ୍ରୟୋଦଶେ ।
ପ୍ରବୃତ୍ତଂ ଭାରତଂ ଯୁଦ୍ଧଂ ନକ୍ଷତ୍ରେ ଯମଦୈବତେ ॥

ଭାରତ ଶ୍ରୁତିମାତ୍ରେଣ ଗଙ୍ଗାସ୍ନାନେନ ମାନବଃ ।
ବିଷ୍ଣୁ ସ୍ମରଣମାତ୍ରେଣ ସର୍ବପାପୈଃ ପ୍ରମୁଚ୍ୟତେ ॥

ବ୍ୟାସଂ ବଶିଷ୍ଠନପ୍ତାରଂ ଶକ୍ତେଃ ପୌତ୍ରମକଳ୍ମଷଂ ।
ପରାଶରାତ୍ମଜଂ ବନ୍ଦେ ଶୁକତାତଂ ତପୋନିଧିଂ ।

ତତ୍ରୈବ ଗଙ୍ଗା ଯମୁନା ଚ ତତ୍ର ଗୋଦାବରୀ ତତ୍ର ସରସ୍ୱତୀ ଚ ।
ସର୍ବାଣି ତୀର୍ଥାନି ବସନ୍ତି ତତ୍ର ଯତ୍ରାଚ୍ୟୁତୋଦାରକଥାପ୍ରସଙ୍ଗଃ ।

ବନ୍ଦନା

ବନ୍ଦଇ ଶ୍ରୀ ଗଣନାଥ ଗଉରୀନନ୍ଦନ
କପୋଳେ ଶୋଭେ ତୁମ୍ଭର ଶ୍ରୀଖଣ୍ଡ ଚନ୍ଦନ ।
ଥୋରହସ୍ତ ଗଜଦନ୍ତ ଆଉ ଗଜକର୍ଣ୍ଣ
ସ୍ଥୂଳ ଶରୀର ଦିଶେ କେତେ ଶୋଭାବନ ।
ଦକ୍ଷିଣ ଦ୍ୱାର ଆବୋରି ଥାଅ ସବୁବେଳେ
ସୁମରନ୍ତେ ବିଘ୍ନମାନ ହର ଅବହେଳେ ।
ସକଳ ଦେବଙ୍କ ଆଗେ ହୁଏ ତୁମ୍ଭ ପୂଜା
କପଟେ ଅମୃତ ଲଡ଼ୁ ନେଇ ନାଗରାଜା ।
ବେନିକରେ ପାଶାଙ୍କୁଶ ଶୋଭଇ ତୁମ୍ଭର
ଶିରରେ ମଣି ମୁକୁଟ ଦିଶଇ ସୁନ୍ଦର ।
ଇନ୍ଦୁର ପିଠିରେ ବସି କର ଯେ ଗମନ
ସୁମିଷ୍ଟ ଖସାଲଡ଼ୁରେ ସଦା ତୁଷ୍ଟ ମନ ।
ନୃତ୍ୟଗୀତ ବିନୋଦରେ ତୋଷିଲ ଶଙ୍କର
ଅନ୍ଧକ ନାଶ ହୋଇଲା ବୁଦ୍ଧିରେ ତୁମ୍ଭର ।
ପାଦପଦ୍ମେ ଜଣାଉଛି ଆହେ ଲମ୍ବୋଦର
ହେଳେ ମନୋବାଞ୍ଛା ସିଦ୍ଧ କରନ୍ତୁ ମୋହର ।
ଶ୍ରୀ ଚଣ୍ଡୀ ଶାରଳା ମୋର ସ୍ଥିର କର ମନ
ଯେସନ୍ତେ ଶେଷ ହେଉ ଏହି ଭାରତ ଆଖ୍ୟାନ
ପୁଣ୍ୟ ପବିତ୍ର ଏହୁ ଯେ ଗଙ୍ଗାମତ ଧାର
ବ୍ୟାସ ମୁଖ ପ୍ରକାଶିତ ସଂସାରର ସାର ।

ବିରାଟ ପର୍ବର କଥା ଅଟେ ରସବାଣୀ
ପବିତ୍ର ହୋଇବ ନରେ ଏହି କଥା ଶୁଣି ।
ଘୃତ ମଧୁ ଶର୍କରା ଯେ ଅଟଇ ମଧୁର
ତହିଁରୁ ଅଧିକ ଏହା ମନରେ ବିଚାର ।
ହରିଙ୍କର ନାମ ଗୋଟି ମୁକ୍ତି ଗତି ସାର
ସେହି ନାମଗୋଟି ସଦା ରହୁ ମୋ ଅନ୍ତର ।
ସକଳ ଜନଙ୍କ ହିତେ କହୁଛି ମୁଁ ବାଣୀ
ମନ ନିର୍ମଳ ହୋଇବ ଏହି କଥା ଶୁଣି ।
ଶୋକ ମୋହ ହିଂସା ଦ୍ୱେଷ ତମ ଆଦିକର
ଏହାକୁ ଶୁଣିଲେ ସର୍ବେ ପଳାଇବେ ଡର ।
ବିରାଟ ପର୍ବରେ ଯାହା ଶ୍ରୀ ଶାରଳାଦାସ
ବର୍ଣ୍ଣନା କରିଛି ତାହା କରିବ ପ୍ରକାଶ ।

ପଞ୍ଚପାଣ୍ଡବଙ୍କ ଗୁପ୍ତବାସର ପରାମର୍ଶ

ଅଗସ୍ତିଙ୍କୁ ପୁଚ୍ଛାକଲେ ବୈବସ୍ୱତ ମନୁ
ବିରାଟପର୍ବର କଥା କହ ଆମ୍ଭେ ଶୁଣୁ ।
ଦ୍ୱାଦଶବର୍ଷ ପାଣ୍ଡବେ ବୁଲି ଘୋରବନେ
ଅଜ୍ଞାତ ବାସରେ କାହିଁ ରହିଲେ ଗୋପନେ ।
କେଉଁରୂପେ ବିରାଟ ଯେ ନ ଚହ୍ନିଲା ତାଙ୍କୁ
ବର୍ଷେ ଦେଖି ନ ଚହ୍ନିଲେ ଭୀମ ଅର୍ଜୁନଙ୍କୁ ।
ଦ୍ରୌପଦୀ ଦେବୀ କେସନେ ହୋଇଲେ ଗୁପତ
ଆଉର ଅଟେ ନକୁଳ ବୀର ବୁଦ୍ଧିମନ୍ତ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯୁଧିଷ୍ଠିର ସତ୍ୟବ୍ରତେ ସର୍ବଦା ନିଯୁକ୍ତ
ରୂପଗୁଣେ କେଉଁପରି ହୋଇଲେ ବ୍ୟକତ ।
ଏଥିର ଚରିତ୍ର ମୋତେ କହ ମହାମୁନି
ପବିତ୍ର ହୋଇବି ଏହି ଚରିତକୁ ଶୁଣି ।
କହନ୍ତି ଅଗସ୍ତି ହେତୁକରି ଏକମନ
ଯାହା ପୁଚ୍ଛାକଲ ତାହା ସ୍ଥିର ମନେ ଶୁଣ ।
ଅଶୀସହସ୍ର ବ୍ରାହ୍ମଣ ନିକଟେ ବସାଇ
ଆବର ଦ୍ୱାଦଶସହସ୍ର ଊର୍ଦ୍ଧ୍ୱରେତା ଥାଇ ।
ବୋଇଲେ ଯୁଧିଷ୍ଠି ଦେବ ପ୍ରଣିପାତ ହୋଇ
ଏକମନେ ଶୁଣ ମୁଁ ଯେ କଥାଏ କହଇ ।
ତୁମ୍ଭର ପ୍ରସାଦେ ସୁଖେ ବନସ୍ତେ ବୁଲିଲି
ପୁଣ୍ୟକଥା ଶୁଣି ମୁହିଁ କୃତାର୍ଥ ହୋଇଲି ।
ନାରଦ କହିଣ ଥିଲେ ଯେତେ ତୀର୍ଥମାନ
ତୁମ୍ଭ ପ୍ରସାଦେ ବୁଲିଲି ସେହି ସର୍ବସ୍ଥାନ ।
ମୋତେ କଲ୍ୟାଣ କରିଣ ଆହେ ତପୋଧନ
ଏ ସ୍ଥାନରୁ ଯେଝାସ୍ଥାନେ କରନ୍ତୁ ଗମନ ।
ଅଜ୍ଞାତବାସରେ ଏବେ ରହିବି ମୁଁ ବନେ
ତୁମ୍ଭଙ୍କୁ ଘେନି କପରି ରହିବି ଗୋପନେ ।
ଦୁର୍ଯ୍ୟୋଧନ ଠାବେ ଠାବେ କରି ଅନ୍ୱେଷଣ
ପୁଣିହିଁ ଦ୍ୱାଦଶବର୍ଷ ପଠାଇବ ବନ ।
ଯେଣୁ ମୁଁ ଜାଣଇ ତାର ଯେରୂପ ଚରିତ୍ର
ଅତଏବ ଯେଝାସ୍ଥାନ ଯାଆନ୍ତୁ ତୁରିତ ।
ଆଜଠାରୁ ବିଚ୍ଛେଦ ଯେ ହେଲି ସେବା ମୋର
କପାଳରେ ବିହି ଯାହାଅଛି ଲେଖି ଗାର ।
ବ୍ରାହ୍ମଣ ଋଷିଏ ଶୁଣି କରିଲେ ଆଶିଷ
ଆଜଠାରୁ ତୁମ୍ଭ ଶତ୍ରୁ ସର୍ବେ ଯାନ୍ତୁ ନାଶ ।
ସର୍ବଦ୍ୱିଜ ଗଲେ ଧର୍ମରାଜା ଆଜ୍ଞା ପାଇ
ଧୌମ୍ୟ ପ୍ରୋହିତଙ୍କୁ ରାୟ ବୋଲନ୍ତି ଅନାଇଁ
କପରି ରହିବୁ ଆମ୍ଭେମାନେ ହୋଇ ଗୋପ୍ୟ
ବିଚାରି ମୋହ ଆଗରେ କହ ହେ ସ୍ୱରୂପ ।
ବୋଲୁଛନ୍ତି ପୁରୋହିତ କଥା ଭବିଷ୍ୟତ
ବିରାଟ ରାଜ୍ୟେ ରହିବ ହୋଇଣ ଗୁପତ ।
ଆବର କଥାଏ ତୁମ୍ଭେ ଶୁଣ ଯୁଧିଷ୍ଠିର
ବନବାସଠାରୁ ସେବା ଅତି କଷ୍ଟତର ।
ତୁମ୍ଭେ ନିଜ ରାଜ୍ୟେ ରାଜା ହୋଇଥିଲେ ସୁଖେ
ପର ସେବାରେ କାଟିବ ଜୀବନକୁ ଦୁଃଖେ ।

ଏ ସ୍ଥିର କଥାକୁ ମନେ ନ ଧର ନୃପତି
ନର୍କଠାରୁ ଗୁରୁତର ଅଜ୍ଞାତର ସ୍ଥିତି ।
ପ୍ରକୃତି ପରମ ଶତ୍ରୁ ଜାଣିବା ନା ସମ
ବଶବର୍ତ୍ତୀ ହୋଇ କାହିଁ ପାଳିବା ନିୟମ ।
ଦଶ ତୁମ୍ଭେ ପାଞ୍ଚଜଣ ଇନ୍ଦ୍ରର ସମାନ
ଆନଠାବରେ ରହିବ ଗୋପନେ କେସନ ।
ଗୋପ୍ୟସ୍ଥାନ ଭେଦ ଯେହ୍ନେ ନ ପାଇବ ଆନ
ସେହିରୂପେ ହୋଇ ରହିଥିବ ଷଡ଼ ଜଣ ।
ଧର୍ମାଧର୍ମ ସଦାକାଳେ ତୁମ୍ଭେ ପାଳୁଥିବ
ସତ୍ୟରୁ କିଞ୍ଚିତ ମାତ୍ର ବିମୁଖ ନୋହିବ ।
ଯେଉଁରୂପେ ନିଜ ଛିଦ୍ର ଅନ୍ୟ ନ ଜାଣିବ
ସେହିରୂପେ ଯତନରେ ନିୟମ କରିବ ।
ଯେ ଯାହାର ଅନୁରୂପେ ସେବାକାରୀ ହେବ
ଗୁରୁଭାଇଙ୍କୁ ନିକଟୁ କେବେ ନ ଛାଡ଼ିବ ।
କାଳ ଅପେକ୍ଷା କରିଣ ଏଥୁଁ ହୁଅ ପାର
ହୋଇବ ଏକାଙ୍ଗ ଚକ୍ରବର୍ତ୍ତୀ ରାଜେଶ୍ୱର ।
ବୋଲନ୍ତି ଯୁଧିଷ୍ଠି ତୁମ୍ଭେ ଶୁଣ ପୁରୋହିତ
ମୋହର କହିବା କଥା କରିବ ନିଯୁତ ।
ପଞ୍ଚକୁମରଙ୍କୁ ଘେନି ପଞ୍ଚାଳର ଦେଶେ
ଯାଇ କୁଶଳେ ରହିବ ଦ୍ରୁପଦର ପାଶେ ।
ମୋହର ନିମନ୍ତେ ତୁମ୍ଭେ ଏ କଷ୍ଟ ସହିବ
ଏ ସବୁ ଯେତେକ କଥା ତାଙ୍କୁ ଜଣାଇବ ।
ମୋହର ଏତିକ ଭିକ୍ଷା ଘେନିଯାଅ ପୁର
ଅନ୍ୟ କଥା ଆଉ କିଛି ମନରେ ନ ଧର ।
ଯୁଧିଷ୍ଠିରଙ୍କ ବଚନେ ଧୌମ୍ୟ ମହାଋଷି
ବୋଇଲେ ତୁମ୍ଭ ବଚନେ ଥିବୁ ତହିଁ ପଶି ।
ବୋଲୁଛନ୍ତି ଧର୍ମ ଅବା କରିବ ନିୟମ
ସ୍ୱ ଅର୍ଜିତ କର୍ମ ତୁମ୍ଭେ ଜାଣ ନୃପ କର୍ମ ।
ସେବା ବଡ଼କଷ୍ଟ ମୁହିଁ ଜାଣଇ ରାଜନ
ଜ୍ଞାନ ହୁଅନ୍ତେ ନାଶଇ ସର୍ବ କର୍ମମାନ ।
ଭୀମସେନକୁ ଗୋପନ କରିବ କେସନ
ନକୁଳ ସହଦେବ ଯେ ଆବର ଅର୍ଜୁନ ।
ଦ୍ରୌପଦୀ କପରି ଭାବେ ହୋଇବ ଗୁପତ
ଦେବ ଅସୁର ମୋହିନୀ ତା ରୂପ ଅଟେ ତ ।
ଆପଣେ ଗୁପ୍ତ କେସନେ ହୋଇବ ରାଜନ
ଏଥିଲୁ ତୁମ୍ଭେ ବିଚାର କର ଏକମନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅଜ୍ଞାତ ବାସରୁ ତୁମ୍ଭେ ପାରହୁଅ ଭଲେ
ଦୁଃଖ ବୋଲଣ ଏହାକୁ ନ ଚିନ୍ତିବ ଛଳେ ।
ଯେରୂପକୁ ନ ଚିହ୍ନିବେ ମୂ ରୁଖ ଅଜ୍ଞାନେ
ଯତନେ ତୁମ୍ଭେ ସେ ରୂପେ କର ପଞ୍ଚମନେ ।
ଏହିରୂପେ ଭିଆରଣ ଗଲେ ପୁରୋହିତ
ଦୁଃଖେ ପାଞ୍ଚଭାଇ ମନେ ହୁଅନ୍ତେ ଚିନ୍ତିତ ।
ପାଣ୍ଡବେ ପୁରୋହିତଙ୍କୁ ଛାଡ଼ି ତହିଁ ରହି
ଜଳକ୍ରୀଡ଼ା ଉଦ୍ୟେ ଚିନ୍ତା କଲେ ପାଞ୍ଚଭାଇ ।
ଭଲନ୍ତି ଯେ ଯୁଧିଷ୍ଠିର ହୋଇ ଖେଦମନ
କାହିଁ ଗୁପତେ ରହିବୁ ଆମ୍ଭେ ଷଡ଼ଜଣ ।
ଏହି ଦେବଅସ୍ତ୍ରମାନ ଥୋଇବା ବା କାହିଁ
ଏକାନ୍ତେ ଏକଲ୍ଲେ ସର୍ବେ ଯିବା କେଉଁଠାଇ
ଗୁପତେ ଥାଇ କେସନେ ଦିନ କଟାଇବା
ଆପଣ ମନେ ଭଲନ୍ତି ଯୁଧିଷ୍ଠିର ଦେବା ।
କେବଣ ଉପାୟେ କର ହରବାଟି ଦିନ
କ ଉପାୟେ କଟାଇବା ଏକବର୍ଷ ପୂଣ ।
ମୋହର ଆଗରେ କହ ସର୍ବ ବିବରଣ
ନ ପୃଣ ନ ଚିହ୍ନେ ଯେହ୍ନେ ରାଜା ଦୁର୍ଯ୍ୟୋଧନ
ଏହିରୂପେ ପାଞ୍ଚଭାଇ ଦ୍ରୌପଦୀ ସହିତ
ବନେ ବସି ଭାଳୁଛନ୍ତି ହୋଇଣ ଦୁଃଖିତ ।
ଏମାନଙ୍କ ଭଳେଣିକୁ ଜାଣି ଶଚୀପତି
କୁବେରକୁ ରାଇ ଆଜ୍ଞା କରଲେ ଝଟତି ।
ଯୁଧିଷ୍ଠିରଙ୍କ ନିକଟେ ଯାଅ ଯକ୍ଷପତି
ଶମୀବୃକ୍ଷର ବୃତ୍ତାନ୍ତ କହ ତାଙ୍କ କତି ।
ବ୍ରହ୍ମା ସେ ବୃକ୍ଷ ସର୍ଜନା କରଛନ୍ତି ପୂର୍ବେ
ବୁଝାଇ କହିବ ତାଙ୍କୁ ଭାଳୁଛନ୍ତି ସର୍ବେ ।
ସେ ବୃକ୍ଷରେ ଶସ୍ତ୍ରମାନ ଯତନେ ରଖନ୍ତୁ
ଛଦ୍ମରେ ରହି ଗୁପତ ବେଶକୁ ଧରନ୍ତୁ ।
ନିଜ ରୂପ ଗୋପ୍ୟ କରି ସୁଖେ ଥାନ୍ତୁ ରହି
ଏହି ଆଜ୍ଞା ଦେଲେ ତାଙ୍କୁ ଶଚୀଦେବୀ ସାଇଁ
ଶୁଣି କୁବେର ଅଇଲେ ତହିଁ ଅତି ବେଗେ
କହିଲେ ସମସ୍ତ କଥା ଯୁଧିଷ୍ଠିଙ୍କ ଆଗେ ।
କପାଁ ଚିନ୍ତାମଗ୍ନ ହୋଇ ବସ ଯୁଧିଷ୍ଠିର
ଅସ୍ତ୍ର ଥୁଅ ଏହି ଶମୀବୃକ୍ଷର ଖୋଟରେ ।
ଏ ସର୍ବ ଅସ୍ତ୍ର ଅନ୍ୟର ନୁହଇ ସହର
ଯତନେ ନର୍ମଣ ଏହା ଧାଡୀ ଅଛୁ କର ।

ଶବ ଏସ୍ଥାନେ ରଖିଲୁ ବୋଲିବ ଅର୍ଜୁନ
ଖୋଟରେ ରଖିବ ସହଦେବ ଅସ୍ତ୍ରମାନ ।
ଆଜ ଇନ୍ଦ୍ର ଦେବ ଆଜ୍ଞା କରିବାରୁ ମୋତେ
ଆସିଲି କହିବା ପାଇଁ ତୁମ୍ଭର ସାକ୍ଷାତେ ।
ବିରାଟ ଦେଶରେ ଯାଇଁ ରହ ପାଞ୍ଚଭାଇ
ନିଜ ନିଜ ସ୍ୱରୂପକୁ ବେଗେ ବଦଳାଇ ।
ଏଥିକୁ ଚିନ୍ତା ନ କର ଆପଣାର ମନ
ଯହେ ଆଜ୍ଞା କରିଛନ୍ତି ସହସ୍ର ଲୋଚନ ।
ଏହା କହିଣ କୁବେର ହେଲେ ଅନ୍ତର୍ଦ୍ଧାନ
ଶୁଣି ତଅନେ ଗମିଲେ ତହୁଁ ଷଡ଼ଜଣ ।
ଯୁଧିଷ୍ଠ ବୋଇଲେ ବାବୁ ଦଇବ ଲିଖନ
ପୂର୍ବର ଉଆଣ ଯାହା କେ କରିବ ଆନ ।
ରାଜ୍ୟ ଛଡ଼ଦେଲା ଦେଇ ବହୁ ଅପମାନ
ପାର୍ଥ ତୋର ବଳେ ରାଜ୍ୟ କରିବୁ ଅର୍ଜନ ।
ଯହୁଁ ପ୍ରସଙ୍ଗ ତାହାଙ୍କୁ ହେ.ଇଲେ ବଡ଼ୋଜା
ଗନ୍ଧର୍ବ ଆସିଲା ତାକୁ ସର୍ବେ କଲେ ପୂଜା ।
ଅପସରା ଜ୍ୟୋତି ଜାତ ଅର୍ଜୁନର ବୀର୍ଯ୍ୟ
ପ୍ରଚଣ୍ଡ ବଳ ନାମରେ ତାହାର ତନୁଜେ ।
ଅର୍ଜୁନ ସହିତେ ତାର ଅତ୍ୟନ୍ତ ପୀରତି
ଗନ୍ଧର୍ବ ବୋଇଲା ତହିଁ ଶୁଣ ଆହେ ନାତି ।
ମୁହିଁ ତୋତେ ବଚନେକ କହିବି ଅର୍ଜୁନ
ଯାହା ତୁ ମାଗିବୁ ଦେବି ମୋ ସତ୍ୟ ବଚନ ।
ଏହି କଥା ଶୁଣି ତହୁଁ ବୋଇଲେ ଅର୍ଜୁନ
ଗୁପତ କରି ରଖିବୁ ଆମ୍ଭ ଅସ୍ତ୍ରମାନ ।
ବର୍ଷକଯାକ ରଖିବୁ ତୁହି ମୋର ହିତେ
ଦିନକୁ ଯେ ଭିନରୂପ ଧରିଥିବୁ ଗାତେ ।
ରକ୍ତ ବହି ପଡ଼ୁଥିବ ତୋ ଶରୀରୁ ଯେତି
ହୋଟେ ଶସ୍ତ୍ର ରଖ ମୋର ରଖିବୁ ପୀରତି ।
ଶୂନ୍ୟରେ ତୁ ଲମ୍ବିଥିବୁ ହୋଇ ଜାମ୍ବୁଭେଦୀ
ତୋହର ପ୍ରସାଦେ ଆମ୍ଭେ ହୋଇବୁ ନର୍ଦ୍ଦନୀ ।
ପ୍ରଚଣ୍ଡବଳା ବୋଇଲା ଥିବ ତୁମ୍ଭ ଅର୍ଥେ
ଯା ମୋହର ଭାଗ୍ୟ ଆଜ୍ଞା ହେଲା ତୋର ଚତ୍ତେ
ଅର୍ଜୁନ ବୋଇଲେ ଯେହ୍ନୁ ପରଉପକାରୀ
ଦଧ୍ୟା ଦାକ୍ଷିଣ୍ୟରେ ତୋତେ କିବା ଦେଇପାରି
ମଧ୍ୟବୃକ୍ଷରେ ଯେ ଥିବା ଅସ୍ତ୍ର ଶସ୍ତ୍ର ସାର
ତୋର ଉପଦେଶେ ତାଙ୍କୁ କରିବୁ ସଂହାର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

କୁବେର କହିବା ମାତ୍ରେ ପାଣ୍ଡବ ସକଳେ
ପ୍ରବେଶ ହୋଇଲେ ଯାଇ ଶମୀବୃକ୍ଷ ତଳେ ।
ସହଦେବ ଆରୋହଣ କରିଲେ ବୃକ୍ଷରେ
ସକଳ ଅସ୍ତ୍ରକୁ ନେଇ ରଖିଲେ କୋଟରେ ।
ବଦନ୍ତି ଅଗସ୍ତି ତୁ ହୋ ଶୁଣ ସ୍ୱୟ ମନୁ
କହିଲି ମୃତ୍ୟୁପିଣ୍ଡର ଚରିତ ବିଧାନୁ ।

ଯୁଧିଷ୍ଠିରଙ୍କର ବିରାଟ ସଭାକୁ ଗମନ

ମନୁ ପୁଚ୍ଛାକଲେ ପୁଣି ଅଗସ୍ତିଙ୍କୁ ବାଣୀ
ପବିତ୍ର ହୋଇଲି ମୁହିଁ ଧର୍ମ କଥା ଶୁଣି ।
ଏଥୁ ଅନନ୍ତରେ କି କି କଲେ ପାଞ୍ଚଭାଇ
ଆଗତ ଚରିତ ମୋତେ କହ ତପୀସାଇଁ ।
କହନ୍ତି ଅଗସ୍ତି ଶୁଣ ଆହେ ଚଇତନ
ପ୍ରତ୍ୟକ୍ଷ ଈଶ୍ୱର ସେହି ଯୁଧିଷ୍ଠି ରାଜନ ।
ତହୁଁ ପଣ୍ଡୁପୁତ୍ରମାନେ ଅରଣ୍ୟରେ ପଶି
ଭାବନା କରନ୍ତି ତହିଁ ଏକାନ୍ତରେ ବସି ।
ଶୁଣ ଆହେ ଚଇତନ ବଦନ୍ତି ଅଗସ୍ତି
କୀଚକର ଭାର ଯହୁଁ ନ ସହିଲା କ୍ଷିତି ।
ବ୍ରହ୍ମାପାଶେ ଜଣାଇଲା ଯାଇ ବସୁମତୀ
ସେହି ହେତୁ ପାଣ୍ଡବଙ୍କ ଏସନ ଦୁର୍ଗତି ।
ଧର୍ମ ବୋଲେ ତୁ ଯା ଭୀମ ବିରାଟ ସଭାକୁ
ବିରାଟ ଚିହ୍ନିପାରେ କି ନ ପାରେ ତୁମ୍ଭଙ୍କୁ ।
ମତ୍ସ୍ୟରାଜା ତୋତେ ଯେବେ ଚିହ୍ନି ପାରେ ଅବା
ନ ଯିବା ଆଉ ସେ ରାଜ୍ୟ ପର୍ବତେ ରହିବା ।
ଭୀମସେନ ବୋଲେ ଦେବ ଆଗେ ଯେବେ ଯିବ
ତାହାର ମୁଖକୁ ଚାହିଁ ସମସ୍ୟା କରିବ ।
ଜାଣିକରି ମୋତେ ଯେବେ ନ କରେ ଗୌରବ
ମୋହର କୋପରେ ସେହୁ ନଷ୍ଟେ ନାଶଯିବ
ସ୍ୱାମୀ ତୁମ୍ଭେ ଆଗେ ବସ ବିରାଟ ଆସନେ
ସମସ୍ତ ସିଦ୍ଧ ହୋଇବ ତୁମ୍ଭ ଦରଶନେ ।
ଭୀମ ବଚନେ ସନ୍ତୋଷ ହେଲେ ଦେବକାନ୍ତ
ସନ୍ନ୍ୟାସୀ ବେଶ ତହୁଁ ଧଇଲେ ତୁରିତ ।
ଲମ୍ବିତ କରଣ ଜଟା ନିକଛ ବସନ
ତାମ୍ରବର୍ଣ୍ଣ ନେତ ଶିରେ ଶ୍ରୀଖଣ୍ଡ ଚନ୍ଦନ ।
ଶଉଚର ତାମ୍ରପାତ୍ର ଧଇଲେ ସେ କରେ
ଏକବିଡ଼ା କୁଶ ନେଇ ବାନ୍ଧିଲେ ଅଣ୍ଟାରେ ।
ବେଦର ସମାନ ବସ୍ତ୍ର ପୁରାଣର ପୋଥି
ବାମକକ୍ଷେ ଯଜ୍ଞସୂତ୍ର ଶୋଭାପାଏ ଅତି ।
ପଞ୍ଚମୁଖୀ ଦେବଶଙ୍ଖ ଧରି ଦକ୍ଷକରେ
ଚଳନ୍ତେ ମୋହୁ ଅଛନ୍ତି ଜଗତର ନରେ ।
ନରାକାର ପୁରୁଷ ଯେ ଅଟନ୍ତି ଯୁଧିଷ୍ଠି
ସଙ୍କୋପବୀତ ଦ୍ୱାଦଶ ଶତା ଅଙ୍ଗେ କାନ୍ତି ।
ଅଗ୍ନିର ସମାନ ସେହି ଗୋପନ ଦେବତା
ଆଜ୍ଞା ପାଇ ବିଜେ କଲା ପବନ ସବତା ।
ଏସନକ ସମୟେ ସେ ବ୍ରାହ୍ମଣଙ୍କ ମେଳେ
ପ୍ରବେଶ ହେଲେ ବିରାଟ ସଭାର ଗହଳେ ।
ପଣ୍ଡୁଙ୍କର ନନ୍ଦନ ଯେ କରନ୍ତି ଗମନ
ଅତ୍ୟନ୍ତ ସୁନ୍ଦର ଦିଶେ ସେ ମତ୍ସ୍ୟ ଭବନ ।
ଚଳନ୍ତି ଦଧିବାମନ ଯେ ସର୍ବମଙ୍ଗଳେ
ପଶ୍ଚିମ ମୁରତି ହୋଇ ବାଞ୍ଛାବଟ ତଳେ ।
ଧନୁମାସ ଶୁକ୍ଳ ଦଶମୀ ଶନିବାର
ରୋହିଣୀ ବୃଷ ରାଶିରେ ଭୋଗ ସେ ଦିନର ।
ତୈତିଳ ନାମେ କରଣ ଶୁକ୍ଳ ନାମେ ଯୋଗ
ଚନ୍ଦ୍ର ଉଚ୍ଚ ନବାଂଶରେ ଶୁଭଘଟରେ ଭୋଗ ।
ବିଜୟେ ଧର୍ମ ନନ୍ଦନ ସୁବାଣୀ ସୁଠାଣୀ
ଚଳନା କରନ୍ତି ପାଦ କଳହଂସ ଜାଣି ।
ଧର୍ମନନ୍ଦନଙ୍କ ଗତି ଅତି ଶୋଭାପାଏ
ମତ୍ତଗଜ ପ୍ରାୟେ ଗତି ତିନଲୋକ ମୋହେ ।
ଦରହସିତ ହୋଇଣ ମୁଖ ବିକାଶଇ
ମତ୍ସ୍ୟ ଦେଶରେ ପ୍ରବେଶ ହେଲେ ଦେବଯାଇଁ
ନଗରରେ ପ୍ରବେଶନ୍ତେ ଦେଖି ବୃଦ୍ଧଜନେ
ବିଚାରିଲେ ଇନ୍ଦ୍ର କିବା ଆସିଲେ ଏ ସ୍ଥାନେ ।
କେଉଁ ଦେବତା ମଧ୍ୟସ୍ଥ ପଣେ ଏଥେଁ ଆସେ
ମନୁଷ୍ୟର ଅବତାର ପରାୟେ ନ ଦିଶେ ।
ସମ୍ମୁଖେ ଆସନ ପରେ ବିଜେ ମତ୍ସ୍ୟପତି
ବାମଦେବ ପ୍ରୋହିତ ଯାତକେଶ୍ୱର ମନ୍ତ୍ରୀ ।
ବତିଶଲକ୍ଷ ଯୋଦ୍ଧା ଯେ ନିଶତ ପାଦଣ୍ଡ
ଖଟନ୍ତି ଆସ୍ଥାନ ତଳେ ଧରି ଛନ୍ଦ ଦଣ୍ଡ ।
ଲକ୍ଷେ ପଟଛନ୍ଦ ବେନିଲକ୍ଷ ଯେ ଆଡ଼େଣି
ଗୁରିଲକ୍ଷ ଆଲଟ ମୟୁରଚ୍ଛୁଲ ପୁଣି ।
ସାତ ଅକ୍ଷୌହିଣୀ ବଳ ଛନ୍ତି ପଟୁଆରି
ଅଗଣିତ ବାଜ ତୁରି ବାଜେ ଶଙ୍ଖ ଭେରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏକଲକ୍ଷ ଶଙ୍ଖ ବାଜେ ଆସ୍ଥାନର ତଳେ
ପଣ୍ଡୁଙ୍କର ଜ୍ୟେଷ୍ଠସୁତ ବନେ ଏତକାଳେ ।
ଦ୍ୱାରଦେଶେ ବନେ ହେଲେ ଯାଇ ଯୁଧିଷ୍ଠିର
ଦେଖିଣ ଦ୍ୱାରୀ ତାହାଙ୍କୁ ହୋଇ ତର ତର ।
ଭୟେ ଦ୍ୱାର ଛାଡ଼ିଦେଲା ପଛୁଁ ଦ୍ୱାରପାଳ
ବିରାଟ ବୋଇଲେ ଏହୁ କେଉଁ ଦିଗପାଳ ।
ଯଶୋବନ୍ତୀ ପର ତେଜ ଆସିଲେ କି ବ୍ରହ୍ମା
କେହୁ ବୋଲଇ ସାଗରପତି ମହାତ୍ମା ।
ଅଳକା ପୁରର ନାଥ କିବା ଏ କୁବେର
କି ଅବା ଗନ୍ଧର୍ବନାଥ କିବା ସୁନାସୀର ।
ଈଶ୍ୱର ପୁରୁଷ କି ଏ କପିଳାସବାସୀ
ବାହନ ଅଭାବେ ବନେ ପାଦଗତେ ଆସି ।
ବିରାଟ ଅଗତେ ମନ୍ତ୍ରିବର ପ୍ରକାଶଇ
ମୂର୍ଦ୍ଧାଭିଷେକୀ ପରାଏ ପୁରୁଷ ଦିଶଇ ।
ଅଭିଷେକୀ ଜନ ପାଦେ କେବେହେଁ ନ ଚଳଇ
ହତଶ୍ରୀ ପ୍ରାୟେକ ତନୁ ବିସ୍ତର କରଇ ।
ଅକୁଞ୍ଚିତ କେଶ ପୁଣି ସୁସଞ୍ଚ ବଦନ
ରସାଣକଢ଼ୀ ପ୍ରାୟେକ ଲଲାଟ ଚନ୍ଦନ ।
ମାଳରେଖା ପ୍ରାୟେ ତହିପରେ ରୋମାବଳୀ
ହୀରା ଦର୍ପଣରେ ମାଳରେଖା ପ୍ରାୟେ ଝଳି ।
ଖଗଚଞ୍ଚୁ ଜିଣି ନାସା ଦିଶଇ ମଞ୍ଜୁଳା
ଗୁଞ୍ଜାଫଳ ପ୍ରାୟେ ଦିଶେ ବେନି ନେତ୍ରତୋଳା
ପକ୍ୱ ବିମ୍ବ ପରକାରେ ଦିଶଇ ଅଧର
ଡାଳିମ୍ବ ବୀଜ ପ୍ରାୟେକ ଦନ୍ତ ଶୋଭାକର ।
ଗଜ ଥୋର ହସ୍ତ ନ୍ୟାୟେ ବେନିକର ଦିଶି
ଚମ୍ପାକଢ଼ି ପ୍ରାୟେ ଦଶ ଅଙ୍ଗୁଳି ବିକାଶି ।
ଦହକ ସୁବର୍ଣ୍ଣ ଜିଣି ଦିଶୁଥାଇ ତନୁ
ଉଲଟ ରମ୍ଭା ବୃକ୍ଷର ପ୍ରାୟ ବେନିଜାନୁ ।
ଅଏଁଲା ପୁଷ୍ପ ପରାଏ ତଳପାଦ କାନ୍ତି
ଘଟଣ ପୋଏଲାଜିଣି ଅଙ୍ଗୁଳି ଦିଶନ୍ତି ।
ତରାଟ ପାଖୁଡ଼ା ପ୍ରାୟେ ତହିଁ କରୋରୁହ
ମନୁରଜା ପ୍ରାୟେ ଯାଙ୍କୁ ହେଉଛି ସନ୍ଦେହ ।
ସେ ଆସ୍ଥାନ ଯାକ ଦେଖି ହୃଷ୍ଟମନ ହୁଏ
ଉପରେ ଉଠିଲେ ଯାଇଁ ତପୋଧନ ପ୍ରାୟେ ।
ମନ୍ତ୍ରୀ ଦେଖିଣ ବୋଇଲେ ଉଠ ହେ ବିରାଟ
ଶୁଭେ ଏ ମହାତ୍ମାଙ୍କ ପାଇଅଛ ଭେଟ ।

ଦେବ ବିପ୍ର ତପୀ ଦେଖି କରନ୍ତି ଯେ ପୂଜା
ମନ୍ତ୍ରୀଙ୍କ ବାକ୍ୟେ ଉଠିଲେ ମତ୍ସ୍ୟଦେଶ ରାଜା ।
ଉଭା ଯେ ହୋଇଲେ ରାଜା ନିଜ ସ୍ଥାନ ଛାଡ଼ି
ବିରାଟ ଆସ୍ଥାନ ଦେଇ ବସିଲେ ଯେ ମାଡ଼ି ।
ଆସ୍ଥାନେ ବସିଲେ ଯାଇ ଧର୍ମ ପଣ୍ଡୁସୁତ
ମତ୍ସ୍ୟଦେଶ ରାଜା ଦେଖି ହେଲେ ପ୍ରଣିପାତ ।
ସମସ୍ତେ ପ୍ରଣାମ କଲେ ରାଜା ପାଦତଳେ
ସମସ୍ୟା କରି ଗୂଢ଼ାର୍ଥ ଧର୍ମ ବେନି ତୋଳେ ।
ସମସ୍ତେ ମଉନ ହେଲେ ନ ସ୍ଫୁରଇ ବାଣୀ
ସ୍ତମ୍ଭୀଭୂତ ହେଲେ ଯେହ୍ନେ ମୌନବ୍ରତୀ ମୁନି
ମନ୍ତ୍ରୀ ବୋଇଲେ ସମସ୍ୟା କରି ଦେବରାୟ
ବିରାଟ ବୋଇଲେ ମୋତେ ଲାଗୁଅଛି ଭୟ ।
ହେ ମୁନି ତୁମ୍ଭେ ତାହାଙ୍କୁ କହ ତୁଷ୍ଟବାଣୀ
କିସ ଉତ୍ତର ଦିଅନ୍ତି ତୁମ୍ଭ ବାଣୀ ଶୁଣି ।
ମନ୍ତ୍ରୀ ବୋଇଲେ ଆପଣ ରାଜ୍ୟ ଅଧିକାରୀ
ସମସ୍ୟା ବଚନ ମୁହିଁ କିସ ଉଚ୍ଚାରି ।
ହସ୍ତ ମର୍ଦ୍ଦି ଗମ୍ଭୀରେ ଯେ କହନ୍ତି ବିରାଟ
କେଉଁ ରାଜ୍ୟର ଠାକୁର ସ୍ୱାମୀ ତୁମ୍ଭେ ଅଟ ।
କେଉଁ ଦିଗପାଳ ଅବା କେଉଁ କୁଳେ ଜାତ
ମାନବ ବୋଲି ବିଶ୍ୱାସ ନୁହଇ ମୋ ଚିତ୍ତ ।
କେଉଁ ରାଷ୍ଟ୍ରେ ଘର ତୁମ୍ଭେ କିଏ ବାପ ମାଏ
କହୁଛନ୍ତି ଧର୍ମସୁତ ଶୁଣ ମତ୍ସ୍ୟରାୟେ ।
ଯାହା ପଚାରିଲେ ତାହା ଶୁଣ ହେ ନୃପତି
ପଶ୍ଚିମ ସୌରାଷ୍ଟ୍ର କୁଞ୍ଜରାଳ ଚକ୍ରବର୍ତ୍ତୀ ।
ଚନ୍ଦ୍ରଗୋତ୍ରେ ଧର୍ମଦାସ ପଣ୍ଡା ଆମ୍ଭ ପିତା
ଭୋଜ ନନ୍ଦିନୀ ଅଟନ୍ତି ଆମ୍ଭ ନିଜ ମାତା ।
ବେଦବାକ୍ୟରେ ନିରତ ଶ୍ରୁତିବାକ୍ୟ ଧର୍ମ
କୁଳଜନ ଦେଇଛନ୍ତି କୋଳପଣ୍ଡା ନାମ ।
ହସ୍ତିନା ଦେଶ ଠାକୁର ଯୁଧିଷ୍ଠି ନୃପତି
କୌତୁକେ ପଶା ଖେଳନ୍ତେ ମାନଚକ୍ରବର୍ତ୍ତୀ
ପଶାଖେଳ ଯୁଧିଷ୍ଠିର ହାରି ରାଜ୍ୟଭାର
ଦ୍ୱାଦଶ ବରଷ ଗଲେ ବନସ୍ତ ଭିତର ।
ଆମ୍ଭେ ସେ ଯୁଧିଷ୍ଠିଙ୍କର ସଭା ପଣ୍ଡା ହେଉ
ଧର୍ମକୁ ଆଚରି ଆମ୍ଭେ ତାଙ୍କ ପାଶେ ଥାଉ ।
ଏକୀଭୂତ ହୋଇ ଆମ୍ଭେ ନିରଞ୍ଜନେ ଖଟୁଁ
ଯେହ୍ନେ ଯୁଧିଷ୍ଠିର ଆମ୍ଭେ ଏକ ଆତ୍ମା ଅଟୁଁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏହିରୂପେ ସେ ମହାତ୍ମା କରିଥାନ୍ତି ଦୟା
ଯୁଧିଷ୍ଠି ଦେବତା ଆମ୍ଭେ ଅଟୁ ଏକ କାୟା ।
ଆହେ ବିରାଟ ପାଣ୍ଡବେ ବନସ୍ତରେ ଥିଲେ
ଶୁଣିଲି ଯୁଧିଷ୍ଠି ଭ୍ରମି ରାଜ୍ୟକୁ ଅଇଲେ ।
ତାହାଙ୍କର ଆସିବାର ଖବରକୁ ପାଇ
ଖୋଜିବାପାଇଁ ଆସିଛୁ ଆମ୍ଭେ ଏହିଠାଇଁ ।
ସାଧୁ ସାଧୁ ମହିମା ସେ ଧର୍ମରାଜା ସୁତ
ସତ୍ୟ କରଣ ପାଣ୍ଡବେ ହୋଇଛନ୍ତି ଗୁପ୍ତ ।
ଯଦ୍ୟପି ବିଧାତା ଆଣି କହିଲା ଏ ଶାସ୍ତି
ଧର୍ମରାଜ କଦାଚିତ ମିଥ୍ୟା ନ ଭାଷନ୍ତି ।
ବିରାଟ ବୋଇଲେ କୋନ୍ତେ ମୋର ଭାଗ୍ୟନାହିଁ
ମୋର ବଂଶ ମୁକ୍ତ ହୋନ୍ତା ତାଙ୍କ ମୁଖ ଚାହିଁ
ରାଜସୂୟ ଯାଗ କଲେ ସେ ଯେବଣ କାଳେ
ତୁମ୍ଭେ ଥିଲଟିକି କୋନ୍ତ ମହାସଭାସ୍ଥଳେ ।
ହେ ବିରାଟ ନ ଚିହ୍ନିଲ ଆମ୍ଭ ଚକ୍ରବର୍ତ୍ତି
ଯୁଧିଷ୍ଠି ଦେବଙ୍କ ଆତ୍ମା ଆମ୍ଭେ ନୋହୁ ଭିନ୍ନ
ବିରାଟ ବୋଇଲେ ଆହେ କୋନ୍ତପଣ୍ଡା ଶୁଣ
ଏକଶତ ଘାଈଘାଇ ସୁବର୍ଣ୍ଣ ଯେସନଣ ।
ମହାସଭା ନିକଟରେ ଉପସ୍ଥିତ ହେଲି
ଷୋଳଧନ ଯାଏ ତାଙ୍କ ଭେଟ ନ ପାଇଲି ।
ସାତକ୍ଷୌଣୀ ବଳବେଳ ଭୁଞ୍ଜେ ଛନ୍ଦଖାନେ
କେହି ଶକ୍ୟ ନ ହୋଇଲେ କେତେ ସଭାତଳେ
ବନେ ଜଣାଇଲି ଭୀମସେନ ଠାକୁରକୁ
ତହୁଁ ମୋର ଗ୍ରୀବା ଧରି ଫେକି ଆକାଶକୁ ।
ଏହିରୂପେ ଅନ୍ତରୀକ୍ଷେ ନେଇ ଭୀମସେନ
କେଉଁ ଧର୍ମେ ରହିଗଲା ଜାଣ ମୋର ପ୍ରାଣ ।
ଗଳଅଧ ଦେଇଣ ମୋତେ ପେଲିଦେଲେ ଦୂରେ
ଉଠ ହେ ବିରାଟ ବୋଲି ଡାକିଲେ ସେ କରେ
ବଜ୍ରମୁଦ ସନ୍ନିଭରେ ଠାକୁର ଅଙ୍ଗୁଷ୍ଠି
ବିଦ୍ୟୁତ ତେଜ ପରାୟେ ଦେଖେ ଏକଦୃଷ୍ଟି ।
ଆବର ଦେଖିଲି ବାମ ଚଳପାର କାନ୍ତି
ଏ ଜନ୍ମେ ମୋହର ଫିଟିଗଲା ମନୁ ଭ୍ରାନ୍ତି ।
ମୋ ଗୃହ ପାମର ଏହୁ ଯେବେ ଚର୍ମ ଆଖି
ଯୁଧିଷ୍ଠିଙ୍କ ଶ୍ରୀଚରଣ ପାରିବି କି ଦେଖି ।
ହେ କୋନ୍ତେ ଏ ଜନ୍ମେ ଅର୍ଥକରିଥିଲେକୋଟି
ତେବେ ସିନା ମୋ ରାଜ୍ୟରେ ଆସନ୍ତେ ଯୁଧିଷ୍ଠି

ଏ ପରମ ଭାଗ୍ୟ କିଛି ନାହିଁ ମୋର ରାଜ୍ୟ
ଏ ରାଜ୍ୟେ ପଡ଼ିବ କାହିଁ ତାଙ୍କ ପାଦରଜ
ଏ ରାଜ୍ୟକୁ କଏ ତାଙ୍କୁ ପାରନ୍ତା କି ଆଣି
ପଞ୍ଚରନ୍ଧ ଭଣ୍ଡାର ମୁଁ ଦିଅନ୍ତ ଏହିକ୍ଷଣି ।
କୋନ୍ତବୋଇଲେହେଦେଖାକରାଇବାତୋତେ
ଆମ୍ଭେ ଆସିଲୁଣି ସେହୁ ଆସିବେ ଭୂରତେ ।
ତୁ ମହା ଧାର୍ମିକ ପୁଣି ଅଟୁ ଗୁଣବନ୍ତ
ଅତି ପୁଣ୍ୟେ ଆମ୍ଭେ ଆସି ହୋଇଲୁ ପ୍ରାପତ ।
ଦେବତା ବ୍ରାହ୍ମଣଙ୍କର ଅଟ ତୁମ୍ଭେ ଭକ୍ତ
ମିଷ୍ଟଭାଷୀ ସୁପଣ୍ଡିତ ଅଟ ଗୁଣବନ୍ତ ।
ବନ୍ଧୁ ବାନ୍ଧବ ବତ୍ସଳ ଦୂତର ବତ୍ସଳ
ମାଗିବା ଲୋକର ପ୍ରତି ଅଟ ଦୟାଶୀଳ ।
ଏ ସବୁ ଅଟେ ପ୍ରତ୍ୟକ୍ଷ ଜାଣ ବିଷ୍ଣୁକଳା
ଯେପରି ଅଟଇ ତୋର ଚଉଟି ମୁକୁଳା ।
ଶିବଙ୍କୁ କରିଲେ ନିନ୍ଦା ହୁଏ କୁଷ୍ଠବ୍ୟାଧି ।
ବିଷ୍ଣୁଙ୍କୁ କରିଲେ ନିନ୍ଦା ନର୍କରେ ସମାଧି
ବ୍ରହ୍ମାଙ୍କୁ କରିଲେ ନିନ୍ଦା ହୁଏ ବଂଶହାନି
ଗୁରୁ ନିନ୍ଦା କଲେ ହୁଅନ୍ତି ମୂରୁଖ ଅଜ୍ଞାନୀ ।
ଲକ୍ଷ୍ମୀଙ୍କୁ କରିଲେ ନିନ୍ଦା ମିଳେ ଅଲ୍ପଶାନ୍ତି
ମାତାଙ୍କୁ କରିଲେ ନିନ୍ଦା ପଡ଼ଇ ଦୁର୍ଗତି ।
ଦେବୀ ନିନ୍ଦା କଲେ ଧନ ନ ଯାଇ ସମାନେ
ଶାସ୍ତ୍ର ନିନ୍ଦା କଲେ ଦୁଃଖ ପାଇ ସର୍ବ ଦିନେ
ଆଚାର୍ଯ୍ୟଙ୍କୁ କଲେ ନିନ୍ଦା ଛେଦ ହୁଏ କନ୍ଧ
ରାଜ ନିନ୍ଦା କରିଥିଲେ ହୁଏ ଜନ୍ମ ଅନ୍ଧ ।
ସ୍ତ୍ରୀ ନିନ୍ଦା କରିଲେ ହୁଏ ଚଣ୍ଡାଳେ ଉତ୍ପତ୍ତି
ଜାତି ନିନ୍ଦାକଲେ ସେହୁ ପାଏ ବହୁ ଶାସ୍ତି
ଜନକକୁ କରିଲେ ନିନ୍ଦା ହୁଏ ଗର୍ଭରୋଗୀ
ଅଗ୍ନିକୁ କରିଲେ ନିନ୍ଦା ହୁଅଇ ଅଭୋଗୀ ।
ସୁତ ନିନ୍ଦାକରେ ଯେହୁ ନୁହେଁ ଗର୍ଭବାସ
ବନ୍ଧୁଜନ ନିନ୍ଦାକଲେ ତୁଟଇ ଆୟୁଷ ।
ମନ୍ତ୍ରୀକି କରିଲେ ନିନ୍ଦା ନାଶଯାଇ ଦେଶ
ଏ କଥା ନିଷ୍ଟୟ ଜାଣ ହେ ବିରାଟଈଶ ।
ଯୋଗକୁ ନିନ୍ଦା କରିଲେ ହେବ କର ଛେଦ
ତପକୁ କରିଲେ ନିନ୍ଦା କଷ୍ଟେ ହେବ ବଧ ।
ଭୋଜନକୁ ନିନ୍ଦାକଲେ ନ ମିଳଇ ଅନ୍ନ
ବିପ୍ରକୁ କରିଲେ ନିନ୍ଦା ନୁହଇ ସନ୍ତାନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆତ୍ମାକୁ କରଲେ ନିନ୍ଦା ହୁଏ ମହାଦୁଃଖୀ
ପରନାରୀ ନିନ୍ଦା କଲେ ଜନ୍ମେ ଜନ୍ମେ ଦୁଃଖୀ ।
ରାଜାଙ୍କୁ ନିନ୍ଦା କରିବା ନୁହଇ ସଙ୍ଗତ
ନିନ୍ଦିଲେ ଅବଶ୍ୟ ଶୋକ ହୁଅଇ ବହୁତ ।
ସୁଜନ ନିନ୍ଦିଲେ ମୁଖେ ବସଇ କରତ
ଭଲ ନିନ୍ଦା କଲେ ଭଲ ନୁହଇ ପ୍ରାପତ ।
ଇନ୍ଦ୍ର ନିନ୍ଦା କଲେ ଦୁଃଖ ହୁଏ ଅପ୍ରମିତ
ସାତଜନ୍ମ ଯାଏ ତାକୁ ନ ମିଳଇ ସତ୍ତ ।
ସୁଖ ନ ମିଳଇ ଏହସବୁ ନିନ୍ଦାକଲେ
ଶାରଳାଦାସ ମୁନି ଯେ ପ୍ରବାଣେ କହିଲେ ।

ଯୁଧିଷ୍ଠିରଙ୍କର ଶାଢ଼ୀ ଗ୍ରହଣ

ଏ ବଚନମାନ ଶୁଣି ବୋଇଲା ବିରାଟ
ହେ କୋଙ୍କ ତୁମ୍ଭେ ଅତ୍ୟନ୍ତ ଧାର୍ମିକ ତ ଅଟ
କୋଙ୍କ ତୁମ୍ଭେ ଆଜ କେଉଁ ଗୁଣରେ ଶକତା
ଧର୍ମ ବିସ୍ତରରେ ଜାଣିଲ ପୃଷ୍ଠି ସର୍ବ କଥା ।
ରାଜସଭା ମଧ୍ୟେ ଆମ୍ଭେ ସଭାରେ ବିସ୍ତର
ରାଜାର ଶରଧା ହେଲେ ପଶାକ୍ରୀଡ଼ା କର ।
ଶୁଣି ରାଜନ ପ୍ରତିଜ୍ଞା ଯୁଧିଷ୍ଠିରଙ୍କର
ସମସ୍ତେ ଦୂର ଅଛନ୍ତି ସଭାର ମଧ୍ୟର ।
ବିରାଟ ବୋଇଲେ ତୁମ୍ଭେ ସଭା ପଣ୍ଡା ମୋର
ତୁମ୍ଭେ ଶିକ୍ଷା ଦିଅ ପଶାକ୍ରୀଡ଼ାର ବେଭାର ।
କୋଙ୍କ ବୋଇଲେ ଯେ ତୁମ୍ଭେ ହାରିବଟିଯାହା
ବିଳମ୍ବ ନ କର ମୋତେ ଆଣିଦେବ ତାହା
ଶୁଣ ହେ ମନୁ ପ୍ରତିଜ୍ଞା ଯୁଧିଷ୍ଠିରଙ୍କର
ଆପେ ହାରିବେ ବୋଲି ନ ବୋଲନ୍ତି ସଭାର
ସତ ସ୍ୱରୂପରେ ସେହୁ କହୁଛନ୍ତି ବାଣୀ
ତଥାପିହିଁ ବିରାଟ ଯେ ନ ପାରିଲା ଜାଣି ।
ଯାତକେଶ୍ୱର ମନ୍ତ୍ରୀ ଯେ ବୋଲେ ଶୁଣ ରାଜ
ଯୁଧିଷ୍ଠି ସମାନ ଏହି ଅଟନ୍ତି ଯେ ପୂଜ୍ୟ ।
ଯୁଧିଷ୍ଠି ସମାନ ଯାଙ୍କ ଖଟିବା ମଧୁର
ମନ ବଚନେ ସାନନ୍ଦ ହେଲେ ଦଣ୍ଡଧର ।
ଆଉଣା କରେ ବିରାଟ ଦେନିଣ ଯେ ଶାଢ଼ୀ
ଯୁଧିଷ୍ଠିଙ୍କ ରାଜ୍ୟେ ଥିଲେ ଯେଉଁରୂପେ ବଢ଼ି ।
ଯୁଧିଷ୍ଠିଙ୍କ ରାଜ୍ୟେ ତୁମ୍ଭେ ଯେଉଁ ସୁଖେ ଥିଲ
ଏ ମୋହର ରାଜ୍ୟେ ତୁମ୍ଭେ ସଭା ପଣ୍ଡାହେଲ
ଶାଢ଼ୀ ତୋଳ ବିରାଟ ଯେ ଯାଚଇ ଶ୍ରୀହସ୍ତେ
ଏ ମୋହର ରାଜ୍ୟ ଅଧିକାର ଦେନ କୋଙ୍କେ
ଧର୍ମସୁତ ବିରାଟଙ୍କ ହସ୍ତେ ଶାଢ଼ୀ ଦେଖି
ତପନ ପ୍ରମାଦେ ଗଲେ ଶ୍ରୀକୃଷ୍ଣଙ୍କୁ ସାକ୍ଷୀ ।
ମୁହିଁ ଶାଢ଼ୀ ନ ଘେନଇ ଯେବେ ତାଙ୍କ ହସ୍ତେ
ଶିରେ ନ ବାନ୍ଧିଲେ କୋପ କରିବ ଏ ମୋତେ
ଅଥବା କୋପ ନ କରେ ଯଦ୍ୟପି ବିରାଟ
ବିସ୍ତର ଚହ୍ନିବ ତୁମ୍ଭେ ଯୁଧିଷ୍ଠିର ଅଟ ।
ମୁହିଁ ଏକ ଶାଢ଼ୀ ତାଙ୍କହସ୍ତେ ନ ଘେନିଲେ
ଲକ୍ଷ୍ୟ ହେବ ସିନା ମୁହିଁ ଯା ଶାଢ଼ୀ ବାନ୍ଧିଲେ
ମସ୍ତକେ ନ ବାନ୍ଧିଲେ ଯେ ହୋଇବ ଜାଣନ୍ତା
ପରମ ପୁରୁଷ ହରି ମୋର ରକ୍ଷାକର୍ତ୍ତା ।
ଦୁସ୍ତର କଷଣୁ ମୋତେ ଏବେ କର ପାର
ଏସନ ଯୁଧିଷ୍ଠି ମନେ କରନ୍ତି ବିସ୍ତର ।
ହେ ଦଇବ ପୁରୁଷ ଏ କଷ୍ଟୁ କର ପାର
ତୁମ୍ଭେ ନ ଶୁଣିଲେ କାହାରେ କରିବ ଗୁହାରି
ମନେ ବିସ୍ତରି ବିରାଟ ହସ୍ତ କାଢ଼ି ଆଣି
ବୋଲେ କୋଙ୍କ ଯାଚଲଇଁ ମୁଁ ଶାଢ଼ୀ ନ ଜାଣି
ଯୁଧିଷ୍ଠିର ଦେବ ସମ ଯାରେ କରେ ସେବା
ଉପର ହସ୍ତେ କେମନ୍ତେ ତାଙ୍କୁ ଶାଢ଼ୀ ଦେବା
ଆହେ କୋଙ୍କ ଅଧିକାରୀ ହେବ ଏ ଦେଶରେ
ତୁମ୍ଭେ ମୋତେ ଶାଢ଼ୀଦିଅ ତବ ଶ୍ରୀହସ୍ତରେ
ମୁହିଁ ଅବା ଯୁଧିଷ୍ଠିର ଦେଖିବଇଁ କାହିଁ
ଯୁଧିଷ୍ଠିରଙ୍କ ସମାନେ ତୁମ୍ଭେ ତ ଗୋସାଇଁ ।
ଏହା କହିଣ ଗୁମୁରେ ଉଠେ ଶାଢ଼ୀ ଧର
ଆଜଠାରୁ ଏ ରାଜ୍ୟରେ ହେଉ ଅଧିକାରୀ ।
ନାରାୟଣ ସ୍ମରି ଶାଢ଼ୀ ଧରିଲେ ଯୁଧିଷ୍ଠି
ଦକ୍ଷିଣ ମୁଖେ ଶାଢ଼ୀକୁ କଲେ ପଶାକାଠି ।
ବେନି ଅକ୍ଷର ଭେଦିଲେ ନିଜ ନାମ ଗୋଟି
ଅତ୍ୟନ୍ତ ଶୋଭନ ହେଲା ଦ୍ୱାଦଶଟି କୋଠି ।
ଅଶ୍ୱମେଧ ଯଜ୍ଞ ଫଳ ଯହିଁରୁ ଉତ୍ପତ୍ତି
ଦେଖି ଆନନ୍ଦିତ ହେଲେ ମତ୍ସ୍ୟ ଅଧିପତି ।
ବିରାଟ ନୃପତି ବେନି କୋଙ୍କଙ୍କୁ ସଙ୍ଗରେ
ଦୁହେଁ ବସିଲେ ଯାଇଣ ରତ୍ନ ଆସନରେ ।
ଏକସ୍ଥାନେ ବିଜେ କଲେ ଯହୁଁ ଦେବ ବେନି
ଅମର ତେଜ ଆସିଲେ କବି । ପଦ୍ମଯୋନି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶାରଳା ଦାସ ଶାରଳା ପାଦେ ଦେଇ ଚିତ୍ତ
କହିଲେ ବିରାଟପର୍ବ ଭାରତ ଚରିତ ।

ଭୀମଙ୍କର ବିରାଟ ସଭାରେ ପ୍ରବେଶ

ଏଥୁ ଅନନ୍ତରେ ଶୁଣ ମନୁ ନୃପଗଣ
ପଣ୍ଡୁଙ୍କ ଦ୍ୱିତୀୟପୁତ୍ର ଭୀମ ବିବରଣ ।
ପଞ୍ଚବଟୀ କାନନରୁ ଆସି ଭୀମସେନ
ବିରାଟ ନଗର ମଧ୍ୟେ କରନ୍ତି ଗମନ ।
କେଶ ଯାଙ୍କର ଊର୍ଦ୍ଧ୍ୱରେ ଲମ୍ବିଛି ଜୁଡ଼ାଟି
ସ୍ଥୂଳ ଶରୀରେ ଚନ୍ଦନ ଦିଶୁଅଛି ଫୁଟି ।
କାନ୍ଧରେ ପଇତା କାଖେ ବେଦପୋଥି ଖଣ୍ଡି
ନିକଚ୍ଛ ବସନ ଖୋସିଛନ୍ତି କୁଶବଢ଼ି ।
ବିହମସିଂହ ଯେସନେ ସୁସଞ୍ଜ ସୁଦେହା
ହିରଣ୍ୟ ପର୍ବତ ପ୍ରାପ୍ତ ଜଳଧର ଆହା ।
କଟିଦେଶେ ଉତ୍ତରୀୟ ମେଖଳା ବସନ
ଏହି ବେଶେ ବୃକୋଦର କରନ୍ତି ଗମନ ।
ଅଗସ୍ତି ମୁନି ବୋଇଲେ ଶୁଣ ନୃପବର
ଅପୂର୍ବ କଥା ଅଟଇ ଯୁଧିଷ୍ଠିରଙ୍କର ।
ହଂସପଣ୍ଡାରୂପେ ପଶାକ୍ରୀଡ଼ା ରଙ୍ଗରସେ
ବସିଲେ ଧର୍ମନନ୍ଦନ ମତ୍ସ୍ୟରାଜା ପାଶେ ।
ଆନନ୍ଦରେ ମାନ୍ୟ କଲେ ପାତ୍ର ମନ୍ତ୍ରୀମାନେ
ପୂଜା ପାଇ ବସିଲେ ସେ ବିରାଟ ଆସ୍ଥାନେ ।
କୋନ୍ତପଣ୍ଡା ବୋଇଲେ ହେ ଶୁଣ ଦଣ୍ଡଧାରି
ତତ୍କ୍ଷଣେ ଦେବ ପଶାରେ ଯାହା ଯିବ ହାରି
ବିରାଟ ବୋଇଲେ ଏହା ଅଟଇ ଯୁକତ
ମୋହର ଦେବାର କଥା ଅଟଇ ନିଶ୍ଚିତ ।
ବିଜୟ ଧର୍ମନନ୍ଦନ ପଶାରି ବିନୋଦେ
ହସ୍ତେ ଖଡ଼ସେନି ଘର କାଟନ୍ତି ଆନନ୍ଦେ ।
ଏମନ୍ତ ସମୟେ ଦିଶେ ତେଜ ଅନର୍ଗଳ
ବୃକୋଦର ପ୍ରବେଶିଲେ କୁନ୍ତୀଦେବୀ ବାଳ ।
ଅଣକ ଜାଠି ହସ୍ତରେ ସେହି ଛନ୍ତି ଧରି
ଗଜକୁ ଆକର୍ଷୁଥାଇ ଯେସନେ କେଶରୀ ।
ମହାସମ୍ଭବେ ଆସନେ ବିଜୟେ ବିରାଟ
ଭୀମସେନ ପ୍ରବେଶିଲେ ତାହାଙ୍କ ନିକଟ ।
ଦେଖି ପଚାରିଲେ ମତ୍ସ୍ୟଦେଶ ସଭାଜନେ
ତୁମର ବାରତା ଥାଇ କହିଲ ଆସ୍ଥାନେ ।
ଅବଧାନ ମହାରାଜା କେଉଁ ଦିଗପାଳ
ଆକାଶରୁ ଆସି ହେଲେ ଏ ମହୀ ମଣ୍ଡଳ ।
ଆସ୍ଥାନେ ଥାଇ ବିରାଟ ଚାହିଁଲେ ଲେଉଟି
ମହା ତେଜୋମୟ ଦେଖି ବୁଝିଲେ ସେ ଦୃଷ୍ଟି
ଅଗ୍ନି କି ଅଇଲେ ଏଥେ ବ୍ରାହ୍ମଣ ସ୍ୱରୂପେ
କାମଦେବ ଉପଜିଲେ କିବା ଏହିରୂପେ ।
ବିରାଟ ବୋଇଲେ ଦେଖ ଦେଖ ଆହୋ କୋନ୍ତେ
ଏମନ୍ତ ପୁରୁଷ ଦେଖି ନାହିଁ ମୁଁ ଜଗତେ ।
ଦେଖି କରଣ ସଇନ୍ୟ ହେଲେ ବେନି ଭାଗ
ଭୀମ ଆସ୍ଥାନ ତଳକୁ ଚହିଁ ଯାଇ ବେଗ ।
ଦେଖି ଦୂର ହୋଇଗଲେ ସେ ଅମାତ୍ୟମାନେ
କେହି ନ ବସିଲେ ଆଉ ନିଜର ଆସ୍ଥାନେ ।
ଭୟ ପାଇଣ ସମସ୍ୟା ନ କରିଲେ କିଛି
ଯୁଧିଷ୍ଠିର ଦେବଙ୍କର ଦୃଷ୍ଟି ତହିଁ ଅଛି ।
ପ୍ରଣାମ କରିଲା ଭୀମ ଧର୍ମ ପାଦତଳେ
ଧର୍ମର ନନ୍ଦନ ତାହା ଦେଖି ବେନି ଡୋଳେ
ବହୁଶୋକ କଲେ ଭୀମ ନମସ୍କାର ଦେଖି
ଜଳ କପାଇଁ ନ ଯାଏ ମୋର ବେନି ଆଖି ।
କ୍ଷତ୍ରିବର ସୁନ୍ଦର ଏ ସଂଗ୍ରାମରେ ଜିତା
ଏହା ବଳେ ନାଶଗଲା ହିଡ଼ିମ୍ବା ଦଇତା ।
ଲକ୍ଷେକ ନୃପତି ଯାହା ପାଦତଳେ ବନ୍ଦେ
କପିଳାସେ ଶିବକ୍ଷେତ୍ର ପାଇ ଯା ପ୍ରସାଦେ
ବାବୁ ଦ୍ୱାରକାର ତଳେ କୁରୁଦର୍ପ ଭଞ୍ଜା
ଦ୍ୱିପଲଙ୍ଘୁ ପାରକର ନାଗଦର୍ପ ଗଞ୍ଜା ।
ବାବୁ ବାଲ୍ମୀକାକୁଁ ଯାର ହରି ପ୍ରାଣବନ୍ଧୁ
ଏ ତିନଭୁବନେ ଯାର ମହିମାଟି ସାଧୁ ।
ବାବୁ କେଉଁ ପୁଣ୍ୟ ଥିଲା ବିରାଟର ପୂର୍ବେ
ଏହାର ଆସ୍ଥାନ ତଳେ ମିଶିଲୁ ତୁ ଏବେ ।
ଦେଖି ମୋହର ହୃଦୟ ହେଉଛି ବିସ୍ମୟ
ଏ ତୁମ୍ଭର କଷ୍ଟ ଯାହା ଦେଖୁଛି ନିର୍ଲଜ ।
ହାତର ସୁଖ ବାବୁ ରେ ଖେଳିଲି ମୁଁ ପଶା
ପଞ୍ଚରାଜ୍ୟ ହାରି ଭୃତ୍ୟପଣେ କଲି ଆଶା ।
ତ୍ରୈଲୋକ୍ୟ ଜିଣିବାକୁ ତୁ ସମର୍ଥରେ ଭାଇ
କାହାର ନିମନ୍ତେ ଏବେ ଏତେ କଷ୍ଟ ପାଇ ।
ବଚନେ ଦରିଦ୍ର ମୁଁ ଯେ କାର୍ଯ୍ୟ ନାଶ କଲି
କୌରବ ମାରିବା ପାଇଁ ଅନୁଜ୍ଞା ନ ଦେଲି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଘୁଞ୍ଚି କହି ନ ପାରନ୍ତେ ହୃଦୟୁ ବଚନ
ବୃକୋଦର ଛନ୍ଦା ହୋଇଛନ୍ତି ସଭାତଳେ ।
ବିରାଟ ବୋଇଲେ ଶୁଣ ଆହେ ଦ୍ୱିଜବର
ଉଠି ଆସି କେଉଁ କଥା ବୋଲ ମୋ ଆଗର
ଭୀମସେନ ବିରାଟର ବଚନେ ନ ଉଠି
ଦେଖି ମନେ ବିସ୍ମରିଲେ ଧରମ ଯୁଧିଷ୍ଠି ।
ଆମ୍ଭ ନିକଟରୁ ଏହି ଆଜ୍ଞା ନ ପାଇଲେ
କେବେହେଁ ନ ଉଠିବ ଏ ବିରାଟର ବୋଲେ
କୋନ୍ତ ବୋଇଲେ ହେ ଉଠ ଉଠ ଦ୍ୱିଜବର
ଠାକୁର ଆଜ୍ଞାରେ କହ କି କାର୍ଯ୍ୟ ତୁମ୍ଭର ।
ବିରାଟ ବଚନେ କିଛି କହିଣ ନ ଥିଲେ
କୋନ୍ତଙ୍କ ବଚନେ ସେହି ଉପରେ ଉଠିଲେ ।
ବିରାଟ କଣ୍ଟକ ତାର ଅଙ୍ଗ ଚାଳିଦେଇ
ମସ୍ତକରେ ହାତ ଦେଲେ କୋନ୍ତ ମୁଖ ଚାହିଁ ।
ବିରାଟ ବୋଇଲେ ଆହେ ଶୁଣିବା ବ୍ରାହ୍ମଣ
ନିଜ ଶାସନ ତୁମ୍ଭର ଅଟେ କେଉଁ ସ୍ଥାନ ।
କେଉଁ ପାଠଶାସ୍ତ୍ର ଜାଣ କି ଗୁଣେ କୁଶଳ
ସ୍ୱରୂପ ଦେଖି ଜାଣୁ ଛୁ ତୁମ୍ଭେ ଦିଗପାଳ ।
ଅନେକ ବିନୟ ହୋଇ ମୋତେ କଥା କହ
ମୁହିଁ ତୁମ୍ଭଙ୍କୁ ଦେଖିଲି ନରଜନ୍ମ ନୁହ ।
କୋନ୍ତ ବୋଇଲେ ହେ ତୁମ୍ଭେ ଶୁଣ ଦ୍ୱିଜବର
ତୁମ୍ଭର କି କଥା କହ ଠାକୁର ଛାମୁର ।
ଶୁଣ ଆହେ ମତ୍ସ୍ୟାଧିପ ବଦତି ବଲ୍ଲଭ
ପଶ୍ଚିମରେ ସେ ମନୁଷ୍ୟ ଜାଣନ୍ତିନା ଦେବ ।
ଗଙ୍ଗା ଯମୁନା ଏ ଦୁଇ ନଦୀଙ୍କର ମଧ୍ୟେ
କୁଞ୍ଜଗଳ ଦେଶ ବୋଲି କୁରୁକ୍ଷେତ୍ର ଯୁଦ୍ଧେ ।
ଇନ୍ଦ୍ରପ୍ରସ୍ଥ ଯମପ୍ରସ୍ଥ ଆଦର ବାରୁଣା
ପୁଣହି ଜୟନ୍ତୀପ୍ରସ୍ଥ ନାମରେ ହସ୍ତିନା ।
ଯୁଧିଷ୍ଠିରଙ୍କ ଅନୁଜ ନାମ ଭୀମସେନ
ତାଙ୍କର କଥା କି ତୁମ୍ଭେ ନ ଶୁଣିଛ କର୍ଣ୍ଣ ।
ତିନଷଠି ପୌଠି ଅଛେ ତାଙ୍କର ଭୂପତି
ମୁହିଁ ତାଙ୍କ ସୂପକାର ଶୁଣ ମହୀପତି ।
ବିରାଟ ପୁଛିଲେ ତୁମ୍ଭ ନାମ କିସ ଭେଣ୍ଡା
ଭୀମ ବୋଇଲେ ବଦତ ମୁଁ ବଲ୍ଲଭ ପଣ୍ଡା ।
ଶୁଣ ଆହେ ମନୁରଜା କହୁଛନ୍ତି ଭୀମ
ରନ୍ଧଣା ଜାଣିବାରୁ ମୁଁ ସୂପକାର ନାମ ।

ଶୋଟେଟେନେ ଯୁଧିଷ୍ଠିର ସମସ୍ତ ହାରିଲେ
ରାଜ୍ୟ ସିଂହାସନ ଛାଡ଼ି ବନବାସ କଲେ ।
ଧର୍ମଦେବ ତୁମ୍ଭ ରାଜ୍ୟ ଆସିବା ଶୁଣିଲି
ତେଣୁକରି ତୁମ୍ଭ ରାଜ୍ୟ ତୋଡ଼ାଇ ଆସିଲି ।
ବିରାଟ ବୋଇଲେ ଭାଇ ହେଲ ଦ୍ୱିଜବର
ତାଙ୍କ ନାମ ଧଇଲେ ସେ ତ୍ରୈଲୋକ୍ୟ ଠାକୁର
ଏକଶତ ପାଞ୍ଚହର ସ୍ୱର୍ଣ୍ଣ ଭୋଜନଲେ
ଖୋଜନ୍ଦନ ଯାଏ ଧର୍ମ ଦେଖା ନ ପାଇଲି ।
ତାଙ୍କ ଭାଇ ବୃକୋଦର ଗଳେ ହାତଦେଇ
ସେ ସ୍ୱାମୀଙ୍କ ପାଦତଳେ ଭକାଇଲେ ନେଇ ।
ଅଶ୍ୱମେଧ ଯଜ୍ଞଫଳ ପାଇଲି ମୁଁ ଯାଇ
ବିରାଟ ବୋଇଲେ କୋନ୍ତ ମୋକ୍ଷ ହେଲି ମୁହିଁ
କୋନ୍ତ ବୋଇଲେ ଶୁଣିମା ହେଉ ମତ୍ସ୍ୟରାୟ
ଏ ବଲ୍ଲଭ ଅଟେ ଭୀମସେନଙ୍କ ପରାୟ ।
ଯେମନ୍ତ ପ୍ରକାରେ ଶ୍ରଦ୍ଧା କରିଥାଏ ଭୀମ
ତେଣୁ ଏ ଦ୍ୱିଜ ପ୍ରତ୍ୟକ୍ଷ ଅଟେ ଭୀମଆତ୍ମା ।
ବିରାଟ ବୋଇଲେ ଯେବେ ଭୀମର ସୁଆର
ତୋ ଆର୍ଦ୍ଦୋଳ ସହିବାକୁ ଶକ୍ୟ କି ମୋହର
ରହ ଯା ବୋଇଲେ ଭକ୍ତି ହୋଇବ କି ତୋତେ
ଯାଅ ବୋଇଲେକ କୋପ ନ କରିବୁ ମୋତେ
କୋନ୍ତ ବୋଇଲେ ଯେ ଭୟ ନ କର ନୃପତି
ପରୀକ୍ଷା କରି ବୁଝିବା ଏହା ସତମତି ।
ବଲ୍ଲଭ ବୋଇଲେ ଶୁଣ ମତ୍ସ୍ୟ ଅଧିପତି
ଏକାହୋଇ ରନ୍ଧିବି ମୁଁ ସମସ୍ତଙ୍କ ପ୍ରତି ।
ସାତକ୍ଷୌଣୀ ବଳ ଯେ ଭୁଞ୍ଜିବେ ତୁମ୍ଭ କୁଳେ
ଷଡ଼ରସ ଯୋଗାଡ଼ ମୁଁ ଯୋଗାଇବି ଭଲେ ।
ଏହି ପ୍ରକାରେ କହିଲେ ଯହୁଁ ଦ୍ୱିଜବର
ସମସ୍ତ ଜନ ଶୁଣିଣ ହେଲେ ଚମତ୍କାର ।
ଲକ୍ଷେ ସୁଆର ରାନ୍ଧନ୍ତି ମୋହର ଗୃହରେ
ଯୋଦ୍ଧା ଅମାତ୍ୟ ଭୁଞ୍ଜନ୍ତି ମୋହର ଛାମୁରେ ।
ଏ କଥା କି ସହଜେ ତୁ ପାରିବୁ ଯୋଗାଇ
ଦୁଃସାଧ୍ୟ କଥା କହୁଛୁ ଦ୍ୱିଜବର ତୁହି ।
ଶୁଣି ଭୀମ ବୋଇଲେ ହେ ଶୁଣ ନୃପବର
ପ୍ରତ୍ୟକ୍ଷେ ଦେଖିବ ତୁମ୍ଭେ ମୋର କହିବାର
ଘୁଞ୍ଚି ଛଡ଼ିଦଅ ତୁମ୍ଭେ ଲକ୍ଷେ ସୂପକାର
ମୋତେ ଦିଅ ଯେତେ ପଡ଼ି ମିଳଇ ତାଙ୍କର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୁବର୍ଣ୍ଣର କୁଣ୍ଡ ଥିବ ରୋଷଘର ପାଶ
ତହିଁରେ ଥୋଇବ ନେଇ ଯୋଗାଡ଼ ଜିନିଷ ।
ଆଉର କଥାଏ ନୃପ ଶୁଣିବା ମୋହର
ରାଜ୍ୟପାକ ଭୁଞ୍ଜାଇବି ସଙ୍ଗତେ ତୁମ୍ଭର ।
ଶୁଣି ସନ୍ତୋଷ ହୋଇଲେ ମତ୍ସ୍ୟ ଦଣ୍ଡଧାରୀ
ଆସନୁ ଉଠିଲେ ନିଜ ହସ୍ତେ ଶାଢ଼ୀ ଧରି ।
ଘେନ ହେ ବ୍ରାହ୍ମଣ ବୋଲି ଯାଚିଲେ ରାଜନ
ତାହା ଦେଖି ଭୀମସେନ ହେଲା କୋପମନ ।
ଭୀମସେନ ମାନସକୁ ଜାଣିଣ ଯୁଧିଷ୍ଠି
ହୃଦୟରେ ଚିନ୍ତାକଲେ କୃଷ୍ଣ ନାମ ଗୋଟି ।
ନୃପ ଶାଢ଼ୀ ନ ଘେନିବ ଏ ଭଳ ହସ୍ତରେ
ପ୍ରଣିପାତ ହେବ ନାହିଁ ବାନ୍ଧିଲେ ମଥାରେ ।
ରାଗ ହୋଇ ଶରୀରକୁ କମ୍ପାଏ ମାରୁତି
ରାଜାକୁ ବୃକୋଡ଼େ ପୁଣି ନ ମାରଇ ଧାତ ।
ଅନ୍ତରେ କହିବ ବୋଲି ଏ ରାଜ୍ୟ ଅଇଲ
ସମୂଳେ ଏ ସ୍ଥାନେ ମୁହିଁ ଏବେ ନାଶ ଗଲି ।
ଏ ମହା କଷଣୁ ହରି ମୋତେ କର ପାର
ଶ୍ରୀକୃଷ୍ଣ ଶୁଣିଲେ ଦୁଃଖ ଯୁଧିଷ୍ଠିରଙ୍କର ।
କ ବସ୍ତ୍ର ହସ୍ତ କାଡ଼ି ନେଲେ ମତ୍ସ୍ୟେଶ୍ୱର
ଶାଢ଼ୀ ନେଇ ଥୋଇଲେ ସେ କୋନ୍ତଙ୍କ ଆଗର
ହସ୍ତପଣ୍ଡା ଶାଢ଼ୀ ଦିଅ ସ୍ୱାଙ୍କୁ ତୁମ୍ଭେ ନେଇ
ଆସ୍ଥାନେ ବସିଲେ ରାଜା ଏହି କଥା କହି ।
ଯୁଧିଷ୍ଠିର ପ୍ରାର୍ଥେ କରେ ତୁମ୍ଭଙ୍କୁ ମୁଁ ସେବା
ଏ ବଲ୍ଲଭ ସୂପକାରେ ତୁମ୍ଭେ ଶାଢ଼ୀ ଦେବା ।
ଶ୍ରୀଜଗନ୍ନାଥଙ୍କ ନାମ ଧରି ହୃଦଗତେ
ତୋହର ସେ ପ୍ରତିକାର ଅଛୁ ସ୍ୱାମି ମୋତେ ।
ଆପଣେ ଶାଢ଼ୀ ତୋଳିଣ ଦେଲେ ଧର୍ମରାୟେ
ଦେଖି ସନ୍ତୋଷ ହୋଇଲେ ଭୀମ ମହାକାୟେ
ମସ୍ତକରେ ଶାଢ଼ୀ ବାନ୍ଧି ପ୍ରଣିପାତ ହେଲେ
ରାଜାଙ୍କ ମଣୋହି ରାନ୍ଧି ସହାପଣ୍ଡା ବୋଲେ ।
ଧର୍ମଙ୍କୁ ସୁମରି ତହୁଁ ପବନର ବାଳ
ପ୍ରବେଶ ହୋଇଲେ ଯାଇ ଯଥା ରୋଷଶାଳ ।
ଦେଖିଣ ହରଷ ହେଲେ ସର୍ବ ସୂପକାର
ରୋଷ ଛାଡ଼ି ଉଭା ହେଲେ ଦୂରେ ଦ୍ୱିଜବର ।
ଆପଣେ ସେ ବୃକୋଦର ପଶି ରୋଷ ଘରେ
ଚୁଲ୍ଲୀ ପାରିଲେ ଯେ ତହିଁ ବହୁତ ଗୃହରେ ।

ଶତପଖା ହୋଇ ତହିଁ ଏକ ଚୁଲ୍ଲୀ ଥିଲା
ସହସ୍ରପଖାରେ ଭୀମ ତାହା ସମ୍ପାଦିଲା ।
ଏମନ୍ତ ଉପାୟ କରି ସେହି ମତ୍ସ୍ୟରାଜେ
ରନ୍ଧଣା ଯୋଗାଡ଼ କଲେ ଆପଣାର ସାଜେ ।
କଞ୍ଚା ଦାରୁ ନେଇଣ ସେ ପକାଇଲେ ଚୁଲ୍ଲୀ
ଦୋହରି ପ୍ରସାଦେ ଜଳ ଏହି କଥା ବୋଲି ।
ଅକଟା ଅବଟା ନେଇ ଯୋଗାଡ଼ଇ ପାଗେ
ଲୁଣ ସହିତେ ବେସର ଦେଲା ସେହିଲାଗେ ।
ଦୋହରି ପ୍ରସାଦେ ସେହି ଅମୃତର ସଞ୍ଚା
ଯେତେକ ଜାଳ ଜଳଇ ସବୁ କାଠ କଞ୍ଚା ।
ଏ କଥା ଦେଖି ଆଶ୍ଚର୍ଯ୍ୟ ହେଲେ ସର୍ବଜନେ
ଉଗରି କହିଲା ଯାଇ ବିରାଟ ଆସ୍ଥାନେ ।
ଶୁଣ ହେ ବିରାଟେଶ୍ୱର ଦେବ ନରପତି
ବଡ଼ ଆଶ୍ଚର୍ଯ୍ୟ ଦେଖିଲି ବ୍ରାହ୍ମଣର ରୀତି ।
ପଣୁଆ ନ କାଟି କବା ବେଶର ନ ବାଟି
ଚୁଲ୍ଲୀରେ ନେଇ ଭରିଲା କଞ୍ଚା ଦାରୁଗୋଟି ।
ଯୋଗାଡ଼କୁ ବସାଇଣ ଓହ୍ଲାଇଲା ବେଗ
ବିସ୍ମର ବୁଝିବା ହେଉ ହେଲା କେଉଁ ପାଗ ।
ଶୁଣି ବିରାଟ ଚାହିଁଲେ କୋନ୍ତଙ୍କ ବଦନ
ତହୁଁ କୋନ୍ତ ବୋଇଲେକ ଶୁଣନ୍ତୁ ରାଜନ ।
ବହୁ ଗୁଣବନ୍ତ ତୁମ୍ଭେ ଅଟ ଭାଗ୍ୟଧର
ଆବର ଧାର୍ମିକପଣେ ଅଟ ଯଶସ୍କର ।
ଆଦ୍ୟ ତୁମ୍ଭେ ଏହିପରି ବିସ୍ମରଛ ରାୟ
ସେ ବଲ୍ଲଭ ନ ଦିଶଇ ସୂପକାର ପ୍ରାୟ ।
ତୁମ୍ଭେ ମହାରାଜା ଅଟ ସର୍ବଙ୍କ ପଣ୍ଡିତ
ତୁମ୍ଭ କଥା ଭାଙ୍ଗିବାକୁ କାହାର ଆୟତ ।
କୋନ୍ତଙ୍କ ବଚନ ଶୁଣି ବୋଲେ ରାୟ ମତ୍ସ୍ୟ
ଏହିକ୍ଷଣି ମଣୋହିରେ ଜାଣିବା ପ୍ରତ୍ୟକ୍ଷ ।
ତୁମ୍ଭେ ମଧ୍ୟ ମଣୋହିକି ଯିବ ମୋର ତୁଲେ
ସୂପକାର କରୁଅଛୁଁ ତାକୁ ତୁମ୍ଭେ ବୋଲେ ।
ଏହିକାଳେ ରୋଷଘରୁ ଆସି ସ୍ୱରମାନ
ରାଜାଙ୍କୁ ବୋଇଲେ ପାକ ହେଲା ସୁବିଧାନେ ।
ମଧ୍ୟ ଆଦିତ୍ୟ ଆସିଣ ହେଲା ସୂର୍ଯ୍ୟବେଳା
ଆହାର ହେ ସାର ଦେବ କିପା କରି ହେଳା
ବେଗେ ବିଜେ କରି ଦେବ ମଣୋହିଗୃହକୁ
ସୂର୍ଯ୍ୟବେଳର ମଣୋହି ଲଭଇ ପଦ୍ମକୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅନ୍ନ ଅଜୀର୍ଣ୍ଣ ହୋଇବ ଚନ୍ଦ୍ରବେଳ ହେଲେ
ମୂଛାବାଅଗ୍ନି ହୋଇବ ବେଳ ନ ଖାଇଲେ ।
ସୂର୍ଯ୍ୟବେଳେ ଭୋଜନ ଯେ ଚନ୍ଦ୍ରବେଳେ ରତି
ଏମନ୍ତ ବେଭାର ଅଛି ଶାସ୍ତ୍ରର ସଙ୍ଗତ ।
ସୂପକାର ବାର୍ତ୍ତା ଦୂତମୁଖରୁ ଶୁଣିଣ
ସଙ୍ଗତରେ ନେଇ ରାଜ୍ୟ ପଣ୍ଡିତ ବ୍ରାହ୍ମଣ ।
ବିଜେ ହେଲେ ନଗରକୁ ମନୋହ୍ର ଜମନ୍ତେ
ଗହଣେ ଗମନ କଲେ ବହୁତ ଅମାତ୍ୟ ।
ଚଉଷଠି କୋଟି ଯୋଦ୍ଧା ଗଲେ ସଙ୍ଗତରେ
ସମସ୍ତେ ବସିଲେ ରାଜା ମଣୋହ୍ର କୋଠିରେ
ଶୁଣ ହେ ମତ୍ସ୍ୟଈଶ୍ୱର ବୋଲଇ ବଲ୍ଲଭ
ରାଜ୍ୟଭାର ବନ୍ଧ ଏହୁ ବଡ଼ଇ ଦୁର୍ଲ୍ଲଭ ।
ମୁହିଁ ଜାଣିଲି ରାଜା ଏ ବଡ଼ଇ ବିବାଦି
ପରବସ୍ତ୍ର ମାଡ଼ ବସି ହେଲ ତୁମେ ବନ୍ଦୀ ।
ଅମାତ୍ୟ ପୁରୋଧା ମନ୍ତ୍ରୀ ଯୋଦ୍ଧାଙ୍କ ସହିତେ
ସାମନ୍ୟ ଭୋଜନେ ତୃପ୍ତ ହୋଇବ କ ତରେଁ
ସର୍ବ ସଇନ୍ୟ ବସନ୍ତୁ ତୋର ଛନ ଘରେ
ଏଥିର ଚରିତ ଶୁଣ ଆହେ ମହେଶ୍ୱରେ ।
ସଙ୍ଗେ ଭୁଞ୍ଜିଲେ ବଡ଼ିମା ହେବ ତୁମ୍ଭ ଥାଟ
ସମର କାଳେ କାରଣ କରିଲେ ମୁରାଟ ।
ସାନନ୍ଦ ହୋଇଲେ ରାଜା ବଲ୍ଲଭ ବଚନେ
ସୈନ୍ୟ ସଙ୍ଗତେ ଭୋଜନ କରନ୍ତି ରାଜନେ ।
ଭକ୍ତନାମେ ଭୁବନେ ବିଜୟେ ବିରାଟ
ତାଙ୍କ ସନ୍ନିଧେ ବସିଲେ ଯାଇଁ କୋନ୍ତ ଭଟ୍ଟ ।
ସାତକ୍ଷୌଣୀ ବଳ ସେନ ବିରାଟ ବସିଲେ
ଏକା ଭୀମ ସେମାନଙ୍କୁ ତରସ୍ତ କରଲେ ।
ପାଞ୍ଚଲକ୍ଷ ସୂପକାର କାର୍ଯ୍ୟ ବଜେ କଲେ
ଗୋଷ ଶୌଷ ନଳ ବିଧି ରନ୍ଧଣା ରାନ୍ଧିଲେ ।
ନିଜପ୍ରତ ରନ୍ଧଣାକୁ ପର୍ଶେ ଭୀମସେନ
ସନ୍ତୋଷେ ଭୁଞ୍ଜିଲେ ସୈନ୍ୟ ସେନାପତିଗଣ
ଦେବ ରନ୍ଧଣାର ପାଗ ପାଇବେଟି କାହିଁ
ବିରାଟ ପ୍ରଶଂସା କରେ ବ୍ରାହ୍ମଣଙ୍କୁ ଚାହିଁ ।
ଅଦ୍ଭୁତ ପୁରୁଷ ତୁମ୍ଭେ ବିଜେ ହେଲ କାହୁଁ
କେଉଁ ବରପାଳ ସୂପକାର ରୂପ ବହୁ ।
କୋନ୍ତ ବୋଇଲେ ହେ ରାଜେ ଶୁଣ ମତ୍ସ୍ୟପତି
ଶେଷରେ ଜାଣିବା ହେବ ଏହାର ପ୍ରକୃତି ।

ଅମୃତରସ ଯୋଗାଡ଼ ଭୁଞ୍ଜିଲେ ସଇନ୍ୟ
ସର୍ବେ ପ୍ରଶଂସିଲେ ଦ୍ୱିଜ ତୋ ଧନ୍ୟ ଜୀବନ
ଆଚମନ ସାରି ନୃପ ବିଜୟ ଆସ୍ଥାନ
ରନ୍ଧା ପ୍ରଶଂସା କରନ୍ତି ତହିଁ ସର୍ବଜନ ।
କଉତୁକେ ନାରୀମାନେ ମାଗନ୍ତି ବ୍ୟଞ୍ଜନ
ଭୋଜନ ପାଇଁ ତାହାଙ୍କୁ ଦିଅନ୍ତି ଭୀମସେନ ।
ଅନେକ ସ୍ତିରୀ ଯେ ଆସି ବସନ୍ତି ପରବା
ବୋଲନ୍ତି ପଣ୍ଡା ଏ କରୁ ଆମ୍ଭଙ୍କୁ ଯେ ଦେବା
ରାଜା ଭୁଞ୍ଜିବା ପର୍ଯ୍ୟନ୍ତେ ବଲ୍ଲଭଙ୍କ ଦୃଷ୍ଟି
ତଦପରେ ଦିଅନ୍ତି ସେ ଯାକୁ ଯେତେ ଅଣ୍ଟି ।
ସର୍ବେ ବୋଇଲେ ବିରାଟ ରାଜ୍ୟ ହେଲ ସିଦ୍ଧି
ଦେବରନ୍ଧନ ଗଉରୀ ଶୌରୀ ନଳବିଧି ।
କ୍ଷଣୀ ବୃତ୍ତି ଗୁଡ଼ ଜାତ ହୁଏ ବହୁଗୁଣ
ଗୁଣ ଉପୁଜିଲେ ପୁଣ ବହୁତ କାରଣ ।
ଶୁଣ ବୈବସ୍ୱତ ମନୁ ମହାତ୍ମା ପୁରୁଷ
ଭୀମଙ୍କ ଗୋପନ କଥା ଏବେ ହେଲା ଶେଷ ।
ଶାରଳାଦେବୀ ପ୍ରସାଦେ କଲି ମୁଁ ଲିଖନ
ହେ ନରେ ମୋହର ଦୋଷ କ୍ଷମିତ ନଘେନ
ଭାରତ ଚରିତ ଏହୁ ଅଟେ ସୁଧାରସ
ଜନଙ୍କ ହିତେ ରଚିଲି ମୁଁ ଶାରଳା ଦାସ ।

ଅର୍ଜ୍ଜୁନଙ୍କର ବିରାଟସଭାରେ ପ୍ରବେଶ

ଏଥୁଅନ୍ତରେ ଗମନ କଲେ ସବ୍ୟସାଚୀ
କବରୀ ଶାମଳୀ ଶିର ଖୋସା ଏକ ରଚି ।
ଶିରେ ଶୋହେ ସୀମନ୍ତମଣି ମୁକୁତାର ଜାଲି
ଲଲାଟରେ ମଥାମଣି କର୍ଣ୍ଣେ କର୍ଣ୍ଣ ଝୁଲି ।
ଦୁଇହସ୍ତେ ପିନ୍ଧିଛନ୍ତି ସୁବର୍ଣ୍ଣର ଚୂଡ଼ି
ଗଳେ ରୂପସର ଅଙ୍ଗେ ରତ୍ନଅଛି ଜଡ଼ି ।
ଦୁଇପାଦରେ ନୂପୁର ରୁଣୁଝୁଣୁ ବାଜେ
ମୁକୁତା ଗୁନ୍ଥା କାଞ୍ଚନ ହୃଦରେ ବିରାଜେ ।
ଚଳନ୍ତି ପଥରେ ପାର୍ଥ ସ୍ତ୍ରୀରୂପ ହୋଇ
ମାଧୁରୀଫୁଲ ପରାଯେ ତ୍ରୈଲୋକ୍ୟ ମୋହଇ ।
ତ୍ରିଲୋକ୍ୟ ବିଜୟୀ ପାର୍ଥ ହୋଇ ସ୍ତିରୀବେଶ
ମତ୍ସ୍ୟ ରାଜାଙ୍କ ନଗରେ ହୋଇଲେ ପ୍ରବେଶ ।
ଦେଖିଣ ମୋହିତ ହେଲେ ନାଗରିକ ଜନ
ରମ୍ଭା କି ବିଜୟ କଲି ଏ ମର୍ତ୍ତ୍ୟଭୁବନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

କି ଅବା ଅଇଲେ ଏଥେଁ ମଦନ ମେନକା
ସଙ୍ଗେ କେହି ନାହିଁ କିପାଁ ଗମନ୍ତି ଏ ଏକା ।
ବିରାଟ ସଭା ନିକଟେ ଯାଇଁ ହେଲେ ଭେଟି
ଦେଖିଣ ସମସ୍ତେ ତାଙ୍କୁ କଲେ ଏକ ଦୃଷ୍ଟି ।
ସମ୍ଭବେ ଆସ୍ଥାନ ଘରେ ବିଜେ ମତ୍ସ୍ୟପାଳ
ପାର୍ଥ ପ୍ରବେଶିଲେ ଯାଇଁ ଆସ୍ଥାନର ତଳ ।
ତ୍ରୈଲୋକ୍ୟମୋହିନୀ ରୂପ ଗୁଣ ସର୍ବେ ଦେଖି
ଭୟେ ବେନି ଭାଗ ଜନେ ଆସନ ଉପେକ୍ଷି ।
ବିରାଟପତି ବିସ୍ମୟରେ ଏ ବଡ ଅପୂର୍ବ
ଆକାଶକାମିନୀ ଏହି କି ନାମ ସମ୍ଭବ ।
ଯୁଧିଷ୍ଠିର ବିଚାରନ୍ତି ପାର୍ଥ ମୁଖ ଚାହିଁ
ରେ ନିର୍ଲଜ ଆତ୍ମା ମୋର ଅଛୁ କାହିଁପାଇଁ
ସଚରାଚର ଧଇଲୁ ବାହୁ ଧନୁର୍ଦ୍ଧନେ
ସୁଭଦ୍ରା ପାଇଁ ଜିଣିଲୁ କୃଷ୍ଣ କାମପାଳେ ।
ପାଞ୍ଚାଳ ଦେଶରେ ଲକ୍ଷ ବିନ୍ଧିବାର କାଳେ
ଲକ୍ଷେ ରାଜା ଜିଣିଲୁ ତୁ ତହିଁ ଅବହେଳେ ।
ରାଧାଚକ୍ର ଛିଦ୍ର ମଧ୍ୟେ ମତ୍ସ୍ୟ ଆଖି ଛେଦି
ଦ୍ରୁପଦ ରାଜନନ୍ଦିନୀ ଲଭିଲୁ ଦ୍ରୌପଦୀ ।
ଶରେ ସାଗର ବାନ୍ଧିଲୁ ହନୁଙ୍କ ବିବାଦେ
ଗୋସିଂହ ମାରି ଦ୍ୱାରକା ରଖିଲୁ ତୁ ହାଦେ
ଅରଣ୍ୟରେ ଗମନ୍ତେ ଯେ ଅଙ୍ଗାରପର୍ଣ୍ଣଗ
ଅସ୍ତ୍ର ଘାତରେ କାଟିଲୁ ତାହାର ଯେ ଅଙ୍ଗ ।
ବୈଶ୍ୱାନରଙ୍କର ହେଲା ଲୁଦୁବୁଦୁ ବ୍ୟାଧି
ଇନ୍ଦ୍ର ଜିଣି ଖାଣ୍ଡବକୁ ଦେଲୁ ମହୌଷଧି ।
କିରାତରୂପୀ ହରଙ୍କୁ ଜିଣିଲୁ ତୁ ହେଳେ
ଭୟେ ପାଶୁପତ ଅସ୍ତ୍ର ତୋତେ ଦାନ କଲେ
ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ତୁ ଅଟୁ ଜଗଜ୍ଜିତା
ଏ ସ୍ଥାନେ ଘଜନ ତୋତେ କରିଲା ବିଧାତା ।
ତୁମ୍ଭଙ୍କୁ ମୁଁ ନାଶକଲି କରି ପଶାଖେଳ
ସର୍ବ କେଣେ ଗଲା ଏବେ ଉଗ୍ର ସଭାତଳ ।
ତୋର ପରାକ୍ରମ ଏବେ ହୀନବୀର୍ଯ୍ୟ ଦେଖି
ଜଳି କିପାଁ ନ ଯାଉଛି ମୋର ବେନି ଆଖି ।
ପୁଣି କୋନ୍ତଭଣ୍ଡ ମନେ କରନ୍ତି ବିଚାର
ଜଳି କିପାଁ ନ ଯାଉଛି ମୋର ଏ ଶରୀର ।
ସଭାତଳରେ ଅର୍ଜୁନ ହେଲେ ଯହୁଁ ଉଭା
ସ୍ୱର୍ଗପୁରୀ ପ୍ରାପ୍ତ ହସେ ବିରାଟର ସଭା ।

ବାମଅଙ୍ଗ ଦେଇକରି ବିରାଟ କଟକ
ପ୍ରଣାମ କଲେ ଫାଲ୍‌ଗୁନ ଯୁଧିଷ୍ଠିରଙ୍କୁ ଦେଖି ।
ବିରାଟ ବୋଇଲେ ତାଙ୍କୁ ମହାପରସାଦେ
ଉଠ ଉଠ ଆଜ୍ଞା ହେଲା ତୁମ୍ଭଙ୍କୁ ଯେ ହାଦେ
ପାର୍ଥଙ୍କୁ ଏମନ୍ତ ଆଜ୍ଞା ରାଜନ ଦିଅନ୍ତେ
ଯୁଧିଷ୍ଠିର ବିଚାରିଲେ ନିଜ ହୃଦଗତେ ।
ଆମ୍ଭ ଆଜ୍ଞା ନ ହୋଇଲେ ନ ଉଠେ କିରୀଟି
ବିରାଟ ରାଜାଙ୍କ କଥା ନ ଶୁଣିବ ଏଟି ।
କୋନ୍ତ ବୋଇଲେ ତୁମ୍ଭେ ଟଗା ଶୁଣ ମହାପ୍ରାଣି
ଠାକୁରଙ୍କ ଆଜ୍ଞା ହେଲା ଏବେ ଉଠ ପୁଣି ।
ବିରାଟ ବଚନେ ପାର୍ଥ ତୁନି ହୋଇଥିଲେ
ଯୁଧିଷ୍ଠିରଙ୍କ ବଚନେ ଝଟତି ଉଠିଲେ ।
ବିରାଟ ବୋଇଲେ ତୁମ୍ଭେ ଶୁଣ ଗୋ ସୁନ୍ଦରି
କେବଣ ସ୍ଥାନରେ ଗୃହ ଅଟଇ ତୁମ୍ଭର ।
କେ ତୁମ୍ଭର ମାତା ଅଟେ କେ ତୁମ୍ଭର ପ୍ରଭୁ
କାହୁଁ ଅଇଲ ସୁନ୍ଦରୀ କେ ତୁମ୍ଭର ବନ୍ଧୁ ।
ମୋହିନୀ ରୂପକୁ ଧରି ମିଳିଲ ମୋ ରାଜ୍ୟ
କି ହେତୁ ଆସିଲ ତୁମ୍ଭେ କହ କେଉଁ କାର୍ଯ୍ୟ
ଶୁଣି ସୁଶୀତଳ ବାକ୍ୟ ବୋଲେ ସବ୍ୟସାଚୀ
ଅଳ୍ପକାର୍ଯ୍ୟ ବୋଲି ଯାହା ତାହା ନୁହେଁ କିଛି
ପଶ୍ଚିମ ସୌରାଷ୍ଟ୍ରେ ଅଛି ହସ୍ତିନାର ପୁରୀ
ଯୁଧିଷ୍ଠିର ଦେବ ଥିଲେ ତହିଁ ଅଧିକାରୀ ।
ଭୀମସେନ ଠାକୁର ଯେ ତାହାଙ୍କ ଅନୁଜ
ତାହାଙ୍କର ସାନୁଜ ଯେ ଫାଲ୍‌ଗୁନ ସାନୁଜ ।
ଶେଷ ସାନୁଜ ଦୁହିଁଙ୍କୁ ଚିହ୍ନ କି ବିରାଟେ
ମୁହିଁ ତାଙ୍କର ଶ୍ରୋଣତା ବାଦ୍ୟକାର ଅଟେ ।
ପଶାଖେଳେ ଯୁଧିଷ୍ଠିର ରାଜ୍ୟଧନ ହାରି
ବାର ବରଷ ରହିଲେ ହୋଇ ବନଚାରୀ ।
ଯୁଧିଷ୍ଠିର ତୁମ୍ଭ ରାଜ୍ୟେ ଆସିଲେ ଶୁଣିଲି
ତେଣୁ ସେ ଶବଦ ଶୁଣି ଗୋଡ଼ାଇ ଆସିଲି ।
ମୋର ନାମ ପଚାରିଲ ଆହେ ଦଣ୍ଡଧାରୀ
ମୋର ନାମ ଅଟଇ ସଯମୀ ବୃହନ୍ନାରୀ ।
କନ୍ୟାପୁରେ ଥାଏ ମୁହିଁ ଅଟେ ନୃତ୍ୟକାରୀ
ଗୀତ ନୃତ୍ୟ ଶିକ୍ଷା ଦିଏ ଅତି ଯତ୍ନକରି ।
ବିରାଟ ବୋଲେ ଜାଣିଲି ତୁମ୍ଭ ଶୁଦ୍ଧକାୟ
ହୃଦେ ଜାଣୁଛି ତୁମ୍ଭଙ୍କୁ ପୁରୁଷ ପରାୟ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବୋଲେ ବୃହନ୍ନଳା ତୁମ୍ଭେ ଶୁଣ ମହେଶ୍ୱର
ସ୍ତ୍ରୀ ପୁରୁଷ ଦୁହିଙ୍କରୁ ମୁଁ ଅଟେ ବାହାର ।
ବିରାଟ ବୋଇଲେ କଙ୍କ ଏ କଥା କେମନ୍ତ
କେଉଁ କଥା କହିଲେ ଏ ବଡ଼ ଆଚମ୍ବିତ ।
ଯାହା ସେ ଲିଖନ କରିଅଛି ପ୍ରଜାପତି
ଚନ୍ଦ୍ର ସୂର୍ଯ୍ୟ ସର୍ଜି ଯେହ୍ନେ କଲା ଦିନ ରାତି ।
ସ୍ତ୍ରୀଏ ଆଉ ପୁରୁଷେକ ପାପେକ ପୁଣ୍ୟେକ
ଆଉ ଏକ କଥା ଅଛି ସ୍ୱର୍ଗ ଯେ ନରକ ।
କଙ୍କ ବୋଇଲେ ହେ ରାଜ ଥିବ ଅନ୍ତଃପୁର
ଅହର୍ନିଶି ରହିଥିବ ସ୍ତ୍ରୀ ସଙ୍ଗତର ।
ରାଜା ତୁମ୍ଭ ମନେ ଯେବେ ହେବ ସାବଧାନ
ବିଶ୍ୱାସୀ ଲୋକଙ୍କୁ ରାଜ କହିବ ସେମାନ ।
ଯାତକେଶ୍ୱର ବୋଇଲା ଅନ୍ତେ ପାଟ ବନ୍ଧା
ଉତ୍ତର କୁମାର ଏହା କରନ୍ତୁ ସୁବିଧା ।
ସ୍ୱରୂପ ବୁଝିବ ବିନା ପରୀକ୍ଷେ ଦେଖିଲେ
ରହିବ ଯେ ଅନ୍ତଃପୁରେ ନପୁଂସକ ହେଲେ ।
ଅନ୍ତଃପୁରରେ ପ୍ରବେଶ ହେଲେ ବୃହନ୍ନଳା
ବିରାଟ ସୁତ ଉତ୍ତର ପରୀକ୍ଷା ଯେ କର ।
ବିଧାତା ନିର୍ବନ୍ଧ ଯେହ୍ନେ ଉର୍ବଶୀର ଶାପ
ତେଣୁକରି ଅଦୃଶ୍ୟ ଯେ ହେଲା ନିଜରୂପ ।
ଉଲଗ୍ନ କରି ଦେଖିଲେ ତାଙ୍କ ବର୍ଣ୍ଣ ଚିହ୍ନ
ସ୍ୱଭାବରେ ନାହିଁ ସ୍ତ୍ରୀ ପୁରୁଷ ଲକ୍ଷଣ ।
ଆସ୍ଥାନେ ଯାଇ ଉତ୍ତର କହିଲ ସ୍ୱରୂପ
ସ୍ତ୍ରୀ ଲକ୍ଷଣ ନାହିଁ ପୁଂସ ଲକ୍ଷଣହିଁ ଗୋପ୍ୟ ।
କଙ୍କ ବୋଇଲେ ଯେ ସତ୍ୟ ସଦା ଅଟେ ଧନ
ଉର୍ବଶୀର ଶାପ କେବେ ହୋଇବ କି ଆନ ।
ପ୍ରଥମେ ବୋଇଲା ଧର୍ମ ଅଇଲେ ଯେ ବୋଲି
ସେ ଶବଦ ଶୁଣିଲା ମୁଁ ତେଣୁ ନସ୍ତରିଲି ।
କଙ୍କ ବୋଇଲେ ହେ ରାଜ ନ କହୁ ଯେ ମିଥ୍ୟା
ଅବଶ୍ୟ ସମସ୍ତ ତୁମ୍ଭେ ଦେଖିବ ସେ କଥା ।
ମହତ ବଚନ କେବେ ନ ହୁଅଇ ଆନ
କଷାଁ ଚନ୍ଦ୍ର ସୂର୍ଯ୍ୟ ହେବେ ଗମନାଗମନ ।
ବଚନରେ ବୋଧ କଲେ ମତ୍ସ୍ୟ-ଅଧିକାରୀ
ଉତ୍ତରକନ୍ୟାକୁ ନୃତ୍ୟ ଶିକ୍ଷା ବୃହନ୍ନଳା ।
ବିରାଟ ବୋଲେ ପାର୍ଥଙ୍କୁ ମୁଁ ଦେଖିଛି ନାହିଁ
ଅଜ୍ଞାତେଲୁ ଫିଟିବ ତାହାଙ୍କୁ ଅନାଇଁ ।

ଯାତକେଶ୍ୱର ବୋଇଲେ ଶୁଣ ମତ୍ସ୍ୟରାଜା
ଧାର୍ମିକ ଲୋକଙ୍କୁ ଦେବ ବହୁତ ତରିଯା ।
ମନ୍ତ୍ରିବରଙ୍କ ବଚନ ଶୁଣି ଦଣ୍ଡଧାରୀ
ଘେନିଲେ ଆପଣା କରେ ତହିଁ ଦିବ୍ୟ ଶାଢ଼ୀ
ଘେନ ବୃହନ୍ନଳା ବୋଲି ଯାଚେ ଶାଢ଼ୀଟି ଲ
ହେଟବଦନେ ଅର୍ଜୁନ ଚଳେ ବନମାଳୀ ।
ସ୍ୱାମୀ ଏହ ଶାଢ଼ୀ ମୁହିଁ ଘେନ ତଳହସ୍ତେ
ଭୂତଗଣ ହୋଇବ ନା ଶାଢ଼ୀ ବାନ୍ଧ ମାଥେ ।
ତନରୁ ଅଧିକ କେହି ନାହିଁ ଗୁରୁଜଣ
ଉପର ହସ୍ତରେ ଶାଢ଼ୀ ଲେବାକୁ ଭାଜନ ।
ଇନ୍ଦ୍ର ଗୋବିନ୍ଦ ଆବର ରାଜା ଯୁଧିଷ୍ଠିର
ଏହାଙ୍କ ଛଡ଼ା ମୁଁ ଶାଢ଼ୀ ନ ଘେନଇ କାର ।
କହୁଁ କହୁଁ ଫାଲଗୁନ ମୁଖ କଲେ ପୃଷ୍ଠ
ଆଜ ତ ତୋହର ଶିରୀ ସରିଲା ବିରାଟ ।
ଅର୍ଜୁନଙ୍କ କୋପ ଦେଖି ଜାଣିଲେ ଯୁଧିଷ୍ଠି
ହୃଦଗତେ ସୁମରିଲେ କୃଷ୍ଣ ନାମ ଗୋଟି ।
ତୋ ବଚନେ ଅଇଲି ମୁଁ ବିରାଟ ରାଜ୍ୟକୁ
ଏ ଧର୍ମ କଷଣୁ ପାର କର ତ ଆମ୍ଭଙ୍କୁ ।
ବାକ୍ୟଦେଖି ଯହୁଁ ତାଙ୍କୁ ହୋଇଲେ ପ୍ରସନ୍ନ
ବିରାଟ ବସ୍ତ୍ରର କଲା ତହୁଁ ନିଜ ମନ ।
ଆପଣା ମନରେ ଭାବ କୋପ ମୁଖ ସ୍ୱହିଁ
ହସ୍ତେ ଶାଢ଼ୀ ଧରି ତହୁଁ ସଧୀରେ କହଇ ।
ତୁମ୍ଭେ ଶାଢ଼ୀ ଦିଅ କୋପ ଏ ବୃହନ୍ନଳାକୁ
ଆନନ୍ଦେ ଏ ସ୍ଥଳଯାଉ ଉତ୍ତର ପୁରକୁ ।
ଶୁଣି କଙ୍କ ଶାଢ଼ୀ ଦେଇଁ ଘେନିଲେ ଯେ ପାର୍ଥ
ଆନନ୍ଦିତ ହୋଇ ତହୁଁ ବାନ୍ଧିଲେ ସେ ମାଥ ।
ଆସ୍ଥାନ ମଧ୍ୟରୁ ଶାଢ଼ୀ ବାରମଣି ଘେନ
ବିରାଟ ମନ୍ଦିରକୁ ଯେ ଗଲେ ଫାଲଗୁନ ।
ପୂର୍ବେ ଉତ୍ତରା କୁମାରୀ ରହିଥିଲେ ଯହିଁ
ଏଥିକାଳେ ଫାଲଗୁନ ମିଳିଲେକ ଯାଇ ।
ଯୁଧିଷ୍ଠିର ସଭାପଣ୍ଡା ମତ୍ସ୍ୟଦେଶେ ପଶି
ଅର୍ଜୁନ ବୃହନ୍ନଳା ହୋଇଲେ ଯେ ଆସି ।
ସୂପକାର ବେଶ ହୋଇ ରହେ ଭୀମସେନ
ଏମନହିଁ ରହିଲେ ଗୋପ୍ୟ ନ ଜାଣିଲେ ଆନ
ହେ ନରେ ଶ୍ରୀକୃଷ୍ଣ ନାମ ଜପ ସଦାକାଳେ
ସଂସାର ସାଗରୁ ସୁଖେ ତରିଯିବ ହେଳେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସେ କଞ୍ଜଚରଣ ମଧୁପାନେ ଚିତ୍ତ ରତ୍ନ
ଶାରଳା ଦାସକୁ ବାରେ ଏହି ଆଜ୍ଞା ହେଉ ।

ଦ୍ରୌପଦୀଙ୍କର ବିରାଟ ଭବନେ ପ୍ରବେଶ

ଅଗସ୍ତିଙ୍କୁ ପୁଚ୍ଛାକଲେ ମନୁ ନୃପମଣି
ଏଥି ଉତ୍ତରୁ କି ହେଲା କହ ମହାମୁନି ।
କହନ୍ତି ଅଗସ୍ତି ମୁନି ଆହେ ନୃପବର
ମୁଁ ଏବେ କହୁଛି ଶୁଣ ମତି କରି ସ୍ଥିର ।
ସହଦେବ ବୋଇଲେ ଗୋ ଶୁଣ ଯାଜ୍ଞସେନୀ
ଦଧିବାମନଙ୍କ ଶୁଭ ଅନୁକୂଳ ଘେନି ।
ସଭାର ମଧ୍ୟରେ ଯାଇ ରହିଲେ ସେ ଧର୍ମ
ବେଷାଇ ଘର ଭିତରେ ରହିଲେକ ଭୀମ ।
ଅନ୍ତଃପୁରକୁ ଗମନ କଲେ ସବ୍ୟସାଚୀ
ଏହିରୂପରେ ରହିଲେ ଯେଝା ସ୍ଥାନ ବାଛି ।
ସର୍ବମଙ୍ଗଳ ଅମୃତଯୋଗ ବର୍ତ୍ତମାନ
ବିଜୟ କଲେ ପାଞ୍ଚାଳୀ ସ୍ମରି ଭଗବାନ ।
କେଶ ବାସ ପରିମଳ ଅଳଙ୍କାର ବିନା
ଅରଣ୍ୟରୁ ବାହାରିଲେ ପାଣ୍ଡବ ଲଳନା ।
ଗମନେ ତ୍ରୈଲୋକ୍ୟକୁ ସେ ମୋହୁଛନ୍ତି ବାଳୀ
ନଗର ପଶ୍ଚିମଦ୍ୱାର ନିକଟରେ ମିଳି ।
ମଉନେ ରହିଲେ କିଛି ନ କରି ସମ୍ଭାଷ
ଧାଈମାନେ ତାଙ୍କୁ ଦେଖି ଆସିଲେ ସେ ପାଶ
ନାଗରୀ ଚତୁରୀମାନେ ପ୍ରକାଶନ୍ତି ବାଣୀ
କେଉଁଠୁ ଆସିଲ ଆଗୋ କହ ମହାମ୍ନାଣୀ ।
ତାହାଙ୍କଠାରୁ କୌଣସି ଉତ୍ତର ନ ପାଇ
ବେଗେ ପ୍ରବେଶିଲେ ଧାଈ ରାଣୀପାଶେ ଯାଇଁ
ପାଟରାଣୀଙ୍କୁ କହନ୍ତି ଅତି ପ୍ରିୟଭାବେ
ସତ୍ୟବଚନ ଆମ୍ଭର ଶୁଣିମା ଗୋ ଏବେ ।
ଦ୍ୱାରେ ଉଭା ହୋଇଅଛି ଏକଗୋଟି କନ୍ୟା
ସାକ୍ଷାତେ ଦେଖିଲୁ ତାକୁ ଯେସନ୍ତେ ଅନ୍ନପୂର୍ଣ୍ଣା ।
କଥା ନ କହିଲା କିଛି ଆମ୍ଭଙ୍କୁ ତରୁଣୀ
ଭାଗ୍ୟବତୀ କନ୍ୟା ସେହି ଅତି ସୁଲକ୍ଷଣୀ ।
କପିଳାସ ତେଜି କିବା ଆସିଲେକ ଉମା
କିବା ସେହି ଶଚୀଦେବୀ ଚନ୍ଦ୍ରଙ୍କର ବାମା ।
ବିଷ୍ଣୁଙ୍କୁ ତେଜି ଗମନ କଲେ କି କମଳା
କିବା ରତିଦେବୀ ସେହି ପୁଷ୍ପଶର ବାଳା ।
ସ୍ତ୍ରୀଗଣଙ୍କ ମଧ୍ୟେ ସୁନ୍ଦରୀ ଅଟଇ ସେ ରମ୍ଭା
ଆସିଛି ଗୌତମ ନାରୀ ଅହଲ୍ୟା କି ଅବା ।
ମାଗୋ ଏଥର କଷଣ ପଡ଼ିଲାଣି ଭୋରେ
ବିଚାର କହିଲି ଦୋଷ ନ ଧରିବ ମୋତେ ।
ଜଗଜ୍ଜନ ମୋହିନୀ ସେ ସ୍ତ୍ରୀଶିରତ୍ନ କାନ୍ତି
ଜାତି କମଳିନୀ ସେହି ରୂପେ ରୂପବତୀ ।
ବିଚାର ପରମେଶ୍ୱରୀ ବୁଝ ପରମାଣି
ନିଶ୍ଚୟ ସେ ତୋହର ଗୋ ହେବ ସପତଣୀ
କେ ବୋଲଇ ତାହାକୁ ଗୋ ନେବା କେଶଧରି
କଟକ ବାହାର କରିଦେବା ଗୋ ତାହାର ।
କେ ବୋଲଇ ପିଟିବା ଗୋ ମୁଖେ ଦେଇ ଦଣ୍ଡା
କେ ବୋଲଇ ହାଣିବା ଗୋ କରେ ଧରି ଖଣ୍ଡା
ସୁଦେଷ୍ଣା ବୋଇଲେ ଆଗୋ ଏମନ୍ତ ନ ବୋଲ
ମହତୀଙ୍କୁ ଅପମାନ ଗୋ କେବେ ନୁହେଁ ଭଲ ।
କଷଣ ପାଇଲେ ଆଗୋ ଆସନ୍ତି ଦେବତା
ଅପମାନ କରିଲେ ମୃତ୍ୟୁ ହୁଏ ସମାପତି ।
ତାହାଙ୍କର ନିକଟକୁ ଯାଅ ଏହିକ୍ଷଣି
ମୋହର ତହିଁକି ତାଙ୍କୁ ଘେନିଆସ ପୁଣି ।
ମହାଦେଈଙ୍କ ବଚନେ ବେଗେ ଗଲେ ଧାଈ
ଅନେକ ଚତୁରୀ ଯାଇ ଠୁଳ ତାଙ୍କ କତି ।
ତୁମ୍ଭଙ୍କୁ ନେବାକୁ ଆଜ୍ଞାଦେଲେ ଠାକୁରାଣୀ
ତୁମ୍ଭକୁ ବନ୍ଦନ ହୋଇ ଆସ ସାଆନ୍ତାଣୀ ।
ଚଳିଲେ ପାଞ୍ଚାଳୀ ତହୁଁ ରାଜା ଅନ୍ତଃପୁରେ
ଦେଖି ସୁଦେଷ୍ଣା ଆସନ ଛାଡ଼ିଲେ ସତ୍ୱରେ ।
ପାଞ୍ଚାଳୀ ଆସନ୍ତେ ପୁର ଦିଶେ ଅତି ଶୋଭା
ସୁଦେଷ୍ଣା ବୋଇଲେ ଏହୁ ପ୍ରତ୍ୟକ୍ଷରେ ରମ୍ଭା
ଅମରପୁର ତେଜିଲେ କିବା ଆଖଣ୍ଡଳୀ
କିବା ଭୂ ତେଜି ଅଇଲେ ଭୂମି ଆଖଣ୍ଡଳୀ ।
ଏହିରୂପରେ ବିଚାର କଲେ ମହାଦେଈ
କିବା ଶିବ ତେଜି ଶିବା ଆସିଲେ ଏଠାଇଁ ।
କିବା ମେନକା ଦୁହିତା ଏହୁ ଶକୁନ୍ତଳା
ତେଜିଣ ଦୁଷ୍ମନ୍ତ ଦେଶ କରିଛି ମୁକୁଳା ।
କ୍ଷମ୍ବା ନାମେ ସୁଦେଷ୍ଣାର ସେହୁ ପରସ୍ୱସା
ଲୌକିକ ବାକ୍ୟ କହିଲେ ତାହାଙ୍କୁ ତଥାର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସମସ୍ୟା ସବଦ୍ଧବରେ ସୁବାକ୍ୟ କହିବ
ପ୍ରସ୍ତାବ ଅନୁସାରେ ଗୋ ପ୍ରତ୍ୟୁତ୍ତର ଦେବ ।
ଯେହ୍ନ ଅବା ଯେଉଁରୂପେ କରେ ମନବାଞ୍ଛା
କ୍ଷୁଧାରେ ଭୋଜନ ଦେବ କରି ମନଇଚ୍ଛା ।
ସମସ୍ୟା ଅନୁରୂପେ ଗୋ କହିବ ବଚନ
ଧର୍ମ ଅନୁରୂପରେ ଗୋ ଧର୍ମ ସ୍ଥାପି ଜାଣ ।
ପବନ୍ଦମ ଅନୁରୂପେ ହୋଇବାକ ବନ୍ଦୀ
ଶାପ ଅନୁରୂପରେ ଗୋ ହୋଇବାକ ବନ୍ଦୀ ।
ମନ୍ତ୍ରୀ ଅନୁରୂପରେ ଗୋ ହେବ ପାପଦାନ
ଦେବୀ ଅନୁରୂପରେ ଗୋ ପୂଜା ବର୍ଦ୍ଧ୍ୟମାନ ।
ସମସ୍ୟା ଅନୁରୂପେ ଗୋ କରିବାକ କୋପ
ଏମାନ ତେଜକଲେ ନଷ୍ଟେଁ ବୁଦ୍ଧିହିଏ ପାପ ।
ତୁ ଯେ ପଣ୍ଡିତା ବିବେକୀ ଅଟୁ ଧର୍ମଶୀଳା
ତୋ ତହୁଁ ଗରୁହଂସିତା ବାକ୍ୟ ଅନର୍ଗଳା ।
ଶ୍ରୀସ୍ତ୍ରୀର ବଚନ ଶୁଣି କହନ୍ତି ସୁଦେଷ୍ଣା
କେଉଁଣ ଦେଶରେ ଘର କହ ଅଭିପୂର୍ଣ୍ଣା ।
କେ ତୋହର ବଲ୍ଲଭ ଗୋ କେ ତୋହରତାତ
ଗୃହବାସ କାହିଁ ତୋର କେଉଁକୁଳେ ଜାତ
ଶୁଣ ଗୋ ବୈଷ୍ଣବୀ ମତ୍ସ୍ୟରାଜ୍ୟର ମଣ୍ଡଣି
କହନ୍ତେ ବଚନ ଶୁଭେ ମଧୁ ସମ ବାଣୀ ।
ଉକତ କରଣ ପୁଣି ହୋଇ କୃତାଞ୍ଜଳି
ଗୁରୁର ବଚନକୁ ଯେ କହନ୍ତି ପାଞ୍ଚାଳୀ ।
ପଶ୍ଚିମ ସୌରାଷ୍ଟ୍ରେ ନଦୀ ବହଇ ଯମୁନା
ତାହାକୂଳେ ଇନ୍ଦ୍ରପ୍ରସ୍ଥ ବାରୁଣା ବରୁଣା ।
ବଡ ସମ୍ପତ୍ତି ଭୁବନ ସେହି ବାରସ୍ୱତୀ
ତହିଁ ଯୁଧିଷ୍ଠିର ଥିଲେ ରାଜ ଚକ୍ରବର୍ତ୍ତୀ ।
ଭୀମ ଅର୍ଜ୍ଜୁନ ନକୁଳ ପୁଣି ସହଦେବ
ସୋମବଂଶରୁ ସମ୍ଭୂତ ସେ ପଞ୍ଚପାଣ୍ଡବ ।
ସୁଦେଷ୍ଣା ବୋଇଲେ ଶୁଣି ଧିଷ୍ଣୁ ଭଲବାକ୍ୟ
ଏ ବଡ ଦୁର୍ଲ୍ଲଭ କଥା ଅଟଇ ତ୍ରୈଲୋକ୍ୟ ।
ଆଜବଳ ସୁଫଳହିଁ ପୁଣ୍ୟ ଅପ୍ରମିତା
ପରମ ପୁରୁଷଙ୍କର ଏ ସିଦ୍ଧ ବାରତା ।
ପାଞ୍ଚାଳ ରାଜାଙ୍କ ସୁତା ନାମ ଯାଜ୍ଞସେନୀ
କେଉଁରୂପେ ନାର୍ଗ ହୁଏ ପଞ୍ଚସ୍ୱାମୀ ସେନ ।
କହିବ ରୂପରେ ମାୟା ନ କରିବୁ ଜାଣି
ସ୍ୱରୂପ କରଣ ମୋତେ କହ ତାହା ପୁଣି ।

ଅନେକ ରାଜ୍ୟରେ ଆଗୋ ପଡଇ ଏ କଥା
ଆମ୍ଭେ ବୋଇଲୁ କ ସତ ହୋଇବ ସର୍ବଥା ।
ଦ୍ରୌପଦୀ ବୋଇଲେ ତୁମ୍ଭେ ବସ ଆଗୋମାଏ
ଏହି ବଡ ଦୁରାପଦ ସନ୍ଦେହ କଥାଏ ।
ଆଗେ ତୁମ୍ଭେ ପୁଚ୍ଛାକଲ ପାଣ୍ଡବଙ୍କ କଥା
ପାଞ୍ଚଙ୍କର ରମଣୀ ସେ ଅଟେ ତତ୍ତ୍ୱକଥା ।
ସୁଦେଷ୍ଣା ବୋଇଲେ ଶୁଣି ସ୍ତ୍ରିଗ୍ରୀମାନେ ଭଲ
ଏକନାରୀ ସହେ କେହ୍ନେ ପାଞ୍ଚଙ୍କ ଆର୍ଦ୍ଦୋଳ ।
ପାଞ୍ଚାଳୀ ବୋଇଲେ ପୁଣି ଶୁଣ ମନଦେଇ
ନବ ବ୍ରତ ପରୀକ୍ଷା ଗୋ କରଇ ବଦନ ।
ଯୁଧିଷ୍ଠିର ପୁରକୁ ସେ ଗମେ ଯେଉଁଦିନ
କ୍ରୀଡ଼ା ରସରଙ୍ଗ ସାରି ପଶେ ହୁତାଶନ ।
ସେ କାୟା ଦହନ କରି ଅନ୍ୟେ ପୁଣି ଯାଏ
ପରଦିନ ଭୀମସେନେ ସମର୍ପଇ କାୟେ ।
ବୃକୋଦର ସଙ୍ଗେ ରସରଙ୍ଗେ ପୁଣି ମାତ
ଦୋହୋରା ଅଗ୍ନିରେ ପଶେ ଯାଇ ମହାସତୀ ।
ସେଦିନ ଅନଳେ ଦାହକରି ନିଜକାୟେ
ପୁଣି ଯାଇ ସମର୍ପଇ ବୀର ଧନଞ୍ଜୟେ ।
ନକୁଳ ସହଦେବଙ୍କୁ ଏହିପରି ପ୍ରୀତି
ସମସ୍ତଙ୍କୁ ଶୁଦ୍ଧକାୟେ ହୁଏ ଗୁଣବତୀ ।
ଆନ ସ୍ତ୍ରିଗ୍ରୀମାନଙ୍କର ଜଳରେ ସ୍ନାହାନ
ଅଗ୍ନି ସ୍ନାନକରି ସେହ୍ନ ବଞ୍ଚିଥାଇ ଦିନ ।
ଏକର ଉଚ୍ଛିଷ୍ଟ ସେ ଗୋ ଅନ୍ୟେ ନ ବିଅଇ
ସେ ପଞ୍ଚପୁରୁଷେ ଏକ ଅଟେ ତାଙ୍କ ଦେହି ।
ତବନ୍ତେ ସୁଦେଷ୍ଣାଙ୍କର ଭୟ ଜାତ ହେଲା
ପଞ୍ଚଆତ୍ମା ଏକ କରି ମନେ ବିଚାରିଲା ।
ଅପ୍ରତ୍ୟକ୍ଷ୍ୟ ମହିମା ତାର କହି ତ ନ ପାରି
ସେହି ସେ ମାହେଶ୍ୱରୀ ଗୋ ପାଣ୍ଡବଙ୍କ ନାରୀ
ସୈରନ୍ଧ୍ରୀ ବୋଇଲେ ତାଙ୍କ ସେବା ମୁଁ କରଇ
ପଞ୍ଚଭୂତ ଏକ ଆତ୍ମା ମୁଁ ତାହା ଦେଖଇ ।
ଏହିପରି ଅଭିଳାଷ ମୁଁ ଦେଖଇ ତାହାଙ୍କୁ
ଦ୍ରୌପଦୀ ମଧ୍ୟ ଅଟନ୍ତି ସେପରି ସବୁଙ୍କୁ ।
ତାହାଙ୍କ ସନ୍ନିଧେ ଖଟେ ସୈରନ୍ଧ୍ରୀ ମୋ ନାମ
ଲାଗି କରଇ ଅଲେଖ ତତା ଚତୁଃସମ ।
ସ୍ୱାମୀ ଅଧମ ପଣରେ ପଶାକ୍ରୀଡ଼ା କଲେ
ଧନରତ୍ନ ଆଦିକରି ସମସ୍ତ ହାରିଲେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସତ୍ୟ ଅନୁରୂପରେ ସେ ବନବାସୀ ହେଲେ
ଷଣ୍ଢ ଖୁଭିଲା ତୁମ୍ଭ ରାଜ୍ୟକୁ ଆସିଲେ ।
ବସ୍ତ୍ରଲ କୃଷ୍ଣା ଗଲେ ବିରାଟ ରାଜ୍ୟକୁ
ଗୋଡ଼ାଇ ଅଇଲ ତେଣୁ ଶୁଣି ଷଣ୍ଢକୁ ।
ଦେଖିଲ ଧାର୍ମିକ ଆଉ ବିବେକୀ ତୁମ୍ଭଙ୍କୁ
ତେଣୁ ତୁମ୍ଭ ନିକଟରେ ଇଚ୍ଛା ରହିବାକୁ ।
ସୁଦେଷ୍ଣା ବୋଇଲେ ମୋର ଅତିଭାଗ୍ୟ ହେବ
ତୁମ୍ଭେ ଯଦି ମୋ ରାଜ୍ୟରେ ଦିନ କଟାଇବ
ମୁହିଁ ହୀନା ଦ୍ରୌପଦୀଙ୍କୁ ଦେଖିବି ବା କାହିଁ
ଖଣ୍ଡାଇବ ସେହି ଦୁଃଖ ତୁମ୍ଭ ମୁଖ ଚାହିଁ ।
ଆଉ ଏକ କଥା ଅଛି ମୋହର କଠାଳ
ସର୍ବଗୁଣେ ସାଧ୍ୱୀ ଗୋ ମୁକ୍ତ କିମ୍ପାଁ ବାଳ ।
କୃଷ୍ଣା ବୋଲେ ଦେବର ମୋ ସଙ୍ଗେ କଳିକଲ
ଭର୍ତ୍ସନା କର ମୁଁ ତାକୁ ବହୁ ଦେଲି ଗାଳି ।
ସହି ନ ପାରିଣ ସେହି ନିର୍ବୋଧ ଚଣ୍ଡାଳ
ଅନ୍ତଃପୁରେ ପଶି ମୋର ଧଇଲ ଗୋ ବାଳ ।
ତେଣୁକରି କେଶ ମୋର ହୋଇଛି ମୁକୁଳ
ଅଭିମାନେ ନ ବାନ୍ଧିଲି ସେଥିପାଇଁ ଚୂଳ ।
ସୁଦେଷ୍ଣା ବୋଇଲେ ଶୁଣ ମୋହର ଉଚିତ
ଏ କେଶ ବନ୍ଧନ ତେବେ ହୋଇବ କେମନ୍ତ
ଶୁଣି ଯାଜ୍ଞସେନୀ ବୋଲେ ଶୁଣ ତେବେ ତାହା
ସ୍ୱାମୀହସ୍ତେ ଉପୁଡ଼ାଇ ତାହାର ସେ ବାହା ।
ସେ ଶୋଣିତେ ପଖାଳିବି ମୋର ମୁକ୍ତକେଶ
ତେବେ ଗୋ ବନ୍ଧନ ମୁହିଁ କରିବି ଅବଶ୍ୟ ।
ଶୁଣିକରି ସୁଦେଷ୍ଣାର କଣ୍ଠ ଗଲା ଫାଟି
ସ୍ତ୍ରୀଜନ୍ମ ହୋଇଣ ତୋ କଥା ଜଗକ୍ଷେଠ ।
ସୁଦେଷ୍ଣାବୋଇଲେ ଆଗୋମୋରାଜ୍ୟେ ରହିଲେ
ଉଚିତ ହୋଇନପାରେ ଅବା ମୋର ବୋଲେ
ସହୋଦର ବଧିରକୁ କିମ୍ପାଁ ଏତେ କଥା ।
ତୋତେ ପୁଣି ଏ ଠାବରେ କେ କରିବ ରକ୍ଷା
ସୈରିନ୍ଧ୍ରୀ ବୋଇଲେ ଆଗୋ ଶୁଣ ଠାକୁରାଣୀ
ଯେ ଦ୍ରୌପଦୀ ସେହି ତୁମ୍ଭେ ଏକ ମହାରାଣୀ
ଯେ ସେବକ ସବୁର ସେ ଅଟଇ ନିଯୁତ
ଠାକୁରାଣୀ ପଣ ଅଟେ ବଡ଼ଇ ମହତ୍ତ୍ୱ ।
ବେଶ ଭୂଷଣେ ତୋତେ ଗୋ ସଜାଇବି ନିତ
ଗନ୍ଧ ଚନ୍ଦନ ଲଗା ଅଙ୍ଗେ ବୋଳିବି ସୁଗନ୍ଧି

କଥାଏ ମାଗୁଛି ତୋତେ ଶୁଣ ମାହେଶ୍ୱର
କଷ୍ଟରେ ରୁଷ୍ଟ ନ ହେବୁ ମୋତେ ଯେଉଁପରି
ପାଲଟ ବସନ ମୋତେ ନଦେବୁ ଗୋ ମାତସ୍ତ
ନ କହିବୁ କଦାଚନ ଉଗ୍ର ବା କଥାଏ ।
ଦ୍ରୌପଦୀ ସୁଦେଷ୍ଣା ପାଶେ ହୋଇଣ ପ୍ରବେଶ
କପଟେ ସୈରିନ୍ଧ୍ରୀ ନାମ କରନ୍ତି ପ୍ରକାଶ ।
ସାମାନ୍ୟ ଜନେ ସମସ୍ୟା କରିବ ଗୋ ତେଜ୍ୟା
ପୁରୁଷଙ୍କୁ ନ ଛୁଇଁବ ନ ଛୁଇଁବ ଶଯ୍ୟା ।
ପୁରୁଷେ ନ ବଳଗିବ ଉଚ୍ଛିଷ୍ଟ ନ ଦେବ
ଏହି ଷଡ଼କଥା ମନେ ସର୍ବଦା ରଖିବ ।
ବହୁତ ଅଧିକ କଥା ତୋର ଉପୁଜିବ
ଏହିକଥା ତୋର କାଳେ କାଳେ ରହିଥିବ ।
ସୁଦେଷ୍ଣା ବୋଇଲେ ମୋର ନିକଟରେ ଥିବୁ
ଯେତେବେଳେ ଯାହା ଇଚ୍ଛା ତାହା ତୁ କରିବୁ
ସୈରିନ୍ଧ୍ରୀ ବୋଇଲେ ମାଗେ ମୁହିଁ ଏଠି ଥିଲେ
ମୋର ସ୍ୱାମୀଙ୍କୁ ଦେଖିବୁ ଯେବେ ଇଚ୍ଛାକଲେ
ସୁଦେଷ୍ଣା ଚିନ୍ତା କରିଲେ ହୃଦଗତେ କଥା
ହୃଦଗତେ କହିଥିଲେ ଯାହା ମୋର ମାତା ।
ଅଥବା ସେ ବୋଲି ହୃଦଗତରେ ବିସ୍ମର
ନୋହିବ ନିବୃତ୍ତ ପଞ୍ଚମନରେ ବିକାର ।
ସୁଦେଷ୍ଣା ବୋଇଲେ ଆଗୋ ଥାଅ ନିତ୍ୟକର୍ମେ
ଯେତେକାଳ ଉଚିତ ଗୋ ହେବ ମୋରଧର୍ମେ
ତହୁଁ ଦିବ୍ୟ ଶାଢ଼ୀ ଏକ ସୁଦେଷ୍ଣା ଧଇଲେ ।
ନିଅ ଗୋ ମାତା ବୋଲିଣ ଭୁଜକୁ ତୋଳିଲେ
ସୁଦେଷ୍ଣା ଶାଢ଼ୀ ଯାଚନ୍ତେ ଧରି ଊର୍ଦ୍ଧ୍ୱହସ୍ତେ
ଦ୍ରୌପଦୀ ହେଟବଦନେ ଚିନ୍ତେ ଜଗନ୍ନାଥେ
ଦାସବତ୍ସଳ ଭକତଜନଙ୍କର ବନ୍ଧୁ
ଏ ବିପଦୁ ରକ୍ଷାକର ଆହେ କୃପାସିନ୍ଧୁ ।
ଊର୍ଦ୍ଧ୍ୱହସ୍ତେ ଦେବ ମୋତେ ନେବି ତଳହସ୍ତେ
ଏ ପୁଣି କରିବ କେ ପ ନ ବାନ୍ଧିଲେ ମାଥେ ।
ନେଲେ ନିଶ୍ଚୟ ମୋହର ହେବ ଦାସୀପଣ
ଏ କଥାକୁ ସାକ୍ଷୀ ହୁଅ ଦେବ ନାରାୟଣ ।
ଶାଢ଼ୀ ଘେନ ମସ୍ତକରେ ପୁଣି ନ ବାନ୍ଧିଲେ ।
ନ ପୁଣ ଜାଣିବ ଏହୁ ବିନୟୀ ନୋହିଲେ ।
ହେ ଶ୍ରୀହରି ଜାଣ ସବୁ ଏଥିର ଚରିତ
ମୁହିଁ ତୋହର ଆଶ୍ରିତ ପାଣ୍ଡବ ସହିତ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ତୋହର ବୋଲ ପାଇଣ ଆସିଲୁ ଏଠକୁ
ଏ କଷଣୁ ପାର କର ହେ ନାଥ ଆମ୍ଭଙ୍କୁ ।
ପୁରୁଷ ଉତ୍ତମ ତୁମ୍ଭେ ମୁଁ କି ବର୍ଣ୍ଣିବଟି
ହୃଦଗତରେ ବଜାଉ ତୁମ୍ଭ ନାମଗୋଟି ।
ତୁଳସୀର ବଲ୍ଲଭଙ୍କ ପାଦେ ଅନୁବ୍ରତ
ଶାରଳାଦାସ କରନ୍ତେ ନମେ ଶତ ଶତ ।
ଶ୍ରୀହରିଙ୍କ ନାମଗୋଟି ଯା ହୃଦରେ ଥାଇ
ସୁଦେଷ୍ଣାର ହୃଦଗତେ ବଜେ କଲେ ଯାଇଁ ।
ଶାଢ଼ୀକୁ ଧରଣ ଥିଲେ ବିରାଟର ରାଣୀ
କରୁ କାଢ଼ୀ ଝିନବାସ ଥୋଇଲେ ଧରଣୀ ।
ଆଗୋ ତୁମ୍ଭେ ହେଲ ମୋର ରାଜ୍ୟଗଉରବ
ଉପର ହସ୍ତରେ ଶାଢ଼ୀ କେଉଁ ରୂପେ ଦେବ ।
ଘମୁରେ ଥୋଇଲା ନେଇ ମତ୍ସ୍ୟରାଜା ରାଣୀ
ନାରାୟଣ ସୁମରିଲେ ଦେବ ମହାମୁଣୀ ।
ଜଗନ୍ନାଥେ ଲକ୍ଷ୍ୟ କରି ଆପଣେ ଧଇଲେ
ତରକେ ଉପରହସ୍ତେ ଶାଢ଼ୀ ନ ଦେନଲେ ।
ତହୁଁ ଶ୍ରୀହରିଙ୍କି କୃଷ୍ଣା ମନେ ଚିନ୍ତା କଲେ
ସେ ଦିନୁ ବିରାଟ ଅନ୍ତଃପୁରରେ ରହିଲେ ।
ଲୌକିକ କର୍ମରେ ଥାଇ ପାଟ ମହାଦେଈ
ଅବଚଳିତ ଚିତ୍ତରେ ମନେ ବିଚାରଇ ।
ଯା ବୋଲି ବୋଇଲେ ଏହୁ କରିବ ଯେ କୋପ
ମୋର ପୁଣେ ବଞ୍ଚିବେ କି ଦେଖି ଏ ସ୍ୱରୂପ
ଯେଉଁ ପରକାର ଯୋଗ ଥିବ ମୋତେ ପୂର୍ବେ
ନଷ୍ଟସ୍ଥ ତାହା ଭୁଞ୍ଜିବ ଅର୍ଜିଅଛୁ ଏବେ ।
କଥାକୁ ଗୋପ୍ୟ ନ କଲେ କୁଳ ନାଶ ଯାଇ
ସନ୍ଦେହକୁ ଫିଟାଇଲେ ମୂର୍ଖନା ପାଟଇ ।
କର୍ମ ଆଦରି ରହିଲେ ପାଟ ମହାଦେଈ
ଆପଣାର ମନକଥା କାହାକୁ ନ କହି ।
ରହିଲେ ପାଞ୍ଚାଳୀ ନିତ୍ୟକର୍ମେ ସୁଦେଷ୍ଣାର
ଅଲେଖ ତିଳକ ରଞ୍ଜ ବନ୍ଧା କାର୍ଯ୍ୟସାର ।
ବିରାଟ ଚରିତ ଏହୁ ଅତି ପୁଣ୍ୟ ବାଣୀ
ସଂସାର ସାଗରୁ ତରେ ନର ଏହା ଶୁଣି ।
ଶ୍ରୀକୃଷ୍ଣ ଚରଣ ସଦା କରି ଅଭିଳାଷ
ଶାରଳାଦାସ କହଇ ପୂରୁ ମୋ ମାନସ ।

ନକୁଳଙ୍କର ବିରାଟ ସଭାକୁ ଗମନ

କହନ୍ତି ଅଗସ୍ତି ଶୁଣ ବୈବସ୍ୱତ ମନୁ
ବିରାଟ ରାଜ୍ୟକୁ ବଢେ ମାଦ୍ରୀ ଦେଖ ସୁନୁ ।
ଶିରେ ଅଛି ପାଗ ଗୋଟି ବାହୁରେ ବାହୁଟି
ବକ୍ଷକରେ ଯଷ୍ଟି ଦାମେ ନଅଁ ଦରଅଛି ।
ଅଧର ଦିଶୁଅଛଇ ପକ୍ୱବିମ୍ବ ତୋଳ
ଝଲତ ଦଶନ ଦିଶେ ଅଧିକ ମଞ୍ଜୁଳ ।
କଣ୍ଠସ୍ଥ ପ୍ରାସ୍ତେଳ ଗଣ୍ଡସ୍ଥଳ କେବ ପାଟି
ହିରଣ୍ୟ ରେଖା ପରାଏ କଳେ ରେଖାଗୋଟି
ଅଲୋଳିତ କୁଣ୍ଡଳ ଯେ ଝୁଲେ ଶ୍ରବଣରେ
ଗଜକୁମ୍ଭ ଜିଣିକରି ଦିଶେ ହସ୍ତମରେ ।
ଭ୍ରମରଙ୍କ କୋଳାହଳ ସୁବାସର ଲୁବ୍ଧେ
ଉଡି ବୁଲୁଥାନ୍ତି ପାଶେ ସୁମନର ବୋଧେ ।
କମଳ ମୃଣାଳ ଜିଣି ଦିଶେ ଦେବ ବାହା
କୈବଲ୍ୟ ପ୍ରତିମା ପ୍ରାୟ ଦିଶେ ତାଙ୍କ ହସ୍ତ ।
ଅତି ବିସ୍ତାର ହୃଦୟ କର୍ଣ୍ଣ କଳ୍ପିତ
ପ୍ରମଥ ପ୍ରାୟେକ ନାଭି ଗଣ୍ଡ ତାଙ୍କ ଅଛି ।
ବହମସିଂହ ପରାଏ ଗମନର ଠାଣି
ସୁସଞ୍ଚ ଯେ ସରୁମଧ୍ୟ ହରି କଟୀ ଜିଣି ।
ଉଲଟ ରମ୍ଭା ପରାଏ ଦିଶେ କେବ ଜାନୁ
କାଳାର୍କ ପରାଏ ତାଙ୍କ ଫୁଟି ଦିଶେ ତନୁ
ଶୁଦ୍ଧ ସ୍ଫଟିକକୁ ଜିଣି ଦିଶେ ନଖରେଖ
ବିକଶିତ ପୁଷ୍ପ ପ୍ରାୟ ଶୋଭା ଦିଶେ ମୁଖ ।
ଅଶୋକ କଢ଼ୀକୁ ଜିଣି ଦିଶେ ପାଦାଙ୍ଗୁଳି
ପାଦତଳ ଦିଶୁଥାଇ ଯୋହଳାକୁ ବଳି ।
ଏକ ଗୋଟି ଲଙ୍କିଆ ଯେ ଅଛି ବାମକରେ
ଜଡ଼ିତ ହୋଇଛି ସେହୁ ପୁଣି ସୁବର୍ଣ୍ଣରେ ।
ପାଟର ବନ୍ଧନ ସୁନା କଳଆଭ କରେ
କାମଦେବ ପରକାରେ ଦିଶନ୍ତି ଶୋଭାରେ ।
ଶୁକ୍ଳପାଗ ତଉସର ଲଲାଟେ ଗଭଟି
କଣ୍ଠରେ ମନ୍ଦାର ଫୁଲ ପଞ୍ଚବର୍ଣ୍ଣେ ଫୁଟି ।
ଆସ୍ଥାନେ ଥାଇ ବିରାଟ ସ୍ୱହିଁଲ ନଦେଖି
କୋନ୍ତଙ୍କୁ ବୋଇଲା ପଶାକାଠିକ ଉପେକ୍ଷି ।
ସ୍ୱର୍ଗଗୁଡ଼ି ଅନଙ୍ଗ କି ଆସିଲେ ଏଠାରେ
ମୋତେ ଜଣାଯାଉଅଛି ଦେଖି ପରକାରେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

ତାହାର ବ୍ୟଗ୍ରତ ଆନ ନ ହୋଇବ ବାଣୀ
ସୁଷଣ୍ଠ ସୁନ୍ଦର ଯନ୍ତ ସିଂହପ୍ରାପ୍ତ ଠାଣି ।
ବିରାଟ ବଚନେ କୋପନ୍ତେ ପକାଇଲେ ଦୃଷ୍ଟି
ଆସ୍ଥାନରେ ଥାଇକରି ଦେଖିଲେ ଯୁଧିଷ୍ଠି ।
ଦ୍ୱିଜଗଣେ ବିଚାରିଲେ ସ୍ୱାମୀ ଯେ ଏମନ୍ତ
ହୋଇ ନ ପାରିବୁ ପରା ଏ ସ୍ଥାନେ ଗୁପତ ।
ପ୍ରତ୍ୟକ୍ଷେ ଏ ଦିଶୁଅଛି ଅନଙ୍ଗ ସ୍ୱରୂପ
ନଷ୍ଟପ୍ରାୟ ପ୍ରକାଶ ହେବ ଆମ୍ଭର ଏ ଗୋପ୍ୟ ।
ଆରେ ବାବୁ ତୁମ୍ଭ ସବୁଭାଗ୍ୟ ଯେନପାଇଁ
ହାତସୁଖେ ପଶା ଖେଳ ଦୁଃଖକୁ ଦେଲଇଁ ।
ଯେତ୍ତୁ ପାଟ ପାଇଅଛୁ ଅମତ ମଣ୍ଡଳେ
ଯେ ସୋଦର ଭଗ୍ନ ହେଲେ ସୁର ସଙ୍ଗତନେ
ଧିକ ହେଉ ଏହାପରେ ମୋ ଧାର୍ମିକପଣ
ଏତେ ସମ୍ପଦ ହରାଇ ବହିଲ ମୁଁ ପୁଣ ।
ହେ ଦୈବ ପୁରୁଷ କଲୁ ଏହାପରେ ଗତ
କୁନ୍ତମୁନେ ଧରଇ ଯେ ଅକ୍ଳେଶରେ ପୃଥ୍ୱୀ ।
ସୁକୁମାର ସୁନ୍ଦର ତୁ ଅଟୁ ବଳବନ୍ତା
କେଉଁଦୋଷେ ଶାସ୍ତ୍ର ତୋତେ ବନ୍ଧିଲା ବିଧାତା ।
ଗୁପତ ନିମନ୍ତେ ହେଲ ଛଦ୍ମବେଶୀ କାୟେ
ପୃଥ୍ୱୀପାଳକୁ ଦିଶୁଅଛ ଅଜଙ୍ଗ ପରାୟେ ।
ଅତ୍ୟନ୍ତ ସୁନ୍ଦର ତୋର ସୁଲକ୍ଷଣ ତନୁ
ଦେଖି ବିଧି ବିରାଟ ଯେହ୍ନେ ନକୁଳେ ନ ଚିହ୍ନୁ
ଗମନ କରନ୍ତେ ଲୀଳା ସ୍ଥଳ ଅତି ବେଗ
ଦେଖିକରି ସଇନ୍ୟ ଯେ ହେଲେ ବେନଭାଗ
ଯୁଧିଷ୍ଠିର ଦେବ ତହୁଁ କୃଷ୍ଣଙ୍କୁ ଚିନ୍ତିଲେ
ଯେକାଳେ ନକୁଳ ଉଭା ହେଲେ ସଙ୍ଗତନେ
ବିରାଟ କତିକି ଯାଇ ତାଳି ବାମଅଙ୍ଗ
କୋନ୍ତଙ୍କୁ ଗୃହିଁ ପ୍ରଣାମ କଲେ ସେହୁ ବେଗ
ଜୟ ମହାପରସାଦ ବିରାଟ ବୋଲଇ
ରାଜାଙ୍କ ବଚନେ ଯାଇ ଚନ୍ଦ୍ର ନ ଉଠଇ ।
ଯୁଧିଷ୍ଠିର ବିଚାରିଲେ ମୁଁ ଆଜ୍ଞା ନ ଦେଲେ
ସେ ତ ନ ଉଠିବ କେବେ ବିରାଟର ବୋଲେ
ଧର୍ମ ବୋଲେ ଠାକୁରଙ୍କ ଆଜ୍ଞା ହେଲା ତୋତେ
ଉଠ ମହାତ୍ମା ପ୍ରଣାମ ହେଉଅଛୁ କେତେ ।
ବିରାଟର ବାଣୀ ସେହି କର୍ଣ୍ଣେ ନ ଶୁଣିଲା
କୋନ୍ତଙ୍କ ବଚନେ ଯାଇ ବେଗରେ ଉଠିଲା ।

ପଚରୁ ନକୁଳ ଦୁଷ୍ଟ ଭଦ୍ରେ ପୁର ମେଣ୍ଟି
ବିରାଟକୁ ଗୃହିଣ ଯେ ବୋଲନ୍ତି ଯୁଧିଷ୍ଠି ।
ବିରାଟ ବୋଇଲା ତୁମ୍ଭେ ଶୁଣ ହେ ସୁନ୍ଦର
କାହୁଁ ଅଇଲୁ କେବଣ ଭୁବନେ ତୋ ଘର
ଆମ୍ଭେ ଯାହା ପୁଚ୍ଛା କଲୁ ପ୍ରକାଶିଣ କହ
ଏ ମର୍ତ୍ତ୍ୟମଣ୍ଡଳ ଲୋକ ପ୍ରାୟ ଦିଶୁନାହଁ ।
କି ଅବା ଅନଙ୍ଗ ବିଦ୍ୟାଧର ଚିତ୍ରସେନ
ବୃହସ୍ପତି କୁବେର କି ଅଟ ତୁମ୍ଭେ ପୁଣ ।
ବଡ଼ ପରାକ୍ରମୀ ଅଟୁ ତୁମ୍ଭ ବଳବୀର୍ଯ୍ୟ
ଏ ତୋହର ବଳ ଦେଖି ଆମ୍ଭେ ହୀନତେଜ ।
ନକୁଳ ବୋଇଲେ ମୁହିଁ ନୁହେଁ ଦେବପୁତ୍ର
ପଶ୍ଚିମ ସୌରାଷ୍ଟ୍ର ବୋଲି ଜାଣ ମତ୍ସ୍ୟନାଥ ।
ହସ୍ତିନା ବାରୁଣା ବୋଲି ତହିଁ ଅଛି ରାଜ୍ୟ
ସେଠା ଠାକୁର ଯୁଧିଷ୍ଠି ଦେବ ମହାରାଜ ।
ଭୀମସେନ ବୋଲିକରି ତାଙ୍କର ଅନୁଜ
ସେହି ପୁଣି ଅଟନ୍ତି ଯେ ପବନ ଆତ୍ମଜ ।
ଭୀମସେନ ଠାକୁରଙ୍କ ଅଛି ସାନଭ୍ରାତ
ବାସବ ନନ୍ଦନ ସେହୁ ହର ପଞ୍ଚଭୂତ ।
ଅର୍ଜ୍ଜୁନଙ୍କ ଅନୁଜ ଯେ ନକୁଳ କୁମର
ମାଦ୍ରୀଙ୍କର ନନ୍ଦନ ସେ ବଡ଼ ସୁକୁମାର ।
ସେ ନକୁଳ ସଖା ମୁହିଁ ନାମ ଗ୍ରନ୍ଥିକାର
କହିଲି ମୋହର ନାମ ଆହେ ମତ୍ସ୍ୟେଶ୍ୱର ।
ତାହାଙ୍କର ବନେ ମୁହିଁ ଦେଶ ଭ୍ରମୁଥାଇ
ସବୁକଥା ଦେଖିଆସି ରାଜାରେ କହଇ ।
ସେ ସୁସଙ୍ଗେ ପଶା ଖେଳ ହାରି ରାଜ୍ୟଧନ
ପାଞ୍ଚଭାଇ ଅରଣ୍ୟରେ କାଟୁଥିଲେ ଦିନ ।
ଶବ୍ଦ ଶୁଣିଲା ଯୁଧିଷ୍ଠି ଏ ସ୍ଥାନେ ଆସିଲେ
ତାହା ଶୁଣି ଗୋଡ଼ାଇ ମୁଁ ଅଇଲଇଁ ଭଲେ ।
ଦେଖିଲି ଧାର୍ମିକ ତୁମ୍ଭେ ଆଉ ଗୁଣବନ୍ତ
ମହେଶ୍ୱର ଯୋଗେଶ୍ୱର ତୁମ୍ଭେ ଭାଗ୍ୟବନ୍ତ ।
ରାଜ୍ୟ ପରିମଳ ତୁମ୍ଭ ବଡ଼ରାଜ୍ୟ ଭୂଇଁ
ତେଣୁ ରହିବାକୁ ଇଚ୍ଛା କରଅଛି ମୁହିଁ ।
ବିରାଟ ବୋଇଲେ ତୋର ଅଟେ କେଉଁସେବା
ବାତ୍ତୁତ ଗ୍ରନ୍ଥିକାର ତୁ କେଉଁ କାର୍ଯ୍ୟ ଦେବା
ରାଜାଙ୍କ ଉକତି ଶୁଣି ବୋଲେ ଗ୍ରନ୍ଥିକାର
ବାଜୀପାଳ ଅଟେ ମୁହିଁ ଶୁଣ ମତ୍ସ୍ୟେଶ୍ୱର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିରାଟ ବୋଇଲେ ଯେବେ ବାଜିପାଳ ଅଛୁ
ଅଶ୍ୱଙ୍କ ଲକ୍ଷଣ ଚିହ୍ନି ବାରେ ଅଛୁ ପଛୁ ।
ନକୁଳ ବୋଇଲେ ତୁମ୍ଭେ ଶୁଣ ମତ୍ସ୍ୟ ଇନ୍ଦ୍ର
ଅଶ୍ୱଙ୍କ ଲକ୍ଷଣ ମୁହିଁ ଜାଣଇ ସ୍ୱଚ୍ଛନ୍ଦ ।
ବକଚ୍ଛ ବକଗଳ ଯେ ଦାନ୍ତେଆ କର୍କଟ
ଅବକାର ମୃଗଣ୍ଡ ଯେ କାଙ୍କୁସ ବକଟ ।
ଶରଳ ନାଗଗାର ଯେ କୁଥ ନଦଫଟା
କୁରୁପା ସ୍କନ୍ଦହିସ ଯେ ଚେଘୁଆ କର୍କଟା ।
ମୁକା ବାହାଡ଼ା ଦାନ୍ତୁଆ ଆଉ ଭଣଭଙ୍ଗା
ବାଧା ଅବଗାରୁ ରୁଖ ହୁଅନ୍ତି ଅବଗା ।
ଏତେକ ଲକ୍ଷଣରେ ହୋ ଅଶ୍ୱଙ୍କର ବ୍ୟାଧି
ମୋର ଦରଶନେ ଏହା ସବୁ ହୁଏ ସାଧି ।
ଯୁଦ୍ଧ ସମରେ ଆଦୃତ ଅଟେ ଯେଉଁ ବାଜୀ
ମୋହର ସାଜିଲେ ସେହୁ ହେବ ମହାତେଜୀ
ପ୍ରତିଜ୍ଞା କରି କହିଲ ସେହୁ ସର୍ବ କଥା
ଆଶ୍ଚର୍ଯ୍ୟ ହୋଇଲେ ଶୁଣି ମତ୍ସ୍ୟ ମହାରଥା ।
ରାଜା ବୋଇଲେ ଅଶ୍ୱିନୀକୁମାର ତୁ ଅଟୁ
ଏ ବିଦ୍ୟା ଥାଉଁ ତୁ କିପାଁ ମାନବଙ୍କୁ ଖଟୁ ।
ନକୁଳ ବୋଲେ ଧାର୍ମିକ ଅଟ ବୁଦ୍ଧିମନ୍ତ
ନାନା କର୍ମରେ ନବାଡ଼ କଲକ ବଧାତ ।
କର୍ମ ଅବଳକୁ ତୁମ୍ଭ ରାଜ୍ୟେ ଅଛୁ ଆସି
ଦଅ ମୋତେ ପରମାଣ ପାର ଯେବେ ପୋଷି
ରାଜା ବୋଇଲେ ନକୁଳ ଯେବେ ଅଶ୍ୱପାଳ
ମୁହିଁ ଯେ ଭେଟିଲି ତୋତେ ମୋ କର୍ମ ସୁଫଳ
ଯେଉଁ ସ୍ୱାମୀ ବଶଦରେ ବଜେ ଦିଗସାଧି
ଦାନେ ସାଧ କରଲେ ଯେ ଜଗତେ ପ୍ରସିଦ୍ଧି
ତୁ ଯେବେ ବୋଇଲୁ ସବୁ ସାଧି ମୁଁ ପାରଇ
ତେବେ ଦୁଷ୍ଟ ଅଶ୍ୱ ଏକ ମୋହର ଅଛଇ ।
ମୁହିଁ ତାକୁ ଆଣଦେବ ତୋହର ଛାମୁରେ
ଉତ୍ତମ ରାଜତେ ପାଇ ନ ପାରନ୍ତି ଡରେ ।
ମୁଖେ ଦୃଢପାଦେ ପାଞ୍ଚ ରଜ୍ଜୁ ବନ୍ଧାହୋଇ
ଏକଠାବେ ପାଞ୍ଚଦେଇ ନ ଫିଟାନ୍ତି କେହି ।
ବନ୍ଧୁହା ରଉଡ଼େ ଯେବେ ତା କଡ଼କ ଯାଇ
ହାବୁଡ଼େ ପଡ଼ିଲେ ତାଙ୍କୁ କାମୁଡ଼ି ପକାଇ ।
ପରଶୁ କୁଠାର ଅଟେ ତାର ଖୁର ସିନା
ଟନା ସ୍ୱପଇ ଶାବେଳ ଆଉ କୁନ୍ତମୁନୀ ।
କଟାକ୍ଷରେ ଚାହିଁଲେ ଯେ ଲୋକେ ପାନ୍ତି ଭ୍ରାନ୍ତି
ମହା ମହା ଯୋଦ୍ଧାମାନେ ନ ଯାନ୍ତି ତା କତି
ଧନଲୋଭେ ଯେଉଁମାନେ ତା କତିକି ଗଲେ
ପଦ ପ୍ରହାରେ ବତିଶ ଜଣ ନାଶ ହେଲେ ।
କେ ଇଲେ ସେ ଟଳଯାଏ ଫିଟିଲେ ସେ ଉଡ଼େ
ଖାଲ ଠିକର ନ ଜାଣି ପଙ୍କେ ଯାଇଁ ବୁଡ଼େ ।
ସେ ଅଶ୍ୱକୁ ଦେଇପାରୁ ମୋତେ ଯେବେ ସାଧି
ପରୀକ୍ଷେ ଜାଣିବା ତୋର ସର୍ବକର୍ମ ବିଧି ।
ଶୁଣି ଗ୍ରନ୍ଥିକାର ବୋଲେ ଆଣ ତୁମ୍ଭ ବସ୍ତୁ
କେଉଁ ଅବଗୁଣ ତାର ଦେଖିବା ହେ ରାସ୍ତୁ ।
ବିରାଟ ବୋଇଲେ ଯେହ୍ନ ତାକୁ ପାରେ ଆଣି
ମୋହର ବୋଲରେ ସାଧି ହୋଇବ ଏକ୍ଷଣି
ନକୁଳ ବୋଇଲି ବାଜୀ ଦେଖିଯିବା ଆସ
ଚହାଣ ଭେଟାଏ ନେଇ ଟେସ ଅଶ୍ୱର ପାଶ ।
ନକୁଳ ମୂର୍ତ୍ତିକୁ ଦେଖି ହସିଲ ସେ ହୟ
ସନ୍ନିଧେ ନକୁଳ ଯାଇଁ ଆଉଁଷିଲେ ଦେହ ।
ବନ୍ଧନ ଦଉଡ଼ି ତାର ସବୁ ଦେଲେ ଫେଡ଼ି
ମୁଖେ କଡ଼ିଆଳି ଘାର ଦେଲେକ ଉଲୁଡ଼ି ।
ହାମୋଳ ଦେଇଣ ବୀର ଚଳିଗଲେ ବେଗେ
ପଛେ ପଛେ ବାରୁ ଚଳେ ଅତିହିଁ ସରାଗେ ।
ନକୁଳ ପ୍ରବେଶ ହେଲା ଯାଇଁ ସଭାତଳେ
ଦେଖି ଆଶ୍ଚର୍ଯ୍ୟ ହୋଇଲେ ସଭାରେ ସକଳେ
ନକୁଳ ବୋଇଲେ ତୁମ୍ଭ ଅଶ୍ୱପାଳ ନାହିଁ
ଅଶ୍ୱର ଲକ୍ଷଣ ରାଜା ନ ଜାଣନ୍ତି କେହି ।
ହୁରଖୁରୁ ଧଳା ପୁଣି ଶିରେ ଚନ୍ଦ୍ରଗୋଟି
ଶ୍ୱେତବର୍ଣ୍ଣ ପୁଚ୍ଛଗୋଟି ଭୂମିତଳେ ଲୋଟି ।
କର୍କଶ ନୟନ ଅଟେ ଦବୃରଣ ମୋକ୍ଷ
କୃଷ୍ଣବର୍ଣ୍ଣ ରୋମାବଳୀ ଉତ୍ସର୍ଗ ପ୍ରତ୍ୟକ୍ଷ ।
ଘାଟ ବାଟ ଅକଳିତ ହୁଅଇ ପୁଲକେ
ଭୟ ଲାଗିଲ ନକୁଳଙ୍କର ଡାକ ହାକେ ।
ଗ୍ରନ୍ଥିକାର ବୋଇଲେ ଯେ ରାଜା ମୁଖ ଚାହିଁ
ତାରୁ ଲାଗି ହୁଅ ଏବେ ଆସିଣ ଗୋସାଇଁ ।
ବିରାଟ ବୋଇଲେ କୋଉ ସାଧୁ ବାଜିପାଳ
ହୃଦଗନ୍ତୁଁ ଆଭରଣ ଦେଲ ରତ୍ନମାଳ ।
ନିଜ ଭୁଜେ ଆଲିଙ୍ଗନ କରି ମତ୍ସ୍ୟନାଥ
କଣ୍ଠେ ପିନ୍ଧାଇ ଦେଲ ଗ୍ରନ୍ଥିକାର ହାତ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅଶ୍ୱ ପାଞ୍ଚ ଚରୁଆ ହେଲ ହସ୍ତ ବାଣ ତାଳ
ଦେଖିଣ କାତର ମନେ ଲେଖା ପରିମଳ ।
ଗ୍ରନ୍ଥିକାର ବୋଲେ ରାଜା ସୁସଞ୍ଚ ସ୍ତ୍ରୀ ଜାନୁ
ମୁହିଁ ଲଗିହେଲେ ନାଶ ଯିବ ଏହା ତନୁ ।
ବଗ୍ରଟ ବୋଇଲେ ଭଲ ଗଲ ଏହା ପାଶ
ଭରସା ନୁହଇ ଯାଇ ଧନ୍ୟ ତୋ ସାହସ ।
ତୋହର ମନକୁ କାବୁ ନ କର ତୁ ବାଧା
ଏହାର ଧାପକୁ ରାଜ୍ୟଯାକର ଶରଧା ।
ଗ୍ରନ୍ଥିକାର ବୋଲେ ରାଜା ମୋର ନାହିଁଦ୍ରୋହ
ବଗ୍ରଟ ବୋଇଲେ ବେଗେ ଅଶ୍ୱରେ ଆରୋହ
ପିଠି ହାମ୍ପୋଳିଣ ବାଜିଶାଳ ହେଲ ଲାଗି
ଅଶ୍ୱ ଉଡ଼ିଗଲ ତହୁଁ ପବନହୁଁ ବେଗି ।
ପିଠି ଉପରେ ବସନ୍ତେ ଗମିଗଲ ଯଣେ
ପୁଣ ଆସ୍ଥାନରେ ପାଶେ ମିଳିଲ ତକ୍ଷଣେ ।
ପୁଣି ଦେଖାଇଣ ଦେଲେ ଦକ୍ଷିଣର ଭୂମି
ତେଣିକି ଗଲ ସେହୁ ସେ ଷୋଳକୋଶ ଗମି
ଏକ ଘଡ଼ିକରେ ପାଞ୍ଚ ଯୋଜନ ସେ ଗଲ
କ୍ଷଣ କ୍ଷଣକେ ପୃଥ୍ୱୀରେ ପାଦ ନ ଲଗିଲ ।
ସାଧୁଗ୍ରନ୍ଥିକାର ତୋର ଜୀବନ ସଙ୍ଗତ
କେବଣ କୁଳରେ ଜାତ ମହିମା ତୋ ସ୍ଥିତ ।
ଆଜ୍ଞାପରିମାଣରେ ସେ ଆମୁଅଇ ବାଜୀ
ଘଡ଼ିକରେ ପ୍ରାଣତ୍ୟାଗ ହୋଇ ମହୀରାଜି ।
ନକୁଳକୁ ଦେଖି ସେହୁ ହେଲ ସ୍ୱର୍ଗଗାମୀ
ଅଳକା ଭୁବନରେ ସେ ଯାଇଣ ବିଶ୍ରାମି ।
ଚଇତନ ପୁଚ୍ଛିଲେ ଯେ ଶୁଣ ମନୁଦେବ
ସେ ବାରଶ୍ୱ ଚରିତ ତ ବଡ଼ ଅସମ୍ଭବ ।
ସନ୍ଦେହ ଲଗିଲ ପୁଣ ଏ ବାରତା ଗୋଟି
ପୂର୍ବେ ଥିଲ ସେ ମାହାତ୍ମ୍ୟ କେବଣ ଜନଟି ।
ଶୁଣ ଆହେ ଚଇତନ ଯାହା କଲୁ ପୃଚ୍ଛା
ପ୍ରସ୍ତାବ ବାକ୍ୟକୁ ଯେବେ ଶୁଣି କଲୁ ଇଚ୍ଛା ।
ବୃନ୍ଦାର୍କ ନାମରେ ଥିଲ ଏକ ସତ୍ୟଯୁଗ
ମନଭେଦି ଇନ୍ଦ୍ରହାଦେ ବସଇ ସେ ସ୍ୱର୍ଗ ।
ବାମଦେବ କ୍ଷେତ୍ରପାଳ ପାବଂଶି ନନ୍ଦନ
କଲେ କ୍ଷେତ୍ରପାଳ ସ୍ୱାଙ୍କୁ ମିଶି ଦେବଗଣ ।
ଅମର ଭୁବନେ ତେବେ ସ୍ୱାଙ୍କୁ ଦେଲେ ଶାଢ଼ୀ
ଏକ ଷଣକେ ନ ଗଲେ ମୁଣ୍ଡ ଯିବ ଛୁଡ଼ି ।

ଆସ୍ଥାନର ତଳେ କ୍ଷେତ୍ରବର ପଡ଼ି ପ୍ରାୟେ
ଆଦିତ୍ୟ ଅଶ୍ୱ ମଧ୍ୟରୁ ବଅନ୍ତ ଗୋଟିଏ ।
ଅତିବେଗେ ଅଶ୍ୱକୁ ମୁଁ ସେ ସ୍ଥାନେ ଦେଖିଲ
ସେହୁ ପାରିବେ ଷଣକେ ବ୍ରହ୍ମାଣ୍ଡକୁ ବୁଲି ।
ସୁରପତି ବୋଇଲେ ତୁ ଯାଅ ହୋଇ ବେଗ
ଆମ୍ଭେ ବୋଇଲୁ ବୋଲିଣ ଅଶ୍ୱଟିକୁ ମାଗ ।
ଚଳିଲ ଯେ କ୍ଷେତ୍ରପାଳ ଇନ୍ଦ୍ରଙ୍କ ବଚନେ
ପ୍ରବେଶ ହୋଇଲ ଯାଇ ଦିନକର ସ୍ଥାନେ ।
ସମସ୍ତେ ଶାଢ଼ୀ ଦେଖିଣ ବୋଲେ ଅଂଶୁମାଳ
ଆକାଶ ଭୁବନେ ତୁ କି ହେଲୁ କ୍ଷେତ୍ରପାଳ ।
ସ୍ୱାମୀ ମୋତେ ଆଜ ଶାଢ଼ୀ ଦେଲେ ମଘବା
ଏକ ଷଣକେ ଯେମନ୍ତେ ସ୍ୱର୍ଗକୁ ବୁଲିବା ।
ଗଗନ ଭୂମି ଗ୍ରାହ୍ୟକ ଅଶ୍ୱ ଯେତେବେଳେ
ତକ୍ଷଣେ ଲଗିବ ଆସି ଏ ଶୂନ୍ୟ ମଣ୍ଡଳେ ।
ଭକ୍ତଜନ ବତ୍ସଳ ଗଗନ ବିହାରୀ
କଜ୍ଝୁକେ ଦିନପତି ବୋଇଲେ ଏପରି ।
ରାତ୍ରେ ଭୂମି ଦିବସରେ ମୋତେ ଦେବୁ ଆଣି
ତେବେ ଦେଇପାରେ ତୋତେ ମୋହର ରହଣି
ଅଷ୍ଟ ଅଶ୍ୱରୁ ଅଧିକ ନାହିଁ ମୋର ହସ୍ତେ
ଅଚ୍ଚୁଲ୍ୟ ହୋଇଲେ ଅଶ୍ୱ ଆକାଶ ନ ଯାଏ ।
ପାବଂଶି ସୁତ କାର୍ତ୍ତିକ ପୂଜ ଦିଗପାଳ
ତାହାଣୁ ଅଶ୍ୱ ଫେଇଲେ ତହୁଁ କ୍ଷେତ୍ରପାଳ ।
ଦକ୍ଷେ ଭୂରିଶ୍ରବା ସୁତ ବୁଧ ସାଧିଶ୍ରବା
ବାମେ ଗୃହଅଶ୍ୱ ଛନ୍ତି ଆଦି ଭୂରିଶ୍ରବା ।
ଅଷ୍ଟଅଶ୍ୱ ମଧ୍ୟ ଅଛି ମହାଅଶ୍ୱ ଭୂରି
ଲକ୍ଷେଯୂଣ ମାଡ଼ି ଗୃଲେ ବାରୁ ଝାପୁ ଗୃରି ।
ଭୂରିଶ୍ରବାକୁ ଘେନିଣ କ୍ଷେତ୍ରପାଳ ଗଲ
ଯ ଆନ୍ତେ ଅରୁଣ ଥାଇ ସୂର୍ଯ୍ୟଙ୍କୁ କହିଲ ।
ଅରୁଣ ବୋଇଲ ସ୍ୱାମୀ ମନ୍ଦକର୍ମ କଲ
ବାମଦେବ କ୍ଷେତ୍ରପାଳ ଅଶ୍ୱ ବାନ୍ଧିଦେଲ ।
କ୍ଷେତ୍ରପାଳ ଆକାଶରେ ସେହୁ ଦଣ୍ଡ ଆସି
ରାତ୍ରେ ଭୂମି ଦିନ ପୂର୍ବୁ ଅଶ୍ୱ ଦେବ ଆସି ।
ଅରୁଣ ବୋଇଲେ ଦେବ ନୁହଇ ଏମନ୍ତ
ଆମ୍ଭର ତହିଁକି ଏବେ ପେଷିଦେବା ଦୂତ ।
ତାହା ଶୁଣିଲେ ସେ ଆଣୁ ଆମ୍ଭ ଅଶ୍ୱଗୋଟି
ବଡ଼ାଇ ଦୁର୍ଲଭ କଥା ଦେଲେ ସେ ପାଲଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦନକର ନାଥ ତହୁଁ ସୃଜି ଅରୁଣକୁ
ବାମଭୁଜୁ ଜାତ କଲେ ଏକ ପୁରୁଷକୁ ।
ସେ ପୁରୁଷକୁ ସ୍ଥାପିଲେ ଗଗନ ମଣ୍ଡଳ
ବୋଇଲେ ଗୋରେହା ନାମେ ତୁଅକ୍ଷେତ୍ରପାଳ
ଆକାଶକୁ ବୁଲି ଯେବେ ଗୁଡ଼ିବ ବାଗଶ୍ୱ
ଧାଡିକାରେ ସେହିକାଳେ ଅଶ୍ୱ ଯେନଆସ ।
ସୂର୍ଯ୍ୟ ବଚନେ ଗୋରେହା ତହୁଁ ବେଗେ ଗଲା
ବାମଦେବ କ୍ଷେତ୍ରପାଳ ସନ୍ନିଧେ ମିଳିଲା ।
ବୋଇଲା ପେଷିଲା ତୋରଠାକୁ ଦନକର
ରାତ୍ରକ ବୁଲି ଅଶ୍ୱକୁ ଦେବୁ ହେ ମୋହର ।
କ୍ଷେତ୍ରପାଳ ବୋଇଲା ତୁ ଥିବୁ ମୋର କଡ
ଅଶ୍ୱ ଗୁଡ଼ିଲେ ତୁ ଯେନ ଆସିବୁ ଛଡ଼ତ ।
ଭ୍ରମଇ ସେ ବାମଦେବ ଦଶା ଜଟୁଆଳ
ବୁଲେ ଗୋଡ଼ାଏ ଗୋରେହା ନାମେ କ୍ଷେତ୍ରପାଳ
ରାତ୍ରକେ ବୁଲେ ତେତିଶ କୋଟି ସଂଖ୍ୟା ପୁର
ଗୋରେହା କ୍ଷେତ୍ରପାଳ ଯେ ଅଛି ତା ସଙ୍ଗର
ରଜନୀ ଦିବସ ସେହୁ ଅଶ୍ୱ ଚଢ଼ିଅଛି
ଆଦିତ୍ୟ ଅସ୍ତ ହୋଇବ ସପ୍ତଅଶ୍ୱ ଯୋଡ ।
ଗୋରେହାବୋଇଲା ମୋତେ ଦେବୁଟିକିହସ୍ତେ
ରାତ୍ରଶେଷେ ଆଦିତ୍ୟ ଯେ ହୋଇବ ଉଦୟେ
କ୍ଷେତ୍ରପାଳ ବୋଲଇ ମୁଁ ସୂର୍ଯ୍ୟଙ୍କୁ କହୁଛି
ଏ କଥାରେ ଟିକେ ମାତ୍ର ମିଛ ନାହିଁ କହୁ ।
ଗୋରେହା ବୋଇଲା ତୁ ଏ କଥା କପାଁ କହୁ
ଆଦିତ୍ୟ ଦେବତାଙ୍କୁ ଯେ ଭକ୍ତି ଲୋଡ଼ୁ ତୁହି ।
କୋପେ ଅଗ୍ନିପତ୍ର ବାମଦେବ ଯେନ ହାଣି
ଗୋରେହାର ଦତ୍ତେ ଭୂଜ ଛୁଡ଼ିଲା ତକ୍ଷଣି ।
ବାମଦେବ କ୍ଷେତ୍ରପାଳ କୋପେ ବଦାତେଣ
ଗୋରେହାର ହସ୍ତ ଯହୁଁ କରି ଦେଲେ ଛିନ୍ନ
ତହୁଁ ସୂର୍ଯ୍ୟଙ୍କ ନିକଟେ ହୋଇଲା ପ୍ରବେଶ
ଅରୁଣେ ବୋଇଲା ଦେବ ଦେଖ ଏ ଭବିଷ୍ୟ ।
ହସ୍ତ କାଟିଲା ବୋଲଣ ଗୋରେହା କହଇ
ହେ ଦେବ ମାରନ୍ତେ ଅଶ୍ୱ ନ ଦେଲାକ ସେହି
ତୁମ୍ଭ ରଣ ପାତ୍ର ଅଶ୍ୱ ଧରନ୍ତେ ମୁଁ ଯାଇଁ
ମୋର ହସ୍ତ କାଟିଦେଲା ଖଡ଼ଗକୁ ନେଇ ।
ଅଶ୍ୱକୁ ଦଣ୍ଡେ ନ ଛାଡ଼େ ରଜନୀ ଦିବସେ
ଭୋଜନ କରଇ ସେହୁ ବସି ଅଶ୍ୱ ପାଶେ ।

ଅଶ୍ୱ ନ ଛାଡ଼ିବା ହେତୁ ବିଳମ୍ବ ହୋଇଲା
ଏବେ ଅଶ୍ୱକୁ ମୁକୁଳ ଗୋରେହା ବୋଇଲା ।
ବାମ ଡାହାଣରେ ହୋଇ ସ୍ୱଳ ସ୍ୱଳ ହସ୍ତେ
ଗମନ କରନ୍ତି ବୁଲି ନୁହେ ଏକଠାଏ ।
ଶରତ ଶିଶିର ଗ୍ରୀଷ୍ମ ବସନ୍ତ ବରଷା
ହିମ ଷଡ଼ଋତୁ ଭେଦେ ଗମେ ଷଡ଼ମାସା ।
ଉତ୍ତର ଦକ୍ଷିଣ ଭୂମି ବଡ ଯେ ଅବଧ
ବାଛି ଦେଣୁ ଦେଲେ ଅଶ୍ୱନାମ ମେଘନାଦ
ବରଷ୍ଟ ନାରାୟଣ ଯେ ଅତି ବଇରାଗେ
ଅଭୁକ ଭଙ୍ଗ ରହିଲେ ଯିବେ କେଉଁ ବାଗେ
ରେ ଶ୍ୟାମର କ୍ଷେତ୍ରପାଳ ତୁହି ବଡ଼ମନ୍ଦ
ମୋତେ ତୁହି ପାଡ଼ିଲୁ ରେ କଷ୍ଟକର ଛନ୍ଦ ।
ଏ ମୋହର ଅଶ୍ୱ ତୁହି ନେଲୁ ଅବିଶ୍ୱାସୀ
ଯାଅ ତୁରେ କାମପାଳ ଅଶ୍ୱ ହୁଅ ଆସି ।
ବରଷ୍ଟ ଶାପରେ ବାମଦେବ କ୍ଷେତ୍ରପାଳ
ଅଶ୍ୱ ହୋଇ ଜନ୍ମିଲା ସେ ଏ ମହୀମଣ୍ଡଳ ।
ଶାପପାଇ କ୍ଷେତ୍ରପାଳ କରିଣ ବିନୟ
ବୋଇଲେ ବରଷ୍ଟ ରକ୍ଷାକର ଦୟାମୟ ।
ତାହା ଶୁଣି ଦୟାକଲେ କମଳଲୋଚନ
ଅଶ୍ୱ ହରଣ ଦୋଷେ ତୁ ହୋଇଲୁ ଦୂଷଣ ।
ଅଶ୍ୱ ହୋଇଥିବୁ ତୁହି ପଞ୍ଚବଟି ବନ
ତାହାର ଦେଶର ରାଜା ଯିବେ ସେହିସ୍ଥାନ ।
ସେ ତୋତେ ବନ୍ଧନ କରି ଯହୁଁ ଘେନିଯିବ
ବିରାଟ ରାଜାଙ୍କ ପାଶେ ନେଇ ସମର୍ପିବ ।
ତୁହି ପୁଣି ବିରାଟକୁ ହୋଇବୁ ଅସାଧ
ଅନେକ ଯତନେ ତୁହି ନ ହୋଇବୁ ସାଧ ।
ଆମ୍ଭର ସନ୍ତାନ ହେବ ଅଶ୍ୱିନୀକୁମାର
ତାହାଙ୍କ ଅଂଶେ ନକୁଳ ହେବ ଅବତାର ।
ସେ ପାଣ୍ଡବେ ଗୋପ୍ୟହେବେମତ୍ସ୍ୟଦେଶେଯାଇଁ
ନକୁଳ ପରୀକ୍ଷା ତୋତେ କରିବାକୁ ନେଇ ।
ପରୀକ୍ଷା କରିବ ତୋତେ ମହା ଯତନେ
ତୁହି ମୁକତ ହୋଇବୁ ତାକୁ ଦେଖି ଡୋଳେ
ଶୁଣ ଚଇତନ ଏବେ କୁମାରଙ୍କ ଗୁଣ
ସେ ଅଶ୍ୱଟି ହୋଇଥିଲା ଶାପକୁ ପାଇଣ ।
ପୂର୍ବେ ଆଦିତ୍ୟଙ୍କଠାରୁ ଶାପ ସେହୁ ପାଇ
ନବଯୁଗ ଯାଏ ଥିଲା ଅପେକ୍ଷାରେ ରହି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ନକୁଳଙ୍କୁ ଦେଖି ସେହୁ ମୁକତି ପାଇଲା
ପୁଣି ଯାଇ ଆକାଶରେ କ୍ଷେତ୍ରପାଳ ହେଲା ।
ଏଥୁ ଅନନ୍ତରେ ମତ୍ସ୍ୟଦେଶ ମହୀପାଳେ
ନୋକୁଳକୁ ବୋଇଲେ ଶାଢ଼ୀ ଦିଅ ଅଶ୍ୱପାଳେ
ଆହେ ନୋକୁଳ ମୋର ରାଜ୍ୟେ ତୁମ୍ଭେ ଅଧିକାରୀ
ତୁମ୍ଭର ହୃଦର କଥା ଦିଅ କ ବିଚାରି ।
ନାରାୟଣଙ୍କୁ ସୁମରି ତହୁଁ ଧର୍ମରାୟେ
ଆପଣାର ହସ୍ତେ ଶାଢ଼ୀ ବାଜିପାଳେ ଦିଏ ।
କେଶବଙ୍କ ନାମ ଗୋଟି ଧରି ହୃଦଗତେ
ମଥାରେ ବାନ୍ଧଣ ଶାଢ଼ୀ ହେଲା ପ୍ରଣିପତ୍ୟେ ।
ଅଶ୍ୱପାଳେ ବିଜେକଲେ ମାଦ୍ରୀଦେବୀ ସୁତ
ଅଶ୍ୱମାନେ ଦେଖି ତାଙ୍କୁ ଛାଡ଼ିଲେ ଦୁଷ୍କୃତ ।
ହରଷ ବଦନ ହେଲେ ସର୍ବ ଅଶ୍ୱମାନେ
ସକଳ ରୋଗ ଛାଡ଼ିଲା ନକୁଳ ଦର୍ଶନେ ।
ପୂର୍ବର ଲିଖନ ଧାତା ଭିଆଇଣ ଥିଲା
ଯେଉଁ ବୃଦ୍ଧ ଅଶ୍ୱଗୋଟି କ୍ଳେଶୀ ହୋଇଥିଲା ।
ନକୁଳ ଦର୍ଶନେ ନବଯୁବାବସ୍ଥା ହେଲା
ଏବେ ସେହି ଅଶ୍ୱ ରେଖା ବାଜୀବୋଲାଇଲା
ଯେଉଁ ଅଶ୍ୱ କ୍ଷିତି ତେଜ୍ୟା କରନ୍ତି ଯେ ରଣେ
ନକୁଳଙ୍କୁ ଦେଖି ମୁକ୍ତି ଲଭନ୍ତି ସେମାନେ ।
ଅନେକ ପ୍ରକାର ବ୍ୟାଧି ଛାଡ଼ିଲା ଅଶ୍ୱଙ୍କୁ
ଲୋକେ ପ୍ରଶଂସା କରିଲେ ସେ ରାହୁତିକାରିକୁ
ଜୟ ଜୟ ହେ କେଶବ ହିରଣ୍ୟ ବଇରୀ
କେଶବ ନାମ ଧରିଛ କେଶୀକୁ ସଂହରି ।
ମଧୁରିପୁ ବୋଲାଇଛ ମଧୁକୁ ସଂହାରି
ନାରାୟଣ ବୋଲାଇଛ ନାରକାକୁ ମାରି ।
କଂସକୁ ସଂହାରି ନାମ ବହିଲ କଂସାରି
ରାବଣ ମାରିଲ ପ୍ରଭୁ ରାମରୂପ ଧରି ।
ଜଗତ ଧାରଣ କରି ନାମ ଜଗନ୍ନାଥ
ସେ ନାମ ଧଇଲେ ପାପୀ ହୁଅଇ ମୁକତ ।
ହେ ନରେ ନରକୁଁ ତରି କରି ନାମାଭ୍ୟାସ
କହନ୍ତି ଯେ ଶୂଦ୍ର ମୁନି ଶ୍ରୀ ଶାରଳା ଦାସ ।

ସହଦେବଙ୍କର ବିରାଟ ସଭାକୁ ଗମନ

ଏଥୁ ଅନନ୍ତରେ ଶୁଣ ମନୁ ନରପତି
ସହଦେବଙ୍କ ଚରିତ ଆଗମନ ସ୍ଥିତି ।
ମାଦ୍ରୀଦେବୀଙ୍କ ନନ୍ଦନ ମହା ପୁଣ୍ୟବନ୍ତ
କରି ଦେଖନ୍ତେ ଜାଣନ୍ତି ଭୂତ ଭବିଷ୍ୟତ ।
ଭୂତ ଭବିଷ୍ୟତ ବର୍ତ୍ତମାନ ଏହି ତିନି
ଯୁଗାନ୍ତର ବାରତାକୁ କହେ ତନୁ ଘେନି ।
ପୃଥ୍ୱୀ ଆପ ତେଜ ବାୟୁ ଆଉରି ଆକାଶ
ଏ ପଞ୍ଚଭୂତର କଥା ଯାହାରୁ ପ୍ରକାଶ ।
ଜାଣଇ ଯେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ରହସ୍ୟ
ତାହାର ମହିମାକୁ ବା ମୁଁ କହିବି କିସ ।
ଜାଳ ଅବନେ ଗୋପାଳ ବେଶକୁ ସେ ଧରି
ପୃଥିବୀର ହିରାହିରି ଥିଲେ ସେ ଉଦ୍ଧରି ।
ଧାତାଙ୍କ ନିମନ୍ତେ ସେହୁ ପଣ୍ଡୁରାଜା ସୁତେ
ଅଜ୍ଞାତବାସେ ରହନ୍ତି ଯାଇଣ ଗୁପତେ ।
ଜୁଡ଼ାକରି କେଶ ସେହୁ ବାନ୍ଧିଛନ୍ତି ବେଣୀ
ଲଲାଟରେ ଗୁଞ୍ଜା ପଞ୍ଚରତ୍ନରେ ଖଞ୍ଜଣୀ ।
କାନ୍ଧରେ କାଉଁରି ଧରି ହସ୍ତେ ଅଛି ବଂଶୀ
କରେ କେନ୍ଦୁବାଡ଼ି ଶୋଭା ପାଉଛି ପ୍ରକାଶି ।
ପାଦରେ କଠାଉ ପୁଣି ମଥାରେ ଖୋଲରି
କଟିଦେଶେ କଳାସୂତା ଅଛି ପାଞ୍ଚସରି ।
ସୁସଜ୍ଜ ସୁନ୍ଦର ରୂପ ଗୋପାଳ ବେଶରେ
ପ୍ରବେଶହେଲେ ବିରାଟ ସିଂହ ଦୁଆରରେ ।
ସେହୁ ତ ଜାଣଇ ପୁଣି ସ୍ତମ୍ଭନ ମୋହନ
ଆଉରି ଜାଣଇ ନାନା ଧାତୁଦ୍ରବ୍ୟମାନ ।
ଆସ୍ଥାନେ ଯାଇ ରାଜାଙ୍କୁ ଜଣାଇଲା ଦ୍ୱାରି
ହେ ଦେବ ଗୋପାଳ ଏକ ରହିଅଛି ଦ୍ୱାରି
ଅନୁମାନରେ ଜାଣଇ ବହୁତ ସେ ବିଦ୍ୟା
ଅତ୍ୟନ୍ତ ସୁନ୍ଦର ସେହୁ ଦେଖିବାକୁ ଶୋଭା ।
ଏ ଅପୂର୍ବ କଥା ଶୁଣି ମତ୍ସ୍ୟ ନୃପରାଣ
ଦେଖିବା ହୋ ଗୋପାଳର କି ଗୁଣ ଲକ୍ଷଣ ।
ରାଜାଙ୍କର ଆଜ୍ଞା ପାଇ ଛାଡ଼ିଲେ ଦ୍ୱାରପାଳ
ଭିତରପୁରେ ପ୍ରବେଶ ହୋଇଲେ ଗୋପାଳ ।
ଦେଖନ୍ତି ଆସ୍ଥାନେ ଥାଇ ସର୍ବଜନ ପୂରି
ଗୋପାଳକୁ ଦେଖିଣ ସେ ପ୍ରଶଂସା ଯେ କରି
ବିରାଟ ବୋଇଲେ କୋନ୍ତ ଛାଡ଼ି ପଶାକାଠି
ନିରେଖିଣ ଚାହିଁ ଏହି ଗୋପାଳ ମୁଖକୁ ।
ଗୁଣ ଲକ୍ଷଣ ଷୋଡ଼ଶ ପଣ ଦେଖି ଯେତେ
ଗୋପାଳ ବୋଲିଣ ଯାକୁ ବୋଲିବା କେମନ୍ତେ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କାହେ ଘର ଗମନ୍ତେ ତ ମତ୍ତଗଜ ଗତ
ସ୍ୱର୍ଗ ଛାଡ଼ି ଆସିଲେ କି ଅବା ପୁରୁହୂତ ।
କିବା ଅମରାଧିନାଥ ପ୍ରତ୍ୟକ୍ଷ ଅଟଇ
କେଉଁ ପୁରୁଷ ମୋହର ଭୁବନେ ଆସଇ ।
କୋଳ୍ପ ବୋଇଲେ ଶୁଣିମା ହେଉ ମହୀପାଳ
ଯୁବକେ ଏ ସୁକୁମାର ଅଟଇ ଗୋପାଳ ।
କାନ୍ଥଟି ବସନ ବିନା ନ ଜାଣନ୍ତି କିଛୁ
ଗୋରସ ଖାଆନ୍ତି ସର ଭୁଞ୍ଜନ୍ତି ସେ ବାଛୁ ।
ଲବଣୀ ଅଧାମ ପୁଣି ସୁମଧୁର ଛେନା
ଉବୁରଲେ ଏହାଙ୍କଠୁ ଅନ୍ୟ ଖାଏ ସିନା ।
ବୁଲନ୍ତି ଲଉଡ଼ି ସେ ମତ୍ତ ଭଣରଙ୍ଗେ
ନାଚନ୍ତି ଖେମଟା ନାଟ କ୍ରୀଡ଼ା ସତସଙ୍ଗେ ।
ବନେ ଅନର୍ଗଳ ପୁଣି ଅଟେ ମହାସୁଖୀ
ରଜନୀହିଁ ବଞ୍ଚନ୍ତି ଗୋ ପଲ ଥାନ୍ତି ରଙ୍ଗି ।
ଖର ବରଷା ହେମନ୍ତ ଆଦି ଷଡ଼ଋତୁ
ଅମୃତର ରସ ଖେଳେ ଏହାଙ୍କର ହେତୁ ।
ଆହେ ବିରାଟ ବସ୍ତିର ଗୋପାଳଙ୍କ କାସ୍ତେ
ଭୋଗ ଅର୍ଥେ ସେ କୁଳରେ ଜନ୍ମ ତାଙ୍କ ହୁଏ
ହୀନ ଜନ କଦାଚିତେ ନୁହନ୍ତି ଗୋପାଳେ
ନାରାୟଣ ବଡ଼ିଥିଲେ ଗୋପାଳଙ୍କ ମେଳେ ।
ତିନଲୋକରେ ପ୍ରବଳ ଯହୁଁ ହେଲା କଂସ
ଲଉଡ଼ି ଦେଇ ଶ୍ରୀକୃଷ୍ଣ ତାକୁ କଲେ ଧ୍ୱଂସ ।
ଗୁଣସ୍ୱରୂପେ ଏହାଙ୍କ ଅଟଇ ବସ୍ତିର ।
କେଉଁଗୁଣମାନ ଅବା ବୁଝିବା ଯାଙ୍କର
ରଜା କୋଳ୍ପଭଟ୍ଟ ଦୁହେ କରନ୍ତି ବିଚାର
ଏହିକାଳେ ପ୍ରବେଶିଲେ ମାଦ୍ରୀଙ୍କ କୁମର ।
ବିରାଟ କଟକ ସେହି ଅଙ୍ଗ ଭାଳିଦେଇ
ପ୍ରଣିପାତ କଲେ କୋଳ୍ପଭଟ୍ଟଙ୍କୁ ଅନାଇଁ ।
କୋଳ୍ପଭଟ୍ଟ ପଶାକାଠି ଗଡ଼ାଉଣ ଥିଲେ
ସହଦେବଙ୍କୁ ଦେଖିଣ ତଳରେ ଥୋଇଲେ ।
ସହଦେବଙ୍କ ଆଡ଼କୁ ବଢ଼େ ଦେଇ ଦୃଷ୍ଟି
ସମସ୍ୟା କରନ୍ତି ମନେ ଆପଣେ ଯୁଧିଷ୍ଠି ।
ଭୂତ ଭବିଷ୍ୟତ କଥା ଜାଣୁ ତୁହି ବାବୁ
ଗତ ଆଗତ କଥାରେ ସର୍ବଜ୍ଞ ତୁ ସବୁ
ଯାହା ନକଟୁ ଶିଖିଲେ ବୁଦ୍ଧି ହୃଷୀକେଶ
ସବୁ ବୁଡ଼ାଇଲ ମୋର କର୍ମେ ହୋଇ ବଶ ।

ବିରାଟ ବୋଇଲେ ଉଠ ଉଠ ହେ ସୁନ୍ଦର
କେଉଁ ଦେଶରେ ତୁମ୍ଭର ଅଟଇ ହେ ଘର ।
ଉଠ ଉଠ ବାରମ୍ବାର ବୋଲେ ସେ ରାଜନ
ସେ କିପାଁ ଉଠିବ ଶୁଣି ରାଜାର ବଚନ ।
କୋଳ୍ପେ ବୋଇଲେ ଠାକୁର ଆଜ୍ଞା ହେଲା ତୋତେ
ଉଠ ଉଠ ଗୋପାଳ ହୋ ନମୁଅଛୁ କେତେ
କୋଳ୍ପଙ୍କ ବଚନେ ତହୁଁ ସହଦେବ ଉଠି
ମସ୍ତକରେ ଦେଲା ନେଇ ଦୁଇ ହସ୍ତ ଗୋଟି
ବିରାଟ ବୋଇଲେ ତୁମ୍ଭେ କେବଣ ବିଦେଶୀ
କେଉଁ କାର୍ଯ୍ୟରେ ଏଠାକୁ ଏବେ ଅଛ ଆସି
କହ ହେ ଗୋପାଳ ତୁମ୍ଭ ନାମ ଅଟେ କିଏ
ସହଦେବ ବୋଲେ ମୋର ପଶ୍ଚିମରେ ଦେଶ
ଉତ୍ତର ବାହିନୀ ନଦୀ ଗଙ୍ଗା ଯେ ଯମୁନା
ଇନ୍ଦ୍ରପ୍ରସ୍ଥ ଯମପ୍ରସ୍ଥ ବାରୁଣା ହସ୍ତିନା ।
ପଣ୍ଡୁ ନନ୍ଦନ ଅଭସ୍ତ ଅଟେ ସୋମବଂଶ
ଯୁଧିଷ୍ଠିର ମହାରାଜା ପଣ୍ଡୁଙ୍କର ଶିଷ୍ୟ ।
ଭୀମସେନ ନାମ ଅଟେ ତାଙ୍କ ଅନୁଜର
ତାଙ୍କ ଅନୁଜ ଅର୍ଜୁନ ମହେ ସେନାବର ।
ତାଙ୍କ ଅନୁଜ ନକୁଳ ଅଟେ ମହାକ୍ଷତ୍ରୀ
ତାହାଙ୍କର ଅନୁଜ ଯେ ସହଦେବ ମନ୍ତ୍ରୀ ।
ସହଦେବଠାରେ ଦୟା କରିଲେ ଅଚ୍ୟୁତ
ଗୋରୁପଲଙ୍କ ପାଖରେ ଥିଲେ ଜଗନ୍ନାଥ ।
ଅସଂଖ୍ୟ ଗୋଧନ ତାଙ୍କ କଳନା ନ ଯାଇ
ମୁହିଁ ସେ ପଲରକ୍ଷକ ଗୋପାଳ ଅଟଇ ।
ତନ୍ତ୍ରିପାଳ ଗୋପାଳ ଯେ ଅଟେ ନାମ ମୋର
ଗୋବିନ୍ଦ ରାଜ୍ୟପାଳ ମୁଁ ଜାଣ ନୃପବର ।
ବନେ ଶୁଣିଲି ଏ ସ୍ଥାନେ ବଜସ୍ତେ ଯୁଧିଷ୍ଠି
ଶବଦ ଶୁଣି ଆସିଲି ଆଉ ବା ଭେଟି ।
ବହୁତ ଗୋଧନ ଅଛି ରାଜା ତୁମ୍ଭ ପୁରେ
ଗୋରୁ ପ୍ରତିପାଳ ଜାଣେ ଅନେକ ପ୍ରକାରେ ।
ଯେବଣ ଗୋରୁପଲକୁ ମୁହିଁ କରେ ରକ୍ଷା
ଅଭୁଟ ହୋଇ ବଢ଼ନ୍ତି ନାହିଁ ତାର [illegible] ।
ଖଳାରୋଗ ଖୁରାରୋଗ ଶାବେଳୀ ମନ୍ତ୍ରକ୍ଷି
ମଉନା ଗଳାରୁ ଶୋଥ ଧେକଟ ଖିରକ୍ଷି
ଫେର ତାକୁଳା ଛୁନାଲୀ ପାଢାଳକ ଖୋର
କାଙ୍କୋଳା ଗ୍ରେଞ୍ଚିଳ ଉର୍ଦ୍ଧ୍ବବାହୁ ପଦ୍ଧଜର

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅନ୍ତଭଜା ଭଉକଣ୍ଟ ପୁଣି ମଉଳଆ
ଆବୁରା ପାଦୁଆ କଳକଣ ଅଜାଣୁଆ ।
ଆଣ୍ଠୁ କର୍କଟ ପାଳୁଆ ପୁଣି ମହୀରଣା
ଗୋହିକୁଡ଼ା ଉଡରେଢ଼ା କଣ୍ଟବାରଣା ।
ଚାଟେକ ପାଟେକ ଅଘଷ ଅଉଜଟିଆ
ସିଂହପୋଖା ମୂଷାପୋଖା ଯେ ବାତ ଭଣିଆ
ଏହିରୂପେ ଗୋଧନଙ୍କୁ ଅଛି ଶତବ୍ୟାଧି
ମୋର ଆଜ୍ଞାରେ ସେମାନେ ନ ପାଉନ୍ତି ଭେଦ
ଦୁଷ୍ଟ ଗାଈମାନେ କରଗତ ହୋନ୍ତି ଗୋଷ୍ଠେ
ଛନ୍ଦେ ଅଛନ୍ଦେ ସେମାନେ ଦୁହନ୍ତି ସନ୍ତୁଷ୍ଟେ ।
କାମୁଡ଼ା ଚହଣା ଆଦି ସର୍ବେ ହୋନ୍ତି ସିଦ୍ଧି
ବାଆଁ ମଡ଼ଛି ଦୁହନ୍ତି ମୁଁ ଦେଲେ ଔଷଧି ।
ଯେବଣ ଗାଈ ବନ୍ଧଣା ହୁଏ ଦୁଷ୍ଟପଣେ
ସେମାନେ ଶାନ୍ତ ଲଭନ୍ତି ମୋର ବିଦ୍ୟାଗୁଣେ
ଶୁଣି ବିରାଟ ବୋଇଲେ ହେ ଗୋପାଳ ରହ
ପାଇଲ ପରୀକ୍ଷା ମୁହିଁ ଆଉ କଥା କହ ।
ତୁ ବୋଇଲୁ ଅସାଧକୁ ସାଧ ମୁଁ କରଇ
ଏକ୍ଷଣି ଜାଣିବ ତୋତେ ଏକ କଥା କହି ।
ବିରାଟ ବୋଇଲେ କୋନ୍ତି ପୃଥନା ଯେ ଗାଈ
ଅଣ୍ଡି ବରହା ଲକ୍ଷେକ ଧେନ ଲକ୍ଷ ମାଈ ।
ଏତେ ଧେନ ବୁଲୁଥିଲ ମୋହର ଏ ଗୋଷ୍ଠେ
ରହିଲ ଅରଣ୍ୟେ ବନ୍ୟ ପର୍ବତ ନିକଟେ ।
ସାତ ଅକ୍ଷୌହିଣୀ ବଳ ଘେନ ମୁହିଁ ଗଲ
ଥାଟ ବେଢ଼ାଇଲ ତାକୁ ଆଣିବ ମୁଁ ବୋଲି ।
ବହୁତ ସୈନ୍ୟ ଗୋଧନ ସଙ୍ଗେ ଯୁଦ୍ଧ କଲେ
ଭୟେ ରହି ନ ପାରି ମୋ ସୈନ୍ୟ ଭାଜିଗଲେ
ଗୋଡ଼ାଇ ବହୁ ପ୍ରୟାଣ କଲେ ସେହିମତେ
ଥାଟ ଭଗ୍ନ ହେଲ ନବଯୌବନ ପର୍ଯ୍ୟନ୍ତେ ।
ସାତକ୍ଷୌଣୀ ବଳ ଘେନ ସଙ୍ଗେ ଯାଇଥିଲ
ଦୁଇକ୍ଷୌଣୀ ମଲେ ପାଞ୍ଚକ୍ଷଉଣୀ ଅଣିଲ ।
ଆହୁର ମୁହିଁ କେବଳ ମୂଳଛି ନ ପାରି
ପୁଣିହିଁ କହିଲ ସୈନ୍ୟ ବନ୍ୟମାନ ଗିର ।
ସେଦିନ ବହୁତ ସୈନ୍ୟ ମୋର ନାଶ ଗଲେ
ସେ ପୃଥୁନା ଗାଈ ମୋର ଆୟତ୍ତ ନ ହେଲେ
ଯେବେ ସେ ପୃଥୁନା ଗାଈ ସାଧ କରିଦେବୁ
ତେବେ ମତ୍ସ୍ୟ ମଣ୍ଡଳେଶେ ପ୍ରଭୁ ବୋଲାଇବୁ
ଦେହ କୋନ୍ତେ ମୋ ଗାଈପଲ ଯେଉଁଦିନୁ ଗଲା
ରାଜ୍ୟ ହତଶିରୀ ହୋଇ ଅଶୋଭା ଦିଶିଲା ।
ତାକୁ ତୋ ବଳରେ ଯେବେ ଗୋଧନ ମୁଁ ପାନ୍ତି
ତନ୍ତ୍ରିପାଳ ନାମ ତୋର ସର୍ବଦା ଘୋଷନ୍ତି ।
ସହଦେବ ବୋଲେ ରାଜା ପାଇଲ କାରଣ
ସ୍ଥଳ ପୃଥନା ଦେଖାଅ ଅଛି କେଉଁ ସ୍ଥାନ ।
ସହଦେବଙ୍କ ପ୍ରତିଜ୍ଞା ଦେଖି ରାଜେ କୋନ୍ତି
ବସ୍ତୁରଲେ ପ୍ରତିଜ୍ଞା ଏ କରୁଛି ବହୁତ ।
ଦୁଇଲକ୍ଷ ସୈନ୍ୟ ମାରିଅଛନ୍ତି ଗୋମାତ
ଏହାର ବଳରେ କହାଁ ଆସିବେ ସେ ଏଥ ।
ନ ପୁଣ ସେ ଗାଈ ଯଦି ନ ଆସେ ସ୍ୱା ବୋଲେ
ସହଦେବ ନାଶଯିବ ରାଜା କୋପକଲେ ।
ଏହା ଚିନ୍ତି ସୁମରିଲେ ଦେବ ଦାମୋଦର
ସହଦେବକୁ କଷଣୁ ପ୍ରଭୁ ପରିହର ।
ବିରାଟ ବୋଇଲେ ତନ୍ତିପାଳ ହେ ଗୋପାଳ
ଯିବା ଯେବେ ବନ୍ୟମାନ ସାଜିବା କି ବଳ ।
ସହଦେବ ବୋଲେ ସେହୁ ପ୍ରମାଦର ଭୂମି
ତୁମ୍ଭର ତହିଁକି ଯିବା ଅନୁଚିତ ସ୍ୱାମି ।
ଏ ସମ୍ପଦ ଘେନ ସ୍ୱାମି ଥିବ ଏହିଠାବେ
ଏହିକ୍ଷଣି ପଲ ଘେନ ପୃଥୁନା ଆସିବେ ।
ଦୁଃସହ ପ୍ରତିଜ୍ଞା ଦେଖି ହସନ୍ତି ନୃପତି
ଶୁଣିନାହିଁ କର୍ଣ୍ଣେ ମୋର ଏସନ ଭାରତୀ ।
ଦେଖିବା ଦେଖିବା ଏହି ଗୋପାଳ ମହିମା
ମୁହିଁ ତ ଜାଣିଲ ଏହୁ ପ୍ରତ୍ୟକ୍ଷରେ ବ୍ରହ୍ମା ।
ଶୁଣି ସହଦେବ କଲେ ଉତ୍ତରକୁ ଦୃଷ୍ଟି
ବାମ ପଦର ଉପରେ ଦକ୍ଷ ପାଦଗଣ୍ଠି ।
ହୃଦଗତେ ସୁମରଣ ଦେବ ଦଇତ୍ୟାରି
ତୁମ୍ବିଲ ବଂଶୀ ପୃଥୁନା ନାମ ଧରିକରି ।
ବିରାଟଙ୍କୁ ବନ୍ୟମାନ ବଶାଗତେ ପୁଣ
ବଂଶୀ ଶବଦ ଶୁଭିଲା ପୃଥୁନା ଶ୍ରବଣ ।
ଧ୍ୟାନରେ ଜାଣିଲେ ସେହୁ ନନ୍ଦନୀ ନାତୁଣୀ
ସହଦେବ ଚରନ୍ତେ ମୋତେ ମନ୍ତ୍ରି ଚୂଡ଼ାମଣି ।
ପୃଥୁନା ପ୍ରଶଂସା କଲେ ସାଧୁରେ ବିରାଟ
ବଂଶ ସାଧୁ ତୁହି ସାଧୁ ସାଧୁ ତୋର ରାଷ୍ଟ୍ର ।
ପୂର୍ବଜନ୍ମେ କରିଥିଲୁ ତପ ତୁ କଠୋରେ
ତେଣୁ ତୋ ରାଜ୍ୟକୁ ଗଲେ ପଣ୍ଡୁ କୁମରେ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଲକ୍ଷେ ବତ୍ସାଙ୍କୁ ହକାରି କହିଲେ ସେ ମାଏ
ଆସ ଆରେ ଆମ୍ଭେ ଯିବା ମତ୍ସ୍ୟଦେଶ ଯାଏ ।
ବିରାଟ ରାଜାର ଏବେ ଦୁରିତ ଛୁଟିଲା
ଗୋପାଳ ବେଶରେ ସହଦେବ ବିଜେକଲା ।
ଏ ପ୍ରକାରେ କହନ୍ତେ ସେ ସର୍ବ ବତ୍ସାମାନେ
ହମ୍ବାରବ କରି ସେ ଗମିଲେ ଅରଣ୍ୟେ ।
ଓହ୍ଲାଇଲେ ମାହେଶ୍ୱରୀ ବିନ୍ଧ୍ୟର ଶିଖରୁ
ଉଡ଼ିଲା ଗଗନେ ଧୂଳି ବତ୍ସାଙ୍କ ଖୁରରୁ ।
କହୁଁ କହୁଁ ଗଗନରେ ଉଡ଼େ ପାଦଧୂଳି
ଆକାଶେ ଅଦୃଶ୍ୟ ହେଲେ ପ୍ରଭୁ ଅଂଶୁମାଳୀ
ମୁଖରବର ଶବଦ ଶୁଭେ ଛନପୁର
ମଧୁବନ କମ୍ପଇ ହୋଇ ଥରହର ।
ବିରାଟ ପୁଛନ୍ତି ପୃଥ୍ୱୀ ଉଲ୍‌କାପାତ ଦେଖି
ନିର୍ଘାତ ପଡ଼ିଲା କିବା ଗମନ ଉପେକ୍ଷି ।
ଉତ୍ତର ଦଗର ଦ୍ୱାର କହଇ ଆସ୍ଥାନେ
ହେ ସ୍ୱାମୀ ଗୋଧନପଲ ଆସୁଛନ୍ତି ବନେ ।
ଅଚ୍ଛି ତ ଗୋଧନପଲ କାହୁଁ ସେ ଗମନା
ତନ୍ତିପାଳ ବୋଲେ ରାଜା ଆସୁଛି ପୃଥୁନା ।
ଶୁଣି ଆଶ୍ଚର୍ଯ୍ୟ ହୋଇଲେ ମତ୍ସ୍ୟଦେଶ ନାଥ
ଆଶ୍ଚର୍ଯ୍ୟ ଚରିତ କି ହୋ ହୋଇବ ଏମନ୍ତ ।
ଦୁଇ ଅକ୍ଷୌହିଣୀ ବଳ ନାଶ କଲା ଯେତୁ
ପୁଣି କପାଇଁ ଆସିବ ଏ ସ୍ଥାନକୁ ହେତୁ ।
ଆଶ୍ଚର୍ଯ୍ୟେ ରହିଲେ ରାଜା ଦେଇ ଏକଦୃଷ୍ଟି
କହୁଁ କହୁଁ ନିକଟରେ ଗୋ ରୁପଲ ଭେଟି ।
ସ୍ୱରୂପ ଦେଖିଣ ସର୍ବେ ଉଚକାତ ହୋନ୍ତି
ଭୟ ପାଇ ସୈନ୍ୟମାନେ ଗଲେ ଯେ ପଳାଇ
ପୃଥୁନା ରୂପକୁ ଦେଖି ରାଜ୍ୟେ ଧୀରେ ଧୀରେ
ଭୟରେ ଉଠିଲେ ଯାଇଁ ଜଗତି ଉପରେ ।
ମେଡ଼ ମଣ୍ଡପ ଦେଉଳ ଅବର ଜଗତି
ବୃକ୍ଷେ ସରେ ଚଢ଼ି ଜନେ ତାହାଙ୍କୁ ଦେଖନ୍ତି
ଗୋଧନକୁ ଦେଖି ପଛୁଁ ଚଳିଲେ ବିରାଟ
ଏକଆସ୍ଥାନେ ରହିଲେ ଚହୁଁ କୋଳଭଟ ।
ବିରାଟ ବୋଇଲେ କୋଳଭଟ ଗଲେ କାହିଁ
ବଡ଼ଇ ପ୍ରମାଦଯୁକ୍ତ ଅଟେ ଏହି ଗାଈ ।
ଏହିମତେ ପର୍ବତରୁ ଅଇଲ ଓହ୍ଲାଇ
ଦୁଇକ୍ଷୌଣୀ ବଳ ମୋର ମାଇଲା ଗୋଡ଼ାଇ

ସର୍ବଜନେ ଗୃହିଁଛନ୍ତି ଏକଦୃଷ୍ଟି ହୋଇ
ସହଦେବଙ୍କୁ ବେଢ଼ିଲେ ଶତେପୁରେ ଗାଈ ।
ଦେଖିଣ ଚକିତ ହେଲେ ମତ୍ସ୍ୟ ନୃପମଣି
ସେ ସ୍ଥାନେ ଶବଦ ହେଲା ହାହାକାରବାଣୀ ।
ହା ହା ତନ୍ତିପାଳ ବୋଲି ବିରାଟ ବୋଇଲା
ମୋହ ଉପକାର ପାଇଁ ଗୋପାଳଟି ମଲା ।
ସହଦେବ ପ୍ରଣିପାତ ପୃଥୁନାଙ୍କ ପାଦେ
ମାଗୋ ବଞ୍ଚିବ ଦୁର୍ଗତ ତୋହର ପ୍ରସାଦେ ।
ମାଗୋଶୁଭଯୋଗେଗୋପ୍ୟ ହୋଇଲେ ଠାକୁର
ମୋହର ବେଳକୁ ଇଚ୍ଛା କଲ ମତ୍ସ୍ୟେଶ୍ୱର ।
ମୁହିଁ ତ ଆନକୁ ସେବା ଆଉ ନ କରିବ
ତୋହର ଚରଣେ ମାଗୋ ସଦା ସେବୁଥିବ ।
ଏତେ କୋପ କର ମାଗୋ ଅଇଲୁ ରାଜ୍ୟକୁ
ବିରାଟ ଭୟେ ଗମିଲା ଜଗତି ଊର୍ଦ୍ଧ୍ୱକୁ ।
ପୃଥୁନା ବୋଇଲେ ରାଜା ଦୂର ନୋହି ଗଲେ
ମୁହିଁ କଥା କହିବଇଁ କପରି ତୋ ଭୁଲେ ।
ପୁଣି ସହଦେବ ନମେ ପୃଥୁନା ପାଦରେ
ଆଦ୍ୟ ସିଦ୍ଧି ଦେବୀ ଭୁଞ୍ଜି ରଖୁ ପ୍ରଳୟରେ ।
ମାଗୋ ଆଦ୍ୟ କରପାରୁ ଚରାଚର ଷଟ୍ଟେ
ତୋହର କ୍ଷୀର ପ୍ରଦାନେ ପୃଥ୍ୱୀ ରକ୍ଷାପାଏ ।
କପିଳାର ନନ୍ଦନୀ ସେ କୌଳାନାମେ ଗାଈ
କମଳା ନାମେ ତାଠାରୁ ବତ୍ସା ଉପୁଜଇ ।
କମଳା ନନ୍ଦନୀ ନାମ ଅଟଇ ଯେ ରୋହି
ରୋହିର ନନ୍ଦନୀ ନାମ ସୁରଭି ଅଟଇ ।
ତା ଚହୁଁ ଜାତ ନନ୍ଦନୀ ମାଗୋ ବତ୍ସାଦେବୀ
ତାହାଙ୍କ ମହିମା ମୁହିଁ କି ଅବା ବର୍ଣ୍ଣିବି ।
ନନ୍ଦନୀର ଚହୁଁ ଜାତ ରମ୍ଭା ନାମେ ଗାଈ
ଏ ରମ୍ଭାର ଚହୁଁ ଜାତ ହେଲେ ଶତେ ଗାଈ
ଏହାଙ୍କ ନନ୍ଦନୀ ନାମ ଅଟେ ସୁଲୋଚନା
ସୁଲୋଚନାର ନନ୍ଦନା ନାମ ଯେ ପୃଥୁନା ।
ପୃଥୁନା ପଞ୍ଚାଶସହସ୍ର ଜାତ କଲେ ଗାଈ
ପୁଣି ପଞ୍ଚାଶ ସହସ୍ର ଅଣ୍ଡିର ଜନ୍ମାଇ ।
ଏହି ପରକାରେ ଲକ୍ଷେ ବତ୍ସା ଉପୁଜାଏ
ଗୋଟିଏ ତରଇ କ୍ଷୀର ତାଙ୍କୁ ଦେଲେ ମାଏ ।
ଜଗତ ତାରିଣୀ ମାଗୋ ଭକତବତ୍ସଳା
କେଶବର୍ଣ୍ଣ ପାଟଳି ଶ୍ୟାମବର୍ଣ୍ଣ କଳା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅଭୟା ଅପର୍ଣ୍ଣା ମାଗୋ ଘେନ ମୋ ଆର୍ଦ୍ଧୋଳ
ଏକବର୍ଣ୍ଣେ ଆଗୋ ମାତ ନାନାବର୍ଣ୍ଣେ ଝଳ ।
ଜୟ ଜୟ ଅନାଦ୍ୟ ଗୋ ବିଜୟା ମାତଙ୍ଗୀ
ଲୟରୁ ପଢ଼ନ ଜାତ ସ୍ତ୍ରି ସ୍ଥି ମହାଦେବୀ ।
ଝିଙ୍କୃତେ ଅପର୍ଣ୍ଣା ମାଗୋ ମଳଧର ଜ୍ୟୋତି
ତୋର ପଦ୍ମପାଦେ ମାଗୋ ମୋର ରହୁ ମତି
ପ୍ରଳୟ ତାରିଣୀ ମାଗୋ ସକଳ ରଖନ୍ତା
ମୋହର କଷ୍ଟ ଉଦ୍ଧର ଫେଡ଼ ସବୁ ଚିନ୍ତା ।
ବୁଡ଼ନ୍ତ ଅବନୀ ମାଗୋ ତୁହି ଉଦ୍ଧାରିଲୁ
ଦେବ ଅସୁର ମାନବେ ପ୍ରାଣଦାନ ଦେଲୁ ।
ଆଦ୍ୟ ଅବତାରେ ମାଗୋ ତୁହି ବରକନ୍
ପଞ୍ଚମୁଖୀ ଗଙ୍ଗା ଝରେ ତୁମ୍ଭର ଏ ପାଦୁଁ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଏ ନବଖଣ୍ଡ ମଧ୍ୟ
ସମସ୍ତ ଲୋକ ତୋହର କ୍ଷୀରପାନେ ଦେହି ।
ବତଶ ଛନ୍ଦଣୀ ମାଗୋ ବଶୀଶଏ ମୁଦ୍ରା
ତୁହି ବଞ୍ଚାଇଲୁ କାମ ଆଉ କାଳନିଦ୍ରା ।
ଅକ୍ଷୟ ଅଭୟା ତୁ ଅଜେୟା ଅନୁଭବୀ
ମନୋବାଞ୍ଛା ସିଦ୍ଧି କରୁ ତୁହି ମହାଦେବୀ ।
ସନ୍ତପ୍ତ ହୃଦୟ ମୋର ଅଟେ ଶୋକାନଳେ
ତୁହି ମାଗୋ ଛଡ଼ାଇବୁ ତାହା ଏକାବେଳେ ।
ସରସମ ଘାର୍ଦ୍ଧକାୟା ଅଟେ ମହାଧ୍ୱନ
ସକଳ ଜନତାରଣୀ ଘେନ ମୋ ଦଇମା ।
ସେ ପୃଥୁନାକୁ ଭକତ କର ହୃଦଗତେ
ଶାରଳା ଦାସ କହନ୍ତି ସଜ୍ଜନଙ୍କ ହିତେ ।
ଏ ସୂତକର ପୃଥୁନା ମାତା ପାଦତଳ
ଏ ରାଜ୍ୟକୁ ମଣାଇଲ ହୋଇ ଚନ୍ଦ୍ରପାଳ ।
ପୃଥୁନା ବୋଇଲେ ବାବୁ ହୋଇଲ ପ୍ରସନ୍ନ
ତୋର ମୋର ଏକବନେ କଟାଇବା ଦିନ ।
ଅନନ୍ତ ମହିମା ଅଟେ ବିରାଟର ପୁଣ୍ୟ
ଦେଶୁକର ପାଇଲ ସେ ଲକ୍ଷେକ ଗୋଧନ ।
ତହୁଁ ସହଦେବ କଲେ ବଇଁଶୀର ଧ୍ୱନ
ଆନନ୍ଦ ହୋଇଲେ ମତ୍ସ୍ୟଦେଶ ଜନେ ଶୁଣି ।
ବିରାଟ ବୋଇଲେ ସେତ୍ତ ନୁହନ୍ତି ଗୋପାଳ
ଗୋପାଳରୂପେ ଆସିଛୁ କେଉଁ ଦିଗପାଳ ।
ସହଦେବ ବୋଲେ ଶୁଣ ଆହେ ରାଜ୍ୟେ ମତ୍ସ୍ୟ
ପୃଥୁନା ପ୍ରାପତ ଏବେ ହୋଇଲା ପ୍ରତ୍ୟକ୍ଷ ।

ବିରାଟ ଡାକ କହିଲେ ତୋ ଜୀବନ ସାଧୁ
ମୁଁ ମୋକ୍ଷ ପାଇଲି ତୁହି ମୋ ପରାଣବନ୍ଧୁ ।
ତୋର ପ୍ରସଙ୍ଗେ ଲଭିଲି ମୁହିଁ ଗାଈଗୋଠି
ମୁକତ କର ତୁ ମୋତେ ଦେଇ କ୍ଷୀରଘୁଣ୍ଟି ।
ସାତକ୍ଷୌଣୀ ବଳ ମୋର ସବୁଙ୍କର ଆଶ
ତୁହି ବଚକ୍ଷଣ ତୋତେ ଦେବଇଁ ମୁଁ କସ ।
ସହଦେବ ଶୁଣି ବୋଲେ ଶୁଣ ଆଗୋ ମାଏ
ବିରାଟଙ୍କୁ ଦେବ କି ଗୋ ତୋ କ୍ଷୀର ସୃଷ୍ଟିଏ
ସୈନ୍ୟବଳ ମାରି ତାଙ୍କୁ କରିନ୍ତୁ ବିମୁଖ
ତୋହର କ୍ଷୀର ପାଇଲେ ପାସୋରିବ ଦୁଃଖ ।
ପୃଥୁନା ବୋଲିଲେ ମୋର ଚରର କ୍ଷୀର ନେବୁ
ଚରେକ କ୍ଷୀର ନେଇଣ ଆକାଶେ ଛାଡ଼ିବୁ ।
ଆରେକ ଚର ଛାଡ଼ିବୁ ନେଇ ପାତାଳକୁ
ଚରେ ସମର୍ପିବୁ ନେଇ ମୋ ଲକ୍ଷେ ବତ୍ସାଙ୍କୁ ।
ଏକା ଚରକେ ପାଇବୁ ତୁହି ଯେତେ କ୍ଷୀର
ତୁ ଦୁହିଁଲେ ତୃପ୍ତ ହେବ ନଷ୍ଟେଁ ମତ୍ସ୍ୟେଶ୍ୱର
ଚର ଚର ଛାଡ଼ିଦେଇ ଦୁହଁ ଏକଚର
ଦୁହିଁ ସହଦେବ ତୁହି ରଖିବୁ କୁମର ।
ତହିଁମାନେ ଦେଇଛନ୍ତି ଯେଉଁ କୁମ୍ଭମାନ
ଶୁଣି ସହଦେବ ମନ୍ତ୍ରୀ କରଇ ଦୋହନ ।
ଏହା ଦେଖିଣ ଆଶ୍ଚର୍ଯ୍ୟ ହେଲେ ମତ୍ସ୍ୟନାଥ
ଏକକୁ ଆରେକ ବୃଦ୍ଧି ହୋଇଲେ ତକତ ।
ଏକଚରୁଁ ସହଦେବ ଦୁହେଁ ଲକ୍ଷେଶ୍ୱର
ତାହା ଦେଖି ମତ୍ସ୍ୟରାଜ ହରଷ ଅପାର ।
ଶୁଣିବାକୁ ଅସଙ୍ଗତ କହିବା କେମନ୍ତେ
ବଡ଼ାଇ ଦୁସ୍ତର କଥା ଅଗୋଚର ମୋତେ ।
ନିନ୍ଦା ଯେତ୍ତେ କରେ ସେତ୍ତେ ହୁଏ ମହାଦୁଃଖୀ
ହୃଦୟେ ପ୍ରତ୍ୟୟ ଯେବେ ନୁହେ ଶାସ୍ତ୍ର ଦେଖି
ଗାଈ କେତେ ହୋଇଲ ବା କୁମ୍ଭ କେତେ ଥିଲା
ଏକା ଚରଙ୍କରୁଁ ଦୁଗ୍ଧ ଲକ୍ଷେଶ୍ୱର ହେଲା ।
ମହାପଣ୍ଡିତ ତୁ ଭାଗ୍ୟବନ୍ତ ଗୁଣଜ୍ଞାତା
ଏହୁ ଶାସ୍ତ୍ର କହିବାକୁ ତୁହି ସେ ବକତା ।
ଏହା ସଂକ୍ଷେପିଣ ମୋତେ କହ ତପୋଧନ
ଫିଟିବ ମନରୁ ଭ୍ରାନ୍ତି ତୋ ମୁଖୁଁ ଶୁଣିଣ ।
କହନ୍ତି ଅଗସ୍ତି ମୁନି ସର୍ବ ଗୁଣଜ୍ଞାତା
ଶୁଣ ଆହେ ମହାରାଜା ଗାଈ ଆଦ୍ୟକଥା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବରଷ ଶତବର୍ଷରୁ ଏ ହୋଇଲା ସମ୍ଭୂତା
ନିରଞ୍ଜନ ଦେବୀ ଏହୁ ଜାଣ ଆଦ୍ୟମାତା ।
ସୃଷ୍ଟିର ଆଦ୍ୟରୁ ଏହି ହୋଇଲେ ସମ୍ଭୂତା
ଶୁଣ ଆହେ ମନୁନୃପ ସ୍ୱାଙ୍କ ତତ୍ତ୍ୱକଥା ।
ସେହି ନିରଞ୍ଜନ ପୁଣି ଅଟନ୍ତି କପିଳା
ତାହାଙ୍କ ନନ୍ଦନୀ ନାମ ଅଟଇ ବଉଳା ।
ବଉଳାଙ୍କ ନନ୍ଦନୀ ଯେ ଥିଲା ବିଲୋଚନା
ତାହାଙ୍କ ଅଂଶୁ ଉତ୍ପତ୍ତି ହୋଇଲା ପୃଥୁନା ।
ପୃଥୁନାଠାରୁ ସୁମନ୍ତ ନାମେ ହେଲେ ଗାଈ
ଲବଣ ସମୁଦ୍ର ତରି ନଦ୍ୟ ତରି ଯାଇ ।
ରତ୍ନଦ୍ୱୀପେ ଯାଇ ଚରେ ଅମୀୟୁ ଶୋଷଇ
ଏମନ୍ତେ ଚରନ୍ତେ ବନେ ହୋଇଲା ଉତ୍ତର ।
ଆଦ୍ୟ ବନମାନଙ୍କରେ ହୁଏ ଆଣୁ ଆଣି
ସେ ବନ ଆସନ୍ତେ ପେଟେ ଲଗିଲାକ ପାଣି ।
ବତ୍ସା କ୍ଷୀର ପାନକରୁ ପେଟଜଳ ଭଷି
ବୋଇଲା ମାତ ଏମନ୍ତ ଜଳ କାହିଁଅଛି ।
ମାଗୋ କ୍ଷାର କ୍ଷୀର ମଧ୍ୟେ ଅମୂଲ୍ୟ ଲବଣ
ଏ ସମୁଦ୍ର ହେଲା ଶତନବଲକ୍ଷ ପୂର୍ଣ୍ଣ ।
ତହିଁର ଶେଷରେ ଅଛି ଅମ୍ଳକ୍ଷୀର ଜଳ
ଆଣୁ ଆଣି ପାଣି ମୋର ଲଗେ ପେଟତଳ ।
ତୋହର ବଚନେ ଧାଇଁ ଅଇଲି ମୁଁ ଘରେ
ତେଣୁକରି ପାଣି ମୋର ଲଗିଲା ପେଟରେ ।
ଆରବନ ନନ୍ଦନୀ ଯେ ରତ୍ନଦ୍ୱୀପେ ଗଲା
ତୃଷାରେ ଅମ୍ଳସମୁଦ୍ର ନନ୍ଦନୀ ପିଇଲା ।
କହୁଛନ୍ତି ବୈବସ୍ୱତ ଶୁଣ ଚଳିତନ
ଅମ୍ଳସମୁଦ୍ର ଅଟଇ ତିନିଶ ଯେ ଜନ ।
ବିସ୍ତାର ଅଟଇ ବିଂଶଶତପୂର୍ଣ୍ଣ କାଠି
ଏତେ ସମୁଦ୍ରକୁ ପାନ କଲା ବତ୍ସାଗୋଟି ।
ତୁ ଯେ ପୁଚ୍ଛାକଲୁ ମୋତେ ବୈବସ୍ୱତ ମନୁ
ସେହି ସମୁଦ୍ର ଗଣ୍ଡୂଷ କଲେ ଯଥା ମନୁ ।
ଅମୃତାକ୍ଷ ସମୁଦ୍ରକୁ ଦେଖି ବୃନ୍ଦାଅର୍କେ
ସୁରଭିକୁ ଦେଖି ସ୍ତୁତି କଲେ ସୁରଲୋକେ ।
ମାତେ ତୋହର ନନ୍ଦନୀ କମଳା ଅଟନ୍ତି
ଅମ୍ଳସମୁଦ୍ର ନ ଥିଲେ କେହି ନ ବର୍ତ୍ତନ୍ତି ।
ପୃଥ୍ୱୀଫଳ ନ ଫଳଇ ନୁହଇ ସଜାତ
ଏହା ଆଶ୍ରଯେ ବଞ୍ଚନ୍ତି ଏ ଭୁବନ ସାତ ।

ତାହାଙ୍କର ବଚନେ ଯେ ଆଦ୍ୟ ମାହେଶ୍ୱରୀ
ସମୁଦ୍ର ମଧ୍ୟେ ମେଲିଲେ ତାଙ୍କ ଚରସ୍ପର ।
ମୁଷଳ ଧାରରେ ଦୁଗ୍ଧ ଝରେ ବଦାଗତ
ସହସ୍ର ବର୍ଷେ ସମୁଦ୍ର ପୂରିଲାକ ସ୍ଥିତ ।
ତୁ ଯେ ପୁଚ୍ଛାକଲୁ ଗ୍ରନ୍ଥେ ସ୍ତ୍ରାଣ ତୋର ସାଧୁ
ଅଶେଷ ଗଙ୍ଗାର ବୋଲି ହେଲା କ୍ଷୀରସିନ୍ଧୁ ।
କେନ ନଦୀରୁ ଜାତ ମୀନସିନ୍ଧୁ କେନ
ଏହି ସମୁଦ୍ର ଘେରିଲା ସେମାନଙ୍କୁ ଘେନ ।
ମାଏ ଜନମ କରନ୍ତ ଯ୍ୟନ୍ତ ସ୍ୱାଙ୍କ ବତ୍ସା
ହରନ୍ତି ଉଛଳନ୍ତି ସେ ଯାହା ତାଙ୍କ ଇଚ୍ଛା ।
କପିଳ ଯାହାଙ୍କୁ ବୋଲି ଏହାଙ୍କର ଆଇ
ଏହା ଶରୀରରୁ ସାତ ସମୁଦ୍ର ଜନ୍ମାଇ ।
ଅନେକ ପ୍ରକାରେ ପୂଜା କଲା ମନୁଙ୍କାତା
ଚତୁର୍ମୁଖଂ ମୋର ଭ୍ରାନ୍ତି ଫିଟୁ ବ୍ରହ୍ମବେଣ୍ଣ ।
ମନ୍ତବାକ୍ୟ କରିଲା ମହାଦ୍ୱୀପେଶ୍ୱର
ମାନବେ ପ୍ରାପତ ହେଲା ଦେବତାଙ୍କ କ୍ଷୀର ।
ଗୋରୁପଲ୍ଲ ବେନ ମନ୍ତ୍ରୀ ଚଳଇ ଗୋଗୋଷ୍ଠେ
କୁଟିର ପାତିଲା ମହିଭଦ୍ରା ନଦୀତଟେ ।
ମନ୍ତ୍ରି ମଣି ସହଦେବ ଔଷଧ ପ୍ରସାଦେ
ଆରୋଗ୍ୟ ଗୋଧନ କ୍ଷୀର ପାଇଲେକ ହାଦେ
ପଦ୍ମେଶ୍ୱର କ୍ଷୀର ସଙ୍ଗେ ଉପୁଜଣ ଥିଲା
ଶତେ ପଦ୍ମଙ୍କର ସହଦେବ ଯେ ଦୁହିଁଲା ।
ବଇଷ୍ଟ ରାଜ୍ୟ ସମସ୍ତ ହେଲା ଗୋରୁମୟ
ରୋଗପୀଡ଼ା ନାହିଁ ହେଲେ ଧନାଢ଼୍ୟଇଁ ପ୍ରାୟ ।
ଏକ ସହସ୍ର ଗାଈରେ ଗୋଗୋଷ୍ଠେକ ବୋଲି
ଶତ ଗୋଗୋଷ୍ଠ ହୋଇଲେ ହୁଏ ଏକପଲ୍ଲୀ ।
ଶତପଲ୍ଲୀ ହେଲେ ଏକ ଲଉଡ଼ି ବୋଲଇ
ଶତ ଲଉଡ଼ିରେ ମହାଖୁଡ଼େକ ଅଟଇ ।
ଶତ ମହାଖୁଡ଼ିରେ ଯେ ହୁଏ ଯେତେ ଗାଈ
ଏତେକ ଉପରେ ସେହୁ ବୋଲଇ ଯେ ଘୋଷ
ଏତେ ଯେ ମହାଘୋଷର ଶୁକ୍ଳଗୋରୁ ଏତେ
କହ ଖଡ଼ଜାର ଏବେ ଗୋରୁ ହେଲେ କେତେ
ଦୁହିଁଲ ତ ପାଞ୍ଚପଦ୍ମ ତିନିଖର୍ବ ଗାଈ
ଅନ୍ତିଗ ଅର୍ବୁଦେ ପାଞ୍ଚ ଅବୁ ଦେଢ ମାଈ ।
କପିଳା ବଉଳା ନାନାବର୍ଣ୍ଣେ ଛନ୍ତି ଗାଈ
ନାନା ପରକାର ରଙ୍ଗେ ତହିଁ ଛନ୍ତି ରହି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପିଙ୍ଗଳ ଆକାର ପୁଣି ତାହାର ନୟନ
ଲଲାଟ ପାଦରେ ତାର ଅଛି ନାନା ଚିହ୍ନ ।
ନୟନେ କଜ୍ଜ୍ୱଳ ତାର ଶିରେ ଜଟାପାଟି
ପାଦରେ ଖୁର୍ତ୍ତ ପିଙ୍ଗଳ ଶିରେ ଶୃଙ୍ଗ ଫୁଟି ।
ଏମନ୍ତ ରୂପରେ ପାଞ୍ଚଲକ୍ଷ ଷଣ୍ଢ ଅଛି
ଲକ୍ଷେ କୋଟିଏ ପିଙ୍ଗଳ ଗାଈ ତହିଁ ଗଚ୍ଛି ।
ଏଗାରଶତ ଯୋଜନ ମତ୍ସ୍ୟରାଜ୍ୟ ସୀମା
କୃଷିକର୍ମ ନାହିଁ ତହିଁ ଗୋଧନହିଁ ବ୍ରହ୍ମା ।
ସୁଖେ ଚରନ୍ତି ଓଗାଳ ବନ୍ଧା ତହିଁ ନାହିଁ
ସେ ମଣିଭଦ୍ରା ନଦୀରେ ନିତ୍ୟେ ପାଣି ଖାଇ
ଅଗସ୍ତ୍ୟଙ୍କୁ ପୁଚ୍ଛାକଲେ ମନୁ ମହାରାଜା
ଶସ୍ୟ ଜାତ ନୁହେ କେହ୍ନେ ବଞ୍ଚନ୍ତି ପରଜା ।
ଅଗସ୍ତି ବୋଲନ୍ତି ସେହୁ ମତ୍ସ୍ୟଦେଶ ଭୂମି
ତାହାଙ୍କୁ କରନ୍ତି ଭୋଗ ବିରାଟର ସ୍ୱାମୀ ।
ସେ ମତ୍ସ୍ୟଦେଶର ରାଜା ଅଟେ ମହୀଦାସ
କୀଚକ ଭୟେ ପଳାଇ ଛାଡ଼ିଗଲ ଦେଶ ।
କାମ୍ୟକ ନାମେ ପର୍ବତ ଅଟେ ମତ୍ସ୍ୟଦେଶେ
କାମ୍ୟକ ନାମରେ ମେଘ ପ୍ରତିଦିନ ବର୍ଷେ ।
ବୃଳଶ ଦିନରେ ତହିଁ ପାରଉଠେ ଧାନ
ତହିଁରୁ ସେ ଉତପତ୍ତି କୃଷିକର୍ମମାନ ।
ଜଣକରେ ଶତମାଣ ବରତନ ଜମି
ଏତେକ କଥା କରଇ ମତ୍ସ୍ୟେଶ୍ୱର ସ୍ୱାମୀ ।
ଏ ତଥିରେ ବେନି ରାଜ୍ୟ ପାଳଇ ବିରାଟ
ନିଜ ସୀମା ଛାଡ଼ିଣ ନ ଯାଏ ପରରାଷ୍ଟ୍ର ।
ଆପଣା ନରେନ୍ଦ୍ର ପୁରେ ବହୁତରେ ଦ୍ୱନ୍ଦ୍ୱୀ
କିନ୍ତୁ ତାର ସଙ୍ଗେ କେହି ନାହାନ୍ତି ବିବାଦୀ ।
ବିରାଟର ରାଜ୍ୟ ଅଟେ ଯୋଜନ ପଚିଶ
ଧବଳ ଅଟ୍ଟାଳି ଘରେ ସୁନାର କଳସ ।
କୁବେର ସମାନ ତହିଁ ଧନବନ୍ତ ପ୍ରଜା
ଜଣେ ଦୁଃଖୀ ନାହିଁ କାହିଁ ରାଜାଙ୍କର [illegible]ଞା ।
ଗୋରସ ବିକଣ ତହୁଁ ଉପୁଜାନ୍ତି ଧନ
ସେ ଧନ ଭଣ୍ଡାରେ ନେଇ କରନ୍ତି ସ୍ଥାପନ ।
ଅମନାତ୍ୟ ପାଞ୍ଚ ଯୋଦ୍ଧା ହେଉଛନ୍ତି ପଦାତି
ସମସ୍ତ ସାମନ୍ତମାନେ କୃଷିକର୍ମ ବର୍ତ୍ତୀ ।
ମହାପାଞ୍ଚଙ୍କେ ସୁରଶ ମାତ୍ର ରାଜା ଦିଅନ୍ତି
ପାଞ୍ଚ ପଦାତିଙ୍କ ଶତମାତ୍ର ସେ ପାବନ୍ତି ।

ରଥୀକେ ଦୁଇଶ ଯୋଦ୍ଧା ପାଏ ମାତ୍ର ଶତ
ମହୁତ ଜନଙ୍କୁ ଶତ ସାମନ୍ତେ ସୀବ୍ରତ ।
ଏମନ୍ତ ସମ୍ପଦେ ମତ୍ସ୍ୟେ ମତ୍ସ୍ୟଦେଶ ପୁରୀ
ଦେବତା ସମାନ ତହିଁ ଛନ୍ତି ନରନାରୀ ।
ମହୀତଳରେ ବିଦିତ ମତ୍ସ୍ୟଦେଶ ନାହା
ଅଶୀଲକ୍ଷ ରଥୀ ଅଟେ ରାଜାଙ୍କର ସାହା ।
ତିନିଲକ୍ଷ ଅଛି ଶ୍ୱେତା ଚତୁରଙ୍ଗ ବାଜୀ
ଶୁଦ୍ଧ ଧବଳ ଅଟନ୍ତି ସର୍ବେ ବଡ଼ ତେଜ ।
ବହୁତ ପ୍ରକାରେ ବାଜୀ ଅଛି ତା ନିକଟ
ବହୁତ ଅଶ୍ୱ ବାଣିଜ୍ୟ କରଇ ବିରାଟ ।
ଅଥବା ଯେବଣ ରାଜା ହୋଇବ ଅପ୍ରୀତ
ଗୋରସ ଭୁଞ୍ଜାଇ ତାର ଭୁଲବନ୍ତି ମତ ।
ଧର୍ମୀ ବିବେକୀ ପଣ୍ଡିତ ଅଟେ ମହାରାଜା
ସୁଦେଷ୍ଣା ବୋଲଣ ତାଙ୍କ ଅଟେ ଏକ ଭାର୍ଯ୍ୟା
ଯାଙ୍କ ଶ୍ୱେତ ଉତ୍ତର ଯେ ତନୋଟି କୁମର
ଉତ୍ତରା ନାମରେ କନ୍ୟା ଅଛି ଅନ୍ତଃପୁର ।
ଏହି ମହୀମଣ୍ଡଳରେ ଅଟେ ଭରତଖଣ୍ଡ
ଯାତ ଅଂଷାହିଣୀ ବଳ ଅଟେ ପାରଦଣ୍ଡ ।
ଏହିପରି ସମ୍ପଦରେ ବିରାଟ ବସଇ
ଅନ୍ୟ ରାଜ୍ୟ ଖଳ ତାର ରାଜ୍ୟେ ନ ପଶଇ ।
ଶୁଣ ତଇତାନ ମତ୍ସ୍ୟଦେଶର ମହିମା
ଏହିପରି ସଜାଇଛି ବିରାଟ ମହାତ୍ମା ।
ବିରାଟ ଦେଶରେ ଏକାଦଶୀ ଦିନ ସର୍ବେ
ଅନ୍ନ ନ ଭୁଞ୍ଜନ୍ତି କେହି ସେ ସ୍ଥାନରେ କେବେ
ଅଥବା ଯେହୁ ଭୁଞ୍ଜଇ ଲୁଚାଇ ଗୁପତେ
ରାଜ୍ୟ ଛଡ଼ାନ୍ତି ପାଞ୍ଚବର୍ଷ ପରଯନ୍ତେ ।
ଏଣୁ ସୁତମାନେ ନିଜ ରାଜ୍ୟକୁ ଉପେକ୍ଷି
ବିରାଟ ରାଜ୍ୟେ ରହିଲେ ଧାର୍ମିକତା ଦେଖି ।
ଏଭପଣ୍ଡ୍ରାପଟେ ପଶା କ୍ରୀଡ଼ାର ବିଧାନେ
କୋନ୍ତଭଟ୍ଟ ନାମ ବହି ରହିଲେ ଗୋପନେ ।
ରାଜସଭାରେ କହନ୍ତି ଧର୍ମରାଜ ବସି
ପ୍ରଜାଲୋକ ଥାନ୍ତି ଯେଣୁ ତାଙ୍କ ପ୍ରତି ଖୁସି ।
କୋନ୍ତ ବୋଇଲେ ରାଜାଙ୍କୁ ଶୁଣ ହେ ବିରାଟ
ଯଦ୍ୟପି ଭୂମି ରାଜ୍ୟକୁ ଆସେ ପରରାଷ୍ଟ୍ର ।
ନଗର ଭିତରେ ସେହୁ ନୋହିବ ପ୍ରବେଶ
ଅମାତ୍ୟମାନେ ଯାଇ କରିବେ ସନ୍ତୋଷ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆସ୍ଥାନେ କହିଲେ କୋନ୍ତ ଯେଉଁପରି ବୁଦ୍ଧି
ପରବ୍ରହ୍ମେ ଲୋକଙ୍କର ଦ୍ୱାର ଯେ ନରୋଧି ।
ବଲ୍ଲଭ ନାମରେ ଯେହ୍ନ ସୂପକାର ନଥି
ବୃକୋଦର ପାଞ୍ଚ ପାଞ୍ଚଅର ଦିଏ ରନ୍ଧି ।
ଗଉଣୀ ଶଉଣୀ ନାନ ବିଧିରେ ରନ୍ଧନ
ସମସ୍ତଙ୍କୁ ସମ୍ମାଦଇ କୁନ୍ତୀଙ୍କ ନନ୍ଦନ ।
ଏକା ସୂପକାର ଯେହ୍ନ କରଇ ରନ୍ଧନ
ସୁଖେ ଭୋଜନ କରନ୍ତି ବିରାଟ ରାଜନ ।
ରାଜସ୍ତ୍ରୀମାନଙ୍କୁ ସେ ବ୍ୟଞ୍ଜନ ଦିଅଇ
କୌତୁକେ ପରିବା ଯେହ୍ନ ଦେଉଥାନ୍ତି ନେଇ
ହରଷେ ଦିଅଇ ଭୀମ ନାହିଁ ନକରଇ
ଯେଉଁକାଳେ ଯେଉଁଦିନ ଯେ କଥା ମାଗଇ ।
ସ୍ୱାମୀ ଅବା ଭିକ୍ଷାକାରୀଠାରେ ସମଦୃଷ୍ଟି
ତେଣୁକରି ସେ ରାଜ୍ୟରେ ସାଧୁ ଧ୍ୱନି ଉଠି ।
ଏହିମତେ ଷଡ଼ମାସ ତହିଁ ବହିଗଲା
ସାତମାସ ପର୍ଯ୍ୟନ୍ତେ ଗୋପନ ହୋଇଲା ।
ଜୟ ଜୟ ଜଗନ୍ନାଥ ଜଗତ ଜୀବନ
ଭକ୍ତଜନମାନଙ୍କର ହୃଦୟ ଚନ୍ଦନ ।
ନୀଳ କନ୍ଦରରେ ପ୍ରଭୁ ବୌଦ୍ଧ ଅବତାର
ଦର୍ଶନ ମାତ୍ରକେ ପାପୀ ହୁଅନ୍ତି ଉଦ୍ଧାର ।
ବଡ଼ ଦେଉଳରେ ରତ୍ନାବଇଠରେ ବସି
ଦହନ କରୁଛ ଭକ୍ତଜନ ଦୁଃଖରାଶି ।
ତୁମ୍ଭ ପାଦପଦ୍ମେ ମୋର ସଦା ଥାଉ ଆଶ
ମାଗଇ ଯେ ଶୂଦ୍ରମୁନି ଶାରଳାଙ୍କ ଦାସ ।

ଭୀମ, ବ୍ୟାଘ୍ର ଯୁଦ୍ଧ ଓ ନାନା ପ୍ରସଙ୍ଗ

ଏଥୁଅନନ୍ତରେ ପୁଚ୍ଛେ ବଲ୍ଲଙ୍କାଧିପତି
ଅନ୍ନ ପାଇଣ ପାବନ ହୋଇଲା ଭୂପତି ।
ବୃକୋଦରଙ୍କ ମହିମା ତୁମ୍ଭେ ତ କହିଲ
ଏକେ ସଂଗ୍ରାମେ ଅଟଇ ଯେହ୍ନ ମହାମଲ୍ଲ ।
ପୁଷ୍ଟି ଭୋଜନେ ତାଙ୍କର ଶରଧା ବଳିଲା
ଏବେ ମହାସ୍ଥଳରେ ସେ ଯୁଦ୍ଧ ତେଜ୍ୟା କଲା ।
କହନ୍ତି ଅଗସ୍ତି ମୁନି ସର୍ବଜ୍ଞ ପ୍ରକାର
ଶୁଣ ହୋ ମହାପଣ୍ଡିତ ମନୁ ନୃପବର ।
ଶୁଣ ଆହେ ଚଇତନ ବଦନ୍ତି ମହାତ୍ମା
ବନ ଅଟେ ବ୍ୟାଘ୍ର ଏକ ବଧ କଲା ଭୀମା ।
ବେଣ୍ଟକାର ନାମେ ଥିଲା ଏକଇ ଶବର
ମନୋହର ଅରଣ୍ୟରେ ଅଟେ ତାର ଘର ।
ଦଣ୍ଡକଅରଣ୍ୟେ ଯେହ୍ନ ମୃଗୟାକୁ ଗଲା
ଗଜ ବ୍ୟାଘ୍ରଙ୍କ ସମର ସେଠାରେ ଦେଖିଲା ।
ପର୍ବତେ ଥାଇଣ ଯେହ୍ନ ବିନ୍ଧିଲାକ ଶର
ନାରାଚଘାତେ ପଳାଇଗଲା ବ୍ୟାଘ୍ରବର ।
ତହୁଁ ସେ ମତ୍ତ ହସ୍ତୀକୁ ବାନ୍ଧିଲା କିରାତ
ବିରାଟ ରାଜ୍ୟରେ ନେଇ ହେଲା ଉପଗତ ।
କିରାତ ସ୍ୱହସ୍ତେ ନେଇ ଶିଳାରେ ବାନ୍ଧିଲା
ତୋଷେ ବିରାଟ ତାହାକୁ ବହୁଧନ ଦେଲା ।
ସପ୍ତଦିନ ଯାଏ ତାକୁ ଆବୃତ୍ତି କରଣ
ତହୁଁ ବୁଲିଗଲା ତାକୁ ସାଧି ନ ପାରଣ ।
ପୁଣି କିରାତ ଦଣ୍ଡକ ଅରଣ୍ୟକୁ ଗଲା
ସେ ମତ୍ତବ୍ୟାଘ୍ରକୁ ତହୁଁ ବାନ୍ଧିଣ ଆଣିଲା ।
ମନ୍ଦର ପର୍ବତ ଜଣେ ଯେ ବ୍ୟାଘ୍ରର କାୟ
ମସ୍ତକ ଦିଶଇ ତାର ଉଦେଗିରି ପ୍ରାୟ ।
ଆକାଶ କମ୍ପଇ ଯେବେ ବ୍ୟାଘ୍ର ଦିଏ ରଡ଼ି
ଗର୍ଜ୍ଜନଘାତେ ପର୍ବତ ଚୂଡ଼ାଯାଏ ଝଡ଼ି ।
ଅଗସ୍ତିଙ୍କୁ ପୁଚ୍ଛାକଲେ ବୈବସ୍ୱତ ମନୁ
ସେ ମତ୍ତବ୍ୟାଘ୍ର ମାଇଲେ କେଉଁଲ୍ଲ ବାତସୂନୁ ।
ଶବର ସେହ୍ନ ବ୍ୟାଘ୍ରକୁ ବାନ୍ଧିଲା କେମନ୍ତ
ସାଧୁ ସାଧୁରେ ଶବର କେଡ଼େ ବଳବନ୍ତ ।
ସେହ୍ନ ଶବର ମହିମା କହ ମୁନି ଏବେ
ଜରା ନାମେ ସେ ଶବର ଜନ୍ମି ଥିଲା ପୂର୍ବେ ।
ଅଗସ୍ତି ବୋଇଲେ ଶୁଣ ଆହେ ବଳଙ୍କାଧି
ପୂର୍ବେ ସେ ଶବର ଥିଲା ଅତି ମହାଯୋଧି ।
ଶୁଣ ଯୋଗେଶ୍ୱର ତ୍ରେତାଯୁଗର ଭକତ
ଶ୍ରୀରାମ ସୂର୍ଯ୍ୟବଂଶରେ ହୋଇଲେ ସମ୍ଭୂତ ।
କୈକେୟୀ ବଚନେ ରାମ ହେଲେ ବନବାସୀ
ଲକ୍ଷ୍ମଣ ସୀତା ସହିତେ ଅରଣ୍ୟରେ ପଶି ।
ଦଣ୍ଡକାରଣ୍ୟେ ରହିଲେ ଯାଇ ବନଗିରି
ସେ ଅରଣ୍ୟରୁ ରାବଣ ସୀତା ନେଲା ହରି ।
ସୀତା ଖୋଜନ୍ତେ ରାମ ଦକ୍ଷିଣର ପଥ
କିଷ୍କିନ୍ଧ୍ୟା ରାଜ୍ୟରେ ଯାଇ ହେଲେ ଉପଗତ
ଋଷ୍ୟମୂକ ପର୍ବତରେ ସୁଗ୍ରୀବକୁ ଭେଟିଲେ
ତାର ସଙ୍ଗେ ମିତ୍ର ହୋଇ ବାଳିକୁ ବଧିଲେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୁଗ୍ରୀବରକୁ ନୃପତି କଲେ କିଷ୍କିନ୍ଧ୍ୟାରେ
ବର୍ଷା କଟାଇଲେ ବାଳି ଗିରି ସନ୍ନିକଟରେ ।
ସୁଗ୍ରୀବର ହରି ବଳ କଲେ ଆୟୋଜନ
ଦୂତ କରଣ ପେଷିଲେ ବୀର ହନୁମାନ ।
ମାଲ୍ୟବନ୍ତରେ ରହିଲେ ପ୍ରଭୁ ରଘୁମଣି
ହନୁ ଯାଇ ଠାବ କଲେ ଲଙ୍କାଗଡ଼େ ପଶି ।
ମଧୁବନ ତୋଟା ଭାଙ୍ଗି ସୈନ୍ୟବଳ ମାରି
କୌତୁକ ଯୁଦ୍ଧ ତାଙ୍କର କେତେ ବର୍ଣ୍ଣିପାରି ।
ଇନ୍ଦ୍ରଜିତ ବାନ୍ଧିନେଇ ପୋଡ଼ିଦେଲେ ଲଙ୍କା
ରାମଙ୍କୁ ବାର୍ତ୍ତା କହିଲେ ଆସି ପୁଣି ଏକା ।
ହନୁମନ୍ତଙ୍କ ପ୍ରତିଜ୍ଞା ବଳକୁ ଦେଖିଣ
ଭ୍ରାତା ତେଜି ବିଭୀଷଣ ପଶିଲା ଶରଣ ।
ମନ୍ତ୍ରୀ ଚୂଡ଼ାମଣିଙ୍କର ଥିଲା ଦିବ୍ୟବୁଦ୍ଧି
ସ୍ୱଗ୍ରୀ ସୈନ୍ୟବଳ ଘେନି ବାନ୍ଧିଲେ ବାରିଧି ।
ସେ ବନ୍ଧ ଦେଖି ରାବଣ ମନେ ଭୟ କଲା
ଲଙ୍କାଗଡ଼ ଚାରିଦ୍ୱାର ଯତନେ ରୁନ୍ଧିଲା ।
କବାଟ ପଡ଼ନ୍ତେ ରାମ ଦେଖି କୋପ କଲେ
କୋଦଣ୍ଡ ଟଙ୍କାର କରି ନାରାଚ ଧଇଲେ ।
ତାହା ଦେଖି କରଯୋଡ଼ି ବୋଲନ୍ତି ଲକ୍ଷ୍ମଣ
ଶୁଣିବାକୁ ଆଜ୍ଞା ହେଉ ସ୍ୱାମୀ ମୋ ବଚନ ।
ମୂଢ଼ପଣରେ ରାବଣ ହରିଲା ଜାନକୀ
ଏବେ କବାଟ ପାଡ଼ିଲା ଆପଣଙ୍କୁ ଦେଖି ।
ଏବେ ରାବଣ ପାଶକୁ ଦୂତ ବରଗିବା
ସୀତା ଫେରାଇ ନ ଦେଲେ ସମର କରିବା ।
ଲକ୍ଷ୍ମଣ ବଚନ ଶୁଣି ଜାମ୍ବବଙ୍କୁ ଭଣି
ବୋଇଲେ ଆଜ୍ଞା ଚଟାଉ ଲେଖେ ମନ୍ତ୍ରିମଣି ।
ମହାମନ୍ତ୍ରୀ ଜାମ୍ବବାନ ବୋଲେ ସାଧୁବାଣୀ
ଦଶାନନକୁ ବିସ୍ତରି ଲେଖା ଲେଖେ ଗୁଣି ।
ଲେଖା ମୁଦ୍ରଣ ସନ୍ତକ ଦେଲେ ରଘୁମଣି
ସୀତା ଫେରାଇ ନ ଦେଲେ ମରିବୁ ତୁ ପୁଣି ।
ଶ୍ରୀମୁଖ ଲେଖା ଘେନିଣ ପୁଚ୍ଛିଲେ ଏମନ୍ତେ
କିଏ ଲଙ୍କାଗଡ଼େ ଯିବ କହ ଆସି ମୋତେ ।
ଶ୍ରୀମୁଖ ଘେନିଣ କେହୁ ଯିବ ଲଙ୍କାଗଡ଼
ତିନିଜଣୁ ଚତୁର୍ଥଜଣ ନାହିଁ ଆମ୍ଭ ଗାଡ଼ ।
ଏକା ହନୁ ଯାଇପାରେ ଲଙ୍କାର ଭିତର
ହନୁକୁ ଦେଖି ରାବଣ କରିବ ବିସ୍ତର ।
ରାମଥାଟ ମଧ୍ୟେ ଏକା ବୀର ଅଟେ ଏହି
ତେଣୁକରି ପ୍ରତିଥର ଆସେ ଯାଏ ବାହି ।
ଏହାକୁ ମାରିଲେ ସବୁ ଯିବ ବଳଦର୍ପ
କେଡ଼ି ପ୍ରମାଦ ଚିନ୍ତିବେ ତହୁଁ କଉଣପ ।
ପୁଣି କେମନ୍ତେ ପେଷିବ ମୁହିଁ ହନୁମନ୍ତ
ସୁଗ୍ରୀବ ଯାଇ ପାରନ୍ତି ସେହୁ ମୋର ମିତ୍ର ।
ସ୍ୱାମି ଦୂତପଣେ ଗଲେ ସେ ଜାଣି ପାରିବ
ଯେଣୁ ଥାଟ ମଧ୍ୟେ ଏହୁ ଅଧିକାରୀ ସର୍ବ ।
ଅଙ୍ଗଦ ଯାଇ ପାରଇ ଏବେ ଲଙ୍କାପୁରୀ
ବିଶେଷରେ ଅଙ୍ଗଦର ମୁଁ ଅଟେ ପିତାବୈରି ।
ଯାଇ ନ ଆସିବ କିବା ପଶିବ ତା ସଙ୍ଗେ
ସକଳ କଥା କହିବ ଅବା ଶତ୍ରୁ ଆଗେ ।
କାହାକୁ ପେଷିବ ବୋଲି ହୃଦରେ ଭାଳି
ଦୂରେ ଥାଇଣ ଅଙ୍ଗଦ କରେ କଉତୁଳି ।
ମୋତେ ଶ୍ରୀମୁଖକୁ ଯେବେ ଦେବ ରଘୁପତି
ମୁହିଁ ଗଲେ ସର୍ବକାର୍ଯ୍ୟ କରିବି ନିଶ୍ଚିନ୍ତି ।
ଶ୍ରୀରାମ ବୋଇଲେ ଆମ୍ଭେ ଜାଣିଲୁ ତୋ ହିୟା
ପିତାର ବଧ ନିମନ୍ତେ ଧରିବୁ ସେନେହା ।
ଅଙ୍ଗଦ ବୋଇଲେ ସ୍ୱାମୀ ନୁହଇ ଏମନ୍ତ
ରାବଣର ଉପକାର କରିଛି ବହୁତ ।
ପିତା ମୋର ତାକୁ ଧରି ଆଣିଥିଲା ପୂର୍ବେ
ସିଂହଦ୍ୱାରେ ବାନ୍ଧିଥିଲ ତାହାକୁ ମୁଁ ଗର୍ବେ ।
ଯେଉଁଦିନ ଖାଇବାକୁ ଦିଆ ନୋହୁଥିବ
ଦାସୀମାନଙ୍କ ଆଗରେ କରଇ ତାଣ୍ଡବ ।
ସେହି ସେ ଦିନ ଦାସୀଙ୍କ ଉଚ୍ଛିଷ୍ଟକୁ ଖାଇ
ଆପଣା ଶରୀର ରକ୍ଷା କରଇ ଗୋସାଇଁ ।
ସ୍ୱାମି ମୋତେ ଦିନେ ଆଜ୍ଞାଦେଲେ ପିତାମୋର
ମୁଣ୍ଡ କାଟରେ ଅଙ୍ଗଦ ଏହି ଦଇତର ।
ପିତାଙ୍କ ବଚନେ ମୁହିଁ ଘେନି ଅସିପତ୍ର
ଦେଖିଲି ଦାସୀଙ୍କ ଆଗେ କରୁଛି ସେ ନୃତ୍ୟ
ମୁଁ ବୋଇଲି ଶୁଣ ଆରେ ରାବଣ ଦଇତ୍ୟ
ଶିରଚ୍ଛେଦନ ହୋଇବ ଇଷ୍ଟଦେବ ଚିନ୍ତ ।
ନିସତ ହୋଇ ବୋଇଲା ମୋର କେହି ନାହିଁ
ତ୍ରୈଲୋକ୍ୟ ଅଙ୍ଗଦ ମୋର ଇଷ୍ଟ ଯେ ଅଟଇ
ସ୍ୱାମୀ ଶରଣ ପଶନ୍ତେ ତାକୁ ଦୟା କଲି
ହାତ ପାଦ ରଜ୍ଜୁ ଫେଇ ତହୁଁ ଛାଡ଼ିଦେଲି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏଣୁ ଉପକାର ତାର କରଅଛୁ ପୂର୍ବେ
ମୋତେ ଦେଖିଲେ ସେ ଭୟ କରିବ ହେ ଏବେ
ନିଷ୍ଠୁରଙ୍କ ବଚନରେ ତୃପ୍ତ ରଘୁନାଥ
ଶ୍ରୀମୁଖ ଦେଲେ ନେଇଣ ଅଙ୍ଗଦର ହାତ ।
ଶ୍ରୀମୁଖ ଘେନିଣ ବୀର ବେଗେ ଯାଇ ଲଙ୍କା
ସେତୁବନ୍ଧେ ବିଭୀଷଣ ସଙ୍ଗେ ହେଲା ଦେଖା ।
ଲଙ୍କାଛିଦ୍ର କଥାମାନ କହେ ବିଭୀଷଣ
ସିଂହ ଭାଙ୍ଗି ପଶିବୁ ତୁ ଉତ୍ତର ଦ୍ୱାରେଣ ।
କୁମ୍ଭକର୍ଣ୍ଣ ଶୁଆଇବୁ ଉତ୍ତର ଭାଗେଣ
ମନ୍ଦୋଦରୀ କେଶ ଧରି ଦେବୁ ଅପମାନ ।
ବ୍ରାହ୍ମଣ୍ୟ ଅର୍ଜିଲା ଦେବ କରିବୁ ଭଗନ
ନିଃଶଙ୍କ ହୋଇଣ ତହୁଁ କରିବୁ ଗମନ ।
ରାବଣର ବସିବାର ଯେ କନକ ଭୁବନ
ତାହାକୁ ଘେନି ଆସିବୁ ବାଳିର ନନ୍ଦନ ।
ଏତେକ ଲଙ୍କାରେ ଯେବେ କରୁ ଯୁବରାଜ
ଶ୍ରୀରାମ ସୈନ୍ୟ ମଧ୍ୟେ ହୋଇବୁ ତୁ ପୂଜ୍ୟ ।
ଏମନ୍ତ ମନ୍ତ୍ରଣା ଶୁଣି ଅଙ୍ଗଦ ଚଳିଲା
ପ୍ରଥମ ଦ୍ୱାର ସକଳ ସିଂହକୁ ଭାଙ୍ଗିଲା ।
ଭିତର କନକ ଦ୍ୱାର କବାଟକୁ ଭାଜି
ଗଡ଼ରେ ଅଙ୍ଗଦ ବୀର ପଶେ ଗଜଗାଜି ।
କୁମ୍ଭକର୍ଣ୍ଣର ଗୃହରେ ପଶି ଧାଡ଼କାରେ
ଶୁଆଇଲା ଶିର କରି ଉତ୍ତର ଦିଗରେ ।
ଅଙ୍ଗଦର ଶବ୍ଦ ଶୁଣି ଅସୁରଙ୍କ ନାରୀ
ଥରଥରକୁ ଅନାନ୍ତି ଗୃହରୁ ବାହାରି ।
ଅନ୍ତଃପୁରୁ ବାହାରିଲେ ମନ୍ଦୋଦରୀ ରାଣୀ
ବୀର ଅଙ୍ଗଦ ଆକର୍ଷେ ଯାଇ ତାର ବେଣୀ ।
ନାରଦ ବୋଇଲେ ଛାଡ଼ ଛାଡ଼ ଏହା କେଶ
ଏ ତୋହର ମାତା ଯାକୁ ନ କର ତୁ ରୋଷ
ନାରଦ କହିଲେ ହେତୁକର ପୂର୍ବକଥା
ମନ୍ଦୋଦରୀ ରାଣୀଙ୍କର ପୂର୍ବର ବ୍ୟବସ୍ଥା ।
ଶୁଣିଣ ଅଙ୍ଗଦ ତହୁଁ ଛାଡ଼ିଦେଲେ କେଶ
ତେଇଁ ରାବଣ କନକ ଉପରେ ପ୍ରବେଶ ।
ବଜ୍ର ଉଚ୍ଚବାଚ ହେଲେ ରାବଣ ଅଙ୍ଗଦ
ବାମହସ୍ତେ ଲେଖା ଘେନି ପିଟାଇଲା ମୁଦ ।
ଶ୍ରୀମୁଖ ପଢ଼ିଣ ତହୁଁ ବୋଇଲା ଦୁର୍ବୁଦ୍ଧି
ଅଙ୍ଗଦ ବୋଲେ ତୋହର ଶିର ଦେବି ଛେଦି

ସ୍ୱାମୀଙ୍କର ହୋଇଥାନ୍ତା ମୋତେ ଯେବେ ଆଜ୍ଞା
ତେଣୁକରି ନ କରିବି ସ୍ୱାମୀଙ୍କୁ ଅବଜ୍ଞା ।
କହୁଁ କହୁଁ ବିକ୍ରମେ ସେ ସୁଗ୍ରୀବର ସୁତ
ରାବଣ ଶିରରୁ ତର୍କେ ଘେନିଲା ମୁକୁଟ ।
ସୁବର୍ଣ୍ଣ ସ୍ତମ୍ଭକୁ ଭାଙ୍ଗି ଧରି ବେନି ହସ୍ତେ
ବିକ୍ରମି ଅଇଲା ପୁଣି ଘେନି ପାଦଗତେ ।
ବାଳିସୁତ ସୁବଳଯ୍ୟା କରିଲେ ବିଜୟ
ଶ୍ରୀଭୂଷା ମୁକୁଟ ଦେଇ ବରଇ ବିନୟ ।
ଦେଖି ସାନନ୍ଦ ହୋଇଲେ ପ୍ରଭୁ ଯୋଗେଶ୍ୱର
ସାଧୁ ସାଧୁ ଅଙ୍ଗଦରେ ମାଗ ତୁହି ବର ।
ବଚନ ଶୁଣି ଅଙ୍ଗଦ ହୋଇଲା ଯେ ଉଣ୍ଠ
ମାଗିବି ପ୍ରଭୁ ପ୍ରସନ୍ନେ ବର ମୋତେ ଦେବା ।
କେଉଁ ବର ମାଗିବି ମୁଁ ମୁଖେ କରି ସ୍ତୁତି
ଜାଣି ମୋତେ ଅନୁଗ୍ରହ କର ଜଗଜ୍ୟୋତି ।
ଶ୍ରୀରାମଚନ୍ଦ୍ର ବୋଇଲେ ଜାଣିଲି ତୋ ହୃଦ୍ୟା
ନିଷ୍ଠୁର କରି ବୋଲନ୍ତି ଦେବଇଁ ମୁଁ ତାହା ।
ଅଙ୍ଗଦ ବୋଲେ ସ୍ୱାମୀ ତୋ ସର୍ବଭୂତେ ବାସ
କେଉଁ ବର ମାଗିବି ମୁଁ କରନ୍ତୁ ପ୍ରକାଶ ।
ଜାଣିକରି ବର ମୋତେ ଦେଲେ ରଘୁନାଥ
ମୁହିଁ ଅକାଥନ ତୁମ୍ଭ ଭୃତ୍ୟର ମୁଁ ଭୃତ୍ୟ ।
ଅଙ୍ଗଦ ମାଗିଲା ଯାହା ଜାଣିଲେ ଶ୍ରୀହରି
ତୁହି ବଧିଲୁ ଆମ୍ଭେ ତୋ ପିତାର ବୈରୀ ।
ତୋ ହସ୍ତେ ଆମ୍ଭର ବଧ ଅଛୁ ଯଥାବିଧି
ଯାଅ ରେ ଅଙ୍ଗଦ ତୋର କାର୍ଯ୍ୟ ହେବ ସିଦ୍ଧି
ସର୍ବସୈନ୍ୟ ସ୍ତମ୍ଭୀ ଭୂତ ହେଲେ ତାହା ଶୁଣି
ହନୁମନ୍ତ ରାଗ ହୋଇ ଉଠେ ଶିର ଟୁଣି ।
ବୋଲେ ଅଙ୍ଗଦର ମୁଣ୍ଡ ପକାଇବି ମୋଡ଼ି
ସ୍ୱାମୀଦ୍ରୋହ ଚିନ୍ତୁ ଏଡ଼େ ଦୁଷ୍ଟପଣେ ବଡ଼ି ।
ରାମ ବୋଲେ ହନୁ ପିତାକାର୍ଯ୍ୟ ଯେ ନ କରେ
ଜୀଇଁଥିଲେ ମଧ୍ୟ ମୃତ୍ୟୁ ସଙ୍ଗେ ସମ ତାରେ ।
ଆରେ ବାବୁ ନ ମିଳିବ ଏବେ ଏ ଜନ୍ମର
ଯେତେବେଳେ ଯିବୁ ସ୍ୱର୍ଗେ ହୋଇ ଦେହାନ୍ତର
ଦ୍ୱାପର ଯୁଗରେ ମୁହିଁ କହ୍ନା ଅବତାରେ
ଜନମ ଲଭିବି ଯାଇ ବସୁଦେବ ଘରେ ।
ଅଷ୍ଟମଲ୍ଲ ମୂଳେ କଂସରାଜାକୁ ମୁ ସାଧି
ଜରାସନ୍ଧ ନାରକାଦି ଅସୁରଙ୍କୁ ବଧି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ହରଚନ୍ଦ୍ରେ ପାଣ୍ଡବେ ହେବ ମୋର ପ୍ରୀତ
ଝଗଡରକୁ ଉଶ୍ୱାସ କର ବସୁମତୀ ।
ବହୁତ କୁଟୁମ୍ବ ସଙ୍ଗେ ହୋଇବ ମୋହର
ଉପାୟ କରି ତାହାଙ୍କୁ କରିବ ସଂହାର ।
ଦ୍ୱାପର ଶେଷରେ କଳି ପ୍ରବେଶ ହୋଇଲେ
କୁଟୁମ୍ବ ନାଶି ଶୋଇବ ଯମୁନାର କଳେ
ଗୋପନ ହୋଇ ମୁଁ ଥିବ ମାଧବୀ ଲତା'ରେ
ଦ୍ୱାପରେ ତୁ ଜନ୍ମିବୁ କିରାତ ବଂଶରେ ।
ଅଜ ନାମରେ ଏକଇ ବିଖ୍ୟାତ ଶବର
ହର ବନରେ ଆଶ୍ରମ ଅଟଇ ତାହାର ।
ତାର ନନ୍ଦନ କିରାତ ନାମେ ଅଜପତି
ତାହାର ପିତାର ସେହୁ ଏକଇ ସନ୍ତତି ।
ତାର ନନ୍ଦନ ବେଜଗ ନାମେ ବନଚର
ତାହାର ନନ୍ଦନ ନାମ କପୋତ ଶବର ।
କପୋତ ସୁତ କିରାତ ନାମ ହରିଦାସ
ଜାରା ନାମରେ ଶବର ଅଟେ ତାର ଶିଷ୍ୟ ।
ଜାରାଶବର ନାମରେ ତହିଁ ତୁହି ଥିବୁ
ସେହି ସ୍ଥାନେ ଶରଘାତ ମୋତେ ତୁ କରିବୁ
ତୋର ପିତାକୁ ଅଦୋଷେ କଲି ଶରଘାତ
ସେହିପରି କରିବୁ ତୁ ଶୁଣ ବାଳିସୁତ ।
ବୈବସ୍ୱତ ମନୁକୁ ଯେ କହିଲେ ଅଗସ୍ତି
କିରାତ ନାମେ ଅଙ୍ଗଦ ହୋଇଛି ଉତ୍ପତ୍ତି ।
ମନୋହର ଅରଣ୍ୟରେ ଅଟେ ତାର ଘର
ଦଣ୍ଡକ ବନେ ଧଇଲା ଏହି ବ୍ୟାଘ୍ରବର ।
ସେ ବ୍ୟାଘ୍ରକୁ ଘେନି ଅଜ କିରାତର ନାତି
ମତ୍ସ୍ୟ ରାଜ୍ୟରେ ପ୍ରବେଶ ହୋଇଲା ଝଟତି ।
ପାଞ୍ଚକେର ଲାଗିଅଛି ଲୁହାର ଶିକୁଳା
ମଦମତ୍ତ ବ୍ୟାଘ୍ର ସେହୁ ତେଜେ ଅନର୍ଗଳା ।
ତୁଣ୍ଡ ବସ୍ତାର କରିଣ ଦେଉଛି ସେ ରଡ଼ି
ଗିରି କନ୍ଦର ବନସ୍ତ ପଡ଼ୁଅଛି ଝଡ଼ି ।
ଭୟାନକ ଶବ୍ଦେ ତାର ଆକାଶ କମ୍ପଇ
ଶବଦ ଶୁଣିଣ ଜନେ ଯାଆନ୍ତି ପଳାଇ ।
ସେହି ସ୍ଥାନ ଗ୍ରାଡ଼ିଜର ସର୍ବେ ପଳାଇଲେ
ଅନ୍ୟ ସ୍ଥାନେ ଯାଇ ପୁଣି ଚେତନା ଲଭିଲେ
ବ୍ୟାଘ୍ରକୁ ଧରିଣ ଆଣେ ବେ ଜାରା ଶବର
ପ୍ରବେଶ ହେଲା ବିରାଟ ସଭାର ଭିତର ।

ବିରାଟ ବୋଲେ କିରାତ ଜୀବ ତୋର ଧନ୍ୟ
ଏଡ଼େ ବ୍ୟାଘ୍ରକୁ କେମନ୍ତେ କରିଲୁ ବନ୍ଧନ ।
ଭଲକାର୍ଯ୍ୟ କରିଅଛୁ ବାନ୍ଧି ଏ ବ୍ୟାଘ୍ରକୁ
କେତେ ଉପଦ୍ରବ ଦ୍ୟନ୍ତା ମୋହର ରାଜ୍ୟକୁ
ଏହା ବୀର୍ଯ୍ୟରୁ ଉତ୍ପତ୍ତି ହୋଇଣ ସନ୍ତତ
ବହୁତ ମାରନ୍ତେ ଜନ୍ତୁ ପୁଣି ବହୁ ପକ୍ଷୀ ।
ତୁହି ରକ୍ଷା କଲୁ ଏବେ ଏ ବ୍ୟାଘ୍ରର ଭୟ
ଲକ୍ଷମାତ୍ର ସ୍ୱର୍ଣ୍ଣ ଦେଲେ କହି ନୃପରାୟ ।
ରେ କିରାତ ଯେଉଁ ହାତୀ ଦେଲୁ ଆଣି ବାନ୍ଧି
ପଞ୍ଚ ବରଷରେ ତାକୁ ନ ପାରିଲୁ ସାଧି ।
ବିରାଟ ବଚନ ଶୁଣି ବୋଲଇ ସେ ଜାରା
କୀଚକର ହାତେ ଏହି ବ୍ୟାଘ୍ରନେଇ ମର ।
କୌଣସି ପ୍ରକାରେ ବଧ ନୋହିଲା ଏ ବଳୀ
ଏକା ଥରକେ ସହସ୍ର ନର ଖାଏ ଗିଳି ।
ବିରାଟ ବୋଲେ କୀଚକ ମୋର ସେନାପତି
ଯାହା ବାହୁବଳେ ଭୁଞ୍ଜେ ସକଳ ବିଭୂତି ।
ଯାରପାଇଁ ରାଜ୍ୟ ହାନି ନାହିଁ ଅନୁବ୍ରତେ
ସେପରି ସେନାପତିଙ୍କୁ ପେଷିବ କେମନ୍ତେ ।
ଯେ ବ୍ୟାଘ୍ର ଗିଳେ ଥରକେ ସହସ୍ରେକ ନର
ତା ସଙ୍ଗେ ଯୁଦ୍ଧ କରିବା ନୁହଇ ବିଚାର ।
ଆରେ ଶବର ଏହାକୁ ଅନ୍ୟ ଦେଶେ ମର
ତୁମ୍ଭର ଦେଶକୁ ଲାଜ ହେବ ବୋଲେ ଜାରା
ଯଦ୍ୟପି ମୁଁ ଏ ବ୍ୟାଘ୍ରକୁ ଘେନିଯିବି ଏଥୁ
ଏହା ନେଇ ଦେବ ତୁମ୍ଭ ବୈରୀ ତ୍ରିଗର୍ତ୍ତଙ୍କୁ ।
ଏ ବ୍ୟାଘ୍ରକୁ ଘେନିଣ ଯେ ବାହୁବ ତ୍ରିଗର୍ତ୍ତ
ତେତେବେଳକୁ ତୁମ୍ଭେ ହେ କରିବ କେମନ୍ତ
କୋଳ୍ହ ବୋଇଲେ ତୁମ୍ଭର ସେ ଅଟେ ବଇରୀ
ଉପାୟ କରିଣ ଯ୍ୟାକୁ ପକାଅ ଯେ ମାରି ।
ବିରାଟ ବୋଲେ ଯାଚକେଶ୍ୱର ମନ୍ତ୍ରୀ ଆଗ
ମୁକୁଳାଇ ଘେନ ଆସ ସେହି ମତ୍ତନାଗ ।
ରାଜାଙ୍କ ଶୁଣି ବୋଇଲେ ତହୁଁ କୋଳ୍ହରାଟେ
ଦୁଷ୍ଟ ହାତୀଟିଗୋଟି ଥିଲେ ମେଳିଦିଅ ଥାଟେ ।
ବିରାଟ ବୋଇଲେ ମୋର କୀଚକ ପ୍ରସାଦେ
ଦୁଇ ରାଜ୍ୟର ଐଶ୍ୱର୍ଯ୍ୟ ଭୋଗେ ନିରାପଦେ ।
ଆଣ ସେ ମତ୍ତହସ୍ତୀକୁ ବ୍ୟାଘ୍ର ଯୁଦ୍ଧ ହେଉ
ଗଜ ବ୍ୟାଘ୍ର ମାରୁ କିବା ବ୍ୟାଘ୍ର ଗଜେ ଖାଉ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ରାଜାଙ୍କର ବଚନକୁ ନସ୍ୱଧାର ମଣି
ସହସ୍ରେକ ବେଣ୍ଟକାର ଆଣିଲେ ତତ୍‌କ୍ଷଣି ।
ଗଜ ଆସେ ନାଦକରି କମ୍ପାଇ ମେଦିନୀ
ବେନି ପଦଚାଳ ହେଲେ ହେବ ଘୋରଧ୍ୱନି
ଅସ୍ଥାନର ଚଳେ ଗଜ ଉଚ୍ଚ କଲେ ଆଣି
ଗଜକୁ ଦେଖିଣ ଭୟ କଲେ ନୃପମଣି ।
ଦାଣ୍ଡର ନିକଟେ ଏକ ବଡ଼ବୃକ୍ଷ ଥିଲା
ଦୁର୍ଦ୍ଧର୍ଷ ଗଜ ତାହାକୁ ଭାଙ୍ଗି ପକାଇଲା ।
ବିରାଟ ବୋଇଲେ ଆହେ ମତ୍ତବ୍ୟାଘ୍ର ମେଳ
କରୁ ସମର ଯେ ଯାଇ ମତ୍ତହସ୍ତୀ ତୁଲ ।
ଜାଗ ଶବର ବୋଇଲା ନାହିଁ ମୋର ଦୋଷ
ଏ ଗଜ ଦେଇ ତୁମ୍ଭଙ୍କୁ ନେଲି ରତ୍ନକୋଷ ।
ବିରାଟ ବୋଲେ ଏମନ୍ତେ ନ ବୋଲ ତୁ ଜ.ଗ
ଗଜଯୁଦ୍ଧ କର ତୁହି ବ୍ୟାଘ୍ର ବେଗେ ମଗ୍ର ।
ରାଜାଙ୍କର ବଚନେ ଯେ ସବୁ ବେଣ୍ଟକାର
ଗଜକୁ ଦେଖାଇ ଦେଲେ ମତ୍ତ ବ୍ୟାଘ୍ରବର ।
ଗଜର ଗର୍ଜନେ ବ୍ୟାଘ୍ର ହୋଏ ଘୋରରଡ଼
ଶାବକଙ୍କୁ ପକାଇଲେ ସେ ସ୍ଥାନକୁ ଛାଡ଼ ।
ବେନି ପଦଚାଳ ହୋଇ ବିକ୍ରମି ଆସନ୍ତେ
ଆକାଶେ କମ୍ପିଲେ ଦିଗପାଳଙ୍କ ସହିତେ ।
ବିରାଟର ରାଜ୍ୟଲୋକ ହେଲେ ମହାକ୍ଷତୀ
ଦ୍ୱାର ଛାଡ଼ିଣ ବାହୁଟେ ଗୃହେ ଯାଇ ପଶି ।
ଗିରିବରଙ୍କ ସମାନ ଅଟେ ଯେଉଁ ହସ୍ତୀ
ମହାଭୟ କଲା ଦେଖି ବ୍ୟାଘ୍ରର ମୂରତି ।
ହାମ୍ପୋଳ ଦେଇ ଧାଇଁଲା ସେହି ବଡ଼ଦୁଷ୍ଟ
ଝିନଜାଠ ଆଘୃତନ ସେ ଗଜର ମାଥ ।
ଆକର୍ଷିଲା ବ୍ୟାଘ୍ର ଦର ବିସ୍ତାରିଣ ତୁଣ୍ଡ
କୁଦାଏ ମାରି ବସିଲା ଯାଇ ହସ୍ତୀମୁଣ୍ଡ ।
ଡମ୍ବାଚର ଫରକାର ଦଶେ ବେନିଦୃଷ୍ଟି
ଘୋରନାଦ କରିଣ ସେ ବ୍ୟାପେ ବେନିପାଟି
ବ୍ୟାଘ୍ର ଆଳସନ୍ତେ ଯାଇ ଗଜର ମୂର୍ଦ୍ଧନା
ଅସ୍ଥି ଚର୍ମ ସହିତରେ ହୋଇଗଲା ଚୂନା ।
ପଡ଼ିଗଲା ଗଜବର ନିଶ୍ଚେଷ୍ଟିତ ହୋଇ
ବହନ ସେ ବ୍ୟାଘ୍ର ପୁଣି ଉଦର ଚିରଇ ।
ବେନିଫାଳ [illegible]ଇକରି ପଡ଼ିଲା ସେ ଗଜ
ରୁଧିର ଆସ୍ୱାଦ ତହିଁ କଲା ବ୍ୟାଘ୍ରରାଜ ।

ଗଜ ଉଦର ମଧ୍ୟରେ ପୁରୁଷେକ ଥିଲା
ଯୁଧିଷ୍ଠିରଙ୍କୁ ଦେଖିଣ ସ୍ୱର୍ଗଗାମୀ ହେଲା ।
ଚଇତନ ବଚନରେ ପୁଛିଲେ ମନୁଙ୍କୁ
ବ୍ୟାଘ୍ର ବଧ କଲା ଯହୁଁ ମତ୍ତ ମାତଙ୍ଗକୁ ।
ବିରାଟ ରାଜା ଏ ପରେ କଲେ କି ବିସ୍ମର
ଏହି କଥା କହି ମୋର ଭ୍ରାନ୍ତି ଦୂର କର ।
ମନୁ ବୋଇଲେ ହେ ତୁମ୍ଭେ ଶୁଣ ଚଇତନ
ଦେଖିଣ ବିରାଟ ତହୁଁ ହେଲେ ଗ୍ଲାନମନ ।
ଏଡ଼େ ବଡ଼ହସ୍ତୀ ଯହୁଁ ପ୍ରାଣେ ହତ ହେଲା
ଆଉ କଏ ସେ ବ୍ୟାଘ୍ରକୁ ମାରିବ ଚିନ୍ତିଲା ।
ବ୍ୟାଘ୍ର ଘେନ ଏବେ ତୁହି ଯାଅ ବେଣ୍ଟକାର
ଶବର ବୋଇଲା ଶୁଣ ମତ୍ସ୍ୟ ନୃପବର ।
ଶତସିଂହ ବଳ ଯାର ଅଟେ ପରାକ୍ରମ
ବ୍ୟାଘ୍ରସ୍ଥିର ତାହାକୁ କି ହୋଇପାରେ ସମ ।
ଜଗତ ବୋଲଇ ଦଶପଦାତି ସଙ୍ଗରେ
ଗୋଟିଏ ବଳଦ ସମ ହୋଇବ ବଳରେ ।
ଦଶଟି ବଳଦ ସମ ଏକ ଷଣ୍ଢ ଜାଣ
ଦଶଷଣ୍ଢ ବଳ ଏକ ବଳୀୟାର ପୁଣ ।
ଦଶଟି ବଳଆବଳ ଯେତେକ ଅଟଇ
ଗୋଟିଏ ଦାମୁଡ଼ି ସଙ୍ଗେ ସମ ସେ ହୁଅଇ ।
ଦଶ ଦାମୁଡ଼ିର ବଳ କରିଲେ ଏକାଠି
ଗୋଟିଏ ଗଣ୍ଡାର ସଙ୍ଗେ ସମ ହେବ ସେଠି ।
ଦଶଟି ଗଣ୍ଡାର ବଳ ଏକ ଶମ୍ବରର
ଦଶ ଶମ୍ବରର ସମ ବାଘୁଟିଆ ତାର ।
ଦଶ ବାଘୁଟିଆଙ୍କର ଯେତେ ପରାକ୍ରମ
ଗୋଟିଏ ବ୍ୟାଘ୍ର ସହିତ ହୋଇବ ଯେ ସମ
କେଶରୀ ବଂଶରେ ଜନ୍ମ ହୋଇଛି ଏହାର
ଦଶବ୍ୟାଘ୍ର ପରାକ୍ରମ ଏକ ଭଲ୍ଲୁକର ।
ଦଶଭାଲୁ ପରାକ୍ରମ ଅଟେ ଏକ କୋକ
ଦଶକୋକ ପରାକ୍ରମ ଏ ଶାର୍ଦ୍ଦୂଳ ଲେଖି ।
ଏହି କେଶରୀ ଅଙ୍ଗଦ ଅଟେ ଯୁଗପତି
ଦଶ ଶାର୍ଦ୍ଦୂଳ ପ୍ରାକର୍ମେ ଅଟେ ଏକହାତୀ ।
ଦଶହସ୍ତୀ ପରାକ୍ରମ କେଶରୀକୁ ବୋଲି
କୀଚକର ଶତସିଂହ ବଳ ମୁଁ ଶୁଣିଲି ।
ଏତେ ବଳେ ବଳବାନ ଅଟଇ କୀଚକ
ଏ ବ୍ୟାଘ୍ରର ପରାକ୍ରମ କି ସ୍ଥିର ମାପକ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯଦ୍ୟପି ନ ମରାଇବ କୀଚକର ହସ୍ତେ
ଏହିଠାରେ ମେଲଦେବ କହିଲଇଁ ତୋତେ ।
ରାଜ୍ୟଲୋକେ ହାସକଲେ ତାହା କଥା ଶୁଣି
ଏ ବ୍ୟାଘ୍ର ଗୁଡ଼ାଳ ମାତେ ଖାଇବ ଏକ୍ଷଣି ।
ରାଜ୍ୟଲୋକଙ୍କ ବଚନ ଦେଖିଣ ବିରାଟ
ବୋଲେ ମୌନେ ବସିଅଛ କପାଁ କୋଳଭାଟ
କୋଳ୍ପ ବୋଇଲେ ତୁମ୍ଭେ ଶୁଣ ବେଣ୍ଟକାର
କୀଚକକୁ ଏହି ବ୍ୟାଘ୍ର କରିବ ସଂହାର ।
ଆଜ ଯେବେ ମରେ ତୋରେ ହୋଇବ ନା ସିଦ୍ଧ
ଏହି କଥା ବିଚାର ତୁ କର ମନ ମଧ୍ୟ ।
ବନସ୍ତେ ଜୀବ ନ ରହେ ଏ ବ୍ୟାଘ୍ରର ଭୟେ
କୀଚକ କ୍ଷତ୍ରିୟ ଆଉଁ କାହା ଭୟୁ ରହେ ।
ଋଷି ବିପ୍ର ତପସ୍ୱୀଏ ନ ଯିବେଟି ବନ
ତୁମ୍ଭେ ଦଣ୍ଡଧାରୀ ଚିନ୍ତ ଏ ଅରିଷ୍ଟମାନ ।
ଯଦ୍ୟପି ଏ ବ୍ୟାଘ୍ର ବଧ ଏ ରାଜ୍ୟେ ନୋହିବ
ରାଜ୍ୟର କଳଙ୍କ ପରରାଷ୍ଟ୍ରେ ନିନ୍ଦା ହେବ ।
କୀଚକ ପର ପ୍ରାକର୍ମେ ଏହୁ ଯିବ ନାଶ
ବିରାଟ ବୋଇଲେ କୋଳ୍ପ ଏ କି କଥା ଭାଷ ।
କୋଳ୍ପେ ବୋଇଲେ ଶୁଣ ହେ ବିରାଟର ପତି
କଥା ଏକ କହିବାକୁ ମିଳଇ ଯୁକତି ।
ହେ ଯାଚକେଶ୍ୱର ମନ୍ତ୍ରୀ ବଲ୍ଲଭ ବ୍ରାହ୍ମଣ
ଆସ୍ଥାନତଳେ ବୋଇଲି ଜାଣେ ମାଲରଣ ।
ତାହାକୁ ହକାର ଏବେ ଅଣାଅ ହେ ରାୟେ
ଏ ବ୍ୟାଘ୍ରକୁ ମରାଇବ କୌତୁକ ଉପାୟେ ।
ବ୍ୟାଘ୍ର ମରୁ କିବା ଦ୍ୱିଜ ମଲେ ପଛେ ମଲା
ବିଦେଶୀ ବ୍ରାହ୍ମଣ ହୋଇ ପ୍ରତିଜ୍ଞା ସେ କଲା ।
ଶୁଣି ସ୍ତମ୍ଭୀଭୂତ ହେଲେ ମତ୍ସ୍ୟର ନରେନ୍ଦ୍ର
ବୋଇଲେ ଜାଣିଲୁ କୋଳ୍ପ ତୁମ୍ଭେ ବଡ଼ ମନ୍ଦ
ବ୍ୟାଘ୍ର ସଙ୍ଗେ ମନୁଷ୍ୟର ହୁଏ କି ସମର
କି ଦୋଷ କଲା ତୁମ୍ଭର ସେହି ସୂପକାର ।
ମନ୍ତ୍ରୀ ବୋଲେ ଦେବ ତାକୁ ଆଣିବା ହକାରି
କିସ ସେ ବୋଲିବ ତାହା ବୁଝିବା ବିଚାରି ।
ବିରାଟ ବୋଇଲେ ବେଗେ ଯାଅ ଚରଗଣ
ବଲ୍ଲଭ ସୂପକାରକୁ ହକାରିଣ ଆଣ ।
ରାଜାଜ୍ଞା ପାଇଣ ଚରୁ ଚଳିଗଲେ ଦୂତେ
ରୋଷଶାଳ ସନ୍ନିଧିରେ ମିଳିଲେ ତ୍ୱରିତେ ।

ବିଜନ୍ସ୍ଥେ ସେ ବୃକୋଦର ରନ୍ଧଣା ବିଧାନେ
ଦ୍ୱାରରେ ଥାଇ ଡାକନ୍ତି ସେହି ଚରମାନେ ।
ଗୋସାଇଁ ବଲ୍ଲଭପଣ୍ଡା ବୋଲି ଡାକଦେଲେ
ରନ୍ଧଣା କାର୍ଯ୍ୟେ ଥିବାରୁ ଶୁଣି ନ ପାରିଲେ ।
ଗଜେ ମାଡ଼ିବସି ଯେହ୍ନେ ସିଂହ ଆକର୍ଷଇ
ବହନକୁ ବୃକୋଦର ତେସନ କରଇ ।
ଆଗ୍ରେରେ ଡାକନ୍ତେ ମଧ୍ୟ ନ ଶୁଣଇ ଭୀମ
ପୁନଃପୁନଃ ଡାକି ଦୂତେ ପାଇଲେ ଯେ ଶ୍ରମ
କାଳଚନ୍ଦ୍ର ପ୍ରାୟେ କି ସେ ବୁଲାଇଣ ତୋଳା
କିଏ ରେ ବୋଲି ଚାହିଁଲା ପବନର ବଳା ।
ଭୟେ କମ୍ପମାନ ହୋଇ କହନ୍ତି ଉତ୍ତର
ଗୋସାଇଁ ଠାକୁର ଆଜ୍ଞା ଆସ ସୂପକାର ।
ମହାକ୍ରୋଧ ହୋଇଣ ସେ ତରାଟିଣ ଆଖି
ମୁହିଁ କାହାର ବଶରେ ଠାକୁର କେ ଅଛି ।
ଦୂତେ ବୋଇଲେ ବିରାଟ ରାଜାଙ୍କର ଆଜ୍ଞା
ଶୁଣି ପାବନ୍ଧ ତାହାଙ୍କୁ କରିଲା ଅବଜ୍ଞା ।
କାହୁଡ଼ି ଆସିଣ ଚରୁ କହିଲେ ଉତ୍ତର
ସୂପକାର ବୋଲେ କିଏ ମୋପରେ ଠାକୁର
ଶୁଣିଣ ମନେ ବିରସ ହେଲେ ଧର୍ମସୁତ
ବିଚାରିଲେ ଅଜ୍ଞାତ ମୁଁ ବଞ୍ଚିବ କେମନ୍ତ ।
ଯାର ସଦା ମୂର୍ଖପଣ କରିବା ପ୍ରକୃତି
ବିରାଟକୁ ଚାହିଁ ସେହି ବୋଲିବା ଅଯୁକ୍ତି ।
ହେ ଜଗନ୍ମୋହନ କର ଗ୍ଲାନିକାର ମୋତେ
ତୁମ୍ଭେ ଏହି ଦୁର୍ଗତିରୁ ରଖ ଜଗନ୍ନାଥେ ।
ବିରାଟ ବୋଲେ କୋଳ୍ପ କି ହେଲା ଅଭିମାନ
ବିସ୍ମୟେ ବସିଲ କପାଁ ହୋଇଣ ମଉନ ।
କୋଳ୍ପ ବୋଲେ ନ ଯୋଗାଇ ଏହି ସବୁକଥା
ପୂରୁ ଜ୍ୟେଷ୍ଠସ୍ୱାମୀ ଆଦ୍ୟ ହେଲେ ଉଦଗତା ।
ଆପଣା ବଡ଼ାଇପଣେ ପ୍ରଶଂସା ନ କହି
ଆମ୍ଭ ବିଚାରରେ ଦଣ୍ଡଯୋଗ୍ୟ ସେ ଅଟଇ ।
ବିରାଟ ବୋଲେ ଗୌରବେ କଲି ମୁହିଁ ପୂଜ
ମୋହର ରାଜ୍ୟେ ଠାକୁର ଅଟଇ ସେ ଦ୍ୱିଜ ।
ଚରେ ବୋଇଲେ ଦେବ ଏ କରଇ ଉପେକ୍ଷା
ବ୍ରାହ୍ମଣ ହୋଇ କରଇ ବହୁତ ସେ କକ୍ଷା ।
ରନ୍ଧଣାର ଚୁଲିରେ ସେ ଯୋଗାଡ଼କୁ ଭରି
ଅରେଇ ଯୋଗାଡ଼ ଦେବ ସୂର୍ଯ୍ୟପାଗ କରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିରାଟ ବୋଇଲେ ବଡ଼ ଦୁର୍ଲ୍ଲଭ ଚରିତ
ଏକା ବ୍ରାହ୍ମଣର ପାଇଁ ସବ ବଳ ନଷ୍ଟ ।
ମୋହର ସୈନ୍ୟ ଭୁଞ୍ଜନ୍ତି ଚହିଁ ମନଇଚ୍ଛା
ମନ ଜାଣି ବରଷଇ ଯାହା ଯାହା ବାଞ୍ଛା ।
ଗଉର ଶଉର ନଳ ବଧି ନିତ ପ୍ରତି
ସ୍ୱର୍ଗ ମର୍ତ୍ତ୍ୟ ଭୁବନକୁ ଅସଂଖ୍ୟ ତା ଖ୍ୟାତି ।
ନୁହଇ ନା ମୋର ବୋଲେ ତାହାକୁ ଯେ ଯେପି
ଗୁଣବନ୍ତେ ଅନୁଚିତେ କ କାରଣେ ନାଶି ।
ଅଜ୍ଞକଭ ଲୋକ ଯେତ୍ତୁ ସେତ୍ତୁ ଆଜ୍ଞାବର୍ତ୍ତୀ
ଗୁଣବନ୍ତ ଲୋକ କାଂର କରଇ ବା ଖ୍ୟାତି ।
ତୁମ୍ଭେ ଯେବେ ପାଅ ତାକୁ ଅଣାଅ ଡକାଇ
ବିରାଟ ବୋଇଲେ ତୁମ ଏହି କଥା କହି ।
କୋନ୍ତ ବୋଇଲେ ବେଗରେ ଯାଅ ଦୂତଗଣ
ଆମ୍ଭେ ବୋଇଲୁ ବୋଲଣ ତାକୁ ଡାକଆଣ ।
କୋନ୍ତଙ୍କର ଆଜ୍ଞା ପାଇ ଚଳିଗଲେ ଦୂତ
ଘୋଷାଇଶାଳ ନିକଟେ ହେଲେ ଉପସ୍ଥିତ ।
ହେ ବଲ୍ଲଭ ରାଜା ଆଜ୍ଞା କରିଲ ଅବଜ୍ଞା
ଏବେ ଆସ କୋନ୍ତଙ୍କର ହୋଇଛି ଅନୁଜ୍ଞା ।
ରନ୍ଧଣା ବିଧାନ ବଧି ଛାଡ଼ିଣ ମାରୁତି
ବିଷ୍ଣୁରେ ଅଜ୍ଞାତ ବାସ ହେଲ କି ସମାପ୍ତି ।
କିସ ଅବା ବିରାଟକୁ ପଡ଼ିଲା ପ୍ରମାଦ
କି ଅବା ଅଜ୍ଞାତବାସ ହୋଇଲ କି ଭେଦ ।
କି ଅବା ମାନଗୋବିନ୍ଦ ପର ଥାଟ କଲେ
କିବା ବିରାଟେକୁ ପରଥାଟେ କ ପଡ଼ିଲା ।
ରସାଣ ଚମୂରେ ତାର ଲଗିଅଛି କଳା
କଣ୍ଠସୁ ପର୍ବତେ କିବା ବସେ ମେଘମାଳା ।
ଖାଙ୍କର କେଶ ଲମ୍ବ ତ ଚହିଁ ଜୁଡ଼ା ଗୋଟି
ଚନ୍ଦନର ବିନ୍ଦୁଟିକା ଦଶବନ୍ତେ ପୂଟି ।
ହିଙ୍ଗୁଳ ବସନ କଳା ଶରୀରେ ଜଡ଼ିତ
ପଇତା କାନ୍ଧିରେ ଅଛି ଜଉରୀ ସହିତ ।
ଖେଳନ୍ତା ସିଂହକୁ ଜଣି ଗ୍ଳାନ୍ତି ସେ ହେଲେ
ପ୍ରବେଶ ହୋଇଲେ ଯାଇ ରାଜସଭା ତଳେ ।
ଯୁଧିଷ୍ଠିର ଭୀମସେନ ଆକାରକୁ ଦେଖି
କୃଷ୍ଣଠାରେ ଲକ୍ଷ୍ୟ ଦେଇ ବୁଜିଲେ ସେ ଆଖି
ଆହାର ପୃଷ୍ଠରେ ସେହି ମୁଁ ଅଛି ଦିନ
କନ୍ତୁର ଅକମନ୍ତେ ଯେ ନୋହେ ଚନୁ କ୍ଷୀଣ ।

ଅହେ ଦୟାଇ ପୁରୁଷ ତୋର ଏହା କଲ
ଯେ ବିରାଟ ଦେଖିବାକୁ ଭଜନ ନୋହିଲ ।
ରାଜସୂୟ ଯଜ୍ଞକାଳେ ନେଲଟି ଗଳଥି
ଆସ୍ଥାନ ତଳରେ ତାକୁ ଦେଲେ ଏତେ ଶାସ୍ତି
ଏହି ପରକାରେ କର ବହିଲ ଦଇବ
ବିରାଟ ସଭା ତଳରେ ଆଣି ଦେଲ ଠାବ ।
ମୋହର ଏ କଲ କୃତ୍ୟ କାହାକୁ କହିବ
ଏ ତୁମ୍ଭର ଅବସ୍ଥା ମୁଁ କେମନ୍ତେ ସହିବ ।
ବିରାଟ ବୋଇଲେ ଗୁଣବନ୍ତ ବ୍ରାହ୍ମଣଟି
କେବଣ କାରଣେ ସ୍ୱାକୁ ଦେଲେ ଏତେ କଷ୍ଟି
କୋନ୍ତବୋଲେ ଏ ସୁଆର ଯେକାଳେ ନ ଥିଲେ
ରାଜ୍ୟଲୋକେ କ ଉପାସେ ମରି ଯାଉଥିଲେ ।
ବିରାଟରାଜା କଭିକ ଅଙ୍ଗ ସାଉଦେଇ
ବଲ୍ଲଭ ପ୍ରଣାମ କଲେ କୋନ୍ତ ମୁଖ ଚହିଁ ।
ବିରାଟ ବୋଇଲେ ଉଠ ଆହେ ଦ୍ୱିଜବର
ରାଜା ବଚନ ଶୁଣିବ କମ୍ପି ସୂପକାର
କୋନ୍ତ ବସ୍ତରିଲେ ଆମ୍ଭ ଆଜ୍ଞା ନ ହୋଇଲେ
ସେ କପାଇଁ ଉଠିବଟି ବିରାଟର ବୋଲେ ।
କୋନ୍ତବୋଇଲେ ଠାକୁର ଆଜ୍ଞାହେଲତୋତେ
ଉଠ କହୁକନା ଘୁଣିଯାତ ହେଉ କେତେ ।
ସ୍ୱାମିଙ୍କ ବଚନ ଶୁଣି ଉଠିଲା ପାବନା
ଯୁଧିଷ୍ଠିରଙ୍କୁ ବନ୍ଦିଣ ଶିରେ ଦେଲା ପାଣି ।
ଜନସ୍ୱ କାରଣ କହେ କେବଳର ମଳ
ସାଗରକୁ ଧନ ଦେଲେ ନୁହେ କ ସେ ଗ୍ଳାନ ।
ବିସ୍ତରଣ ସ୍ୱାମୀ ମୋତେ କେଉଁ ଆଜ୍ଞା ଦେବା
ବଳ ଅନୁରୂପେ ସାଧ ମୋହର ସେ ସେବା ।
ଶୁଣ ଶୁଣ ବଲ୍ଲଭ ହୋ ବୋଲନ୍ତି ବିରାଟ
କେମନ୍ତ କରିବା ମୋତେ ପଡ଼ିଛି ଅରିଷ୍ଟ ।
ବଲ୍ଲଭ ବୋଇଲା ଆମ୍ଭେ ପର ଉପକାରୀ
କହିବା ଉପାୟ ତାର ଯେଉଁ ରୂପ ପାରି ।
ଶୁଣିଣ ସାନନ୍ଦ ଚିତ୍ତ ହେଲେ ରାଜେ ମତ୍ସ୍ୟ
ଧ୍ୱଂସବଂଶୀ ଅଇଲା ବୋଲି କହିଲୁ ପ୍ରତ୍ୟକ୍ଷ ।
ଧନ୍ୟାହେ ବହୁତ ଉପଦର୍ପ କଲ ମୋତେ
ଯେ ବ୍ୟାଘ୍ର ଆଣିଛି ଦେଖି ନ ଥିଲି ମୁଁ ନେତ୍ରେ
କୀଚକ ସହିତେ ଯୁଦ୍ଧ ମାଗେ ବ୍ୟାଘ୍ର ବର
ତାକୁ କାହିଁ ଦେବ ତାର ପାଇଁ ରାଜ୍ୟ ମୋର

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଭୀମସେନ ବୋଲେ ରାଜା ରାଜ୍ୟ କରୁଥିଲେ
ବହୁତ କୌତୁକ ହୁଏ ପ୍ରଦେଶୀ ଆଇଲେ ।
ଏହି ପ୍ରକାର ବର୍ଷର କଉତା ଉଚିତ
ନୋହିଲେ ରାଜ୍ୟକୁ ହୁଏ ବହୁତ ବକୁତ. ।
ବିରାଟ ବୋଇଲେ ଶୁଣ ବଲ୍ଲଭ ପଣ୍ଡାଏ
ଏହି ବ୍ୟାଘ୍ର ବଧ ହେବ କେବଣ ଉପାୟେ
ଶୁଣ ଆହେ ମହେଶ୍ୱର ବୋଲଇ ବଲ୍ଲଭ
ବ୍ୟାଘ୍ର ମନୁଷ୍ୟର ଯୁଦ୍ଧ ବଡ଼ ଅସମ୍ଭବ ।
ନଖଦନ୍ତ ପରିଆଳ ତାହାର ଯେ ଅଶେଷେ
ମନୁଷ୍ୟ କରିବ ଯୁଦ୍ଧ କେବଣ ସାହସେ ।
ତୁମ୍ଭ ରାଜ୍ୟେ ଅଛୁ ମୁହିଁ ସୂପକାର ହୋଇ
ଛଡ଼ାଇଅ ମୋତେ ତୁମ୍ଭେ ଯେବେ ନ ଯୋଗାଇ
ବ୍ୟାଘ୍ରର ମୁଖରେ ରାଜା ଦେଉଛ ଆମ୍ଭଙ୍କୁ
ବ୍ରହ୍ମହତ୍ୟା ଦୋଷ ନଶ୍ଚେ ଲାଗିବ ତୁମ୍ଭଙ୍କୁ ।
ଯହୁଁ ସୂପକାର ଭାଷେ ଏହିପରି ବାଣୀ
ବିରାଟ କ୍ରୁଦ୍ଧ ହୋଇଲେ ତାଙ୍କ କଥା ଶୁଣି ।
କଙ୍କ ବୋଇଲେ ପଣ୍ଡା ତୁ ବଡ଼ଇ ଅଜ୍ଞାନ
କେବେହେଁ ଭ୍ରଷ୍ଟ ନ କର ରାଜାଙ୍କ ବଚନ ।
ଆସ୍ଥାନର ତଳେ ତୋତେ ହୋଇଲା ଯେ ଆଜ୍ଞା
ପାର ନ ପାର କେମନ୍ତେ କର ତା ଅବଜ୍ଞା ।
ମାର ହେ ବ୍ରାହ୍ମଣ ଯେବେ ତୋ ପ୍ରତିଜ୍ଞା ଥିଲେ
ବହୁତ ପୂଜା ପାଇବୁ ଏ ବ୍ୟାଘ୍ର ମାଇଲେ ।
ବିରାଟ ବଚନେ ସେହି କରୁଥିଲ ନାସ୍ତି
କଙ୍କଙ୍କ ବଚନ ଶୁଣି ଫିଟେ ମନଭ୍ରାନ୍ତି ।
ଭୀମ ବୋଇଲା ତୁ ମେଲ ତୋ ବ୍ୟାଘ୍ର ଝଟତି
ରାଜା ବୋଲେ ତୁହି ଅଟୁ ବ୍ରାହ୍ମଣ ସନ୍ତତି ।
ଅନେକ ଦୋଷ ଅର୍ଜିବ ନ ବଧାଅ ପ୍ରାଣେ
ବଲ୍ଲଭ ବୋଲଇ ମୁହିଁ ପଶୁଅଛୁ ରଣେ ।
ସମର କଲେ ବ୍ରାହ୍ମଣ ହୁଏ ଶିରଚ୍ଛେଦ
ଏଥିପାଇଁ ତୁମ୍ଭେ କିପାଁ କରୁଛ ବିଷାଦ ।
ବେଣ୍ଟକାର ବୋଲେ ତହୁଁ ଶୁଣ ଦଗପାଳେ
ମୋହର ଆଉଟି ଦୋଷ ନାହିଁ ଏତେବେଳେ
ବଲ୍ଲଭ ବୋଲେ ଅଦୋଷେ ତୁହି କିପାଁ ବୋଲୁ
ଏହି ବ୍ୟାଘ୍ରକୁ କିପାଇଁ ବନ୍ଧନ ନକଲୁ ।
ବେଣ୍ଟକାର ସେ ବ୍ୟାଘ୍ରକୁ ଦୂରେ ଅଛି ଧରି
ମୂର୍ଖ ଦ୍ୱିଜବର କିପାଁ ଏ   ନ ବିଚାରି ।

ବେଣ୍ଟକାର ବୋଲେ ଏହା ନ କର ପଣ୍ଡାଏ
ତୁ ମରିବୁ ମୋତେ କିପାଁ ଲାଗିବ ହତ୍ୟାଏ ।
ଭୀମସେନ ବୋଇଲା ହୋ ମେଲ ଦୂର କରି
ପୁଣି ସାକ୍ଷୀକରେ ବ୍ୟାଧ ଗଗନ ବିହାରି ।
ସାଧୁରେ ସାଧୁ ତୁ ଜାଣ ଅଟୁ ମହାବଳୀ
ଶୁଣି ହାମ୍ବୋଳ ମାରଣ ଫିଟାଏ ଶିକୁଳି ।
ତହୁଁ ବୋଇଲା ତୁ ଯାଅ ଆରେ ବ୍ୟାଘ୍ରବର
ଭକ୍ଷଣ କର ତୁ ଯାଇ ଏହି ସୂପକାର ।
ସୂପକାର ଦେଖି ବ୍ୟାଘ୍ର ଧାଇଁଲା ଗରଜି
ଗର୍ଜ୍ଜନେ ପର୍ବତଚଡ଼ା ପଡ଼ୁଅଛି ଭାଜି ।
ଭୀମ ହସ୍ତରେ ମାରିବ ପ୍ରାଣ ବଜ୍ରମୁଠେ
ପୁଣି ହସ୍ତରେ ଜାଣିବେ ବିରାଟ ସନ୍ନତେ ।
କଚ୍ଛାରେ ଉଲଗ୍ନ ହୋଇ ପଡ଼ିଲାକ ଭୀମ
ଆକର୍ଷି ଧରଣ ବ୍ୟାଘ୍ର କରିଲା ସଂଗ୍ରାମ ।
ବ୍ୟାଘ୍ର ଦେଖି ପଳାଇଣ ଗଲେ ନଗ୍ରଜନ
ମେଡ଼ ମଣ୍ଡପରେ ଯାଇ ଉଠିଲେ ବହନ ।
ମତ୍ସ୍ୟପତି ଆସ୍ଥାନରେ ନ ପାରିଲେ ରହି
ଉଚର ଜଗତିରେ ଯେ ଉଠିଲେକ ଯାଇ ।
ଏକମାତ୍ର ଆସ୍ଥାନରେ ରହିଲେ ଯୁଧିଷ୍ଠି
ଭୀମସେନଙ୍କୁ ଚାହାନ୍ତି କରି ଏକଦୃଷ୍ଟି ।
ଉତ୍ତାନଶାୟୀ ହୋଇଣ ଭୀମ ଅଛି ପଡ଼ି
ବକ୍ଷସ୍ଥଳେ ବସି ବ୍ୟାଘ୍ର ହୁଏ ଘୋରରଡ଼ି ।
ତଳେ ପଡ଼ି ଭୀମସେନ ବ୍ୟାଘ୍ର ଆକର୍ଷଇ
ବ୍ୟାଘ୍ର ବସିଛି କେଶରୀ ସମ ତେଜ ବହି ।
କେବଳ ମାତ୍ର ଯେ ବ୍ୟାଘ୍ର ହୃଦେ ବସିଅଛି
ତାର ବଳେ ଭୀମକୁ ନ କରିପାରେ କିଛି ।
ତଳେ ଭୀମର ଉପରେ ଅଛି ବ୍ୟାଘ୍ରବର
ଦେଖିଣ ନଗରବାସୀ ଶୋକେ ଜର ଜର ।
ହା ହା ସୂପକାର ବୋଲି ବୋଲୁଛନ୍ତି ଜନେ
ମୃତ୍ୟୁ ଲଭିବ ବୋଲିଣ ଆସିଲ ଏ ସ୍ଥାନେ ।
ଆମ୍ଭେ କାହୁଁ ଜାଣିବୁ ତୋ ରନ୍ଧନର ରୀତି
ତୋହର ପ୍ରସାଦେ ଆମ୍ଭେ ଖାଉ ନିତି ପ୍ରତି ।
ଏକା ହୋଇ କରୁଥିଲୁ ସକଳ ରନ୍ଧନ
ସର୍ବ ସୂପକାରେ ଜଗନ୍ତି ତା ଏକଜଣ ।
ରୋଦନ କରନ୍ତି ନଗ୍ରବାସୀ ନରନାରୀ
ସର୍ବେ ଶୋକଭରେ ସୂପକାର ନାମ ଧରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସେତେବେଳେ କ୍ଷୁଧାତୁରେ ମାଗନ୍ତି ସେ ଅନ୍ନ
ନିଅଳସ ବ୍ରାହ୍ମଣ ସେ ଦିଏ ସେହିକ୍ଷଣ ।
ତାହିଁ ଏ ବ୍ୟାଧ ବ୍ୟାଘ୍ରକୁ ଅଇଲେ ଘେନି
ତାହାର ପ୍ରମାଦେ ସର୍ବେ ହେଲେ ତୀର୍ଥ୍ୟଦାନି
ସୂପକାର ପେଷିବାକୁ ରାଜାଙ୍କ ଅନିଚ୍ଛା
ଏକା କୋଳ ଘଣ୍ଟା ଥାଇ ସୂପ୍ରକୁ କଲେ ରକ୍ଷା
ଆମ୍ଭର ନିଃଶ୍ୱାସ ସବୁ ତାର ମୁଣ୍ଡେ ପଡ଼ୁ
ଆହୋ କୋଳନ୍ତିଛି ଭୂମି ପେଟ ଏବେ ଯୋଡ଼ୁ
ଉଦାର ବ୍ରାହ୍ମଣ ଜାଣେ ନାହିଁ କୂଟ ଛନ୍ଦ
ବ୍ୟାଘ୍ର ସଙ୍ଗତେ ମନୁଷ୍ୟ ନାହିଁଅଛି ଦ୍ୱନ୍ଦ୍ୱ ।
ହେ ଧର୍ମ ଆମ୍ଭମାନଙ୍କ ଦାଇମାକୁ ଘେନି
ଦେଲେକ ଉଦ୍ଧାର ଏହି ବ୍ରାହ୍ମଣ ମୂର୍ଦ୍ଧନି ।
ବିରାଟ ବଚନ ଶୁଣି ଏହି ଭଜିଗଲ
ଏକା କୋଳ ବ୍ରାହ୍ମଣର କୂଟେ ନାଶଗଲ ।
କଣାଚ କି ହୋଇଥିଲା କେବେ ତା ଦଇବ
ପରକୁ ମରାଇଣ ସେ ଆପଣେ ନ ମର ।
ଏଥାର ମୁଖେ ଭ୍ରାତାଙ୍କ ଶୁଣି ଅପଖ୍ୟାତି
ଆକର୍ଷି ବ୍ୟାଘ୍ରକୁ ମାଡ଼ି ବସିଲ ତଡ଼ିତ ।
ରେ ରେ କାର ରଡ଼ି କରି ପବନ କୁମାର
ବାମକରେ ସେ ବ୍ୟାଘ୍ରକୁ ଘାତ ଅବମାର ।
ବେନି ଆଣ୍ଠୁରେ ମାଡ଼ିଣ ବସିଲ ସେ ହୃଦେ
ବାମକରେ ତୋଣ୍ଟି ଚପି ପ୍ରହାରିଲେ ପାଦେ ।
ଦକ୍ଷିଣଭୁଜେ ମାଇଲ ପୁଣି ମୁଥ ଟୋଳ
ଭୂମିରେ ପଡ଼ିଲ ବ୍ୟାଘ୍ର ଦେଇଣ ଡୋବାଳ ।
ବ୍ୟାଘ୍ରର ଚର୍ମ ଭିତରେ ପୁତ୍ତୁଳେକ ଥିଲ
ବିଦ୍ୟାଧର ସଦୃଶରେ ବାହାରିଣ ଗଲ ।
ଅମରେ ଆସିଣ ଥିଲେ ପୁଷ୍ପକ ବିମାନେ
ଆରୋହି ସେ ବିଦ୍ୟାଧର ଗଲ ଅନ୍ତର୍ଦ୍ଧାନେ ।
ବ୍ୟାଘ୍ର ବଧ ଦେଖିକରି ସେ ଜାର ଶବର
ସୂପକାରକୁ ପ୍ରଶଂସା କରଇ ଅପାର ।
ସୂପକାର ନୋହୁ ତୁମ୍ଭ କେଉଁ ଦିଗପାଳ
ତୋର ଚିହ୍ନ ବଳବନ୍ତ ନାହିଁ ରବିତଳ ।
ବିଶ୍ୱାସ କଥାଏ ତୋତେ ପଚାରିବି ନିଜ
ହେ ବଲ୍ଲଭ ଭୀମସେନ ଠାକୁର ତୁମ୍ଭେ କି ।
ଭୀମସେନ ବୋଇଲେ ତୁ ଜାଣିଲୁ କେମନ୍ତେ
ଖେଳାଉଥିଲି ତୁମ୍ଭକୁ ତୁମ୍ଭର ବାଳ୍ପତେ ।

ଶତସିଂହ ପର୍ବତରେ ତୁମ୍ଭର ଆଶ୍ରମ
ପଣ୍ଡୁ ମହାରାଜା କ୍ଷେତ୍ରେ ତୁମ୍ଭର ଜନମ ।
ଭୂଳ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଚନ୍ଦ୍ରବାର
ପଣ୍ଡୁ ଦିନେ ଅନ୍ଧାରରୁ ବେଣ୍ଟ ପାରିଧିର ।
ମୋର ପିତା ଶିରରଜ ପଣ୍ଡୁ ସମ ଯୋଧି
ଏ ବେନି ଜନ ମରିଷ ହେଲେ କାଳବଧି ।
ମୋହର ମାତାଙ୍କ ନାମ ଅଟଇ କୃତ୍ତିକା
କୋଇନ୍ତାଙ୍କ ସଙ୍ଗେ ସଖୀ ବସିଥାଇ ଏକା ।
ମନ୍ତ୍ର ସ୍ମରଣା କଲେ ଥାଇ ଶଯ୍ୟାଗତେ
ପବନ ଦେବତା ଆସି ମିଳିଲେ ତୁରିତେ ।
ତକ୍ଷଣେ ଭ୍ରମଣ ଇଚ୍ଛା କଲେ ମାହେଶ୍ୱରୀ
ସେ ଦିବସେ ଜାତ ତୁମ୍ଭେ ଶତଶୃଙ୍ଗ ଗିରି ।
ବାବୁ ହେ ଶ୍ରାବଣ ଶୁକ୍ଳପଞ୍ଚମୀ ଦିନର
ପଣ୍ଡୁ ମୃଗୟାକୁ ଯାଇ ଅଛନ୍ତି ବନର ।
ତୁମ୍ଭଙ୍କୁ ଘେନି କୋଇନ୍ତା ଥିଲେ ପରବତେ
ବ୍ୟାଘ୍ରେକ ରଡ଼ିଏ ଦେଲ ନିଶା ଅର୍ଦ୍ଧରାତ୍ରେ
ମୁହିଁ ହୋଇଥିଲି ତେବେ ପାଞ୍ଚ ବରଷର
ମହାଘୋର ଅନ୍ଧକାର ବରଷା ଦିନର ।
ବ୍ୟାଘ୍ରେକ ଗର୍ଜିଲ ସେହି ପର୍ବତର ତଳ
ଗର୍ଜ୍ଜନ ଶୁଣି କୋଇନ୍ତା ହୋଇଲେ ବିକଳ ।
ଭୟ ପାଇ ଥରହର ହୋଇଣ ତୁରିତେ
ଉଠି ଯାଉଁ ପଡ଼ିଗଲ ତୁମ୍ଭେ ସେ ପର୍ବତେ ।
ଛଟପୂଣ ଆୟୁତନ ଯେବଣ ଅଚଳ
ତୁମ୍ଭେ ପଡ଼ି ଯାନ୍ତେ ସେହୁ ପଶିଲ ପାତାଳ ।
ତୁମ୍ଭଙ୍କୁ ପକାଇ ଦେବୀ ପଳାଇଲେ ଡରେ
ଭୟରେ ଉଠିଲେ ଯାଇ ବୃକ୍ଷର ଉପରେ ।
ପର୍ବତର ତଳେ ପଡ଼ି କାନ୍ଦନ୍ତେ ତୁମ୍ଭେତ
ତୁମ୍ଭଙ୍କୁ ଦେଖିଣ ବ୍ୟାଘ୍ର ଆସିଲ ତୁରିତ ।
ତୁମ୍ଭର ପାଦ ବାଜନ୍ତେ ବ୍ୟାଘ୍ରର ମୂର୍ଦ୍ଧନା
ଶତେଖଣ୍ଡ ହୋଇ ମୁଣ୍ଡ ହୋଇଗଲ ଚୂନା ।
ଜାରଶବର ବୋଇଲ ଭୀମଙ୍କ ଆଗର
ବାଳ୍ପତକାଳେ ମାରିଛ ତୁମ୍ଭେ ବ୍ୟାଘ୍ରବର
ନବମ ମାସ ବୟସେ ବ୍ୟାଘ୍ର କଲ ହତ
ଜାଣିଲି ମୁଁ ଏବେ ତୁମ୍ଭେ ସେ ଭୀମ ନିଶ୍ଚିତ
ଭୀମ ଛଡ଼ା ଏ ବ୍ୟାଘ୍ରକୁ କେ ପାରିବ ମାରି
ତେଣୁ ଜାଣିଲି ମୁଁ ତୁମ୍ଭେ ଭୀମ ବୋଲିକରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଭୀମସେନ ବୋଇଲେ ଶୁଣ ଅଟ ମୋ ସୋଦର
ପାଣ୍ଡୁମାସ ଅଛୁ ଗୋପ୍ୟ ପ୍ରକାଶ ନ କର ।
ନାରାୟଣବର ବୋଇଲା ଖାଟକର ପାଇଁ
ତୁମ୍ଭର ଅଜ୍ଞାତବାସ ହୋଇଅଛୁ ଭାଇ ।
ମୁଁ ଏହା ଜାଣି ଅଛଇ ହେ ବୀର ଆଗହୁଁ
ହୃଦଗତେ ବହିଅଛୁ ମାତା ମୋତେ କହୁଁ ।
ହେ ଭୀମସେନ ଦେଖିବାପାଇଁକି ତୁମ୍ଭଙ୍କୁ
ଛଦ୍ମବେଶରେ ଅଇଲି ବିରାଟ ରାଜ୍ୟକୁ ।
ବହୁତ ଅପେକ୍ଷା ଥିଲି ଦେଖିବା ନିମନ୍ତେ
ମାତା ମୋର କହିଥିଲା ଅତ୍ୟନ୍ତ ଗୁପତେ ।
ବ୍ୟାଘ୍ର ବଧ ନ ହୋଇବ କାରୁ ଆନ ବନେ
ଯେ ମାରିବ ସେ ବ୍ୟାଘ୍ରକୁ ଭୀମ ସେହି ଭଲେ
ନାମ ଧରନ୍ତେ ଜାଣନ୍ତେ ସର୍ବେ ତୁମ୍ଭେ ବୋଲି
ତେଣୁ ବ୍ୟାଘ୍ର ଯୁଦ୍ଧପାଇଁ ଖାଟକେ ମାଗିଲି ।
ରହିଅଛୁ ଏବେ ମୁହିଁ ମନୋହର ବନେ
ତୁମ୍ଭଙ୍କୁ ଦେଖିବାପାଇଁ ଆସେ ଏ ସ୍ଥାନେ ।
ବିରାଟେ ରାଜ୍ୟ ଆସିବ ମୁହିଁ ପ୍ରତିଦିନ
ତୁମ୍ଭଙ୍କୁ ସାକ୍ଷାତ କରି ତୋଷୁଥିବ ମନ ।
ଭୀମସେନ ପଚାରିଲେ ସେ ବ୍ୟାଘ୍ର ବାରତା
ଭୀମସେନ କରିତର ଯହୁଁ ହେଲା କଥା ।
ଯେଉଁ ପୁରୁଷକେ ଥିଲା ବ୍ୟାଘ୍ରର ଗରଭେ
ବ୍ୟାଘ୍ର ବଧ ହୁଅନ୍ତେଣ ପଳା ସେହୁ ଏବେ ।
ଗର୍ଭରୁ ବାହାର ହୋଇ ବେଗେ ସେ ଗମିଲା
ଊର୍ଦ୍ଧ୍ୱ ମୁଖ ହୋଇଣ ସେ ଆକାଶେ ମିଳିଲା ।
ଭୀମସେନ ପୁଚ୍ଛିଲେ ସେ କେବଣ ମହାତ୍ମା
ଜାଣୁ ଯେବେ କହ ସେଥି ପୁରୁଷ ଉତ୍ତମା ।
ଜାର ବୋଇଲା ବାବୁ ହେ ଶୁଣ ପୂର୍ବ କଥା
କହୁଅଛୁ ଏବେ ସେହି ପୁରୁଷ ବାରତା ।
ଜଳୋପନସ୍ନ ବୋଲି ଏକ ସତ୍ୟଯୁଗେ
ଗୋଲକ ବୋଲିଣ ଇନ୍ଦ୍ର ବସଇ ସେ ସ୍ୱର୍ଗେ ।
ଅଜମିତ ବୋଲି ଋଷି ଅଗସ୍ତିଙ୍କ ବାଳେ
ମହାତପୋବନ୍ତ ହେଲେ ସେହୁ ବହୁକାଳେ ।
ଅଜମିତ ବୋଲିକରି ସେ ଆକାଶ ମୁନି
ଜନକମୁନିଙ୍କୁ ସେହୁ ସଙ୍ଗେ ସାହା ଘେନି ।
ଜନକର ପୁତ୍ର ପୁଣି ଯାଜ୍ଞିକ ବ୍ରାହ୍ମଣ
କୃପାଜଳ ମହାମୁନି ତାହାଙ୍କ ନନ୍ଦନ ।

କୃପାଜଳଙ୍କ ନନ୍ଦନ ବଲିସ୍ତୁବ ଋଷି
ବନୁବର ବୋଲିକରି ଏହାଙ୍କର ଶିଷ୍ୟ ।
ବନୁବରଙ୍କ ନନ୍ଦନ କଣ୍ୱ ମହାଋଷି
ଏକ ବୋଲିକରି ପୁତ୍ର ଯାଙ୍କଠୁ ପ୍ରକାଶି ।
ସେ ସ୍ଥୂଳଋଷି ବୈଶାଖ ତୃଷ୍ଣାସ୍ୱାର ଦିନ
ଗୁରୁବାରେ ରୋହିଣୀ ଯେ ଅଟେ ବିଦ୍ୟମାନ
ସେହିଦିନ ଋଷି ସ୍ୱର୍ଗଭୁବନକୁ ଗଲେ
ଇନ୍ଦ୍ରଦେବ ତାଙ୍କୁ ଦେଖି ଆସନ ନ ଦେଲେ
ବହୁଦେବ ଉଶ୍ୱାହେଲେ ନ ଦେଲେ ଆସନ
ପ୍ରଣାଦ କଲୁ ନ କଲେ ଯହୁଁ ମଘବାନ ।
ସେ ସ୍ଥାନୁ ଅଇଲେ ମୁନି ଖାଇ ବହୁ ଲାଜ
ବୋଇଲେ ଅପରେ ମୁହିଁ ଦେବ ଦେବରାଜ ।
ଉତ୍ତର ଦିଗରେ ଅଛି ବଦରିକା ଆଶ୍ରମ
ତହିଁ ଘୋର ତପକଲେ କରି ଅନୁକ୍ରମ ।
ତିରିଶ ବର୍ଷେ ଭୁଞ୍ଜନ୍ତି ସେହୁ ଏକବେଳ
ତାହାଙ୍କହିଁ ତେଜ୍ୟାଇରି ପୁଣି କେତେକାଳ ।
ଗୋଟିଏ ତୁଳସୀଦଳ ତନେ ପିଇ ପାଣି
ଏଗାର ହଜାର ବର୍ଷ ବସିଲେ ସେ ପୁଣି ।
ମନସ୍ତୁ ପବନେ ପୁଣି କଅଁଳିଲା କାୟା
ଏତେବଡ଼ କଷ୍ଟେ ତହୁଁ ବସିଲାକ ଦୟା ।
ନାରଦ କହିଲେ ଯାଇ ଶୁଣ ହେ ମଘବା
ଅମର ସମ୍ପଦ ନାଶକଲୁ ଆରେ ବାବା ।
ସ୍ଥୂଳଋଷି ଆସିଥିଲେ ଏ ସ୍ଥାନେ ସମସ୍ତେ
ଆସନ ନ ଦେଲୁ ତାଙ୍କୁ ବସିବାକୁ ଗର୍ବେ ।
ଅମର୍ଷ ହୋଇ କର୍ତ୍ତାଙ୍କୁ ସେବେ ସେହି ଋଷି
ଅନାହାରେ ଏକାଦଶସହସ୍ର ବର୍ଷ ବସି ।
କରତା ପ୍ରସନ୍ନ ତାଙ୍କୁ ହେବେ କେଉଁଦିନେ
ଅମରପତି ହୋଇବେ ତୋହର ଆସନେ ।
ଦେବ ସନ୍ଦେଶ ଉପର କହିଲି ସବୁ
ଯେମନ୍ତେ ପାରୁ ତୁ ରକ୍ଷା ଏବେ ହୁଅ ବାବୁ
ତାହା ଶୁଣିଣ ଶଙ୍କିତ ହେଲେ ମଘବାନ
ହୃଦେ ବିଚାରିଲେ କସ କରିବ ବିଧାନ ।
ସୁତ ମନ୍ତ୍ରୀଙ୍କୁ ବସାଇ ଆପଣା ନିକଟେ
ବୋଲେ ବଦ୍ରିକାକୁ ଯାଅ ଏକ୍ଷଣି ଅକଟେ ।
ସ୍ଥୂଳମୁନି ତପ କରେ ଅତିଶୟ ତମେ
ଏଗାର ହଜାର ବର୍ଷ ବଦ୍ରିକା ଆଶ୍ରମେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଧିରନ୍ଧର ଯୋଗୀ ସେହୁ ତପୋବନ୍ତ ଋଷି
ତପ ଭଗ୍ନକର ଯାଇ କୃଷ୍ଣଙ୍କୁ ପ୍ରକାଶି ।
ସ୍ୱାମୀଙ୍କ ବଚନ ଶୁଣି ସେ ନନ୍ଦନ ବେନି
ବୋଲେ ବଡ଼ ଦୁର୍ଘପଦ ଅଟେ ସେହୁ ମୁନି ।
ସ୍ୱାମୀ ହେ ତୁମ୍ଭର ଆଜ୍ଞା ନ କଲେ ମରିବୁ
ଋଷି କୋପ କଲେ ତହିଁ ଭସ୍ମ ହୋଇଯିବୁ ।
ତୁମ୍ଭେମାନେ ମୋ ନନ୍ଦନ ସ୍ୱର୍ଗ ରକ୍ଷାକର
ଇନ୍ଦ୍ରତ୍ୱ ପାଇବ ତୁମ୍ଭେ ପିତାକାର୍ଯ୍ୟକର ।
ପିତାଙ୍କ ବଚନ ଶୁଣି ସୁତ ମନ୍ତ୍ରୀ ବେନି
ଚଳିଲେ ସେ ବିଦ୍ୟାଧର ଦଣ୍ଡପାଣା ଘେନି ।
ଉତ୍ତର ବଦ୍ରିକାଶ୍ରମେ ଛନ୍ତି ମହାଋଷି
ବାସବ ଦୁଇ ନନ୍ଦନ ମଝି ହେଲେ ଆସି ।
ଗୀତନାଦ ବାଦ୍ୟ ଉଙ୍କାର ଗଲେ ବିଦ୍ୟାଧରେ
ଦେଖିଣ ମୋହିତ ହେଲେ ଇନ୍ଦ୍ରଙ୍କ କୁମରେ ।
ଅନେକ ବିନୋଦେ ରଙ୍ଗେ ମଧୁର ସଙ୍ଗୀତ
ଦେଖି ବିଦ୍ୟାଧର ଦୁଇ ରୂପରେ ମୋହିତ ।
ମଦନରେ ଅଣକତ ସେ ତାଣ୍ଡବ ଶୁଣି
ଅଙ୍ଗେ ବାଜିଲା ମଦନ ଶର ଯାଇ ପୁଣି ।
ଭୃଷ୍ଟ ବିସ୍ତାରଣ ଋଷି ଭକ୍ଷନ୍ତେ ପବନ
ସୁତ ମନ୍ତ୍ରୀ ଦୁହେଁ ଯାଇ ପଶିଲେ ଗର୍ଭେଣ ।
ବାତାକୃଷ୍ଟ ହୋଇଣ ସେ ପଶିଲେ ଉଦରେ
ଋଷିଙ୍କର ପଞ୍ଚତତ୍ତ୍ୱ ବୁଡ଼ାଇଲେ ଖରେ ।
ମୁଖେ ପଶିଣ ସେ ଦୁହେଁ ହେଲେ ପାପଆତ୍ମା
ଦୁଃଖେ ଅର୍ଜିତ ତପକୁ ହରିଲେ ମାହାତ୍ମା ।
ଶରୀରେ ପଶି ତାଙ୍କର ବୁଦ୍ଧି କଲେ ବାମ
ତପସ୍ୟା ତେଜିଲେ ମୁନି କାମେ ଅସାସ୍ଥମ ।
ବନରେ ଭ୍ରମନ୍ତି ମୁନି ବାଳଭାବ ଘେନି
ସଙ୍ଗମ କଲେ ଧରିଣ ଗୋଟିଏ ମୃଗୁଣୀ ।
ହରିଣୀ ଗର୍ଭେ ପଡ଼ିଲା ଏହାଙ୍କର ରେତ
ତହିଁରୁ ଜାତ ହୋଇଲା ଏକଗୋଟି ସୁତ ।
ଦକ୍ଷିଣ ପ୍ରାତୀକୂଳରେ ତ୍ରିଭିସ୍ତା ମଠେକ
ଶ୍ୱେତ ପର୍ବତରକୁ ସେ ଦେଖିଣ ଭ୍ରଷ୍ଟକ ।
ବୋଇଲେ ସ୍ୱର୍ଗକୁ ବନେ ତୁ ଇନ୍ଦ୍ର ହୁଅସି
ଇନ୍ଦ୍ର ଆସନରେ ଯାଇ ସୁଖେ ଥାଅ ବସି ।
ସେ ଇନ୍ଦ୍ର ମୋହର ତପ ନାଶିଲା ଉପାୟେ
ଇନ୍ଦ୍ର ନାଶକର ସ୍ୱର୍ଗେ ହୁଅ ଦେବରାୟେ ।

ଅଗସ୍ତି ବୋଇଲେ ଶୁଣ ମନୁ ନରପତି
ତ୍ୱଷ୍ଟା ଇନ୍ଦ୍ରପଦେ ଯାଇ ବସିଲାକ ତଥି ।
ତ୍ୱଷ୍ଟା ଇନ୍ଦ୍ରପଦ ପାଇଁ କରିଲେକ ଇଚ୍ଛା
ଭୂତ ମହାଋଷି ବୋଲି ତାହାଙ୍କର ବସ୍ତା ।
ଭୂତ ମହାଋଷି ପୁନ ବହୁ ତପ କଲା
ଭୂକ ଶୁକଳ ଦଶମୀ ଦିନ ସ୍ୱର୍ଗେ ଗଲା ।
ପାର୍ବତୀ ବୋଇଲେ ଆହେ ଶୁଣ ଦେବ କାଶୀ
ବିନାଦୋଷେ ନାଶଗଲା ଏଡ଼େକ ତପସ୍ୱୀ ।
ପଡ଼ିବା ମାତ୍ରକେ ତାକୁ ଆକର୍ଷିଲା ବ୍ୟାଳ
ବଦନୁ ମୂଷଳ ସମ ବହିର ଗରଳ ।
ନାରଦେ ଡାକ ବୋଇଲେ ତହୁଁ ଶୂଳପାଣି
ଅତି ବେଗେ ଘେନିଯାଅ ବ୍ରହ୍ମାଙ୍କର କତି ।
ଜୀବନ୍ୟାସ କର ତାକୁ ପ୍ରାଣଦାନ ଦିଅ
ଉଲଗ୍ଧବେ ନେଇ ଭୂତଋଷିଙ୍କୁ ତୁ ଥୁଅ ।
ଶିବ ଆଜ୍ଞାରେ ନାରଦ ମୃତପିଣ୍ଡ ଘେନି
ପ୍ରବେଶ ହୋଇଲେ ଯହିଁ ଛନ୍ତି ପଦ୍ମଯୋନି ।
ନାରଦ ବୋଇଲେ ପିତଃ ଘେନ ନିବେଦନ
ଏ ଭୂତଋଷିଙ୍କି ଦେଖି ଦିଅ ପ୍ରାଣଦାନ ।
ଅଇଲି ମୁଁ ଈଶ୍ୱରଙ୍କ ଆଜ୍ଞା ଶିରେ ବହି
ଏହାଙ୍କୁ ଉତ୍ତମ ସ୍ଥାନ ଦିଅନ୍ତୁ ଗୋସାଇଁ ।
ତାହା ଶୁଣି ପିତାମହ ତାଙ୍କୁ ଜୀଆଇଲେ
ନାରଦଙ୍କୁ ତହିଁ ବ୍ରହ୍ମା ପୁଣି ଆଜ୍ଞାଦେଲେ ।
ମୋଠ ରୁ ଅଳକା ପୁରୀ ଅଟେ ଭଲ ସ୍ଥାନ
ଏହାଙ୍କୁ ବସାଅ ନେଇ ଇନ୍ଦ୍ର ସିଂହାସନ ।
ମହାଋଷିଙ୍କୁ ଘେନିଣ ଚଳିଲେ ନାରଦେ
ନେଇ ବସାଇଲେ ତାଙ୍କୁ ଇନ୍ଦ୍ରଙ୍କର ପଦେ ।
ବୋଇଲେ ଅଗସ୍ତି ପୁଣି ଶୁଣ ନରପତି
ଇନ୍ଦ୍ରପଦରେ ବସିଲେ ସ୍ଥୂଳ ଋଷି ନାଥ ।
ସ୍ଥୂଳଋଷି ସଙ୍ଗେ ଇନ୍ଦ୍ର ବିବାଦ କରିଲେ
ବଜ୍ର ଘେନି ଭୂତ ମହାଋଷିଙ୍କି ତର୍ଜିଲେ ।
ସଜ୍ୟ ଧନ ଏଡ଼େ ଇନ୍ଦ୍ର ଧର୍ମପଦ ଛାଡ଼ି
ସେ ମହାତପୀଙ୍କି ଯାଇଁ ବସିଲା ସେ ମାଡ଼ି ।
ନାରଦ ଯାଇଣ ଶୁଣି କହିଲେ ତ୍ୱଷ୍ଟାକୁ
ଇନ୍ଦ୍ର ବଧ କଲା ଦେବ ତୁମ୍ଭର ପୁତ୍ରକୁ ।
ପୁତ୍ରବଧ ଶୁଣିଁ କୋପ କଲେ ତପୋନିଷ୍ଠ
ସତ୍ୟ ଛାଡ଼ି ଇନ୍ଦ୍ର କଲା ପ୍ରକୃତିକୁ ନଷ୍ଟ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କରରେ ଦଣ୍ଡ ଘେନିଣ ଧାଏଁ ମୁନିବେଗେ
ପୁଣି ନାରଦ କହିଲେ ଆସି ଇନ୍ଦ୍ର ଆଗେ ।
ତ୍ୱଷ୍ଟା ଋଷି ଆସୁଛନ୍ତି ମହାକୋପକରି
ତୁମ୍ଭର ଶିରୀ ସମ୍ପଦ ଦେବେ ସେହୁ ସାରି ।
ହେ ମହାତ୍ମା ତପୀ ସଙ୍ଗେ ହୋଇଲ ବିବାଦୀ
କଣ୍ଠିତ ଦୋଷରେ ନାଶ ଗଲ ଜମ୍ଭଭେଦୀ ।
ସ୍ଥୂଳଋଷିଙ୍କି ନ ଦେଲ ଆସ୍ଥାନରେ ବସି
କଣ୍ଠିତ ଦୋଷେ ସମ୍ପଦ ହୋଇଯିବ ଧ୍ୱଂସି ।
ନାରଦ ବଚନେ ଭସ୍ମ କଲେ ମଘବାନ
ସକଳ ସମ୍ପଦ ନାଶି ତେଜିଲେ ଜୀବନ ।
ଶରୀରୁ କାଢ଼ିଲେ ନିଜ ପଞ୍ଚଭୂତ ଆତ୍ମା
ପାପ ଆତ୍ମାକୁ ଘେନିଣ ବସିଲେ ମହାତ୍ମା ।
ପଞ୍ଚଆତ୍ମା ଥୋଇଲେ ଯେ ପଞ୍ଚଠାବ କରି
ପ୍ରଥମ ଆତ୍ମା ଥୋଇଲେ ଧର୍ମଅଙ୍ଗେ ଭରି ।
ଦ୍ୱିତୀୟ ଆତ୍ମାକୁ ନେଇ ପବନରେ ଥୋଇ
ଆପଣାକୁ ଆତ୍ମାଶୂନ୍ୟ କରିଣ ରୁହାଇ ।
ଅଶ୍ୱିନୀଙ୍କୁ ଏକ ଆତ୍ମା ସମର୍ପଣ କଲେ
କୁମାରେ ଆତ୍ମାଏ ନେଇ ଗୋପନ କରିଲେ
ପାପଆତ୍ମାକୁ ଘେନିଣ ଇନ୍ଦ୍ରଛନ୍ତି ବସି
କୋପାନଳ କୋପେ ତ୍ୱଷ୍ଟା ପ୍ରବେଶିଲେ ଆସି
ତ୍ୱଷ୍ଟା ବୋଇଲେ ଇନ୍ଦ୍ର ତୁ ନାଶିଲୁ ନନ୍ଦନ
ଯାଅରେ ବାସବ ତୁହି ହୋଇଣ ଦହନ ।
ବ୍ରହ୍ମବେତ୍ତାଙ୍କର ଶାପ ତକ୍ଷଣେ ପଡ଼ିଲା
ତ୍ୱଷ୍ଟାଋଷିଙ୍କର କୋପେ ଇନ୍ଦ୍ର ଭସ୍ମ ହେଲା ।
ଶୁଣ ବୈବସ୍ୱତ ଏ ଯେ ଋଷିଙ୍କ ବିବାଦେ
ଅମରାଧିନାଥ ଏବେ ପଡ଼ିଲା ପ୍ରମାଦେ ।
ଧର୍ମଙ୍କ ନିକଟେ ଯେଉଁ ଆତ୍ମା ସ୍ଥାପିଥିଲେ
ଦ୍ୱାପର ଯୁଗରେ ଧର୍ମ ନନ୍ଦନ ଜନ୍ମିଲେ ।
ପବନ ଥୋଇଣ ଥିଲେ ଯେ ଦ୍ୱିତୀୟ ଆତ୍ମା
ଦ୍ୱାପରେ ଜନ୍ମିଲେ ହୋଇ ଭୀମ ମହାତମା
ଇନ୍ଦ୍ର ଯେଉଁ ଆତ୍ମା ନେଇ ଶୂନ୍ୟେ ଥିଲେଥୋଇ
ସର୍ବ ସୁଲକ୍ଷଣେ ତହୁଁ ଅର୍ଜୁନ ଜନ୍ମଇ ।
ଅଶ୍ୱିନୀଙ୍କଠାରେ ଯେଉଁ ଆତ୍ମା ଥୋଇଥିଲେ
ଅଶ୍ୱିନୀଙ୍କ ବୀର୍ଯ୍ୟରେ ସେ ନକୁଳ ଜନ୍ମିଲେ ।
କୁମାରଙ୍କଠାରେ ଯେଉଁ ଆତ୍ମା ଥିଲେ ସ୍ଥିତ
ସେହି ହେଲେ ସହଦେବ ମାଦ୍ରୀଦେବୀ ସୁତ

ବ୍ରହ୍ମବେତ୍ତା ମହାଋଷି କହିଲେ ପ୍ରସ୍ତାବେ
ପଞ୍ଚଆତ୍ମା ଘେନି ଜାତ ହୋଇଲେ ପାଣ୍ଡବେ ।
ବୈବସ୍ୱତ ମନୁ ପୁଚ୍ଛାକଲେ ଅଗସ୍ତିଙ୍କି
ବ୍ୟାଘ୍ର କିଏ ସେ ହୋଇଲା କୁହ ମୁନିଏ କି ।
ଅଗସ୍ତି ବୋଇଲେ ଶୁଣ ସେହୁ ଶାସ୍ତ୍ର କଥା
ସିନ୍ଧୁ ବାଲି ଗଣିବାକୁ କେହୁ ସାମରଥା ।
କହନ୍ତି ଅଗସ୍ତି ଶୁଣ ବଳଙ୍କାର ରାଜ
ସ୍ଥୂଳମୁନି ଗର୍ଭେ ଥିଲେ ବାସବ ଆତ୍ମଜ ।
ଅନେକ ବାତୁଳ ସେହି କରିଲେ ଯତିଙ୍କି
ଅବିରତ ଶୃଙ୍ଗାର ସେ କରେ ମୃଗୁଣୀକି ।
ଯେତେ ସ୍ତ୍ରୀ ମୃଗୁଣୀ ସେହି ବନେ ପାରେ ଧରି
ଅବିରତ ଶୃଙ୍ଗାର ସେ କରେ ବନେ ଫେରି
ସିଂହ ମାସ ଶୁକ୍ଳପକ୍ଷ ଚତୁର୍ଥୀର ଦିନ
ସ୍ଥୂଳଋଷି ପଶିଲେ ସେ ଦଣ୍ଡକ ଅରଣ୍ୟ ।
ହରିରୁଦ୍ର ପର୍ବତେ ଯେ ନିଦ୍ରାଗଲେ ଯତି
ଗର୍ଭରୁ ବାହାର ହେଲେ ବାସବ ସନ୍ତତି ।
ବ୍ରହ୍ମାଣ୍ଡ ଘୋଟିଲା ତହିଁ ମୁନି ଗର୍ଭୁ ଯାନ୍ତେ
କାହିଁ ଯାଉଛରେ ତୁମ୍ଭେ ନାଶକରି ମୋତେ
କଷ୍ଟେ ଅର୍ଜିବାର ତପ ନାଶକଲ ମୋର
ହୁଅ ବେନିଘାଇ ଯାଇ ଶାର୍ଦ୍ଦୂଳ କୁଞ୍ଜର
କରପଦ ଯୋଡ଼ି ତହୁଁ ବୋଇଲେ କୁମରେ
ମୋକ୍ଷ କେମନ୍ତେ ଲଭିବୁ ଆଜ୍ଞା ଦିଅ ଥରେ
ମୁନି ବୋଇଲେ ତାହାଙ୍କୁ ମନର ବିରାଗେ
ତୁମ୍ଭେମାନେ ମୋକ୍ଷ ହେବ ଚଉବିଂଶ ଯୁଗେ ।
ହଟକଳଶ ବୋଲିଣ ଯେ ଦ୍ୱାପର ଯୁଗ
ଜମ୍ଭଭେଦୀ ନାମେ ଇନ୍ଦ୍ର ବସିବ ଯେ ସ୍ୱର୍ଗ ।
ପଦ୍ମଯୋନି ନାମେ ବ୍ରହ୍ମା ଜୀବ ନାମେ ଯମ
ଯୁଗାନ୍ତକ ନାମେ କାଳ ତପ ନାମେ ଧର୍ମ ।
ଅନନ୍ତ ନାମେ ଆଦିତ୍ୟ କାମ ନାମେ ଶଶୀ
ଏହି ଦୁହେଁ ଯେଉଁ କାଳେ ପ୍ରକାଶିବେ ଆସି
ଜୀବତ ନାମରେ ମନ୍ତ୍ରୀ ଶ୍ୱାସନାମେ ବହ୍ନି
ଶୋଭନୀ ନାମେ ପୃଥିବୀ ଭୁବନାମେ ଧ୍ୱନି ।
ଚୌଷଠି ସହସ୍ର ବର୍ଷ ଭୋଗାନ୍ତେ ଦ୍ୱାପର
ବୈବସ୍ୱତ ମନୁଙ୍କର ଗଣନା ପ୍ରକାର ।
ଯୁଧିଷ୍ଠିର ନାମେ ହେବେ ଧର୍ମଙ୍କ ନନ୍ଦନ
ମହୀଭର ଉଶ୍ୱାସିବେ ମାରି ଦୁଷ୍ଟଜନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସେ ଦ୍ୱାପର ଅନ୍ତେ ସୁକୁମାର ସମ୍ପ୍ରତରେ
ଯୁଧିଷ୍ଠି ଅଜ୍ଞାତ ବାସେ ଥିବେ ବିରାଟରେ ।
ଜରା ନାମରେ ଶବର ଅଙ୍ଗଦ ଯେ ପୂର୍ବେ
ବିରାଟ ନଗରେ ଗଜ ଧରିନେବ ଯେବେ ।
ଗଜକୁ ବ୍ୟାଘ୍ର ଧରିଣ ଜଗିଲେ ନହତ
ଭୀମ ମାଲଯୁଦ୍ଧେ ବ୍ୟାଘ୍ର କରିବ ନିପାତ ।
ପାଣ୍ଡବ ସୁନ୍ଦର ସେହୁ ଷୋହଡ଼ ଯୁଗତେ
ଭୀମସେନ ନାଶିବେ ସେ ଯୁଧିଷ୍ଠି ଅଗ୍ରତେ ।
ପୂର୍ବର ଚରିତ ଏହୁ ଅଟେ ଆଦ୍ୟ କଥା
ଶୁଣିଲ ହେ ମହାରାଜା ବ୍ୟାଘ୍ରର ବାରତା ।
ବାସବ ନନ୍ଦନ ଦୁହେଁ ଶାପ ପାଇଥିଲେ
ମୋକ୍ଷ ହୋଇଣ ସେ ପୁଣି ସ୍ୱର୍ଗକୁ ଗମିଲେ ।
ମୁନି ବୋଇଲେକ ସେହୁ ବ୍ୟାଘ୍ର ବଧ ଅନ୍ତେ
ବିରାଟ ଧର୍ମରାଟ କ ବୋଇଲେ ତୁରିତେ ।
ଜଗତକୁ ଡାକେ ଆସ ବୋଲି ରାଜ୍ୟେ ମତ୍ସ୍ୟ
ତୋ ବ୍ୟାଘ୍ରକୁ ସୂପକାର ମାରିଲା ପ୍ରତ୍ୟକ୍ଷ ।
ସମସ୍ତ ବାରତା ଜାଣି କହିଲା ଭୀମକୁ
ଶୁଣି ଭୀମ ପ୍ରଣିପାତ ହୋଇଲା ତାହାକୁ ।
ଜାରାଶବର ବୋଇଲେ ଏ ନୁହେଁ ବହିତ
ତୁମ୍ଭେ ମୋର ତାତ ମୁହିଁ ଅଟେ ତୁମ୍ଭ ସୁତ ।
ଭୀମସେନ ବୋଇଲେ ମୁଁ ଲେଉଡ଼ି ଥିଲି ଏହା
ଅଜ୍ଞାତ ପଣ୍ଡିତ ତୁହି ଅଟୁ ପୁଣ୍ୟଦେହା ।
ଜାରା ବୋଲେ ସତ୍ୟଯୁଗେ କେତୁ ସେ ମଙ୍ଗଳ
ତ୍ରେତୟାରେ ବାଳି ସୁଗ୍ରୀ ଅଟେ ମହାମଲ୍ଲ ।
ଦ୍ୱାପର ଯୁଗରେ ତୁମ୍ଭେ ଭୀମ ଦୁଃଶାସନ
ବାଳି ସୁଗ୍ରୀ ଅବତାରେ ମୁଁ ତୁମ୍ଭ ନନ୍ଦନ ।
ଶତଶୃଙ୍ଗେ ମୋର ତାତ ଖଟନ୍ତି ପଣ୍ଡୁଙ୍କୁ
ମୁହିଁ ଏବେ ଭକ୍ତିଭାବେ ଖଟିଲି ତୁମ୍ଭଙ୍କୁ ।
ଭୀମସେନ ନାମ ବହି ଯେଉଁ ସୂପକାର
ଦେଖିବାକୁ ବ୍ରାହ୍ମଣ ସେ ନାମେ ନମସ୍କାର ।
ଭୀମସେନଙ୍କୁ କରତ କହେ ଯେଉଁ ବାଣୀ
ତହୁଁ ଭୀମ ତୁଷ୍ଟ ହୋଇ ଚଳେ ଚକ୍ରପାଣି
ବ୍ୟାଘ୍ର ବଧ ଦେଖି ରାଜା ଅତି ତୁଷ୍ଟ ହେଲେ
ଜଗତରୁ ଆସି ପୁଣି ଆସ୍ଥାନେ ବସିଲେ ।
ଆସ ସୂପକାର ତୋର ଏପର ମହିମା
ଏ ମର୍ତ୍ତ୍ୟେ ରଖାଇଲୁ ତ ମୋହର ଗାରିମା ।

ତୁହି ରକ୍ଷା କଲୁ ଏବେ ତୋର ରାଜ୍ୟପାଟ
ଉଦ୍ଧାର କରାଇଲୁ କଥାଁ ଆମ୍ଭଙ୍କୁ ଏମନ୍ତ ।
ଆପଣା ଶରୀରେ ଯେତେ ଅଳଙ୍କାର ଥିଲା
ବଲ୍ଲଭ ଶରୀରେ ସବୁ ମଣ୍ଡଣି କରିଲା ।
ବହୁତ ବସନ ଘେନି ବୋଲେ ମତ୍ସ୍ୟନାଥ
ବଲ୍ଲଭଙ୍କ ପାଟପଣେ ଶାଢ଼ୀ ଦିଅ କୋଳ ।
ଆପଣା ଶ୍ରୀହସ୍ତେ କୋଳ ଶାଢ଼ୀ ନେଇକରି
ବୋଇଲେ ତୁ ଗେହରେ ହେଲୁ ଅଧିକାରୀ
ବହୁ ପ୍ରଶଂସା କରନ୍ତି ତାଙ୍କୁ ରାଜ୍ୟଲୋକେ
ସାଧୁ ସାଧୁ ସୂପକାର ମହିମା ତ୍ରୈଲୋକ୍ୟେ ।
ରାଜା ବୋଇଲେ ତୋପରି ଶତେଜନ ଥିଲେ
ଜିଣିପାରନ୍ତି ପୃଥିବୀ ମୁହିଁ ଅବହେଳେ ।
ମନେ ସାନନ୍ଦ ହୋଇଣ ବୀର ବୃକୋଦର
ଗୁପତେ ରହିଲା ଯାଇଁ ରୋଷାଇର ଘର ।
ମୁହିଁ କହିପଣ କଲି ଶାରଳା ପ୍ରସଙ୍ଗେ
ମୋତେ ତ ଅସଂଖ୍ୟ କଥା ଅଟଇ ଲେଖନେ
ଅଥବା ଦେଖାଇବ ମୁଁ ଠାବ ଠାବ କରି
ସଂସାର ବୋଧିବାପାଇଁ କଉତୁକ କରି ।
କଏ ସେ ତଦନ୍ତ କରି ପାରିବ କଥନ
ଅସଂଖ୍ୟ ପୁଣ୍ୟର କଥା ଭାରତ ବିଧାନ ।
ଅଭୟା ଅନ୍ନପୂର୍ଣ୍ଣା ଗୋ ଝଙ୍କଡ଼ ନିବାସୀ
ଅସଂଖ୍ୟ ଅଗୋଚର ଗୋ ମୋତେ ବରଦେସି
ସର୍ବମଙ୍ଗଳା ମାଙ୍ଗଲ୍ୟ ଯାର ନାମ ଗୋଟି
ଦଧି ସମୁଦ୍ର ଭିତରୁ ଶ୍ୱେତପଦ୍ମ ଫୁଟି ।
ନିର୍ମଳ ସାଯୁଜ୍ୟ ମୋକ୍ଷ ଯାହାର ପ୍ରକୃତି
ବସନ୍ତ ମାସରେ ଯେସନ୍ତେ ପ୍ରଳୟ ବହନ୍ତି ।
ତୁହି ଗୋ ଜନନୀ ମୋର ସର୍ବସିଦ୍ଧି ନିଧି
ତୋର ପ୍ରସଙ୍ଗେ ତରିବ ଏ ଭବ ବାରିଧି ।
ଜମ୍ବୁଦ୍ୱୀପ ଭରତଖଣ୍ଡେ ସିଦ୍ଧ ଅନ୍ନପୂର୍ଣ୍ଣା
ଦେ ତବଳ ନାଶୁ ମାଗୋ ଧେନ ଯୋଗୀସେନା
ନୟନେ ନଦେଖେମାଗୋ ଦେଖେଣାସ୍ତଯୋଗେ
ବିରାଟ ପର୍ବ ଲେଖିବ ତୁମ୍ଭ ଅନୁରାଗେ ।
ସିଦ୍ଧ ଶାରଳା ପ୍ରସଙ୍ଗେ ମୋତେ ବର ଦିଅ
କଉତୁକ ଲୀଳାରେ ଯୋ ସଂସାର ଖେଳାଅ ।
ପ୍ରସନ୍ନରେ ବର ଦେଇ ଦୁର୍ଗତିରୁ ତାରୁ
ନରେଖଙ୍କୁ ପ୍ରସନ୍ନରେ ବେଗେ ରକ୍ଷାକରୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କଳିକାଳଧ୍ୱଂସିନୀ ଗୋ ଆନନ୍ଦ ନନ୍ଦିନୀ
ସର୍ବଦା ଚରଣେ ତୋର ମୋହର ଦଇନୀ ।
ମୋକଣ୍ଠେ ବିଜୟ କର ଦେବୀ ସରସ୍ୱତୀ
ସୂର୍ଯ୍ୟନନ୍ଦନକୁ ମୋର ନା ରହିବ ଭ୍ରାନ୍ତି ।
ଜନ୍ମେ ଜନ୍ମେ ମୁ ମୂର୍ଖ ମୁଁ ଅଟଇ ଅଜ୍ଞାନ
ଶାରଳାଦାସର ତୁମ୍ଭ ପଦ୍ମପାଦେ ଧ୍ୟାନ ।

ଭୀମଙ୍କ ସହିତ ପ୍ରଦେଶୀ ମଲ୍ଲର ଯୁଦ୍ଧ ଓ ତାହାର ମୃତ୍ୟୁ

ବଦନ୍ତି ଅଗସ୍ତି ଶୁଣ ବୈବସ୍ୱତ ମନୁ
ବ୍ୟାଘ୍ର ବଧ କଲା ସେହି ପବନର ସୂନୁ ।
କେହି ନ ଜାଣିଲେ ସେହି ରହିଲେ ଗୋପନେ
ରାତ୍ରି ପାଇ ଗଲେ ଭୀମ ବେଷାଇ ଭବନେ ।
ମନୁ ରାଜା ପୃଚ୍ଛା କଲେ ହେଲା କେଉଁ ଯୁଦ୍ଧ
ଅଗସ୍ତି ବୋଇଲେ ପୁଣି ମାଲ କଲା ବଧ ।
କେଉଁପୁର ମାଲ ସେହୁ କେଉଁପୁରେ ଥିଲା
ବଲ୍ଲଭ ସହିତ ତାର କାହିଁ ଭେଟ ହେଲା ।
ଅଗସ୍ତି ବୋଇଲେ ସତ୍ୟଯୁଗେ ରାଜା ବଳି
ଖର୍ବେ ମାଲଙ୍କୁ ଘେନିଣ ସାଧେ ମେରୁସ୍ଥଳୀ ।
ବାମନ ରୂପରେ ପ୍ରଭୁ ହୋଇ ବିଶ୍ୱମୂର୍ତ୍ତି
ଚାପନ୍ତେ ସେ ବଳି କଲା ପାତାଳକୁ ଗତି ।
ମଲ୍ଲେ ଆସିଣ ଧଇଲେ ବାମନଙ୍କ ଜାନୁ
ଚରଣ ଉପାଡ଼ିବାକୁ ଇଚ୍ଛିଲେ କୃଶାନୁ ।
ରୋମ ମୂଳକୁ ଉଚ୍ଛଲ୍ୟ କରିଲେ ବାମନେ
ଅନେକ ଦୂରେ ପଡ଼ିଲେ ବଳୀ ମାଲମାନେ ।
ବୀରଚୂଡ଼ଙ୍କ ନଗର ପଶ୍ଚିମର କୋଣେ
ବଜ୍ରବାହୁ ପଡ଼େ ନବସହସ୍ର ଯୋଜନେ ।
ପଞ୍ଚସହସ୍ର ଯୋଜନ ଯେ କଟକ ସ୍ଥଳୀ
ସେ ମାଲ ପଡ଼ିଲା ପଞ୍ଚ ଯୋଜନେ ଉଗ୍ରଳ ।
ମନ୍ଦର ପର୍ବତ ପ୍ରାୟେ ପଡ଼ିଲା ଲେଉଟି
ବଂଶଯୁଣ ଭୂମିଚୂନା ପଡ଼ନ୍ତେ ପାଲଟି ।
ସେହି ମାଲର ନନ୍ଦନ ମହାବାହୁ ବୀର
ମେଦିନୀ ନ ସହଇ ସେ ମାଲଙ୍କର ଭର ।
ଅମାପ୍ୟ ମାଲକୁ ନାଶକଲେ ହନୁମନ୍ତ
ରଣକେଶରୀ ବୋଲିଣ ତାର ଅଟେ ସୁତ ।
ସ୍ୱା ସୁତ ପୃଥ୍ୱୀକେଶରୀ ନାମେ ହେଲା ମାଲ
ହରଣ କେଶରୀ ନାମେ ଏହାର ଦୁଲାଳ ।
ହରଣ କେଶରୀ ପୁତ୍ର ମେରୁକେଶୀ ବୀର
ଏହାଙ୍କର ପ୍ରହାରରେ ଖଣ୍ଡଗିରି ଚୂର ।
ମେରୁକେଶରୀଙ୍କ ପୁତ୍ର ପ୍ରଚଣ୍ଡ କେଶରୀ
ପୃଥ୍ୱୀ ମାଲ ଜିଣିଲା ସମସ୍ତଙ୍କୁ ଧରି ।
ପ୍ରଚଣ୍ଡ କେଶରୀ ପୁତ୍ର ଯେ ଦଣ୍ଡକେଶରୀ
ଗଗନକେଶରୀ ନାମେ ପୁତ୍ର ହେଲା ତାରି ।
ତାହାର ପୁତ୍ରର ନାମ ଆକାଶ କେଶରୀ
ଆକାଶକେଶରୀ ପୁତ୍ର ପାତାଳକେଶରୀ ।
ଚନ୍ଦ୍ରକେଶରୀ ନାମରେ ହେଲା ସ୍ୱା କୁମର
ବଳଦର୍ପେ ସମ କେହି ନ ହୋଇଲେ ବୀର ।
ଏହାଙ୍କ ନନ୍ଦନ ନାମ ସୁବାହୁ କେଶରୀ
ଗଜଦର୍ପ କେଶରୀ ଯେ ଏହାଙ୍କୁ ଫୁକାରି ।
ପ୍ରତାପୀ ମାଲ ହୋଇଲା ଜମ୍ବୁଦ୍ୱୀପ ମଧ୍ୟେ
ବହୁ ସୈନ୍ୟବଳ ମାରେ ଏହୁ ରଣଯୁଦ୍ଧେ ।
କୁମ୍ଭମାସ ଶୁକ୍ଳପକ୍ଷ ଅଷ୍ଟମୀର ତିଥି
ଭୃଗୁବାସରେ ଆରଦ୍ରା ନକ୍ଷତ୍ର ଯୁକତ ।
ସେ ଦିନ ସେ ମାଲ ଆସେ କରେ ଦଣ୍ଡଧରି
ଅୟୁତେ ମାଲ ସଙ୍ଗେ ଆଣିଲା ତାହାରି ।
ପ୍ରତିଜ୍ଞା ଆରମ୍ଭେ ଆଜ୍ଞା ତାହାର ବୀରଧୁ
ଏକା ଦର୍ପରେ ମନ୍ଥିଲା ସେହୁ ସାତସିନ୍ଧୁ ।
ମନ୍ଦର ଉପାଡ଼ିଣ ସେ ଘେନେ ବାମହସ୍ତେ
ହେମବନ୍ତ ପର୍ବତକୁ ଧରିପାରେ ମାଥେ ।
ବୀରଦାଉଣ୍ଡି ମର୍ଦ୍ଦଳ ବାଜେ ବଜଘୋଷ
ବୀର କାହାଳୀ ନେତ ଯେ ଉଡ଼େ ତଉପାଶ ।
ନିସ୍ତଳଙ୍କ ତମ୍ବା ପ୍ରାୟ ମାଲ ଦେନ ଆକ୍ଷି
ମଧ୍ୟଦେଶ ଲୋକମାନେ ଭୟ କଲେ ଦେଖି
ଅଚଳ ମହାଶୂନ୍ୟେକ ପ୍ରାୟେ ଆସେ ଉଠି
ତ୍ରିକୂଟ ପର୍ବତ ପ୍ରାୟ ମାଲ ଦୁଇ ମୁଷ୍ଟି ।
ଶୁଦ୍ଧ ତମ୍ବାପଗପ୍ରାୟେକ ମାଲ ତେଜ ତନୁ
ଦଶନଖ ବେନିଭୁଜ ଲମ୍ବିତ ଆଜାନୁ ।
କେଶି କଂସ ପରପ୍ରାୟେକ ମାଲ ବେନି ଭୁଜ
କାଳ ଅନଳ ଜିଣି ତା ବିରାଜଇ ତେଜ ।
ଦର୍ପେ ମାଲ ପ୍ରବେଶିଲା ବିରାଟର ରାଜ୍ୟ
ଦେଖି ସର୍ବଜନମାନେ ହୋଇଲେ ଆଶ୍ଚର୍ଯ୍ୟ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯେହ୍ନେ ମହାମତ୍ତଗଜ ମାଲ କରେ ଦର୍ପ
ଭୟେନ୍ଦୁଇଷ୍ଟଗ ହେଲେ କେହ୍ନହେଲେଗୋପ୍ୟ
ଆସ୍ଥାନର ତଳେ ମାଲ ହୋଇଲା ପ୍ରବେଶ
ବାହାସ୍ଫୋଟ ମାରଣ ସେ ହାମ୍ପୋଳେ ଆକାଶ
ଭୂମି ଆବୋଷଣ ଯେସ୍ତ କଲ ଠିଆଠାଣି ।
ବୋଲେ ମୁହିଁ ଏକା ଜାଣେ ଚୌରାଶୀ ବନ୍ଧାଣି
ଅଧର ସ୍ପୃଷ୍ଟକର ସେ ଦ୍ଧପେ ଦନ୍ତପାଟି
ଭୟେ ଆସ୍ଥାନରୁ ଲୋକ ପଳାଇଲେ ଉଠି ।
ଆରେ ରେ କହ୍ନ ହାମ୍ପୋଡ଼ ଯେସ୍ତ ବେନବାହୁ
ଅନ୍ତରୁର ବନେ କବା ଚଳନ୍ତକ ରାହୁ ।
ବରାଟ ପୁଚ୍ଛିଲେ ତୁମ୍ଭେ କେବଣ ବଦେଶୀ
ମାଲ ବୋଲଇ ମୁଁ ଅଟେ ଆବ ବନୀବଂଶୀ ।
ବସିଣ ବାରତା ତହୁଁ କହିଲକ ସବୁ
ବରାଟ ବୋଇଲେ ଏଥି ରହିବୁ ନା ଯିବୁ ।
ମାଲ ବୋଲେ ମୁଁ ପ୍ରଦେଶୀ ଅଟଇ ଏକଲ
ଶତେସିଂହ ପରକ୍ରମ ଅଟେ ଭୁଜ ଶଳା ।
ପୃଥିବୀ ମଧ୍ୟରେ ବହୁ ମାଲ କଲି ବଧ
ଏବେ ମୁଁ କୀଚକ ସଙ୍ଗେ କରିବଇଁ ଯୁଦ୍ଧ ।
ଆଣ କୀଚକକୁ ଯୁଦ୍ଧ କରୁ ମୋର ଭୁଜେ
ଶତ୍ରୁଛନ୍ଦ ଧରାଇବ ମୋତେ ସେ ଜିଣିଲେ ।
ମୁହିଁ ଯେବେଟି ତାହାକୁ ପାରିବଇଁ ମାର
ଆଉ ଜମ୍ବୁଦ୍ୱୀପେ କେହ୍ନ ନ ହୋଇବେ ସର ।
ଭୂମି ଛୁଇଁଣ ଶ୍ରବଣ ଛୁଇଁ ମତ୍ସ୍ୟପତି
ବୋଇଲେ ତୋ ଭୁଜେ ମୋର ଅଛି କେଉଁଗତି
କୀଚକର ବାହୁବଳେ ମୋର ରାଜ୍ୟଭାର
ତାର ଭୟେ ପଳାଇଲେ ଦିଗର ଈଶ୍ୱର ।
ଦୁହିଁଙ୍କ ଯେ ଦୁଇପଦୁ ବାରଲକ୍ଷ ଗୋରୁ
ଏତେ ଭୋଗ କରଇ ମୁଁ ତାର ପ୍ରସାଦରୁ ।
ତାହାକୁ ଯେସିବ କଥା ଏତେକ ପ୍ରମାଦେ
ତୋ ସଙ୍ଗେ ସମ୍ପର୍କ ନାହିଁ ସମ୍ପଦ ବିପଦେ ।
ବରାଟ ବୋଇଲେ ଯାଅ ତୁ ଅନ୍ୟ ରାଜ୍ୟକୁ
ମୋର ବଳେ ପେଷି ନୁହେଁ ଯେସ୍ତ କୀଚକକୁ
ମାଲ ବୋଇଲେ କୀଚକ ଯୁଦ୍ଧହିଁ ନ କଲେ
ଏ ତୁମ୍ଭର ରାଜ୍ୟରୁ ମୁଁ ନ ଯିବଇଁ ଭଲେ ।
ଦେଶ ଉଜାଡ଼ ମାରିବ ଯେତେ ଜୀବଜନ୍ତୁ
ସମସ୍ତଙ୍କୁ ମାରିବ ମୁଁ ନ ଥୋଇ କାହାକୁ ।

ଅଶ୍ୱଶାଳ ଗଜଶାଳ ନଗ୍ର ଆଦିକରି
ସର୍ବ ସ୍ୱର୍ଗ ଲୁଟାଇବ ଯେହ୍ନେ ବନଗିରି ।
କ୍ଷଣ କ୍ଷଣ କୋପକରେ କଥା କହୁଁ କହୁଁ
କୋପେ ବୋଇଲେ ବରାଟ ଶୁଣ ଏବେ ତହୁଁ
ରାଜ୍ୟ କରୁଥିଲେ ହୁଏ ନାନାବ କୌତୁକ
ଅବସ୍ଥ ପ୍ରମାଦ ଆବ ପଡ଼ଇ ଅନେକ ।
ଏ ମାଲ ଯଦ୍ୟପି ଏଥୁ ବାହୁଡ଼ିଣ ଯିବ
ଦିଗରଙ୍କୁ ଘେନ ସେସ୍ତ ଅବଶ୍ୟ ବାହୁବ ।
ଏବେ ଉପୁକଲେ ସେସ୍ତ ନଷ୍ଟେ ଯିବ ମାରି
ଯହିଁପାଇଁ ଉପୁକର କରିବ ସେପରି ।
ଶତସିଂହ ପରାକ୍ରମୀ ଯେଉଁ ସେନାପତି
ମାଲ ସ୍ଥିରକୁ କପାଇଁ ତାର ଏତେ ଖ୍ୟାତି ।
ବରାଟ ବୋଇଲେ ତୁମ୍ଭେ ଶୁଣ ଆହେ କୋପେ
କହୁଁହିଁ ଲଜ ନୋହିବ ଏ ମାଲ ଯାଆନ୍ତେ ।
କୋପେ ବୋଇଲେ ଆସିଛୁ ତୁହି ଯୁଦ୍ଧ କରି
ବସ୍ତୁର କରିବା ତାହା ରହ ଦିନ ସ୍ଥିର ।
ରାଜାଙ୍କୁ ବୋଇଲେ ଆଜ୍ଞା କର ବଲ୍ଲଭକୁ
ଭୋଜନ ଦିଆଅ ତୁମ୍ଭେ ପ୍ରଦେଶୀ ମାଲକୁ
ଦିନ ଗୃହ ପାଞ୍ଚ ଏଥି ବିଶ୍ରାମ ତୁ କର
ବସ୍ତୁର କରଣ ତୋତେ ଦ୍ୟାଇବା ସମର ।
ବରାଟ ଆଜ୍ଞା କରିଲେ ରାଇଣ ଦୂତଙ୍କୁ
ଏ ମାଲକୁ ଘେନଯାଅ ବଲ୍ଲଭ ପାଖକୁ ।
ବୋଇଲେ ଅଯୁତେ ମାଲ ଛନ୍ତି ଏହା ଭୁଲେ
ଏହାଙ୍କ ଯୋଗାଡ଼ ତୁମ୍ଭେ ଦେବ ଅତି ଭଲେ
ଯାଏ ମାଲ ରାଜାଙ୍କର ଆଜ୍ଞା ଶିରେ ଘେନି
ସ୍ୱରେଧାଇଁ ସୂପକାରେ କରିଲେ ବଇମା ।
ହେ ଗୋସାଇଁ ସୂପକାରେ ହେଉ ତବ ଶୁଭ
ଠାକୁରଙ୍କ ଆଜ୍ଞା ଏହି ମାଲେ ଅନ୍ନ ଦେବ
ବହୁତ ଦେଶ ବୁଲିଣ ଆସିଅଛି ବଳ
ନନ୍ଦା ନୋହିବ ଯେପରି ହୋଇବଟି ଭଲ ।
ବଲ୍ଲଭ ବୋଇଲେ ଆହେ କ୍ଷଣେ ରହ ଭାଇ
ସାରବଧି ଯୋଗାଡ଼ ମୁଁ ବାନ୍ଧେ ତୋହପାଇଁ ।
ତାହା ଶୁଣିଣ ସେ ମାଲ କହଇ ବଚନ
ଆଣିଦିଅ ତୈଳ ଆମ୍ଭେ କରିଯିବୁ ସ୍ନାନ ।
ଶୁଣିଣ ପାଚକ ତହୁଁ ଭରଣେ ସର୍ଷପ
ଆଣି କୁଡ଼ାଇଣ ଦେଲେ ମାଲର ସମୀପ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦେଖି ମଲ୍ଲ ବିଚାରଇ ଏହୁ ଅଟେ ବାଇ
ତୈଳ ମାଗୁ ସୋରଷ ଏ ଦେଉଛୁ କୁଟାଇ
ଏହୁ କ୍ରୋଧହୋଇ ଚହୁଁ ମଲ୍ଲ ବୋଲେ ଗିର
ବାତୁଳ ପରାୟ କପାଁ ହେଉ ସୂପକାର ।
ଆମ୍ଭେ ତ ମାଗିଲୁ ତୈଳ ଲଗାଇବା ପାଇଁ
ତୁ କପାଁ ସୋରଷ ଦେଉ ସମ୍ମୁଖେ କୁଟାଇ ।
ଶୁଣି ସୂପକାର ବୋଲେ ତୁମ୍ଭେ ପରା ମଲ୍ଲ
ଏହାକୁ ମର୍ଦ୍ଦନ କର ବେଗେ କାଢ଼ି ତେଲ ।
ଆପଣା ଶରୀରେ ବୋଳି ବେଗେ ସ୍ନାନ କର
ଭୋଜନର ବେଳ ପରା ହେଉଛି ଉଚ୍ଚୁର ।
ଏହି କଥା ଶୁଣି ମଲ୍ଲ ହୋଇଣ ତାଟକା
ବୋଇଲେ କି କଥା କହୁ ରେ ବ୍ରାହ୍ମଣ ଟୋକା
ଏହି କଥା କି ସଂସାରେ କେହି କେବେ କରେ
ନୂତନ ଶୁଣିଲୁ ଏବେ ଆସି ଏହିଠାରେ ।
ପରିହାସ କରୁ ମୋତେ ନ ଜାଣି ପାମର
ଧୀରେ ଛୁଇଁଲେ ତୋହର ଛିଣ୍ଡିଯିବ ଶିର ।
ଶୁଣି ଭୀମସେନ ହେଲେ ମନେ କୋପାନ୍ୱିତ
ପୁଣି ବିଚାରିଲେ ମୋତେ ଅଟେ ଏ କଞ୍ଚିତ ।
ଯଦ୍ୟପି ଏହାକୁ ମୁହିଁ ଦେବି ପ୍ରତିକାର
ତେବେ ଏ ଅଜ୍ଞାତ ବାସ ହୋଇବ ପ୍ରଚାର ।
ଧର୍ମ ଆଜ୍ଞା ଶୁଣିନାହିଁ ମୁହିଁ ଯେ ସ୍ଥଳରେ
ଏହାକୁ ମାରିବା ମୋର ନୁହଇ ବିଚାରେ ।
ଏହି କଥା ମନ ମଧ୍ୟେ ଭାବିଣ ପାବନି
ଗର୍ବ କଥା ସହ୍ୟକରି ହୋଇଯାଇ ତୁନି ।
ବୋଇଲେ ଅଞ୍ଜଳି କରି ଦେଖା ତୋର କର
ସର୍ଷପରୁ ତୈଳ କାଢ଼ି ଦେଉଛୁରେ ବୀର ।
ଏହା କହିଣ ମର୍ଦ୍ଦନ କରିଲେ ସର୍ଷପ
ମଲ୍ଲର ହସ୍ତେ ପଡ଼ଇ ତେଲ ଅପ ଅପ ।
ଏହା ଦେଖି ମଲ୍ଲ ମନେ ଲଭି ଚମତ୍କାର
ତୈଳ ମାଖି ସ୍ନାନକୁ ସେ ଚଳିଲା ସତ୍ୱର ।
ସ୍ନାହାନୁ ଆସିଣ ମଲ୍ଲ ଭୋଜନ କରଇ
ଭୀମ ଉପାଦେୟ ଦ୍ରବ୍ୟ ନେଇ ପରଷଇ ।
ଧାନ ଉଷାଇଁଣ ଥିଲା ଶତେକ ପଉଟି
ଚୁଲ୍ଲଡ଼ାରେ ପକାଇ ସେ କଲା ମେଦ ଗୋଟି
ମୁଗୁନି ପଥର ଆଣି ଚୂର୍ଣ୍ଣ ସେହୁ କଲା
କୌତୁକ ହୋଇଣ ଭୀମ ମଲ୍ଲକୁ ଡାକିଲା ।

ବସ ହୋ ମଲ୍ଲ ତୋହର ଯେତେ ମଲ୍ଲଗୋଷ୍ଠୀ
ଏହାଙ୍କ ଭୋଜନ ଯେତେ ତଣ୍ଡୁଳ ଆଣେଟି ।
ଏହା କହିଣ ବଲ୍ଲଭ ଚଳିଲା ତୁରିତ
ଦେଖିଣ ସେ ମଲ୍ଲ ବଡ଼ ହୋଇଲା ଚଟସ୍ଥ ।
ମଲ୍ଲ ବୋଇଲା ପଣ୍ଡା ଏ ଭୋଜନ ସମ୍ପତ୍ତି
ଅସୁରେ ଖାଇଣ ପାର କରି ନ ପାରନ୍ତି ।
ବଲ୍ଲଭ ବୋଇଲା ଏହା ପାର ତୁ ନ କଲେ
କେମନ୍ତେ କୀଚକ ସଙ୍ଗେ ଲଢ଼ିବୁ ତୁ ଭଲେ ।
ଲୁହା ଭଜକର ଗୋଟି ଗୋଟିକର ବଳ
ମଲ୍ଲ ଦେଖନ୍ତେ ଟେକିବାଇ ତାହା କରେ ଧୂଳି
ବେନି ଆଣ୍ଠୁକୁ ମାଡ଼ିଣ ବସିଲା ମାରୁତି
ଉଷାଇଲା ଧାନକୁ ସେ ଭୁଞ୍ଜିଲା ତଡ଼ତି ।
ଭାଙ୍ଗିଲା ପଥର ଯେହୁ କରିଥିଲା ଚୂର୍ଣ୍ଣ
ଶତେ ନଉତି ଆପଣେ ଭୁଞ୍ଜିଲା ବ୍ରାହ୍ମଣ ।
ମଲ୍ଲକୁ ସମ୍ଭାଷଣ ସେ କରିଲା ଉତ୍ତର
କୀଚକର ତୁଲେ କିସ ଲଢ଼ିବୁ ରେ ଘୁର ।
ମୁଁ ତାହାର ସୂପକାର ବ୍ରାହ୍ମଣ ଅଟଇ
ମୁଁ ତାହା କର୍ଣ୍ଣ କପାଳ ବନ୍ଧାଣ ଜାଣଇ ।
ନ ଜାଣୁ କାରଣ ତୁହି ଆଟର ମଲ୍ଲ ଭେଣ୍ଡା
ଦେଶାନ୍ତର ଆଖଡ଼ାରେ ହୋଇଛୁ କି ଖଣ୍ଡା ।
ସୁଖ ଭୋଗ ପାଇଁ ଯେବେ କରନ୍ତି ଏ ଇଚ୍ଛା
ଏହାଙ୍କ ପ୍ରତିଜ୍ଞା ସବୁ ହୋଇଥାଏ ମିଥ୍ୟା ।
ସୂପକାର ଚରିତକୁ ଦେଖିଣ ସେ ମଲ୍ଲ
ଆସ୍ଥାନର ତଳେ ଯାଇଁ ନ କହଇ ଭଲ ।
ହେ ବିରାଟ ସୂପକାର ତୁମ୍ଭେ ବୋଲ ଯାରେ
କେଉଁ ରାକ୍ଷସେକ ଆସି ରହିଅଛି ପୁରେ ।
ରାନ୍ଧଣା ଚରିତ ମୁହିଁ କିବା କହିପାରି
କଞ୍ଚା ଦାରୁକୁ ଚୁଲ୍ଲୀରେ ସେହୁ ଦିଏ ଭରି ।
ଅକଟା ଅବଟା ନେଇ ରୁଣ୍ଡି କରେ ହସ୍ତେ
ହାଣ୍ଡିରେ ପୂରଇ ବୋଲେ ଏ ମୋହର ସତ୍ୟେ
ତେଲ ବୋଲି ସୋରିଷକୁ ଦେଲା ମୋତେ ବାଢ଼ି
ବୋଇଲା ତୁ ତେଲ ଲଗା ସୋରିଷରୁ କାଢ଼ି ।
ମୁଗୁନି ପାଟ ପଥର ମୁଥେ କରି ଚୂର୍ଣ୍ଣ
ପେଜରେ ଫୁଟାଇ ତାକୁ କରିଲା ବ୍ୟଞ୍ଜନ ।
ଉଷୁଆଁ ଧାନ ଆଣିଣ ଦେଲା ଶଏ ପୌଟି
ବୋଇଲା ଭୁଞ୍ଜ ହେ ମଲ୍ଲ ତୋତେ ଯାହା ଅଣ୍ଟି

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମୁହିଁ ତାହାକୁ ଦେଖିଣ ହୋଇଲି ଚାଟକା
ଆପଣେ ଭୋଜନ କଲି ସବୁ ତାହା ଏକା ।
ଏହୁ କଥାକୁ ବିସ୍ତର କର ରାଜ୍ୟେ ମତ୍ସ୍ୟ
ଭୂମ୍ଭ ସମଦଣ୍ଡ ହିନେ କରିବ ସେ ଭକ୍ଷ ।
ଶୁଣି ବିରାଟ ଚାହିଁଲେ କୋନ୍ତଙ୍କ ବଦନ
କୋନ୍ତ ବୋଲେ ସେହୁ ଜାଣେ ସାରଙ୍କ ରନ୍ଧନ
ଶ୍ରୀମନ୍ଙ୍କର ସୂପକାର ଅଟେ ସେ ପ୍ରତ୍ୟକ୍ଷ
ମାଲକୁ ହିଅଇ ଅନ୍ନ ସେହୁ ଏହିମତେ ।
ସୂପକାର ଅନ୍ନ ଯେବେ ନ ଭୁଞ୍ଜିବ ମାଲ
ଭଜମା ବଞ୍ଚିବ ଯେବେ ସୁସ୍ଥିରର ମେଳ ।
ଶୟନ କାଳରେ ଯେବେ ଲେଡ଼ିବ ସେ ଶଯ୍ୟା
ସେହୁ ଜସ ମାଲଯୁଦ୍ଧ କରିବ ହୋ ରାଜା ।
ପୃଷ୍ଠିହିଁ କୋନ୍ତବୋଇଲେ ମାଲ ହେଲେ ଭୋଗୀ
ଆହାରକୁ ଶ୍ରଦ୍ଧା ଯେବେ କରିବନ୍ତି ଯୋଗୀ ।
ବ୍ରାହ୍ମଣ ହୋଇଣ ଯେବେ ଦ୍ୱନ୍ଦ୍ୱ କରେ ବାଞ୍ଛା
ତେବେ ଅବ୍ରାହ୍ମଣ ବୋଲି ପାଇବ ସେ କୁତ୍ସା
ଛେଦକାର ହୋଇ ଯେବେ ଦ୍ରୁଅଇ ବିମୁଖ
ଶତ୍ରୁର ସନ୍ତାପ କାଳେ ଯେ କରଇ ଶୋକ ।
ସୂପକ୍ୱ ଦ୍ରବ୍ୟକୁ ଯେବେ ଇଚ୍ଛିଲୁ ରେ ମାଲ
ମରଣକୁ ଇଚ୍ଛାକଲୁ ନ କରିଣ ଭଲ ।
ଯାଅ ଆହେ ଚରଗଣ ଆମ୍ଭ ବାକ୍ୟ କହ
କୋନ୍ତ ଆଜ୍ଞା ଏ ମାଲକୁ ଭଲଭୋଜ୍ୟ ହିଅ ।
କୋନ୍ତଙ୍କର ଆଜ୍ଞା ପାଇ ଗଲେ ଚରଗଣ
ବାରତା କହିଲେ ସୂପକାରକୁ ଯାଇଣ ।
ଯୁଦ୍ଧ ମାଗୁଅଛୁ ଆସି ସେ ପ୍ରଦେଶୀ ମାଲ
କୋନ୍ତ ବୋଇଲେ ତାହାକୁ ଅନ୍ନ ଦିଅ ଭଲ
ଯହୁଁ କୋନ୍ତଙ୍କର ଆଜ୍ଞା ପାଇଲେ ପାବକ
ମାଲକୁ ପରଷେ ବହୁ ଯୋଗାଡ଼ିକୁ ଘେନ ।
ଗଉସ୍ତ ଶଉସ୍ତ ନଳଦଧି ଦେଉଁ ଯୋଗ
ଭୁଞ୍ଜଇ ସେ ମାଲ ସବୁ ପୁଁଇ ବହୁ ଭୋଗ ।
ଭୀମସେନ ପଚ୍ଛରଇ ମାଲଯୁଦ୍ଧ କଥା
ସଂକ୍ଷେପିଣ କହ ମୋତେ ଯୁଦ୍ଧର ବାରତା ।
ସମସ୍ତଙ୍କୁ ଅନ୍ନ ଯହୁଁ ଆଣିଦେଲ ଦ୍ୱିଜ
ହେଉଥିବେକ ମାଲର କହିଲିକି ସେ ତେଜ ।
ବିରାଟ ଆଗରେ କହେ ବହୁତ ପ୍ରଶଂସି
ସବୁ ରାଜ୍ୟ ବୁଲେ ମୁହିଁ ହୋଇ ପରଦେଶୀ ।

ବିରାଟ ଏ ସୂପକାର ପାଇଲେ ବା କାହୁଁ
ଏ ମଧ୍ୟଭୁବନେ ତାକୁ କେବେ ଦେଖିନାହୁଁ ।
ହାଣ୍ଡିରେ ପୂରାଇ ଚୂଲ୍ଲୀ ଉପରେ ରଖିଲେ
ସେହିକ୍ଷଣି ସେ ଯୋଗାଡ଼ ହୋଇଯାଏ ଭଲେ
ଅତି ପୁଣ୍ୟ କରିଥିଲେ ପାଇ ଏ ବ୍ରାହ୍ମଣ
ସାଧୁ ସାଧୁ ହିପୂଜଇ ସେଥିର କାରଣ ।
ମାଲ ବୋଲେ ଭୋଜନରେ ନାହିଁ ମୋର ଇଚ୍ଛା
ସଂଗ୍ରାମ ପାଇଲେ ପୂରେ ମୋର ମନୋବାଞ୍ଛା
ପ୍ରଦେଶୀ ମାଲ ମୁଁ ମୋର କାରେ ନାହିଁ ସ୍ନେହ
ଆଣି ତୁମ୍ଭର କୀଚକ ଭଣ ମୋତେ ଦିଅ ।
ଶୁଣି ସେ କଥା ବିରସ ହୋଇଲେ ବିରାଟ
କୀଚକ ସଙ୍ଗେ ସମର ନୋହୁ କୋନ୍ତଭଟ ।
ତୁମ୍ଭେ ଜାଣ କୀଚକ ତ ମୋର ନୁହେଁ ବଶ
ତାହା ଅର୍ଜିଲା ସମ୍ପଦ ମୁଁ ଭୋଗେ ଅବଶ୍ୟ ।
କୋନ୍ତ ବୋଇଲେ ବିରାଟ କଥାଏ କରିବା
ବଲ୍ଲଭ ବ୍ରାହ୍ମଣେ ଆଣି ମାଲେ ଯୁଝେ ଦେବା ।
ଶୁଣି ସ୍ତମ୍ଭୀଭୂତ ହେଲେ ମତ୍ସ୍ୟଦେଶ ରାଜ୍ୟେ
ହେ କୋନ୍ତ ବଲ୍ଲଭେ କପାଁ ତୁମ୍ଭ କଷା ହୁଏ
କହୁଛନ୍ତି କୋନ୍ତେ ତହୁଁ ଶୁଣ ହେ ବିରାଟେ
ବ୍ୟାଘ୍ର ବଧ କଲା ସେ ବା କେଉଁ ବଡ଼ ଆଟେ
ମାଲବଧ କରିବାକୁ ପାରେ ଅବା ସେହି
ଜସ ବୋଲେ ବୁଝି ଏବେ ତାହାକୁ ଡକାଇ ।
ବିରାଟ ବୋଇଲେ ତହୁଁ ଡାକ ଚରଗଣ
ବଲ୍ଲଭ ସୂପକାରକୁ ହକାରିଣ ଆଣ ।
ରାଜାଜ୍ଞା ପାଇଣ ଚର ଗଲେ ବେଗ ହୋଇ
ରୋଷଦ୍ୱାରେ ଉପସ୍ଥିତ ହେଲେ ସର୍ବେ ଯାଇ ।
ବଲ୍ଲଭ ବଲ୍ଲଭ ବୋଲି ଡାକଲେ ସେ ତହିଁ
ଠାକୁରଙ୍କ ଆଜ୍ଞା ତୁମ୍ଭେ ଆସ ବେଗ ହୋଇ ।
ରାନ୍ଧଣା କାର୍ଯ୍ୟରେ ଥାଇ ନ ଶୁଣେ ମାରୁତ
ଅଗ୍ନି ଠାରୁ ତେଜସ୍ୱାନ ଦିଶେ ରୂପ କାନ୍ତ ।
ପୁନଃ ପୁନଃ କରି ଡାକ ଦିଅନ୍ତ ଉଗର
ବଲ୍ଲଭ ବୋଲେରେ କେହୁ ଅଟେ ମୋ ଠାକୁର
କାହାର ମୁଁ ବଶ କେହୁ ପାରିବ ବରଗି
କପିବ ବୋଲି ବୋଲନ୍ତେ ଚର ଗଲେ ଲଙ୍ଘି
ଆସ୍ଥାନର ତଳେ ଯାଇ କହିଲେ ସେ ଚର
ବୋଇଲା କାହାର ବଶ କେ ମୋର ଠାକୁର

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯୁଧିଷ୍ଠିର ବିସ୍ମୟ ଯେ ହେଲେ ତାହା ଶୁଣି
ହୃଦପଦ୍ମରେ ଚିନ୍ତିଲେ ପ୍ରଭୁ ଚକ୍ରପାଣି ।
ମୂର୍ଖ ଯେହ୍ନେ ଅନୁବ୍ରତେ ଦୁଷ୍ଟପଣ ତାର
ଏହାକୁ ଘେନ ଅଜ୍ଞାତ ହେବ କ ପ୍ରକାର ।
ବିରାଟ ବୋଇଲେ କୋପକରି କପାଁ କୋନ୍ତେ
ବ୍ରାହ୍ମଣ ବଣ ମୋହର ନୁହଇ ଯୁକତେ ।
ଏକା ବ୍ରାହ୍ମଣକେ ମୋର ରାଜ୍ୟପାଳ ସୃଷ୍ଟ
ଏ ମୋର ବିଶ୍ବରେ ତାର ସମସ୍ତେହିଁ ଭୃତ୍ୟ ।
ତେଣୁ କଥାକୁ ସର୍ବଦା ଯେହ୍ନେ ହଏ ରାଜ
ତୁମ୍ଭ ଆଜ୍ଞାରେ ଆସିବ ଯେହ୍ନେ ସର୍ବ ତେଜ ।
କୋନ୍ତ ବୋଇଲେ ହୋ ସର୍ବ ଶୂରଗଣ ଶୁଣ
ଆମ୍ଭର ବୋଇଲା ବୋଲି ତାକୁ ଡାକଆଣ ।
ଦଉଡ଼ିଲେ ଶୂରଗଣ କୋନ୍ତବାକ୍ୟ ଶୁଣି
କହିଲେ କୋନ୍ତଙ୍କ ଆଜ୍ଞା ଆସ ଏହିକ୍ଷଣି ।
ଇନ୍ଦ୍ରାଜ୍ଞା ପାଇଣ ମେଘ ଯେସନେ ପ୍ରସ୍ଥାଣ
ରନ୍ଧଣା ଗୃହୁ ବାହାର ହୋଇଲା ବ୍ରାହ୍ମଣ ।
ବିଜୟେ ବିରାଟ ଯହିଁ ଧର୍ମରାଜ ଥିଲେ
ଆସ୍ଥାନର ତଳେ ଭୀମ ଯାଇଣ ମିଳିଲେ ।
ଅଙ୍ଗ ଢାଳି ଦେଇଣ ସେ ବିରାଟ କଟକ
ପ୍ରଣିପାତ ହେଲେ ଭୀମ କୋନ୍ତମୁଖ ଦେଖି ।
କୋନ୍ତ ବୋଇଲେ ବଲ୍ଲଭ ଆରେ ସୂପକାର
ଠାକୁରଙ୍କ ଆଜ୍ଞା ହେଲା ଉଠ ତତପର ।
ବିରାଟ ବଚନେ ଭୀମ ସେ ସ୍ଥାନୁ ନ ଉଠି
କୋନ୍ତଙ୍କ ବଚନେ ଯୋଡ଼ି ବେନିକର ଗୋଟି
ସ୍ବାମୀ ହେ କେବଣ ଅର୍ଥେ ଆଜ୍ଞାହେଲା ମୋତେ
ଶୁଣି ରନ୍ଧଣା ଗୃହୁ ମୁଁ ଅଇଲି ତୁରିତେ ।
ବିରାଟ ବୋଇଲେ ବିପ୍ର ମୋର ବାକ୍ୟ ଶୁଣ
ଏ ମାଲ୍ଲ ଲୋଡ଼େ କୀଚକ ସଙ୍ଗତରେ ରଣ ।
ଏ ସର୍ବ ସମ୍ପଦ ମୋର ଯାହାର ପ୍ରସାଦେ
ତା'କୁ ପକାଇବ କେହ୍ନେ ଏତେକ ପ୍ରମାଦେ ।
ମତ୍ତବ୍ୟାଘ୍ରକୁ ମାଇଲ ଦେଖିଲ ମହିମା
ମାଲ୍ଲଯୁଦ୍ଧ କରିପାର କି ହେ ମହାତମା ।
ସୂପକାର ବୋଲେ ତହୁଁ ମୋର ଯେତେ କର୍ମ
ବିପତ୍ତି କାଳରେ ମୋତେ ସଖା ହୁଏ ଧର୍ମ ।
ଚୌରାଅଶୀ ବିନ୍ଧାଣ ଯେ ଛତିଶ ପ୍ରବନ୍ଧ
ବଢ଼ ବଢ଼ିମନ ଏହୁ ଅଟେ ମାଲ୍ଲଯୁଦ୍ଧ ।

ଏ ମୋହର ବଚନରେ କର କ ସଂଶୟତେ
ରନ୍ଧଣାର ଭାର ଆନ ନ ଆସଇ ମୋତେ ।
ଯେବେ କିଛି ଦୋଷ ମୁହିଁ କଲଇଁ ତୁମ୍ଭର
ରାଜ୍ୟ ଛାଡ଼ିଦିଅ ମୋତେ ହେ ମତ୍ସ୍ୟ ଈଶ୍ବର ।
ବାକ୍ୟ କହି ନ ପାରିଲେ ଯହୁଁ ସେ ବିରାଟ
ବଲ୍ଲଭ ମୁଖକୁ ଚାହିଁ ବୋଲେ କୋନ୍ତଭଟ ।
ହେ ବଲ୍ଲଭ ବ୍ରାହ୍ମଣ ତୁ ଅଟୁ ସୂପକାର
ତୁ ଯେବେ ନ ଜାଣୁ ଆଉ ଜାଣେ କେ ସମର
ଏତେବେଳେ ତୁମ୍ଭ କପାଁ କରୁଅଛୁ ନାସ୍ତି
ଠାକୁରଙ୍କ ଆଜ୍ଞା ହେଲା ଗୃହୁ ମନୋଭ୍ରାନ୍ତି ।
ବିରାଟ ବଚନେ ଭୀମ ନାସ୍ତି କରୁଥିଲେ
କୋନ୍ତଙ୍କ ବଚନ ଶୁଣି ସମ୍ମତ ହୋଇଲେ ।
ଆସ ଆସ ମାଲ୍ଲ ଆରେ କରିବା ସମର
ମାଲ୍ଲ ଦୁଇହସ୍ତେ ନେଇ ଦେଲେ ଦୁଇକର ।
ମାଲ୍ଲ ବୋଲେ ତୁ ରନ୍ଧଣାପ୍ରାୟୁ ଅବା ମଣୁ
ନିସ୍ତମ୍ଭ ସମରକୁ ତୁ କେଉଁପରି ଜାଣୁ ।
ନିସତ ପ୍ରାଣୀମାନଙ୍କ ବିପରୀତ ବୁଦ୍ଧି
ବ୍ରାହ୍ମଣମାନଙ୍କ ପିନ୍ଧା ପାରିବୁ ତୁ ରନ୍ଧି ।
ବିମୁଖ ହୋଇଲୁ ପରା ରନ୍ଧଣାରେ ପଶି
ଦୁଃଖ ଦେଖି ଡାକିଲା କି ତୋତେ କାଳପାଶୀ
ଅବା ମୃତ୍ୟୁକୁ ବରଣ କରୁଛୁ ଯୁକତେ
ବ୍ରହ୍ମହତ୍ୟା ଦୋଷ ପାପ ହୋଇବ ନା ମୋତେ
ବ୍ରାହ୍ମଣ ବୋଇଲା ଦ୍ବିଜ ହେଲେ ହନ୍ତକାରି
ଶିରଚ୍ଛେଦ କଲେ ପାପ ନୁହଇ କାହାର ।
ପାରିଲେ ସମର କର ସଜହୋଇ ବୀର
ନ ପାରିଲେ ନିଜଗୃହେ ଯାଅ ତୁ ପଳାଇ ।
ବାହାସ୍ଫୋଟ ମାରିକରି ବୋଲେ ଦ୍ବିଜବର
ମାଲ୍ଲ ବୋଲେ ଆରେ ଦ୍ବିଜ ମୂର୍ଖ ତୁ ପାମର
କକଟାଳ ବାକ୍ୟ ଶୁଣି ଭୀମ ତହୁଁ ହସି
ରେ ରେ କାର କରି ମାଲ୍ଲ ଭୀମକୁ ଆକର୍ଷି ।
ଭୂମିଠଣା କରି ବୀର ଅଙ୍ଗେ ବୋଳି ଧୂଳି
ଅଧର କାମୋଡ଼ି କୋପେ ହୁଅଇ ହାମ୍ଫୋଳ
ରେ ରେ କାର କରେ ବୀର ମନେ ତହୁଁ ପାଞ୍ଚ
ଶବଦେ ପର୍ବତମାନ ଯାଉଛନ୍ତି ଦୂଷି ।
ରେରେକାର କରି ମାଲ୍ଲ କୋପେହେଲା ଗର୍ଜି
ଶବଦରେ ଗିରିମାନ ପଡ଼ୁଛନ୍ତି ଭାଜି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସେ ମାଲର ମୂରତିକି ଦେଖି ଧର୍ମମଣି
ଝଟ୍କର କରନ୍ତି ନିଜ ହୃଦୟରେ ପୁଣି ।
କଣ୍ଟକ ଅବଧଣ ସେ ଗ୍ରହିଁ ବନହୃଷ୍ଟି
ଝଗ୍ଗରନ୍ତି ମାଲକୁ ନ ମାର ବଜ୍ରମୁଷ୍ଟି ।
ଏକା ମୁଥକରେ ସବ ହୋଇବ ଜଣନ୍ତା
ଆମ୍ଭେ ନିଜେ ମଦନକଲ୍ ଜାଣି ସବୁକଥା ।
ଏ ଦୃଷ୍ଟେ କପାଁ ଆଣିଲୁ ଆମ୍ଭେ ଏ ସ୍ଥାନକୁ
ଆଜି ଦୈବଗତି ଦେଖ ପେଷିଲ ଯୁଦ୍ଧକୁ ।
ବାହାସ୍ଫୋଟ ମାରି ମାଲ କରେ ଠିଆ ଠାଣ
ଦେଖିଣ ସଜ ହୋଇଣ ଆସନ୍ତି ବ୍ରାହ୍ମଣ ।
ହିକଲ ଲମ୍ବିତ ଜଟା କରି ଭୀମସେନ
ମାଲ ମୂର୍ତ୍ତି ଦେଖି ଦରହସିତ ବଦନ ।
ନୃପତି ବୋଇଲେ କୋନ୍ତେ ମଲ୍ଲ ସୂପକାର
ତୁମ୍ଭ ହେଲୁରୁ ଯାଉଛୁ ରାଜ୍ୟଟିଶ୍ରି ମୋର ।
କୋନ୍ତେ ବୋଲେ ସୂପକାର ନ ଥିଲେ ଯେକାଳେ
ଉପାସେ କି ଥିଲେ ତୁମ୍ଭ ରାଜ୍ୟରେ ସକଳେ ।
କୋନ୍ତଇଙ୍କ ଦସ୍ତ ଦଣଇ ବଦ୍ଭୁତ
ଶୁଣି ସାନନ୍ଦ ହୋଇଲେ ଧର୍ମଙ୍କର ସୁତ ।
ହିକଚ୍ଛ ବସନ ତୋଳ ପିନ୍ଧି ସୂପକାର
ମାଲବନ୍ଧ ସ୍ଥାପ୍ୟ କରି ଉଡ଼ିଲେ କଟିର ।
ଲମ୍ବିତ ଜୂଡ଼ାକୁ ମାଲ ବନ୍ଧ ବାନ୍ଧେ ବେଣୀ
କାନ୍ଧରୁ ପଇତା କାଢ଼ି ବାନ୍ଧେ ବାମପାଣି ।
ଭୀମସେନ ପ୍ରତିଜ୍ଞାକୁ ନ କହିବ ପାରି
ପାଦବାଡ଼େ ଶିଙ୍ଗ ଶୃଙ୍ଗ ହୋଇଯାଏ ଚୂରି ।
ଆସ ମାଲ ବୋଲି ଭୀମସେନ ହେଲେ ଉଭା
ମାଲ ବୋଲେ ମାଲବିଦ୍ୟା ଜାଣୁନିକି ବାବା ।
ବଲ୍ଲଭ ବୋଇଲେ ମୁହିଁ ଅଟେ ସୂପକାର
ମୁଁ କାହୁଁ ଜାଣିବି ମଲ୍ଲ ସମର ବେଭାର ।
ତୋହର ମୁଁ ମାଲବନ୍ଧ ଦେଖିବି ରେ ଭାଇ
ସୁଯଦମାନାଥେ ତୋତେ ଦେବି ମୁଁ ଭେଟାଇ
ନ ଜାଣେ ଯୁଦ୍ଧ ସ୍ୱଭାବେ ଅଟେ ସାଧୁଜନ
ବେଦ ବିଦ୍ୟା ସିନା ଅଟେ ଆମ୍ଭ କର୍ମମାନ ।
କେବଳ ନୃପତି ବୋଲେ କେଣେରୁ ଅସ୍ଥାନେ
ଠାକୁରଙ୍କ ଆଜ୍ଞା ମୁହିଁ ଲଙ୍ଘିବି କେସନେ ।
ପୁନଃ ପୁନଃ ମାଲ କରେ ବାଞ୍ଛା ବିକ ବାଣୀ
ମାଲଯୁଦ୍ଧ କଥା ତୋତେ କହିବା ବଖାଣି ।

ଚୌରାଶୀ ବନ୍ଧାଣ ଷଷ୍ଟିତ୍ରିଂଶ ପରବନ୍ଧ
ମହା ବାଡ଼ମ୍ବନ ଏହି ଅଟେ ମାଲଯୁଦ୍ଧ ।
ଖଡ଼ଗ କୁନ୍ତ ଗଦା ଯେ ପରଶୁ ମୂଷଳ
ନାନା ଚିଦ୍ୟାମାନଙ୍କରେ ମାଲ ମହାବଳୀ ।
ଭୁଜେ ଭୁଜ ବନ୍ଧନ ଯେ ପାଦେ ପାଦ ଛନ୍ଦ
ମୁଥେ ମୁଥ ପରିଚାଳ ହୃଦେ ହୃଦ ରୁନ୍ଧ ।
ଉଭୟେ ସମର ତହିଁ କରନ୍ତେ ସେ ବଡ଼ି
ଜିଣନ୍ତି ପଡ଼ିଲେ ଅବା ସମର ନ ଛାଡ଼ି ।
ମାଲର ବଚନ ଶୁଣି ବୋଲେ ବୃକୋଦର
ମୋହର ସନମତ ହୋ ଯେ ଇଚ୍ଛା ତୁମ୍ଭର ।
ତହୁଁ ଧାଇଁଆସି ମାଲ ଧରେ ବେନିଭୁଜ
ବେନି ଭୁଜକୁ ଛନ୍ଦିଣ ଉଡ଼େ ବେନିପାଦ ।
ପାଦେ ଛନ୍ଦ ପକାଇଲେ ସେ ସୂପକାରକୁ
ମାଡ଼ିବସି ମାଲ ତହୁଁ ଚାପେ ତାର ବୃକୁ ।
ତଳେ ଭୀମ ଉପରେ ଯେ ଥାଇ ସେହି ମାଲ
ବୋଲେ ଆରେ ସୂପକାର ଭାଙ୍ଗିବ ତୋ ଗାଲ
ସେ ମାଲକୁ ସୂପକାର ଲେଉଟାଇ ଦେଇ
ବକ୍ଷସ୍ଥଳେ ମାଡ଼ିଣ ଯେ ବସିଲେକ ଯାଇଁ ।
ପୁଣିହିଁ ଲେଉଟାଇଲା ମାଲ ମହାବୀର
ପୁଣି ଲେଉଟାଇ ମାଡ଼ିବସେ ସପକାର ।
ଭୁଜେ ଭିଡ଼ାଭିଡ଼ି ପାଦେ କରି ଛନ୍ଦାଛନ୍ଦ
ଭୁଜେ ପରିଚାଳ ପାଦେ ପାଦ କଲେ ବନ୍ଦୀ ।
ହୃଦେ ହୃଦ ମାରି ଭୀମ ଭୁଜେ ଭୁଜ ଚାଡ଼ି
ଶିରେ ଶିର ପରିଚାଳ ଅଣ୍ଟାପ୍ରତି ମାଡ଼ି ।
ବକ୍ରଶବଦ ପର୍ବତେ ଶୂନ୍ୟେ ପରିଚାଳ
ଶୂନ୍ୟପୁରୁଷେ କମ୍ପିଲେ ଥାଇ ଶୂନ୍ୟଆଳ ।
ବାମଭୁଜେ ମାଡ଼ିବସି ଡାହାଣେ ପ୍ରହାର
ମାଲ ମାଡ଼ିବସି ବୋଲେ ତୋ ଇଷ୍ଟ ସୁମର ।
ରେ ରେ ସୂପକାର ଆଜ ପୂରିଲା ତୋ କାଳ
ରାନ୍ଧି ବାଞ୍ଛି ଥିଲୁ ଏହି ନୁହେ ରୋଷଶାଳ ।
ମୁହିଁ ଶ୍ରେଷ୍ଠ ମାଲ ଅଟେ ପୃଥିବୀର ମଧ୍ୟେ
କୀଚକ ମୋହର ସଙ୍ଗେ ନ ପାରନ୍ତା ଯୁଦ୍ଧେ ।
ରେ ରେ ସୂପକାର ତୋର ଜୀବନ ସଫଳ
ମୋର ସଙ୍ଗେ ଯୁଦ୍ଧ କଲୁ ତୁହି ଏତେବେଳ ।
ରାଜ୍ୟଲୋକମାନେ ଦେଖି ହେଲେ ହୀନବୀର୍ଯ୍ୟ
ସାଧୁ ସାଧୁ ଅଟ ତୁହି ଧନ୍ୟ ତୋର ତେଜ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏକା ସୂପକାର ହୋଇ ଅନ୍ନ ଦେଉଥିଲୁ
ସର୍ବ ସୈନ୍ୟବଳଙ୍କୁ ତୁ ସୁଖେ ରଖିଥିଲୁ ।
ଅନ୍ନକଷ୍ଟ ପାସୋରାଇ ଥିଲୁ ସୂପକାର
ସଙ୍କଟେ ପଡ଼ିଲୁ ଅ ଗ୍ର ନ କଲୁ ବିଚାର ।
ସମସ୍ତେ ଝୁରନ୍ତି ତୋତେ ତୋର ଅନ୍ନ ଖାଇ
ଏହାଙ୍କୁ ଛାଡ଼ିଣ ଏବେ ଯିବୁ ତୁହି କାହିଁ ।
ଯେ ଆମ୍ଭଙ୍କୁ କଷ୍ଟ ଦେଲା ତାର ମୁଣ୍ଡ ଯୋଡ଼
ଜୟକର ସୂପକାର ରୋଷକୁ ବାହୁଡ଼ ।
ଆହେ କୀଚକପଣ୍ଡା ଏବେ ତୁମ୍ଭ ସେଠ ପ୍ରତି
ସୂପକାରେ କୂଟକରି ତାହାକୁ ତୁ ମାରୁ ।
ବିରାଟ ବୋଇଲେ ମୁଁ ଯେ ତୁମ୍ଭଙ୍କୁ ବୋଇଲି
ଏ ମାଲ ବାହୁଡ଼ ଯାଉ ବୋଲି କହିଥିଲି ।
ଦଇବେ ତୁମ୍ଭର କଥା ମୁହିଁ କଲି ଆଶା
ଆଜଠୁଁ ସୂପକାରର ଛାଡ଼ିଲି ଭରସା ।
ମୋର ବଚନ ଲଙ୍ଘିଲ ସେହୁ ନାନାମତେ
ଆଶ୍ୱାସ ବଚନେ ମୁହିଁ ନାଶ କଲି ତୋତେ ।
ତୁ ମୋର ରାଜ୍ୟକୁ ଥିଲୁ ବହୁ ଉପକାରୀ
ମୁହିଁ ତୋତେ ଅଦୋଷରେ ପକାଇଲି ମାରି ।
ଏକା କୀଚକପଣ୍ଡା ତୋତେ ଲଗିଲା ବିବାଦେ
ସୂପକାର ନାଶଗଲା କୀଚକଙ୍କ ପ୍ରସାଦେ ।
ମୋହର ପରଠାକୁର ତୋତେ କେତେନୋହୁ
ତୋହପରି ସୂପକାର ମୋତେ ମିଳୁଥାଉ ।
ବହୁତ ଶୋକ କରିଣ ବୋଲନ୍ତି ବିରାଟ
ସୂପକାର ହତ୍ୟାଦୋଷେ ଦୋଷୀ କୀଚକଭାଇ
ଆହେ ଅଷ୍ଟଦିଗପାଳେ ଧର୍ମେ ବିଚାରିବା
ମୋହର ନାହିଁଟି ହତ୍ୟାଦୋଷ ଆରେବାବା
ବିରାଟ ମୁଖୁ ଏପରି ଶୁଣିଣ ଅଖ୍ୟାତି
ଯୁଧିଷ୍ଠି ବୋଇଲେ ମୁହିଁ ତରିଲି ଶ୍ରୀପତି ।
ଏଡ଼େବଡ଼ ଯୁଦ୍ଧେ ଯେବେ ନ ଚହ୍ନିଲେ କେହି
ହେଉ ମୋତେ ଅପଖ୍ୟାତି ତହିଁ କ୍ଷତି ନାହିଁ
ଶୁଣୁଥିଲା ଭୀମସେନ ପଡ଼ି ମହୀତଳେ
କୀଚକଙ୍କୁ ଚହିଁଲେ ତଳେ ପଡ଼ି ବେନଡ଼ୋଳେ
ନୟନ ଛଟକେ ଠାରି ଆଜ୍ଞା ଦେଲେ କୀଚ
ମାରି ହୋ ମାଲକୁ ବେଗେ ହୋଇ ତୋଷଚିତ୍ତ
ପଣ୍ଡାଙ୍କର ଠାରନ୍ତେ ସେ ଜାଣିଲେ ପାବନ
ଚଞ୍ଚଳରେ ସେ ମାଲର ଛନ୍ଦି ପାଦ ବେନି ।
ହାତେ ବୋଡ଼ାଇ ଘାଣ୍ଟି ଏ ବେଗ ପକାଇଲେ ତଳେ
ରେରେକାର କରେ ବସି ମାଲ ବକ୍ଷସ୍ଥଳେ ।
ଭୀମସେନ ପ୍ରତିଜ୍ଞା ଯେ କଲେକ ଦୁର୍ଲ୍ଲଭ
ମାତି ମାଲ ବକ୍ଷସ୍ଥଳେ ବସିଲେ ବଲ୍ଲଭ ।
ବେନି ଚରଣକୁ ଚାପି ଭିଡ଼ିଲେ ତାହାକୁ
କେହୁ ନ ଦେଖିଲେ ଭୀମ ପାଡ଼ନ୍ତି ମାଲକୁ ।
ଅଧର ପୃଷ୍ଟ କରିଣ ପାତିଲେ ସେ ଜାନୁ
ଦୁଇଫାଳ ହୋଇଗଲା ମାଲର ସେ ତନୁ ।
ଶିରଭେଦ ହୋଇ ଯହୁଁ ରୁଧିର ଗଳିଲା
ମାଲ ବୋଲେ ଗୋସାଇଁ ମୋ କୀରତି ହୋଇଲା
ବଲ୍ଲଭ ବୋଇଲେ ମୁଁ ଅଟେ ଗୋପେଶ୍ୱ ବ୍ରାହ୍ମଣ
କେମନ୍ତେ ଜାଣିବ ତୋର କୀରତି ବଖାଣ ।
ମନ୍ଦରକୁ ମାଡ଼ିବସେ ଯେସନ୍ତେ ହନୁମନ୍ତ
ସେହିମନ୍ତ ଦିଶୁଅଛି ଦୁହିଙ୍କର ଗାତ୍ର ।
ନାଭି ମଣ୍ଡଳେ ପାଦକେ ଆଉ ପାଦେ କଟି
ବକ୍ଷସ୍ଥଳେ ଭୁଜଦଣ୍ଡ ଆକାଶରେ ଦୃଷ୍ଟି ।
ହିରଣ୍ୟ ବିଦାରକାଳେ ଯେସନ୍ତେ ନରସିଂହ
ସେହି ପରକାରେ ଦିଶେ ଭୀମଙ୍କର ଦେହ ।
ବେନି ନୟନ ଦିଶଇ କାଳଚକ୍ର ପ୍ରାୟ
ମହ୍ୟଦେଶରେ ସଇନ କଲେ ମହାଭୟ ।
ଆକର୍ଷି ମାଇଲେ ଶୀର ଏକମୁଥ ତୋଳ
ମାଲର ଶରୀର ଚହୁଁ ହୋଇଗଲା ଧୂଳି ।
ମାଲକୁ ବଧ କରିଣ ସୂପକାର ଉଭା
ସର୍ବେ ବିଚାରିଲେ ଯମଦେବତା ଏ ଅବା ।
ଯେମନ୍ତେ ମାଲକୁ ଭୀମସେନ ବଧ କଲେ
ତା ଗର୍ଭୁ ପୁରୁଷ ଏକ ବାହାର ହୋଇଲେ
କୀଚକମୁଖ ରହିଁ ଭୀମସେନ ହସ୍ତେ ମଲା
ଦୁଃଖୁଁ ପାରହୋଇ ସେହୁ ସ୍ୱର୍ଗପୁର ଗଲା ।
ପୁଷ୍ପକ ରଥରେ ବସି ହେଲା ସ୍ୱର୍ଗଗାମୀ
ଦରଶନ କଲା ଯାଇ ବିଶ୍ୱେଶ୍ୱର ସ୍ୱାମୀ ।
ଜୟ ଜୟ ତ୍ରିଲୋଚନ ଜୟ କାମଅରି
ତ୍ରିପୁରକୁ ବଧକରି ନାମ ତ୍ରିପୁରାରି ।
ଜିଣି ଶୁଦ୍ଧ ସ୍ଫଟିକକୁ ବିରାଜଇ ତନୁ
ଅଭୟ ନିରାକାର ସେ ଗଗନ ଈଶାନୁ ।
ପଞ୍ଚଦଶ ଲୋଚନ ଯେ ପଞ୍ଚଭୂତ ପ୍ରାଣ
ପିନାକ ତ୍ରିଶୂଳ କାଣ୍ଡ ଅକ୍ଷୟ ଯେ ତୋଣ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶ୍ୱେତପଦ୍ମ ମହାପଦ୍ମ ତ୍ରିକୂଟକୁ ଦେଖି
ଅନନ୍ତ ନାଗମୁକୁଟ ବାହୁବନ୍ଧ ଯୋଷି ।
ଚରଣେ ନୂପୁର ଭୁଜେ ଶୋଭିତ ବାହୁଟି
ବଗର ବସନ କନ୍ଥା ଗଳେ ଚରକୁଟି ।
ତାଣ୍ଡବ ଆକ୍ଷେପଣରେ ପ୍ରସନ୍ନ ତ୍ରିପୁରା
ବେଣକାଳେ ନାଶକଲ ଅନ୍ଧକ ତ୍ରିଶିର ।
ମସ୍ତି ଉଶ୍ୱାସିଲ କନ୍ଦପଣ କରି ଧ୍ୱଂସ
ଶରୀରେ ଭସ୍ମ ଲେପନ ତାମ୍ରବର୍ଣ୍ଣ କେଶ ।
ପୁଣି ଆପଣା କୋଳରେ ଧରିଛ ଗିରିଜା
ପର ଦୁଃଖରେ କାତର ବୈଶ୍ୱବର୍ଣ୍ଣ ଗଙ୍ଗା ।
ମଣିକର୍ଣ୍ଣିକାର କ୍ଷେତ୍ର ମୁକ୍ତି ବାରାଣସୀ
ଜୟ ତୁମ୍ଭେ ବିଶ୍ୱନାଥ ମୁକତି ଦଅସି ।
ବହୁତ କୋଟି ପାତକ ଖଣ୍ଡେ ଯେଉଁ ତୀର୍ଥେ
ସର୍ବଦା ସମ୍ପଦ ନାଥ ଦୟାକର ମୋତେ ।
ପାର୍ବତୀବଲ୍ଲଭ ନାଥ ଶୁଣ ମୋ ଗୁହାରି
ଶାରଳା ଦାସକୁ ହେଲେ ଭବୁଁ କର ପାରି ।

ମାଲର ପୂର୍ବଜନ୍ମବୃତ୍ତାନ୍ତ ଓ ଭୀମଙ୍କ ରନ୍ଧନ ପ୍ରଣାଳୀ

ପୁଣି ପଚ୍ଚରନ୍ତି ବୈବସ୍ୱତ ମନୁରାଜା
ଅଗସ୍ତିଙ୍କ ପାଦପଦ୍ମେ କରି ଦିବ୍ୟପୂଜା ।
ସେ ମାଲକୁ ବଧ ଯେଉଁ କରିଲେ ବଲ୍ଲଭ
ତା ଦେହୁଁ ପୁରୁଷ ଏକ ହୋଇଲା ଉଦ୍ଭବ ।
କେବଣ ମହାତ୍ମା ସେହୁ କହିବା ଅଗସ୍ତି
ଶୁଣିବାକୁ ଇଚ୍ଛା ମୋର ଅମୀୟ ଭାରତୀ ।
ଶୁଣି ରାଜନ ବୋଲନ୍ତି ଋଷି ବ୍ରହ୍ମଦେହି
ତୁମ୍ଭେ ଯାହା ପୁଚ୍ଛିଲ ସେ ବହୁଦିନ କଥା ।
ଏହୁ ସତ୍ୟଯୁଗରେ ସେ ବୈଶ୍ୱାନର ବୋଲି
ତାହାର ନନ୍ଦନ ଅଟେ ଦ୍ୱାପସ୍ତି କହିଲି ।
ଦେବୁ ବୋଲିକରି ତାର ପୁତ୍ର ଉର୍ଦ୍ଧ୍ୱରେତା
ଏହାର ପୁତ୍ରର ନାମ ଅଟେ ରଣବେଶି ।
ମାତଙ୍ଗଜ ବୋଲିକରି ଅଟେ ତାର ସୁତ
ମାତଙ୍ଗଜର ନନ୍ଦନ ହେଲା ମାଲ୍ୟବନ୍ତ ।
ଏହାର ନନ୍ଦନ ନାମ ଅଟେ ମଣ୍ଡିବନ୍ତ
ମାଲମାନଙ୍କରେ ଏହୁ ଥିଲେ ବଳବନ୍ତ ।
ମଣ୍ଡିବନ୍ତର ନନ୍ଦନ ନାମ ହନୁମାନ
କୃତାନ୍ତ ଗଜ ବୋଲିଣ ଏହା ପୁତ୍ର ବେନ ।
ଏ ବଧିରେ ଷଣ୍ଡବଂଶ ଥୋକାଏ କହିଲି
କୃତାନ୍ତବକ୍ଷର ପୁତ୍ର ବଳଦକ୍ଷ ବୋଲି ।
ବଳଆବକ୍ଷର ପୁତ୍ର ହେଲା ହନ୍ତକାରୀ
ତ୍ରିଭୁବନ ମଧ୍ୟେ ତାକୁ କେହି ନାହିଁ ସରି ।
ଯୋଗବନ୍ତ ଲପ୍ସରେ ସେ ଜଳେ ଯେ ଅସାଧ୍ୟ
କେତେକରେ ନାହିଁ ସେହୁ ହତ୍ୟା ବା ବିରୋଧ
ତାହାର ମହିମା ଶୁଣି ବଳୀମାଲ ଗଲା
ପଶ୍ଚିମ ଦ୍ୱାରରେ ମଣିଭଦ୍ରା ଗ୍ରାମ ଥିଲା ।
ପଶ୍ଚିମ ଦ୍ୱାରରେ ସେହୁ ଦ୍ୱାରପାଳ ବେନ
ବଳିଆ ମାଲ ପ୍ରବେଶ ପ୍ରତିଜ୍ଞାକୁ ଘେନ ।
ମୁହିଁ ବଳବନ୍ତା ଅଟେ ପୁଣି ହନ୍ତକାର
ଆହେ ଦ୍ୱାରପାଳ ତୁମ୍ଭେ ଆସ ମହାବୀର ।
ହେ ମହାବୀର ମୁଁ ମାଗେ ତୁମ୍ଭଙ୍କୁ ସମର
ଏକ ଏକ ହୋଇ ତୁମ୍ଭେ ଆସି ରଣ କର ।
ଆକ୍ରୋଶ ରବରେ ଯେତୁଁ ଅନେକ କହିଲା
ସେ ପ୍ରତିଜ୍ଞା ଶୁଣି ଭୀମ ବାହାର ହୋଇଲା ।
ବିଶ୍ୱନାଥ ବଦାରଣେ ଗଣନାଥ ସଞ୍ଚା
କପିଳାସ ଘଣ୍ଟଣା ଏ ପ୍ରଳୟକୁ ବଞ୍ଚା ।
ଶିରରେ ଜଟା କୃତାନ୍ତେ ନିର୍ଭୟ ସେ ଯୋଗୀ
ପ୍ରତିଜ୍ଞାକୁ ନ ସହନ୍ତି ସେହୁ ବଇରାଗୀ ।
ବାହାସ୍ଫୋଟ ମାରଣ ସେ ଓଟେଷ୍ଟ ଦନ୍ତଚାପି
ଆସ୍ଥାନୁ ପଡ଼ିଲେ ଡେଇଁ ହୋଇ ମହାକୋପୀ
ବଳିଆ ବୀରକୁ ସେହୁ ଧଇଲେ ଆକର୍ଷି
ଭୂମିରେ ପକାଇ ତାର ହୃଦପଦ୍ମେ ବସି ।
ମାଲ ଭୀମ ଦୁହିଁଙ୍କର ଲାଗିଲା ସଂଗ୍ରାମ
ଦିନରାତ୍ରି ମଧ୍ୟେ ତହିଁ ନାହିଁ ନା ବିଶ୍ରାମ ।
ମାଲ ଭୀମ ଦୁହେଁ ବଡ଼ ବଳୟାର ଥିଲେ
ସମରେ କାହାକୁ କେହି ଜିଣି ନ ପାରିଲେ ।
ଉଚ୍ଚ ନୀଚ ସମ ହେଲା ଯୁଦ୍ଧ ପରିତାଳେ
ମେଦିନୀ କମ୍ପିଲା ପୁଣି କମ୍ପେ ଦିଗପାଳେ ।
ଥରହର ହୋଇ କମ୍ପେ ପ୍ରହାରେ ମେଦିନୀ
ତାଟକା ହୋଇଲେ ଲୋକେ ଦେଖି ଶସ୍ୟହାନି
ଭୂମି ଖାଲ ଢ଼ିଙ୍ଗର ତ ନ ହେଲା କାରଣ
ଜନପ୍ରାଣୀ ତହିଁ ସଙ୍ଗେ ହୋଇଲେ ମଗନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସହସ୍ର ବରଷ ଯାଏ ହୋଇଲା ସମର
ଅଗ୍ନି ତେଜ ହୀନ ମ୍ଳାନ ହେଲେ ଦିନକର ।
ମହାଯୁଦ୍ଧ ଦେଖି ଭଜେ ହୋଇଲେ ଈଶାନ
ରହ ରହ ବୋଲିଣ ସେ କଲେ ସମାଧାନ ।
ସହସ୍ର ବରଷ ଯୁଦ୍ଧ ହୋଇଲେ ସମ୍ମୁଖ
ମଧ୍ୟସ୍ଥ ହୋଇଣ ଭଙ୍ଗି ଦେଲେ ପଞ୍ଚମୁଖ ।
ବହୁତ ପ୍ରକାରେ ଶାନ୍ତ କରିଲେ କପାଳୀ
ପଚ୍ଛରିଲେ କାହିଁପାଇଁ କରୁଅଛ କଳି ।
ମାଲ ବୋଇଲେ ଆମ୍ଭର କଉତୁକ ଯୁଦ୍ଧ
ଏମନ୍ତ ସମରେ କାଳେ କାଳେ ନୋହୁ ବଧ
ଈଶ୍ୱର ବୋଇଲେ ତୁମ୍ଭେ ହୋଇଲ ଶଳଚା
ଏ ଯୁଗେ ସମରେ କେହି ନୋହିଲେ ଦେଖିଲା
ଦ୍ୱାପର ଯୁଗରେ ତୁମ୍ଭେ ଭୀମ ମାଲ ହୁଅ
ମତ୍ସ୍ୟ ମଲ୍ଲଦେଶେ ତୁମ୍ଭେ ସମର ଲୁହାଅ ।
ଭୀମ ତୁଲେ ସମରକୁ ଇଚ୍ଛା ତୁମ୍ଭ ଯେବେ
ପଣ୍ଡୁଙ୍କ କ୍ଷେତ୍ରରେ ଭୀମ ଜନ୍ମ ହେବେ ତେବେ
ତୁମ୍ଭ ହନ୍ତକାର ମାଲ ହୋଇକର ଥିବୁ
ବିରାଟ ରାଜ୍ୟକୁ ଯାଇ ସମର ମାଗିବୁ ।
ତହିଁ ପୂର୍ଣ୍ଣ ହେବ ତୋହ ରଣରଙ୍କା ସାଠ
ଭୀମସେନ କରିବ ଯେ ତୋତେ ପ୍ରାଣେ ବଧ
ଏମନ୍ତ କହି ଚଳିଲେ ଦେବ ପଞ୍ଚାନନ
ଅଗସ୍ତ୍ୟ ବୋଇଲନ୍ତି ବୈବସ୍ୱତ ମନୁ ଶୁଣ ।
ପ୍ରତ୍ୟକ୍ଷେ ଜନ୍ମ ବୃତ୍ତାନ୍ତ ଶୁଣିଲ ମାଲର
ପୂର୍ବଜନ୍ମେ ବଳଦକ୍ଷ ନାମ ଥିଲା ତାର ।
ଯୁଧିଷ୍ଠିରଙ୍କୁ ଦର୍ଶନ କରି ଗଲା ସ୍ୱର୍ଗ
ଦକ୍ଷ ପୁରୁଷଙ୍କ ପାଶେ ବସିଲା ସେ ବେଗ ।
ଶୁଣି ସାନନ୍ଦ ହୋଇଲେ ବଳଙ୍କାଧିପତି
ଷଡ଼ଅର୍ଘ୍ୟେ ପୂଜା କଲେ ପଣ୍ଡିତ ଅଗସ୍ତ୍ୟ ।
ଆହେ ସାଧୁ ବୃକୋଦର ରହିଲ ଗୁପତେ
ଅନ୍ନେ ତା ଉଦର ପୂର୍ଣ୍ଣ ହୁଅଇ କେମନ୍ତେ ।
ଷାଠିଏ ପୌଟି ତଣ୍ଡୁଳେ ହୁଏ ସେ ତୃପତି
ବିରାଟ ଏତେକ ଅନ୍ନ ଦଏଟି କ ନିତି ।
ଅଗସ୍ତ୍ୟ ବୋଇଲେ ଶୁଣ ଆହେ ଯୋଗେଶ୍ୱର
ଆହାର ନିମନ୍ତେ ହେଲା ବଲ୍ଲଭ ସୁଆର ।
ଅଯୁବ୍ରତେ ସୂପକାର ରାଜାଗୃହେ ଥିଲେ
ସବୁଙ୍କୁ ଛଡ଼ାଇ ଏକା ସୂପକାର ହେଲେ ।
ନିତ୍ୟ ପ୍ରାପ୍ତ ହେବେ ଭୀମ ଅଯୁବ୍ରତେ ପୌଟି
ହାତେ ରନ୍ଧ ତାହା ପୂର୍ଣ୍ଣ କରେ ଉଦରଟି ।
ସୋରଷ ନ ବାଟି କିବା ପରିବା ନ କାଟି
ସବୁ ଏକକରି ଘଟ୍ରେ ଦିଏ ତାକୁ ଘାଣ୍ଟି ।
ହେଙ୍ଗୁ ଯେ ମରିଚ ଜୀରା ପୁଣି ଦୁଗ୍ଧ ଖଣ୍ଡ
ଏକା ଘାଣ୍ଟିକେ ପୂରାଇ ଘାଣ୍ଟେ ସେହୁ ଭଣ୍ଡ ।
ଦୋହରା ସୁମରି ଏକା ଜାନେକ ଦିଅଇ
ମୁହୂର୍ତ୍ତି ମଧ୍ୟରେ ସବୁ ପକାନ୍ତି ଓହ୍ଲାଇ ।
କଞ୍ଚାଦାରୁକୁ ସେ ନେଇ ମୋଡ଼ି ଅଗ ମୂଳ
ଚୂଲିରେ ପୂରାଇ ଦେଲେ ଜଳଇ ପ୍ରବଳ ।
ଗଉଷା ଶଉଷା ନଳ ନିଷିଧ ରନ୍ଧଣା
କାରଣ ନୁହଇ ସେହୁ ଏକୁଁ ଏକ ଜଣା ।
ସୁବାସିତ ବ୍ୟଞ୍ଜନକୁ ସୁପାକେ ମିଳାଇ
ବିରାଟ ଭୁଞ୍ଜନ୍ତି ତାହା ମୁଖେ ସୁଖ ପାଇ ।
ବୈବସ୍ୱତ ମନୁ ପୁଣି ପୁଚ୍ଛିଲେ ଉଦନ୍ତ
ଗଉଷା ପ୍ରଭୃତି ରନ୍ଧଣା ମୁନି ହେ କେମନ୍ତ ।
ଶୌଖିନାରାୟଣ ନାମେ ଅଟନ୍ତି କେଶବ
ସୁରପ୍ରିୟା ନାମରେ ଯେ ଗଉଷା ହୋଇବ ।
କାଠ ଜଳାଇ କେବଳ ଅନଳରେ ଦାହା
ଅଲଗାରେ ଭଲମାଂସ ସେ ପ୍ରାପ୍ତି ଯାହା ।
ମୃଗମାଂସ କାଢ଼ିକରି ଯାହା ଥାଏ କଞ୍ଚା
ସବୁ ଏକଯୋଗ କରି ପାହେ କରେ ସଞ୍ଚା ।
ତଇଳ କ୍ଷୀର ଲବଣ ଆଦ୍ୟ ପାହେ ଭରି
ଶିଆଳି ଲତା ଗୁଡ଼ାଇ ପାହେ ବାନ୍ଧିକରି ।
ଅଗ୍ନି ଜାଳିକରି ତାକୁ ପୋଡ଼ି କରେ ପକ୍ୱ
ଭୋଜନେ କେ ସରି ହେବ ତାହାଠୁଁ ଅଧିକ
ବାତ ପିତ୍ତ ଶ୍ଳେଷ୍ମା ଆଦ୍ୟ ତହିଁ ନାହିଁ ବ୍ୟାଧି
ସମସ୍ତ ପ୍ରସିଦ୍ଧ ହେଲା ରନ୍ଧଣା ପ୍ରସିଦ୍ଧି ।
ଏପରି ଶଉଷା ପାକ ହୁଏ ନିତି ନିତି
ଶଉଷା ଏହାକୁ କଲେ ଭୁଞ୍ଜେ ସୁରପତି ।
ନାନା ଯୋଗାଡ଼ରେ ସେହୁ ସର୍ବ ଏକକରି
ଆମିଷ ଆମ୍ବିଳ ଏକ ଘଟ୍ରେ ନେଇ ଭରି ।
ତାହାକୁ ସିଝାନ୍ତେ ସେହୁ ସିଝେ ଅତିବେଗି
ନଳବିଧି ରନ୍ଧଣା ଯେ ଅଟେ ସୂର୍ଯ୍ୟପାଗି ।
ଗଉଷା ଶଉଷା ନଳ ରନ୍ଧା ନିତିପ୍ରତି
ଏରନ୍ଧଣା ରାଜା ଭୁଞ୍ଜି ହୁଅନ୍ତି ତୃପତି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶାନ୍ତଣା ଚଣ୍ଡାଳ ଭୀମ ଲୋଡ଼େ ଯେତେବେଳେ
ଶତେକ ନଉତ ଧାନ ଆସେ ସେତେବେଳେ
ମୁଥ ପ୍ରହାର କରିଣ ତାକୁ ଭୀମସେନ
କରନ୍ତି ଚଣ୍ଡାଳ ତହୁଁ ଅତ୍ୟନ୍ତ ବହନ ।
ନିଃଶ୍ୱାସ ମାରିଣ ତହୁଁ ଉଡ଼ାବନ୍ତି ଶ୍ଳେପା
ସେ ଚଣ୍ଡାଳ ରନ୍ଧନ ସେ କରନ୍ତି ସ୍ୱରୂପା ।
ଅମାତ୍ୟ ଆବର ଯୋଦ୍ଧା ଘେନିଣ ବଶିଷ୍ଠ
ବସନ୍ତି ସଙ୍ଗରେ ପୁଣି ଦେବ କୋତ୍ସଉଛ ।
ଆଗେ ଅନ୍ନ ଘେନ ତାଙ୍କୁ ପରଷେ ପାବନ
ପ୍ରଥମରୁ ଶେଷଯାଏକ ହସ୍ତେ ପାଣ୍ଡ ଘେନ ।
ପୁଣିହିଁ ଅନ୍ନ ମାଗନ୍ତେ ବୁଲନ୍ତି ସେ ନେତ୍ର
କୋତ୍ସ ବଶିଷ୍ଠ ଭୋଜନ କରନ୍ତି ଏକତ୍ର ।
ପରଷିବାକାଳେ ବିଶ୍ୱରୂପକୁ ବହଇ
ଚେଶ୍ରୁକର ଉଭରକୁ ନ ଦଅନ୍ତି କେହି ।
ଦେଖି ଭସ୍ମକର ଆଉ ନ ମାଗନ୍ତି ଲୋକେ
ଗୋସାଇଁ ଅଣ୍ଟିଲା ବୋଲି କହୁଥାନ୍ତି ଥୋକେ
ଆପଣାକୁ ଅନ୍ନ ସେହୁ ଦିଏ ଏହି ମତେ
ସୁଖେ ବୃକୋଦର ଭୁଞ୍ଜେ ବଳଇ ସେ ଯେତେ
ଭୁଞ୍ଜି ତୃପତ ହୁଅନ୍ତି ପବନର ବାଳ
ସୁଖରେ ରହନ୍ତି ତହୁଁ ଷଢୀ ମହାବଳ ।
ବହୁ ପ୍ରକାରେ ବଭୁତ ଭୁଞ୍ଜେ ମହ୍ୟସାଇଁ
ମଣୋହି ଶେଷରେ ରାଜା ଉଠି ନ ପାରଇ ।
ବଶିଷ୍ଠ ବୋଇଲେ କୋତ୍ସ ଏ ବଡ଼ ଦୁର୍ଲ୍ଲଭ
ଏମନ୍ତ କରିଣ ଅନ୍ନ ପରଷେ ବଲ୍ଲଭ ।
ଅତ୍ୟନ୍ତ ଯୋଗାଡ଼େ ପୁଷ୍ଟ ହୁଅଇ ସେ ଭୋଗ
ବହୁ କ୍ଷୀଣ ହୋଇବ ଯେ ଦେହ ହେବ ରୋଗ ।
କୋତ୍ସ ବୋଇଲେ ବଶିଷ୍ଠ ଏକକଥା ଅଛୁ
ଭୋଜନ ସମୟେ ଯେବେ ନିତ ଖାନ୍ତି ପୋଛୁ
କଣ୍ଠସ୍ଥଳ ପରିଯନ୍ତେ ପୂରିଲା ଉଦର
ନାଭିଦେଶ ମନ୍ତ୍ର ନେଲେ ସବୁ ଯାଇ ପାର ।
ବଶିଷ୍ଠ ବୋଇଲେ କୋତ୍ସ ତା ମୋତେ ଦେଖାଅ
ଶରୀର ଶଉଚ ହେଉ ତେମନ୍ତ ଶିଖାଅ ।
ଶୁଣ ଆହେ ମହେଶ୍ୱର ଏମନ୍ତ ମହିମା
କାରୁଣ୍ୟ ଚତୁରମୁଖ ବୋଲି ଥିଲେ ବ୍ରହ୍ମା ।
ପଣ୍ଡିତ କହୁଷ ବୋଲିଣ ତାଙ୍କ ପୁତ୍ର ବେନ
ସୁଆଙ୍ଗ ସାରଙ୍ଗୀ ବୋଲି ସ୍ୱାଙ୍କ ପୁତ୍ରମଣି ।
ତାହାଙ୍କ ନନ୍ଦନ ହେଲେ ଆତାପି ବାତାପି
ମର୍ତ୍ତ୍ୟମଣ୍ଡଳେ ଏମାନେ ହୋଇଲେ ପ୍ରତାପୀ
ଉଦ୍ଦାଳକ ପୁରୋହିତ ପୋଷିଲା ଗଣ୍ଡାଟି
ରୋଷାଇ କନସ୍ତେ ତାକୁ ଖାଇଲେ ସେ କାଟି
ଅଗ୍ନିରେ ପୋଡ଼ି ଖାଇଲେ ତାକୁ ବେନଭ୍ରାତ
ଆହ୍ନିକ ସାରିଣ ଗଣ୍ଡା ଖୋଜଲେ ପ୍ରୋହିତ ।
ନିତ୍ୟପ୍ରତି ତାଙ୍କ ଭୁରେ ନ୍ୟନ୍ତ ଗଣ୍ଡାଗୋଟି
ସେ ଦିନ ଗଣ୍ଡାକୁ ଖୋଜ ନ ପାଇଲେ ସେଠି
ଖୋଜ ନ ପାଇଣ ମୁନି ଚିନ୍ତି ହୃଦଗତ
ଜାଣିଲେ ମାରି ଭକ୍ଷିଲେ ଏ ବେନି ଦଇତ ।
ତାମସେ ମହାତ୍ମା ହେଲେ ଅନ୍ତଃକ୍ଷଣ କୋହ
ରାଗେ ଶାପ ଦେଲେ ଦୁହେଁ ବ୍ରହ୍ମଦୈତ୍ୟ ହୁଅ
ଉଦ୍ଦାଳକ ଶାପ ପାଇ ଆତାପି ବାତାପି
ବ୍ରହ୍ମରାକ୍ଷସ ରୂପରେ ବୁଲନ୍ତି ସେ ପାପୀ ।
ଆଶ୍ରମ କଲେ ସେ ଯାଇ ପଞ୍ଚବଟୀ ବନେ
ପ୍ରୟାଗକୁ ଯିବା ବାଟ ମଧ୍ୟବର୍ତ୍ତୀ ସ୍ଥାନେ ।
ଯେତେକ ଲୋକ ଗମନ୍ତି ପ୍ରୟାଗ ତୀର୍ଥକୁ
ବାଟ ପଡ଼ିଅଛି ପଞ୍ଚବଟୀ ଅରଣ୍ୟକୁ ।
ପଞ୍ଚଶ ଯୋଜନ ଯାଏ ନାହିଁ ଘର ଗ୍ରାମ
ଏକମାତ୍ର ବନେ ଅଛି ତାହାଙ୍କ ଆଶ୍ରମ ।
ଦ୍ୱାଦଶ ଜଟା ଆବର ଅଙ୍ଗରେ ପଇତା
ଗୁହା ଆରମ୍ଭରେ ବସିଥାନ୍ତି ବେନି ଭ୍ରାତା ।
ଦୁରଗମ୍ୟ ବନ ଦେଖି କଲେ ସେ ଆଶ୍ରମ
ତୀର୍ଥବାସୀ ଜନେ ତହିଁ କରନ୍ତି ବିଶ୍ରାମ ।
ବାଳମୃଗଟାଏ ପୋଷିଥାଏ ସେ ବାତାପି
ପିଣ୍ଡା ନିକଟରେ ବାନ୍ଧି ରଖଇ ଆତାପି ।
ଭୋଜନର ଅନ୍ନ ଦେଇ ଅତିଥିଗଣଙ୍କୁ
ବୋଲଇ ବ୍ୟଞ୍ଜନ ନାହିଁ ମାରିବା ମୃଗକୁ ।
ସେହି ତୀର୍ଥବାସୀଙ୍କର ସମ୍ମୁଖରେ ହାଣି
କେଳାଇ କୁଟାଇ ତାକୁ ତିଅଣ କରେ ଆଣି ।
ସ୍ନାନ କରିଣ ଭୁଞ୍ଜନ୍ତି ତହୁଁ ତୀର୍ଥବାସୀ
ସୁପକ୍ୱ ପଦାର୍ଥ ସବୁ ଆତାପି ପରଷି ।
ବହୁତ ତୁଷ୍ଟ ହୋଇଣ ଖାନ୍ତି ସାଧୁଜନ
ଆହାର ଶେଷେ କରନ୍ତି ଯାଇ ଆଚମନ ।
ଦିନକର ଶେଷେ ତହୁଁ ଯାଆନ୍ତି ସେ ବାହି
ଥୋକାଏ ଦୁର ଆତାପି ଯାଏ ସେ ଗୋଡ଼ାଇ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuyan Vani Trust Donations

କଛୁଦୂର ଯାଇ ପୁଣି ଆସଇ ବାହୁଡ଼ି
ଆସରେ ବାତାପି ବୋଲି ଡାକଇ ସେ ଗଡ଼ ।
ପେଟ ଭିତରେ ପୂର୍ବଚରଙ୍ଗେ ଅଜଗର
ଗର୍ଜିଣ ବାହାରେ ହୁଏ ପଞ୍ଜରା ବିଦାରି ।
ସେତେବେଳେ ସେ ମଣିଷ ପଡ଼େ ଭୂମିଗତେ
ଆହାର କରନ୍ତି ତାକୁ ଦୁହେଁ ବେନଭ୍ରାତେ ।
କୋଳନ୍ତି ବୋଲନ୍ତନ୍ତି ହେ ବଶିଷ୍ଠ ଶୁଣ
ଏହିମତେ ଭକ୍ଷିଲେ ସେ ଅନେକ ବ୍ରାହ୍ମଣ ।
ସତ୍ୟଯୁଗ ଶେଷଯାଏ ତହିଁ କଲେ ବାସ
ତୀର୍ଥବାସୀ ଅନେକଙ୍କ କଲେ ସେହୁ ନାଶ ।
ତ୍ରେତାଯୁଗକ ଭୋଜନକଲେ ଏହିପରେ
ଆତାପି ବାତାପି ନାମେ ସେ ବେନ ଦଇତେ
ଦେବୋଦାସ ନାମେ ସୂର୍ଯ୍ୟବଂଶେ ମହାରଥୀ
ସତାଣୋଇ ସହସ୍ର ବରଷ ଏହୁ କଥା ।
କନ୍ୟା କୃଷ୍ଣ ତ୍ରୟୋଦଶୀ ହବା ଚନ୍ଦ୍ରବାର
ମଘା ନକ୍ଷତ୍ରକୁ ପୁଣି ଭୋଗ ସେ ଉଦର ।
ଦଣ୍ଡ କମଣ୍ଡଳୁ ଘେନି ଅଗସ୍ତି ମହର୍ଷି
ସେ ମହାତ୍ମା ସେହିଦିନ ପ୍ରୟାଗକୁ ଆସି ।
ଆତାପି ବାତାପି ପ୍ରଣିପତ୍ୟ ହେଲେ ଆସି
ଅଗସ୍ତିଙ୍କୁ ବୁହାଇଲେ ହୋଇ ଅଭିଳାଷୀ ।
ସେହି ପରକାରେ କରି ମାଇଲେ ସେ ମୃଗ
ଆତାପି ରନ୍ଧନ କଲା ତାକୁ ଯାଇ ବେଗ ।
ଅଗସ୍ତିଙ୍କୁ ନେଇ ସେହୁ ପରଷିଲା ମାଂସ
ବଡ଼ ସୁସ୍ୱାଦୁ ବୋଲିଣ ମୁନି କଲେ ଗ୍ରାସ ।
ଭୋଜନରେ ତୁଷ୍ଟ ହୋଇ କଲେ ଆଚମନ
ସେହିଠାରେ ନାଭିମନ୍ତ୍ର କଲେ ଉଚ୍ଚାରଣ ।
ରାକ୍ଷସ ରନ୍ଧଣ ମୁନି ଚଳନ୍ତେ ପାହାନ୍ତ
ଆତାପିକ କହ୍ନି ମୁନି ତହୁଁ ଚଳଯାନ୍ତ ।
ପଛେ ପଛେ ଗୋଡ଼ାଇଲା ସେ ମାୟାବୀ ଦ୍ୱିଜ
ବାହୁଡ଼ ବୋଲି ବୋଲନ୍ତି ତାକୁ ମୁନିରାଜ ।
ଆସରେ ଆତାପି ବୋଲି ବୋଲଇ ଅସୁର
କାହୁଁ ସେ ଆସିବ ଭସ୍ମ ହୋଇଲା ଗଭର ।
ଯେଉଁ ମହାଋଷି କଲେ ସମୁଦ୍ର ଗଣ୍ଡୂଷ
ଯାହା ଉଦରେ ସମୁଦ୍ର ପଡ଼ି ହେଲା ଭସ୍ମ ।
ବ୍ରହ୍ମରାକ୍ଷସ ବାତାପି ତହିଁ ଭସ୍ମୀଭୂତ
ଆତାପି ନ ପାଏ ତାକୁ ଆପଣାର ଭ୍ରାତ ।

ବାହୁଡ଼ି ଅଗସ୍ତି ପାଦେ କରିଲା ପ୍ରଣାମ
ବୋଲେ କେବଣ ମହାତ୍ମା ଅଟ ହେ ଉତ୍ତମ
ଆମ୍ଭେ ଦୁଇଭ୍ରାତା ହୋଇଅଛୁ ବ୍ରହ୍ମଦୈତ୍ୟ
ଅମୋକ୍ଷ ହୋଇଣ ବନେ ପଶିଲୁଁ ତୁରିତ ।
ବ୍ରହ୍ମହତ୍ୟା କରୁଅଛୁ ଉଦର ନିମିତ୍ତ
ତୁମ୍ଭର ଉଦରେ ଯାଇ ହେଲା ଭସ୍ମୀଭୂତ ।
ହେ ଆତାପି ଆମ୍ଭେ ଅଟୁ ଅଗସ୍ତି ତପସ୍ୱୀ
ଗଣ୍ଡୂଷକ ସମୁଦ୍ରକୁ ପାନ କଲୁ ବସି ।
ଆତାପି ବୋଇଲା ମୁନି ମୁହିଁ ନସ୍ତରିଲ
ହେ ତପି ତୁମ୍ଭଙ୍କ ମୋକ୍ଷ କାରଣ ମାଗିଲ ।
ଅଗସ୍ତି ବୋଇଲେ ଏବେ ହୁଅ ତୁହି ମୃଗ
ମୋକ୍ଷକୁ କାରଣ ତୋତେ କହିଦେବା ବେଗ
ମୃଗେକ ହୋଇଲା ଯହୁଁ ଆତାପି ରାକ୍ଷସ
ଯୋଡ଼ିଣ ଅଗସ୍ତି ମୁନି ତାକୁ କଲେ ଗ୍ରାସ ।
ଆଚମନକୁ ଯାଇଣ ଅଗସ୍ତି ତପସ୍ୱୀ
ନାଭିମନ୍ତ୍ରେ ଦୁହିଁଙ୍କୁ ସେ କଲେ ଭସ୍ମରାଶି ।
ଦୁହେଁ ଯାଇଁଣ ପଶିଲେ ଅଗସ୍ତି ଉଦର
ଉଦରେ ଅଗ୍ନିରେ ପଡ଼ି ହୋଇଲେ ଉଦ୍ଧାର ।
ପୁଣିହିଁ କୋଳନ୍ତି ବୋଇଲେ ଶୁଣ ନୃପରାୟେ
ଅଗସ୍ତି ପାଞ୍ଚିଲେ ତହୁଁ ମନ୍ତ୍ରର ଗୋଟିଏ ।
ଆପଣେ କୋଳନ୍ତି ଶିଖାଇ ଦେଲେ ବଶିଷ୍ଠଙ୍କୁ
ଏରୂପେ କଲେ ଭୋଜନ ହୋଇଯିବ ପକ୍ୱ ।
ଆତାପି ବାତାପି ଦୈତ୍ୟ ହୋଇଲେ ଯେସନ
ଜଠରାନଳରେ ଭସ୍ମ କଲେ ତପୋଧନ
ଅଗସ୍ତି ମୁନିଙ୍କ ମନ୍ତ୍ର ପାଇଣ ବଶିଷ୍ଠ
ଅପାରଜିତା ହୋଇଣ ହୋଇଲେକ ହୃଷ୍ଟ ।
ଶୁଣି ବୃଦ୍ଧଜନେ ହେଲେ ଭୋଜନ ଶକତ
ଆତାପିର ମନ୍ତ୍ରେ ଖାଦ୍ୟ ହେଲା ଭସ୍ମୀଭୂତ ।
ସର୍ବଖାଦ୍ୟ ପକ୍ୱକରେ ଅଗସ୍ତି ମନ୍ତ୍ରଟି
ଅଗସ୍ତିଙ୍କୁ ସୁମରିଲେ ପାପ ଯାଏ ତୁଟି ।
ଥିଲେ ତୁମ୍ଭର ନାମ ସର୍ବ ହେବ କୀର୍ତ୍ତି
ବାତାପିର ଭସ୍ମ କଲା ଏମନ୍ତ ବିଧାନ ।
ଜମ୍ବୁ ଅଗସ୍ତି ପଣ୍ଡିତ ତୁମ୍ଭେ ମହାବଜ୍ଞ
ଭୂତ ଭବିଷ୍ୟତ ଜ୍ଞାତା ଅଟ ହେ ସର୍ବଜ୍ଞ ।
ଭୋଜନଶେଷରେ ଯୋଟେ ଆସି ସର୍ବ ବ୍ୟାଧି
ଅଗସ୍ତି ସ୍ମରିଲେ ସର୍ବ ହୋଇଯାଏ ଛେଦ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପିତା ନନ୍ଦନ ସୌଭାଗ୍ୟ ସେହୁ ବାଳଖିଲ୍ଲ ।
ବହନ୍ତା ପୁରୁଷ ମଧ୍ୟେ ଅହର୍ନିଶି ମେଳା ।
ଭୂତ ଭବିଷ୍ୟତଜ୍ଞାତା ସେ ମୁନି ପଣ୍ଡିତ
ଅହର୍ନିଶ ଋଗବେଦ ପଠନେ ଆସକ୍ତ ।
ବହ୍ନ୍ୟଗିର ପର୍ବତକୁ ହେଲେ ସୃଷ୍ଟ ଜଳ
ବାଳୁ ଖେଳେ ବାଗନଧି ଚକ୍ଷୁରେ ଧଇଲ ।
କୋଟିଏ ଯେ ବ୍ରହ୍ମତେଜ କରନ୍ତ ଧାରଣ
କଳ୍ପେ କଳ୍ପେ ଐଶ୍ୱର୍ଯ୍ୟ ଭୁ ଭୋଗୁନ୍ତୁ ଆପଣ
ଏକଦୃଷ୍ଟି କରୁ ଯାରେ ବୃଥିଯୁଗ ବହି
ମହାଭାରତ ପୁରାଣେ ଯାର ନାମ କହି ।
ଧାତାଙ୍କୁ ଦୃଢ଼ ଧାରଣ କରେ ସେହୁ ବଳେ
ମନ ପବନ ଯାନରେ ଯାନ୍ତି ସେ ନଶ୍ବଳେ ।
ମୋହର ଶତେ ସହସ୍ର ଦଣ୍ଡ ପରଣାମି
ଶାରଳାଦାସଙ୍କୁ ବାରେ ଦୟାକର ସ୍ୱାମି ।

ବରାଟ ରାଜ୍ୟରେ ଚନ୍ଦନ ଯାତ୍ରା ଉତ୍ସବ

ପ୍ରବର୍ତ୍ତନ

ପୁଣି ବୈବସ୍ୱତ ମନୁ ପୁଚ୍ଛେ ଅଗସ୍ତିଙ୍କୁ
ଭୀମହସ୍ତେ ସୃଷ୍ଟ ହୋଇ ଲଭିଲେ ପ୍ରୀତିକୁ ।
କୀଚକ ମାଳେ ଭୀମ ବଧ କରିଲେ ସମରେ
ଆବର କ ଯୁଦ୍ଧକଲେ ବିରାଟ ରାଜ୍ୟରେ ।
କହନ୍ତି ମହର୍ଷି ଶୁଣ ଆହେ ବଳକେଶ
କୀଚକ ବଧିବା କଥା କରିବା ପ୍ରକାଶ
ଆଶ୍ଚର୍ଯ୍ୟ ହୋଇଲେ ଶୁଣି ବୈବସ୍ୱତ ମନୁ
ଶତେହିଁ ହ ପରାକ୍ରମ କୀଚକର ତନୁ ।
ଏକା ସିଂହ ପରାକ୍ରମ ବଳେ ଯାର ଭୀମ
କେମନ୍ତେ ଭୀମଙ୍କ ଏତେ ହେଲା ପରାକ୍ରମ ।
ଏ ବଡ଼ ଆଶ୍ଚର୍ଯ୍ୟ କଥା ଶୁଣିବାକୁ ଇଚ୍ଛା
ସଂକ୍ଷେପରେ କହ ମୋତେ ପୂରୁ ମନୋବାଞ୍ଛା ।
ଅଗସ୍ତି ବୋଲେ ପାଣ୍ଡବେ ରହିଥିଲେ ଗୁପ୍ତେ
ଅଜ୍ଞାତବାସେ ରହିଲେ ଧନୁମାସ ଅନ୍ତେ ।
ବଇଶାଖ ପର୍ବ କଥା ପଚ୍ଚରନ୍ତି କୋଳ
ବସନ୍ତ ଉତ୍ସବ ଯାତ୍ରା ହୁଅଇ କେମନ୍ତ ।
ବୈଶାଖ ଯାତ୍ରା ବୋଲନ୍ତି ତହିଁ ସର୍ବ ଲୋକ
ଏମନ୍ତେ ବସନ୍ତ ଯାତ୍ରା ଅଛଇ ଅନେକ ।

ଦର୍ଶନେ ମୁକତି ପାଇ ରାଜ୍ୟକୁ ପଶଇ
ବହୁତ ଜନ ଦେଖିଣ ହୁଅନ୍ତି ଭୂପତି ।
ଆହେ ବିରାଟ ଯେ ଦେଶେ ରଙ୍ଗସଙ୍ଗ ନାହିଁ
ଯାତ୍ରା ଉତ୍ସବ ଯେବଣ ଦେଶେ ନ ହୁଅଇ ।
ଯେବଣ ରାଜ୍ୟରେ ପୁଣି ନାହିଁ ଯାଗଯଜ୍ଞ
ଜାଣିବ ସେ ଦେଶେ ନଷ୍ଟେ ଅସୁରଙ୍କ ଭୋଗ୍ୟ
ରାଜ୍ୟ ମଧ୍ୟେ ସୁବଶାଳ ଅଛଇ ତୁମ୍ଭର
ଚନ୍ଦନଯାତ୍ରାର ବିଧି ହୁଏ କ ଏଥିର ।
ବିରାଟ ବୋଇଲେ ଯାତ୍ରା ପୁଚ୍ଛାକଲ କୋନ୍ତେ
ନ ଜାଣଇ ସେହି ଯାତ୍ରା ଅଛଇ କେମନ୍ତ ।
ମୂର୍ଖଜନଗୋଷ୍ଠୀ ମୋର ମୁଁ ଅରଣ୍ୟପତି
ଗୋପାଳଙ୍କ ବିନା ମୋର ନାହିଁ ଅନ୍ୟଗତି ।
ତୁମ୍ଭ ପରି ସଜ୍ଜନଙ୍କୁ ପାଇଲି ଯେ କାଳେ
ତୁମ୍ଭେ ଥାଇ ଆରୋପଣ କର ତରକାଳେ ।
କୋନ୍ତେ ବୋଇଲେ ତୁମ୍ଭେ ହେ ଶୁଣ ନୃପବର
ଏକଲକ୍ଷ ମାଡ଼ ସୁନା ହେବ ଦରକାର ।
ବିରାଟ ବୋଇଲେ ଯାତ୍ରା ଲାଗିବାର ଲାଗୁ
ଚହିଁକି ନାହିଁ ମୋ ଚନ୍ତା ଘେନ ତାହା ଆଗୁ ।
ଭଣ୍ଡାର ଅଧିକାରୀଙ୍କୁ ନୃପ ଡାକିକରି
ବୋଇଲେ କୋନ୍ତଙ୍କୁ ଦିଅ ଭଣ୍ଡାରହିଁ କରି ।
ଭଣ୍ଡାର ଫେଇଣ ଦେଲା ବିରାଟ ବଚନେ
କୋନ୍ତ ତହିଁ ବିଜେ କଲେ ଭଣ୍ଡାର ଆସ୍ଥାନେ
ବିଶ୍ୱକର୍ମା ସ୍ୱରୂପରେ ଅଟେ ସେ ବିନ୍ଧାଣି
ଅଯୁତମାଡ଼ ସୁବର୍ଣ୍ଣ ତାଙ୍କୁ ଦେଲେ ଆଣି ।
ବୋଇଲେ ହେ ବିଶ୍ୱକର୍ମା ଗଢ଼ ବିଶ୍ୱରାଜେ
ଶଙ୍ଖ ଚକ୍ର ଗଦାପଦ୍ମ ଧିବ ଚତୁର୍ଭୁଜେ ।
ଅମୂଲ୍ୟ ରତ୍ନ ମାଣିକ୍ୟ ଲଗାଇ ଲଲାଟେ
ଅର୍କଦେବତା ସ୍ୱାମୀଙ୍କୁ ସ୍ଥାପି ନଗ୍ରଘାଟେ ।
ଲାଗିଲେ ଯେ ବିଶ୍ୱକର୍ମା ବହୁତ ବିନ୍ଧାଣି
ନାରାୟଣଙ୍କର ମୂର୍ତ୍ତି ନିର୍ମାଣିଲେ ଜାଣି ।
ପଞ୍ଚ ଅଇବୃତ ମାଡ଼ ଦେଲେ ସେ ରତନ
ଶୁଦ୍ଧ ସୁବର୍ଣ୍ଣ ପ୍ରତିମା କଲେକ ନିର୍ମାଣ ।
ପଞ୍ଚ ଅଇବୃତ ମାଡ଼ ସୁବର୍ଣ୍ଣକୁ ନେଇ
କରିଲେ ଅଲଟ ଛତ୍ର ଦଣ୍ଡ ଆଦି ତହିଁ ।
ଅନେକ ବିନ୍ଧାଣିମାନେ ହୋଇ ଏକତ୍ରରେ
ନବର ନିର୍ମାଣ କଲେ ନଗ୍ର ସମୀପରେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଉତ୍ତରବାହିନୀ ହୋଇ ବହେ କୃଷ୍ଣାବେଣୀ
ତହିଁ ଭିତରେ ଉତ୍ସବ ନଗର ପ୍ରମାଣି ।
ଫଳନ୍ତି କଦଳି ଆମ୍ବ ତହିଁ ଗୋପିକର
ନଗରେ ରତ୍ନ ନିର୍ମାଣ ଜଗତ୍ର ବିସ୍ତାର ।
ସେ ପୁର ପାଇଲା ଶୋଭା ଯେହ୍ନେ ବାରସ୍ୱତୀ
ପିଢ଼ା ଉପରେ କନକସମାନ କଲେ ସ୍ଥିତି ।
ରତ୍ନ କାନଫୁଲ ବଳା ଝିଙ୍କିଣି ନଯୋଗୀ
ଦିବାରାତ୍ର ନ ଖାଇଣ ଲାଗି ବେଗି ବେଗି ।
ଜନନ୍ତା ଲକ୍ଷେ ଦହୁଡ଼ି ବାହାଣିଙ୍କ ଆଗେ
ଗଡ଼ନ୍ତି ଅତି ବେଗରେ ଲାଗି ବେଗେ ବେଗେ
ଆରମ୍ଭ ଦେଖି ବିରାଟ ବହୁତ ଖରଧା
ରାତ୍ର ଦିବସ ଦେଖନ୍ତି ନିବାଗୁଣ କ୍ଷୁଧା ।
ସମରାଜ୍ୟ ଲୋକେ ତହିଁ ସମସ୍ତେ ଦେଖନ୍ତି
ଭୋଜନ ନିଦ୍ରା ମୈଥୁନ ସର୍ବେ ଉପେକ୍ଷନ୍ତି ।
ଏକବଂଶେ ଦିନେ ସର୍ବେ ନିବାହିଲେ କର୍ମ
ବିରାଟ ବୋଇଲେ କୋନ୍ତ ସତେ ତୁମ୍ଭେ ଧର୍ମ
କୋନ୍ତ ବୋଇଲେ ବିରାଟ ଏ ଅଟେ ସୁକୃତ
ଧର୍ମଦାସ ପଣ୍ଡାଙ୍କର ଅଟୁ ଆମ୍ଭେ ସୁତ ।
ସମସ୍ତ ଯୁଗରେ ଆମ୍ଭେ ଠାକୁର ବଇଗି
ସର୍ବ ସୁବିଧାନେ ତୁମ୍ଭେ ଅଟ ମହାଯୋଗୀ ।
ସମରାଜ୍ୟ ଲୋକେ ହୋଇ ଅତିହିଁ ସୁବେଶ
ମଣ୍ଡିଣି କରନ୍ତି ପୁର ହୋଇ ଅତିତୋଷ ।
ବୈଶାଖ ଶୁକ୍ଳ ତୃତୀୟା ଅଟେ ଚନ୍ଦ୍ରବାର
ରୋହିଣୀ ନକ୍ଷତ୍ରକୁ ଯେ ଭୋଗ ସେ ଦିନର ।
ତୈତିଳ ନାମେ କରଣ ଶୋଭନ ଯେ ଯୋଗ
ଚନ୍ଦନ ଉତ୍ସବ ଯାତ୍ରା ସେ ଦିନକୁ ଭୋଗ ।
ଚକ୍ରଧର ସ୍ୱାମୀ ଦିବ୍ୟ ବିମାନରେ ବିଜେ
ଶାରଢ଼ୂର ନିଶାଣ ଯେ ଟମକହିଁ ବାଜେ ।
ପସରା ଧରି ଚଳନ୍ତେ ପସରା ବେପାରୀ
ପଥୁକ ଜନ ଗହଳ ହୋଇଲାକ ଭରି ।
କୃଷ୍ଣାବେଣୀ ନଦୀକୂଳେ ଉତ୍ସବ ନଗର
ତହିଁ ବିଜେ କରାଇଲେ ଦେବ ଦାମୋଦର ।
ବାଣ୍ଡେ ହସ୍ତୀ ଅଶ୍ୱ ରଥ ବଢ଼ଇ ଗହଳ
ଆଦିତ୍ୟ ଲୁଚିଣ ଗଲେ ପାଟଛତ୍ର ତଳ ।
ଗମନେ ପଥୁକଙ୍କର ଉଡ଼ି ଯାଉ ଧୂଳି
ଆକାଶେ ଅଦୃଶ୍ୟ ହେଲେ ଦେବ ଅଂଶୁମାଳୀ

ନଗର ଭିତରେ ଯାଇ ସମ୍ଭାଇଲେ ଥାଟ
କୋନ୍ତଙ୍କୁ ବହୁ ପ୍ରଶଂସା କରନ୍ତି ବିରାଟ ।
ବଂଶାନୁକ୍ରମେ ବହୁତ ପୁରୁଷ ମୋ ଗଲା
ଏତେ ବଡ଼ଯାତ୍ରା କେହି କରି ତ ନ ଥିଲା ।
କୋନ୍ତ ବୋଇଲେ ବିରାଟ କରିଥିଲା ପୁଣ୍ୟ
ବହୁପୁଣ୍ୟ ଉପୁଜଇ ଧର୍ମଦେହରୁ ପୁଣ ।
ବିଜେ ପ୍ରତିମାକୁ ନେଇ ବସାଇଲେ ଭାବେ
ସମସ୍ତ ସମ୍ଭାର ଘେନ ନିଜେ ଧର୍ମଦେବେ ।
ଶାରଢ଼ୂର ନିଶାଣ ଯେ ଟମକ ଘୋଷଇ
ଉଦଣ୍ଡ ପାଟଛତ୍ର ଯେ ଅତିଶୋଭା ପାଇ ।
ଶ୍ୱେତ ଚାମର ଢାଳନ୍ତି ଥାଇ ସ୍ୱରପାଶେ
କର୍ପୂର ଚୂଆ ଚନ୍ଦନ ଆମୋଦ ବିକାଶେ ।
ଅନେକ ତରୁଣୀ ଘେନ କୀଚକ ଆସନ୍ତି
ନଉକା ବିମାନେ ବସି କ୍ରୀଡ଼ା ସେ କରନ୍ତି ।
ପବନହୁଁ ବେଗେ ନାବ ବାହି କୁତୂହଳେ
ସୁଦେଷ୍ଣା ଯାତ୍ରାକୁ ବିଜେ ହେବେ କେତେବେଳେ
ଶୁଣି ବିରାଟ ଦାସୀଙ୍କୁ ଆଣିବେ ହକାରି
ବୋଇଲେ ରାଣୀ ବିଜୟ କର ବେଗକରି ।
ରାଜାଙ୍କ ବଚନେ ଗଲା ଚଞ୍ଚଳି ରମଣୀ
ବୋଇଲେ ଯାତ୍ରାକୁ ବିଜେ କର ସାଆନ୍ତାଣୀ
ଶୁଣି ମହାଦେଈ ଦାସୀଗଣ ସଙ୍ଗେ ନେଇ
ହାଡୋଳାରେ ବିଜେହେଲେ ଅତିତୋଷହୋଇ
ପଛରେ ଗୋଡ଼ାଇଛନ୍ତି ରାସ ନବାରୁଣୀ
ନଦୀତଟେ ପ୍ରବେଶିଲେ ବିରାଟର ରାଣୀ ।
ଆଗ ପଛେ ପଡ଼ିହାରୀ ଭିଡ଼ ନିବାରନ୍ତି
ଅନେକ ଯେ ପାଟଛତ୍ର ସଙ୍ଗତେ ଗମନ୍ତି ।
ବାଜେ ତହିଁ ଶାରଢ଼ୂର ମର୍ଦ୍ଦଳ କାହାଳୀ
କଉତୁକେ ବିହରନ୍ତି ରଙ୍ଗେ ସର୍ବବାଳୀ ।
ନଦୀ ତୀରରେ ବିଜୟ କଲେ ମହାଦେଈ
ଋଚିଲେ ଖାରଲା ଦାସ ଖାଇଲାଙ୍କୁ ଧାଇଁ ।

ସୈରନ୍ଧ୍ରୀ ଦର୍ଶନେ କୀଚକର ଦୂତ ପ୍ରେରଣ

କହନ୍ତି ଅଗସ୍ତି ଶୁଣ ମୁନି ମନୁଗଣ
ସୁଦେଷ୍ଣା ସୈରନ୍ଧ୍ରୀ ସଙ୍ଗେ କରନ୍ତି ଗମନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯାହା ଦେଖି ଯାଉଛନ୍ତି ସଙ୍ଗେ ଯାଜ୍ଞସେନୀ
ସର୍ବଜନମୋହିନୀ ସେ ମତ୍ତଗଜଗାମିନୀ ।
ସମସ୍ତେ ମୋହିତ ହେଲେ ତାଙ୍କ ମୁଖ ଦେଖି
ନାଟେ ଥାଇଣ କୀଚକ ଚାହିଁଲା ନିରେଖି ।
ଅସ୍ତ ଗଲା ଦିନମଣି ପ୍ରବେଶିଲା ରାତ୍ରି
ଉଦ୍ଭିଡ ଆଲୋକ ତେଜ ଦିଶିଲା ରଜନୀ ।
କୀଚକ ସେ ପଶିଲା ଜାଣ ମୃଦୁସ୍ଥଳୀ
ଆଗେ ବଡ଼ ଅପୂର୍ବ ମୁଁ ଏ ସ୍ଥାନେ ଦେଖିଲି
ନାରୀଙ୍କ ସଙ୍ଗରେ ସେହୁ ହୋଇଥିଲା ଜଣା
କେଁଟିଏ ଗୁଣେ ସୃଷ୍ଟିରୁ ଦିଶଇ ସେ ଶୋଭା ।
କେ ପୁଣି ବଇଟେ କନ୍ୟା ପ୍ରଦାନ କରିଲା
ମୋତେ ନ କହ ସେ କେଉଁ ତାହାକୁ ଦେଖିଲା
ଆଲୋ ତାହା ତଥ୍ୟକରି ବେଗେ ଆସ ଜାଣି
କେଉଁଣ ରାଜାର ସେହୁ ଅଟଇ ଦୁଲଣୀ ।
କୀଚକ ବଚନେ ତହୁଁ ଗଲା ମୃଦୁସ୍ଥଳୀ
ସୁଦେଷ୍ଣା ନିକଟେ ଯାଇ ପ୍ରବେଶ ହୋଇଲା ।
ପୁରେ ପଶି ମୃଦୁସ୍ଥଳୀ ପୁଚ୍ଛେ ପରିହାସ
କେଉଁଣ ରାଜାର ଏହୁ ଅଟଇ କୁମାରୀ ।
ଦାସୀଙ୍କର ଅଗ୍ରତରେ ବୋଲେ ମୃଦୁସ୍ଥଳୀ
କମ୍ପ୍ରତ ମାୟା ତାହାର ଜାଣି ନ ପାରିଲି ।
କେଉଁଣ ଦେଶରୁ ସେହୁ ଆଇଲା ଅନ୍ତରେ
ପଞ୍ଚ ଭ୍ରାତା ନାହିଁ ଷଣ୍ଡମାସ ପରଯନ୍ତେ ।
କୁଳମୂଳ ନାହିଁ ସେହୁ ହେଲା ଦେଶାନ୍ତରୀ
ମାତା ପିତା ନାହିଁ ତାର କେବଣ ସେ ନାରୀ
ପଞ୍ଚ ଭ୍ରାତା ନାହିଁ ତାର ଖଟଇ ସେ ସେବା
ଅଲେଟ ଛଳକ କରେ ବାନ୍ଧେ ରାଣୀଗନ୍ଧ ।
ଏହି କଥା ଶୁଣି ତହୁଁ ବାହୁଡ଼ଣ ଦାସୀ
କୀଚକ ଅଗ୍ରତେ ସବୁ କହିଲା ପ୍ରକାଶି ।
ଶୁଣି କୀଚକ ମଦନେ ହୋଇଲା ଉନ୍ମତ୍ତ
ସକଳ କର୍ମ ଲଗିଲା ତାକୁ ବିଷବତ ।
କରୁଣା ନାମରେ ଥିଲା ଯେଉଁ ମୃଦୁସ୍ଥଳୀ
ଡାକ ତାକୁ କୀଚକ ଯେ ବିଶ୍ୱାସରେ ବୋଲି
ନଅ ଲକ୍ଷ ବଢ଼ଣି ଶିର ସୀମନ୍ତମା
ମୁକୁତାର ଜାଲି ହରିତାଳ ଲେଖାପୁଣି ।
ଲଲାଟ ପଟିକୁ ଦର୍ଶାଇଲ ଦଶେ ଶୋଭା
ଦୁହିବସ୍ତ୍ର ଷଣ କଣସ୍ତ୍ର ପୁଷ୍ପର ଯେ ଗଭା ।

ବଳା ସ୍ୱପହର ଦଶ ଅଙ୍କଭାର ମାଳ
ସୁବର୍ଣ୍ଣର ଚୂଡ଼ି କଟି କିଙ୍କିଣୀ ମେଖଳ ।
ଷଡ ମୁଦ୍ଧ ବାହୁଟି ଯେ ସୁନାପାଣି ଦ୍ରବ୍ୟ
ଝୁଣ୍ଟୁଣ୍ଟୁଣି ନପୁର ଯେ ଚରଣେ ଆରମ୍ଭ ।
ଚର୍ଣ୍ଣନକୁ ରୁଚ ନେତ ଖଣ୍ଡୁଆ ପଟମା
ଦାସୀକୁ ଡାକି କହେ ଏ ସକଳ ନେଇ ।
ଏ ସର୍ବଭୂଷଣ ତୁମ୍ଭେ ନେଇ ଏହିକ୍ଷଣ
ସୈରନ୍ଧ୍ରୀକୁ ନେଇ ଦେବ ଏହି ଆଭରଣ ।
ଏ ଜଣସ୍ତ୍ର ହାତେ ନାରେ ବିଜୟ କରାଇ
ଭୁବନକୁ ଆଣ ମୋର ସର୍ବକଥା କହ ।
କୀଚକ ବୋଇଲା ମୋର ଶତେକ ଘରଣୀ
ସବୁର ଉପରେ ହେବ ସେହି ଠାକୁରାଣୀ ।
ମୁହିଁ ଆଜ୍ଞାକାରୀ ହେବି ତାର ବଚନକୁ
ବିନୟେ କହୁଛି ଯେନୁ ମୋ ଭାର୍ଯ୍ୟା ହେବାକୁ
ମୁହିଁ ତ ମହାଧର୍ନ୍ଦି ସଂସାରରେ ଜତା
ସୈରନ୍ଧ୍ରୀ ନୟନବାଣେ ହେଲି ଅଶକତା ।
ଦେଖି ଜାଣିଲଇଁ ସେହୁ ମହତ ସାଧସୀ
ଶରୀରରକ୍ଷଣୀ ସେହୁ ମହାଜନ ଭ୍ରଭ ।
ଏତେ କହି ଧନରତ୍ନ ଦେଲା ଯୋଇଲୀକ
କନକମ୍ବାନ କରିବ ଭେଟା ସୈରନ୍ଧ୍ରୀକ ।
ଅନେକ ଉସତ ତହୁଁ ହୋଇଲା ଚତୁରୀ
ଜହ୍ନକ ନଦରେ ଗଲା ହୋଇ ବେଗକରି ।
ସୈରନ୍ଧ୍ରୀକୁ ହକାରିଣ କହେ ଗୁପ୍ତକରି
ବସ ଆଗୋ ମହାମାନୀ ଦୁଃଖ ପରିହରି ।
ଏକାବେଳକେ ହୋଇଲୁ ମାଗୋ ଲକ୍ଷପୋଷୀ
ମହ୍ୟଦେଶେ ଭାଗ୍ୟ ତୋର ଏବେ ହାଦେ ଦିଶି
ସ୍ତ୍ରୀଙ୍କର ଚନ୍ଦଦଶା ଛଣେ ଲେଉଟଇ
ଆଜ୍ଞ ତୋ ଭାଗ୍ୟ ଉଦୟେ ସବୁକଷ୍ଟ ଯାଇ ।
ସ୍ତ୍ରୀଙ୍କର ମଧ୍ୟେ ମାଗୋ ତୋ ଜୀବନ ସାଧୁ
ସଙ୍କୋଚନ ରାଜାର ତୁ ହେଲୁ କୁଳବଧୂ ।
ପୂର୍ବତପେ ଅର୍ଜିଲୁ ତୁ ମାଗୋ ପୁଣ୍ୟଫଳ
ଏବେ ଆସିଣ ହୋଇଲା ତୋର ଭାଗ୍ୟକାଳ ।
ଦାସୀପଣେ ସେବାକରି ପାଉଥିଲୁ ଦୁଃଖ
ରାଜ୍ୟର କାରେଣୀ ହୋଇ ପାଇବୁ ତୁ ସୁଖ ।
ଶୁଣିଣ ଦ୍ରୌପଦୀଙ୍କର ଉଡ଼ିଲା ସାହସ
ବୋଇଲା ହମାଦ୍ ମୋତେ ଚାହୁଁଲା ଲୋକେଶ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୂର୍ଯ୍ୟଙ୍କର ତେଜ କନ୍ଦମୂଳ କଲ ଗ୍ରାସ
ବାସୀପଣରେ ପଶିଲ ଏ ଅଜ୍ଞାତବାସ ।
ଏଥିରେ ପ୍ରମାଦ ଧାତା ଚଳୁଅଛୁ ଆସି
ଭଗବତ ସୁମରନ୍ତ କୃଷ୍ଣନାମ ଭଣି ।
ସୈରନ୍ଧ୍ରୀ ହୋଇଲେ କର୍ମେ ହୋଇଲୁ ତୁ ବାଇ
ପୂର୍ବେ ଯାହା ଅର୍ଜିଥାଇ ତା ଅବଶ୍ୟ ପାଇ ।
ହେଇ ହେଇ ମାତା ଆଗୋ ପୂର୍ବ ତୋର ତପ
କୀଚକ ଦର୍ଶନେ ସର୍ବ ଖଣ୍ଡିବୁ ତୁ ପାପ ।
ଚନ୍ଦନ ଯାତ୍ରା କରବେ ସେ କୋଳ ଘଣ୍ଟାଏ
ତୋର କର୍ମେ ଅଭିସୁଲକ୍ଷଣୀ ସର୍ବଦାଏ ।
ମାଗୋ ସଙ୍କୋଚନ ରାଜକୁଳେ ଉତ୍ପତ୍ତି
ଜ୍ୟୋତିପୁର ନଗରେ ସେ ଅଟେ ଅଧିପତି ।
ଚକ୍ରବର୍ତ୍ତୀ କରାତର ବଳଦର୍ପଭଞ୍ଜା
ସୁର ନର ପୁରେ ପୁଣି ମନ ବାଣଗଞ୍ଜା ।
ଏ ମତ୍ସ୍ୟ ଦେଶରେ ସେହୁ ଅଟେ ଅଧିପତି
ଶତସିଂହ ପରାକ୍ରମୀ କ୍ଷିତିରେ ସେ ଖ୍ୟାତି ।
ମାଗୋ ବସନ୍ତ ନିର୍ମାଷି ଅଟେ କାଳେ କାଳେ
ଦୁଇରାଜ୍ୟ ଭୋଗେ ଏ କୀଚକ ବାହୁବଳେ ।
ଆବର ମହିମା ଦେଖ ତାର ଶତେ ଭାଇ
ସମରେ ଜିଣି ପାରନ୍ତି ତିନି ଲୋକଙ୍କୁହିଁ ।
ସୁଦେଷ୍ଣା ନକଟେ ଆଗୋ ତୋର ରୂପ ଚାହିଁ
କନ୍ଦର୍ପରେ ପୀଡ଼ାକଲା ତାହାର ସେ ଦେହି ।
ଆମ୍ଭଙ୍କୁ ରାଇଣ ସେ ଗୋ କରଇ ଭକତି
ଆଜହୁଁ ଖଣ୍ଡନ ହେଲା ତୋହର ଦୁର୍ଗତି ।
ଅଦଭୁତେ ସୁଖପ୍ରାପ୍ତ ଯେବେ ତୋ ହୁଅଇ
ପାଇଲା ଧନକୁ କେବେ କେହୁ ନ ଛାଡ଼ଇ ।
ଏହୁ ଅଳଙ୍କାର ସବୁ କରି ଆଭରଣ
କୀଚକ ମନ୍ଦିରେ ଏବେ ଚଳ ଏହିକ୍ଷଣ ।
ଅନେକ ଚାଟୁବଚନେ କହିଲା ସେ କଥା
ଶରୀର କମ୍ପେ ଦେବୀଙ୍କ କୋପ ଅପ୍ରମିତା ।
ଆଲୋ ସ୍ତ୍ରୀକୁଳେ ଜାତ ହୋଇଲୁ ଚଣ୍ଡାଳୀ
ପରପୁରୁଷକୁ ମନ ଖଟାଇ ହୃଦ୍ୟାଳ ।
ପୂର୍ବର ପାପରେ ପରପୁରୁଷ ପ୍ରାର୍ଥନା
ଯାହା ଅର୍ଜିଥାଇ କଲନ୍ତର ଭୋଗ ସିନା ।
ବଟପୀ ନାରୀ ତୁମ୍ଭେ ଲୋ ପରଘରେ ପଶ
ସୁଜନ ଲୋକର ଭଲ କଥାରେ ନ ରସ ।
ଦୁଷ୍ଟପଣ କଥା କହ ସତି ଜନଙ୍କୁହିଁ
ଯହିଁ ନାଶ ଯିବ ଇଷ୍ଟ କର ସେନ ତହିଁ ।
ଏହୁ ଜନ୍ମରେ ତୁମ୍ଭେ ଲୋ ଅଟ ମହାପାପୀ
ଆମ୍ଭଙ୍କୁ ମନ୍ଦବାଣୀ ଲୋ ବୋଲୁଛ ଅଦ୍ୟାପି ।
ଆମ୍ଭଙ୍କୁ ଭର୍ତ୍ସନା ତୁହି କରୁ ଅନୁକ୍ରମେ
ଉଚ୍ଛିଷ୍ଟକୁ ଭୁଞ୍ଜି ବଟି ଏହୁ ଅନୁକ୍ରମେ ।
ତୁ ଘରର ପାମର ଆଲୋ ଦୁଷିତା ତୁ ହୀନ
ତୋତେ ସ୍ତ୍ରୀ ଗିକୁଳରେ କେ କରଇ ଲେଖନ
ପୋଡ଼ୁ ପୋଡ଼ୁ ତୋ ବଦନ ନ ପାଉ ତୁ ଲଜ୍ଜା
ପରଠାରେ ଯାଇଁ ପଣ ସ୍ୱାମୀ କର ତେଜ୍ୟା ।
କେବଣ ନର ତୋତେ ଲୋ ହୋଇବ ବିବାହ
ସ୍ତ୍ରୀ ଗିକୁଳେ ଦୁଷିତ ଲୋ ଅନ୍ୟେ ଦେଉ ଦେହ
ସୈରନ୍ଧ୍ରୀର କଥା ଶୁଣି ଗଲା ସେ ଚତୁରୀ
କୀଚକ ଅଗ୍ରେ କହଇ ସେ ବିନୟ କରି ।
ସ୍ୱାମୀ ହେ ପ୍ରବୋଧ କରି କହିଲି ମୁଁ ବାଣୀ
ପାଷାଣ ଜଡ଼ିତ ପ୍ରାୟେ କର୍ଣ୍ଣେ ସେ ନ ଶୁଣି
ଏମନ୍ତ ସୁଦକ୍ଷ ସ୍ତ୍ରୀ ସା ନାହିଁ ନାରୀକୁଳେ
କେମନ୍ତେ ବିଧାତା ତାକୁ ଗଢ଼ିଲା କୌଶଳେ
ଜଗନ୍ମୋହନ ଘରେ ସେ ଅଟେ ଅଧିକାରୀ
ସଜ୍ଜନ ଲୋକର ନାମ ଅଟେ ସୈରନ୍ଧ୍ରୀ ।
କୀଚକ ଶୁଣିଲା ଯହୁଁ ନାସ୍ତି କଲା କଥା
ପରଦାର ହରଣରେ ଲାଗେ ମନେ ବ୍ୟଥା ।
ଦ୍ୱିଗୁଣରେ ସୁହାଗ ଯେ ବଢ଼େ ପୁଣ ପୁଣ
ପୁରୁଷ ବିରହୀ ଲାଗେ ତାକୁ କାମବାଣ ।
ନିରାଶ ବଚନ ଶୁଣି ଖେଦ ହେଲା ତାର
ଅସାଷ୍ଟମ ହୋଇଣ ସେ ପଡ଼ିଲା ଭୂମିର ।
ଠାବେ ଠାବେ ପଡ଼ି କ୍ଷଣେ କ୍ଷଣେ ମୋହପାଇ
ଅବିରତ ଚିତ୍ତ ଛନ୍ନ କାମବାଣେ ବାଇ ।
ଆହାଲେ ସୈରନ୍ଧ୍ରୀ ମୋର ଅଟୁ ପଞ୍ଚଭୂତ
ନିରାଶ ବଚନ ଶୁଣି ପ୍ରାଣ କଣ୍ଠାଗତ ।
କୋଳେ ଧରି ସେ ପୋଇଲି ମୁଖେ ଜଳସିଞ୍ଚି
ସାଷ୍ଟାଙ୍ଗ କରିଣ ତାକୁ ଆଲଟରେ ବଞ୍ଚି ।
ସଚେତ ହୋଇଣ ଉଠେ ସଙ୍କୋଚନବଳା ।
ପୁଣି ବୋଲେ ଲୋରେ ସୈରନ୍ଧ୍ରୀ ତୁମୋ ଗଳାମାଳା
ଶରୀର ଦହଇ ମୋର ତୋହର ଅଭାବେ
ଲୋଟୁ ମୋହର ଶରୀର ତୋ ବସିବା ଠାବେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ତୋର ପାଦ ତଳପାରେ ଯେ କୋମଳ କାନ୍ତି
ଦର୍ଶନେ ହୃଦୟ ମୋର ପକାଏ କରନ୍ତ ।
କୀଚକ ବୋଇଲା ଦାସୀ ସେ କାରେ ସେବଇ
ମୃଦୁସୁଲ୍ଲ ବୋଲେ ତୁମ୍ଭ ଭଗ୍ନୀପାଶେ ଥାଇ ।
କୀଚକ ବୋଲଇ ରତ୍ନମାଳା ମୁଁ ଦେବଇଁ
ମୋହର ଅବସ୍ଥା ଭଗ୍ନିଠାରେ କହ ଯାଇ ।
ବୁଡ଼ିଲି ଷଣ୍ଡିସ୍ତ ପଣ ସବୁ କଲି ତେଜ୍ୟା
ଏ ମୋହର ଅବସ୍ଥାକୁ କେମନ୍ତେ ତୁ ବୁଝା ।
ସମସ୍ତ ତୁ କହ ଯାଇ ସେ ଠାକୁରାଣୀଙ୍କି
କଛୁମାତ୍ର ସଙ୍କୋଚ ତୁ ନ କର ତହିଁକି ।
ଅବଶ୍ୟ କହିବୁ ଆଲୋ ତାଙ୍କଠାକୁ ଯାଇ
ସୈରନ୍ଧ୍ରୀକୁ ଦେବ ମୋର ପୁରକୁ ପଠାଇ ।
ମୋର ଜୀଇଁବାକୁ ଯେବେ ଅଛି ତାଙ୍କ ଆଶ
ସୈରନ୍ଧ୍ରୀ ଭେଟାଇ ଦେବେ ଆଣି ମୋର ପାଶ
ଉପ୍ରୋଧରେ ତାକୁ ଯେବେ ନ ପାରବ ବୋଲି
ତେବେ ବଳାତ୍କାରେ ତାକୁ ଆଣିବି ମୁଁ କାଲି
ମୃଦୁସୁଲ୍ଲୀ ଗଲା ତହୁଁ ବିଦାୟ ହୋଇଣ
ଶାରଳାଦାସ କହଇ ଶାରଳା ଚରଣ ।

ସୁଦେଷ୍ଣା ସୈରନ୍ଧ୍ରୀଙ୍କୁ କୀଚକ ନିକଟେ ପ୍ରେରଣ ଓ ସୈରନ୍ଧ୍ରୀଙ୍କର ସୂର୍ଯ୍ୟଙ୍କୁ ପ୍ରାର୍ଥନା

କହନ୍ତି ଅଗସ୍ତି ମୁନି ଶୁଣ ମନୁଗଣ
ଯାହା କଲା ସେ କୀଚକ କରୁଛି ବଖାଣ ।
ଚଳିଗଲା ମୃଦୁସୁଲ୍ଲୀ ଭ୍ରାତୃ ଆଜ୍ଞା ଘେନି
ସେ ଦିନ ଯାହା ସାରଣ ରଜନ୍ତ ସଇନ ।
ମଦନ ମୋହନ ଦେବ ନଗ୍ରେ କଲେ ବିଜେ
ନିଜ ଆସ୍ଥାନେ ବିଜୟ କଲେ ଦେବରାଜେ ।
ସ୍ନାହାନ ଭୋଜନ ଆଦି ସର୍ବ ନିତ୍ୟକର୍ମ
ସାରଣ ଯେ ବାହୁଡ଼ନ୍ତି ସ୍ମତିଦିନ ଧର୍ମ ।
ଆରଦିନ ପ୍ରଭାତେ ସେ ପଞ୍ଚମୀର ଦିନ
ପଶଇ ସେ ମୃଦୁସୁଲ୍ଲୀ ସୁଦେଷ୍ଣା ଭୁବନ ।
ବସ୍ତ୍ରଅଳଙ୍କାର ଥୋଇ ରାଣୀଙ୍କର ଛାମୁ
କୀଚକର ଦାସୀ ମୁହିଁ କରେ ପରଣାମୁ ।
ଝାଳେ ଝୀନବାସ ତନ୍ତ୍ର ନ ହୁଏ ସମ୍ଭାଳ
ସୁଦେଷ୍ଣା ବୋଇଲା ଏହୁ କିସ ଲୋ ଜଞ୍ଜାଳ ।
କରୁଣା ଦାସୀକି ଶୁଣି ପୁଛେ ମହାଦେଈ
କୀଚକ କି ଏ ସାମଗ୍ରୀ ମୋତେ ଅଛି ଦେଇ ।
ଦାସୀ ବୋଲେ ମାତଃ ତୁମ୍ଭେ ସର୍ବରସ୍ତୁ ଧ୍ୱଂସି
ଭୋଗ କରିବ ଅମୂଲ୍ୟ ଏହି ରତ୍ନରାଶି ।
ଆଲୋ କରୁଣା ପିତା ମୋ ଅଛନ୍ତି ନା କୁଶଳେ
କ୍ଷେମେ ରହିଅଛନ୍ତି ନା କୁଟୁମ୍ବ ସକଳେ ।
କୀଚକ ସହିତେ ମୋର ଏକଶତ ଭ୍ରାତ
କୁଶଳରେ ଅଛନ୍ତି ନା ସେମାନେ ସମସ୍ତ ।
ସବୁ କୁଶଳ କହଇ ଚତୁରୀ ରମଣୀ
ସକଳେ କୁଶଳେଅଛନ୍ତି ଶୁଣ ଠାକୁରାଣୀ ।
ଏହା କୀଚକର ହୋଇଅଛି ଗୁରୁବ୍ୟାଧି
ସକଳରାଜ୍ୟରୁ ଲୋଡ଼ି ଆଣିଲୁ ଔଷଧି ।
ଅନ୍ନ ନ ରୁଚେ ତାମ୍ବୁଳ ହେଲା ବିଷବତ
ପଲ୍ୟଙ୍କ ତେଜି ଭୂମିରେ ପଡ଼ଇ ନିୟତ ।
ପିନ୍ଧିଲା ବସନ ସବୁ ଦିଅଇ ପାଲଟି
ଲଲାଟରେ କର ମାରି ଭୂମିରେ ସେ ଲୋଟି ।
ନୟନରେ ଅଶ୍ରୁଜଳ ହୁଏ ଛନ୍ଦ ଛନ୍ଦ
ଗତପ୍ରାଣ ପ୍ରାୟ ତାର ଦିଶଇ ବଦନ ।
ରାତ୍ରେ ତାକୁ ନିଦ୍ରା ନାହିଁ ଦିନେ ନାହିଁ କ୍ଷୁଧା
କେବଣ ରୋଗ ଘୋଟିଲା ଲାଗେ ବଡ଼ ବାଧା
କାରଣ ନ ଗଲା ବ୍ୟାଧି ହୁଏ ଏ ଚରିତ
ଶୁଣି ମହାଦେଈ ହେଲେ ଅତ୍ୟନ୍ତ ଆରତ ।
ଧର୍ମ ଧର୍ମ ସୁର ନ୍ତ ବଶଟର ନାଶ
ରାଜାଙ୍କୁ କହି ଔଷଧି ଆଣ ବେଗକରି ।
ଆଲୋ ବହୁ ଧନରତ୍ନ ମୋର ତହୁଁ ନିଅ
ବୈଦ୍ୟଙ୍କୁ ଲୋଡ଼ି ତୁମ୍ଭେ ଲୋ ଶୀଘ୍ର ଆଣି ଦିଅ
କହୁ କହୁ ସୁଦେଷ୍ଣା ଯେ ହୋଇଗଲା ମୋହ
ବୁଦ୍ଧିମାନ ଘର ଯେହ୍ନୁ ହେଉ ମୋର ଅସ୍ତୁ ।
ମୃଦୁସୁଲ୍ଲୀ ବୋଲେ ଯସ୍ତ ନ ହୁଅ ଗୋ ମାୟେ
ଅନେକ ବଇଦ ଆସି କଲେଣି ଉପାୟେ ।
କେବେହେଁ ନ ଘୁଞ୍ଚିଲା ସେ ଅନଙ୍ଗର ବ୍ୟାଧି
ତୁମ୍ଭଠାରେ ଅଛି ଭଲ ହେବାର ଔଷଧି ।
ସୁଦେଷ୍ଣା ବୋଲେ ଔଷଧି ପାଇବ ମୁଁ କାହିଁ
କେଉଁ ମହୌଷଧି ମୋତେ ନ କହୁ କିପାଇଁ
କରୁଣା ବୋଲେ ସୈରନ୍ଧ୍ରୀ ଅଛି ତୁମ୍ଭଠାଇଁ
ସେହି ଗଲେ ନିଶ୍ଚେ ରକ୍ଷା ହେବ ତାଙ୍କଦେହ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ନାନା ମନ୍ତ୍ର ଜାଣଇ ସେ ଜାଣଇ ମୌଷଧି
ଏହା ଶରୀର ନିମନ୍ତେ ଭଲ ହେବ ବ୍ୟାଧି ।
ଶୁଣିଣ ସାଷ୍ଟାଙ୍ଗ ହୋଇ ସୁଦେଷ୍ଣା ବୋଇଲେ
ସୈରିନ୍ଧ୍ରୀ ନିକଟକୁ ସେ ଆପେ ବିଜେ କଲେ
ଅନ୍ତଃପୁର ମଧ୍ୟରେ ଯେ ଥିଲେ ମହାସତୀ
ଧାଇଁକାରେ ଉଠିଣ ସେ ବିଜେକଲେ କତି ।
ସୁଦେଷ୍ଣାଙ୍କ ନିକଟରେ ହୋଇଲେ ସେ ଉଭା
ବାଳଅର୍କ ପ୍ରାୟେକ ଯେ ଦିଶେ ତାଙ୍କ ଶୋଭା
ରାଣୀ ବୋଇଲେ ଆସିଛି ମୁଁ ତୁମ୍ଭ କତିକି
ମନ୍ତ୍ର ମହୌଷଧି ତୁମ୍ଭେ ଜାଣ କି ବ୍ୟାଧିକି ।
କୀଚକ ମୋହର ଅଟେ ସହୋଦର ଭ୍ରାତ
ତାହାର ବାହୁ ବଳରେ ମୋ ରାଜ୍ୟ ରକ୍ଷିତ
ଚତୁର୍ଯୁଗ ରାଜାଙ୍କର ଅଟଇ ଏ ଭୂମି
ଏଥେ ରାଜ୍ୟ କରୁଥିଲା ଦୈତ୍ୟ କାଳନେମି ।
ଏ ମହାଦେଶର ରାଜା ଅଟଇ ବିରାଟ
ଏ ଦୁହିଙ୍କ ଜାଣି ମୁହିଁ ରାଜ୍ୟ କରେ ଏଥ ।
କୀଚକର ଦର୍ପେ ରାଜ୍ୟ ଅଟଇ ମୋହର
ଏହି କଥା ବିଚାର ଗୋ ମନେ ସୁକୁମାରୀ ।
କେଉଁ ମହାମନ୍ତ୍ର ତୁ ଗୋ କହୁକିନା ମୋତେ
ଭାଇ ଦାନ ଦିଅ ଗୋ ମାଗୁଛି ମୁଁ ତୋତେ
ସୈରିନ୍ଧ୍ରୀ କହିଲେ ତହୁଁ ଶୁଣ ମହାଦେଈ
ମନ୍ତ୍ର ମହୌଷଧି କଥା ମୁହିଁ ନ ଜାଣଇ ।
ପୁଣି ବୋଇଲେକ ତୁମ୍ଭେ ପଣ୍ଡିତ ପୟୋଧି
ତୁମ୍ଭଙ୍କୁ କି ଅଗୋଚର ଏ ଚତୁର ବୁଦ୍ଧି ।
ମୋ ରୂପ ଦେଖି କୀଚକ ମୋତେ କଲା ଇଚ୍ଛା
ଅଟଇ ସକଳ ମିଥ୍ୟା କୂଟବୁଦ୍ଧି ତୁଚ୍ଛା ।
ସୈରିନ୍ଧ୍ରୀଙ୍କର ମୁଖରୁ ଏହି କଥା ଶୁଣି
ସ୍ତମ୍ଭିତ ହୋଇ ରହିଲେ ତହିଁ ଯୋଷାମଣି ।
ନିଷ୍ଟୁର ଭାଇର ମୋର ଶିରୀ ହେଲା ଚ୍ୟୁତ
ଭଗ୍ନୀଠାକୁ କେମନ୍ତେ ସେ ପେଷିଲାକ ଦୂତ ।
ମୋତେ କହିବାକୁ କି ସେ ନ ପାଇଲା ଲଜ୍ଜା
ବିପଦକାଳେ ପ୍ରାଣୀଙ୍କି ହୀନବୁଦ୍ଧି ଖଞ୍ଜା ।
ଦଇବ ବୁଦ୍ଧିରେ ବେଗ ହୋଇ ସେ ମରଇ
ପରସ୍ତ୍ରୀ ପରଧନେ ଯେ ଆଶ କରଇ ।
ସତ୍ୟ ହିଂସା ଛାଡ଼ି ଯେହୁ ଅସତ୍ୟେ ରହଇ
ପରମାୟୁ ଥାଉଁ ଥାଉଁ ସେ ପ୍ରାଣୀ ମରଇ ।

ନସତକାଳେ ଯେ କାମ ଭୋଗଇ ପୁରୁଷ
ଅର୍ଥ ତେଜ୍ୟାକରି କରେ ନିଅର୍ଥର ଆଶ ।
ଯେତେ ପରିବାରୀମାନେ ଥିଲେ ଅନ୍ତଃପୁରେ
ବହୁତ କଟାକ୍ଷ କରି କହିଲେ ରାମୁରେ ।
କ୍ରୋଧ ନଳେ ଜରଜର ହୋଇଣ କରୁଣା
କୋପରେ ବଚନ ବୋଲେ ସେ ଜଗତଜଣା
କେ ତୋହର ମାତାପିତା କେ ତୋରସୋଦର
ତୋତେ ଦେଖିଣ ବାଇ ମୋ କୀଚକ ଠାକୁର
ବହୁତ ପ୍ରତିଉତ୍ତର ଦିଅଇ ପୋଇଲୀ
ସମସ୍ୟାକୁ ନ ଦିଅନ୍ତ ଦ୍ରୁପଦଦୁଲାଳୀ ।
ସୁଦେଷ୍ଣା ବୋଇଲେ ତୁହି ଶୁଣ ଲୋ କରୁଣା
ମୋହର ଏ ଆଜ୍ଞା ବୋଲି ନୃପତିଙ୍କୁ ଜଣା ।
ଯାଅ ଲୋ ଯାଅ ଦାସୀ ତୁ କହ କୀଚକକୁ
ଏହି ନୀଚକଥା ସବୁ ନ ଆଣୁ ମନକୁ ।
ଆଜ୍ଞା ପରମାଣେ ତହୁଁ ଚଳିଲା କରୁଣା
କୀଚକ ସେନାପତିର ବୁଦ୍ଧି ହେଲା ବଣା ।
ମୃଦୁସୁଲୀର ଯିବାକୁ ବିଳମ୍ବ ସେ ଦେଖି
ବିଚାରେ ଆଣିବ ନିଶ୍ଚେ ଏବେ ସୈରିନ୍ଧ୍ରୀକି ।
ନୋହିଲେ ବିଳମ୍ବ କର୍ପା କଲାକ କରୁଣା
ବିଳମ୍ବ ଘଟିଲେ କାର୍ଯ୍ୟ ସିଦ୍ଧି ହୁଏ ସିନା ।
ଏମନ୍ତ କାଳେ ପ୍ରବେଶ ହେଲା ମୃଦୁସୁଲୀ
ପଚାରିଲେ କସ କସ କଥା ହେଲା ବୋଲି ।
ମୃଦୁସୁଲୀ କହେ ଶୁଣ ଜ୍ଞାନୀ ଶିରୋମଣି
ସୁଦେଷ୍ଣା ଅମଙ୍ଗ ହେଲେ ତୁମ୍ଭ ବାକ୍ୟ ଶୁଣି ।
ବୋଇଲେ କେଡ଼େ ନିର୍ଲଜ ସୋଦର ମୋହର
ଏହାର ଦେହ ଛୁଇଁଲେ ହେବ ହତଶିରୀ ।
ମୋର ରାଜ୍ୟେ ଅଛି ଜାଣ ସେହୁ ଦାସୀପଣେ
ନୀଚରେ ବଶ କପାଇଁ ହେଲା ଅକାରଣେ ।
ଅପରରେ ଅଙ୍ଗଭୋଗ ଦେଇ ତ ନ ପାର
ଶିକ୍ଷହାନ ହୋଇ ଅପଖ୍ୟାତ ହେବ ଭାର ।
ସ୍ୱାମୀ ମୁଁ କହିଲି ଯାଇଁ ତୁମ୍ଭର ଅବସ୍ଥା
ବହୁତ ବିକଳ ଶୁଣି ହେଲେ ଜଗନ୍ମାତା ।
ବୋଇଲେ ସେ ଯେତେଧନ ନେଇ ଏ ଭଣ୍ଡାରୁ
ଖଟେ କନ୍ୟା ଆଣି ରାଜା ପୁଣି ବିଭାକରୁ ।
କୀଚକ ବୋଲେ ନଣାର ବୋଲିଲାକ ଜଳ
ସେପରି କାମେ ବଢ଼ିଲେ ଅପ୍ରମିତ ବଳ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କାର ବୋଲ ନ କରିବ ମୁହିଁ କଦାଚିତେ
ଶରୀର ମୋହର ହସ୍ତ ସୈରନ୍ଧ୍ରୀ ସହିତେ ।
ସୁବର୍ଣ୍ଣ ଶରୀର ମୁଁ ଯେ କରିବଇଁ ତ୍ୟାଜ
ଏମନ୍ତ ପ୍ରାଣୀକି ଆଉ କିସ ଅଛି ଲାଜ ।
କରପଦ୍ମ ଯୋଡ଼ି ତହୁଁ କହେ ମୃଦୁସୁଲ୍ଲୀ
ମହାଲ୍ଲେ ଠାକୁରାଣୀଙ୍କୁ ମୁହିଁ ଯେନଭଲ ।
ବସ୍ତ୍ର ବନସ୍ତ ତାଙ୍କୁ ହେଲେ ଠାକୁରାଣୀ ।
ଭରସି କରଣ କହି ନ ପାରନ୍ତି ବାଣୀ ।
କୀଚକ ବୋଇଲା ମୋତେ ସେ କଥା ନ କହ
ସୈରନ୍ଧ୍ରୀକୁ ଦେଇ ମୋର ରକ୍ଷା କର ଦେହ ।
ଯାଅ ଲୋ କରୁଣା ପୁଣି କହ ତୁ ରାଣୀଙ୍କି
ଯେମନ୍ତେ ହେଲେ ପଠାଅ ତାଙ୍କୁ ମୋ ଠାଇଁକି
ଯେବେ ସୈରନ୍ଧ୍ରୀକୁ ମୋରପାଶେ ନ ଛାଡ଼ିବେ
ନିଶ୍ଚୟ ସେ ଭ୍ରାତୃହତ୍ୟା ଦୋଷେ ଭାଗୀହେବେ
ଏହି ପ୍ରକାରେ ଯାଇ କହ ଲୋ ପୋଇଲି
ସ୍ୱାମୀ ଆଜ୍ଞାକୁ ମସ୍ତକେ ଧରି ଚଳେ ବାଳୀ ।
ପ୍ରବେଶ ହୋଇଲେ ଯାଇ ନବର ଭିତରେ
ନଉଛାଲ ହେଲା ବାଳୀ ସୁଦେଷ୍ଣା ପୟରେ ।
ଉଭା ହୋଇ କରଯୋଡ଼ି ବୋଲଇ କରୁଣା
ସମସ୍ତ କହିଲା ଭାଇ ଶୁଣି ହେଲେ ବଣା ।
ସୈରନ୍ଧ୍ରୀକୁ ଯେବେ ମା ଗୋ ନଦେବ ତାହାଙ୍କୁ
ନିଶ୍ଚୟ ହତ୍ୟାର ଦୋଷ ଲାଗିବ ତୁମ୍ଭଙ୍କୁ ।
ଯେବେ ସୈରନ୍ଧ୍ରୀକୁ ନଷ୍ଟେନଦେବ ଗୋ ମାଏ
ତେବେ ପ୍ରାଣ ହରାଇବ ସଙ୍କୋଚ ତନୟେ ।
ଶୁଣି ସୁଦେଷ୍ଣା ଚାହିଁଲେ ସୈରନ୍ଧ୍ରୀ ମୁଖକୁ
କିସ ବୋଇଲା ପୋଇଲି ଶୁଣିଲ କି ତାକୁ ।
ସୈରନ୍ଧ୍ରୀ ବୋଇଲେ ମୁହିଁ ଯାହା ଅଛି ମାଗି
ସମସ୍ତ ବୋଲିବ ମୋତେ ମୁହିଁ ପରତ୍ୟାଗୀ ।
ପଶ୍ଚିମେ ଉଦୟ ଯେବେ ହେବେ ଦିନକର
ରସାତଳେ ପଡ଼ିବ ଗୋ ଯେବେ ମହୀଧର ।
ପର୍ବତ ଉପରେ ଯେବେ ଫୁଟିବ କମଳ
ହେଲେ ମଧ ଏହା ମୋର ବଚନ ଅଟଳ ।
ମୁହିଁ ତୀର୍ଥବାସିନୀ ଗୋ ଅଟେ ଦେଶାନ୍ତରୀ
ଏ କଥା ତୋଟିକ ସତ ଅଟଇ ମୋହର ।
ଶୁଣ ଗୋ ସୁଦେଷ୍ଣା ରାଣୀ କହୁଛି ତୁମ୍ଭଙ୍କୁ
ପଞ୍ଚ ଗନ୍ଧର୍ବ ଅଛନ୍ତି ମୋତେ ରଖିବାକୁ ।

ମୋତେ ଯେ ଆଶ କରିବ ମାରିବେ ତାହାକୁ
ରଖି ନ ପାରିବେ ଚନ୍ଦ୍ର ସୂର୍ଯ୍ୟ ଆଦି ତାଙ୍କୁ ।
ଶୁଣିଣ ସୁଦେଷ୍ଣା ତହୁଁ ହୋଇଲେ ମଉନ
ଧର୍ମଙ୍କୁ ସୁମରି ମନେ ଚାହିଁଲେ ଗଗନ ।
ନିକଟେ ଡାକି ବୋଇଲେ ଅଗୋ ମୃଦୁସୁଲ୍ଲୀ
ଶୁଣିଲୁଟିକି ସକଳ ମୁଁ ଯେତେ କହିଲି ।
ସାମାନ୍ୟ ନୁହଇ ସେ ଲୋ ଅଟେ ବଡ଼ଜଣ
ସାମାନ୍ୟ ହେଲେକି କେଭେ ଛାଡ଼ନ୍ତା ହିରଣ୍ୟ
ସାମାନ୍ୟ ହୋଇଥିଲେ କି ଲଙ୍ଘନ୍ତା ମୋ ବାଣୀ
ଶୁଣିଲୁଟିକି ପ୍ରତ୍ୟକ୍ଷେ ସେ ପରମା ଯୋଗିନୀ ।
କୀଚକକୁ ବୋଲ ଯାଇ ଦେଖୁ ଦାସୀପଣ
ତାହାର ଦେହ ଛୁଇଁଲେ ହେବ ହତଶିରୀ ।
ଏ ସବୁ କହିଲେ ଯେବେ ନ ଶୁଣିବ ଅବା
ଉପାୟ କରି କୀଚକ ପୁରକୁ ପେଷିବା ।
ବନା ଗୃହ ଅସ୍ଥ ହୋଇ ସ୍ଥିର କରୁ ମତ
ମୁହିଁ ଜାଣିଲି ସେ ସ୍ତ୍ରୀ ଅଟେ ମହାସତୀ ।
ସୈରନ୍ଧ୍ରୀକୁ ଡାକି ପୁଣି ବୁଝାଇଲେ ରାଣୀ
ଶୁଣୁଛନ୍ତି ଯଶସ୍ୱିନୀ ନ ଭାଷିଣ ବାଣୀ ।
ପାଣ୍ଡବଙ୍କର ଭାରିଯା ଦ୍ରୁପଦ ଦୁହିତା
ତାହାଙ୍କୁ ଦେଖି ପ୍ରାପତ ହେଲା ଉଞ୍ଚପତି ।
ଦ୍ରୌପଦୀ ବୋଇଲେ ଏହା ନୁହଇ ଯୁକତେ
ଯତ୍ର ସତୀ ବନା ପୃଥ୍ୱୀ ରହନ୍ତା କେମନ୍ତେ ।
ଚନ୍ଦ୍ରହରଣ କରିଲା ତାରା ମହାସତୀ
ବୃହସ୍ପତି ଶାପେ ରହୁ ଗିଳେ ତାଙ୍କ ମୂର୍ତ୍ତି ।
ଇନ୍ଦ୍ରହରଣ କରିଲା ଗଉତମ ପତ୍ନୀ
ଋଷିଶାପେ ଦେହେ କଲା ସହସ୍ରେକ ଯୋନି
ସୀତାଙ୍କୁ ହେଉରାଇ ନେଇ ରାବଣ ମରିଲା
ସୁଗ୍ରୀବ ଭାରିଯା ହରି ବାଳି ଭସ୍ମ ହେଲା ।
ଶକୁନ୍ତଳା ହରଣେ ଗୋ ନାଶ ଶମ୍ଭୁ ମନୁ
ତରଣ ପ୍ରମାଣେ ଯମ କାଟିଲା ତା ତନୁ ।
ସ୍ୱାମୀ ସେବା ନ କଲେ କି ସେବକହିଁ ବର୍ତ୍ତି
ତପୋଧନ ତହିଁ ରାଜା କଲକ ଅମାତ୍ତି ।
ସ୍ୱାମୀ ହୋଇ ସେବକକୁ ଯେବେ ହୁଏ ରାଗୀ
ସହସ୍ରେ ଅର୍ଜିଲେ ସୁଦ୍ଧା ନ ହୋଏ ସେ ଭୋଗୀ
ମୁଁ ଏବେ ତୁମ୍ଭ ରାଜ୍ୟରୁ ଯାଉଛି ଗୋ ମାୟେ
ମୋର ଥିଲେ ପଡ଼ିବଟି ଅନେକ ଉପାୟେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୁଦେଷ୍ଣା ବସ୍ତ୍ରର କଲେ ଏ ସ୍ଥାନରୁ ଗଲେ
ସ୍ୱର ନଷ୍ଟେଁ ଯୋଡ଼ିଯିବ ଏହ୍ନ ପିଠିକଲେ ।
ଚନେଇ ସୁଦେଷ୍ଣା କୋଳରେ ବସାଇଲେ ସଖୀ
ବୋଲେ ଦୋଷ କ୍ଷମାକର ବୋଲବା ଅମାଣ୍ଡ
ଶୁଣି ପ୍ରତ୍ୟୁତ୍ତର ତହୁଁ ଦେଲା ମୃଦୁସ୍ୱର୍ଣ୍ଣା
ସଗେ ବୋଇଲା ଥାଅ ଲୋ ପାବନା ପୋଇଲ
ପବିତ୍ରଯାଜ ଲାଙ୍ଗିଣ ସବୁ କଲେ ତ ନା
ଏ ମତ୍ସ୍ୟସ୍ଥଳ ଭିତରେ ସିଂହଦର୍ପ ସିନା ।
ଅନଙ୍ଗପ୍ରାପ୍ତେ ମୂରତି ସର୍ବ ଗୁଣନିଧି
କୁବେର ସମାନ ଯାର ପ୍ରସରଇ ବୃଦ୍ଧି ।
ଆଗୋ ତାର ଭାବନା ତୁ ହେବୁ ଯେତେବେଳେ
ଦଶା ତୋର ଲେଉଟିବ ତୋ କର୍ମ ସୁଫଳେ
କେଉଁ ଜନ୍ମେ ପ୍ରସ୍ତାଗେ ତୋ ପଡ଼ିଥିଲା ଅସ୍ଥି
ତେଣୁ ଭଜନ୍ମ ଲୋ ତୋତେ କୀଚକ ନୃପତି ।
ରାଣୀ ଆଦି ଖଟିବେ ଗୋ ତୋର ପାଦତଳେ
ଚରଣେ ଲକ୍ଷ୍ମୀ ଏଡ଼ନ୍ତୁ କର୍ମର ଅବଳେ ।
କୀଚକ ହରବା ପାଇଁ ଯେବେ ଇଚ୍ଛାକରେ
ରକ୍ଷାକର ପାରିବେ କି ସ୍ୱର୍ଗର ଅମରେ ।
ଏହ୍ନ କଥା ତଥ୍ୟବୋଲି ମନେ ଥାଅ ଜାଣି
କେଶ ଧରଣ ତୋତେ ଗୋ ନେବ ଏହିକ୍ଷଣି
ସୈରନ୍ଧ୍ରୀ ବୋଇଲେ ଆଲୋ ଶୁଣ ମୃଦୁସ୍ୱର୍ଣ୍ଣି
ଅମହନ୍ତୁ ମ୍ଳେଛର ମୁଁ କଥାକୁ ଜାଣିଲି ।
ମାଗୋ ସୁଦେଷ୍ଣା ସତ୍ୟକୁ ଲଙ୍ଘିଲେଟି ମହୀ
ସଚରାଚର ସମସ୍ତ ନ ବର୍ତ୍ତିବେ କେହ୍ନ ।
ପୃଥିବୀ ମଧ୍ୟେ ଗୋ ଯେବେ ହେବ ଶସ୍ୟ ହାନ
ସର୍ବପ୍ରାଣୀ ବଞ୍ଚିବେ କି ଆଉ ଏ ମେଦିନୀ ।
ଅତ୍ୟନ୍ତ ଅବିଧି ଯେବେ କରିବେଟି ରାଜା
କାହା ଆଗରେ କହିବେ ଆଉ ଜନ ପ୍ରଜା ।
ଦାସୀମାନଙ୍କ କଥାରେ ମନ୍ଦିଣ ଦୁର୍ବୃତ୍ତି
ମୋ ସଙ୍ଗେ ଲାଗିଲେ ଆୟୁ ହେବ ତାର ଚ୍ୟୁତ
ସୁଦେଷ୍ଣା ବୋଇଲେ ତହୁଁ ବହୁ ଭୟ ଦେଇ
ଭଲେ ଭଲେ ସୁଲକ୍ଷଣୀ ବହୁ ବୁଝାଇବ ।
ବଢ଼ିଲା ବେଗ ଗ୍ରାସିଲା ମାଗୋ ବଡ଼ ଶୋଗ
ଉଛୁଳିଲା ନଦୀ ନଷ୍ଟେଁ ଭଙ୍ଗଇ ଗୋ ବେଗ ।
ବରଷରେ ମହାଦେଈ ଚନ୍ଦ୍ରେ ହ୍ରଦଗତେ.
ବରଷେ ସମ୍ପଦ ନାଶ ଯିବା ହୁଏ ପ୍ରତେ ।

ବର୍ତ୍ତିବ ଆବର କି ଗୋ ଜୀବନେ ମୋ ସଇ
ଯାହା ଅଳନ୍ତି କେମନ୍ତେ ଭୋଗିବ ସେ ସେହି ।
ସୁଦେଷ୍ଣା ବୋଇଲେ ତୁହି ଅଟୁ ମହାସତୀ
ବଚନେ ବାକ୍ୟେ ହୁଡ଼ିବା କେମନ୍ତେ ଅପ୍ରୀତି
ମାଗୋ କଥାଏ ମାଗିବି ତୋତେ ପ୍ରିୟଭାବେ
କୁଳ ଭଲ ନୋହିଲେ ନ କହି ଆନଠାବେ ।
ସୈରନ୍ଧ୍ରୀ ବୋଇଲେ ପୂର୍ବୁ ଯାହା ଅଛି ମାଗି
ସମସ୍ତ ବେଳ ତାହାକୁ କର ପରିତ୍ୟାଗୀ ।
ଉଚ୍ଛିଷ୍ଟ ଛୁଇଁବ ନାହିଁ ପାଦ ନ ଧୁଇଁବି
ପୁରୁଷ ପାଶେ ନ ପେଷି କହୁ ନ ବୋଲିବ ।
ଆବର ଯେତେକ ମୋତେ କହିଥିଲ ବାଣୀ
ତାହା ଅବଜ୍ଞା ନ କର ବସ୍ତ୍ରର ଗୋ ପୁଣି ।
ସୁଦେଷ୍ଣାଙ୍କ ବାକ୍ୟବୋଧ ହେଲା ଯିତ ଦେଖି
ଅବାକ ହୋଇ ରହିଲେ ତହିଁ ଶଶୀମୁଖୀ ।
ସଗେ ଚମ ଚମ ହୋଇ ବୋଇଲା କରୁଣା
ତୁ ଘର ପାମର ଆଲୋ ଅଟୁ ଜଗଜ୍ଜିଣା ।
ଆଲୋ ଭିକାରୁଣୀ ତୁହି ଅଟୁ ଦେଶାନ୍ତରୀ
କେ ତୋହର ପିତା ମାତା କାହାର ତୁ ନାରୀ
ଆଲୋ ପୁରୁଷଘାତକୀ ସେହ୍ନ ମନ୍ଦବାଇ
ତୋ ରୂପରେ ମନ୍ଦି ଛନ୍ତି ଧିକ ତାଙ୍କ ଦେହୀ ।
ଏହା କହି ଦାସୀମାନେ ସେଠାରୁ ଚଳିଲେ
କୀଚକ ନିକଟରେ ଯାଇ ପ୍ରବେଶ ହୋଇଲେ ।
କରୁଣା ବୋଇଲା ଏହି ଅଳଙ୍କାର ଦେଲି
ଅମୂଲ୍ୟ ରତନ ସବୁ ପାଦେ ଦେଲା ପେଲି ।
ସ୍ୱାମୀ ମୁଁ ତାହାର ଗୁଣ କି ବାଖ୍ୟାନ ପାରେ
ସୁବର୍ଣ୍ଣ ଗଞ୍ଜିଲା ନାହିଁ ତାର ଚରଣରେ ।
ଏହାଠାରୁ ଅଧିକ ଯେ ତାର ପାଦତଳ
ମର୍କତ ନ ଗଣେ ଦେବ ତାହାର ଅଙ୍ଗୁଳ ।
ଅଷ୍ଟରତ୍ନକୁ ଥୋଇଲୁ ନେଇ ତାର କତି
ରତ୍ନରୁ ଅଧିକ ଦେବ ଅଟେ ତାର ଜ୍ୟୋତି ।
ଦେବସ୍ତ୍ରିରୀ ଭିନ୍ନ ସେହ୍ନ ମଧ୍ୟପୁରେ ନାହିଁ
ତାହାର ରୂପକୁ ଦେବ କସ ବର୍ଣ୍ଣିବଇଁ ।
ତା ନିକଟେ ଦାସୀପ୍ରାୟ ଦିଶନ୍ତି ସୁଦେଷ୍ଣା
ତାହା ଶୁଣି କୀଚକର ବଢ଼ିଲାକ ତୃଷ୍ଣା ।
ଦେବ କଣ୍ଠରେ ସେହ୍ନ କହେ ଯେବେ ବାଣୀ
ପିକମାନେ ଦୂରେଗଲେ ତାର ବାକ୍ୟ ଶୁଣି

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅପାରଗୁଣ ତାହାର କହନ୍ତେ ବିଶେଷି
କୀଚକକୁ ଘୋଟିଗଲା ଆସି ମହାଫାଶି ।
କୀଚକ ବୁଡ଼ିଣ ଗଲା ମଦନ ଆବେଗେ
ଯାଇଣ ରାଣୀଙ୍କୁ କହେ ତୁ ମୋ ପରତ୍ୟାଗେ ।
ସେ ମୋହର ଠାକୁରାଣୀ ମୋତେ ସେ ରଖନ୍ତୁ
କୃପାଯୁ କରିଣ ମୋର ଘରକୁ ପେଷନ୍ତୁ ।
ପୁଣି ମୃଦୁସ୍ୱରେ ଗଲା କୀଚକ ବଚନେ
ସୁଦେଷ୍ଣ କହିଲା ଯାଇ ରାଣୀ ସନ୍ନିଧାନେ ।
ସହୋଦରେ କାର୍ଯ୍ୟ କିବା ସୈରନ୍ଧ୍ରୀରେ କାର୍ଯ୍ୟ
ସେ ଶନ୍ଧ୍ରୀ ବିହୀନେ ଛାଡ଼ି ପ୍ରାଣଦେବେ ଆଜ ।
ସୁଦେଷ୍ଣା ବୋଲେ କୀଚକ ନାହିଁ ତା ଯୁକତେ
ଗଲେ ମରିବ ନ ଗଲେ ମରିବ ନିଶ୍ଚିତେ ।
ଯେମନ୍ତେ ସେ ଅର୍ଜିଅଛି ଭୁଞ୍ଜୁ ତାର କର୍ମ
ଏହି କଥାପାଇଁ ସେହୁ ହୋଇଅଛି ଜନ୍ମ ।
ଆଲୋ ଦାସୀ ଯାଇ ବୋଲ ଧରିଥାଉ କାର୍ଯ୍ୟ
ଦିନ ଚ୍ୟରି ପରେ ତାକୁ ପେଷିଦେବେ ମାଏ ।
ଚଳିଲା ଚତୁରୀ ଦୂତୀ ଅତି ପରିତାପେ
ଜଣାଇଲା ଯାଇକରି କୀଚକ ସମୀପେ ।
ସ୍ୱରପାଞ୍ଚଦିନ ପରେ ଦେଇବ ସେ ପଠାଇ
ସୁଧା ହେଲେ କେନହସ୍ତେ କଏ କି ଭୁଞ୍ଜଇ ।
ଯେବେ ସେ ନ ଦେବେ ଆମ୍ଭ ଭବନକୁ ପେଷି
କେଶ ଧରି ମୁଁ ଆଣିବି ଅନ୍ତଃପୁରେ ପଶି ।
ଯାହା ସମାପତ ହେଲା ଏକବିଂଶ ଦିନେ
ମୁରାଟ ଘୁଡ଼ିଣ ରାଜା ଉଚ୍ଛଳେ ଭବନେ ।
ବସ୍ତ୍ର ନିଯୋଗୀମାନଙ୍କୁ ଦେଲେ ନେଇ ଶାଢ଼ୀ
କୋନ୍ତକୁ ବୋଇଲେ ତୁମ୍ଭେ ରାଜ୍ୟ ଅଧିକାରୀ ।
ବୈଶାଖ ଅନ୍ତେ ଦଶମ ଗ୍ରୀଷ୍ମ ପ୍ରବେଶିଲ
ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଚତୁର୍ଥୀ ହୋଇଲ ।
ଭୌମବାର ମୂଳା ଯେ ନକ୍ଷତ୍ର ସେ ଦିନରେ
କୀଚକ ପାଶେ ସୈରନ୍ଧ୍ରୀ ହେଲେ ଅଗ୍ରସାର ।
ମନେ ବିଚାରି ସୁଦେଷ୍ଣା ଲେଖା ଅବଧାରି
ସଞ୍ଚିତ ପତ୍ରରେ ତାହା ଲେଖନ ଯେ କରି ।
ଚିଠାଉ ପତ୍ର ଲେଖନ୍ତି ଯେନ ମହାସତୀ
ସୁଦେଷ୍ଣାର କୀଚକକୁ ଆଶୀର୍ବାଦ ନିତି ।
ବାବୁ ତୁମ୍ଭ ଜନ୍ମ ହେଲୁ ସଙ୍କୋଚନ ଘରେ
ଶ୍ରଦ୍ଧାରେ ବଶିଷ୍ଠ ତୋତେ ଧଇଲେ କ୍ରୋଡ଼ରେ
ସନ୍ତୋଷେ କଲ୍ୟାଣ ଯେତେ କରିଲେସେ ବାଞ୍ଛା
ଶତସିଂହବଳ ତୋର ହେଉ ତୋତେ ସଞ୍ଚା
ତୁମ୍ଭ ବାନ୍ଧ ହଲାଇଲୁ ତୋର ବେନପାଦ
ସେ ପାଦ ବାଜିଲା ଯାଇଁ ବଶିଷ୍ଠଙ୍କ ହୃଦ ।
ତହୁଁ ମୁନିଙ୍କ ହୃଦରୁ ରୁଧିର ଫୁଟିଲା
ଜ୍ଞାନଶାସ୍ତ୍ରୀ ହୋଇଣ ମୁନି ପଡ଼ିଗଲା ।
କୋପେ ପୁଣି ଶାପ ତୋତେ ଦେଲେ ଭଗବନ୍ତ
ଶତସିଂହବଳ ଏକା ସିଂହେ ହେଉ ହତ ।
ସୈରନ୍ଧ୍ରୀ ପଞ୍ଚଗନ୍ଧର୍ବ ଅଛନ୍ତି ନା ହାଦେ
ସିଂହ ପରାକ୍ରମ ତେଣୁ ଅଛନ୍ତି ପ୍ରମାଦେ ।
ସୈରନ୍ଧ୍ରୀ ଯାଉଅଛଇ ଏବେ ତୋର ପୁର
ଅନେକ ଦାରୁଣୀ ହୋଇ ଭକ୍ତି ତାକୁ କର ।
ଏହି ମହାମ୍ଭାଣୀ ତୋତେ କରନ୍ତୁ ସୁଦୟା
ଅକ୍ଷୟ ହୋଇ ଆରୋଗ୍ୟ ଥିବ ତୋର କାୟା ।
ମୋର ବଚନ ନ କରି ଯେବେ ତୁ ଭୁଲିବୁ
ଶତସିଂହ ବଳ ଏକସିଂହେ ନାଶ ଯିବୁ ।
ପ୍ରତ୍ୟକ୍ଷରେ ପରସ୍ତ୍ରୀ ଅଟନ୍ତି ଗୌରବୀ
ଗୌରବୀ ହରଣ କଲେ ହେବୁ ପରାଭବ ।
ମୋହର ଶପଥ ତୋତେ ଠାକୁରଙ୍କ ରାଣ
ପାଇ ସୈରନ୍ଧ୍ରୀ ଆସିବ ଜାଣ ଏହିକ୍ଷଣ ।
ବାବୁ ପଞ୍ଚଗନ୍ଧର୍ବଙ୍କ ଭାର୍ଯ୍ୟା ସୈରନ୍ଧ୍ରୀ
ଛୁଇଁଲେ ଏହାକୁ ମୃତ୍ୟୁ ଘଟିବ ତୋହର ।
ଯେବେ ଜୀବନକୁ ତୋର ରହିଥାଏ ଆଶ
ଦୂରେ ହେବୁ ପୁଣିପାତ ନ ଯିବୁ ତା ପାଶ ।
ବାବୁ ମତ୍ସ୍ୟ ମଧ୍ୟଦେଶେ ତୁମ୍ଭ ଅଧିକାରୀ
ଏତେ ବଡ ପ୍ରଭୁପଣ ନ ଦେଉ ତୁ ସାରି ।
ତୁ ବାବୁ ଅଟୁ ପଣ୍ଡିତ ପୁଣି ଭାଗ୍ୟବନ୍ତ
କ୍ଷତ୍ରିୟବର ସୁନ୍ଦର ରୂପ ଗୁଣବନ୍ତ ।
ଲେଖି ଚନ୍ଦନର ମୁଦ ଦେଲେ ରାଜପତ୍ନୀ
ସୈରନ୍ଧ୍ରୀକୁ ପାଖେ ଡାକି ହୋଇଲେ ବଚନ ।
ଦରହସିତ ବଚନ ବଢ଼ଇ ହରଷେ
ସୁଦେଷ୍ଣା ସୈରନ୍ଧ୍ରୀକୁ ଯେ ମଧୁର ଆଶ୍ୱାସେ ।
ମାଗୋ ତୁମ୍ଭ ଅଟୁ ମୋର ପରମ ବିଶ୍ୱାସୀ
ବିଶ୍ୱାସ କାର୍ଯ୍ୟରେ ମାଗୋ ଅନ୍ୟକୁ ନ ପେଷି
ନବରିର ନାରୀମାନେ ଅଟନ୍ତି ଚତୁରୀ ।
ବିଶ୍ୱାସ କଥା ରଖନ୍ତି ନାହିଁ ଗୋପ୍ୟ କରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମାଗୋ ତୋହର କରେ ମୁଁ ଦେଉଛୁ ଲେଖାଟି
କୀଚକ ପୁରରେ ଦେଇ ଆସ ଯା ଲେଉଟି ।
କୀଚକର ଭାର୍ଯ୍ୟା ନାମ ଅଟେ ସୁରଭିକା
ତାହାରଗୋଚରେ ନେଇ ଲେଖାଗୋଟିଦେଖା
କୀଚକକୁ ଶୀଘ୍ରେ ଦେବୁ ଏହି କଥା ବୋଲି
ବହନ ହୋଇ ଆସିବୁ ସେ ସ୍ଥାନରୁ ଚଳି ।
ଯେନବୋଲି ମହାଦେଈ ଯାଚଲେ ସେ ହସ୍ତେ
ସୈରନ୍ଧ୍ରୀ ବୋଲନ୍ତି ଏହା ମେଣ୍ଟିବ କେମନ୍ତେ
ଲୌକିକ କର୍ମକୁ ଭୂତ ପରପ୍ରେକ ବଶୀ
ନ ଯେନଲେ କ୍ରୋଧ ହେବେ ବିରାଟ ପ୍ରେୟସୀ
ସ୍ୱାମୀଙ୍କ ବଚନ କେଭେ ସେବକ ନ ମେଣ୍ଟି
କେତେହେଁ ମେଣ୍ଟିବ ମୁହିଁ ସ୍ୱାଙ୍କ ବାକ୍ୟଗୋଟି
ବିଚାରନ୍ତି ଦେବୀ ସେହୁ ଲେଖା କରେ ଯେନ
ଧର୍ମନାମ ସୁମରଣା କଲେ ଯାଜ୍ଞସେନୀ ।
ନ ଗଲେ କରିବ କୋପ ମୋତେ ମହାଦେଈ
ଗଲେ ତ କୀଚକ କେବେ ଛାଡ଼ ଦେବ ନାହିଁ
ତୁ ଦେବ ପରମାନନ୍ଦ ପରଂବ୍ରହ୍ମ ଯୋଗୀ
ବଳବନ୍ତ ପୁରୁଷ ତୁ ଖଳ ପରତ୍ୟାଗୀ ।
ଜୟ ଜୟ ନାରାୟଣ ଭକତବତ୍ସଳ
ଏ ମହାସଙ୍କଟୁ ମୋତେ ରଖ ହେ ଗୋପାଳ ।
ଯେମନ୍ତେ ପାମର ମୋର ନ ଛୁଇଁବ ଅଙ୍ଗ
ତହିଁକ ବିଚାର ତୁମ୍ଭେ କର ଶିରୀରଙ୍ଗ ।
ଲେଖାକୁ ଦେଇ ସୁଦେଷ୍ଣା ଚଳିଗଲେ ପୁରେ
ଚଳିଲେ ସୈରନ୍ଧ୍ରୀ ଅନ୍ତଃପୁରର ବାହାରେ ।
ନଗରର ପୂର୍ବଭାଗେ କୀଚକ ଭବନ
ଚଳିଲେ ସୈରନ୍ଧ୍ରୀ ହୋଇ ଅତି ଦୁଃଖମନ ।
ପବନ ଗତି ପରାୟେ ଚଳନ୍ତି ପାଞ୍ଚାଳୀ ।
ଦେଖିଲେ ଆକାଶେ ଉଦେ ଛନ୍ତି ଅଂଶୁମାଳି ।
ଗମନ୍ତି ସେ ଯାଜ୍ଞସେନୀ ହୋଇ ନଇମାକ୍ଷୀ
କରନ୍ତି ବିନୟ ସେହୁ ଆଦିତ୍ୟଙ୍କୁ ଦେଖି ।
ଜୟ ତୁ କରତା ସ୍ୱାମି ଛାୟାଦେବୀ ପତି
ତମିର ବିଦାରଣ ହେ ଫେଡ଼ ମୋ ଦୁଗତି ।
ଏକ ରଥେ ଭ୍ରମୁ ନାଥ ସପ୍ତଅଶ୍ୱ ଯୋଚ
କରୁଣାବତ୍ସଳ ନାଥ ଜୟ ତୁ ବିରଞ୍ଚି ।
ଉଦେ ନାରାୟଣ ପ୍ରଭୁ ଜୟ ମାରକଣ୍ଡ
ଅଶୀଲକ୍ଷ ଯୁଣ ଯାର ଅଟେ ଅକ୍ଷଦଣ୍ଡ ।

କୋଟିଏ ଯୋଜନ ଚକ୍ରେ ସପ୍ତଅଶ୍ୱ ଯୋଚ
ଦିବସରେ ଉଦେଗିର ନିଶାକାଳେ ପ୍ରାଚୀ ।
କଳ୍ପଶିଳୁ ବିଦାରିଲୁ କଣପ୍ର ପର୍ବତେ
ଅର୍କ ଦୈତ୍ୟକୁ ମାରିଲୁ କୋଣାର୍କର ତୀର୍ଥେ ।
ଜମ୍ବୁଦ୍ୱୀପେ ଭରତଖଣ୍ଡ ପୃଥ୍ୱୀଅଗ୍ନି କୋଣ
ସେ ସ୍ଥାନେ ବାସ ବିରଞ୍ଚିଦେବ ନାରାୟଣ ।
ହେ ସ୍ୱାମି ସଂଜ୍ଞାବଲ୍ଲଭ ଅନନ୍ତ ଈଶ୍ୱର
ଦିବ୍ୟଚକ୍ଷୁ ପୁରୁଷ ତୁ ଅଟୁ ନିରାକାର ।
ଚନ୍ଦ୍ରଭାଗାର ଦକ୍ଷିଣେ ମହୋଦଧି ଭାଗେ
ବସିଛ ନିଶ୍ଚିନ୍ତେ ସ୍ୱାମି ତୁମ୍ଭେ ଶନ୍ୟଭାଗେ ।
ଲକ୍ଷେକ ପରମାଣରେ କୁସୁମ ପାଟଳ
ମର୍କତ ଲିଙ୍ଗ ଉପରେ ଦ୍ୟନ୍ତିପୁଷ୍ପାଞ୍ଜଳ ।
ଏକ ଲୟେ ନବକୋଟି ସହସ୍ର ବରଷ
ଧ୍ୟାନରେ ଚିନ୍ତିଲେ ଦେବ ଅନାଦି ପୁରୁଷ ।
ଦୁଃସହ ତପକୁ ଦେଖି ପ୍ରଭୁ ନିରାକାର
ପୁଷ୍ପେକ ହରିଲେ ଊଣା ହୋଇଲା ସଂଖ୍ୟାର ।
ଯେତେକଣି ଜାଣିଲ ପୁଷ୍ପ କେ ହରିଲା ଆଜ
ଏକ ପୁଷ୍ପକୁ ଅନ୍ତର କଲେ ଦେବରାଜ ।
ବିଚାରିଲ ସେ ପୁଷ୍ପକୁ ଆଉ ମୁ ନ ଆଣି
ଖଣ୍ଡିତ ନୟନ ମୁହିଁ କରିବି ଏକ୍ଷଣି ।
ଏ ସକଳ ପୂଜା ମୁହିଁ କରିବି କେମନ୍ତେ
ଦକ୍ଷିଣ ଚକ୍ଷୁ ତାଡ଼ିଲ ପୁଷ୍ପର ନିମନ୍ତେ ।
ସନ୍ତୋଷ ହୋଇଲ ଧରି ଆପଣାର ଡୋଳ
ଲିଙ୍ଗ ଉପରେ ନେଇଣ ଥୋଇଲ ଚଞ୍ଚଳ ।
ସେହି ଲିଙ୍ଗ ବିଦାରଣ ଦେଖିଲ ସ୍ୱରୂପ
ତୋତେ ତହୁଁ ଦିଗପାଳ କଲା ଅନ୍ୟରୂପ ।
ଗୁପତରେ ପୁଷ୍ପ ତହୁଁ ହୋଇଲା ପ୍ରସନ୍ନ
କମଳ ସଞ୍ଚାରେ ପୁଣି ଦିଶିଲା ଲୋଚନ ।
ତୁ ଦେବ ପଦ୍ମଲୋଚନ ନିରାକାର ସ୍ୱାମୀ
କଷ୍ଟରେ ରକ୍ଷା କର ମୋତେ ଅନ୍ତର୍ଯ୍ୟାମୀ ।
ଋଷି ସତ୍ୟଯୁଗେ ନାଥ ତୋ ନାମ କେତୁକା
ଚଉଦ ବ୍ରହ୍ମାଣ୍ଡ ଭୋଗ କଲ ଶୂନ୍ୟେ ଏକା ।
ଶରଣ ରଖିଲ ସ୍ୱାମି ଆଦି ଧବଳକୁ
ଭକତ ପାଇଁ ଛାଡ଼ିଲ ଅନ୍ତର୍ଯ୍ୟାମୀ ତାକୁ ।
ବହୁତ ବିନୟ ହୋଇ ବୋଲୁଅଛୁ ତୋତେ
ଶରଣ ରକ୍ଷଣବାନା ନାଶିବ କେମନ୍ତେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ତ୍ୱଷ୍ଟ୍ର ଅବତାରରେ ପାର୍ବତୀଙ୍କ ବଳା
ରୁଦ୍ରବାକ୍ୟ ଭଙ୍ଗ୍ ଶାପ ଦେଲେକ କପିଳା ।
ତାର ବାକ୍ୟେ ପ୍ରାପ୍ତ ମୋତେ ହେଲେ ପାଶୁପତ
ବହୁବର୍ଷ ତପ କଲି ଚିନ୍ତିଣ ପାର୍ବତୀ ।
ଏକବର୍ଷର ପାଟଳ କୋଟି କୋଟି ଦେଲୁ
ତବପୁଣ୍ୟ ଶନଶ୍ଚରେ କନ୍ୟାଦାନ ଦେଲୁ ।
କୌରବ ସଭା ତଳରେ ବିବସନ କାଳେ
ପାଞ୍ଚଶତକୋଟି ବସ୍ତ୍ର ଦେଲୁ ଏକାବେଳେ ।
ପରମାନନ୍ଦଙ୍କ ସତ୍ୟଯୁଗେ ନାରାୟଣ
ତୋତେ ହରିଲା କୌଶିକ ନାମରେ ରାବଣ ।
ଆପଣା ସ୍ଥାନରେ ନେଇ ମନ୍ଦର ଥୋଇଲା
ଅନୁକ୍ରମେ ଲଙ୍କାରାଜ୍ୟ ଧ୍ୱଂସ ହୋଇଲା ।
ନବଦଣ୍ଡ ହୋଇଥିଲା ଆସିଣ ଯେ ରାତ
ତୁମ୍ଭପାଇଁ ମାନସରୁ ହୋଇଲ ଉତ୍ପତ୍ତି ।
ମୋତେ ପୁଣି ସେ ରାବଣ ନେଇଥିଲା ହରି
ବିଷମ ନାମରେ ରାମ ହେଲେ ଦ୍ୱନ୍ଦ୍ୱକାରୀ ।
ତବାର୍ଥେ ସେ ରାବଣକୁ ରାମ କଲେ ନାଶ
ତହୁଁ ଦିନକର ଜ୍ୟୋତି ସକଳେ ପ୍ରକାଶ ।
ମୁହିଁ ତୋତେ ତୁମ୍ଭ ମୋତେ ବନ୍ଧୁବାର ଜନ୍ମି
ଏ ସଙ୍କଟରୁ ଉଦ୍ଧର ମୋତେ ବାରେ ସ୍ୱାମି ।
ଯେବଣ ଜନ୍ମେ ରାବଣ ମୋତେ ନେଲା ବଳେ
ମହାଖଳା ପାତ ସେତୁ ଥାଏ କମଣ୍ଡଳେ ।
ଏଣୁ ପରକାରେ ମୁହିଁ ଥିଲି ଅବତର
ତହୁଁ ଆଣିଲେ ଯେ ମୋତେ ଗଗନବିହାରୀ ।
ମୁହିଁ ଥିଲି ଶଙ୍କରଙ୍କ ପ୍ରିୟା ତେତେବେଳେ
ତୁହି ବରିଥିଲୁ ନାଥ ତୋର ଦଦ୍ୟତୋଳେ
ସ୍ୱାମି ଇନ୍ଦ୍ର ନାଶଗଲା ଉଷ୍ଟାର ବକାଦେ
ପଞ୍ଚପାଣ୍ଡବ ରୂପରେ ଜନ୍ମିଲେ ସେ ହାଦେ ।
କର୍ମର ଅବେଳ ଆସି ପଡ଼ିଲା ଗୋସାଇଁ
ଅଜ୍ଞାନରେ ପଶିଲ ସେ ଗୋପ୍ୟ ହେବାପାଇଁ ।
ସୈରନ୍ଧ୍ରୀ ନାମରେ ମୁହିଁ ଏଥେ ଅଛି ପଶି
ହୋଇଅଛି ଆଜ୍ଞାକାରୀ ସୁଦେଷ୍ଣାଙ୍କ ଦାସୀ ।
କୀଚକଠାକୁ ପେଷିଲା ମୋତେ ଧର୍ମଲଙ୍ଘି
କେହି ମୋର ସାହାନାହିଁ ମୋ ସଙ୍ଗରେ ସଙ୍ଗୀ
ଅଥବା ପାମର ମୋର ନ ଛାଡ଼ିବ ବର୍ଣ୍ଣ
ଅଥବା ବଳାକାରରେ କରିବ ଲଙ୍ଘନ ।
ଯଦ୍ୟପି କୀଚକ ମୋତେ ଧରିବାକୁ ବଳେ
ମୁହିଁ ନ ଆଉ ବଞ୍ଚିବି କ୍ଷଣେ ମହୀତଳେ ।
ମୋର ପ୍ରାଣ ହରାଇବ କେଉଁପରି ମୁହିଁ
ପୂର୍ବକାଳେ ବନ୍ଧୁକାର୍ଯ୍ୟ ମୋହର ଅଛଇ ।
ତୁ ଦେବ ଭକ୍ତବତ୍ସଳ ଅନନ୍ତ ଅନାଦି
ତୋର ସତ୍ୟ ତୁହି ଦେବ କର ଏବେ ସିଦ୍ଧି
ତୁହି ଦେବ ସଙ୍କଟରେ କାଳ ଉଦ୍ଧାରନ୍ତା
ତୁହି ଦେବ ଜଗତର ସାଧ ମନ୍ତ୍ରଦାତା ।
ତୋତେ ଲଙ୍ଘିଲା ହିଁ ଦ୍ୱକା ଦନୁଜ ଯେ ରାତ୍ର
ହିରଣ୍ୟ ବିଦାରଣ ତୁ ଦେବ ବିଶ୍ୱବାନ୍ଧୁ ।
ତୁହି ଦେବ ଉତ୍ପତ୍ତି ପ୍ରଳୟାନ୍ତକାରୀ
ପରମାନନ୍ଦ ନାଥ ତୁ ସର୍ବ ଅଧିକାରୀ ।
ତୁ ଦେବ ବିଶ୍ୱ ପୁରୁଷ ଜଗତର ଗୁରୁ
ତୁହିଁ ଦେବ କୃପାଜଳ ସର୍ବେ କୃପା କରୁ ।
ତୁହି ଦେବ ଯତ ସପ୍ତପୁରୁଷ ଉତ୍ତମ
ତୁହି ଦେବ ଜାଣି ପୂର୍ଣ୍ଣ କର ମନସ୍କାମ ।
ତୁହି ଦେବ କରୁ ଶୀତ ଗ୍ରୀଷ୍ମ ବରଷା
ତୁହି ଦେବ ଷଡ଼ଋତୁଙ୍କର ଆଦି ଭୂଷା ।
ତୁହି ଦେବ ମନ ଦୁଃଖେ କାହେ ହୁଅ ଦୁଃଖୀ
ଏ ଦୁରାପଦ କଷଣୁ ନଅ ମୋତେ ରଖି ।
ଉଦସ୍ତନାଥ ଚରଣେ ଶରଣ ମୋ ନିତ୍ୟେ
ଶାରଳା ଦାସ ବିନୟେ ଭାବେ ଅନୁବ୍ରତେ ।

ଛାୟା-ମାୟାଙ୍କ ସାହାଯ୍ୟେ ଦ୍ରୌପଦୀଙ୍କ ଗମନ ଓ କୀଚକର ଲାଞ୍ଛନା

ଏଥୁ ଅନନ୍ତରେ ଶୁଣ ମନୁ ନୃପବର
ଯେଉଁପରି କଥା ହେଲା ଯାଜ୍ଞସେନୀଙ୍କର ।
ଦ୍ରୌପଦୀ ବିନୟ ଶୁଣି କମଳ ଲୋଚନ
ନିଜ ମାନସ ମଧ୍ୟରେ ତାହା ବିଚାରଣ ।
ଛାୟା-ମାୟା ଦୁହିଙ୍କୁହିଁ ବୋଇଲେ ହକାର
ମର୍ତ୍ତ୍ୟପୁରେ ସୈରନ୍ଧ୍ରୀକୁ ଯାଅ ରକ୍ଷାକର ।
କୀଚକ ପୁରକୁ ଯାଉଅଛି ଯାଜ୍ଞସେନୀ
ବହନ କରିଣ ତୁମ୍ଭେ ଆସ ତାଙ୍କୁ ଘେନି ।
ସ୍ୱାମୀଙ୍କ ବଚନେ ଛାୟା ମାୟା ଦୁଇଭଗ୍ନୀ
ଦୁହେଁ ପ୍ରବେଶ ହୋଇଲେ ସ୍ୱାମୀ ଆଜ୍ଞା ଘେନି

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦେଖିଲେ ଯେ ମାହେଶ୍ୱରୀ କେଳିଦେବୀ ଜତ
ସାନନ୍ଦେ ସୈରନ୍ଧ୍ରୀ ତହୁଁ କଲେ ପାଦଘାତ ।
କୀଚକ ନବର ସନ୍ନିହିତେ ହେଲେ ଯାଇ
ସେ ବିଶ୍ୱାସୀ ମୁଦୁସୁଲୀ ବାରତା କହଇ ।
କୀଚକ ରହିଣଥିଲା ଚନ୍ଦ୍ରଶାଳା ପୁରେ
ଶୁଣିଲା ସୈରନ୍ଧ୍ରୀ ଆସେ ଆମ୍ଭର ନବରେ
ତହୁଁ ଧାଡିକାରେ ଆସି ହେଲା ତୋଷମନ
ପାଇଲେ ଯେସନେ ଅନ୍ଧ ପୁଣି ଚକ୍ଷୁଦାନ ।
ବେଗ ବେଗ ବେଶଭୂଷା ହୋଇ ବୀରମଣି
ସିଂହାସନେ ବିଜେକଲା ହୋଇ ସିଂହଠାଣି ।
ଅନେକ ରତନ ଯେତ୍କ ଆଭରଣ କରେ
ମୃଗନାଭି କସ୍ତୁରୀକୁ ଲେପଇ ଶରୀରେ ।
ବେଳ ପାଅଦଣ୍ଡ ଦିନକର ଆସି ହୋଇ
କୀଚକପୁରେ ସେ ରନ୍ଧ୍ରୀ ପ୍ରବେଶିଲେ ଯାଇଁ ।
ଅନ୍ଧାର ଘର ଦିଶିଲା ଅତି ଜ୍ୟୋତିର୍ମୟ
ଅନେକ ପ୍ରଫୁଲ୍ଲ ହେଲା କୀଚକର କାୟ ।
ବନ୍ଧୁ ଆଲଟ ଚାମର ଦାସୀମାନେ ଧର
ଛିଟୁଛନ୍ତି ଲକ୍ଷେ ତହିଁ ବିଳାସିନୀ ନାରୀ ।
ପ୍ରଫୁଲ୍ଲ ହୃଦୟ ତାର ସୈରନ୍ଧ୍ରୀକୁ ଦେଖି
ହେ ପ୍ରାଣବଲ୍ଲଭ ମୋତେ ରଖ ଶଶିମୁଖି ।
ଶରଦ ପୂର୍ଣ୍ଣିମା ଚନ୍ଦ୍ର ତୋର ମୁଖଗୋଟି
ଦରିଦ୍ର ଭବନେ କଲୁ କଣ୍ୟକୁ ବୃଷ୍ଟି ।
ତୁହି ଯେବେ ମୋତେ ଇଚ୍ଛା କଲୁରେ ସଙ୍ଗାତ
ମୁଁ ମନ୍ଦ ମନ୍ଦ କରଛୁ ପଠାଇଣ ଦୂତ ।
ପରେ ଡକାଇଛୁ ମୁହିଁ କାର୍ଯ୍ୟ ନାଶକଲି
ମୁହିଁ ଲାଜପାଇ ତୋରେ ଶରଣ ପଶିଲି ।
ମୋର ମନ୍ଦପଣ ଦେଖି ମନେ କଲୁ କୋପ
ବାହୁପାଶେ ବାନ୍ଧିମୋତେ ନାଶ ତୋର ତାପ
ଅନେକ ଚାଟୁବଚନ କୀଚକ କହଇ
ସ୍ନେହବଶେ ସୈରନ୍ଧ୍ରୀର ନିକଟକୁ ଯାଇ ।
ଏକଲୟ କରଣ ସେ କରେ ଏକଦୃଷ୍ଟି
ସୈରନ୍ଧ୍ରୀ ଥୋଇଲେ ସ୍ୱର୍ଣ୍ଣପାତ୍ରେ ଲେଖାଗୋଟି
ତହିଁପରେ ତଭୂଃସମ ଥୋଇଲେ ସେ ନେଇ
ତାର ସମ୍ମୁଖରେ ଗଲେ ପଛଘୁଞ୍ଚା ଦେଇ ।
ଝଟତ ସେ ଲେଉଟିଣ ପାଇ ମହାଭୟେ
ଦେଖି କୀଚକ ମନରେ ବିଷାଦିତ ହୁଏ ।

ଲେଉଟନ୍ତେ ଉଠିଲା ସେ କୀଚକ ତଡ଼ିତ
କାହିଁ ଯାଉଅଛ ସ୍ଥଳ କହ ଏ ଘରଣୀ ।
କୋଳ କରିବାକୁ ଧାଏଁ ରହ ରହ ବୋଲି
ଅନ୍ତରୀକ୍ଷେ ଛାୟାମାୟା ପଳାଇଲେ ପେଲି ।
ଅସାଷ୍ଟମ ପଡ଼ିଗଲା ବଦନକୁ ମାଡ଼ି
ଶରୀରରୁ ପଞ୍ଚଆତ୍ମା ଗଲା ପର ଛାଡ଼ି ।
ପୁଣି ମହାବୀର ଉଠେ ହୋଇଣ ସାଷ୍ଟାମ
ସୈରନ୍ଧ୍ରୀକି ଆକର୍ଷଇ ମତ୍ତ ତାର ଭ୍ରମ ।
ସୈରନ୍ଧ୍ରୀ ଛିଞ୍ଚାଡ଼ି ଦେଲେ ବାମପାଦ ଗତେ
ଜନସ୍ତୁ ଅଙ୍ଗୁଳି ବାଜଗଲା ଦେହଗତେ ।
ପୁଣି ବୋଲଇ କୀଚକ ମୋହ ଛାଡ଼ି ଉଠି
ହେ ପ୍ରାଣବଲ୍ଲଭେ ବୋଲି ଧଇଲା ଲେଉଟି ।
ପୁଣି ଦରଣ୍ଡି ଧରନ୍ତେ ପଡ଼ିଲା ଅଞ୍ଚଳ
ଭିଡ଼ିଣ କୀଚକ ତାହା ଭ୍ରମେ କରେ କୋଳ
ସଖୀଙ୍କୁ ଓଗାଳିଲେ ଯେ ସକଳ ପୋଇଲୀ
କୀଚକ ଅସାଷ୍ଟମରେ ଧରନ୍ତି ସେ ବାଳୀ ।
ରାଗଭରେ ପେଲିଦେଲେ ଦ୍ରୁପଦ ଦୁଲାଳୀ
ଧରିଥିବା ଦାସୀମାନେ ପଡ଼ିଗଲେ ତଳ ।
ଲୋଭେ କୀଚକ ନ ଛାଡ଼େ ଦ୍ରୌପଦୀ ଅଞ୍ଚଳ
ସେ ସଖୀ ମାଡ଼ିଆସନ୍ତେ ପଡ଼େ ମହୀତଳ ।
କ୍ଷଣ କ୍ଷଣ ମୂର୍ଚ୍ଛା ଯାଇ ପଡ଼େ ମହାବଳୀ
ବହି ପଡ଼ଇ ଶୋଣିତ ଶରୀରକୁ ଗଳି ।
ରୁଧିରେ ଲେପନ ହେଲା ତାହାର ଶରୀର
ମନ୍ଦାର କୁସୁମ ପ୍ରାୟେ ଦିଶଇ ଆକାର ।
ପୁର ମଧ୍ୟରୁ ବାହାର ହେଲେ ସୈରନ୍ଧ୍ରୀ
କୀଚକ ସୈରନ୍ଧ୍ରୀ ବେନି ଆଣେ ଅଛି ଧରି ।
ସୈରନ୍ଧ୍ରୀକୁ ବେଢ଼ିଛନ୍ତି ଛାୟା ମାୟା ବେନି
ଆସ୍ଥାନ ତଳକୁ ବୋଲି ତାଙ୍କୁ ଗଲେ ଘେନି
ବିରାଟଙ୍କ ଆସ୍ଥାନରେ ଲାଗିଲା ଗହଳ
ସ୍ୱେଦନ୍ତ ସୈରନ୍ଧ୍ରୀ ଯାଇ ଆସ୍ଥାନର ତଳ ।
ସର୍ବେ ଚକିତ ହୋଇଲେ ଏହିପରି ଦେଖି
ଜନମନ ମୋହିନୀ ସେ ଶରଚନ୍ଦ୍ର ମୁଖୀ ।
ଆସ୍ଥାନେ ଅଛନ୍ତି ରାଜା ଆଉ କୋନ୍ତଭଟେ
ପଶା ଖେଳୁଛନ୍ତି ଦୁହେଁ ଅତି ମନତୁଷ୍ଟେ ।
କୀଚକର ଅବସ୍ଥାକୁ ସକଳେ ଦେଖିଣ
ଆଶ୍ଚର୍ଯ୍ୟ ହୋଇ ରହିଲେ କହୁ ନ ବୋଲଣ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅଞ୍ଚଳ ଧରି କୀଚକ ଅଛଇ କଡରେ
ବିକଳ ହୋଇ ସୈରନ୍ଧ୍ରୀ ଗୋଦାଇ ଉଚ୍ଚରେ
ସୈରନ୍ଧ୍ରୀ ବୋଇଲେ ଶୁଣ ଆହେ ମତ୍ସ୍ୟପତି
ଏ ତୁମ୍ଭ ରାଜ୍ୟରେ ହେଲା ମୋର ଏତେ ଶାସ୍ତି
ଆଗେ ଶୁଣିଥିଲି ତୁମ୍ଭେ ଧାର୍ମିକ ନୃପତି
ଦେଖ କି ଅବସ୍ଥା କରେ ଏ ପିଶାଚ ମତି ।
ତୁମ୍ଭର ନିକଟେ କେତେ ସେବା ନ କରନ୍ତି
ପ୍ରଭୁ ବୋଇଲେ କି ବଳାତ୍କାରରେ ଧରନ୍ତି ।
ରାଜାଙ୍କର ମନକଥା ଜାଣିବା କେମନ୍ତେ
ଅନାଥ ଲୋକେ ସୁଦୟା କର ଅନୁବ୍ରତେ ।
ପ୍ରଜାମାନେ ତ ଗୋଧନ ଅନାଥ ନର୍ମାକ୍ଷି
ମରଣ ସମ୍ପଦ ଯାହା ଏମାନଙ୍କୁ ଦେଖି ।
କ୍ରୋଧ ହୋଇଣ ସୈରନ୍ଧ୍ରୀ ପୁନର୍ବାର ପୁଚ୍ଛି
ବଳାତ୍କାରରେ କୀଚକ ମୋତେ ଧରୁଅଛି ।
ବିରାଟ କରିଲେ କୋପ ଦେବୀବାକ୍ୟ ଶୁଣି
ଦେଖ ଏ ମୋଢ଼ୀ ପ୍ରକୃତି କହେ ନଷ୍ଟବାଣୀ ।
ଯାର ବାହୁବଳେ ମଧ ମତ୍ସ୍ୟ ବେନରାଜ୍ୟ
ଆଲୋ ତା ଭାର୍ଯ୍ୟା ହୋଇଲେ ଭୋଗିବୁ ଐଶ୍ବର୍ଯ୍ୟ
ନୀଚ ପୀରତି ହୋଇଲେ ଆପେ ହୁଏ ହୀନ
ଅମାର୍ଗବାଟେ ପଶିଲେ ବପୁ ହୁଏ କ୍ଷୀଣ ।
କହୁଁ କହୁଁ ରାଗିଗଲେ ମତ୍ସ୍ୟ ଅଧିକାରୀ
ବୋଇଲେ ଆରେ କୀଚକ ନଅ ତାକୁ ଧରି ।
ନରାଧାର ବଚନକୁ ଶୁଣି ଦୁଷ୍ଟମତି
ସୈରନ୍ଧ୍ରୀର କର ଧରି ଝିଙ୍କେ ସେନାପତି ।
ରାଜା ଅନ୍ୟାୟ କରିଲେ ନ ବର୍ତ୍ତନ୍ତି କେହି
କେବଣ ଗୁଣରେ ରାଜା ଥିବା ତୁମ୍ଭ ତହିଁ ।
କୀଚକ ଟାଣନ୍ତେ କେବେ ନ ଟଳେ ସୈରନ୍ଧ୍ରୀ
ଯେସନେକ ନ ଟଳଇ ଭଳାର୍ଦ୍ଧେ ହିମାଦ୍ରି
ନଅରେ କୀଚକ ଧରି ପୁଣି ରାଜା ବୋଲି
ହୋଇଲା ସୈରନ୍ଧ୍ରୀ ତୋର ଆଜଠାରୁ ଦେଲି
ବିରାଟ ବଚନେ ସେହୁ ଟାଣେ କେନକର
ଯେଉଁବଳେ କମ୍ପମାନ ହୁଏ ଗିରିବର ।
ସୈରନ୍ଧ୍ରୀଙ୍କର ଦୁର୍ଦ୍ଦଶା ଦେଖିଣ ସେ କୋନ୍ତ
ଧର୍ମ ସୁମରି ବସିଲେ ହେଠକରି ମାଥ ।
ଭୋ ବସ୍ତ୍ରୁ ପ୍ରତିକାରକୁ କରି ବାସୁଦେବ
ଏତିକ୍ଷଣି ଏ ବିରାଟ ସମ୍ପଦ ସରିବ ।

ପାରିକରି ଦେବ ନ ରାସ୍ତୁଣ ଭାବଗ୍ର ସ୍ଥି
ଭ୍ରାତାମାନେ ଯେଉଁପରି ନ ଦେଖନ୍ତୁ କେହି
ଭୀମ ଅର୍ଜ୍ଜୁନ ଦେଖିଲେ ମରିବ ବିରାଟ
ନିମିଷକେ ନାଶିଦେବେ ସ୍ତ୍ରୀ ସମ୍ପଦ ଥାଟ ।
ମୁହିଁ ତ ବନ ବଞ୍ଚିଛି ଏହା ପୁରେ ରହି
କଞ୍ଚିତ ଦୋଷେ ପ୍ରାଣରେ ନାଶଯିବ ଏହି ।
କୋନ୍ତ ବୋଇଲେ ଏସବୁ ନ ଯୋଗ ଏ ବାବୁ
ଯେତେ ଦଣ୍ଡଦେବୁ ତୁହି ଅମିତ ଅର୍ଜ୍ଜିବୁ ।
ସମୁଦ୍ର ଲଙ୍ଘିଲେ କାହିଁ ପୃଥ୍ବୀ ହେବ ରକ୍ଷା
ଶିବ ସେବା ନ କଲେ କି ପୁରେ ମନୋବାଞ୍ଛା
ଷଣ୍ଡ ପ୍ରହାର କରନ୍ତେ ନ ବର୍ତ୍ତନ୍ତି ପାଦେ
ଧର୍ମ ଲଙ୍ଘିଲେ ବର୍ତ୍ତନ୍ତି ନାହିଁ ଅପ୍ରମାଦେ ।
ବିରାଟ ବୋଲନ୍ତି ଏହୁ ଅମିତର କଥା
କେବଣ ଭାଗ୍ୟେ କୀଚକ ହେବ ଏହା କର୍ତ୍ତା
ପ୍ରୟାଗରେ ଝାସିଥିଲେ ପୂରେ ମନୋବାଞ୍ଛା
କୀଚକର ପ୍ରସଙ୍ଗରେ ପୂର୍ଣ୍ଣ ହେବ ଇଚ୍ଛା ।
ଭୋଜନ ପାଇଲେ କେବେ ଚେତେ କି ବହ୍ନି
କୀଚକ ରତ୍ନ ପାଇଛି ଧନ୍ୟ ଏ କାମିନୀ ।
ବିପୁଳ ସମ୍ପଦ କର୍ପ ପେଲ ହିଏ ପଦେ
ବହୁତ ଭୋଗ ଭୁଞ୍ଜିବ କୀଚକ ପ୍ରସାଦେ ।
ବିରାଟ ବୋଇଲେ ପୁଣ୍ୟେ ସୁନ୍ଦରୀ ଯୁବତୀ
ବହୁପୁଣ୍ୟରେ ସୁନ୍ଦର ପୁଂସ ମିଳେ ପତି ।
ସୁଲକ୍ଷଣରେ ହୁଅନ୍ତି ଅଇସୁଲକ୍ଷଣୀ
ବହୁତ ପୁଣ୍ୟରେ ହୁଏ ଧନସୁତ ପୁଣି ।
ସୁଲକ୍ଷଣୀ ସ୍ତ୍ରୀ ରତ୍ନ ପାଇଲା ସେ ପାଶ
ଧର୍ମ ବିଗ୍ରରେ ଏ ପାପ ଲଭିବ ଅବଶ୍ୟ ।
ସ୍ତ୍ରି ରାଙ୍କର ଭିନଦଶା କ୍ଷଣକେ ଭୁଟଇ
କୀଚକ ସୈରନ୍ଧ୍ରୀଠାରେ ତା ଘଟି ଅଛଇ ।
ଗୋବିନ୍ଦଙ୍କ ନାମ ଧରି ମୌନେ ଛନ୍ତିକୋନ୍ତେ
ବିସ୍ମରଣ ଦଇବ ତୁ କଲୁ ଏ ପର୍ଯ୍ୟନ୍ତେ ।
ଅନଳ ଭିତରୁ ଜାତ ଯେଉଁ ଯାଜ୍ଞସେନୀ
ଏତେଦୂର ପରସନ୍ତେ କଲୁ ହୀନମାନ ।
ସୈରନ୍ଧ୍ରୀ ବୋଇଲେ ଶୁଣ ଆହେ ଦେବ କୋନ୍ତେ
ପ୍ରଶଂସନ୍ତି ତୁମ୍ଭ ଧର୍ମ ବିସ୍ତରି ନମନ୍ତେ ।
ବିରାଟ ରାଜ୍ୟକୁ ଆସି ହେଲି ନିରମାଖୀ
ନିର୍ମାକ୍ଷୀ ଜନରେ ବାରେ ତୁମ୍ଭେ ହୁଅ ସାକ୍ଷୀ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଧର୍ମଙ୍କ ବତ୍ସର ତୁମ୍ଭେ ସବୁକଥା କୁହ
ମୁଁ ଦୁଃଖିନୀ ପାଇଁ ପଦେ କପାଇଁ ନ କୁହ ।
ଆହେ ଧର୍ମ କଙ୍କପଣ୍ଡା ସାକ୍ଷୀ ହୁଅ ତଳେ
ତୁମ୍ଭେ ଥାଉଁ ଏ କୀଚକ ଧରେ ମୋତେ ବଳେ
ଯୁଧିଷ୍ଠି ସମାନେ ରାଜା କରଥାନ୍ତି ସେବା
କୀଚକ ହରଣୁ ମୋତେ ପାର କରିଦେବା ।
ବହୁ ବଚନେ ସୈରନ୍ଧ୍ରୀ ବହୁସ୍ତୁତି ବୋଲି
କଙ୍କଙ୍କୁ ଚାହିଁ ପଡ଼ିଲା ହୋଇ ଗଡ଼ସାଲ ।
କଙ୍କ ବୋଇଲେକ ଶୁଣ ଆଗୋ ସୈରନ୍ଧ୍ରୀ
ରାଜା ହରିଲା କାହାକୁ କରିବା ଗୁହାରି ।
ତୋହର ପ୍ରାର୍ଥନା ଆମ୍ଭେ ଅନେକ ସହିଲୁ
କର ତୋହର କାର୍ଯ୍ୟ ଗୋ ଆମ୍ଭେ ତ ଦେଖିଲୁ
ସୈରନ୍ଧ୍ରୀ ବୋଲେ ଗୋସାଇଁ ମୁଁ ନୁହେଁ ଅନ୍ୟଥା
ପଞ୍ଚ ଗନ୍ଧର୍ବ ମୋହର ଅଟନ୍ତି ଯେ ଭର୍ତ୍ତା ।
ସବୁ ସହନ୍ତି ଅସହ୍ୟ ଅଟେ ସ୍ତ୍ରୀ ହରଣ
ଯେ ମୋତେ ହରିବ ତାର ଶେନବେ ପରାଣ ।
ସୈରନ୍ଧ୍ରୀ ବଚନ ଶୁଣି କଙ୍କ ପୁଣି ବୋଲେ
ତୋ ପଞ୍ଚଗନ୍ଧର୍ବେ କାହିଁ ଥାଉଁ ଥାଉଁ ମଲେ ।
ସୈରନ୍ଧ୍ରୀ ବୋଇଲେ ଦେଖାଯିବ ବଳେ ସିନା
କଙ୍କ ବୋଲେ ରକ୍ଷାକର ପାରଇ ପାବନା ।
ବିରାଟ ବୋଇଲେ ଯାର ଶତସିଂହ ବଳ
ଯାର ଭୟେ ଯମଦଣ୍ଡ ଛାଡ଼ିଦିଏ କାଳ ।
ଗନ୍ଧର୍ବ ମାନଙ୍କେ ସ୍ଥିର କେତେମାତ୍ର ହୋଇ
କୀଚକ ମହାବଳୀର ଛନ୍ତି ଖଟେ ଘାଇ ।
ସୈରନ୍ଧ୍ରୀ ବୋଇଲା ତୁମ୍ଭେ ଶୁଣ ମତ୍ସ୍ୟପତି
ପୁରୁଷମରଇ ବୋଲି ନ ଦେବ ଅଖ୍ୟାତି ।
ସୈରନ୍ଧ୍ରୀ ବଚନେ କଙ୍କଭଟ୍ଟ ପୁଣି ବୋଲେ
ସେ ପଞ୍ଚ ଗନ୍ଧର୍ବେ ତୋର କାହିଁଥାଉଁ ମଲେ ।
ବିରାଟ ବୋଇଲେ ମୋତେ ନ କହ ଏ ଗିର
ସେହି କଥାକୁ ନ ଡରେ ଏ କୀଚକ ବୀର ।
ନାରୀଏ ଶ୍ରୀହସ୍ତେ ତୋତେ କରାଇବେ ସ୍ନାନ
ଏତେ ଦାସ ଦାସୀଙ୍କୁ ଗୋ ଛାଡ଼ୁ ଅକାରଣ ।
ସୈରନ୍ଧ୍ରୀ ବୋଇଲେ ହୋଇଅଛି ରଜୋବତୀ
ଆଜହୁଁ ଚୁରିଦିବସ ନ ହୋଇବ ପ୍ରୀତି ।
ଆହେ କୀଚକ ଅଶୁଦ୍ଧା ହୁଏ ଯେଉଁ ନାରୀ
ପ୍ରଥମ ଦିନେ ଛୁଇଁଲେ ଚଣ୍ଡାଳରେ ସରି ।

ଯେଉଁ ଯେଉଁ ବସ୍ତ୍ର ପିନ୍ଧି ତାହାକୁ ଛୁଇଁବ
ସେ ବସ୍ତ୍ର ଧୋଇ ସ୍ନାହାନ କଲେ ପାପ ଯିବ ।
ଦ୍ୱିତୀୟ ଦିନେ ଛୁଇଁବ ଯେବେ ସେହି ନାରୀ
ଛୁଇଁଲେ ଅବଶ୍ୟ ବ୍ରହ୍ମହତ୍ୟା ସଙ୍ଗେ ସରି ।
ଅଶୁଦ୍ଧା ସ୍ତିରୀ ଛୁଇଁଲେ ତୃତୀୟ ଦିବସେ
ସ୍ତିରୀଲଙ୍ଗ ଭଗ୍ନଦୋଷ ପାଆନ୍ତି ପୁରୁଷେ ।
ଚତୁର୍ଥ ଦିନେ ଛୁଇଁଲେ ଅଶୁଦ୍ଧା ଯୁବତୀ
ଗୋହତ୍ୟା ବ୍ରହ୍ମହତ୍ୟାଦି ପୁରୁଷେ ପାଆନ୍ତି ।
ମହାପାତକୀ ଚତୁର୍ଥ ଦିନେ ଯେ ଛୁଅନ୍ତି
ପଞ୍ଚମେ ଶୁଭ ଅଟନ୍ତି ମୁନି କହିଛନ୍ତି ।
ବଳାତ୍କାରେ ଆସି ମୋର ଛୁଇଁଲ ଶରୀର
ଶିଘ୍ର ଆୟୁଷ ତୁଟିଲା ଜୀବନେ ତୋହର ।
କ୍ଷୁଧାରେ ପ୍ରାଣୀଏ ଯେବେ ଆରତ ହୁଅନ୍ତି
ଦେଖା ନାହିଁ କେବେ ଦୁଇ ହାତରେ ଭୁଞ୍ଜନ୍ତି
ବିପ୍ର ହୋଇଣ ଜଳକୁ ଯେବେ ଭୟକର
କ୍ଷତ୍ରିୟ ହୋଇ ସମର ସ୍ଥାନୁଁ ଅପସର ।
ବୈଶ୍ୟ ହୋଇକରି ଯେବେ ନଟେଜ ହୁଏ ରୋଗୀ
କେଶ ସାଜ ଯାଏ ଯେବେ ହୋଇକରି ଯୋଗୀ
ବ୍ୟାଧିମନ୍ତ ହୋଇ ଯେବେ ମଦ୍ୟ ସ୍ତ୍ରିରୀ ଭୋଗ
ଏହିପରି କର୍ମ କଲେ ନାଶଯାନ୍ତି ବେଗ ।
ଅତ୍ୟନ୍ତ କୃପଣେ ନାଶ ଯାଆନ୍ତି ଯେ ସାଧୁ
ଅତ୍ୟନ୍ତ ପ୍ରୀତିରେ ନାଶ ହୋଇଯାନ୍ତି ବନ୍ଧୁ ।
ପୁରୁଷ ହୋଇଣ ଯେବେ ଅସତ୍ୟ ଆଚରି
ଏମାନେହିଁ ନ ବଞ୍ଚନ୍ତି ବୁଝି ତୁ ବତ୍ସର ।
ସୈରନ୍ଧ୍ରୀ କହିଲେ ପୁଣ କୀଚକ ଅଗ୍ରତେ
ପଣ୍ଡିତେ ନାଶ ଯାଆନ୍ତି ଅନ୍ୟାୟ ନମନ୍ତେ ।
ବୃକ୍ଷର ଫଳ ପ୍ରାପତ ଯେବେ ହେବ କରେ
କିସ ଆଉ ବିଳମ୍ବ ଯେ ତାହା ଭୁଞ୍ଜିବାରେ ।
ଯୁକତେ ମୋହର ଶୁଦ୍ଧ ସ୍ନାହାନର କାଳେ
ବେଶ ଭୂଷଣ ସାଜ ମୁଁ ଯିବ ତେତେବେଳେ
ଆଜକୁ ହୋଇଛି ଚୁରିଦିନ ପାକାସ୍ପର୍ଶ
ଉଚିତ ନୁହଇ ମୋତେ ଛୁଇଁବା ପୁରୁଷ ।
ଆହେ କାଲି ରଜନୀରେ ତୁମ୍ଭ ପୁରେ ଯିବ
ତୁମ୍ଭର ମନର ସୁଖେ ଭୋଗ ଦିଆଇବ ।
ଏବେ ଭଣିଲା ଅଭୟା ଦେବୀ ଅନ୍ନପୂର୍ଣ୍ଣା
ସୈରନ୍ଧ୍ରୀ ବାଣୀ ତାହାକୁ ମୋହବନ୍ଧି ସିନା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କୀଚକ ବଚନ କହେ ଦ୍ରୁପଦତନୟେ ପୁଣି
ଚତୁର ଶିରୋମଣି ଏ ସିଂହାସନେ ସିଂହାଣୀ ।
କୀଚକ ବୋଇଲା ତୋର ଯେବେ ଥିଲା ଇଚ୍ଛା
କେଉଁ ଅପରାଧରୁ ମୋତେ କରିଲୁ ତୁ ଉପେକ୍ଷା ।
ସୈରନ୍ଧ୍ରୀ ବୋଇଲେ ତୁଏ ଦେହର ଶୃଙ୍ଗାରରେ
ସହଯାରେ ନାଶଯାନ୍ତି କୁଳଶ୍ରେଷ୍ଠ ନରେ ।
ପଞ୍ଚ ଗନ୍ଧର୍ବ ମୋହର ଅଛନ୍ତି ଯେ ପତି
ସେହି ମୋତେ ଆଶା କରିଥିଲେ ନିତିପ୍ରତି ।
ଆସ୍ଥାନରେ ରାଜାମୁଖେ ଯହୁଁ ହେଲା ଆଜ୍ଞା
ସେମାନଙ୍କ ରାଗିଣ ଭୟ କରିବେ ପ୍ରତିଜ୍ଞା ।
ଆସ୍ଥାନରେ ବସି ଯହୁଁ ଆଜ୍ଞାଦେଲେ ରାଜା
କାଲିଠାରୁ ତୋହର ମୁଁ ହୋଇବଇଁ ଭାର୍ଯ୍ୟା ।
କୀଚକ ବୋଇଲା ଏତେ ଅଟୁ ତୁ ସୁଜ୍ଞାନୀ
ଆସିବୁଟିକି ସଙ୍ଗାତ ତୁ କାଲି ରଜନୀ ।
ଏହା କହିଣ ସୈରନ୍ଧ୍ରୀ ଚଳିଲା ବହନ
କୀଚକ ପ୍ରବେଶ ହେଲା ଆପଣା ଆସ୍ଥାନ ।
ରଜନୀ ପ୍ରହରେ ପାଣ୍ଡବଙ୍କ ହେଲା ଆସି
ଅନ୍ତଃପୁରକୁ ନଇଲେ ଯହୁଁ ସେ ସୁକେଶୀ ।
ସୁଦେଷ୍ଣା ବଚନ କରେ ସୈରନ୍ଧ୍ରୀ ଯେ ଗଲା
ବୃତ୍ତାନ୍ତ ସବୁ ମୋହର ଆସି ତ ନ ଦେଲା ।
ଆଜ ରାତ୍ର ଯାଏ ଯେବେ ମୋତେ ଭଲେ ଭଲେ
କର୍ମ ସୁଫଳ ହୋଇବ ବିପଦ ନୋହିଲେ ।
ହେ ଧର୍ମଦେବତା ତୁମ୍ଭେ ତାରେ କର ରକ୍ଷା
ସର୍ବସିଦ୍ଧ ହେଉ ମୋର ପୂର୍ଣ୍ଣ ମନୋବାଞ୍ଛା ।
ନଗରର ସିଂହଦ୍ୱାରେ ପ୍ରାଚୀର ଭିତରେ
କୋଉ ନିଦ୍ରା ଯାଇଛନ୍ତି ଏକାନ୍ତ ମନ୍ଦିରେ ।
ଚଳନ୍ତି ସୈରନ୍ଧ୍ରୀ ତହିଁ କୋଉଙ୍କ ଗୃହକୁ
ସୁମରନ୍ତି ଭଗବାନ ଉଦ୍ଧାର ହେବାକୁ ।
ଆପଣ ଜାଣ ତ ନାଥ ମୋହର ଅବସ୍ଥା
କାହାକୁ ସାକ୍ଷୀ କରିବି ତୁ ସର୍ବ ଜଗତା ।
ତବ ଯ ହାକୁ ଦେଖନ୍ତେ ହୋଇଲି ମୁଁ ଦୁଃଖୀ
କ ପାପ କରିଲି ମୋତେ ରଖ ଚକାଆଖି ।
ମୋହର କଷ୍ଟ କହିବି ସ୍ୱାମୀଙ୍କ ଅଗ୍ରତେ
ନିଶାରେ ତମନ୍ତେ କେହି ନ ଦେଖନ୍ତୁ ମୋତେ
ଯେବଣ ଉଲ୍ଲୁକ ବିଦ୍ୟା ବ୍ୟାସ ଦେଇଛନ୍ତି
ସେ ବିଦ୍ୟା ପ୍ରଭାବେ ଦେବୀ ଗଲେ ନିଶାରାତି

ତୁଳସୀବଲ୍ଲଭ ନାମେ ତାରେ କର ସେବା
ଷାରଜା ଦାସ କରଇ ମୁକତି କାମନା ।

ପଞ୍ଚପାଣ୍ଡବଙ୍କ ନିକଟରେ
ଦ୍ରୌପଦୀଙ୍କର କୀଚକ ମୃତ୍ୟୁର
ଗୁପ୍ତ ପରାମର୍ଶ

କହନ୍ତି ଅଗସ୍ତି ମୁନି ଶୁଣ ମହାରାଣି
ହସ୍ତି କୋପାନଳେ ଯାହା ହୋଇଲା ଘଟନ ।
ବ୍ୟାସ ଦେଇଥିଲେ ଯେଉଁ ପାଦୁକା ମନ୍ତ୍ରି
ଏକ ପାଦକରେ କୋଉ ପାଶେ ଯାଇ ଭେଟି
ମନ୍ଦିରରେ ଶୋଇଛନ୍ତି ଧର୍ମଙ୍କ ନନ୍ଦନ
ଭୂତଳ ଉପରେ ନିଦ୍ରାବଶେ ଅଚେତନ ।
ଜଗାବସ୍ତ୍ର ପରିଧାନ କଷାବସ୍ତ୍ର ପାଡ଼ି
ମସ୍ତକେ ଧୀମନ୍ତ ଅତି ଯତନେ ସଜାଡ଼ି ।
ନିର୍ଧୂମ ଅଗ୍ନିକୁ ଜଣି ବକାଶଇ କାୟେ
ଦେଖି ସୈରନ୍ଧ୍ରୀ ଲଲାଟେ ବେଢିକର ଦିଏ ।
ହେ ସ୍ୱାମୀ ରାଜାଧିରାଜ କଥା ଜଗତ୍କେଠି
ମହିମା ପ୍ରକାଶ ଅଛି ଯାର ନାମଗୋଟି ।
ହେ ସ୍ୱାମୀ ଯେ ପାଦପଦ୍ମେ ଲକ୍ଷେରାଜା ବନ୍ଦେ
ଶ୍ରୀନାରାୟଣ ନମନ୍ତି ଯାର ପାଦପଦ୍ମେ ।
ନାଗ ନର ଅମରାଦି ତ୍ରୈଲୋକ୍ୟର ସ୍ୱାମୀ
ସର୍ବଦା ସେବା କରନ୍ତି ଯାକୁ ଅନ୍ତର୍ଯ୍ୟାମୀ ।
ସ୍ୱାମୀ ତୋରୁ ସ୍ନେହକର ଅନନ୍ତ ସୁରସି
ହିଯୁଗାନ୍ତେ ତୋ ଦର୍ଶନ ତୋ ଚକ୍ଷୁକୁ ଦର୍ଶି
ସ୍ୱାମୀ ଅହିଂସା ଅପାପୀ ମହିମା ଅଶେଷ
ତୁମ୍ଭେ କ ନ ଜାଣ ନାଥ କହିବି ମୁଁ କସ ।
କୋଉ ଶୁଣି ବୋଇଲେ ତୁ ବାତୁଳୀ ପରାୟେ
ବକବକ ହେଉଛୁ ଲୋକ କଥା ଲୁଚୁଏ ।
ପୁଣି ବୋଇଲେ ଏଠାରେ କ୍ଷଣେକ ନ ରହ
ପାରିଲେ ତୋହର କଥା ଭୀମ ଆଗେ କହ ।
ସେହି ତୋତେ ଦୟା କଲେ ରକ୍ଷା ହୋଇପାରୁ
ଅଥବା ବଲ୍ଲଭ ଯାଇ ତାକୁ ଗୋପ୍ୟେ ମାରୁ ।
ବ୍ୟାଘ୍ର ମଲ୍ଲ ମାଇଲା ସେ ଜାଣୁ ପରାକ୍ରମ
ତାର ପାଶେ କହ ତୋତେ ରକ୍ଷା କରୁ ଭୀମ
କୋଉ ମୁଖୁଁ ନିଷ୍ଠୁର ବଚନକୁ ଶୁଣି
ନିରବେ ସୁନ୍ଦରୀ ତହୁଁ କରିଲେ ପ୍ରୟାଣି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ନଗର ପଶ୍ଚିମଦ୍ୱାରେ ନଟଶା ମନ୍ଦରେ
ସୈରିନ୍ଧ୍ରୀ ପ୍ରବେଶ ଯାଇଁ ପାର୍ଥଙ୍କ କକ୍ଷରେ ।
ହଂସ୍ୟତୂଳଙ୍କରେ ଶେଯ ଶୋଯାଇ ସୁପାଣ୍ଡ
ମାଣିକ୍ୟର ଦୀପାବଳି ଜଳେ ଚଉକତ ।
ଆନନ୍ଦା ଉତ୍ତରା କନ୍ୟା ପୁଣ ବନ୍ଧ୍ୟବାଳୀ
ଦୁଇପାଶେ ତିନ କନ୍ୟା ମଧ୍ୟେ ବୃହନ୍ନଳାଶ ।
ସୁଲକ୍ଷଣା ସୁନ୍ଦରୀ ସୁବଦନ ନିରେଖି
ନଇଁ ଅନାଇଁଲେ ତାଙ୍କୁ ସେ ଚନ୍ଦ୍ରମାମୁଖୀ ।
କାରଣ ନ ହେଲା ମୋତେ ତୋ ବଦନ ଗୋଟି
ଏସନକ ରୂପ ତୋର ହୋଇଲା କଷଟୀ ।
ଏହା ବସ୍ତ୍ରର ଭିତରେ ଯେନ ଦୀପାବଳି
ଅର୍ଜୁନଙ୍କୁ ନିରେଖିଣ ବୁଝିଁଲେ ପାଞ୍ଚାଳୀ ।
ମୁହିଁ ତୋହର ଆପଦ ଯେତେନ ଜନା ପାର୍ଥ
ଏରୂପେ ଶୋଭିତ ତୋତେ ହେଲା ପ୍ରାଣନାଥ
ସଚେତ ହୋଇଣ ତହୁଁ ଉଠି ସବ୍ୟସାଚୀ
ମନ ମଧ୍ୟେ ଏହିପରି କଥା ସବୁ ପାଞ୍ଚି ।
କଅବା ଅଜ୍ଞାତବାସ ହେଲା ଆସି ଶେଷ
ଠାକୁରଙ୍କ ଆଜ୍ଞାରେ କି ଆଚିନ୍ତୁ ମୋ ପାଶ
ସୈରିନ୍ଧ୍ରୀ ବୋଇଲେ ତୁମ୍ଭ ନାମ ଫାଲଗୁନ
ଅରୁଣ ଉଦୟୁ ଜଣି ଦଶେ ଚକ୍ଷୁ ଦେନ ।
ହେ ନାଥ ମୋହର କଥା ଶୁଣ ଧନଞ୍ଜୟ
ମହାଯଜ୍ଞ କରିଥିଲେ ପିତା ମହାଶୟ ।
ବ୍ରହ୍ମକର୍ମରେ ନିର୍ଜିତ ଯେଉଁ ମହାତମା
ମହା ଅନଳ ବିଦାରି ଜାତକଲେ ବାମା ।
ଯଜ୍ଞୁ ଜାତହେଲି ବୋଲି ନାମ ଯାଜ୍ଞସେନୀ
ସ୍ୱୟମ୍ବର କଲେ ପିତା ଲକ୍ଷେ ରାଜା ଘେନ ।
ମହାଲକ୍ଷ ରାଧାଚକ୍ର ବିନ୍ଧିଲ ହେ ପାର୍ଥ
ଲକ୍ଷେ ରାଜାଙ୍କ ସହିତେ କରିଲ ଅନର୍ଥ ।
ସମସ୍ତଙ୍କ ବଳଧ୍ୱଂସି ଆଣିଲ ଯେ ମୋତେ
ନଟକାର ପ୍ରସୂ ବଶ ହେଲ ପଞ୍ଚଭ୍ରାତେ ।
ଏକା ହୋଇଣ ସହିଲ ପାଞ୍ଚଙ୍କ ଆନ୍ଦୋଳ
ତଥାପି ନ ରହି ପାରି ହେଲ ଏତେ ଭଳ ।
କନ୍ଦମୂଳ ଆହାରରେ କାଳଯାକ ଦୁଃଖୀ
କେଶ ଆକର୍ଷଣ କଲ ସର୍ବେ ଅଛ ଦେଖି ।
ତାହା ମଧ ସହିଲି ମୁଁ ଆଦରିଣ କର୍ମ
କାହାକୁ କହିବ ସବୁ ଦେଖିଛନ୍ତି ଧର୍ମ ।

ସଙ୍କୋଚନର ନନ୍ଦନ ବିରାଟର ଶଳା
ସୁଦେଷ୍ଣା ଭାଇ କୀଚକ ଦେଖି ହେଲା ଭୋଳା
ଚନ୍ଦପଣ ଲେଖା ଦେଇ ପେଷିଲା ସୁଦେଷ୍ଣା
ମୋତେ ଦେଖିଣ ପାମର କରିଲାକ ତୃଷ୍ଣା ।
ପୁରେ ଶୃଣ୍ଡାଳ ଧଇଲା ଆସି ମୋତେ ବଳେ
ଚାପେ ଉଭାହେଲି ଆସି ଆସ୍ଥାନର ତଳେ ।
ବିରାଟ କୋନ୍ତ ବସିଣ ଥିଲେ ଯେ ଆସ୍ଥାନେ
ବହୁ ପାଉଦଣ୍ଡ ରାଜା ଥିଲେ ଛଦ୍ମମାନେ ।
ଦେଖିଣ ମୋତେ ବୋଇଲି-ମତ୍ସ୍ୟ ଅଧିକାରୀ
ନଅରେ ମୋଡ଼ୀ ସୈରିନ୍ଧ୍ରୀ ବାଳ ଧରି କରି
କହୁଁ କହୁଁ ବେଦନ ଯେ କଲେ ଯାଜ୍ଞସେନୀ
ବିରାଟ ଅନ୍ୟାୟ କଲ ବୋଲନ୍ତି ଫାଲ୍‌ଗୁନ ।
ରାଜାଙ୍କ ବଚନ ଶୁଣି କୋନ୍ତ କି ବୋଇଲେ
କୀଚକକୁ ଅଙ୍ଗଭୋଗ ଦିଅ ତୁ କହିଲେ ।
ଅନାଥର ବାନ୍ଧବ ଯେ ଅଟ ନାଥ ତୁହି
ତୁ କିସ ବୋଲିବାପାଇଁ ଅଇଲୁ ତୋ ତହିଁ ।
ବୃହନ୍ନାଶ୍ରୀ ବୋଲେ କୋନ୍ତ କହିଲେଟି ଯାହା
ପାଷାଣର ରେଖା ଆନ କରିବ କେ ତାହା ।
ଆମ୍ଭେ ଯେବେ ତାହାଙ୍କର ଭଙ୍ଗନ୍ତୁ ବଚନ
ଆନକୁ ସମ୍ପଦ ଦେଇ କିପାଁ ଯାନ୍ତୁ ବନ ।
ପଶାଖେଳରେ ସମସ୍ତ ହାରିଛନ୍ତି ସେହି
ସଭାରେ ବଦନ ଟେକି ନ ପାରିଲୁ କେହି ।
ସେହି ଆମ୍ଭର ଠାକୁର ଅଟନ୍ତି ଯୁଧିଷ୍ଠି
ତାଙ୍କ ବଚନ ଆମ୍ଭର ନିରାଧାର ଗୋଟି ।
ଆମ୍ଭେ ଯେବେ ତାହାଙ୍କର ବଚନ ମେଣ୍ଟନ୍ତୁ
କହ ଆମ୍ଭେ ସଭାତଳେ କିପାଇଁ ବସନ୍ତୁ ।
ସଭାତଳେ ବସାଇଣ ବହୁ ଗାଳିଦେଲେ
କେଶ ଧରି ତୋତେ ପୁଣି ବିବସନ କଲେ ।
ଆଜ୍ଞାକୁ ଅନାଇଥିଲି ନ ବୋଇଲେ ବାଣୀ
ଶତ ଭାଇଙ୍କୁ ନାଶି ମୁଁ ଥାନ୍ତି ସେହିକ୍ଷଣି ।
ମାରବୋଲିନବୋଇଲେମୋତେକଦାଚତେ
ଏଥିକୁ ଗୋ କିସ ବୋଲ ଆମ୍ଭର ଅଗ୍ରତେ ।
ରାଜା ଆଜ୍ଞାରେ ଆମ୍ଭର ଅଟେ କେଉଁ ଲଜ୍ଜା
ମୁଁ ଏବେ ବୋଲୁଛି ହୁଅ କୀଚକ ଭାରିଯା ।
ସୈରିନ୍ଧ୍ରୀ ବୋଇଲେ ତୁମ୍ଭ ଜୀବନକୁ ଧିକ
ପଞ୍ଚଜଣର ଭାରିଯା ମୁହିଁ ଅଟେ ଏକ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମୋତେ ଆନକୁ ଦେଇଣ ହସ୍ତିନାକୁ ଯିବ
କେମନ୍ତେ ରାଜସଭାରେ ମୁଖ ଦେଖାଇବ ।
ଏବେ ତ ଗ୍ରୁଡ଼ିଲ ଲାଜ ହେଲ ନଷ୍ଟ ପ୍ରାୟ
ପୁରୁଷ ରୂପ ବାହାର ତୁମ୍ଭେ ଧନଞ୍ଜୟ ।
ନ ଜାଣି ଗୋଲକବୋଲି ବୋଲନ୍ତି କୌରବେ
ରାଜ୍ୟ ସାଧିବ କୁ ଯିବ ତୁମ୍ଭେ କେଉଁବାଗେ ।
ଅର୍ଜୁନ ବୋଇଲେ ନ ଝିଙ୍ଗାସ ସଙ୍ଗାତୁଣୀ
ଠାକୁରଙ୍କ ଆଜ୍ଞା ଥିଲେ ମାରନ୍ତି ଏକ୍ଷଣି ।
ସୈରନ୍ଧ୍ରୀବୋଇଲେମୋତେକହୁଛନ୍ତିକୋନ୍ତେ
ଭୀମଙ୍କୁ ତୁ କହ ଯାଇ ମାରିବ ଗୁପତେ ।
ଅର୍ଜୁନ ବୋଇଲେ ତେବେ ଚଳ ମହାମ୍ବାଣି
ଆଉ ଝିଙ୍କାସି ନ ବୋଲ ମୋତେ କଟୁବାଣୀ
ଅର୍ଜୁନ ବଚନେ ଚଳି ଗଲେ ଯାଜ୍ଞସେନୀ
ରାତ୍ର ଅର୍ଦ୍ଧ ହୋଇଅଛି ଅନ୍ଧାର ରଜନୀ ।
ଗମନ କଲେ ସୁଦଷ୍ଣା ନାରାୟଣ ସ୍ମରି
ଏ ଦୁଃସହ ସଙ୍କଟରୁ ଉଦ୍ଧାର ଶ୍ରୀହରି ।
ଉତ୍ତର ଗଡ଼ ଦ୍ୱାରରେ ଅଛି ଅଶ୍ୱଶାଳ
ଖଟିଛନ୍ତି ପାଞ୍ଚଲକ୍ଷ ତହିଁ ବାଜିପାଳ ।
ନକୁଳକୁମାର ତହିଁ ବାଜିପାଳ ରୂପ
ପାଟବନ୍ଧା ବାଖରଙ୍କ ପାଳକ ସ୍ୱରୂପ ।
ଉଆଳ ତରଣ ପରେ ପାରି ବସ୍ତ୍ର ଗୋଟି
ନିଦ୍ରା ଅସାଷ୍ଟମକାଳେ ନକୁଳକୁ ଭେଟି ।
ବାଖର ଗୋଟିଏ ଦେଇଛନ୍ତି ସୀମସ୍ଥାନ
ନିଦ୍ରାବଶେ ଅଚେତନ ମାଦ୍ରୀଙ୍କ ନନ୍ଦନ ।
ଏହି ସ୍ୱରୂପେ ନକୁଳ ତହିଁ ଶୋଇଅଛି
ଏହା ଦେଖି ସୈରନ୍ଧ୍ରୀଙ୍କୁ ନ ତୁରଇ କଛି ।
ହେ ନକୁଳ କ୍ଷତ୍ରିବର ଅଟ ଯେ ଗରିଷ୍ଠ
କୁମାରପଣେ ତୁମ୍ଭଙ୍କୁ ଇନ୍ଦ୍ର ଦେଲେ ପାଟ ।
ପୃଥ୍ୱୀ ଧରିବାକୁ ଶକ୍ତି ଅଛି କୋନ୍ତମୂନେ
ଏ କଷ୍ଟ ଅବସ୍ଥା ନାଥ ସହୁଛ କେସନେ ।
ତୁମ୍ଭ ଶରୀରରେ ମାଟି ବସିଲେ ଗୋଟିଏ
ଶତେପଳ ଚନ୍ଦନ ଯେ ତହିଁ ଲେପା ହୁଏ ।
ରତ୍ନ ପଲଙ୍କରେ ଶେଯ ସୁପାତି ମୂଚଳ
ପୁଷ୍ପପାଙ୍କୁଡ଼ା ଉପରେ କର୍ପୂରର ଧୂଳି ।
ଆଲଟ ଚାମର ଲକ୍ଷେ ଢେଳ ବିଳାସିନୀ
ଖଟିଲେ ନିଦ୍ରା ତୁମ୍ଭଙ୍କୁ ନୁହେ ବୀରମଣି ।

ଏତେ ସୁଖକୁ ତୁମ୍ଭର ଏବେ କାରେ ହେଲ
ଏ ଘୋର ତରଣ ଶଯ୍ୟା ପାରିଣ ଶୋଇଲ ।
କାନ୍ଦନ୍ତେ ସୁଦଷ୍ଣା ନେତ୍ରୁ ବହେ ଅଶ୍ରୁଜଳ
ଚେତନା ପାଇଣ ବେଗେ ଉଠିଲେ ନକୁଳ ।
ଦେଖିଲେ ପାଞ୍ଚାଳୀଙ୍କର ଦିବ୍ୟମୁଖ ଗୋଟି
ଅନ୍ଧାର ମନ୍ଦିରେ ଯେହ୍ନେ କଣଥିର ବୃଷ୍ଟି ।
ସୈରନ୍ଧ୍ରୀଙ୍କ ମୁଖ ଚାହିଁ ସେ ନକୁଳ ବୀର
ଅଙ୍କିତ ସରଳ ଭାବ ଉଷତ ଅପାର ।
କୁମାର ବୋଲଇ ମୁହିଁ ପୁଚ୍ଛା କରେ ତୋତେ
ତୁ କି ବଜ୍ରକାଳୁ ମୋତେ ଦେଖିବା ନିମନ୍ତେ
ବେନି ନୟନରୁ ତୋର ଅଶ୍ରୁଜଳ ଗଳା
ନକୁଳ ବଦନ ଚାହିଁ ବୋଲନ୍ତି ପାଞ୍ଚାଳୀ ।
ତୁମ୍ଭ ତହିଁକି ଅଇଲି ମୁହିଁ ନିଶାକାଳେ
କୀଚକ ପାମର ମୋତେ ହରି ଇଚ୍ଛେ ବଳେ ।
ଅସ୍ଥାନେ ବିରାଟ ପୁଣି କୋନ୍ତଙ୍କ ସହିତେ
ପାତ୍ରବର୍ଗ ରାଜା ଥିଲେ ଥିଲେ ଯେ ଅମାତ୍ୟେ
ବିରାଟ ଆବର କୋନ୍ତ ମୋତେ ଆଜ୍ଞା ଦେଲେ
କୀଚକର ନାରୀ ହୁଅ ଯାଇଣ ତୁ ଭଲେ ।
ଉପାୟ ଚିନ୍ତିବା ପାଇଁ ଆସିଲି ତ ରାତି
ପ୍ରଭାତରେ ନେବ ମୋତେ କୀଚକ ଦୁର୍ମତି ।
ନକୁଳ ବୋଲେ ସ୍ୱଭାବେ ଠାକୁରତ ଥିଲେ
ତୋହର ଅବସ୍ଥା ଦେଖି ସେ କିସ ବୋଇଲେ
କୋନ୍ତ ବୋଇଲେ କୀଚକ ଯୁଦ୍ଧେ କେହ୍ନୁ ସର
ଯାଅ ଏହାର ଘରଯା ହୁଅ ବେଗ କରି ।
ନକୁଳ ବୋଇଲେ ସ୍ୱାମୀ ଯେବେ ଦେଲେ ଆଜ୍ଞା
ସେବକ ମାନେକ କରିପାରେ କି ଅବଜ୍ଞା ।
ଯାଅ ଯାଅ ସଖି ଆମ୍ଭେ ଥାଇ କି କରିବୁ
ନିଶ୍ଚୟ ତୁ କୀଚକର ଘରଯା ହୋଇବୁ ।
ଏସନ ବଚନ ଯହୁଁ ଶୁଣିଲେ ପାଞ୍ଚାଳୀ
ରାଗ ହୋଇ ନକୁଳକୁ ଚାହିଁ ଦେଲେ ଗାଳି
ଧିକ ଧିକ ହେଉ ତୁମ୍ଭ ଏ ଜୀବନ ଜାତି
ସଂସାରେ ବୋଲନ୍ତି ପଞ୍ଚପାଣ୍ଡବ ଯୁବତୀ ।
ନଟକାର ପ୍ରାପ୍ତ ହେଲା ତୁମ୍ଭର ପ୍ରକୃତି
ବୃତ୍ତିହେତୁ ପରେ ଦାଅ ନିଜର ଯୁବତୀ ।
ନକୁଳ ବୋଇଲେ ଆଗୋ ଶୁଣ ପ୍ରାଣସଖି
ଯାଅ ପ୍ରିୟତମେ ତୁମ୍ଭେ ଭୀମଙ୍କ କତିକି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୈରିନ୍ଧ୍ରୀ ବୋଇଲେ ଯାଇ ନପାରେ ମୁଁ ଶେଷେ
ନକୁଳ ବୋଇଲେ ତାଙ୍କୁ ଅତ୍ୟନ୍ତ ସନ୍ତୋଷେ
ମୋତେ ଆଜ୍ଞା ଦେଇଥିଲେ ଯୁଧିଷ୍ଠି ଠାକୁର
ଅବଶ୍ୟ ମାରନ୍ତୁ ଯାଇ ତାହାର କତର ।
ସୈରନ୍ଧ୍ରୀ ବୋଇଲେ ନାଥ ତୋର ନୁହେ କଷ୍ଟ
ସାତମାସ କାଳ ଆଉ ଅଜ୍ଞାତ ରହିଛି ।
ନକୁଳ ବୋଇଲେ ଭୀମ ବଧ କରୁ ତାକୁ
ସେ ଯେବେ ଦାଣ୍ଡି କରିବେ କହିବୁ ଆମ୍ଭଙ୍କୁ
ଏମନ୍ତ ପନ୍ତଜ୍ଞା ଦେଖି ସାଦର ପାଞ୍ଚାଳୀ
ଗଲ ଅର୍ଦ୍ଧାଧିକେ ସହଦେବ ପାଶେ ମିଳ ।
ଦକ୍ଷିଣ ମଇଦାନର ବାହାର ନିକଟ
ତଳ୍ପିର ସନ୍ନିଧାନରେ ସୁରଭିଙ୍କ ଗୋଷ୍ଠ ।
ଦୁହାଁଳିଆ ଦେନପତ୍ନ ନନ୍ଦ ଗୋଷ୍ଠେ ଗାଈ
ନବଲକ୍ଷ ଗୋରୁପାଳ ରହିଛନ୍ତି ଶୋଇ ।
ଗୋଗୋଷ୍ଠର ମଧ୍ୟସ୍ଥଳେ ବନ୍ୟାଙ୍କ କୁଣ୍ଡଳ
ତନ୍ନବୃନ୍ଦ ବସ୍ଥାଙ୍କରେ ସହଦେବ ମିଳ ।
ବେଢ଼ି ଛି ଗଡରେ ପାଞ୍ଚ ଅପୁଚେଳ କଳା
ମଧ୍ୟଦେଶେ ବସିଛନ୍ତି ମାଦ୍ରୀଦେବୀ ବଳା ।
ଗୋଷ୍ଠ ଭିତରେ ପଶିଲେ ଦେବୀ ଅଲକ୍ଷରେ
ପ୍ରବେଶ ହୋଇଲେ ତନ୍ତିପାଳ ସନ୍ନିଧିରେ ।
ଉଲୂକ ବିଦ୍ୟା ପ୍ରସାଦେ ନ ଦେଖିଲେ କେହି
ଆବର ଗୋପାଳେ ଛନ୍ତି ଅଚେଷ୍ଟରେ ଶୋଇ
ସହଦେବ ବୋଲେ ତୁମ୍ଭ ଆସିବାର ଜାଣି
ଗ୍ରନ୍ଥପାଳ ଜାଗରେ ବସିଛୁ ମିଛଣି ।
ପାଞ୍ଚାଳୀ ବୋଇଲେ ମୁହିଁ କି କହିବି କଥା
କୀଚକ କରିଲା ମୋତେ ଯେତେକ ଅବସ୍ଥା
ତନ୍ତିପାଳ ବୋଲେ ଦୁଃଖ ଦେଇଅଛି ତାତେ
ଅଜ୍ଞାତବାସ ଆମ୍ଭର କୀଚକ ନିମନ୍ତେ ।
କୀଚକ ଭାର ଧରଣୀ ନ ପାରିଲା ସହି
ଗୁହାରି କରିଲା ଦେବସଭା ତଳେ ଥାଇ ।
ବସୁଧା ପାଇଁ ଚିନ୍ତିତ ହୋଇ ଦେବ ପିତା
ଅଜ୍ଞାତବାସ ଆମ୍ଭଙ୍କୁ ଆଜ୍ଞା ଦେଲେ ଧାତା ।
ଯାହା ସେ ନିର୍ମିତ କଲା ଚିନ୍ତ ପ୍ରଜାପତି
କୀଚକ ମରିବ ତୁମ୍ଭ ହରଣେ ସମ୍ପ୍ରତି ।
ସୀତା ହରଣେ ରାବଣ ଯେ ରୂପରେ ମଲା
ଏ କଥା କି ଆନ ହେବ ଧାତାର ଏ କଲା ।

ତଉ ଆଗୋ ମାହେଶ୍ୱରି ନ ରହ ତୁ ଏଥେ
କୀଚକ ମରିବ କାଲି ଭୀମଙ୍କର ହସ୍ତେ ।
ଆବର ଚରିତ ଶୁଣ କହୁଛି ଭବିଷ୍ୟ
ଶତ ସହୋଦର ସେନ ଆପେ ହେବ ନାଶ ।
ଭୀମସେନ ମାନଛନ୍ତି ଅନଳ ଦେବଙ୍କୁ
ଚଢ଼ ମୁକ୍ତହେବେ ଦେଇ ଶତ କୀଚକଙ୍କୁ ।
କୀଚକ ବଂଶନାଶିନୀ କୌରବ ଧ୍ୱଂସିନୀ
ଭାବ ନିବାରିଣୀ ଆଗୋ ଯାଅ ତୁ ବହନ ।
କ୍ଷତ୍ରିୟ ଅନର୍ଗଳ ଗୋ ଅଟେ ଭୀମସେନ
ହିଂସା ବୋଇଲେ ତାଙ୍କ ହୋଇବ କାରଣ
ଚଳଯାଅ ମହାସତୀ ଶୁଭ ଅନୁକୂଳେ
ହୃଦଗତେ ଚିନ୍ତ ଦେବୀ ଶ୍ରୀ ସର୍ବମଙ୍ଗଳେ ।
ଶ୍ରୀ ସର୍ବମଙ୍ଗଳା ମାତା ତୋତେ ରକ୍ଷାକରୁ
ପୃଥ୍ୱୀଭାର ଉଶ୍ୱାସ କୀଚକ ବେଗେ ମରୁ ।
ଆଗୋ ମାହେଶ୍ୱରି ଆଉ ଏକ କଥା ଶୁଣ
କାଲି ନିଶ୍ଚେ କୀଚକର ହୋଇବ ମରଣ ।
ଶତସିଂହ ପରାକ୍ରମ ଅଟଇ ତାହାର
ତୋର କର ଛୁଇଁଲେଣି ମରିବ ଏଥର ।
ସହଦେବଙ୍କ ବଚନେ ଗଲେ ମହାସତୀ
ଶେଷଭରେ ଯାଇଁ ଚନ୍ଦ୍ରବଂଶ ଦଣ୍ଡପନ ।
ଆନନ୍ଦ ରଇତନ ସେହୁ ଯେଉଁ ଶେଷଶାଳ
ଭୀମସେନ ନିଃଶ୍ୱାସରେ ପଡେ ଉଠେ ଚାଳ ।
ବାହୁଡ ସଞ୍ଚାରେ ବସେ ନିଃଶ୍ୱାସ ଟାଣନ୍ତେ
ଦେଖିକରି ସୈରନ୍ଧ୍ରୀ ଯେ ମୋଦ ବହି ଚିତ୍ତେ
ହିଷ୍ଟରିଲେ ତୋ ଜୀବନ ସାଧୁ ଅଟେ ଭୀମ
ତୋହର ତହିଁ ନିଷ୍ଟଯ୍ୟ ଅଛି ପରାକ୍ରମ ।
ମୁଁ ଅନାଥ କାହେ ମୋର ସହାୟ କି ହେବ
ଆମ୍ଭର ଠାକୁର ତୁମ୍ଭେ ରକ୍ଷା ଯେ କରିବ ।
ଦେଖିଲେ କବାଟେ ଅଛି ଗୋଟିଏ କଳଣି
ସୈରନ୍ଧ୍ରୀ ମାରନ୍ତେ ହାତ ଫିଟେ ସେହିକ୍ଷଣି ।
ଭିତରରେ ଶୋଇଛନ୍ତି ଭୀମ ମହାବଳୀ
ସନ୍ନିଧିରେ ପ୍ରବେଶିଲେ ଦ୍ରୁପଦ ଦୁଲଣୀ ।
ପାଷାଣରେ ଶଯ୍ୟାକରି ଶୋଇଛି ବଲ୍ଲଭ
ଦେଖିଲେ ପାଞ୍ଚାଳୀ ଭୀମସେନଙ୍କର ଭାବ ।
କଣଯ୍ୟ ପର୍ବତେ ଯେସନେ ମେଘ ଘଡଘଡି
ସେହିପରି ଶୁଭୁଅଛି ନିଃଶ୍ୱାସର ରଡି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବାମ ତାହାଣ ବାହୁକୁ ବିସ୍ତାରିତ କରି
ଶୋଇଛନ୍ତି ନିର୍ମଳମନେ ସାଇଙ୍କ କେଶରି ।
ବଲ୍ଲଭଙ୍କ ସନ୍ନିଧିରେ ବସି ଯାଜ୍ଞସେନୀ
ବୋଇଲେ କପ ବଷ୍ଟର ଆହେ ସାରମଣି ।
ଡୋକଇ ପାଞ୍ଚାଳୀ ବେଗେ ଉଠ ସାରବର
କସ ଅର୍ଥେ ଏତେ ନିଦ୍ରା ଯାଉଛ ନେହର ।
ବ୍ରାହ୍ମଣ ଯୁବତୀ ସ୍ତ୍ରିରୀ ଯୋଗିନୀ ଯେ ଯୋଗୀ
ସାଧୁ ବେପାରୀ ପ୍ରବାସୀ ନିଦ୍ରା ପରିତ୍ୟାଗୀ ।
ନାଥ କ୍ଷତ୍ରୀହୋଇ କିପାଁ ତୋର ଏଡ଼େ ନିଦ୍ରା
ତେଜ ଆହେ ସୂପକାର ଏବେ ଯୋଗନିଦ୍ରା ।
ବହୁତ ପ୍ରକାର କରି ଯୁବତୀ ଡୋକଇ
ସୂପକାରଙ୍କର ନିଦ୍ରା କେବେ ନ ଭାଙ୍ଗଇ ।
ଯୁବତରେ ରାଜପୁତ୍ର ବିଶେଷରେ ଯୋଗୀ
କି ହେତୁ ନିଦ୍ରା ନ ତେଜ ଦେହ ହେବ ରୋଗୀ
ବାରମ୍ବାର ଡୋକନ୍ତେ ସେ ନିଦ୍ରା ନ ଭାଜନ୍ତି
ଯେତେ ଉପାୟ କରିଲେ ସବୁ ବ୍ୟର୍ଥ ହେଲା
ରଜନୀ ପାହିବ ବୋଲି ଦ୍ରୌପଦୀ ବିକଳ
ବେନି ନେତ୍ରରୁ ତାଙ୍କର ବହେ ଅଶ୍ରୁଜଳ ।
ବିଳାପ କରନ୍ତେ ତହୁଁ ସୂପକାର ଚେତ
ଦ୍ରୌପଦୀର କେଶ ଯାଇ ଧଇଲେ ତୁରିତ ।
ବଜେ କର୍ଣ୍ଣାକଟାକ୍ଷ ଧଇଲେ ସେ ଆଣି
ପଚାରିଲେ ପିଶାଚୀ ତୁ କି ଅବା ଡାକିନୀ ।
ଆରେ ତୁ କେଉଁ ଡାକିନୀ ଏଡ଼େ ତୋ ଭରସା
ଇଷ୍ଟଦେବତା ସୁମର ଛେଦିବି ତୋ ନାସା ।
ସୈରିନ୍ଧ୍ରୀ ବୋଇଲେ ତୁମ୍ଭେ ଶୁଣ ସୂପକାର
ମୁହିଁ ଅଟେ ଯାଜ୍ଞସେନୀ ବଲ୍ଲଭ ତୁମ୍ଭର ।
ପାଣ୍ଡବ ସୁନ୍ଦର ଶୁଣି ଛାଡ଼ିଲେ ତା ବାଳ
ବରହସିତ ବଦନେ ବସାଇଲେ କୋଳ ।
ମୁଖରେ ଚୁମ୍ବନ ଦେଇ ବୋଇଲେ ପାବନ
ମୁହିଁ ତୋହର ଆଗବ ସେନେ ଯାଜ୍ଞସେନୀ ।
ଏକା ତୁ ସହିଲୁ ଆରେ ପାଞ୍ଚଙ୍କ ଆର୍ତ୍ତୋଳ
କାମେ ଅସାଷ୍ଟମ ହୋଇ ନ ପାରିଲୁ ପାଳ ।
ଶରୀରକୁ କଷ୍ଟ କେତେ ପାଇବୁ ତୁ ସହି
ଅଜ୍ଞାତବାସେ ଗୋ ଏତେ ଦିନ ଅଛୁ ରହି ।
କଷ୍ଟ ତୁ ସହିଲୁ ବାରବରଷ ପର୍ଯ୍ୟନ୍ତେ
ବନପନ୍ଥୀ ହୋଇ ଦୁଃଖ ସହିଲୁ ଏମନ୍ତେ ।

କାମେ ଅସାଷ୍ଟମ ହୋଇ ଧର୍ମ ପରିତ୍ୟାଗୀ
ସହି ନ ପାରି ଅଇଲୁ ଅଭିପ୍ରାୟ ମାଗି ।
ଭୁଞ୍ଜି ଅଇଲୁ ଯେବେ ଗୋ ନ ଜାଣିଲୁ କାଳ
ରାତ୍ର ଶେଷ ହୋଇବାକୁ ଅଛି ଅଳ୍ପ ବେଳ ।
ରାତ୍ର ବେନି ଦଣ୍ଡ ଅଛି କି ସୌଖ୍ୟ ପ୍ରକାଶ
ଭୋଜନରେ ସୁଖ ନାହିଁ ନିଦ୍ରାରେ ଅଳସ ।
କଳହ ନ କରିବା କି ଶାସ୍ତ୍ର ନ ପଢ଼ିବା
ସମସ୍ୟା ନ ଦେବା ଅବା ମୌନବ୍ରତେ ଥିବା
ସନ୍ଧ୍ୟାରେ ପଢ଼ିଲେ ଗୋ ମୂର୍ଖଜନ୍ମେ ଜନ୍ମେ
ପଣ୍ଡିତ ହୋଇ ଶୋଇଲେ ପଡ଼େ ମତିଭ୍ରମେ ।
କ୍ରୀଡ଼ା କରିଲେ ଗୋ ଜନ୍ମେ ପୁତ୍ର ନ ପାବନ୍ତି
ଜନ୍ମରୋଗୀ ହୁଅଇ ଗୋ ଜନ୍ମିଲେ ସନ୍ତତି ।
ସୂର୍ଯ୍ୟ ବେଳାରେ ଭୋଜନ କଲେ ହୁଏ ପଙ୍କୁ
ଦଶଦଣ୍ଡ ଉଚାଟ ଗୋ କାମ ଦେବତାଙ୍କୁ ।
ପ୍ରସ୍ଥାଣ କରଇ ଆଗେ ପାଞ୍ଚଦଣ୍ଡ ରାତି
ଚନ୍ଦ୍ରବେଳ ହୋଇଲେ ଗୋ କାମରସ ପ୍ରୀତି
ଦଶ ଦଣ୍ଡରୁ ଚଉଦ ଦଣ୍ଡଯାଏ ପୁଣ
ନାନା କଉତୁକ କଲେ ବାଞ୍ଛା ହୁଏ ପୂର୍ଣ୍ଣ ।
ଶରୀର ଅକମ୍ପମାନ ଦେହ ହୁଏ ବୃଦ୍ଧି
ଆୟୁ ବର୍ଦ୍ଧମାନ ହୁଏ କାର୍ଯ୍ୟ ଗୁଣ ସିଦ୍ଧି
ଆଗୋ ଷୋଳ ଦଣ୍ଡରେ ଯେ ହୁଏ ଅର୍ଦ୍ଧରାତି
ଆକାଶ କ୍ଷେପି କରଣ ବୁଲି ଚଉକତି ।
ଅଠର ଦଣ୍ଡରୁ ମଧ୍ୟ ଜାଣ ବିଂଶଦଣ୍ଡ
ଏକାନ୍ତେ ଶୃଙ୍ଗାର ଜାତ ହୁଏ ରସଖଣ୍ଡ ।
ବାଇଶି ଦଣ୍ଡରୁ ଜାଣ ଚୌବିଂଶ ଦଣ୍ଡର
ଯୋଗବଳରେ ଅନଙ୍ଗ ବିଶ୍ରାମେ ତତ୍ପର ।
ଯେବେ ଇଚ୍ଛାକରୁ ଭୁଞ୍ଜି ହେବ ସତସଙ୍ଗ
ଶୃଙ୍ଗାରରେ ହତ୍ୟା ଦୋଷ ଭଗ୍ନ ହେବ ଲିଙ୍ଗ
ନବ ଘଡ଼ିରୁ ଏଣିକି ଉତ୍ତରଙ୍ଗ କଲେ
ତସ୍କର ବା ରୋଗୀ ହୁଏ ସନ୍ତାନ ଜନ୍ମିଲେ ।
ଦୁହିତା ଜନ୍ମ ହୋଇଲେ ହୁଅଇ ବୋଇଶ
ଜନ୍ମ ରୋଗୀ ହୁଏ ପୁତ୍ର ନୁହଇ କାହାର ।
ଅଢ଼ାଇ ପ୍ରହର ରାତ୍ର କାମ ଯୋଗବଳେ
ତାହା ଯେତ୍ନ ଭଗ୍ନ କରେ ଶୁଭ ନୁହେଁ କାଳେ
ବଲ୍ଲଭ ବୋଲେ ତୁ ବୁଦ୍ଧିମତୀ ଜ୍ଞାନତ୍ୟାଗୀ
ବେଳ ଜାଣି ନ ଅଇଲୁ ଅଭିପ୍ରାୟ ମାଗି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦ୍ରୌପଦୀ ବୋଇଲେ ତୁମ୍ଭେ ଏଡ଼େ ମତିମୂର୍ଖ
ଅପଣ୍ଡିତ ପ୍ରାୟେ କଥା କୁହ ଯେ ବାଳକ ।
ଯଥା ଅନୁରୂପ ଆପେ ତଥା ବାକ୍ୟ ଭାଷି
ଆସି ନାହିଁ ଶୃଙ୍ଗାରରେ ହୋଇଣ ପ୍ରୟାସୀ ।
ଅଜ୍ଞାତ ଯେ ସାତ ମାସ ଆଉ ବାକି ଅଛି
ବଲ୍ଲଭ ବୋଲେ ମୁଁ କର୍ମ ଆଦରି ରହିଛି ।
ମୋହର ବଳ ବୀର୍ଯ୍ୟକୁ ମତ୍ସ୍ୟେଶ୍ୱର ଦେଖି
ସର୍ବଦା ସମ୍ମାନ ମୋତେ ହଏ ଶଶିମୁଖୀ ।
ଲୋକେ ଦେଖିଲେ ବାରତା କହିବେ ରାଜାକୁ
ବିରାଟ ଶୁଣିଲେ ପ୍ରତେ ଯିବ ତା ମନକୁ ।
କୋଳିବ ବଲ୍ଲଭ ଥାଇ ମନ୍ଦକୃତ୍ୟ କଲା
କାହାର ବୋହୂ ଝିଅକୁ ହରଣ କରିଲା ।
ସୈରନ୍ଧ୍ରୀ ବୋଇଲେ ଶୁଣ ଶୁଣ ଏବେ ମୂର୍ଖ
ତୁମ୍ଭଙ୍କୁ ମୁଁ ସେବାକରି ହୋଇଲି ନିରେଖ ।
ବିରାଟ ଶଳା କୀଚକ ଯେତୁ ମହାବୀର
ସେହି ମୋତେ ହରି ଇଚ୍ଛେ କରି ବଳାତ୍କାର
ବିରାଟ ସହିତେ ସର୍ବେ ଆସ୍ଥାନରେ ଥିଲେ
କୋନ୍ତ ଆଦିକରି ମୋତେ କୀଚକକୁ ଦେଲେ
ବଲ୍ଲବ ବୋଇଲେ ଯେବେ ସମର୍ପିଲେ କୋନ୍ତେ
ଆମ୍ଭର ବଳେ କି କରି ଦୁଅଇ ଯୁକତେ ।
ତୁହି ଅବା କୀଚକକୁ ସ୍ୱୀକୃତେ କହିଲୁ
ତେଣୁ ସିନା ସଭା ମଧ୍ୟେ ଆସି ଠିଆ ହେଲୁ ।
ପଦାର ସଭରେ କହି ନୁହଇ ଅମିତ
ତେଣୁ ହେଲୁ କୀଚକର ତୁହି ପ୍ରିୟବଶୀ ।
ସୈରନ୍ଧ୍ରୀ ବୋଲେ ତୁମ୍ଭର ପ୍ରାଣ ଧିକ ଧିକ
ରାଜ୍ୟଭାର ଆନେ ଦେଇ ମାଗ ତୁମ୍ଭେ ଭିକ ।
ଏକା ସ୍ତ୍ରୀଟିକୁ ହୋଇଲ ତୁମ୍ଭେ ପାଞ୍ଚପତି
ପାଞ୍ଚ ସ୍ୱାମୀ ଥାଉଁ ଥାଉଁ ମୋର ଏଡ଼େ ଶାସ୍ତି
ସିଂହ ବୋଲିକରି ମୁଁ ଯେ ବରିଲି ତୁମ୍ଭଙ୍କୁ
କୋଇଲା ଜାତ କରଛି ଶୃଗାଳ ଜୁଆଙ୍କୁ ।
ତୁମ୍ଭେ ଥାଉଁଥାଉଁ ହେବି ମୁଁ ଅନ୍ୟ ଭାରିଯା
ନିର୍ଲଜ ପ୍ରାଣ ତୁମ୍ଭର ନ କରୁଛ ତେଜ୍ୟା ।
କାଳେନ୍ଦର ଗଦା ତୁମ୍ଭେ ଧରି ବେନି ହସ୍ତେ
ତାହା ଧିକଧିକ କଲା ଧିକ ହେଉ ତୋତେ ।
ବୃକୋଦର ଅମ୍ଭା ତୁରେ କେଉଁ ଗୁଣେ ବଡ଼ୁ
ନିର୍ଲଜ ମୁଖକୁ ତୋର ଗୃଧ୍ର ପକ୍ଷୀ ଖାଉ ।

ରାଜ୍ୟଭାର ସମ୍ପାଦ ଅର୍ପିଲ ଅନ୍ୟାକୁ
ଏକ ଭାରିଯାକୁ ଏବେ ଦେଲ କୀଚକକୁ ।
ହସ୍ତିନା ସଭାକୁ ଯାଇ ଦେଖିବ କା ମୁଖ
ଏମାନ ସହି ବଞ୍ଚିବା ହୋଇବ କି ସୁଖ ।
ସୈରନ୍ଧ୍ରୀ ମୁଖରୁ ଏହି ବାକ୍ୟସବୁ ଶୁଣି
କୋପେ ଗର୍ଜ୍ଜିଲା ପାବନ କାଳସର୍ପ ଜିଣି ।
ମୋତେ ଝିଙ୍ଗାସି କହିଲୁ ଯେତେ ତୋର ତୁଣ୍ଡେ
ସ୍ତ୍ରୀ ନୋହିଥିଲେ କାଟନ୍ତି ତୋର ମୁଣ୍ଡ ଗଣ୍ଡେ
କହ ଆମ୍ଭଙ୍କୁ କି ଆଜ୍ଞା ଦେଲେ ସେ ଠାକୁରେ
ସ୍ୱରୂପ କରିଣ କହ ମୋହର ଆଗରେ ।
ସେ ବୋଇଲେ ବଲ୍ଲଭକୁ ଯେବେ କହିପାରୁ
କେହି ନ ଜାଣିବେ ଗୁପ୍ତେ ଭୀମ ତାକୁ ମାରୁ
ଭୀମସେନ ଉଷତ ଯେ ହେଲେ ତାହା ଶୁଣି
ମାରିବ କୀଚକ ସଖି କାଲିର ରଜନୀ ।
ହର ବ୍ରହ୍ମା ଆଦିକରି ନ ରଖିବେ ତାହା
କୀଚକ ମୁଣ୍ଡ ମୋଡ଼ିବ ଉପାଡ଼ିବ ବାହା ।
ଉତ୍ସବ ନବର ପ୍ରିୟେ ଅଛି ନଚ୍ଚାକୁଳେ
ତହିଁକି କରାଇ ନେବୁ ନିଶା ଅର୍ଦ୍ଧକାଳେ ।
ତାହାକୁ ପଠାଇ ତୁହି ଗୋପନେ ରହିବୁ
ପ୍ରୀତି ଉପୁଜାଇ ତୁ ଗୋ ନଜପୁରେ ଥିବୁ ।
ଯେବେ କୀଚକକୁ ମୁହିଁ କାଲି ନ ମାରଇ
ଦେବରାଜଙ୍କର ପାଦପଦ୍ମେ ହେବି ଦ୍ରୋହୀ ।
ଗୁରୁ ପିତା ମାତାଠାରେ ଦ୍ରୋହୀ ମୁଁ ହେବଇଁ
କପିଳା ଥାନରେ ବଧ ଦେବଇଁ ମୁଁ ନେଇ ।
ଭୀମ ପ୍ରତିଜ୍ଞା କରନ୍ତି ତହିଁ ଅପ୍ରମିତ
ତୋର ଦେହକୁ ଛୁଉଁଛି ଆରେ ପ୍ରାଣମିତ ।
ଯେବେ କୀଚକକୁ ମୁହିଁ କାଲି ନ ମାରିବି
ଗୋଶାସନ ଭୂହରଣ ଦୋଷ ମୁଁ ଲଭିବି ।
କାଲି କୀଚକକୁ ଯେବେ ନ କରେ ବିନାଶ
ବିଧବା ହରଣ ଦୋଷ ପାଇବି ଅବଶ୍ୟ ।
ମିଥ୍ୟା ଅପବାଦ ଦୋଷ ହେବ କୋଟି କୋଟି
କୀଚକ ବକ୍ଷରେ ବସି ନ ମୋଡ଼ିଲେ ତୋଟି
କାଲି ରଜନୀରେ ଯେବେ ତାକୁ ନ ମାରଇ
ପରବୃତ୍ତି ନାଶ ଦୋଷ ମୁହିଁ ପାଇବଇଁ ।
ଶୁଣି ପାଞ୍ଚାଳୀ ମନରୁ ଭ୍ରାନ୍ତି ଗଲା ଫିଟି
ଭାନୁ ପ୍ରକାଶନ୍ତେ ଯେହ୍ନେ ଦିଶେ ନବସୃଷ୍ଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମେଘବରର ସାନନ୍ଦ ସେ ହେଲେ ମହାମାୟୀ
ବହୁତ ପ୍ରଶଂସା କଲେ ହୋଇଣ ବିନୟୀ ।
ବାବୁ ହେ ଲକ୍ଷ ବନ୍ଧିଲେ ପାଣ୍ଡବ ଅର୍ଜୁନ
ସମର କରି ଜିଣିଲେ ସର୍ବ ରାଜମାନ ।
ତୁମ୍ଭେ ସମର କରଣ ମୋତେ ଆଣି ଜିଣି
ତେଣୁ ସିନା ହେଲି ମୁହିଁ ପାଣ୍ଡବ ଘରଣୀ ।
ରଜନୀ ପ୍ରଭାତ ଏବେ ହେଉଅଛି ନାଥ
ଉତ୍ସବ ମଣ୍ଡପରେ ତୁମ୍ଭେ ଯିବଟି ନିଶ୍ଚିତ ।
ସାନନ୍ଦ ହୋଇଣ ତହୁଁ ଗଲେ ଯାଜ୍ଞସେନୀ
ଅନ୍ତଃପୁରେ ପ୍ରବେଶନ୍ତେ ପାହିଲା ରଜନୀ ।
ଆହେ ଉଦେ ନାରାୟଣ ଘେନ ମୋ ଆରତ
ବିରାଟ ପୁତ୍ରଙ୍କର ତୁମ୍ଭେ ଅଟ ନେତ୍ର ।
ତୁମ୍ଭ ଆଜ୍ଞାବଶେ ମହୀ କରେ ଶସ୍ୟଦାନ
ସର୍ବ ଦେବଙ୍କ ଉପରେ ତୁମ୍ଭ ଅଧିଷ୍ଠାନ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ତୁମ୍ଭ ଅଧିକାର
ସର୍ବ ପ୍ରାଣୀଙ୍କର ତୁମ୍ଭେ ପ୍ରାଣର ଆଧାର ।
ତୁମ୍ଭ କଞ୍ଜ ଚରଣକୁ ସିନା ଅଭିଳାଷ
କହଇ ଶାରଳା ଦାସ ପୂରଅ ମାନସ ।

ଭୀମ କର୍ତ୍ତୃକ କୀଚକ ବଧ

ଏଥୁ ଅନନ୍ତରେ ପୁଚ୍ଛି ମନୁ ନରପତି
ଅଗସ୍ତିଙ୍କ ପାଦତଳେ କରିଣ ଭକତି ।
ହେ ମୁନିନାୟକ ତୁମ୍ଭେ ବୋଇଲ ଯେ କଥା
ତାହା ଶୁଣିଣ ମନରୁ ଛୁଡ଼ିଗଲା ବ୍ୟଥା ।
କୀଚକ ମାରିବା ପାଇଁ ଧର୍ମ କଲେ ପଣ
ଦ୍ରୌପଦୀ ହରଷ ହୋଇ କରିଲେ ପ୍ରୟାଣ ।
ଅନ୍ତଃପୁରେ ଯାଇ ପୁଣି କଲେ କି ବିଚାର
ଶୁଣ ସେହି କଥା ମୋତେ ଆହେ ମୁନିବର
ଅଗସ୍ତି ବୋଇଲେ ଶୁଣ ବଳିଙ୍କ ରାଜନ
ଏ ଉତ୍ତରୁ ଯାହା ହେଲା ବିଚିତ୍ର ଘଟନ ।
ନିତ୍ୟକର୍ମ ବିଧି ସାରି ପାଞ୍ଚାଳିକୁମାରୀ
ମନର ଆନନ୍ଦ ମୁଖେ କେ କହିବ ତାଙ୍କର ।
ଚକ୍ଷୁଃସମ ଗୋଟିଏ ସେ ସମାଧାନ କଲେ
କୀଚକର ନଗରକୁ ବହନ ଚଳିଲେ ।
ସ୍ନାହାନ ସାରିଣ ଚାରୁ ପିନ୍ଧିଣ ବସନ
ବିଜୟ କରନ୍ତି ଯାଇ ରତ୍ନସିଂହାସନ ।

ସହସ୍ର ରତ୍ନମୟ ଧରିଛନ୍ତି ପରିବାରୀ
ଧୀରେ ଧୀରେ ହୋଇଣ ସେ ପହଣ୍ଡ ଯେ କରି ।
କଣ୍ଠସ୍ଥ ଭୁବନ ଦିଶେ ବାରସ୍ତ୍ରୀ ଜିଣି
ସନ୍ନିଧେ ପ୍ରବେଶ ହେଲେ ପାଣ୍ଡବ ଘରଣୀ ।
ପଥ ନିରେଖି କୀଚକ ଚନ୍ତେ ହୃଦଗତେ
ଏକାକୀ ସୈରନ୍ଧ୍ରୀ ଯାଇ ବିଜୟ ଉତ୍ସବେ ।
ଦେଖିଣ ବୋଇଲେ ଆସ ଆସ ଜୀବଧନ
ତବ ଲୟରେ ମୋହର ମଜ୍ଜି ଅଛି ମନ ।
ତବ ଇଚ୍ଛା ମୋ ଉପରେ ଅଛି କି ସଙ୍ଗାତ
ସୈରନ୍ଧ୍ରୀ ବୋଇଲେ ନେବା ହେଉ ଗନ୍ଧପାନ
କୀଚକ ବୋଇଲା କୋଳେ ବସରେ ସଙ୍ଗାତ
ଦ୍ରୌପଦୀ ବୋଲେ ଏ କଥା ନୁହଇ ବିହିତ ।
ପୁଣି ବୋଇଲେ ଅଗ୍ରତେ ତବ ହେବ ବୋଲି
ରାଣୀ ତୁମ୍ଭକୁ ନ ଯାଇ ଏ ସ୍ଥାନେ ଆସିଲି ।
ନାସିକାରେ କର ଦେଇ ହସେ ସେନାପତି
ସ୍ୱାମୀଙ୍କୁ କରଣ ସେବା ସେବକରେ ଖ୍ୟାତି ।
ଆଚ୍ଛ ପରିବାରୀ ପଣେ ଗଡ଼ିଦେଲେ ସେ ତୋତେ
କାହିଁକି ଆରେ ସୁନ୍ଦରୀ ଭୟ କରୁ ଚିତ୍ତେ ।
ସୈରନ୍ଧ୍ରୀ ବୋଲେ ସୁଦେଷ୍ଣା ମୂଳ ସିନା ସବୁ
ତାହାର ପ୍ରସାଦେ ମୋତେ ତୁ ସିନା ପାଇବୁ
ସୁଦେଷ୍ଣାଙ୍କୁ ମୁଁ ଅଲେଖ ତଳକ କରାଇ
ମଧ୍ୟ ରାତ୍ର ସମୟରେ ଆସିବ ତୋ ଠାଇଁ ।
ଉତ୍ସବ ନବର ସଜକର ବାରବର
ସେ ସ୍ଥାନରେ ଭେଟ ହେବ ତୋହର ମୋହର
କୀଚକ ହସିଲା ତହୁଁ ସୈରନ୍ଧ୍ରୀର ବୋଲେ
ବଚନରେ ଭଣ୍ଡିଦେଇ ବାହୁଡ଼ି ଅଇଲେ ।
କୀଚକ ବଚନରେ ମନେ ସୈରନ୍ଧ୍ରୀତ ତୁଷ୍ଟି
ଆଜି ଏହା ସଙ୍ଗେ ମୋର ହେବ ନିଶ୍ଚେ ଭେଟ
ସ୍ତ୍ରୀରମାନଙ୍କୁ ବରଗି ଉତ୍ସବ ନବରେ
ବେରେ ମନ୍ତ୍ରିଣୀ କରାଏ ତହିଁ ବୃଥାକାରେ ।
ଅଲେଖ ପୁରେ ସୈରନ୍ଧ୍ରୀ ବିଜୟି ତଡ଼ିତ
ଲାଜରେ ସୁଦେଷ୍ଣା ରାଣୀ ନ ଆସନ୍ତି କତ ।
ସୁଦେଷ୍ଣାଙ୍କ ନିକଟରେ ମିଳି ସେରନ୍ଧ୍ରୀ
ନିତ୍ୟକର୍ମ ବିଧାନରେ ଅଲେଖକୁ କରି ।
ସୁଦେଷ୍ଣାବୋଇଲେମାତୋଲେଖାଗୋଟି ଦେଲୁ
ଏଁଗଳି ..ଛନ୍ତି ବୋଲି କାହିଁ ନ କହିଲୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୈରନ୍ଧ୍ରୀ ବୋଇଲେ ମୁହିଁ କହିଲି ସମସ୍ତ
ବଧିର ପ୍ରାୟେ ତୁମ୍ଭର ନ ଶୁଣିଲେ ଭ୍ରାନ୍ତ ।
ତାହାଶୁଣି ମହାଦେଇଙ୍କ ନ ଦେଲେ ସମସ୍ୟା
ସ୍ତମ୍ଭୀଭୂତ ହୋଇଣ ଯେ ବସିଲେ ସୁଦେଷ୍ଣା
ଅଲେଖ ଚନ୍ଦନ ଚତୁଃସମ ଜଳେ ଲଗି
ସ୍ନହଣା ନିମନ୍ତେ ଦେଖା ଚଳେ ଚଳେ ବେଗି
ନିଜେ ସ୍ନହଣା କରନ୍ତି ଦେଖା ପ୍ରତିଦିନ
ପୁଣିହିଁ ସ୍ନାହାନ କରି କରନ୍ତି ଭୋଜନ ।
ଆଚମନ ସାରି ଚତୁଃସମ ଘେନି ମାତେ
କୀଚକ ମନ୍ଦିରେ ପୁଣି ଚଳିଲେ ତୁରିତେ ।
ଅଢ଼ାଇ ପ୍ରହର ବେଳା ରବି ଗଗନରେ
ପ୍ରବେଶ ହୋଇଲେ ଯାଇ କୀଚକ ମନ୍ଦିରେ ।
କୀଚକକୁ ଦାସୀମାନେ କହନ୍ତି ବେଗରେ
ସୈରନ୍ଧ୍ରୀ ସୁନ୍ଦରୀ ଦେବ ଆସୁଅଛି ପୁରେ ।
ଶୁଣି କୀଚକ ସାନନ୍ଦ ଅତିଶୟ ହେଲା
ନବମ ଅବସ୍ଥା ପ୍ରାପ୍ତେ ଦେହ କ୍ଷୀଣ ଥିଲା ।
ସୈରନ୍ଧ୍ରୀ ଆଗତ ଜାଣି ପଶିଲା ତା ପ୍ରାଣ
ବେଗେ ଉଠିଲା କୀଚକସାର ମହାସ୍ଥଣ ।
ଏମନ୍ତ ସମୟେ ଦେବୀ ପ୍ରବେଶିଲେ କତ
ଆସ ଆସ ବୋଲି ଡାକେ କୀଚକ ଦୁର୍ମତି ।
ଆସ ଆସ ଆଗୋ ସଖି ବସ ମୋର କତ
ରୋହିଣୀ ଦର୍ଶନେ ଯେସନ୍ତେ ତୃପ୍ତ ନିଶାପତି ।
ଚତୁଃସମ କରି ଦେଖା ନିକଟେ ତା ଥୋଇ
ଉଭା ହୋଇଣ କହିଲେ ବଚନ ବିନୟି ।
ବୋଇଲେକ ମଧ୍ୟସ୍ଥାନେ ଛନ୍ତି ଦିବାକର
ଏତେବେଳେ ସ୍ତ୍ରୀସଙ୍ଗ ନୁହଇ ବେଭାର ।
ଆଦିତ୍ୟ ମଧ୍ୟାହ୍ନେ ଯେବେ ଚନ୍ଦ୍ରେ ନାଶହୁଦ
ଅବଶ୍ୟ ସେ ପୁରୁଷର ହୁଏ ଶିରଚ୍ଛେଦ ।
ସ୍ତ୍ରୀ ଯା ହୋଇକରି ଯେବେ ସମର୍ପଇ ପ୍ରୀତି
ତହିଁର ଦୋଷରେ ନାସା ଛେଦନ ହୁଅନ୍ତି ।
ସୂର୍ଯ୍ୟକାଳେ କାମକଳା କଲେ ବଧ ହୁଏ
ଚନ୍ଦ୍ରକଳାକୁ ଘେନିଣ ଚଳେ କାମଶାସ୍ତ୍ରେ ।
ତହିଁ ନାଶଯିବ ତାହା କେବେ ନ କରିବ
କରିଲେ ନିଶ୍ଚୟ ପ୍ରାଣ ତହିଁ ନାଶଯିବ ।
ପ୍ରାଣଘାତ ଯହିଁ ଶ୍ରଦ୍ଧା କେବେ ନ କରିବ
ଜୀବ ଗଲେ ଶ୍ରଦ୍ଧା ପୁଣ ଆଉ କି ଲଭିବ ।

ଯେବଣ ପୁରୁଷ ରତି କରନ୍ତି ଦିବସେ
ଅଳପ ଆୟୁଷ ହୋଇ ଯାଆନ୍ତି ବିନାଶେ ।
ସୁଦେଷ୍ଣାଙ୍କର ଅଲେଖ ଚନ୍ଦନ କରାଇ
ଏଣେ ଆସିବାକୁ ମୋତେ ବେଳ ଅଛି କାହିଁ
ଉତ୍ସବ ଦିବରେ ମୁହିଁ ଯିବ ସେହି ବାଟେ
ତୁମ୍ଭେ ମୋତେ ନ ରହିଁଣ ଶୋଇଥିବ ଖଟେ
କୀଚକ ବୋଲେ ଲହସି ଉଠେ କିବା ଜନେ
ରେ ପ୍ରାଣବାନ୍ଧବତୋତେ ଧରେ ଜନାକୋନେ
ଯେତେବେଳରେ ତୋହରମୋରଭେଟାଭେଟି
ଅସଂଖ୍ୟ ସୁଖ ଜାତରେ ହେବ ସିନା ତୁଷ୍ଟି ।
ସଖି ପ୍ରଥମେ ବୋଇଲେ ଲଜ୍ଜାଭୟ କରି
ଦିବସରେ କଦାଚ କ ତାହା କରପାର ।
ସୁଅବକାଶରେ ଜାଣ ଭୋଜନ ଶୃଙ୍ଗାର
ପଣ୍ଡିତ ଲୋକେ ଯେ ସିନା କରନ୍ତି ବଗୃର ।
ଯାହା ତ ସଖିଗଲଣି ନଦର ତ ଇଚ୍ଛା
ସେ ସ୍ଥାନେ ତୁମ୍ଭ ଆମ୍ଭର ପୁରାଇବା ବାଞ୍ଛା ।
କୀଚକ ହସିଲ ସୈରନ୍ଧ୍ରୀଙ୍କ କଥା ଶୁଣି
ସନ୍ଧିପାତର ମନ୍ତ୍ରକୁ ଛୁଟେ ଯେସନ୍ତେ ପାଣି ।
ଏଣେ ସୈରନ୍ଧ୍ରୀ ବାହାର ପ୍ରୀତିକ ଦେଖାଇ
ଗୋପ୍ୟହୋଇଣ ରହିଲେ ଅନ୍ତଃପୁରେ ଯାଇ ।
ବେଶ ଭୂଷଣ କୀଚକ ହୁଏ ପୁଣ ପୁଣ
ସୈରନ୍ଧ୍ରୀକୁ ସୁମରନ୍ତେ ଆକୁଳ ତା ପ୍ରାଣ ।
ଆଦିତ୍ୟ ଦେବତା ଅସ୍ତ ହୋଇବେ କେମନ୍ତ
ପୁନଃ ପୁନଃ ଦୃଷ୍ଟି କରେ ଆକାଶର ପଥ ।
ବେନି ପ୍ରହର ଆସିଣ ହେଲେ ଦିନକର
ଧୈର୍ଯ୍ୟ ଘେନ କୀଚକ ଯେ ନବର ବାହାର ।
ପଶ୍ଚିମ ମୁରତି ହୋଇ ଚଳନ୍ତି ଭାସ୍କର
ଜୟ ଜୟ ଦିନନାଥ ସ୍ଥାପ୍ୟଦେଖା ବର ।
ଜୟ ଜୟ ଭାସ୍କର ତୁ ଗଗନ ବିହାର
ଯୋଗୀଜନ ଚିନ୍ତାମଣି ପଦ୍ମାନନ୍ଦକାରୀ ।
ଜୟ ତୁ ତିମିର ନିବାରଣ ମାର୍ତ୍ତଣ୍ଡ
ଶୃଙ୍ଗାର ସମ୍ପଦେ ମୋର ତୃପ୍ତି କର ପିଣ୍ଡ ।
ସ୍ୱାମି ତୁମ୍ଭ ତ ହରିଲୁ ଗୌତମ ରମଣୀ
ତୋର ଗୃହଭଗ୍ନ ହେଲା ଶାପ ଦେଲେ ମୁନି ।
ପରଦାର ହରଣରେ ଏମନ୍ତ ଅବସ୍ଥା
ତୁମ୍ଭ ସେବକ ଅଟୁ ନିଜେ କର୍ତ୍ତା ବିଧାତା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୈରନ୍ଧ୍ରୀ ନମନ୍ତେ ମୋର ତେଜ ପଞ୍ଚଆତ୍ମା
ବେଗ ହୋଇ ଅସ୍ତ ହୁଅ ହେ ସୂର୍ଯ୍ୟ ମହାତ୍ମା
ସୈରନ୍ଧ୍ରୀ ସଙ୍ଗେ କରିବ ମୁହିଁ ନବରଙ୍ଗ
ମେରୁ ପ୍ରଦକ୍ଷିଣ ନାଥ ହୁଅ ବେଗ ବେଗ ।
ହେ ପଙ୍କଜବଲ୍ଲଭ ଦୟା ଦିଅ ଅନୁରାଗେ
ଏହି ଭିକ୍ଷା ଦିଅ ପ୍ରଭୁ ତବ ପାଦେ ମାଗେ ।
ଦିବସ ବା ଦିବାକର ଯାର ନାମଗୋଟି
ଶୂନ୍ୟମୂନି ଶାରଳା ଯେ ଯେ ପାଦରେ ଲେଟି ।
ଦିନନାଥଙ୍କୁ ବହୁତ ବିନୟ ସେ କରି
ଆପଣା ମନ୍ଦିରେ ଗଲା ପୁନର୍ବାର ଫେରି ।
ମୃଗନାଭି କସ୍ତୁରୀକୁ ଲେପିଲା ସେ କାୟ
ସୁଗନ୍ଧ ତଇଳ ଘେନି ପଖାଳିଲା ଦେହ ।
ପୁନଃପୁନଃ ଚତୁଃସମ ଦେହେ ଲଏ ବୋଳ
ତାମ୍ବୂଳ ଚର୍ବଣେ ନିୟା କରଇ ଭଲ ଭଲ ।
ପୁନଃ ବନ୍ଧାଇ ଶିରରେ ଆନ ଆନ ଗନ୍ଧ
ଆନ ଆନ ଅଳଙ୍କାରେ ହେଉଥାଇ ଶୋଭା ।
ଘରୁ ବାହାର ହୋଇ ସେ ବେଳକୁ ଦେଖଇ
ପୁନର୍ବାର ସୂର୍ଯ୍ୟଙ୍କୁ ସେ ବିନୟ ହୁଅଇ ।
ମଦନରେ ଅଶକତ ହୋଇ ଚାରି ଦେଖି
କଷ୍ଟକଥା ମନ ମଧ୍ୟେ କହି ନ ପାରଇ ।
ପୁଣି ବଞ୍ଚୁର କରଇ ସୈରନ୍ଧ୍ରୀ ଅଇଲେ
ଦେଖିଲେ ଲୁଷିବ ଦେହେ ଭୂଷଣ ନ ଥିଲେ ।
ପୁନର୍ବାର ଆନବେଶ ହୁଏ ତତକ୍ଷଣ
ପୁଚ୍ଛୁଁ ବାହାର ହୋଇଣ ଲଢଇ ପ୍ରୟାଣ ।
ପଞ୍ଚଦଶ ଘଡ଼ିପରେ ବିଜେ ଅଂଶୁମାଳି
ଗ୍ରସ୍ତ ହୋଇଣ କୀଚକ ତାକୁ ଦିଏ ଗାଳି ।
ଲୁହ ଦିନକର ଅଟୁ ଅତିଅନ୍ତ ଦୋଷୀ
ନୋହିଲେ କି ଶାପ ଦେଲେ ଗଉତମ ଋଷି ।
ପ୍ରଳମ୍ବ ବିବାଦେ ତୋତେ ଦେଖିଲି ସୁବାହୁ
ନ ଜାଣି କି ତୋତେ ଗ୍ରାସ କରେ କରେ ରହୁ
ଅହଲ୍ୟାକୁ ଭଣ୍ଡି ଲୁଚୁ ଅତି ଆପଣେ
ଗଉତମ ଶାପ ତୋତେ ଦେଲେ ସେ କାରଣେ
ଚନ୍ଦ୍ରଭାଗା ତୀର୍ଥେ ତୋର ଅଛୁ ଅଗ୍ନି ଶ୍ରୁତି
ଇତର ପୁରାଣ ଭତ୍ତ ଇତିହ ସବୁନ୍ତ ।
ମକର ମାଘ ଶୁକ୍ଳପକ୍ଷ ସପ୍ତମୀ
ତୁଅନ୍ତି ବନ୍ଦିତ ଜନ ତୀର୍ଥ ଅନୁଗାମୀ ।

ଅଷ୍ଟାଦଶ ପୁରାଣ ଯେ ସବୁ ତନ୍ତ୍ରଗ୍ରନ୍ଥ
ତୋହର ସ୍ତୁତିରେ ଯେତେ ହୋଇଲା ଉକତ ।
ଏହି ପରକାରେ ଅଛୁ ତୋହର ତ କଥା
ଆକାଶ ମାର୍ଗେ ଅଟୁ ଅଭୂତ ଦେବତା ।
ଘରଯା ନମନ୍ତେ କେତେ ଛିଦ୍ର କରେ କାୟା
ଆରତ ଜନମାନଙ୍କୁ ନ କରେ ତୋ ଦୟା ।
କର ପାଅନ୍ତି ଯଦ୍ୟପି ଆଣନ୍ତି ମୁଁ ଧରି
ତୋତେ ମାରି ବଢ଼ାନ୍ତି ମୁଁ ଆଜକ ଶର୍ବରୀ ।
ଦିନକର ନାଥ ଯହୁଁ ମେରୁ ପୃଷ୍ଠେ ଗଲା
କାମୁକ କୀଚକ ନିଜ ପୁରକୁ ଅଇଲା ।
ଆନ ବେଶ ହୁଅଇ ସେ ଯାଇ ସେନାପତି
ସୈରନ୍ଧ୍ରୀ ବ୍ୟଗ୍ରତ ଆସନ୍ତ ନ ବଳଇ ମତି ।
ଏହି କାଳରେ ପାଣ୍ଡବ ସୂପକାର ବୀର
ହେଲେ ଥାଇଁ ସାରିଲା ସେ ଭଞ୍ଜନାଦ ତାର ।
ସୁଶୀତଳ ଜଳେ ଯାଇ ପଖାଳିଲା କାୟ
କୀଚକ ବ୍ୟଞ୍ଜିତ ତାର ଅନ୍ୟେ ନାହିଁ ଲୟ ।
ମଣୋହି କରାଇ ନୃପେ ବେଗେ ଯାଇମଣି
ପ୍ରହରକ ଉଣାରୁ ସେ ପାଞ୍ଚଘଡ଼ି ଜାଣି ।
ସ୍ତ୍ରୀବେଶେ ଅଳଙ୍କାର ପିନ୍ଧିଲା ବଲ୍ଲଭ
ତ୍ରୈଲୋକ୍ୟ ମଧ୍ୟେ ମହିମା ଯାହାର ଦୁର୍ଲ୍ଲଭ ।
କବରୀ ଘରେ କୁସୁମ ଦିଶଇ ମଞ୍ଜୁଳ
ଲୁଦ ଫରୁଆ କାଞ୍ଚଲି ପିନ୍ଧେ ବକ୍ଷସ୍ଥଳ ।
ଚନ୍ଦନ ଚତୁଃସମ ଯେ ଆବର କସ୍ତୁରୀ
ନେଇ ଚୂଆ ମସ୍ତକରେ ବଳେପନ କରି ।
ଚମ୍ପା ଯୂଥି ଜାଈଫୁଲ ବକୁଳ ସେବତୀ
ସମସ୍ତ ଭୂଷଣ କରି ଖୋସାକୁ ବାନ୍ଧନ୍ତି ।
ଶିରେ ମୁକୁତାର ଜାଲି ଲଲାଟରେ ପାଟି
କର୍ଣ୍ଣେ ତାଟଙ୍କ ହୃଦରେ ରତ୍ନମାଳ ଗୋଟି ।
କରେ ଶୋଭବନ ଦର୍ପଣ କଣ୍ଠୁର ଚୂଡ଼ୀ
ପାଦେ ନୂପୁର ବଜାଇ ଦେଇ ଯୋଡ଼ି ରଡ଼ି ।
ହିନ ବସନ ପିନ୍ଧିଣ ଭୀମ ସୂପକାର
ବୃଷମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିର ।
ପୂର୍ବାଷାଢ଼ା ନକ୍ଷତ୍ର ଯେ ପୁଣି ବୁଧବାର
ରାତ୍ର ସାଢଘଡ଼ି ପରେ ବିଜେ ମହାବୀର ।
ଉତ୍ସବ ନଗରେ ବିଜେ କଲେ ନିଶାକାଳେ
ଦେଖି ବୂରନ୍ତି ଲୁଚିଲେ ଯେତେ ଦ୍ୱାରୀପାଳେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୁବର୍ଣ୍ଣପୁର ଭିତରେ ପଶିଣ ବଲ୍ଲଭ
ଦେଖିଲେ ସେ ଉତ୍ତମଳ ଅତ୍ୟନ୍ତ ସୁଲଭ ।
ଜଳୁଛନ୍ତି ଦୀପାବଳୀ ଗୃହ ଚଉକତ
ଭୀମ ଲୋଡ଼ି ନ ପାଏ କୀଚକ ସେନାପତି ।
ବିସ୍ମରଇ ମନେ ମନେ କିବା ଫେରିଗଲା
ମୋହର ଆସନ୍ତେ ଅବା ବିଳମ୍ବ ହୋଇଲା ।
ନୃତ୍ୟଶାଳାଙ୍କରେ ଅଛି ମଶାରି ସୁପାତି
ଶ୍ରଦ୍ଧେ ଶୋଇଲା ପାବନ ହୋଇ ହେଳମତି ।
ଜଳନ୍ତାପ୍ରଦୀପ ସବୁ ହେଲା ସେ ଲିଭାଇ
ନିଶ୍ଚିନ୍ତରେ ଭୀମସେନ ଶୋଇଲେକ ଯାଇଁ ।
ନିଶାର୍ଦ୍ଧ ଚୌଦଦଣ୍ଡ ଅତୀତର ପର
ସମ୍ମୁଖ ଯୋଗିନୀ ପୁଣି ବିଘ୍ନବେଳ ତାର ।
ଅନେକ ବେଶ ଭୂଷଣ ହୋଇ ସେନାପତି
ପୁରୁ ବାହାରିଲା ଦୂର ପ୍ରହର ଯେ ରାତି ।
ଏମନ୍ତ ଯୋଗରେ ସେହୁ ହୋଇଲା ବାହାର
ଯମର ପାଟଣାକୁ କି ହେଲା ଆଗୁସାର ।
ମନ୍ଦ ବେଳାରେ କୀଚକ ବାହାର ହୋଇଲା
ପଦଣ୍ଡ ଉଠାନ୍ତେ ଅଙ୍ଗେ ଆପଣେ ଛିଙ୍କିଲା ।
କାମରେ ବିହ୍ୱଳ ତାକୁ ନ ସ୍ଫୁରଇ କିଛି
ମଧୁଲୋଭ ଲୁବ୍ଧ ଯେହ୍ନେ ହୋଇଥାଏ ମାଛି
କଟକୁ ବାହାର ହୋଇ ପଶ୍ଚିମ ମୁଖତ
ଆଗେ ବାଟରେ ଉରଗ ଫଣା ଟେକି ଛନ୍ତି ।
ବାଟ ଛାଡ଼ି ଆଡ଼ ହୋଇ ଗଲା କାମବଶେ
ବଇଲ ବନ୍ଧନେ ଯେହ୍ନେ ଚଳଇ ସନ୍ତୋଷେ
ଆଗରେ ଛିଙ୍କନ୍ତି ଚକ୍ଷୁ ବିଧବା ବନିତା
ଅଦଭୁତରେ ଉଲୁକ ରବେ ଅପ୍ରମିତା ।
ଛାମୁରେ ବିକଟାଳରେ ରବଇ ଭେରଣ୍ଡା
ଭୂଇଁରୁ ଝଡ଼ି ପଡ଼ିଲା ଧରିଥିବା ଖଣ୍ଡା ।
ଆଣ୍ଠୁରେ ବାଜଣ ପୁଣି ବହିଲା ରୁଧିର
ଜାଣି ନ ପାରିଲା କାମେ ଥିବାରୁ ଆତୁର ।
ବାମ ନୟନ ତାହାର ଘନ ଘନ ସ୍ଫୁରେ
ପଛରେ ଥାଇଣ ଶ୍ୱାନ ରବଇ ଉଚ୍ଚରେ ।
ଅଗ୍ରେ କହେ ପ୍ରିୟମ୍ବଦା ନାମେ ମୃଦୁସ୍ୱର
ହେ ଦେବ ବଡ଼ ଅଶୁଭ ଶକୁନ ଦେଖିଲ ।
ସ୍ୱାମୀ ଏମନ୍ତ ଅଶୁଭେ ଯେବେ ପଥ ବାହ୍ୟ
ଗଲେ ନ ବର୍ତ୍ତିନ୍ତି କେହୁ ନ ଆସନ୍ତି ଗାଇଁ ।

ସ୍ୱାମୀ ଏକ ବଡ଼ କଥା ଶୁଣ ମହାକ୍ଷତ୍ରୀ
ଦୁଃଖପଦ ସ୍ୱପ୍ନ ମୁହିଁ ଦେଖିଲଇଁ ରାତି ।
ପଥେ ତୁମ୍ଭେ ଯାଉଁ ଯାଉଁ ପଡ଼ିଲ ଅଗାଧ
ଅସ୍ଥିମାଳାରେ ଶୋଭିତ ହୋଇଥିଲା ହ୍ରଦ ।
ଠାକୁରାଣୀ ହସ୍ତୁ ଚୂଡ଼ୀ ଛୁଟିଗଲା ପୁଣି
ତୁମ୍ଭର ଶିରେ ସେ ଚୂଡ଼ୀ ପ୍ରହାରିଲା ଆଣି ।
କୁଟୁମ୍ବ ସକଳେ ଏକଠାବେ ବସିଥାନ୍ତେ
ଅଧମ ଗର୍ତ୍ତରେ ବୁଡ଼ିଲା ସ୍ୱଗୋଷ୍ଠ ସହିତେ ।
ଅନେକ ବିପଦ ବୋଲି କହେ ପ୍ରିୟମ୍ବଦା
ଶୁଣିଣ ରୋଷେ କୀଚକ ବୁଲାଇଲା ଗଦା ।
ବୁଲାନ୍ତେ ସେ ଗଦା ନିଜ କପାଳରେ ବାଜି
ଲଲାଟ ଫାଟି ରୁଧିର ବହେ ଗଳଗାଜି ।
କୀଚକ ସମ୍ମୁଖେ ଗଦା ହସ୍ତରୁ ପକାଏ
ବଧିର କି କମ୍ବୁସ୍ୱନ ଶୁଣିବାକୁ ପାଏ ।
ଯେତେବେଳେ ପ୍ରାଣୀ ପ୍ରାଣ ଛାଡ଼େ ନିଜଦେହ
ବନ୍ଧୁଜନ ଦେଖିଲେ ସେ ପାଇଥାଇ କୋହ ।
ଏତେକ ବିପତ୍ତି ଯଥା ଘଟିଗଲା ବାଟେ
କିଛିହିଁ ସେ ନ ଜାଣିଲା କାମର ଉଚ୍ଚାଟେ ।
ମହାବାତେକ ବହିଲା ସେତାବେ ଅଦ୍ଭୁତେ
ଅଟ୍ଟଡ଼ର ଧ୍ୱଜାସବୁ ଲଭିଲା ଭୂଇଁତେ ।
ଅନ୍ଧାର ମନ୍ଦରେ ବିଜେକଲା ବୀର ବେଗେ
ପୁର ଚଉକତ ଖୋଜେ କାମର ଆବେଗେ ।
ସୈରିନ୍ଧ୍ରୀ ସୈରିନ୍ଧ୍ରୀ ବୋଲି ଧୀରେ ଦିଏ ଡାକ
ପ୍ରାଣର ବଲ୍ଲଭି ମୋର ପଞ୍ଚପ୍ରାଣ ରଖ ।
ବଚନ ସତ୍ୟରେ ମୋତେ ସୈରିନ୍ଧ୍ରୀ ଯେ କଲା
ନିରାଶ ହୋଇଣ ଅବା ଆସି ଫେରିଗଲା ।
ଦ୍ୱାରପାଳ ବୋଲେ ଆମ୍ଭେ ଦେଖିଲୁ ଆସନ୍ତେ
ଠାକୁରାଣୀଙ୍କୁ ଦେଖିଣ ରହିଲୁ ଗୁପତେ ।
ତୁଡ଼କରିଣ କୀଚକ ଖୋଜେ ବେନିହସ୍ତେ
ଭୁଜ ପଡ଼ିଗଲା ଯାଇଁ ଭୀମସେନ ଗାତ୍ରେ ।
ଦରିଦ୍ର ହସ୍ତରେ ଯେହ୍ନେ ପଡ଼ଇ ରତନ
ସେହିପରି ଆନନ୍ଦିତ କୀଚକର ମନ ।
ତା ଦେହ ଆଉଁଷି ଶିରେ ଦେଇ ନେଇ କର
କୁଞ୍ଚିତ କବରୀ ସନ୍ଧି ଘଷି ଖୋଷା ସାର
ଆରେ ସଖି ଅଟୁ ମୋର ପଞ୍ଚପ୍ରାଣ ସମ
ପ୍ରବନ୍ଧ ଖୋଷା ତୁମ୍ଭର ଦମ୍ଭ ହରେ ମନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏକକ୍ଷଣ୍ଡ କପୋଳ ତୋ ପାଷାଣ କି ଜାଣି
ଏସନ ନ ସଞ୍ଚାର ତୁ ଅଟୁ ସଙ୍ଗାକୁଟି ।
କଳାଭ୍ରମରକୁ ଜିଣି ତୋର ଚକ୍ଷୁ ବେନି
ଅତି ସୁଢଗ ସୁବର୍ଣ୍ଣ ଚନ୍ଦ୍ରମାବଦନୀ ।
ଅତୁଳନ ତିଳଫୁଲ ପ୍ରାୟେ ତୋର ନାସା
ଅଧର ତୋ ବିମ୍ବଫଳ ଜିଣି ଦଶେ ଭୁଷା ।
ଅଣ୍ଡିର କୋକିଳ ଜିଣି ଅଟେ ତୋର ସ୍ୱର
ଏବେ ତୋତେ ନଇଗ୍ଲାନ କରୁଛି ରେ ଧନ ।
କନକର ଚମ୍ପାକଳି ସମ ତୋ ଅଙ୍ଗୁଳି
ଚନ୍ଦ୍ରମା ମଣ୍ଡଳ ଜିଣି ତୋର ମୁଖସ୍ଥଳୀ ।
ରଜତ କୁମୁଦ ଜିଣି ପାଦତଳ ଲେଖି
ନିଷ୍ଠୁରେ ଖୋଳିଲୁ କପାଁ ଉଠ ଶଶିମୁଖୀ ।
ଅନେକ ଗୁଣ୍ଟୁବଚନ ବୋଲଇ ବାହୁନି
ହରହେ ନବମ ଦଶା ଅଛି ସେହୁ ବେଳ ।
ପୁଣ ପୁଣ ବୋଲେ ସଖି ମନ୍ଦ ମୁଁ ପାପୀ
ମୋହର ବଳମ୍ବ ଦେଖି ହେଲୁ କିବା କୋପୀ
ତହିଁପାଇଁ କୋପ କି ଗୋ କରିଲୁ ତୁ ମନ
ନିଜ ବେନିଭୁଜେ ମୋତେ କର ତୁ ବନ୍ଧନ ।
ନଖ ଦନ୍ତଘାତ ସଖି କର ମୋର ଦେହ
ଅନଙ୍ଗ ଶରଘାତେ ମୁଁ ହେଉଅଛି ଦହ ।
ତୋର ଅଙ୍ଗ ସଙ୍ଗ ଲାଗି ହେବ ତାହା ଶାନ୍ତ
ରେ ପ୍ରାଣବାନ୍ଧବ ଭାଷ ମଧୁର ଭାରତି ।
ପୁରୁଷ ଦର୍ପଧ୍ୱଂସିନୀ ତୋର ଯୋଗମୁଦ୍ରା
ବରବର୍ଣ୍ଣୀ ବାମା ତୋର କିସ ଅର୍ଥେ ନିଦ୍ରା ।
ଅନେକ ଗୁଣ୍ଟୁବଚନ କହଇ ଆଉତେ
ଆବୋର ଶୋଇଲା ତାକୁ ଧରି ବେନି ହସ୍ତେ
ଉପରେ ଲଦିଲା ନେଇ ବାମପାଦ ଗୋଟି
ଦକ୍ଷିଣ ହସ୍ତେ ପେଲିଲା ସେ ବଜ୍ରକର୍ପଟୀ ।
କଦଳୀପତ୍ରକୁ ଜିଣି କମ୍ପେ ଭୀମ ଅଙ୍ଗ
ଗର୍ଜନ କରି ଉଠଇ ଯେସନ୍ତେ ନରସିଂହ ।
କୀଚକ ମଦନବୃତ ହୋଇ ମତିଭ୍ରମେ
କହୁଛି ବୋଲି ନ ପାରେ କାମ ଅଧାତ୍ମେ ।
ଶୁଣ ଆହେ ମନୁରାଜା କାମଦୁଃଖ ଏସନ୍ତେ
କୀଚକ ବାରି ନ ପାରେ ସ୍ତ୍ରୀ ପୁରୁଷ କେସନ୍ତେ
ଭୀମସେନ କୀଚକକୁ ଧରିଲା ଆକର୍ଷି
କୀଚକ ଲେଉଟାଇଣ ଭୀମେ ମାଡ଼ିବସି ।

ଦୁଷ୍ଟ ବଳିଷ୍ଠ କୀଚକ ମୁଖେ ଦିଏ ଚମ୍ବ
ବସ୍ତ୍ର କରଇ ଭୀମ ଏ ବଡ ଅଦମ୍ଭ ।
ଶତଶୃଙ୍ଗ ଶାମ ତାକୁ ଅଛି ବାଲ୍ୟକାଳେ
ସେହି ଦୋଷେ ଭୀମସେନ ପଡ଼ିଅଛି ତଳେ ।
ପୁଣ ପୁଣ କୀଚକ ଯେ ଚମ୍ବେ ଭୀମମୁଖେ
ଶରୀର ବୁଡ଼ିଛି କାମ ଗରଳର ଦୁଃଖେ ।
ଶତଶୃଙ୍ଗ ପର୍ବତକୁ ସ୍ମରନ୍ତି ଭୀମ
ବୃକୋଦର ମୂର୍ତ୍ତି ଦଶେ ଦିଶି କାଳଯମ ।
ପୁଣ ପୁଣ ସୁମରଣା କରେ ଜଗନ୍ନାଥ
ତୁହି ପରମ ପୁରୁଷ ଅଟୁ ପରମାର୍ଥ ।
ଏ ଦୁଃସହ ସଙ୍କଟରୁ ରଖ ନାରାୟଣ
ପଞ୍ଚପାଣ୍ଡବ ଦେବ ହେ ତୁମ୍ଭର ଶରଣ ।
ବଳେ କୀଚକକୁ ମୁହିଁ ନୁହଇଁ ସମସରି
ରଖ ରଖ ନାରାୟଣ କୀଚକ ସଂହାରି ।
ଭୀମ ଶରୀରେ ନୃସିଂହ ହେଲେ ପରବେଶ
କୋଟିସିଂହ ବଳ ତହୁଁ ହୋଇଲା ପ୍ରକାଶ ।
ଶମ୍ଭୁ ନାରାୟଣ ଯେସନ୍ତେ ହିରଣ୍ୟକଶିପୁ
ଆକର୍ଷଣରେ ବଢିଲା ବାରପୁଣ ବପୁ ।
ସେହି ପରକାରେ ତେଜ ପାଇଲା ବଲ୍ଲଭ
ଗୁପତ ପ୍ରତିଜ୍ଞା ତହିଁ କରଇ ଦୁର୍ଲ୍ଲଭ ।
ଲେଉଟିଣ ମାଡ଼ିଣ ସେ ବସେ ବକ୍ଷସ୍ଥଳେ
ରେରେକାରକରିଣତେ ବୋଲେ କୋପାନଳେ
ଆରେ ରେ ମାନବ ତୋର ଏଡ଼େ ଅଟେ ଦର୍ପ
ଛାନ ହୋଇ ଦେଖାଉଛୁ ଏଡ଼େ ବଡ଼ ଧାପ ।
ରେ ରେ ଚଣ୍ଡାଳ ଗନ୍ଧର୍ବ ହରଯା ତୁ ହରୁ
ଦେଖୁ ଦେଖୁ ଆସି ତୁହି ଅନଳରେ ମରୁ ।
ଆରେ ରେ ପାମର ଆଜ ପୂରିଲା ତୋ ଜୀବ
ରଖି ନ ପାରିବେ ଆଉ ତୋତେ ଇନ୍ଦ୍ର ଶିବ ।
ଆରେ ରେ ପାମର ପଞ୍ଚଗନ୍ଧର୍ବଙ୍କୁ କାଲି
ସଭାତଳେ ଅବଜ୍ଞା ତୁ କରିଛୁ ଶୁଣିଲି ।
ରେ ରେ ମାନବ ସୁମର ତୋର ପିତାମାତା
ସୁମର ଆରେ ମାନବ ତୋ ଇଷ୍ଟଦେବତା ।
ରେ ରେ କୀଚକ ପୂରିଲା ମୋର ମନୋବାଞ୍ଛା
ଆୟୁଷ ପୂରିଲା ତୋର କରୁ କେହୁ ରକ୍ଷା ।
ରେ ପାମର ତୋର ପାଇଁ ଆମ୍ଭ ଗୁପ୍ତବାସ
ଏ ପଞ୍ଚପାଣ୍ଡବେ ଆମ୍ଭେ ଅଟୁଁ ମତ୍ସ୍ୟଦେଶ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦାସୀ ବଇଶି ଭୁଞ୍ଜ ରେ ଅଟୁ ତ ମୋହର
ଦ୍ରୌପଦୀଙ୍କୁ ହରି ନେଉ ଏତେ ଦର୍ପ ତୋର
ରୋଷ କରି ଭୀମସେନ ଉଠେ କୋପଭରେ
ଅର୍ଦ୍ଧଜୀବନ ଉଡ଼ିଲା ଏକ ଘାତକରେ ।
ରେ ରେ ପାମର ତୋହର ଜୀବ ଶେଷକାଳ
ନିଶ୍ଚୟ ଯିବୁ ତୁ ଯମପୁରୀର ମଣ୍ଡଳ ।
ରେ ରେ ମାନବା ବିରାଟ ଆସି ତୋତେ ରଖୁ
ଚରଣ ପ୍ରଯୁ ବିଦାରି କରିବ ତୋ ବୁକୁ ।
ରେ ରେ ପାମର କୀଚକ ଧିକ ତୋର ବୁଦ୍ଧି
କପଟେଁ ବୁଡ଼ାଇଲୁ ଭୁଞ୍ଜି ବିରାଟ ସମୃଦ୍ଧି ।
ବହୁ ପ୍ରତିଜ୍ଞା କରଇ ପବନର ସୁତ
ହେନ ଘାଟିକୁ ଚିପିଣ ଓଷ୍ଠ କଲା ପୁଷ୍ଟ ।
ନୃସିଂହାବତାର ପ୍ରାୟେ ଦେଖାଯାଏ କାୟେ
ବେନଚକ୍ଷୁ ଭ୍ରମେ ଯେହ୍ନେ କାଳଦଣ୍ଡ ପ୍ରାୟେ ।
ବକ୍ଷସ୍ଥଳେ ପାଦଦେଇ ଘଷିଲା ତା ବୁକୁ
ନେଇ ପୂରାଇଲା ଜାନୁ ଭିତରେ ମଥାକୁ ।
କଡ଼ କଡ଼ ଶବଦ ସେ ଶୁଭେ ମହାଘୋର
ଚତୁରୀ ଯୁବତୀ ଚାହିଁ କରନ୍ତି ବିଚାର ।
ବୋଲନ୍ତି ସୈରନ୍ଧ୍ରୀ ଅଟେ ସାମାନ୍ୟ ରମଣୀ
ଏତେ ଧାପକୁ କେମନ୍ତେ ସହିବ ସେ ପୁଣି ।
ଶତସିଂହ ପରାକ୍ରମୀ ଅଟେ ମହାରଣ
ସୈରନ୍ଧ୍ରୀ ମାନଙ୍କ ଗୁରୁ ତହିଁକ ଗଞ୍ଜନ ।
କହୁଛ ଉପହାସରେ କୁବଚନ ବୋଲି
ନିଶି ଅର୍ଦ୍ଧେ ଯେଖାପୁରେ ଚଳଲେ ଯୋଇଲା ।
ଦୁଇ ଜାନୁମଧ୍ୟେ ଶିର ପଶାଇଲା ଆଣି
ହୃଦ ବଢ଼ାଇ କେଶପାଦ ଟାଣି ପୁଣି ।
ଭୁଜକୁ ଛନ୍ଦିଲା ନେଇ ପଛକତ କରି
ବୁକୁ ବିଦାରିଲା ତହିଁ ଦଶନଖ ଭରି ।
ମୁଣ୍ଡମାଡ଼ି ତଳକୁ ସେ ପ୍ରହାରିଲା ମୁଟେ
ଗୁହ୍ୟ ଭିତରେ ପଶିଲା ମସ୍ତକ ଉରତେ ।
ମୁଣ୍ଡ କଟି ଜାନୁକୁ ସେ କରଦେଲା ଲେଗ
କୁଷ୍ମାଣ୍ଡ ଫଳ ପ୍ରାୟେକ ତାକୁ କଲା ମେଞ୍ଚା ।
ସେହ୍ନ ମାଂସ ପିଣ୍ଡଗୋଟି ଦେଖିକରି ନେଲା
ସେ ଗୃହ ଓସାରେ ତାକୁ ଯତ୍ନେ ରଖିଦେଲା ।
ଏହା ଶୁଣି ବୈବସ୍ୱତ ମନୁ ପୃଚ୍ଛା କଲା
କୀଚକର ଶତସିଂହ ବଳ କେଉଁଣେ ଗଲା ।

ଅଗସ୍ତି ବୋଇଲେ ଶୁଣ ମନୁ ମହାରଥୀ
ଶତସିଂହ ପରାକ୍ରମ ଯେବଣ ବାରତା ।
ସୈରନ୍ଧ୍ରୀଙ୍କ କରକୁ ସେ ଛୁଇଁଲା ଯେ କାଳେ
ଶିରୀ ତାର ଚ୍ୟୁତ ହେଲା ଆକର୍ଷିଲାବେଳେ ।
ନିଜ ଶରୀର ଭୁଟିଲା ହେଲା ବଳ କ୍ଷୀଣ
ଏକସିଂହେ ନାଶଯିବ ବିଧାତା ଲିଖନ ।
ବଶିଷ୍ଠଙ୍କ ଶାପେ ମଲା କୀଚକ ଦୁର୍ମତି
ଭୀମସେନ ବାହାର ଯେ ତେରବଡ଼ ରାତି ।
ଅଙ୍ଗ କାଢ଼ିଣ ସ୍ୱୀବେଶ ହେଲେ ସୁପକାର
ଗଡ଼ି ଥାଉଁ ପଶିଲେ ସେ ରନ୍ଧଣାର ଘର ।
ସୁଗନ୍ଧ ଜଳରେ ତହୁଁ ଅଙ୍ଗକୁ ପଖାଳି
ଚନ୍ଦନ ଅଗୁରୁ ଚୂଆ ଦେହେ ଦେଲେ ବୋଳି
ଆପଣା ଶଯ୍ୟାରେ ଯାଇ କଲେ ଶୟନ
ସୁଖ ପରିଶ୍ରମ ତହୁଁ ହୋଇଲା ହରଣ ।
ଜୟ ଜୟ ଜଗନ୍ନାଥ ପ୍ରଭୁ ଦଇତ୍ୟାରି
ବଡ଼ ଦେଉଳରେ ବସି ଶୁଣୁନ୍ତ ଗୁହାରି ।
କଳା ଶ୍ରୀମୁଖକୁ ଦେଖି ଘୋର ପାପିମାନେ
ଚଳି ଯାଉଛନ୍ତି ସ୍ୱର୍ଗେ ବସିଣ ବିମାନେ ।
ଶୃଦ୍ରମୁନ ଶାଉଳାକୁ କାରେ ଦୟା ହେଉ
ଶ୍ରୀମୁଖକୁ ଦେଖୁ ଦେଖୁ ତହିଁ ପ୍ରାଣ ଯାଉ ।

କୀଚକର ମୃତଦେହ ଦର୍ଶନେ ବିରାଟଙ୍କ ଶୋକ

କହନ୍ତି ଅଗସ୍ତି ମୁନି ଆହେ ମନୁଗଣ
ଏଥୁ ଅନ୍ତେ ଯାହା ହେଲା ଶୁଣ ବିବରଣ ।
ପ୍ରଭାତ ହୁଅନ୍ତେ ନିଶି ସ୍ନାନ କଲେ ରାୟେ
ପୁରସ୍କୃତ ଦେବାର୍ଚ୍ଚନା ଆସିଣ କରାଏ ।
ବିଜୟ କଲେ ଆସ୍ଥାନେ ମତ୍ସ୍ୟ ଅଧୀଶ୍ୱର .
ବିପରୀତ ସ୍ୱପ୍ନ କହେ କୋଳନ୍ତଙ୍କ ଛାମୁର ।
ସ୍ୱପ୍ନ ବିବରଣ ଶୁଣ ହେ କୋଳନ୍ତ ପଣ୍ଡାଏ
ରାତ୍ର ନବଘଡ଼ି ମଧ୍ୟେ ସୁପ୍ତ ଅଛି କାୟେ ।
ଅଦଭୁତ ସ୍ୱପନ ମୁଁ ଦେଖିଲି ନିଦ୍ରାରେ
ନାଚନ୍ତି କବନ୍ଧଗଣ ଗଡ଼ନ୍ତି ମହୀରେ ।
ଏକା ଜଣକେ ଅନେକ ଲୋକ କାଟୁଥିଲା
ଠେଳାପର ସମସ୍ତଙ୍କୁ ନେଇ ଫିଙ୍ଗି ଦେଲା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କେଶ ବାସ ଅସମ୍ଭାଳ ଚୂଡ଼ ଖଙ୍ଗି ବାଳୀ
ନବରର ଚଉକଣ୍ଠ ଘୁଣ୍ଡନ୍ତି ବୋବାଳି ।
ମୁଣ୍ଡ ଖୋଳପା ଅସ୍ଥିରେ ଶୋଣିତ ପୂରାଇ
ଘୁମ୍ବରେ ଏକ ଯୁବତୀ ଥୋଇଲାକ ନେଇ ।
ମୋହର କାଂସ୍ୟପାତ୍ରରେ ରୁଧିର ପୂରାଇ
ମଶୋଣ୍ଡ ସ୍ଥାନରେ ତାକୁ ରଖିଦେଲା ନେଇ ।
ମନୁଷ୍ୟ ମୁଣ୍ଡମାଳାକୁ ଲମ୍ବାଇ ମୋ ହୃଦ
ପୁଣି ସେ ଯୁବତୀ ଟାଣେ ଧରି ମୋର ପାଦ ।
ଏ ମୋହର ବସ୍ତ୍ରକୁ ନ ଯୋଗାଇ ଭୁଲେ
ଆବର ଦ୍ରବମାନ କ ଯିବ ମୋର ଭଲେ ।
ବୋଲେ କୋନ୍ତ ହେ ରାଜନ ହୋଇଲକ ବାର
ସୁଲଭ କ ଅସୁଲଭ ଏ ସ୍ୱପନ କହ ।
ବିରାଟ ବୋଇଲେ କୋନ୍ତ ଷଡ଼ଦଣ୍ଡ ବେଳ
ଏକାଳେ ଅମାତ୍ୟେ ଆସି ସର୍ବେ ହେଲେ ମେଳ
ଅନେଶ୍ବତ ଶଳାମାନେ ପ୍ରବେଶିଲେ ଆସି
କୀଚକ ନ ଦେଖି ରାଜା ମୌନେ ଛନ୍ତି ବସି ।
ଆସ୍ଥାନେ ବସି ବିରାଟ ବସ୍ତୁରନ୍ତି ଚହିଁ
ସଭା ନ ଦିଶଇ ଶୋଭା କୀଚକର ପାଇଁ ।
ସୂରେବୋଇଲେହେଦେବସୈରିନ୍ଧ୍ରୀବିନୋଦେ
ଉତ୍ସବ ନବରେ ଛନ୍ତି କ୍ରୀଡ଼ାରସ ଛନ୍ଦେ ।
ବିରାଟ ବୋଇଲେ ଆରେ ଡାକ ଆଣ ଯାଇ
କେମନ୍ତ ମଣିଲ କୋନ୍ତ ବୋଲି ନାହିଁ ନାହିଁ
ନାଟଶା ସ୍ତ୍ରୀମାନଙ୍କର କେବାର ଏସନ
ନଗମ ଭୂମିକୁ ନେଲା ମନୋହର ସ୍ଥାନ ।
ରାତ ପାହିଗଲା ବେଳ ପ୍ରହରେ ହୋଇଲା
ଏତେବେଳ ପର୍ଯ୍ୟନ୍ତେ ଘୁଡ଼ି ସେ ନ ଦେଲା
ରାଜାଙ୍କ ବଚନ ଶୁଣି ଚଳଟଲେ ଦୂତେ
ଉତ୍ସବ ନବରେ ଯାଇ ମିଳିଲେ ଭରତେ ।
ଭିତର ବାହାର ହୋଇ ଲେଉଟନ୍ତି ଚୌକତି
ହେ କୀଚକ ସ୍ୱାମୀ ବୋଲି ଉଚ୍ଚରେ ଡାକନ୍ତି
ଲେଉ ନ ପାଇଲେ ଯହୁଁ ଭୁବନ ଚୌପାଶେ
ବବୁଦ୍ଧ ଜାଳ ପଶିଲେ ଗୃହେ ଅବଶେଷେ ।
ଦେଖିଲେ ଓସ୍ବରେ ଏକ ମେଦ ଅଛି ପୂରି
ରାଜାଙ୍କୁ କହିଲେ ଯାଇ ତହୁଁ ବେଗକରି ।
କୀଚକ ନାହାନ୍ତି ଦେବ ଉତ୍ସବ ନବରେ
ମେଦ ଗୋଟିଏ ଦେଖିଲୁ ସେ ଘର ଓସ୍ବରେ
ପଟାନ୍ତର ଦେବାକୁହିଁ ନାହିଁ ସମସର
ଯେସନେକ ଦିଶଇ ସେ ତାମ୍ରବର୍ଣ୍ଣ ଗିରି ।
ବିରାଟ ବୋଇଲେ ଶୁଣି କୋନ୍ତ ମୁଖ ଚାହିଁ
ଉତ୍ସବ ନବରେ ଯିବା ଆସ ଆମ୍ଭେ ବାହି ।
ଅଶ୍ବ ଗଜ କେହି ନାହିଁ କଲେ ପାଦଗତି
ବାହାରେ ଚଳିଲେ ଯାଇ ମତ୍ସ୍ୟ ଅଧିପତି ।
ଘୁମ୍ବୁ ବୋଲି ତାହାକୁ ଆଣିଲେ ଗଡ଼ାଇ
ସକଳେ ଆଶ୍ଚର୍ଯ୍ୟ ହେଲେ ସେ ମେଦକୁ ଚାହିଁ
କେହି ବୋଇଲେ କୀଚକ କେ ବୋଲେ ଗନ୍ଧର୍ବ
ପ୍ରପଞ୍ଚେ ମାଇଲା ଧାମ କରଣ ଅପୂର୍ବ ।
ଏଣ୍ଡପରି ହୃଦ ମଧ୍ୟେ ବସ୍ତୁରନ୍ତି କୋନ୍ତ
ବିରାଟ ପୁଚ୍ଛନ୍ତି ପଣ୍ଡା ଏ ଅଟେ କେମନ୍ତ ।
ତୁମ୍ଭର ଦେଖିଲା କେବେ ଅଛି ଏଣ୍ଡପରି
ଜାଣିଥିଲେ କହ ମୋତେ ସକଳ ବିସ୍ତାର ।
କୋନ୍ତ ବୋଇଲେ ଶୁଣ ହେ ମତ୍ସ୍ୟଦେଶ ନୃପ
ଗନ୍ଧର୍ବ ମାରେଣି ସିନା ଅଟେ ଏ ସ୍ୱରୂପ ।
ସୈରିନ୍ଧ୍ରୀଙ୍କ ଅପମାନେ ଗନ୍ଧର୍ବଙ୍କ କୋପେ
କୀଚକ ଯେ ନାଶଗଲା ଏମନ୍ତ ସ୍ୱରୂପେ ।
ବିରାଟ ବୋଲେ ମୋହର ମନେ ନ ଆସଇ
ସ୍ୱରୂପ ଦେଖିବା କଥା କେମନ୍ତ ଅଟଇ ।
କୋନ୍ତ ବୋଇଲେ ଏହାଙ୍କୁ ପ୍ରପଞ୍ଚେ ମାଇଲା
ବାହାର ରୂପ ତାହାର ଭିତରକୁ କଲା ।
ଭିତର ସ୍ୱରୂପ ବର୍ଣ୍ଣ କଲା ବାହାରକୁ
ଏମନ୍ତ କଥାଗୋଟି ଯେ ଆସେ ମୋ ମନକୁ
ନୁହଇ କୀଚକ ଏହୁ ବିରାଟ କହଇ
ଶତସିଂହ ପରାକ୍ରମ ଏକା ସେ ବହଇ ।
କୋନ୍ତ ବୋଲେ ତୁ ଆଣ ହେ ବଳବନ୍ତ ରାଇ
କର ଚରଣ ତାହାର ଦେଖିବା ପିଟାଇ
ଧରଣ ଶାବେଳ କରେ ପୁଣି ଏକମୁନ
କର ଚରଣ ଏହାର କର ଭିନ୍ନ ଭିନ୍ନ ।
ଜଳମଧ୍ୟେ ଯେସନେକ କଚ୍ଛପ ଲୁଚଇ
ପିଠିରେ କଣ୍ଟକ ଯେହ୍ନେ ଅଙ୍ଗ ଲେଉଟାଇ ।
ଏତେ ବୋଲି କୋନ୍ତଭଟ୍ଟ ଠାରିଲେ ଅଙ୍ଗୁଳି
ଏହିଠାରେ ନେଇ ଡାଙ୍ଗ ଲଗାଇ ଶାବେଳି ।
କୋନ୍ତ ଆଜ୍ଞାରେ ଡାଙ୍ଗଲେ ସେହି ସ୍ଥାନଗୋଟି
ଏକାସନ୍ଧିଏ କାଡ଼ନ୍ତେ ଗଲା ସବୁଫିଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମସ୍ତକ କର ଚରଣ ହୃଦ ବକ୍ଷସ୍ଥଳ
ନିଜ ଦେହ କୀଚକର ପଶିଲ ସକଳ ।
ଦେଖି ହାହାକାର କଲେ ବିରାଟ ରାଜନ
ଛିନ୍ନତରୁ ପ୍ରାୟ ପଡ଼ି ହେଲେ ଅଚେତନ ।
ଶରୀରୁ କି ପ୍ରାଣ ଛାଡ଼ିଗଲା ଦେଖାଯାଏ
କୋଳ କଲେ ବିରାଟଙ୍କୁ ସେ କୌନ୍ତ ପଣ୍ଡାଏ ।
ଧୀରେ ଧୀରେ ଆଉଁସିଣ ମୁଖେ ଜଳ ଦେଇ
ଚେତନା ପାଇଁ ଆଲଟ ପଙ୍ଖାକୁ ବିଞ୍ଚଇ ।
ଗତପ୍ରାଣ ପାଇ ରାଜା ଉଠିଲେ ସାସ୍ଥାମେ
ଲଲାଟୁ ନିପୁଣ୍ଡ୍ର ଝାଳ ବହେ ମହାଶ୍ରମେ ।
ହା ହା ମୋହର ସୋହଡ଼ ଶାଳ ରେ କୀଚକ
ତୋର ନାମକୁ ଧଇଲେ ଡର ସର୍ବଲୋକ ।
ଲକ୍ଷ ଲକ୍ଷ ସମରକୁ ନ ଡରୁ କୀଚକ
ଦିବ୍ୟ ଭୁବନ ଯାକରେ ତୋର ନାମ ଏଡ଼ ।
ଶୂରବନ୍ତ ସୁନ୍ଦର ରେ କକ୍ଷା ଜଗତ୍ରଶ୍ରେଷ୍ଠୀ
ସର୍ବଦା ପ୍ରସନ୍ନ ଅଟେ ତୋର ମୁଖଗୋଟି ।
ସୁକୁମାର ସୁନ୍ଦରରେ ମୋର ଦୁଃଖେ ଦୁଃଖୀ
ମମ ମତ୍ସ୍ୟଦେଶକୁ ରେ ତୁହି ଥିଲୁ ରକ୍ଷୀ ।
ମୁହିଁ ଅଟେ ଅସମର୍ଥ ମୋର ନାହିଁ ଦର୍ପ
ତୁହି ରେ ରକ୍ଷାପାଳକ ଉଦ୍ଧତ ମୋ ତପ ।
ସଙ୍କୋଚନର ନନ୍ଦନ ଶରଣ ସାରଥି
ଈଶ୍ୱରଙ୍କ ମହିମାରେ ତୋ ଜୀବନ ସାଧୁ ।
ଅକାରଣକୁ କାରଣ ଶରଣ ରଖନ୍ତା
ପ୍ରସନ୍ନେ ପରମବନ୍ଧୁ ଦର୍ଶନରେ ଦାତା ।
ଶତସିଂହ ପରାକ୍ରମ ବାବୁ ଯାର ନାମ
ଯାହାର ଦଣ୍ଡ ଦେଖିଲେ ସ୍ଥାନ ଛାଡ଼େ ଯମ ।
ବାବୁରେ ମେଦିନୀ ଲୋଟି ଦିଏ ତୋତେ ଦେଖି
କର୍ତ୍ତାପୁରୁଷ ମୋହର କଲୁ ତୁ ନିର୍ମାଣ ।
ବାବୁରେ ତୋ ଚନ୍ଦ୍ରମୁଖ ନ ଦେଖି ମୁଁ ବଣା
ଉଦ୍ଧାଳକ ଗୋଟେ ବାବୁ ତୁ ଥିଲୁ ରକ୍ଷଣା ।
ଲୌହ ପର୍ବତକୁ ଚୂର୍ଣ୍ଣ କରୁ ପଦାଘାତେ
ଗନ୍ଧର୍ବରେ ଅପଘାତ ହୋଇଲୁ କେମନ୍ତେ ।
ଆରେ କୀଚକ ମୋହର ହୃଦ ଯାଉ ଫାଟି
କେ ହରି ନେଲା ମୋହର ଗୌରଚନ୍ଦ୍ର ଗୋଟି
ଖରଦର୍ପରେ ଅତୁଲ୍ୟ ଅଟୁ ମହାମଲ୍ଲ
ଏ ମଣ୍ଡଳ ମଧ୍ୟରେ ତୁ ଅଛରଙ୍କ ଶଲ୍ୟ ।

ବାବୁରେ ଅନାଥ ନାଥ ହେଲି ମୁଁ ଅନାଥ
କେଣେ ଛାଡ଼ିଗଲୁ ମୋତେ ରେ ପ୍ରାଣ ସଙ୍ଗାତ
ବାବୁ ପରରାଜ୍ୟ ନେଇ ରାଜ୍ୟ ଦେଲୁ ମୋତେ
ଏ ମହାଦ୍ୱନ୍ଦ୍ୱରେ ପୁଣି ଛାଡ଼ିଲୁ କେମନ୍ତେ ।
ରୋଦନ୍ତି ବିରାଟ ଦଶଦିଗକୁ ଅନାଇ
ଏ ଦୁଃଖସାଗରୁ ମୋତେ କେ କରିବ ଥାହି ।
ପୃଥ୍ୱୀ ଉପାଡ଼ିବା ପାଇଁ ତୁହି ସାମରଥା
ମେରୁ ପର୍ବତ ପକାଇ କେ ପୋତିବ ମଥା ।
କେଉଁ ସ୍ଥାନେ ଠାବ କରି ମାଇଲରେ ଆଜ
ଅଗ୍ନିରୁ ପ୍ରଖର ହେଲ ତାହାର ତ ତେଜ ।
ବ୍ରହ୍ମାଣ୍ଡକୁ ଚପିବାକୁ ଅଟେ ସାମରଥା
କେହି ହେଲେ ସଂଗ୍ରାମରେ ନାହାନ୍ତି ଜଣନ୍ତା ।
ରାତକୁ କଲୁ ଦିବସ ଦିବା କଲୁ ରାତି
ସିନ୍ଧୁ ମନ୍ଥନୁ ହୋଇଣ କେ ପୁଂସ ଉତ୍ପତ୍ତି ।
ସେ ଯେ ସାମରଥ ତୋତେ ନୋହି ଜିଣିବାକୁ
ଏହି କଥା ନିଶ୍ଚୟରେ ରହେ ଉପରକୁ ।
ଦଶଦିଗ ଅନ୍ଧାରରେ କରିଗଲୁ ମୋତେ
ତୋ ପରି ସୋଦର ମୋର ମରିଲୁ କେମନ୍ତେ
ହେ କୌନ୍ତ କେଉଁ ସମୁଦ୍ରେ ପଶିବି ମୁଁ ଯାଇ
ଦଶଦିଗ ଅନ୍ଧକାର ମୋତେ ତ ଦିଶଇ ।
କୁସୁମର ବର୍ଣ୍ଣ ଜିଣି ତୋର ମୁଖଗୋଟି
ହସିକରି କହ କଥା ପ୍ରାଣ ହେଉ ତୁଷ୍ଟି ।
ରାମ ସୁମରନ୍ତେ ନର୍କୁ ତରିଯାନ୍ତି ପ୍ରାଣୀ
ତୋର ନାମଗୋଟି ମୋତେ ତେସନକ ଜାଣି
କାମିନୀ ମନରଞ୍ଜନ କାମିନୀଙ୍କ ମେଳା
ଶତସିଂହ ବଳ ତୋର ତେଜ ଅନର୍ଗଳା ।
ଜଗଜ୍ଜନମୋହନରେ କେଉଁଆଡ଼େ ଗଲୁ
ଅଗାଧ ସମୁଦ୍ରେ ମୋର ଭେଳା ବୁଡ଼ାଇଲୁ ।
ତେ ହରି ଅଭାବେ ବାବୁ ପଶିବି ମୁଁ କାହିଁ
ଏ ନିର୍ଲଜ ଆତ୍ମା କିଆଁ ମୋର ଯାଉ ନାହିଁ ।
ବାବୁ ରଣେ ଶୂରବନ୍ତ ଦାନେ ଶୂରବନ୍ତ
ମାନେ ଶୂରବନ୍ତ ପୁଣି ନାରୀ ରଣଜିତ ।
ଶତେକର ସ୍ୱର୍ଣ୍ଣ ତୋତେ ଦିଏ ବସୁମତୀ
ଋଷି ବିପ୍ର ତପୋଧନେ ଦାନ ଦେଉ ନିତି ।
ତୋର ପାଳନେ ନ ଥିଲା ଉପଦର୍ପ ସର୍ବ
ଏକ ଜଣକେ ନିଶ୍ଚିନ୍ତେ ଥିଲ ରେ ବାନ୍ଧବ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆହେ କୀଚକ ମୋହର ବାଟେ କଥା ଶୁଣ
ଅନେକ ତୋ ସ୍ତ୍ରୀମାନେ କରନ୍ତି କାରୁଣ୍ୟ ।
ତୋତେ ବାହୁନ କାନ୍ଦନ୍ତି ତୋ ସର୍ବ କାମିନୀ
କଥା ନ କହୁ କାହୁଁରେ କଉଁ ଅଛୁ ଶୁନ ।
କାହୁଁ ତୋ ଅଭାଗେ ସବେ ହେଲେ ନରମାଣି
ଦୟା କାହିଁ ନ କରୁଛୁ ସ୍ତ୍ରୀଙ୍କ କଷ୍ଟ ଦେଖି ।
ବେଢନ୍ତି ନଗର ପୁରି ସର୍ବ ନରନାରୀ
ସମରାଜ୍ୟ ଲୋକମାନେ ରୋଦନକ୍ରି କରି ।
ବିରାଟଙ୍କୁ ସାନ୍ତ୍ୱନା ସେ କରି ବୋଲନ୍ତଛି
ବୋଲନ୍ତି ଆମ୍ଭର କଥା ଶୁଣ ହେ ବିରାଟ ।
ତୁମ୍ଭର ବଇରି ଯେଉଁ କିଚକରି ଅଟଇ
ରାଜ୍ୟ ଗୁଡ଼ ଚଳାଇଛୁ ହତପାଟ ହୋଇ ।
କୀଚକ ମନ୍ତ୍ରୀବରଙ୍କ ହତ ଯିବା ଶୁଣି
ନ ପୁଣ କି ତଉଁ ବାହେ ବାହୁନା ଏକ୍ଷଣି ।
ହତହେଲ ପ୍ରାଣୀମାନେ ଫେଟରେ କେଉଁଯୁଗେ
ଏ ମୃତ୍ୟୁପିଣ୍ଡକୁ ଦାହ କରାଅନ୍ତୁ ବେଗେ ।
କେହି ନ ଜାଣନ୍ତୁ ଏହି କଥା ଗୋପ୍ୟ କର
ଶୋକ ସମ୍ଭାଳ ଯାଇଣ ବନ୍ଧୁମାନଙ୍କର ।
କୋନ୍ତ ବଚନେ ବିରାଟ ହେଲେ ଶାନ୍ତ ବୁଦ୍ଧି
ଶୋକବନ୍ତ ଲୋକଙ୍କୁ ସେ କହିଲେ ପ୍ରବୋଧି ।
ତତା ଆରୋହଣ କଲେ ସେହି ନପ୍ତକୁଳେ
ବ୍ରାହ୍ମଣମାନଙ୍କୁ ଡାକ ବହୁଦାନ ଦେଲେ ।
ଆଦିତ୍ୟ ଦେବତା ଅସ୍ତ ଗଲେ ଯେଉଁ କାଳେ
ବିରାଟ ବୋଇଲେ ତୁମ୍ଭେ ଶୁଣ ହେ ସକଳେ ।
କୀଚକର ଅନେଶ୍ୱତ ଭାଇ ଅଛି ରହି
କୀଚକ ମରିଲା ଯିନା ସୈରନ୍ଧ୍ରୀର ପାଇଁ ।
ଯାଅରେ ସମସ୍ତେ ପଶି ମୋର ଅନ୍ତଃପୁରୀ
ସେ ସୈରନ୍ଧ୍ରୀ ମୋଡ଼ୀକୁରେ ଆଣ ଚଟି ଧରି
ଅନଳେ ଦହନ କର କୀଚକର କୁଳେ
କଏ ଶରୀର ଧରିବ ସୈରନ୍ଧ୍ରୀ ଦେଖିଲେ ।
ନଷ୍ଟପ୍ରେ ଜାଣ ସେହିଟି ଅଟେ ମୋର ବୈରୀ
ଦେଖିବା କଏ ସେ ତାକୁ ପାରେ ରକ୍ଷା କରି
କହଇ ଶାରଳା ଦାସ ମନେ ଦୁଃଖ ବହି
ଦ୍ରୌପଦୀକୁ ରକ୍ଷାକର ଆହେ ଚକ୍ରଧାରୀ ।

ଭୀମ କର୍ତ୍ତୃକ କୀଚକର ଅନେଶ୍ୱତ ଭ୍ରାତାଙ୍କ ନିଧନ

ଆହେ ମନୁଷଣ ଚନ୍ଦ୍ରଁ ଗଲେ ସର୍ବଭ୍ରାତେ
ରେ ରେ ଡାକ କରଣ ସେ ଧାଇଁଲେ ସମସ୍ତେ
ସେରିନ୍ଦ୍ରୀ ସୈରନ୍ଧ୍ରୀ ବୋଲି ଡାକଣ ବାଟରେ
ପେଲଣ ପଶିଲେ ଯାଇ ସର୍ବେ ଅନ୍ତଃପୁରେ ।
ସୁଦେଷ୍ଣା ରାଣୀ ଅଇଲେ ଭାଇଙ୍କ ଦୃଷ୍ଟିପ୍ରେ
ଦାର ଆବୋରଣ ରାଣୀ କହନ୍ତି ବିନୟେ ।
ରାଣୀଙ୍କୁ ଦେଖି ପ୍ରଣାମ କଲେ ଭାଇ ସବୁ
ବୋଇଲେ ସୈରନ୍ଧ୍ରୀ ଦିଅ ବାଳ ଧରି ନେବୁ
ସୁଦେଷ୍ଣା ବୋଇଲେ ସ୍ଥିର ହୋଇ ଶୁଣ ବାପ
ପକ୍ଷୀନ୍ଦ୍ର ଭୁଲେ କି କଥା କରେ କାଳସର୍ପ ।
ବନଯନ୍ତୁ ସବେ ଯଦି ହୁଅନ୍ତି ପ୍ରବଳ
କେଶରୀ ବିବାଦେ ସେ କି ହେବ ସମତୁଲ ।
କୀଚକେ ମାଇଲେ ପାଞ୍ଚ ସେ ଗନ୍ଧର୍ବ ସରେ
ତୁମ୍ଭେମାନେ ଯାଇ କଥା କର ତା ସଙ୍ଗରେ ।
ପୁଣି ଯଦି ସୈରନ୍ଧ୍ରୀର ଦେଖିବେ ସେ କଷ୍ଟ
ଏହିକ୍ଷଣି ଅନେଶ୍ୱତ ଭାଇ ଯିବ ନଷ୍ଟ ।
କାବୁ ଶତପୁଅ ଜାତ କଲେ ସଙ୍କୋଚନ
ନ କରଅ ତାଙ୍କୁ ଅପୁଅଙ୍କର ସମାନ ।
ବହୁତ ଗୃଷ୍ଟବଚନ ସୁଦେଷ୍ଣା ବୋଇଲେ
ପଳା ତୁ ବୋଲିଣ ତାଙ୍କୁ ପେଲି ଫିଙ୍ଗିଦେଲେ
ଯାଇଣ ପଶିଲେ ଅନ୍ତଃପୁରର ଭିତରେ
ଧର୍ମ ନାମ ସୁମରନ୍ତି ପାଞ୍ଚାଳୀ ହୃଦରେ ।
ବେଗ ବେଗକରି ଯାଇ ସମସ୍ତ ଚଣ୍ଡାଳେ
ଦୃଢ଼କରି ପାଞ୍ଚାଳୀର ଧଇଲେ ସେ କାଳେ ।
ଧରିଣ ଆଣନ୍ତି ଅନ୍ତରୀକ୍ଷେ ଯାଜ୍ଞସେନୀ
ସୈରନ୍ଧ୍ରୀକୁ ମାର ମାର ଶୁଭେ ଘୋରଧ୍ୱନି ।
ବଜାବନ୍ତି ଝାଞ୍ଜ ସେ ବାଜଣା ବିଚ୍ଛନ୍ନେ
କାହିଁ ଅଛ ଆସ କନା ରେ ଗନ୍ଧର୍ବମାନେ ।
କୀଚକ ପ୍ରହାର କଲୁ ପ୍ରାପ୍ତ ଏବେ ବୁଝି
ଅସ୍ତ୍ରକୁ ଧରି କପାଇଁ ଯୁଦ୍ଧରେ ନ ଯୁଝି ।
କେଙ୍କି କେଙ୍କି କରି ବାଳ ଧରି ପାଞ୍ଚଜଣେ
କେବା ଦଉଡ଼ି ଲଗାନ୍ତି ଧରି ଆନ ସ୍ଥାନେ ।
ଅନେକ ଅବସ୍ଥା ଦେଲେ ଦ୍ରୌପଦୀ ଦେବୀଙ୍କି
ରୋଷଧରର ସନ୍ନିଧେ ଦେଖା ଦେଲେ ଡ.କ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ହେ ପଞ୍ଚ ଗନ୍ଧର୍ବେ ଆସି ରକ୍ଷା କର ମୋତେ
ସୈରନ୍ଧ୍ରୀ ବଚନ ଶୁଣି ଭୂମିର ଦେଖନ୍ତେ ।
ଶୂନ୍ୟ ଶୂନ୍ୟପୁରୁଷ ପ୍ରଭଞ୍ଜନ ବାର ବାଆ
ଧାଆଁରେ ବାବୁ ବଲ୍ଲଭ ତାକୁ କର ରକ୍ଷା ।
ଧାଆଁ ହୋ ଜୟ ଜୟନ୍ତ ପୁଣି ଜୟତ୍ସେନ
ଜୟନ୍ତର ଭାର୍ଯ୍ୟା ସେ ପଶେ ହୁତାଶନ ।
ରନ୍ଧଣା ଯୋଗାଡ଼େ ଲାଗି ଅନନ୍ତ ପବନ
ସୈରନ୍ଧ୍ରୀ ମାର ସୈରନ୍ଧ୍ରୀ ମାର ଶୁଣେ ଧ୍ୱନି
ନଇଁକର ଅନାଇଁଲେ ବଲ୍ଲଭ ପ୍ରଚଣ୍ଡ
କାହିଁକି ଶୁଭୁ ଅଛଇ ଦ୍ରୌପଦୀର ତୁଣ୍ଡ ।
ଯୁହିଁ ଦେଲେ ଦ୍ରୌପଦୀଙ୍କୁ ନଅନ୍ତି କୀଚକେ
ଶୂନ୍ୟରେ ନଅନ୍ତି ପାଦ ନ ଲଗାଇ ତଳେ ।
ଦଇବରେ କେନଢଡ଼ ହୋଇଛନ୍ତି ଭଜମ
ବାଉଙ୍ଗୀ ଡାଙ୍ଗ ପକାଇ ଧାମ ଶିର ଝୁଣି ।
ରେରେକାର କରଣ ସେ ଦେଲେକ ଶବଦେ
ଦେଖି ହୋଇଲେ ଗନ୍ଧର୍ବେ ଅଇଲେକ ହାତ
କାଳ କୃତାନ୍ତକ ରୂପ ଧର ବାୟୁବଳ
ବୃକ୍ଷ ଓପାଡ଼ିଲେ କେନଗୋଟି ଶାଳବୃକ୍ଷ ।
ଆରେ ଆରେ ବୋଲି କୋପ କଲେ ଗଳଗାଜ
ଊର୍ଦ୍ଧ୍ୱବାହୁ ପର୍ବତ କି ପଡ଼ିଲେକ ବଜ୍ର ।
ପ୍ରାସକୀଚକ ବୀଇକୀଚକ ଧ୍ରୀକୀଚକ
କନକକୀଚକ ଜାନୁହନୁହିଁ କୀଚକ ।
ସମକୀଚକ ବାଞ୍ଛେ ପୁଣ୍ଡହିଁ ମେଞ୍ଛକ
ବାଟେକ ବଚକ ପୁଣି ସିଂହକ ମଟକ ।
ମଦନ କେ ବଳେଟକ ଜାତେକ ଧୂଟକ
ଭୁରଚକ ମଟଚକ ଜାନୁ ମନୁଚକ ।
ବିଉଚକ ହରଚକ ପୁଣି ପ୍ରପେଚକ
ବାହୁକୀଚକ ଅଙ୍ଗାର କାମାଖ୍ୟମଚକ ।
ସୋମବଞ୍ଚକ କୀଚକ କନୋ ମନୋଚକ
ଦନୁଜ ମନୁଚଟେକ ଦଟେକ ଚନୁକ ।
ବାମଭାଗ ଅଭୟ ଯେ ସିଦ୍ଧ ଯେ କୀଚକ
ବାଧଚକ ବୃନ୍ଦଚକ ମଦନ କୀଚକ ।
ସଙ୍ଗଟେକ ସମସେନା ହରିବରେଚକ
କାଳଯମ ଭିଉଚେକ ବଦୁର କୀଚକ ।
ବନଚେକ ଜଳଚେକ ଅରୁଣ ରୁଚକ
ବରୁଣାନକ ଦଂଚେକ ଅରୁଣ କୀଚକ ।

କଚକ କୀଚକ ପୁଣି ମଂତ କୀଚକ
ଉଚ୍ଛେକରଣ କାରଣ ସମର-କୀଚକ ।
ରଞ୍ଜଚେକ ବଳଚେକ ଗ୍ରହୁକ ରେଚକ
ରଥେକ ଦଞ୍ଚକ କର୍ଣ୍ଣୀଚକ ଭଞ୍ଜକ ।
ଧର୍ମଚେକ ବ୍ରହ୍ମଚେକ ଗଗନେ ଦୃଷ୍ଟେକ
ଭଂଚେକ ଶରଗୃହ ନାମ ଯେ ଏତେକ ।
ଏ ବିଧିରେ ସଙ୍କୋଚନ ପୁତ୍ର ଉପୁଜାଏ
ଦୁର୍ବାସା ମନ୍ତ୍ର ପ୍ରଭାବେ ଜନ୍ମିଲେ ଏ ଯୋଏ
ଏକେ ଏକେ ସେ ଅଟନ୍ତି ମହାବଳବନ୍ତା
ଏରାବତମନ୍ଥନ ସେ ଦୁଃସହ ଶକତା ।
ସୈରନ୍ଧ୍ରୀ ଆଦେଶରେ ଘେନ ଯାଉଛନ୍ତି ବଳେ
ରଣରଙ୍ଗୀ ଭୀମସେନ ଗଲେ ସେହିକାଳେ ।
ଘୋରରଡ଼ି କରଣ ସେ ବୃକପାଡ଼େ ପ୍ରହାର
କାହାରେ ପାଦଘାତ କାହାରେ କଚୁଡ଼ଇ ଧର ।
ପଞ୍ଚ ସାତ ପନ୍ଦରକୁ ଦଣ୍ଡିଣ ହାତେ
ଧୂଳି ହୋଉଛନ୍ତି ସର୍ବେ ବୃକପୋଡ଼ା ମାଇଲେ ।
ରଣରଙ୍ଗୀ ନସ୍ତୁରି ସେ ପୁଣି ଏକବାଗୀ
ପଳାଇ ଗଲେ ସକଳେ ତାକୁ ଘୁଞ୍ଚି ବେଗି ।
ନସତେ ପଳାନ୍ତେ ଦନ୍ତେ ତୃଣ ଧରଣ
କେ ଗନ୍ଧର୍ବେ ମୋତେ ରଖ ତୋହର ଶରଣ
ଦ୍ରୌପଦୀକୁ ଛଡ଼ାଇଣ ଡାକେ ମହାପ୍ରାଣ
ପଳାବନ୍ତି ଛାଡ଼ିଛନ୍ତି ଫୁଙ୍କାର ଶରଣ ।
ଦ୍ରୌପଦୀ ଦେଖି ଯେ ଚଳିଗଲେ ଅତଖରେ
ଅନ୍ଧାରେ ପ୍ରବେଶ ହେଲେ ଯାଇଁ ଅନ୍ତଃପୁରେ
ଶୁଣ ଆହେ ଚଇତନ ଭୀମଙ୍କ ମହିମା
ଖଣ୍ଡିଲ ମର୍ଦ୍ଦନ ଗୁଣସାଗର ଗରିମା ।
ଦଇବରେ ତ ଶରଣ ନ ରଖେ କାଇର
ସୈରନ୍ଧ୍ରୀଙ୍କ କ୍ରୋଧ ଧରି ସମସ୍ତେ ପ୍ରହାର ।
ଦଶ ବଂଶ ତରଣଙ୍କୁ ଧରିଣ କଚୁଡ଼ି
କେନ କରରେ କାହାକୁ ପକାବନ୍ତି ମୋଡ଼ି ।
ସବୁ କୀଚକଙ୍କୁ ମାରି କଲେ ନାରଖାର
ସ୍ତବ୍ଧ ହୋଇଲାଣି ଆସି ଦେଢ଼ ଯେ ପ୍ରହର ।
ବେଗେ ପଳାଇଣ ଗଲେ ଶୂନ୍ୟରୁ ବିରାଟ
କୋଳେ ଧରିଣ ରଖନ୍ତି ତାଙ୍କୁ କୋଳଭାଟ ।
ହେ ବିରାଟ ଧନ୍ୟ ବୁଢ଼ା ଆମ୍ଭ ପାଖେ ରହ
ଏଠାରେ ଥିଲେ ପ୍ରମାଦ କିଛି ତୋର ନାହିଁ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିରାଟ ବୋଇଲେ କେଉଁ ଗନ୍ଧର୍ବେ ଯେକୋପି
ମୋତେ ରକ୍ଷି ନ ପାରିବ ତୁମ୍ଭେ ତ କଦାପି
ବିରାଟେଶ ଦେଖନ୍ତେ ଯେ ମୋର ଶରୀର
ଠୁଳ କଲ ସେ ଅଗ୍ନିରେ ସବୁଙ୍କ ଶରୀର ।
ଘୃତକୁମ୍ଭ ଆଣିଲିକ ଯାଇ ରୋଷଶାଳୁ
ଅନଳ ଯେ ତେଜୋବନ୍ତ ମହାଘୃତ ତାନ୍ତୁ ।
ଭୀମସେନ ପ୍ରଣିପତ୍ୟ ହୋଇଲା ବହୁତ
ପୂର୍ବେ ଯାଚିଥିଲା ଦେଲ ତୋତେ ଶତେ ଭ୍ରାତ
କାଳକୃତାନ୍ତ ଦେବଙ୍କୁ କରଣ ନମସ୍ତେ
ନମସ୍ତେ କୃତାନ୍ତକ ହେ ବୈଶ୍ୱାନର ତୋତେ
ନମସ୍ତେ ଶତ୍ରୁଳ ଜନ ସଂହାର କରତା
ନମସ୍ତେ ଭଗ୍ୟବର ହେ ଅଭସ୍ତ ଦଅନ୍ତା ।
ଶ୍ୱେତରାଜା ଯଜ୍ଞେ ଘୃତ ଖାଇଣ ବହ୍ନାର
ମନ୍ଦାଗ୍ନି ହୋଇଲା ଦେବ ତହିଁରୁ ତୋହର ।
ନମସ୍ତେ ହିରଣ୍ୟ ଦେବ ନମୋ କାଳାନଳ
ନମସ୍ତେ ହେ ସର୍ବଭୂତ ଦେବ ଆଖଣ୍ଡଳ ।
ନମସ୍ତେ ହେ କ୍ରୋଧାନଳ ହର ତୁ ଦୁର୍ଗତି
ନମସ୍ତେ ତ୍ରିପୁର ଯାର ଅଟେ ସମଗତି ।
ନମସ୍ତେ ଅନଳ ପ୍ରଭୁ ସ୍ୱାହାର ବଲ୍ଲଭ
ନମସ୍ତେ ନମସ୍ତେ ଅଗ୍ନିଦେବ ପଦ୍ମନାଭ ।
ନମସ୍ତେ ପଞ୍ଚଯୋଜନ ଅଟେ ତୁମ୍ଭ ଶିଖା
ନମସ୍ତେ କାମଙ୍ଗଦେବ ଅନଳର ରେଖା ।
ନମସ୍ତେ ଗୋପ୍ୟାନ ସ୍ଥାନ ସ୍ଥ ପଦ ବୋହର
ନମସ୍ତେ ହେ ବ୍ରହ୍ମନ୍ତକ ପିଙ୍ଗଳା ତ୍ରିପୁର ।
ନମସ୍ତେ ସ୍ୱ ହାବଲ୍ଲଭ ହେ ପ୍ରାଣର ଗୁରୁ
ନମୋ .ଯାଲଛା ଅନନ୍ତ ନାମ ଧର ଫେରୁ ।
ନମସ୍ତେ ଖାଣ୍ଡବବନ ଦହନ ପୁରୁଷ
ନମୋ ନରାକାର ଦେବ ସର୍ବଦେହେ ବାସ ।
ଶ୍ରୀ ଅନନ୍ତ ଦେବତା ହେ ସାହା ହୁଅ ମୋତେ
ପଦ୍ମ ହୁଅଇ ତୋହର ତପସ ଲକ୍ଷନ୍ତେ ।
ଶୁଣ ଆହେ ଋଷିଜନ ବୃକୋଦର କଥା
ଅନେକ ସ୍ତୁତି କରିଲେ ବହ୍ନି ଦେବତା ।
ସ୍ୱାମି ଜଳୁଥିବନ୍ତି ମୁଁ ବାହାରିବା କାଳେ
ବଳ ମଧ୍ୟ ପଶିଲି ବାହାର ବଳକେ ।
ମୁହିଁ ଅନେକ ନମସ୍ତେ ହୋଇଲଇଁ ଭଲ
ମୋହର ସମାନେ ତୋତେ ଦେଖ ଶତେବଳ
ସ୍ୱାଙ୍କ ତହୁଁ ବଳବନ୍ତା ପାଇବ ମୁଁ କାହିଁ
ତୃପ୍ତ ହୁଅ ନାଥ ଶତକୀଚକଙ୍କୁ ଖାଇ ।
ଆଜହୁଁ ଭ୍ରାନ୍ତ ଫିଟିଲା କେବ ମୋର ଜାଣ
ସତ୍ୟବ୍ରତ ପାଳ ମୁହିଁ କେଲ ତୁମ୍ଭ ଋଣ ।
ସେହ୍ୱଦନ ନଶିଶେଷେ ଅରୁଣ ପ୍ରକାଶେ
ଗୋପ୍ୟାନ ହୋଇ ବଲ୍ଲଭ ପ୍ରବେଶିଲେ ରୋଷେ
ଭୀମସେନ ବସ୍ତ୍ରଇ ଶ୍ରମ ମୁଁ ପାଇଲି
ସ୍ନାହନ ସାରଣ ଖାଇ ଲଗାଇଲେ ତଲି ।
ଶ୍ରୀବୈଶ୍ୱାନର ଦେବତା ଶରଣ ମୁଁ ନିତ୍ୟେ
କହଇ ଶାରଳା ଦାସ ତୁମ୍ଭ ପଦାଗ୍ରତେ ।

ନାରୀମାନଙ୍କର ଶୋକ
ଦ୍ରୌପଦୀଙ୍କର ଉପଦେଶ
କୀଚକର ଶୁଦ୍ଧିକ୍ରିୟା

ମନୁରାଜାଙ୍କ ବଚନେ ମୂନ ହୋଇ ତୋଷ
ବୋଇଲେ କହୁଛି ଶୁଣ ତହିଁର ଭବିଷ୍ୟ ।
ଦ୍ରୌପଦୀକୁ ଭୀମସେନ ଦେଲେ ମୁକୁଳାଇ
ଅନେଶ୍ୱତ କୀଚକକୁ ମାଇଲେ ସେ ଯାଇ ।
ଦ୍ରୌପଦୀ ଆସିଲେ ପୁଣି ରାଜା ନିକେତନ
ତାହାଙ୍କୁ ଦେଖିଣ ନରନାରୀ ହେଲେ ଛନ୍ନ ।
ସୈରନ୍ଧ୍ରୀ ଆସୁଛି ପୁଣି ରାଜାଙ୍କ ଭବନେ
ଅଇଲା ଅଇଲା ବୋଲି ପଳାଇଲେ ଜନେ ।
ଅନ୍ତଃପୁରରେ ପ୍ରବେଶ ହୋଇଲେ ବିରାଟ
ଦେଖିଲେ ସୁଦେଷ୍ଣା ଆଉ ଉତ୍ତରର କଷ୍ଟ ।
ବିରାଟ ହୋଇଣ ଶତକୀଚକ ଭାରିଯା
ତାଙ୍କ ସନ୍ନିଧେ ପ୍ରବେଶ ହୋଇଲେକ ରାଜା ।
ତାହାଙ୍କ ଅବସ୍ଥା ଦେଖି ରାଜା ମୂର୍ଚ୍ଛା ଗଲେ
ଚେତନା ପାଇ ବହୁତ ବିଳାପ ସେ କଲେ ।
କହି କେ ପାରଇ ତହିଁ ସୁଦେଷ୍ଣାର ଶୋକ
ଦେଖି ରୋଦନ କରନ୍ତି ତହିଁ ସର୍ବଲୋକ ।
ଶଙ୍ଖ ଶ୍ୱେତ ଉତ୍ତର ଯେ ରାଜା ପୁତ୍ର ତିନ
ମାତୁଳର ନାମ ଧରି ଲୋଟନ୍ତି ଧରଣୀ ।
ମାମୁଁ ଏ ଦର୍ପ କହିଲୁ ପରଦର୍ପ ଗଞ୍ଜି
ମତ୍ସ୍ୟ ମଘଦେଶ ମାମୁଁ ଏବେ ଯିବ ଭଜି ।
କାହାକୁ ଦେଖିନ ଆସ୍ଥାନେ ବସିବେ ବିରାଟେ
କେଷ୍ଟ ସମର କରିବ ଏବେ ପଡ଼ିଆଟେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ହେ ମାତୁଳ ତ୍ରିଗର୍ତ୍ତ ତ ଅଟେ ମହାବଳୀ
କେ ତାର ସମ୍ମୁଖ ଯୁଦ୍ଧେ ପାରିବଟି ମିଳି ।
ସ୍ୱାମୀ ପାଞ୍ଚଲକ୍ଷ ପର ହୋଇଲେ ନଗଣା
ଏସନକ କଥା ଦେବ କଲୁ କ ମନାସା ।
ସୁଦେଷ୍ଣାଙ୍କୁ ପ୍ରବୋଧନା କରନ୍ତି ସୈରିନ୍ଧ୍ରୀ
ଆଗୋ ପରମା ସାଧବୀ ହେଉ କପାଁ କ୍ରୋଧୀ
ଅନିତ୍ୟ ସଂସାର ମାଗୋ ଯାହା ଅଛି ଅର୍ଜି
ଭୁଲ ଭଲ ମନ୍ଦ ହେଉ ତା ଅବଶ୍ୟ ଭୁଞ୍ଜି ।
ମାଗୋ ସକଳ ପ୍ରାଣୀଙ୍କ କଲେ ହତକର୍ମ
ଶିରୀ ଆୟୁଷ ବର୍ଦ୍ଧିତ ହୁଏ ହାଦେ ଧର୍ମ ।
ଧର୍ମ ଲଙ୍ଘିବା ପାଇଁକ ଲୋଡ଼େ ଯେହୁଁ ପ୍ରାଣୀ
ଆୟୁ କ୍ଷୟ ଯାଏ ତାର ଶିରୀ ହୁଏ ହାନି ।
ମାଗୋ ମାୟା ସଂସାର ଏ ଦଇବ ରଚନା
ଜଳବିମ୍ବ ପ୍ରାୟେକ ଗୋ କ୍ଷଣେ ଅନ ସିନା ।
ଯେହ୍ନେ ବୃକ୍ଷତଳେ ବସି ପଥୁକା ସମୂହେ
ଶରୀରକୁ ସୁସ୍ଥକରି ଯାନ୍ତି ଯେଝାକସ୍ଥେ ।
ଯେ ଯହୁଁ ଆସିଥିଲେ ଗୋ ତହିଁ ଗଲେ ଫେରି
ସବୁରିଙ୍କ ମୃତ୍ୟୁ ଅଛି ଜାଣ ଗୋ ସୁନ୍ଦରୀ ।
ପର ଉପକାରୀ ହୋଇ ଜନ୍ମେ ଯେ ମେଦିନୀ
କ୍ଷଣମାତ୍ରକେ ସେ ଛାଡ଼େ ନ ରହଇ ପୁଣି ।
ଭାରିଯା ପୁତ୍ର ପଉତ୍ର ବନ୍ଧୁଙ୍କୁ ମାଗନ୍ତେ
ମୋହର ମୋହର କରି ମରେ ଅନମିତ୍ତେ ।
ମାୟାପାଶ ଲଗାଇଛି ଜଗତ ମୋହନ
ଚିରକାଳ ଏ ପିଣ୍ଡରେ ନ ରହେ ଜୀବନ ।
କେହୁ କାହାର ପିଅରି କେ କାହାର ପୁଅ
ଅଦଭୁତ ପାଟଣାର ଅଟେ ମାୟା ମୋହ ।
ମାଗୋ ନିରୁପକ୍ଷ ଅଟେ ଏ ଯମ ସଂସାରେ
ଉପାୟେ ମାରଇ ଦୋଷ ନ ଲଗଇ ଶିରେ ।
ଦୋଷ ଜାତ କରାଏ ସେ ମାରିବା ନିମନ୍ତେ
ଜ୍ୱର ଆଦି ନାନା ରୋଗ ଦେଉଥାଇ ନିତ୍ୟେ
ଏକୁ ବଡ଼ ଅଦଭୁତ ଅଟଇ କହଣା
ତୁ ପରମାସାଧବୀ ଗୋ ଜାଣୁ ଜାଣୁ କଣା ।
ପୂର୍ବର କଥାମାନଙ୍କୁ ନାହିଁ ତୁ କି ଶୁଣି
ବୁଦ୍ଧିମନ୍ତ ଅଟୁ ତୁ ଗୋ ଛାଡ଼ ମୋହ ବାଣୀ
ସୈରିନ୍ଧ୍ରୀ ବୋଇଲେ ଛାଡ଼ ନ କରଗୋ ଶୋକ
ତୋହର କ୍ରୋଧ କରନ୍ତେ ବିରାଟ ବିମୁଖ ।
ଅଥବା କ୍ରୋଧ ତୋହର ନୁହଇ ଯୁକତ
କାଳାନ୍ତକ ବଇରୀ ତୋ ଅଟଇ ତ୍ରିଗର୍ତ୍ତ ।
ପରବସ୍ତୁ ଲୋକମାନେ ଅଛନ୍ତି ଗୁପତେ
ଦଇବ କାରଣ ପ୍ରାୟେ ଛନ୍ତି କେତେ ଦୂତେ ।
ଯେହୁ ଗନ୍ଧ ତାରେ ଆଉ ଲୋଡ଼ିଲେ ନ ପାଇ
ଶୋକ ଶାନ୍ତକଲେ ଶୁଣି ତହୁଁ ମହାଦେଈ ।
ଯେଣୁ ଏହୁ ସ୍ୱୟଂ ଦେବୀ ଅଂଶେ ଅବତାର
ଶୋକ ବଞ୍ଚାଇଣ ନେଲେ ବହି ବାକ୍ୟସାର ।
ସୈରିନ୍ଧ୍ରୀଙ୍କ ବଚନରେ ରହେ ଶୋକଧ୍ୱନି
ସୁଦେଷ୍ଣାଏ ବଳେଇଲେ ବିରାଟକୁ ନେନି
ସୈରିନ୍ଧ୍ରୀଙ୍କି ବିନୟରେ କହନ୍ତି ସୁଦେଷ୍ଣା
ବିରାଟକୁ ରଖ ମାଗୋ ତେଜ ତୋର ତୃଷ୍ଣା ।
ମାଗୋ ଜୀବକ ଅଥବା ଥାଉ କବା ଯାଉ
ନନ୍ଦନଙ୍କୁ ଶାନ୍ତ କର ମୋ ବିରାଟ ଥାଉ ।
ସୈରିନ୍ଧ୍ରୀ ବୋଇଲେ ଆଗୋ ନକର ତୁ ଭ୍ରାନ୍ତି
ମୋହର ଥାଆନ୍ତେ ତୋତେ କରେ ଅଛି ହିତ
ସୈରିନ୍ଧ୍ରୀ ବଚନେ ରାଣୀ ମନ କଲେ ଶାନ୍ତ
ବନ୍ଧୁବାନ୍ଧବଙ୍କୁ ଘେନି ସ୍ନାହାନକୁ ଯାନ୍ତି ।
ଶୋକ ସନ୍ତାପକୁ ଶାନ୍ତକଲେ ସର୍ବଜନେ
ପ୍ରେତ କାର୍ଯ୍ୟକୁ ସାରିଲେ ଏକାଦଶ ଦିନେ ।
ନାନା କଉତୁକ ଜାତ କରି ଦେବଧର୍ମେ
ପାସୋରିଦେଲେ ବିରାଟ କୋନ୍ତ ବାକ୍ୟକ୍ରମେ
ଜୟ କପିଳାସ ବାସୀ ପ୍ରଭୁ ଦିଗମ୍ବର
ଗିରିରାଜ ସୁତାଙ୍କର ଅଟ ତୁମ୍ଭେ ବର ।
ଯେହୁ ସେବାକରେ ପ୍ରଭୁ ତୁମ୍ଭଙ୍କୁ ନିରତେ
ସର୍ବଦା ସୁଖରେ ରହେ ଜଳ ଅନ୍ନ ବସ୍ତ୍ରେ ।
ଅନ୍ତେ ମୋକ୍ଷ ଦେଇ ତାକୁ ରଖ ନିଜ ପାଶ
ଶାରଳା ଦାସର ସଦା ଏହି ଅଭିଳାଷ ।

ପାଣ୍ଡବଙ୍କ ଅନୁସନ୍ଧାନାର୍ଥେ ଦୁର୍ଯ୍ୟୋଧନର ଦୂତ ପ୍ରେରଣ ତ୍ରିଗର୍ତ୍ତ ରାଜା ସହିତ ବିରାଟଙ୍କ ଯୁଦ୍ଧ

ଏଥୁ ଅନନ୍ତରେ ଶୁଣ ମନୁ ନୃପନାଥ
ଯେ କଥା ଶୁଣିଲେ ମନୁ ଛାଡ଼ଇ ଦୁରିତ ।
ଏହି ଚରିତ ଅଟଇ ସୁଧାରୁ ଅଧିକ
ସେ କଥା କହୁଛି ଶୁଣ ହେ ନୃପ ନାୟକ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପରରାଷ୍ଟ୍ରର ବାରତା ଶୁଣେ ଅପ୍ରମିତ
ମତ୍ସ୍ୟ ଦେଶର ବଲ୍ଲଭ ଅଟନ୍ତି ବଳବନ୍ତ ।
ବାଘ ମାନେ ମାଇଲା ସେ କୀଚକ ସମରେ
ସବୁ ଅଞ୍ଚଳ ଚଞ୍ଚଳ ନ ଆସନ୍ତି ଡରେ ।
ଦ୍ରୋଣ ବୋଇଲେ ହେ ନୃପେ ଶୁଣ ମତ୍ସ୍ୟରାଜେ
ଦଣ୍ଡ ଦେଇଭଣ ସଙ୍ଗେ ଭର ବଳବନ୍ତେ ।
ଆମ୍ଭ ଜହ୍ନାଦ ବୋଲନ୍ତେ ଭଳକେ ବଇଶି
ଦଣ୍ଡ ଚଳୁଥିଲେ ଶତ୍ରୁ ମିଳିବ ଉଦ୍‌କର ।
ଦ୍ରୋଣଙ୍କ ବଚନ ଶୁଣି ମାଜ ସଟେଶୁ ଦଣ୍ଡ
ଜଣେ ଚରକେ ଅନେକ ମଣ୍ଡଳ ଭୂଖଣ୍ଡ ।
ଚତୁର୍ଦ୍ଦିଗରେ ବାରତା ଶୁଣେ ପରରାଷ୍ଟ୍ର
ବଢାଇ କଷାବନ୍ତ ଯେ ହୋଇଛୁ ବିରାଟ ।
ବୈଶାଖ ମାସେ ଚନ୍ଦନ ଯାତରା ହୋଇଲା
ଜ୍ୟେଷ୍ଠ କୃଷ୍ଣପକ୍ଷରେ ଯେ କୀଚକ ମଲା ।
ବୃଷଭ ମାସରେ ପିତୃକାର୍ଯ୍ୟକୁ ବାହିଲା
ତହୁଁ ସେ ବିରାଟନୃପ କରି ବାହାରିଲେ ।
ମିଥୁନ କର୍କଡ଼ା ସିଂହ ତିନମାସ ମଧ୍ୟେ
ଅନେକ ଖଣ୍ଡମଣ୍ଡଳ ସାଧି ଜଳ ଯୁଦ୍ଧେ ।
ଆବର ଜୟ ଚରିତ କରିଲା ଯୁବଳେ
କୁମ୍ଭାର ଜହ୍ନବା ହେଉ ମୋହର ଅଗ୍ରତେ ।
କହନ୍ତି ଅଗସ୍ତି ମୁନି ଆହେ ବ୍ରହ୍ମବେଣ୍ଠି
ମନଦେଇ ଶୁଣ ଏବେ ବିରାଟର କଥା ।
କିଚକି ସମୟ ପାଇ ପୁଣି ଉଦେଧିଲ
ଅପାର ସୈନ୍ୟ ତାର ସଙ୍ଗେ ଅଛିଥିଲ ।
ବୈବସ୍ୱତ ମନୁ ପୁଚ୍ଛାକଲେ ଉଦ୍ୟରସ
କୁହ କି କରିର ଯୁଦ୍ଧ କରିଣ ବିଶେଷ ।
କହନ୍ତି ଅଗସ୍ତି ଶୁଣ ବୈବସ୍ୱତ ମନୁ
ପାଣ୍ଡବେ ଗୋପ୍ୟ ଯେ ଧନୁ ଦଶମୀର ଦିନୁ ।
କନ୍ୟା ଶୁକ୍ଳପକ୍ଷ ତିଥି ପୂର୍ଣ୍ଣିମାର ଦିନ
ବିଜେ ଦୁର୍ଯ୍ୟୋଧନ ଇନ୍ଦ୍ରପ୍ରସ୍ଥର ଭୁବନ ।
ସଞ୍ଜୟ ଅନ୍ତବଦନ ବିଦୁର ସହିତେ
ଭୂରିଶ୍ରବା ବାହ୍ଲିକ ଯେ ଶିଶୁ ସୋମଦତ୍ତେ ।
ଶଲ୍ୟ କର୍ଣ୍ଣ ଅଶ୍ୱତ୍ଥାମା ଆଚାର୍ଯ୍ୟ ସହିତେ
ସପ୍ତମନ୍ତ୍ରୀ କରିଣ ବସିଲେ ସମସ୍ତେ ।
ରଥୀ ସାରଥି ମୁକୁଟ ବନ୍ଧା ଯେତେ ସେନା
ଅତି ପରବି ଚେତ ସମସ୍ତ ଥିଲେ ସେନା ।

ପାଞ୍ଚପଦ୍ମ ଅମାତ୍ୟ ଅନେକ ପଦାତି
ନକ୍ଷତ୍ରକୁ ଚନ୍ଦ୍ର ଯେହ୍ନେ ପୌର୍ଣ୍ଣମୀର ତିଥି ।
ଚୋଡ଼ର ଗ୍ରାମ ବାହୁଟି ପୁଣି ଜଗଦ୍‌ବଳା
ମୁକୁଟ କର୍ଣ୍ଣାଞ୍ଚଳ ଶ୍ରୀଭୂଷା ହୃଦେ ମାଳା ।
ନବରତ୍ନ ଆଳଟହ୍ନିଁ ନଆ ପାଟଛତ୍ର
ନବରତ୍ନ ସୁନ୍ଦର ଯେ ଚଢ଼ି ନିଜ ରଥ ।
କନ୍ୟା ଉତ୍ସବରେ ବଡ ଆଡ଼ମ୍ବର ରାଜା
ବନ୍ଧୁ ଶାସନମାନଙ୍କେ ପାଆନ୍ତି ସେ ପୂଜା ।
ପାଣ୍ଡବ ଅଜ୍ଞାତବାସ ଜ୍ଞାତ ହେବାପାଇଁ
ଗୁପତେ ପେଷିଲ ଚର କୁରୁକୁଳସାଇଁ ।
ଅନେକ ଧନ ରତନ ଦେଇ ଜଗ ଗ୍ରାମ
ଦିବ୍ୟ ତତ୍ତ୍ୱ ପେଇ ଦେଖେ ପାଣ୍ଡବ ବିଶ୍ରାମ
ଅଜ୍ଞାତ ବାସର ଆଦ୍ୟ ଶେଷ ପରିଯନ୍ତେ
ବୁଲିଲେ ବାଉଦରଷ ଅଗମ୍ୟ ବନସ୍ତେ ।
ଏହିପରି ନମ୍ରମକୁ କଲେ ଯୁଧିଷ୍ଠିର
ତେଣୁକରି ଗୁପ୍ତଚର ପେଷେ କୁରୁଶ୍ୱର ।
ଦେଶ ନଗର ମଣ୍ଡଳ ରାଷ୍ଟ୍ରାଦି ପାଟଣା
ତୀର୍ଥ ଯାତ୍ରାଦି ଖୋଜିଲେ ନ ମିଳେ ଠିକଣା
ବିରାଟ ରାଜ୍ୟକୁ ଯେଉଁ ଦୂତେ ଯାଇଥିଲେ
ତନ୍ତ୍ରୀଙ୍କର ମାୟାବଶେ ଜାଣି ନ ପାରିଲେ ।
ସମ୍ଭବ ଆସନେ ବିଜେ ଦୁର୍ଯ୍ୟୋଧନ ସ୍ୱାମୀ
ଦକ୍ଷିଣ ଚର ଜଣାଏ ହୋଇଣ ପ୍ରଣମି ।
କଳିଙ୍ଗ ମଗଧ ଆଉ ବେଳା ଗୁଜୁରାଟ
ମହେନ୍ଦ୍ର ତଗ ଉତର ଆବର ମର୍ହାଟ ।
କନାଉଜ ଉଦେ ଗିରି ପୁଣି ଚନ୍ଦ୍ରଗିରି
କାଞ୍ଚୀ ଚନ୍ଦ୍ରପୁର ଆଉ ଉତ୍ତମ କାବେରୀ ।
ଚୌରମଣ୍ଡଳ କୋଶଳ ମଣ୍ଡଳ ମଲ୍ଲିକା
ପାଣ୍ଡବନଗର କୃଷ୍ଣାବେଣୀ ଷଡ଼ଙ୍ଗିକା ।
ଜଉଙ୍ଗ ମାତଙ୍ଗ ଭଦ୍ରା କୃଷ୍ଣା ଯେ ସୁନନ୍ଦା
ଚୋପନ ଭଗୀ ବିଜୟା ଆବର ଆନନ୍ଦା ।
ଶିଉଭଙ୍ଗ ସୁନନ୍ଦ୍ରକ କନାଉଜ ଦେଟ
କ୍ଷମା ଗୋମତୀ କଜ୍ଜଳୀ ଆଦି ସର୍ବ ରାଷ୍ଟ୍ର ।
ନାଟ ସ୍ତେଉଙ୍ଗ ଅବନ୍ତୀ ଆବର କାମାକ୍ଷୀ
ଚର ଚର କୁଣ୍ଡବେତ ପୁଣି ମଙ୍ଗଳାକ୍ଷୀ ।
ଚନ୍ଦ୍ରପୁର ଲକ୍ଷ୍ମୀପୁର ପରସ୍ୱତୀ ସୌର
ବିନ୍ଧ୍ୟମାଳ କନ୍ଦମାଳ ମହେନ୍ଦ୍ର ଯେ ଗିରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦକ୍ଷିଣ ବନକନ୍ଦର ତୀର୍ଥ ରାଜ୍ୟ ଭୂମି
ପାଣ୍ଡବଙ୍କୁ ଖୋଜି ଖୋଜି ନ ପାଇଲୁ ସ୍ୱାମି ।
ଶୁଣିଣ ମଉନବ୍ରତ ହେଲେ କୁରୁନାଥ
ପ୍ରବେଶ ଅଗ୍ନିଣ ପୂର୍ବ ପ୍ରଦେଶର ଦୂତ ।
କହେ ଦେଶାଉରି ଦେବ ଦୁଅ ଅବଧାର
ଆମ୍ଭେ ହେ ଦେବ ବାସବ ଦିଗ ଦୂତକାର ।
ଦେବେ ଇନ୍ଦ୍ରଗିରି ଉଦେଗିରି ନୀଳଗିରି
ତାମ୍ରଗିରି ଲୌହଗିରି କର୍ଣ୍ଣାଟ ବଦାରି ।
ଭୁଲସା ଦେବପୁର ଯେ ପୁଣି ଭୂତଖଣ୍ଡ
ଜମ୍ବୁରାଷ୍ଟ୍ର ଉତ୍କଳରାଷ୍ଟ୍ର ସ୍ୱର୍ଣ୍ଣ ମାରଖଣ୍ଡ ।
ରୋହିଣୀ ମାର୍କଣ୍ଡ ଶ୍ୱେତଗଙ୍ଗା ଅର୍କ ତୀର୍ଥ
ମଣିକୁଣ୍ଡ ଯାଗଦଣ୍ଡବଟୀ ଲୋକନାଥ ।
କାଞ୍ଚିପୁର ବାସପୁର ମଣି ଜ୍ୟୋତିପୁର
ସ୍ୱର୍ଣ୍ଣଭଦ୍ରା ଭାଗୀରଥୀ ହିରଣ୍ୟକା ତୀର ।
ଗଙ୍ଗାସାଗରର ପୂର୍ବ କପିଳାସ ଖଣ୍ଡ
ଲବଣ ମହାଖଣ୍ଡ ଯେ ଦଣ୍ଡହିଁ ଉଦଣ୍ଡ ।
ମାଳତୀ ମୟୂରୀ ମଧୁପୁର ଗୋପପୁର
କଣପ୍ତ ମାନଭଙ୍ଗ ଯେ ପୁଣି ଲୋହପୁର ।
ବଇଦ୍ୟାନ କୁଜ ପୁଣି ବଳସ ମହାରି
ଏକଓଡ଼ା ଏକଚକ୍ରା ଚମ୍ପା ଶିବପୁର ।
ମଳୟ ବସନ୍ତ ହନୁମଣ୍ଡଳ ଲଳିତା
କଳକଳା ଉଜାଣି ଯେ ଆଜେବର ଜଟା ।
ଏ ସବୁରେ ପୂର୍ବଦିଗେ ବହୁ ଭ୍ରମି ଭ୍ରମି
ପାଣ୍ଡବଙ୍କ ଚନ୍ଦ୍ରବର୍ତ୍ତି ନ ପାଇଲୁ ସ୍ୱାମି ।
ହୁଡଗଡେ ପାଞ୍ଚ ରାଜା ଗୁପତ ବଚନେ
ମାନଭଙ୍ଗେ ବସିଛନ୍ତି ନ ବୋଲି ମଉନେ ।
ଉତ୍ତର ଦିଗରୁ ଆସି ବୋଲେ ଦେଶାଉର
ଶୁଣ ବାରତା ହେ ଦେବ ଉତ୍ତର ଦିଗର ।
ସ୍ୱାମି ମାନଭଙ୍ଗ ପୁଣି ଦେବାଙ୍ଗ ହିମ୍ବତ
ହାଟ ମହ୍ଲାର ନେପାଳ ପୁଣି ବାରସ୍ୱତ ।
ଶାଖାପୁର ଶ୍ରେଣୀପୁର ବୃନ୍ଦ ମହାରାଷ୍ଟ୍ର
ସିନ୍ଧୁ ମନ୍ଦର ମର୍ହଟ ପୁଣି ସଉରାଷ୍ଟ୍ର ।
ଭୂବମନୁ ଗଙ୍ଗାପୁରୀ ଆବର ଶ୍ରୀହଟ
ନନ୍ଦଗିରି ରାମଗିରି କଳେବର ରାଷ୍ଟ୍ର ।
ଅଙ୍ଗ ବଙ୍ଗ ଜାଉଁରୀ ଯେ ପୁରୋହିତ ପୁରୀ
ନନ୍ଦପୁର ଶ୍ୱେତ ପାଟଣାକୁ ଆଦିକରି ।

ସୁବର୍ଣ୍ଣ କାଞ୍ଚନପୁର ଆସ୍ଥର୍ଯ୍ୟ ମଣ୍ଡଳ
କାଉଁରି ଭୋଟ ନଗର ଉତ୍ତଙ୍ଗ କୋଶଳ ।
ଛଇବତ କୋଳାହଳ ପୁଣି ମୃଦ୍ରାପୁରୀ
ଶୋଣିତାକ୍ଷ ମଣ୍ଡଳ ଯେ ଅଯୋଧ୍ୟାଦ କରି ।
ଗୋମାତା ଗଣ୍ଡକୀ ମାଳାବତୀ ଶୂନ୍ୟଭଦ୍ରା
ଆରଣ୍ୟକ କାଶିପୁରୀ ପୁଣି ଉର୍ମୀରୁଦ୍ରା ।
ପ୍ରୟାଗ କାଶୀ କୌଶିକ କ୍ଷେତ୍ର ବାରାଣସୀ
ମାଲ୍ୟବନ୍ତ ହେମଗିରି ଜଳୋଦ ଅନ୍ୱେଷି ।
ସରସ୍ୱତୀ ତହପୁର ଭଥି ଚନ୍ଦ୍ରକୋଣା
ହରଣୀ ତାରଣୀ ପୁଣି କାମେ ଜଗନ୍ଧିଣା ।
ଅନ୍ତରୀକ୍ଷ ହଟଦେଶ ଏହି ଦୁଇ ପୁରୀ
ତହିଁ ରାଜ୍ୟରେ ଭ୍ରମିଲୁ ନଦୀ ବନ ଗିରି ।
ପାଣ୍ଡବଙ୍କୁ ନ ପାଇଲୁ ବହୁତ ଲୋଡ଼ିଲୁ
ଶୀଘ୍ରମତେ ଆସି ତେଣୁ ନିବେଦନ କଲୁ ।
ଛିଦ୍ର ଛିଦ୍ର ନ ପାଇଲୁ ଖୋଜି ଖୋଜି ରାଜ୍ୟ
ତାହିଁ ନ ଦେଖିଲୁ ସେହି ପାଣ୍ଡବଙ୍କ ଖୋଜ ।
ପଶ୍ଚିମ ଦିଗର ଚର ଆସି ପରଣାମି
ବୋଇଲେ ସକଳ ରାଜ୍ୟ ଅଇଲୁ ଯେ ଭ୍ରମି ।
ଭଇରବ ପଦ୍ମାବତୀ ଅନ୍ତପାରାଧିକ
କର୍ଣ୍ଣାଟ ଓଡ଼ଙ୍ଗମାଳା ଶୁଭ ଭଇରବ ।
ଆବର ତାହାଳ ଦେଶ ରଉଳ ଖୋଲଳ
ଗୁଜରାଟ ମାନଭଙ୍ଗ ମାଳବ ଭୂପାଳ ।
ତାଉଁରୀଦେଶ କୋଶଳ ପୁଣି ହରିଣାକ୍ଷୀ
ତାପତି ତୈଲଙ୍ଗ ଦେଶ ଗଉରୀ କାମାକ୍ଷୀ ।
ରେବତ ମେଦୁ ମନ୍ଦନାଦ ସ୍ୱରନଗ୍ରେ ବୁଲି
ବେଲଉର ବେଳାନଗ୍ର ଗଲୁ ବେଳାବଳୀ ।
ମୁରବର ପାଟଣା ଯେ ନଗ୍ର ମୌନାବତୀ
ହିରଣ୍ୟପୁର ଗଣ୍ଡକୀ ନଦୀ ଯେ ସୁମତି ।
ଭଇରବ ପୁର ଗଲୁ ତେଉଁ ବହ୍ନିଗିରି
କାଳକାପୁରେ ପ୍ରବେଶ ହେଲୁ ଯାଇକରି ।
କେନ୍ଦୁ ଗଣ୍ଡକୀ ସଲିଳ ଜଇନ୍ତାଦ ପୁର
ଯୋଧପୁର ଶଙ୍ଖପୁର ଅମଳ ନଗର ।
ଶୁକ୍ଳାମ୍ବରପୁର ଶଙ୍ଖପୁର ସୋମଦଗ୍ନି
ହରପାପଗଙ୍ଗା ବସ୍ତ୍ରହରଣ କାରୁଣି ।
ରାମଜପାଟଣା ଆଦି ନଗ୍ରତୀର୍ଥ ହେଲୁ
ଜାଣ ଚେଦ୍ଧ ଅନ୍ତଃପୁର ପର୍ଯ୍ୟନ୍ତ ଯେ ଗଲୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସ୍ୱାମି ଜାନୁମଣ୍ଡଳ ଯେ ଗନ୍ଧର୍ବ ପର୍ବତ
ଯହିଁ ବଶଲ୍ୟକରଣି ନେଲେ ହନୁମନ୍ତ ।
ମାରକଣ୍ଡ ସାତକଲ୍ପ ହେଲେ ଯେଉଁ ଭୂମି
ମନୁଷ୍ୟଙ୍କ ଗତାଗତ ତହିଁ ନାହିଁ ସ୍ୱାମି ।
ଋଷ୍ୟମୂକ ପଞ୍ଚବଟୀ ଚିତ୍ରକୂଟ ବନ
ବାଗାନଳ କାନାପ ଯେ ବନ ମଧୁବନ ।
ମନ୍ଦା ଆନ୍ଧ ଯମକୋଣ ଉତ୍ତର ଦଣ୍ଡକା
ଗୋରେଖ ମଙ୍ଗଳପୁର ଦେଶ ସାଗନକା ।
ଅନଳ ଅନଳପୁର ନାମ ବନ୍ଧୁପାଷ
ଭୂମିକ ଅଜ୍ଞକ ପୁଣି ଯମଗ୍ରୁଷ୍ଟ ବସ୍ତ୍ର ।
ଋଷିବଟ କାଆବଟ ହଟ ଯେ ଗୋଧିକା
ମଙ୍ଗଳ ଯେ ମାଙ୍ଗଳିକ ପୁର ସୁଗନ୍ଧିକା ।
ବୃନ୍ଦାହୋଳ ଭୂରପୁର ଅବନ୍ତ୍ୟାଦି ପୃଷ୍ଠି
ସମସ୍ତ ଦେଖିଲୁ ନାଥ ତନ୍ନ ତନ୍ନ କରି ।
ପଶ୍ଚିମେ ପଞ୍ଚାଶସସ୍ର ନବଲକ୍ଷ ରଥ
ଏତେକ ପଥ ଭ୍ରମିଲୁ ଦେବ ଦ୍ୱାରସ୍ଥ ।
ସ୍ତ୍ରୀରୂପ ବାଳ୍ତରୂପ ସ୍ଥାନେ ସ୍ଥାନେ ହେଲୁ
ପାଣ୍ଡବଙ୍କ ତତ୍ତ୍ୱ ବାର୍ତ୍ତା କାହିଁ ନ ପାଇଲୁ ।
ଚତୁର୍ଦ୍ଦିଗ ବାର୍ତ୍ତା ଶୁଣି ସେ ମାନଗୋବିନ୍ଦ
ହୃଦଗତେ ସମ୍ବରଣ ହୋଇଲ ଆନନ୍ଦ ।
କର୍ଣ୍ଣ ହସ୍ତେ ହସ୍ତ ଦେଇ ମାନଚକ୍ରବର୍ତ୍ତୀ
ପୁଚ୍ଛଇ ବୁଝିଲ କିସ ହେ ଶକୁନି ମନ୍ତ୍ରୀ ।
ଦୁର୍ଯ୍ୟୋଧନ ହର୍ଷ ଦେଖି ଶକୁନି ବୋଇଲେ
ଆମ୍ଭେ ଶୁଣିଲୁ ପାଣ୍ଡବମାନେ ନାଶଗଲେ ।
କର୍ଣ୍ଣ ବୋଇଲେ ତତ୍ତ୍ୱ ଶୁଣ ହେ ସମସ୍ତ
ସକଳେ ଜାଣ ଯୁଧିଷ୍ଠି କଲେ ଯେଉଁ ବ୍ରତ ।
ଅଠାଶୀସସ୍ର ମୁନିଙ୍କୁ ଦଏ ଅନ୍ନଦାନ
ସମ୍ପୂର୍ଣ୍ଣ କରଣ କାହିଁ ପାଇବ ସେ ଅନ୍ନ ।
କଷଣେ ହିଁଙ୍ଗାପି ଗଲେ ସର୍ବଋଷିମାନେ
ଭୋଜନ ନ ମିଳବାରୁ ଉଦର ସମ୍ପୂର୍ଣ୍ଣେ ।
ତାହାଙ୍କ ହିଁସାସ ପାଇ ରତ୍ନ ଉପବାସ
ଅଲକ୍ଷୀଣେ ଯୁଧିଷ୍ଠିର ପ୍ରାଣେ ଗଲ ନାଶ ।
ଆହେ ସମସ୍ତେ ଜାଣ ତ ଭୀମର ପ୍ରକୃତି
ଷଠିସାଠି ପଲଟିରେ ତାର ହୁଏ ତୃପ୍ତି ।
ବନସ୍ତରେ ଏତେ କାହିଁ ପାଇବ ସେ ଲୋଡ଼ି
ଅଳ୍ପ କଷ୍ଟ ପାଇ ଭୀମ ମଲ ବନେ ପଡ଼ି ।

ଅର୍ଜ୍ଜୁନଙ୍କୁ ଦ୍ରୌପଦୀ ତ କରେ ବଡ଼ ଶୋଗ
ତପଦେ ସୁନ୍ଦରୀ ଥିଲେ ପଡ଼ଇ ଦୁର୍ଯୋଗ ।
ଦମୟନ୍ତୀ ଛାଡ଼ି ଯେସନ୍ତେ ଗଲେ ନଳରଜା
ଶ୍ରୀରାମ କରିଲେ ପୁଣି ସୀତାସ୍ତାଙ୍କୁ ତେଜ୍ୟା ।
ଭୀମ ଅର୍ଜ୍ଜୁନ ଯୁଧିଷ୍ଠି ଅଳ୍ପକଷ୍ଟେ ମଲେ
ଆନ ଯୁବଶ୍ରୀ ଲୋଭରେ ପ୍ରାଣ ସେହୁ ଦେଲେ
ଦୈତ୍ୟ ଅଥବା ଗନ୍ଧର୍ବ ଅର୍ଜ୍ଜୁନଙ୍କୁ ମାରି
ଦ୍ରୌପଦୀକୁ ନେଇଗଲେ ବଳାତ୍କାରେ ଧରି ।
ଅର୍ଜ୍ଜୁନ ଯେ ଗଲେ ପୁଣି ଦ୍ରୌପଦୀ ନିମନ୍ତେ
ନକୁଳ ସହଦେବ ଯେ ଝୁରିମଲେ ଅନ୍ତେ ।
ଏ କଥାହୁଁ ଅନ୍ୟକଥା ନୁହଇଟି କିଛୁ
ସତ୍ୟହେ ଶକୁନି ମନ୍ତ୍ରୀ ଏମନ୍ତେହିଁ ବାଛୁ ।
ମାନଗୋବିନ୍ଦ ବୋଇଲ ଶୁଣ ହେ ମଇଷ
ଏବେ ତ ଏକାଙ୍ଗ ରାଜ୍ୟ ହେଲ ମୋର ସୁତ
ଶତ୍ରୁ ମର୍ଦ୍ଦନ ପତାକା ବାନ୍ଧି ସର୍ବ ରଥେ
ଉତ୍ସବମାନ କରିଲେ ଥାଇଁ ଇନ୍ଦ୍ରପ୍ରସ୍ଥେ ।
ପୁଣି କହିଲେ ପଶ୍ଚିମଦିଗ ଚରଗଣ
ସ୍ୱାମି ମତ୍ସ୍ୟଦେଶ କଥା ଶୁଣନ୍ତୁ ଆପଣ ।
ଦିବସେକ ରହିଲୁ ଯେ ମତ୍ସ୍ୟର ନଗରୀ
ବିରାଟ ଶଳା କୀଚକ ଶତଭ୍ରାତ ମରି ।
ସୈରନ୍ଧ୍ରୀ ବୋଲି ସୁଦେଷ୍ଣା ରାଣୀ ପରିଚାରୀ
ଉତ୍ସବ ନବରେ ଗଲ କୀଚକଙ୍କୁ ବରି ।
ଗନ୍ଧର୍ବେ ଥିଲ ଗନ୍ଧର୍ବ ନାମ ନର୍ତ୍ତକରେ
ଉତ୍ସବ ପୁରେ ମାଇଲ କୀଚକଙ୍କୁ ବଳେ ।
କୀଚକଙ୍କୁ ମଣ୍ଡ କାର କରି କଲ ଲୋଟ
ଗୁରି ଅଙ୍ଗ ଶିର ତାର ନ ପାଇଲେ କିଛୁ ।
ବିରାଟ ରୋଷେ ବୋଇଲ ସୈରନ୍ଧ୍ରୀକି ଆଣି
କୀଚକର ଚୂଳେ ଦାହକର ଏହିକ୍ଷଣି ।
ଅଟେଣସ୍ଥିତ ଘାଇ ଆଣନ୍ତେ ସେ ସୈରନ୍ଧ୍ରୀ
ତାହାଙ୍କୁ ମାରି ଗନ୍ଧର୍ବ ହୁତାଶନେ ଭରି ।
ଏହି ପ୍ରକାରେ ଦେଖିଲୁ ମତ୍ସ୍ୟଦେଶେ ଥାଇ
ଦୁର୍ଯ୍ୟୋଧନ ହର୍ଷ ହେଲ ଏ ବାରତା ପାଇ ।
ଅନେକ ଧନ ରତନ ଦେଲେକ ବଧାଇ
ବଧାଇ ନେଲେ ପଶ୍ଚିମ ଦୂତମାନେ ତହିଁ ।
ହାସ୍ୟମୁଖ ହୋଇ ଦୁର୍ଯ୍ୟୋଧନ ଯେ ବୋଇଲ
ଏ ମହାରଙ୍କେ ଛାତିକେ ଭୟେ ମୋର ଥିଲ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦଇବର ବଶେ ସେହୁ ଏବେ ନାଶଗଲା
ଆବର ତାହାକୁ ଭୟ ଅଛଇ ହୋଇଲା ।
ସୁଜର୍ମବଶା ରାଣୀଙ୍କୁ ହୁଏ ସୋଦରବୋଲେ
ତେଣୁ ସୁବଧାନ ହେଉଥାଇ କର୍ମଫଳେ ।
ପାଣ୍ଡବେ ମଲେ କୀଚକ ଏଣେ ନାଶଗଲା
ଏ ଜମ୍ବୁଦ୍ୱୀପେ ମୋହର ଏକଚ୍ଛତ୍ର ହେଲା ।
କୀଚକକୁ ଭୟକର ପଳାଇ ତ୍ରିଗର୍ତ୍ତ
ଦୁର୍ଯ୍ୟୋଧନ ପାଶେ ଥିଲା ହୋଇ ରାଜ୍ୟଚ୍ୟୁତ
ପାରିଦଣ୍ଡ ସଙ୍କଟରେ ରହି କସିଥିଲା
କୀଚକ ମଲା ଶୁଣିଣ ନଉଡ଼ଗ୍ଳ କଲା ।
ସ୍ୱାମି କଷାଜଗତ୍ପତି ଶରଣ ଆଇଥୁ
ମହୀମଣ୍ଡଳେ ମହିମା ଅଟେ ତୁମ୍ଭ ସାଧୁ ।
ସ୍ୱାମି ମତ୍ସ୍ୟଦେଶ ରାଜା ଯୁକତେ ମୋହର
କୀଚକ ହଡ଼ାଇ ନେଲା ବଳରେ ତାହାର ।
ମୋହର ରାଜ୍ୟକୁ ଦେବ ଘେହ୍ନା ସେ ଦଳେ
ବିରାଟ ସାମାନ୍ୟ ହେବ ମୋତେ ଯୁଦ୍ଧଯୋଗେ
ନିଜ ରାଜ୍ୟ ନାନବଳ ତୁମ୍ଭ ପୁଣ୍ୟବଳେ
ଦିଅ ମୋତେ ଆଜ୍ଞାଦାନ ଯିବ ଅଙ୍ଗନ୍ତେ ।
ସ୍ୱାମି ଅଛନ୍ତି ତାହାର ଦୁଲପଦୁ ଗାଈ
ତାହା ଆଣି ତୁମ୍ଭଙ୍କୁ ମୁଁ ଦେବଇଁ ବଧାଇ ।
ଶରଣ ଉଦ୍ଧାରଣ ହେ କଷା ଜଗତ୍ପତି
ମହୀତଳେ ଉଦେ ହେବ ତୁମ୍ଭ ନାମଗୋଷ୍ଟି ।
ଦୁର୍ଯ୍ୟୋଧନ ଆଜ୍ଞା ଦେଲେ ତାର କଥା ଶୁଣି
କେତେ ଦଣ୍ଡ ନେଲେ ତାକୁ ପାରିବ ହେ କହି
ଭଲ ମନ୍ଦ କରଣ ହେ ରଥ ଗଜ ବାଛ
ଯେତେକ ପାରିବା ସୁଖେ ସୈନ୍ୟ ଘେନ ଚଳ
ଦୁଇ ପଦ୍ମାର୍ଦ୍ଧ ରଥ ଯେ ଷୋଳଗୁଣେ ହସ୍ତୀ
ସହସ୍ରେକ ଅଶ୍ୱ ସାତଷଉଣୀ ପଦାତି ।
ଏତେକ ବାଛୁଣ ନେଲେ ସେ ତ୍ରିଗର୍ତ୍ତରାଏ
ଆଜ୍ଞା ପ୍ରମାଣରେ ସମଦଣ୍ଡ ସଜ ହୁଏ ।
ଆସ୍ଥାନ ମଣ୍ଡଳନ୍ତେ ଯେ ବିଦୁର ଏ ଯୋଗେ
ପଶ୍ଚିମ ଦିଗର ସ୍ୱର ହକାରଣ ଆଗେ ।
ଆଗେ ଶତ କୀଚକ କ ଗନ୍ଧର୍ବ ମାଇଲା
ସ୍ୱର ଯେ ବୋଲେ ଦେଖିଲୁ ଅଗ୍ନିରେ ଭଷିଲା
ହସ୍ତୁର କର ବିଦୁର ଭାଳେ ହୃଦଗତେ
ଆଜର ଦିନ ସଫଳ ହୋଇଲା ନା ମୋତେ ।

ବିରାଟ ରାଜ୍ୟରେ ଗୋଏ ଗୁପତ ହୋଇଲେ
ଦ୍ରୌପଦୀ ପାଇଁ କୀଚକେ ରହି ବଧ କଲେ ।
ଅନେକ ବଧାଇ ଦେଲେ ବିଦୁର ମହାତ୍ମା
ବହୁତ ଆନନ୍ଦ ହେଲେ ତାର ନାହିଁ ସୀମା ।
ଦ୍ରୋଣ ଭୀଷ୍ମ ଦୁହେଁ ଖୁସି ହୋଇଲେ ଉପତ
ସ୍ୱରୂପ କ ପଚାରିଲେ ହକାରଣ ଦୂତ ।
ସ୍ୱରୂପ କଥା କହିଲେ ତାଙ୍କୁ ଚରଗଣ
ସୈରନ୍ଧ୍ରୀ ଅର୍ଥେ କୀଚକ ମଲେ ଶତେ ଜଣ ।
ଭୀଷ୍ମ ବୋଇଲେ ହେ ଦ୍ରୋଣ କେମନ୍ତେ ଏକଥା
ଦ୍ରୋଣ ବୋଇଲେ ପାଇଲୁ ସୁତଙ୍କ ବାରତା
ବିରାଟ ରାଜ୍ୟରେ ଗୁପ୍ତେ ରହିଲେ ପାଣ୍ଡବେ
ନୋହିଲେ ମର୍ତ୍ତ୍ୟମଣ୍ଡଳେ ଥାନ୍ତି କ ଗନ୍ଧର୍ବେ ।
ଭୀଷ୍ମ ବୋଇଲେ ସୈରନ୍ଧ୍ରୀ ନର୍ତ୍ତେ ଯାଜ୍ଞସେନୀ
ଅଜ୍ଞାତବାସ ଖେଳିବେ ଏହି ନାମ ଘେନି ।
ସେ ଜଗତମୋହିନୀଙ୍କୁ କୀଚକ ବାଞ୍ଛିଲା
ଭୀମ ତାହା ନ ସହିଣ ସବୁଙ୍କୁ ମାଇଲା ।
ବହୁତ ଆନନ୍ଦ ହେଲେ ଶତ୍ରେ ଭୀଷ୍ମ ଦ୍ରୋଣେ
ଅନେକ ବଧାଇ ଦେଲେ ସେହି ଚରଗଣେ ।
ରଜନୀ ପ୍ରଭାତେ ସେହୁ ବଜସ୍ୱ ଆସ୍ଥାନେ
ସଭାରେ ଉଜସ୍ୱ ହେଲେ ସଭାପତିମାନେ ।
ମାନଗୋବିନ୍ଦ ବୋଇଲେ ଶୁଣିମା ଗୁରୁ ହେ
ଏ ତ ବଡ଼କଥା ମୋତେ ଲଗିଲ ସନ୍ଦେହେ ।
ତ୍ରିଗର୍ତ୍ତ ଆସି ଶରଣ ପଶେ ଆମ୍ଭ ଠାଇଁ
ତାହାର ନିମନ୍ତେ ମତ୍ସ୍ୟଦେଶେ ଯିବା ବାଞ୍ଛ ।
କୀଚକ ଥିଲେ ହୁଅନ୍ତା ଯିନା ବଡ଼ମନ୍ଦ
ଦଇବରେ ନାଶଗଲା ପାପିଷ୍ଠ ଦୁର୍ମଦ ।
ତ୍ରିଗର୍ତ୍ତ ଯାଉଅଛଇ ବହୁତସୈନ୍ୟ ଘେନ
ସାହାଯ୍ୟ କରିବା ଭଲ ନେଇ ଅନୀକନ ।
ଭୀଷ୍ମ ବୋଇଲେ ବାବୁ ହେ ମୋର ବୋଲ ଶୁଣ
ଯାଉ ସେହି ଏକା ତାର ଦଣ୍ଡକୁ ଘେନଣ ।
ପରକାର୍ଯ୍ୟ ଅଟଇ ସେ ପୁଣି ପରରାଷ୍ଟ୍ର
ସାମାନ୍ୟ ଜଣେ ନୁହେଁଟି ସେ ରାଜା ବିରାଟ ।
ତୁମ୍ଭେ ମହାତ୍ମଙ୍କ ଜାଣି ନ ପାର କ ତାହା
ଆମ୍ଭେ ଜାଣୁ ବିରାଟକୁ ଅଛୁ ଜଣେ ସାହା ।
ଯେଉଁ ଗନ୍ଧର୍ବ ମାଇଲା ଆସି କୀଚକକୁ
ସମର କରିଲେ ସହା ହେବେ ବିରାଟକୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦୁର୍ଯ୍ୟୋଧନ ବୋଲେ ସ୍ୱର୍ଣ୍ଣ ହସ୍ତିନା ଥାଟକୁ
ମୋ ଥାଟ ରକ୍ଷ କରିବ କି ଗୁରୁ ଗାଙ୍ଗେୟକୁ ।
ଆହେ ତ୍ରିଗର୍ତ୍ତ ବୋଲିଣ ଡାକିଲେ ଶକୁନି
ଶୁଭଯୋଗେ ଆସ ତୁମ୍ଭେ ଗୋଧନକୁ ନେନ ।
ସପ୍ତ କୃଷ୍ଣ ଭୃଗୁବା ଯେ ପୁଣି ଚନ୍ଦ୍ରବାର
ଆଦ୍ରାନକ୍ଷତ୍ର ଭୋଗ ଅଛି ସେ ଦିନର ।
ବିଷ୍ଟି ନାମରେ କରଣ ଶୁଭ ନାମେ ଯୋଗ
ସପ୍ତ ସଂକ୍ରାନ୍ତିର ହୁଏ ନବଦିନ ଭୋଗ ।
ଲଗ୍ନ ଯାତ୍ରାବାକୁ ବାକି ଅଛି ଦିନଦଣ୍ଡ
ମତ୍ସ୍ୟଦେଶକୁ ତ୍ରିଗର୍ତ୍ତ ପ୍ରୟାଣ ପ୍ରଚଣ୍ଡ ।
ଅନେକ ରଥ କୁଞ୍ଜର ବାଦ୍ୟର ଶବଦେ
ମେଦିନୀ କମ୍ପୁଛି ହସ୍ତୀ ଅଶ୍ୱଙ୍କର ନାଦେ ।
ଆଳଟ ପାଟର ଛଅ ଦଣ୍ଡ ପାଟ ଲକ୍ଷ୍ୟ
ଗର୍ଜ୍ଜନ୍ତି ଯୋଦ୍ଧା ସକଳେ ଗଜ ଜ୍ୟୋତ ଦେଖି
ଚଳଇ ତ୍ରିଗର୍ତ୍ତେଶ୍ୱର ଦୁର୍ଯ୍ୟୋଧନ ବଢ଼
ହରଷେ ବଳେ ଆଣିବ ବିରାଟକୁ ବାନ୍ଧି ।
ଯମୁନାର ତୀରେ ତୀରେ ଚଳେ ସମଦଣ୍ଡ
ଗର୍ଜ୍ଜନଦାନ ଶବଦେ କମ୍ପଇ ବ୍ରହ୍ମାଣ୍ଡ ।
ଚଳନ୍ତି ତ୍ରିଗର୍ତ୍ତ ସୈନ୍ୟ ପଶ୍ଚିମ ମୁରତ
ପ୍ରଥମଦିନ ପ୍ରୟାଣ ଯୋଜନ ତ୍ରିଂଶତ ।
ଆରେକ ଦିନ ଚାଳିଶ ଯୋଜନ ଗମିଲେ
ଆରେକ ଦିନ ପଞ୍ଚାଶ ଯୋଜନ ଭ୍ରମିଲେ ।
ବାଅନ ଯୋଜନ ପୁଣି ଅନ୍ୟ ଦିନେ ଯାଇ
ଏକାଦଶ ଦିବସ ଯେ ଏରୂପେ ଚଳଇ ।
ଗୋପାଳି ନଦୀର କୂଳେ କଣସୁକ ବନେ
ସେ ସ୍ଥାନରେ ଯାଇ ଥାଟ ରହିଲେ ଗୋପନେ ।
ଆସ୍ଥାନରେ ବିଜେ କରିଅଛନ୍ତି ବିରାଟ
ପଶା ଖେଳୁଛନ୍ତି ତାଙ୍କ ସଙ୍ଗେ କୋନ୍ତଭଟ ।
ଯାରକେଶ୍ୱର ମନ୍ତ୍ରୀ ଯେ ପୁଣି ପୁରୋହିତ
ପାଶେ ବେଢ଼ି ରହିଛନ୍ତି ସକଳ ଅମାତ୍ୟ ।
ଦେଶାଭିର ବାରତାକୁ ଜଣାଏ ଆସ୍ଥାନେ
ସ୍ୱାମି ତ୍ରିଗର୍ତ୍ତ ବାହୁଡ଼ିଲା ଅମାପ ସଇନ୍ୟେ ।
ଗୋପାଳୀ ନଦୀର କୂଳେ ଗଡ଼େକ ଭିଆଇ
ପାଞ୍ଚପୂଣ ମାଡ଼ିଛନ୍ତି ସୈନ୍ୟବଳ ତହିଁ ।
ସ୍ୱାମି ତିରିଣଗଡ଼ର ସେ ମାନଗୋବିନ୍ଦ
ତେଲି ରଥ ଅଶ୍ୱ ଗଜ ଅଧାତିକନ୍ଦ ।

ପରିଜନଙ୍କ ସଙ୍ଗତେ ରହି କଲି ପୂଜା
ଶୁଣିଣ ବିରାଟେଶ୍ୱର ପଡ଼ି ହେଲେ ମୂର୍ଚ୍ଛା ।
କୋଳ କରିଣ ଧରିଲେ ତାଙ୍କୁ କୋନ୍ତଭଟ
ହାହା କୀଚକ ବୋଲିଣ ଛାଡ଼ଇ ଲଲାଟ ।
ଷୋହଳ ସୁନ୍ଦର ବାବୁ ତୁମ୍ଭ ସାମରଥା
ତୋହର ଅଭାବେ ହେଲା ମୋର ଶତ୍ରୁ ଚିନ୍ତା
କୋନ୍ତ ବୋଇଲେ ବିରାଟ ସ୍ଥିରେ ରୁହ ରୁହ
କରିବା ସମର କିପାଁ କରୁଛ ସନ୍ଦେହ ।
ପରଦେଶୀ ସୁରଗଣ ଥାନ୍ତି ଗୁପତେ
ସମସ୍ତ ଚଳିବେ ସିନା ତୁମ୍ଭର ଗୋଦନ୍ତେ ।
ବିରାଟ ବୋଇଲେ କୋନ୍ତ କହୁଛି ତୁମ୍ଭଙ୍କୁ
ମୁହିଁ ସମରରେ ସତ ନୁହେଁ ତ୍ରିଗର୍ତ୍ତକୁ ।
ଏବେ ଭଲ ରାଜ୍ୟ ଛାଡ଼ି ଯେ ପୁଆଡ଼େ ଯିବା
ମୋର ଅଭାଗ୍ୟ ତୁମ୍ଭର ନ କରିଲି ସେବା ।
ସଦା ଅନୁଗ୍ରହ କରିଥିବ ହେ ଆମ୍ଭଙ୍କୁ
ନିଜ ରାଜ୍ୟ ତେଜ୍ୟାକରି ଯିବି ମୁଁ ବନକୁ ।
ଛାଡ଼ିଲି ମୁଁ ନିଜ ରାଜ୍ୟ ସମ୍ପଦର ଆଶା
ଗମନ କରିବି ବନେ ପିନ୍ଧି ବସ୍ତ୍ର କଷା ।
କୋନ୍ତ ବୋଇଲେ ହେ ରାଜା ନୁହଇ ଏମନ୍ତ
ଅଯୁଦ୍ଧେ ପଳାଇ ଯିବା ଅଟେ କି ଯୁକତ ।
ଦଣ୍ଡି ଯେଣ ଆମ୍ଭେ ଯିବା ହାଦେ ତହିଁ ପେଲ
ଦଣ୍ଡି ସାଜ ବେଗ ବେଗ ଶୂର ପ୍ରତି ବୋଲ ।
କୌଣସି ପ୍ରକାରେ ଯେବେ ଶତ୍ରୁକୁ ନ ପାର
ତେବେ ସିନା ରାଜ୍ୟ ଆମ୍ଭେ ଯିବା ଅପସର ।
ମୋହର ତ ଆଶା ନାହିଁ ବୋଲଇ ବିରାଟ
ତୁମ୍ଭର ଭରସା ଥିଲେ ସାଜ ବେଗେ ଥାଟ ।
କୋନ୍ତ ବୋଇଲେକ ଶୁଣ ଆହେ ଅମନାତ୍ୟେ
ସଜକର ରଥ ଗଜ ସଇନ୍ୟ ସହିତେ ।
କୋନ୍ତଙ୍କ ବଚନ ଶୁଣି ସାଜିଲେ ସଇନ
ବାଜଇ ଖାଉଦୁର ଯେ କମ୍ପଇ ମେଦିନୀ ।
ମଣ୍ଡନ କରନ୍ତି ଯୋଦ୍ଧା କଣମ୍ବୁର ରଥ
ବହୁତ ଚଳନ୍ତି ମହାବଳୀ ଯେ ସାମନ୍ତ ।
ଧାମନ୍ତି ଯୋଦ୍ଧା ଅମାତ୍ୟ ଆଦି ପାରିଦଣ୍ଡ
ପଞ୍ଚାନବେ ଫଣି ଯୋଦ୍ଧା ଚଳନ୍ତି ପ୍ରଚଣ୍ଡ ।
ଆପଣେ ରଜ ହୋଇଣ ନିଜେ କୋନ୍ତଭଟ
ମଣ୍ଡନ୍ତି ଛତ୍ରବର ସେ କର୍ପୂର ଜଡ଼ିତ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ହୀରା ନୀଳା ବଇଦୁର୍ଯ୍ୟ ପୋହଳା ମୁକୁତା
ସୂର୍ଯ୍ୟ କିରଣେ ଝଲଇ ଅତ୍ୟନ୍ତ ଶୋଭିତା ।
ହୀରା ମାଳାରେ ମଣ୍ଡିତ ଲମ୍ବନ୍ତ ଘଣ୍ଟିକା
ଆଦିତ୍ୟ ତେଜ ପରାଏ ଦିଶେ ରଥଶିଖା ।
ସୁବର୍ଣ୍ଣେ କଳସ ନେତ ଉଡ଼ଇ ଉତ୍ତମେ
ରଥକୁ ଗୁଡ଼ିଣୀ କଲେ ଶାର୍ଦ୍ଦୂଳ ଚର୍ମେ ।
ରଥ କଳଶ ପତାକା ଦିଶେ ଶ୍ୱେତବର୍ଣ୍ଣ
ଧବଳ ବକ ପରାଏ ଉଡ଼ନ୍ତ ଗଗନ ।
ଗଜ ତୁରଙ୍ଗମାନଙ୍କୁ ନାନା ରଙ୍ଗେ ସଜ
ମହାମତ୍ତ ତୁରଙ୍ଗମ ତେଜରେ ବିରାଜ ।
ଅଶ୍ୱଙ୍କର ସନ୍ନିଧିରେ ସୈନ୍ୟମାନେ ଚଳ
ପୃଥ୍ୱୀର ପ୍ରାନ୍ତରେ ଯାନ୍ତେ ଗଗନ ଉଛୁଳ ।
ଆପଣେ କୋନ୍ତ ଗୋଟିଏ ରଥକୁ ମଣ୍ଡନ୍ତ
ବେନି ପାଶରେ ହୀରାର ଚାମର ଉଡ଼ାନ୍ତ ।
ଯେମନ୍ତେ ମାତଳି ସ୍ୱର୍ଗେ ରଥ ଆଣେ ସାଜ
ବାହୁଣ ରଥେ ଯୋଚିଲେ ଶ୍ୱେତଘୋଟି ବାଜୀ
ନରତେ ପତାକାମାନ ଉଡ଼େ ଫରହରେ
ଦାସୀନେତ ଫରହର ଉଡ଼ଇ ଉପରେ ।
ଶିରବେଶରେ ମଣ୍ଡିତ ହୋଇ ମହୀପତି
କମାଣ କୋଦଣ୍ଡ ନେଇ ଥୋଇଲେ ଶକତି ।
ଢେଲ ଛଟ ନାରାଚ ଅସିଫର କୋଟି
କଙ୍କପତ୍ର ଲୌହମୁନା ମୁଦ୍‌ଗର ଯେ ଯାଠି ।
ଭୁଜରେ ତାଡ଼ ବାହୁଟି ଗୁମ୍ଫିଦ ସରଳା
ହୃଦରେ ଭୂଷଣ ହେଲେ ପଦକ ମେଖଳା ।
ଆପଣେ କୋନ୍ତ ବିରାଟ ଆଜ୍ଞା ଅବଧାରି
ଏମନ୍ତେ ଯୋଦ୍ଧାକୁ ଶାଢ଼ୀ ଦେଲେ ନେଇକରି
ସର୍ବ ଭଣ୍ଡାର ଫେଡ଼ିଣ ଅର୍ପିଲେ ଯୋଦ୍ଧାଙ୍କୁ
ରଥେ ବସାଇଲେ ନେଇ ବିରାଟ ରାଜାଙ୍କୁ ।
ମଙ୍ଗଳ ଘୋଷନ୍ତି ଦ୍ୱିଜ ପୁଣି ଚଣ୍ଡିପୁଅ
ହୁଳହୁଳିର ଶବଦ ଶୁଭେ ଅପ୍ରମିତ ।
ଘେନିଲେ ଯେ ବେନିଲକ୍ଷ ଯୋଦ୍ଧା ହଲକାର
ହେଲେ ସେ ଲଙ୍ଘି ପାରନ୍ତି ମେରୁ ଆଦିକର ।
ଯାଚକେଶ୍ୱର ମନ୍ତ୍ରୀ ଯେ ଅଟେ ଆଗୁଆଣୀ
ନବଲକ୍ଷ ଯୋଦ୍ଧାମାନେ ତା କୂଳେ ପଲଣ ।
ସୁମରଣା କଲେ ମନେ ଶ୍ରୀଦୁର୍ଗା ମାଧବ
ଆହେ ଚକ୍ରଧର ତୁମ୍ଭେ ହୁଅନ୍ତ ବାନ୍ଧବ ।

କୋନ୍ତ ଥାଟକୁ ଚଳାନ୍ତେ ଚଳେ ଅବନୀକୁ
ଇନ୍ଦ୍ର କି ବିଜୟ କଲେ ଅମର ମଣ୍ଡଳୁ ।
କୋନ୍ତ ବୋଇଲେ ହୋ ରାଜା ଶୁଣ ମହେଶ୍ୱର
ସନ୍ନିଧିକୁ ଡାକିଆଣ ତୋର ରନ୍ଧିକାର ।
ରାଇ ଆଣିଲେ ତାହାଙ୍କ ଆଜ୍ଞା ଅବଧାରି
ଶ୍ରୀକରରେ ଶାଢ଼ୀ ଦେଲେ କୋନ୍ତଭଟ୍ଟ ଧରି ।
ଅଶ୍ୱ ଚଢ଼ିଣ ଗମିବୁ ଠାକୁରଙ୍କ କତ
ସୈନ୍ୟଙ୍କ କୁ ନ ଛାଡ଼ିବୁ ଯୁଦ୍ଧେ ବିଦାରିତ ।
କୋନ୍ତ ବୋଇଲେକ ରାଜା ଶୁଣ ମହେଶ୍ୱର
ହକାରି ଭରି ଆଣ ବଲ୍ଲଭ ତୁମ୍ଭର ।
ବିଶଇ ବ୍ରାହ୍ମଣ ଗୋପ୍ୟ ପୁରୁଷ ପରାଏ
ଦଶବଂଶ ଦନେ ବଳୀ ପାଶେ ଥାଉ ରାଏ ।
ବ୍ୟାଘ୍ର ମାଲ ମାଇଲା ସେ ଦେଖିଛ ପ୍ରତ୍ୟକ୍ଷେ
ଅନବରତରେ ଥାଇ ସେ ଆମ୍ଭ ସପକ୍ଷେ ।
ବିରାଟ ବୋଇଲେ ଚହୁଁ ଦେଶାନ୍ତର ରାଇ
ବଲ୍ଲଭ ସୂପକାରକୁ ଡାକିଆଣ ଯାଇ ।
ରାଜାଙ୍କର ଆଜ୍ଞା ପାଇ ସେହୁ ଦେଶାନ୍ତରେ
ଉଚ୍ଚରେ ଡାକ ଦିଅନ୍ତି ଯାଇ ରୋଷଘରେ ।
ଆହେ ଗୋସାଇଁ ବଲ୍ଲଭ ବୋଲି ଡାକଦେଇ
ଠାକୁରଙ୍କ ଆଜ୍ଞା ତୁମ୍ଭେ ଆସ ବେଗ ହୋଇ ।
ପୁନଃ ପୁନଃ କରି ଡାକ ଦେଲେ ଗୁରୁଜନେ
ରନ୍ଧଣାରେ ପଶି ଡାକ ନ ଶୁଣଇ କର୍ଣ୍ଣେ ।
ଉଚ୍ଚସ୍ୱରରେ ଡାକନ୍ତେ ଚାହିଁଲା ଲେଉଟି
କିଏ ଠାକୁର ବୋଲିଣ ଚାହେଁ କୋପଦୃଷ୍ଟି ।
ଦୂରେ ଥାଇଣ ସେ ଦୂତ ହୋଇ ପରଣାମି
ଆଜ୍ଞା କରିଛନ୍ତି ରାଜ ବିରାଟ ଯେ ସ୍ୱାମୀ ।
କ୍ରୋଧେ ଲୋଚନ ବୁଲାଇ ଚହୁଁ ସୂପକାର
ବୋଇଲା ବିରାଟ ରାଜ କାହାର ଠାକୁର ।
ତାର ମୁଁ କି ବଟସ୍ଥର ଯିବଇଁ ଆସ୍ଥାନେ
ଗଲେ ସେ ଦ୍ୱନ୍ଦ୍ୱହୁଁ ମୋତେ ନ ପେଷଇ ଅନେ
କେବେ ବୋଲି ବାଘମାର କେବେ ମାଲମାର
ଏଡ଼େ ହୋଇକରି ବଶ ହେଲି କି ତାହାର
କାହୁଡ଼ିଣ ଦୂତେ ଯାଇ କହିଲେ ରାଜାଙ୍କୁ
ତବାଜ୍ଞା ମେଣ୍ଟି ଅବଜ୍ଞା କରିଲା ତୁମ୍ଭଙ୍କୁ ।
ରୋଷଘରରେ ଚାହିଁଲା ପୁଣ ସୂପକାର
ବୋଇଲା ବିରାଟ ରାଜ ମୋର କି ଠାକୁର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ତାହାର କି ଜଣ ମୂର୍ଖ ନ ଯିବ ଆସ୍ଥାନ
ଶୁଣି କୌନ୍ତ ସୁମନ୍ତ୍ରଣା କଲେ ଭଗବାନ ।
ଏଡ଼େ ଦୁଷ୍ଟ ଯେବେ ଧର୍ମେ ବଞ୍ଚି ଅଛୁ ବନ
କେମନ୍ତେ ଗୁପତ ବାସ୍ତୁ ରଖ ନାରାୟଣ ।
ବିରାଟ ବୋଇଲେ ସୂପକାରକୁ ନ ରାଗ
ସେ ବଡ଼ ବଳିଗିରୁ ମାରିଲା ବନୁ ବାଘ ।
ସେହି ରାଗ ଧରି ମନେ ନ ଆସେ ଗ୍ଳାନିକୁ
ପଣ୍ଡା ହେ କୋପ ନ କର ତୁମ୍ଭେ ବଲ୍ଲଭକୁ
କୌନ୍ତ ମୁଁ ତୁମ୍ଭଙ୍କୁ ରାଜ୍ୟଭାର ସମର୍ପିଲି
ବଲ୍ଲଭେ ଡକାଇ ଆଣ ତୁମ୍ଭ ଆଜ୍ଞା ବୋଲି ।
କୌନ୍ତ ବୋଇଲେ ରେ ଦୂତ ଯାଅରେ ତୁରନ୍ତ
ଆମ୍ଭର ଆଜ୍ଞା ବୋଲିଣ ଡାକିଆଣ ଜତ ।
କୌନ୍ତଙ୍କ ଆଜ୍ଞା ପାଇଣ ଗଲେ ଦୂତଗଣେ
ରୋଷ ନବରେ ମିଳିଲେ ଯାଇ ତତକ୍ଷଣେ ।
ହେ ବଲ୍ଲଭ ସୂପକାର ଶୁଣିମା ତୋପାଇଁ
କୌନ୍ତଙ୍କର ଆଜ୍ଞା ଆସ ତୁମ୍ଭେ ବେଗେ ଧାଇଁ
ସ୍ୱାମୀଙ୍କର ଆଜ୍ଞା ସେହି ମସ୍ତକରେ ଘେନ
ରୋଷ ମଧ୍ୟରୁ ବାହାର ହୋଇଲେ ପାବନ ।
ସମଦଣ୍ଡକୁ ଯେଉଁଣ ବିରାଟ ବିଜୟେ
ସନ୍ନିଧେ ପ୍ରବେଶ ହେଲେ ପବନ ତନୟେ ।
ବିରାଟ କଣ୍ଠକ ସେହି ଅଙ୍ଗସାର ଦେଇ
ପ୍ରଣିପାତ ସୂପକାର କୌନ୍ତ ମୁଖ ଚାହିଁ ।
ଜଡ ମହାପ୍ରସାଦ ଏ ବିରାଟର ଶିର
ନ ଉଠେ ରାଜା ବଚନ ଶୁଣି ସୂପକାର ।
କୌନ୍ତ ବୋଇଲେ ଠାକୁରଆଜ୍ଞାହେଲାତୋତେ
ଉଠ ସୂପକାର ପ୍ରଣିପାତ ହେଉ କେତେ ।
ତୁଷ୍ଟ ହୋଇଥିଲେ ସେହି ବିରାଟ ବଚନେ
ଧାଡକାରେ ଉଠେ କୌନ୍ତ ଆଜ୍ଞା ପରମାଣେ
ଶୁଣହେ ବଲ୍ଲଭ ବୋଲି ବୋଲେ କୌନ୍ତେୟ
କୀଚକ ନାଶେ ତ୍ରିଗର୍ତ୍ତ ଆଣିଅଛୁ ଥାଟ ।
ଆପଣେ ବିରାଟ ରାଜା ବିଜୟେ ସମରେ
ଆଜ୍ଞା ହୋଇଲା ତୁମ୍ଭଙ୍କୁ ଯିବାକୁ ସଙ୍ଗରେ ।
କୌନ୍ତଙ୍କର ନରଧାର ଆଜ୍ଞାକୁ ସେ ଶୁଣି
ଅଜ୍ଞାତବାସର ଶେଷ ସମୟକୁ ଜାଣି ।
ବଲ୍ଲଭ ସମ୍ମତ କଲେ କୌନ୍ତଙ୍କ ବଚନେ
ଶାଢ଼ୀ ଦେଲେ ନେଇ ତାଙ୍କୁ ଧର୍ମଙ୍କ ନନ୍ଦନେ

ଡାହାଣ ପାଖରେ କୌନ୍ତ ବାମେ ଭୀମସେନ
ପଛରେ ନକୁଳ ମଧ୍ୟେ ବିରାଟ ରାଜନ ।
ତଣ୍ଡ୍ର ଦେଖନ୍ତେ ଚଳଇ ତହିଁ ମନ୍ତ୍ୟପଦ
କୌନ୍ତ ମୁଖକୁ ଅନାଇଁ ଅତି ପ୍ରଶଂସନ୍ତି ।
ଦଣ୍ଡ ସାଜିବାକୁ କୌନ୍ତେ ତୁମ୍ଭେ ତ ପାରଗ
ଅନ୍ୟର ରାଜ୍ୟକୁ ତୁମ୍ଭେ ମନ୍ତ୍ରୀପଣେ ଯୋଗ୍ୟ
ବିରାଟ ରାଜାଙ୍କ ମୁଖୁ ଏହି କଥା ଶୁଣି
ପବନନନ୍ଦନ କୋପେ ଶିର ଦେଲା ଝୁଣି ।
ଏ ସ୍ଥିର ରାଜ୍ୟେ ଅଯୋଗ୍ୟ ହେଲେ ମନ୍ତ୍ରୀପଣେ
ଅନ୍ୟର ରାଜ୍ୟକୁ ଯୋଗ୍ୟ ବୋଲେ କିକାରଣେ
ଦେଖିବା ବିରାଟ ଆଜ ଦଣ୍ଡ ଯେବେ ଚଳେ
ତ୍ରିଗର୍ତ୍ତଙ୍କୁ ଜିଣଇ କି ଆଜ ଏହା କଳେ ।
ଚଳିଯାନ୍ତି ସମଦଣ୍ଡ ମଙ୍ଗଳ ଯୋଗରେ
ମଲ୍ଲ ପରି ହୋଇ ପଶେ ଦଣ୍ଡ ପଟୁଆରେ ।
କାମିନୀ ଭଦ୍ରା ବୋଲିଣ ନଦୀ ଏକଗୋଟି
ରାଜ୍ୟ କ୍ଷୀର ଧାରି ସେହି ଦକ୍ଷିଣରେ ଫୁଟି ।
ସେ ନଦୀ ତଟେ ରହିଲେ ବିରାଟ ସଇନ
ଆକାଶ ଉଚ୍ଛୁଳ ପଡ଼େ ବାଦ୍ୟ ନାଦେ ପୁଣି ।
ସୈନ୍ୟବଳ ଘେନିକରି ଆସନ୍ତେ ତ୍ରିଗର୍ତ୍ତ
ମାନଭଙ୍ଗ ଶୈଳେ ଦୂତ ରହିଲା ଗୁପତ ।
ତ୍ରିଗର୍ତ୍ତେଶ୍ୱର ଜାଣିଲେ ଆସିଲା ବିରାଟ
ମାନଭଦ୍ରା ନଦୀକୂଳେ ଉତ୍ତରିଲେ ଥାଟ ।
କହୁଁ କହୁଁ ତ୍ରିଗର୍ତ୍ତ ଯେ କର୍ମେ ଅତିରୋଷେ
ପଞ୍ଚଦଶଯୁଣ ଗଲେ ଏକଇ ଦିବସେ ।
ଅରୁଣ ପର୍ବତେ ଯାଇ ରଖାଇଲେ ଥାଟ
ଦୂର ଯୋଜନ ଅନ୍ତରେ ରହିଲେ ବିରାଟ ।
ସେନାପତିମାନଙ୍କୁ ସେ ନିକଟେ ବସାଇ
ତ୍ରିଗର୍ତ୍ତ ବୋଲଇ ତାଙ୍କୁ ବସ୍ତ୍ରଧନ ଦେଇ ।
ବିରାଟର ସଇନ୍ୟକୁ ମୋତେ ଦିଅ ଜିଣି
ପ୍ରତିଜ୍ଞା କରିଲେ ସେନା ରାଜା ବାକ୍ୟ ଶୁଣି
ତୁରଗ ଆରୋହୀ ସର୍ବେ ବୁଲଇଣ ଯାଠି
ରେ ରେ କାର କରି ସର୍ବ ସମଦଣ୍ଡ ଉଠି ।
ଦିନ୍ତୁ କୃଷ୍ଣ ଚତୁର୍ଦ୍ଦଶୀ ପୁଣି ଶୁକ୍ରବାର
ଅନୁରାଧା ନକ୍ଷତ୍ର ଯେ ଥିଲା ସେ ଦିନର ।
ବିଷ୍ଟି ନାମେ କରଣ ଯେ ଧୃତି ନାମେ ଯୋଗେ
ବେନିବଳ ଭେଟାଭେଟି ହେଲେ ଏକଯୋଗେ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବେନକୂଳ ଅନ୍ୟୋନ୍ୟରେ ପ୍ରୀତିଭାବ ଗୁଡ଼
ତ୍ରିଗର୍ତ୍ତର ସୈନ୍ୟ ସଙ୍ଗେ ପଡ଼ିଲେକ ମାଡ଼ ।
କରୁଣାକର କଣସ୍ଥ ବେଢ ମହାଯୋଧି
ଆଗୁଆଣି ଥାଟେ ଯାଇ ସେହୁ ଶର ବନ୍ଧି ।
ପ୍ରହରଣ ପଟେ ଥାଟେ ନ ଦେଖନ୍ତି କାହା
ମାନଗୋବର୍ଦ୍ଧନ ଆଜ୍ଞା ଯୁଦ୍ଧେ ଶସ୍ତ୍ର ବାହା ।
ଅଶ୍ୱମାନଙ୍କୁ ଦେଖାଇ ପଶିଲେ ସମରେ
ପାଞ୍ଚଲକ୍ଷ ଯୋଦ୍ଧା ଉଠି ଏକ ସାବଡ଼ରେ ।
ଝୁଲକାନ୍ତ ଲକ୍ଷିଆକୁ ମେଘ ପ୍ରାୟେ ଗର୍ଜି
ଦୂରେ ଥାଇଣ ଦେଖନ୍ତି ମତ୍ସ୍ୟ ସୈନ୍ୟରାଜ ।
ବିରାଟେଶ୍ୱରଙ୍କ ସୈନ୍ୟ ଅଟନ୍ତି ସ୍ୱଦେଶୀ
ଯୁଦ୍ଧ କରିଲେ ତ୍ରିଗର୍ତ୍ତ ସୈନ୍ୟବଳେ ପଶି ।
ବେନବଳ ଗୋଳଯୁଦ୍ଧ କଲେ ହୋଇ ରୁଣ୍ଡ
ଚରଣ ରେଣୁ ଉଡ଼ନ୍ତେ ନ ଦିଶେ ମାର୍ତ୍ତଣ୍ଡ ।
ରଥୀକୁ ରଥୀ ପଦାତି ପଦାତି ଆବୋରି
ଗଜାରୋହୀ ଗଜାରୋହୀ ହେଲେ ମରାମରି ।
ଅଶ୍ୱାରୋହୀଯୋଦ୍ଧାମାନେ ହେଲେ ଭେଟାଭେଟି
ପଦାତି ପଦାତି ମିଶି ହୋଇ ପିଟାପିଟି ।
ଲାଗିଲା ଘୋର ସମର ନ ଧୁଞ୍ଚନ୍ତି ଦଣ୍ଡେ
ତର୍ଜନ୍ତି ଗର୍ଜନ୍ତି ପୁଣି ପଡ଼ନ୍ତି ପ୍ରଚଣ୍ଡେ ।
ମାରନ୍ତି କମାଣ କେହୁ ମାରେ ବ୍ରଜମୁନା
ଗାଡ଼ଶରଘାତେ ଫୁଟିଯାଇ କାର ସେହ୍ନା ।
ଅରୁଣ କରଣୀ ଦୁଇ ବିରାଟର ରଥୀ
ତ୍ରିଗର୍ତ୍ତ ବେନ ଯୋଦ୍ଧାଙ୍କୁ ପାତିଲେ ଚଡ଼ିତ ।
ଶୋଣିତ ପଡ଼ନ୍ତେ ଉଠିଲାକ ବଜ୍ର ସେହ୍ନା
ସାରଥିଇ ଅମନାତ୍ୟ ଛନ୍ଦିବର ସିନା
ଦଣ୍ଡବଳ ଯୋଦ୍ଧାଙ୍କୁ ଯେ କେ ପାରିବ କଳ
ଧାମନ୍ତେ ଉଠନ୍ତେ ପାଦେ କମ୍ପେ ମହୀସ୍ଥଳୀ
ଗଦା ମୁଦୁଗର ଚକ୍ର ଶର ଅସିପଟ
ପିଟନ୍ତେ ଅଶ୍ୱ କେତେହେଁ ପଡ଼ିଲେ ଦହଗତ ।
ବିରାଟ ସୈନ୍ୟ ଉଠିଲେ ହୋଇ ଗଳଗାଜ
ତ୍ରିଗର୍ତ୍ତ ରାଜା ସଇନ ପଳାଇଲେ ଲାଜ ।
ପ୍ରଥମ ଯୁଦ୍ଧେ ହାରିଲା ରାଜନ ତ୍ରିଗର୍ତ୍ତ
ସଇନ୍ୟ ପଡ଼ିଲେ ନବ ଯୋଜନ ପର୍ଯ୍ୟନ୍ତ ।
ଗଜ ଯୋଦ୍ଧାବେଣ୍ଟ ସହସ୍ର ଅଶ୍ୱ ଯୋଦ୍ଧା ଲକ୍ଷ
ପଦାତି ଯୋଦ୍ଧା ପଡ଼ିଲେ ଅସଂଖ୍ୟେ ଅସଂଖ୍ୟେ

ଦୋନ ସହସ୍ର ରଥୀଙ୍କୁ ନେଲେ ବନ୍ଧ କରି
କୋନ୍ତ ପ୍ରଶଂସିଲେ ସାଧୁ ବିରାଟ ଭୂମ୍ବର ।
ଭଟ୍ଟବଳ ସଙ୍ଗତରେ ଯେତେଣ ତ୍ରିଗର୍ତ୍ତ
ସଂଗ୍ରାମ କରିଲେ ମାନଭଙ୍ଗ ପରବତ ।
ସ୍ନାନ ଦେବାର୍ଚ୍ଚନ ମାନ ସାରଣ ବିରାଟ
ରଜନୀ ପ୍ରଭାତେ ପୁଣି ସଜ୍ଜରେ ଥାଟ ।
ତ୍ରିଗର୍ତ୍ତ ପୁଞ୍ଜଇ ସେନାମାନଙ୍କୁ ବସାଇ
ଏହି ସମଦଣ୍ଡ ଯେନ ଯିବା ନ ଯୋଗାଇ ।
ଯୋଦ୍ଧାଏ ବୋଇଲେ ରାଜା ନ ହୁଅ କାତର
ହାରିବା ଜିଣିବା ସିନା କ୍ଷତ୍ରୀଙ୍କ ବେଭାର ।
ଆଜେ ଆଜର ସମର ଭୟଙ୍କର ଦେଖ
ନଷ୍ଟପ୍ରୁ ବିରାଟ ଆଜ ହୋଇବ ନରେଖ ।
ସାଜ ସାଜ ସମଦଣ୍ଡ ମହା ବଳବନ୍ତା ।
ତତକ୍ଷଣେ ବାହାର ହେଲେ ସେନା ଅକଳନ୍ତା
ପାଞ୍ଚପର୍ବର୍ଦ୍ଧ ଯୋଦ୍ଧାଙ୍କୁ ଘେନଣ ତ୍ରିଗର୍ତ୍ତ
ନଜେ ଉଠନ୍ତେ ଗଗନେ ଘୋଟିଗଲା ରଥ
ବଜାଇ ବୀର ଟମକ ହୋଇ ମହାଘୋର
ସମୁଦ୍ର ଗର୍ଜନ ପ୍ରାୟ ଶୁଭେ ଭୟଙ୍କର ।
କୋନ୍ତଙ୍କର ଅଗ୍ରତରେ ବିରାଟ ବୋଇଲେ
ଯୋଦ୍ଧାଙ୍କୁ ଘେନ ତ୍ରିଗର୍ତ୍ତ ଆପେ ବିଜେକଲେ
କୋନ୍ତ ବୋଇଲେ ଯେ ସଜହୁଅ ହେ ବିରାଟ
ସମର ଧର୍ମରେ ରାଜା ରାଜା ହେବ ଭେଟ ।
ରଥୀ ରଥୀ ପାଦ ପାଦ ଯୋଦ୍ଧା ଯୋଦ୍ଧା ସମ
ସଂଗ୍ରାମରେ ଏହିମତେ ଅଟଇଟି ଧର୍ମ
କୋନ୍ତଙ୍କ ବଚନ ଶୁଣି ଉଠିଲେ ବିରାଟ
ଡାହାଣ ପାଖରେ ଭଥେ ବିଜେ କୋନ୍ତଭଟ ।
ବାମଦିଗରେ ବଲ୍ଲଭ ଆରୋହଣ ଗଜ
ନକୁଳ ଅଶ୍ୱକେ ଚଢ଼ି ହୋଇଛନ୍ତି ସଜ ।
ତ୍ରିଗର୍ତ୍ତର ଜାନୁ ଭାନୁ ବୋଲି ବେନ ଯୋଦ୍ଧା
ଦୁହିଙ୍କ ସଙ୍ଗେ ଅର୍ବୁଦେ ହସ୍ତୀ ଛନ୍ତି ରୁନ୍ଧା ।
ସେହୁ କଣ୍ଠବରମାନେ ମହା ମହା ଦନ୍ତା
ଘୋଟିଲେ ମହାସମରେ ଗର୍ଜି ବଳବନ୍ତା ।
ଥାଟକୁ ମନ୍ଥନ କଲେ ସେହି ବେନଜଣ
ଦେଖି ମହାଭୟ କଲେ ପଦାତିକ ଗଣ ।
ବିଷଦସେନା ବୋଲନ୍ତି ବିରାଟଙ୍କ ଭ୍ରାତ
ଆଗୁଆଣି ଥାଟେ ତିନିଲକ୍ଷ ଘେନ ରଥ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ନାଟଙ୍କା ହୋଇଣ ସେହୁ ବୁଲାଇଣ ଗଦା
ତ୍ରିଗର୍ତ୍ତ ରାଜାର ସୈନ୍ୟ ମାରି କଲା ଚଦା ।
ପଞ୍ଚବିଂଶ ରଥ ପୁଣି ପଚାଶଏ ହାତୀ
ବେନଲକ୍ଷ ତୁରଙ୍ଗମ ନ ଲକ୍ଷ ପଦାତି ।
ତ୍ରିଗର୍ତ୍ତ ଦେଖନ୍ତେ ପଡ଼ି ମଲେ ଏତେ ସୈନ୍ୟ
ସମର ତେଜି ଧୁଞ୍ଚିଲ ନବଲକ୍ଷ ଘଣ ।
ଥାଟ ଭଗ୍ନ ଦେଖିଣ ଯେ ତ୍ରିଗର୍ତ୍ତ ଈଶ୍ୱର
ଆପଣେ ଉଠିଲା ସଙ୍ଗେ ଘେନି ସହୋଦର
ରେ ରେ ଶବଦ କରିଣ ସମରେ ସେ ଉଠି
ଏକାଯାକରେ ଛଡ଼ିଲେ ସେନା ପାଞ୍ଚକୋଟି ।
ଛେଳିପଲ ଦେଖି ବ୍ୟାଘ୍ର ଯେସନ ଗର୍ଜଇ
ସେହି ପ୍ରକାରେ ତ୍ରିଗର୍ତ୍ତ ଡାକେ ହାନ୍ତୁ ହାନ୍ତୁ
ପ୍ରଥମ ସମର ସ୍ଥଳେ ଶୂରବନ୍ତ ବାହୁ
ବିରାଟଙ୍କର ସୋଦର ପଡ଼େ ଭଟରାହୁ ।
ବେନ ବାର ପଡ଼ନ୍ତେ ଯେ ଭାଜିଲେ ସଇନ୍ୟ
ଦୁଇ ଭାଗରେ ବିଭକ୍ତ ହେଲେ ସୈନ୍ୟଗଣ
ଗଦା ତ୍ରିଶୂଳ ମୁଦ୍ଗର ଆବର ଶକତି
ଛେଲ କୁନ୍ତ ନାରାଚକୁ ନିରତେ ବାହନ୍ତି ।
ବେନ ଥାଟରେ ହୋଇଲା ଅତି ଘୋରରଣ
ପଶିଲେ ସମରେ ଯୋଟିଲେକ ପଞ୍ଚଦୂଣ ।
ଛେଲ କୁନ୍ତ ଅସିପଶ ନାରାଚର ଘାଏ
ପଡ଼ନ୍ତି ଯୋଦ୍ଧାଏ ନ ଧୁଞ୍ଚନ୍ତି ଏକ ପାଏ ।
ପର ଆପଣା ଚିହ୍ନିଣ ନ ପାରନ୍ତି ଚକ୍ଷି
ରୁଧିର ମାଂସେ କର୍ଦ୍ଦମ ହୋଇଲା ମେଦିନୀ ।
କେ ଶତେ ନାରାଚ କେହୁ ସହସ୍ରେ ଶର ମାରି
ମାରନ୍ତି ଏକଇ ଶର ଅନ ବୈରି କରି ।
ସୂର୍ଯ୍ୟ ଅସ୍ତଗତ ହେଲେ ସନ୍ଧ୍ୟା ଅବଶେଷେ
ସେହି ପ୍ରକାରେ ଦହନ୍ତି ସେନା ଉଭବାଯେ ।
ଉଭୟକୁଳ ସଇନ୍ୟ ପଡ଼ିଲେ ବହୁତ
ରକ୍ତମାଂସରେ କର୍ଦ୍ଦମ ହେଲ ଧୂଣ ଶତ ।
ତର୍ଜନ୍ତି ଗର୍ଜନ୍ତି କେହି ନ ଧୁଞ୍ଚନ୍ତି ରଣେ
ଅନେକ ପଦାତି ଆବୋରନ୍ତି ଏକଜଣେ ।
ମତ୍ସ୍ୟଧର ବୃଷହନ ଥିଲେ ଆଗୁଆଣି
ଆପଣେ ବିରାଟ ତାକୁ ପଚାରିଲେ ବାଣୀ ।
ବିରାଟ ତ୍ରିଗର୍ତ୍ତ ଯୁଦ୍ଧ ହେଲା ଏହିମତେ
ଧଳ କରି ମୁଁ କହିଲି ସିନା ଶାସ୍ତ୍ରମତେ ।
ହେ ବୁଧଜନେ ନ ଘେନ ମୋହର ଯେ ଦୋଷ
ଭାବରେ ଲେଖିଲା ଏହା ଶ୍ରୀ ଶାରଳା ଦାସ ।

ତ୍ରିଗର୍ତ୍ତ ସହ ଯୁଦ୍ଧରେ ବିରାଟର ବନ୍ଦୀ ହେବା

ଅଗସ୍ତି କହନ୍ତି ମନୁ ସାବଧାନେ ଶୁଣ
ଅପୂର୍ବ କଥନ ଏବେ କରିବ ବଖାଣ ।
ଦେବଅଂଶୁମାଳୀ ଅସ୍ତ ହେଲେ ଯେତେବେଳେ
ରଣ ଘୋର ହୋଇଲାକ ପୁଣି ନିଶାକାଳେ ।
ସେନାମାନଙ୍କୁ ଘେନିଣ ଉଠିଲେ ବିରାଟ
ତ୍ରିଗର୍ତ୍ତ ରାଜାର ତୁଲେ ହେଲେ ଯାଇଁ ଭେଟ
ତ୍ରିଗର୍ତ୍ତ ବୋଇଲେ ବିରାଟ ପଡ଼ିଲୁ ମୋ ମୁଖ
ଆଜ ପାସୋରିବୁ ମୂର୍ଖ ବନବାସ ଦୁଃଖ ।
କୀଚକକୁ ଘେନି ମୋତେ ଚିନ୍ତିଲୁ ପ୍ରମାଦ
ଶରଣ ରଖିଲେ ସିନା ସେ ମାନଗୋବିନ୍ଦ ।
ମୋର ରାଜ୍ୟରେ ତୋହର କସ ଯୁଦ୍ଧ ଖେଳା
ବିରାଟ ବୋଇଲେ କୀଚକ ଥିବା ସିନା ମଲା ।
ଏକଇ ବିରାଟ ଶତେ କୀଚକ ହୋଇବ
ଆଜ ବଧ ହେବୁ ତୁହି ବହନରେ ପଳା ।
ମୁଁ ଜାଣଇ ତୁ ଆଜ କି ଭଲେ ଯିବୁ ବର୍ତ୍ତି
ମତ୍ସ୍ୟ ମଧ୍ୟଦେଶ ଜାଣ ହୋଇଲା ନର୍ତ୍ତିତ ।
ଭୀମସେନ ଭାବିଲ ହେ ବେନିରାଜା ଭେଟ
ଜାଣିବା ତ୍ରିଗର୍ତ୍ତ କେବେ ଜିଣିବ ବିରାଟ ।
ହୋଇଲା ଅନ୍ୟ ରାଜାକୁ ଯୋଗ୍ୟ ମନ୍ତ୍ରୀପଣେ
କେମନ୍ତେ ତ୍ରିଗର୍ତ୍ତ ଆଜ ଜିଣିବ ଆପଣେ ।
ଏହିପରି ଚିନ୍ତି ଭୀମ ସେ ସ୍ଥାନରୁ ଘୁଞ୍ଚି
ବିରାଟ ବାମପାଖରେ କାହାକୁ ନ ଦେଖି ।
ନକୁଳଙ୍କୁ ଖୁଞ୍ଚିଗଲେ ସମର ଉପେକ୍ଷି
ଏହି ପ୍ରକାରେ ବିରାଟ ଅବସ୍ଥାକୁ ଦେଖି ।
ଭୀମସେନ ନକୁଳଙ୍କୁ ନ ଦେଖିଣ କତ
ଭଟ୍ଟେ କୋଟିନ୍ତେ ବିରାଟକୁ ଘୁଡ଼ିଲେ ଚଉଡ଼ତ ।
ବନହିଁ ଯାଆନ୍ତେ ଭାଜିଗଲେ ସର୍ବସେନା
ତ୍ରିଗର୍ତ୍ତର ସଇନ୍ୟ ଯେ ନ ଯାଇ ଗଣନା ।
ତିନପଦ୍ମତୁରଗ ପାଞ୍ଚକୋଟି ହସ୍ତୀ
ଏକାଦଶକୋଟି ଯୋଦ୍ଧା ଦ୍ୱିକୋଟି ପଦାତି ।
ଏତେ ସେନେଣ ତ୍ରିଗର୍ତ୍ତ ବେଢ଼େ ବିରାଟକୁ
ଜଣେ ହେଲେକେହି ସଖା ନ ହେଲେ ତାହାକୁ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସମଦଣ୍ଡ ଘେନକର ତ୍ରିଗର୍ତ୍ତ ନୃପତି
ଲକ୍ଷପୂରେ ବିରାଟଙ୍କୁ ଘେରିଲା ଚୌକତି ।
ନ ଦେଖିଲେ ବଲ୍ଲଭଙ୍କୁ ଯହୁଁ କୋନ୍ତଭଟେ
ନିଜ ଭରକୁ ନେଇଣ ତାଡ଼ନ୍ତି ଲମ୍ବଟେ ।
ବିରାଟ ଚିନ୍ତନ୍ତି ମୂର୍ଚ୍ଛି ବୁଝି ନ ପାରିଲ
ଜଳର ପ୍ରାଣ ସଙ୍କଟେ ମରଣ ହୋଇଲ ।
ମୋହର ମରଣେ ଅବା ନେବ ଘେନ ରାଜ୍ୟ
ଶତ୍ରୁ ମିତ୍ର ନ ବୁଝି ମୁଁ କରିଲି କି କାର୍ଯ୍ୟ ।
ପୁଣି ବିଗ୍ରହେ କୀଚକ ଗଲା ମୋର ସଖା
ନିରେଖ ହୋଇଲି ମୋର ଆଜ ନାହିଁ ରକ୍ଷା
କର୍ମ ଆଦରି ବିରାଟ ବୀର ମହାଯୋଧୀ
ଜୀବନ ଆଶାକୁ ଛାଡ଼ି ଶରୀର ନିର୍ବନ୍ଧ ।
ଶଙ୍ଖ ଶ୍ୱେତ ଉତ୍ତର ଏ ବିରାଟର ସୁତେ
କଣ୍ଠ ବିଗ୍ରହ ନ କରି ଧ୍ୱାନ୍ତି ସେ ରଥେ ।
ଯୁଧିଷ୍ଠିର ହେଲେ ଯାଇ କୌପିନ ବସିନେ
ସୈନ୍ୟମାନେ କେ କୁଆଡ଼େ ଗଲେ ଅବଚ୍ଛିନେ
ଏକା ହୋଇଣ ବିରାଟ ଦ୍ୱନ୍ଦ୍ୱଯୁଦ୍ଧ କଲେ
ପଞ୍ଚଷଠି ଯୋଦ୍ଧା ଏକା ବିରାଟ ମାଇଲେ ।
ନବଲକ୍ଷ ଯୋଦ୍ଧା ମିଳି ସେ ରଥକୁ ପିଟି
ଶତସହସ୍ର ଖଣ୍ଡ ଯେ ହେଲା ରଥଗୋଟି ।
ପାଦଗାମୀ ହେଲେ ତହୁଁ ବଇରସ୍ତ୍ରିବଳା
କରେ ମତ୍ସ୍ୟାଧିପ ଘେନ ଖଡ଼ଗର ଫଳା ।
ବିକ୍ରମସିଂହ ଯେସନେ କରେ ପାଦଗତି
ତେସନକ ଶୋଭିବନ ବିରାଟ ବିଶନ୍ତି ।
ଛାଗଳ ପଲକୁ ଯେହ୍ନେ କ୍ଷେପେ ମତ୍ତବ୍ୟାଘ୍ର
ସେହ୍ନ ପ୍ରକାରେ ବିରାଟ ଯୁଦ୍ଧ ଅତିବେଗ ।
ଖଣ୍ଡାଏ ଘେନ ବିରାଟ ବେଗରେ ହାଣଇ
ଗଜକୁମ୍ଭମାନ ବେନିଖଣ୍ଡ ଛିଡ଼ଯାଇ ।
ସର୍ବେ ପ୍ରଶଂସା କରନ୍ତି ସାଧୁ ରେ ବିରାଟ
ଏକାଜଣେ ହୋଇ ମନ୍ଥେ ତ୍ରିଗର୍ତ୍ତର ଠାଟ ।
ବଂଶପଦ ହସ୍ତୀ ଘୋଡ଼ା ଯୋଦ୍ଧା ଆଦିକରି
ଏକା ହୋଇଣ ବିରାଟେ ପକାଇଲେ ମାରି ।
ଘୋଟକ ମୁକୁଟ ଯୋଦ୍ଧା ନବଶତ ବୀର
ବିରାଟ ହସ୍ତେ ସମସ୍ତେ ହୋଇଲେକ ଚୂର ।
କେତନ ନାମେ ତ୍ରିଗର୍ତ୍ତ ଯୋଦ୍ଧା ଧାଏଁ ବେଗେ
ବିନ୍ଧ୍ୟପର୍ବତ ସମାନେ ଚଢ଼ି ଏକନାଗେ ।

ଜ୍ୱାଳାବଳ ଆୟୁଧେକ ବିରାଟେ ସେ ପିଟି
ଚରକ ଯୁଦ୍ଧେ ବିରାଟେ ତାକୁ ବେଗେ ଭେଟି
ଅସିଘାତ ବୁଲାଇଣ ପିଟେ ରୋଷଭର
ସେ ଗଜର କୁମ୍ଭସ୍ଥଳ ପଡ଼େ ଛିଡ଼କର ।
ସେ କେତନ ସେନାପତି ପଡ଼େ ମୁହଁମାଡ଼
ବିରାଟ ହାଣନ୍ତେ ତହୁଁ ଶିର ଗଲା ଛିଡ଼ ।
କେତନଙ୍କୁ ବଧକରି ମତ୍ସ୍ୟେଶ୍ୱର ଖେଦି
ପାଞ୍ଚଶତପଦ ସୈନ୍ୟ ଖଡ଼ଗରେ ଛେଦି ।
କୋପ କରଣ ଡାକଇ ତ୍ରିଗର୍ତ୍ତ ରାଜନ
ଦଳ ମନ୍ଥନ କରୁଛି ଦେଖ ଏକଜଣ ।
ପୁଣି ଡାକ ଦିଅଇ ରେ ବେଗେ ବେଢ଼ି ମାର
ଧର୍ମ ଅଧର୍ମ ବୋଲିରେ ବିଚାର ନ କର ।
ତ୍ରିଗର୍ତ୍ତଠାରୁ ଏସନ ବାକ୍ୟ ଯହୁଁ ଶୁଣି
ବେଢ଼ିଲେ ବିରାଟେ ବଳ ପାଞ୍ଚ ଅକ୍ଷୌହିଣୀ ।
ଅବିରତରେ ହାଣନ୍ତେ ବେଗେ ବେଗେ ଶର
ଯେସନେ ମେଘରୁ ପଡ଼େ ବରଷାର ଧାର ।
କେ ଫଳା ମାରିଲା କେହୁ ଖଡ଼୍ଗମୁଠା ରାଜ
ତ୍ରିଗର୍ତ୍ତ ବୋଲେ ଯମ ଯୋଦ୍ଧେ ବିରାଟ ପାଞ୍ଚ
ଅଶ୍ୱ ଆରୋହଣ କରି ଡାକଇ ତ୍ରିଗର୍ତ୍ତ
ପ୍ରାଣେ ନ ମାରି ବିରାଟ ଧରି ରେ ଜୀବନ୍ତ ।
ରାଜାର ବଚନ ଶୁଣି କେହି ନ ମାରିଲେ
ଧର୍ମ ତୁମ୍ଭେ ସାହା ହୁଅ ବିରାଟ ବୋଇଲେ ।
ଅଶ୍ୱ ଏକ ଆରୋହଣ ତ୍ରିଗର୍ତ୍ତେଶ ମଲ୍ଲ
ଆକର୍ଷିଣ ବିରାଟର ଧଇଲାକ ବାଳ ।
ପାଟରଜ୍ଜୁ ଏ ଘେନଣ ବାନ୍ଧି ନିଜ ରଥେ
ଜୟ ଶବଦ କରଣ ଚଳିଲେ ତ୍ରିଗର୍ତ୍ତେ ।
କୁଞ୍ଜବର ବନେ ଧର୍ମପଗର୍ଦ୍ଧ ପର୍ବତେ
ସେ ସ୍ଥାନେ ଯାଇ ରହିଲେ ନୃପତି ତ୍ରିଗର୍ତ୍ତେ ।
ଅବସନ୍ନ ଥାଟ ଉପବାସ ଦିନାନ୍ତନ
ସୁଖେ ରନ୍ଧଣା କରିଲେ ସକଳ ସଇନ ।
ମତ୍ତେ ରଙ୍ଗନୃତ୍ୟ ଜୟ ଜୟ ନାଦ ତୋଳ
ଗାଆନ୍ତି ଗୀତ ଆନନ୍ଦେ ଦେଇ ହୁଳହୁଳି ।
ବିବସ୍ତ୍ର ହୋଇ ପଳାଇ ଗଲେ କୌନ୍ତଭଟେ
ନୃପକାର ବାଜୀପାଳ ପାଇଲେ ସେ ଭେଟ ।
ଚଢ଼ିଲେ ବଟର ମୂଳେ ଦୁହେଁ ଛନ୍ତି ବସି
ଯୁଧିଷ୍ଠିରଙ୍କ ମୁଖ ଚାହିଁ ବୃକୋଦର ହସି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଲୋମଶ ବୋଇଲେ ଏମନ୍ତ କଲୁ ଆରେ ଭୀମା
କେତେ ଉପକାର କଲେ ବଶିଷ୍ଠ ମହାତ୍ମା ।
ଛନଷାଠି ଘଣ୍ଟିରେ ତ ପୂର୍ବେ ତୋ ପେଟ
ନ ଜାଣୁ କେନେ ପାଇଛୁ ଭୁଞ୍ଜି ଯେତେ କଷ୍ଟ ।
ବାବୁ ତୋର ଆର୍ଦ୍ଧୋକକୁ ତ ସହସ୍ର ନରେ
ଦୁର୍ଗତିରୁ ପାର ହେଲୁ ଏ ବଶିଷ୍ଠ ପୁରେ ।
କାମ ଚଣ୍ଡାଳ ସ୍ୱକାରେ ହେଲା ତୋ ପ୍ରକୃତି
ଯେ ଅଜ୍ଞ ହେଲା ତାହାର ଭଞ୍ଜିଲୁ ଅମାତି ।
ନିଷ୍କଣ୍ଟକ ରାଜ୍ୟ ସେତୁ ଭଲେ କରୁଥିଲା
ଅନାଥ ହେଲା ଜୀବନ ଯତ୍ନ ନାଶଗଲା ।
ତା ଶତ ଶଳାକୁ ନାଶକଲୁ ଅନମିତ୍ତେ ।
ଏବେ ସେ ବନ୍ଦୀ ହୋଇଲା ମୋହର ଦେଖନ୍ତେ
ବାବୁ ରେ ବୃକ୍ଷମୂଳରେ ଯେତେବେଳେ ବସି
ତାହାର ଗୁଣ ସ୍ମରଣା କଲେ ଦିବାନିଶି ।
ଧିକ ମୋହର ଜୀବନ ନ ଫୁଟେ ମୋ ଆଖି
ନର୍କଜ ଆତ୍ମା ରହିଛି ରାଜା କଷ୍ଟ ଦେଖି ।
ଭୀମ ବୋଇଲେ ତୁମ୍ଭଙ୍କୁ ବୋଇଲା ବଶିଷ୍ଠ
ଆନରାଜ୍ୟେ ମନ୍ତ୍ରୀଗଣେ ଯୋଗ୍ୟ କୋନ୍ତଭଷ୍ଟ
ସ୍ୱାମୀ ଏହା ଶୁଣି ମୂର୍ଚ୍ଛି ବର୍ତ୍ତଇଲ ହୃଦେ
ସେ ରାଜେ ଆସନ୍ତେ ଧରିଲ ବନ୍ଦୀ ହେଲା ହାତେ
ଲୋମଶ ବୋଇଲେ ତୋହର ଆପଦ ସେନାଇ
ବଶିଷ୍ଠଙ୍କୁ ବନ୍ଦୀରୁ ତୁ ଆଣ ମୁକୁଳାଇ ।
ବାବୁ ଯାହାର ଖାଇ ରେ ତାର କାର୍ଯ୍ୟକର
କଲ ଉପକାର ହୃଦୟରୁ ନ ପାସୋର ।
ଭୀମସେନ ବୋଲେ ଦେବ ସମରର ବିଦ୍ୟା
ମଲଣ୍ଡୁ ରଖିଲେ ଜଣା ରହଇ ସର୍ବଦା ।
ଲୋମଶ ବୋଇଲେ ବାବୁ ରେ ଏମନ୍ତ ହେଉ
ମୋ ପୁଣ୍ୟବଳେ ବଶିଷ୍ଠ ବାରେ ରକ୍ଷାପାଉ ।
ବଶିଷ୍ଠଙ୍କୁ ନ ଆଣିବୁ ଯେବେ ତୁ ଜୀବନ୍ତେ
ମୋତେ ନ ଭାଳିବୁ ତୁହି ଆଦର ଦେଖନ୍ତେ
ଯାଅ ବାବୁ ନାରାୟଣ ଚିନ୍ତି ହୃଦଗତେ
ସଂଗ୍ରାମ ସଙ୍କଟ ଭୋଗ ହେଉ ବାବୁ ତୋତେ
ଶତ୍ରୁ ମାର କୁଟିଳରେ ହୁଅ ବାବୁ ଜୟୀ
ଭୈରବରୂପରେ ବଶିଷ୍ଠ ମୁକ୍ତ ହୁଏ ବାବା ।
ଭୀମସେନ ବୋଇଲ ମୁଁ କରୁଛି ସମର
ଅଜାତବାସକୁ ପୁଣି କୋପଦୃଷ୍ଟି ନ କର ।

ଲୋମଶ ବୋଇଲେ ବାବୁ ରେ ଧର୍ମର ଆଶ୍ରିତେ
ପାପକୁ ଭୟ ନ କର ବାବୁ କଦାଚିତେ ।
ଦଧିବାମନ ସ୍ମରି ଚଳ ଆରେ ଭୀମା
କୁଶଳେ ମୁକତ ହେଉ ବଶିଷ୍ଠ ମହାତ୍ମା ।
ଜୟ କୁ ଦଧିବାମନ ରୂପନାଥ ଆଦି
କଳ୍ପ କଳ୍ପ କୋଟି କୋଟି ପୃଥ୍ୱୀ ଯାର ସାଧି ।
ଜାତକ ଯାତ୍ରାଆଦି ସେ ସର୍ବ ଅନୁକୂଳେ
ଦଧିରୁଚିର ବଦନ ଯେ ସର୍ବମଙ୍ଗଳେ ।
ଶଙ୍ଖ ପଦ୍ମ ସର୍ବ ଶୁଭ ଯେଉଁ ମହ୍ୟରୂପୀ
ସବଶୂରେ ଯୋଗେଶ୍ୱର ସଂସାରକୁ ବ୍ୟାପି ।
ନାମ ସ୍ମରନ୍ତେ ସର୍ବକାର୍ଯ୍ୟ ହୁଏ ସିଦ୍ଧି
ମହାବଳ ଆହେ ନାଥ ପ୍ରାପ୍ତ ହେଉ ନିଧି ।
ଧୈର୍ଯ୍ୟବନ୍ତ ଗୁଣବନ୍ତ ନାମ ସ୍ମରନ୍ତେ
ଶାରଳା ଦାସର ଗତିମୁକ୍ତ ହେବୁ ଅର୍ଥେ ।

ଭୀମସେନଙ୍କ ଯୁଦ୍ଧ ଓ ବଶିଷ୍ଠ ରାଜାଙ୍କ ମୁକ୍ତି

ଶୁଣ ବୈବସ୍ୱତ ମନୁ କହେ ବ୍ରହ୍ମମୁନି
ନଭ୍ରାନ୍ତରେ ସୂପକାର ଆଜ୍ଞା ଶିରେ ଘେନି ।
ରାଜ ପାଞ୍ଚଖଣ୍ଡ ପରେ ଅନ୍ଧାର ପ୍ରବେଶ
ଧାମନ୍ତ ଯେ ବୃକୋଦର ଯୁଦ୍ଧେ ଦେବେ ଝାସ
ବାମ ଡାହାଣରେ ବେନି ଶାଳବୃକ୍ଷ ଘେନି
ଯମ ଆସିଲେ କି ସତେ ତେଜ ସଂଯମନୀ ।
ତାମ୍ରଗିରି ଜିଣି ବଣେ·ଭୀମସେନ କାୟ
ବେନି ଲୋଚନ ବୁଲନ୍ତି କାଳତନ୍ତ ପ୍ରାୟ ।
ସଙ୍ଗେ ଗ୍ରନ୍ଥିକାର ଛନ୍ଦ ନାମ ସ୍ଥାନପାଳ
କରେ ଲୁହାବାଡ଼ି ଘେନି ଚଳନ୍ତି ନକୁଳ ।
ରାକ୍ଷଣୀ ସାର ସଇନ୍ୟ ପ୍ରବେଶ ଭୋଜନେ
ଏହି ସମୟେ ପ୍ରବେଶ ହେଲେ ଭୀମସେନେ ।
ରେରେକାରବେ ଲ ନରଘାତେ ଡେଲେ ଡାକ
ଏକା ଡାକକେ ପୂରିଲା ଏ ପୃଥିବୀଯାକ ।
ସତେ କି ମେରୁ ଉପୁଡ଼ି ପଡ଼ିଗଲା ଖସି
ନିର୍ଘାତ ବାଣ କି କାହୁଁ ପଡ଼ିଲାକ ଆସି ।
ତେସନେକ ଭୀଳକାପାତ ଭୀମସେନ ରବେ
ମେଦନୀ କମ୍ପେ ନିଘାତେ ଭୟ କଲେ ଦେବେ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପାଦ ମାରି ପଶୁଁ ତାର ଗଡ଼ ଗଲା ଭାଜି
ଭିତରରେ ଭୀମସେନ ପଶେ ଗଜରାଜ ।
ଯେବଣ ମତ୍ତହସ୍ତୀରେ ଥାଇ ଚଢ଼ିଥିଲା
କରେ ଧରି ଭୀମସେନ ତାକୁ ବୁଲାଇଲା ।
ଦକ୍ଷିଣକରରେ ବୃକ୍ଷ ବାମେ ଧରି ହସ୍ତୀ
ସଇନ୍ୟ ଉପରେ ଯାଇଁ ପିଟିଲା ମାରୁତି ।
ରଥେ ରଥ ଗଜେ ଗଜ କଚାଡ଼ଇ ଘେନ
ଏକକାଳେ ପ୍ରହାରିଲା ଧରି ଗଜ ବେନ ।
ଅଶ୍ୱକୁ ଅଶ୍ୱ ଉପରେ କଦନ କଚାଡ଼
ବ୍ରହ୍ମାଣ୍ଡ କମ୍ପିଲା ଭୀମସେନ ସିଂହରଡ଼ି ।
ନଶାକାଳରେ ଉଠିଲା ତହିଁ ମହାଗୋଳ
ଏକା ପାଣ୍ଡବ ନନ୍ଦନ କଲା ମହାବଳ ।
ବିଶେଷରେ ଅନ୍ଧକାର ରଜନୀ ଅଟଇ
ଯାକୁ ଶତସିଂହ ବଳ ରଣରେ ଘୋଟଇ ।
ଦେବ ମାନଙ୍କେ ଯାହାର ବଳ ଅପ୍ରମିତ
ଯାର ମୂର୍ତ୍ତି ଦେଖି ଡରେ ଯମ ଦଇବତ ।
ବୈକୃତବେଳ ଭୀମଙ୍କର ଜନ୍ମେ ମହାକ୍ରୋଧ
ଭୋଜନ ଶୟନ ରଣେ ଯାର ନାହିଁ ବୋଧ ।
ପଗର୍ବେ କୁଞ୍ଜର ପାଞ୍ଚକ୍ଷଉଣୀ ପଦାତ
ଧର୍ମର ବଳରେ ଭୀମ ମାଇଲା ସବୁନ୍ତ ।
ଧର୍ମବଳ ଏହ୍ନପରି ଶୁଣ ନରସାଇଁ
ଏକ ପାଣ୍ଡବ ସମସ୍ତ ବଳକୁ ମାରଇ ।
ନକୁଳ ଥିଲା ଯେ ସ୍ଥାନପାଳ ରୂପ ଧରି
ସେ ଅନେକ ସଇନ୍ୟକୁ ଗୋଡ଼ାଇଣ ମାରି ।
ଅନେକ ରଥୀଏ ଥିଲେ ମହାବଳବନ୍ତା
ବଡ଼ ବଡ଼ କ୍ଷତ୍ରୀ ଥିଲେ ସଂଗ୍ରାମେ ଶକତ ।
ଜଣେ ମଧ୍ୟ ସଂଗ୍ରାମ ନ କଲେ ଭୀମଆଗେ
ବାସହୀନ ପକ୍ଷୀ ଯେହ୍ନେ ଉଡ଼େ ଶୂନ୍ୟମାର୍ଗେ
ମିଥୁନମାସ ଆଦିତ୍ୟ ଯେସନେ ତପସି
ସିଂହିକାନନ୍ଦନ ଯେହ୍ନେ ଘୋଟେ ରବି ଶଶୀ
ସେହ୍ନପରି ଭୀମସେନ କରୁଛନ୍ତି ଯୁଦ୍ଧ
କୋଟିଏ କୋଟିଏ ହୋଇ ହେଉଛନ୍ତି ବଧ ।
ଯେ ଯାହାର ଅସ୍ତ୍ର ସବୁ ପକାଇଣ ଭୂମି
ବୋଲନ୍ତି ସେ ରକ୍ଷାକର ରକ୍ଷାକର ସ୍ୱାମି ।
ନିର୍ଦ୍ଦୟ ନିରପେକ୍ଷ ଯେ ଯାହାର ଶରୀର
ଶରଣଜନେ ଦ୍ୱିଗୁଣ କରଇ ପ୍ରହାର ।

ଅପାର ବଳ ଘଟେଶ୍ୱରମଲ୍ଲ ଯେଉଁ ବୀର
ମେଦିନୀ ସହି ନ ପାରେ ସେ ପୁରୁଷ ଭାର ।
ଏକାଦଶ ନ୍ୟୁଣପାଏ ପଡ଼ିଗଲେ ଥାଟ
ମୃତ ପିଣ୍ଡଧରେ କେହୁ ନ ପାଆନ୍ତି ବାଟ ।
ରୁଧିରକ୍ତ ଭୀମସେନ ନକୁଳଙ୍କ କାୟ
ଯେସନେ ଧନୁ ମାସରେ ଆଦିତ୍ୟ ଉଦୟ ।
ସାତକ୍ଷୌଣୀ ବଳଘେନ ବାହୁଲା ତ୍ରିଗର୍ତ୍ତ
ଶୂର ଅକ୍ଷୌହିଣୀ ପଡ଼େ ଗଜ ଅଶ୍ୱ ରଥ ।
ତିନ କ୍ଷୌଣୀ ବଳ ଘେନ ତ୍ରିଗର୍ତ୍ତ ପଳାଏ
ପ୍ରହାର କରିଣ ଭୀମ ପଛରେ ଗୋଡ଼ାଏ ।
ଏକ ପ୍ରହାରେ ତଡ଼ନ୍ତି ଦାଢଂଶ ଛରଣ
ପଦର ମନ୍ଥନଘାତେ କେତେ ଯାନ୍ତି ନାଶ ।
ତ୍ରିଗର୍ତ୍ତର ସଇନ ଯେ ସମରେ ଲେଉଟି
ଗଦା ମୁଦ୍ଗର ବଜ୍ର ଆଦି ନେଇ ପିଟି ।
ଶତଶୃଙ୍ଗର ପ୍ରସାଦେ ବଜ୍ର ଯାର ଅଙ୍ଗ
ସବୁ ଅସ୍ତ୍ରମାନ ପଡ଼ି ହୋଇଯାନ୍ତି ଭଙ୍ଗ ।
ବଜ୍ର ପଡ଼ିଣ ଯାହାର ନ ତୁଟଇ କାୟ
ନାରାଚକୁ ତାହାର ବା ଅଛି କେଉଁ ଭୟ ।
ଯା ଅଙ୍ଗେ ଅସ୍ତ୍ର ପଡ଼ନ୍ତେ ଦ୍ୱିଗୁଣେ ଉସତ
ଭାଜିଲେ ସଇନ ତହୁଁ ହୋଇ ମହାତ୍ରସ୍ତ ।
ରକତ ବିଲେପନ ଯେ ସବୁଙ୍କର ଅଙ୍ଗ
ପଳାଇଯାନ୍ତି ସଇନ ହୋଇଣ ବିଭଙ୍ଗ ।
ରଥେ ରଥ ଗଜେ ଗଜ ଅଶ୍ୱେ ଅଶ୍ୱ ପିଟି
ଅସଂଖ୍ୟ ସୈନ୍ୟ ପଡ଼ିଲେ ତହିଁ ଭୂମି ଲେଟି ।
ହସ୍ତୀମାନଙ୍କ ଶରୀରୁ ରୁଧିର ଯେ ଗଳ
ପଳାନ୍ତି ଯେ ମତ୍ତନାଗେ କୁମ୍ଭସ୍ଥଳ ଟୋଳ ।
ପର ଆପଣା ବୋଲି ଯେ ବାରଣ ନଯାଇ
ମୋହଗଲେ ନିଜେ ନିଜେ ମଗ୍ନମର ହୋଇ ।
ବିଶେଷରେ ମାର୍ଗଶିର ଅମାବାସ୍ୟା ତିଥି
ପ୍ରଭାତ ପର୍ଯ୍ୟନ୍ତ ଘୋର ଅନ୍ଧକାର ରାତି ।
ବିକଳେ ପୁତ୍ରେ ଡାକିଲେ ନ ଶୁଣଇ ପିତା
ବୃକୋଦର ରୂପ ଦେଖି ମହାବଳବନ୍ତା ।
ରଥ ଗଜ ଅଶ୍ୱ ଆଦି ଯାଉଛନ୍ତି ଭାଜି
ତାହାଙ୍କର ପଦାଘାତେ ବହୁ ସୈନ୍ୟ ମଜ୍ଜି ।
ପାରିଜଣ୍ଡ ପଳାବନ୍ତି ରକ୍ତର କର୍ଦ୍ଦମେ
ନିତେଇଁ ବୋଲେ କାହିଁକି ଯିବ ଅପମାନେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସମସ୍ତ ହରିନ ତାର ମଗାଇଲ ଏଥେ
ମାନଗୋବନ୍ଦର ମୁଖ ଶୁଖିବ କେମନ୍ତେ ।
କୁଟୁମ୍ବ ମରାଇ ଯେହ୍ନ ପ୍ରାଣଆଶା କରେ
କଷ୍ଟମୁ ସେ ପ୍ରାଣୀ ଜୀଇଁଥାଉଁ ଥାଉଁ ମରେ ।
କେବଣ ମାହାତ୍ମ୍ୟ ଏହୁ ଲଭିଲୁ ସମରେ
ସାମାଜ୍ୟ ନୁହଇ ଏହୁ ଦଣ୍ଡପାଳ ସୁରେ ।
ଏହାର ହସ୍ତରେ ମୁହିଁ ଯୁଦ୍ଧେ ଖାସଦେଲେ
ମୁକ୍ତ ହୋଇବ ବାଗୁର ତ୍ରିଗର୍ତ୍ତ ଫେରିଲେ ।
ରଥ ଲେଉଟାନ୍ତେ ଭୀମ ପ୍ରହାରନ୍ତି ମୁଥ
ତ୍ରିଗର୍ତ୍ତ ରଥ ଭାଜିଲା ଅଶ୍ୱର ସହିତ ।
ବିରାଟ ତ୍ରିଗର୍ତ୍ତ ପଡ଼ିଲେକ ମହାବେଗେ
ତ୍ରିଗର୍ତ୍ତ ପିଟିଲା ଉଠି ଗଦା ଧରି ବେଗେ ।
ଆରେ ରହ ବୋଲି ଭୀମ ବାମଅଙ୍ଗ ପାତେ
ଷାଠଏ ଭାରର ଗଦା ଭାଙ୍ଗେ ତତ୍କ୍ଷଣାତେ ।
ଗଦାଭଗ୍ନେ ବସ୍ତ୍ରରର ତ୍ରିଗର୍ତ୍ତ ଭୂପାଳ
ଧାଇଁ ବଲ୍ଲଭ ଧଇଲା କରେ ତାର ଚୂଳ ।
ଦକ୍ଷିଣେ ତ୍ରିଗର୍ତ୍ତ ବାମେ ବିରାଟର ବାଳ
ଧରି ଶୂନ୍ୟେ ନଏ ପାଦ ନ ଲଗାଇ ତଳ ।
ପଛରେ ଗୋଡ଼ାଇଲନ୍ତି ନକୁଳ କୁମର
ଯୋଦ୍ଧା ମୁକୁଟ ସକଳ ଘେନିଲନ୍ତି ଭାର ।
ଯୁଧିଷ୍ଠି ତଳେ ମାକେନ୍ଦ୍ରୀ ନାମକ ଅରଣ୍ୟେ
ସେ ଦୁହିଁଙ୍କି ପାଦେ ଥୋଇ ନମେ ଭୀମସେନେ
ଭୀମ ବୋଇଲେ ହେ କୋନ୍ତ ତୁମ୍ଭ ଆଜ୍ଞା ପାଇ
ବିରାଟ ତ୍ରିଗର୍ତ୍ତକୁ ମୁଁ ଆଣିଲଇଁ ଯାଇ ।
ଶୁଣି ନପୁନ ଚରାଟି ବୋଇଲେକ କୋନ୍ତେ
ତ୍ରିଗର୍ତ୍ତକୁ ଛାଡ଼ଦଅ ଯାଉ ଇନ୍ଦ୍ରପ୍ରସ୍ଥେ ।
ଶୁଣ ତଇତନ ତୁମ୍ଭେ ଯୁଧିଷ୍ଠି ମହିମା
ପରକାର୍ଯ୍ୟେ ଶତ୍ରୁ ନାଶ ନ କରେ ମହାତ୍ମା
ଚେଶୁକର ତ୍ରିଗର୍ତ୍ତକୁ ଦେଲେ ମୁକୁଳାଇ
ପଳାଇଲେ ତ୍ରିଗର୍ତ୍ତ ମୁଣ୍ଡେ ହାତ ଦେଇ ।
ବିରାଟ ପ୍ରଣତି କଲେ ଯୁଧିଷ୍ଠିର ପାଦେ
ଜୀବଦାନ ପାଇଲି ମୁଁ ବଲ୍ଲଭ ପ୍ରସାଦେ ।
ସାଧୁ ସାଧୁ ଏ ବ୍ରାହ୍ମଣ ସୂପକାର ହୋଇ
ମର୍ତ୍ତ୍ୟମଣ୍ଡଳେ ଏସନ ଦେଖିଲି ତ ନାହିଁ ।
ହେ କୋନ୍ତେ କୀଚକ ଥିଲା ବଡ ବଳବନ୍ତା
ସେ ପୁଣି ଏହାସମାନେ କୋହେ ରଣକର୍ତ୍ତା ।
ଏ କି ଇନ୍ଦ୍ର ପବନ ବା ଅଟଇ କୁବେର
କିବା ନାରାୟଣ ରୁଦ୍ର ଅବା ବୈଶ୍ୱାନର ।
ନ ଜାଣି ତୋତେ ବୋଲଇ ବଲ୍ଲଭ ବଲ୍ଲଭ
ଆଜହୁଁ ତୋତେ ମୋହର ବିନୟ ସ୍ୱଭାବ ।
କୋନ୍ତେବୋଇଲେ କୀଚକେ ଯେ ଆସିନାଶିଲେ
ସେହି ଗନ୍ଧର୍ବେ ଆସିଣ ଏବେ ରକ୍ଷା କଲେ
ହେ ବିରାଟ ସେ ଗନ୍ଧର୍ବେ ଏହା ଅଙ୍ଗେ ପଶି
ଥାଅ ସହ ତ୍ରିଗର୍ତ୍ତର ଦର୍ପ ଦେଲେ ଧ୍ୱଂସି ।
ଅନାଥ ନ କରି ରକ୍ଷାକଲେ ଏତେବେଳେ
ମହତ୍ତ୍ୱକନ୍ତ ଗନ୍ଧର୍ବେ ସିନା ସଦାକାଳେ ।
ଦିବ୍ୟ ବଚନରେ ବୋଧ ହେଲେ ମତ୍ସ୍ୟରାଏ
ନ ଜାଣି ବଣା ସେ ଦେଖି ପ୍ରତ୍ୟକ୍ଷ ପରାଏ
ଜୟ ତୁ ଇକ୍ଷ୍ୱାକୁବଂଶ ରଘୁକୁଳ ରାୟ
ସାଧୁ ଅଟେ ସୂର୍ଯ୍ୟବଂଶ ଯାହାଙ୍କ ଉଦୟ ।
ସାଧୁ ସେ ମହାତ୍ମା ଋଷ୍ୟଶୃଙ୍ଗ ମୁନିବ୍ରହ୍ମ
ତାହାଙ୍କର ମହାମନ୍ତ୍ରେ ତୁମ୍ଭର ଜନମ ।
ସାଧୁ ସାଧୁ ମହାମ୍ଭାଣୀଦେବୀ କଉଶଲ୍ୟା
ଜଗବନ୍ଦନ ପୁରୁଷ ଗର୍ଭେ ଠାବହେଲା ।
ଧନ୍ୟ କଉଶଲ୍ୟା ଦେବୀ ଧନ୍ୟ ତାଙ୍କ ଧର୍ମ
ଶ୍ରୀରାମଚନ୍ଦ୍ରଙ୍କ ମାତା ହୋଇ ଦେଲେ ଜନ୍ମ ।
ଜନକଦୁଲଣୀ ସୀତା ନାମେ ଯେଉଁ ଦେବୀ
ପରମାଯୋଗିମାରୂପେ ତାହାଙ୍କୁହିଁ ଭାବ ।
ସାଧ ବୋଲି କୁମ୍ଭକର୍ଣ୍ଣ ଆବର ରାବଣ
ଶ୍ରୀରାମଙ୍କ ତୁଲେ ଯୁଝି ହରାଇଲେ ପ୍ରାଣ ।
ନୀଳ ଇନ୍ଦୀବର ରୂପେ ଯାର ରୂପଗୋଟି
ଶାରଳାଦାସ ସେ ପାଦପଦ୍ମେ ସଦା ଲୋଟି ।

ତ୍ରିଗର୍ତ୍ତର ପରାଜୟ ବାର୍ତ୍ତା ଶୁଣି ମାନଗୋବନ୍ଦର ରଣସଜ୍ଜା

ଶୁଣ ଆହେ ମନୁରାଜା ଏଥୁ ଅନନ୍ତରେ
ଯାହା ହେଲା କହୁଅଛୁ କଥା ପ୍ରସଙ୍ଗରେ ।
ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀର ତିଥି
ଶତଭିଷା ନକ୍ଷତ୍ର ଯେ ବାର ବୃହସ୍ପତି ।
ମାନଗୋବନ୍ଦ ବିଜୟ କଲେ ଇନ୍ଦ୍ରପ୍ରସ୍ଥେ
ତ୍ରିଗର୍ତ୍ତ ବାରତା ଯାଇ ଜଣାଇଲେ ଦୂତେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅବଧାନ ହେଉ ସ୍ୱାମୀ ମାନଚକ୍ରବର୍ତ୍ତୀ
ତ୍ରିଗର୍ତ୍ତଆଟ ବାରତା ଅଟଇ ଯେ ଖ୍ୟାତ ।
ଅଷ୍ଟାଦଶ ଦିବସରେ ପ୍ରବେଶିଲେ ଆଟ
ସମତନ୍ତ୍ର ସେନ ଯୁଦ୍ଧ କରନ୍ତି ବିରାଟ ।
ଦୁଇଦିନ ପର୍ଯ୍ୟନ୍ତେ ପଳାଇଲୁ ଭଙ୍ଗ
ତୃତୀୟ ଦିନେ ଉଠିଲୁ ହୋଇ ଗଳଗାଜ ।
ଯୁଦ୍ଧ ହୋଇଲା ଆଦିତ୍ୟ ଅସ୍ତ ପର୍ଯ୍ୟନ୍ତେ
ବିରାଟକୁ ଗୁଡ଼ି ପଳାଇଲେ ଅମାତ୍ୟେ ।
ସ୍ୱାମି ଯେତେ ଯୁଦ୍ଧକଲା ବିରାଟହିଁ ଏକା
ଆମ୍ଭେ ଅକଳତବଳ ହୋଇଲୁ ତାଟକା ।
ଶେଷେ ତ୍ରିଗର୍ତ୍ତ ବାନ୍ଧିଲା ତାହାକୁହିଁ ରଥେ
ତହୁଁ ଆସି ଭଜେଇଲୁ ରମ୍ୟକ ପଙ୍ଗତେ ।
ବିରାଟ ରାଜା ସଇନ ପଳାଇଲେ ଗୁଡ଼ି
ବସିବ ତ୍ରିଗର୍ତ୍ତ ଆରବିନ ଦେଶ ମାଡ଼ି ।
ଗୋଧନ ପଲ ଆଣିବେ ଆମ୍ଭର ସଇନ
ଏହି ବାରତାକୁ ଆମ୍ଭେ ଆସିଅଛୁ ଘେନ ।
ଶୁଣି ସାନନ୍ଦ ହୋଇଲେ ତହୁଁ କଉରବେ
ପଞ୍ଚକଟକେ ଉତ୍ସବ କରାଇଲେ ଜବେ ।
ଦେଶାନ୍ତରମାନଙ୍କୁ ସେ ଦେଲେ ଉପହାର
କଏ ସେ ଗଣିବ ତାହା ନାହିଁ ପାରିବାର ।
ଦିନେ କୁରୁଗଣ ଧନୁ ଷଷ୍ଠୀ ଗୃହଦ୍ୱାର
ପୁଣି ବାର୍ତ୍ତା ଜଣାଇଲେ ଆସି ଆନ ଚର ।
ପ୍ରଥମ ଯୁଦ୍ଧରେ ସ୍ୱାମି ଜିଣିଲୁ ବିରାଟ
ଜୟଙ୍କର ବାଦ୍ୟଘେନ ଆସେ ଆମ୍ଭ ଆଟ ।
ସେ ରାତ୍ରେ ଭୋଜନ ପାନ କରିଲୁ ସମସ୍ତେ
ଉପବାସ ଥିଲୁ ତିନ ଦିବସ ପର୍ଯ୍ୟନ୍ତେ ।
ରାତ୍ର ହୋଇଅଛି ଦେଢ଼ପ୍ରହର ପ୍ରବେଶ
ବନ୍ଧନେ ଅଛି ବିରାଟ ତ୍ରିଗର୍ତ୍ତର ପାଶ ।
ବଲ୍ଲଭପଣ୍ଡା ନାମରେ ଏକ ଦ୍ୱିଜ ଆସେ
ଆମ୍ଭ ଆଟେ ରାତ୍ରକାଳେ ସେହି ଆସି ପଶେ ।
ସ୍ୱାମୀ ଏକ ବ୍ରାହ୍ମଣ ସେ ବାହୁଯୁଦ୍ଧ କଲା
ଦେଖେ ଦାନବେ ଆମ୍ଭର ଅଛି କି ଦେଖିଲା
ଏକାଜଣକେ ପେଷଇ ଦ୍ୱାଦଶ ଯୋଜନ
ମହାବାତ ଜିଣି ତାର ଅଟଇ ଗମନ ।
ଚଉରଅକ୍ଷୌହିଣୀ ବଳ ରାତ୍ରକେ ମାଇଲା
ଧାଇଣ ରଥେ ତ୍ରିଗର୍ତ୍ତ ରାଜାକୁ ଭେଟିଲା ।
ମହା ନଶାକାଳରେ ଯେ ନ ଗଲା ବାରଣ
ମୂଥକେ ତ୍ରିଗର୍ତ୍ତ ରଥ କଲାଦେଲା ଚୂର୍ଣ୍ଣ ।
ବିରାଟ ତ୍ରିଗର୍ତ୍ତ ଏହି ଦୁହିଙ୍କର କେଶ
ଧରିଣ ନେଲା ବ୍ରାହ୍ମଣ ବହୁ ଦୂରଦେଶ ।
ଶୁଣି ଭୀଷ୍ମ ଦ୍ରୋଣ ଦୁହେଁ କରତାଳ ଦେଇ
ହସି ଉଠିଲେ ବିଦୁର ମୁଖକୁ ଅନାଇ ।
ସମସ୍ତେ ଏଥର କ୍ଷୀର ଖାଇବା ନରତେ
ଦୁଇପଦ୍ମ ଗାଈ ଅଣୁଅଛନ୍ତି ତ୍ରିଗର୍ତ୍ତେ ।
ଭୀଷ୍ମ ବୋଇଲେ ହେ ଦ୍ରୋଣ ବହୁତ ଏ ସାଧ
ତ୍ରିଗର୍ତ୍ତ ପ୍ରସାଦେ ଏବେ ଖାଇବା ଯେ ଦୁଧ ।
ଭଗ୍ନଦଳକୁ ଘେନିଣ ତ୍ରିଗର୍ତ୍ତ ଯେ ଆସେ
ପୌଷ କୃଷ୍ଣ ତ୍ରୟୋଦଶୀ ହସ୍ତିନାରେ ପଶେ ।
ସାତ ଅକ୍ଷୌହିଣୀ ଦଳ ଘେନ ଯାଇଥିଲା
ପାଞ୍ଚ ଅକ୍ଷୌହିଣୀ ବଳ ସମରେ ପଡ଼ିଲା ।
ବର୍ତ୍ତିଣ ଅଇଲେ ଯେତେ ସର୍ବେ ହେଲେ ଘୋଟା
ରଥେ ବାଡ଼େ ବାଡ଼େ ନାହିଁ ପଦାତିଏ ପୁଟା
ଆଟଯାକ ସମସ୍ତଙ୍କ ଦେହ ରକ୍ତମୟ
କ୍ଷତ ବିକ୍ଷତ ନ ହୋଇ ନାହିଁ କାହା କାୟ ।
ଅଙ୍ଗ ପ୍ରତ୍ୟଙ୍ଗ ଚଳି ନ ପାରନ୍ତି ଦିକନେ
ତ୍ରିଗର୍ତ୍ତ ପ୍ରବେଶ ହେଲେ ଆସ୍ଥାନର ତଳେ ।
ଦେଖି ପଚାରିଲେ ତାଙ୍କୁ ସକଳ ସଇନ
କେବଣ ଅର୍ଥେ ତ୍ରିଗର୍ତ୍ତ ଅଛ ପ୍ରାଣ ଘେନ ।
ଆସ୍ଥାନ ତଳେ ତ୍ରିଗର୍ତ୍ତ ହୋଇଣ ପ୍ରଣାମି
ବୋଲେ ସଂଗ୍ରାମର କଥା ଶୁଣ ଦେବସ୍ୱାମି ।
ପ୍ରଥମ ଯୁଦ୍ଧରେ ଦେବ ଜିଣିଲି ବିରାଟ
ଅନେକ ସଇନ ମାରି ଭଗ୍ନକଲି ଆଟ ।
ବିରାଟକୁ ବାନ୍ଧିଣ ମୁଁ ପକାଇଲି ରଥେ
ଘେନିଣ ଅଇଲି ବିଂଶଯୋଜନ ପର୍ଯ୍ୟନ୍ତେ ।
ତିନଦିବସ ପର୍ଯ୍ୟନ୍ତେ ଘୋର ଯୁଦ୍ଧ ହେଲା
ସଇନ ଉପବାସରେ ଅନ୍ନ ନ ମିଳିଲା ।
ଯେତେବେଳେ ବନ୍ଦୀକରି ଆଣିଲି ବିରାଟ
ସୁସ୍ଥ ପାଇଣ ଭୋଜନ କଲେ ମୋର ଆଟ ।
ଭୋଜନ କରନ୍ତେ କେବା କରୁଅଛି ସ୍ନାନ
କେ ଧୋଆଏ ସଇନ ଦେବ କରନ୍ତି ଭୋଜନ ।
ସ୍ୱାମି ବଲ୍ଲଭ ନାମରେ ଏକଇ ବ୍ରାହ୍ମଣ
ରାତ୍ରରେ ପ୍ରବେଶ ହେଲା ଆଟରେ ଆସିଣ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସ୍ୱାମି ଏକ ବ୍ରାହ୍ମଣ ସେ ହୋଇ ବହୁରୂପୀ
ଆସନ୍ତେ ମତ୍ସ୍ୟପର୍ବତ ସର୍ବେ ଗଲେ ବ୍ୟାପୀ ।
ଏକଜଣେ ହୋଇଣ ସେ ମନ୍ତ୍ରିଙ୍କ ମୋ ଥାଟ
ପଳାଇ ଯିବାକୁ ମୁହିଁ ନ ପାଇଲି ବାଟ ।
ଅନେକ ଅନେକ ଅସ୍ତ୍ର ପ୍ରହାରିଲୁ ଧରି
ତାହାର ଦେହରେ ପଡ଼ି ହୋଇଗଲା ଚୂରି ।
କହିବାକୁ ଅସମ୍ଭବ ତା ମହିମା ଗରୁ
କ ଅବା ଉପୁଡ଼ି ଆସେ ଅଚଳକ ମେରୁ ।
ବିରାଟର ମୋର ଦୁହିଙ୍କର କେଶ ଧରି
ଶୂନ୍ୟେ ନେଲା ପବନହୁଁ ଅତିବେଗ କରି ।
ଦେବ କୋନ୍ତପଣ୍ଡା ବୋଲି ଏକ ଦ୍ୱିଜବର
ଦୁହିଙ୍କୁ ଦେଲା ନେଇଣ ତାଙ୍କର ଛାମୁର ।
ଆମ୍ଭ କେଶ ଧରି ତାର ଚରଣେ ଲୋଟାଇ
ଆପଣେ ପଡ଼ିଲା ଦେବ ଦଣ୍ଡବତ ହୋଇ ।
ବଡ଼ ମହନ୍ତ ଅଟନ୍ତି ସେ କୋନ୍ତ ବ୍ରାହ୍ମଣ
ମୋତେ ବନ୍ଦୀରୁ ଛଡ଼ାଇ ଦେଲେ ତତକ୍ଷଣ ।
ସେ ବ୍ରାହ୍ମଣ ଆଜ୍ଞା ଯେବେ ଦଅନ୍ତା କଷ୍ଟରେ
ଶରୀର ଧୂଳି ହୁଅନ୍ତା ତାର ଏକମୁଠେ
କହନ୍ତି ବଞ୍ଜେ ବିରାଟଦେଶର ଯେ କଥା
ସାଧୁ ଯେ ମତ୍ସ୍ୟଦେଶର ଅଟେ ମହାରଥୀ ।
ବହେ କାବେରୀ ଗଣ୍ଡକୀ ପୁଣ କାଞ୍ଚନଦୀ
ଉତ୍ତର ଦକ୍ଷିଣ ପୂର୍ବ ପଶ୍ଚିମକୁ ଭେଦି ।
ଦୁହିଁଙ୍କ ଯେ ଦୁଇପଦ୍ମ ବାରଲକ୍ଷ ଗାଈ
ଅଶ୍ରିଗ ବତ୍ସା ଲକ୍ଷେକ ବେନଖଙ୍ଗ ମାଈ ।
ହେ ସ୍ୱାମି କତିଲକ୍ଷ ଅଟନ୍ତି ଗୋପାଳ
ତହିଁ ମଧ୍ୟେ ଯେ ମୁଖ୍ୟ ଅଟେ ତନ୍ତ୍ରିପାଳ ।
ହେ ସ୍ୱାମି ପୃଥୁଳା ବୋଲି ଅଟ୍ଟି ଏକ ଗାଈ
କପିଳା ଅଂଶରେ ଦେବ ଉତପତ୍ତି ସେହି ।
ଏକଗାଈ କ୍ଷୀର ଦିଏ ଭରି ଶତଲକ୍ଷେ
ସୁପତ ମୁହିଁ ତାହା ଦେଖିଲି ପ୍ରତ୍ୟକ୍ଷେ ।
ପ୍ରଥମ ଟେର ଦୁହିଁନ୍ତେ ଭୂମି ଯାଏ ଭେଦି
ସାତପଦ୍ମ ପରିଯନ୍ତେ ବହେ କ୍ଷୀରନଦୀ ।
ଏ ଅପୂର୍ବ ବଚନକୁ ଶୁଣି କଉରବେ
ବିସ୍ମରନ୍ତି ଏ ସମ୍ପଦ ବିରାଟେ ସମ୍ଭବେ ।
ମାନଗୋବିନ୍ଦ ବୋଇଲେ ଶକୁନିକୁ ଚାହିଁ
ମଲ ମନ୍ତ୍ରୀ କହେଯାଏ ଯିବା ଦଣ୍ଡବାହି ।

ବିରାଟେ ଜିଣି ତ୍ରିଗର୍ତ୍ତେ ରାଜ୍ୟ ନେଇ ଦେବା
ଗୋଧନପଲ କୀର୍ତ୍ତିମା ଅଡ଼ାଇ ଆଣିବା ।
ଭୀଷ୍ମ ବୋଇଲେ ସେଆଡ଼େ ପ୍ରୟୋଜନ କିସ
ପର ସମ୍ପଦ ଇଚ୍ଛିଲେ ଧର୍ମ ହୁଏ ନାଶ ।
ଗୋରୁ ଅପହରଣରେ ଦୋଷ ଅପ୍ରମିତ
ଧର୍ମଶାସ୍ତ୍ରମାନଙ୍କରେ ଅଛଇ ଉକତ ।
ଶକୁନି ବୋଇଲା ତୁମ୍ଭେ ଜାଣନାହିଁ କିଛୁ
ଆମ୍ଭ ସୈନ୍ୟ ବଧକଲା ସେହୁ ବାଛୁ ବାଛୁ ।
ଯେବେ ଶରୀରରେ ଥିବ ଷହିସ୍ତ ଲକ୍ଷଣ
ମାନସ୍ଥାନେ ବର୍ତ୍ତିବାର ଏ କିସ କାରଣ ।
ଦୁର୍ଯ୍ୟୋଧନକୁ ତ୍ରିଗର୍ତ୍ତ ଦୃଢ଼େ ଆଶ୍ରାକଲା
ରାଜ୍ୟହିଁ ନ ପାଇ ପୁଣି ସୈନ୍ୟ ନାଶଗଲା ।
ମାନଗୋବିନ୍ଦ ଶରଣଜନ ଦୁଃଖେ ଦୁଃଖୀ
ସେ ଅନାଥଜନ ଦୁଃଖ ପାରିବେ କି ଦେଖି ।
ଏପରି ବିଗ୍ରହୁ ହେଲା ଆଜ୍ଞିକର କେଳ
ଆସ୍ଥାନ ମଣ୍ଡଳନ୍ତେ ଯେ ଗମିଲେ ସକଳ ।
ଭୀଷ୍ମ ଦ୍ରୋଣ ଭଣିଲେ ଯେ ଏକାନ୍ତେ ଗୋପନେ
ବିଦୁର କର ହେ ଭରଦ୍ୱାଜଙ୍କ ନନ୍ଦନେ ।
ବିଦୁର ବୋଲେ ପଡ଼ିଲୁ ଉଭୟ ସଙ୍କଟେ
ନିଶ୍ଚୟ ଜାଣିଲୁ ଯୋଏ ରହିଲେ ବିରାଟେ ।
ଅନ୍ଧ ନମନ୍ତେ ପାଣ୍ଡବ ବୀର ବୃକୋଦର
ବଲ୍ଲଭ ନାମରେ ସେହୁ ହେଲା ସୂପକାର ।
ଦୋହର ପରସନ୍ନରେ ତାର ବାଳବୃଦ୍ଧ
ଜାଣେ ଶୌର୍ଯ୍ୟ ସୌର୍ଯ୍ୟ ନଳ ରନ୍ଧଣା ବିବଧ
ଦ୍ରୋଣ ବୋଇଲେ ବିରାଟ ଯହୁଁ ବନ୍ଦୀ ହେଲ
ଯହୁଁ ନ ପାରଣ ଧୀମା ସମରେ ପଶିଲା ।
ସୈନ୍ୟମାର ବିରାଟକୁ ତ୍ରିଗର୍ତ୍ତକୁ ଧରି
ଯୁଧିଷ୍ଠି ଆଗେ ପକାଏ ନେଇ କୋପକରି ।
ବଡ଼ାଇ ମହତ୍ତ୍ୱବନ୍ତ ଧର୍ମଙ୍କର ସୁତ
ଏଡ଼େ କଷ୍ଟବନ୍ତ ଜନେ ନୋହିଲା ବିକୃତ ।
ଭୀଷ୍ମ ବୋଇଲେ ଅଦୋଷେ ନ ମାରେ ବଇରି
ଏଣୁକରି ତ୍ରିଗର୍ତ୍ତକୁ ଦେଲେ ପାରିକରି ।
କୁନ୍ତୀଦେବୀ ଅଟନ୍ତି ଯେ ତାହାଙ୍କର ମାତ
କୋନ୍ତଭଟ୍ଟ ନାମେ ତେଣୁ ହୋଇଲେ ବିଦିତ
ଦ୍ରୋଣ ମୁଖ ଚାହିଁ ପୁଣି ଗାଙ୍ଗେୟ ଯେ ପୁଛି
ଅଜ୍ଞାତବାସ ତାଙ୍କର କେତେଦିନ ଅଛି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦ୍ରୋଣ ବୋଇଲେ ଏକାଦଶ ମାସ ଏବେ ଗଲା
ବରଷକୁ ନବଦିନ ପ୍ରବେଶ ହୋଇଲା ।
ଭୀଷ୍ମ ବୋଇଲେ ଗୋପନ କର ଏହି କଥା
ମାନଗୋବିନ୍ଦ ନ ଜାଣୁ ଏ ସବୁ ବାରତା ।
ବିଦୁର ବୋଇଲେ ଯିବା ଦୁର୍ଯ୍ୟୋଧନ ଗଲେ
ପୁଅମାନଙ୍କୁ ଦେଖିବା ଅଛନ୍ତି ନା ଭଲେ ।
ଅଳ୍ପ ଅଳ୍ପ କରଣ ଯେ ବଢାଇବା ଥାଟ
ଅଜ୍ଞାତବାସ ଗୁପତ ହୋଇଲା ନିକଟ ।
ଅଜ୍ଞାତବାସର ଦିନ ସମାପତ ହେଲେ
ବାହୁଡ଼ି ଆସିବା କାଳେ ଆଣିବା ନା ଭୁଲେ ।
ଏହିପରି ବିଗ୍ରହନ୍ତେ ପ୍ରବେଶ ରଜନୀ
କର୍ଣ୍ଣ ଶକୁନି ଯେ ସଜ କରିଲେ ସଇନ ।
ଅଷ୍ଟାଦଶ ଅକ୍ଷୌହିଣୀ ସମଦଣ୍ଡ ସାଜ
ସାଜନ୍ତି ରଥ କୁଞ୍ଜର ମହାମତ୍ତ ବାଜି ।
ନବ ନବ ପର୍ବ୍ବତ ଯେ ରଥ ହସ୍ତିମତ୍ତ
ଦନ୍ତା ଦନ୍ତୀ ହାଣି ତହିଁ ନାହିଁ ଯେ ଉଦନ୍ତ
ମହାକାରଣ ତୁରଗ ପବନନ୍ତୁଁ ଖର
ଆକାଶକୁ କ୍ଷେପି ଯିବା କଞ୍ଚତ ମାତର ।
ଅଷ୍ଟରତ୍ନ କଣ୍ଠପୁରେ ରଥ ଗଜ ମଣ୍ଡି
ରଥେ ଥୋଇଲେ ନାଗର ଚନ୍ଦ୍ର ସେ ଭୁଷଣ୍ଡି
କୃପାଚାର୍ଯ୍ୟ ଦ୍ରୋଣାଚାର୍ଯ୍ୟ ଶଲ୍ୟଙ୍କର ସଙ୍ଗ
ବିଂଶକୋଟି ରଥୀ ତ୍ରିଂଶକୋଟି ଯେ ଉଥାଙ୍ଗ ।
ପଞ୍ଚଦଶ ପଦ୍ମାର୍ଦ୍ଧ ଯେ ଚଳେ ତୁରଙ୍ଗମ
ସମସ୍ତେ ଅଟନ୍ତି ଉଚ୍ଚୈଃଶ୍ରବା ଅଶ୍ୱ ସମ ।
କେତେଲକ୍ଷ ଆଲମ୍ବ ଯେ ଅର୍ବୁଦେକ ହସ୍ତୀ
ପଞ୍ଚଶତ ଏକଲକ୍ଷ ଜାଣ ସେନାପତି ।
କେହି ଖାର ତାକୁଆ ସଟ ପୁଣି କୃଷ୍ଣବର୍ଣ୍ଣ
ମୟୂରଖ୍ୟାଲ ସମସ୍ତେ ଦିଶେ ମେଘବର୍ଣ୍ଣ ।
ଡାହାଣେ କର୍ଣ୍ଣ ଘଟେସୈନ୍ୟମଲ୍ଲ ମହାରଥୀ
ତାହାସଙ୍ଗେ ଛନ୍ତି ତିନି ଅର୍ବୁଦ ଯେ ରଥୀ ।
ପାଞ୍ଚ ପାଞ୍ଚ ଅର୍ବୁଦ ଯେ ଆଉ ଅଶ୍ୱ ହସ୍ତୀ
ରଙ୍ଗବର୍ଣ୍ଣ ଅଶ୍ୱରଥ ପତାକା ଦିଶନ୍ତି ।
ଆଦିତ୍ୟ କିରଣ କରି ଦିଶନ୍ତି ପ୍ରତ୍ୟକ୍ଷ
ଅମରବୃନ୍ଦ ଯେନ କି ବିଜେ ସହସ୍ରାକ୍ଷ ।
ବାମରେ ଶକୁନି ଭୂରିଶ୍ରବା ଅଶ୍ୱତ୍ଥାମା
ମାନବରେ ଅଗୋଚର ଯାହାଙ୍କ ମହିମା ।

ଶ୍ୱେତବର୍ଣ୍ଣ ରଥେ ଶ୍ୱେତପତାକାର ବର୍ଣ୍ଣ
ଆଲମ୍ବ ଶ୍ୱେତଚାମର ଶ୍ୱେତଛତ୍ର ଚିହ୍ନ ।
ଉଡନ୍ତି ଶ୍ୱେତଚାମର ତିନି ତିନି ଲକ୍ଷ
ସମ୍ମୁଖେ ଶଙ୍ଖ ତୂରର ଶବ୍ଦ ଯେ ମେଳନ୍ତି ।
ଭୀଷ୍ମ ଦ୍ରୋଣ ମହାରଥୀ ବେନି ଥାଟ ମଧ୍ୟେ
କୁଞ୍ଜର ଦଶ ପଦ୍ମାର୍ଦ୍ଧ ରଥ ଏହା ଅଧେ ।
ଆଗରେ ଅଶ୍ୱ ସଇନ ଏଗାର କ୍ଷଉଣୀ
ଥାଟ ବେଢ଼ି ଆବୋରିଲେ ସକଳ ସଇନ ।
ମଧ୍ୟରେ ଯେ ବିଜେ ମାନଚକ୍ରବର୍ତ୍ତୀ ରଥ
କଣକ ରଥ ସେ ଅଷ୍ଟରତନେ ଜଡ଼ିତ ।
ଶୁଦ୍ଧ ସ୍ଫଟିକ ସ୍ତମ୍ଭକି ସିଂହଲାଞ୍ଛି ଚିହ୍ନ
ଜମ୍ବୁନ୍ତକ ସାରଥି ଯେ ମଣ୍ଡିର ତମାନ ।
ବାମ ଡାହାଣରେ କର୍ଣ୍ଣ ଭୀଷ୍ମ ବେନି ସେନା
ଚଉପାଶରେ ଖଟିଥାନ୍ତି ପୁଣି ମହାଜେନା ।
ନିର୍ଭୟେ ସେ ରାଜା କାମପାଳଙ୍କ ପ୍ରସାଦେ
ସମଦଣ୍ଡ ଚଳାଇଲେ ଯେ ମାନଗୋବିନ୍ଦେ ।
ବେଦାଧ୍ୟୟନ କରନ୍ତି ବିପ୍ରଜନମାନେ
ଡାକନ୍ତି ଯେ ଚଣ୍ଡପ୍ରତେ ବାସର ବିଧାନେ ।
ଶୁଭ ଅନୁକୂଳକୁ ଯେ କଲେ ଚନ୍ଦ୍ରରାଶି
ମଙ୍ଗଳରେ ହୁଳହୁଳି ଦିଅନ୍ତି କୁମାରୀ ।
ମାଘମାସ କୃଷ୍ଣପକ୍ଷ ଦ୍ୱିତୀୟାର ଦିନ
ପୁଷ୍ୟାନକ୍ଷତ୍ରକୁ ଯେ ମଙ୍ଗଳବାର ପୁଣ ।
ଗରନାମେ କରଣ ଯେ ପ୍ରୀତିନାମେ ଯୋଗ
ମକର ସଂକ୍ରାନ୍ତିକ ତିନଦିନ ଭୋଗ ।
ସେଦିନ ଦଣ୍ଡ ବାହିଲେ ମାନଚକ୍ରବର୍ତ୍ତୀ
ମଧ୍ୟଦେଶୁ ବିଜେ ରାଜା ପଶ୍ଚିମ ମୂରତି ।
ବିଦୁରେ ବିଜେ କରିବେ ପାରିଦଣ୍ଡ ଘେନି
ଭଣ୍ଡାର ବହୁ ଅଛନ୍ତି ଅନେକ ସଇନ ।
ବହୁତ ବଳଦ ପୁଣି ମହିଷ ଲଦନେ
ବହୁତ ସରଞ୍ଜାମକୁ ବହିନେଲେ ଜନେ ।
ଅନେକ ରତ୍ନ ଭଣ୍ଡାର ବିଦୁରଙ୍କ ମୂଳେ
ବାଣ୍ଟି ଦିଅନ୍ତି ଯାହାକୁ ଯେବା ଆଜ୍ଞା ମିଳେ ।
କାହାକୁ ଭାଡ଼ ଦିଅନ୍ତି କାହାକୁ ତୋଡ଼ର
ଆପେ ସ୍ୱହସ୍ତରେ ବାଣ୍ଟି ଦିଅନ୍ତି ବିଦୁର ।
ଦ୍ୱିତୀୟାର ଦିନେ ଉଦେ ହେଲ କାଳଯୋଗୀ
ମାହେଶ୍ୱରୀ ଉତ୍ତରରେ ଶୁଭ ଯେ ବାହୁନୀ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିଦୁରେ ବୋଇଲେ ଶୁଣ ମାନଚନ୍ଦ୍ରବର୍ତ୍ତୀ
ବଡ଼ ପ୍ରତାପୀ ତୁମ୍ଭେ ତ ଅଟ ମହାକ୍ଷତ୍ରୀ ।
ମାନେ ମାନଗୋବିନ୍ଦ ପଢ଼ିତ ନାରାୟଣ
ଅନୁଦିନେ ବିରଦେଶ ଅସଂଖ୍ୟ ପ୍ରମାଣ ।
ବାବୁରେ ବସ୍ତୁ ପ୍ରତିମା ଦେବ ବିପ୍ରଆଦି
ତାହାଙ୍କୁ ତ ନମସ୍କାର ନ କର ସମ୍ବାଦ ।
ତୌରାଶୀ ଲକ୍ଷଣ ଚଉଷଠି ଗୁଣବନ୍ତା
ଅଭସ୍ତ ଶୃଭବନ୍ତ ଯେ କ୍ଷତ୍ରୀ ଜଗଜ୍ଜିତା ।
ଟଙ୍କନିଧି ପଦ୍ମନିଧି ତୁମ୍ଭ ଭରତନେ
ପାଷାଣ ରତ୍ନ ତୁଅଇ କର ଲଗାଇଲେ ।
ସ୍ଥଳେନ୍ତ ଅବେଣ୍ଠା ପଦ୍ମଫଳ ପାଦେ ଫଟି
ନାହିଁ ନ ଉପୁଜିବ ହେ ଏଣ୍ଡୁ ନବସୃଷ୍ଟି ।
ଧାର୍ମିକ ବିବେକବନ୍ତ କଷା ଜଗଜ୍ଜେଠି
ତ୍ରୈଲୋକ୍ୟ ହାସଇ ଶୁଣି ତୁମ୍ଭ ନାମଗୋଟି
ଭୂତ ଭବିଷ୍ୟତ ତୁମ୍ଭେ ସର୍ବ ବୁଝିଅଛ
କଥାଏ କହିବ ବାକୁ ହୁଅଇ ସଙ୍କୋଚ ।
ଦରହସିତେ ବୋଇଲେ ମାନଚନ୍ଦ୍ରବର୍ତ୍ତୀ
କହ ଖୁଲିତାତ ମୋତେ ନ ରଖିଣ ଧ୍ରୀତ ।
ବିଦୁର ବୋଇଲେ ଶୁଣ ବିରାଟର କଥା
ଆମ୍ଭେ କହୁଛୁଁ ତୁମ୍ଭଙ୍କୁ ଯଥାର୍ଥ ବାରତା ।
କୀଚକ ମାରଣ ପାଞ୍ଚଗନ୍ଧର୍ବ ଯେ ବୀରେ
ରହିଅଛନ୍ତି ସେମାନେ ବିରାଟ ରାଜ୍ୟରେ ।
ସେହି ଗନ୍ଧର୍ବେ ମାରିଲେ ତ୍ରିଗର୍ତ୍ତର ଥାଟ
ତାହାଙ୍କର ଥିଲେ ବଧି ନୁହଇ ବିରାଟ ।
ଅନମିତ ସମରରେ ଦଣ୍ଡ ଦେଉଗଲେ
ଗନ୍ଧର୍ବେ ଯୁଝିବେ ବଶେଁ ଆମ୍ଭ ସୈନ୍ୟକୁଲେ
ବିଦୁର କହିଲେ ଯେଉଁ ହିତକର ବାଣୀ
ମତ୍ତଗର୍ବେ କଉରବେ କର୍ଣ୍ଣେହିଁ ନ ଶୁଣି ।
ଅସୁର ସଙ୍ଗରେ କୁଛ ଯେସନ୍ତେ ଧର୍ମକଥା
ବଧିର ଶୁଣିବ କାହୁଁ ସୁମଧୁର ଗୀତା ।
ବିପଦକାଳେ କି ହୁଏ କେବେ ସମବୁଦ୍ଧି
ବାଳକ ବିବାଦ କଲେ ପାରିବ କି ସାଧି ।
ବନ୍ଦଇ ଶ୍ରୀ ନାରାୟଣ ଜନ ଉଦ୍ଧାରଣ
ଭକତ ବତ୍ସଳ ଯୋଗୀଜନଙ୍କର ଧ୍ୟାନ ।
ଦୟାନିଧି ନାମ ପୁଣ ଅଟଇ ଯାହାର
ଯେ ଦଶ୍ରବ୍ରଜନଙ୍କର ଅଟଇ ସୋଦର ।
ଅରକ୍ଷିତ ଲୋକଙ୍କର ଅଟୁ ତୁମ୍ଭେ ବନ୍ଧୁ
ତେଣୁ ଯେ ତୁମ୍ଭର ନାମ ଅଟେ ଦୀନବନ୍ଧୁ ।
ପତିତପାବନ ବାନା ଜୟ ତୁ ଶ୍ରୀଧର
ଶାରଳା ଦାସକୁ ତୁମ୍ଭ ଦ୍ୱାରେ ରକ୍ଷା କର ।

ବିରାଟବୀରବାହୁ ସହିତଯୁଦ୍ଧେ ଗମନ ଗୋଧନହରଣ ନିମନ୍ତେ କୁରୁସୈନ୍ୟ ବିରାଟରେ ପ୍ରବେଶ ଓ ପୃଥୁନା ସହଦେବ ସହିତ ଯୁଦ୍ଧ

ବୈବସ୍ୱତ ମନୁ ପୁଚ୍ଛାକଲେ ଅଗସ୍ତିଙ୍କି
ବିରାଟ ତେଣେ କି କଲେ ଘେନି ଯୁଧିଷ୍ଠିଙ୍କି ।
କହନ୍ତି ଅଗସ୍ତି ପୁଣ ସେହି କଥା ଗୋଟି
ବିରାଟକୁ ସାହା ହୋଇ ରଖିଲେ ଯୁଧିଷ୍ଠି ।
ଫିଟିଣ ତ୍ରିଗର୍ତ୍ତ ଉତ୍ତୁଁ ଏଣେ ପଳାଇଲା
ବିରାଟ ପାଣ୍ଡବେ ଘେନି ରାଜ୍ୟ ପ୍ରବେଶିଲା ।
ସୈନ୍ୟମାନେ ପ୍ରବେଶିଲେ ଆପଣା ରାଜ୍ୟରେ
ଅପୂର୍ବ ରହସ୍ୟ ଶୁଣ ଏଥୁ ଅନନ୍ତରେ ।
କାଳନେମି ବୋଲି କରି ଏକ ରାଜାଥିଲା
କୀଚକ ତାହାକୁ ବନେ ସଂହାର କରିଲା ।
ସେ କାଳନେମିର ପୁତ୍ର ନାମ ବୀରବାହୁ
ପିତାର ନିଧନ ଦେଖି ପଳାଇଲା ସେହୁ ।
କୀଚକର ଭୟେ ସେହୁ ନିଜ ରାଜ୍ୟ ଛାଡ଼ି
କଳିଙ୍ଗଦେଶ ବନାନ୍ତରେ ବସିଲକ ମାଡ଼ି ।
ମଗଧଦେଶର ନୃପତି ନାମ ଧର୍ମାଗତ
ବନେ ତାହାକୁ କୀଚକ ପ୍ରାଣେ କଲା ହତ ।
ତାହାର ପୁତ୍ର ତ୍ରିଗର୍ତ୍ତି ପଳାଇଲା ତ୍ରସ୍ତେ
ପ୍ରାଣ ବିକଳେ ପଶିଲା ଯାଇ ଇନ୍ଦ୍ରପ୍ରସ୍ଥେ ।
ଦଣ୍ଡ ଘେନି ଆସି ହେଲା ସେହୁ ପରଜସ୍ୱ
ତାର ନିମନ୍ତେ ବାହିଲେ କୁଞ୍ଜଗଳରାୟ ।
ଏ ଅନ୍ତେ ତ୍ରିଗର୍ତ୍ତ ନଗ୍ରେ ଉପଦ୍ରବ କରାଇ
କଳିଙ୍ଗଦେଶ ରାଜା ବୀରବାହୁ ତେଣେ ବାହି ।
ସାନନ୍ଦ ହୋଇ ବିରାଟ ଆସ୍ଥାନରେ ବିଜେ
ଦେଶାଜର ଜଣାଇଲା ଶୁଣ ଦେବରାଜେ ।
କଳିଙ୍ଗଦେଶ ରାଜା ନାମ ଅଟେ ବୀରବାହୁ
ଦଣ୍ଡ ବାହିଲଣି ଆସି ଯେସନେକ ରାହୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶୁଣିକରି ମୋହପ୍ରାପ୍ତ ହୋଇଲେ ବିରାଟ
ଆରେ ମୋ ଶାଳକ ବୋଲି ଡାକିଲେ ଲଲାଟ
ଦୁଇବଳ ଜାଣି ମୋତେ ରାଜ୍ୟ ଦେଲୁ ପୂର୍ବେ
ଏବେ ଲୟ କଲଲେ ରେ ତୋହର ଅଭାବେ
ମୋହର ପରାଣେ ବନ୍ଧୁ ବାବୁ ତୋର ନୋହୁ
ତୋ ପରି ଭାଇ ସର୍ବଦା ମୋତେ ମିଳୁଥାଉ ।
ବିରାଟଙ୍କୁ ବୁଝାବନ୍ତି ଧରି କୋଳଭଟ
କପାଇଁ ଅନମିତ୍ତରେ ପାଉଅଛ କଷ୍ଟ ।
କାହିଁପାଇଁ ହେ ବିରାଟ ହେଉଅଛ ଦୁଃଖୀ
ପୁଣ୍ୟବଳ ଥିଲେ ଧର୍ମ ହୁଏ ଯିବା ସାକ୍ଷୀ ।
ସୈନ୍ୟ ଘେନି ଯିବା ତୁଲ ସମର ମଣ୍ଡଳ
ଜାଣିବା ସେ ଶାରବାହୁ କେତେ ଧର୍ମବଳେ ।
ଆପଣା ଦଣ୍ଡ ସାଜଲେ ଭଣ୍ଟ ଦେବ କୋଳ
ଗ୍ରନ୍ଥିକାର ବାଜଥାଳ ବଲ୍ଲଭ ସହିତ ।
ଉତ୍ତର କୁମର ଜ୍ୟେଷ୍ଠ ବିରାଟଙ୍କ ବଶା
ମଘ ମତ୍ସ୍ୟ କଟକକୁ କଲେ ସେ ରକ୍ଷା ।
ରାଜ୍ୟଭାର ସିଂହାସନ ଦେଇଣ ତାହାକୁ
ଗଲେ ଦଣ୍ଡ ଘେନି ଶାରବାହୁର ଥାଟକୁ ।
ଶାରବାହୁ ସୈନ୍ୟ ଘେନି ଅଛି ମଧ୍ୟ ଦେଶେ
ଦ୍ୱାଦଶ ଯୋଜନେ କେହି ନ ରହିଲେ ପାଶେ
ଶାରବାହୁର ବାଉଣ୍ଡି ଅଟଇ ଅମାପ
ଯାହାର ବଳ ଅଟଇ କେବଳ କୌଣପ ।
ଗଜାରୋହୀ ଅଶ୍ୱାରୋହୀ ସୈନ୍ୟ ଆଦି କରି
ଗୋରୁ ବ୍ରାହ୍ମଣ ଭକ୍ଷନ୍ତି ଘୋଡ଼ା ବଳ କରି ।
ମେଷ ଗୁଗଳ ଧୂଷର ଦେଖିଲେ ତ ମାରି
ବସ୍ତ୍ର ନ ଥାଇ ମାଂସ ପ୍ରିୟ ବୋଲି କରି ।
ବିହରନ୍ତି ନଗରେ ତେଜ ଅନର୍ଗଳ
କାଦମ୍ବରୀ ପାନକରି ହୋଇ ମତ୍ତ ଭୋଳ ।
ପଞ୍ଚଦଶ ଯୁଣ ଯାଏ ଥାଟ ଗୁଲେ ମାଡ଼ି
ମଦିରାପାନେ ପ୍ରମତ୍ତ ମାଂସ ଖାନ୍ତି ପୋଡ଼ି ।
କଡ଼ା ବିଜଘୋଷ ଆଉ ବାଜଇ ଧୁମ୍ପରା
ଷିରା ମହୁରୀ ଆଦିର ବାଜଇ ତମିଘ ।
ଲଙ୍ଗଠା ପିନ୍ଧଣ ଉର୍ଦ୍ଧ୍ୱେ ଖାଙ୍କରନ୍ଧି କେଶ
ବଜ୍ର ଶରୀର ଆବର ବିକଟାଳ ବେଶ ।
ଓଠ ଚର୍ଦ୍ଦିଭ ଗର୍ଜନ୍ତି ଶାର୍ଦ୍ଦୂଳ ଆରୋହି
ବେଗ ବେଗ କରି ଥାଟ ଦିଅନ୍ତି ଚଳାଇ ।

ଏହି ପ୍ରକାରେ ଚଳଇ ନିଶାଚର ଥାଟ
ସରଯୂତୀରରେ ହେଲେ ଦୁଇ ଥାଟ ଭେଟ ।
କଳିଙ୍ଗରାଜାର ନିମନ୍ତେ ନୃପ ଗଲେ ତେତେଣେ
ଦଣ୍ଡ ଘେନି ଦୁର୍ଯ୍ୟୋଧନ ବାହ୍ଲୀକ ଏଣେ ।
ପ୍ରଥମ ଦିନ ସଇନ୍ୟ ଅତି ବେଗେ ଗଲେ
ସେ ଦିନ କୁଣ୍ଡଳୀ ବନମାର୍ଗରେ ରହିଲେ ।
ଆର ଦିବସ ପଞ୍ଚାଶ ଯୁଣ ବାହି ଗଲେ
କୁଷଣ୍ଡକ ବନେ ପୁଣି ଥାଟକୁ ରଖିଲେ ।
ଆରଦିନ ସତାଇଶ ଯୁଣ ଥାଟ ଦଳ
ପୁଣିହିଁ ପଞ୍ଚାଶ ଯୁଣ ଦିନେ ଗଲେ ଚଳ ।
ହସ୍ତିନାରୁ ଗଲେ ଚଳ ନବମ ଦିବସେ
ଦଶଦିନେ ବିଶ୍ରାମିଲେ ସ୍ଥଳ ବିଜନଦେଶେ ।
ଦେଶାନ୍ତର ବାର୍ତ୍ତା ଯାଇ କହିଲା ଝଟତି
ମତ୍ସ୍ୟ ଦେଶରେ ନାହାନ୍ତି ମତ୍ସ୍ୟଅଧିପତି ।
ଶାରବାହୁ ଧାଡ଼ି ଦେଲା ଯହୁଁ ବିରାଟକୁ
ସୈନ୍ୟଦଣ୍ଡ ବାହିଲା ସେ ତାର ଉପରକୁ ।
ଉତ୍ତରକୁମର ବୋଲି ତା ଜ୍ୟେଷ୍ଠକୁମର
ତାହା ମୂଳେ ଦେଲା ଦେବ କଟକର ଭାର ।
କଳିଙ୍ଗରାଜାର ତହିଁକି ଦଣ୍ଡ ଗଲା ଘେନି
ରଥ ଗଜ ଅଶ୍ୱ ଆଦି ଯେତକ ସଇନ ।
ଭୀଷ୍ମ ବୋଇଲେ ବାବୁ ହେ କର ତୁ ଅପେକ୍ଷା
ସୈନ୍ୟ ଘେନି ଫେରିଯିବା ତାର ପୂର ଭିକ୍ଷା
ଶୁଣିଣ ବୋଇଲେ ତହୁଁ ଦୁର୍ଯ୍ୟୋଧନ ମଲ୍ଲ
ଅଇଲୁ ଯେବେ ତା ରାଜ୍ୟ ଦେଖିଯିବା ଭଲ
ତ୍ରିଗର୍ତ୍ତର ରାଜ୍ୟ ଅଟେ ମତ୍ସ୍ୟନଗ୍ର ପୁର
ଏହା ରାଜ୍ୟରେ କରିବା ଯାକୁ ଦଣ୍ଡଧର ।
ଭୀଷ୍ମ ବୋଲେ ବିରାଟକୁ ଆଗେ ନ ଜିଣିଲେ
ରାଜ୍ୟ ମାଡ଼ି ବସିବ କି ତୁମ୍ଭେ ଏହା ବୋଲେ
ଭୀଷ୍ମଙ୍କ ବଚନ ଶୁଣି ବୋଲଇ ତ୍ରିଗର୍ତ୍ତ
ବିରାଟ ନ ଜିଣିଲେ କି ରାଜ୍ୟ ହୁଏ ପ୍ରାପ୍ତ ।
ଶକୁନି ବୋଇଲେ ତେବେ ଯିବ କି ବାହୁଡ଼ି
ଏତେ ଆରମ୍ଭେ ଅଇଲେ ସର୍ବେ ଦଣ୍ଡ ଚଢ଼ି
ଶକୁନି ପୁଚ୍ଛେ ତ୍ରିଗର୍ତ୍ତ ଗୋରୁପଲ କାହିଁ
ସୁରଭିପଲ ପାଇଲେ ନେବା ଯେ ଅଡ଼ାଇ ।
ଗୋଗୋଷ୍ଠକୁ ବୋଲି ବାଟ କଢ଼ାଅ ଗୁପତେ
ଅଗ୍ରସର ହୋଇ ଚଳ ଚଳ ହେ ତ୍ରିଗର୍ତ୍ତେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବାଘମ୍ବୀ ନଗାଗ୍ରରରେ ସ୍ୱର୍ଗପୁର ବନ
ତହିଁ ଉପରେ ଗୋଧନ ପଲଙ୍କ ଦୋହନ ।
ଦୁହାଁଳ ଦୁଇଲକ୍ଷ ବରଡ଼ ବାରଲକ୍ଷ
ମାଈ ପଞ୍ଚଅର୍ବୁଦ ଅଣ୍ଡିର ବିଂଶଲକ୍ଷ ।
ଗୋଟିଏ ଗୋଷ୍ଠରେ ଗୋରୁ ରହନ୍ତି ଏତେ
କହିଲ ହେ ମନ୍ତ୍ରିବର ଶୁଣ ଏକଚିତ୍ତେ ।
ଏକପଲ ବେଢ଼ନ୍ତି ପୁଣ ମାଡ଼ ମହାସ୍ଥଳୀ
ଅନେକ ଗୋପାଳ ତହିଁ ଏକେ ମହାବଳୀ ।
ଧବଳ କମଳ ଘର ସୁସଙ୍ଗଗୋପାଳ
ତହିଁର ରକ୍ଷକ ନାମ ଅଟେ ତନ୍ତ୍ରିପାଳ ।
ତହୁଁ ସମଦଣ୍ଡ ସେନା ମାନଚନ୍ଦ୍ରବର୍ତ୍ତୀ
ସେ ଗୋଷ୍ଠ ବେଢ଼ିଲେ ଯାଇ ରଜନୀ ପାହାନ୍ତି
ମାଘମାସ କୃଷ୍ଣପକ୍ଷର ଚତୁର୍ଦ୍ଦଶୀରେ
ପୁଷ୍ୟାନକ୍ଷତ୍ର ସେ ଦିନ ପୁଣ ରବିବାରେ ।
ବିଷ୍ଟିନାମେ କରଣ ବ୍ୟାଘାତ ନାମେ ଯୋଗ
ଭୂଷାପୁରେ ଉଭ ଗୁରୁ ଦଶମରେ ଭୋଗ ।
ସହ ପାଞ୍ଚଘଡ଼ି ଥାଉଁ କଉରବ ବଳ
ଲକ୍ଷେପୁରରେ ବେଢ଼ିଲେ ଯାଇ ଗୋରୁପଲ ।
ବଜାନ୍ତି ବିଜୟ ଘୋଷ ଝମକ ନିଶାଣ
ଅନେକ ବାଜଇ ବାଦ୍ୟ ନାହିଁ ପରମାଣ ।
ଭେରୀ ଦୋହରୀ ଯେ ଢୋଲ ସୁଣିହିଁ କାହାଳ
ମୁଖରବ ଶବଦରେ ଗଗନ ଉଛୁଳ ।
ହସ୍ତୀଙ୍କର ଘଣ୍ଟି ନାଦ ଗର୍ଜନର ବାଣୀ
କ୍ଷତ୍ରୀଙ୍କ ଗୁଣ ଟଙ୍କାର ଅଶ୍ୱଖୁର ଶାଣି ।
ଘଣ୍ଟି ଘାଗୁଡ଼ି ପୂରି ଯେ ହ୍ରେଷା ଅଶ୍ୱରବେ
ଯେସନେ କ ମେରୁଗିରି ଭାଙ୍ଗଇ ଆହବେ ।
ମହୀକୁ ଗ୍ରାସ କରଇ କବା ବାରନିଧି
ପୃଥ୍ୱୀ କମ୍ପମାନ ହୁଏ ହାସଇ ଜଳଧି ।
ଶୁଣ ଆହେ ଚଇତନ ଲୋକ କମ୍ପମାନ
ଦିନକର ପ୍ରଭୁ ଯେ ତେଜ୍ୟା କଲେ ଶୂନ୍ୟ
ଏତେଆରମ୍ଭେଗୋଗୋଷ୍ଠ ଘେରିଲେ କୌରବେ
ଗୋପାଳେ ଜାଣିଲେ ନାହିଁ ଥାଇ ହମ୍ବାରବେ
ଗାଈଙ୍କର ହମ୍ବାରବ ବତ୍ସାଙ୍କ ହୋବାଳ
ଗୋପାଳ ଉଚ୍ଚ ବାଜେ ନିପୁର ଉଛୁଳ ।
ଧବଳୀ କମଳୀ ପୁଣି ଶ୍ୟାମଳୀ ବଉଳ
ବତ୍ସାକୁ ଡାକନ୍ତି ତହିଁ ହମ୍ବାରବ ତୋଳ ।

ଏତେ ଆରମ୍ଭରେ ବେଢ଼ିଛନ୍ତି କୁରୁପତି
ଏହାଙ୍କର ବେଢ଼ିବାର ଗୌଡ଼େ ନ ଜାଣନ୍ତି ।
ଶୁଣ ହେ ଚୈତନ୍ୟ ଗଉଡ଼ଙ୍କ ବଡପଣ
ଦୋହନ ଛନ୍ଦନେ ଲଗିଅଛି ତାଙ୍କମନ ।
ବିଶେଷେ ମକର ମାସେ କୁହୁଡ଼ି ଆଚ୍ଛନ୍ନେ
ନୟନକୁ ନ ଦିଶନ୍ତି ଦୂରେ ଥିବା ଜନେ ।
ରଜନୀ ପାହିଣ ବେଳ ପ୍ରହର ହୁଅନ୍ତେ
ଲହର ଗୁଡ଼ କୌରବବଳ ବିକାଶନ୍ତେ ।
ଦେଖି ଗୋପାଳେ ବୋଲନ୍ତି ଶୁଣ ତନ୍ତ୍ରିପାଳ
କେଉଁ ରାଜା ବେଢ଼ିଛନ୍ତି ଗୋଧନର ପଲ ।
ଶୁଣି ସହଦେବ ବୃକ୍ଷ ଉପରରେ ଉଠି
ଦେଖିଲେ ସେ ସମଦଣ୍ଡେ ଧ୍ୱଜେ ଧାର୍ତ୍ତରାଷ୍ଟ୍ର ।
ସ୍ୱର୍ଣ୍ଣମୟ ରଥରେ ଉଡ଼ନ୍ତି ପତାକ
କେଶରୀ ଲାଞ୍ଛନ ଚିହ୍ନ ଉଡ଼ଇ ଉରଗ ।
ସହଦେବ ବୋଇଲେ ଏ କୌରବ ସଇନ୍ୟ
ଦୁର୍ଯ୍ୟୋଧନ ବିଜେ କଲା ନିଜବଳ ସେନ ।
ବୃକ୍ଷ ଉପରୁ ଓହ୍ଲାଇ ତହୁଁ ତନ୍ତ୍ରିପାଳ
ବେଗେ ପ୍ରବେଶ ପୃଥୁନାଙ୍କର ପାଦତଳ ।
ହେ ମାତ କଲ୍ପି ଦେଶକୁ ଚଳିଲେ ବିରାଟ
ତା କୂଳେ ଗରସ୍ତ ଗନ୍ତି ବାର କୋନ୍ତଉଠ ।
ବେନରାଜ୍ୟ ଭୂଚ୍ଛା ଅଶ୍ୱ ଗଜ ସୈନ୍ୟ ନାହିଁ
ତ୍ରିଗର୍ତ୍ତର ଅପମାନେ ଦୁର୍ଯ୍ୟୋଧନ ବାହି ।
ବିରାଟ ଶିଶୁ ସଭଲେ ନୋହିବଟି ଭଲ
ଗୋଧନକୁ ବେଢ଼ିଲେଣି କୁରୁସେନା ପଲ ।
ଯଦ୍ୟପି ଗୋକୁଳପତି ନେବେ ସେହୁ ହରି
ନଷ୍ଟପୁରେ ନାଶିବ ବିରାଟର ଶିଶୁ ।
ତୁ ମୁଁ ଥାନ୍ତେ କ ବିରାଟ ହୋଇବ ଅନାଥ
ତୁହି ଦେବୀ ଚନ୍ଦ୍ରାମଣି ଜଗତର ମାତ ।
ତୁମ୍ଭେ ଥାଉଁ ଗୋରୁପଲ ସେହୁ ହରି ନେଲେ
କହିଁ ପାଉବ କ ମୁହିଁ ଧ୍ରୁମ କୋପାନଳେ ।
ତୁହି ରକ୍ଷା କର ମାଗୋ ବିରାଟ ଆପଦ
ଯେମନ୍ତେ ଗୋଧନପଲେ ନ ଘଟେ ପ୍ରମାଦ ।
ସହଦେବଙ୍କର ସ୍ତୁତି ଶୁଣିଣ ପୃଥୁନା
ବୋଇଲେ ତୋହର ଦାସୀ ଅଟଇ ମୁଁ ସିନା
ଯେସନେକ ତନ୍ତ୍ରୀ ସାଜେ ଯେନ୍ତେ ମାଟିଲେଟ
ତୁହି ପିବୁ ଯେତେ ମୁହିଁ ତେତେ ଯାଉଅଛି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଚନ୍ଦିପାଳକୁ ବୋଲନ୍ତି ସଖା ହୋଇ ସ୍ଥିର
ଏହିକ୍ଷଣି ଜିଣିବି ମୁଁ ଉଣେ କୁରୁଦଳ ।
ଏଥିକୁ ଚିତ୍ତରେ ତିଳେ ନ କର ତୁ ଭୟ
ମୁହିଁ ଏହାଙ୍କୁ ଦେଖୁଛି ଶୃଗାଳ ପରାୟ ।
ହେଉକନା ଗଜ ଅଶ୍ୱ ହେଉକନା ରଥ
ଏକ୍ଷଣି ମାଡ଼ି ପଡ଼ିଣ ଧ୍ୱଂସିବି ସମସ୍ତ ।
ସମୁଦ୍ର ଲଙ୍ଘିଲେ କବା ରହିବ ମେଦିନୀ
କେଶରୀ ଆଗରେ ମତ୍ତଗଜର କି ଧ୍ୱନି ।
ମୁହିଁ ଯେବେ ନାଶିବଇଁ ଏହାଙ୍କର ବଳ
ରଥ ଗଜ ସହିତରେ କରିବି ନିର୍ମୂଳ ।
ତୁମ୍ଭେ ମାତ୍ର ମୋର ସଙ୍ଗେ ହୋଇଥିବୁ ସଖା
କାହିଁ ସମର କରିବି ତାହା ମୋତେ ଦେଖା ।
ପୃଥୁନାର ବାକ୍ୟ ଶୁଣି ବେଗେ ଚନ୍ଦିପାଳ
ଧାଇଁଲେ ଲଉଡ଼ି ଘେନି ସମସ୍ତ ଗୋପାଳ ।
ଯାହାକୁ ସମକ୍ଷ ମାତ୍ର ହୋଇଲେ ପୃଥୁନା
ରଥ ଗଜ ଅଶ୍ୱ ମାରି କରିଦେଲେ ଚୂନା ।
ବାସବ ବଚନେ ଯେସନେ ଧାଆନ୍ତି ଅମରେ
ସେହିପରି ବୀରମାନେ ଧାମନ୍ତି ସମରେ ।
କଟିତଟେ ମାଳପୁଞ୍ଜି କାଛ ଟାଲୁ ଭିଡ଼ି
ହେମନ୍ତରେ ଧରି କେନ୍ଦୁଶରର ଲଉଡ଼ି ।
ଶିରପରେ ଖୋସିଛନ୍ତି ମୟୂରର ଝାଳ
ନାନାବର୍ଣ୍ଣେ ଭିଡ଼ିଛନ୍ତି ହସ୍ତେ ପାଟଫୁଲ ।
ଶଙ୍ଖ ଗର୍ଗଡ଼ିର ମାଳ ଗଳେ କେଶ କେଶ
ହସ୍ତେ ମୁଦ୍ରିକା ଜଡ଼ିତ ତହିଁପରେ ହୀରା ।
କଟିରେ ଘଣ୍ଟି ଘାଗୁଡ଼ି ଅଛି ମାଳ ମାଳ
କେ ଝଙ୍ଗଣ ମାଥେ ଖୋସିଅଛି ଜାମୁଡାଳ ।
ଚନ୍ଦିପାଳ ପ୍ରସାଦରେ ତାଙ୍କୁ କରେ ଭୟ
ମଲ୍ଲୁଆଳ ନାଟ ନାଚୁଛନ୍ତି ବୀରତୟ ।
ଲଉଡ଼ିକୁ ବୁଲାଇଣ ଧାମନ୍ତି ଗୋପାଳ
ଆଗେ ଆଗେ ଧାମନ୍ତି ସେ ବୀର ଚନ୍ଦିପାଳ ।
ଲକ୍ଷେଷଣ୍ଢ ଘେନକରି ଚଳିଲେ ପୃଥୁନା
ବିହରନ୍ତି ମାତା ଯେସନେ ବକଟାଳ ସେହ୍ନା ।
ପୃଥୁନାଙ୍କର ଆଗତ ଦେଖି ସର୍ବଗାଈ
ପଛେ ପଛେ ଗୋଡ଼ାଇଲେ ହମ୍ବାରବ ଦେଇ
ଗୋପାଳଙ୍କ ମତ୍ତଗର୍ବ ଦେଖି କଉରବେ
ଦ୍ରୋଣଙ୍କର ମୁଖ ଚାହିଁ ହସିଲେ ଗାଙ୍ଗେବେ ।
କର୍ଣ୍ଣ ଶକୁନି ଆଦିର ଦୁଃଶାସ ସହିତେ
ଉପହାସକୁ କରନ୍ତି ସମସ୍ତ ଅମାତ୍ୟେ ।
ଦେଖ ଗୋପାଳଙ୍କ ମୂଢ଼ ଅଜ୍ଞାନଚାରଣ
ଯମ ପାଶେ ଆସନ୍ତି କି ହୋଇଣ କରଣ ।
କାଦମ୍ବରୀ ପାନେ ବାଇ ହୋଇ ମଲ୍ଲୁଆନେ
ନ ଚହ୍ନି ଆପଣା ପର କି ଅବା ସକଳେ ।
ଗାଲଭୁଇ ବଜାଇଣ କରୁଛନ୍ତି ଧ୍ୱନି
କୋଳାହଳ ଶବ୍ଦରେ କମ୍ପଇ ମେଦିନୀ ।
ଦେଖି ସହଦେବ ବୋଲେ ଶୁଣ ଗୋ ପୃଥୁନା
ଉପହାସ କରୁଛନ୍ତି କଉରବ ସେନା ।
ପୃଥୁନା ବୋଇଲା ସଖା ଆସ ମୋର ସଙ୍ଗେ
ମାରିବା କୌରବଦଳ ତୋର ଅନୁସଙ୍ଗେ ।
ଅଛନ୍ତି ଯେତେ କୌରବ ମହା ମହା ରଥୀ
ତାଙ୍କ ରଥେ ଶିଙ୍ଗ ମାରି ନାଶିବ ତଡ଼ିତ ।
ସହଦେବ ବୋଲେ ମାତ ସର୍ବ ସେନାମାନେ
ଯାଆନ୍ତୁ ଥାଆନ୍ତୁ ଅବା ରାଜାର ବଚନେ ।
ଏକପାର୍ଶ୍ୱେ ରହିଅଛି ଏ ମାନଗୋବିନ୍ଦ
ତାହାର ତୁଲେ ନିଶ୍ଚୟ ହେବ ମୋର ଦ୍ୱନ୍ଦ୍ୱ ।
ଗୋପାଳଙ୍କ ଉପଦ୍ରବ ଦେଖି କୁରୁବଳ
ଗାଙ୍ଗେୟ ସହିତେ ହସି ଉଠିଲେ ସକଳ ।
ଉପହାସକୁ କରନ୍ତି କଉରବ ବୀରେ
ଧାଇଁଯାଇ ସହଦେବ ମିଳିଲା ସମରେ ।
କୁମାର ଯୁଦ୍ଧରେ ହେଳା କଲେ ଭୀଷ୍ମ ଦ୍ରୋଣ
ରାଜା ସମ୍ମୁଖରେ ମିଳିଲେ ଯାଇ ଗୋପଗଣ ।
ସହଦେବ ଅତିବେଗେ ଲଉଡ଼ି ବୁଲାଇ
ଦୁର୍ଯ୍ୟୋଧନ ରଥପରେ ପ୍ରହାରିଲା ନେଇ ।
ଶୁଣ ଆହେ ଚଇତନ୍ୟ ଗୋପଙ୍କ ଚରିତ
ଆକାଶରୁ ଖସି କବା ପଡ଼ିଲା ନିର୍ଘାତ ।
ସେହିମତ ପଡ଼ିଲା ସେ ସହଦେବ ଯଷ୍ଟି
ଖଣ୍ଡଖଣ୍ଡ ହେଲା ଦୁର୍ଯ୍ୟୋଧନ ରଥଗୋଟି ।
ପୁଣି ଯଷ୍ଟିଏ ପ୍ରହାରେ କୋପକରି ବେଗେ
ମୂର୍ଚ୍ଛନା ଫାଟି ପଡ଼ିଲେ ସେ ଶୂର ତୁରଗେ ।
ଧ୍ୱଜସ୍ତମ୍ଭ କେତନ ନାମେ ରାଜାର ସାରଥି
ଫାଟନ୍ତେ ଲଲାଟ ତଳ ପଡ଼ିଗଲା କ୍ଷିତି ।
ବିରଥ ହୋଇଣ ତହୁଁ ସେ ମାନଗୋବିନ୍ଦ
ଅନ୍ୟ ରଥେ ଆରୋହିଣ କୁରୁନରେନ୍ଦ୍ର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସହଦେବ ସଙ୍ଗତରେ ଧାମଇଁ ପୃଥୁନା
ଶିଙ୍ଗ ମାରିବାରୁ ରଥ କରନ୍ତଏ ଚୂନା ।
ଅଧର ହକାଣି ଚଢ଼ି ଧାଇଁ ଗଜଗାଜ
ଶିଙ୍ଗ ତାଡ଼ନାରେ ରଥ ଯାଉନ୍ତନ୍ତି ଭାଜ ।
ଗୋପାଳ କରନ୍ତି ତହିଁ ଲଉଡ଼ିର ଘାତ
ଅପାଣ୍ଡବ ସେନାମାନେ ହେଲେ ଭୂମିଗତ ।
ମହାନାଗ ଆରୋହଣ ମାନଚକ୍ରବର୍ତ୍ତୀ
ସବୁରି ଘାରି ଗଦାକୁ ଧରି କୋପମତି ।
ଦୁଃଶାସନ ଦୁର୍ଦ୍ଧର୍ଷ ଯେ ଦୁର୍ବାର ଦୁଷ୍କର୍ଣ୍ଣ
ଦୁର୍ଗନ୍ଧକ ଦୁର୍ମନ ଯେ ଦୁଃଶୀଳ ଦୁର୍ଜ୍ଜନ ।
ଦୁର୍ଗଣ୍ଡ ଦୁର୍ଦ୍ଦିନ ପୁଣି ଦୁର୍ବଳ ଦୁର୍ନୟ
ଦୁର୍ଦ୍ଧର୍ଷ ଦୁର୍ମଦ ଆଦି ଦୁର୍ବର ଦୁର୍ଲକ୍ଷ୍ୟ ।
ରଜାଙ୍କ କଣ୍ଠାଳ ଦେଖି ଏ ଶତ ସୋଦର
ଆସି ଓଗାଳିଲେ ସହଦେବଙ୍କ ଆଗର ।
କହନ୍ତି ତ ପାମର ମୂଢ଼ ରେ ଅଜ୍ଞାନ ପାପୀ
ସହସ୍ର ଅଗରେ କି ଚନ୍ଦ୍ର ହୋଇପାରେ କୋପୀ
ମଦିରରସ ପାନରେ ମତୁଆଳ ହୋଇ
ମରଣ ଭୁଲିଲୁ ତୁହି ନ ଚହ୍ନୁ କଥାଇଁ ।
ଆସିଅଛୁ ରଜା ମାନଗୋବିନ୍ଦଙ୍କ ସଙ୍ଗେ
ଯୁଦ୍ଧକରି ଗୋରୁପଲ ହରିନେବୁ ରଙ୍ଗେ ।
ଗ୍ୱଲ ଆମ୍ଭ ସଙ୍ଗେ ଗୋରୁପଲକୁ ଅଡ଼ାଇ
କୁଟୁମ୍ବ ପୋଷିବୁ ତୁହି ଅତିସୁଖ ପାଇ ।
ରେ ମୂଢ଼ ଗୋପାଳ ପାଟପଣେ ଶାଢ଼ୀ ଦେବୁ
କୁଟୁମ୍ବ ତୁମ୍ଭର ଯଥା ସାଧରେ ପାଳିବୁ ।
ମୁକୁଟ କଣ୍ଠାଞ୍ଚଳ ଯେ ବାହୁଟି ସରଳ
ସର୍ବ ଅଳଙ୍କାରକୁ ରେ ପିନ୍ଧିବୁ ଗୋପାଳ ।
ଏମନ୍ତ ବଚନ ଶୁଣି ସେ ଦୁଃଶାସନର
କୋପେ ସହଦେବ କଲେ ତାହାକୁ ପ୍ରହାର ।
ଦୁଃଶାସନ ରଥ ଭଙ୍ଗ ହୋଇଗଲା ଚୂର
ତାର ପ୍ରହାରେ ତୁଟିଲା ଅଙ୍ଗ ସେନାଙ୍କର ।
ଅଶ୍ୱ ସାରଥିକୁ ଧରି ପିଟିଲେ ଗୋପାଳେ
ବିରଥ ହୋଇଣ ବୀର ପଡ଼ିଲେକ ତଳେ ।
ଦୁଃଶାସନକୁ ବିରଥ ଦେଖିଣ ରାଧେୟ
ଆବରି ସମର କରେ ମାଦ୍ରୀର ତନୟ ।
ରେରେକାର କରି କର୍ଣ୍ଣ କରେ ଚାପ ଧରି
ଗୋପାଳଙ୍କୁ ପ୍ରହାରିଲା ଧରି ଶର ସ୍ୱରି ।

ଲଉଡ଼ି ବୁଲନ୍ତେ ତହିଁ ପାଳ ଗୋପଜେନା
କର୍ଣ୍ଣଙ୍କର ଅସ୍ତ୍ରମାନ ଭାଙ୍ଗି କଲେ ଚୂନା ।
ସହଦେବ କଣ୍ଠାଳଲା କର୍ଣ୍ଣ ମହାରଥୀ
ପୁଣି ଶତେକ ନାରାଚ ବିନ୍ଧେ ତକ୍ଷଣାନ୍ତ ।
ଅଗ୍ନି ସମାନ ଦିଶଇ ସେହି ତୀକ୍ଷ୍ଣ ମୁନା
ସହଦେବ ଲଉଡ଼ିରେ ବାଜ ହେଲା ଚୂନା ।
ଦେଖିଣ ପୃଥୁନା ଚଢ଼ି ଧାଇଁ ଗଜରାଜ
ଶିଙ୍ଗ ମାରନ୍ତେ କର୍ଣ୍ଣର ରଥ ଗଲା ଭାଜ ।
କର୍ଣ୍ଣ ବିରଥ ହୋଇଣ ଗଲା ଅପସରି
ଧାଇଁଲେ ଗୋପାଳେ ତହିଁ ଲଉଡ଼ିକୁ ଧରି ।
ଉଡ଼ି ଦେଇଣ ଗୋପାଳଗୀରେ ତହିଁ ଉଠି
ଯୋଦ୍ଧାଙ୍କ ଉପରେ ନେଇ ପ୍ରହାରିଲେ ଯଷ୍ଟି ।
ଯୋଦ୍ଧାଏ ବାଣ ବିନ୍ଧନ୍ତି ତହିଁ ଅବଛିନ୍ନେ
ଗୋପାଳଙ୍କୁ ଆବୋରିଲେ ଦୌଡ଼ ଗାଈମାନେ
ଗୋରୁଙ୍କର ଉମ୍ବାରବ ବଢ଼ଇ ପ୍ରଚଣ୍ଡ
ପୃଥୁନା ତୁଲେ ପଞ୍ଚାଶ ସହସ୍ର ଯେ ଷଣ୍ଢ ।
ଷଣ୍ଢଙ୍କର ଶିଙ୍ଗସବୁ ଅଟେ ତୀକ୍ଷ୍ଣ ମୁନା
ତହିଁ ଫୋଡ଼ିଦେଲେ ଅଶ୍ୱଆଦି ବକ୍ରସେନା ।
ଗୋରୁ ଯୁଦ୍ଧ ଦେଖି ଭାଜିଗଲେ ବୀରଗଣ
ଅପସରିଣ ରହିଲେ ତହିଁ ଭୀଷ୍ମ ଦ୍ରୋଣ ।
ଭୀଷ୍ମ ଦ୍ରୋଣ ଜୟଦ୍ରଥ ଶଲ୍ୟ ଅଶ୍ୱତ୍ଥାମା
ବାହ୍ଲିକ ସୋମଦତ୍ତ ଯେ ପୁଣି କୃପବ୍ରହ୍ମା ।
ସମସ୍ତେହେ ଭାଜିଗଲେ ଗୋରୁହତ୍ୟା ବୋଲି
ମାଡ଼ି ଗୋଧନ ପଶିଲେ ଯାଇ ଥାଟ ପେଲି ।
ମାରନ୍ତି ସେ ଗୋରୁପଲ ହସ୍ତୀଙ୍କର ପାଦେ
ପଦାତି ସୈନ୍ୟ ପଡ଼ିଲେ ବିଷମ ପ୍ରମାଦେ ।
ଶିଙ୍ଗ ବାଜନ୍ତେ ଫୁଟିଣ ଗଲେ ସର୍ବହସ୍ତ
ଗାଈଙ୍କ କପାଳ ଦିଶେ ମହାର ପରସ୍ତ ।
ପାଞ୍ଚଯୁଣ ପରଯନ୍ତେ ପାଏଡ଼ା ପଡ଼ିଲା
ଅନେକ ରଥ ଗଜହିଁ ତହିଁ ନାଶ ଗଲା ।
ଅନିବାର୍ଯ୍ୟ ହୋଇ ତହିଁ ଯୋଟିଲାକ ଯୁଦ୍ଧ
ବହୁତ ସୈନ୍ୟ ପଡ଼ିଲେ ସେହି ରଣମଧ୍ୟ ।
ଅସମ୍ଭାଳ ହୋଇ ତହିଁ ପଳାଇଲେ ଥାଟ
ପଡ଼ିଲା ବହୁ ପାଏଡ଼ା ନ ପାବନ୍ତି ବାଟ ।
ବନ କନ୍ଦରକୁ ସୈନ୍ୟ ପଳାଇଣ ଗଲେ
ଗହଳ ହେବାରୁ ତହିଁ କେତେ ଚୂର୍ଣ୍ଣ ହେଲେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପଞ୍ଚଦଶ ଯୂଣଯାଏ ପାଏଡ଼ା ପାଡ଼ିଲେ
ବହୁତ ଅଶ୍ୱ ଗଜ ସୈନ୍ୟ ତହିଁ ନାଶହେଲେ ।
ଦଶସହସ୍ର ରଥ ନବ ଅଇବ୍ରଜ ରଥୀ
ଅସଂଖ୍ୟ ତୁରଗ ତିନ ପରାର୍ଦ୍ଧ ପଦାତି ।
ଏତେକ ସୈନ୍ୟ ପଡ଼ିଲେ ଗୋଧନ ସମରେ
ଭଗ୍ନବଳ ହେନ ରାଜା ରହେ ବଦାଖରେ ।
ସହଦେବ ମୁଖ ଚାହିଁ ବୋଲଇ ପୃଥୁନା
କଟାକ୍ଷ ନ କର ଏହି ଭଗ୍ନବଳ ସିନା ।
ଗୋପାଳ ଗୋଧନଘଲ ଏଥୁଁ ଘେନିଯିବା
ମାନଗୋବିନ୍ଦ ବାହୁଲେ ଶୁଣିହିଁ ଆସିବା ।
ଆଦିତ୍ୟ ଅସ୍ତ ହୁଅନ୍ତେ ହୋଇଲା ରଜନୀ
ଫେରିଲେ ଗୋପାଳେ ସୁଭଧ୍ୱଙ୍କୁ ସଙ୍ଗେ ଘେନ
ହରଷେ ରହିଲେ ଯାଇ ବାରସ୍ଥାଇ କୂଳେ
ପାଡମଡ଼ା ସୈନ୍ୟମାନେ ଖେଦନ୍ତି ବଳନେ ।
ଦୁର୍ଯୋଧନ ବୋଲେ ଭୀଷ୍ମ ଦ୍ରୋଣ ମୁଖ ଚାହିଁ
ଆସନ୍ତେ ବାରିଲେ ତାହା ନ ମାନିଲି ମୁହିଁ ।
ସେଥିପାଇଁ କୋପକରି ଆହେ ଗୁରୁଜନେ
ସମର ନକରି ଘୁଞ୍ଚି ରହିଲ ଯତନେ ।
ବହୁତ ଝିଙ୍ଗାସି ବୋଲେ ତାଙ୍କୁ କୁରୁପତି
ଶୁଣିଣ ପ୍ରତିଉତ୍ତର ଗାଙ୍ଗେୟ ଦିଅନ୍ତି ।
ଦେଖୁ ଦେଖୁ ଜାଣୁ ଜାଣୁ କରିବ ଗୋହତ୍ୟା
ମାଇଲେ ଦୋଷ ହୁଅନ୍ତା ତୋର ଅପ୍ରମିତା ।
ଶସ୍ତ୍ର ସବୁ ଧରଥିବ ନିଜ ନିଜ କର
ସମରେ ମାଇଲେ ଗୋରୁ ଦୋଷ ଯାଏ ପାର
ଭୂମି ପାଳକ ନରେନ୍ଦ୍ର ଅଟୁ କୁରୁନାଥ
ତୋର ସିନା ହେବ ବାବୁ ଏ ଦୋଷ ସମସ୍ତ
ବାବୁ ପାପ ପୁଣ୍ୟ କଲେ ଅଟଇ ଭୂପର
ସେଥିପାଇଁକ ଉପେକ୍ଷା କରିଲୁ ସମର ।
ଦୁର୍ଯ୍ୟୋଧନ ବୋଲେ ତହୁଁ ସମରେ ପଶିଲେ
ହତ୍ୟା କି ଲାଗଇ ଗୋରୁ ବ୍ରାହ୍ମଣ ମାଇଲେ
ହତ୍ୟାଦୋଷ ଲାଗିବ ହେ ଯଦି ଆଜ ଯୁଦ୍ଧେ
ହେଉ ପାତକ ପଡ଼ନ୍ତୁ ଗୋରୁ ରଣମଧ୍ୟେ ।
କୃପାଚାର୍ଯ୍ୟ ବୋଲେ ବାବୁ ଶୁଣ ପୂର୍ବକଥା
ଗଙ୍ଗାସ୍ନାନେ ବିଜେକଲେ ଈଶ୍ୱର ଦେବତା ।
ନିତ୍ୟକର୍ମ ବିଧାନରେ କୁଶ ଥୋଇ କୂଳେ
ସ୍ନାହାନ ନିମନ୍ତେ ହର ପଶିଲେ ସେ ଜଳେ ।
ଶୌଚ ଆଦି ସାରି ଦନ୍ତ କରିଲେ ଧାବନ
ଜଳେ ପଶି ସ୍ନାନକଲେ ଦେବ ତ୍ରିଲୋଚନ ।
ସୁରଭି କନ୍ୟା ନନ୍ଦିନୀ ଆସେ ଚରି ଚରି
ଖାଇଗଲା ଈଶ୍ୱରଙ୍କ ସେହି କୁଶକେରି
ଜଳରୁ ବାହାରି ହୋଇ ଦେବ ଅତି ବେଗେ
ମାଇଲେ ଗାଈକି ମୁଠେ ଅତିଅନ୍ତ ରାଗେ ।
ବେକ ମୂଳରେ ପଡ଼ିଣ ଦେବ ପର୍ଶୁଖଣ୍ଡ
ନିମିଷକେ ଛିଡ଼ିଗଲା ନନ୍ଦିନୀର ମୁଣ୍ଡ ।
ଛିଡ଼ିଯାଇ ସେହି ମୁଣ୍ଡ ଆସି ଧାତକାରେ
ତଳେ ନ ପଡ଼ି ଲାଗିଲା ଈଶ୍ୱରଙ୍କ କରେ ।
ଅନେକ ତୀର୍ଥ ଭ୍ରମିଲେ ଦେବ ବିଶ୍ୱନାଥ
ତଥାପି ନ ଛାଡ଼ିଲା ସେ ମୁଣ୍ଡ ତାଙ୍କ ହସ୍ତ ।
କୁପବ୍ରହ୍ମା ବୋଇଲେ ହୋ ଶୁଣ କୁରୁପତି
ଭଇରବ ରୂପେ ମୁଣ୍ଡ ଧରେ ପଶୁପତି ।
ଆହେ ବାବୁ ସବୁ ଦୋଷ ହେଲେ ପାରଯାଇ
ଗୋ ବ୍ରାହ୍ମଣ ହତ୍ୟା ଦୋଷ କେବେ ନ ଛାଡ଼ଇ
ଗୋହତ୍ୟା ନ ଛାଡ଼ିଲା ତ ଯହୁଁ କଦାଚତେ
ତାହା ଛଡ଼ାଇଲେ ମଣିକର୍ଣ୍ଣିକାର ତୀର୍ଥେ ।
ଗୋହତ୍ୟା ଦୋଷଟି ବାବୁ ନ ଯାଇ କହଣା
ଦୁର୍ଯ୍ୟୋଧନ ବୋଲେ ମୋତେ ଏମାନ ନଶୁଣା
ଆହେ ମୋହର ଯାହାର ଅଛଇଟି ଆଶ
ଗୋଧନର ପାଇଁ ସେହୁ ହେଉଟି ବିନାଶ ।
ମହାମତ୍ତନାଗ ଚଢ଼ି ମାନଚକ୍ରବର୍ତ୍ତୀ
ସୈନ୍ୟ ଲେଉଟାଇ ବିଜେକଲା କୁରୁପତି ।
ନୃପଧାର ବଚନକୁ ଶୁଣି ଭୀଷ୍ମ ଦ୍ରୋଣ
ମାରି ବୋଲି ବାହୁଡ଼ିଲେ ସେମାନେ ତକ୍ଷଣ ।
ମହାଘୋର ଗୋଳ ଶୁଭେ ତହୁଁ ଅପ୍ରମିତ
ସହଦେବ ବୋଲେ ସୈନ୍ୟ ବାହୁଡ଼ିଲେ ମାତ
ଖରଣ ପଞ୍ଜିରି ସେହୁ କଥାବନ୍ତକାଷ
ଗୋହତ୍ୟାକୁ ନ ଡରିଣ ଆସିଲେ ଯେ ଫେରି
ପୃଥୁନା ବୋଇଲେ ତହୁଁ ଆସୁ ଗୋଗୋଷ୍ଠକୁ
ଏ ଯାନ୍ତି ଜଣେ ଛାଡ଼ିବି ନାହିଁ ମୁଁ କାହାକୁ ।
ତୋର ସହୋଦର ବୋଲି ମୋର ଉପରୋଧେ
ତେଣୁ ଦିବ୍ୟ ଅସ୍ତ୍ର ଧରି ନ କରଇ ଯୁଦ୍ଧେ ।
ଧରିକାର୍ଯ୍ୟ ବୋଲକରି ସୈନ୍ୟ ନ ନାଶିଲି
ସେଥି ନିମନ୍ତେ ଲାଘବ ଯୁଦ୍ଧ ମୁହିଁ କଲି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏ ଘାନ୍ତ ସମର ମୋର ପ୍ରତ୍ୟକ୍ଷରେ ଦେଖୁ
ବୁଡ଼ାଇବୁ ବଂଶ ତାର ଏବେ କେମନ୍ତ ରଖୁ ।
ପବନନ୍ଦୁଁ ବେଗହୋଇ ଆସନ୍ତେ ଗୋକୁଳ
ଦଣ୍ଡ ଘେନ କାଇଁଭେବେ ବାହୁଲେ ନିଠାଳ ।
ଆଗରେ ଗୋଧନ ପଲ ପଛେ ଚଳିପାଳ
ଲଉଡ଼ ବୁଲାଇ ଆସି ନାଶେ କୁରୁବଳ ।
ଲଉଡ଼ର ଘଉଚାଳ ବାଜେ ତଡ଼ବଡ଼
ଚଉଦିଗେ ଉନ୍ନତିଲା ଗୋପାଳଙ୍କ ରଡ଼ ।
ଯମଦଣ୍ଡ ଭଳିଲେ ସେ ସ୍ତମ୍ଭୀଭୂତ ହୋଇ
ଭୀଷ୍ମ ପ୍ରଶଂସା କରନ୍ତି ଗୋପାଳଙ୍କୁ ଚାହିଁ ।
ଭୀଷ୍ମ ବୋଇଲେ ଧନ୍ୟରେ ତୁ ଗୋପାଳଗୋଟି
ପୁଣିହିଁ ବୋଇଲେ ଦ୍ରୋଣ ସହଦେବ ସେଠି
ଭୀଷ୍ମ ବୋଇଲେ ସଫଳ ଆଜ ମୋର ଦିନ
ଶୁଭେ ଆସି ଦେଖିଲି ମୁଁ ପୁତ୍ରଙ୍କ ବଦନ ।
ବନସ୍ଥ ହେତରେ ଥାଇ ବହୁ ବିଦ୍ୟା ସାଧି
ହୋଇଲେ ଏ ଖାଇବର ମହାମନ୍ତ୍ରେ ସିଦ୍ଧି ।
ସମର ସମ୍ଭାର ସବ ଗୋଳ ଯେ ରହିଲା
ସହଦେବ ସମର ପୃଥୁନା ନ ଜାଣିଲା ।
ଗୋଧନ ପଲ ପୃଥୁନା ଘେନି ଚଳଗଲା
ଏକା ସହଦେବ ମହାଗୋଳରେ ରହିଲା ।
ଗୋପାଳମାନେ ଚଳିଲେ ଗୋରୁଙ୍କୁ ଅଡ଼ାଇ
ସହଦେବ ରହିଲା ଯେ ଏକା ରଣଭୂଇଁ ।
ପ୍ରଷ୍ଟତ ହେଉ ଉଇଁଲେ ଗଗନ ବହାସି
ଲକ୍ଷେ ପୁର କରି ଥାଟ ସହଦେବେ ଘେରି ।
ଦୁରେ ଡାକ ଦଅଇ କୌରବ ଶିରୋମଣି
ପ୍ରାଣେ ନ ମାର ଗୋପାଳେ ଧର ଏହିକ୍ଷଣି ।
ଏହାକୁ ଧଇଲେ ମୋର ସର୍ବକାର୍ଯ୍ୟ ଭଲ
ତେବେ ଯେ ପ୍ରାପତ ହେବେ ମୋତେ ଗୋରୁପଲ
ମତ୍ସ୍ୟଦେଶର ପାଇବା ସମସ୍ତଙ୍କ ଭେଦ
ଗୋପାଳ ଧଇଲେ ମୋର ବହୁତ ସମ୍ପଦ ।
ସାଗର ଅଟଇ ଜାଣେ କୌରବଙ୍କ ଦଳ
ସହଦେବ ସିଂହ ପ୍ରାୟ ଭର୍ତ୍ତିକ ପ୍ରବଳ ।
ଯଦ୍ୟପି କୌରବ ସେନା ହେବ ମତ୍ତନାଗ
ଅପାର ଯୁଝ ହେବ କ କେଶରୀର ଆଗ ।
ମହାବିକ୍ରମ ସହିତ୍ୟ ଯେତେକ ବାରଣଧ
ଭରସି ଆସିନ୍ତି ନାହିଁ ପାଶେ ସର୍ବଯୋଦ୍ଧା ।

ଶ୍ରୀକୃଷ୍ଣ ସ୍ମରଣ କରେ ବୀର ସହଦେବ
ସଙ୍କଟୁ ଉଦ୍ଧର ମୋତେ ପ୍ରଭୁ ବାସୁଦେବ ।
ରଖ ରଖ ଜଗନ୍ନାଥ ଶରଣ ପଞ୍ଜର
ଏ କୁ ଦୁଃଖସାଗରୁ ମୋତେ କେବଳ ଉଦ୍ଧର ।
ଜାଣି ଭୀଷ୍ମ ଦ୍ରୋଣ ତହିଁ ଯୁଦ୍ଧ କଲେ ହେଳା
ବହରନ୍ତି ସହଦେବ ତେଜ ଅନର୍ଗଳା
ପୁଣିହିଁ ଆଦେଶ ଦେଲା ସେ ମାନଗୋବିନ୍ଦ
ଧରି ନ ପାରିଲ ଯେବେ ଯୁଦ୍ଧେ ଶର ବିନ୍ଧ ।
ରାଜାର ବଚନେ ବୀରେ ଚଢ଼ାଇଲେ ବାଣ
କେତି ଯୋଦ୍ଧାଏ ବିନ୍ଧିଲେ ତାକୁ ତତକ୍ଷଣ ।
କେହୁ ବିନ୍ଧେ ଶତଶର କେ ବିନ୍ଧେ ଅୟୁତେ
କେହୁ ଲକ୍ଷ ଲକ୍ଷ ବାଣ ବିନ୍ଧେ ଅବିରତେ ।
ଯେସନେ କକଡ଼ା ମାସେ ବର୍ଷେ ଜଳଧାର
ତେସନେ ଯୋଦ୍ଧା ବିନ୍ଧନ୍ତି ତାଙ୍କୁ ନିରନ୍ତର ।
କରେ ଲଉଡ଼କୁ ଧରି ବୀର ଚୂଡ଼ାମଣି
ବୁଲାଏ ଯେସନେ କୁମ୍ଭକାର ଚକ୍ର ଜଣି ।
ଯେତେ ନାରାଚ ବିନ୍ଧନ୍ତି ଯୋଦ୍ଧା କୋପକରି
ଲଉଡ଼ରେ ବାଜ ସର୍ବ ହୋଇଥାଏ ଚୂର ।
ସହଦେବ ଅନ୍ତରୀକ୍ଷେ ଲଉଡ଼ ବୁଲାଏ
କୁମ୍ଭାର ଚକ୍ରକୁ ଜଣି ସେହୁ ବୁଲୁଥାଏ ।
ଶୁଣ ଚଇତନ ଜଗନ୍ନାଥଙ୍କର ମାୟା
ସହଦେବ କନ୍ଦୁ ଜନ୍ମ ହେଲା ବେନିବାହା ।
କଠୋର ଦେଖି ପ୍ରସନ୍ନ ହେଲେ ଦେବରାଜ
ସହଦେବ ବହାରିଲେ ଯୁଦ୍ଧେ ଚତୁର୍ଭୁଜ ।
ଯେଉଁ ଦୁଇହାତ ଜାତ ହେଲା ଅଦ୍ଭୁତ
ପ୍ରତ୍ୟକ୍ଷେ ଅଟଇ ସେହୁ ଜଗନ୍ନାଥ ହାତ ।
ଯେଉଁ ବେଣୁସ୍ୱରେ ମୋହିଥିଲେ ଗୋପୀଜନ
ସମସ୍ତଙ୍କ ଅଙ୍ଗେ ପଶେ ହୋଇଣ ମଦନ ।
ବଂଶୀ ବଜାନ୍ତେ ଶୁଭିଲା ପୃଥୁନାର କର୍ଣ୍ଣେ
ଶବଦ ଶୁଭିଲ ପାଞ୍ଚଯୂଣ ବ୍ୟବଧାନେ ।
ଗୋଧନ ଘେନି ପୃଥୁନା ଅଇଲେ ଲେଉଟି
ବୋଇଲେ ପ୍ରାଣ ହାରିଲା ମୋର ପୁତ୍ରଗୋଟି
ଧାମନ୍ତି ଗୋପାଳ ବଂଶୀ ଶବଦକୁ ହେଜ
କୌରବ ଆଗେ ପ୍ରବେଶ ହେଲେ ଗଜରାଜ
ହମ୍ବାରବ ଶବ୍ଦେ ଯହୁଁ ପଡ଼ିଲେ ସେ ମାଡ଼ି
ଭାଜିଗଲା ସମବଣ୍ଡ ପଳାଇଲେ ଛାଡ଼ି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯେତେବେଳେ ସୈନ୍ୟ ହେଲେ ତହିଁ ଦୁଇଭାଗ
ପୃଥୁନା ପ୍ରବେଶ ଯାଇ ସହଦେବ ଆଗ ।
ବାଜିଲା ଯେ ବାଦ୍ୟମାନ ମର୍ଦ୍ଦଳ ଘୁମୁରା
ମତ୍ତରଙ୍ଗରେ ନାଚନ୍ତି ଗୌଡ଼ ମହାସୁରା ।
ହାସକୁ ଯାଇ ଘୁଞ୍ଚିଣ ଗଲେ ନଉରିକ
ଗୋଧନପଲ ଘେନିଣ ଚଳେ ସହଦେବ ।
ଯାକନ୍ଦେ ପ୍ରବେଶ ହେଲେ ଗୋପାଳେ
ଗୋଗୋଷ୍ଠେ
ପୁଣି ଗୋଧନ ବେଢ଼ିଲେ ଯାଇ କୁରୁଥାଟେ
ପୃଥୁନା କୋଳନ୍ତି ସହଦେବ ମୁଖ ଶୁଣି
କାବୁ ଏ କଉରବଙ୍କୁ ଲାଜ ଟିକେ ନାହିଁ ।
ଏ ମୋତେ ବେଢ଼ିଣ ଥାନ୍ତୁ ଉନ୍ଦ୍ର ଏହ୍ତାବେ
ବଳାତ୍କାରେ ମୋତେନେଇ ନ ପାରନ୍ତି କେବେ
ସ୍ୱକଟେ ନ ଯିବ ମୁହିଁ ଏହାଙ୍କର ପୁରୀ
ତ୍ରୈଲୋକ୍ୟରେ କଏମୋତେ ପାରେ ବନ୍ଧେଧରି
ତୁମ୍ଭେ ବହନ ହୋଇଣ ଯା ମତ୍ସ୍ୟ ଦେଶକୁ
ଉତ୍ତର କୁମାର ସଙ୍ଗେ ଆଣ ଅର୍ଜ୍ଜୁନଙ୍କୁ ।
ଅର୍ଜ୍ଜୁନ ଆସିଣ କୌରବଙ୍କ ଦର୍ପ ଭଞ୍ଜି
ଦୁର୍ଯ୍ୟୋଧନ ରାଜାର ସେ ପ୍ରତିଜ୍ଞାକୁ ଭଙ୍ଗି ।
ବହନ ଅର୍ଜ୍ଜୁନଙ୍କୁ ତୁ ଘେନିଆସ ଯାଇ
ମୁଁ ଗୋଧନପଲ ଘେନି ଏ ସ୍ଥାନେ ଅଛଇ ।
ଅଜ୍ଞାତବାସ ତ ଆସି ସରିଲାଣି ଦିନ
ଉତ୍ତରକୁ ଘେନି ବେଗେ ଆସନ୍ତୁ ଅର୍ଜ୍ଜୁନ ।
ମୋର ବଚନରେ ଶୁଭ ଅନୁକୂଳ ଘେନ
ଆଜି ହସ୍ତିନାରେ ତୁମ୍ଭେ ହେଲ ନୃପମଣି ।
ଚଳିଗଲେ ସହଦେବ ସିଂହଠାଣି କରି
ପ୍ରବେଶ ହୋଇଲେ ଯାଇ ବିରାଟ ନଗରୀ ।
ଜୟ ଜୟ ନମସ୍ତେ ମା ଦେବୀ ଗୋ ଶାରଳା
ମାଡ଼ି ବସିଛୁ ଚଳୁକପଦା ମହାଖଳା ।
ଦୁଷ୍ଟ ନିବାରିଣ କରି ସନ୍ଥଜନ ପାଳ
ତୁମ୍ଭ ମା ଅଗତିଗତି ପରମ ଦୟାଳୁ ।
ଯାହାକୁ ସଦୟ ତୁମ୍ଭ ହେଇ ଆଗୋ ମାତ
ସୁଖ ସଉଭାଗ୍ୟ ତାକୁ ହୁଅଇ ପ୍ରାପତ ।
ତୋର ପ୍ରସାଦେ ଲେଖିଲି ମୁହିଁ ଏ ଭାରତ
ଶାରଳା ଦାସ ସେ ପାଦ ତଳେ ଅବରତ ।

ବୃହନ୍ନଳାଙ୍କୁ ସାରଥି କରି ଉତ୍ତରର ଯୁଦ୍ଧଯାତ୍ରା

କହନ୍ତି ଅଗସ୍ତି ମୁନି ଆହେ ଚଇତନ
ଏଥିଅନ୍ତେ ଯାହା ହେଲା ମନଦେଇ ଶୁଣ ।
ବିରାଟ ନନ୍ଦନ ବସି ଅଛନ୍ତି ଆସ୍ଥାନେ
ସନ୍ନିଧିରେ ବେଢ଼ିଛନ୍ତି ପୁରବାସୀ ଜନେ ।
ଝୀନ ବୁଦ୍ଧିରେ ନିପଣ୍ଡ ହୋଇଅଛି କାୟ
ଶରୀର ଦିଶେ ମନ୍ଦାର ବସ୍ତର ପରାୟ ।
ଏ ବେଶରେ ତନ୍ତିପାଳ କରଇ ଗୁହାରି
ସୁର ସୁନ୍ଦର ଦେବ ହେ ହୁଅ ଅବଧାରି ।
କୁଞ୍ଜରଙ୍କ ଦେଶ ରାଜା ମାନଚନ୍ଦ୍ରବର୍ତ୍ତୀ
ଗୋଧନପଲ ଆମ୍ଭର ହରି ନେଉଛନ୍ତି ।
ଅନେକ ରଣ ଧନ୍ଦୋଳ କଲେ ଆମ୍ଭ ତୁଲେ
ଅପାର ସୈନ୍ୟ ମାଇଲୁ କେବେ ନ ଗୁଡ଼ିଲେ
ତନ୍ତିପାଳଙ୍କ ମୁଖରୁ ଏ ବଚନ ଶୁଣି
ଅଧର ଚିପିଣ କୋପେ ଉଠେ ଶିରଧୁଣି ।
କଦଳପତ୍ର ପରାଏ କମ୍ପେ ତାର ଅଙ୍ଗ
ହରିଣ୍ୟ ଦେଖିଣ ଯେହ୍ନେ କମ୍ପଇ ନୃସିଂହ ।
ବାହାସ୍ଫୋଟ ମାରି ଆଣ୍ଠୁ ଭରା ଦେଇ ଜାନୁ
ତାମ୍ରବର୍ଣ୍ଣ ପ୍ରାୟ ଦିଶେ ବିରାଟର ସୁନୁ ।
ଯଷ୍ଟି ପ୍ରହାରେ ଯେସନେ ଗର୍ଜେ କାଳସର୍ପ
ମୋ ଗୋଧନ ହରିବାକୁ ତାର ଏଡ଼େ ଦର୍ପ ।
କାଳଚନ୍ଦ୍ର ପ୍ରାଏ ସେହୁ ବୁଲାଇଲା ତୋଳା
କି ଅବା ଭୁଞ୍ଜି ପାରଇ ଯମଦଣ୍ଡ ମେଳା ।
କେଉଁ ଅର୍ଥେ ଦୁର୍ଯ୍ୟୋଧନ କଲା ଏଡ଼େ କକ୍ଷା
ଜାଣେ ନାହିଁ କି ଉତ୍ତର ରାଜ୍ୟ କରେ ରକ୍ଷା
ପୁନଃପୁନଃ ବିସ୍ତାରଇ ନିଜ ହୃଦଗତେ
ସାରଥି ଜଣେ କାହାକୁ ନେବି ମୋର ରଥେ
ପିତାଙ୍କର ଯୋଜନପଣ ଶୁଣ ତନ୍ତିପାଳ
ରାଜ୍ୟଯାକ ଭୁଗ୍ନଭରି ନେଲେ ସ୍ୱର୍ଣ୍ଣଦଳ ।
ତୁହୋ ଗୋପାଳ ମୋହର ରାଜ୍ୟ ଅଧିକାରୀ
ଅନ୍ତଃପୁରରେ ଚରନ୍ତି କରେ ବୃହନ୍ନଳା ।
ସୈରିନ୍ଧ୍ରୀକୁ ଲାଗିଲ ଯେ ସମସ୍ତଙ୍କ କଥା
ଯାଅ ମୁହୂର୍ତ୍ତି ପୁରେ ଦଅ ତୁ ବାରତା ।
ଗୋରୁପଲ ହରି ନେଉଛନ୍ତି କୁରୁପତି
ଶୁଣିଣ ସୈରନ୍ଧ୍ରୀ ପୁଣି ମାତା କି କୋଳନ୍ତି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆଜ୍ଞା ପାଇ ଚଳିଗଲା ମୃଦୁସ୍ୱନୀ ବେଗେ
ବାରତା କହିଲା ଯାଇ ସୁଦେଷ୍ଣାଙ୍କ ଆଗେ ।
ସୁଦେଷ୍ଣା ଯାଇ କହନ୍ତି ସୈରନ୍ଧ୍ରୀଙ୍କ କତି
ଶ୍ୱେ ବେଢ଼ ଗୋଧନପଲ ହରେ କୁରୁପତି ।
ସୁଦେଷ୍ଣା ସୈରନ୍ଧ୍ରୀ ବେନେ ପଶ୍ଚିମ ଦୁଆରେ
ଉତ୍ତର କୁମର ଯାଇ ପ୍ରଣିପାତ କରେ ।
ତନ୍ତ୍ରିପାଳ ବୋଲେ ଗୋରୁ ହରଣର କଥା
ସଂକ୍ଷେପିଣ ମୋର ଆଗେ କହ ଏ ବାରତା
ଉତ୍ତର କହଇ ମାତା କହୁଅଛୁ ଶୁଣ
ଗୋପାଳେ ସସୈନ୍ୟ ଘେରି ଦେଇଛନ୍ତି ଜାଣ
ମୁହିଁ ଯଦ୍ୟପି ଯିବଇଁ ରଥ ବାହି ତହିଁ
ମାରପକାଇବ ଜଣେ ନ ବର୍ତ୍ତିବେ କେହି ।
ମୁହିଁ ହୀନବଳ ପିତା ଅଧମର ପଣେ
ନ ଦେଇଗଲେ ସାରଥି ହୋଇ ଏକଜଣେ ।
ଏତେ ବୋଲି ଟଙ୍କାରିଲା ଧନୁ ଶିଉଟ୍ଣି
କୋପଭରେ ଅଧରକୁ ଘୃଷେ ପୁଣି ପୁଣି ।
ଦେବ ସ୍ୱମର ଲଲାଟେ ମାରଇ ସେ ହସ୍ତ
ଏକାକୀ ଯିବଇଁ କେହ୍ଣୁ ବାହିବ ମୋ ରଥ ।
ସହଦେବ ମୁଖ ଚାହିଁ ସୈରନ୍ଧ୍ରୀ ବସ୍ତ୍ରର
ଅର୍ଜୁନ ଦାଆନ୍ତୁ ସହଦେବ ଦେଲେ ଠାର ।
ସୈରନ୍ଧ୍ରୀ ବୋଇଲେ ଯେବେ ଲୋଡ଼ ତୁ ସାରଥି
ଜଣେ ଅଛି ଦେବା ତୋତେ ପାରୁ କ ସାଇତି
ଉତ୍ତର ବୋଇଲେ ସେହୁ ବାହିବ ମୋ ରଥ
ଏ ରାଜ୍ୟଠାକୁର ସେହୁ ଅଟଇ ଯଥାର୍ଥ ।
ତାହାର ଚରଣେ ମୁହିଁ କରିବ ଦଇମା
ଅର୍ଘ୍ୟ ପୂଜା କରିବ ମୁଁ ଲକ୍ଷେ ରତ୍ନ ଘେନ ।
ସୈରନ୍ଧ୍ରୀ ବୋଇଲେ ବୃହନ୍ନଳା ଆଣ ରାଇ
ବଡ ସୁସଜ କରଣ ରଥ ନେବ ବାହି ।
ଶୁଣି ତତ୍ପର ହୋଇଲା ବିରାଟ ନନ୍ଦନ
ଦେନ ହସ୍ତରେ ତୁଲିଲା ନିଜ ବେନକର୍ଣ୍ଣ ।
ଉତ୍ତର ବୋଇଲା କେତେ ଖଟ ଭୃତ୍ୟପଣେ
ଆପଣାର ଅନୁରୂପେ କହିଲୁ ବଚନେ ।
କେତୀ କେତୀ କଲେଶୀଙ୍କର ଜସ ବୁଦ୍ଧି
ସର୍ବଦା ମୂର୍ଖଳା ଭେଶ ଦେଖି ବୁଦ୍ଧେଁ ସିଦ୍ଧି ।
ମତସ୍ତି ଶ ଅଟେ ସେହୁ ପୁଣ ହୀନଜାତି
ତାହା ହାତକୁ କେମନ୍ତେ କରିବ ସାରଥି ।
ଯାହା କାଳରେ ଅଯାହା ଯେ ଲୋକ ଦେଖିଲେ
ହନକର ପୁଣ୍ୟ ଯାଏ ତା ମୁଖ ଚାହିଁଲେ ।
ସ୍ତ୍ରୀ ହୋଇ କେମନ୍ତେ ସେହୁ ବସିବ ମୋ ରଥେ
ଦେଖୁ ଦେଖୁ ନେବ ତାକୁ କେମନ୍ତେ ସଙ୍ଗତେ
ସୁଦେଷ୍ଣା ବୋଇଲେ ମୂର୍ଖ ଅଟୁ ରେ ତନୁଜ
ଗନ୍ଧର୍ବୀଙ୍କର ବଚନ କ କାରଣେ ଖଙ୍ଗ ।
କୀଚକ ନାଶ ହୋଇଲା ଯା କଣ୍ଠିତ କୋପେ
ନିଗଡ଼ଁ କହନ୍ତୁ ମୁକ୍ତ କଲେ ତୋର ବାପେ ।
ମହାବ୍ରହ୍ମବାଦନୀ ତ ଅଟେ ମହାସ୍ଥାଣୀ
ତାହାର ଆଜ୍ଞାକୁ ତୁ ଯେ ଶିରେ ଥାଅ ଘେନ
ବୃହ ତନ୍ତ୍ରିପାଳ ଥିଲା ତା ରାଜ୍ୟରେ ରହି
ତୋ ଦେଖନ୍ତେ ବୃହନ୍ନଳା ରଥ କ ବାହଇ
ଗୋପାଳ ବୋଇଲା ଯାହା ଦେଖିଛୁ ପ୍ରତ୍ୟକ୍ଷେ
ଅର୍ଜୁନର ରଥ ଏହୁ ବାହୁଥାଇ ନିତ୍ୟେ ।
ଏହାର ବାହିଲେ ତନେ ନନ୍ଦଘୋଷ ରଥ
ସୁପଣ ହୁଅଇ ପୁଣି ସ୍ଥଳର ଉଦ୍ଭତ ।
ଆହେ ଉତ୍ତର ବିଧାତା ତୁମ୍ଭଙ୍କୁ ସଦୟ
ସେହୁ ବୃହନ୍ନଳା ସେହୁ ଅଟେ ଧନଞ୍ଜୟ ।
ଏପରି ଭିଆଣ କରିଅଛଇ ବିଧାତା
ସେହୁ ଅଟେ ବୃହନ୍ନଳା ପ୍ରତ୍ୟକ୍ଷେ ପଞ୍ଚାମ୍ଭା ।
ବୃହନ୍ନଳାଠାରେ ତୁମ୍ଭେ କ ଧର ଭମନ
ସେହୁ ଯେବେ ଯିବେ ତୁମ୍ଭ କାର୍ଯ୍ୟ ସୁବିଧାନ
ସୈରନ୍ଧ୍ରୀ ବଚନେ ଉପହାସ କରୁଥିଲା
ତନ୍ତ୍ରିପାଳ କଥା ଶୁଣି ସନ୍ତୋଷ ହୋଇଲା ।
ଯାଅ ତୁହ୍ମେ ଗୋପାଳରେ ନାଟପା ମଧରେ
ବେଗେ ବୃହନ୍ନଳା ଘେନଆସ ମୋ ଛାମୁରେ
ଶୁଣି ଧାଇଁ ସହଦେବ ଲଉଡ଼ ବୁଲାଇ
ସୁଖେ ବହଇନ୍ତ ରାଜ୍ୟ ଆଜ କେହି ନାହିଁ ।
ନାଟପା ମଧରେ ଯାଇ ଗୋପାଳ ପ୍ରଣମି
ଉତ୍ତର କୁମର ଆଜ୍ଞା ଆସ ବେଗେ ସ୍ୱାମି ।
ଶୁଣିକର ଫାଲଗୁନ ବସ୍ତ୍ରରନ୍ତ ତତ୍ତେ
ଉତ୍ତର ଆଜ୍ଞାରେ କପା ଯିବଇଁ ଭୁବତେ ।
ଶୁଣି ଜଣାଏ ଗୋପାଳଙ୍କର ଚୂଡ଼ାମଣି
ଆଜ୍ଞା ଦେଇ ଅଛନ୍ତି ତ ରାସ ନବାରଣି ।
ଉତ୍ତର ବଚନେ ଉପହାସ କରୁଥିଲେ
ସୈରନ୍ଧ୍ରୀ ବୋଲ ଶୁଣିଣ ବେଗେ ବାହାରିଲେ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆଗେ ସହଦେବ ପଛେ ଅଛନ୍ତି ଫାଲ୍‌ଗୁନ
ବୃହନ୍ନଳେଣ ସହଦେବ କହେ ଶୁଣ ଶୁଣ ।
ଦୁର୍ଯ୍ୟୋଧନ ବେଢ଼ିଅଛି ଗୋରୁପଲ ଆସି
ସମରେ ତାହାର ମୁହିଁ ବହୁ ସୈନ୍ୟ ନାଶି ।
ନ ଭାଙ୍ଗିଲେ ସଂଗ୍ରାମରେ ଜଗେଲ ସେହି ଯୁଦ୍ଧ
ବାହୁଡ଼ିଲେ ନାହିଁ ଯେବେ ପାଇବେ ପ୍ରମାଦ
ଆମ୍ଭେ ପଞ୍ଚଭ୍ରାତ ଥାଉଁ ଦୁର୍ଯ୍ୟୋଧନ ଆସି ।
ଗୋହରଣ କରିନେଲେ ଲଜ୍ଜା ହେବ ବେଶୀ
ଉତ୍ତର କୁମରକୁ ହେ ଆମ୍ଭେ ଜେନାଯିବା
କଉରବଦଳ ଜିଣି ଗୋଧନ ରଖିବା ।
ସହଦେବଙ୍କ ବଚନେ ଅର୍ଜ୍ଜୁନ ଯେ ପୁଚ୍ଛି
ଅଜ୍ଞାତବାସ ଆମ୍ଭର କେତେଦିନ ଅଛି ।
କରଯୋଡ଼ି ସହଦେବ ବଚନ ବୋଇଲା
ତିନଶତ ସତାବନ ଦିବସ ପୂରିଲା ।
ଆଉର ତିନଦିବସ ଅଛଇ ଦେଖନ୍ତେ
କହୁଁହିଁ ଦୋଷ ନୋହିବ କୌରବ ଜାଣନ୍ତେ
ପୁଣି ଶୃପ୍ରେ ବୋଲେ ଆହେ ଶୁଣ ଧନଞ୍ଜୟେ
କର୍ଷକେ ପଦର ଦିନ ବଡ଼ା ହୋଇଥାଏ ।
ଏମନ୍ତ କାଳେ ସୁଦେଷ୍ଣା ପାଶେ ଯାଇ ଭେଟି
ଦେଖି ବିଷାଦିତ ମନ ହୋଇଲା ବିରାଟି ।
ଉତ୍ତର ବିଚାର କଲେ ଦାସୀ ନିକଟେ ଏହି
ସ୍ତ୍ରୀବେଶେ ଅଳଙ୍କାର ଦିଶେ ଗୁଣଗ୍ରାହୀ ।
ପ୍ରଥମରେ ଉପହାସ ଉପୁଜିବ ମୋତେ
କେମନ୍ତେ କରିବ ଏହୁ ବସିବ ମୋ ରଥେ ।
ପ୍ରଭାତକାଳେ ବଦନ ଦେଖିଲେ ଏହାର
ଶତେକ ଭୋଜନ ଦେଲେ ଦୋଷଯାଏ ପାର
ପୁଣି ଭଲଇ ପୁଚ୍ଛିବା ଏହାକୁ ବିଶେଷି
କେମନ୍ତେ ଉତ୍ତର ଦେବ କେମନ୍ତ ସାହସୀ
ଭରସା ନହେଲେ ଯାକୁ ନେବ ବା କେମନ୍ତେ
ଦେଖି ଉପହାସ ରଣେ କରିବେ ଯେ ମୋତେ
ଉତ୍ତରକୁମର ବୋଲେ ଶୁଣ ବୃହନାସି
ଦୁର୍ଯ୍ୟୋଧନ ନେଉଅଛି ମୋ ଗୋଧନ ହରି
ଦଣ୍ଡସେନ କଲି ବେଢ଼େ ଚଳିଲେ ବିରାଟ
ବଲ୍ଲଭପଣ୍ଡା ସଙ୍ଗତେ ଗଲେ କୋନ୍ଦଭଟ ।
ମଘ ମତ୍ସ୍ୟଦେଶ ରକ୍ଷାପାଳ ମୁହିଁ ଏକା
ସାରଥି ହେବାକୁ ଜଣେ ମୋର ନାହିଁ ସଖା

ତୁହି ମାନ ସଖା ହୋଇ ବାହ ମୋର ରଥ
ମାରି ବାରିଖାର କରିଦେବି କୌରବନ୍ତ ।
ଏକା ଜଣକେ କରିବ ମୁହିଁ ମହାଯୁଦ୍ଧ
ସାରଥି ଜଣେ ନ ଥିଲେ ହୁଅଇ ଅସାଧ୍ୟ ।
ବୃହନ୍ନଳା ବୋଲେ ମୁହିଁ କହେ କନାତୋତେ
ଏଡ଼େ ଧାର୍ମିକ ବାଳୁତ ହେଲୁ ତୁ କେମନ୍ତେ
ଦଧି ଶୁଭ ମଙ୍ଗଳକୁ ସଂଗ୍ରାମରେ ସହି
ନପୁଂସକକୁ ଦେଖିଲେ ଅମଙ୍ଗଳ ବାଞ୍ଛି
ଯାତ୍ରାକାଳେ ଦେଖିଗଲେ ଅଶୁଭ ହୁଅଇ
କାର୍ଯ୍ୟକୁହିଁ ଯାଉଥିଲେ ଅକାର୍ଯ୍ୟ ଘଟଇ ।
ଅମଙ୍ଗଳ ବାର୍ତ୍ତା ଯହୁଁ କହିଲା ଫାଲ୍‌ଗୁନ
ବିରାଟନନ୍ଦନ ଶୁଣି ହୋଇଗଲା ତୁନ ।
ସୈରନ୍ଧ୍ରୀ ବୋଇଲେ ରାଜ୍ୟେ ନାହାନ୍ତି ବିରାଟ
ଏମନ୍ତକାଳେ ପଡ଼ିଲା ଯେବେ ପରିଥାଟ ।
ବିରାଟ ରାଜା ସମ୍ପଦ ନେଉଅଛି ହରି
ଯାହାଙ୍କର ଅଭଖାଇ ତାର କାର୍ଯ୍ୟ କରି ।
ଆପଣାର ବଳ ଥାଉ ନହେଲେ ହୀନବୀର୍ଯ୍ୟ
ଆରଜନ୍ମେ ଖଟନ୍ତି ସେ ଦେଇ ନିଜ ତେଜ ।
ଆତଙ୍କକାଳେ ପ୍ରାଣୀକି ଯେହୁ ହୁଏ ସାହା
ମାହେଶ୍ୱରଙ୍କ ସମାନେ ଦେଖିବା ନା ତାହା
ପ୍ରତ୍ୟକ୍ଷେ ଧାର୍ମିକ ତୁହି ଅଟୁ ମହାବୀର
ଉତ୍ତରକୁମରକୁ ତୁ ବାରେ ଦୟାକର ।
ଉତ୍ତର କହନ୍ତେ ସେହୁ ନାସ୍ତି କରୁଥିଲା
ସୈରନ୍ଧ୍ରୀ କହନ୍ତେ ବୀର ସନମତ କଲା ।
ସେହିକ୍ଷଣି ଦିବ୍ୟବେଶ ହୋଇଲା କିରୀଟୀ
ବିଚିତ୍ର ବେଶେ ମଣ୍ଡିଲା ଯାଇ ରଥ ଗୋଟି ।
ସ୍ଫଟିକର [illegible] କଲା ମାରଗ ମଣ୍ଡଣି
ଶତ ଶତ ହୀରା କଲା ପାବଛେ ଖଞ୍ଜଣି ।
ମର୍କତ ତୁଳେ ମାଣିକ୍ୟ ପୁଞ୍ଜା ପୁଞ୍ଜା ଛନ୍ଦେ
ଗଜମୁକୁତାର ଝୁଲେ ଗଜବନ୍ଧ ଝୁଡେ ।
ହିରଣ୍ୟ ନିର୍ମିତ ଆଉ ଯେଉଁ ଗୃହକାଣ୍ଡ
ହୀରା ରେଖ ମାଣଗରେ ଖଞ୍ଜିଅଛି ଦଣ୍ଡ ।
ରଥର ଉପରେ ପୁଣି କଳଶ ନିର୍ମାଣି
ତହିଁର ଉପରେ ଅଷ୍ଟରତ୍ନର ଖଞ୍ଜଣି ।
ଦଧିବାମନ ଆରମ୍ଭ ଲେଖା ଶ୍ୱେତ ବାୟେ
ଶ୍ୱେତ ଚାମରକୁ ଧାଡ଼ି ଧାଡ଼ିରେ ଲମ୍ବାଏ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦେବାଙ୍ଗ ବସନ ରଙ୍ଗପଟନର ପାଟ
ଘୋଡଣି କରି ମଣ୍ଡଣି ମଣ୍ଡେ ଗୃହଚଟ ।
ନାନାବିଧ କୁସୁମ ସଙ୍ଗେ ରଙ୍ଗଣୀର ରେଖ
ପଦ୍ମ କୁସୁମ ସକଳ ଝୁଲେ ଚଉପାଖ ।
ରଥ ସୁସଜ୍ଜ ହୋଇଛି ହୀରା ମଣିମୟ
ସ୍ୱରୂପେ ଦିଶିଲା ଦିନକର ରଥ ପ୍ରାୟ ।
ଅନ୍ଧାର ନାଶିଲେ ଯେବେ ଚଳିବ ସେ ଯାନ
ଦିବସର ପ୍ରାୟ ଜ୍ୟୋତି ଦିଶିବ ଗଗନ ।
ରଥର ଚକ ଅଟଇ କଣସ୍ତ ପିତ୍ତଳ
ଚଳିବାର ବ୍ୟଗ୍ରତାରେ ଫଟନ୍ତିଁ ବଳ ।
ମହୀ ଲଙ୍ଘିବେ ଶୋଷିବେ କେବା ବାରିନିଧି
ସାତଦ୍ୱୀପ ଲଙ୍ଘିବେ କି ସପତ ପୟୋଧି ।
ଯେରୂପେ କଣସ୍ତ ଗିରି ଦିଶଇ ସୁନ୍ଦର
ଆପଣେ ରଥ ମଣ୍ଡିଲେ ସୁଭଦ୍ରାଙ୍କ ବର ।
କଣସ୍ତର କୁନ୍ଦଙ୍କ ମାଳା ରେଖ ରେଖ
ଅଷ୍ଟରତ୍ନର ଶାଙ୍କୁଳ ଲାଗେ ରଥ ପାଖ ।
ବଶାଶଏ ପାବଚ୍ଛ ଯେ ତହିଁ ହୀରାକାମ
ମର୍କତର ମାଳା ଘଣ୍ଟି ଅଟଇ ସୁଷମ ।
ରଥ ପାଟ ଦଉଡ଼ିରେ ଡାଳମ୍ବର ଝୁମ୍ପା
ଗୁନ୍ଥିଲେକ କ୍ଷୁଦ୍ର ମୋତି ବଳ ସବୁ ରୂପା ।
ଯେବଣ ରଥ ମଣ୍ଡିଲେ ହିଂଶାସ୍ତ ବାସବ
ତାହା ଆଦ୍ୟ ପ୍ରାନ୍ତ କରି କଏ ବା କହିବ ।
ପଞ୍ଚଷଠି ଭଣ୍ଡାରରେ ଥିଲା ଯେତେ ଧନ
ଏକା ରଥକରେ ତାହା ମଣ୍ଡିଲେ ଅର୍ଜୁନ ।
ଶ୍ୱେଖାର ଶ୍ୱେଖାର ପୁଣି ଶ୍ୱେତ ସ୍ୱରବାଜୀ
ପବନୁ ଚଳନ୍ତି ବେଗେ ରଣେ ମହାତେଜ ।
ହୀରା ମାଳା ପୋହଳା ସେ ବୈଦୁର୍ଯ୍ୟ ମର୍କତ
ମାଣିକ୍ୟ ଖଞ୍ଜିଲେ ନେଇ ରଥରେ ବହୁତ ।
ପାଟ ବନ୍ଧନ କରିଣ ଅଷ୍ଟରତ୍ନେ ଖଞ୍ଜି
ଶୋଭିତ କଡ଼ିଆଳରେ ରତ୍ନ ପୁଞ୍ଜି ପୁଞ୍ଜି ।
ଅଷ୍ଟରତନେ ମଣ୍ଡିତ ହୋଇ ଧ୍ୱଜ ଦସ୍ତ
ସୂତମ୍ଭେ ନ ଦିଶଇ ଅଶ୍ୱଙ୍କର କାୟ ।
ମଣ୍ଡଣି କଣସ୍ତେ ଖଞ୍ଜି ସେହୁ ତ ବିମାନ
ନାଗର ନ ପୁଟିବାକୁ ହୋଇଛୁ ଏମାନ ।
ଶଙ୍ଖ ବାଜେ ଉର୍ଦ୍ଧ୍ୱେ ଉଡ଼େ ଶଙ୍ଖଚିଲ ପକ୍ଷୀ
ତୋରଣେ ଥାଏ ନାଗର ନେଇ ପଞ୍ଚପକ୍ଷୀ ।

ଗଦା ଶକତି ମୁଦ୍‌ଗର ସଙ୍ଗତେଣ ଯାଠି
କୋନ୍ତ ଅସିପତ୍ର ପୁଣି ଅମୋଘ ଶରଟି ।
ଖଟ୍ଟଣମୂନା କାତମୂନା ସଙ୍ଗେ ପଞ୍ଚମୂନା
ମାଇଲେ ଫୁଟେ ବୀରଙ୍କ ହୃଦେ ବଜ୍ରସେଣ୍ଠା
ପାଶୁପାତ ନାରାଚହିଁ ଗଦା ମୁଦ୍‌ଗର
ଅନେକ ଅସ୍ତ୍ର ନେଇଣ ଥୋଇଲେ ରଥରେ ।
ଶଙ୍ଖ ହାସ ସଞ୍ଚିତରେ ଗୃଞ୍ଜ ଯେ ଅଙ୍କୁଶ
ସବୁ ଅସ୍ତ୍ର ଥୋଇଲେ ସେ ମୁଁ କହିବ କିସ ।
ରଥ ଉପରରେ ଟିକେ ବସି ଫାଲଗୁନ
ଚଳାଇ ଦ୍ୟନ୍ତେ ରଥର ଶୁଭେ ଘୋର ଧ୍ୱନି
ଆକାଶ ମାର୍ଗକୁ କ୍ଷେପିଗଲେ ଶ୍ୱେତହୟ
ପୁଣି ଭୂମିକି ଖସିଲେ ଶ୍ୟେନପକ୍ଷୀ ପ୍ରାୟ ।
ଆକାଶରୁ ଅଶ୍ୱମାନେ ପଡ଼ନ୍ତି ଖସି
ଜବା ଅଙ୍ଗାର ପଡ଼ଇ ବଜ୍ରେ କି ଆସି ।
ଗଗନରୁ ଝପାଇଣ ଆଣି ବୀର ବେଗେ
ଧାଇଁକାରେ ଉଭାହେଲେ କୁମାରର ଆଗେ ।
ଉତ୍ତର ଆଗରେ ଅଶ୍ୱ ନ ରହନ୍ତି ଭୂଇଁ
ନ ବୋଇଲେ ଉଡ଼ନ୍ତି ସେ ଆକାଶକୁ ଯହିଁ ।
ଫୁତ୍କାର ନାଦ କରି ଅଶ୍ୱ ଅନର୍ଗଳ
ଦେଖି ଆଶ୍ଚର୍ଯ୍ୟ ହୋଇଲେ ସ୍ୱଦେଷ୍ଟାର ବଳ
ଉତ୍ତର ବୋଇଲା ହାତେ ଅଇଲୁ ତୁ କାହୁଁ
କେହୁ ମହାତ୍ମା ତୁ ଅଟୁ ନପୁଂସକ ନୋହୁ ।
ମାଧବ ମାତ୍ର ଏମନ୍ତ ରଥକୁ କି ସାଜ
ନାହିଁ ନ ଥିବ ଏପରି ତ୍ରିଭୁବନ ମଝି ।
ନପୁଂସକ ବୋଲି ଯାହା ନନ୍ଦାକଲି ତୋତେ
ତହିଁ ପାଇଁ କ୍ଷମାଦାନ କରି ଦେବୁ ମୋତେ ।
ବୀରବେଶେ ଅଳଂକୃତ ହୋଇଲା କୁମର
ରତ୍ନମଣି ମୁକୁଟହିଁ ଶୋଭେ ଲଲାଟର ।
ମୁକୁତା ମଣି ମାଣିକ୍ୟ ହୀରା ଚଉରେଖା
ରତ୍ନଜାଲ ଖଞ୍ଜଣୀ ଯେ ଶୋଭେ ସପ୍ତଶାଖା ।
ବେନି କର୍ଣ୍ଣାଞ୍ଚଳରେ ଯେ ଶୋଭେ ରତ୍ନସର
କଣ୍ଠେ ଚଉସରମାଳା ଭୂଷଣ ବୋସସ୍ତ ।
ଯାହାକାଳେ କଏବାର କରନ୍ତି ଯେ ନାସ୍ତି
ବହୁ ବପ୍ରେ ମିଳ ବେଦଧ୍ୱନିକ ଉଚାରି ।
ସୁଲକ୍ଷଣୀ ସାଧବୀଏ ଅର୍ଘ୍ୟଥାଳୀ ଘେନ
ପ୍ରଥମରେ ବନ୍ଦାଇଲେ ସାରଥି ଫାଲ୍‌ଗୁନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦ୍ୱିତୀୟରେ ବନ୍ଦାପନା କଲେ କୁମରକୁ
ଧର୍ମ ରକ୍ଷା କରନ୍ତୁ ହେ ସଂଗ୍ରାମେ ତୁମ୍ଭଙ୍କୁ ।
ସୁଦେଷ୍ଣା ବୋଇଲେ ବୃହନ୍ନଳାର ମୁଖ ଚାହିଁ
ମୋହର ପୁତ୍ରର କଥା ତୁମ୍ଭଙ୍କୁ ଲାଗଇ ।
ପୁଣ ପୁତ୍ରମୁଖ ଚାହିଁ ଏମନ୍ତ ବୋଇଲେ
ବାବୁ ସୈରନ୍ଧ୍ରୀକୁ ତୁଅ ପ୍ରଣିପାତ ଭଲେ ।
ତାହାଙ୍କ କଲ୍ୟାଣେ ତୁମ୍ଭ ଶୁଣ ଆରେ ସୁତ
ସୁଯଶ ଆସିଣ ତୋତେ ହୋଇବ ପ୍ରାପତ ।
ଉତ୍ତର ସୁଦେଷ୍ଣାଙ୍କର ଚରଣରେ ସେବ
ପରମ ଆୟୁଷ ତୋତେ ଦିଅନ୍ତୁ ଗନ୍ଧର୍ବୀ ?
ଶତ୍ରୁକୁ ଜିଣିଣ ପୁତ୍ର ତୁ ଆସିବେ ଉଚ୍ଛ
ବୃହନ୍ନଳା ଦୟା କରଥାନ୍ତୁ ସେ ସର୍ବଦା ।
ଉତ୍ତର ବୋଇଲା ତୁମ୍ଭେ ଶୁଣ ବୃହନ୍ନଳା
ବନକଟେ ରଥ କେତେ ନେବ ବାହିକର ।
ବୃହନ୍ନଳା ବୋଇଲେ ତୁ ଯାହା କଲୁ ପୁଚ୍ଛା
ରଥ ବାହିବ ଯହିଁକ ତୁ କରବୁ ଇଚ୍ଛା ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେ ସୁତଳ ଅତଳ
ତଳ ମହାତଳ ପୁଣି ଅଟେ ଯେ ବିତଳ ।
ନିର୍ଭୟ ହୋଇଣ ଯେବେ ଦେବୁ ତୁ ଆଜ୍ଞାକୁ
ଘଡ଼ିକେ ବାହିପାରିବ ଚୌଦ ଭୁବନକୁ ।
ଜମ୍ବୁଦ୍ୱୀପ କ୍ରୌଞ୍ଚଦ୍ୱୀପ ଜାଣି ନବଦ୍ୱୀପ
କ୍ଷୀର ନୀର ସହିତରେ ସେ ସମୁଦ୍ର ସପ୍ତ ।
ବାକ ସ୍ୱର ସମୁଦ୍ର ଯେ ଅଟେ ମହାଘୋର
ଏ ବିଧିରେ ନବଦ୍ୱୀପ ସପତ ସାଗର ।
ଯହିଁକ ଇଚ୍ଛା ତୁ ମନେ କରବୁ ବରଟି
କ୍ଷଣକ ମଧ୍ୟେ ତହିଁକ ମୁହିଁ ପାରେ ଘୋଟି ।
ଅର୍ଜୁନର ପ୍ରତିଜ୍ଞାରେ ବାହେ ମୁହିଁ ରଥ
ଯୁଦ୍ଧେ ନ ଜିଣିଲେ ରଥ ନ ଫେରେ ମୋର ତ
ଉତ୍ତର ବସିଲେ ରଥେ ଦେଇ କରତାଳ
ଏତେକାଳେ ମନେଚ୍ଛାରେ ସାରଥି ପାଇଲି ।
ତୁମ୍ଭ ଯେପରି ସାରଥି ମୁଁ ସେପରି ରଥୀ
ଆଉ କ ସମରେ ବର୍ତ୍ତିଯିବ କୁରୁପତି ।
ଅର୍ଜୁନ ବୋଇଲେ ବ୍ରହ୍ମା ବିଷ୍ଣୁ ମହେଶ୍ୱର
କୁବେର ଚନ୍ଦ୍ର ସୂର୍ଯ୍ୟ ସେ ବାୟୁ ନିଶାକର ।
ଯେଉଁ ସ୍ଥାନକୁ ତୁ ବୀର ଆଜ୍ଞା ଦେବୁ ମୋତେ
ଏକ୍ଷଣି ତାର ସମ୍ମୁଖରେ ଭେଟାଇବ ତୋତେ ।

ଉତ୍ତର ବୋଇଲା ତାହା ଜାଣିବାନା ପଛେ
ଦୁର୍ଯ୍ୟୋଧନ ଗୋରୁ ହରି ନେଉଛି ପ୍ରତ୍ୟକ୍ଷେ
କୌରବଙ୍କୁ ଆଗେ ଜିଣି ଆଣିବା ଗୋପଲ
ଅର୍ଜୁନ ବୋଲେ ଅଟନ୍ତି ପାଣ୍ଡବଙ୍କ ଶଲ ।
ମାଘ ଶୁକ୍ଳପକ୍ଷ ଦ୍ୱିତୀୟା ଯେ ବୁଧବାର
ଶ୍ରବଣ ନକ୍ଷତ୍ର ଭୋଗ ଅଟେ ସେ ଦିନର ।
ବାଳବ ନାମେ କରଣ ସିଦ୍ଧନାମେ ଯୋଗ
ମାଘ ସଂକ୍ରାନ୍ତିକୁ ଏକୋଇଶ ଦିନ ଭୋଗ ।
ଦ୍ୱାଦଶ ଦଣ୍ଡ ଅଟଇ ଭୋଗ ଚନ୍ଦ୍ରକଳା
ଦେଢ଼ ପ୍ରହର ପ୍ରବେଶ ବୃହସ୍ପତି ବେଳା ।
ମଳୟ ପବନ ବହେ ତହିଁ ଧୀରେ ଧୀରେ
ଚଳିଲ ଯେ ରଥବର ଈଶାନ୍ୟ କୋଣରେ ।
ଉତ୍ତର ନଗରେ ଯୋଗ୍ନୀ ମାହେଶ୍ୱରୀ ମୂର୍ତ୍ତି
ମଙ୍ଗଳ ଯୋଗେ ବସିଲେ ବିରାଟ ସନ୍ତତି ।
ରଥ ଚଳନ୍ତେ ବୋଇଲା ଉତ୍ତରା କୁମାରୀ
ଷଢ଼ୀ ସ୍ତ୍ରୀଭୂଷା ଆଣିବ ଆହେ ବୃହନ୍ନଳା ।
ଦୁର୍ଯ୍ୟୋଧନଙ୍କୁ ଜିଣିଣ ଘେଇ ରକ୍ଷାକର
ଗୋଧନ ପଲ ଆଣିବ ତାଙ୍କଠୁଁ ଉଦ୍ଧାର ।
ବାହିଲେ ଯେ ରଥବର ପାର୍ଥ କୁତୂହଳେ
ଯେଉଁରୂପେ ହଂସପନ୍ତି ଭସୁଥାନ୍ତି ଜଳେ ।
ଧବଳ କମଳ ବର୍ଣ୍ଣ ଦିଶେ ଶ୍ୱେତହୟ
କ୍ଷେପନ୍ତେ ଦିଶନ୍ତି ସେହୁ ଧର୍ମତେଜ ପ୍ରାୟ ।
କଷତର ନିନାଦରେ ଯେସନେ ହିରଣ୍ୟ
କ୍ଷୁଦ୍ର ଘଣ୍ଟିକା ବାଜଇ ତହିଁ ରୁଣଝୁଣ ।
ତିନଯୋଜନ ଅନ୍ତରେ ଛନ୍ତି ମହାମଲ୍ଲ
ଲକ୍ଷେଯୁର କର ବେଢ଼ିଛନ୍ତି ଗୋରୁପଲ ।
ରଜନୀ ପାହିଲେ ନେବେ ଗୋଧନ ଅଡ଼ାଇ
ଅଡ଼ାବନ୍ତେ ବାହାରନ୍ତି ସେହୁ ଦୁଷ୍ଟଗାଈ ।
ରଥ ଚଳଯାନ୍ତେ ମନେ ବିଚାରେ କିରୀଟୀ
ହୃଦଗତ ସୁମରଇ କୃଷ୍ଣନାମ କୋଟି ।
ଜୟ ଜୟ ତୁ କେଶବ କଂସ ଦର୍ପଭଞ୍ଜା
ଶ୍ରମାବତାରେ ତାଡ଼କାସୁର ଦର୍ପଗଞ୍ଜା ।
ଦକ୍ଷିଣବାରନଧିର ଉତ୍ତରର କୂଳେ
ବିଜୟ ଜଗମୋହନ କଳ୍ପବଟ ତଳେ ।
ଅଟେଇ ଢ଼ାଳ ଅବାହ ଭୂମି ତହିଁ ଅଛୁ
ତୁମ୍ଭ ନିମନ୍ତେ ହେ ହରି ଆସନକୁ ବାଞ୍ଛୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମନସ୍ତୁ ବସନ୍ତ କୃପା କର ଏକ ବିଧି
ସ୍ୱକୁଟୁମ୍ବ ସେନ ନାଥ ଅନନ୍ତ ଜଳଧି ।
ବାମେ ଛନ୍ତି ମାରକଣ୍ଡ ଦକ୍ଷେ ଯମେଶ୍ୱର
ପୁରୁଷଉତ୍ତମ ଶମ୍ଭୁ ଆସନ ଯୋଗର ।
ବଉଦ୍ଧ ରୂପରେ କଳିକାଳ ପାପ ନାଶି
ଗୁଣ ବଖାଣୁଛି ରତ୍ନ ସିଂହାସନେ ବସି ।
ଅନାଗତ ସେ ଦର ଯେ ଦକ୍ଷେ ବଳଭଦ୍ର
ଦୋଷ ଉପେକ୍ଷି ସାନନ୍ଦେ ଛନ୍ତି ସଉଭଦ୍ରା ।
ହେ ସ୍ୱାମି ପ୍ରାପ୍ତ କରାଅ ଉପୁଙ୍କର ନିଧି
ଏ ବିଶ୍ୱରୂପ ଭାରତ ଅଭୟ ବାରିଧି ।
ସାକ୍ଷ ତେ ମହାଭାରତ ଜଗଜ୍ଜନହିତା
ଜନ୍ମେ ଜନ୍ମେ ଭଜଇ ମୁଁ ଚରଣ ସହିତା ।
ଧବଳ କମଳ ମନୋପ୍ରିଳ ମୁଖଗୋଟି
ମୋ ହୃଦରେ ବିକାଶୁ ସୁରଭ ପଦ୍ମପୁଟି ।
ତୁ ତୁଳସୀ ଦେବୀଙ୍କର ଅଟୁ ପ୍ରାଣନାହା
ଏ ଶୂଦ୍ରମୁନି ଶାରଳା ଭାବେ ନିତ୍ୟ ଏହା ।
ଅଗସ୍ତି ନାମେ ଅଟନ୍ତି ଯେତୁ ମହାଋଷି
ଅଣାକାର ପୁରୁଷ ସେ ବାକ୍ୟ ନୁହେ ଭାଷି ।
ନିରାକାର ମହାମୁନି ବହୁକାଳ ବଞ୍ଚି
ରହିଛନ୍ତି ଯୋଗେଶ୍ୱର ପୃଥ୍ୱୀ ହେଉ ସଞ୍ଚା ।
ପରମ ଯୋଗେଶ୍ୱର ସେ ଅଭଙ୍ଗ ଅଟନ୍ତି
ଯେତୁ ମନେ କଲେ ମହାପ୍ରଳୟ ନାଶନ୍ତି ।
ଦିବା ରାତରେ ଅନିଦ୍ରା ଯେଉଁ ମହାଋଷି
ସେହି ମୁନିଙ୍କର ଲକ୍ଷ୍ମ ହୃଦଗତେ ଭାଷି ।
ଯେବଣ ମହାଋଷି ଯେ ମହା କୋପଭରେ
ବାରିନିଧିକୁ ଗଣ୍ଡୂଷ କଲେ ଅକାତରେ ।
ଜନ୍ମେ ଜନ୍ମେ ଭଜଇ ମୁଁ ଅଗସ୍ତି ଚରଣ
ଶୂଦ୍ରମୁନି ଶାରଳା ଯେ ପଶଇ ଶରଣ ।

କୁରୁସୈନ୍ୟ ଦେଖି ଉତ୍ତରର ପଳାୟନ, ଅର୍ଜୁନଙ୍କର ପଶ୍ଚାଦ୍ଧାବନ ଏବଂ କୁରୁବୀରଙ୍କ ଅନୁମାନ

ଅଗସ୍ତି ଋଷି ନାମେଣ ଯେଉଁ ବ୍ରହ୍ମବେତ୍ତ
ସେ ମୁନି ବକତା ବୈବସ୍ୱତ ମନୁ ଶ୍ରୋତା ।
ଅଗସ୍ତିଙ୍କୁ ପଚାରିଲେ ମନୁ ନରପତି
ମହାଭାରତ ସନ୍ଦେହ କଥା ଅଟେ ଅତି ।
ଉତ୍ତରକୁମରେ ବୃହନ୍ନଳାସି ଘେନିଗଲା
କହିବା ଶ୍ଳେ ମହାମୁନି କେଉଁ କୃତ୍ୟ କଲା ।
ଅଗସ୍ତି ବୋଇଲେ ଏବେ କହୁଥାଇ ଶୁଣ
ଆଶ୍ଚର୍ଯ୍ୟ ଅଟଇ ମହାଭାରତ ବିଧାନ ।
ଅରୁଣ ଉଦେ ରଜନୀ ଅନ୍ତର୍ହିତ ହେଲା
ଅନଳ କୁହୁଡ଼ି ଧୂମ ପ୍ରାୟେକ ଦିଶିଲା ।
ଯାଅରେ ଚଳାଅ ବୋଲି ଶୁଭିଲାକ ଗୋଳ
ଏହିକାଳେ କୁରୁସୈନ୍ୟ ପଡ଼ିଲା ଚହଳ ।
ଘୋଡ଼ାଙ୍କର ଛଡ଼ବଡ଼ ହସ୍ତୀ ଘଣ୍ଟି ରବ
ଗାଈଙ୍କର ହମ୍ବାରବ କଳକଳା ରବ ।
ସିନ୍ଧୁ ଘୋଷ ପ୍ରାୟେକ ଯେ ଶୁଭେ ଘୋରନାଦ
ବିରାଟ କୁମର ଶୁଣି ହୋଇଲା ସ୍ତବଧ ।
ଉତ୍ତର ବୋଇଲା ରଥ ରଖ ବୃହନ୍ନଳାସି
ବଣା ହୋଇଗଲୁ ବାଟ ବାର ତ ନ ପାର ।
କଳି ନ ପାରିଲୁ ତୁହି ରଜନୀର ବେଳେ
କିପାଇଁ ପ୍ରବେଶ ହେଲୁ ଆସି ସିନ୍ଧୁ କୂଳେ ।
ବହନରେ ଆମ୍ଭେ ଯିବା କୌରବ ଥାଟକୁ
ତୁ ରଥ ବାହିଲୁ ସିନ୍ଧୁ ଉତ୍ତର କୂଳକୁ ।
ଶୁଣି ହର୍ଷରେ ପାଣ୍ଡବବୀର ବୃହନ୍ନଳାସି
ବାହିଲି ସ୍ୱା ବୋଲେ ରଥ ବିସ୍ମର ନ କର ।
ସୈନ୍ୟ ସମୁଦ୍ର ବୋଲି ଏ ନ ଚେତଇ ଭଲେ
କପର କରିବ ଯୁଦ୍ଧ ଭୀଷ୍ମ ଦ୍ରୋଣ ତୁଲେ ।
କମ୍ପାଇ ରଥ ବାହିଲେ ତହୁଁ ସବ୍ୟସାଚୀ
ଉତ୍ତରେ ବୋଇଲେ ତୁଣ୍ଡେ ବସ ମନେ ପାଞ୍ଚି
ଧୀର ଧୀର କରି ପୁଣି ଚଳାଇଣ ପାର୍ଥ
ଆକାଶୁ ଖସଇ ଯେହ୍ନେ ମାତଳିର ରଥ ।
ଏକଦୃଷ୍ଟିରେ ଚାହିଁଲେ ତାକୁ କଉରବେ
କର୍ଣ୍ଣ ବୋଇଲେ କାହାର ଏ ରଥ ଗାଙ୍ଗେବେ
ଅମର ବାରସ୍ୱଶକୁ କରଣ କ ଚେଷ୍ଟା
କୌତୁକେ ବିହରୁଛନ୍ତି ଅବା ଦେବରାଜା ।
ମାନଗୋବିନ୍ଦ ବୋଇଲେ ଏ ନୁହେ ମଘବା
ଐରାବତ ପୃଷ୍ଠେ ବଜେ ହସ୍ତେ ସୁରଦେବା ।
ଶକୁନି ବୋଇଲା ଏହୁ ଅଟନ୍ତି କୁବେର
ଶଲ୍ୟ ବୋଲେ ସଙ୍ଗେ ଥାନ୍ତା ବାହନ ତାହାର
ଦୁଃଶାସନ ବୋଲଇ ଏ ଦେବ ତ୍ରିଲୋଚନ
ମାହେଶ୍ୱରୀ ସଙ୍ଗେ ଘେନି କରନ୍ତି ଗମନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅଶ୍ୱତ୍ଥାମା ବୋଇଲା ଏ ନୁହେ ମହାଦେବ
ରୁଦ୍ର ହୋଇଲେ ସଙ୍ଗରେ ଥାଆନ୍ତା ବୃଷଭ ।
ଦୁର୍ଯ୍ୟୋଧନ ବୋଇଲା ଏ ଦେବ ପଦ୍ମଯୋନି
ମରାଳ ବାହନ ନାହିଁ ବୋଇଲା ଶକୁନି ।
ଦ୍ରୋଣ ବୋଇଲେ ମଘବା ଗୋବିନ୍ଦ ଅର୍ଜ୍ଜୁନ
ତିନଙ୍କ ଛଡ଼ା ଏ ସ୍ଥାନେ ନ ଆସିବେ ଆନ ।
ଦୁର୍ଯ୍ୟୋଧନ ବୋଲେ ଇନ୍ଦ୍ର ନୁହନ୍ତି ବଜ୍ରଧାରୀ
ମୋ ସମରେ ଆସିବେ ସେ କପାଁ ଜମ୍ଭବୈରୀ
ବାସୁଦେବ ବଳରାମ ଯେଉଁ ଦୁଇଭ୍ରାତେ
ସର୍ବଦା ସହାୟ ହୋଇ ଥାଆନ୍ତି ସେ ମୋତେ
ପଞ୍ଚପାଣ୍ଡବ ମଲେଣି ବନସ୍ତରେ ପଡ଼ି
ଆନ କେହୁ ଆସୁଅଛି ଏକା ରଥେ ଚଢ଼ି ।
ଏମନ୍ତ ବିଚାରୁଛନ୍ତି କଉରବ ସୈନ୍ୟ
ରଥ ଘେନିଣ ବିଜୟ କରିଲେ ଅର୍ଜ୍ଜୁନ ।
ଉତ୍ତର ବୋଇଲେ ତୁମ୍ଭେ ବାଇ କରେ ସଖି
ଅଗାଧ ସମୁଦ୍ରେ ଆସି ପଶୁଛୁ କାହିଁକି ।
ବୃହନ୍ନଳା ବୋଲେ ଅନ୍ଧ କରେ ତୋର ଚକ୍ଷୁ
ସଂଗ୍ରାମ ସ୍ଥଳେ କାହିଁ ତୁ ସମୁଦ୍ରକୁ ଦେଖୁ ।
ଉତ୍ତର ବୋଲଇ ରଥ ରଖ ବୃହନ୍ନଳା
କୂଳକୁ ଆସୁଛି ଦେଖ ସମୁଦ୍ର ଲହରୀ ।
ଦେଖ ଦେଖ ଆରେ ସଖି ବୋଇତ ଅପାର
ମତ୍ସ୍ୟ କଚ୍ଛପ ଅନେକ ଦେଖ ଜଳଚର ।
ମଧ୍ୟରେ ପୁଣି ରହିଛି ଦେଖ ସ୍ୱଚ୍ଛପାଣି
ସମୁଦ୍ରଘୋଷ ଶୁଭଇ ପ୍ରଳୟକୁ ଜିଣି ।
ଉତ୍ତର ମୁଖରୁ ଶୁଣି ଏହି ପରକାରେ
ହସୁଅଛନ୍ତି ଧନଞ୍ଜୟ ଆପଣା ମନରେ ।
ଏହିକ୍ଷଣି ପଳାଇବ କୌରବେ ଦେଖନ୍ତେ
ଆବର ସମର ଏହୁ କରିବ କେମନ୍ତେ ।
ଶୁଣ ଉତ୍ତର ବୋଲଇ ବୋଲେ ବୃହନ୍ନଳା
ସାରସ୍ୱତ ବାକ୍ୟ ତୋର କେହୁ ନାସ୍ତିକର ।
ଯେମାନଙ୍କୁ ସାଗର ତୁ ବୋଲୁ ସେ ସଇନ୍ୟ
ସିନ୍ଧୁଘୋଷ ପରାୟେ ତ ଶୁଭେ ମୁଖଧ୍ୱନି ।
ବୋଇତ ବୋଲଇ ତୁମ୍ଭେ ବୋଲୁଛୁ ଯାହାକୁ
ସେହୁ ରଥମାନେ ଚାହାଁ ନିରୀକ୍ଷ ତାହାକୁ ।
ଜଳଚର ବୋଲି ଯାରେ ଭାବୁ ହୃଦଗତେ
ଗଜ ଅଶ୍ୱମାନେ ସେହୁ ଅଟନ୍ତି ଯୂଜତେ ।

ତୁମ୍ଭେ ଯେ ବୋଲିଲୁ ପୁଣି ମଧ୍ୟେ ସ୍ଥିରଜଳ
ଆଟ ଘେନିଣ ଅଛନ୍ତି ତୋ ଗୋଧନ ପଲ ।
ଧବଳ କମଳ ପ୍ରାୟେ ଗୋଧନ ଅଟନ୍ତି
ସ୍ଥିରଜଳ ପରାୟେକ ସେମାନେ ଦିଶନ୍ତି ।
ଲହରୀ ବୋଲି ତୁ ଯାହା ବୋଲୁ ମୋର ଆଗେ
ପତାକା ଉଡ଼ଇ ସେହୁ ରଥବର ଭାଗେ ।
ଧୃତରାଷ୍ଟ୍ରଙ୍କ ନନ୍ଦନ ସାର ଶିରୋମଣି
ରଥ ଗଜ ଅଶ୍ୱ ତାର ଅଷ୍ଟାଦଶ କ୍ଷୌଣୀ ।
ଭୀଷ୍ମ ଦ୍ରୋଣ କର୍ଣ୍ଣଆଦି ଅଶ୍ୱତ୍ଥାମା ଶଲ୍ୟ
ଇନ୍ଦ୍ର ଗୋବିନ୍ଦଙ୍କୁ ଜିଣି ପାରନ୍ତି ଏ ହେଲେ ।
ଉତ୍ତର ବୋଇଲା ରହ ରହ ବୃହନ୍ନଳା
ଏହୁ ଯେବେ ଦୁର୍ଯ୍ୟୋଧନ କୌରବାଧିକାରୀ
ତନ୍ତ୍ରୀପାଳ ଏହା କପାଁ ନ ବୋଇଲା ମୋତେ
ମୁହିଁ ଜାଣିଥିଲି ଅବା ହେବେ ପାଞ୍ଚସାତେ ।
ଗୋଧନ ପଲକୁ ନେଉଅଛନ୍ତି ଅଡ଼ାଇ
ଏମନ୍ତ ବିଚାରି ବେଗେ ଅଇଲଇଁ ମୁହିଁ ।
ଏତେ ସୈନ୍ୟ ଘେନି ଆସିଛନ୍ତି କୁରୁପତି
ଏକା କୈବର୍ତ୍ତେକେ କି ସମୁଦ୍ର ହୁଏ ମନ୍ଥି ।
ନବ ଯୋଜନ ମାଡ଼ିଣ ରହିଛନ୍ତି ଥାଟ
କେମନ୍ତେ ସମର୍ଥ ହେବି ମୁହିଁ ବାଳଗୁଣ୍ଠ ।
ଅର୍ଜ୍ଜୁନ ବୋଲନ୍ତି ଶୁଣ ଅଗସ୍ତି ମହିମା
ଗଣ୍ଡୁଷେକେ ସମୁଦ୍ରକୁ ପିଇଲେ ମହାତ୍ମା ।
ଏକା ହୋଇଣ ରାବଣ ଟେକିଲା ମନ୍ଦର
ଏକା ବାଳୀ ମନ୍ଥିଲା ଯେ ସପତ ସାଗର ।
ତ୍ରେତୟା ଯୁଗରେ ଏକା ମହାମଲ୍ଲ ହନୁ
ରାକ୍ଷସବଳ ମନ୍ଥିଲା ଅଞ୍ଜନାର ସୁନୁ ।
ଏକା ଜଣକରେ ସର୍ବେ ବୋଇଲେ ବନାରି
ଏକା ଧ୍ୱଂସିଲେ ଉରଗବଳ ଦେବକାଣୀ ।
ବୃହନ୍ନଳା ବାକ୍ୟ ଶୁଣି ଉତ୍ତର ବୋଇଲା
ସେମାନଙ୍କ ତୁଲ୍ୟ ବଳ ନାହିଁ ମୋ ଅଇଲା ।
ଶୁଣି କୋପକରି ବାକ୍ୟ ବୋଲେ ବୃହନ୍ନଳା
ରାଜାର କୁମର ତୋତେ ବୋଲି ତ ନ ପାର
ରାଜସୁତ ହୋଇ ଯେବେ ନାହିଁ ପରାକ୍ରମ
କୌରବ ସଙ୍ଗେ କେମନ୍ତେ କରିବୁ ସଂଗ୍ରାମ ।
ପର୍ବତ ଚୂର୍ଣ୍ଣ ହୁଅନ୍ତି ଚଳିଯାନ୍ତେ ଥାଟ
ନବଶତ ରାଜା ଭାଙ୍ଗି କରେ ଯେହୁ ରାଷ୍ଟ୍ର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମାତା ପିତା ଦେଖି ଯାଉ ନାହିଁ ନମସ୍କାର
ମାନଗୋବିନ୍ଦ ବରିଧି ବୋଲଏ ଯେ ସାଇ ।
ଉତ୍ତର ବୋଲଇ ଯେବେ ତୁମ୍ଭ ତାହା ଜାଣୁ
କୁରୁସାଗରକୁ ପୁଣି ମୋତେ କପାଁ ଆଣୁ ।
ରାଜାର କୁମର ମୁହିଁ ବପୁସେ ବାଳୁତ
ମୋତେ ପ୍ରମାଦ ବାନ୍ଧି ବ୍ରଲେ ହୋଇବ ବଅର୍ଥ
ମତ୍ସ୍ୟ ମଣ୍ଡଦେଶେ ଅଛୁ ଯେତେକ ସମ୍ପତ୍ତି
ବିରାଟ ଅନ୍ତେ ହୋଇବ ମୁହିଁ ଅଧିପତି ।
ଏତେ ସମ୍ପଦ ମୁଁ ନାଶ କରିବ କେମନ୍ତେ
ତୁ ସଖି କଟାଳ ଆଉ ନ କରସି ମୋତେ ।
ନଅନ୍ତୁ ଗୋରୁଙ୍କୁ ପ୍ରୟୋଜନ ନାହିଁ ତେଣେ
ବାପ ବିରାଟ ଅଛନ୍ତି ରହିଁ ମୋତେ ଏଣେ ।
ବୃହନ୍ନଳା ବୋଲେ ଯେବେ ପ୍ରାଣେ କଲୁ ଆଶା
ସିଂହାସନ ରଖିବୁ ତୁ ଏ କେଉଁ ଭରସା ।
ମୋହର ଆଗେ ପ୍ରତିଜ୍ଞା ତୁମ୍ଭ କଲୁ ଯେତେ
ସାହସିକ ପଣ ତହିଁ ଦେଖିଲଇଁ ତୋତେ ।
କ୍ଷତ୍ରିୟକୁଳରେ ବାବୁ ହୋଇ ତୁମ୍ଭ ଜାତ
ଅନ୍ତରେ ଦେଖିଲି ତୋତେ ଅଜାଯୂଥ ବତ ।
ମୁହିଁ ଆଗେ ମନାକର ଅଛଇ ବହୁତ
ବୋଲିଲୁ ଶତ୍ରୁ ନ ଜିଣି ନ ଫେରେ ମୋ ରଥ
ସିଂହ ପ୍ରାୟେ ମିଳିଲୁ ତୁ ଆସି ଥାଟ କତ
ବନା ଯୁଦ୍ଧେ ପଳାଇବା କପାଇଁ ଝଟତ ।
ସାରଥି ହୁଅ ମୋହର ଉପାୟେକ ଅଛୁ
ମୋହର ଥିଲେ ପ୍ରମାଦ ତୋତେ ନାହିଁ କଛୁ
ଶୁଣି ଉତ୍ତର ବୋଲଇ ମୁଁ ତୋର ଶରଣ
ଏ ମହା ସଙ୍କଟୁ ମୋତେ କର ପରିତ୍ରାଣ ।
ଅପ୍ରମାଦେ ମୋତେ ଏଥୁ ନେଇଗଲେ ତୁମ୍ଭ
ଲକ୍ଷେକ ଗୋଧନ ତୋତେ ଦେବଇଁ ବଧାଇ
ଲକ୍ଷେ ଗଜ ଦେବ କହାଁ ମୋ ଭକ୍ତି ନ ଯେନୁ
ଅନେକ ଧଇଣ କଲେ ବିରାଟର ସୂନୁ ।
ଲକ୍ଷେକ ଖେଖାର ତୋତେ ଦେବଇଁ ତୁରଗ
ଲେଉଟାଇ ମୋର ରଥ ବାହୁ କନା ବେଗ ।
ଅସମୟ କାଳେ ଯେହୁ ତାରଇ ପ୍ରାଣୀକ
ପରମ ପୁରୁଷ ସଙ୍ଗେ ଗଣି ସେ ପ୍ରାଣୀକ ।
ବଚନେ ତରଣ ତୋତେ ମୁଁ ନେନେ ବୃହନ୍ନଳା
କେଳେକ ଦୂଃସ୍ଥ ମୋତେ ନେଇଯାଅ ତାର ।

ବୃହନ୍ନଳା ବୋଇଲେ ତୁ ଆସି ଏତେଦୂର
ଥରେ ଭେଟ ହୋଇଯାଅ ରାଜାର ସଙ୍ଗର ।
ପଞ୍ଚଗ ନାସ୍ତପୁଣ ସେ ମାନଚକ୍ରବର୍ତ୍ତୀ
ତାହାଙ୍କୁ ବର୍ଣ୍ଣନ କଲେ ଫିଟିଯିବ ଭ୍ରାନ୍ତି ।
ଉତ୍ତର ବୋଇଲା ମୁହିଁ ମନ୍ଦ କୃତ୍ୟ କଲ
ଦେଖୁ ଦେଖୁ ଜଳହସ୍ତ ପିଠିରେ ବସିଲ ।
ମାତ ଲୋକ ସଙ୍ଗେ ପ୍ରୀତି ବଢ଼ାଇଲ ମୁହିଁ
ଜଳନ୍ତା ଅଗ୍ନି ଭିତରେ ପଶିଲି କପାଇଁ ।
ଜାଣୁ ଜାଣୁ ନପୁଂସକ ଆଣିଲ ମୁଁ ତୁଲେ
ଅଜ୍ଞାତଙ୍କ ତୁଲେ ପ୍ରୀତି ବଢ଼ାଇଲ ଭଲେ ।
ବୃହନ୍ନଳା ବୋଇଲେ ତୁ ଶୁଣ ମହାବୀର
ସଂଗ୍ରାମ ଅଶ୍ୱମେଧଟି ଯାଗର ବେଭାର ।
ବଳୀ ମାନଧାତା ପୁରରବା ଚକ୍ରବର୍ତ୍ତୀ
ଏମାନେ ଗଲେଣି ସର୍ବେ ରହିଅଛୁ କୀର୍ତ୍ତି ।
ଏତେକ ବୋଲିଣ ରଥ ବାହେ ବେଗହୋଇ
ତା ଦେଖି ଉତ୍ତର ରଥୁ ପଡ଼ିଲାକ ଡେଇଁ
ଅତ୍ୟନ୍ତ ଚଞ୍ଚଳେ ଧାଏଁ ରଥକୁ ଉପେକ୍ଷି
ବୃହନ୍ନଳା ହସେ ତାର ପଳାୟନ ଦେଖି ।
ନିର୍ଲଜ୍ଜ ଆତ୍ମା ଯହା ପାପ ପୁଣ୍ୟେ ନାହିଁ ଜ୍ଞାନ
ଯହା ସଙ୍ଗେ ଆସି ପ୍ରତିଜ୍ଞା ମୋର ହେଲା ହାନ ।
ମୋହର ଦେଖନ୍ତେ ଯେବେ ଗୋରୁପଲ ଯିବ
ଆମ୍ଭର ଆଗେ ବିରାଟ ସମ୍ପଦ ସରିବ ।
ମୁଁ ରାଜଭବନୁ ଯେବେ ନ ଆସନ୍ତି ଅବା
ଜ୍ଞାନେ ଅଜ୍ଞାନେ ଦୋଷ କ ମୋର ହୁଅନ୍ତା ବା
ଏହାର ପ୍ରତିଜ୍ଞା ନାହିଁ କବା କାର୍ଯ୍ୟ ଗୁଣ
କାଳେ ହାନି ହୋଇଲା ମୋ ସର୍ବ ବଡ଼ପଣ ।
ମୁହିଁ ଯେବେ ବାହୁଡ଼ିଣ କରିବି ଗମନ
ଠାକୁରେ କରିବେ କୋପ କୁଳକୁ ଦୂଷଣ ।
ମନ୍ତ୍ରୀ ବୋଲଇ ଅଜ୍ଞାତ ଅଛୁ ଅଳ୍ପଦିନ
ଆବର ତିନଦିନରେ ହୋଇବ ସମ୍ପୂର୍ଣ୍ଣ ।
କରିବି ସମର ମୁହିଁ କୌରବଙ୍କ ତୁଲେ
ପ୍ରକାଶ ହୋଇବ ଗୋରୁପଲ ଛଡ଼ାଇଲେ ।
ମୁହିଁ ଅବା ବାହୁଡ଼ିଣ ଯାନ୍ତି ଏଥୁ ଘୁଞ୍ଚି
ଧର୍ମଠାକୁରଙ୍କ କୋପେ ଭଜନ କେ ଅଛି ।
ଏତେକ ବିଚାର ମନେ ପାଣ୍ଡବ ବଳସ୍ତ
ଉତ୍ତରେ ଧରିବା ପାଇଁ ଗୋଡ଼ାଇଲା ପଛ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସ୍ତ୍ରୀବେଶ ଅଳଙ୍କାରେ କାବେରୀରେ ଖୋଷା
ଦିଶୁଅଛି ଦୁଇପାଦେ ନୂପୁରର ଭୂଷା
ଦୂରୁ ଦେଖି କର୍ଣ୍ଣସାର କରତାଳ ଦେଇ
ହସିଲେ ଉପହାସକୁ କରି କୁରୁଆଇଁ ।
ସ୍ତ୍ରୀବେଶ ହୋଇ ଜଣେ ଗୋଡ଼ାଉଛି ପାଶ
ରଥୁଁ ଡେଇଁ ପଳାଉଛି କେବଣ ପୁରୁଷ ।
ଶୁଣିଣ ପ୍ରତିଉତ୍ତର ଦିଅନ୍ତି ଶକୁନି
ବିରାଟ ଯେ ଆସୁଥିଲା ସୁଦେଷ୍ଣାଙ୍କ ଘେନି ।
ଭୟ ଉପୁଜିଲା ତାର ବାହୁବଳ ଦେଖି
ପଳାଏ ବିରାଟଶଳାରଥକୁ ଉପେକ୍ଷି ।
ସ୍ତ୍ରୀମାନଙ୍କ ନିର୍ଭୟ ସ୍ୱଭାବ ଅଟଇ
ତେଣୁ ସେହି ବିରାଟକୁ ରାଣୀ ଲେଉଟାଇ ।
ଭୀଷ୍ମ ପୁଣି ପୁଚ୍ଛାକଲେ ଦ୍ରୋଣ ସନ୍ନିଧିଇ
ପଳାନ୍ତା କେ ଗୋଡ଼ାନ୍ତା କେ କହ ହେ ବିପ୍ରବର
ଶୁଣି ଉତ୍ତର ଦିଅନ୍ତି ଭରଦ୍ୱାଜ ସୂନୁ
ପଳାବନ୍ତା ଲୋକ କିଏ ତାକୁ ତ ନ ଚିହ୍ନୁ,
ଗୋଡ଼ାବନ୍ତା ଲୋକ ଯେହ୍ନ ସ୍ୱରୂପେ ଯୁବତୀ
ଧାମନ୍ତେ ଦେଖିଲୁ ମୁହିଁ ଅର୍ଜୁନର ଗତି ।
ଭୀଷ୍ମ ବୋଇଲେ ସ୍ୱରୂପ ଅଟେ ଏହି କଥା
ଗୁରୁ ବାକ୍ୟକୁ କେ ଆନ କରିବ ସର୍ବଥା ।
ଭୀଷ୍ମ ଦ୍ରୋଣଙ୍କ ବଚନେ କଉରବେ ହସି
ସ୍ତ୍ରୀ ଗୋଟାକୁ ଅର୍ଜୁନ କେଉଁରୂପେ ଭାଷି ।
ଏଡ଼େବଡ଼ କ୍ଷତ୍ରୀ ହୋଇ ଲଜ୍ଜନକୁ ଉପେକ୍ଷି
ଦିବସେ ପାଣ୍ଡବଗଣ ସ୍ୱପନକୁ ଦେଖି ।
ଅଜ୍ଞ ପଣ୍ଡିତ ଅଭାଗ୍ୟ ପୁଣି ଧର୍ମ ଯାହା
ଅନୁବ୍ରତେ କରି ତୁମ୍ଭେ ପାଣ୍ଡବଙ୍କ ଚିନ୍ତା ।
ଚତୁର୍ଦ୍ଦିଗ ଚରମାନେ ବାରତା କହିଲେ
ପାଣ୍ଡବଙ୍କ ଚିହ୍ନବର୍ଣ୍ଣ କିଛି ନ ଦେଖିଲେ ।
ବନସ୍ତେ ପାଣ୍ଡବେ ମଲେ ଅଜ୍ଞ କଷ୍ଟ ଘେନି
ଦାନବେ ଅର୍ଜୁନ ମାରି ନେଲେ ଯାଜ୍ଞସେନୀ
ନକୁଳ ସହଦେବ ଯେ ମଲେ ବନେ ପଡ଼ି
ଅର୍ଜୁନ ଅର୍ଜୁନ ତୁମ୍ଭେ ଅହନିଶି ଲୋଡ଼ି ।
ଅଥବା ପାଣ୍ଡବେ ଥିବେ କେଉଁସ୍ଥାନେ ଲୁଚି
ଅଜ୍ଞାତ ବନବାସରୁ ତିନଦିନ ଅଛି ।
ସତ କହନ୍ତେ ତାହାଙ୍କୁ ନ ଲାଗିଲା ଭଲ
ଗୁଣଗ୍ରାହୀ ହୋଇ କପାଁ ସୋଦର ନାଶିଲ ।

ପାଣ୍ଡବପାଣ୍ଡବ ବୋଲି ପାଡ଼ୁଛ ବୋବାଳି
ଆଉ କି ଆସିବେ ସତେ ମନେ ଅନୁଭାଳି ।
ଦ୍ରୋଣ ବୋଲୁଛନ୍ତି ତେରମାସ ଯେ ଅଜ୍ଞାତ
ଶେଷହୋଇ ଯାଇ ଆଜ ଦିବସ ଯେ ସାତ
ଗୁପତେ ସାତଦିବସ ଗଲା ହାଦେ ବହି
ତୁମ୍ଭର ଲେଖାକୁ ତିନଦିନ ଅଛି ବାକି ।
ଭୀଷ୍ମ ବୋଲୁଛନ୍ତି କିଛି ନ ବୋଲହେ ଦ୍ରୋଣ
ଅଟବା ଅର୍ଜୁନ ଏହି ଜାଣିବା ଏକ୍ଷଣ ।
ବହୁ ଉପହାସେ ଦ୍ରୋଣ ହୋଇଗଲେ ତୁନି ।
ଉତ୍ତରକୁମାରେ ଧାଇଁ ଧରେ ଫାଲଗୁନି ।
କୋଳକରି ବେନିଭୁଜେ ଅର୍ଜୁନ ଆକର୍ଷି
ଟିରେ କର ଦେଇ ଉତ୍ତରକୁ ମାଡ଼ିବସି ।
ଛାଡ଼ ଛାଡ଼ ନପୁଂସକ ମୁଁ ବଇମା ତୋତେ
ମହାଭୟ ଲାଗିଲାଣି ଧରୁଛି କମର୍ଥେ ।
ମୋର ଭକ୍ତ ଘେନ ତୁମ୍ଭ କର ଗୋ ଉପେକ୍ଷା
ସ୍ୱର୍ଗିକ ଗୋଷ୍ଠ ମୋହର ସଖି କର ରକ୍ଷା ।
ଅନେକ ବିନୟ ହୋଇ କହୁଛି ରେ ସଖି
ମୋର ପ୍ରାଣଗଲେ ତୁମ୍ଭ ହୋଇବୁ କି ସୁଖୀ ।
ଅର୍ଜୁନ ବୋଇଲେ ଯେବେ ହେଲୁ ତୁ ନିସତ
କୀର୍ତ୍ତିକୂପରେ ଇଚ୍ଛିଲା ତୋର ଧର୍ମକୃତ୍ୟ ।
ସଂଗ୍ରାମରେ ଜିଣି ଯେବେ ପାରିବୁ ତୁ ଥାଟ
ଜୀବନ୍ତେ ସାଧୁ ଅନ୍ତମେ ପ୍ରାପ୍ତ ବଇକୁଣ୍ଠ ।
ସଂଗ୍ରାମ କରି ପଡ଼ନ୍ତି ଯେହ୍ନ ରଣଯାଗେ
ବୈକୁଣ୍ଠେ ବିଚର୍କେ ଚଳଯାନ୍ତି ଅନ୍ୟମାର୍ଗେ ।
କ୍ଷତ୍ରିପ୍ରବୃତ୍ତି ଅଟଇ ବଡ଼ଇ ଦୁର୍ଲ୍ଲଭ
କପଇଁ ତୁ ତେଜଅଛୁ ଏଡ଼େକ ସୁଲଭ
ହରିବଂଶେ ଅଟଇ ଯେ ଶୁନ ମହାରାଜ
ତା କଥା କହୁଛି ଶୁଣ ବିରାଟ ତନୁଜ ।
ଜନ୍ମିଲେ ମରଣ ଅଛି ତାକୁ କପାଁ ଭୟ
ସୁଖୀ ଦୁଃଖୀ ସବୁଙ୍କର ଯେ ପଥ ଆଶ୍ରୟ ।
ଏଣୁ ଜଗନ୍ନାଥଙ୍କୁ ତୁ ମନେ କରି ଧ୍ୟାନ
ସକଳ ଦୁରିତ ତୋର ହୋଇବ ଦହନ ।
ସଂସାରପାଳକ ଯେହ୍ନ କମଳା ବିଳାସ
ସେ ପାଦପଦ୍ମେ ଶରଣ ଶ୍ରୀଶାରଳା ଦାସ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶୁନ୍ଦ ମହାରାଜାଙ୍କ ଉପାଖ୍ୟାନ

ଅଗସ୍ତି କହୁଅଛନ୍ତି ହେ ମନୁଦାୟକ
ଏଥୁଅନ୍ତେ ଶୁଣ ଯାହା ହେଲା କଳିଯୁଗ ।
ହରିବଂଶେ ଅଟଇ ଯେ ଶୁନ୍ଦ ମହାରାଜ
ମନୁଗୋତ୍ରେ ଆଦି ଯେ ସମ୍ଭବ ତନୁଜ ।
ବଡ଼ ପ୍ରତାପୀ ସେ ରାଜା ଜଗତେ ବିଖ୍ୟାତ
ବିଦର୍ଭ ଦେଶର ସେହୁ ଅଟେ ଅଧିପତି ।
ତାକେ ଶୂରବନ୍ତ ସୈନ୍ୟ ମାନେ ଶୂରବନ୍ତ
ଅହର୍ନିଶି ରାଜ୍ୟକୁ ସେ ଅଟେ ଜଗୁଛିତ ।
ଲକ୍ଷେକ ବର୍ଷହିଁ ରାଜା ଦିବସେ ଲଗାଇ
ପରରାଜ୍ୟ ଶ୍ରୀଠାକୁର ବୋଲି ସେ ଜଣାଇ ।
ସ୍ବର କୁମର ତାହାର ବୋଇଲେ ରାଜାକୁ
ହେ ପିତା ନ ଦିଅ ଦଣ୍ଡ ପରର ରାଜ୍ୟକୁ ।
ଅନେକ ଜୀବରେ ଜାତ ହେଲୁ ତୁ ବିବାଦୀ
ବହୁତ ପାପ ଦୋଷରେ କରୁ ନୁହେଁ ସାଧି ।
ପୁତ୍ରଙ୍କର ବଚନ ସେ ନ ଶୁଣିଲା କର୍ଣ୍ଣେ
ଅରବିନ୍ଦ ଦେଶେ ରାଜା ଗଲେ କୋପମନେ ।
ପୁତ୍ରେ ଅପସରି-ଗଲେ ଦେଖି ପିତା ପାପ
କପିଳାସ ତୀର୍ଥେ ଯାଇଁ କଲେ ଘୋର ତପ ।
ରାଜା ଅରବିନ୍ଦ ଦେଶେ ଗଲେ ଯେତେବେଳେ
ତାର ଦେଶକୁ ବାହୁଲା ମଗଧ-ଭୂପାଳେ ।
ମଗଧଈଶ୍ୱର ତୁଷ୍ଟ ଜଟକରେ ପଶି
ଧନ ଭଣ୍ଡାର ସମସ୍ତ ପକାଇଲା ଧ୍ୱଂସି ।
ନବଯୁବା ସ୍ତ୍ରୀ ସାଙ୍କୁ ଯେ ବଳେ ଧରି ହରି
ରୋଷକରି ନେଲାଗଲା ବାଳକଙ୍କୁ ଧରି ।
ରାଜାଙ୍କ ସ୍ବରକୁମର ତପ କରୁଥିଲେ
ରାଜ୍ୟର ଅବସ୍ଥା ଯାଇ ନାରଦ କହିଲେ ।
ନାରଦ ବଚନ ଶୁଣି ଶୁନ୍ଦ ପୁତ୍ର ସ୍ବର
ବୋଇଲେ ଯେ ଶୂନ୍ୟନଗ୍ରେ ପଶେ କେଉଁପରି
କୁଟୁମ୍ବଙ୍କ ହାହାକାର ଶୁଣି ଭାଇ ସ୍ବର
ଧର୍ମ କରୁ ତେଜ୍ୟାକରି ହେଲେ ଅସ୍ତ୍ରଧାରୀ ।
କୋଦଣ୍ଡ ପିନାକ ଅଜଗବ ଆଦି ଆନି
ସ୍ବରଗୋଟି ଧନୁ ଧରି ରାଜାଙ୍କୁ ଉଠାଇ ।
ଉଭୟକୁଳରେ ତହିଁ ହୋଇଲା ସମର
ବହୁତର ରଥ ଗଜ ପଡ଼ିଲେ ତାହାର ।
ସୈନ୍ୟ ପଡ଼ୁ ଉଠାଇଲେ ଶତେଯୁଦ୍ଧ କରି
ବୁଧ ଯେ ଗୋରେକ୍ଷ ପୁତ୍ରେ ମଲେ ପ୍ରାଣହାରି
ଆଦି ମନ୍ତ୍ର ଦୁହେଁ ତହୁଁ ବହୁଯୁଦ୍ଧ କଲେ
ଅନେକ ଉପାୟ କରି ତା ସୈନ୍ୟ ମାଇଲେ ।
ସୈନ୍ୟ ସହିତ ରାଜାକୁ ଆଣି ବନ୍ଦୀକରି
ପୁଣି ରାଜଦେଲେ ତାକୁ ଧର୍ମକୁ ବିଚାରି ।
ଧନଭଣ୍ଡାର ସହିତେ ବାଳକ କାମିନୀ
ସକଳ ଛଡ଼ାଇ ନେଲେ ସେହି ପୁତ୍ର ବେନି
ସେହି ସମୟରେ ପଡ଼ିଲେ ଯେଉଁ ପୁତ୍ରବେନି
ବସାଇଲେ ଦେବସଭା ମଧ୍ୟେ ସପ୍ତଯୋନି ।
ପୁଣି ତାକେ ଚଳିଲେ ସେ ଅନ୍ୟ ପୁତ୍ର ବେନି
ସ୍ବରପୁତ୍ର ତାଙ୍କ ଆଜ୍ଞାଦେଲେ ପଦଯୋନି ।
ରାଜପୁତ୍ର ହୋଇ ତୁମ୍ଭେ ଏତେ କଷ୍ଟବନ୍ତ
ମହାପଣ୍ଡିତ ରୂପରେ ତୁମ୍ଭେ ହୁଅ ଜାତ ।
ଜଗତ ପିତାଙ୍କ ଆଜ୍ଞା ସର୍ବେ ଶୁଣିକରି
ମହାପଣ୍ଡିତ ହୋଇଲେ ଶୁନ୍ଦପୁତ୍ର ଦ୍ବୟ ।
ସେହି ସ୍ବରଙ୍କର ଗୁଣଗୋଟି ପକ୍ଷୀହେଲେ
ଧର୍ମ ନବକୁଳ ଧର୍ମ ପକ୍ଷୀ ବୋଲାଇଲେ
ଶମ ପାଳକ ବଟ ଯେ ପଶ୍ଚିମ ପାର୍ଶ୍ୱେ
ପଞ୍ଚବଂଶ ତାଳ ତାର ଲଗିଛି ଆକାଶେ ।
ଶତ ଶତ ଯୋଜନରେ ଅଛି ତାର ଡାଳ
ଶଏ ଯୁଣ ଆବୃତନ ଅଟେ ତାର ମୂଳ ।
ସେ ବୃକ୍ଷଡାଳେ ସ୍ବରହେଁ ଅଛନ୍ତି ଯେ ବସି
ଆକାଶଡାଳେ ଭୂଷଣ୍ଡ ହେଲେ ସ୍ୱର୍ଗବାସୀ ।
ପ୍ରଳୟ ଉଦ୍ଧାରକାରୀ ସେ ପକ୍ଷୀ ଅଟନ୍ତି
ଶ୍ରୀକୃଷ୍ଣଙ୍କୁ ମାର୍କଣ୍ଡ ପୁରାଣ ଶୁଣାନ୍ତି ।
ଷାଠିଏ ସହସ୍ର ଚେଲା ବ୍ୟାସଙ୍କ ଅଟଇ
ତାଙ୍କ ମଧ୍ୟେ ଜଇମିନ ଛନ୍ତି ଶ୍ରେଷ୍ଠ ହୋଇ ।
ଜଇମିନ ଶ୍ରୋତା ଧର୍ମପକ୍ଷୀ ସେ ବକ୍ତା
କହୁଛନ୍ତି ସ୍ବରପକ୍ଷୀ ପ୍ରଶ୍ନର ବାରତା ।
ଶୁଣ ଉତ୍ତର କୁମର ବୋଲେ ବୃହନ୍ନଳା
ପରମ ଗତି ଲଭିଲେ ଶୁନ୍ଦ ସୁତ ସ୍ବର ।
ଏମନ୍ତ ସୁଲଭ ଅଟେ ପିତା କାର୍ଯ୍ୟ କଥା
ଇହ ପରଲୋକେ ସୁଖ ଅଛଇ ସର୍ବଥା ।
ବାହୁଡ଼ଣ ରଥେ ଯାଇ ବସ ତୁ ଝଟତି
ପରମଗତି ପାଇବୁ ଖଣ୍ଡି ଦ୍ରୋଣ ଭେଟି ।
ଉତ୍ତର ବୋଲେ କହିଲୁ ପୁରାଣର ବାଗେ
ଶୁଣାଇଲେ କଷ୍ଟ ହେବ ବଧିରର ଆଗେ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପାର୍ଥ ବୋଲେ ପୂର୍ବେ ଯେଣୁ ଶାସ୍ତ୍ର ନ ଶୁଣିଲା
ସେହି ଦୋଷ ଯୋଗେ ସେହୁ ବଧିର ହୋଇଲା
ବଧିର ଆଗରେ ଯେହୁ ଶୁଣାଇବ ପୋଥି
ଆରଜନ୍ମେ ସେହୁ ପୁଣ୍ୟ ପାଇବ ସଦ୍‌ଗତି ।
ଉତ୍ତର ବୋଇଲା ମୁହିଁ ନ ଶୁଣେ ତୋ ବାଣୀ
ପଳାଇବା କଥା ମୋର ଅମୃତରୁ ଜଣି ।
ଶୁଣି ବୃହନ୍ନଳା ତହୁଁ ହେଲେ ସ୍ତମ୍ଭୀଭୂତ
ଜନ୍ମ ହୋଇଲେ ମରଣ ଜାଣଟି ନିଶ୍ଚିତ ।
ବ୍ରାହ୍ମଣ ହୋଇ ଜଳକୁ କଲେ ଯେବେ ଭୟ
ସ୍ତିରି ହୋଇ ନ ବଅଇ ଅଗ୍ନିକୁ ଯେ କାୟ ।
କ୍ଷତ୍ରୀହୋଇ ନ ଗମଇ ଯେବେ ସଂଗ୍ରାମକୁ
ଅନେକ ଶାସ୍ତି ଦିଅଇ ଜନୁପତି ତାକୁ ।
ଉତ୍ତର ବୋଇଲା ତୁ ଯେ ଅଟୁ ନପୁଂସକ
ରଣେ ମଲେ ଅନ୍ୟ ଜନ୍ମେ ପାଇବୁ ତୁ ସୁଖ
ସେହିଲାଗି ମରଣକୁ ପଡ଼ୁନ୍ତୁ ତୁ ମାଡ଼ି
ମୁହିଁ କହିଁ ନାଶଯିବି ଏ ସମ୍ପଦ ଛାଡ଼ି ।
ବୃହନ୍ନଳା ବୋଲେ ଯେବେ ହେଲୁ ତୁ ନିସତ
ସାରଥି ହୋଇଣ ବାହି ପାରିବୁ କି ରଥ ।
ଉତ୍ତର ବୋଇଲା ସଖି ମୁଁ ସାରଥି ହେଲେ
ତ୍ରୈଲୋକ୍ୟ ରଥୀକେ ହେବ ମୁଁ ରଥବାହିଲେ
ସାରଥିପଣକୁ ଅଟେ ମୁଁ ଏଡ଼େ ସମର୍ଥ
ମନ କଲେ ବ୍ରହ୍ମା ପାଶେ ବାହିପାରେ ରଥ ।
ମୁହିଁ ଯାହାର ରଥରେ ହୋଇବ ସାରଥି
ଇନ୍ଦ୍ର ଗୋବିନ୍ଦ ସମରେ ନସ ତାର ଖ୍ୟାତି ।
ବୃହନ୍ନଳା ବୋଲେ ବେଗେ ବାହ ଏବେ ରଥ
କୌରବ ସମରକ୍ଷେତ୍ରେ ଜିଣିବା ନିଶ୍ଚିତ ।
ଉତ୍ତର ବୋଇଲା ଯେବେ ମୁଁ ସାରଥି ହେବ
ରଥୀ କେ ହେବ ତାହାର ମୁଖ ମୁଁ ଚାହିଁବ ।
ବୃହନ୍ନଳା ବୋଲେ ତହୁଁ ମୁଁ ହୋଇବି ରଥୀ
ନାକେ ହସ୍ତଦେଇ ହସେ ସଙ୍କୋଚନ ନାତି ।
ସଖି ଏ ମହାମନ୍ତ୍ରକେ ମୁଁ ଅଟଇ ଯୋଦ୍ଧୀ
ମୋହର ପରତ୍ୟେ ଲୋକ ସମରେ ବିରୋଧୀ ।
ତୁ ସଖି ସ୍ୱଭାବେ ଅଟୁ ନପୁଂସକ କାୟ
କୁରୁସୈନ୍ୟ ସଙ୍ଗେ ଯୁଦ୍ଧ କରୁ ଅଭିପ୍ରାୟ ।
ଥାଟ ଦେଖି ମନେ ତ୍ରାସ ହୁଅଇ ମୋହର
ତୁ କହିଁ ଯୁଦ୍ଧେ ବାହାର ହେଉ ବୃହନ୍ନଳା ।

ପୁନରପି ବୋଲେ କେଉଁ ପାପ କଲୁ ପୂର୍ବେ
ସେହି ଦୋଷେ ନପୁଂସକ ହୋଇଅଛୁ ଏବେ
ସୁବେଳ ପାଇଲୁ କରୁ ରଣଯୋଗ ଇଚ୍ଛା
ସଂଗ୍ରାମରେ ମଲେ ପୂର୍ଣ୍ଣ ହେବ ମନୋବାଞ୍ଛା ।
ଜାଣିଲି ଜାଣିଲି ଏବେ ତୋର ମନଆଶ
ନଷ୍ଟେଁ ଏହି ସଂଗ୍ରାମରେ ଦେବୁ ତୁହି ଶ୍ୱାସ ।
ବୃହନ୍ନଳା ବୋଲେ ତୁହି ମୋ ପ୍ରତିଜ୍ଞା ଦେଖ
ତୋହର ପରତ୍ୟେ ମୋତେ ଜାଣିଲୁ କି ମୂର୍ଖ
ବେଗେ ଉତ୍ତର ବଢ଼ାଇ ଦେଲା ତାର ଧନୁ
ଦେଖିବା ତୋ ପରାକ୍ରମ ଧନୁ ଆମନ୍ତ୍ରୁ ।
ଧନୁ ଧରି ବୃହନ୍ନଳା ଆମନ୍ତ୍ରଣ କଲା
କଣ୍ଠତରେ ଆକର୍ଷନ୍ତେ ବେନିଖଣ୍ଡ ହେଲା ।
ବୃହନ୍ନଳା ବୋଇଲେ ଏ ଧନୁ ତୋର କିସ
ସ୍ୱାଲୁ ଧରି କୁରୁଯୁଦ୍ଧେ ଆସିନ୍ତୁ ବାଳୀଶ ।
ଏବେ କୁରୁବଳଙ୍କର ଧନୁବଳ ଶୁଣ
ଏକ ଏକ କହୁଅଛି କର ପରିମାଣ ।
ପଞ୍ଚାଶୋଇ ସହସ୍ର ଯେ ଭୀଷ୍ମ ଧନୁବଳ
ନଉସହସ୍ର ଧନୁବଳ ଦ୍ରୋଣଙ୍କ କେବଳ ।
ବୟାଣୋଇସସ୍ର ବଳ ବହେ ଅଶ୍ୱତ୍ଥାମା
ଅଶୀସହସ୍ର ବଳ ଧନୁ ବହେ କୃପବ୍ରହ୍ମା ।
ପଞ୍ଚାଶସହସ୍ର ବଳ ଭୂରିଶ୍ରବା ବହି
ଅଠାଶୀ ସହସ୍ର ବଳ ଗାଧେୟ ବହଇ ।
ଅଶୀସସ୍ର ବଳ ଧନୁ ବହେ ସୋମଦତ୍ତ
ଏମନ୍ତ ପରାକ୍ରମର ଏକ ଏକ ଖ୍ୟାତ
ଦୁର୍ଯ୍ୟୋଧନର ମଇଁ ଅଳମ୍ବୁଷ ଦୈତ୍ୟ
ସେ ପଞ୍ଚସହସ୍ର ବଳ ବହଇ ନିଶ୍ଚିତ ।
ଅଳମ୍ବୁଷର ଯେ ପୁତ୍ର ଅଳାୟୁଧ ବୋଲି
ସତାଶୀ ସହସ୍ର ବଳ ତାହାର ଦେଖିଲି ।
କର୍ଣ୍ଣର ନନ୍ଦନ ବୃଷକେଶନ ଯେ ବୀର
ସତାଶୀ ସହସ୍ର ବଳ ଧନୁଦ୍ଧର ତାର ।
ଗାନ୍ଧାର ଦେଶର ରାଜା ଅଟଇ ଶକୁନି
ଅଣାଅଶୀ ସସ୍ର ବଳ ଧନୁ ଥାଏ ଘେନି ।
ଶାକଲ୍ୟ ଦେଶର ରାଜା ମହାଗୁରୁ ଶଲ୍ୟ
ପଞ୍ଚାଶୋଇ ସସ୍ରବଳ ବହେ ମହାମଲ୍ଲ ।
ହେ ଉତ୍ତର ପଞ୍ଚାଶୋଇସସ୍ର ତୋ ଧନୁଟି
ଏଥେ ବହିଲେକ ତାଙ୍କ ଦେହ ଯିବ ଫାଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯେବଣ ସେନାକୁ ଆଣି ଅଛନ୍ତି କୌରବେ
ପର୍ବତ ତୁଲ୍ୟଇ ମୂର୍ତ୍ତି ପଡ଼ି ତାଙ୍କ ପାଦେ ।
ଅଜ୍ଞାନ ବାଳୁତ ତୁମ୍ଭ କହୁଛି ନ ବୁଝୁ
ଏ ଧନୁ ଧରି କି ଯିବୁ ଦ୍ରୋଣ ସଙ୍ଗେ ଯୁଝୁ ।
ଉତ୍ତର ବୋଇଲା ବୃହନ୍ନଳା ଏହା ବୋଲ
ଅନ୍ତଃପୁରେ ଏହି କଥା କପାଁ ନ କହିଲୁ ।
ଏ ଚରିତ୍ର ଯେବେ ଜାଣି ଥାଆନ୍ତି ସେଠାରୁ
କପାଇଁ ଆସିଥାନ୍ତି ମୁଁ ମୋ ଅନ୍ତଃପୁରରୁ ।
ଏମନ୍ତ ବିଚାର କରୁ ସୂର୍ଯ୍ୟ ଅସ୍ତ ଗଲେ
ଆନନ୍ଦେ ଶାରଳା ଦାସ ଏ ପଦ ରଚିଲେ ।

ଅର୍ଜୁନଙ୍କ ଆଦେଶରେ ଉତ୍ତରର ଶମୀବୃକ୍ଷରୁ ଅସ୍ତ୍ର ଆଣିବା ନିମନ୍ତ ଗମନ ଓ ଶୋଷକ ସର୍ପ ଦଂଶନ

ଆହେ ମନୁଷ୍ୟଗଣ ଶୁଣ ଅପୂର୍ବ ଭାରତ
ରଥେ ବିଜେ କଲେ ପାର୍ଥ ହୋଇଣ ଯେ ରଥୀ
ଉତ୍ତର ହୋଇଲା ସେହି ରଥର ସାରଥି
ପାର୍ଥ ବୋଲେ ନିଅ ତୁମ୍ଭେ ଶମୀବୃକ୍ଷ କତି ।
ପାଳଇ ମାତଳି ଯେହ୍ନେ ଇନ୍ଦ୍ରର ବଚନ
ବୃହନ୍ନଳା ବାକ୍ୟ ପାଳେ ଉତ୍ତର ତେସନ ।
ବାହଇ ତୁରଙ୍ଗମ ଯେ ସୁଦେଷ୍ଣାର ବତ୍ସା
ବନେ ପଶନ୍ତେ ଉତ୍ତର ପାର୍ଥେ କଲା ପୃଚ୍ଛା ।
ଭୟ ଜାତ ହୋଇଲା କି ତୋର ହୃଦୟକୁ
କପାଇଁ ରଥ ବାହୁନ୍ତୁ ବନ ଭିତରକୁ ।
ପୃଷ୍ଣି ବୋଲେ ଧନୁଏତ ଆମ୍ଭ ହସ୍ତେ ନାହିଁ
ଶମୀବୃକ୍ଷେ ଅଛି ଧନୁ ନିଅ ତହିଁ ବାହି ।
ଚଳନ୍ତି ଯେ ତୁରଙ୍ଗମ ନିଶା ଅନ୍ଧକାରେ
ପ୍ରବେଶ ହୋଇଲେ ଯାଇ ତପୋଭଦ୍ରାଶ୍ରରେ
ତହିଁର ଉତ୍ତର ଦିଗେ ଶମୀବୃକ୍ଷ ଅଛି
ଅଦ୍ଭୁତେ ଶବ ଏକ ତହିଁ ଝୁଲୁଅଛି ।
ଉର୍ଦ୍ଧ୍ୱେ ଥାଇ ଅଦ୍ଭୁତେ ଦେଲା ଏକରଡ଼ି
ଉତ୍ତରକୁମର ରଥୁ ତଳେ ଗଲା ପଡ଼ି ।
ରଥୁ ତେଇଁ ପଡ଼ିଲେ ସେ ବେଗେ ବୃହନ୍ନଳା
ମୁଖରେ ଜଳ ସିଞ୍ଚିଣ ସାନ୍ତ୍ୱାମକୁ କର ।

ସାନ୍ତ୍ୱାମ ପାଇଲା ଯହୁଁ ସେ କୁମରମଣି
ବୋଇଲା ନର୍ଧାଚ ପ୍ରାୟ ଶୁଣିଲି କି ବାଣୀ ।
ବୃହନ୍ନଳା ସେ ଶବକୁ ବୋଲଇ ମଧୁରେ
କୁମର କରୁଛୁ ଭୟ ତୁନ୍ହ ତୁ ଅନ୍ତରେ ।
ପାର୍ଥର ବଚନେ ପିଣ୍ଡ ଚଳିଗଲା ଯହୁଁ
ଉତ୍ତରକୁ ତହୁଁ ପାର୍ଥ ପୃଚ୍ଛା କଲେ ତହୁଁ ।
ବୃକ୍ଷ ଉପରକୁ ତୁହି ପାରିବୁ କି ଉଠି
ଉପର ଦିଗକୁ ଦୃଷ୍ଟି କରିଲ ବିରାଟି ।
ଉତ୍ତର ବୋଲେ ନିକଟେ ନାହିଁ କିଛି ଶାଖା
କେମନ୍ତେ ଉଠିବି କେଉଁ କାର୍ଯ୍ୟ ମୋତେ ଦେଖା
ବୃହନ୍ନଳା ବୋଲେ ତହୁଁ ଶୁଣ ମୋ ଉତ୍ତର
ଏକ ଗୋଟି ଧନୁ ଅଛି ଆଣ ଏ କୋଟର ।
ପ୍ରତିପତ୍ୟ ହୋଇ ବେନି ଚକ୍ଷୁ ବୁଜିକରି
ଉପରକୁ ଉଠ ତୁହି ବୃକ୍ଷକୁ ଆବୋରି ।
ସର୍ପ ବଧାରେ ଗାରଡ଼ି ଅଛଇ ଯେସନ
ବୃହନ୍ନଳା ବାକ୍ୟ ପାଳେ ଉତ୍ତର ତେସନ ।
ଚକ୍ଷୁ ବୁଜି ବୃକ୍ଷ କୋଳ କରିଣ ଉଠିଲା
ଅକସ୍ମାତେ ଡାଳେ ଯାଇ ପ୍ରବେଶ ହୋଇଲା
ଦେଖଇ ବୃଦ୍ଧଦିଗକୁ ଅଛି ବୃଦ୍ଧଡାଳ
ଯୋଜନେ ଯୋଜନେ ସେହି ଅଟନ୍ତି ବିଶାଳ
ପତ୍ରୁ କୋଇନ୍ଦ୍ରା ଅଟନ୍ତି ସେହି ବୃକ୍ଷମୂଳ
ଭୀମ ଆଦି ବୃହଭାଇ ହୋଇଛନ୍ତି ଡାଳ ।
ଉପର ଶାଖା ଅଟନ୍ତି ଧରମ ଯୁଧିଷ୍ଠି
ପାଞ୍ଚାଳୀଦେବୀ ଅଟନ୍ତି ତହିଁ ପୁଷ୍ପ ଗୋଟି ।
ବେନି କୋଶ ଆୟତନ ମଧ୍ୟେ ଅଛି କୋଟ
ଦାନକର ଦେବତା କି କଡ଼ାଇଛି ବାଟ
ବିରାଟ ନନ୍ଦନ ତହୁଁ ତହିଁ କୋଟରକୁ
ବୋଲେ ସଙ୍କଟ ପଡ଼ିଛି ଆଦଚ୍ୟ ଦେବଙ୍କୁ
ସିଂହିକା ନନ୍ଦନ ଅବା କରିଲେ କଟାଳ
ଦୁରନ୍ତକ ଭୟେ ଅବା ଲୁଚିଲେ ଏ ସ୍ଥଳ ।
ଆକାଶଙ୍କବେପି ସ୍ବର୍ଗେ ବିରାଟ ତନୟ
କୋଟ ଭିତରେ ଦିଶୁଛି ଦିବସ ପରାୟେ ।
ବୃହନ୍ନଳା ବୋଇଲେ ଯେ ଗର୍ବେ ହସ୍ତ ଭର
ଯାହା ଯାହା ଅଛି କାଢ଼ି ଦିଅ ମୋର କର ।
ଉତ୍ତର କୁମାର ତହୁଁ କୋଟେ ଭରେ କର
ଶୋଷକ ନାମେଣ ସର୍ପ ଦଂଶିଲା ତା କର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସର୍ପାଘାତେ ବିଷ ଶୀଘ୍ର ଦେହେ ଘୋଟିଗଲା
ତାକେ ଅସାଷ୍ଟାମ ହୋଇ ବସିଟି ପଡ଼ଲା ।
ଉତ୍ତର ଉତ୍ତର ବୋଲି ଡାକେ ଫାଲଗୁନ
ବହନ ଓହ୍ଲାଇ ଆସି ଧନୁ ଏକ ଘେନ ।
ଡାକ ଦେଇଣ ସମ୍ମୁଖ ହୋଇଲେ ଧାନୁଷ୍କୀ
ଦେହ ଫୁଟିଲା ଉତ୍ତର କୁମରଙ୍କୁ ଡାକ ।
ବୃଷ ଉପରକୁ ତହୁଁ ଉଠେ ଧନଞ୍ଜୟ
ଦେଖିଲା ପାର୍ଥ ଉତ୍ତର ଦେହ ବିଷମୟ ।
ମୁଖରୁ ବହଇ କାଳ ଗରଳର ଧାର
ଜୀବନ ବିସର୍ଜିଲାଣି ସୁଦେଷ୍ଣା କୁମର ।
ଉତ୍ତରକୁ ବେଗେ କୋଳ କଲେ ବୃହନ୍ନଳା
ବିଘାତ ହୋଇଲା କାଳ ଗରଳରେ ଘାରି ।
ସେ କ୍ରୋଡରେ ପଶିଥିଲା ଯେଉଁ କାଳସର୍ପ
ବିଘାତେ ହରିଲା ସେହି କୁମରର ଦର୍ପ ।
ମହାପଣ୍ଡିତ ଉତ୍ତର ନ ଜାଣଇ ବିଦ୍ୟା
ଗୋରେଖ ବାକ୍ୟରେ ପାର୍ଥଙ୍କର ଯୋଗମୈଦ୍ରା ।
ଚନ୍ଦ୍ର ସୂର୍ଯ୍ୟ ଉଇଁଙ୍କର ବସିଲେକ ରଥେ
ମୁହିଁ ବିଷକୁ ମାରଇ ନ ଛୁଅଇଁ ହସ୍ତେ ।
ସପତଋଷି ଯେ ମୋତେ ଦେଇଥିଲେ ବର
ରେ ରେ ବିଷମ ବିଷ ତୁ ଅନ୍ତରୀକ୍ଷେ ମର ।
ଏହି ପ୍ରକାରେ ଅର୍ଜ୍ଜୁନ ଝାଡ଼ନ୍ତେ ଗରଳ
ସାଷ୍ଟାମ ହୋଇ ବସିଲା ସୁଦେଷ୍ଣାର ବାଳ ।
ପାର୍ଥକୁ ସ୍ନେହିଁ ଉତ୍ତର କରିଲା ଯେ ପୃଚ୍ଛା
କାଳ ସର୍ପଘାତରେ ମୁଁ ହୋଇଗଲି ମୂର୍ଚ୍ଛା ।
ମରିଲା ପିଣ୍ଡ ଗୋଟିକ ତାରିଲ କେମନ୍ତେ
କ ଅବସ୍ଥା ହେଲା ମୋର କହ ତାହା ମୋତେ
ତହୁଁ ଅର୍ଜ୍ଜୁନ ବୋଇଲେ ଶୁଣ ରେ ଉତ୍ତର
ବିଷ ଘାରିଲେ ଯେମନ୍ତେ ହୁଅଇ ଶରୀର ।
ନୟନୁ ନୀର ଗଳଇ ଉଜାଣି ରୁଧିର
ଘୋଟନ୍ତେ ଶ୍ରୀହସ୍ତେ ନାହିଁ କାହାର ନସ୍ତାର ।
ତପନ ସଙ୍ଗମେ ଘୋଟେ ଯାର ବେଳୁ ବେଳୁ
ତାହାର ଆଚରଣରୁ ଘୋଟେ ଯାଇ ତାଳୁ ।
ପଡ଼ଇ ବିଷମ ରନ୍ଧ୍ରେ ଯାଇ ଚନ୍ଦ୍ରକଳା
ଘୋଟିଯାଏ ଜ୍ଞାନେ ବିଷ ସପତମ ବେଳା ।
ଛଡ୍ହୁଡ଼ ତପାଇ ଚନ୍ଦ୍ର ବନ୍ଧ ହୁଏ ରନ୍ଧ୍ରେ
ଡାକଟେକ ଲେଉଟି ବିଷ ପଡ଼ଇ ଯେ କନ୍ଧେ

ଧରଣ ଧାରଣ ପୁଣି କାରଣ ଉଚାଟ
ଚଳଇ ଅପାନ ବାୟୁ ନ ପାଇ ସେ ବାଟ ।
ପୁଣି ପକାଇଲେ କ ସେ ସୁସୁକାର ଘାତ
ତେସନେକ ଆମ୍ଭାକୁ ଯେ ଘେଟଇ ସଂଘାତ ।
ଆରେ ଓଝାରେ କାୟା ତୁ ଯେଶେ ଉଚାଟନ
ସିନ୍ଧୁ ଲହରୀ ଜାଣିଣ ଘଟଣ ବିଧାନ ।
ଯାହା ଲଘଇ ଜଙ୍ଗମ ଯାଏ ତାର ଘଟ
ଶାର୍ଦ୍ଦୂଳ ଆସୁର ହେଉ ଆନ ଖଣ୍ଡ କାଟ ।
ନ କର ତୁ ଏବେ ଆରେ ଔଷଧ ପଖାଳ
ନାଦେ କ୍ଷୀର ଭଣ୍ଡାର ତୁ ପିତା ମହାକାଳ ।
ଭଇମି ନ ଜାଣି ଠାବେ ଗୋଡ଼ ସ୍ୱରଛନ୍ଦ
ସଦଗୁରୁ ଶଢ ପିଟେ ଟରୁଡ଼ର ଧନ୍ଦ ।
ଜାଣିବା ରୂଦ୍ର ଅଙ୍ଗ ଲୁ ନ ପଡ଼ଇ ଆନ
ଅଲ୍ପ ଅଲ୍ପ ଆସନ୍ତେ ସେ ଶବଦ ଚେତନ ।
ଏମନ୍ତ ବୁଝାଇ ଦେଲେ ଉତ୍ତରକୁ ପାର୍ଥ
ଅଟସ୍ତ ବୋଇଲେ ଶୁଣ ଆହେ ନରନାଥ ।
ଉତ୍ତରକୁ ଦଂଶି ସର୍ପ ପଳାଇଲା ଝରେ
ପ୍ରବେଶ ହୋଇଲା ଯାଇ କର୍ଣ୍ଣ ନିକଟରେ ।
କାଳସର୍ପ ବୋଲେ କର୍ଣ୍ଣ ମୋତେ ରକ୍ଷା କର
ହେ ଘରେଇମଲ୍ଲ ରଖ ଶରଣ ତୋହର ।
କର୍ଣ୍ଣ ବୋଲେ ସର୍ପ କପା ହେଉଛୁ ଆରତ
କହଇ ସେ ସର୍ପ ତହୁଁ ଆପଣା ବୃତ୍ତାନ୍ତ ।
ଖାଣ୍ଡବ ବନରେ ଥିଲେ ମୋର ଯେତେ ବଂଶ
ଦହନ କାଳେ ଅର୍ଜ୍ଜୁନ ସର୍ବ କଲା ଧ୍ୱଂସ ।
ବୈନ୍ଧିକା ବସଜ ପୁଣି ଆର୍ଦ୍ରାବଳ ବନ୍ଧୁ
ଜାରବନ୍ଧା ଲେକଙ୍କର ଅଟେ ସମବନ୍ଧୁ ।
ଅର୍ଜ୍ଜୁନେ ଶରଣ ଏଥୁ ପଶିଲେ ବିକଳେ
ମାରି ଅର୍ଜ୍ଜୁନ ସବୁଙ୍କୁ ଅର୍ପିଲେ ଅନଳେ ।
ହେ କର୍ଣ୍ଣ ବାମ୍ବୀ ମଧ୍ୟରେ ପଡ଼ିଲି ମୁଁ ଉଡ଼ି
ନବଦନ ପରସନ୍ତେ ରହିଲି ମୁଁ ବୁଡ଼ି ।
ଖାଣ୍ଡବବନ ଦହନ ହେଉ ସମାପତ
ତହୁଁ ଆସି ମୁଁ ଶେଷଜ ନାମେ ହେଲି ଖ୍ୟାତ
ଆହେ କର୍ଣ୍ଣ ଅର୍ଜ୍ଜୁନ ଯେ ମୋ ପିତା ବଇରି
ତାକୁ ନାଶ କଲେ ପିତୃ ଋଣୁ ଯିବି ତରି ।
ପୁତ୍ର ହୋଇଣ ପିତାଙ୍କୁ କାରଣ ନ କଲେ
ସେ ପୁତ୍ର ଅବଶ୍ୟ ଯାଇ ପଡ଼ଇ ନର୍କରେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶମୀବୃକ୍ଷ କୋଟରରେ ମୁହିଁ ଥାଇଥିଲି
ଅର୍ଜୁନ ଧନୁ କାଢ଼ିଲେ ଦଂଶିବି ମୁଁ ବୋଲି ।
ଏବେ ବିରାଟର ସୁତ ହସ୍ତ ଦେଲା ଭରି
ନ ଜାଣି ଅଇଲି ତାକୁ ଦଂଶନ ମୁଁ କରି ।
ପଳାଇ ଅଇଲି ମୋତେ ରଖ ତୁ ଶରଣ
ଏତେ ବାଧାତ ମୋହର ହେଲା ଅକାରଣ ।
ସିଂହ ବୋଲି କରି ମୁହିଁ ପାତିଥିଲି ଫାନ୍ଦ
କାଳେ ସେ ଶୃଗାଳ ହେଲା କପାଳ ମୋ ମନ୍ଦ
ଏବ୍ରକ୍ଷଣି ଅର୍ଜୁନ ଯେ ଆସିବ ସମରେ
ମୋତେ ପେଷିବୁଟି ଆଗ ତାହାର ଉପରେ ।
ସେ ଶୋଷକ କାଳସର୍ପ ଏପରି ବୋଇଲା
ଦୁର୍ଯ୍ୟୋଧନ ଆଗେ କର୍ଣ୍ଣ ଯାଇଣ କହିଲା ।
ହେ ମିତ୍ର ବାରତା ମୁହିଁ ପାଇଲି ଏକ୍ଷଣି
ଅର୍ଜୁନ ଆସିବ ରଣେ ଏହୁ କହେ ପୁଣି ।
ମାନଗୋବିନ୍ଦ ବୋଇଲା ଶୋଷକ ସର୍ପର
ବଚନ କେମନ୍ତେ ସତ କରିବା ଏହାର ।
ଜୟ ଜୟ ଜଗନ୍ନାଥ ଜଗତ ପୂଜିତ
ଫରହର ହୋଇ ଉଡ଼େ ମାଳଚନ୍ଦେ କେତ ।
କର୍ଣ୍ଣ ଡେର ଶୁଣୁଅଛ ଦରିଦ୍ର ଗୁହାରି
ମୁଖ ଦେଖି ପାପିଜନେ ଯାଉଛନ୍ତି ତରି ।
ତବ ପାଦପଦ୍ମେ ଚିତ୍ତ ରହୁ ନିରନ୍ତର
ମାଗଇ ଶାରଳା ଦାସ ଯମଭୟୁଁ ତାର ।

ବୃହନ୍ନାରୀ କହିବାକ ଉତ୍ତର ନିକଟରେ ପଞ୍ଚପାଣ୍ଡବଙ୍କର ପରିଚୟ ଓ ଅର୍ଜୁନଙ୍କର ଦଶନାମ କଥନ

ଅଗସ୍ତି କହନ୍ତି ଶୁଣ ଆହେ ମୁନିଗଣ
ବୃହନ୍ନାରୀ ଉତ୍ତରର କଥୋପକଥନ ।
ବିଷ ଝାଡ଼ି ବୃହନ୍ନାରୀ ଅଇଲେ ଓହ୍ଲାଇ
ଉତ୍ତର ରହିଲା ବୃକ୍ଷଡାଳେ ମୁଣ୍ଡ ଥାଇ ।
କୋଟରେ ହାତ ପୂରାଇ କାଢ଼ିଲ ସେ ଅସ୍ତ୍ର
ଧନୁ ଦେଖି ଉତ୍ତରର କମ୍ପିଗଲା ଗାତ୍ର ।
ପଞ୍ଚଧନୁ କୋଣ ସେହୁ ବଢ଼ାଇଣ ଦେଲ
ଭୀମସେନର ଟବାକୁ ତୋଳି ନ ପାରିଲ ।
ଉତ୍ତର ତହୁଁ ଓହ୍ଲାଇ ଆସିଲା ତଳକୁ
ଶତସହସ୍ର ପ୍ରଣାମ କରିଣ ଧନୁକୁ ।

ଉତ୍ତର ବୋଇଲା ଶୁଣ ଆଗୋ ସଙ୍ଗାତୁଣି
ଏ ସବୁ ଧନୁ ଥୋଇଲା କେହୁ ଏଥି ଆଣି ।
ବୃହନ୍ନାରୀ ବୋଲେ ଶୁଣ ବିରାଟର ସୂନୁ
ପଞ୍ଚପାଣ୍ଡବଙ୍କ ଦଶକୋଣ ପାଞ୍ଚଧନୁ ।
ଶୁଣି ସାନନ୍ଦ ହୋଇଣ ପଚାରେ ଉତ୍ତର
ଶୁଣିବାକୁ ଇଚ୍ଛା କେଉଁ ଧନୁ ଅଟେ କାର ।
ଅର୍ଜୁନ ପ୍ରଥମେ ଏକ ଧନୁ ଧରି କରି
ବୋଇଲେ ହୋଇଛି ଖଞ୍ଜା ହୀରା ସମ୍ବରରି ।
ଏ ଶୁଦ୍ଧସ୍ଫଟିକ ଜ୍ୟୋତି କୋଟରେ ପ୍ରକାଶେ
ଏ ଧନୁ ତେଜରେ ପୂର୍ଣ୍ଣ ତିମିର ବିନାଶେ ।
ମାର୍କତର ରେଖ ଦେଖ ଅଛି ସ୍ଥାନ ସ୍ଥାନ
ଏ ଧନୁଗୋଟି ବହନ୍ତି ଧର୍ମଙ୍କ ନନ୍ଦନ ।
ସେ ଧନୁକୁ ଥୋଇ ପୁଣି ଅନ୍ୟ ଧନୁ ଧରି
ବାମେ ଧରି ଡାହାଣରେ ଆମନ୍ତ୍ରନ କରି ।
କଣସ୍ଥ ଘଟଣି ବେନ ପ୍ରବନ୍ଧରି କଳ
ଧନୁ ଉପରେ ଶାର୍ଦ୍ଦୂଳ ଚର୍ମର ମେଖଳ ।
ଝଟକନ୍ତି କିରଣରେ ଶତଚନ୍ଦ୍ର ପିଠି
ଦୁଇ କୋଣେ ଖଞ୍ଜିଅଛି ହୀରା ପାଞ୍ଚଗୋଟି ।
ଏକାଦଶଶତ ପନ୍ତି ପନ୍ତି ଅଟେ ହୀରା
ଡଙ୍ଗରେ ସହନ୍ତି ନାହିଁ କେଉଁ ଧନୁ ଧରା ।
ଧରଣ ଧାରଣ ଧନୁ ନାମ ଆର୍ଦ୍ରାବଳୀ
ତନଦତ୍ତ ମଳାଘଣ୍ଟା ଯାହାର ମେଖଳି ।
ଝଲକନ୍ତି ମାଣିକ୍ୟ ଯେ ହୀରା ପାଖେ ପାଖେ
ନବନ୍ଧ ମୁକୁର ଝଞ୍ଜା ତହିଁ ଲକ୍ଷେ ଲକ୍ଷେ ।
ରୁଦ୍ର ଶାବକ୍ଷେ ପରମ ପଦକୁ ବିକାଶି
ଏ ଧନୁଦର୍ପେ ଅନ୍ଧକ ବନାଶିଲେ କାଶୀ ।
ଭଗ୍ୟବର ନାମ ହେଲା ଦ୍ୱିକ୍ଷାସ୍ତ୍ରକ ଧନୁ
ଷାଠିଏକ ସସ୍ତ୍ରବଳ ଏଥିର କୃଶାନୁ ।
କାକପକ୍ଷୀ ନାରଚହିଁ ସବୁ ଚନ୍ଦ୍ର ଶର
କୋଣ ମଧ୍ୟରେ ଅଛଇ ସହସ୍ର ପନ୍ଦର ।
ପାଣ୍ଡବ ସୁନ୍ଦର ସେହୁ ପବନର ବଳା
ସେ ହତ୍ତସୁନ୍ଦର ଭୀମ କ୍ଷଦି ଅନର୍ଗଳା ।
ଷାଠିଏ ସହସ୍ର ବଳ ଭୀମ ଯେ ବହଇ
ଏ ଧନୁର ଶରଘାତ କ୍ଷହୀ ନ ସହଇ ।
ସେ ଧନୁ ଥୋଇ ଧଇଲା ପୁଣି ଆନଗୋଟି
ଏ ଧନୁର ନାମ ଭୁଲ୍ଲ ଶୁଣରେ ବିରାଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଧନୁର ପିଠିରେ ଶତ କଣସ୍ତ ସୁପାତ
ହୀର ଯାବକ ଖଞ୍ଜାଣି କୋଟି କ୍ଷୁଦ୍ର ମୋତ ।
ଗଜ ଶୁର ପାଟର କଣସ୍ତ ପଦ୍ମଗୁନ୍ଥା
ନିର୍ମଳରେ ନିର୍ମିତ ମର୍କତ ଦ୍ରବ୍ୟ ଯଥା ।
ସପ୍ତମୀଚନ୍ଦ୍ର ଯେସନେ ଉଦୟ ଆକାଶେ
ଗଜ ମୁକ୍ତା ପାଞ୍ଚଲକ୍ଷ ଗୁନ୍ଥା ଚଉପାଶେ ।
ମାଣିକ୍ୟରେ ଉଲ୍ଲାଖ ଯେ ମାଳାର ଖଞ୍ଜଣି
ହେଳୁରୁ ଝଟକେ ଧନୁ ଅଗ୍ନିଶିଖା ଜିଣି ।
କୃଷ୍ଣାର୍ଜୁନ ପ୍ରଦହନ କରାଇଲା ଯେବେଣେ
କାମିନୀମନକୁ ବଶ କରେ ମାୟା ବାଣେ ।
ପଞ୍ଚରୁକଶ ସହସ୍ର ଏ ଧନୁର ବଳ
ମାଦ୍ରୀର ନନ୍ଦନ ଏହା ବହଇ ନକୁଳ ।
ସାରଙ୍ଗ ପକ୍ଷୀର ଶର ଅର୍ଦ୍ଧଚନ୍ଦ୍ର ବାଣ
ପଞ୍ଚାଶ ଅପୂତ ଶର ବହେ ଦୁଇତୋଣ ।
ଅନୁବ୍ରତେ ଥାଇ ଏହା ନକୁଳର ହସ୍ତେ
ଦକ୍ଷିଣ ରଜାଙ୍କୁ ସାଧେ କାର୍ଯ୍ୟର ନିମନ୍ତେ ।
ସେହି ଧନୁକୁ ଥୋଇଣ ଧର ଆନ ଧନୁ
ବୋଲେ ସାବଧାନେ ଶୁଣ ସୁଦେଷ୍ଣାର ସୂନୁ ।
ମଳୟ ବସନ୍ତ ଅଶହନ୍ତା ହେମ ଝଳ
ଅକ୍ଷୟ ତେଜ ଯେସନେ ଅଟେ ଅଂଶୁମାଳ ।
ମତ୍ତମାତଙ୍ଗ ବିହାର କରେ କୃଷ୍ଣଲୀଳା
ଶୁଦ୍ଧ ସ୍ଫଟିକ ମଧ୍ୟରେ ଖଞ୍ଜା କ ପୋହଳା ।
ହୀର ମୋତ ମାଣିକ୍ୟ ଯେ ବୈଦୁର୍ଯ୍ୟ ପର୍ବତ
ସାଗର କଣସ୍ତ ଜିଣି ଦିଶେ ଦୀପ୍ତ ମନ୍ତ ।
ଶକବି ନାଗସ୍ତଣ ସ୍ୱା ବହେ ବେଣ୍ଟାଳେ
ଏକା ଶରେ ଝଞ୍ଜାଇ ଯେ ବହଇ ମଣ୍ଡଳେ ।
ସଙ୍ଗରେ ସଗୁଣା ମୁକ୍ତା ପ୍ରାୟେ ତାକୁ ଖଞ୍ଜି
ଧନୁ ପିଠିରେ ଖଞ୍ଜିଛି ମାଣିକ୍ୟର ପୁଞ୍ଜି ।
ମାଣିକ୍ୟ ପୁଞ୍ଜି ପାଖକୁ ଅଛି ପଦ୍ମଟିଏ
ମାଗର ମୁକ୍ତା ପାଖୁଡ଼ା ତହିଁ ଶୋଭାଏ ।
ଏ ଧନୁରେ ତାରକାକୁ ନାଶି ଶତଧନୁ
ମହାବଳ କୁମାର ଯେ ପାର୍ବତୀଙ୍କ ସୂନୁ ।
ଶରତ ଶିଶିର ଗ୍ରୀଷ୍ମ ବର୍ଷା ଷଡ଼ଋତୁ
ଏ ଧନୁ କାଢ଼ନ୍ତ ନାହିଁ ବଧାଉାର ହସ୍ତୁ ।
ପୂର୍ବଦିଗେ ବିଜେକଲ କହ ସୋମବଂଶୀ
ପୂଜାବିଧି କର ସହଦେବଙ୍କୁ ଯେ ତୋଷି ।

ମଦନାର ନନ୍ଦନ ଯେ କଷା କଟାକ୍ଷଠ
ନାଗପୃଷ ଗବନ୍ତ ଯାହାର ନାମଗୋଟି ।
ଗୁଳଶ ସହସ୍ର ବଳ ଏ ଧନୁ ବହଇ
ମନ୍ତ୍ରୀ ସହଦେବ ଏହା କରରେ ଧରଇ ।
ମିଥୁନ ମାସରେ ଯେହ୍ନେ ତମକେ ବିଜୁଳି
ରତ୍ନତେଜ କଉଣରେ ଯେହ୍ନରୂପେ ଝଳି ।
ନାଗର ସ୍ୱର୍ଣ୍ଣ ରେଖ ଅନୁକୂଳ ପକ୍ଷୀ
ଏକ ନାଗଙ୍କେ ଶର ପଞ୍ଚଲକ୍ଷ ଯୋଖି ।
ଅଶୀସହସ୍ର ନାଗର ପୂର୍ଣ୍ଣ ବେନତୋଣେ
ମାତଙ୍ଗ ଅସୁର ନାଶ କରିଲେ ଆପଣେ ।
ମନ୍ତ୍ରୀ ଚୂଡ଼ାମଣି ସହଦେବ ଏହି ଧନୁ
ଗୁଳଶ ସହସ୍ର ବଳ ବହଇ କୃଶାନୁ ।
ଧ୍ୱର ଧନୁର ମହିମା କହଇ କିରୀଟୀ
ଶୁଣି ପରମ ଆନନ୍ଦ ହୋଇଲେ ବିରାଟି ।
ଗାଣ୍ଡୀବ ଦେଖିଲା ପାର୍ଥ ଆପଣାର ଧନୁ
ଆନନ୍ଦରେ ଅଶ୍ରୁଜଳ ବହଇ ନୟନୁ ।
ଶୁଣ ହେ ଉତ୍ତର ଏହି ଧନୁର ମହିମା
ଅଶ୍ୱିନୀ ନାମରେ ସତ୍ୟଯୁଗେ କୁଶବ୍ରହ୍ମା ।
ଷଡମନୁ ପରଯନ୍ତ ବ୍ରହ୍ମା ଯାଗ କଲା
ଯଜ୍ଞକୁଣ୍ଡ ମଧ୍ୟୁ ଏକ ବାଂଶ ଉପୁଜିଲା ।
ନାଭିଖଣ୍ଡ ନାହିଁ ପୂର୍ବ କର ତାର ମୁଷ୍ଟି
ଛତିଶ ବର୍ଷେ ପିଙ୍ଗଳ ବର୍ଣ୍ଣ ବାଂଶଗୋଟି ।
ହରେ କର୍ଣ୍ଣ କଠାରକୁ ଦେନ ଗୁରିମୁଣ୍ଡ
ସେହି ବାଂଶ ଗୋଟିକୁ ସେ କଲା ପାଞ୍ଚଖଣ୍ଡ ।
ପ୍ରଥମ ଖଣ୍ଡକୁ ଏକାଦଶ ପର୍ବ କଲା
ମନୁଏ ବସିଣ ଏକ ଧନୁ ସଜାଡ଼ିଲା ।
ସେହି ଧନୁର ବଳ ଯେ ହେଲା ତିନିକୋଟି
ପିନାକ ହୋଇଲା ନାମ ଧଇଲେ ଧୂର୍ଜଟି ।
ଦ୍ୱିତୀୟ ଖଣ୍ଡକୁ ନବଖଣ୍ଡ କରି ଦେନ
ଅଧମନୁରେ ନିର୍ମାହ କଲେ ପଦ୍ମଯୋନ ।
ବେନ କୋଟି ସସ୍ତ୍ରବଳ ସାରଙ୍ଗ ଯେ ଧନୁ
ସତ୍ୟଯୁଗରେ ଧଇଲେ ଯମଦଗ୍ନି ସୂନୁ ।
ଆର ପର୍ବ ଦଶମୁନ କରିଣ ବଖାଣି
ପଞ୍ଚବିଂଶ ଗଣ୍ଡା ଯୁଗେ ଧନୁହିଁ ନିର୍ମାଣି ।
ନବଲକ୍ଷ ବଳ ହେଲା ସେ ଧନୁର ଗୁଣ
ତ୍ରେତାଯୁଗେ ଶ୍ରମ କଲେ ଭୃଗୁବର ହରଣ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆରେକ ପବ ପୁଣି ସେ ହେଲା ଖଣ୍ଡ ତନ
ଯେଉଁମଧ୍ୟେ ଧନୁ ନର୍ଭାଜଲେ ଦୁର୍ଯୋଧନ ।
ବତ୍ସ ଏ ଧନୁର ନାମ ଅଟଇ ଗାଣ୍ଡୀବ
ଦ୍ୱାପର ଯୁଗେ ଅର୍ଜୁନେ ଦେଲେ ବାସୁଦେବ ।
ଲକ୍ଷେବର୍ଷ ଏ ଧନୁରେ ବନ୍ଦେ ଫାଲଗୁନ
ଏ ଧନୁରେ ବନ୍ଧିବାକୁ କେ ଅଛି ମେଦିନୀ ।
ଅଗ୍ନିଦେବଙ୍କର ହେଲା ଲୁଦୁବୁଦୁ ବ୍ୟାଧି
ଖାଣ୍ଡବ ପୋଡ଼ଣ ଦେଲା ଅମର ଔଷଧି ।
ଆରୋଗ୍ୟ ହୋଇଲେ ତହୁଁ ଶ୍ୱେତ ପିଙ୍ଗଳ
ଦ୍ରବ୍ୟଗ୍ରହ କରି ତହୁଁ ଦେଲେକ ସକଳ
ପଞ୍ଚତିରଶ ପବ ଯେ ପଞ୍ଚଧନୁ ହେଲା
କହୁଛି ତ ନାମ ଶୁଣ ସୁଦେଷ୍ଣାର ବଳା ।
ପିନାକ କୋଦଣ୍ଡ ପୁଣି ଅଜଗବ ଜାଣ
ଶାରଙ୍ଗ ଗାଣ୍ଡୀବ ବୋଲି ଏହି ପଞ୍ଚନାମ ।
ପୁଣି ଉବୁଷଲା ତହୁଁ ଆଉ ଏକ ପବ
ବଂଶୀ ଗୋଟିଏ ତା କଲେ ପିତାମହ ଦେବ ।
ସତ୍ୟ ତ୍ରେତାରେ ରଖିଲେ ତାକୁ ଯତ୍ନକର
ଦ୍ୱାପରେ କୃଷ୍ଣାବତାର ହେଲେ ନରହର ।
ରଙ୍ଗା ଅବତାରେ ଗୋପେ ସୃଷ୍ଟିମେଳ ଅର୍ଥେ
ମନ୍ଦର ଧରିଲେ କୃଷ୍ଣ ଗୋପାଳ ନିମନ୍ତେ ।
କାଳୀୟ ଦଳିଲେ କୃଷ୍ଣ କଂସର ବିବାଦେ
ବୃଷଭାନୁ ସୁତ ରାଧା ନ ଚିହ୍ନନ୍ତେ ହୃଦେ ।
ଦୂତିକା ବେଷି ଅନେକ ରଙ୍ଗ ଦେଲେ ହରି
ପାଦେ ପେଲିଦେଇ ରାଧା ଦେଲେ ଦୂରକରି
ରାଧାର ନିମନ୍ତେ ହେଲେ ବଇହ ଅବଶ
ନିରାଶେ ଉଭିଲେ ହରି ଉଜନ ଦିବସ ।
ଗୁହ୍ଣିବ ସକଳ ତନ୍ତ୍ରା ନ ମାରିବ କଂସ
ମନୁଷ୍ୟ କାୟା ଗୁଡ଼ିବ ଯିବ ନିଜ ଦେଶ ।
ନାରାୟଣଙ୍କୁ ପ୍ରସନ୍ନ ହେଲେ ମହାତମା
ମନେ ଉଭିଲେ ହରି ଅଗ୍ରେ ଦେଖି ବ୍ରହ୍ମା ।
ବ୍ରହ୍ମା ବୋଇଲେ ନିରୁଣ ହେଲେ କେଉଁଅର୍ଥେ
ଗୋପାଳୁଣୀ ରାଧିକା କି ନ ଛୁଇଁଲ ତୋତେ
କହନ୍ତି କେଶବ ପିତାମହଙ୍କୁ ବଚନ
ମାରି କେଶି କଂସ ରମିବି ମୁଁ ବୃନ୍ଦାବନ ।
ସେ ରାଧା ନିସ୍ୱର ହେବେ କରୁଅଛି ମୋତେ
ମଧ୍ୟଲକ୍ଷ ନିସୁବନ କରିବ କେମନ୍ତେ ।

ବଦନ୍ତି ପିତାମହ ଶୁଣ ଦଇତ୍ୟାରି
ଦେବ ମୁଁ ଗୋଟିଏ ଆଣି ଭରନ୍ତ ବାଂଶରୀ ।
ସ୍ତମ୍ଭନ ମୋହନ ବଶ୍ୟ ଆଦି ପଞ୍ଚଶର
ନାମ ଧରି ବଜାଇଲେ ମିଳଇ ଗୁମ୍ଫର ।
ବଂଶୀ ଧରିଣ ବାଇଲେ ରାଧା ନାମ ଧରି
ଦାସୀ କରିବ ଆସି ବାସ ପରିହରି ।
ସେ ମୋହନ ବଂଶୀ ଯହୁଁ ଦେଇଗଲେ ପିତା
ତେଣୁ ହରି ରମିଲେ ଯେ ଗୋପର ବନିତା ।
ଉତ୍ତର ବୋଇଲେ ଜୀବ ଅଟେ ତୋର ଧନ
ସାଧୁ ତୋ ପିତା ଆବର ସାଧୁ ତୋ ଜନନୀ ।
ଧନ୍ୟ ଧନ୍ୟ ଶୁଭହେଲେ ମୁହିଁ ତୋତେ ଭେଟି
ତେଣୁ ଧନ୍ୟ ହେବ ମୋର ଏ ଜୀବନ ଗୋଟି
ଶୁଣ ଏବେ ଉତ୍ତର ଏ ଗାଣ୍ଡୀବର କଥା
ଏଣେ ଘର ନିବାରଣ ହୋଇବ ସର୍ବଥା ।
ଉତ୍ତର ବୋଲେ ଆଶ୍ରିତ ଅଟେ ମୁଁ ତୋହର
କହ କହ ବୃ ଜାଣିଲୁ ଏହା କେଉଁପର ।
ବୃହନ୍ନଳା ବୋଇଲେ ହେ ଶୁଣ ଭୁ ଉତ୍ତର
ମୁଁ ଅଭେଦ ଆତ୍ମା ଅଟେ ପଞ୍ଚ ପାଣ୍ଡବର ।
ବହୁତ ଆଦର ମୋତେ କରୁଥାନ୍ତି ଜାଣ
ଯେହୁ ବୃହନ୍ନଳା ସେହୁ ପ୍ରତ୍ୟକ୍ଷେ ଅର୍ଜୁନ ।
ଉତ୍ତର ବୋଇଲେ କୁହ ସର୍ବଜାଣୁ ଯେବେ
ଅସ୍ତ୍ର ଥୋଇ କେଉଁଆଡ଼େ ଗଲେ ସେ ପାଣ୍ଡବେ
ବୃହନ୍ନଳା ବୋଇଲେ ଯେ କଥା କୁତୂହଳେ
ରାଜ୍ୟଭାର ରଥ ଗଜ ଘୁଡ଼ି ଏକାବେଳେ ।
ପଶାରେ ହାରି ଦ୍ୱାଦଶବର୍ଷ ବନେ ରହି
ଆବର ଅଜ୍ଞାତ ବର୍ଷେ ତେରଦିନ ପାଇ ।
ବର୍ଷେ ତେରଦିନ ମଧ୍ୟେ ହୋଇଲେ ଜାଣନ୍ତା
ପୁଣି ବାରବର୍ଷ ଯିବେ ସତ୍ୟ ଏହି କଥା ।
ହେ ଉତ୍ତର ଦଇବ ଯେ ଦେଲା ତ କଷଣ
ଯୁଧିଷ୍ଠିର ଗଲେ ଏହା କରି ନିରୂପଣ ।
ପ୍ରଥମ ବନବାସରେ ବନେ ଥାଇକରି
ପ୍ରଥମେ ମାଇଲେ ଦୈତ୍ୟ କୁମ୍ଭୀର କାଲସ ।
ହିଡ଼ିମ୍ବିକ ବନେ ହିଡ଼ମ୍ବର ଅନ୍ତକରି
ଏକଚକ୍ର ନଗ୍ରେ ବକ ରାକ୍ଷସକୁ ମାରି ।
ଦ୍ୱିତୀୟ ବନବାସରେ ନିର୍ବାତକବଚ
ଗୋସିଂହ ରଣସିଂହ ଯେ ତାର ସର୍ବବଂଶ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ମଧୁ ମେରୁଶୃଙ୍ଗ ଶୁଣି ଭାଜନ ଅଙ୍ଗିର
ମାଇଲେ ଅନେକ ଦୈତ୍ୟ ସେହୁ ପାଣ୍ଡୁବୀର ।
ଏମନ୍ତେ ଅନେକ ଦୈତ୍ୟ ମାଇଲେ କାନନେ
ଅଜ୍ଞାତବାସେ ରହିଲେ ଏବେ ଷଡ଼ଜଣେ ।
ଧର୍ମକୁ ନ ଲଙ୍ଘନ୍ତି ସେ ସତ୍ୟକୁଳଶୀଳ
ଅଜ୍ଞାତବାସରେ ବଞ୍ଚୁନ୍ତି ଏତେକାଳ ।
ଆବର ତିନଦିବସ ଅଛଇ ଲେଖନ୍ତେ
ତୁ ଗୋପ୍ୟ କର ପାଣ୍ଡୁ ତାଙ୍କ ହୃଦଗତେ
ଉତ୍ତର ବୋଇଲା ସତ୍ୟ ସତ୍ୟ କଲି ମୁହିଁ
ଧର୍ମ ଲଙ୍ଘିଲେ ଜନମି ଦ୍ରୋହକୁ କରଇ ।
ନରଞ୍ଜନ ଆଗରେ ମୁଁ ଗରଳ ଭକ୍ଷଇ
ତହିଁର ଯେତେକ ପାପ ତାହା ଭୋଗିବଇଁ ।
ଜଳେ ଉଲଗ୍ନେ ପଶନ୍ତେ ଯେତେ ହୁଏ ଦୋଷ
ସେ ଦୋଷ ଲାଗଇ ମୋତେ କଲେ ମୁଁ ପ୍ରକାଶ
ବୃହନ୍ନଳା ବୋଇଲା ତୁ ଶୁଣ ହୋ ବିରାଟି
ତୋ ରାଜ୍ୟେ ଛନ୍ତି ପାଣ୍ଡବ ବୀର ପାଞ୍ଚଗୋଟି
ଉତ୍ତର ଆଶ୍ଚର୍ଯ୍ୟ ବୃହନ୍ନଳାର ବଚନେ
ଏ କଥା ପ୍ରତ୍ୟୟ ମୁହିଁ କରିବି କେସନେ ।
ରାଜସୂୟ ଯଜ୍ଞ ଯୁଧିଷ୍ଠିର ଦେବ କଲେ
ପଞ୍ଚାଶତ ରଥ ଘେନି ପିତା ଯାଇଥିଲେ ।
ବହୁସୈନ୍ୟ ଘେନି ତକ୍ଷଣାକେ ଅଲଖାଇ
ଷୋଳଦିନ ରହିଲେ ସେ ଦର୍ଶନ ନ ପାଇ ।
ଭୀମ ସେ ଯୁଧିଷ୍ଠିରଙ୍କର ସାନ ଭ୍ରାତ
ଶୂନ୍ୟେ ନେଲା ମୋ ପିତାକୁ ଗଲେ ଦେଇହାତ
ଯୁଧିଷ୍ଠିର ପାଦତଳେ ପକାଇଲେ ନେଇ
ପାଦମାହକ ଦେଖିଲା ପିତା ମୋର ତହିଁ ।
ଲକ୍ଷେ ନରେନ୍ଦ୍ର ଯାହାର ପାଦତଳେ ଲୋଟି
ପ୍ରତିହାରପଣେ ହରି ଯାର ପାଦେ ଖଟି ।
ଲକ୍ଷେକ ନୃପତିଙ୍କର ଅଟନ୍ତି ମୁକୁଟ
ସେ ଯୁଧିଷ୍ଠି ମୃଦୁ ବସେ ସର୍ବଙ୍କ ଲଲାଟ ।
ଏତେ ପୁଣ୍ୟ କାହୁଁ ହେବ ବିରାଟଙ୍କ ବଂଶେ
ତାହାଙ୍କର ପାଦରଜ ପଡ଼ିବ ମୋ ଦେଶେ ।
ଶୁଣି ପ୍ରତିଉତ୍ତର ଯେ ଦେଲେ ବୃହନ୍ନଳା
ଆଜ ଯୁଧିଷ୍ଠି ତୋ ରାଜ୍ୟେ ଛନ୍ତି ବିଜେକରି ।
ଯା ସଙ୍ଗେ ପଶା ଖେଳଇ ତୋ ପିତା ବିରାଟ
ସନ୍ନ୍ୟପଣ୍ଡା ହୋଇ ତାଙ୍କ ନାମ କଙ୍କଭଟ୍ଟ ।
ଅନନ୍ତ ବଚନେ କୁଣ୍ଡେ ନ ଆଣନ୍ତି ଯେବେ
ସେ ଅଟନ୍ତି ଯୁଧିଷ୍ଠିର ଜାଣ ତୁହି ଏବେ ।
ଉତ୍ତର ଆଶ୍ଚର୍ଯ୍ୟ ହେଲା ଏହି କଥା ଶୁଣି
ଦେଖିଲେ ତଦନ୍ତ କରି ବୁଝିବା ପ୍ରମାଣି ।
ହେମାଦନ ପର୍ବତ ପ୍ରାପ୍ତ ଭୀମକାୟେ
ଗୋପନ ହୋଇଲା ସେହୁ କେବଣ ଉପାୟେ ।
ନଷଠି ପଉଟିରେ ଦନେ ତା ଭୃପତି
ଏ ଭୋଜନ କେଉଁରୂପେ ଦେଲେ ମତ୍ସ୍ୟପତି
ତୋହର ବଚନ ଯେବେ କରିବି ମୁଁ ସତ
ଏଥିର ବୃତ୍ତାନ୍ତ ମୋତେ କହଦେ ସଙ୍ଗାତ ।
ଶୁଣି ବାବୁ ଉତ୍ତର ହୋ ବୋଲେ ଫାଲଗୁନି
ଏହିବାକ୍ୟ ହୃଦଗତେ ଲସ୍ଥିର ତୁ ଘେନ ।
ତ୍ରୈଲୋକ୍ୟ ଭିତରେ ଯାର ମହିମା ଦୁର୍ଲ୍ଲଭ
ଦିବସ ବଞ୍ଚେ ହୋଇ ସେ ସୁଆର ବଲ୍ଲଭ ।
ମହାମତ୍ତ ବ୍ୟାଘ୍ରକୁ ଯେ ବଧକଲେ ଯୁଦ୍ଧେ
ପ୍ରଚଣ୍ଡ ମଲ୍ଲ ମାଇଲେ କଉତୁକ ଶ୍ରଦ୍ଧେ ।
କୀଚକ ଦ୍ରୌପଦୀଠାରେ କଳାଇଲା ମତି
ଗୁପ୍ତେ ଭୀମ ପଠାଇଲେ ତାକୁ ଯମକତି ।
ତୋର ପିତାକୁ ନିଗର୍ତ୍ତେ ଯେବେ ବାନ୍ଧିନେଲା
ସୈନ୍ୟ ମାରି ବିରାଟକୁ ଉଦ୍ଧରି ଆଣିଲା ।
ପାଣ୍ଡବସୁନ୍ଦର ସେହୁ ଅଟେ ବଳବନ୍ତା
ସେ ବୃକୋଦର ଅଟନ୍ତି ବଳେ ଜଗଜ୍ଜିତା ।
ଉତ୍ତରକୁମର ବୋଲେ ଶୁଣ ବୃହନ୍ନଳା
ଭ୍ରାନ୍ତି ନ ଫିଟିଲା ଜାଣ ତଥାପି ମୋହର ।
ବୃହନ୍ନଳା ବୋଇଲା ତୁ ଶୁଣ ହୋ ଉତ୍ତର
ଅଗ୍ନି ଉଦାର ବାହାର ଯାହାର ଶରୀର ।
ସୈରିନ୍ଧ୍ରୀ ନାମରେ ଯେହୁ ମୁକୁଳିତ କେଶ
ଯାହାର ଲୁବ୍ଧେ କୀଚକ ପ୍ରାଣେ ହେଲା ନାଶ
ପଞ୍ଚାଳ ଦେଶର ରାଜନନ୍ଦିନୀ ପଞ୍ଚାଳୀ
ପ୍ରତିଜ୍ଞା ସାଧିବା କେଶ ଯାହାର ମୁକୁଳି ।
ନୃପତି ନିମନ୍ତେ ନାମ ସୈରିନ୍ଧ୍ରୀକୁ ବହି
ଦିନ ହରଣ ନିମନ୍ତେ ଛନ୍ତି ଗୋପ୍ୟେ ରହି ।
ସୁନ୍ଦର ସୁକୁମାର ଯେ ପୁରୁଷ ଅଟଇ
ଆକାଶ ମଣ୍ଡଳେ ଯାକୁ ପାଟନ୍ତି ଅଛଇ ।
ହିମବନ୍ତ ବାଦେ ପୃଥ୍ୱୀ ଧରେ କୁନ୍ତମୁନେ
ଛନ୍ଦ ପ୍ରାପ୍ତ ବୁଲଇଲା ଧରି ଅଭିମାନେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୁନ୍ଦର ସୁକୁମାର ସେ ପଣ୍ଡିତ ସୁବୁଦ୍ଧି
କଞ୍ଚୁଚ ଦର୍ଶନେ ଜାଣେ ଲକ୍ଷେ ଚିକିତ୍ସା ସାଧି ।
ଗୋପ୍ୟ ଜନ୍ମେନ୍ତ ଗ୍ରନ୍ଥିକା ନାମେ ବାଜପାଳ
ସର୍ବଗୁଣେ କୁଶଳ ସେ କୁମାର ନକୁଳ ।
ଯା ଅଶ୍ୱ ସାଜନ୍ତେ ଭୟ ପାଏ ପରଥାଟ
ନ ଜଣିଲେ ନ ବାହୁଡ଼େ ଯେତ୍ତେ ପରାଗସ୍ତ ।
କହିଲେ ନ ସରନ୍ତ ଯେ ଏହାଙ୍କ ମହିମା
ସ୍ୱର୍ଗେ ପ୍ରକାଶ ହୋଇଛି ଯାହାଙ୍କ ବଡ଼ିମା ।
ନାମ ସଙ୍କେତ ନାଟକ ଶତ୍ରୁ ଦର୍ପଭଞ୍ଜା
କାଳଦଣ୍ଡ ତେଜଇ ଯା ନାମେ ଧର୍ମ ରାଜା ।
ବୃହନ୍ନଳା ବୋଲେ ଶୁଣ ତୁ ବିରାଟ ବଳ
ମନ୍ତ୍ରୀ ଚୂଡ଼ାମଣି ସହଦେବ ଗୋରୁ ରକ୍ଷ ।
ତୋର ପିତାକୁ ଅସାଧ୍ୟ ହୋଇଲା ପୃଥୁନା
ଲକ୍ଷେକ ରାଜାକୁ ସେତ୍ତେ ନ କଲା ଗଣନା ।
ସାତକ୍ଷୌଣୀ ବଳ ସେନ ସାଜିଲା ବିରାଟ
ପୃଥୁନାର ଶୃଙ୍ଗଘାତେ ନ ବଞ୍ଚିଲେ ଥାଟ ।
ଦୁଇକ୍ଷୌଣୀ ଦଳସେନ ଫେଡ଼ିଲା ସେ ଦେଶେ
ପୃଥୁନା ବଶ ହୋଇଲା ଯାର ବେଣୁ ଘୋଷେ
ଯାହାର ନାମ ଧରନ୍ତେ ସର୍ବରୋଗ ତୁଟି
ଭୂତ ଭବିଷ୍ୟତ ଜ୍ଞାତା ଯାର ନାମଗୋଷ୍ଠି ।
ଯୋରୁଙ୍କୁ ତାରବାପାଇଁ ଯାର ମନ୍ତ୍ରବୁଦ୍ଧି
ତହୁଁ ସେତ୍ତେ ତନ୍ତିପାଳ ଗୋପାଳ ପ୍ରସିଦ୍ଧି ।
ଉତ୍ତର ବୋଇଲେ ବୃହନ୍ନଳା ମୁଖ ଚାହିଁ
ଏ ବାରତା ପାଇଲି ମୁଁ ପାର୍ଥ ଛନ୍ତି କାହିଁ ।
ବୃହନ୍ନଳା ବୋଲେ ଶୁଣ ଉତ୍ତର ବଚନ
ମୁହିଁ ସେ ପାର୍ଥ ଅଟଇ ଇନ୍ଦ୍ରଙ୍କ ନନ୍ଦନ ।
ଉପହାସ କର ସେତ୍ତେ ନାକେ ଦେଇ ହସ୍ତ
ବାବୁ କେଉଁରୂପେ ତୁହି ବାସବର ସୁତ ।
ଶ୍ରୀହରି ଅଭେଦ ଆତ୍ମା ଯେବଣ ପୁରୁଷ
ନପୁଂସକ ଲକ୍ଷଣ କି ତାହାର ଉଚିତ୍ୟ ।
ବୃହନ୍ନଳା ବୋଇଲେ ହୋ ସତ୍ୟମୋର ବାଣୀ
ପୁରୁଷ ଲକ୍ଷଣ ମୋର ଦେଖିବୁ ଏକ୍ଷଣି ।
ଉତ୍ତରକୁମର ବୋଲେ ତୋର କେଉଁ ଶାପେ
ହୀନ ଲକ୍ଷଣ ହୋଇଲା କହ ଏତିରୂପେ ।
ବୃହନ୍ନଳା ବୋଲେ ମୁହିଁ ସ୍ୱର୍ଗେ ଗଲି ବାରେ
ଅନେକ ଉତ୍ସବ ଇନ୍ଦ୍ର କଲେ ମୋ ଆଗରେ ।

ଆସ୍ଥାନେ ବାସବ ମୋତେ ବସାଇଲା କୋଳେ
ଅପସରାଏ ବେଢ଼ିଲେ ଆସି ସେତ୍ତକାଳେ ।
ଆଶା ଜାଣିବା ମାତ୍ରକେ ଇନ୍ଦ୍ର ଦେଲେ ପେଷି
ଅନେକ ଚିନ୍ତମୁଁ ମୋତେ ହୋଇଲା ଉର୍ବଶୀ
ସତ୍ୟଯୁଗେ ଇନ୍ଦ୍ର ହେଲେ ପୁରୁରବା ରାଜା
ସେ ଯୁଗେ ଉର୍ବଶୀ ହୋଇଥିଲା ତାଙ୍କ ଭାର୍ଯ୍ୟା
ପୁରୁରବା ଅନ୍ତେ ଇନ୍ଦ୍ର ହୋଇଲେ ନହୁଷ
ତାହାଙ୍କ ସଙ୍ଗେ ଉର୍ବଶୀ କରଇ ବିଳାସ ।
ପୁଣିହିଁ ଇନ୍ଦ୍ର ପଦକୁ ପାଇଲେ ଯଯାତି
ଉର୍ବଶୀ ତାଙ୍କର ହେଲା ପୁଣି ପ୍ରିୟା ଅତି ।
ପୁଣି ଇନ୍ଦ୍ର ପଦେ ତହିଁ ବସିଲେ ଦୁଷ୍ମନ୍ତ
ଉର୍ବଶୀ ଯାଇଁ ତାହାଙ୍କଠାରେ ହେଲା ରତ ।
ଏବେ ଯେ ଇନ୍ଦ୍ର ଅଟନ୍ତି ଅମରମଣ୍ଡଳେ
ମୋହର ପିତା ଅଟନ୍ତି ସେହି ଆଖଣ୍ଡଳେ ।
ସେହି ଉର୍ବଶୀ ପିତାର ହୋଇ ପ୍ରିୟବନ୍ତୀ
ମୁହିଁ ଜାଣୁ ଜାଣୁ କେତ୍ତେ କରନ୍ତ ଅନୀତି ।
ବଂଶର ଗୁରୁ ବୋଲିଣ ତାକୁ ନାସ୍ତି କଲି
ରାଗେ ଶାପଦେଲେ ନପୁଂସକ ହୁଅ ବୋଲି ।
ମୁଁ ସାଲଙ୍କାବାମା ମୋତେ କଲୁ ତୁ ନିରାଶ
ଅନ୍ୟ ସ୍ତ୍ରୀସଙ୍ଗେ ତୋର ନ ହେଉ ବିଳାସ ।
ଉର୍ବଶୀ ଶାପ ଜାଣିଲେ ସହସ୍ର ନୟନ
ସାଧୁ ସାଧୁ ବୋଲି ମୋତେ କଲେ ବହୁଧନ୍ୟ
ଉର୍ବଶୀକୁ ମଘବାନ କଲେ ବହୁ କୋପ
ନିଷ୍କଳଙ୍କ ପୁତ୍ରକୁ ତୁ ଦେଲୁ ଏଡ଼େ ଶାପ ।
ଉର୍ବଶୀଙ୍କ କୋପେ ମୋତେ ହୋଇଲେ ସଦୟ
ଏ ଶାପ ମଙ୍ଗଳ ହେଉ ତୋର ଧନଞ୍ଜୟ ।
ଗୁପ୍ତବନବାସେ ଯେବେ ହୋଇବ ଅଜ୍ଞାତ
ଅନ୍ୟୋଅନ୍ୟ ଗୁପତରେ ଥିବ ସ୍ୱରଭ୍ରାତ ।
ଦେବନ ଭୁଜେ ତୋହର ଯେ ଗୁଣଚିହ୍ନ ଫୁଟେ
କାହିଁ ତାକୁ ଲୁଚାଇବୁ ଏହାକୁ ସଙ୍କଟେ ।
ପରମସାଧବୀ ଏହା କୋପରେ କହିଲା
ମହତଙ୍କ ଭାଷା ଏବେ ମୋତେ ହିତ ହେଲା ।
ମୋହର ବଚନ ଘେନ ଉର୍ବଶୀ ଆକାଶେ
ଅମର ପୁରେ ଅଛଇ ସେ ପୁରୁଷ ବେଶେ ।
ତୁ ଯେ ପୁଚ୍ଛାକଲୁ ମୋତେ ମୋହର ଚରିତ
ନପୁଂସକର ଚରିତ ହୋଇଲା ଏମନ୍ତ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଉତ୍ତର ବୋଲେ ଅର୍ଜୁନ କହେ ଦଶନାମ
ତାହା କହିଲେ ତୋତେ ମୁଁ କରଣ ପ୍ରଣାମ ।
ଅର୍ଜୁନ ବୋଲେ ଉତ୍ତର ଏ ଗହନ କଥା
ତୁ ଯେବେ ପୁଚ୍ଛିଲୁ ତାର କହିବ ବାରତା ।
ଧୃତରାଷ୍ଟ୍ର ହେଲେ ଅନ୍ଧ ରାଜ୍ୟକୁ ଅଯୋଗ୍ୟ
ସେଥିର ନିମନ୍ତେ ପାଣ୍ଡୁ କରେ ରାଜ୍ୟ ଭୋଗ
ସେ ଧୃତରାଷ୍ଟ୍ରଙ୍କୁ ପାଣ୍ଡୁ ପୁଣି ରାଜ୍ୟ ଦେଇ
ଦୁଷ୍ଟ ନିବାରିଲେ ଯାଇ ବନଗାମୀ ହୋଇ ।
ପାଣ୍ଡୁଙ୍କ ସଙ୍ଗେ କୋଇନ୍ତା ମାଦ୍ରୀ ଦୁଇରାଣୀ
ଶତଶୃଙ୍ଗ ପର୍ବତରେ ରଖାଇଲେ ଆଣି ।
ସେ ସୁରନଦୀ ତୀରରେ ଅର୍ଜୁନର ବନ
ତହିଁ ଜନମିଲି ଚୈତ୍ର ହିଶିଷ୍ଣାର ଦିନ ।
ଶୁକ୍ଳଙ୍କର ବାର ପୁଣି ଉତ୍ତରଫାଲଗୁନୀ
ସନ୍ଧେକୁନ୍ତୀଦେବୀ ମୋତେଛନ୍ତି କୋଳେଘେନି
ଶ୍ରୀକରରେ ଅର୍ଘ୍ୟ ଘେନି ପାଣ୍ଡୁ ଯେ ରାଜନ
ପ୍ରଥମେ ମୋ ନାମଗୋଟି ଦେଲେ ଅରଜୁନ
ଜଣାଇଲେ ବୃହସ୍ପତି ରାଇ ସ୍ୱସ୍ତ୍ରଯୋନ
ବୃହସ୍ପତି ମୋର ନାମ ଦେଲେ ଫାଲଗୁନ ।
ରଇବତ ପର୍ବତେ କୃଷ୍ଣ ଫଗୁ ଖେଳ
ଏମନ୍ତ କାଳେ ଶବଦ ଶୁଭେ ହୁଳହୁଳ ।
ଅଦଭୁତେ ଶଙ୍ଖ ଶୁଣି ପ୍ରଭୁ ଦେବରାଜେ
ବୈନତେୟ ପିଠିରେ ସେ କଥିଲେ ଯେ ବଜେ
ଆସିଣ ଦେଖିଲେ ସେହୁ ମୋର ବର୍ଣ୍ଣ ଚହ୍ନ
କୋଳରେ ଧଇଲେ ତହୁଁ ଦେବ ଜନାର୍ଦ୍ଦନ
ବହୁରତ୍ନ ଆଭରଣ ଦେଇ ବନମାଳୀ
ନାମ ଦେଇଛନ୍ତି ମୋର ହିଶିକୃଷ୍ଣ ବୋଲି ।
ଅନ୍ୟାୟ କରିଲି ବଜ୍ରକବଚଇ ସୁତ
ବାସବଙ୍କ ବଚନେ ମୁଁ ବଧିଲି ନିବାତ ।
ସ୍ୱର୍ଗରେ ଅନେକ ପୂଜା କଲେ ଦେବରାଜା
କରୀଟ ମୁକୁଟ ଶିରେ ବାନ୍ଧିଲେ ବଡ଼ୋଜା ।
ଅନେକ ରତ୍ନେ ଭୂଷଣ ଇନ୍ଦ୍ର ମୋତେ କଲେ
ମୁକୁଟ ବାନ୍ଧି କରୀଟୀ ନାମ ମୋର ଦେଲେ ।
ବଶ୍ୱାବସୁ ଗନ୍ଧର୍ବର ଭାର୍ଯ୍ୟା ରତ୍ନମଣି
ତାକୁ ନେଇଥିଲା ବଜ୍ରକବଚର ନାତି ।
ହିରଣ୍ୟକବଚ ମାରି ଆଣିଲି ତା ପ୍ରିୟା
ଗନ୍ଧର୍ବ କଲା ଯେ ମୋତେ ଅନେକ ସୁବସ୍ଥା ।

ହିରଣ୍ୟ ବୈଡୂର୍ଯ୍ୟ ପୁରରେ ଥିଲା ଉହ୍ନରାଜ
ଶୁଦ୍ଧ ସ୍ଫଟିକକୁ ଜିଣି ଦଶେ ତାର ତେଜ ।
ତାହା ଘେନି ବଶ୍ୱାବସୁ ପୂଜା କଲା ମୋତେ
ଶ୍ୱେତବାହନ ମୋ ନାମ ଦେଲା ହୃଷ୍ଟଚିତ୍ତେ
ଶୁଣ ବାବୁ ଉତ୍ତର ହେ ସୁଦେଷ୍ଣା ନନ୍ଦନ
ଯେତେବେଳେ ଖାଣ୍ଡବକୁ କଲି ମୁଁ ଦହନ
ଅଗ୍ନିଦେବତା ଅନେକ ତୃପତ ହୋଇଲେ
ଶିବ ତହୁଁ ଆଣି ମୋତେ ଗାଣ୍ଡିବକୁ ଦେଲେ
ଏ ଧନୁ ହସ୍ତରେ ଥିଲେ ସର୍ବ ହେବ ଜୟ
ତେଣୁକରି ନାମ ମୋର ଦେଲେ ଧନଞ୍ଜୟ ।
ସୁଗନ୍ଧ ହରଣେ ହନୁ ହୋଇଲେ ବିବାଦୀ
ଶରଜାଳେ ସାଗରକୁ ଦେଲି ମୁହିଁ ବାନ୍ଧି ।
ଶତେ ତଉବଂଶ ପୂର୍ଣ ତାର ପାଦପ୍ରତି
ଏତେ ବଢ଼ିକି ବାନ୍ଧିଲି ଦକ୍ଷିଣ ମୁରତି ।
ଅନେକ ପ୍ରଶଂସା ମୋତେ କଲେ ହନୁମନ୍ତ
ତେଣୁ ସେହୁ ନାମ ମୋର ଦେଇଛନ୍ତି ପାର୍ଥ
ଯୁଗାଦି ତୀର୍ଥରେ ଗଙ୍ଗାଜଳେ ସ୍ନାନକାଳେ
ଅବେଦପୁରୁଷ ବୋଲି ଏକଇ ଚଣ୍ଡାଳେ ।
ନଶାକର ଦୁରାତ୍ମଇ ରୂପବନ୍ତି ଦେଖି
ବଳାତ୍କାରେ ଘେନିଗଲା ସେ ଶଚୀ ଦେବୀଙ୍କି
ଅନେକ ସମର ତହୁଁ ହେଲା ମେରୁ ପୃଷ୍ଠେ
ବୃନ୍ଦାରକଗଣେ ବନେ ଜିଣିଲେ ପାପିଷ୍ଠେ ।
ମୁହିଁ ସେକାଳେ ଥିଲି ଯେ ଅସ୍ୱଜନବନେ
ଶଚୀଙ୍କୁ ଘେନିଣ ଚଳଯାନ୍ତେ ଯାତୁଧାନେ ।
ଶଚୀଦେବୀ ଡାକ ଦେଲେ ଅର୍ଜୁନ ତୁ ରଖ
ତୋହର ପରି ପୁନ ଥାଉଁ ହେଲି ମୁଁ ନରେଖ
ଏହିବାକ୍ୟ ଶଚୀଦେବୀ ବୋଲନ୍ତି ବିକଳେ
ଦୁରନ୍ତକ ବଳ ମୁହିଁ ଧ୍ୱଂସିଲଇଁ ସେଳେ ।
ସର୍ବ ଶୁଭେ ସେ ଚଣ୍ଡାଳ ବହୁଜନ ଧ୍ୱଂସି
ଦିବ୍ୟଭୁବନରେ ଦିବ୍ୟସ୍ଥାନେ ଦେଲି ପେଷି
ତହୁଁ ସେହି ପୂଜ୍ୟଲୋକେ ସନ୍ତୋଷ ହୋଇଲେ
ସବ୍ୟସାଚୀ ବୋଲି କରି ମୋ ନାମ ଦେଲେ
ବାବୁ ସଂଗ୍ରାମେ ନସତ ହୁଏ ଯେଉଁ କ୍ଷତ୍ରୀ
କେଶ ମୁକୁଳା ଉଲଗ୍ନ ବିଅସ୍ତ୍ର ବିରଥୀ ।
ମୁଖେ ଅଙ୍ଗୁଳି ଭରଣ କରନ୍ତି ଯେ ସୁତ
ଶର ନ ପେଷଇ କେବେ ମୁହିଁ ତାଙ୍କ ପ୍ରତି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସର୍ବ ଯୋଦ୍ଧା ଏ ବୋଲନ୍ତି ତୋ ଜୀବନ ଧନ୍ୟ
ଗାଣ୍ଡୀବ ବୋଲଣି ନାମ କହିଲେ ଦ୍ରୋଣ ।
ବାବୁ ରାଜସୂୟଯାଗେ ଦିଗବିଜୟେ କାଳେ
ଅନେକ ବୀରଙ୍କୁ ଜିଣିଲି ମୁଁ ବଳେ ।
ବହୁ ପ୍ରଶଂସା ପାଇଲି ଏ ମର୍ତ୍ତ୍ୟମଣ୍ଡଳେ
ତେଣୁ ମୋ ନାମ ବିଜୟ ଦେଲେ ମର୍ତ୍ତ୍ୟପାଳେ
ଏ ମୋହର ଦଶନାମ ଶୁଣିଲୁ ବିରାଟି
ଆଜହୁଁ ଦୁଷ୍ଟ ଚମାନ ତୋର ଗଲା ତୁଟି ।
ପ୍ରତ୍ୟକ୍ଷରେ ଦେଖ ଏବେ କୁମାର ଉତ୍ତର
ନପୁଂସକ ଲକ୍ଷଣ ଯେ ଫିଟିଗଲା ମୋର ।
ଉତ୍ତର ଯେ ଶତବାର କରଣି ପ୍ରଣାମ
ବୋଲେ ତୁମ୍ଭେ ଶରବର ପୁରୁଷ ଉତ୍ତମ ।
ଜୟ ଜୟ ତୁ ପାଣ୍ଡବ ଶୁଭ ଗୁଣରାଶି
ସବ୍ୟସାଚୀ ପ୍ରତ୍ୟକ୍ଷେ ଅଟୁ ସୋମବଂଶୀ ।
ଅନେକ ପୁଣ୍ୟ ସ୍ୱାମି ମୁଁ କରିଥିଲି ପୂର୍ବେ
ଯେଣୁ ନାରାୟଣ ରୂପ ଦେଖିଲି ମୁଁ ଏବେ
ଜଗତସୋଦର ନାଥ ରକ୍ଷାକର ପାର୍ଥ
ଶ୍ରୀକୃଷ୍ଣ ସାରଥି ହୋଇ ବାହାନ୍ତି ଯା ରଥ ।
ଯାଧୁ ସୁଲଭ ହୋଇଲ ମତ୍ସ୍ୟଦେଶ ପୁରୀ
ଯାଧୁ ସୁଲଭ ହୋଇଲେ ମୋର ନରନାରୀ
ସାଧୁ ସାଧୁ ସୁଲଭ ଏ ବିରାଟର ବଂଶ
ମମ ହୃଦେ ପ୍ରାପ୍ତ ସ୍ୱାମି ପରମପୁରୁଷ ।
ସୁଭଦ୍ରାଙ୍କ ବଲ୍ଲଭ ହେ ଶ୍ରୀକୃଷ୍ଣ ଜୟେ
ଶୁଭ୍ରମୂର୍ତ୍ତି ଶାରଳା ଯେ ହୃଦଗତେ ଧାୟେ ।

ଶବପିଣ୍ଡ ଓ ଦେବଦତ୍ତଶଙ୍ଖ
ବିବରଣ ଏବଂ ଅମ୍ବାସୁର ବଧ

ଅଗସ୍ତି କହନ୍ତି ଶୁଣ ଅହେ ମନୁଗଣ
ଏଥୁ ଅନନ୍ତରେ ଯାହା ହୋଇଲା ଘଟନ ।
ଅର୍ଜ୍ଜୁନଙ୍କଠାରୁ ଶୁଣି ସୁଦେଷ୍ଣା କୁମର
ବୋଇଲେ ପୂଜ୍ୟପାଦ ମୁଁ ଶରଣ ତୁମ୍ଭର ।
ତେଣୁକର ଅଟ ତୁମ୍ଭେ ହିଁ ଶ ନାରାୟଣ
ପରମାନନ୍ଦ ପୁରୁଷ ତୁମ୍ଭେ ମୋ କାରଣ ।
ଅର୍ଜ୍ଜୁନ ବୋଲେ ଉତ୍ତରେ ବେଗେ ବୃକ୍ଷେଉଠ
ତୁର ଧନୁ ଅଠ ତୋଣ ଅଥ ନେଇ ହୋଟ ।

ନଯୂନ ତୁଳ ଉତ୍ତର ବୃଷ କଲା ଚୋଳ
ଧାତକାରେ ଯାଇ ସେହୁ ଧଇଲକ ଡାଳ ।
ଧନୁ ତୋଣକୁ ଅର୍ଜ୍ଜୁନ ଦେଲେକ ବଢ଼ାଇ
ଧରଇ କୁମର ତାହା ଡାଳ ଟିକେ ଥାଇ ।
ଧନୁ ତୋଣମାନ ନେଇ ଥୋଇଲା ହୋଟରେ
ବିରାଟ କୁମର ବୃକ୍ଷୁଁ ଓହ୍ଲାଇଲା ଖରେ ।
ମୃତପିଣ୍ଡକୁ ବୋଇଲେ ଲଗ ଯାଇ ବୃକ୍ଷେ
ସ୍ଥାଇର ସଦୃଶେ ଯାଇ ଲଗିଲା ପ୍ରତ୍ୟକ୍ଷେ ।
ଉତ୍ତର ପଚ୍ଛରେ ଶୁଣ ଆହେ ଅର୍ଜ୍ଜୁନ
ଏ ମୃତ ପିଣ୍ଡର କଥା ଅଟଇ କେମନ ।
କର ଚରଣ ଶରୀର ତାର କିଛି ନାହିଁ
ମୁଖ ବିସ୍ତାରେ କରୂପେ ରବ ସେ ବଇର ।
ଘୋରରଡ଼ି ଘାତରେ ଯେ କମ୍ପାଏ ବ୍ରହ୍ମାଣ୍ଡ
ଅବଭୂତ ବନ୍ଧନରେ ବପାଁ ଏ ପ୍ରଚଣ୍ଡ ।
ଅର୍ଜ୍ଜୁନ ବୋଇଲେ ଶୁଣ ଉତ୍ତରକୁମାର
ନିବାତଯୁଦ୍ଧେ ଏହାର କଲି ଉପକାର
ବୃହଦ୍ଧ୍ୱଜ ପୁତ୍ର ନାମ ମହାବୁଦ୍ଧି ବୋଲି
ଚଣ୍ଡଗନ୍ଧର୍ବ ପୁତ୍ର ମା ପରଚଣ୍ଡ ବଳ ।
ଏହାର ମାତାର ନାମ ଅଟଇ ଧୀମତୀ
ବାସବଙ୍କର ଅଟଇ ସେହୁ ପଣନାତି ।
ଏହାର ଭାରଯା ନାମ ଅଟେ ସୁରମୋହ୍ନ
ବଳେ ନିର୍ବାତକବଚ ଗଲା ତାକୁ ନେଇ ।
ନିର୍ବାତକୁ ବଧ କରି ଆଣିଲି ସେ ବାଳୀ
ଭାର୍ଯ୍ୟା ପାଇ ପ୍ରୀତ ହେଲା ସେ ପ୍ରଚଣ୍ଡ ବଳୀ
ମୋତେ ବୋଇଲା ମାଇଲ ମୋ ଜାୟାବଇରୀ
କହ କେଉଁ ଉପକାର କରିବ ତୁମ୍ଭର ।
ଯେଉଁପରି ମନୋବାଞ୍ଛା କହ ସେହିପରି
ଅବଶ୍ୟ ପୂର୍ଣ୍ଣ କରିବି ବୋଲି ସତ୍ୟକରି ।
ମୁଁ ବୋଇଲି ତୁ ପ୍ରସନ୍ନହେଲୁଯେବେ ମୋତେ
ଶମୀ ବୃକ୍ଷେ ଅସ୍ତ୍ର ମୋର ଜଗିବୁ ଅଜ୍ଞାତେ ।
ବାବୁ ମହତଙ୍କ ବାକ୍ୟ ନ ତୁଟଇ ଆଜ
ସତ୍ୟ ବନ୍ଧନରେ ସେହୁ ହୋଇଛି ବନ୍ଧନ ।
ଅନ୍ୟ ଗନ୍ଧର୍ବେ ଏ ସ୍ଥାନେ ଆସୁଛନ୍ତି ବୋଲି
ତେଣୁକରି ବିକଟାଳେ ବପଇ ବୋବାଇ
ବାଆଁ ବିସ୍ତାରରେ ଗନ୍ଧ ତା ମୂତ୍ର ତୁଟଇ
ଆଡ଼ଘର୍ଷେ କୋଣେଯାଏ ନ ଆସନ୍ତି କେହି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସେହି ବିଦ୍ୟାଧରି ପଢ଼ିଅଛୁ ଏହି ଭାବେ
ତାହା ଭିଳ କେ ରଖିବ ଏ ଅସ୍ତ୍ରକୁ ଲଭେ ।
ଉତ୍ତର ବୋଇଲା ସ୍ୱାମୀ ଏ ବୃକ୍ଷମହିମା
ଏହି ଅସ୍ତ୍ର ବହିଛନ୍ତି କେଉଁ ମହାତମା ।
ସୁନ୍ଦର କରିଛି ଏହି କୋଟ ମଧ୍ୟସ୍ଥାନ
ମହୀ ଭାର ନ ସହନ୍ତି ସହିଲା କେସନ ।
ଶୁଣ ହୋ ଉତ୍ତର ବୋଲି ବୋଲେ ଫାଲଗୁନ
ଏ ବୃକ୍ଷ ହରିହରଙ୍କ ଜାଣ ଭୃତ୍ୟଜନ ।
ଏକଅଙ୍ଗ ଅଟେ କଳା ଏକଅଙ୍ଗ ଧଳା
ପ୍ରତ୍ୟକ୍ଷେ ଦେଖୁଛ ଏହା ବିରାଟଉଦଳା ।
ଯେବଣ ଅସ୍ତ୍ରର ଭାର ନ ସହଇ ମେରୁ
ହରିହର ଦେବତାଏ ବହିଲେ ଅଙ୍ଗରୁ ।
ଅର୍ଜ୍ଜୁନ ନପୁଂସକରୂ ଯେବେ ପାଇଗଲା
ଦେବଦତ୍ତ ଶଙ୍ଖ ଆଣି ମାତଳି ଯେ ଦେଲା ।
କଣ୍ଠ ମୁକୁଟ ବୀରବେଶ ଅଳଙ୍କାର
ମାତଳି ଆଣି ଭୂଷଣ କରିଲା ଶରୀର ।
ଉତ୍ତର ପଚାରେ ଦେବଦତ୍ତ ଶଙ୍ଖ ବୀର
ଏ ଶଙ୍ଖ ଗୋଟିକୁ ସ୍ୱାମି ପାଇଲୁ କ କାହିଁ ।
ଅର୍ଜ୍ଜୁନ ବୋଇଲା ବାବୁ ଶୁଣ ତୁ ଉତ୍ତର
ଅଳକାପୁର ଠାକୁର ଅଟନ୍ତି କୁବେର ।
ଚନ୍ଦ୍ରଭାଗାର ତୀର୍ଥରେ ସେହୁ ସ୍ନାନ କରି
ନିତ୍ୟ ପ୍ରତି ତହିଁରେ ସେ ନିତ୍ୟକର୍ମ ସାରି ।
ଅମ୍ବାସୁର ବୋଲି ବାସକରି ପଣନାଥ
କଦମ୍ବାସୁର ବୋଲଣ ତାହାର ସନ୍ତତି ।
ପୂର୍ବଦିଗେ ଅମ୍ବୁଜନେ ତାହାର ଯେ ବାସ
ଅର୍କତୀର୍ଥକୁ ସେହୁ ଯେ ବଳାଏ ମାନସ ।
ତାହାର ଭାରିଯା ଅଟେ ପରମ ସୁନ୍ଦରୀ
ସେ ନିତ୍ୟ ଚନ୍ଦ୍ରଭାଗାରେ ସ୍ନାନ ଯାଇ କରି ।
କୁବେର ଭାରିଯା ନାମ ଅଟେ ହାରାବତୀ
ଅମୂଲ୍ୟ ରତ୍ନ ଭୂଷଣ ସେହୁ ହୋଇଛନ୍ତି ।
ଅମ୍ବାସୁର ଭାରିଯା ଯେ ପରମ ସୁନ୍ଦରୀ
କୁବେର ଭାର୍ଯ୍ୟାକୁ ପୁଚ୍ଛେ କରଯୋଡ଼ କରି ।
ଏ ଅପୂର୍ବ ଅଳଙ୍କାର ତୁମ୍ଭ ଅଙ୍ଗେ ଅଛି
ତହୁଁ ଏକମାଳ ମୁହିଁ ତୁମ୍ଭଙ୍କୁ ମାଗୁଛି ।
ଶୁଣି ହାରାବତୀ ଉପହାସ କରି ତାକୁ
ବୋଲେ ଦେବ ଅଳଙ୍କାର ମାଗୁଛୁ ଆମ୍ଭଙ୍କୁ ।

ଅସୁରୀ ପାମରୀ ଆରେ ହୀନ ମତଜାତି
ଅଳଙ୍କାର ମାଗୁ କେ ତୁ ଚଣ୍ଡାଳୀ ମୋ କତି
ବହୁ ଞ୍ଜଗାସି କହିଲେ ତାକୁ ନାନାରାଗେ
କାନ୍ଦି ଯାଇ କହିଲା ସେ ଅମ୍ବାସୁର ଆଗେ ।
କୁବେର ଜାୟାକୁ ମୁହିଁ ମାଗୁ ଅଳଙ୍କାର
ସେ ବୋଲଇ ଅଳଙ୍କାର ମାଗୁଛୁ ତୁ ଛାର ।
ଅମ୍ବାସୁର ଚଳିଲେ ଯେ ଭାର୍ଯ୍ୟା କ୍ରୋଧ ଧରି
କେନ ହାତେ କେନ ଲୁହାବାଡ଼ି ଧରିକରି ।
ଅଧର କାମୁଡ଼ି ଗଲା କୁବେରଙ୍କ ଆଗେ
କୋମଳ କରି କହିଲା କଥା ଅନୁରାଗେ ।
ହେ କୁବେର ଶୁଣ ମୋର କହିବାର ଗିର
ଘନ୍ତୁ ଅଂଶେ ଜାତ ହେଲା ଅମ୍ଭ ଦୈତ୍ୟବୀର
ଅର୍କ ଦୈତ୍ୟ ଅଟଇ ଯେ ତାହାର ସନ୍ତାନ
ତୁମ୍ଭଙ୍କୁ କି ଅଛନ୍ତି ଅଛଇ ଏମାନ ।
ଅର୍କଦଇତ୍ୟକୁ ମାଡ଼ି ବସିଲେ ବିରଞ୍ଚି
ଏ ଯୋନ କେ ଶାର୍କ ନାମ ଜାଣ ହୋଇଅଛି ।
ସେ ଅର୍କଦୈତ୍ୟ ନନ୍ଦନ ମନ୍ଥ ଯେ ଦାନବ
ହନୁ ମାଡ଼ି ବସିଲେ ଯେ ସେବଣ ରାଘବ ।
ତାହାର ନନ୍ଦନ ପୁଣି କଦମ୍ବ ଅସୁର
କଦମ୍ବାସୁର ନନ୍ଦନ ମୁହିଁ ଅମ୍ବାସୁର ।
ଭାସ୍କରତୀର୍ଥରେ ଅଟେ ମୁହିଁ ରକ୍ଷାକାରୀ
ଶାସନ ନାମରେ ମୁହିଁ ତହିଁ ଦଣ୍ଡଧାରୀ ।
ମୋହର ଜାୟା ମାଗିଲା ଏକ ରତ୍ନମାଳ
ତୁମ୍ଭର ଭାରିଯା ପୁଣି ତାକୁ ଦେଲା ଗାଳ ।
ଦଣ୍ଡ ନ କରିଲେ ତାକୁ କପାଇଁ ଯୁଦ୍ଧରେ
ଭାରିଯାର ଝିଙ୍ଗାସ ମୁଁ ସହିବ କେମନ୍ତେ ।
କୁବେର ବୋଲେ ମୁଁ ଦେବ ଭଣ୍ଡାରାଧିକାରୀ
ନୁହଇ ମୋହର ତାହା ମୁହିଁ ରକ୍ଷାକାରୀ ।
କୁବେର ବାକ୍ୟେ କୋପିଲା ଦୈତ୍ୟ ମହାବୀର
ଦେଖି ଆଗଭର ହେଲେ ସେ ନଳ କୁବେର
ତାହା ଦେଖି କୋପକରି ଅସୁର ପ୍ରବଳ
ଯାଇ ନଳକୁବେରଙ୍କ ଧଇଲା ସେ ବାଳ ।
କୁମରକୁ ବାନ୍ଧିଲା ସେ କାଳପାଶ ଯେନ
ଦେଖି ତରସ୍ତ ହୁଅନ୍ତି ସକଳ କାମିନୀ ।
ସହସ୍ରେ କନ୍ୟାଙ୍କ ଅଙ୍ଗେ ଥିଲା ଅଳଙ୍କାର
ସବୁ ତାହା ଛଡ଼ାଇଣ ନେଲା ଅମ୍ବାସୁର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆପଣା ଭାରିଯା ସଙ୍ଗେ ଭୂଷଣ ଯେ କଲି
ଯେତେକ ଭାର୍ଯ୍ୟାଙ୍କୁ ସେହି ସଙ୍ଗେ ଆଣିଥିଲି ।
ନଳକୁବେରଙ୍କୁ ବେଗେ ବାନ୍ଧିଲା ଅସୁର
ଧାଇଁକାରେ ପଶିଲା ସେ ଜଳନ୍ଧର ପୁର ।
କନ୍ୟା ଜାଣି ପଳାଇଲେ ଜୀବନ ଭୟକେ
କୁବେରହିଁ ବେଗେ ଗଲେ ଦେବତାଙ୍କ ଆଗେ
ବ୍ରହ୍ମା ରୁଦ୍ର ଇନ୍ଦ୍ର ସର୍ବସୁର ଆଦିକରି
ମେରୁପୃଷ୍ଠେ ବସିଛନ୍ତି ଯାଇ ସଭାକରି ।
ସେହି ସ୍ଥାନରେ କୁବେର ପ୍ରବେଶ ହୋଇଲେ
ସକଳ ଦେବଙ୍କୁ ତାଙ୍କୁ ଗୁହାରି କରିଲେ ।
ପୁତ୍ର ମୋର ଯାଇଥିଲା ସ୍ନାହାନ ନିମନ୍ତେ
ଅମ୍ବାସୁର ଧରିନେଲା ଚନ୍ଦ୍ରଭାଗା ତୀର୍ଥେ ।
କ୍ରୋଧରେ କୁବେର ଯହୁଁ କହିଲେ ଏ ବାଣୀ
ଶୁଣିଣ ପ୍ରତିଉତ୍ତର ଦେଲେ କୃଷ୍ଣପାଣି ।
ଅନ୍ୟବଳେ ବଧ ସେହୁ ନୁହେ ଯାତୁଧାନ
ପାଣ୍ଡବ କୁଳରେ ଜାତ ମାରିବେ ଅର୍ଜୁନ ।
ମାତଳିକି ହକାରଣ ଦେବ ମଘବାନ
ବ୍ୟାଧ ପର୍ବତରୁ ମୋତେ ନେଲେକ ବହନ ।
ଦେବସଭାତଳେ ମୁଁ ଯେ ହୋଇଲି ପ୍ରଣମି
କେଉଁ ଆଜ୍ଞା ଦେବ ମୋତେ ପିତାମହ ସ୍ୱାମି ।
ବୋଇଲେ ତୁ ଧନଞ୍ଜୟ ଯାଅ ଅର୍କତୀର୍ଥ
ନଳକୁବେରକୁ ଧରିନେଲା ଅମ୍ବାଦୈତ୍ୟ ।
ତାହାକୁ ବେଗରେ ବଧ କରି ଫାଲଗୁନ
କୁବେରସୁତକୁ ପୁଣି ସଙ୍ଗେ ଆଣ ଘେନ ।
ନାରଦ ବୋଇଲେ ଅଛି ଜଳନ୍ଧର ପୁର
କେବଣ ବାଟେ ଜଳରୁ ହୋଇବ ବାହାର ।
ପରମ ସାନନ୍ଦେ ତହୁଁ ଦେବତା ବଧାତ
ଦେବଦତ୍ତ ଶଙ୍ଖ ଆଣି ଦେଲେ ମୋର ହସ୍ତ ।
ତ୍ରୈଲୋକ୍ୟ କମ୍ପିବ ଏହି କମ୍ବୁସ୍ୱନ ଶୁଣି
ଅମ୍ବାସୁର ବାହାର ଯେ ହେବ ଶିରଧୂଣି ।
ବ୍ରହ୍ମା ପୁଣି ଆଣିଦେଲେ ମୋତେ ଅସ୍ତ୍ର ଟିଏ
ଏହା ଘେନ ଅମ୍ବାସୁର ମାର ଧନଞ୍ଜୟେ ।
ଏ ଶଙ୍ଖ ଦେଖି ଉତ୍ତର ତୁ ଯେ ପୁଚ୍ଛାକଲୁ
ପଚାରିଲୁ ଏହି ଶଙ୍ଖ କାହୁଁ ତୁ ପାଇଲୁ ।
ଦେବତାଏ ଦେଲେ ଦୈତ୍ୟବଧର ନିମନ୍ତେ
ତେଣୁ ଦେବଦତ୍ତଶଙ୍ଖ ବହେ ମୁହିଁ ହସ୍ତେ ।

ଶୁଣି ଉତ୍ତର ପାର୍ଥଙ୍କୁ ବୋଇଲା ପ୍ରଣମି
ଅମ୍ବାସୁର ବଧ କଥା କହ ମୋତେ ସ୍ୱାମୀ ।
କେଉଁରୂପେ ଅମ୍ବାସୁର ପ୍ରାଣକଲ ହତ
କପରି ନଳକୁବେର କରିଲ ମୁକତ ।
ପାର୍ଥ ବୋଲେ ଶୁଣ ଦେବଦତ୍ତର ମହିମା
ଏରୂପେ ପ୍ରସନ୍ନ ହେଲେ ପିତାମହ ବ୍ରହ୍ମା ।
ଏ ଶଙ୍ଖ ଲଳିତ କରି ଯେବେ କରେ ଧ୍ୱନି
ଶୁଣିଣ ବଶ ହୁଅନ୍ତି ଅବୋଧ କାମିନୀ ।
ଏ ଶଙ୍ଖର ମଧ୍ୟଭାଗେ କରେ ଯେବେ ଧ୍ୱନି
ସପ୍ତ ବ୍ରହ୍ମାଣ୍ଡର କଥା ଜାଣେ ପଦ୍ମଯୋନି ।
ହୃଦଗତେ ବାଦ୍ୟଯେବେ କରିବାକ ବାଣୀ
ଅସାଧ୍ୟ ସାଧ୍ୟ ହୋଇବ ସେ ଶବଦ ଶୁଣି ।
ଆକର୍ଷିଣ ବାଦ୍ୟ ଯେବେ କରିବାକ ସ୍ୱରେ
ଷଣ୍ଢୀମାନେ ଶସ୍ତ୍ର ଧରି ନ ପାରନ୍ତି କରେ ।
ଏ ଶଙ୍ଖ ମୁଁ ଘେନିଗଲି ସେ ସ୍ୱସ୍ତିର ତୀର୍ଥେ
ଦୈତ୍ୟ ନ ଦେଖିଲି ଜଳେ ପଶିଛି ଗୁପତେ ।
ହେ ଉତ୍ତର ଶଙ୍ଖଧ୍ୱନି କଲି ମୁହିଁ ଟାଣି
ଜଳ ଭୁବନ କମ୍ପିଲା ଏହି ଶବ୍ଦ ଶୁଣି ।
ଅସୁର ବାହାର କଲେ ଘେନି ଜଳରାଶି
ଡାହାଣ କରେ ଲଉଡ଼ି ଧରିଛି ଆକର୍ଷି ।
ବାରୁ ବହୁତ ପ୍ରତିଜ୍ଞା କଲା ଅମ୍ବାସୁର
ଲାଗିଲାକ ରଣଘୋର ତାହାର ମୋହର ।
ଅଶ୍ୱ ଗଜ ଆଦିକରି ନାହିଁ ତା'ର ଥାଟ
ଲୁହାର ଲଉଡ଼ି ଧରି ବାହାରେ ଦର୍ପିଷ୍ଠ ।
ପିଟଇ ଫଳା ଆଡ଼ୁଣ ସଙ୍ଗେ ନାହିଁ ସେନା
ଅସ୍ତ୍ର ହାଣନ୍ତେ ଅଙ୍ଗରେ ପଡ଼ି ହେଲା ଚୂନା ।
ଲକ୍ଷେ କୋଟିଏ ଶର ମୁଁ ତାହାକୁ ଯେ ବିନ୍ଧି
ଏକ ଏକ ନାସତରେ ଗିରି ଯିବ ଭେଦି ।
ହେ ଉତ୍ତର ଅବ୍ୟର୍ଥ ଯେ ଥାଟେ ମୋର ଶସ୍ତ୍ର
ସେହି ଶସ୍ତ୍ର ଚୂରିହେଲା ପଡ଼ି ତାର ଗାତ୍ର ।
ସେହିଅସ୍ତ୍ରେ ତାହାକୁ ତ ନ ପାରିଲି ଜିଣି
ସର୍ବ ଅସ୍ତ୍ର ଚୂର୍ଣ୍ଣ ହେଲା ଟେକା ପ୍ରାୟ ଜାଣି ।
ସର୍ବ ଅସ୍ତ୍ର ଯହୁଁ ମୋର ହୋଇଲା ବିଘାତ
କାଳଚନ୍ଦ୍ର ପ୍ରହାରିଲି କୋପେ ତାର ଗାତ୍ର ।
ସେ ନାରାଚ ଦୁଷ୍ଟର ଶରୀରରେ ପଡ଼ି
ଚନ୍ଦବାଡ଼ ବନ୍ଧ ହୋଇ ଗଲାକ ଉପୁଡ଼ି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପର୍ବତ ଅସ୍ତ୍ର ମାରିଲି ତାହାର ସାଷ୍ଟାଙ୍ଗେ
ଅନିବାର୍ଯ୍ୟ ଅସିପତ୍ର ପଡ଼ିଲା ତା ଅଙ୍ଗେ ।
କକଡ଼ା ମାସରେ ଯେସନ୍ତେ ଦ୍ରୋଣମେଘ ବୃଷ୍ଟି
ସେହିପରି ଦୈତ୍ୟଅଙ୍ଗେ ହୁଏ ଶରବୃଷ୍ଟି ।
ଅନ୍ତରୀକ୍ଷେ ବୁଲାଇଲା ଧରି ଲହୁଡାଙ୍ଗେ
ପର୍ବତ ଚୂର୍ଣ୍ଣ ହୋଇଲା ପଡ଼ି ତାର ଅଙ୍ଗେ ।
ଆଗଭର ହୋଇଣ ମୁଁ ନ ପାରିଲି ସହି
ଆଗ୍ନେୟାସ୍ତ୍ର ପେଷିଲି ଯେ ପୃଥ୍ୱୀ ପାରେ ଦହି
ଶୁଣ ହୋ ଉତ୍ତର ତାର ମହିମା ଦୁର୍ଲ୍ଲଭ
ସେ ଅନଳବାଣ ଯାଇ ପଡ଼େ ତାର ଗର୍ଭେ ।
ନୀଳଚନ୍ଦ୍ର ବାଣ ନୀଳାମ୍ବର ହସ୍ତୁ ଦେଲେ
ଯେବଣ ଶରେ କାମ୍ୟକ ଦହନ ହୋଇଲେ ।
ତ୍ରୈଲୋକ୍ୟ କମ୍ପିତ ହେବ ସେ ଚନ୍ଦ୍ର ପେଷନ୍ତେ
ବଳରାମ ଜାଣିଲେ ତା ବାୟବ୍ୟ ପର୍ବତେ ।
ଅମ୍ବା ଅସୁର ବଇରୀ କାମପାଳଙ୍କର
ଅର୍କତୀର୍ଥ ଯୁଦ୍ଧ ଦେଖି କମ୍ପିଲା ଶରୀର ।
ବାୟବ୍ୟ ପର୍ବତେ ରାମ ହେଲେ କୋପମୂର୍ତ୍ତି
ଏଗାର ସହସ୍ର ଯୁଣ ତାଙ୍କ ପାଦଗତି ।
ଶ୍ରୀବଳରାମ ଯେ ମୋତେ ବୋଇଲେ ବଚନ
ଏହାକୁ ମାରିବ ମୁହିଁ ରହ ହେ ଅର୍ଜ୍ଜୁନ ।
ରାମଙ୍କ ବଚନେ ମୁହିଁ ଛାଡ଼ିଲି ସଂଗ୍ରାମ
ଅମ୍ବାସୁର ସଙ୍ଗେ ଯୁଦ୍ଧ କଲେ ବଳରାମ ।
କୁବେରଙ୍କ ସୁତ ପତ୍ନୀ ବନ୍ଦୀରୁ ଫିଟାଇ
ଅଳକାପୁରେ ତାହାଙ୍କୁ ଦେଲି ପୁଣି ନେଇ
ବଳରାମ ପ୍ରହାରିଲେ କୋପରେ ମୂଷଳ
ସହସ୍ରବାର ପ୍ରହାର କଲେ ବକ୍ଷସ୍ଥଳ ।
ତଥାପି ନାଶ ନୋହିଲା ସେହି ଅମ୍ବାସୁର
ସମରେ ବିମନା ଚିତ୍ତ ହେଲେ ନୀଳାମ୍ବର ।
ପାଦ ଧରି ବଳରାମ କୋପେ ଦେଲେ ଫିଙ୍ଗି
ଅମ୍ବୁବନେ ପଡ଼ିଲା ସେ ସ୍ଥାନ ପରତ୍ୟାଗୀ ।
ଜମ୍ବୁଦ୍ୱୀପ ଭରତଖଣ୍ଡ ଈଶାନାଗ୍ନି କୋଣେ
ପୂର୍ବ ସିନ୍ଧୁତଟେ ଅମ୍ବୁବନ ଥିଲା ଯେଣେ ।
ଉଦ୍ଭିଦ ଗିରିକି ନେଇ ପିଟିଲେ ଅସ୍ତ୍ରଢେ
ପର୍ବତ ଚୂର ହୋଇଲା ଅମ୍ବାସୁର ହୃଦେ ।
ଅସୁର ବଧ ନୋହିଲା ଯହୁଁ କେଉଁ ବାଟେ
ମାଡ଼ିବସିଲେ ଶ୍ରୀରାମ ତାର ହୃଦେ ଘଟେ ।

କଟି ମେଖଳରେ ରୁଦ୍ର ନାରାୟଣ ପ୍ରାନ୍ତେ
ତିନିଦେବତା ଯେ ମାଡ଼ି ବସିଲେ ତା କାନ୍ତେ
ଓଲଟାଇ ଅମ୍ବାସୁର ବସିଲା ଯେ ମାଡ଼ି
ତିନି ଦେବତାଙ୍କୁ ସେହୁ ଦେଲା କୋଡ଼କୋଡ଼ି
ବହୁତ ଦଣ୍ଡ ବହିଲା ସେ ଦୁଷ୍ଟ ଅସୁର
ତାହା ଦେଖି ଦେବତାଏ ହେଲେ ଥରହର ।
ଏ ଶଙ୍ଖ ଗର୍ଭରେ ମୁହିଁ କରନ୍ତେ ବାଦନ
ତିନିପୁର କମ୍ପମାନ ହେଲା ଘନଘନ ।
ଏ ଶଙ୍ଖ ଶବଦ ଶୁଣି ସେ ତିନି ଠାକୁର
ଶରୀରେ ବଳ ତାଙ୍କର ହୋଇଲା ସଞ୍ଚାର ।
ପୁଣି ଅସୁରକୁ ବଳେ ଓଲଟାଇ ଦେଇ
ମାଡ଼ି ବସିଲେ ବେଗରେ ବକ୍ଷସ୍ଥଳେ ଯାଇ ।
ଉଦର ଚିରିଣ ଅନ୍ତ କଢ଼ିଲେ ତାହାର
ପରାଣ ଛାଡ଼ିଲା ତହୁଁ ସେ ଦୁଷ୍ଟ ଅସୁର ।
ହେ ଉତ୍ତର ଯାହା ସବୁ ଥିଲୁ ତୁ ପଚାରି
ତାହା ସବୁ କହିଲି ମୁଁ ଏକ ଏକ କରି
ସେହିକାଳୁଁ ଏହି ଶଙ୍ଖ ହସ୍ତେ ଅଛି ମୋର
ମନରୁ ସଂଶୟ ଏବେ ଛାଡ଼ ହେ ଉତ୍ତର ।
ଅର୍ଜ୍ଜୁନଙ୍କ ମୁଖୁଁ ଏହା ଶୁଣିଣ ଉତ୍ତର
ବୋଇଲେ ହେ ଦେବ ମୁହିଁ ଶରଣ ତୁମ୍ଭର ।
ତେଣୁକରି ତୁମ୍ଭେ ଅଟ ଜିଷ୍ଣୁ ନାରାୟଣ
ତେଣୁ ମୋତେ କର ତୁମ୍ଭେ ଆଶିଷ ପ୍ରଦାନ
ନମସ୍ତେ ନମସ୍ତେ ମାଗୋ ଝଙ୍କଡ଼ବାସିନୀ
ନମସ୍ତେ ନମସ୍ତେ ମାଗୋ ନମୋ କାତ୍ୟାୟିନୀ
ଯେଉଁକାଳେ ଆସିଥିଲା ସେ କଳାପାହାଡ଼
ସାତଦିନ ରହିଲ ଗୋ ଜଳେ ଦେଇ ବୁଡ଼ ।
ବହୁତ ଦେବୀମାନଙ୍କୁ ନଷ୍ଟ କଲା ସେହୁ
ବାହୁଡ଼ି ଗଲା ତୁମ୍ଭଙ୍କୁ ନ ପାଇଲା ଯହୁଁ ।
ତୁ ଯାରେ ପ୍ରସନ୍ନ ହେଉ ସେ ମାନବେ ଲେଖା
ଶାରଳା ଦାସକୁ ମାଗୋ ଥରେ ଦିଅ ଦେଖା ।

ଅର୍ଜ୍ଜୁନର ନନ୍ଦିଘୋଷ ରଥ ପ୍ରାପ୍ତି ଏବଂ ମହିଷାସୁର ବଧ ଓ ଅକ୍ଷୟ ତୂଣ ଉତ୍ପତ୍ତିର ବିବରଣ

ଏଥୁ ଅନନ୍ତରେ ଆହେ ମନୁ ନୃପଗଣ
ଯାହା ହେଲା ସେହି କଥା କହୁଅଛି ଶୁଣ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦେବଦତ୍ତ ଶଙ୍ଖ ଯହୁଁ ପାର୍ଥ ବଜାଇଲେ
ଶୁଭିଲା ଆକାଶୁଁ ଯେସନେ ନିର୍ଘାତ ପଡ଼ିଲେ ।
ପ୍ରଳୟକାଳେ ଗର୍ଜନ୍ତି ଯେସନେ ମେଘଘଟେ
ସେହି ପ୍ରକାରେ ଶବଦ ଶୁଭେ ଘୋରରବେ
କଉରବେ ତ୍ରାସ କଲେ ସେ ଶବଦ ଶୁଣି
ଅଦ୍ଭୁତ ଶଙ୍ଖ ଯହୁଁ ଆକର୍ଷିଣ ବାଣୀ ।
କି ଅବା ମନ୍ଦର ଗିରି ଟଳେ ଗଲା ଖସି
ଯୁଗ ଅନ୍ତଃକାଳ କିବା ହୋଇଲାକ ଆସି ।
ଶମୀବୃକ୍ଷକୁ ଦ୍ୱାରକା ଅଶୀସହସ୍ର ଯୂଣ
ସେ ସ୍ଥାନେ ଥାଇ ଶୁଣିଲେ ପ୍ରଭୁ ନାରାୟଣ ।
ଚକ୍ରୀନ ଶୁଭିଲା କମ୍ବୁ ଶବଦ ଗହନ
ପ୍ରଭୁ ଜାଣିଲେ ବିରାଟେ ଉଦିତ ଅର୍ଜୁନ ।
ଗୋବିନ୍ଦ ବହୁ ଆନନ୍ଦ ହେଲେ ହୃଦଗତ
ଦାରୁକେ ବୋଇଲେ ସାଜ ନନ୍ଦଘୋଷ ରଥ
ମଣ୍ଡିଣ କଲେ ଦାରୁକ ବହୁରତ୍ନ ଖଞ୍ଜି
ନାନାରତ୍ନ ଝଟକନ୍ତି ଚହ୍ନି ପୁଞ୍ଜି ପୁଞ୍ଜି ।
ଉଡ଼ନ୍ତି ପତାକାମାନ ମୁକ୍ତାଝଞ୍ଜା ମଧ୍ୟ
ଝଟକନ୍ତି ହୀରା ମାଳା ତାହାର ସନ୍ନିଧି ।
ଫରହର ଆଲମ୍ବ ଯେ ଲମ୍ବେ ଚଉକତ
ମାଣିକ୍ୟ ଝରାର ଝୁଲେ ଅଛି ଯୁଦ୍ର ମୋତ ।
ରଥ ସୁରଞ୍ଜିତ ଚୂର ଚୂର ଯେ ପାବଚ୍ଛେ
ଶତ ଶତ ମାଣିକ୍ୟ ଯେ ଅଛି ସମକଚ୍ଛେ ।
ଦେବତାଏ ପ୍ରଶଂସନ୍ତି ଯେଉଁ ରଥ ଦେଖି
ନବକାର ଆସନ୍ତି କି ଗଗନ ଉପେଷି ।
ନାରାୟଣ ଚକ୍ର କୁନ୍ତ ମୁଷଳ ଭୁଷୁଣ୍ଡୀ
ଗଦା ମୁଦ୍‌ଗର ଢେଲ ଆବର ତ୍ରିଦଣ୍ଡି ।
ବ୍ରହ୍ମଶକ୍ତି ବଜ୍ରଶକ୍ତି ତ୍ରିଶୂଳ ଶକତି
ଅମୋଘ ଶକତି ଅସିପତ୍ର ଚନ୍ଦ୍ର କାତି ।
ପଟ୍ଟିଶ ବରୁଣଅସ୍ତ୍ର କୁଠାର କୋଦାଳ
ମେଘାଶର ଆବରିକି ଅନଳ ଅନଳ ।
ଜଳ ନାଗ କାଳପାଶୀ ପୁଣି ଯମପାଶୀ
ମାଳ ହୋମ କାମଚନ୍ଦ୍ର ପୁଣି ସୁଧାରଶ୍ମି ।
କୌମୋଦକୀ ରତ୍ନବଦା ପୁଣି ଲୌହ ଗଦା
ଚନ୍ଦ୍ର ଆବର୍ତ୍ତିକ ବାମକେତନାଦ ଗଦା ।
ଏହିପରି ବହୁଅସ୍ତ୍ର ଆଣି ଦେବ ହରି
ରଥରେ ଥୋଇଲେ ଅପେ ବାଛି ବାଛିକରି ।

ଆପଣେ ଶ୍ରୀଜଗନ୍ନାଥ ସେ ରଥକୁ ସାଜି
ବାଛିଣ ରଥେ ଯୋଚିଲେ ଚାରିଗୋଟି ବାଜି
ଶଙ୍ଖ ଗୋକ୍ଷୀର ପୁଣିହିଁ ଶ୍ୱେତ କାମଚାଳ
ରଥରେ ଯୋଚିଲେ ନେଇ ଦେବକୀର ବାଳ
ଅସ୍ତ୍ର ଶସ୍ତ୍ର ନ ଭେଦଇ ତାହାଙ୍କର କାୟ
କାମରୂପୀ ଅଟନ୍ତି ସେ ଚାରିଗୋଟି ହୟ ।
ପୃଥ୍ୱୀର ଘରା ଉଶ୍ୱାସ କରନ୍ତି ସେ ବଳେ
ରକ୍ଷା କରନ୍ତି ସେମାନେ ପ୍ରଳୟର କାଳେ ।
ରଜନୀ ଦିବସ ବୋଲି ନ ଜାଣନ୍ତି ହୟେ
ଆକାଶ ମାର୍ଗେ କ୍ଷେପନ୍ତି ଶ୍ୟେନପକ୍ଷୀ ପ୍ରାୟେ
ଏକ ଦିବସରେ ଭ୍ରମି ଆସନ୍ତି ସେ ମହୀ
ବନଅର୍ଦ୍ଧ ହୁଏ ସପ୍ତବ୍ରହ୍ମାଣ୍ଡର ସାଇଁ ।
ସେ ଚାରି ଅଶ୍ୱଙ୍କୁ ହରି ସେ ରଥରେ ଯୋଚି
ବୋଇଲେ ରଥକୁ ନଅ ଯହିଁ ସବ୍ୟସାଚି ।
ନାରାୟଣଙ୍କ ବଚନେ ଚଳଇ ସାରଥି
ଅର୍ଜୁନଙ୍କୁ ଭେଟିଲେ ଯେ ରଜନୀ ପାହାନ୍ତି ।
ରଥ ଦେଖିଣ ଅର୍ଜୁନ କଲେ ନମସ୍କାର
ଦେଖି ଆଶ୍ଚର୍ଯ୍ୟ ହୋଇଲେ ଉତ୍ତର କୁମର ।
ଦେଖ ଦେଖ ଆରେ ବାବୁ ବିରାଟର ଶିଷ
ଏହି ରଥବର ନାମ ଅଟେ ନନ୍ଦଘୋଷ ।
ରଥର ମହିମା ପୁଣି ଅଶ୍ୱଙ୍କ ମହିମା
ସଂକ୍ଷେପିଣ ଉତ୍ତରକୁ କହିଲେ ମହାତ୍ମା ।
ସମସ୍ତ କଥା କହଇ ଉତ୍ତର ଆନନ୍ଦେ
ଦ୍ୱାରକା ଉତ୍ସବ ବାବୁ ତୋହର ପ୍ରସାଦେ ।
ଶ୍ରୀକୃଷ୍ଣ ଅର୍ଜୁନ ତୁମ୍ଭେ ଦୁହେଁ ନୁହ ଭିନ୍ନ
ଭବ ନିବାରଣ କର ହୋଇ ନରଜନ୍ମ ।
ସତ୍ୟଯୁଗେ ଅବତାର କୃଷ୍ଣ ବାମଦେବ
ଅର୍ଜୁନ ଅଟ ଅନନ୍ତ ନାମେ ସଦାଶିବ ।
ତ୍ରେତାଯୁଗେ ଜନ୍ମ ହେଲେ ରାମଚନ୍ଦ୍ର ରାୟ
ତୁମ୍ଭେ ହୋଇଲ ଲକ୍ଷ୍ମଣ ସୁମିତ୍ରା ତନୟ ।
ଏବେ ନରନାରାୟଣ ଅଟ ତୁମ୍ଭେ ବେନି
ଜନ୍ମେ ଜନ୍ମେ ଭବ ନାଶ ତୁମ୍ଭେ ଏ ମେଦିନୀ
ଦାରୁକ ରଥୁ ଓହ୍ଲାଇ ବୋଲନ୍ତି ବଚନ
ପ୍ରଭୁଙ୍କ ଆଜ୍ଞାରୁ ରଥ ଆଣିଲି ଅର୍ଜୁନ ।
କୃଷ୍ଣଙ୍କୁ ସୁମର ରଥ ଆରୋହଣ କର
କର ଯାଇ କୁରୁବୀର ସହିତ ସମର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିଜୟ ମଣି ମୁକୁଟ ତାରୁକ ମେଖଳା
ଅର୍ଜ୍ଜୁନଙ୍କ ହୃଦେ ନେଇ ଦେଲେ ରତ୍ନମାଳା ।
ନାରାୟଣଙ୍କ ହୃଦରେ ସର୍ବ ଅଳଙ୍କାର
ତାରୁକ ଭୂଷଣ କଲେ ପାର୍ଥ ହୃଦୟର ।
ଯେଉଁ ପ୍ରକାରେ ବାସବ ଅଭିଷେକ କାଳେ
ଦିଶନ୍ତି ସେ ଶୋଭମାନ ସୁରପୁର ଆଳେ ।
ତାରୁକକୁ ଅର୍ଜୁନ ଏ ବଚନ ଭାଷି
ବୋଇଲେ ଉତ୍ତର ରଥ ଘେନିଥାଅ ବସି ।
ଶମୀବୃକ୍ଷର ମୂଳରେ ତାରୁକ ସାରଥି
ରଥ ଘେନିଣ ରହିଲେ ହୋଇ ଶାନ୍ତମୂର୍ତ୍ତି ।
ନାନାବିଧ ଚିହ୍ନ ବିଚିହ୍ନ ଦେଖି ନନ୍ଦିଘୋଷ
ପରମ ସ ନନ୍ଦ ହେଲା ବିରାଟର ଶିଷ୍ୟ ।
ଉତ୍ତର ପାର୍ଥଙ୍କ ପାଦେ କରିଲା ପ୍ରଣତି
ବୋଇଲା ତୋର ପ୍ରସାଦେ ପାଇଲି ସୁଗତି ।
ଶ୍ରୀଭୁଜରେ ଧନୁଶର ଧଇଲେ କିରୀଟୀ
ନନ୍ଦିଘୋଷ ରଥେ ଯାଇ କୁଶଳରେ ଉଠି ।
ବାମେ ଦକ୍ଷିଣେ ଭିଡ଼ିଣ ଛନ୍ତି ତୂଣ ବେନି
ଅନେକ ରତ୍ନ ମଣ୍ଡିତ ତୂଣ ଦୁଇଖାନି ।
ଦେଖି ଆଶ୍ଚର୍ଯ୍ୟ ହୋଇଣ ବିରାଟ କୁମର
ପଚାରଇ ଯେ ଅର୍ଜୁନ ଶୁଣ ମୋର ଗିର ।
ଆପଣେ କହିଲୁ କଉରବେ ଅସଂକ୍ଷେପ
କେଉଁ ତୂଣ ଅଛି ତୋର ନାରାଚ ଅଳପ ।
ଅର୍ଜୁନ ବୋଇଲେ ତୁହେ ନ ଜାଣୁ ବିରାଟୀ
ଅକ୍ଷୟ ନାମ ବହଇ ଏ ତୂଣ ଦୁଇଟି ।
ଶୁଣରେ ଉତ୍ତର ଏବେ ମହିଷା ଦଇତ
ବିଷ୍ଣୁ ଗର୍ଭୁ ଜାତ ପୂର୍ବେ ଏଥିର ଚରିତ ।
ବ୍ରହ୍ମା ବରେ ସେ ମହିଷା ହେଲା ମହାବଳୀ
ଅନନ୍ତ କୋଟି ବ୍ରହ୍ମାଣ୍ଡ ସାଧେ ମହାସ୍ଥଳି ।
ଚଣ୍ଡ ମୁଣ୍ଡ ଶୁମ୍ଭ ନିଶୁମ୍ଭ ଯେ ରକ୍ତବୀର୍ଯ୍ୟ
ଗାରଧଣ୍ଡ କାନ୍ତମାଳା ଧୂମୁଣ୍ଡା ଦନୁଜ ।
ଅନ୍ଧକ ବିରୂପାକ୍ଷ ଯେ ବାସ୍କଳ ଅସୁର
ମେଦିନୀ ନ ସହିବ ସେ ଦାନବଙ୍କ ଭର ।
ସମସ୍ତ ଦେବତାମାନେ ହୋଇଲେ ବିକଳ
ମହାପ୍ରଭୁ କୋପେ ଜାତ ହେଲା କାଳାନଳ ।
ସେ ଅନଳକୁ ସ୍ୱହିଁଣ ଦେବେ କଲେ ସ୍ତୁତି
ଅଗ୍ନିରୁ ଗୋଟିଏ ଦେବୀ ହେଲେ ଉତପତ୍ତି ।

ମହାବଳିଷ୍ଠବୀ ସେହୁ କୋଟି ସୂର୍ଯ୍ୟ ତେଜ
ଏକ ଶରୀରୁ ବାହାର ସହସ୍ରେକ ଭୁଜ ।
କେଶରୀ ବାହନ ଏକ ହେଲା ହିମବନ୍ତ
ତହିଁରେ ବିଜୟ କଲେ ଦେବୀ ଜଗନ୍ନାଥ ।
ଦେବେ ବୋଇଲେ ପୂରାଅ ଆମ୍ଭର ମନାଷା
ତ୍ରୈଲୋକ୍ୟ ଉଦ୍ଧାର କର ମାରିଣ ମହିଷା ।
ବିଜୟ କରିଲେ ଦୁର୍ଗା ଅନ୍ତରୀକ୍ଷ ମାର୍ଗେ
ହିରଣ୍ୟ ଗିରି ପର୍ବତ ବିନ୍ଧ୍ୟଗିରି ଲଗେ ।
ତହିଁ ଯାଇ ବିଜେକରି ଅନାଦି ଶକତି
ସହସ୍ର ଭୁଜକୁ ଅଙ୍ଗେ ଗୋପନେ ରଖନ୍ତି ।
ମହିଷାସୁର ଅଛଇ ଯେବଣ ନଗରେ
ସିନ୍ଧୁ ପଶ୍ଚିମରେ ଜେନାବଳି ପାଟଣାରେ ।
ଅସୁର ଭୁବନେ ଦେବୀ ଦୃଷ୍ଟିପାତ କଲେ
ପ୍ରଥମେ ଦେଖିଲେ ଚଣ୍ଡ ମୁଣ୍ଡ ନାଶଗଲେ ।
ଦ୍ୱିତୀୟରେ ନାଶଗଲେ ଶୁମ୍ଭ ଯେ ନିଶୁମ୍ଭ
ଅସୁରଙ୍କୁ ନିସୂଦନ ଦେବୀ କଲେ ସର୍ବ ।
ତା ପରେ ବିଜୟ କଲା ଯାଇ ରକ୍ତବୀର୍ଯ୍ୟ
ବଢ଼ାଇ ଦୁରପଦ ସେ ଅଟଇ ଦନୁଜ ।
ଅସୁରଙ୍କ ବଳେ ତହୁଁ ହୋଇଲେ ଉତ୍ପତ୍ତି
ଶରୀରରୁ ଜାତ କଲେ ଅନେକ ମୁରତି ।
ରକ୍ତବୀର୍ଯ୍ୟ ବୋଲିକରି ଯେଉଁ ସେନାପତି
ଏକରୁ ଅନେକ ଦେହ କରିଲା ଉତ୍ପତ୍ତି ।
ପୃଥିବୀରେ ପଡ଼ିଲେ ସେ ରକତ ବୁନ୍ଦାଏ
ଶତେଜଣ ତା ସମାନ ହୋଇ ଜାତ ହୁଏ ।
ଯେକାଳେ ଶର ନଅଣ୍ଟ ହୋଇଲା ବିନ୍ଧନ୍ତେ
ଦେହୁ ଲୋମ ଉପାଡ଼ି ବିନ୍ଧିଲେ ହୃଦଘାତେ ।
ଶରୀରରୁ ଜାତକଲେ ଦେବୀ ମହାମାୟେ
ବିନ୍ଧନ୍ତେ ନାରାଚ ତହୁଁ ହୋଇଲା ଅକ୍ଷୟେ ।
ଦେଖିକରି ମହାଦେବୀ ଆନନ୍ଦିତା ହେଲେ
ଧନଗଛ ନାରାଚ ବିନ୍ଧନ୍ତେ ନ ସରିଲେ ।
ଅଶୀପଦ୍ମ ଅଟେ ଦେବୀ ନାରାୟଣୀ ମୂର୍ତ୍ତି
ଏକ ତୂଣୀରୁ ସମସ୍ତେ ନାରାଚ ବିନ୍ଧନ୍ତି ।
ସପ୍ତସର୍ବ ସପ୍ତଦିନ ଦଇତ ନାଶିଲେ
ଏକତୂଣୀରୁ ନାରାଚ ବିନ୍ଧ ନ ସାରିଲେ ।
ଶୁଣିଲୁଟି ଉତ୍ତରରେ ଏହି ବିବରଣ
ଯେଉଁପରି ଜାତ ହେଲା ଏ ଅକ୍ଷୟ ତୂଣ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଜୟ ଜୟ ପାର୍ବତୀ ଗୋ ବିଘ୍ନନାଶିନୀ
ବାରେକ ଶ୍ରବଣ କର ମୋହର ଦଇନୀ ।
ସଂସାର ଜଞ୍ଜାଳ ମୋତେ ଦେଉଅଛି କଷ୍ଟ
ଶାରଳା ଦାସ ମାଗଇ ଘୁଞ୍ଚା ସେ ଅରିଷ୍ଟ ।

ଅର୍ଜ୍ଜୁନଙ୍କର ପାଶୁପତ ଓ ଅକ୍ଷୟ ତୂଣ ପ୍ରାପ୍ତି ବିବରଣ

ଆବର ଉତ୍ତର ଶୁଣ ମୋର ଏକ କଥା
ମୁହିଁ ବନଗାମୀ ହେଲି ସତ୍ୟରେ ନିଯୁକ୍ତା ।
ଉମା ସହିତେ ବୁଲନ୍ତି ବନେ ତ୍ରିଲୋଚନ
କାଳନ୍ଦୀ ନଦୀତୀରରେ କାଳେବର ବନ ।
ପାର୍ବତୀଙ୍କ ଜାନୁରେ ସେ ସୀମସ୍ଥାନ ଦେଇ
ଶବପେ ନିଦ୍ରିତ ହନ୍ତି ସେ ଭୋଳା ଗୋସାଇଁ
ଗଣ୍ଡାଟିଏ ପୋଷିଥିଲେ ନଗେନ୍ଦ୍ର କୁମାରୀ
କାଳନ୍ଦୀକୁ ଆସେ ସେହୁ ପିଇବାକୁ ବାରି ।
ସୁସଞ୍ଚ ଶବର ଦେଖି ପେଷିଲି ମାର୍ଗଣ
ହର ପାର୍ବତୀଙ୍କ ଆଗେ ତେଜିଲା ସେ ପ୍ରାଣ ।
ଗଣ୍ଡାର ନିଧନ ଦେଖି ହର ମହାରାଗେ
ଉଠନ୍ତ ଯାଇ ଦେଖିଲେ ମୋତେ ବନମାର୍ଗେ
କଏରେ ମୋ ଗଣ୍ଡାକୁ ତୁ ବଧିଲୁ କି ଅର୍ଥେ
ତରଣ ପ୍ରାପ୍ତେ ତୋ ମାଂସ କାଟିବି ଦେଖନ୍ତେ
ରେରେକାରେ ଡାକେ ହର ପ୍ରତଜ୍ଞାକୁ ବୋଲି
ତାଙ୍କ କର୍କଶ ବଚନ ସହି ନ ପାରିଲି ।
ହେ ଉତ୍ତର ମୁଁ ଧରିଛି ବନଚର ରୂପ
ଚିହ୍ନି ବାରି ନ ପାରିଲେ ମୋହର ସ୍ୱରୂପ ।
ଧାମଣା କାଠର ଧନୁ ତଣ୍ଡାବଂଶ ଗୁଣ
ଫିରିକ ନାରାଚ କଣ୍ଠେ ଗୁଞ୍ଜା ଆଭରଣ ।
ଶଖରେ ଶୋହେ ମୟୂର ଚନ୍ଦ୍ରର ଯେ ଝାଲି
ଶବର ସ୍ୱରୂପେ ମୁହିଁ ବେଶ ଧରିଥିଲି ।
ଏହିପରି ଦେଖି ମୋର କପଟ ରୂପଟି
ତେଣୁ ଚିହ୍ନି ନ ପାରିଲେ ମୋତେ ସେ ଧୂର୍ଜ୍ଜଟି
ଈଶ୍ୱର ହୋଇଅଛନ୍ତି ଅନ୍ୟ ଯୋଗୀରୂପ
ମୁହିଁ ବାରି ନ ପାରିଲି ତାହାଙ୍କ ସ୍ୱରୂପ ।
ଦୁହେଁଯାକ ଏକତ୍ରରେ ଯହୁଁ ହେଲୁଁ ମେଳ
ଦୁହିଁଙ୍କର ହେଲ ତହୁଁ ଉଭଦାଟେ କଳି ।
କୋପେ ଈଶ୍ୱର ପ୍ରହାର କଲେ ଏକ ମୁଥେ
ମୁଁ ଚୂନ ହୋଇଲି ସତ ନ କହିଲି ତୋତେ
ମୁହିଁ ବୋଇଲି ତପସ୍ୱୀ ଛେଦନ୍ତି ତୋ ମୁଣ୍ଡ
ପାର୍ବତୀ ପ୍ରାପ୍ତ ଭରଯା ହୋଇଯିବ ରଣ୍ଡ ।
ତାହାଙ୍କ କଷ୍ଟକୁ ମୁଁ ଯେ ନ ପାରିବି ଦେଖି
ତେଣୁ ଉପରୋଧ କଲି କ୍ରୋଧକୁ ଉପେକ୍ଷି ।
ଶୁଣି ଈଶ୍ୱର ପ୍ରହାର କଲେ ପୁଣି ମୁଥେ
ମୁଁ ଧନୁତଳ ଉଭିଲି ରୁଦ୍ର କଣ୍ଠାଗତେ ।
ତହୁଁ ବୁଲାଇଲି ତାଙ୍କୁ ନେଇ ଅନ୍ତରୀକ୍ଷେ
ଶୋଣିତ ବମନ କଲେ ଦେବ ପଞ୍ଚମୁଖେ ।
କୌତୁହଳ ପୁରୁଷ ସେ ସଦା ରସେ ଭୋଳ
ବର ମାଗ ଜଗତରେ ବୋଲନ୍ତି ଚଞ୍ଚଳ ।
ଈଶ୍ୱରଙ୍କ ବଦନରୁ ଏସନକ ଶୁଣି
ଭୂମିରେ ଧୀରେ ଥୋଇଲି ଈଶ୍ୱରଙ୍କୁ ଆଣି ।
ଦେଖିଲି ପାଞ୍ଚବଦନ ପନ୍ଦର ଲୋଚନ
ବର ମାଗ ବର ମାଗ ବୋଲନ୍ତି ଈଶାନ ।
ମହାଭୟ କରଣ ମୁଁ ଧନୁ ପକାଇଣ
ପ୍ରଣିପାତ କରି ସ୍ତୁତି କରେ ପଞ୍ଚମନ ।
ପୁଣ ପୁଣ ରୁଦ୍ର ମୋତେ ପୁଚ୍ଛନ୍ତି ବଚନ
କପାଇଁ ବର ନ ମାଗି ହୋଇଛୁ ମଉନ ।
ପାର୍ବତୀ ବୋଇଲେ ତହୁଁ ଶୁଣ ବ୍ୟୋମକେଶ
ନଦୀଜଳେ ସ୍ନାନକର ଶୁଚି ହୋଇ ଆସ
ଈଶ୍ୱର ଗଲେ ନଦୀକି ସ୍ନାହାନ ନିମନ୍ତେ
ପାର୍ବତୀ ଦେବୀ ସନ୍ଦେଶ କହିଦେଲେ ଯେତେ
ଗଉରୀ ବୋଇଲେ ତୁହି ଶୁଣ ହେ ଅର୍ଜ୍ଜୁନ
ସତ୍ୟଯୁଗେ ତ୍ରିପୁରାନ୍ତ ବଧିଲେ ଈଶାନ ।
ଅନେକ ପ୍ରକାରେ ବଧ ନୋହିଲା ତ୍ରିପୁର
ଶ୍ରୀନାରାୟଣ ଦେବତା ନିଜେ ହେଲେ ଶର ।
ପବନ ଦେବତା ପକ୍ଷ ମୂଳଅଗ୍ନି ହେଲେ
ସେ ଶରେ ତ୍ରିପୁର ବଧ ଈଶ୍ୱର କରିଲେ ।
ବଦନ୍ତି ପାର୍ବତୀ ଯେ ଅସ୍ତ୍ର ମାଗ ବାବୁ
ତେବେ ତ୍ରୈଲୋକ୍ୟରେ ତୁହି ଜିଣନ୍ତା ହୋଇବୁ
ହେ ଉତ୍ତର ସ୍ନାନକର ବେଗେ ସଦାନନ୍ଦ
ମୋ ପାଶେ ପ୍ରବେଶ ହେଲେ ହୋଇଣ ଆନନ୍ଦ
ବୋଇଲେ ତୁ ଅରଜୁନ ଏବେ ମାଗ ବର
ତହୁଁ ମୁଁ ମାଗିଲି ତାଙ୍କୁ ପାଶୁପତ ଶର ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଈଶ୍ୱର ବୋଇଲେ ଅଗ୍ନି ପବନ ଯେ ଶର
ମୁଁ ଜାଣେ ଆନକୁ ଯେହ୍ନୁ ଅଟେ ଅଗୋଚର
ପାର୍ବତୀ କହିବାରୁ ତା ଜାଣିଲୁ କି ପାର୍ଥ
ଏହା ଅସ୍ତ୍ରମାନ ମୁହିଁ ଦ୍ୟାଇବି ନିଶ୍ଚିନ୍ତ ।
ଈଶ୍ୱର ବୋଇଲେ ଉମା ବାକ୍ୟ ନୁହେଁ ଆନ
ସ୍ୱରୂପ କରି ଜାଣିଲି ଏବେ ତୁମ୍ଭ ମନ ।
ଏହି ଯେବେ ପ୍ରକଟିଏ ହୋଇଲା ଆମ୍ଭର
ପ୍ରସନ୍ନେ କପାଇଁ ତୁମ୍ଭେ ଦେଉନାହଁ ବର ।
ସ୍ୱାମୀଙ୍କର ବଚନକୁ ନ ଲଙ୍ଘିଲେ ଶ୍ୟାମା
ସତ୍ୟମନେ ବର ମାଗ ବୋଇଲେ ଯେ ଉମା
ଈଶ୍ୱର ବୋଇଲେ ଶୌଚବନ୍ତ ନ ହୋଇଲେ
ବରେ ଧର୍ମ ହୋଇବ କି ଅଶୁଚି ଥିଲେ ।
ଉମା ଯହୁଁ ବଚନ କଲେ ନଦୀସ୍ନାନ କରି
ମୋର ଅଗ୍ରତେ କହିଲେ ଦେବ ତ୍ରିପୁରାରି ।
ଶୁଣ ରେ ଅର୍ଜୁନ ତୋତେ କହୁଅଛୁ ଏବେ
ମହିଷାସୁରକୁ ଦେବୀ ବଧ କଲେ ଯେବେ ।
ସେହି କାଳରେ ଅକ୍ଷୟ ତୂଣ ଉମା ପାଏ
ତାହା ମାଗିଲେ ତ୍ରୈଲୋକ୍ୟଦେବୀ ଭୁଅନମୟେ
ଶୁଚିମନ୍ତ ହୋଇ ଆସି ବୋଇଲେ ପାର୍ବତୀ
ବର ମାଗ ଆରେ ପାର୍ଥ ମୋହର ସମ୍ମତି ।
ତହୁଁ ପ୍ରଣିପାତ ହୋଇ ଚରଣେ ଲୁଟିଲି
ଅକ୍ଷୟ ତୂଣକୁ ମୋତେ ଦିଅ ମା ବୋଇଲି ।
ପାର୍ବତୀ ବୋଇଲେ ନାଥ ମନ୍ଦକୃତ୍ୟ ଭଲ
ଆପଣାର ଅସ୍ତ୍ର ଶସ୍ତ୍ର ଆନେ ଢଆଇଲ ।
ଏସନକ ବଚନକୁ ପ୍ରକାଶିଣ ଉମା
ଅକ୍ଷୟ ତୂଣୀକୁ ଦେଲେ ବାମଦେବ ବାମା ।
ଦେଇ ମାହେଶ୍ୱରୀ ସ୍ୱାମୀଠାରେ କୋପ କଲେ
ତ୍ରୈଲୋକ୍ୟ ଜଣନ୍ତା ପାର୍ଥ ହେଲା ତୁମ୍ଭ ବୋଲେ
ଈଶ୍ୱର ବୋଇଲେ ମୁଁ ଗୋ ନ ବୋଇଲି ସତୀ
ଭୂତ ଭବିଷ୍ୟତଜ୍ଞାତା ଅଟେ ବ୍ୟାସନାଥ ।
ପାର୍ବତୀ ବୋଇଲେ ଯାହା କୁହ ତ୍ରିପୁରାରି
ଶତେ ହରି ହୋଇଲେ କି ଅର୍ଜୁନକୁ ସରି ।
ଶୁଣ ଉତ୍ତର କୁମର ବୋଲେ ଧନଞ୍ଜୟ
ସେହି ତପେ ପାଇଲି ମୁଁ ଏ ତୂଣ ଅକ୍ଷୟ ।
ଉତ୍ତର ବୋଇଲେ ଦେବ ଜୀବ ତୋର ସାଧୁ
ମୋର ଜୀବନ ସାଧୁ ମୁଁ ଆଶ୍ରା କଲି ସିନ୍ଧୁ ।
ଉତ୍ତର ବୋଲଇ ସ୍ୱାମୀ କହେ ମୁଁ ତୁମ୍ଭଙ୍କୁ
ମୁହିଁ କି କ୍ଷମ ହୋଇବ ତୁମ୍ଭ ଚରଣକୁ ।
ପାର୍ଥ ବୋଇଲେ ଆମ୍ଭର ଅଟ ଅଳ୍ପଗୁରୁ
ପ୍ରାଣର ସଙ୍ଗାତ ତୁହି କପାଁ ଭୟ କରୁ ।
ଆଜ୍ଞା ପ୍ରମାଣେ ଆନନ୍ଦ ହୋଇଲା ବିରାଟି
ସାରଥି ପଣରେ ଯାଇ ନନ୍ଦଘୋଷେ ଉଠି ।
କର ଯୋଡ଼ିଣ ବୋଇଲେ ଶୁଣ ଦୟାନିଧି
ଯେହ୍ନେ କୃଷ୍ଣ ସେ ଅର୍ଜୁନ ସଂସାରେ ପ୍ରସିଦ୍ଧି ।
ଶରଣ ପଞ୍ଜର ତୁହି ଭବସାଗର ବାରେ
ଶାରଳା ଦାସ କହଇ ବିରାଟ ପର୍ବରେ ।

କୁରୁସେନାପତିଙ୍କ ପରିଚୟ, ତ୍ରିମିଟି ଖେଳ ଓ ଦୁର୍ବାସାଙ୍କଠାରୁ କୁନ୍ତୀଙ୍କ ବରପ୍ରାପ୍ତି ଏବଂ କର୍ଣ୍ଣଜନ୍ମ ବିବରଣ

କହନ୍ତନ୍ତି ମହାମୁନି ଶୁଣ ଜଇତନ
ମହତେ ପ୍ରସଙ୍ଗ କରି ମୁକ୍ତ ହୋନ୍ତି ଜନ ।
ଯେଉଁ ନନ୍ଦଘୋଷରଥେ ଶ୍ରୀକୃଷ୍ଣ ସାରଥି
ସେ ସ୍ଥାନ ମାତ୍ର ବସିଲା ବିରାଟ ସନ୍ତତି ।
ଅର୍ଜୁନ ରଥୀ ରଥରେ ଉତ୍ତର ସାରଥି
ଯେସନେ ଆକାଶୁ ଇନ୍ଦ୍ର ଗୋବିନ୍ଦ ଆସନ୍ତି ।
ରଥୀପଣେ ଅର୍ଜୁନ ସ୍ମରୁ ହନୁମନ୍ତ
କପିକେତନ ଲାଗିଲେ ଆସିଣ ତୁରିତ ।
ପାର୍ଥ ଦେବଦତ୍ତ ଶଙ୍ଖ କରିଲେ ବାଦନ
ଶୁଣିଣ ତ୍ରାସ ଲଭିଲେ କଉରବ ସୈନ୍ୟ ।
ସର୍ବେ ଗୁହିଁଲେ ଉତ୍ତର ଦିଗେ କରି ଦୃଷ୍ଟି
ନନ୍ଦଘୋଷ ସନ୍ନିଧିରେ ବେଗେ ଆସି ଭେଟି ।
ଦୂରହୁଁ ଦେଖିଲେ ଭରଦ୍ୱାଜଙ୍କର ବାଳ
ଦ୍ରୋଣ ବୋଇଲେ ଅଇଲା ଇନ୍ଦ୍ରଙ୍କ ଦୁଲାଳ ।
କର୍ଣ୍ଣ ବୋଇଲେ ଗୁରୁ ହେ ଶୁଭେ ଦେବଦତ୍ତ
ଶକୁନି ବୋଲେ ତାହାର କପିଧ୍ୱଜ ରଥ ।
ଶଲ୍ୟ ବୋଲେ ନନ୍ଦଘୋଷ ରଥ ଯେ ଘୋଷଇ
କୃପ ବୋଇଲେ ଅର୍ଜୁନ ପରାକ୍ରମେ ଦିଶଇ ।
ଦ୍ରୋଣ ବୋଇଲେ କେମନ୍ତେ କରିବ ତା ସତ
ବନେ ପଡ଼ିଣ ପାଣ୍ଡବେ ମଲେ ପାଞ୍ଚଭ୍ରାତ ।
ଭୀଷ୍ମ ବୋଇଲେ ଯେ ପଣ୍ଡୁ ପୁତ୍ରଙ୍କ ଅନ୍ତରେ
ଆନ କେହ୍ନି ନନ୍ଦଘୋଷେ ଆସୁଛି ନକରେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅଥବା ଏହୁ ଅର୍ଜ୍ଜୁନ ସ୍ଥିର ହୁଅ ଜନା
କପାଁ ଗୋଳକର ଏହୁକ୍ଷଣି ଯିବ ଜଣା ।
ଏହୁମତେ ବାଗୁରଣ କୁରୁ ମହାବଳ
ଏକ ଦୃଷ୍ଟିପାତ କରି ଚାହିଁଲେ ସକଳ ।
ଉତ୍ତର ପାର୍ଥ ସମ୍ମୁଖରେ ହୋଇଣ ପ୍ରଣମି
ବୋଇଲା ଏ ରଥୀ ସର୍ବ କେ ଅଟନ୍ତ ସ୍ୱାମୀ ।
ଅର୍ଜ୍ଜୁନ ବୋଇଲେ ଶୁଦ୍ଧ ଶୁଣ ମୋ ଉତ୍ତର
ଏଣେ ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଲ୍ୟ ମହାବୀର ।
ଭୂରିଶ୍ରବା ସୋମଦତ୍ତ ପୁଣି କୃପବ୍ରହ୍ମା
ବାହ୍ଲିକ ଶକୁନି ଦ୍ରୋଣସୁତ ଅଶ୍ୱତ୍ଥାମା ।
କୃପାଚାର୍ଯ୍ୟ ଆବର ଯେ ଅଟେ ଜୟଦ୍ରଥ
କ୍ଷତ୍ରିୟ ସୁନ୍ଦର ମହାମଲ୍ଲ ଯେ ସମସ୍ତ ।
ଶୁଦ୍ଧସ୍ଫଟିକ ପରାୟେ ଯାର ରଥ ଗୋଟି
ଶାନ୍ତନୁଙ୍କର ସୋଦର ଭୂରିଶ୍ରବା ସେଟି ।
ତାହାଙ୍କର ବାମପାଶେ କଣସୁର ରଥ
ସ୍ୱର ଚନ୍ଦ୍ର ଚନ୍ଦ୍ର ହୋଇ ଜଡ଼େ ଅପ୍ରମିତ ।
କୃଷ୍ଣାଜନ ଚୂଳ ଅଛୁ ରଥର ଉପରେ
ଫରହରେ ପତାକା ଯେ ଉଡ଼େ ନିରନ୍ତରେ ।
କଣସ୍ତ ତେଜ ଆବର ଅର୍କ ତେଜ ଝଳ
ଗଜର ମୁକ୍ତା ମାଣିକ୍ୟ ପୁଣି ମାଳ ମାଳ ।
ଦ୍ୱାଦଶ ଗୋଟି ଶାର୍ଦ୍ଦୂଳ ଯୋଚାଅଛୁ ରଥେ
ବାବୁ ଆକାଶେ ବୁଲନ୍ତ ସେହୁ ହବାଗତେ ।
ଶାନ୍ତନୁଙ୍କର ନନ୍ଦନ ଗଙ୍ଗା ଯା ପ୍ରସୂତ
ଶର ପ୍ରୟୋଗ କରନ୍ତେ ତିନଲୋକେ ଭୀତ ।
ଶରଣବତ୍ସଳ ସେହୁ କଷା ଜଗତ୍କେଠି
ନାରଚ ବନ୍ଧନେ ଯାର ଅସ୍ତ୍ରଗିର ଫୁଟି ।
ଆହେ ସୁଦେଷ୍ଣା ନନ୍ଦନ ଯେଉଁ ପଶୁ ରାମ
ଏକୋଇଶ ବାରେ ପୃଥ୍ୱୀ କଲେ କ୍ଷତ୍ରୀ ଶୂନ୍ୟ
ସେହୁ ରାମ ପ୍ରାଙ୍କ ସଙ୍ଗେ କରିଣ ସମର
ହାରି ଯାଇଛନ୍ତି ଜାଣ ବିରାଟ କୁମର ।
ଏ ପୃଥ୍ୱୀରେ ଅଟେ ଯାର ଅସଂଖ୍ୟକ କଥା
ଅଟନ୍ତି ଏ ସେହୁ ଭୀଷ୍ମ କ୍ଷତ୍ରୀ ମହାରଥା ।
ସମୁଦ୍ର ଶୋଷଣ ହେଲା ଯାର ଶରଘାତେ
ଦାର ଗ୍ରହଣ ନ କଲେ ପିତାର ନିମନ୍ତେ ।
ଯାହାର ନାରଚ ତେଜ ଲାଗେ ଆକାଶରେ
ଦେବପାଳ ନ ସହନ୍ତି ଏହାଙ୍କର ଶରେ ।

ନାରଚ ଦେଖିଲେ ନଷ୍ଟେ ଆସେ ଛେଦ ଶିର
ଅଜାଣନ୍ତା ନାହିଁ କେହୁ ଏହାଙ୍କୁ ମଧ୍ୟପୁର ।
ଭୀଷ୍ମଙ୍କ ସନ୍ନିଧେ ଦେଖ ଯେଉଁ ରଥ ଅଛୁ
ଶୁଦ୍ଧମସୃ ଶ୍ୱେତ ହସ୍ତ ତହିଁ ଅଛୁ ଯୋଚା ।
ଯାହାର ବୃଷ ଆଡ଼ରେ କଣସ୍ତ ଘୁଉଣି
ଚଉଷଠି କୋଟି ପାଟ ଉପରେ ବଇଣି ।
ସେ ବିମାନ ନାମ ଅଟେ ଖେଚରୀ ବିମାନ
ମହ୍ର୍ୟ ନୟନ ଦେବନ୍ତେ ଦଉନ୍ତେ ସମାନ ।
ଶାକଲ୍ୟ ଦେଶର ସେହୁ ଅଟେ ଦଣ୍ଡଧର
ମାଦ୍ରୀଦେବୀଙ୍କ ସୋଦର ଅଟେ ନରଧାର ।
ଅଶ୍ୱିନୀକୁମାରଙ୍କର ଅଟଇ ଏ ଶଳା
ନକୁଳ ସହଦେବଙ୍କ ସୋଦର ମଉଳା ।
ଉତ୍ତର କୁମର ବୋଲେ ଭଲ ଶୁଭ କଥା
ମାତା ସୋଦର ହୋଇଲା କପାଁ ନନ୍ଦସୁତା ।
ଅର୍ଜ୍ଜୁନ ବୋଇଲେ ବାବୁ ଖେଳ କୁତୂହଳେ
ଗୁଣ୍ଡିମ ବାଣ୍ଟି ହୋଇଲୁ ଝିମାଣିର ଖେଳେ ।
ଯୁଧିଷ୍ଠିର ଦୁର୍ଯ୍ୟୋଧନ ହେଲେ ମୂଳଗଣ୍ଡି
ଭୀମ ଦୁଃଶାସନ ଦୁହେଁ ହେଲେ ଲଖ ଖଣ୍ଡି ।
ଯୁଧିଷ୍ଠିରଙ୍କ ଆଡ଼ରେ ପଡ଼େ ଭୀମସେନ
ଦୁର୍ଯ୍ୟୋଧନ ଆଡ଼କୁ ଯେ ଗଲା ଦୁଃଶାସନ ।
କର୍ଣ୍ଣବୀର ଆଉ ମୁହିଁ ଗଣ୍ଡି ହେଲୁ ବେନି
ଦୁର୍ଯ୍ୟୋଧନ ଆଡ଼େ କର୍ଣ୍ଣ ମୁଁ ଯୁଧିଷ୍ଠି ସେନ ।
ନକୁଳ ସୋମଦତ୍ତର ବେନି ଗଣ୍ଡି ହେଲେ
ସୋମଦତ୍ତ ଦୁର୍ଯ୍ୟୋଧନ ଭାଗରେ ପଡ଼ିଲେ ।
ସହଦେବ ଶକୁନି ଯେ ହେଲେ ଏକଯୋଗ
ଦୁର୍ଯ୍ୟୋଧନର ଶକୁନି ପଡ଼ିଗଲା ଭାଗ ।
ଏହିପରି ବେନିଭାଗ ହେଲେ ଖେଳରସେ
ପ୍ରଥମରେ ଦୁଃଶାସନ ଘୋଡ଼ାଏ ହରଷେ ।
ଦ୍ୱିତୀୟରେ ଘୋଡ଼ାଇଲେ ଭୀମ ମହାବଳୀ
ବ୍ୟାଘ୍ରକୁ ଦେଖି ପଳାନ୍ତି ଯେସନେକ ଛେଳି ।
କଉରବଙ୍କୁ ମାରଣ କରଇ ସେ ବ୍ୟସ୍ତ
ଯାହାକୁ ଦୃପୋଡ଼େ ମାରେ ସେହୁ ଭୂମିଗତ ।
ଏକା ନିଶ୍ୱାସକେ ଶତ ଭାଇଙ୍କୁ ସେ ମାରି
ସୋମଦତ୍ତ ଶକୁନି ଯେ ରହିଲେ ଉବୁରି ।
ଦେଖିଲେ ଶଲ୍ୟ ପଳାଇଯାନ୍ତି ଅପସରି
ନିଶ୍ୱାସକେ ଭୀମ ଡେଇଁ ପାଦଘାତ କରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଭୀମ ପାଦ ପଡ଼ିଲକ ଶଲ୍ୟଙ୍କର ପିଠି
ଅସାଷ୍ଟମେ ପଡ଼ିଲେ ସେ ମହୀତଳେ ଲେଟି ।
ଉଠି ନ ପାରି ବହୁତ ଲଜ୍ଜା ସେ ପାଇଲେ
ଭୀମକୁ ମାରିବି ବୋଲି ସତ୍ୟବ୍ରତ କଲେ ।
ଜକ୍ଷାବନ୍ତ ଷହି ବାଳ ପୁଅଙ୍କର ସଙ୍ଗେ
ଦଇମୀ କରିଲେ ମାତା ତାଙ୍କୁ ବହୁଯତେ ।
ଜାଉ ବୋଲି ନ ଶୁଣିଣ ରହେ କୁରୁଥାଟେ
ଭୀମକୁ ମାରିବେ ବୋଲି ରହିଲେ ସେ ଆଣ୍ଟେ
ଶୁଣ ହୋ ଉତ୍ତର ସେହି କ୍ଷତ୍ରୀଙ୍କର କଥା
ଭୀମଠାରେ ତାଙ୍କ କକ୍ଷା ରହିଲା ସର୍ବଥା ।
ଏହି ସେହି ମହାରଥୀ ରାଜ୍ୟ ଗୁରୁ ଶଲ୍ୟ
ଯୁଗାଦିକାଳରେ ଏହୁ ଅଟେ ମହାମଲ୍ଲ ।
ଧନୁରେ ସନ୍ଧାନ କଲେ ଗୋଟିଏ ନାରାଚ
ଗରୁଡ଼ ପୃଷ୍ଠେ କମ୍ପିଲେ ଥାଇ ଦେବରାଜ ।
ମହାବଳବନ୍ତା ସେହୁ କ୍ଷତ୍ରିକୁଳ ଆଦି
ଶର ବନ୍ଧିଲେ ପାତାଳ ସ୍ୱର୍ଗ ଦ୍ୱାରେ ରୁନ୍ଧି ।
ଏହାଙ୍କ ନିକଟେ ଅଛି ଦେଖ ଏକ ରଥ
ଉଦୟକାଳେ ଦିଶନ୍ତି ଯେସନ୍ତେ ଦିନନାଥ ।
ଅର୍ବୁଦେ ପତାକା ଉଡ଼େ ରଥର ଉପରେ
ଫରହର ହେଉ ଦେଖ ଗଗନର ଶିରେ ।
ବାରଣ ଦନ୍ତରେ ରଥ କଣୟ ଗ୍ରନ୍ଥଣି
ତହିଁ ଉପରେ ଝଟକେ ରତ୍ନମୟ ମଣି ।
ମାଣିକ୍ୟ ଗଜ ମୁକୁତା ତହିଁ ପନ୍ତି ପନ୍ତି
ତହିଁପରେ ପାଞ୍ଚଲକ୍ଷ ହୀରା ଝଟକନ୍ତି ।
ହୀରା ପାଖରେ ମର୍କତ ଅଛି ଧାଡ଼ି ଧାଡ଼ି
ବୃର ଭଣ୍ଡାର ସମ୍ପଦେ ଏ ରଥ ସଜାଡ଼ି ।
ମୀନାରେ ନିର୍ମିତ ପଦ୍ମ ପାଖୁଡ଼ା ମୁକୁତା
ଲମ୍ବିତ ଝାଲର ସବୁ ଗୁନ୍ଥା ପାଟସୂତ ।
ଚଉଷଠି ପନ୍ତି ହୀରା ପୀଢ଼ ଉପରେଖ
ସୁଗନ୍ଧ ମାଣିକ୍ୟ ଖଞ୍ଜାଅଛି ଚାରି ପାଖ ।
ଆବର ଲମ୍ବାଇ ଲକ୍ଷେ ମୁକ୍ତା ଚଉସରା
ତହିଁ ତଳେ ପୁଞ୍ଜି ପୁଞ୍ଜି ମୁକୁତାର ଝରା ।
କେଶରୀ ଲାଙ୍ଗୁଳା ଚିହ୍ନ ଦେଖ ରଥଧ୍ୱଜେ
ଅମରାଧିନାଥ ଡରି ପଥେ ଛନ୍ତି ବଜେ ।
ସହସ୍ର ଆଲମ୍ବ ଉଡ଼େ ଦେଖ ବେନିପାଖେ
ଶୁଦ୍ଧ ସୁବର୍ଣ୍ଣ ଡାଳିମ୍ବା ଚାମରହିଁ ଲକ୍ଷେ ।
ଲକ୍ଷେକ ଉଦଣ୍ଡ ପୁଣି ଲକ୍ଷେ ଘାଟନ୍ତି
ଲକ୍ଷେକ ଚାମର ପାଞ୍ଚଲକ୍ଷ ଅଇବ୍ରତ ।
ସୁବର୍ଣ୍ଣର ରଥ ଯହିଁ ଘୁଙ୍ଗୁର ସଜାଡ଼ି
ବେନିଲକ୍ଷ ଶଙ୍ଖ ସଙ୍ଗେ ଦେଉଥାଇ ରଡ଼ି ।
ସର୍ବଦା ମଣି ମୁକୁତା ଶୋଭଇ ଲଲାଟେ
ଅଷ୍ଟରତ୍ନର ମୁକୁଟ ଶୋଭେ ସମୁଦ୍ଘାଟେ ।
ବୈଜୟନ୍ତୀମାଳା ଶୋହେ ଯାହାଙ୍କର ହୃଦ
ଅତିଅନ୍ତ ଅଭିମାନୀ ସେ ମାନଗୋବିନ୍ଦ ।
ସମ୍ପୂର୍ଣ୍ଣ ଚନ୍ଦ୍ରର ରେଖା ଶୋଭିତ ଲଲାଟେ
ଜଗତବନ୍ଦନଜାଥ ଶୋଭେ ମଧ୍ୟ ଥାଟେ ।
ବେନିକରେ ଶୋହିବନ ଶଙ୍ଖ ପଦ୍ମନିଧି
ପନ୍ନଗନାରାୟଣ ସେ ବଚନରେ ସିଦ୍ଧି ।
ଏହାଙ୍କର କରତଳେ ଲାଗନ୍ତେ ପାଷାଣ
ଅବଶ୍ୟ ତରଳ ପାଣି ହୁଏ ସେହିକ୍ଷଣ ।
ଲକ୍ଷେ ରାଜାଙ୍କ ଉପରେ ସେ ମଉଡ଼ମଣି
କୋଟି ପାଦେ ଯାର କହେ ବଳେ କମଳିନୀ ।
ପନ୍ନଗ ନାରାୟଣ ଏ ସ୍ୱୟଂ ଅବତାର
ମାତା ପିତା କାହାକୁ ନ କରେ ନମସ୍କାର ।
ଦ୍ୱିଜରାଜାଙ୍କ କୁମାରୀ ନାମ ଭାନୁମତି
ଅଷ୍ଟପ୍ରହର ତାହାଙ୍କୁ ବିବାହ ହୁଅନ୍ତି ।
ଇନ୍ଦ୍ରପ୍ରସ୍ଥ ଯମପ୍ରସ୍ଥ ହସ୍ତିନା ବାରୁଣା
ଜୟନ୍ତା ଆଦି ତା ରାଜ୍ୟ ନୁହଇ କଳନା ।
କୁଞ୍ଜରଜ ଦେଶର ଏ ଅଟେ ଅଧିପତି
ବଡ଼ ପ୍ରତାପୀ ରାଜା ଏ ମାନଚକ୍ରବର୍ତ୍ତୀ ।
ଶତେଭ୍ରାତ ଏହାଙ୍କର ଏକେ ଏକେ ଦକ୍ଷ
ଧାର୍ମିକ ବିବେକପଣେ ଅତ୍ୟନ୍ତ ସୁଦକ୍ଷ ।
ଗାନ୍ଧାର ଦେଶର ରାଜା ମନ୍ତ୍ରୀ ଯେ ଶକୁନି
ଭୂତ ଭବିଷ୍ୟତଜ୍ଞାତା ସେହୁ ମହାଜ୍ଞାନୀ ।
ଏ ରଥ ଶୁଦ୍ଧସ୍ଫଟିକ ଗ୍ରଥଣୀ ବିରାଜ
ଆଦିତ୍ୟ କିରଣ ଜିଣି ଅଟେ ଏହା ତେଜ ।
ଯେତେ ରତ୍ନ ଲାଗିଅଛି ରଥ ମଣ୍ଡଣିରେ
ନ ଥିବ ରତ୍ନ ସେତେକ ରାଜାଙ୍କ ଭଣ୍ଡାରେ ।
ଏହି ଯେ ସକଳ ରତ୍ନ ଅଟଇ ଅମୂଲ୍ୟ
କୁବେର ଭଣ୍ଡାର ସଙ୍ଗେ ହେବ ସମତୁଲ ।
ଏହୁ ରାଧାର କୁମର ଅଟେ ବୀର କର୍ଣ୍ଣ
ମହୀ ଲାଞ୍ଚ ଦିଏ ଯାକୁ ଲଙ୍କେଶ୍ୱର ସ୍ୱର୍ଣ୍ଣ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏହାର ବେନି ଚରଣ ପଡ଼ନ୍ତେଣ ପୃଥ୍ୱୀ
ମୁଖ ବାଟରୁ ରୁଧିର ବହେ ବସୁମତୀ ।
ସ୍ଥିର ହୋଇଣ ଏହାର ସ୍ଥଳବା ନିମନ୍ତେ
ତେଣୁ ଶତେଶ୍ୱର ସ୍ୱର୍ଣ୍ଣ ଦଅଇ ସେ ନିତ୍ୟେ ।
ଆମ୍ଭର ସୋଦର ଏହୁ ଅଟେ ଜ୍ୟେଷ୍ଠଭ୍ରାତ
ଯୁଧିଷ୍ଠିରଠାରୁ ବଡ଼ କୁନ୍ତୀ ଗର୍ଭଜାତ ।
ଉତ୍ତର ବୋଲେ ଦୁର୍ଲଭ ଅଟେ ତୁମ୍ଭବାଣୀ
ଆଶ୍ଚର୍ଯ୍ୟ ହୋଇଲି ଦେବ ତୁମ୍ଭ କଥା ଶୁଣି ।
ଯେବେ ଏ ସୋଦର ଏକା ମାତାଗର୍ଭୁ ଜାତ
ଜ୍ୟେଷ୍ଠଭ୍ରାତ ହୋଇ କିପାଁ ଏଡ଼େ ନିଷାବନ୍ତ
ଏ କଥା କହି ସନ୍ଦେହ ଛଡ଼ାଅ ହେ ଦେବ ।
ନିଜଭ୍ରାତାଙ୍କୁ ଗ୍ରହଣ ଶଙ୍କୁ ସଙ୍ଗେ ଶବ ।
ଅର୍ଜୁନ ବୋଇଲେ କୁନ୍ତିଭୋଜ ବୋଲି ରାଜା
ହୋଇଲା ଦେଖା ଅଟନ୍ତି ତାହାଙ୍କ ତନୁଜା ।
କୁନ୍ତୀ ଦୁର୍ବାସା ଋଷିଙ୍କି ବାଳିକା କାଳରେ
ଦ୍ୱାଦଶ ବରଷ ସେବେ ପିତାଙ୍କ ଗୃହରେ ।
ରାଜ୍ୟ ଗ୍ରହଣ ଯାଆନ୍ତେ ସେ ଦୁର୍ବାସା ଯତି
କୁନ୍ତୀ ଗୋଡ଼ାଇଲେ ଯାଇ ତାଙ୍କ ପଛକତି ।
ଦୁର୍ବାସା ବୋଇଲେ କୁନ୍ତୀ ଫେରିଯାଅ ତୁହି
ପ୍ରଣାମ କରି ବୋଲନ୍ତି ତହୁଁ ମହାମାଈ ।
ଈଶ୍ୱର ସମାନେ ମୁହିଁ ତୁମ୍ଭଙ୍କୁ ସେବିଲି
କିଛିହିଁ ନ ପାଇ ଏବେ ନିରାଶ ହୋଇଲି ।
ଦୁର୍ବାସା ବୋଇଲେ ଏହି ମନ୍ତ୍ରଟି ଆମ୍ଭର
ଯାତ ନ ଦେଇଁ ନିମାତେ ଯେହ୍ନେ ମୋ ଗ୍ରାମୁର ।
ଯେବେ ଏ ଅଇଲୁ ତୁହି ମନେ କରି ଇଚ୍ଛା
ମାଗ ମାଗ ତୋର ମନେ ଅଛି ଯେଉଁ ବାଞ୍ଛା ।
କୁନ୍ତୀ ବୋଇଲେ ମାଗିବ କିସ ମୁନିବର
ସ୍ତ୍ରୀଙ୍କ ବେଦନା ଜାଣି ତୁମ୍ଭେ ଦୟାକର ।
ଦୁର୍ବାସା ବୋଇଲେ ସ୍ତ୍ରୀମାନଙ୍କର ବାଞ୍ଛା
ସୁନ୍ଦର ପୁରୁଷ ଦେଖି ଚିତ୍ତେ ହୁଏ ଇଚ୍ଛା ।
ଏ ଜପାମାଳାଟି ମୁହିଁ ଦେଉଅଛି ତୋତେ
ଯାହାକୁ ସ୍ମରିବୁ ତୁହି ଥାଇ ଶଯ୍ୟାଗତେ ।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ବାୟୁ ବ୍ରହ୍ମା ଯେ ବସ୍ତୁଙ୍କୁ
ସ୍ମରିଲେ ନିଶ୍ଚୟ ସେ ଆସିବେ ପାଶକୁ ।
ଏସନ କହି ଜପାମାଳ ଦେଲେ ଭଗବନ୍ତେ
ବନସ୍ତେ ହୋଇଲା ସ୍ନାନ ସାରିଲେ ତୁରିତେ

ସ୍ନାହାନକୁ ସାରି ଦେଖା ହୋଇଛନ୍ତି ଉଭ
ଐଶାନ୍ୟ ଦିଗେ ଦିଶିଲ ଆଦିତ୍ୟର ପ୍ରଭା ।
ମହାମନ୍ତ୍ର ପରୀକ୍ଷା ସେ କରିବା ନିମନ୍ତେ
ଦିବସ୍ୱାନ ସ୍ମରଣା କଲେ ଶଯ୍ୟାଗତେ ।
କୁନ୍ତୀ ଋତୁବତୀ ପୁଣି ନୁହେଁ ଉଦ୍ଭୋବତୀ
ଭାସ୍କର ଦେବତା ଆସି ବଢ଼ାଇଲେ ପ୍ରୀତି ।
ରତି ଆଲିଙ୍ଗନେ କନ୍ୟା କରିଲେ ସମ୍ଭବ
କର୍ଣ୍ଣଦ୍ୱାରେ ପୁତ୍ରେକ ହୋଇଲା ପ୍ରସବ ।
ଦିନକର ନାଥ ଯାଇଁ ଧଇଲେକ କୋଳେ
ସପ୍ତସୂର୍ଯ୍ୟମଣି ଥୁପି ଦେଲେ ବକ୍ଷସ୍ଥଳେ ।
ଅଭେଦ କବଚମଣି ଥୁପି ତା ତାଳୁରେ
ପୁଣିହିଁ କବଚ ଛଉଣୀ ଖଞ୍ଜି ଲେ ତହିଁରେ ।
କର୍ଣ୍ଣେ ଖଞ୍ଜି ଲେ ଅମୃତ କୁଣ୍ଡଳକୁ ଟ
କର୍ଣ୍ଣ ନାମ ଦେଲେ ନିଜ କୋଳରେ ବସାଇ
ସହିତ ସୂର୍ଯ୍ୟର ତେଜ ଜ୍ୱଳନ୍ତ ଜାପ୍ୟେ
ଲଜରେ ପିତା ଗୃହକୁ ନ ନେଲେ ଯେ ମାଏ
ମୃତ୍ତିକାର ମଞ୍ଜୁଷା ସେ ଗୋଟିଏକ କରି
ବାଳୁତ କୁମର ନେଇ ତହିଁ ମଧ୍ୟେ ଭରି ।
ଯମୁନାନଦୀ ବହଇ ଅଇଶାନ୍ୟ ଦିଗେ
ସେ ନଦୀ ଭିତରେ ନେଇ ପକାଇଲେ ବେଗେ
କୁମର ତେଜେ ସିଝିଲ ସେହି କଞ୍ଚାମାଟି
ତହିଁ ଭିତରେ ବଢ଼ଇ ସୂର୍ଯ୍ୟ ବହ୍ନିଗୋଟି ।
ସେ ମଞ୍ଜୁଷା ଉଛୁଡ଼ିଣ ଭସିଲା ଜଳରେ
ଲାଗିଲା ଯାଇଣ ଇନ୍ଦ୍ରପ୍ରସ୍ଥ ନଗରରେ ।
ଗାଲବ ସୁତ ସଞ୍ଜୟ ଧୃତରାଷ୍ଟ୍ର ମନ୍ତ୍ରୀ
ରାଧା ନାମରେ ଥିଲା ଯେ ତାହାର ଦୁହିତା ।
ସଞ୍ଜୟଙ୍କୁ ପ୍ରାପତ ଯେ ହେଲା ଦିବ୍ୟଚକ୍ଷୁ
ସେ ବୋଇଲା ମାଗୋ ରାଧା ତୁହି କାହିଁଅଛୁ ।
ଏହିକ୍ଷଣି ଚଳ ତୁ ଗୋ ଯମୁନାର କୂଳେ
ମଞ୍ଜୁଷା ଗୋଟିଏ ଭସି ଆସୁଅଛି ଜଳେ ।
ତାହାକୁ ଘେନିଣ ତୁହି ଆସ ଗୋ ଯତନେ
ବଡ଼ ବଳବନ୍ତ ଏକ ଅଛଇ ନନ୍ଦନେ ।
ପିତାର ବଚନେ ରାଧା ତହୁଁ ବେଗେ ଚଳେ
ମଞ୍ଜୁଷା ପାଇଲା ଯାଇ ଯମୁନାର ଜଳେ ।
ଅନେକ ଯତନେ ତାକୁ ସେ ରାଧା ପାଳିଲେ
ବାଳକାକୁ ପ୍ରୀତି ତାର କୁଳପତି ତୁଳେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ତ୍ରିବେଣୀ ପ୍ରୟାଗ ତୀର୍ଥେ ଦୁହେଁ ହେଲେ ମିଳ
ଜଣ ତୁ କର୍ଣ୍ଣ ଏମନ୍ତ ଅଟେ ଆମ୍ଭ ଭ୍ରାତ ।
ଯେଉଁ ବାକ୍ୟ ଉତ୍ତରକୁ କହିଲେ ଫାଲ୍‌ଗୁନ
ଏହି ସକାଶରୁ କର୍ଣ୍ଣ ଅସ୍ତ୍ର ଅଛି ଘେନ ।
ପରମ ସାନନ୍ଦେ ଏହା କହିଲେ କିରୀଟୀ
ଶୁଣି ଅନେକ ସାନନ୍ଦ ହୋଇଲା ବିରାଟି ।
ବାବୁ କର୍ଣ୍ଣର ନିକଟେ ଅଛି ଯେଉଁ ରଥ
ପୂର୍ଣ୍ଣିମା ତେଜକୁ ଜିଣି ଦିଶେ ତେଜୋବନ୍ତ ।
ରଥୋପରେ ବିରାଜଇ ଚନ୍ଦ୍ରକାନ୍ତ ମଣି
ତହିଁ ଉପରେ କନକ ମୃଗର ଗୁଡ଼ିଣି ।
ରଥରେ ମଲ୍ଲୀ ମାଳତୀ ଗଜର ମୁକୁତା
ମାଣିକ୍ୟର ଜରଗୁନ୍ଥା ସଙ୍ଗେ ପାଟସୂତା ।
ଚନ୍ଦ୍ରମଣ୍ଡଳ ରଥର ଚନ୍ଦ୍ରକାନ୍ତ ମଣି
ଚନ୍ଦ୍ର କିରଣକୁ ଜିଣି ବିରାଜନ୍ତି ପୁଣି ।
ବାବୁ ଉତ୍କଳ ଦେଶର ଭରଦ୍ୱାଜ ଋଷି
ଦ୍ରୋଣ ମହାରଥୀ ଏହୁ ତାହାଙ୍କର ଶିଷି ।
ପର୍ଶୁରାମଙ୍କ କୃପାରୁ ପାଇ ଶରବିଦ୍ୟା
କୁରୁ ପାଣ୍ଡବଙ୍କ ଗୁରୁ ଦ୍ରୋଣ ମହାଯୋଦ୍ଧା ।
ନବସସ୍ର ବଳ ଅଛି ଏହାଙ୍କ ଧନୁରେ
ବଶୀଗତ ଶାର୍ଦ୍ଦୂଳ ଯେ ଯୋଚିଲା ରଥରେ ।
ଶାର୍ଦ୍ଦୂଳର ଲାଞ୍ଛିତଚିହ୍ନ ଉଡ଼େ ରଥଧ୍ୱଜେ
କଣୟୁ ସ୍ୱରୂପ ଏହି ରଥଟି ବିରାଜେ ।
ବାବୁ ଏ ଦ୍ରୋଣ ଅଟନ୍ତି ଯେଉଁରୂପେ ରଥୀ
ତାହାଙ୍କ ସ୍ୱରୂପେ ମଧ୍ୟ ଧୃଷ୍ଟ ମହାମତି ।
ତାହାଙ୍କ ସନ୍ନିଧେ ଦେଖ ବିରାଟ ସନ୍ତତି
ଏକଖଣ୍ଡ ରଥ ଦିଶେ ମର୍କତ ଆକୃତି ।
ବିରାଜେ ମୁକ୍ତା ମର୍କତ ପନ୍ତି ପନ୍ତି ଜାଣି
ଅଟଇ ସେ ଅଶ୍ୱତ୍ଥାମା ମହା ବୀରମଣି ।
ପାଞ୍ଚଗୁଣା ଲକ୍ଷେବଳ ବହଇ ଏ ଧନୁ
ବାଣ ପ୍ରହାର କରିଲେ କମ୍ପେ ଯମ ତନୁ ।
କ୍ଷତ୍ରିୟମାନଙ୍କ ମଧ୍ୟେ ଏ ବଡ଼ ପ୍ରତାପୀ
ଦ୍ରୋଣ ଏହାଙ୍କର ପିତା ମାତା ଅଟେ କୃପୀ ।
ଏହି ଧନୁକୁ ଧଇଲେ କମ୍ପେ ଆଖଣ୍ଡଳ
ଯମ ଦେବତା ନ ରହେ ସଂଯମନୀ ଆଳ ।
କ୍ଷତ୍ରିୟମର୍ଦ୍ଦନ ଏହୁ ଅଟେ ଦଣ୍ଡକାରୁ
ଦ୍ରୋଣଠାରୁ ପାଞ୍ଚଲକ୍ଷ ବଳ ବହେ ଗୁରୁ ।

ଯୁଦ୍ଧେ ଅବାରଣ ଏହୁ ଅଟଇ ମହାତ୍ମା
ଏହାଙ୍କ ମାତୁଳ ଦେଖ କ୍ଷତ୍ରୀ କୃପବ୍ରହ୍ମା ।
ମଳୟ ବସନ୍ତ ଦେଖ ମଳୟ ସାରଥି
ମଳୟାନିଳ ବିକାଶେ ରଥ ଚଉକତି ।
କେତେ ରତନ ଲାଗିଛି ତହିଁ କେତେ ଶାଖା
ଗଣନା କରିବାକୁ ସେ ଅଟଇ ଅଲେଖା ।
ଯାକୁ ଶର ସନ୍ଧେ ତାକୁ ଅବଶ୍ୟ ମାରଇ
ଚନ୍ଦ୍ର ସୂର୍ଯ୍ୟ ହେଲେ ମଧ୍ୟ ଆଉ ନ ବର୍ତ୍ତଇ ।
ନିର୍ଦ୍ଦୟ ଏହୁ ମହାତ୍ମା ସମରର କାଳେ
ସ୍ୱର୍ଗ ଭୁବନକୁ ମର୍ତ୍ତ୍ୟେ ଆଣିପାରେ ବଳେ ।
ବ୍ରାହ୍ମଣପଣରେ ଅଟେ ଅପ୍ରମେୟ ତେଜ
ସେ ମହାରଥୀ ଅଟନ୍ତି କୃପ ଯେ ଆଚାର୍ଯ୍ୟ ।
ମାରଗ ଖଞ୍ଜିଣ ଏହି ଉତ୍ତମୟ ରଥ
ଲୋହିତ ପିଙ୍ଗଳ ବର୍ଣ୍ଣ ଅଟଇ ଘରସ୍ତୁ ।
ଭଲ୍ଲୁକର ଚର୍ମେ ଗୁଡ଼ିଅଛି ରଥଘୋଟି
ସୋମଦତ୍ତ ଅଟଇ ଯେ ଏ ମହାରଥୀଟି ।
ତାହାଙ୍କ ଉଣୋଇ ଏ ବାହ୍ଲିକ ମହାଯୋଧୀ
କ୍ଷତ୍ରିୟ ସୁନ୍ଦର ବାୟୁ ପାରନ୍ତି ଏ ବାନ୍ଧ ।
ରଥରେ ଡାଳିମ୍ବ ଚର୍ମ ହୋଇଛି ଗୁଡ଼ିଣି
ଯେସନେକ ବିରାଜଇ ସ୍ୟମନ୍ତକ ମଣି ।
ବାହ୍ଲିକ ଦେଶର ଏହୁ ଅଟେ ନରନାହା
ରଥରେ ଯୋଚି ଅଛଇ ଲକ୍ଷେ ବାହୁଟିଆ ।
ହିରଣ୍ୟଗିରି ମଣ୍ଡଳେ ବୋଲି ଏକଦେଶ
ତହିଁର ରାଜା ଅଟଇ ଏହି ଅଳମ୍ବୁଷ ।
ଅନେକ ଲକ୍ଷ ଏହାର ବ୍ୟାଘ୍ର ଯେ ବାହନ
ଅତି ବିଶ୍ୱାସେ ଥାଆନ୍ତି ରାଜା ସନ୍ନିଧାନ ।
ଆଗୁଆଣ ଥାଟେ ଏହୁ ଚଳେ ସର୍ବକାଳେ
ଲକ୍ଷେକ ନୃପତି ଜିଣିପାରେ ଅବହେଳେ ।
ରାଜାର ନନ୍ଦନ ଏହୁ ଶାଖା ଅବରୋଧ
ତାହାର ନନ୍ଦନ ନାମ ଅଟେ ଅଳାୟୁଧ ।
ଶାରଙ୍ଗ ସମାନ ତାର କରେ ଲୌହଧନୁ
ତପେ ପ୍ରସନ୍ନ ହୋଇଣ ଦେଲେ ପଞ୍ଚମନୁ ।
ଯୁଗାନ୍ତକ ଯୋଦ୍ଧା ଏହୁ ଦାନବାଧିପତି
ଚତୁର୍ଦ୍ଦିଗରେ ଏହାର ବିଖ୍ୟାତ କୀରତି ।
ରଥ ବିରାଜଇ ଦେଖ ଶୁଦ୍ଧ ହୀରାମୟ
ଦ୍ୱାଦଶ ଆଦିତ୍ୟ ରଥ, ଘଟନ କରିୟ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସିନ୍ଧୁଦେଶର ରାଜା ଏ ଦୁଃଶୀଳାର ନାଥ
ଦୁର୍ଯ୍ୟୋଧନର ଭଉଣୋଇ ନାମ ଜୟଦ୍ରଥ ।
ଧ୍ୱଜଅଗ୍ରେ ରଥ ଏ ସାଜେ ଅନୁକ୍ରମେ
ପଛଆଡ଼େ ଥାଟେ ଚଳେ ପିତାର ନିମନ୍ତେ ।
ଉତ୍କଳ ଦେଶର ରାଜା ଅଟେ ବୀରମାନ
ଅର୍ବୁଦେ ଯୋଦ୍ଧା ସେନ ଏ ସମର ସମ୍ଭାଳ ।
ଅସଂଖ୍ୟ ଅଟଇ କୁରୁସୈନ୍ୟ କହନ୍ତି
ଏକାଦଶ ଅକ୍ଷୌହିଣୀ ବଳ ଯେ ଲେଖନ୍ତି
ତୁ ଯେ ପୁଛାକଲୁ ସେନାପତିଙ୍କର କଥା
ଠିକ ଠିକକରି ତୋତେ କହିଲି ମୁଁ ଯଥା ।
ଜୟ ଜୟ ଜଗନ୍ନାଥ ଶରଣ ପଞ୍ଜର
ପତିତ ଉଦ୍ଧାର ବାନା ଉଡ଼େ ଫରଫର ।
ମହୋଦଧି ତୀରେ ବଡ଼ ଦେଉଳରେ ବସି
ଭକ୍ତମାନଙ୍କ ଦୁଃଖ ଦେଉଅଛ ଧ୍ୱଂସି
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀମାନଙ୍କୁ କରୁଛ ଉଦ୍ଧାର ।
ଗର୍ଗବଂଶ ଉପାଧିକ ରତ୍ନାକର ଦ୍ୱିଜ
କହେ ହେ ଭୁବନେଶ୍ୱର ଚରଣରେ ଭଜ ।
ଜୟ ହରଚଣ୍ଡୀ ମାଗୋ ଦେବୀ କାତ୍ୟାୟିନୀ
ପର୍ବତ ତନୟା ତୁ ଯେ ଶିବଙ୍କ ଘରଣୀ ।
ଦୁରିତନାଶିନୀ ମାଗୋ ମହିଷମର୍ଦ୍ଦିନୀ
ତାରେ ଦୟାକର ମାଗୋ ଶ୍ମଶାନବାସିନୀ ।
ତୋହର ପ୍ରସାଦେ ମୁଁ ଯେ ପଣ୍ଡିତ ଅଟଇ
ତେଣୁକରି ତୋ ପାଦରେ ଶରଣ ମାଗଇ ।
ଅଟୁ ତୁହି ଚତୁର୍ବର୍ଗ ଫଳ ପ୍ରଦାୟିନୀ
ଶାରଳା ଦାସ କରଇ ତୋ ପାଦେ ବିନତି ।

ଅର୍ଜ୍ଜୁନ ଦୁର୍ଯ୍ୟୋଧନର କଳି ଓ ଶତଭ୍ରାତାଙ୍କ ସହିତ ଯୁଦ୍ଧ

ଅଗସ୍ତ୍ୟ କହୁଅଛନ୍ତି ଆହେ ନୃପବର
ଏଥୁଅନ୍ତେ ଯାହା ହେଲା ଶୁଣ ସମାଚାର ।
ଉତ୍ତର ବୋଇଲା ଦେବ ପାଇଲି ଚଦନ୍ତ
କାହାର ସମ୍ମୁଖ ଏବେ ବାହିବି ମୁଁ ରଥ ।
ଅର୍ଜ୍ଜୁନ ବୋଇଲେ ଆହେ ଶୁଣ ତୁ ଉତ୍ତର
ବନ୍ଦି ହୋଇଣ ଅର୍ଜ୍ଜୁନ ଉପର ଉପର ।

ମହା ଘୋର ସଂଗ୍ରାମରେ ହେବ ଗୋଳଯୁଦ୍ଧ
କହୁଛ ମରିବେ ସେନା ସୈନ୍ୟ ରଣ ମଧ୍ୟ ।
ଦେଖିଣ କାତର ତୁହି ନ ହେବୁ କଦାଚି
ରଥୁ ତ୍ୟାଗ ହେଲେ ଧୂଳ ହେବ ତୋ ଦେହଟି
ଯହିଁ ଅବା ହରି ବ୍ରହ୍ମା ଆସିବେ ଏଠାଇଁ
ଏ ରଥେ ଥିଲେ ପ୍ରମାଦ ତୋର କିଛି ନାହିଁ ।
ଅଶ୍ୱଙ୍କୁ ଚାଳଣ ତୁହି ରଥେ ବସିଥିଲେ
ଜଣନ୍ତା ନୋହିବେ ତୋତେ ଭୀଷ୍ମଦ୍ରୋଣହେଲେ
ଉତ୍ତର ବୋଇଲା ସ୍ୱାମି ଆଜ୍ଞା କଲ ମେରୁ
ତୁ ସିନା କରିବୁ ରକ୍ଷା ମୋତେ କ ପର୍ବରୁ ।
ଭୀଷ୍ମ ଦ୍ରୋଣ ଅଟନ୍ତି ଯେ ବଡ଼ ମହାଯୋଧୀ
ସମସ୍ତେ ହୋଇ କରନ୍ତି ରାଜାଙ୍କର ସିଦ୍ଧି ।
ରାଜା ବଚନେ ଚାଳନ୍ତି ସିନା ସର୍ବଲୋକେ
ଆଉମାନେ ଯେ ନଉକା ରାଜାହିଁ ବାହୁକେ ।
ଆଉମାନଙ୍କ ସମ୍ମୁଖ ନ ବାହା ମୋ ରଥ
ରାଜାଙ୍କୁ ଜିଣିଲେ ସାଧ୍ୟ ହୋଇବେ ସମସ୍ତ ।
ଅର୍ଜ୍ଜୁନଙ୍କ ବଚନରେ ସେ କୁମରମଣି
ଦୁର୍ଯ୍ୟୋଧନ ଆଗେ ରଥ ବେଗେ କଲା ଆଣି
ନିର୍ଘାତ ଶବଦ ଯେହ୍ନେ ଖସଇ ଆକାଶୁ
କୌରବବଳ ହାସିଲେ ନନ୍ଦଘୋଷ ଆସୁ ।
ସମସ୍ତେ ଦେଖିଲେ ରଥଧ୍ୱଜେ କପିଚିହ୍ନ
ଦୁର୍ଯ୍ୟୋଧନ ବୋଲେ କରେ ଅଟୁ ତୁ ଅର୍ଜ୍ଜୁନ
ପଶାରେ ହାରିଲ ଆରେ ରାଜ୍ୟାଦି ସମସ୍ତ
ବରଷେ ତେରଦିନ ଯେ ଅଟଇ ଅଜ୍ଞାତ ।
ଆବର ଦଶଦିବସ ଅଛଇ ଦେଖନ୍ତି
ପୁଣି ଦ୍ୱାଦଶ ବରଷ ଯିବ ରେ ବନସ୍ତେ ।
ଅର୍ଜ୍ଜୁନ ପ୍ରଣାମ କଲେ ନନ୍ଦଘୋଷେ ଥାଇ
ଅନେକ ଚିଙ୍ଗାସ ତାକୁ କଲେ କୁରୁସାଇଁ ।
ସମ୍ପଦ ସବୁ ହାରିଲେ ପଶିଲ କାନନ
କନ୍ଦମୂଳ ଅଖାଦ୍ୟକୁ କରିଲ ଭୋଜନ ।
ନଗ୍ରେ ନଗ୍ରେ ପଶିଣ ରେ ହୋଇଲ ଭିକ୍ଷାଶୀ
କ୍ଷତ୍ର ବୃତ୍ତିକୁ ଛାଡ଼ି ରେ ହୋଇଲ ତପସ୍ୱୀ
ଯୋଗୀ ତପସ୍ୱୀ ପୁଣି ରେ ଆବର ଭିକ୍ଷାଶୀ ।
ଏହାଙ୍କୁ ମାଇଲେ ବହୁପାପ ହୁଏ ଆସି ।
ନିଜ ଜାତି ବୁଡ଼ାଇ ରେ ହେଲ ମହାହୀନ
କୁଳ ବୁଡ଼ାଇ ଅର୍ଜ୍ଜୁନେ ପଶି ନେଲ ଧନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ନିନ୍ଦିତ ପାପୀ ଅଟଇ ପରଅନ୍ନ ଭୋଗୀ
ପ୍ରତିଜ୍ଞା ବୁଡ଼ାଇଲରେ କୁଟୁମ୍ବଙ୍କୁ ତ୍ୟାଗି ।
ଏତେ ପ୍ରତିଜ୍ଞା ଯଦ୍ୟପି ଅଛୁରେ ତୁମ୍ଭର
ପଶାଖେଳରେ ହାରିଲ କପଁା ରାଜ୍ୟଭାର ।
ଅର୍ଜ୍ଜୁନ ପ୍ରତିଉତ୍ତର ଦିଏ ତାହା ଶୁଣି
ତୋହର ଦର୍ପ ସବୁ ତ ମୁହିଁ ଅଛି ଜାଣି ।
ପାଣ୍ଡବା ଅସୁର ଗିଳୁଥିଲା ଯେତେବେଳେ
ତୋତେ ଉଦ୍ଧାର କରିଲ ତାକୁ ମାରି ହେଳେ
ହିରଣ୍ୟ ଦଇତ୍ୟ ତୋତେ ନେଲା ବଳେ ହରି
ଜୀର୍ଣ୍ଣକୂପ ମଧ୍ୟେ ନେଇ ଦେଲା ଠାବକରି ।
ନକୁଳ ଉଦ୍ଧାର କରି ଆଣିଲେକ ତହୁଁ
ମୂର୍ଖ ସ୍ୱଭାବ ବହୁ ତୁ ଏତେ ଗର୍ବ ବହୁ ।
ଦ୍ରୁପଦ ରାଜାର ଜାଣୁଟି କି ଯେତେ କଥା
ଏକା ଭୀମସେନ ଦେଲା ତୋତେ ଯେ ଅବସ୍ଥା
ବନାକାର୍ଯ୍ୟେ ଆମ୍ଭେ ସିନା ରକ୍ଷାକଲୁ ତୋତେ
ନିର୍ଲ୍ଲଜ ପ୍ରାଣକୁ ଘେନ କହୁଛୁ ତୁ କେତେ ।
କାମ୍ୟକ ବନର କଥା ମନେ ଅଛିଟିକି
ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଲ୍ୟ ସର୍ବେ ନ ଥିଲେ କି
ସେକାଳେ ସକଳେ ଛାଡ଼ି ପଳାଇଲେ ତୋତେ
ଆକାଶେ ବନ୍ଧନ କରି ନେଲା ଚିତ୍ରରଥେ ।
ଶତ୍ରୁପଣକୁ ଛାଡ଼ିଲି ତୋର କଷ୍ଟ ଦେଖି
ଗନ୍ଧର୍ବେ ଯୁଝିଲି ମୁହିଁ ପ୍ରୀତିକୁ ଉପେକ୍ଷି ।
ତୁମ୍ଭେ ଯେବେ ବୋଇଲୁ ରେ ପଶାଖେଳ କଥା
ମୂର୍ଖପଣେ ପିଲାକଥା କହୁ ତୁ ସର୍ବଥା ।
କପଟପଶା କରି ତୁ ଭୁଆଇଲୁ ଜୂତ
ଅଯୋଗେ ଜିଣିଲୁ ତୁମ୍ଭେ କରି ଦୁଷ୍ଟମିତ ।
ସେ ପଶା ଖେଳରେ ତୋର ବୁଦ୍ଧିଅଛି ବୁଝି
ଆଜ ଦୁହେଁ ଖେଳିବା ସେ ପଶା ରଣମଝି ।
ଆଜ ପଶାଖେଳରେ ହେ ଯେହୁ ପାରେ ଜିଣି
ତାର ମହିମା ଜଗତେ ହୋଇବ ବଖାଣି ।
ଜନମ କାଳରୁ ଜାଣୁ ତୁ କୂଟ କପଟ
ଭୁଆଇଲୁ ଜତୁଗୃହ ଘୃତ ଛଣପଟ ।
ପୁରୋଚନକୁ ପେଷିଲୁ ଦେବାପାଇଁ ଜୁଇ
ସେ ବ୍ରାହ୍ମଣ ନାଶଗଲା ଆମ୍ଭେ ଗଲୁ ଜୀଇଁ ।
ପୁରୋଚନ ପଣ୍ଡା ମଲା ତୋହର ବିଶ୍ୱାସେ
ତୋର ବଂଶ ନାଶଯିବ ବ୍ରହ୍ମହତ୍ୟା ଦୋଷେ ।
ବିଶ୍ୱାସଘାତକ ହୋଇ ବଞ୍ଚେ ଯେଉଁ ପ୍ରାଣୀ
ତାର ଜୀବନ କି ଜୀବଲୋକ ମଧ୍ୟେ ଗଣି ।
ଆପଣେ ତ ବଡ଼ ପାପୀ ପରକୁ ଝିଙ୍ଗାସ
ଦେଖନ୍ତୁ ସମସ୍ତେ ପଶାଟେକ ଘେନି ଆସ ।
ଦୁର୍ଯ୍ୟୋଧନ ବୋଇଲେ ରେ ଶୁଣ ତୁ କଥାଟି
ଯୁଦ୍ଧ ସଙ୍କାରେ ପାଇବା କାହୁଁ ପଶାକାଠି ।
ପଶାକାଠି ପଶାସାର ଏ ଠାବରେ ନାହିଁ
କପଟ ଖେଳିବା ପଶା ଏହି ରଣଭୂଇଁ ।
ଅର୍ଜ୍ଜୁନ ବୋଇଲେ ତୁମ୍ଭେ ଶୁଣ ମହାରାଜ
ଆମ୍ଭେ ତୁମ୍ଭେ ବନ୍ଦା ବନ୍ଧ ହୋଇବା ନାରାଚ
ନାରାଚମାନ ହୋଇବେ ତହିଁ ପଶାକାଠି
ପଶାସାର ହେବ ସେନାପତି ମୁଣ୍ଡଗୋଟି ।
ଏରୂପେ ପଶା ଖେଳିବା ଆହେ ଦୁର୍ଯ୍ୟୋଧନ
ହାରିବା ଜିଣିବା ଏଥେ ବୁଝିବା ରାଜନ ।
ଏ ପଶାରେ ଜିଣିଲେ ତୁ କରି ରାଜ୍ୟଭୋଗ
ଯେ ହାରିବ ସେ କରିବ ସର୍ବ ପରିତ୍ୟାଗ ।
ତୋ ସମାନ ଶିର ଯେତେ ପଡ଼ିବଟି ଲେଟି
ସେ ହାଦେ ହୋଇବ ପୁଣି ପଶାସାର ଗୋଟି
ସମର କରିବା ପାଇଁ ବୋଲନ୍ତି ଅର୍ଜ୍ଜୁନ
ଶୁଣି ତାହା କୋପାନଳ ହେଲା ଦୁର୍ଯ୍ୟୋଧନ ।
ଧନୁ ଶରକୁ ବେଗରେ ଧରି ଧାଇଁବାନ୍ତି
ଅର୍ଜ୍ଜୁନ ଉପରେ ଶର କେତେ କଲା ବୃଷ୍ଟି ।
ଗୁଣରେ ଶତେକ ପୁଣି ବସାଇଣ ବାଣ
ଅର୍ଜ୍ଜୁନ ଉପରକୁ ବିନ୍ଧେ କୁରୁରାଣ ।
ପୁଣି ବେନଶତ କାଣ୍ଡ ଗୁଣରେ ପୂରାଇ
ଆକର୍ଷିଣ ବେଳୁବେଳ ମାରେ କୁରୁସାଇଁ ।
ଉତ୍ତର ବୋଲେ ନାରାଚ ବକ୍ଷରେ ପଡ଼ୁଛି
କେମନ୍ତେ ସହୁଛ ତୁମ୍ଭେ ମୋ ଦେହ କମ୍ପୁଛି ।
ଅର୍ଜ୍ଜୁନ ବୋଇଲା ଏହୁ ପରକାର୍ଯ୍ୟ ବୋଲି
କେମନ୍ତେ ବଧ କରିବ ବିସର୍ଜି ରହିଲି ।
ଉତ୍ତର ବୋଲେ ବିରାଟ ପଳାଇଣ ଗଲା
ମାନଗୋବଦ୍ଧନର ଯାଇ ଶରଣ ପଶିଲା ।
ତାର ନିମନ୍ତେ ଅଇଲ ଯୁଦ୍ଧେ କୁରୁଗଣ
ଆମ୍ଭେ ତୋହର ଚରଣେ ପଶିଲୁ ଶରଣ ।
ଶରଣ ବତ୍ସଳ ନାଥ କରି ତୁ କାରଣ
ନାରାଚକୁ ବନ୍ଦ ମୋତେ ନ ଦିଅ କଷଣ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଉତ୍ତର ବଚନ ଦେଖି ପାର୍ଥ କଲା କୋପ
ଯଷ୍ଟି ପ୍ରହାରନ୍ତେ ଯେସନ୍ତେ ଗର୍ଜେ କାଳସର୍ପ ।
କୋପଭର ହୋଇଣ ସେ ବୀରବର ପାର୍ଥ
ଦ୍ରୋଣଗୁରୁଙ୍କୁ ସୁମରି ଧନୁ ଧରି ହାତ ।
ଦ୍ରୋଣ ବୋଇଲେକ ବୃଥା ଆଶୀର୍ବାଦ ନୋହୁ
ଏ ପଞ୍ଚକଣ୍ଟକେ ଧର୍ମସୁତ ରାଜା ହେଉ ।
ଗୁଣ ଟଙ୍କାରିଲେ ପାର୍ଥ କେଶବ ସୁମରି
ଭୀଷ୍ମ ଦ୍ରୋଣ ଭୂରିଶ୍ରବା ପ୍ରଣିପାତ କରି ।
ମନେ ମନେ ଗୁରୁ ଧର୍ମରାଜକୁ ସୁମରି
ବଛେ ନାରାଚ ବାରୁଣ ଅସ୍ତ୍ରକୁ ସେ ଧରି ।
ଧନୁଶର ତେଜ ଜବା ବଜ୍ରକୁ ହାସେ
ଜଳୁଜଳା ପୋକ ଯେସନ୍ତେ ଉଡ଼ନ୍ତି ଆକାଶେ
ସେହି ସ୍ୱରୂପରେ ଶୂନ୍ୟେ ନାରାଚର ଗତି
ଦେଖିଣ ପ୍ରଶଂସା କଲେ ଭୀଷ୍ମ ମହାରଥୀ ।
ବେଗଭରେ ପଞ୍ଚଶର ମାରେ କୁନ୍ତୀସୁତ
ସେହା ଫନ୍ଦିଣ ସାରଥି ହେଲା ମୂର୍ଚ୍ଛାଗତ ।
ପୁଣିହିଁ ବୃଷଶରକୁ ପାର୍ଥ କଲେ ଛେଦ
କୁରୁପତି ବୃଷଅସ୍ତ୍ର ଶିର ହେଲା ଭେଦ ।
ଶତେକ ନାରାଚ ପୁଣ ବିନ୍ଧିଲେ କରୀଟୀ
ଛଇଗୁଡ଼େ ଦୁର୍ଯ୍ୟୋଧନ ରଥ ଗଲା ଫୁଟି ।
ରଥପିଡ଼ା ଯୋଜନେକ ଅନ୍ତରେ ପଡ଼ିଲା
କୁରୁବୀର ଛେଣୁକରି ବିରଥ ହୋଇଲା ।
ଦୁର୍ଯ୍ୟୋଧନର ଅବସ୍ଥା ଦେଖି ଦୁଃଶାସନ
ଦୁର୍ଜ୍ଜୟ ଦୁର୍ବାର ପୁଣି ଦୁସ ଦୁରକର୍ଣ୍ଣ ।
ଏ ରୂପରେ ଅନେଶତ ଭାଇଥିଲେ ପାଖେ
ସହାୟ ହୋଇ ଅର୍ଜୁନେ ଶର ବର୍ଷେ ଲକ୍ଷେ ।
ଶତ ସହୋଦର ରଣ କରିବାର ଦେଖି
ବିନ୍ଧିଲେ ସେ ଫାଲଗୁନ କ୍ରୋଧ ଉପେକ୍ଷି ।
ଅନେଶତ ଭ୍ରାତାଙ୍କୁ ସେ ପଞ୍ଚଶତ ବାଣ
ବିନ୍ଧିଲେ ସେ ଧନଞ୍ଜୟ ଗୁଣ ଆକର୍ଷିଣ ।
ହୟ ସାରଥି ତାହାର ସେହୁ ଗଲା ଫୁଟି
ଅସାଷ୍ଟମେ ପଡ଼ିଗଲେ ସର୍ବେ ମହୀ ଲୋଟି ।
ଦୁର୍ଯ୍ୟୋଧନ ପୁଣି ଏକ ହସ୍ତୀରେ ଆରୋହି
ଅର୍ଜୁନ ଉପରେ ଶରବୃଷ୍ଟି କଲା ନେଇ ।
ତାହା ଦେଖି ଅରଜୁନ ପ୍ରହାରିଲେ ଶର
ଶରଘାତେ ଭୂମିଗତ ହେଲା ହସ୍ତୀବର ।
ଦେଖି ହସ୍ତୀ ପଡ଼ିଗଲା ତହୁଁ ଶରଘାଏ
ପାଦଗତରେ ପଳାଏ ତହୁଁ କୁରୁରାୟେ ।
ଅର୍ଜୁନ ଡାକଇ ଦୁର୍ଯ୍ୟୋଧନ କଷ୍ଟ ଦେଖି
ରହ ରହ କହିଁ ଯାଉ ସମର ଉପେକ୍ଷି ।
କୂଟ ପଶାଖେଳ ପ୍ରାୟ ମଣୁଥିଲୁ ରଣ
ନୀଚ ହେଲେ କି ଏଥୁ ଘେନିଯିବୁ ପ୍ରାଣ ।
ଉତ୍ତର ବୋଇଲେ ଅବସର ହୋଇଅଛି
ବିନ୍ଧ ନାରାଚ ତାହାକୁ ଏବେ ବାଛି ବାଛି ।
ଅର୍ଜୁନ ବୋଇଲା ଧର୍ମ ନ ଜାଣୁ ବିରାଟି
ନସତ ଯୋଦ୍ଧାଏ ସିନା ରଣେ ଦିଅନ୍ତି ପିଠି ।
ତାଙ୍କୁ ମାରିଲେ ଆପଣା ଧର୍ମେ ହୁଏ ଦୋଷୀ
ସୁସ୍ଥ ହୋଇ ପୁଣି ସେହୁ ଯୁଦ୍ଧ କରୁ ଆସି ।
ଏହା କହି ଅରଜୁନ ତାକୁ ଦେଲେ ଛାଡ଼ି
କହନ୍ତି ଶାରଳା ଦାସ କୃଷ୍ଣପାଦେ ପଡ଼ି ।

କର୍ଣ୍ଣ ଅର୍ଜୁନଙ୍କ ଯୁଦ୍ଧ

କହନ୍ତି ଅଗସ୍ତି ମୁନି ଆହେ ନୃପଗଣ
କର୍ଣ୍ଣ ଅର୍ଜୁନଙ୍କ ଯୁଦ୍ଧ ବିବରଣ ଶୁଣ ।
ଦୁର୍ଯ୍ୟୋଧନ ପଳାଇବା ଦେଖି ବୀରକର୍ଣ୍ଣ
ଲକ୍ଷେ ଯୋଦ୍ଧା ଘେନି ଆରେ ଓଗାଳେ ବହନ
ଆରେ ରେ ପାଣ୍ଡବ ଆଜ ଯିବୁ ତୁହି କାହିଁ
ସମସ୍ତେ ମଲେଣି ତୁହି ଏକା ଅଛୁ ଜୀଇଁ ।
ବଳେ କହିଁ ଏଥେ ଆସି କାଳସର୍ପ ବକ୍ତ୍ର
ଯାଉ ପଟଣ ବାରନଧି ହୋଇଯାଏ ତକ୍ର ।
ବିରାଟ ନଗରେ ଆସି ହୋଇଲ ଭିକ୍ଷାରି
ପରକାର୍ଯ୍ୟେ ଆପଣାର ଶଙ୍ଖ ଲେଉଡ଼ି ଆସି ।
ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ବୀରକର୍ଣ୍ଣ
ବିରାଟ ରାଜ୍ୟରେ ଆମ୍ଭେ ହୋଇଲୁ ଗୋପନ ।
ମାୟାରୂପ ଧରି ତାର ନଗରେ ରହିଲୁ
ରାଜାର ବଡନେ ବ୍ୟାଘ୍ର ମାଲ ବଧ କଲୁ ।
ଯେଉଁ କୀଚକର ଶତସିଂହ ପରାକ୍ରମ
ଦ୍ରୌପଦୀ ନିମନ୍ତେ ତାକୁ ବଧ କଲେ ଭୀମ ।
କ୍ଷଣ କ୍ଷଣକରେ କ୍ରୋଧ କରି ବୃକୋଦର
ଶତଭ୍ରାତାଙ୍କୁ ତାହାର ପୋଡ଼ିଲେ ଅଗ୍ନିର ।
ତାହା ଶୁଣିଣ ତ୍ରିଗର୍ତ୍ତ ଗଲା ଧାଇଁ ଦେନି
ମୁହୂର୍ତ୍ତେକେ ମାରିଲେ ସେ ତ୍ରିଗର୍ତ୍ତ ସଇନ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିରାଟଙ୍କୁ ବନ୍ଧନରୁ ମୁକୁଳାଇ ଦେଲେ
ତ୍ରିଗର୍ତ୍ତର କେଶ ଧରି ରଥେ ନେଇଗଲେ ।
ଅଜାତଶତ୍ରୁ ଅଟନ୍ତି ଦେବ ଧର୍ମବଳା
ଛାଡ଼ିଦେଲେ ତ୍ରିଗର୍ତ୍ତକୁ ବେଗେ ପଳାଇଲା ।
ରାକ୍ଷସମାନେ ଯେ ଗଣି ନ ପାରିଲେ ସୀମା
ବିରାଟ ରାଜ୍ୟରେ କଲୁ ଏମନ୍ତ ମହିମା ।
ଯେତେ ସୈନ୍ୟ ଘେନି ତୁମ୍ଭେ ଆସିଅଛ ବାହି
ଜଣେହେଁ କେହି ନ ଯିବ ଏଥୁ ପ୍ରାଣ ପାଇ ।
ଆସିବା ବେଳ ତୁମ୍ଭର ଅଟେ ସୁବିଧାନ
ଏ ସମସ୍ତେ ନାହାନ୍ତି ତ ବୀର ଭୀମସେନ ।
ଜଣେ କି ଆଇଣ ଅନ୍ତ ତୁମ୍ଭେ ଏତେବେଳେ
ଅଷ୍ଟାଦଶ ଅକ୍ଷୌହିଣୀ ଲୋଟାନ୍ତେ ସେ ତଳେ
ଅର୍ଜୁନର କଟୂବାକ୍ୟ ଶୁଣି ମହାଯୋଧୀ
ଅବଛିନ୍ନେ ନାରାଚକୁ ସରୋଷରେ ବିନ୍ଧି ।
ଦେଖି ଅରଜୁନ ବୀର କରେ ପରିତାନ
ବେଳୁବେଳ ଲାଗିଲା ସେ ଅପ୍ରମିତ ରଣ ।
ଶତେକ ନାରାଚ କର୍ଣ୍ଣ ବିନ୍ଧିଲାକ ଟାଣି
ପଞ୍ଚଶର ଅରଜୁନ ପେଷି ତାହା ହାଣି ।
ବେନିଶତ ନାରାଚକୁ କର୍ଣ୍ଣ ପୁଣି ବିନ୍ଧି
ଦ୍ୱାଦଶ ବାଣେ ଅର୍ଜୁନ ତାକୁ ଦେଲେ ଛେଦି
ଶତେକ ନାରାଚ କୋପେ ବିନ୍ଧେ ବୀର କର୍ଣ୍ଣ
ବିଂଶବାଣେ ଛେଦିଲା ତା ବାସବ-ନନ୍ଦନ ।
ପୁଣିହିଁ ଦୁଇସହସ୍ର ଶର କର୍ଣ୍ଣ ପେଷି
ପଞ୍ଚଶର ନାରାଚରେ ପାର୍ଥ ତାହା ଧ୍ୱଂସି ।
ବୋଲେ ରହ କର୍ଣ୍ଣ ଦେଖ ମୋହର ସମର
ଏତେବୋଲି କୋପେ ପୁଣି ପ୍ରହାରିଲେ ଶର
ତୀକ୍ଷ୍ଣମୁନା ନାରାଚକୁ ପେଷି ମହାବଳୀ
କର୍ଣ୍ଣ ରଥ ଶତଖଣ୍ଡେ ହୋଇଗଲା ଧୂଳି ।
ଆରେକ ରଥରେ ବେଗେ ଆରୋହଣ କର୍ଣ୍ଣ
ଅଯୁତେ ନାରାଚ ବୀର କରିଲା ସନ୍ଧାନ ।
କୋପେ ଶର ବିନ୍ଧିଲା ଯେ କୁନ୍ତୀଦେବୀ ସୂନୁ
ନାରାଚ ସହିତେ ଛେଦି ପକାଇଲା ଧନୁ ।
ଧନୁଶର ଛେଦିଦ୍ୟନ୍ତେ କର୍ଣ୍ଣ ରଥ ଛାଡ଼ି
ଖଡ଼ଗ ଘେନିଣ କରେ ରଥୁ ଡେଇଁପଡ଼ି ।
କଉତୁକରେ କି ସିଂହ ଖେଳେ ମତ୍ତପ୍ରାଣୀ
ତେସନ ହୋଇଣ ବୀର ଗର୍ଜ୍ଜେ ଅସ୍ତ୍ର ଧରି ।

ଅସିପଟ୍ଟେକ ଘେନିଣ ଧାଏଁ ବୀରକର୍ଣ୍ଣ
ହାବୁଡ଼ା ଶତେକ ବେଗେ ମାଇଲେ ଅର୍ଜୁନ ।
ଘାତପାଇ କର୍ଣ୍ଣବୀର ପଡ଼େ ମହୀଲୋଟି
ପାର୍ଥ ଶରଘାତେ ସେହି ନ ପାରିଲା ଉଠି ।
କର୍ଣ୍ଣକୁ ଛାଡ଼ି ଅର୍ଜୁନ ରଥ ନେଲା ବାହି
ଦେଖିଲେ କର୍ଣ୍ଣର ଯୋଦ୍ଧାମାନେ ଛନ୍ତି ରହି
ଶ୍ୱେଖାର ତୁରଗ ଚଢ଼ିଛନ୍ତି ସର୍ବସାରେ
ନବକଣି କୁନ୍ତମାନ ଝଲକାନ୍ତି କରେ ।
ଆରେ ଆରେ ପାର୍ଥ ବୋଲି ଓଗାଳନ୍ତେ ଆସି
ଲକ୍ଷେ ଲକ୍ଷେ ନାରାଚକୁ କୋପେ ଦେଲେପେଷି
ଦୂରରେ ଥାଇଣ ବୀର ଦେଖିଲେକ ତାହା
ଲକ୍ଷେ ନାରାଚ ବିନ୍ଧିଲେ ସୁଭଦ୍ରାଙ୍କ ନାହା ।
ନିର୍ଘାତ ପଡ଼ନ୍ତେ ସର୍ବଦେହ ଗଲା ଫୁଟି
ଲକ୍ଷେ ଯୋଦ୍ଧା ଥରହରେ ଗଲେ ମହୀଲୋଟି ।
ରୁଧିର ଲେପନ ହୋଇ ଛାଡ଼ନ୍ତି କୋବାଳ
ଯେସନେକ ସନ୍ଧ୍ୟାକାଳେ ବିଟେଶ ଅଂଶୁମାଳ ।
ଗୁଣସାଗର କ୍ଷତ୍ରିୟ ଅଟନ୍ତି ବିବସ୍ତ୍ର
ଏକା ପ୍ରହାରରେ ପଡ଼ିଲେ ସୈନ୍ୟ ବେନିଲକ୍ଷ
କର୍ଣ୍ଣଙ୍କୁ ପରାସ୍ତ କରି ବୀର ଧନଞ୍ଜୟ
ବିହାର କରନ୍ତି ତହିଁ ହୋଇଣ ନିର୍ଭୟ ।
ଜୟ ଜୟ ଧନଞ୍ଜୟ ଶ୍ରୀକୃଷ୍ଣଙ୍କ ସଖା
ଆଶ୍ରୟ କରିଛୁ ଦେବ ତୁମ୍ଭଙ୍କୁ ମୁଁ ଏକା ।
ତୁମ୍ଭ ଶ୍ରୀଚରଣେ ମୁହିଁ ପଶୁଛି ଶରଣ
ଶାରଳା ଦାସ କହଇ ଘେନ ନିବେଦନ ।

ଅର୍ଜ୍ଜୁନ ସହିତ କୁରୁ ସୈନ୍ୟଙ୍କର ଗୋଳଯୁଦ୍ଧ, ମୋହନାଶର ପ୍ରୟୋଗ ଏବଂ କୁରୁ ସୈନ୍ୟଙ୍କର ଲାଞ୍ଛନା

ଏଥୁଅନନ୍ତରେ ତୁମ୍ଭେ ଶୁଣ ନୃପଗଣ
ବେଳୁବେଳ ଅର୍ଜୁନଙ୍କ ଯୁଦ୍ଧ ହେଲା ଟାଣ ।
ଚହଟନ୍ତି ଅରଜୁନ ଥାଟର ଭିତର
ପୁଣି ଆବୋରିଲା ରଜା ଦୁର୍ଯ୍ୟୋଧନ ବୀର ।
ଶଲ୍ୟ ବାହ୍ଲିକ ଯେ ଜୟଦ୍ରଥ କୃପବ୍ରହ୍ମା
ଶକୁନି ସୋମଦତ୍ତ ଯେ ପୁଣି ଅଶ୍ୱତ୍ଥାମା ।
ଏହି ଷଡ଼ଯୋଦ୍ଧା ଘେନି ମାନଚକ୍ରବର୍ତ୍ତୀ
ଅର୍ଜୁନ ସମ୍ମୁଖରେ ଆସି ମିଳିଲା ତଡ଼ତି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅମ୍ଭର ବଡ଼ାଦେ ଯେହ୍ନେ ସିଂହକାର ସୁତ
ହେତୁ ପରି ହୋଇ ଦଶୁଅଛନ୍ତି ସମସ୍ତ ।
ଏକାବେଳକେ ସହସ୍ର ବାଣମାନ ଯୋଚ
କୋଟମୁଖ ହୋଇକରି ବର୍ଷେ ସବ୍ୟସାଚୀ ।
ଷଡ଼ ଯୋଦ୍ଧାଙ୍କ ସମର କହି ତ ନ ପାରି
ଯେସନେ ହୋଟି ଆସଇ ସମୁଦ୍ର ଲହରୀ ।
ଅପ୍ରେ ପ୍ରଭଅସ୍ତ୍ର କରି ଅର୍ଜୁନ ବାନ୍ଧଇ
କଉରବ ସୈନ୍ୟ ସଙ୍ଗେ ଏକା ସେ ଯୁଝଇ ।
କୋଦଣ୍ଡରେ ନାରାଚ ବର୍ଷେ ଅପ୍ରମିତ
ଲକ୍ଷ ଲକ୍ଷ କୋଟି କୋଟି ନ ଯାଇ ଗଣିତ ।
କ୍ୟାକାବଳ ନାରଚକୁ ବର୍ଷି ବୀର ପାର୍ଥ
ଶଲ୍ୟ କର୍ଣ୍ଣ ଆଦିକରି ଛେଦିଲା ସେ ରଥ ।
ଅଶ୍ୱତ୍ଥାମା ଯାଇ ଦ୍ରୋଣ ରଥରେ ଉଠନ୍ତି
ଭୀଷ୍ମ ରଥରେ ତେଜିଣ ବସେ କୁରୁପତି ।
ରାଜାକୁ କୋଳରେ ଧରି ଗଙ୍ଗାଙ୍କ ନନ୍ଦନ
ବୋଇଲେ ଆମ୍ଭର ବୋଲ ନ କଲ୍ ରାଜନ ।
ଦୁଷ୍ଟଙ୍କ ବୋଲେ ଅଇଲ୍ କୃଷ୍ଣ ଦଣ୍ଡ ଘେନ
ଅକାର୍ଯ୍ୟ ସୈନ୍ୟ ସମ୍ପତ୍ତି ହରାଇ ନୃମଣି ।
ଦୁର୍ଯ୍ୟୋଧନ ବୋଇଲା ମୁଁ ଜାଣି ନ ପାରିଲି
ସ୍ଥାଣୁ ରୋଧନ ଫଳକୁ ଏବେ ଯିବା ଭୁଲି ।
ଭୀଷ୍ମ ବୋଇଲେ ଭରତ କୁଳର ସଂଗ୍ରାମ
ଯୁଝିଲେ ଆଜ ଦଶିବ ଯିନା ପରାକ୍ରମ ।
ରକ୍ଷଣ ଯୁଦ୍ଧ କରିବା ସର୍ବେ ଏକ ହୋଇ
ଏକାକୀ ଦବର୍ଷ ଯିନା କେବଳ ଅଛଇ ।
ବୋଇଲେ ପାଣ୍ଡବମାନେ ହେଲେ ମହାସିଦ୍ଧା
ବନରେ ଥାଇ ପାଇଲେ ପୁଣି ଦତ୍ତବଡ୍ୟା ।
ନବାତ କବଚ ବଧ କଲେ ସ୍ୱର୍ଗବାସେ
ଦତ୍ତତ ସମର ହେଲା ଅମରଙ୍କ ଦେଶେ ।
ହେ ଦ୍ରୋଣ ଶିଷ୍ୟ ବୋଲିଣ ଅଛ କ ଦକ୍ଷର
ଯାହା ସଙ୍ଗରେ ଈଶ୍ୱର ରଣେ ଗଲେ ହାରି ।
ଦ୍ରୋଣ ବୋଇଲେ ବୁଝିବା ତାର ସତ୍ୟବୃତ୍ତି
କସ କସ ନାରଚକୁ ହୋଇଛୁ ପ୍ରାପତ ।
ଅର୍ଜୁନ ବୋଲେ ଉତ୍ତର ଭୀଷ୍ମ ଦ୍ରୋଣେ ସୁହିଁ
ଦୁର୍ଯ୍ୟୋଧନ ଅଛୁ ପଛିଁ ରଥ ବାହା ତହିଁ ।
ବଡ଼ ଦୁରପଦ ଆଜ ହୋଇବ ସମର
ନ ପୁଣି ରହି ନ ପାରୁ ତୁ ରଥ ଉପର ।

ତନ୍ତେ ବାଗଡ଼େଇ ଘେନଥିବୁ ତୋର ହସ୍ତ
ମୁଁ ନାଶ କରିବ ନଷ୍ଟେ କୌରବ ସମସ୍ତ ।
ଶୁଣି ବାହେ ତୁରଙ୍ଗମ କୁମର ବରଟି
ଭୀଷ୍ମ ଦ୍ରୋଣଙ୍କ ସନ୍ନିଧେ ନନ୍ଦଘୋଷ ଭେଟି ।
ଯେହିଁ ରୂପେ ବନଅଗ୍ନି ଦନ ଦଏ ଗ୍ରାଟି
କୌରବଙ୍କୁ ନନ୍ଦଘୋଷ ତେହ୍ନେ ଯାଏ ଘୋଟି
ଗ୍ରୀଷ୍ମରେ ଅର୍ଜୁନ ବୀର କରଇ ସନ୍ତାଷ
ଦେଖିଣ ଭୀଷ୍ମ ପାଇଲେ ମନେ ମହାରୋଷ
ନବଦ ଶର ଘେନିଣ ପେଷିଲେ ଫାଲ୍‌ଗୁନ
ଭୀଷ୍ମଙ୍କ ଚରଣେ ଥାଇ କରଇ ବନ୍ଦନା ।
ଗଙ୍ଗାଙ୍କ ନନ୍ଦନ ଦେଖି ଗ୍ରାଡ଼ିଲେ ଉପୋଧ
କାଳାନ୍ତକ ରୂପ ଧରି ଆରମ୍ଭିଲେ ଯୁଦ୍ଧ ।
ରାଗେ ଅର୍ଦ୍ଧଚନ୍ଦ୍ର ବାଣ ଘେନି ଗଙ୍ଗାସୁତ
ସନ୍ଧାନ କରି ପାର୍ଥଙ୍କୁ ବାନ୍ଧିଲେ ତ୍ୱରିତ ।
ତ୍ରୟୋଦଶ ଶର ପୁଣି ଗୁଣରେ ବସାଇ
ଆକର୍ଷି କୋପେ ବନ୍ଧିଲେ ଭୀଷ୍ମ ବୀର ଧାଇଁ
ଭୀଷ୍ମ ଅଟନ୍ତି ପ୍ରତିଜ୍ଞାବନ୍ତ ମହାକ୍ଷତ୍ରୀ
ବ୍ରହ୍ମାଣ୍ଡ ଜିଣି ପାରନ୍ତି ଏକା ସେହୁ ରଥୀ ।
ହସ୍ତବ୍ୟଗ୍ରତା ତାଙ୍କର କହି ତ ନ ପାରି
ପବନହୁଁ ଗତି ବେଗେ ନାରାଚ ପ୍ରହାରି ।
ବାନଲକ ରଣଗୋଳ ଅତି ପ୍ରବଳରେ
ନବାଦ ବାଣ ଧଇଲା ଅର୍ଜୁନ କରରେ ।
ପେଷନ୍ତେ ଶତେକ ବ୍ୟାଘ୍ରଥିଲେ ଭୀଷ୍ମ ରଥେ
ସର୍ବେ ପଡ଼ିଲେ ଅର୍ଜୁନ ବୀର ଶରଘାତେ ।
ମଳୟ ବସନ୍ତ ନାମେ ଭୀଷ୍ମଙ୍କ ସାରଥି
ଅର୍ଜୁନର ଶରଘାତେ ମୋହରେ ପଡ଼ନ୍ତି ।
ପୁଣି ଦନାଶେ ନାରଚ ପାର୍ଥ ବର୍ଷେ ଟାଣି
ମହାବୀର ଭୀଷ୍ମ ରଥ ପକାଇଲେ ହାଣି ।
ତତକ୍ଷଣେ ଆରୋହିଲେ ଭୀଷ୍ମ ଅନ୍ୟ ରଥ
ପୁଣି ଘୋର ଯୁଦ୍ଧ ଆସି କଲେ ଉପଗତ ।
ଭୀଷ୍ମଙ୍କର ଅଭିମାନେ ଭରଦ୍ୱାଜ ଶିଷ୍ୟ
ପଞ୍ଚାଶତ ଯୋଦ୍ଧା ଘେନି ଓଗାଳିଲେ ଆସି ।
ଅଶୀଅର୍ବୁଦ ଯୋଦ୍ଧାଙ୍କୁ ଘେନି କୁରୁପତି
ସେ ମଧ୍ୟ ବେଢ଼ିଲେ ଆସି ଅର୍ଜୁନର କତି ।
ଦ୍ରୋଣ ବୋଇଲେ ହେ ଭୂପେ ସର୍ବେ ଚିହ୍ନରହ
ଅନାତି ନ କର ବାବୁ ଯୁଦ୍ଧ ସହିଥାଅ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏକା ଲୋକ ସଙ୍ଗେ ବହୁ ଲୋକ ଯୁଦ୍ଧ କଲେ
ଧର୍ମହାନ ହୁଅଇ ଯେ ଅନ୍ୟାୟ କରଲେ ।
କ୍ଷଣକେ ସମର ତୁମ୍ଭେମାନେ ଦେଖ ରହ
ଯୋଦ୍ଧାଙ୍କୁ ପ୍ରବୋଧ କଲେ ଦ୍ରୋଣ ମିଷ୍ଟ କହ
ଆର୍ଦ୍ରାବଳୀର ସମାନ ଦ୍ରୋଣ କରେ ଧନୁ
ପାର୍ଥଙ୍କକଟେ ମିଳଲେ ଭରଦ୍ୱାଜ ସୂନୁ ।
ରଥେ ଯାଇ ପାର୍ଥ କରେ ଗୁରୁଙ୍କୁ ଦଣ୍ଡବତ
ଦେଖି କଲ୍ୟାଣ କରନ୍ତ ତାଙ୍କୁ ମହାମୁନ ।
ଅଧର ଚୁପି ବୋଲନ୍ତ ଦ୍ରୋଣ ତାଙ୍କୁ କଥା
ଲୋକାଚାର କର୍ମକୁ ଯେ କରୁଛ ଅନ୍ୟଥା ।
ଆପଣା ରାଜ୍ୟକୁ ତେଜ ପଶିଲ କାନନ
ଅଜ୍ଞାତବାସ ଆହର ଅଛି ଦିନଦନ ।
ଗୋଧନର ଫଲ ଆମ୍ଭେ ନେଉଛୁ ହସ୍ତିନା
ଆମ୍ଭେ ନେଇ ନ ପାରଲେ ଅଟେ ତୋର ସିନା
ଯଦ୍ୟପି ଦୁର୍ଗତି କାଳେ ବଞ୍ଚିଥିଲ ବନ
ପରପାଇଁ ସୋଦରରେ ହେଉଛ ଦମନ ।
ସମର ଦୁର୍ଭର ବୋଲ ଯାନ୍ତ ଏଥୁ ଘୁଞ୍ଚି
ଗୋଧନ ଗୁଡ଼ାଏ ଏଥୁ ସୁଖେ ଦ୍ୟନ୍ତ ବାଛି ।
ଅର୍ଜୁନ ବୋଇଲେ ତୁମ୍ଭେ ଅଟ ଆମ୍ଭଗୁରୁ
କ୍ଷତ୍ରିୟ ବୃତ୍ତିକୁ ତାଡ଼ କପା ଦୋଷୀ କରୁ ।
ବରାଟ ରାଜା ସହିଲ ଆମ୍ଭର ଆର୍ଦ୍ଦୋଳ
କୀଚକ ମୂଳେ ମାଇଲୁ ଶତେ ମହାବଳୀ ।
ଯାହାକୁ ମାରିବା ତାଡ଼ ପୁଣି ତାକୁ ରଖି
ଶାସ୍ତ୍ରଯୋଗେ ଏସନକ ବସ୍ତୁରହିଁ ଲେଖି ।
ଏଥୁ ଘୁଞ୍ଚି ତୁମ୍ଭେମାନେ ଯାଅ ସୈନ୍ୟସେନ
ଶରଣବତ୍ସଳ ବାନା ନାମ ମୋ ଫାଲ୍‌ଗୁନ ।
ଗୋରୁପଲଙ୍କ ନିମନ୍ତେ ପ୍ରାପ୍ତ ହେବ ଲଜ
କଥାମାନଙ୍କ ରହିବ ନ ହୋଇବ କାର୍ଯ୍ୟ ।
ଦ୍ରୋଣ ବୋଇଲେ ତୁ ଏକା ସମର କରଲେ
ଏ କୁରୁସାଗର ଜିଣି ପାରିବୁ କ ହେଲେ ।
ଅର୍ଜୁନ ବୋଇଲେ ଯାହା ବୋଲ ଏକବୋଲ
ଏକା ଜଣେ ସମୁଦ୍ରକୁ ମନ୍ଥିଥିଲ ବାଳ
ଦ୍ରୋଣ ବୋଲେ କୋଟିସିଂହ ପରାକ୍ରମୀ ବାଳ ।
ଲୋହ ବେନ ଗିରିଶୃଙ୍ଗ ପ୍ରାୟେ କରେ ତୋଳ
ତାହାକୁ କ ସମ ତୁହି ହେବୁ ଧନଞ୍ଜୟେ
ପାର୍ଥ ବୋଲେ ତା କହିଲେ କସ ଏବା ହୁଏ ।

ହେ ଦ୍ରୋଣ ବୋଲଇ କୁରୁସାଗର ସଇନ୍ୟ
ମୁଁ ଜାଣେ ସବୁର ପ୍ରାଣ ମୋ ନାରାଚ ମୁନ ।
କହୁତ ପ୍ରତିଜ୍ଞା ଶୁଣି କୋପେ ଦ୍ରୋଣଗୁରୁ
ଶତେ ନାରାଚ ପେଷିଲେ ପର୍ବୁରୁ ପର୍ବୁରୁ ।
ପୁଣି ଶତେ ଶରଯେନ ଦ୍ରୋଣ ମହାରଥୀ
ମନ୍ତ୍ରଣ ବନ୍ଧନେ ସେହୁ ଭେଦିଲ ସାରଥି ।
ପୁଣି କୋପରେ ପେଷିଲେ ଶର ଶତଚାର
ଚାର ଅଶ୍ୱର ଉପରେ କୋପେଣ ପ୍ରହାର ।
ଚାରସହସ୍ର ବାଣକୁ ପେଷିଦେଲେ ଦ୍ରୋଣେ
ବେଗେ ନନ୍ଦଘୋଷ ରଥେ ଭେଦେ ଚାରକୋଣେ
ଅନିବାରଣ ଶରକୁ ଯେନ ଫାଲ୍‌ଗୁନ
ମନ୍ତ୍ରି କର ପେଷିଦେଲେ ତହିଁ ସପ୍ତଶତ ।
ଦ୍ରୋଣ ନାରାଚ ସମସ୍ତ ପକାଇଲେ ଛେଦି
ପୁଣି ଦ୍ରୋଣଗୁରୁ ଶତ ସହସ୍ରେକ ବନ୍ଧି ।
ମହାଚଣ୍ଡ କାଳଗିରି ପର୍ଶୁ ଆର୍ଦ୍ରାବଳୀ
ଏମନ୍ତେ ସହସ୍ରଶର ପେଷେ ଦ୍ରୋଣ ଗୁଳି ।
ଅନିବାରଣ ଶର କେ ପାରି ତାକୁ କଳି
ବନ୍ଧନେ ନଭେ ଅଦୃଶ୍ୟ ହେଲେ ଅଂଶୁମାଳୀ ।
ଯେଉଁରୂପରେ କୁଜ୍ଝଡ଼ି ଢଶେ କୁମ୍ଭମାସେ
ସେହି ସଦୃଶେ ନାରାଚ ପଡ଼େ ଦଶଦିଶେ ।
ସମରେ ନିର୍ଭୟ ହୋଇ ପାର୍ଥ କଲେ ଯୁଦ୍ଧ
ବସ୍ମରଇ ମନେ କପା କରିବ ଉପ୍ରୋଧ ।
ମସ୍ତକରେ ହାତଦେଇ କହେ ଫାଲ୍‌ଗୁନ
ଘୁଞ୍ଚିଯାଅ ଆହେ ଗୁରୁ ମୋହର ଦଣ୍ଡବତ ।
ବନ୍ଦୁ ଅଛି ତୁମ୍ଭଅସ୍ତ୍ର ମୁହିଁ ଏତେବେଳେ
ଗୁରୁ ବ୍ରାହ୍ମଣ କାରଣ ନ ଯାଉଛି ଗୋଳେ ।
ଦ୍ରୋଣ ବୋଇଲେ ଦେଖିବା ତୋର କ୍ଷତ୍ରିବୃତ୍ତ
କସ କସ ନାରାଚକୁ ବାନ୍ଧିବୁ ତୁ ପାର୍ଥ ।
କ୍ଷତ୍ରୀ ହୋଇ ଯେ ହୋଇବ ବଳହୀନ କାୟ
ତାହାର କସ ବୋଲିବା ଜୀବନ ଉପାୟ ।
ଆଦ୍ୟନ୍ତୁଁ ଅସ୍ତ୍ରକୁ ତୋର ମୋର ଅଟେ ଆଶ
ବିଧାତା ଭିଆଣ ତୋର ଅସ୍ତ୍ରେ ମୋର ନାଶ ।
ଅର୍ଜୁନ ବୋଇଲେ ଗୁରୁ ଅଛଇ ପ୍ରସ୍ତାବ
ପ୍ରାଣତ୍ୟାଗ ହୋଇବାର ନୁହଇ ଏ ଠାବ ।
ଗୁରୁ ତୁମ୍ଭେ ଲୋଡ଼ୁଅଛ କାରଣ ନିମନ୍ତେ
ପରକାର୍ଯ୍ୟ କପା ନାଶଯିବ ଅନିମିତ୍ତେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କୁଭୂମି କୁସ୍ଥାନ ଏ ଯେ ନୁହଇ ସୁଖାର୍ଥ
ଏକମାତ୍ର ଅଛି ଏଠି ନନ୍ଦଘୋଷ ରଥ ।
ସେ ରଥେ ସାରଥି ହୋଇଥିବେ ବାସୁଦେବ
କୁରୁକ୍ଷେତ୍ର ମହାଯୁଦ୍ଧ ଯେ କାଳେ ହୋଇବ ।
ଲକ୍ଷେ ଦେଶର ଚର୍ହିଁରେ ଥିବେ ଯେ ନରେନ୍ଦ୍ର
ଚର୍ହିଁରେ ମୃତ୍ୟୁ ଲଭିଲେ ଯିବ ଊର୍ଦ୍ଧ୍ୱପଦ ।
ଅକାରଣ ସ୍ଥାନରେ କ ମୁକ୍ତ ହେବ ଭଲେ
ସ୍ୱପ୍ରଭୃତେ ନାଶଯାନ୍ତି ସ୍ୱସ୍ଥାନ ପାଇଲେ ।
ଦ୍ରୋଣ ବୋଇଲେ ବାବୁରେ ତୋର ମନ ଇଚ୍ଛା
ଅଗ୍ନିରେ ଝାସ ଦେବାକୁ କରୁଛୁ ତୁ ବାଞ୍ଛା ।
ଦ୍ରୋଣଙ୍କର ବଚନକୁ ଶୁଣି ସବ୍ୟସାଚୀ
କୋପ କରଣ ନାରାଚ ବନ୍ଧିଲେ ଆମଞ୍ଚି ।
ନବାଲୁଣ ବାଣ ଘେନ ମାରେ ଧନଞ୍ଜୟ
କାଳସର୍ପ ସର ଭେଦଗଲା ଦ୍ରୋଣ କାୟ ।
ରୁଧିରରେ ବୋଲେଇନ ଗୁରୁଙ୍କର ଅଙ୍ଗ
ଯେସନେକ ଶୋଭା ଦିଶେ ପାଟର ଦେବାଙ୍ଗ
ଦ୍ରୋଣଙ୍କୁ ଜସଜ ଦେଖି ଚହୁଁ ରଥ ବାହି
ବେଢିଲେ ସେ ଦ୍ରୋଣଙ୍କର ଅଙ୍ଗେ ଜ୍ଞାନନାହିଁ ।
ଥାଟ ଭିତରକୁ ବେଗେ ଗଲେ ସବ୍ୟସାଚୀ
ଦେଖେ ବହୁସେନା ଘେନ ଦୁର୍ଯ୍ୟୋଧନ ଅଛି
ତେଜ ଛୁଟୁଛନ୍ତି ମୋହ ଯିବା ଯୋଦ୍ଧାମାନେ
ଦେବଦତ୍ତ ଶଙ୍ଖ ଯହୁଁ ଶୁଭେ ଯାଇଁ କର୍ଣ୍ଣେ ।
ଏବେ ଶୁଣ ତାଇତନ ସେ ଶଙ୍ଖ ମହିମା
ଏହ୍ନସର ସୃଜନ୍ତି ତାଙ୍କୁ ଦେବବ୍ରହ୍ମା ।
ଶବ୍ଦ ଶୁଣି ଛତ୍ରୀମାନେ ହେଉଛନ୍ତି ମୋହ
ମୋହଗଲା ଯୋଦ୍ଧାମାନେ ଗାଉଛନ୍ତି ଦେହ ।
ଏହିପ୍ରକାରେ ମହିମା ସେ ଶଙ୍ଖର ପୁଣ
ମୋହଗଲେ ଯୋଦ୍ଧାମାନେ ପାନ୍ତି ନଜପ୍ରାଣ ।
ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଲ୍ୟ କୃପି ଭୂରିଶ୍ରବା
ମୋହ ତେଜଣ ଉଠିଲେ ସମସ୍ତ କୌରବା ।
ପୁଣି ନାରାଚ ଘେନଣ ସମର ଆବୋର
ବାନ୍ଧୁଛନ୍ତି ଅସ୍ତ୍ରମାନ କୋପଭର କର ।
ଦୁର୍ଯ୍ୟୋଧନ ବୋଇଲକ ବୁଝ ଏକ ଏକ
ସମ୍ମୁଖେ ସମର କର ହୋଇ ଏକମୁଖ ।
ଧର୍ମ ଅଧର୍ମ ବୋଲଣ ବିଚାର ନ କର
ସମସ୍ତେ ବେଢ଼ି ଏହାକୁ ବେଗେ ଆଜ ମାର ।

ଗୁଜାର ମୁଖରୁ ଏହି ପରକାର ଶୁଣି
ବେଢ଼ିଗଲେ ଯୋଦ୍ଧାମାନେ ଚନ୍ଦ୍ରଚାପ ଜାଣି
ଧର୍ମ ଇଚ୍ଛାକଲେ ପ୍ରାପ୍ତ ହେବା ବଡ଼ ଦୁଃଖ
ଏକାଜଣେ ସମସ୍ତଙ୍କୁ ଜଳଣି ସମ୍ମୁଖ ।
ଯେସନେ ବନ ଭିତରେ କେଶରୀ ଖେଳଇ
ସେହି ପ୍ରକାରେ ଅର୍ଜୁନ ସ୍ୱରୂପ ଦିଶଇ ।
ସାଷ୍ଟ ସହସ୍ର ରଥ ଯେ ନ ପରାର୍ଦ୍ଧ ହସ୍ତୀ
ବଢଶ ସହସ୍ର ହୟ ବେଢ଼ି ଏକ ମୂର୍ତ୍ତି ।
ସେ ଏକ ଯୋଦ୍ଧାକୁ ସର୍ବେ କଲେ ଏକଦୃଷ୍ଟି
ଯାହାର ଯେତେକ ସୈନ୍ୟ କଲେ ଶରବୃଷ୍ଟି ।
କେ ଶତେକ ବାଣ କେହି ସହସ୍ରେକ ବନ୍ଧ
କେହୁ ଅଯୁତେ କେହୁ ବି ଲକ୍ଷ ବାଣ ସନ୍ଧ ।
ଆକାଶ ଅନ୍ଧାର ଦିଶେ ଜଳ୍‌କାପାଟ ସ୍ଥି
ସାଧୁ ସାଧୁ ପାର୍ଥ ଏହା ତୋର ଦୁଏ ସନ୍ଧି ।
ଆଷାଢରେ ମେଘ ଯେହ୍ନେ କରନ୍ତି ଗର୍ଜ୍ଜନ
ସବନୁ ବେଗେ ବନ୍ଧନ୍ତି ଯୋଦ୍ଧା ଶରମାନ ।
ଗାଣ୍ଡୀବ ଧନୁକୁ ଧର ପାର୍ଥ ମହାବଳ
ଅସ୍ତ୍ରକୁ ଅସ୍ତ୍ରରେ କରୁଛନ୍ତି ପରତଳ ।
ଅର୍ଜୁନହିଁ ନ ଦିଶିଲେ ଉତ୍ତର ନେତ୍ରକୁ
ଉପରେ ଅର୍ଜୁନ ଡାକ ଦିଅଇ ତାହାକୁ ।
ନାସରକୁ ବନ୍ଧୁ ବନ୍ଧୁ ଡାକେ ଧନଞ୍ଜୟ
ରହିଥାଅ ଉତ୍ତର ତୁ ହୋଇଣ ନିର୍ଭୟ ।
ଉତ୍ତର ବସ୍ତ୍ରରେ ରଥଦଣ୍ଡେ ବସିଥାଇ
ଧନୁ ଘୋଷ ନ ଶୁଣଇ ପାର୍ଥ ରହେ କାହିଁ ।
ତନେପୁର କର୍ମେ ଦେବଦତ୍ତ ଶଙ୍ଖନାଦେ
ଯୋଦ୍ଧାଏ ପ୍ରବଧ ହୋନ୍ତି ତାହାର ଶବଦେ ।
ଭୟର ଚନ୍ଦ୍ରେ ପଳାଇଗଲେ ଅରଜୁନ
ପାର୍ଥ ଚନ୍ଦ୍ରେ ରଥେ ନାହିଁ ବିରାଟ ନନ୍ଦନ ।
ଅର୍ଜୁନ ଶର ଯୋଦ୍ଧାଙ୍କୁ ହୁଏ ଅଗୋଚର
ଏହିମତେ ଅକଳନ ହେଉଛି ସମର ।
କକଡ଼ା ମାସର ବୃଷ୍ଟି ପ୍ରାୟ ଶର ପଡ଼
ଉତ୍ତରକୁ ଅଦୃଶ୍ୟ ଯେ ହେଲେ ହୟ ସ୍ଥିର ।
ଅଶ୍ୱମାନେ ଅଛନ୍ତି କ ନାହିଁ ମୋର ରଥେ
ବିରାଟସୁତ ଦର୍ପଣେ ତାଙ୍କୁ ଦେନ ହସ୍ତେ ।
ଉତ୍ତର କର ଲାଗିଲା ଅଶ୍ୱଙ୍କ ଉପରେ
ମହା ତେଜ ଅଶ୍ୱ ଉଡ଼ିଗଲେ ଆକାଶରେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସମର ଦେଖିଣ ସେତୁ ଉଡ଼ିଲେ ଗଗନ
ଉତ୍ତରକୁ ଯୁଝି ତହୁଁ ବୋଇଲେ ଅର୍ଜୁନ ।
ହେ ବରାଟି ତୁମ୍ଭ ବଡ ମନ୍ଦଭାଗ୍ୟ ଜନ୍ମ
ସମର ଦେଖିଣ କମ୍ପି ଗଗନେ ଆଣିଲୁ ।
ଉତ୍ତରକୁ କୋପକରି ଅର୍ଜୁନ ବୋଇଲେ
ଅଧର୍ମ ହୋଇବ ସିନା ଯୁଦ୍ଧେ ପିଠି ଦେଲେ ।
ଉତ୍ତର ବୋଇଲା ମୋତେ ହେଲା ଆଗୋଚର
ଧନୁନାଦ ଶଙ୍ଖଘୋଷ ନ ଶୁଭେ ତୋହର ।
ଅସ୍ତ୍ରକୁ ମଧ୍ୟ ପାଇଲି ନାହିଁ ଠିକକରି
ଦଗ୍ଧଚନ୍ଦ୍ର ଗଗନରେ ହେଲେ ଅଶ୍ୱସ୍ଥିର ।
ଏତେକ ବୋଲି ଚରଣ ଦୁଇରେ ପ୍ରଣମି
ନଅନ୍ତୁ ଗୋଧନ ଯୁଦ୍ଧ ନ କର ହେ ସ୍ୱାମି ।
ଏକାହୋଇ କିସ ଯୁଦ୍ଧ କରିବ ହେ ପାର୍ଥ
ମୁହିଁ ବାହି ନ ପାରିବି ଆଉ ତୋର ରଥ ।
ମୋହର ଶରୀରକୁ ତ ଶରଘାତ ନାହିଁ
ଆଶା ବର୍ଜିଲି ମୁହିଁ ଶରବୃଷ୍ଟି ପାଇଁ ।
ଅର୍ଜୁନ ବୋଇଲେ ତୁମ୍ଭ ରଥେ ବସିଥିବୁ
ତୋତେ ତହିଁ ପ୍ରମାଦରେ କିଛି ନାହିଁ ବାବୁ ।
ରଥ ତେଜ୍ୟାକଲେ ତୋର ହୋଇବ ମରଣ
ଉତ୍ତର ବୋଇଲା ତୋର ପୋଡ଼ୁ ପୋଡ଼ୁ ରଣ
ପାର୍ଥ ବୋଲେ ବାରବର୍ଷ ଯୁଦ୍ଧ ମୋର ନାହିଁ
ବେଳୁବେଳ ବସ୍ତ୍ର ଅସ୍ତ୍ର ବାନ୍ଧିବଇଁ ମୁହିଁ ।
ତୁ କମ୍ପ ସମର ଦେଖି ହେଉଛୁ ବିକଳ
ଏହା ଦେଖି ଲାଗୁଅଛି ମୋତେ କୁତୁହଳ ।
ମୋହର କୁନ୍ତଳ ରଣ ସରିବା ପର୍ଯ୍ୟନ୍ତେ
ଲକ୍ଷ ମାତ୍ର ହୋଇ ତୁମ୍ଭ ବସିଥିବୁ ରଥେ ।
କଉରବ ସୈନ୍ୟ ଆମ୍ଭେ ଜିଣିବା ଏକ୍ଷଣି
ଗୋଧନପଲକୁ ମତ୍ସ୍ୟଦେଶେ ଯିବା ଘେନି ।
ମୁଁ ଜାଣେ ନସତ ନଷ୍ଟେ ହୋଇବୁ ବରାଟି
ରଥ ଛାଡ଼ିଲେ ହାରିବୁ ତୋର ଦେହ ଗୋଟି
ପାଠ ଡୋରକୁ ଘେନିଣ ବାନ୍ଧି ତାକୁ ରଥେ
ଧାଡିକାରେ ରଥ ବାହି ଗଲା ବୀର ପାର୍ଥେ ।
ଗୋଳେ ସୈନ୍ୟମାନେ ଠାବ କରିଣ ନ ପାରି
ଆପଣେ ଆପଣେ ତହିଁ ହେଲେ ମଗ୍ନମର ।
ବାମଭୁଜେ ଗାଣ୍ଡୀବ ଧନୁ ଧରି ବୀର ପାର୍ଥ
କୌରବ ଆଗରେ କଲା ନନ୍ଦିଘୋଷ ରଥ ।

ସ୍ଥିରୁବଳ ଅଶ୍ୱର୍ଯ୍ୟ ସେ ହେଲେ ତାହା ଦେଖି
ଥୋକାଏ ପଳାଇଗଲେ ସମର ଉପେକ୍ଷି ।
ସମରେ ସଇନ୍ୟମାନେ ନ ପାରନ୍ତି ଚଳି
କ୍ଷୁଧା ତୃଷ୍ଣାରେ ସମସ୍ତେ ହୁଅନ୍ତି ବିକଳ ।
ଅଶ୍ୱ ଗଜମାନେ ସର୍ବେ ହୋଇଲେ ସ୍ତମ୍ଭିତ
ତାହା ଦେଖି ଉତ୍ତରଳ ବୀରବର ପାର୍ଥ ।
ମେଘ ଅସ୍ତ୍ରକୁ ନେଇଣ ବାନ୍ଧିଲେ କିରୀଟୀ
ଅଦଭୁତେ ଆକାଶରୁ ହେଲା ଜଳବୃଷ୍ଟି ।
ଗଜ ଅଶ୍ୱ ସୈନ୍ୟ ଆଦି ପିଇଲେ ସନ୍ତୋଷେ
ସାଧୁ ସାଧୁ ପାର୍ଥ ବୋଲି ବୋଲନ୍ତି ତ୍ରିଦଶେ ।
ଶୁଣ ଆହେ ଚଇତନ ଅର୍ଜୁନ ମହିମା
କ୍ଷତ୍ରବର ସୁନ୍ଦର ସେ ଅନନ୍ତ ମହାତ୍ମା ।
ସମରେ ଶକତା ସେତୁ ଅଟେ ଫାଲଗୁନ
ଭୂତ ଭବିଷ୍ୟତ ଜ୍ଞାତା ପୁଣି ଯୋଗଜ୍ଞାନୀ ।
ସକଳ ସୈନ୍ୟଙ୍କ ମୁଖେ ଶୁଭେ ସାଧୁ ଧ୍ୱନି
ସମସ୍ତଙ୍କ ଆୟୁ ଘେନି ବଞ୍ଚି ଫାଲଗୁନ ।
ସଇନ୍ୟ ସରବ ତହୁ ହୋଇଲେ ତୃପତ
ଯୁଦ୍ଧରେ ପଶିଲେ ପୁଣ କୁନ୍ତୀଙ୍କ ସନ୍ତତି ।
ସାଷ୍ଟାମ ହୋଇଣ ପୁଣି କୌରବ ସଇନ
କେ ପେ ପାର୍ଥଙ୍କୁ ବେଢ଼ିଲେ ସର୍ବେ ଅସ୍ତ୍ରଘେନ
ବର୍ଷନ୍ତି ନ ସହମାନ ବାରମ୍ବାର ଟାଣି
ପଡୁଛନ୍ତି ଝର ଝର ମେଘୁଁ ଯେହ୍ନେ ପାଣି ।
ଜ୍ୱାଳାବଳୀ ନାମେ ବାଣ ଅତି ତେଜ ଘୋଟି
ଯୋଦ୍ଧାକେ ବର୍ଷନ୍ତି ପୁଣି ଧରି କୋଟି କୋଟି
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେ କମ୍ପେ ଶରଘାଏ
ସମୁଦ୍ର ଉଚ୍ଛୁଳଇ କ ମନ୍ଥନ ପର୍ବତେ ।
ଗୋଧନ ହରଣ ରଣକଳା ଅଗୋଚର
ଇତି ଶ୍ରୀ ମହାଭାରତ ଦିବ୍ୟ ସମାଗ୍ରର ।
ମନୁଷ୍ୟ ମାନଙ୍କେ ମୁହିଁ କହି କ ସମର୍ଥ
କୃପାକୁ କରିଲେ ଯେଣୁ ଶ୍ରୀ ଶାରଳା ମାତ ।
ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଲ୍ୟ ଆଦିର ବାହ୍ଲିକ
ଶକୁନି ଭୁରିଶ୍ରବାଦି ଆଉ ଯେତେ ଲୋକ ।
ଆଗଭର ହୋଇଣ ସେ ପଛ କଲେ ଦଣ୍ଡ
ନାରାଚ ବର୍ଷନ୍ତେ କମ୍ପେ ସପତ ବ୍ରହ୍ମାଣ୍ଡ ।
ଏକାରଥୀକୁ ବେଢ଼ିଲେ ବାରପଞ୍ଚ ଯୋଧୀ
ମହାକୋପେ ଉପରୋଧ ଛାଡ଼ି ବାଣ ବିନ୍ଧି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦ୍ରୋଣ ବୋଇଲେ ରେ ନାଶଗଲୁ ଫାଲ୍‌ଗୁନ
ଆଜ ଏଥୁ କେମନ୍ତେ ରେ ଯିବୁ ପ୍ରାଣ ଘେନ ।
ଅର୍ଜ୍ଜୁନ ବୋଇଲେ ଗୁରୁ ତୁମ୍ଭ କଥା ସତ୍ୟ
ଆଜ କଉରବେ କେହ୍ନେ ନ ହେବେ ଜୀବତ ।
ଉଭୟଙ୍କ ପ୍ରତିବାକ୍ୟ ଯୁଦ୍ଧ ମହାଘୋର
ସଂଗ୍ରାମ ଭୂମି ଦିଶିଲା ଦିବସେ ଅନ୍ଧାର ।
ଏସନ ଦେଖିଣ ଦ୍ରୋଣ ପର୍ବତାସ୍ତ୍ର କଲେ
ବଜ୍ରାସ୍ତ୍ର ପେଷିଣ ପାର୍ଥ ତାହା ନିବାରିଲେ ।
କ୍ରୋଧରେ ଦ୍ରୋଣ ପେଷିଲେ ପନ୍ନଗ ମାର୍ଗଣ
ମହାଫଣା ଟେକ ସର୍ବେ କରନ୍ତି ଗର୍ଜ୍ଜନ ।
ଉତ୍ତର ବୋଇଲେ ସ୍ୱାମି ନାଗଦଳ ଦେଖ
ମହାଭୟ ଲାଗେ ମୋତେ ସମ୍ଭାଳଣ ରଖ ।
ଉତ୍ତରର ବାକ୍ୟ ଶୁଣି ପାର୍ଥ ମହାରଥୀ
ଖଗବର ନାଗଚକୁ ବିନ୍ଧିଲେ ତୁରିତ ।
ଗରୁଡ଼ ଅସ୍ତ୍ରର ତେଜ ବିକାଶିଲା ଯହୁଁ
ମୂର୍ଚ୍ଛାଗତ ହୋଇ ପଡ଼ିଗଲେ ସର୍ପ ତହୁଁ ।
ଅଶ୍ୱତ୍ଥାମା ବିନ୍ଧିଲେକ ଅଗ୍ନିଶର କୋଟି
ସେ କାଳାନଳ ବହ୍ନି ଶୂନ୍ୟେ ଯାଇ ଘୋଟି
ମଣ୍ଡରେ ମେଖଳା ତାର ଆକାଶରେ ଆଛି
ସ୍ୱର୍ଗବାସୀ ଭୟ ପାଇଲେ ଅଗ୍ନି ଜ୍ୟୋତି ଦେଖି ।
ଉତ୍ତର ବୋଇଲା ସ୍ୱାମି ବଡ଼ାଇ ଦୁର୍ଲ୍ଲଭ
ଏବେ ସକଳ ସଂସାର ଦହନ ହୋଇବ ।
ପୁଣି ଜଳବମ୍ବ ଶର ପେଷିଲେ କିରୀଟୀ
ଅଗ୍ନି ପରେ ମେଘମାଳ କଲେ ଜଳବୃଷ୍ଟି ।
କଉରବ ଯୋଦ୍ଧାମାନେ ପଳାବନ୍ତି ଭଜ
କୋପରେ ନାରଚ ପାର୍ଥ ବିନ୍ଧେ ଗଜରାଜ ।
ମନ୍ଦର ପର୍ବତ ଯେହ୍ନେ ସିନ୍ଧୁ କଲା ଗୋଳା
ସେହ୍ନ ରୂପେ ଦିଶଇ ଯେ ବାସବର ବଳା ।
ଯେଉଁ ଅସ୍ତ୍ର ସବୁ ବିନ୍ଧୁଛନ୍ତି କୁରୁଗଣ
ସ୍ତମ୍ଭଅସ୍ତ୍ର କରି ତାହା ଛେଦଇ ଅର୍ଜ୍ଜୁନ ।
ଏକା ଜଣକୁ ବିନ୍ଧନ୍ତି ପାଞ୍ଚକୋଟି ଯୋଧୀ
ଏକମୁଖ ହୋଇଣ ଯେ ସର୍ବେ ଶର ବିନ୍ଧି ।
ଯେତେକାଳ ପରଯନ୍ତେ ଥିବ ବସୁମାତା
ଯାବତ ଚନ୍ଦ୍ରାର୍କ ଥିବେ ଥିବ ଏହି କଥା ।
ନ ଦେଖିଲେ କେ ଏହା ତ ବର୍ଣ୍ଣିବାକୁ ପାରି
ଆହେ ବୁଧଜନେ ତୁମ୍ଭେ ଶୁଣିବା ବିସ୍ତରି ।

ଦଣ୍ଡଭଗ୍ନ ଦେଖିଣ ଯେ ସର୍ବ ସେନାପତି
ପୁଣି ଆବୋରିଲେ ଆସି ଅର୍ଜ୍ଜୁନର କତି ।
ତପତ ଶିତାଂଶୁ ଅବତଂସ ବଜ୍ରମୁନା
ଅମୋଘ ଯେ ପଞ୍ଚଶର ପୁଣି ପଞ୍ଚମୁନା ।
କେବଣହିଁ ନାରଚ ଯେ ଅଟେ ବଜ୍ର ସୂଚୀ
ବିନ୍ଧନ୍ତି ସେ ନାରଚକୁ କ୍ଷୋଣ ମଧ୍ୟୁ ବାଛି
ତୋମର ମୁଦୁଗର ଯେ ଅନନ୍ତ ଶକତ
ବିନ୍ଧନ୍ତେ ଆଲୋକମୟ ଦିଶେ ବସୁମତୀ ।
ମହାପ୍ରଳୟର ପରି ସମର ହୋଇଲା
ଯୁଦ୍ଧ କରନ୍ତେ ଯେ ତହିଁ ସୂର୍ଯ୍ୟ ଅସ୍ତ ଗଲା ।
କକ୍ଷାବନ୍ତ ଯୋଦ୍ଧାମାନେ ସେହୁ ମହାକ୍ଷତ୍ରୀ
ଜଣେ ପଳାଇଲେ ଦଶବଂଶ ଯୁଝୁଛନ୍ତି ।
ରଜନୀ ଅନ୍ଧାରେ ଯହୁଁ ହେଲା ମହାଗୋଳ
ମୁଖରବ ଶବ୍ଦ ଶୁଭେ ଅତ୍ୟନ୍ତ ଚହଳ ।
ମହାଘୋର ନିଶାକାଳେ ହେଲା ମହାରଣ
ବାରଣ ନ ଗଲା ତହିଁ ପର କି ଆପଣ ।
ଏକଇ ଅସ୍ତ୍ର ଆରେକ ନଅନ୍ତି ଉଜ୍ଜଳ
ତାହାର ଅସ୍ତ୍ରକୁ କେହୁ ବନ୍ଧେ ଘେରିକରି ।
ଅନ୍ଧାର ଦେଖି ବୋଇଲା ଗାନ୍ଧାରୀର ବଳା
ସମର ଅଭିମୁଖରେ ଲଗା ବେଗେ ହୁଳା ।
ରଥକେ ପଞ୍ଚାଶ ପୁଣି ଗଜେକ ପଞ୍ଚାଶ
ଅଶ୍ୱଯୋଦ୍ଧା ଜଣକରେ ଲାଗେ ପଞ୍ଚଦଶ ।
ପଦାତିମାନେ ଘେନଲେ ନିଜହସ୍ତେ ଗଦା
ଏଗାର ଯୋଜନଯାଏ ସବୁ ଦିଶେ ପଦା ।
ଉତ୍ତର ବୋଇଲା ସ୍ୱାମି ଯୁଦ୍ଧ ନ କରିବା
ଭୟମୟ ଏ ବସୁଧା ଲାଗେ ମୋତେ କିବା
ମରନ୍ତି ଯେ କଉରବେ ଲୋଟନ୍ତି ଉଠନ୍ତି
ଏକଇ ପଡ଼ନ୍ତେ ଦଶବଂଶ ଘୋଟିଯାନ୍ତି ।
ଅର୍ଜ୍ଜୁନ ବୋଲେ ଉତ୍ତର ନ ଜାଣୁ ଏ କଥା
ସମରେ ଉପ୍ରୋଧ ମୁହିଁ କରଇ ସର୍ବଥା ।
ପ୍ରାଣେ ନ ମାରି ଉପ୍ରୋଧ ଏହାଙ୍କୁ ମୁଁ କଲି
ଶିରଚ୍ଛେଦ ନ କରଇ ପରକାର୍ଯ୍ୟ ବୋଲି ।
କଞ୍ଚିତ ଦୋଷକୁ କପାଳେ ଦେବା ବନ୍ଧୁଶାସ୍ତି
କ୍ଷଣକେ ମରଣ ତାଙ୍କୁ ହୋଇବ ପ୍ରାପତ ।
ତ୍ରୟୋଦଶ ବର୍ଷ ହେଲା ସମର ଯେ ନାହିଁ
ସ୍ୱରଭଗ୍ନ ହେଲା ମୁହିଁ କୌରବଙ୍କୁ ଚାହିଁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପ୍ରାଣରେ ନାଶ ମୁଁ ଅବା କରିବି କେମନ୍ତେ
ସମସ୍ତେ ସୋଦର ମୋର ଅଛନ୍ତି ଯୁକତେ ।
ମୁଖ ଦେଖି ଏହାଙ୍କୁ ମୁଁ କରଇ ଉତ୍ପ୍ରୋଧ
ତେଣୁକରି ନଷ୍ଟଶେ ମୁଁ ନ କରଇ ଯୁଦ୍ଧ ।
ପ୍ରତାପୀ ଏ କୁରୁସୈନ୍ୟ ଛନ୍ତି ମତ୍ତ ହୋଇ
ଏକାକେ ତାହାଙ୍କୁ ଜୟ କରିବିଇଁ ମୁହିଁ ।
ଉତ୍ତର ବୋଇଲା ତୋର ସମର ଯେମନ୍ତ
ଯୁଗଳ ମୃଗଯୂଥ ମୃଗ ହୋଇଲା ତେମନ୍ତ ।
କୌରବେ ସୋଦର ଯେବେ ଅଛନ୍ତି ଯୁକତେ
ସମର ଆରମ୍ଭ କଲୁ ଆବର କ ଅର୍ଥେ ।
ଉତ୍ପ୍ରୋଧ କଣରେ କାହିଁ ହୋଇଅଛୁ କାର୍ଯ୍ୟ
ବାହୁଡ଼ି ଯାନ୍ତେ ପାଇବା ଆମ୍ଭେ ବଡ଼ଲାଜ ।
ଗୁଣର ସାଗର ତୁମ୍ଭ କଥା ଜଗଜ୍ଜେଠି
ଉତ୍ପ୍ରୋଧ କରିଲୁ ଯେବେ ଗୃହ ହିଁ ଲେଉଟି ।
ଉତ୍ତରଠାରୁ ଏମନ୍ତ ବଚନକୁ ଶୁଣି
ହସି କହେ ଅରଜୁନ ମୋହନାସ୍ତ୍ର ଘେନି ।
ମନଭେଦ ଶରନେଇ ବସାଇଲା ଧନୁ
ଏକାବେଳକେ ବନ୍ଧନ୍ତେ ଭେଦେ ସର୍ବତନୁ ।
ରଥୀକେ ଶତନାରାଚ ଯୋଦ୍ଧାକେ ପଞ୍ଚାଶ
ମୁକୁଟବନ୍ଧା ପନ୍ଦର ପଦାତିକେ ଦଶ ।
ଶରରେ ଭରେଇମଲ୍ଲି ମହିମା ଯା ଧନ୍ୟ
ଏକା ଥରକେ ବନ୍ଧିଲା ଏତେ ଅସ୍ତ୍ରମାନ ।
ଅର୍ଜୁନ ଛଆରଇ ଯେ ମନଭେଦ ଶର
ଭେଦ ହୋ ନାସିତ ତୁମ୍ଭ ସବୁର ଶରୀର ।
ଏତେ ବୋଲିଣ ଅର୍ଜୁନ ଶର କଲା ବୃଷ୍ଟି
ସମସ୍ତଙ୍କ ଶରୀରରେ କାଣ୍ଡ ଗଲା ଫୁଟି ।
ଶତେ ଶତେ ପଡ଼େ ଯାଇ ରଥୀଙ୍କ ଉପରେ
ପଞ୍ଚାଶ ପଞ୍ଚାଶ ଶର ଯୋଦ୍ଧାଙ୍କ ଶିରରେ ।
ମୁକୁଟବନ୍ଧା ଯୋଦ୍ଧାଙ୍କୁ ମାରେ ପଞ୍ଚଦଶ
ପଦାତି ଜଣକୁ ଶର ପେଷେ ଦଶ ଦଶ ।
ଅଷ୍ଟାଦଶ କ୍ଷୌଣୀ ପରେ ଏତେ ଶରବୃଷ୍ଟି
ଏକାବେଳକେ ପଡ଼ିଲେ ସର୍ବେ ମହୀଲୋଟି ।
ଏଗାର ଯୋଜନ ସ୍ଥାନ ପଡ଼ିଲେ ସେ ମାଡ଼ି
ସମସ୍ତଙ୍କ ଶରୀରୁଁ କି ଆତ୍ମା ଗଲା ଛାଡ଼ି ।
ଅଶ୍ୱ ଗଜ ପଡ଼ିଲେ ଯେ ପ୍ରାଣତ୍ୟାଗ ହୋଇ
ମୋହନା ଶର ଘାତରେ ପଡ଼ିଗଲେ ମହୀ ।

କୋପେ ଅପର୍ଯ୍ୟାପ୍ତ ଶର ମାରନ୍ତି ଅର୍ଜୁନ
ଅସାସ୍ତ୍ରମେ ପଡ଼ିଛନ୍ତି କୁରୁବୀରଗଣ ।
ରତ୍ନମଣି ମୁକୁଟ ଯେ ଶିରର ଶ୍ରୀଭୂଷା
ରକ୍ତ କର୍ଦ୍ଦମେ ସରବେ ହେଲେ ମାଟିମିଶା ।
ଚନ୍ଦନ କସ୍ତୁରୀ ଆଦି ସର୍ବଗନ୍ଧ ଭୋଗ
ରୁଧିରେ କର୍ଦ୍ଦମ ହେଲା ସବୁଙ୍କର ଅଙ୍ଗ ।
ମହାବାତରେ ଲୋଟନ୍ତି ଯେହ୍ନେ ବୃକ୍ଷପନ୍ତି
ଶରଘାଏ ସେହିରୂପେ କୌରବେ ଲୋଟନ୍ତି ।
ଉତ୍ତର ଅର୍ଜୁନ ପାଦତଳରେ ପ୍ରଣମି
ଦୁଃସହ ପ୍ରତିଜ୍ଞା ଆଜ କଲୁ ଦେବସ୍ୱାମି ।
ଦେବତାଙ୍କୁ ଅଗୋଚର ତୋହର ଏ କର୍ମ
ତୁମ୍ଭ ବୀରବର କ୍ଷତ୍ରିମାନଙ୍କ ଉତ୍ତମ ।
ଉତ୍ତରକୁ ଗୃହିଁଣ ଯେ ବୋଲେ ବୀରମଣି
ଉତ୍ତରକାଳୀ ବଚନ ଅନ୍ତୁଟିକ ଜାଣି ।
ପଡ଼ନ୍ତି କଉରବେ ହୋଇ ଅଚେତନ
ସମସ୍ତ ସୈନ୍ୟଙ୍କ ତୁଲେ ମୋହିତ ହୋଇଣ
ରଥୁ ଓହ୍ଲାଇଣ ପଶ ସୈନ୍ୟଙ୍କ ଭିତର
କ୍ଷତ୍ରୀଙ୍କ ଭୂଷା ମୁକୁଟ ଆଣସି ଉତ୍ତର ।
ଉତ୍ତର ବୋଇଲା ମୋତେ ଲାଗୁଅଛି ଭୟ
ସମସ୍ତେ ଦିଶୁଅଛନ୍ତି ସିଦ୍ଧତେଜ ପ୍ରାୟ ।
ଉତ୍ତର କୁମର କର ଧରି ଫାଲଗୁନ
ରଥୁ ଓହ୍ଲାଇଲା କରେ ଦ୍ୱନ୍ଦ୍ୱ ଏକ ଘେନି ।
ଅର୍ଜୁନ ଉତ୍ତର ଦୁହେଁ ପଶିଲେକ ଥାଟେ
ପ୍ରଥମେ ପ୍ରବେଶ ଯାଇ କର୍ଣ୍ଣର ନିକଟେ ।
ବାବୁ ଆମ୍ଭ ସୋଦର ଏ ମହାବଳୀକର୍ଣ୍ଣ
ମୁଖ ସ୍ତବ୍ଧିଁ ନିରୂପଇ ବୀର ଅରଜୁନ ।
ମୋର ଭ୍ରାତ ହୋଇ କୁହ୍ନ କୌରବରେ ମେଳ
ପଡ଼ିଲୁ ଉତ୍ଥାନଶାୟୀ ହୋଇ ତୋର ଭଲ ।
ବୈଜୟନ୍ତି ମାଳଗୋଟିଥିଲା କର୍ଣ୍ଣ ହୃଦେ
ପାର୍ଥ ବୋଇଲେ ଉତ୍ତର ଘେନ ଏହା ହାତେ
ଏକା ଖ୍ରିଷ୍ଟଦେବ ହୋଇ ନାହାନ୍ତି ମୋହିତ
ଲୌକିକ କର୍ମରେ ହୋଇଅଛନ୍ତି ସଚେତ ।
ତାହାଙ୍କ ସନ୍ନିଧେ ପୁଣି ଛନ୍ତି ଦ୍ରୋଣଗୁରୁ
ଏ ଦୁହିଙ୍କୁ ଛାଡ଼ି ଆଣ ଆଉ ଯେତେ ପାରୁ ।
ଏରୂପେ ଉତ୍ତରେ ଆଜ୍ଞା ଦେଲେ ସବ୍ୟସାଚି
ଆଜ୍ଞାଧେମେ ଅଳଙ୍କାର କାଢ଼େ ବାଛି ବାଛି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦେବାଙ୍ଗ ବସନ ପୁଣି ଅମୂଲ୍ୟ ପଦାର୍ଥ
ଘେନ ଉତ୍ତରକୁମର ଚଳିଲା ରଥ ।
କର୍ଣ୍ଣର ମୁକୁଟ କାଢି ବୀର ଫାଲଗୁନ
ପତାକ ଗୋଟିକେ ଶିରେ ବାନ୍ଧେ ନେଇ ପୁଣି
କର୍ଣ୍ଣର ସନ୍ନିଧ ପଡ଼ିଅଛି ଦୁଃଶାସନ
ଅର୍ଜୁନ ଦେଖି ଚହିଁଲା ତାହାର ବଦନ ।
ଆରେ ଏ ଭୁଜେ ଧଇଲୁ କେଶ ଦ୍ରୌପଦୀର
ସଭାତଳେ ବିବସନ କଲୁ ରେ ପାମର ।
ମୁହିଁ ତୋର ଶିରଚ୍ଛେଦ କର ଆନ୍ତ ରଣେ
ପରକାର୍ଯ୍ୟ ନ ମାରନ୍ତ ତୋତେ ଅକାରଣେ
ମୁହିଁ ତେବେ ବଦାରବି ତୋର ବକ୍ଷସ୍ଥଳ
ଭୀମସେନଙ୍କ ପ୍ରତିଜ୍ଞା ହୋଇବ ବିଫଳ ।
ଯେ କର କେଶ ଧଇଲୁ କୁବୁଦ୍ଧି ଦୁଃଶାସନ
ସେହିକରକୁ ଦ୍ରୌପଦୀଙ୍କ କେଶ ଅବନ୍ଧନ ।
ତୋ ଭୁଜକୁ ଉପାଡ଼ିଣ ଭୀମ ବୀରବର
ରୁଧିର ଦେବେ ସେ ନେଇ ପାଞ୍ଚାଳୀର ଶିର ।
ଦୁଃଶାସନର ଶିରଭୂଷା ମୁକୁଟାଳଙ୍କାର
ନେଇଣ ଖଞ୍ଜିଲା ପାର୍ଥ ଚଣ୍ଡାଳ ଶରୀର ।
ଚଣ୍ଡାଳ ପାଦୁକା ତାର ହସ୍ତେ ଦେଲା ଥୋଇ
ଦେହରେ କନ୍ଦୋଟି ତାର କାଟେ ବେଷବନ୍ଧ
ସମସ୍ତ ରଥୀଙ୍କ ରଥୁଁ ଆଣେ କେଶ ଧରି
ଭୂମିରେ ଶୁଆଇ ବୀର ବିବସନ କରି ।
ଦେଖେ ଶକୁନି ପଡ଼ିଛି ହୋଇଣ ଅଚେତ
ପାଶେ ସ୍ଥିତ ହୋଇଲା ବାସବର ସୁତ ।
ଶକୁନି ବଦନ ଚାହିଁ ବୋଲେ ଫାଲଗୁନ
ବାବୁ ଉତ୍ତର ଏ ଅଟେ ମାତୁଳ ଶକୁନି ।
ଜତୁଗୃହେ ଏହୁ ଯେ ଭିଆଇଲା କୁଟି
ପୁର ନିର୍ମାଣିଲା ଗୁଆଘୃତ ଛଣ ପଟେ ।
ବିଷଲଡ଼ୁ ଖୁଆଇଲା ଭୀମ ଠାକୁରଙ୍କୁ
ନାଗ ଖାଉ ବୋଲି ମେଲି ଦେଲା ସମୁଦ୍ରକୁ ।
କପଟପଶା ରଚନା ଦେଲା ଏ ବୁଦ୍ଧିରେ
ସମସ୍ତ ଧନ ହରିଲା ପୁଣି କପଟରେ ।
ତା ଶୁଣି ଉତ୍ତର ଧାଏଁ କରେ ଖଡ୍‌ଗ ଘେନି
ସ୍ୱାମି ଏହୁ ଦୁରନ୍ତକୁ ପକାଇବି ହାଣି ।
ଦେଖି ଅର୍ଜୁନ ଧଇଲେ ଉତ୍ତର ହାତକୁ
ଭୁ.ବାବୁ କୋପ ନ କର କହନ୍ତେ ଏହାକୁ ।

ମାନଭୋଜନ ଅଟଇ ଏହାର କଇଶି
ବଂଶ ନାଶକଲା ଯାର କୋଠାଘରେ ଭରି ।
କୌଣସି ପ୍ରକାରେ ତାକୁ ନ ପାରିଲା ଜିଣି
କୂଟ ଉପାସ୍ୟ ପାଞ୍ଚିଲା ମନ୍ତ୍ରୀ ଚୂଡ଼ାମଣି
ଆମ୍ଭର କୁଳେ ଯତନେ କରାଏ ଏମନ୍ତ
ଦୁର୍ଯ୍ୟୋଧନ ବଂଶ ନାଶ କରିବା ନିମିତ୍ତ ।
ଆମ୍ଭଙ୍କୁ ନିର୍ବାସ ଦେଇ ଏହୁ ବହୁକାଳେ
ତେବେ କଉରବେ ନାଶ ହେବେ ଆମ୍ଭ ରାଗେ
ଏହାକୁ କୋପ ତୁ ହାଦେ ନ କର କିରୀଟୀ
ହସ୍ତରେ ଶକୁନି ଆମ୍ଭ କାର୍ଯ୍ୟ କରିବଟି ।
ଅର୍ଜୁନ ବାକ୍ୟେ ଉତ୍ତର ମନେ ହେଲା ଶାନ୍ତ
ଶକୁନି ଉପରୁ କୋପ ଛାଡ଼ିଲା ଝଟତ ।
ଶକୁନିକୁ ଘୋଷରଇ ନେଲାକ କିରୀଟୀ
ନେଇ ଶୁଆଇଲା ତାକୁ ଗର୍ଦ୍ଦଭର ପିଠି ।
ହୁଆରେ ଲଦିଲା ନେଇ ଦମାଲୁ ଗୋଟିଏ
ଅନ୍ଧବ ଜାତଙ୍କ ବସ୍ତ୍ର ତାହାକୁ ପିନ୍ଧାଏ ।
ଦୁର୍ଜୟ ବୋଲିଣ ଯେତୁ ଦୁଃଶାସନ ସାନ
ତାହାର କେଶ ଯାଇଣ ଧଇଲେ ଅର୍ଜୁନ ।
ସଭାତଳେ ଆମ୍ଭଙ୍କୁ ତୁ ବସାଇଲୁ ନେଇ
ଏବେ ତୋହର ପ୍ରତିଜ୍ଞା ଗଲା ଆରେ କାହିଁ ।
ତୁମର ଆରେ ଦୁର୍ଜୟ ତୋର ପିତାମାତା
ତୁମର ଆବର ତୋର ଯେ ଇଷ୍ଟଦେବତା ।
ସୁଦେଷ୍ଣା ସୁତ ପ୍ରତିଜ୍ଞାବନ୍ତ ମହାରଥୀ
ବୋଲେ ଛେଦିବି ଯା ଶିର ରହୁଥାଉ କଥା
ଉତ୍ତର ବାକ୍ୟେ ବୋଇଲେ ଇନ୍ଦ୍ରଙ୍କ ସନ୍ତତ
ଭୀମସେନ ଦେବ ଯାକୁ ବଡ଼ୁତର ଶାସ୍ତି ।
ଶତଭ୍ରାତାଙ୍କୁ ମାରିବେ ତାଙ୍କର ପ୍ରତିଜ୍ଞା
ମୁଁ ତାହାଙ୍କ ବଚନ ନ କରିବି ଅବଜ୍ଞା ।
ଏତେ ବୋଲି ଛାଡ଼ି ଦେଲେ ଅର୍ଜୁନ ତା କେଶ
କଟ୍ଟିଦନ ବର୍ତ୍ତିଥାଅ ଅଛୁ ତୋ ଆୟୁଷ ।
ଦୁର୍ଯ୍ୟୋଧନ ଶତଭ୍ରାତା ଅଟନ୍ତି ଯେ ରଥୀ
କେଶ ଧରି ଭୂମିରେ ଶୁଆଇଲେ ସବୁନ୍ତି ।
ଉତ୍ତର କୁମର ଖଡ୍‌ଗ କରିଣ ପ୍ରହାର
କୋପରେ ଛେଦିଲା ସ୍କନ୍ଧ ସକଳ ରଥର ।
ରଥୀମାନଙ୍କୁ ଅର୍ଜୁନ କରିଲ ପଦାତ
କରିଲେ ପଦାତିଙ୍କୁ ନେଇ ରଥେ ରଥୀ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବାଦ୍ୟକାରମାନଙ୍କୁ ସେ କଲ ଯୋଦ୍ଧାପର
ଯୋଦ୍ଧାମାନଙ୍କୁ କରାଇ ବାଦ୍ୟକାର ସର ।
ଥାଟ ଓଲଟାଇଁ ହେଲା ଭଗ୍ନସଜ୍ଞ ଗତ
ଅର୍ଜୁନ ବଜାଇ ମାନଗୋବନ୍ଦର କତ ।
ମାନଗୋବନ୍ଦ ମୁକୁଟ ଉତ୍ତର ଦେଖିଣ
ଅତିଶ୍ରଦ୍ଧା ପାଇ କାଢ଼େ ମସ୍ତକୁ ଯାଇଣ ।
ପାର୍ଥବୋଲେ ସେ ମୁକୁଟ ଥାଉ ହେ ଉତ୍ତର
ଲକ୍ଷ୍ମୀ ବସେ କରନ୍ତ ଏ ମୁକୁଟ ଉପର ।
ଗୋଟିଏ ମାଣିକ୍ୟ ଏଥେ ଅଛଇ ଯେ ଲାଗି
ଯାହାକୁ ଦେଖିଲେ ଶତ୍ରୁ ହୁଏ ସ୍ଥାନତ୍ୟାଗୀ ।
ଏ ମୁକୁଟ ଭାର ଆନ ସହି ନ ପାରଇ
ମାନଗୋବନ୍ଦ ପଲଂଗାରୁ ପରେ ବହଇ ।
ଅର୍ଜୁନ ବଚନ ଶୁଣି ବିରାଟର ସୁତ
ତକ୍ଷଣେ ଥୁଇଲେ ଦୁର୍ଯ୍ୟୋଧନର ମୁକୁଟ ।
ଅର୍ଜୁନ ବୋଇଲେ ଦେଖ ଦୁର୍ଯ୍ୟୋଧନ ମୁଖ
କଲକର୍ମ ସ୍ୱାମି ତୋତେ ଫଳଲା ପ୍ରତ୍ୟକ୍ଷ ।
ଯେ ଯାହା କରଇ ତାହା ଅବଶ୍ୟ ଭୋଗଇ
ତୋହର କଲକର୍ମର ଏ କୃତ୍ୟ ଅଟଇ ।
ଆପଣେ ଯାହା ଅର୍ଜିଲ ତା ଅବଶ୍ୟ ଭୁଞ୍ଜି
କଷ୍ଟେଁ ଯମରାଜା ତୋର ପୋଛୁଲଣି ପାଞ୍ଜି ।
ଅମୂଲ୍ୟ ମୁକୁଟ ଦୁର୍ଯ୍ୟୋଧନ ଶିରେ ଥିଲା
ଅଳାୟୁଧ ରାକ୍ଷସର ଶିରେ ତା ବାନ୍ଧିଲା ।
ତାହାର ପାଦୁକା ନେଇ ଦେଲା ରାଜା ଶିରେ
କଣ୍ଠାର ଗୋଟିଏ ନେଇ ବାନ୍ଧିଲା ଗଳାରେ ।
କୃପ ଆଚାର୍ଯ୍ୟଙ୍କୁ କୋପ କଲକ କିରୀଟୀ
ତାହାଙ୍କର ସାରଥିକୁ କଲା ସାତବେଣ୍ଟି ।
ଶଲ୍ୟ ସାରଥିର ମୁଣ୍ଡ କଲା ସାତଖଣ୍ଡ
ରୁଧିର ବାହାରନ୍ତେ ସେ ଝଷିଲା ଜିପଣ୍ଡ ।
ଭୂରିଶ୍ରବା ସାରଥିର ଚିରିଲା କପୋଳ
ଶ୍ରବଣ ଛେଦନ କଲା ଯେତେ ଯୋଦ୍ଧା ଭଲ
ମୁଖ୍ୟ ମୁଖ୍ୟ ଯୋଦ୍ଧାଙ୍କର ଛେଦିଲା ସେ ନାସା
ଜୟଦ୍ରଥ ଓଷ୍ଠ କାଟି କରିଲା ନକେଶା ।
ସୋମଦତ୍ତର ଛେଦିଲା ଚରଣ ଅଙ୍ଗୁଳି
କର୍ଣ୍ଣ ସାରଥିର ଛେଦି ଦେଲା ଭଳପଂକ୍ତି ।
ନଖରେ ଅଳମ୍ବୁଷର ଖୋଳେ ଦାମଚକ୍ଷୁ
ବୋଲେ କଉରବେ ଆରେ ତୁମ୍ଭଙ୍କୁ କେ ରକ୍ଷୁ

ଶତଭ୍ରାତ ସାରଥିଙ୍କ ଛେଦିଲା ଅଙ୍ଗୁଳି
ବାହା ତର କା ରୁଧିରେ ନେଇଦେଲା ବଳି ।
ବାହ୍ଲିକ ସାରଥିର ସେ ଛେଦି ବକ୍ଷସ୍ଥଳୀ
ଦୁଃଶାସନ ହୃଦେ ଲମ୍ବାଇଲା ମନ୍ଦାରର ମାଳ ।
ଉତ୍ତର ବୋଲେ ବଜ୍ରସ୍ଥ ଅଟେ ତୋର ନାମ
ପ୍ରତ୍ୟକ୍ଷେ ଦେଖିଲି ଦେବ ତୋର ସେହି କର୍ମ
ଅରୁଣ ପ୍ରକାଶ ହେଲା ଛୁଟିଲା ରଜନୀ
ଅଡ଼ାଇ ଗୋଧନପଲ ଗଲ ଯିବା ସ୍ଥାନ ।
ଗୋପାଳ ସଭିଏ ତାଙ୍କ ଗୋଗୋଷ୍ଠରେ ଥିଲେ
ଅନେକ ରତନ ତହୁଁ ବାଛି ଘେନଗଲେ ।
ଅଡ଼ାଇ ଗୋଷ୍ଠପଲକୁ ଗୋପାଳେ ହରଷେ
ସମସ୍ତେ ପ୍ରବେଶ ହେଲେ ବିରାଟର ଦେଶେ ।
ଏଥୁଅନ୍ତେ ରଥ ବାହେ ବିରାଟର ବାଳ
ପ୍ରବେଶ ହୋଇଲେ ଯାଇ ଶମୀବୃକ୍ଷ ତଳ ।
ଜୟ ଜୟ ରମାକାନ୍ତ ରାଜୀବଲୋଚନ
ସଗର୍ବେ ବହୁଛ ନାମ ପତିତପାବନ ।
ତନ୍ତ୍ର ଧରି ଦରିଦ୍ରଙ୍କ ଛେଦୁଅଛ ନନ୍ଦ
ଏ ପାପୀ ଜନମନ୍ତେ ତନ୍ତ୍ର ହୋଇଲା କି ବନ୍ଦ ।
କେତେକେତେ ମହାପାପୀ ତାରିଦେଲହେଲେ
ଦୟା ଲବେ ନ ହେଉଛୁ ମୋ କର୍ମ ଅବନେ
ଆହେ ଭକତବନ୍ଦନ ବାରେ ସେନାକର
ଶାରଳା ଦାସର ହୃଦେ ରହ ନିରନ୍ତର ।

ବିରାଟ କଳିଙ୍ଗ ରାଜା ସହିତ ଯୁଦ୍ଧକୁ ଗମନ ଓ ଭୀମ କର୍ତ୍ତୃକ ବୀରବାହୁର ପତନ

ମନୁରାଜା ଅଗସ୍ତିଙ୍କୁ ପୁଣି କଲେ ପ୍ରଶ୍ନ
ତବପୂଣ୍ୟେ ପୁରାଣ ମୁଁ ଶୁଣି କଲି ଇଚ୍ଛା ।
କଳପିଦେଶକୁ ସୈନ୍ୟ ବାହିଲେ ବିରାଟ
କସ କସ କଲେ ତେଣେ ସେ ବେନ ମୁରାଟ
ମୁନି ବୋଇଲେ ପର୍ବତେ ଥିଲା ବୀରବାହୁ
ବିରାଟ ରାଜାର ସୈନ୍ୟ ପ୍ରବେଶିଲେ ଯହୁଁ ।
ବାରତା ପାଇଣ ବୀରବାହୁ ନରପତି
ଯାବନ୍ତରେ ଚଳାଇଲା ସର୍ବ ରଥ ହସ୍ତୀ ।
ବୀରବାହୁ ସୈନ୍ୟ ଯହୁଁ ଉଠିଲେ ଗର୍ଜ୍ଜି
ବିରାଟ ସୈନ୍ୟ ସମସ୍ତେ ପଳାଇଲେ ଭାଜି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶାଲବାହୁ ସୈନ୍ୟମାନେ କଲେ ସର୍ବେ ଗୋଳ
ଟୋଡ଼ାଇ ପିଟିଲେ ବେଗେ ବିରାଟର ଦଳ ।
ବହୁତ ସୈନ୍ୟ ମରନ୍ତେ ମନେ ହୋଇ ରୁଷ୍ଟ
ଦ୍ରୋଣଙ୍କ ବଦନ ଚାହିଁ ବୋଲଇ ବିରାଟ ।
ସମଦଣ୍ଡ ଭଜନା ମୁଁ ହୋଇଲି ନିର୍ମାକ୍ଷୀ
ସୈନ୍ୟ ନ ରହନ୍ତି ମୋର ରଣଭଗ୍ନ ଦେଖି ।
ମୋର ସୈନ୍ୟ ପଳାନ୍ତି ସେ ମାରନ୍ତି ଗୋଡ଼ାଇ
ଭଜି ପଳାବନ୍ତି ଗଜ ଅଶ୍ୱଆଦି ହୋଇ ।
ମତ୍ସ୍ୟରାଜ ଦ୍ରୋଣଭଟ୍ଟ ବଲ୍ଲଭ ତନ୍ତ୍ରିକ
ଚାହିଁ ରହନ୍ତି ସର୍ବେ ହୋଇଣ ଅବାକ ।
ସୈନ୍ୟମାନେ ପଳାଇଲେ ମନେ ପାଇ ଛନ୍ଦ
ଶାଲବର ସେନ୍ୟମାନେ କରନ୍ତି ନିଧନ ।
ବିରାଟ କହିଲେ ଦ୍ରୋଣ ସୈନ୍ୟହତ ଦେଖି
ଆଶ୍ୱାସି ଆସିଣ କେହେ ନ ପାରିଲେ ରଖି
ଆବର ଏ ସ୍ଥାନେ ଥାଇ କି କରିବା ଦ୍ରୋଣ
ଏକ୍ଷଣି ଏ ସ୍ଥାନେ ସର୍ବେ ପ୍ରାଣେ ହେବା ହତ
ରଥ ପରିତ୍ୟାଗ କରି ବେଗେ ମତ୍ସ୍ୟସାଇଁ
ପଳାଇ ଲେଉଡ଼ଇ ରାଜା ମନ୍ତ୍ରୀ ସଙ୍ଗେ ନାହିଁ ।
କଠୋର ଦେଖିକରି ସେ ଧୁମ୍ରଲେ ଯୁଧିଷ୍ଠି
ରଣଭୂମିକି ସେତୁ ନ ଚାହିଁଲେ ଲେଉଟି ।
ଯାତକେଶ୍ୱର ଯୁଧିଷ୍ଠି ଆବର ନକୁଳ
ଭୟରେଁ ପଳାଇ ଗଲେ ଅରଣ୍ୟ ଗହନ ।
ବିରାଟ ପଳାଇବାର ଦେଖି ସୂପକାର
ରହ ରହ ବିରାଟ ହୋ ଦେଖିବ ସମର ।
ଏମନ୍ତ ସମୟେ ଆସି ମିଳିଲେ ସଇନ
ବହୁପୁରରେଁ ବେଢ଼ିଲେ ପୂରେ ଶଙ୍ଖଧ୍ୱନି ।
ସମୁଦ୍ର କଲ୍ଲୋଳ ପ୍ରାୟେ ଦିଶୁଅଛି ଥାଟ
ଦେଖିଣ ଉଚ୍ଚସ୍ୱରରେ କାନ୍ଦଇ ବିରାଟ ।
ବିରାଟ ବୋଲଇ ମୁହିଁ ଅଟେ ମହାପାପୀ
କୀଚକ ମରିଲା ଯାହା ବିହିଲୁ ଅଦ୍ୟାପି ।
ଅଥବା ମରଣ ଯେବେ ନୋହିଲାକ ମୋତେ
ଏ କଷଣୁ ପାର ଅବା ହେବ କେଉଁମତେ ।
ଯୋଗୀ ନ ହୋଇଲି ତେଜି କପା ରାଜ୍ୟଭାର
ଆଜ କି ମୋ ରାଜ୍ୟ ସତେ ହୋଇବ ମୋହର
ଏହାର ପାପଆତ୍ମା ମୁଁ ଜାଣିଲିଁ ହୃଦେ
ପରରାଜ୍ୟେ ଆଣି ମୋତେ ପକାଏ ପ୍ରମାଦେ ।

ମୋତେ ଏ ସମରେ ଆଜ ପକାଇବ ପେଲି
ଏହାକୁ ମାରନ୍ତା କେହି ବ୍ରହ୍ମହତ୍ୟା ବୋଲି ।
କଷ୍ଟସେ ମୋ ରାଜ୍ୟେ ଏହୁ ବଳାଇଲା ଆଶ
ସୂର୍ଯ୍ୟଦହଣ ମୁଁ କରି ପାଇଲି ତ୍ରିଗାଁସ ।
ବିରାଟ ବୋଇଲେ ମୋତେ ଛାଡ଼ ହେ ଗୋସାଇଁ
ଟହଳ ଥାଟ ଦେଖି ମୁଁ ରହି ନ ପାରଇ ।
ଏଥିରୁ ବେଗେକରି ମୋତେ କିଅ କୁ ଉଦ୍ଧାର
ମତ୍ସ୍ୟଦେଶରେ ଯତ୍ନେ ତୁ ହୁଅ ଅଧିକାରୀ ।
ଶୁଣ ହୋ ବିରାଟରାଜା ବୋଲଇ ବଲ୍ଲଭ
କ୍ଷତ୍ରୀବୃତ୍ତି ଅଟେ ଏହୁ ବଡ଼ଇ ଦୁର୍ଲ୍ଲଭ ।
ସମର ଆରମ୍ଭ କରିଅଛି ଶାଲବାହୁ
ଏଥୁ ଘୁଞ୍ଚିଗଲେ ପୁଣି କହିବା କା ଆହୁ ।
ତୋତେମୋତେଦେଖିସୈନ୍ୟଦେଇଅଛିବେଢ଼ି
ଆମ୍ଭର ଥୋକାଏ ସୈନ୍ୟ ଯାଆନ୍ତୁ କାହୁଡ଼ି ।
ଏହା ବିସ୍ତରନ୍ତେ ଆସି ବେଢ଼ିଲେ ସଇନ
ଭୀମସେନ ରହିଅଛି ବିରାଟକୁ ଘେନ ।
ବେଗେ ବେଢ଼ିଲେ ମୁକୁଟବନ୍ଧା ଯେତେ ଯୋଧି
ମହାକୋପରେ ନାରାଚମାନଙ୍କୁ ସେ ବନ୍ଧି ।
ଭୀମସେନ ବୋଲେ ତୁମ୍ଭେ ଶୁଣ ରାଜ୍ୟ ମତ୍ସ୍ୟ
କାହିଁକି ବିସ୍ମୟ ହେଉ ଦେଖ ତୁ ପ୍ରତ୍ୟକ୍ଷ ।
ଏତ୍କ୍ଷଣି ସମଦଣ୍ଡ ନିବାରିବ ହେଲେ
ମାରିବ ସକଳ ସୈନ୍ୟ ତୋର ଅଙ୍ଗଛଳେ ।
ବାନ୍ଧୁଛନ୍ତି ଯୋଦ୍ଧା ଅସ୍ତ୍ର ଆକର୍ଣ୍ଣ ପୂରାଇ
ନାରାଚ ବର୍ଷନ୍ତି ହୁଅନ୍ତେ ଭୀମ ଅଙ୍ଗେ ଯାଇ ।
ପର୍ବତ ଉପରେ ଯେହ୍ନେ ବରଷଇ ଜଳ
ଭୀମସେନ ଅଙ୍ଗେ ବାଜି ପଡ଼େ ଭୂମିତଳ ।
ଶର ନ ଭେଦିଲା ଯହୁଁ ଭୀମସେନ ଅଙ୍ଗ
ବିସ୍ମୟରେ ଯୋଦ୍ଧାମାନେ ଚହୁଁ ହେଲେ ଭଙ୍ଗ
ବସାଭଗ୍ନ ହେଲେ ଯେହ୍ନେ ପଳାବନ୍ତି ପକ୍ଷୀ
ଭାଜିଗଲେ ସୈନ୍ୟବଳ ହୋଇଣ ନିର୍ମାକ୍ଷୀ ।
ଅମାନୁଷ କାର୍ଯ୍ୟ ଚହୁଁ କଲା ବୃକୋଦର
ଦ୍ୱାଦଶ ଯୋଜନ ଯାଏ କଲା ଛାରଖାର ।
ରଥ ଗଜ ଅଶ୍ୱଆଦି ପଦାତି ସଇନ
ଭାଜିଗଲେ ସେ ଯାହାର ନିଜ ପ୍ରାଣ ଘେନ ।
ରୁଧିରରେ ବୋଲେସନ ବୃକୋଦର କାୟ
ଦିଶେ ଅଷ୍ଟାଙ୍ଗ ଶରୀର ମନ୍ଦାର ପରାୟେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶତେକ ପରାର୍ଦ୍ଧ ସୈନ୍ୟ ଆଣି ବୀରବାହୁ
ପାଞ୍ଚ ପରାର୍ଦ୍ଧ ଘେନିଣ ପଳାଇଲା ସେହୁ ।
ଦନ୍ତରେ ତରଣ ମୁଖେ ଭଇନ୍ତ ଅଙ୍ଗୁଷ୍ଠ
ବାହନ ତେଜିଣ କେହୁ ଚରଣରେ ଲୋଟି ।
ନିର୍ଦ୍ଦୟ ନିଷ୍ଠୁର ସେହୁ ଅଟେ ନରଘୋଷ
ଶରଣ ବୋଇଲେ ମାରେ ଦ୍ୱିଗୁଣ ପ୍ରତ୍ୟକ୍ଷ ।
ରୁଦ୍ର ଅବତାର ପ୍ରାୟ ଦିଶେ ବୀର ଭୀମା
ବୀରବାହୁର ସୈନ୍ୟଙ୍କୁ ଟିକେ ନାହିଁ କ୍ଷମା ।
ଗୋଡ଼ାଇ ବୋଲଇ ଆରେ ରହ ବୀରବାହୁ
କୁଆଡ଼େ ପଳାଇ ଯିବୁ ତୋର ପଛେ ମୃତ୍ୟୁ ।
ଏବେ ଲେଉଟାଇ ତୁହି ରଖାଅ ତୋ ହୟ
ନସତ ହୋଇଲେ ତୋର ନ ରହିବ କାୟ ।
କଟାଳ ଦେଖି ସହସ୍ର ଯୋଦ୍ଧାଙ୍କର ତୁଳେ
ନବନଶି କୁନ୍ତ ଧରି ଏକାକେ ରହିଲେ ।
ଦେଖି ପାବନ ପାଉଣ୍ଡା ନେଇ ବାମଅଙ୍ଗ
ସକଳ କୁନ୍ତ ପଡ଼ିଣ ହୋଇଗଲା ଭଙ୍ଗ ।
ଅସ୍ତ୍ର ନ ଜାଣନ୍ତେ ବୀରେ ରହିଗଲେ ଘୁଞ୍ଚି
ଭୀମ ବୋଇଲା ତୁମ୍ଭେ ରେ ହୋଇଲ ନପୁଂଷୀ
କାଳଚକ୍ର ପରି ବୁଲେ ଭୀମଙ୍କର ଆଖି
ଯୋଦ୍ଧାମାନଙ୍କର ଭୟ ହେଲା ତାହା ଦେଖି ।
ଚନ୍ଦ୍ରକୁ ଦେଖିଣ ରାହୁ ଯେଡ଼େ ଯେହ୍ନେ ମାଡ଼ି
ସେହିପରି ଭୀମ ପିଟେ ଲୌହଦଣ୍ଡ କାଢି ।
ଅଶ୍ୱମାନେ ହୋଇଗଲେ ବେନି ବେନି ଖଣ୍ଡ
ଯୋଦ୍ଧାମାନଙ୍କ ଉପରେ ପଡ଼ନ୍ତେ ସେ ଦଣ୍ଡ ।
ନସତ ହୋଇଣ ଦନ୍ତେ ଧରନ୍ତି ତରଣ
ତା ଦେଖି ଦ୍ୱିଗୁଣ ପାଦେ କରେ ପ୍ରହାରଣ ।
ପଳାନ୍ତେ ଯୋଦ୍ଧାଙ୍କୁ ନେଇ ପଛୁଡ଼ାନ୍ତି କୋଟେ
କେହୁ ମନୁଷ୍ୟ ବର୍ତ୍ତିକ ସେହୁ ପ୍ରହାରନ୍ତେ ।
ସହସ୍ରେକ ଯୋଦ୍ଧା ହୋଇଥିଲେ ଏକମୁଖ
ରଣେ ପଡ଼ିଲେ ସମସ୍ତେ ହୋଇଣ ବିମୁଖ ।
ମୁଷଳ ଏକ ଘେନିଣ ରଣେ ବୀରବାହୁ
ଭୀମ ଉପରେ ପିଟିଲା ତାକୁ ଆଣି ଚହୁଁ ।
ତା ଦେଖିଣ ବୃକୋଦର ଧରେ ବାମହସ୍ତେ
ଛଡ଼ାଇଣ ଫିଙ୍ଗି ଦେଲା ତାହାକୁ ତୁରିତେ ।
ବକ୍ଷରେ ପ୍ରହାର କଲା ଏକ ପଦାଘାତ
ବୀରବାହୁ ପଡ଼ିଗଲା ହୋଇ ଭୂମିଗତ ।

ପଡ଼ନ୍ତେ ମୁଠିଅକ ଯୁଝି ମାଇଲାକ ତୋଳ
ବୀରବାହୁ ଦେହ ବେଗେ ହୋଇଗଲା ଧୂଳ ।
ରାଜାର ପଡ଼ନ୍ତେ ସୈନ୍ୟ ଭାଜ ପଳାଇଲେ
ଥୋକେ ଦନ୍ତେ ଲୁଟାଦେଇ ବନରେ ପଶିଲେ
ଭୀମସେନ ବିଜେକଲା ବିରାଟଙ୍କୁ ଘେନ
ଆସିଣ ମିଳିଲେ ପାଶେ ଆପଣା ସଇନ ।
ମାଡ଼ିଣ ବସିଲା ରାଜା ସେ କଳିଙ୍ଗ ନଗର
ଅନେକ ଧନ ଭଣ୍ଡାର କରିଦେଲେ ଜୂର ।
ଶ୍ୱେତ ନାମେ ବିରାଟର ଯେ କନଷ୍ଠ ପୁତ୍ର
ତାହାକୁ କଳିଙ୍ଗ ରାଜ୍ୟରେ ଦେଲେ ଦଣ୍ଡଛତ୍ର ।
ଜୟ ଜୟ ଜଗନ୍ନାଥ ଶରଣ ବତ୍ସଳ
ତୁମ୍ଭ ପାଦେ ରହୁ ଚିତ୍ତ ହୋଇଣ ଅଟଳ ।
ଏ ସଂସାର ମୋହମାୟା ଜାଲରେ ମୁଁ ପଡ଼ି
ତୁମ୍ଭର ଶ୍ରୀ ନାମାବଳୀ ଯାଉଅଛି ବୁଡ଼ି ।
ପୁଣି ଏହି ଷଡ଼ରିପୁ ମୋତେ କରେ କଷା
ଏହି ବିପଦରୁ ବାରେ ତାରି କରି ରକ୍ଷା ।
ତୁମ୍ଭ ପାଦ ବିନା ମୋର ଅନ୍ୟେ ନାହିଁ ଆଶ
ବିରାଟ ପର୍ବେ ମାଗୁଛି ମୁଁ ଶାରଳା ଦାସ ।

ଉତ୍ତରର ଜୟବାର୍ତ୍ତା ଶୁଣି ବିରାଟର ଆନନ୍ଦ ଓ ଯୁଧିଷ୍ଠିରଙ୍କର ମସ୍ତକରୁ ରକ୍ତପାତ

କହନ୍ତି ଅଗସ୍ତି ମୁନି ଆହେ ନୃପବର
ଏଥୁଅନ୍ତେ ଯାହା ହେଲା ଶୁଣ ସମାଚାର ।
ରଥ ଅଶ୍ୱ ଗଜ ଛାଡ଼ି ଅଇଲେ ବହୁତ
ଏସନ ସମୟେ ବାର୍ତ୍ତା ଦେଲା ଯାଇ ଦୂତ ।
ସ୍ୱାମି ଦଣ୍ଡ ଭଗ୍ନ ହୋଇ ହିଗର୍ତ୍ତ ଗମିଲା
ଦୁର୍ଯ୍ୟୋଧନ ଆଗେ ଯାଇ ସମସ୍ତ କହିଲା ।
ଶରଣପଞ୍ଜର ସେହୁ ମାନଚକ୍ରବର୍ତ୍ତୀ
ମତ୍ସ୍ୟଦେଶକୁ ଅଇଲା ରାୟ କୁରୁପତି ।
ରାଜ୍ୟେ ରାଜା ନାହିଁ ବୋଲି ବାରତା ପାଇଲା
ରାଜ୍ୟେ ନ ପଶି ଗୋଧନପଲ ଘେନିଗଲା ।
ଶୁଣିକରି ବିରସ ଯେ ହୋଇଲା ବିରାଟ
ଭୀମସେନ ବୋଇଲା ରେ ଲେଉଟାଅ ଥାଟ ।
ଶ୍ୱେତକୁ କଳିଙ୍ଗ ଦେଶରେ ନୃପତି କରାଇ
ବେଗେ ଆସେ ମତ୍ସ୍ୟାଧିପ ଥାଟକୁ ଚଳାଇ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପବନୁ ବେଗେ ଚଳାଏ ଥାଟ ଭୀମସେନ
ମୋର ପିବାଯାଏ ଯେବେ ଥାଏ ଦୁର୍ଯ୍ୟୋଧନ
ଏତେକ ପୁଣ୍ୟ ଅଛି କି ମୋର ଏହି କର୍ମେ
ଭେଟିବି କି କଉରବ ଆଜର ସଂଗ୍ରାମେ ।
ନିଜ ଦେଶେ ପ୍ରବେଶଇ ଯାଇଣ ତଡ଼ିତ
ପୁଣି ଦେଖାଉଇ ବାର୍ତ୍ତା ଆସିଣ କହନ୍ତି ।
ଭୋଦେବ ମାନଗୋବନ୍ଧ ଗୋରୁନ୍ୟନ୍ତେ ହର
ଉତ୍ତର ଜମିଲ ପୁଣି ରଥେ ଚଢ଼ି କର ।
ଶୁଣିଣ ବିସ୍ମୟ ଅତି ହୋଇଲ ବିରାଟ
ଉତ୍ତର ସଂଗ୍ରାମେ କି ଜିଣିବ ସେ ଥାଟ ।
କୋନ୍ତ ପଚ୍ଛରଲେ ତହୁଁ ଗଲ କିଏ ସଙ୍ଗେ
ଅଥବା କାହାକୁ ଘେନଗଲ ରଣ ରଙ୍ଗେ ।
ଦୂତ କହେ ପୁରେଥିଲ ଯେଉଁ ବୃହନ୍ନଳା
ତାହାକୁ ନେଲେ ସାରଥି ପଣରେ ହକାର ।
କୋନ୍ତବୋଇଲେ ହୋ ଜିଣୁ ନ ବିଷ୍ଣୁର ଚରେ
ଉତ୍ତରକୁ ଚିନ୍ତା ନାହିଁ ବୃହନ୍ନଳା ଥାନ୍ତେ ।
ବଲ୍ଲଭ କଢ଼ାଏ ବାଟ ଅତି ବେଗ ବେଗ
ସମସ୍ତଙ୍କୁ ପଛକରି ଆପେ ଗଲେ ଆଗ ।
ଭୀମ ଆସିବାର ବାର୍ତ୍ତା ଦୂତ ମୁଖୁଁ ଶୁଣି
ପାର୍ଥ ଚଳନ୍ତ କୁରୁବଳ ଦଳକ ଏକ୍ଷଣି ।
ଗାବନ୍ୟାସ ଶରଗୋଟି ପେଷିଲ କିରୀଟୀ
ଜୀବନ ପାଇ କୌରବ ସମସ୍ତେହେଁ ଉଠି ।
ରଜନୀ ପ୍ରଭାତେ ଚେତା ପାଇଲେ ସକଳ
ସର୍ବେ ପାଲଟିବା ଦେଖି କଲେ ମହାଗୋଳ ।
କେ ବୋଲେ ମୁକୁଟ ମୋର କହିଁ ଏହୁ ନେଲ
କେ ବୋଲଇ ମୋର ଗଳୁ ହାର ଛେଦିକଲ
କେ ବୋଲଇ ମୋହର ତ ଗଦା ଧନୁ ନାହିଁ
ପଦାତି ହୋଇଣ ରଥୀ ବୋଲ କାହିଁପାଇଁ ।
ଭୀଷ୍ମ ବୋଇଲେ ନ କଲ ଯେବେ ଆମ୍ଭବୋଲ
ଜାଣେ ଏଥେ ଫଳଲ ହୋ ତାର ପ୍ରତିଫଳ ।
ଏହିମତ ବଡ଼ମ୍ବନ କଲ ଫାଲଗୁନ
ପଳାଇ ଯାଅ ନିର୍ଲ୍ଲଜ ଜୀବନକୁ ଘେନ ।
ଭୀଷ୍ମଙ୍କର ବାକ୍ୟ ଶୁଣି ଶଲ୍ୟ ଯେ ବୋଇଲ
ଧର୍ମେ ସମସ୍ତଙ୍କର ହୋ ଶିର ନ ଛେଦିଲ ।
ଶକୁନି ବୋଲଇ ମରଗଲେ ଭଲ ହନ୍ତା
ମରଣୁ ଅଧିକ ହେଲ ଏହା ବଡ଼ ବ୍ୟଥା ।

ଭୀଷ୍ମ ବୋଲେ ପଳାଅରେ ବେଗେ ମୃଗପଲ
ସଂପ୍ରତି ମାରିବ ଆସେ ଭୀମ ମହାମଲ୍ଲ ।
ଅସମ୍ମାନ ଉଲଗ୍ନରେ ପଳାନ୍ତି ସଇନ
କେ ପାଦେ ପଳାଇ ଯାନ୍ତି ଅଶ୍ୱକୁ ନ ଘେନ ।
ଗଜ ପଳାବନ୍ତେ ମାଡ଼ି ଯାଉଛି ପଦାତି
ରକତରେ କର୍ଦ୍ଦମ ଯେ ହେଲ ବସୁମତୀ ।
ଅସମ୍ମାନ ହୋଇଣ ଯେ ପଳାବନ୍ତି ବନେ
ଏଥୁଅନନ୍ତରେ ଶୁଣ ଶମୀବୃକ୍ଷ ତଳେ ।
ଦାରୁକକୁ ହକାରିଣ ବୋଇଲେ ଫାଲ୍‌ଗୁନ
ଦ୍ୱାରକାକୁ ଯାଅ ତୁମ୍ଭେ ନନ୍ଦିଘୋଷ ଘେନ ।
ସମସ୍ତ ବାରତା ଯାଇ କହ ହରି ଆଗେ
ଜିଣିଲି କୌରବ ମୁହିଁ ବିଷ୍ଣୁ ଅନୁରାଗେ ।
ଚଳଇ ଦାରୁକ ନନ୍ଦିଘୋଷ ରଥବେନ
ଧନୁ ତୂଣକୁ ବୃକ୍ଷରେ ରଖିଲେ ଫାଲ୍‌ଗୁନ ।
ସ୍ତ୍ରୀବେଶେ ଅଳଂକୃତ ହୋଇଲେ ଅର୍ଜ୍ଜୁନ
ଗୁପତବାସ ଅଛଇ ବୋଲି ଜନାର୍ଦ୍ଦନ ।
ଗୀରବେଶରେ ଭୂଷଣ ସୁଦେଷ୍ଣାର ସୁତ
ଅର୍ଜ୍ଜୁନର ପଦ୍ମପାଦେ ବିନୟ ବହୁତ ।
ରଥୀପଣେ ବସିବାକୁ ମୋର ଇଚ୍ଛା ନାହିଁ
ଶରୀର କମ୍ପଇ ମୋର ତୋର ମୁଖ ଚାହିଁ ।
ଅର୍ଜ୍ଜୁନ ବୋଇଲେ ଭ୍ରାନ୍ତି ନ କର ତୁ କିଛି
ଆବର ଅଜ୍ଞାତବାସ ଦିନଦିନ ଅଛି ।
ତହୁଁ ଉତ୍ତର ଯେ ରଥୀ ଅର୍ଜ୍ଜୁନ ସାରଥି
ଶମୀବୃକ୍ଷର ତଳରୁ ଚଳିଲେ ତଡ଼ିତ ।
ଅର୍ଜ୍ଜୁନ ସମ୍ବାଦ ଘେନ ଦାରୁକ ଚଳିଲେ
ନନ୍ଦିଘୋଷ ରଥେ ବସି କୃଷ୍ଣଙ୍କୁ ଭେଟିଲେ ।
ସଂଗ୍ରାମର କଥା ସବୁ କହିଲେ ସଂକ୍ଷେପି
ଏକା ଅର୍ଜ୍ଜୁନ କୌରବଳ ଗଲେ ବ୍ୟାପୀ ।
ଅଷ୍ଟାଦଶ କ୍ଷୌଣୀବଳ ଭୀଷ୍ମ ଦ୍ରୋଣ ମୁନି
ସମସ୍ତ ଧ୍ୱଂସିଲ ପାର୍ଥ ରଣ କୁତୂହଳେ ।
ଶୁଣି କୃତକୃତ୍ୟ ହେଲେ ତୁଳସୀ ବଲ୍ଲଭ
ହୃଦଗତରେ ବିସ୍ମୟ ହେଲେ ବଳଦେବ ।
ନନ୍ଦିଘୋଷକୁ ବର୍ଣ୍ଣିଣ କଲେ ଧନ୍ୟ ଧନ୍ୟ
ଏଥିରେ ବିଜୟ କଲ ମୋହର ଅର୍ଜ୍ଜୁନ ।
ଏଥୁଅନନ୍ତରେ ଶୁଣ ମତ୍ସ୍ୟର ବାରତା
ବଲ୍ଲଭ ଆସେ କୌରବେ ଦେବାକୁ ଅବସ୍ଥା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସମଦଣ୍ଡ ବେଳ ପଛେ ଆସଇ ବିରାଟ
ମତ୍ସ୍ୟ ଦେଶରେ ପ୍ରବେଶ ହେଲା ଯାଇ ଥାଟ ।
ଚରଗଣ ଜଣାଇଲେ ଶୁଣ ମତ୍ସ୍ୟରାୟ
ଜଗତେ ଉଦିତ ହେଲା ତୋହର ତନୟ ।
ଅଠର କ୍ଷଉଣୀବଳ ସେ କୁରୁସାଗର
ତାକୁ ଜିଣିବା ସମର୍ଥ ହେଲା ତୋ କୁମର ।
ବିରାଟ ବୋଲେ ଉତ୍ତର ତୁହି ଅଟୁ ସାଧୁ
ଏକା ମନ୍ଥନ କଲୁ ତୁ ସେ ଅଗାଧ ସିନ୍ଧୁ ।
କୋଙ୍କ ବୋଲେ ବୃହନ୍ନଳା ସାରଥି ଯା ରଥେ
ତାକୁ ଜିଣନ୍ତା କେ ଅଛୁ ଏ ତିନି ଜଗତେ ।
ତାହା ଶୁଣିକରି କୋପ କରଇ ବିରାଟ
ଓଷ୍ଠେ ଦନ୍ତ ଚାପି ସେହୁ ମୁଖ କରେ ପୃଷ୍ଠ ।
ଆପଣେ ଆପଣେ ରହି ହେଲା ଶାନ୍ତମୂର୍ତ୍ତି
ଦେଖି କୋଙ୍କେ ନ ବୋଇଲେ ତାହାକୁ ଭାରତୀ
ବିଜୟ ମତ୍ସ୍ୟ ନରେନ୍ଦ୍ର ଆସ୍ଥାନେ ହରଷେ
ସୈନ୍ୟବଳ ଗଲେ ଯେ ଯାହାର ପୁରବାସେ ।
ରୋଷଶାଳକୁ ତୋଷରେ ଚଳିଲା ବଲ୍ଲଭ
ରନ୍ଧଣାରେ ଲାଗିଲା ସେ ହୋଇଣ ସୁଲଭ ।
ଅଶ୍ୱଶାଳରେ ପ୍ରବେଶ ହୋଇଲା ନକୁଳ
ଗୋଧନ ଘେନ ରହିଲେ ଯାଇ ତନ୍ତିପାଳ ।
ବିରାଟ ବୋଇଲା ଖଦା ହୋଇବା ପର୍ଯ୍ୟନ୍ତେ
ଆସ ଆସ ପଶା ପାଡ଼େ ଖେଳିବା ହୋ କୋଙ୍କେ
ଶୁଣି ସଧୀରେ କହନ୍ତି ଏହି ବାକ୍ୟ ଧର୍ମେ
ପୁତ୍ର ତୋହର ଉଦିତ ହୋଇଲା ସଂଗ୍ରାମେ ।
ଉତ୍ସବ କରାଇବୁ ନା ତୋର ବେନି ଦେଶେ
ପଶା ଉଚିତ ନୁହଇ କହିତ ହରଷେ ।
ବିରାଟ ବୋଇଲା କିଛି ନ ସୋହାଇ ମୋତେ
ତୋହର ମହିମା ଧନ୍ୟ ଏ ତିନି ଜଗତେ ।
ଏବେ ବେନିଦେଶ ମୋତେ ହୋଇଲା ନା ହେଗି
ସର୍ବ ସୁଲକ୍ଷଣ ପୁତ୍ର ହେଲା ଉପଯୋଗୀ ।
କୋଠି କାଟ ବୋଲି ରାୟ ପକାଇଲା ଗଡ଼
ପ୍ରଭୁ ଲୋକଙ୍କର ଆଜ୍ଞା କିଏ ପାରେ ଏଡ଼ି ।
ଶ୍ରୀଭୁଜରେ ଗଡ଼ି ଘେନ ଧର୍ମଙ୍କର ସୁତ
ପଶା କୋଠିକି କାଟନ୍ତି ସେ କୋଙ୍କ ପଣ୍ଡିତ ।
କୋଙ୍କଭଟ୍ଟ ପଣ୍ଡାଏ ଯେ କାଟିଲେକ କୋଠି
ବିରାଟ ପାଡ଼ିଲା ତହୁଁ ଘେନ ପଶାକାଠି ।

ବିରାଟ ଧର୍ମନନ୍ଦନ ଖେଳଣ ବସିଲେ
ଅତ୍ୟନ୍ତ ହରଷଯୁକ୍ତ ହୋଇ କ୍ରୀଡ଼ା କଲେ ।
ଦେଶାନ୍ତର ବାରତା ସେ କହିଲେ ଆସ୍ଥାନେ
ପଳାଇଲେ ରଣେ ହାରି କଉରବ ମାନେ ।
ଗୋଗୋଷ୍ଠରେ ଛାଡ଼ିଦେଲେ ନିଜ ଗୋରୁପଲ
ଅଳକାର ନାଥ ପ୍ରାୟ ଦଶେ ତୋର ବାଳ ।
ନଗ୍ରେ ଆସିଣ ପ୍ରବେଶ ହେଲା ନୃପଧାରୀ
ମଙ୍ଗଳ ପରସ୍ତେ ରଥ ବାହେ ବୃହନ୍ନଳା ।
ବିରାଟ ବୋଲଇ କୋଙ୍କ ସୁତ ମୋର ଧନ୍ୟ
ଏକା ହୋଇଣ ଜିଣିଲା କଉରବ ସୈନ୍ୟ ।
କୋଙ୍କ ବୋଲେ ବୃହନ୍ନଳା ସାହା ଯା ରଥରେ
ତାହାକୁ କେ ଜିଣିପାରେ ତ୍ରୈଲୋକ୍ୟ ଭିତରେ
ଶୁଣିଣ ବିରାଟ କୋପେ ହୋଇଲା ପ୍ରଚଣ୍ଡ
ରାଗେ ମତ୍ସ୍ୟାଧିପ ଅଙ୍ଗ ଜଳଇ ଦିପଣ୍ଡ ।
ରକ୍ତଲୁବୁମ ପରସ୍ତେ ଦଂଶେ ବେନି ନେତ୍ର
ବଦନ ଦେଖିଣ ପୁଣ ଉପ୍ରୋଧ ବହୁତ ।
ଖେଳୁଛନ୍ତି ପଶା ଖେଳ ଅତି କୁତୁହଳେ
ଅନେକବାର ହାରିଲେ ମତ୍ସ୍ୟ ମହୀପାଳେ ।
ବଳେ ଉତ୍ତର କୁମର ଭିତର କଟକ
ପୁଣି ବାରତା କହିଲା ଆସି ଦୂତ ଏକ ।
ସ୍ୱାମୀ ଉତ୍ତର ତୋହର କଉରବ ଜିଣି
ହାଟରେ ବିଜେ କଲା ଆସି କାର୍ତ୍ତିକେୟ ଜାଣି
କୋଙ୍କ ବୋଲେ ବୃହନ୍ନଳା ଯାର ଅଟେ ସାହା
ତ୍ରୈଲୋକ୍ୟରେ ଜିଣିବାକୁ ଅଛି କାର ବାହା ।
ସୈନ୍ୟ ଘେନି ବାହୁଥିଲା ସେ ମାନଗୋବିନ୍ଦ
ବୃହନ୍ନଳା ଥିଲେ ସର ନୁହଇ ଯେ ସ୍କନ୍ଦ ।
ପୁଣ ପୁଣ ତାହାଙ୍କର ସେ ବଚନ ଶୁଣି
ରାଗରେ ଅଙ୍ଗ କମ୍ପଇ ରମ୍ଭାପତ୍ର ଜିଣି ।
ଆହେ କୋଙ୍କଭଟ୍ଟ ଅଟୁ ତୁହି ବଡ଼ ଲଘୁ
ନପୁଂସକ ଛାରକୁ ତୁ ପୁଣ ପୁଣ ଶୋଚୁ ।
ରାଜ ପ୍ରକାଶ ସମୟେ ନ ରହି ଯା ମୁଖ
ଦିନକ ସୁକୃତ ନାଶ ଯାଇ ହୁଏ ଦୁଃଖ ।
ମୋହର ପୁତ୍ରକୁ ବଳବନ୍ତହିଁ ନ ଭଷୁ
ନପୁଂସକ ଛାରର ତୁ ପ୍ରତିଜ୍ଞା ପ୍ରକାଶୁ ।
ଅଯାହାର ଲୋକକୁ ସେ ନେଲା ଯାହାକାଳେ
କେହି ନ ଥିଲାକୁ ତାକୁ ନେଲା ଆଣିବେଳେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ରଥରେ ଥିଲ ସେ ଏକା ଲକ୍ଷମାନ୍ଧ ହୋଇ
ପୃଷ୍ଟ ବଳ ନନ୍ଦୁ ମୋର ତାହା ସ୍ଥିର ପାଇଁ ।
କୋନ୍ତ ବୋଇଲେ ହୋ କହ୍ନ ତୁମ୍ଭ ହୁଡ଼ିକଟ
ସିଂହ ଶୃଗାଳ ହୋଇବ କାହିଁ ଏକାସର ।
ଯଦ୍ୟପି ସେ ନପୁଂସକ ହୋଇଲା ଅଜାତ
ବୃହନ୍ନଳାସ ବର୍ଷେ ସିନା ଜଣେ କୁରୁପତ୍ତ ।
ଯାକୁ ଖାଣ୍ଡ ଦ୍ରୋଣ କୃପ ଅଶ୍ୱତ୍ଥାମା ସାହା
ଉତ୍ତର ପରହମେ କ ଜଣି ହୁଏ ତାହା ।
କହ୍ନ କହ୍ନ କୋପକଲ ନୃପ ମହାବାହୁ
ଅଧର କାମୋଡ଼ି ବୋଲେ ମୋତେ ଏହା କହ
କାଳଚନ୍ଦ୍ର ସ୍ରାପ୍ୟେ ଭ୍ରମି ଆଖି ଦୁଇଗୋଟି
ସ୍ତଗରେ ବିରାଟ ରାଜା ମାରେ ପଶାକାଠି ।
ଆଜ୍ଞାଶି କୋପେ ପ୍ରହାର କରିଲା ବିରାଟ
କାଠି ଯାଇଣ ପଡ଼ିଲା କୋନ୍ତଙ୍କ ଲଲାଟ ।
କୋନ୍ତଙ୍କ କପାଳେ ପଡ଼ି ସେହି ପଶାକାଠି
ରୁଧିର ବାହାର ହେଲା ଶିରଚର୍ମ ଫାଟି ।
ରୁଧିର ପଡ଼ିଲାବେଳେ କପାଳରୁ ତଳ
ଆପଣା ବସ୍ତ୍ରେ ରୁଧିର ଧଇଲେ ସମ୍ଭାଳ ।
ଆହେ ଚଇତନ ଶୁଣ ଯୁଧିଷ୍ଠି ମହିମା
ଅଜାତଶତ୍ରୁ ଅଟନ୍ତି ଅକୋପୀ ମହାତ୍ମା ।
ଏ କଷ୍ଟରେ ବିରାଟକୁ ଟିକେ କୋପ ନାହିଁ
ଛାଡ଼ି ବିରାଟ ବୋଲିଣ ନେଲେ ପଶା ବାହି ।
ଯୁଧିଷ୍ଠିର ରକ୍ତ ଯେବେ ପଡ଼ିଥାନ୍ତା ପୃଥ୍ୱୀ
ନଷ୍ଟସ୍ତ ଶସ୍ୟ ନୁହନ୍ତା ଜାତ ବସୁମତୀ ।
ମେଘମାଳ ଜଳବୃଷ୍ଟି ନ କରନ୍ତେ ଭଲେ
ମହୀ ପ୍ରଳୟ ହୁଅନ୍ତା କୋନ୍ତ କୋପକଲେ ।
ବିରାଟ କୋପ କରିଣ ମାଇଲା ପଶାଏ
ପୂର୍ବର କର୍ମ ବଧାନ ମେଣ୍ଟିଲା ଥୋକାଏ ।
ଯୁଧିଷ୍ଠିର କୋପ ଯେବେ କରନ୍ତେ ଅଳପ
ମତ୍ସ୍ୟଦେଶ ମଦ୍ରଦେଶ ସବନ୍ତାଟି ଦର୍ପ ।
ବୈବସ୍ୱତ ମନୁ ପୁଚ୍ଛାକଲେ ଅଗସ୍ତିଙ୍କି
ଏସନ ପ୍ରକାରେ କଥା ହେଲ ଯୁଧିଷ୍ଠ କ ।
ଅଜାତଶତ୍ରୁ ଅକୋପୀ ସେତୁ ମହାଶୟ
ଶତ୍ରୁ ତା ମିତ୍ରତା ଅଟେ ତାଙ୍କ ଏକମୟ ।
ପାପ ମୃତ୍ୟୁ ନାହିଁ ଯେଉଁ ମହାତ୍ମାର ଅଙ୍ଗେ
ତାହାଙ୍କୁ ପଶା ପ୍ରହାର କଲ ଯେଉଁ ବାଗେ ।

ଅଗସ୍ତି ବୋଇଲେ ଶୁଣ ମନୁ ମହାରଥୀ
କର୍ମର ଅର୍ଜିତ ଫଳ ଫଳଇ ସର୍ବଥା ।
ଶତଶୃଙ୍ଗେ ଯୁଧିଷ୍ଠିର ଜନ୍ମିଲେ ଯେ କାଳେ
ଗହନ ବନେ ଭ୍ରମନ୍ତି ସେହୁ ବାଳକାଳେ ।
ଲକ୍ଷ ଯେ କରନ୍ତି ହସ୍ତ ସୂତ୍ରଭ ନମନ୍ତେ
ଗୋଡ଼ ଗୋଟିଏ ଗୋଟିଏ ମାରି ଅନୁବ୍ରତେ ।
ବନେ ଆକର୍ଷି ମାଇଲେ ଗୋଡ଼ି ଏକଗୋଟି
ଦର୍ଦ୍ଦୁର ମୁଣ୍ଡରେ ବାଜ ରକ୍ତ ବହେ ଫୁଟି ।
ସେହି ପ୍ରହାରରେ ନାଶ ହେଲା ସେ ମଣ୍ଡୂକୀ
ତାର ପ୍ରାଣ ଘେନଗଲେ ଶମନ ତହିଁକି ।
ଚିତ୍ରଗୁପ୍ତ ବୋଲେ ବହୁକାଳ ଏ ବଞ୍ଚନ୍ତା
ଯୁଧିଷ୍ଠିରଙ୍କ ପ୍ରହାରେ ହେଲା ହତଚେତା ।
ଯମ ବୋଲେ ଅଦୋଷରେ ନେଲ ହତ୍ୟାଗୋଟି
ତାହାର ଲଲାଟେ ପଡ଼ୁ ବିରାଟର କାଠି ।
ଏହିପରି ଶାପକୁ ଯେ ଦେଲେ ନାଶକର
ତେଣୁ ପଶାକାଠି ରାଜା କରିଲା ପ୍ରହାର ।
ଜୟ ଜୟ ହରିଷ ତୁ ଦେବଙ୍କର ମୂଳ
ବହନ୍ତା ପୁରୁଷ ଅଟୁ ତୁମ୍ଭ ସର୍ବକାଳ ।
ଯେ ଯାହା କରଇ ତାହା ପ୍ରତ୍ୟକ୍ଷରେ ଦେଖୁ
ଏ ଦୁଷ୍ଟକଥାମାନ ତୁ କ୍ଷଣକେ ନିରେଖୁ ।
ମାତା ଗର୍ଭେ ପିତାବୀର୍ଯ୍ୟେ ଉପୁଜଇ ପିଣ୍ଡ
ଧାତୁ ବଦଳାଇ ତୁ ଯେ କରୁ ସର୍ବ ରୁଣ୍ଡ ।
ଅଥବା ଏହୁ ପ୍ରସଙ୍ଗ ଯେତୁ କରେ ନନ୍ଦା
ଏକାଥରକେ ତାହାକୁ କରିପାରୁ ବନ୍ଦା ।।
ଯାବତ୍ ତପନ ତାପନ ହୋଇବ ଶୀତଳ
ପରମ ବ୍ରହ୍ମଙ୍କୁ ଘେନ ପଞ୍ଚ ଦାବାନଳ ।
ଚତୁର୍ଥରେ କର୍ମ ମୁହିଁ ଅଟେ ମନ୍ଦଭାଗୀ
ପରମ ପୁରୁଷ ଏକା ତୁ କର୍ମ ନିୟୋଗୀ ।
ସର୍ବ ସଂହରଣ ନାଥ ଜଗଜ୍ଜନ ଚିନ୍ତା
ସିଦ୍ଧ ପୁରୁଷ ଅଭୟ ତୁମ୍ଭ ବରଦାତା ।
ମାୟାମୋହ ପଟଳକୁ ଦଇବ ରଚନ
କ୍ରୋଧ ମୋହ ରାଗ ଏହୁ ଅରଜୁ ବନ୍ଧନ ।
ନମଇଁ ତୁମ୍ଭ ଚରଣେ ଆହେ ମହାବାହୁ
ଦୁରପଦ ବନ୍ଧ ମୋର ସର୍ବ ମେଣ୍ଟି ଯାଉ ।
ବହନ୍ତା ପୁରୁଷକୁ ମୋ ବନୟ ଯୁକତେ
ଶୂଦ୍ରମୁନି ଶାରଳା ଯେ ସ୍ତବେ ଅନୁବ୍ରତେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଲେଖକ ପୁରୁଷ ଆଉ ଶାହାସ୍ତ ସମାଧି
ଏହାଙ୍କର ପ୍ରସାଦରେ ହୁଏ ସର୍ବ ସିଦ୍ଧି ।
କଥିତ ପାତକ ବିଷ ଥିଲା ମୋର ପୂର୍ବେ
ସେ ଦୈବ ପୁରୁଷ ତାହା ଖଣ୍ଡି ଦେବୁ ଏବେ
କଳିକାଳ ବିକାଳରେ ପାପପୂର୍ଣ୍ଣ ଦେହ
ପୂର୍ବ ଦୋଷ ଜନ୍ମ ଏବେ ନରଦେହ ଯେହ
ଚନ୍ଦ୍ରେ କଳଙ୍କ ଯେସନେ ବିପଦରେ ଯେ.ତି
କର୍ମ ବିପାକ ତେସନେ ସନ୍ତୁଲେ ଯୁଧିଷ୍ଠି ।
ଆପଣେ ପାପ କରିଲେ ଫଳଇ ପ୍ରତ୍ୟକ୍ଷେ
କରିବାକୁ କୃତ୍ୟ ସେହୁ କର୍ମ ବୋଲି ଭକ୍ଷେ ।
ଭବଗ୍ରାହୀ ନାଥ ସେ ଯେ କଥା ଜଗତ୍ତେତି
ବିପଦ କର୍ମ ବୋଲିଣ ସନ୍ତୁଲେ ଯୁଧିଷ୍ଠି ।
ଆହେ ବୁଧଜନ କାହିଁ ପାତକ ନ କର
ସନ୍ତୁଲେ ସେ ହୋଇ ନ ସନ୍ତୁଲେ ଝୁରମର
ଗୁପତ ଆଖ୍ୟାନ ଏ ବିରାଟପର୍ବ କଥା
ଶୁଣନ୍ତେ ବିପଦ କଷ୍ଟ ଖଣ୍ଡଇ ସର୍ବଥା ।
କଉଶଲ୍ୟାଙ୍କ ନନ୍ଦନ ନାମ ଯେ ଶ୍ରୀରାମ
ହୃଦଗତରେ ପ୍ରକାଶ ହେଉ ସେହି ନାମ ।
ସରସ୍ୱତୀ ଭଣ୍ଡାର ମୁଁ ପାଇଲିଁ ବଳେ
ଶୂଦ୍ରମୁନି ଶାରଳାର ଏ ଜନ୍ମ ସଫଳେ ।

ଉତ୍ତରର ଯୁଧିଷ୍ଠିରଙ୍କୁ ସ୍ତୁତି ବାଦନ ଓ ଅଭିଷେକ ନିମନ୍ତେ ଯୁଧିଷ୍ଠିର ସହଦେବଙ୍କ ସହିତ ମନ୍ତ୍ରଣା

ପଚ୍ଛରନ୍ତି ବୈବସ୍ୱତ ମନୁ ନୃପବର
ହେ ଅଗସ୍ତି ହେନାକର ବଚନ ମୋହର ।
ପଶାକାଠି ଘାତେ କୋନ୍ତ ଲଲାଟ ଫାଟିଲା
ଅଟକାଇଲେ ସେ ରକ୍ତ ତଳେ ନ ପଡ଼ିଲା ।
ତଦପରେ କେଉଁ କୃତ୍ୟ କଲେ ଯୁଧିଷ୍ଠିର
ସେହି କଥା ଶୁଣିବାକୁ ଇଚ୍ଛାବଳେ ମୋର ।
କହନ୍ତି ଅଗସ୍ତି ମୁନି ଶୁଣ ଋଷିଗଣ
ଏଥୁଅନ୍ତେ ଯାହା ହେଲା ସେହି ବିବରଣ ।
ରାଗରେ ପ୍ରହାର କଲେ ବିରାଟ ଯେ ରାଜା
କୋଉଦେବ ସମାଜରେ ପାଇ ବଡ଼ ଲଜ୍ଜା ।

ନିଜ ଭୟ ସଙ୍କୋଚରେ ନ ଦେଲେ ଉତ୍ତର
ବିଧିବା ଆତ୍ମା ପରାସ୍ତ ହୋଇଲେ ସେ ଧୀର
ଉତ୍ତର ଆସିଣ ବିଜେ କଲା ସିଂହଦ୍ୱାରେ
ଦ୍ୱାରେ ବାରତା କହିଲେ ଆସିଣ ସ୍ୱାମୁରେ ।
କୋନ୍ତ ବୋଲେ ବୃହନ୍ନଳା ଏ ସ୍ଥାନେ ନ ଆସୁ
ନପୁଂସକ ବୃହନ୍ନଳା କଟକେ ନ ପଶୁ ।
ଏକା ଆସ ବୃହନ୍ନଳା ନ ଆସୁ ଏକ୍ଷଣି
ଦ୍ୱାରେ ଜଣାଇଲେ ଶୁଣ ସୂତ ଚୂଡ଼ାମଣି ।
ଆଜ୍ଞା ପ୍ରମାଣେ ଉତ୍ତର ହୋଇ ଆଗସର
ଆସ ବୋଲି ଅର୍ଜୁନକୁ ଟାଣେ ହାତ ଧରି ।
ବୃହନ୍ନଳା ବୋଲେ ମୋତେ ଯେବେ ଆଜ୍ଞା ନାହିଁ
ଅକାରଣେ କଟାକ ତୁ କରୁ କାହିଁପାଇଁ ।
ଏ ଗୁପତ ଛନ୍ଦବନ ହୁଏ କି ନା ଭିନ୍ନ
କର ତୁ ସୁବିଧା କାର୍ଯ୍ୟ ତୋର ଇଚ୍ଛା ଯେନ
ଚାଇତନ ପୁଚ୍ଛା କଲେ ଶୁଣ ଯୋଗେଶ୍ୱର
ବୃହନ୍ନଳାକୁ କପାଇଁ ନ ନେଲେ ଭିତର
ଶୁଣ ତେବେ ଚଇତନ ଅଗସ୍ତି ବୋଇଲେ
ପାଣ୍ଡବ ଯେ ଶମୀବୃକ୍ଷ ତଳେ ସତ୍ୟ କଲେ
ଭୀମାର୍ଜୁନ ନକୁଳ ଯେ ପୁଣି ସହଦେବ
ପାଞ୍ଚାଜନେ ହସ୍ତ ଭିଡ଼ି ନସୁମିଲେ ସର୍ବ ।
ଅଜ୍ଞାତ ବାସରେ ଆମ୍ଭେ ଗୁପତରେ ଥିବା
ଅପ୍ରାଧ କଲେ ବିରାଟ ଦୋଷ ନ ଧରିବା ।
ଦ୍ରୌପଦୀ ଦେବୀଙ୍କୁ ଯେହୁ କରିବ ଝିଙ୍ଗାସ
ଅବଶ୍ୟ ଗୁପତେ ତାକୁ କରିବା ବିନାଶ ।
ଅଥବା ତାହାକୁ ଆମ୍ଭେ ନ ପାରିଲେ ନାଶି
ନିଶ୍ଚୟ ମରିବା ସର୍ବେ ଅନଳରେ ପଶି ।
କହନ୍ତି ଅଗସ୍ତି ଶୁଣ ଆହେ ଚଇତନ
ବିରାଟ କୋପକୁ କୋନ୍ତ ନ ଧରିଲେ ମନ ।
ଅର୍ଜୁନ ଯେବେ ଦେଖନ୍ତା ଲଲାଟ ତାଙ୍କର
କ୍ଷଣକେ ଜୀବନ ନାଶିଦ୍ୟନ୍ତା ବିରାଟର ।
ଉତ୍ତର ପଡ଼ିଲା ଯାଇଁ କୋନ୍ତ ପାଦତଟେ
ଭୂମିର ପାଦ ପଡ଼ିଲା ଏ ମୋହର ସଙ୍କଟେ ।
କେଉଁ ବିରାଟ ରାଜ ଏଥେ କଲା ଯାଗଭୂମି
ତେଣୁ ତୋ ଚରଣ ଏଥେଁ ପଡ଼ିଲିକ ସ୍ୱାମି ।
ଏ ବେନି ଚରଣ ଦଶନଖ ଯେ ଅଙ୍ଗୁଷ୍ଠି
ଲିଖ ହୋଇଥିଲା ଲକ୍ଷେ ରାଜାମୁକୁଟଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୁସଞ୍ଚ ସୁବଳିତ ଯେ ପୁଣ ଦୁଇଜାନୁ
ଶୁଦ୍ଧ ସ୍ଫଟିକ ପରାଏ ଝଲଇ ତନୁ ।
ପରମଳ ସୁବର୍ତ୍ତଣ ସୁସଞ୍ଚ ନିତମ୍ବ
ଏକାନ୍ତେ ବସିଲ୍ଲ ଯୋଗକାଳେ ନିତମ୍ବ ।
ଉପାଣପତ୍ର ପରାଏ ଶୋଭାବନ ଗଣ୍ଡ
ଗଭୀର ନାଭି ତୋହର ଅଟେ ଦିବ୍ୟଚକ୍ଷୁ ।
ଆମ୍ଭର ଆକର୍ଷଣ ଯେ ପ୍ରଭୁ ବକ୍ଷସ୍ଥଳ
ସମସ୍ତଙ୍କ ଚିନ୍ତା ଅଛୁ ହୃଦୟ ମଣ୍ଡଳ ।
ମୃଣାଳ ପରାଏ ତୋର ବେନିକର ଗୋଟି
ଏକକୁ ଲେଉଟାଇଲେ ଲେଉଟଇ ସୃଷ୍ଟି ।
ସ୍ୱାମି ଯୁଗଅନ୍ତକ ଯେ ତୋର ଭରତଟ
ଅଶେଷ କୋଟି ବ୍ରହ୍ମାଣ୍ଡ ଚିନ୍ତାମଣି ଅଟ ।
ସ୍ୱାମି ବିମ୍ବଫଳ ଜିଣି ଅଧର ପ୍ରକାଶି
ଦିବ୍ୟରୂପ ଧରି ସ୍ୱାମି ଅବତରି ଆସି ।
ଚୌରାଶୀ ଲକ୍ଷଣ ଜିଣି ଦଶେ ବେନି ଡୋଳା
ଜାଣିଲେ ସଦୟ ଚିତ୍ତେ କରୁ ତୁ ସଙ୍ଖୋଳା
ସ୍ୱାମି ବଚନେ ତୋହର ଆହ୍ଲାଦ ଜିଣି
ଜଦାଚିତ ଅନ୍ତର ଯେ ନୁହେ ଦୃଢ଼ବାଣୀ ।
ଅଷ୍ଟାଙ୍ଗ ଶରୀରଯାକ ନଖଶେ ଧରିଟି
ଲଲାଟେ ଚମ୍ପା ପରାଏ ଦିଶେ ଗାଆ ଫୁଟି ।
ପୁଣ ପୁଣ ଦେଖଇ ସେ ବିରାଟର ବଳା
କୋଳନ୍ତଙ୍କର ପଦ୍ମପାଦେ ପ୍ରଣିପାତ କଲା ।
ଉତ୍ତର ବିନୟ ଦେଖି ବସୁରନ୍ତି କୋଳେ
ଏହାକୁ ଅର୍ଜୁନ ସବୁ କହୁଛୁ ନୃପତେ ।
ସେହୁ ନ କହୁଲେ ଏହୁ ଚିହ୍ନନ୍ତା କପଟ
ନୃପତ ବିଷୟ ପାର୍ଥ କହୁଛି ଉଦ୍ଧାର ।
କୋଳନ୍ତବୋଇଲେ କଲ୍ୟାଣତୋତେ ହେଉ ସୁତ
ରକ୍ଷା କରିଥାନ୍ତୁ ସଦା ଦେବ ଜଗନ୍ନାଥ ।
କୁମର ଦେଖି ବିରାଟ ହରଷ ହୋଇଲ
କୋଳନ୍ତଙ୍କୁ ସ୍ତୁତି କରନ୍ତେ ଶରୀରେ କମ୍ପିଲ ।
ରାଗେ ଉତ୍ତରକୁ ବୋଲେ ତହୁଁ ଦଣ୍ଡଧାରୀ
ପିତା ବା ମଉସା ଭଏ ନ ପାଇଲୁ କାହିଁ ।
ହସ୍ତକ ହେଲୁ ତୁ ଯୁଦ୍ଧେ ଶତ୍ରୁ ଜିଣି ବାବୁ
ଜ୍ୟେଷ୍ଠ କନିଷ୍ଠ ଏକଇ କଲୁ ତୁହି ସବୁ ।
ଅଥବା ଏମନ୍ତ ତୋର ହୋଇଲା ମନୀଷା
ପିତାକୁ ଅମାନ୍ୟ କରି ଓଳଗୁ ମଉସା ।

ଉତ୍ତର ବୋଇଲା ଶୁଣ ପିତା ମହାଶୟେ
କୋଳନ୍ତଙ୍କର ଲଲାଟେ କ ହୋଇଅଛୁ ଘାଏ ।
ବିରାଟ ବୋଇଲା ଆରେ ଶୁଣ ତୁ ନନ୍ଦନ
ତୋହର ବାହୁବଳେ ତୁ ଆଣିଲୁ ଗୋ ଧନ ।
ଏ ବୋଲଇ ବୃହନ୍ନଳା ଅଛି ତାର କୂଳେ
ତାକୁ କ ପ୍ରମାଦ ବୃହନ୍ନଳା ସଙ୍ଗେ ଥିଲେ ।
ସହ୍ୱପଣ୍ଡା ବୋଲି ଯାକୁ କଲ ମୁଁ ଗୌରବ
ହେଲେ ନ ଗ୍ରୁଡିଲା ଏହୁ ଭୃତ୍ୟର ସ୍ୱଭାବ ।
ଧୀର ହୋଇଣ ପ୍ରକୃତ ଲଘୁ ଅଟେ ଯାର
ବୃହନ୍ନଳା ପ୍ରଶଂସା ଯେ କରେ ବାରମ୍ବାର ।
ପୁଣି ବୋଲେ କେଉଁ ଭୟ ବୃହନ୍ନଳା ଥାନ୍ତେ
ଏପରି ସହିଲ ପାଞ୍ଚବାର ପଶଯନ୍ତେ ।
ସହି ନ ପାରିଲ ଆଉ ତା ବଚନ ଗୋଟି
ପ୍ରହାରକରିଲ ରାଗେ ମୁଣ୍ଡେ ପଶାକାଠି ।
ଉତ୍ତର ବୋଇଲା ତାତ ତୋର ମନ୍ଦବୁଦ୍ଧି
ପାଦରେ ଫିଙ୍ଗିଦେଲୁ ତୁ ଯେ ଅଭୟ ନିଧି
ଗନ୍ଧର୍ବ ଆସି କୀଚକ ଶତଭାଇ ମାରି
କୋଳନ୍ତ ନ ଥିଲେ କ ତୁହି ଥାଆନ୍ତୁ ଉବୁରି
ଜାଣୁ ନା ନିଗର୍ତ୍ତ କଲ ଯୁଦ୍ଧେ ଯେତେ କଥା
ସମରରେ ହାରି ତୁହି ହେଲୁ ଯେ ଅବସ୍ଥା ।
ଏହି କୋଳନ୍ତଭଟ୍ଟଙ୍କର ଆଜ୍ଞା ଅନୁସରି
ବଲ୍ଲଭ ବ୍ରାହ୍ମଣ ତୋତେ ଆଣେ ପାରିକରି ।
ଶରବାହୁ ସମରରୁ ଉଦ୍ଧାରିଲା ତୋତେ
କଲା ଉପକାର ତୋତେ ପାସୋରୁ କେମନ୍ତେ
ଯୁଧିଷ୍ଠିର ସମାନ ଯାକୁ ତୁହି କଲୁ ସେବା
ବର୍ଷକର କଥା କେହ୍ନେ ପାସୋରିଲୁ ଅବା ।
ଉତ୍ତର ବୋଲେ ଆସ୍ଥାନୁ ଉଠ ଏବେ ରାୟେ
ପ୍ରଣିପାତ କର ଆସି କୋଳନ୍ତଙ୍କର ପାୟେ ।
ପୁତ୍ରର ବଚନେ ରାଜା ଚିନ୍ତେ ହୃଦଗତେ
ଏ କେଉଁ ମହାତ୍ମା ଅବା ଅଛନ୍ତି ଗୃହତେ ।
ବିଚକ୍ଷଣ ପୁତ୍ର ମୋର କରେ ଯାକୁ ମାନ୍ୟ
ଇକ୍ଷ ଯକ୍ଷ ହେବେ ପରା କୃଷ୍ଣର ସମାନ ।
ସମର ବିଜିତ ପୁତ୍ର ଅଟେ ବିଚକ୍ଷଣ
ଯୁବ୍ରଜ ପୁତ୍ର ହୋଇଣ ଜାଣେ ସବୁ ଗୁଣ ।
ଏତେ ବିଚାରିଣ ରାଏ ସ୍ଥାନ କଲା ତେଜ୍ୟା
ପୁତ୍ରକୁ ଘେନି ପ୍ରଣାମ କରେ ମହାରାଜା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କୁଶଳହସ୍ତ ହୋଇ କୋନ୍ତ ବାହୁଡ଼ିଲେ କଲ୍ୟାଣ
ପ୍ରାପ୍ତ ହେଉ ଧର୍ମଲକ୍ଷ୍ମୀ ଅତଳା ହୋଇଣ ।
ଉତ୍ତର ବୋଇଲେ ସ୍ୱାମୀ ମୋତେ ରକ୍ଷା କର
ଅକୋପୀ ମହାତ୍ମା ଭକ୍ତ ବେନମା ମୋହର ।
ବହୁତ ମଧୁର ବାକ୍ୟେ ବିନୟନ୍ତି କୋନ୍ତେ
ପରମ ସାନନ୍ଦ ଶୁଣି ହେଲେ ପିତାପୁତ୍ରେ ।
ତହୁଁ ବିରାଟ ପୁଚ୍ଛିଲେ ଗୋଧନ ବାରତା
ସତ କରିଣ ଉତ୍ତର କହ ସବୁକଥା ।
ସେହି ଆସନରେ କୋନ୍ତ ଅଛନ୍ତି ଯେ ବସି
ଆଶ୍ଚର୍ଯ୍ୟ ଅସ୍ତ୍ର ହୁଅନ୍ତେ ପ୍ରବେଶିଲା ନଶି ।
ଦ୍ୱାର ନିକଟରେ ରହି ଅର୍ଜୁନ ବୀର
କୋନ୍ତଙ୍କ ଚରଣ ତଳେ କଲା ନମସ୍କାର ।
କୋନ୍ତ ବୋଇଲେ ରେ ବାବୁ ମହାକୃତ୍ୟ କଲୁ
ଅଜ୍ଞାତବାସ ନ ସରୁ କପାଁ ଯୁଦ୍ଧେ ଗଲୁ ।
ଅର୍ଜୁନ ବୋଇଲେ ଶୁଣ ଆହେ ରାଜଦେବ
ମୁଁ କି କରିବ ପଠାଇ ଦେଲ ସହଦେବ ।
ଯୁଧିଷ୍ଠି ବୋଇଲେ ବାବୁ ଯାଅ ଏହିକ୍ଷଣ
ଆମ୍ଭ ନିକଟକୁ ସହଦେବ ଡାକି ଆଣ ।
ଚଳଇ ପାର୍ଥ କୋନ୍ତଙ୍କ ଆଜ୍ଞା ଶିରେ ଘେନ
ଗୋଗୋଷ୍ଠୁ ସହଦେବକୁ ହକାରିଣ ଆଣି ।
ଅର୍ଜୁନ ବୋଇଲେ ବାବୁ ସହଦେବ ଶୁଣ
ଯୁଧିଷ୍ଠିରଙ୍କର ଆଜ୍ଞା ଆସ ଏହିକ୍ଷଣ ।
ସ୍ୱାମୀ ନରାଧାର ବାକ୍ୟ ଶୁଣି ଧରି ଶିରେ
ଚଳଇ ସେ ମନ୍ତ୍ରୀବର ତାହାଙ୍କ ଆଜ୍ଞାରେ ।
ପରମ ସାନନ୍ଦେ ବେଗେ ଚଳେ ମହାମନ୍ତ୍ରୀ
କୋନ୍ତଙ୍କୁ ଦର୍ଶନ କଲେ ପାଞ୍ଚଘଡ଼ି ରାତ୍ର ।
ଆସ୍ଥାନ ସନ୍ନିଧେ ଯାଇ ଚରଣେ ପ୍ରଣମି
କସଅର୍ଥେ ଆଜ୍ଞା ହେବ ହେଉ ଦେବସ୍ୱାମି ।
ଯୁଧିଷ୍ଠି ଦେବ ତାହାଙ୍କୁ ବଚନ ପ୍ରକାଶି
ବାବୁ ଅଜ୍ଞାତ ଲେଖ ହେ କେତେଦିନ ଅଛି ।
ତାହା ଶୁଣି ମନ୍ତ୍ରିବର କଲା ନିବେଦନ
ଧନୁ ଶୁକ୍ଳ ତ୍ରୟୋଦଶୀ ହେଲା ଆଗମନ ।
ବରଷକ ପୂର୍ଣ୍ଣ ହୋଇ ବଳି ତେରଦିନ
ହୋଇଗଲାଣି ଏଥର ଶୁଣ ହେ ରାଜନ ।
ଯୁଧିଷ୍ଠି ସହଦେବକୁ କହିଲେ ବଚନ
ନିରଞ୍ଜନଙ୍କର ଆଜ୍ଞା ବର୍ଷେ ତେରଦିନ ।

ଅଥବା ବରଷେ ହେଲା ଆଜରେ ଲେଖନ୍ତେ
ଆବର ସପ୍ତଦିବସ କହିଲୁ କେମନ୍ତେ ।
ସହଦେବ ମନ୍ତ୍ରୀବର ବଚନ ସମ୍ବାଦ
ସ୍ୱାମି କପଟ ଶକୁନ ଜାଣେ ମନ୍ଦବୁଦ୍ଧି ।
ବରଷକେ ବଢ଼ା ଦଶ ଦିବସ ଲେଖନ୍ତି
ଅଜ୍ଞାତ ବରଷେ ଦଶ ଦିବସ ଯୁକତେ ।
ତାହାର ବଚନେ ତୁମ୍ଭେ ନ ପାରିବ ମେଣ୍ଟି
ପୁଣି ବନବାସ ଦେବ ହେବ ବଡ଼କଷ୍ଟୀ ।
ପ୍ରଜାରାଜ୍ୟରେ ସ୍ୱାମି ହେ ଆମ୍ଭେ ନ କହିବା
ଦାନ ଲାଭ କଥା ସବୁ ବୋଲେ ସର୍ବଦେବା ।
କୋନ୍ତ ବୋଲେ ତୁ ପଣ୍ଡିତ ଅଟୁ ମହାଜ୍ଞାତା
ସଭାରେ ଶକୁନ ଅବା ବଖାଣ କରନ୍ତା ।
ଧର୍ମ ଲଙ୍ଘି ନ ପାରନ୍ତି ଯେ ବିବୁଧ ଲୋକ
ବାବୁ ଦ୍ୱାଦଶ ବରଷ ବନବାସ ଦୁଃଖ ।
ଭଲକଥା କହ ବାବୁ ବିଜ୍ଞ ଗୁଣଗ୍ରାହୀ
ତିନଦିନ ଅନ୍ତେ ଅଭିଷେକ ହେବା କାହିଁ ।
ସୁସ୍ଥାନ ଭୂମି ହୋଇବ ଯୁସ୍ଥାନରେ ବାସ
ଏମନ୍ତ ସ୍ଥାନ ଗୋଟିଏ ଠାବକର ଆସ ।
ଅଭିଷେକ କରାଇ ନ ଦେବ ଧାର୍ତ୍ତରାଷ୍ଟ୍ରି
ଆମ୍ଭ ସମ୍ପଦ ଦେଖିଲେ ହେବ ମହାକଷ୍ଟୀ ।
ଅଭିଷେକ ହୋଇ ବାବୁ ଏଥୁଁ ଯିବା ଧାପେ
ଇନ୍ଦ୍ରପ୍ରସ୍ଥ ରାଜ୍ୟ ମାଡ଼ି ବସିବା ପ୍ରତାପେ ।
ଆମ୍ଭର ଧାର୍ତ୍ତରାଷ୍ଟ୍ରଙ୍କୁ ନାହିଁ ଯେ ଉପ୍ରୋଧ
ଛାଡ଼ିଲ ସୁଦୟା ଏବେ ଆଚରିବ ଯୁଦ୍ଧ ।
ସହଦେବ ବୋଲେ ଦେବ ତୁମ୍ଭ କଥା ସତ୍ୟ
ଶମୀବୃକ୍ଷ ତଳ ଅଟ୍ଟ ଦେବ ମହାତୀର୍ଥ ।
ମତ୍ସ୍ୟ ମଘଦେଶ ପୂର୍ବ ପଶ୍ଚିମରେ ବେନ
ମଧ୍ୟେ କଉଶିକୀ ବହେ ଉତ୍ତରବାହିନୀ ।
ମହାକଳ୍ପୀ ଶମୀବୃକ୍ଷ ଶିଶୁପ୍ରାପ୍ତ ଶାଖା
ପ୍ରତ୍ୟକ୍ଷ ଅଟଇ ହରିହର ବେନରେଖା ।
ମହାପବିତ୍ର ସ୍ଥାନ ସେ ଉତ୍ତମ ଅଟଇ
ନଗ୍ର ବେଢ଼ିଛନ୍ତି ଯାହାର ଦ୍ୱାଦଶ ଯୋଷ୍ଟହିଁ ।
ଦୁହିଁଙ୍କ ଦୁଇପଦ୍ମ ଯେ ଯାର ଅଟେ ରାଣି
ବରଡ଼ ଯେ ବାରଲକ୍ଷ ଅର୍ବୁଦେକ ମାଛି ।
ପାଞ୍ଚ ଅର୍ବୁଦ ହେବ ଅଣ୍ଡିରି ଷଣ୍ଢବତ୍ସା
ବିହରନ୍ତି ଗୋଧନେ ଯେ ଆପଣା ଇଚ୍ଛା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦୁର୍ବାଦିବାରବେଳେ ତରେ ଭୂମିକି ପକାଇ
ସାତଘଡ଼ି ଯାଏ କ୍ଷୀର ନଦୀ ଯେ ବୁହାଇ ।
ଏତେ ଗୋରୁଙ୍କର ଯହିଁ ପଡ଼େ ପାଦରଜ
ଏପରି ପବିତ୍ର ଦେବ ବିରାଟର ରାଜ୍ୟ ।
ସ୍ୱାମି ଜୀବଜନ୍ତୁ ବେଢ଼ିଛନ୍ତି କ୍ଷୀରପାନେ
ଏପରି ପବିତ୍ର ଭୂମି ନାହିଁ ଅନ୍ୟ ସ୍ଥାନେ ।
ଗୋମତୀ ନାମରେ ଦେବ ବହେ କ୍ଷୀରନଦୀ
ଏ ଭୂଇଁ ମାଡ଼ିଲେ ହେବ କର୍ତ୍ତବ୍ୟକାର୍ଯ୍ୟ ସିଦ୍ଧି ।
ଯୁଧିଷ୍ଠିର ବୋଇଲେ ସେ ଯେବେ ଭଲସ୍ଥାନ
କେଉଁଦିନ ହେବ ତେବେ ଅନୁକୂଳ ଦିନ ।
ଶୁଣି ସହଦେବ କହେ ଚରଣେ ପ୍ରଣମି
ଏହି ତ ମକର ମାସ ଶୁଦ୍ଧ ଦେବସ୍ୱାମି ।
ମାଘମାସ ଶୁକ୍ଳପକ୍ଷ ପୁଣି ଷଷ୍ଠି ତିଥି
ଅର୍କବାର ରେବତୀ ନକ୍ଷତ୍ର ଅଛି ସାଥି ।
ତୈତିଳ ନାମେ କରଣ ଶୁଭ ନାମେ ଯୋଗ
ମକର ସଂକ୍ରାନ୍ତି ଚଉବିଂଶ ଦିନ ଭୋଗ ।
ରବି ଦ୍ୱାଦଶ ଦଣ୍ଡରେ ଶୁଭଲଗ୍ନ ହେବ
ଅମୃତ ଯୋଗରେ ଦେବ ଶୁଭ ଅନୁକୂଳ ।
ସର୍ବ ସନ୍ଦେଶ କହିଲା ମନ୍ତ୍ରୀ ଚୂଡ଼ାମଣି
ପରମ ସାନନ୍ଦ ହେଲେ ଯୁଧିଷ୍ଠିର ଶୁଣି ।
ଯୁଧିଷ୍ଠିଦେବ ବୋଇଲେ ଶୁଣ ଅରଜୁନ
ଦ୍ରୌପଦୀକୁ ଘେନିଯିବୁ ଶମୀବୃକ୍ଷ ସ୍ଥାନ ।
ସହଦେବଙ୍କୁ ବୋଇଲେ ନକୁଳଙ୍କୁ ନେବୁ
ଗୋଷ୍ଠସରୁ ଆମ୍ଭେ ଭୀମସେନଙ୍କୁ ଡାକିବୁ ।
ଶୁଣିଣ ସାନନ୍ଦ ଚିତ୍ତ ହେଲେ ବେନିଭ୍ରାତେ
ଯେ ଯାହାର ସ୍ଥାନକୁ ସେ ଚଳିଲେ ତୁରିତେ
ଜୟ ଜୟ ଜଗନ୍ନାଥ ଜଗତ ଭରତା
ଚଉଦ ଭୁବନେ ଏକା ତୁମ୍ଭେ ପତିତପାବନ ।
ଅଭୟ ପଞ୍ଜର ପ୍ରଭୁ ଭକ୍ତ ଉଦ୍ଧାରଣ
ଶୂଦ୍ରମୁନି ଶାରଳା ଯେ ପଶିଲ ଶରଣ ।

ଶମୀବୃକ୍ଷ ତଳେ ଯୁଧିଷ୍ଠିରଙ୍କ ଅଭିଷେକ ଓ ବଳଦେବଙ୍କର ଅପମାନ

ପ୍ରଭାତିଲା ଦ୍ୱାଦଶବର୍ଷ ଉଦିତ ତପନ
ଏଥୁଅନ୍ତେ ଯାହାହେଲ ଶୁଣ ହେ ରାଜନ ।
କୋନ୍ତୁରୂପେ ବିରାଟଙ୍କୁ ଖେଳାବନ୍ତି ପଶା
ସୂପକାରରୂପେ ଭୀମସେନଙ୍କୁ ମନୀଷା ।
ସ୍ତ୍ରୀ ଆରମ୍ଭ ରୂପେ ରହେ ବୀର ଧନଞ୍ଜୟ
ସ୍ଥାନପାଳରୂପେ ଅଛି ମାଦ୍ରୀର ତନୟ
ଗୋପାଳରୂପରେ ଛନ୍ତି ମନ୍ତ୍ରୀ ଚୂଡ଼ାମଣି
ସୈରିନ୍ଧ୍ରୀ ରୂପେ ଦ୍ରୌପଦୀ ଦାସୀ ଅଛି ପୁଣି ।
ଯେଉଁ ଅଳଙ୍କାର ସବୁ ପାର୍ଥ ଆଣିଥିଲା
ଉତ୍ତରାବାଳୀକୁ ତାହା ସମସ୍ତ ଅର୍ପିଲା ।
ଉତ୍ତର ବିନୟୀ ସଦା ହେଲା ଯୁଧିଷ୍ଠିଙ୍କି
ଅଜ୍ଞାତବାସ ବରଷେ ତେରଦିନ ଲେଖି ।
ମକର ଶୁକ୍ଳପକ୍ଷ ଷଷ୍ଠୀତିଥି ଦିନ
କୋନ୍ତୁ ବିଜେକଲେ ଗୋଷ୍ଠଶାଳର ଭୁବନ ।
ଭୀମଙ୍କୁ ଘେନିଣ ବିଜେ ହେଲେ ନିଶାକାଳେ
ପ୍ରବେଶ ଧର୍ମନନ୍ଦନ ଶମୀବୃକ୍ଷତଳେ ।
ଦିବସ ଅବସାନରେ ପାଞ୍ଚାଳୀକୁ ଘେନି
ଶମୀବୃକ୍ଷ ତଳେ ବିଜେ କଲେ ଫାଲଗୁନି ।
ନକୁଳ ସହଦେବ ଯେ ହୋଇ ଏକସଙ୍ଗ
ଶମୀବୃକ୍ଷ ତଳେ ଯାଇ ବିଜେକଲେ ବେଗ ।
ଯୁଧିଷ୍ଠିଦେବ ବୋଇଲେ ଶୁଣ ଫାଲଗୁନି
କେମନ୍ତେ ବିଜେ କରିବେ ବ୍ୟାସ ମହାମୁନି ।
ସହଦେବ ବୋଇଲ ଯେ ଅଛନ୍ତି ନା ଜାଣି
ଋଷିମାନେ ପ୍ରବେଶିବେ ଆସି ଏହିକ୍ଷଣି ।
ସହଦେବ କହୁଁ କହୁଁ ବିଜେକଲେ ବ୍ୟାସେ
ଷାଠିଏ ସହସ୍ର ଋଷି ଘେନି ତାଙ୍କ ପାଶେ ।
ଲକ୍ଷେକ ବ୍ରାହ୍ମଣ ଘେନି ଧୌମ୍ୟ ପୁରୋହିତେ
ପଞ୍ଚାଶ ସହସ୍ର ଶିଷ୍ୟ ଘେନି ବିଶ୍ୱାମିତ୍ରେ ।
ବେନିଲକ୍ଷ ଶିଷ୍ୟ ଘେନି ବିଜେ ମାର୍କଣ୍ଡେ
ଲକ୍ଷେ ଶିଷ୍ୟେ ଲୋମଶ ଯେ ଅଇଲେକ ଝୁଣ୍ଡେ
ପାଞ୍ଚସହସ୍ର ଶିଷ୍ୟସହ ବଶିଷ୍ଠ ଅଇଲେ
ଲକ୍ଷେ ବାଳଖିଲ୍ୟ ଋଷି ଅଗସ୍ତିଙ୍କ ତୁଲେ ।
ବିଜୟ କଲେ ନାରଦ ମହାତମା ଗୋଳ
ସର୍ବଦା କଳହ ଘଟେ ଯାହାଙ୍କର ଖେଳ ।
କାମଦେବ ଆନ୍ଧକର ଗାର୍ଗବ ତତ୍ତ୍ୱଙ୍କେ
ଗଉତମ ଭରଦ୍ୱାଜ ଦୁର୍ବାସାଙ୍କ ସଙ୍ଗେ ।
ପଉଲସ୍ତ୍ୟ ପରାଶର କଣ୍ବ ମନୁ ତନୁ
ଜଇମିନି ବାଲମୀକି ପୌଲସ୍ତ୍ୟଙ୍କ ସୂନୁ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏହାଙ୍କ କୂଳେ ଅନେକ ମହାମହା ଋଷି
ଶମୀବୃକ୍ଷ ତଳଦେଶେ ବିଜେ ହେଲେ ଆସି
ଦିଗପାଳେ ଜଣାଇଲେ ଯାଇ ଜମ୍ଭଭେଦୀ
ସୁଧର୍ମା ସଭା ଆସିଣ ଦେଲା ସର୍ବସିଦ୍ଧି ।
ଆହା ଯେବଣ ସଭାରେ ତ୍ରୈଲୋକ୍ୟ ବସିଲେ
ଅର୍ଦ୍ଧେକ ନୂହଇ ପୂର୍ଣ୍ଣ ସେହ୍ନ ସଭାସ୍ଥଳେ ।
ସେ ସଭା ଘେନଣ ବିଜେ କଲେ ବିଶ୍ୱକର୍ମା
ଶମୀବୃକ୍ଷ ତଳେ ନେଇ ପାତିଲା ସୁଧର୍ମା ।
ଯେତେବେଳେ ସେ ସ୍ଥାନକୁ ଆସେ ସଭାଗୋଟି
ଅପସରାଏ ଆଇଲେ ଚଉଷଠି କୋଟି ।
ମୃଦଙ୍ଗ ତାଳ କଂସାଳ ମର୍ଦ୍ଦଳ ଅଧାଟି
ଗନ୍ଧର୍ବ ପୁରୁଷମାନେ କଳା ଚଉଷଠି ।
ମଧୁର ଶାରଙ୍ଗ ଯନ୍ତ୍ର ସପ୍ତସ୍ୱର ବେଣୀ
ଓଁକାର ତାଣ୍ଡବ ନୃତ୍ୟ ଆରମ୍ଭିଲେ ଆଣି ।
ଐରାବତ ପିଠିରେ ଦେବଗଣ ଘେନି
ଶମୀବୃକ୍ଷ ତଳେ ବିଜେ ହେଲେ ସହସ୍ରଯୋନି ।
ଆବର୍ତ୍ତକ ସମ୍ବର୍ତ୍ତକ ଦ୍ରୋଣ ଯେ ପୁଷ୍କର
ମେଘମାନେ ଲାଗିଗଲେ ଶମୀବୃକ୍ଷ ପର ।
ରତ୍ନ ଯୋଗାଡ଼ ଘେନିଣ କୁବେର ସୁମତି
ବ୍ୟାସଙ୍କ ସନ୍ନିଧେ ଆସି ବିଜୟେ ତଡ଼ତି ।
ଦେବବାଦ୍ୟ ଦୁନ୍ଦୁଭିଯେ ବାଜେ ଯେତେବେଳେ
କାମପାଳ ପୃଚ୍ଛାକଲେ କୃଷ୍ଣଙ୍କୁ କୋମଳେ ।
କାହିଁକି ଏ ଦେବବାଦ୍ୟ ବାଜଇ ମହୀରେ
ଏଥିର କାରଣ କହ ମୋହର ଆଗରେ ।
ତାହା ଶୁଣି କହୁଛନ୍ତି ବ୍ରହ୍ମାଣ୍ଡ ଗୋସାଇଁ
ଶୁଣ ମୁଁ କହୁଛି ଦେବ ସେ କଥା ବୁଝାଇ ।
ଯୁଧିଷ୍ଠିର ଅଭିଷେକ ଶମୀବୃକ୍ଷ ତଳେ
ଦିଗପାଳଙ୍କୁ ଘେନଣ ବିଜେ ଆଖଣ୍ଡଳେ ।
ଅଭିଷେକ ଦେଖି ଆମ୍ଭେ ଯିବା କି ଧବଳ
ବ୍ରହ୍ମା ଇନ୍ଦ୍ର ସଙ୍ଗେ ଦିଗପାଳେ ଛନ୍ତି ମିଳ ।
ଧର୍ମଙ୍କ ନନ୍ଦନ ଦେବ ହେବେ ଅଭିଷେକ
ଅନେକ ଜନ୍ମର ସବୁ ଖଣ୍ଡିବା ପାତକ ।
ଯୋଗେଶ୍ୱର ପୁରୁଷ ସେ ସଦାନନ୍ଦ ହେଲ
ଶୁଣି ତାଳଧ୍ୱଜ ରଥେ ବିଜେ କଲେ ହଳୀ ।
ବସୁଦେବ ଶଙ୍ଖାକତ ଅକ୍ରୂର ସହିତ
ବିଜେ କଲେ ମହାଘାରେ ଯେ ଯାହାର ରଥ ।

ଯଦୁ ଭୋଜ ବୃଷ୍ଣିବଂଶ ଆଉ ହରିବଂଶ
ଅନ୍ଧକବଂଶ ଚହ୍ୱାଣ ଆଉ କୁରୁବଂଶ ।
ଏହାଙ୍କ ସଙ୍ଗେ ଛପନକୋଟି ମହାଘାରେ
ଆରୋହଣ କଲେ ଯାଇ ଯେ ଯାହା ରଥରେ
ରୁକ୍ମିଣୀ କାଳନ୍ଦୀ ସତ୍ୟା ଆବର କୁଳସୀ
ଜାମ୍ବବତୀ କମଳା ଯେ ହେଲେ ଅଭିଳାଷୀ
ଏହାଙ୍କ ମୂଳେ ବତିଶ ସହସ୍ର ଯେ ବାଳୀ
ଗରୁଡ଼ ପିଠିରେ ବିଜେ ଘେନି ଅର୍ଘ୍ୟଥାଳି ।
ଲକ୍ଷେ ଷାଠିଏ ସହସ୍ର ଅଣାଇବେ ପୁତ୍ର
ଏହାନ୍ତ ଘେନି ସୁପର୍ଣ୍ଣେ ବିଜେ ଜଗଦ୍ଗୁରୁ ।
ପବନରୁ ବେଗ ଚଳେ ଦ୍ୱାରକାରୁ ଆଠ
ଗବ ଚଉଦ ଦଣ୍ଡରେ ପାଇଲେ ସେ ଭେଟ ।
ଲାଗିଲା ଧାପ ଧାହୁଡ଼ି ଅନ୍ଧକ୍ଷିତେ ହୁଳା
ସୂର୍ଯ୍ୟତେଜ ପ୍ରାପ୍ତ ଦିଶେ ଅତି ପରିମଳା ।
ବିଜେ କଲେ ଧନଞ୍ଜୟ ବାସବଙ୍କ କୋଳେ
ପଞ୍ଚଯୋଜନୁ ଦେଖିଲେ କୃଷ୍ଣ କାମପାଳେ ।
ଅନେକ ସାନନ୍ଦ ହେଲେ ଦ୍ୱାରକାର ବାଳୀ
ଆସ୍ଥାନକୁ ଦେଖିକରି ଦେଲେ ହୁଳହୁଳି ।
ଶମୀବୃକ୍ଷ ତଳକୁ ସେ ଶୁଭିଲା ଶବଦ
କି ଶବଦ ଶୁଭେ ପୃଚ୍ଛା କଲେ ଆସି ସ୍କନ୍ଦ ।
ସେ ଦେବସଭାର ମଧ୍ୟେ ନାରଦ କହିଲେ
ଦ୍ୱାରକା ସମ୍ପଦ ଘେନି ହରି ବିଜେ କଲେ ।
ରାମକୃଷ୍ଣଙ୍କୁ ଦିଶିଲା ଯୁଧିଷ୍ଠି ଆସନ
ସୁପର୍ଣ୍ଣରୁ ଓହ୍ଲାଇଲେ ପ୍ରଭୁ ଜନାର୍ଦ୍ଦନ ।
ଲକ୍ଷେ ଷାଠିଏ ସହସ୍ର ଅଣାଇବେ ପୁତ୍ର
ଆଲଟ ଚାମରମାନ ଧରିଛନ୍ତି ହସ୍ତ ।
ବତିଶ ସହସ୍ର ବାଳୀ ସର୍ବେ ପାଟବଂଶୀ
ଅର୍ଘ୍ୟ ଘେନିଣ ଗ୍ରାମରେ ଓହ୍ଲା ହେଲେ ଆସି
ସନ୍ନିଧିରେ ପ୍ରବେଶିଲେ ଦେବ ବନମାଳୀ
ଯୁଧିଷ୍ଠିଙ୍କି ପାଦପଦ୍ମେ କଲେ ନଉଛୁଳ ।
ଆନନ୍ଦରେ କୋହ କୋହ ପାର୍ଥ ପାର୍ଥ ବୋଲି
ଗ୍ରାମରେ ଶ୍ରୀନାରାୟଣ ଶୋଇ ଗଡ଼ିଗଲେ ।
ଦେଖିକରି ଯୁଧିଷ୍ଠିର ଉଠି ଧାଇଁକରେ
ଶୀଘ୍ରରେ ତୋଳି ଧଇଲେ କୃଷ୍ଣଙ୍କୁ କୋଳରେ
ଦିଗପାଳେ ମାନ୍ୟ କଲେ ସେହିକାଳେ ଉଠି
ଯଥାବିଧିରେ ପୂଜିଲେ କୃଷ୍ଣ ପାଦଗୋଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସଙ୍କର୍ଷଣଙ୍କ ପାଦରେ ଧର୍ମ କଲେ ପୂଜା
ଅନେକ ତପସ୍ୱୀ ତହିଁ ହେଲେ ଦେବରାଜା ।

ମୁନିଜନମାନେ ମିଳି କଲେ ବେଦଧ୍ୱନି
ଅପସରୀ ହୁଳହୁଳି ଦେଲେ ଅର୍ଘ୍ୟ ଘେନି ।

ଶ୍ରୀଜଗନ୍ନାଥଙ୍କୁ ସୁରମାନେ ଯେ ପ୍ରଣମି
ପ୍ରତ୍ୟକ୍ଷରେ କୃଷ୍ଣ ଅନୁଗ୍ରହ ନାଥ ସ୍ୱାମି ।

ଉତ୍ସବ ଦେଖିବା ପାଇଁ ଧାତା ବାହାରିଲେ
ମରାଳ ବାହନେ ଚଢ଼ି ମହୀକି ଆଇଲେ ।

ପଞ୍ଚାଶକୋଟି ସନ୍ନିଧେ ମିଳି ବାଳଖିଲ୍ୟା
ବେଦବର ନାଥ ବଜେ ହେଲେ ଶୁଭବେଳା ।

ବୃଷଭ ଆରୋହି ବଜେ କଲେ ଧୂର୍ଜଟି
ସଙ୍ଗତେ ଭୃକୁଟିଗଣ ଛନ୍ତି ଚୌଦକୋଟି ।

ମୟୂର ବାହନେ ବଜେ ଦେବ ଷଡ଼ାନନେ
ଗଣପତି ବଜେ କଲେ ଇନ୍ଦୁର ବାହନେ ।

ଶିବଗଣ ସହିତରେ ଘେନି ନଣାପତି
ଶମ୍ଭୁ ବୃଷ ଚଳେ ଆସି ବଜେଯ୍ୟ ଚଢ଼ନ୍ତି ।

ଦାରୁକ ବଜାୟେ ନନ୍ଦଘୋଷ ରଥ ଘେନି
ସୁଭଦ୍ରା ଅଭିମନ୍ୟୁଙ୍କୁ ବସାଇଣ ବେନି ।

ଦ୍ୱାଦଶ ଅଗ୍ନି ଆରୋପି ପାଣ୍ଡବେ ଆହୁତି
ଯୋଗ ଲଗ୍ନକୁ ଧରିଣ ବ୍ୟାସ ମହାଯତି ।

ପରାଶର ବିଶ୍ୱାମିତ୍ର ବଶିଷ୍ଠ ଅଗସ୍ତି
ବ୍ରହ୍ମା ବରଣ କରିଲେ ମାରକଣ୍ଡ ଯତି ।

ଶ୍ରୀ ବଦରୀନାରାୟଣ ସୁପ୍ରସନ୍ନ ହୋଇ
ଅଭିଷେକ ଅସ୍ତ୍ର ଆଣି ସାଜଦେଲେ ନେଇ ।

ମହେନ୍ଦ୍ର ଦେବତା ଦେଲେ ଐରାବତ ହସ୍ତୀ
ଅନେକ ଅଳଙ୍କାରକୁ ମଣ୍ଡଣି କରନ୍ତି ।

କନକ ସିଂହାସନରେ ବଜେ ଦଣ୍ଡଧାରୀ
ଦିବ୍ୟ ଅଳଙ୍କାର ବସ୍ତ୍ର ଆଭରଣ କରି ।

ଯୁଧିଷ୍ଠି ଭୀମ ଅର୍ଜୁନ ମାଦ୍ରୀ ଦୁଇସୁତ
ରତ୍ନମଣି ମୁକୁଟରେ ହୋଇଲେ ଭୂଷିତ ।

ବାହୁଟି ସରଳ ଝୁମ୍ପା ତାଡ଼ ଜଗବଳା
ଶିରରେ ଶିର ଭୂଷଣ ହୃଦେ ସ୍ୱର୍ଣ୍ଣମାଳା ।

ଇନ୍ଦ୍ରଙ୍କର ଅଭିଷେକ ଯେତେ ଅଳଙ୍କାର
ସର୍ବ ପିନ୍ଧାଇଣ ଦେଲେ ଯୁଧିଷ୍ଠି ଶରୀର ।

ବାୟୁଦେବ ଅଭିଷେକ ଯେତେ ଅଳଙ୍କାର
ଆଭରଣ କଲେ ନେଇ ଭୀମଙ୍କ ଶରୀର ।

କୁବେରଙ୍କ ଅଭିଷେକ ଯେତେ ଆଭରଣ
ସମସ୍ତ ମଣ୍ଡିଲେ ନେଇ ନକୁଳ ଅଙ୍ଗେଣ ।

ବିଷ୍ଣୁଙ୍କର ଯେତେ ଅଭିଷେକର ରତନ
ପାର୍ଥ ଶରୀରେ ଭୂଷଣ କଲେ ଜନାର୍ଦ୍ଦନ ।

ଅଶ୍ୱିନୀକୁମାର ସର୍ବ ଯୋଗାଡ଼କୁ ଘେନି
ମନ୍ତ୍ରୀ ଚୂଡ଼ାମଣି ଅଙ୍ଗେ କଲେ ତା ମଣ୍ଡଣି ।

ଅନେକ ରତ୍ନାଳଙ୍କାର ଘେନି ଦେବୀ ଶଚୀ
ଦ୍ରୌପଦୀଙ୍କୁ ଆଭରଣ କଲେ ହୋଇ ରୁଚି ।

ଶ୍ରୀକରେ ପାରିଜାତକ ଯେଉଁ ପୁଷ୍ପମାଳ
ଯୁଧିଷ୍ଠି ଗଳେ ମଣ୍ଡନ କଲେ ଆଖଣ୍ଡଳ ।

ବୈଜୟନ୍ତୀ ମାଳା ତନ୍ଦ୍ର କରଣକୁ ଜଣି
ଚନ୍ଦ୍ରଦେବତା ଧର୍ମଙ୍କୁ ଅର୍ପିଲେକ ଆଣି ।

ସ୍ୟମନ୍ତକ ମଣି ଘେନି ପ୍ରଭୁ ବଂଶୀଧାରୀ
ଯୁଧିଷ୍ଠିର ଅଙ୍ଗେ ତାହା ଆଭରଣ କରି ।

ଅମୂଲ୍ୟ ମଣିମୁକୁଟ ଦେଲେକ ଭାସ୍କର
ତମିରବଦାର ମଣି ଦେଲେ ଦେବହର ।

ଦିବ୍ୟ ବେଶରେ ଭୂଷଣ ହୋଇ ପଞ୍ଚବୀରେ
ବିଜୟ ପଞ୍ଚ ସୋଦର ବାସବ କୋଳରେ ।

ପାଣ୍ଡବଙ୍କ ଅଭିଷେକ କହି ନକ୍ତି କାର
ପ୍ରତ୍ୟକ୍ଷେ ଇନ୍ଦ୍ର ରୂପରେ ମର୍ତ୍ତ୍ୟେ ଅବତାର ।

ପ୍ରସନ୍ନ ଅବତାର ସେ ଅଟଇ ପ୍ରତ୍ୟକ୍ଷେ
ବଜେ ପଞ୍ଚମୂର୍ତ୍ତି ପଞ୍ଚଦେବଙ୍କ ସମକ୍ଷେ ।

ବହୁତ ସାନନ୍ଦ ହେଲେ ଦେଖି ବୃନ୍ଦାରକେ
ଅନେକ ଯେ ବେଦଧ୍ୱନି କଲେ ଦେବଲୋକେ

ଆପଣ ଯେ ପ୍ରତିହାରୀ ଅଟନ୍ତି କେଶବ
ସଭା ନିଯୁକ୍ତି କରନ୍ତି ସହସ୍ରାକ୍ଷ ଦେବ ।

ଅଭିଷେକର ଯୋଗାଡ଼ କଲେ ବିଶ୍ୱକର୍ମା
ସମସ୍ତ ଥୋଇଲେ ନେଇ ସଭାରେ ସୁଧର୍ମା ।

ପଞ୍ଚାମୃତ ପ୍ରତିମାକୁ କଲେ ଦେବରାଜ
ରୁଦ୍ରାବତାର ପ୍ରତିମା କଲେ ପୁଣି ସଜ ।

ଚକ୍ରଧର ହଳଧର ଦେବଗଣ ଯେତେ
ପର୍ଶୁରାମ ରାମ ବୌଦ୍ଧ କଳଙ୍କୀ ଏମନ୍ତେ ।

ବାମେ ରୁଦ୍ର ଡାହାଣରେ ଅଟଇ ବିଧାତା
ଆଗେ ବ୍ରହ୍ମା ପଛେ ସ୍ଥିତ ବରିଷ୍ଠ ଦେବତା ।

ଚତୁର୍ମୁଖ ଅଷ୍ଟନେତ୍ର ମରାଳ ବାହନେ
ପଞ୍ଚବିଂଶ ପ୍ରତିମାକୁ ଗଢ଼ିଲେ ଯତନେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କୁବେର ମୂରତି ଅଟେ ପଞ୍ଚଇ ପ୍ରତିମ
ଅରୁଣ ଦ୍ୱାଦଶ ମହାଘଟନ ଉତ୍ତମ ।
ଆଦିତ୍ୟ ମୂରତିରୂପେ ଦ୍ୱାଦଶ ସବିତା
ଷୋଡ଼ଶ ମୂରତିରୂପେ ଚନ୍ଦ୍ର ଯେ ଦେବତା ।
ଅନନ୍ତ ପବନ ପୁଣି ବାୟବ୍ୟ ପବନ
ଯୋଗୀଙ୍କ ଯୋଗଧାରଣ ଅଟେ ଯେ ପବନ ।
କେତୁର ପବନ ପୁଣି ଯେ ଧର୍ମ ପବନ
ଧେୟ ପବନ ଜାଣ ଯେ ଧ୍ୟାନର ପବନ ।
ନଳପବନ ଆବର ବରୁଣ ପବନ
ତାପ ପବନ ଊର୍ଦ୍ଧ୍ୱର ବାତ ଯେ ପବନ ।
ଅଣଚାଶ ବାୟୁ ମୂର୍ତ୍ତିକର ଆଭରଣ
କରତା ଶୁକ୍ଳପବନ ସ୍ଥାପିଲେ ବହନ ।
ବୃହସ୍ପତି ଆବର ଯେ ଶୁକ୍ର ଶନୈଶ୍ଚର
ସୋମ ମଙ୍ଗଳ ବୁଧ ଯେ ରାହୁ କେତୁ ସାର ।
ପଞ୍ଚଦଶ ମୂରତି ଯେ ପୁଣି ଦୁର୍ଗାୟଣୀ
ନାରାୟଣୀ କାଶେଳୀ ଯେ ଅଷ୍ଟ ଭଦ୍ରାୟଣୀ ।
ଉଗ୍ରତାର ହିଙ୍ଗୁଳ ଯେ ଭୈରବୀ ଆବର
ପଞ୍ଚବିଂଶତି ପ୍ରତିମା ଅଛଇ ସବୁର ।
ଦ୍ୱାଦଶ ପ୍ରତିମା ହଳଧର ନୀଳାମ୍ବର
ଊନବିଂଶ ପ୍ରତିମା ଯେ ସମ ଦେବତାର ।
ଦେବତାଙ୍କର ପ୍ରତିମା ଅଷ୍ଟ ଯେ ପିଙ୍ଗଳ
ଚଣ୍ଡ ବିଶ୍ୱକ୍‌ସେନ କୁଣ୍ଡଆଦି ପଞ୍ଚାବଳ ।
କାଳୀ କରାଳୀ ବେନି ଯେ ବଙ୍କ ଚିତ୍ରଗୁପ୍ତ
ମହିଷ ବାହନ ଯମ ସଙ୍ଗେ ଯେନ ଦୂତ ।
ତାମ୍ର ପ୍ରତିମା ଲୁହାର ଦେଇ ବେନିଆଖି
ନବଗ୍ରହର ପ୍ରତିମା ଯମଗଣ ଦେଖି ।
ପଞ୍ଚବିଂଶ ମୂରତି ଯେ ବହନ୍ତି ଦେବତା
ସ୍ୱାହା ସ୍ୱଧା ଏରୂପେ ସେ କରିଲେ ନିର୍ମିତା ।
ଶ୍ୱେତପଦ୍ମ ମହାପଦ୍ମ ତକ୍ଷକ କର୍କୋଟକ
ଦ୍ୱାଦଶ ମୂରତି ଅଷ୍ଟକୁଳ ନାଗାନ୍ତକ ।
ନପାତର ମୂଳରେ ଯେ ପନ୍ଦର ମୂରତି
ନବ ପ୍ରତିମାଯାକରେ ଗ୍ରାମର ଦେବତି ।
ଭୃଙ୍ଗ ସମାନେ ପୁଷ୍ପାସ୍ୟ ନବୀନ ପୁରୁଷ
ଘଟଣ କରିଲେ ଏହି ପ୍ରତିମା ଦ୍ୱାଦଶ ।
ଶୁଦ୍ଧ ସୁବର୍ଣ୍ଣ କଳସ ଅଛି ଲକ୍ଷେଗୋଟି
ପୂରି ରହିଅଛି ତହିଁ ତୀର୍ଥଜଳ କୋଟି ।

ସୁବର୍ଣ୍ଣ ସ୍ଥାପଣି କୋଟି ପ୍ରମାଣେ ଶ୍ରୀଫଳ
ଦେବତାଙ୍କ ଆସନ ଯେ ଅଟଇ ଉଜ୍ଜ୍ୱଳ ।
ବ୍ରହ୍ମା ଅବତାର ରୂପେ ସହସ୍ରେକ ଶିଳା
ଈଶ୍ୱର ରୂପରେ ପାଞ୍ଚସସ୍ର ଅନର୍ଗଳା ।
ସହସ୍ରେ କପିଳା ପୁଣି ପିଙ୍ଗଳାବତାର
ବାମନ ମୂରତି ଶିଳା ଅଟଇ ହଜାର ।
କୂର୍ମ ଅବତାର ଶିଳା ଏକଇ ଅର୍ବୁଦ
ସହସ୍ରେକ ଶିଳା ପୁଣି ବର୍ଣ୍ଣ ତୀର୍ଥ ମୁଦ ।
ସହସ୍ରେକ ଶିଳା ଅଟେ ନାରାୟଣ ମୂର୍ତ୍ତି ।
ସହସ୍ରେକ ଶିଳା ମୀନ ଲୋହିତକ ପୃଥ୍ୱୀ ।
ସହସ୍ରେକ ଶିଳା ତହିଁ ରାମଚନ୍ଦ୍ର ମୁଦ
ଅନନ୍ତ ସହସ୍ରେ ଶିଳା କପିଳା ଯେ ରୁଦ୍ର ।
କର୍ମ ଧର୍ମ କ୍ଷିତି ଆପ ମରୁତ ଆକାଶ
ଏକଇ ପ୍ରତିମା ହେଲେ ଘଟଣା ପୁରୁଷ ।
ଏକଗୋଟି ରହିଥାଇ ଏକଗୋଟି ରୁଖା
ଘୃତ ପୂରଇ ନେତର ବତି ଅତିଶିଖା ।
ଦଶାବତାର ଖୁନ୍ଦୁଆ ଅଛଇ ଗୋଟିଏ
ଦେବତାକେ ସୁବର୍ଣ୍ଣର ଖଟୁଲି ଗୋଟିଏ ।
ଏ ବିଧିରେ ଯେତେ ଦେବ ସୁବର୍ଣ୍ଣ ଖଟୁଲି
ହୀର ମାଣିକ୍ୟ ଯୋହଳା ଅଷ୍ଟରତ୍ନେ ଝଳି ।
ସ୍ୱାହା ସ୍ୱଧା ବେନି ଉଚ୍ଚାରଣ କଲେ ହୋମ
ଋଷିମାନେ ଆରୋପିଣ ଆରମ୍ଭିଲେ କର୍ମ ।
ଅନେକ ସମିଧ ଘୃତ କରିଲେ ଆହୁତି
ଦ୍ୱାଦଶ କୋଟି ମନ୍ତ୍ରରେ ଦେବତା ପୂଜନ୍ତି ।
ବିଂଶ ବିଂଶ ସ୍ଥାନେ କର୍ମେ ଦିଅନ୍ତି ଆହୁତି
ଆହୁତି ପାଇଣ ଦେବେ ଲଭନ୍ତି ତୃପତି ।
ମନ୍ତ୍ର ପାଠେ ଶାନ୍ତ କଲେ ବହନ ଦେବତା
ନାନାଦି ବାଦ୍ୟ ବଜାନ୍ତି ଗନ୍ଧର୍ବେ ଉନ୍ମତ୍ତ ।
ବାଜଇ ମଧୁର ନାଦେ ସ୍ୱର୍ଗୀୟ ଦୁନ୍ଦୁଭି
ଢଗଢଗ ଉଚ୍ଛୁଳେ ଜମ୍ପେ ପୃଥ୍ୱୀଦେବୀ ।
ପଞ୍ଚକ୍ରୋଶ ଅନ୍ତରେ ଯେ ମନୁଷ୍ୟଗଜପୁରୀ
ତହିଁକ ବାଦ୍ୟ ନ ଶୁଭେ ମହାନାଦ ହେବ ।
ପୁଷ୍କରକୁ ଧ୍ୟାନ କଲେ ପ୍ରଭୁ ନାରାୟଣ
ଆସନ ଆଦିକର ଯେ ଦ୍ୱାଦଶ ଭୁବନ ।
ଗଙ୍ଗା ଗୟା ଗୋଦାବରୀ ଆଉ କୃଷ୍ଣାବେଣୀ
ହରଗଙ୍ଗା ନାସିକା କେଦାର ବୈତରଣୀ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସୁମନ୍ତ ବେଦମନ୍ତ ଯେ ପ୍ରାଚୀ ଚନ୍ଦ୍ରଭାଗା
ଭାଗୀରଥୀ ସରସ୍ୱତୀ ପୁଣି ଗୋପଗଙ୍ଗା ।
ମନ୍ଦାଗ୍ନି ଗୋମତୀ ଫଲ୍‌ଗୁ ପୁଣି ସ୍ୱର୍ଣ୍ଣଭଦ୍ରା
ଭାଦେବୀ ମଣିକର୍ଣ୍ଣିକା ମାନମାନ ମୁଦ୍ରା ।
ଶ୍ରୀସରସ୍ୱତୀ ସଙ୍ଗମ ଭଦ୍ର.ମା ବାହ୍ନମୀ
କାମାକ୍ଷୀ କାଳନ୍ଦୀ ମହାଚନ୍ଦ୍ରର ସମାନୀ ।
କାଶୀ କୌଶିକୀ ଅନ୍ଧକ ଆଦର ଗୋମତୀ
ଚନ୍ଦ୍ରାଙ୍ଗୀ ଶଙ୍ଖଭଦ୍ରା ଯେ ନର୍ମଦା ରେବତୀ ।
ବାଜଇ ନଦୀପ୍ସା ନର୍ମଦାଭବତୀ ଭୋଗୀ
ତାଳଗଙ୍ଗା ଜାହ୍ନବୀ ଯେ ପୁଣି ସଉଭଗୀ ।
ଏହାଙ୍କ ସଙ୍ଗେ ଆସିଲେ କୋଟିଏକ ତୀର୍ଥ
ଘେନଣ ପୁଷ୍କରରାଜା ବିଜୟ କୁରତ ।
ମୁକୁତାର ଗଣ୍ଡେ ଶୁଦ୍ଧସ୍ଫଟିକର ପାଣି
ଅଭିଷେକ ପ୍ରସ୍ତୁତ ତା ଯୋଗାଇଲେ ଆଣି ।
ବାମ ଦକ୍ଷିଣେ ରହିଲେ ଶ୍ୱେତହସ୍ତୀ ବେନି
ମୁକୁତାର ଭଣ୍ଡରେ ଯେ ତୀର୍ଥ ଜଳ ଘେନି ।
ପୁଷ୍କର ସଙ୍ଗେ ଆସିଲେ ନବଲକ୍ଷ ବାଜୀ
ବଡ ଶ୍ୱେତାର ତୁରଙ୍ଗ ରଥୀ ମହାତେଜ ।
ଦୁଇଚଳ କ୍ଷେତ୍ରପର ବାଜ ଦୁଇକତ
ବିଜେ କମଳ ଆସନେ କୃଶାନୁ ମୂରତ ।
ହସ୍ତଟେ ଆଲିଙ୍ଗନ କଲେ ବାଞ୍ଛାଦେବୀ
ସାନନ୍ଦ ଚତ୍ତେ ଯୁଧିଷ୍ଠି ଅଭୟକୁ ସେବି ।
ମଙ୍ଗର ଶୁକ୍ଳ ଷଷ୍ଠୀ ପୁଣି ଅର୍କବାର
ରେବତୀ ନକ୍ଷତ୍ର ଭୋଗ ଅଟେ ସେ ଦିନର ।
ତୈତିଳ ନାମେ କରଣ ଶୁଭ ନାମେ ଯୋଗ
ତାର ବାର ମିଶ୍ରଣ ସକଳ ଶୁଭ ଭୋଗ ।
ପଶ୍ଚିମେ ଯୋଗିନୀ ଇନ୍ଦ୍ରାୟଣୀର ମୂରତ
ମଙ୍ଗଳ ବାହନେ ଚଢ଼ି ଚଳେ ଦେବପତ ।
ଏସନକ ମହାଶୁଭ ଲଗନର ବେଳା
ଅଭିଷେକର ବିଧାନ କଲେ ଦେବମାଳା ।
ଶ୍ରୀକୃଷ୍ଣଙ୍କର ଭଣଜା ଅର୍ଜୁନର ସୂନୁ
ଯୁଧିଷ୍ଠିରଙ୍କର କୁଳେ ସୁତ ଅଭିମନ୍ୟୁ ।
ଅମରଙ୍କ ବିଳାସିନୀ ଆକାଶର ବାଳୀ
ଲକ୍ଷେକ ସୁନ୍ଦରୀ ଚଢ଼ି ଚାମରକୁ ଢାଳି ।
ପାଟଛତ୍ର ଲକ୍ଷେ ଲକ୍ଷେ ଉଡ଼ଇ ଚାମର
ପାଞ୍ଚଲକ୍ଷ ପତାକା ଯେ ଉଡ଼େ ଆକାଶର ।

ସ୍ୱର୍ଣ୍ଣର ଶଙ୍ଖ ତହିଁ ତୂରେ ଦୁଇଯୋଟି
ଚୌଷଠି କନ୍ୟା ତାଣ୍ଡବ ନୃତ୍ୟ ତହିଁ ଖଟି
ବୀଣା ବଇଁଶୀ ମୁରଜ ତାନପୁରା ଗୁଣା
ପିନାକୀ ଗଣପତିଙ୍କ ଲଗି ବ୍ରହ୍ମବୀଣା ।
ସୁସ୍ୱର ବାଦନ ସଙ୍ଗୀ ଶାରଙ୍ଗୀର ଧ୍ୱନି
ହରଷରେ ଖଟନ୍ତି ନାରଦ ମହାମୁନି ।
ଲକ୍ଷଣବନ୍ତ ବ୍ରାହ୍ମଣ ଲକ୍ଷେ ଋକବେଦୀ
ଦୁଇଲକ୍ଷ ଦ୍ୱିଜ ସାମବେଦରେ ପ୍ରସିଦ୍ଧି ।
ସ୍ତରଲକ୍ଷ ଦ୍ୱିଜ ପୁଣି ଯଜୁର୍ବେଦଧାରୀ
ଅଥର୍ବବେଦୀ ବ୍ରାହ୍ମଣ ଛନ୍ତି ଲକ୍ଷଙ୍କର ।
ଉତ୍ତର ବେଦୀସୁ ଛନ୍ତି ପାଞ୍ଚସହସ୍ର ଦ୍ୱିଜ
ଅଯୁତେକ ଦ୍ୱିଜ ଧନୁର୍ବେଦରେ ଶଉର୍ଯ୍ୟ ।
ବେନି ଅଯୁତ ବ୍ରାହ୍ମଣ ଧନୁର୍ବେଦ ଜାଣ
ସୁଷୁମ୍ନା ବେଦ ନବଦ୍ୱିଜ କରେ ଗାନ ।
ଆସନ୍ତି ପାଞ୍ଚସହସ୍ର ଗାୟତ୍ରୀକୁ ଜପି
ପାଞ୍ଚଅଯୁତ ଆସିଲେ ଯୋଗଧ୍ୟାୟୀ ବଂଶୀ ।
ପ୍ରତ୍ୟକ୍ଷେ ଧର୍ମଦେବତା ଯେ ରାଜା ଯୁଧିଷ୍ଠି
ଦର୍ଶନାର୍ଥେ ଜଗନ୍ନାଥ ଯାହାକୁଟି ଖଟି ।
ଏ ମହାମଣ୍ଡଳେ କୁଳ ଧ୍ୱଂସିବା ନିମନ୍ତେ
ଇଦ ବାକ୍ୟ କରି ମନୁ ଅବତାର ଅନ୍ତେ ।
ତହିଁର ନିମିତ୍ତରେ ଯେ ଅଭିଷେକ ସାର
ଅମର ସେନା ଖଟନ୍ତି ଦେବ ସୁରେଶ୍ୱର ।
ଏସନକ ଆରମ୍ଭ ପାଞ୍ଚଣ ଦେବହର
ଲେଖନ୍ତେ ପାଇବ କାହିଁ ତାହା ଅନ୍ତକର ।
ସଂକ୍ଷେପି କହିବାକୁ ତ ମୋର ନାହିଁ ହେତୁ
ଯାହାଙ୍କର ମହିମାରେ ହୁଏ ଏହି ହେତୁ ।
ମନୁଷ୍ୟ ଜନ୍ମେ ଉତ୍ପତ୍ତି ମୁହିଁ ମହୀତଳେ
ଶ୍ରୀକୃଷ୍ଣର ନାମ ଭାବ ହୃଦେ ପୁଣ୍ୟବଳେ ।
ଅକ୍ଷୟ ଭଣ୍ଡାର ବ୍ୟୟ କଲ ସମସ୍ତାନୁ
କୌଶଲ୍ୟା ଦେବୀ ନନ୍ଦନ ବିଜୟ କୃଶାନୁ ।
ମଙ୍ଗଳବାଦ୍ୟ ଶୁଭଇ ଅନୁକୂଳ ଘେନି
ଅଭିଷେକ କଲେ କୋଟିତୀର୍ଥ ଜଳ ଆଣି ।
ଜୟ ଜୟ ଶବଦ ଯେ ଶୁଭଇ ଆକାଶେ
ପୁଷ୍ପବୃଷ୍ଟି କଲେ ତହିଁ ସ୍ୱର୍ଗର ପୁରୁଷେ
ଅମୃତାକ୍ଷ ମେଘ ତହିଁ କଲ ସୁଧାବୃଷ୍ଟି
କଟ୍ଟେ ବର୍ଷିଲ ଅଷ୍ଟରତ୍ନ କୋଟି କୋଟି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅନେକ ରତ୍ନଖଚିତ ଯେ ଜଳେ ଚଉକତ
ଦକ୍ଷନ୍ତ ପଣ୍ଡୁ ନନ୍ଦନ ରୁଦ୍ର-ଦଣ୍ଡୁ ମୂର୍ତ୍ତି ।
କୋଦଣ୍ଡ ଅଜଗବ ଯେ ପିନାକ ଗାଣ୍ଡିବ
ବାଆନ କାଆନ ଶର ଗଦା ଧର ଭୀମ ।
ଯୁଧିଷ୍ଠିର ଦେବଙ୍କର ଅଭିଷେକ ଦେଖି
କହୁଚ ପାପୀ ତରଲେ ପାପକୁ ଉପେକ୍ଷି ।
ଅନେକ ଆନନ୍ଦ ତହିଁ ହେଲେ ବୃନ୍ଦାରକେ
କହୁଚ ମଙ୍ଗଳ ଧ୍ୱନି କଲେ ସୁରଲୋକେ ।
ସାନନ୍ଦ ପରମାନନ୍ଦ ସିଦ୍ଧ ଆଉ ଯୋଗୀ
ସଭା ସମ୍ମାର୍ଜ୍ଜନ କଲେ ତହୁଁ ବେଗି ବେଗି ।
କହୁଚ ସାନନ୍ଦ ହେଲେ ଯଦୁଷାଭଗଣ
ବୋଇଲେ ଯେ ଧନ୍ୟ ଧନ୍ୟ ଆମ୍ଭର ଜୀବନ
ନାରାୟଣ ପ୍ରସାଦରେ ସର୍ବ ଶୁଭେ ଅଛୁ
କହୁ କାଳକୁ ନିର୍ମଳ ହେଲା ନେନଚକ୍ଷୁ ।
ପୂର୍ବଜନ୍ମେ କରିଥିଲୁ ତପସ୍ୟା କହୁଚ
ଧର୍ମରାଜ ଅଭିଷେକ ଦେଖି ହେଲୁ ସାର୍ଥ ।
ପାଣ୍ଡବଙ୍କ ଅଭିଷେକ ମହାନନ୍ଦ ଦେଖି
ବଳରାମ ଗୋସାଇଁ ଯେ ବୁଜିଦେଲେ ଆଖି
ବିରସ ବଦନ ହୋଇ ସ୍ୱାମି କାମପାଳ
କହୁଚ ବିସ୍ମୟେ ମନେ ହେଲେ କୋପାନଳ
ଭାବଲେ ପାଣ୍ଡବଗଣେ ହେଲେକ ଉଦ୍ଧତ
ଜାଣିଲ ଏ ସବୁ ଅଟେ କୃଷ୍ଣର ଯେ କୃତ୍ୟ ।
ବଳରାମଙ୍କ ବିମନ ଭୀମସେନ ଜାଣି
କୃଷ୍ଣ ସନ୍ନିଧେ ବୋଇଲେ ଯୋଡ଼ି ବେନିପାଣି
ଦେବ ଆମ୍ଭ ସମ୍ପଦରେ ତ୍ରୈଲୋକ୍ୟ ଆନନ୍ଦ
ବଳରାମ ବସିଛନ୍ତି ହୋଇଣ ବିଷାଦ ।
ଲେଉଟି ଚାହିଁଲେ କୃଷ୍ଣ ବଳରାମ ମୁଖ
ଦେଖିଲେ ବଳରାମଙ୍କ ମନେ ନାହିଁ ସୁଖ ।
ନାରାୟଣ ଠାରିଦେଲେ ଭୀମଙ୍କୁ ଭୃଶତେ
ପୁଚ୍ଛକନା ବଳରାମ ମଉନ କି ଅର୍ଥେ ।
ନାରାୟଣଙ୍କ ବଚନେ ବୃକୋଦର ଉଠି
ବଳରାମଙ୍କ ସମ୍ମୁଖେ ଯୋଡ଼ି କର ଦୁଟି ।
ବୋଇଲେ ହେ କାମପାଳ ଧର୍ମ ଅଭିଷେକ
ଦେଖି ଅନେକ ସାନନ୍ଦ ହୋଇଲେ ତ୍ରୈଲୋକ୍ୟ
ତୁମ୍ଭର ବଦନ କପାଁ ବିରସ ହେ ଦେବ
ଅଥବା ନ ଯୋଗାଇଲୁ ତୁମ୍ଭଙ୍କୁ ଏ ସର୍ବ ।

ତୁମ୍ଭର କେବଳ ମନ୍ଦ ବୁଦ୍ଧିର ପ୍ରସାଦେ
କେବେ କେବେ ଦୁର୍ଯ୍ୟୋଧନ ପଡ଼ଇ ପ୍ରମାଦେ
ସ୍ୱାମି ତୁମ୍ଭର କେବଳ ଏକା ମନ୍ଦବୁଦ୍ଧି
କେବେକେବେ ଦୁର୍ଯ୍ୟୋଧନ ହରେ ଆମ୍ଭ ସିଦ୍ଧି
ସ୍ୱାମି ତୁମ୍ଭର ହେତୁରୁ ଦେଲେ ବିଷଲଡ଼ୁ
ବାନ୍ଧି ଫିଙ୍ଗିଦେଲେ ମୋତେ ଦୁଃଖଜଳେ ବୁଡ଼ି
ନାଗୁଣୀ ଖାଉ ବୋଲିଣ ମେଲିଦେଲେ ଜଳେ
ତହୁଁ ପାରହେଲ ମୁହିଁ ମୋର କର୍ମବଳେ ।
ସ୍ୱାମି ତୁମ୍ଭ ବୁଦ୍ଧିବଳେ ଆଉର କପଟେ
ଘର ଏକ ନିର୍ମାଣିଲେ ଜଉ ଛଣପଟେ ।
ସେ ଗୃହେ ରଖିଲେ ନେଇ ଆମ୍ଭଙ୍କୁ କୌଶଳେ
ତୁମ୍ଭର ପ୍ରପଞ୍ଚ ବୁଦ୍ଧି ଜାଣିଲୁ ସେକାଳେ ।
ପାଣ୍ଡବେ ମରନ୍ତୁ ବୋଲି ଗଡ଼ିରେ ପୋଡ଼ିଲେ
ତାହିଁରୁ ପାର ହୋଇଲୁ ଆମ୍ଭ ବୁଦ୍ଧିବଳେ ।
କପଟପାଶା ଏକ ଯେ କରିଲ ଭିଆଣ
ସବୁ କୂଟବୁଦ୍ଧି ଅଟେ ତୁମ୍ଭ ବଡ଼ପଣ ।
ଘୋଷଯାତ୍ରା ବୋଲିକରି ରଚିଲ ପ୍ରମାଦେ
ହଜିଲ ଅମିତ କଲେ ତୁମ୍ଭର ପ୍ରସାଦେ ।
ତୁମ୍ଭର ଦେହରୁ ସ୍ୱାମୀ ହେଲା ଏତେ କଷ୍ଟ
ଏତେ ବାଗେ ରାମ ତୁମ୍ଭ ନ ପୂରିଲା ପେଟ ।
ହରଷ ଗୁଡ଼ି ବିରସ କପାଁ ତୁମ୍ଭ ମତି
ତୁମ୍ଭର ବିଷାଦେ କିସ ହେବ ହଳପତି ।
ତୁମ୍ଭର କର୍ତ୍ତବ୍ୟ କାର୍ଯ୍ୟ ଯାହା ତୁମ୍ଭେ କଲ
ବାକେ କାମପାଳ କିଛି ନୁହଇଟି ଭଲ ।
ଦ୍ରୌପଦୀ କେଶ ଧଇଲା ଯାଇ ଦୁଃଶାସନ
ଅବନ୍ଧନ ଅଛି କେଶ ଅବଧି ତା ଜାଣ ।
ଦୁଃଶାସନ ରକ୍ତେ ଯେବେ ତା କେଶ ପଖାଳି
ତେବେ ସେ କେଶ ବନ୍ଧନ କରିବ ପାଞ୍ଚାଳୀ ।
ଧୃତରାଷ୍ଟ୍ର ପୁତ୍ର ଶତ ବିଦାରିବ ଯୁଦ୍ଧେ
କେବଣ ବାଗରେ ରକ୍ଷା ହେବ ରଣମଧ୍ୟେ ।
କର୍ଣ୍ଣ କୃପ ଅଶ୍ୱତ୍ଥାମା ଶଲ୍ୟ ଭୀଷ୍ମ ଦ୍ରୋଣେ
କେବଣ ବାଗେ ରଖିବ ତାଙ୍କୁ ସଙ୍କର୍ଷଣେ ।
ଯଦ୍ୟପି ସପକ୍ଷ ହେବେ କୋଟିବଳରାମ
ରଖି ନ ପାରିବେ ନିଶ୍ଚେଁ ମାରିବ ଅଧମ ।
ସ୍ୱାମୀ ଯେକାଳେ ଅର୍ଜ୍ଜୁନ ଚଳିଲା ଦ୍ୱାରକା
ତୁମ୍ଭର ଭଗିନୀ ବନେ ହରିଲା ସେ ଏକା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯାଦବଂଶ ସେନ ତୁମ୍ଭେ ଜିଣିଲ ସଂଗ୍ରାମ
ଏକା ଅର୍ଜୁନକୁ ସଖ ବୋଲାଇଲେ ହେ ରାମ ।
ଖାଣ୍ଡବ ଦହନେ ଦେବ ଇନ୍ଦ୍ର ଯେ ବିବାଦୀ
ଅମର ଜିଣି ଅଗ୍ନିକୁ ଦେଲ ମହୌଷଧି ।
ନିବାତ କବଚ ବଧ କଲୁ ରଣେ ଯେବେ
ଅମରକୁ ସେନ ପ୍ରଜା କରିଲେ ବାସବେ ।
ସେ ଜରାସନ୍ଧ ତୁମ୍ଭଙ୍କୁ ଜିଣି ବା ନ କଲ
ଅଠର ଥର ତୁମ୍ଭଙ୍କ ପାଇଁ ଧାଡ଼ିଦେଲ ।
ମଧୁତଳେ ରହି ନ ପାରିଲ ତା'ର ଡରେ
କୁଟୁମ୍ବ ସେନ ପଶିଲ ସାଗର ଭିତରେ ।
ଜରାସନ୍ଧ ବଧକଲୁ ତୁମ୍ଭର ନିମନ୍ତେ
କପାଳିଂ ଶଙ୍ଖ ଛାଡ଼ିବ କରୁଛ ଏମନ୍ତେ ।
ଗୋସିଂହ ଦୈତ୍ୟ ତୁମ୍ଭଙ୍କୁ ଦେଲ ଯେତେ କଷ୍ଟ
ଏକା ଅର୍ଜୁନ ତାହାର ପ୍ରାଣ କଲ ନଷ୍ଟ ।
କଉରବଙ୍କୁ ପାଣ୍ଡବାସୁର ନେଲ ଧରି
ଦୁର୍ଯ୍ୟୋଧନକୁ ରଖିଲୁ ସେ ଦାନବ ମାରି ।
ପାଞ୍ଚାଳ ଦେଶର ଲକ୍ଷ ଛନ୍ଦବାର ବେଳେ
ବିବାଦୀ ହୋଇଲେ ଯାଇ କୌରବ ସକଳେ
ତହିଁ ସମସ୍ତେ ପାଇଲେ ଯେତେକ ଅବସ୍ଥା
ଲକ୍ଷେ ରାଜାଙ୍କୁ ଜିଣିଣ ରଖାଇଲୁ କଥା ।
ତହିଁ ଆପଣ ହେ ପରା ଥିଲ ବଳରାମ
ଦେଖିଛତ ସମ୍ମୁଖରେ ସେହିନ ସଂଗ୍ରାମ ।
ଘୋଷଯାତ୍ରା କଲେ ଯାଇ କାମ୍ୟକ କାନନେ
ଚିତ୍ରସେନ ବନ୍ଦୀକରି ନେଲ ଦୁର୍ଯ୍ୟୋଧନେ ।
ସର୍ବେ କଉରବେ ଗୁଡ଼ ପଳାଇଲେ ଡରେ
ଅର୍ଜୁନ ଯାଇ ବନ୍ଧନ କଲ ଛଡ଼୍ୟାଧରେ ।
ବିଗଉଁ ଯେ ଆସିଥିଲ ସମଦଣ୍ଡ ବାନ୍ଧି
ମୂର୍ଚ୍ଛି ସେ ଜିଣିଲ ପଞ୍ଚଭାଇ ବେଷ ବନ୍ଧି ।
କଣ୍ଡଭଗ୍ନ ଦେଖି କୋପ କଲ ଦୁର୍ଯ୍ୟୋଧନ
ଆସିଲ ସେ ଏକାଦଶକ୍ଷୌଣୀ ସେନ ସୈନ୍ୟ
ଗୋଧନ ଗୋଷ୍ଠେ ବେଢ଼ିଲ ବେଗରେ ସେ ଆସି
ଏକା ସହଦେବ ବଳ ଫେରାଇଲ ଧ୍ୱଂସି ।
ପୁଣି ବଜେକଲ ପାର୍ଥ ଯାଇଣ ସମରେ
ଏକା ରଥୀକେ ଜିଣିଲ ସେ କୁରୁ ସାଗରେ ।
ଷଢେସିଂହ ପରାକ୍ରମ କୀଚକ ଦୁର୍ବାର
ତାକୁ ବଧକରି ନାଶ କଲୁ ମହାବୀର ।

ପ୍ରତ୍ୟକ୍ଷରେ ଦେଖୁଅଛ ମହିମା ଆପଣ
ଦେଖି ଦେଖି ସ୍ୱାମୀ ତୁମ୍ଭେ ହେଉଅଛ କାଣ ।
ଏମନ୍ତ ବୋଲିଣ ବଳରାମ ପାଦତଳ
ପ୍ରଣାମ କରି ଶୁଭିଲ ପଣ୍ଡୁର ଦୁଲଳ ।
ଏବେ ଦୋଷ କ୍ଷମାକର କୋପ ଶାନ୍ତକର
ଜନମେ ଜନମେ ଆମ୍ଭେ ଶରଣ ତୁମ୍ଭର ।
ସୋଦର ଭଗ୍ନୀ ତୁମ୍ଭର ଅର୍ଜୁନ ଭାରିଯା
ଅଭିଷେକରେ ବସିବେ ତୁମ୍ଭର ଭଣଜା ।
କାଦମ୍ବରୀ ରସ ଘୋଳେ କରୁ ନ ବସ୍ତର
ପେଟ ଆଉଁ ସ୍ୱାମୀ ତୁମ୍ଭେ ପିଠି କୋଳକର ।
ଦେଖି ଦେଖି ଉପେକ୍ଷା ଯେ କରୁଛ ଅମୃତ
ସ୍ୱ ଦୁ ପ୍ରାପ୍ତ ମଣି ବିଷ କର ଗର୍ଭଗତ ।
ତୁମ୍ଭେ ଦେବ କରଅଛ ଯାହା ମନୋବାଞ୍ଛା
ଜାଣିବ କୌରବଗଣେ କେ କରିବ ରକ୍ଷା ।
କହୁଁ କହୁଁ ଘାମ ହେଲ ରକ୍ତବର୍ଣ୍ଣ ଦୃଷ୍ଟି
ରାଗେ ବଳରାମ ଗଲେ ସେଠାବରୁ ଉଠି ।
ତାଳଧ୍ୱଜ ରଥେ ଚଢ଼ି କୋପେ ଦେବରାୟେ
ଦ୍ୱାରକା ପୁରକୁ ଚହୁଁ କରିଲେ ବିଜୟେ ।
ବଳରାମ କୋପେ କେହି ନ ହୋଇଲେ ଆଗ
ଭୀମ ଝିଙ୍କାସରେ ହୋଇଥିଲେ ବଡ଼ ରାଗ ।
ଆହେ ଚଇତନ ଯହୁଁ ପାଞ୍ଚଗଲ ରାତି
ଅଗ୍ନିକୁ ତୋଷିଣ ଦେଲେ ପୂର୍ଣ୍ଣ ଯେ ଆହୁତି
ଜଉଶାସ୍ତ୍ର ପଇତା ଯେ ସୁବର୍ଣ୍ଣ ଲେପନ
ଯୁଧିଷ୍ଠିରଙ୍କ ମଧ୍ୟରେ ଦେଲେ ମୁନିଗଣ ।
ଆରୋଗ୍ୟ ଆଶୀର୍ବାଦକୁ ସର୍ବେ କଲେ ବାଞ୍ଛା
ଉଞ୍ଚକଣ୍ଠକରେ ରାଜା ହୁଅ ମନଇଚ୍ଛା ।
‹ଥର ଭୟ ନ କରି ନିବାର ଦୃଷ୍ଟାନ୍ତ
ଶତ୍ରୁ ମାରି ହୁଅ ଏବେ ତୁମ୍ଭେ ଏକଛତ୍ର ।
ପୃଥିବୀର ଭାର ତୁମ୍ଭ ଦ୍ୱାରା ହେଉ ଲୀନ
ଅନେକକଲ୍ୟାଣ କଲେ ଦେବ ମଘବାନ ।
କହୁ ରତ୍ନମାଳା ପଞ୍ଚକଣ୍ଠରେ ଲମ୍ବାଇ
ଉଠିଲେ ଯେ ବୃନ୍ଦାରକେ ରଜନୀ ପୁହାଇ ।
ଅମେରେଶ୍ୱରୀ ଅପର୍ଣ୍ଣା ଦେବୀ ମହାସତୀ
ଦ୍ରୌପଦୀର ଶିରେ ନେଇ ଅର୍ଘ୍ୟ ବନ୍ଦାବନ୍ତ ।
ଆମ୍ଭର କୁଳରେ ତୁହି ଅଟୁ ମହାସତୀ
ପୃଥ୍ୱୀଭାର ନିବାରଣେ ମର୍ତ୍ତ୍ୟରେ ଉତ୍ପତ୍ତି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସ୍ୱର୍ଗନ୍ଦବାରଣୀ ତୁମ୍ଭେ ଆକାଶେ ତୋ ବାସ
ପୁନର୍ବାର କଳେ ତୁମ୍ଭ ହୋଇବୁ ପ୍ରକାଶ ।
ଅଭିଷେକର ଯୋଗାଡ଼ କରି ଦେବଋଷି
ସ୍ୱାମୀଙ୍କ କୁଟେ ବାହନେ ଗଲେ ବଜେଶ୍ୱର ।
ପ୍ରବେଶ ହୋଇଲେ ଯାଇ ଯେ ଯାହା ଭୁବନେ
ବଳଦେବ ବୃନ୍ଦାବନେ ଯେ ଯାହାର ବାହନେ
ଐରାବତ ଆରୋହଣ ଗଲେ ମଘବାନ
ଉଚ୍ଚୈଶ୍ରବା ସଙ୍ଗେ ଘେନ କରିଲେ ଗମନ ।
ବନ୍ଧୁବର୍ଗଙ୍କୁ ଘେନିଣ ପ୍ରଭୁ ଦେବଗଣେ
ଗରୁଡ଼େ ନନ୍ଦଘୋଷରେ ସର୍ବେ ଚଳେ ବଜେ
ଗୋବିନ୍ଦ ଚଳିଲେ ତହୁଁ ଅଭିଷେକ ସାରି
ଅଷ୍ଟକୁଳା ନାଗେ ଗଲେ ପାତାଳ ନଗରୀ ।
ଏଥୁ ଅନନ୍ତରେ ତହିଁ ପାଣ୍ଡବଙ୍କ ସାଥ
ଶମୀବୃକ୍ଷ ତଳେ ରହିଛନ୍ତି ଷଡ଼ମୂର୍ତ୍ତି ।
ସୁଧର୍ମା ସଭାକୁ ଘେନିଗଲେ ବିଶ୍ୱକର୍ମା
ଅଭିମନ୍ୟୁ ସୁଭଦ୍ରାକୁ ନେଲେ ସତ୍ୟଭାମା ।
ଯୁଧିଷ୍ଠିର ବ୍ୟାସଦେବେ କରିଲେକ ପୂଜା
ବିରାଟ ରାଜ୍ୟକୁ ଦେବ ଯିବାକୁ ମୋ ଇଚ୍ଛା ।
ବ୍ୟାସ ବୋଲି ଘଟିଥିଲା ତୁମ୍ଭଙ୍କୁ ବିପଦ
ଏବେ ତୁମ୍ଭର ଆସିଣ ହୋଇଲା ସମ୍ପଦ ।
ଅଜ୍ଞାତେ ବିରାଟେ ହୋଇଥିଲେ ଅଭ୍ୟାଗତ
ଅଭିଷେକ ଦେଖିଣ ସେ ହୋଇବ ମୁକତ ।
ଋଷି ବ୍ରାହ୍ମଣମାନଙ୍କୁ କର ପ୍ରଣିପାତ
ଉଦଯୋଗ ପୂର୍ବେ ଆସି ହେବୁ ଉପଗତ ।
ସର୍ବ ଋଷିମାନେ ଆସି କଲ୍ୟାଣକୁ କରି
କେତେ ଅର୍ଥେ କେ ଆଶ୍ରମେ ଗଲେ ଏଣୁପରି
ଆହେ ବିଶ୍ୱପତି ବାରେ ଘେନ ମୋ ଆରତ
ତୁମ୍ଭେ ଦାସ କରିଅଛ ଗଜକୁ ମୁକତ ।
ମୃଗୁଣୀ ଡାକିଲା ପ୍ରଭୁ ବନସ୍ତରେ ଥାଇ
ତାକୁ ଉଦ୍ଧାରିଲ ପର ଦୟାଳୁ ବହି ।
ଅନ୍ଧଧୃତ ତଳଆସି ବଧାଏ ମାଇଲା
କୋପେ ପୂଜି ସେ ଅନ୍ଦର ଚକ୍ଷୁକୁ ବଶିଲା ।
ଦୁଷ୍ଟ ସମୁଷ୍ଟ ଅଟଇ ତୁମ୍ଭର ତ ସମ
ନ ଶୁଣ କିପାଇଁ ପ୍ରଭୁ ଡାକଲେ ଅଧମ ।
ଅଜାମିଳଠାରୁ ବଳି ମୁହଇ ତ ପାପୀ
ଖୋଜି ଖୋଜି ପାଦପଦ୍ମ ନ ମିଳେ ଅଦ୍ୟାପି
ମାର ତାର ଯାହା କର ତୁମ୍ଭ ଅଭିଳାଷ
ଶେଷେ ପଦସ୍ପୃହା ମାଗେ ଏ ଶାରଳା ଦାସ ।

ବିରାଟ ସିଂହାସନେ ଯୁଧିଷ୍ଠିରଙ୍କର ଉପବେଶନ ଶୁଣି ବିରାଟର କୋପ ଓ ଉତ୍ତର କର୍ତ୍ତୃକ ପରିଚୟ ପ୍ରଦାନ

ହେ ଅଗସ୍ତି ମହାଋଷି ଶ୍ରେଷ୍ଠ ପୂଜ୍ୟପାଦ
ଧର୍ମ ଅଭିଷେକ ଶୁଣି ଖଣ୍ଡିଲ ଆପଦ ।
ପୁଣି କେଉଁ କାର୍ଯ୍ୟ କଲେ ପଣ୍ଡୁଙ୍କ କୁମରେ
ଶୁଣିବାର ଅଭିଳାଷ ହୋଇଛି ମନରେ ।
ଅଗସ୍ତି ବୋଇଲେ ଶୁଣ ହେ ନୃପନାୟକ
ଏଥୁଅନ୍ତେ ଯାହା ହେଲା କଥା କଉତୁକ ।
ଯୁଧିଷ୍ଠି ବୋଇଲେ ସହଦେବ କି କରିବା
ଅଭିଷେକ ହୋଇ ପୃଥ୍ୱୀପାଳେ କି ଗମିବା ।
ଯାନ ବାହାନ ଆମ୍ଭର ବାରୁ ନାହିଁ କିଛି
ଭୀମସେନ ବୋଇଲେ ସ୍ୱାମୀ ବୁଦ୍ଧିଏ ମୋ ଅଛି
ସମସ୍ତେହେଁ ବଜେ ଚଳ ମୋର ସ୍କନ୍ଧଦେଶେ
ବିରାଟ ନଗ୍ରେ ପଶିବା ଆମ୍ଭେ ଯେ ପ୍ରତ୍ୟକ୍ଷେ ।
ଅଭିଷେକର ବିଧାନ କଲା ଯେଉଁମତେ
ଯୁଧିଷ୍ଠି ଦ୍ରୌପଦୀ ବସେ ହେଲେ ଭୀମ ମାଥେ
ଯୁଧିଷ୍ଠି କୋଳେ ବସିଲେ ଦ୍ରୁପଦ ଦୁଲଣୀ
ଦିବ୍ୟ ଅବତାର ବେଶ ହୋଇଲେ ପାଞ୍ଚାଳୀ
କ୍ଷୀରୋଦ ମନ୍ଥନେ ଯେହ୍ନେ ଲକ୍ଷ୍ମୀ ନାରାୟଣ
ଗମନ୍ତି ବୈକୁଣ୍ଠେ ଖଗବର ଆରୋହଣ ।
ଧନୁଶର ଘେନି ଯେ କରେ ମନ୍ଦପାଥି
ଭୀମସେନ ବାମଅଙ୍ଗେ ସହଦେବ ମନ୍ତ୍ରୀ ।
ନାନା ଅଳଙ୍କାରେ ଭୂଷିତ ହୋଇ ସର୍ବକାୟେ
ଦିବ୍ୟ ସୁନ୍ଦର ଦିଶନ୍ତି ବଗଯାଳ ପ୍ରାପ୍ୟେ ।
ମେରୁ ଆସନରେ ଯେହ୍ନେ ବ୍ରହ୍ମା ବସ୍ତୁ ତର
ଅଷ୍ଟାଦଶ ଦେବ ତୁଲେ ଯଥା ବୈଶ୍ୱାନର ।
ଶତଭି ଆଦିତ୍ୟ ପ୍ରାପ୍ୟେ ତେଜକୁ ବିକାଶି
ଦେବ ଇନ୍ଦ୍ରଦଣ୍ଡ ମଧ୍ୟେ ନଗରରେ ପଶି ।
ମନଭ ସର୍ବତ ଜଣି ଭୀମ ଶୋଭା ପାଏ
ପାଞ୍ଚାଳୀ ଅର୍ଜୁନରୂପେ ଜଗଜନ ମୋହେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଆଗରେ ଧରିଛୁ ପାର୍ଥ ହସ୍ତରେ କୋଦଣ୍ଡ
ହେଲେ ଯେନବ କି ସେହି ମଧ୍ୟଦେଶ ଖଣ୍ଡ ।
ଦେଖିକରି ବିଷାଦିତ ହେଲେ ନଗରଜନେ
ଏସନକ ବିଧାନ ଏ ହୋଇଲେ କେସନେ ।
ମୂର୍ଖେ ବୋଲୁଛନ୍ତି ସର୍ବପଣ୍ଡା କୋଳଭଣ୍ଡ
ଦିଗପାଳ ପରାୟେ ଏ ଦିଶୁଛନ୍ତି ଶ୍ରେଷ୍ଠ ।
କେ ବୋଲେ କୀଚକ ହରୁଥିଲା ସୈରନ୍ଧ୍ରୀକି
କୋଳଭଣ୍ଡ ଭୁଲେ ଏହୁ ଦିଶେ ଅଭିଷେକ ।
କେ ବୋଲେ ଉତ୍ତରକୁ ଯେ ଶିଖାଇଲା ନୃତ୍ୟ
ନପୁଂସକ ରୂପ ଛାଡ଼ି ଦିଶେ କି ଅଦ୍ଭୁତ ।
କେ ବୋଇଲା ନାରାୟଣ କିବା ବଜ୍ରପାଣି
ଏହାଙ୍କ ଚରିତ କେହି ନ ପାରିଲୁ ଜାଣି ।
ଏବେ ଏହାଙ୍କର ନାହିଁ ପୂର୍ବପର ରୂପ
ଦିବ୍ୟଦେହେ ଦିଶୁଛନ୍ତି କନ୍ଦର୍ପ ସ୍ୱରୂପ ।
କେ ବୋଲେ ରଜା ବାଜୀ ଯେ କରୁଥିଲା ସଜ
ସେହି ଗ୍ରନ୍ଥିକାର ବାଜୀପାଳର କି ତେଜ ।
ଶରୀରରେ ଆଭରଣ କଣସୁ ଅମୂଲ୍ୟ
ଲକ୍ଷ୍ମୀ ଭଣ୍ଡାର ଏଥିକୁ ନୁହେ ସମତୁଲ ।
କେ ବୋଲଇ ତନ୍ତିପାଳ ରୂପ ଏବେ ଦେଖ
କୈଳାସ ତେଜଣ ହେଲେ କିବା ତ୍ରିଅମ୍ବକ ।
ମନ୍ତ୍ର ବିଧାନରେ କରେ ଧରି ମନ୍ତ୍ରପୋଥି
ଅଭିଷେକ ହେବା ପ୍ରାୟ ଏ ପୁଣି ଦିଶନ୍ତି ।
କେ ବୋଲଇ ଗନ୍ଧ ଦେଉଥିଲା ଯେ ବଲ୍ଲଭ
ଦେଖ ହୋ ମହିମା ତାର ସବୁହିଁ ଦୁର୍ଲ୍ଲଭ ।
ଏହାଙ୍କର ଚରିତକୁ ନ ପାରିଲୁ ଜାଣି
ଦିଗପାଳ ପୁରୁଷ ଏ ଶୂନ୍ୟ ଚୂଡ଼ାମଣି ।
ଏକଗୋଟି ଦେହରେ ଯେ ପାଞ୍ଚଗୋଟି ଦେଖ
ବୁଲନ୍ତି କଉତୁକେ ଏ ଲଜ୍ଜାକୁ ଉପେକ୍ଷି ।
ମୂର୍ଖେ କାହେକରି ଏହୁ ପାଞ୍ଚକୁ ବୁହଇ
ଏକକୁ ଆରେକ ପୁଣି ବେଷଇରେ କହି ।
କେ ଅବା ହସନ୍ତି କେହୁ କରନ୍ତି କୁତୁଳ
କେ ମଙ୍ଗଳ ଧ୍ୱନିକରି ମାରେ କରତାଳି ।
ମୂର୍ଖଲୋକ ବୋଲୁଛନ୍ତି କୋଳେ ହେଲେ ବାଇ
ଏମନ୍ତ ପ୍ରପଞ୍ଚ ହୋଇ ବୁଲନ୍ତି କପାଇଁ ।
ଦେଖି ବିବୁଧନ୍ତି ଜ୍ଞାନୀ ଏ ତ ଭାଗ୍ୟବନ୍ତ
କେ ବୋଲେ ବିରାଟ କଲା ବଡ଼ ମନ୍ଦକୃତ୍ୟ ।

ଅତ୍ୟନ୍ତ ଦନସ୍ତୁ କରି ପୋଷିଲା ଏହାନ୍ତ
କୀଚକ ମାରିଲା ରାଜ୍ୟ ହୋଇଲା ଅନାଥ ।
ଶତ୍ରୁକୁଳ ରାଜ୍ୟ ମାଡ଼ି ବସିଲେଣି ଦେଖ
ନରକ୍ଷି ଗ୍ରହାନ୍ତି କେହୁ ତାହାଙ୍କର ମୁଖ ।
ସୁଲକ୍ଷଣୀ ବାଳୀ କରେ ଅବସ୍ଥାନ ଯେଣ
ଦେବ ବିଜେ ପ୍ରାୟ ବୃଷ୍ଟି ଦ୍ୟନ୍ତି ହୁଳୁଧ୍ୱନି ।
ମାହେନ୍ଦ୍ର ଯୋଗରେ ଶୁଭବେଳେ ଅନୁକୂଳ
କରି ଅସ୍ଥାନେ ବସିଲେ ପଞ୍ଚ ମହାମଲ୍ଲ ।
ସିଂହାସନେ ଧର୍ମରାଜ ବସିଲେକ ଯାଇ
କୋଳେ ପାଞ୍ଚାଳକୁମାରୀ ଅଛନ୍ତି ଯେ ରହି ।
ପାବଳର ଭଳେ ସହଦେବ ମହାମନ୍ତ୍ରୀ
ଭୂତ ଭବିଷ୍ୟ ଜାଣଇ କରେ ମନ୍ତ୍ରପୋଥି ।
ଆବର ପାବଳ୍ଲ ଭଳେ ଛନ୍ତି ଫାଲଗୁନ
ବାମେ କୋଦଣ୍ଡ ଡାହାଣେ ଖଡ଼୍ଗ ଅଛି ଯେଣ
ଆବର ପାବଳ୍ଲ ଭଳେ କୁମାର ନକୁଳ
ନବନଶି କୁନ୍ତ ଯେନଛନ୍ତି ବାଜୀପାଳ ।
ବାହନ ବାହନ ଘୋର ଗଦା ଯେଣ କରେ
ଭୀମସେନ ଆବୋରଣ ବସିଛନ୍ତି ଦ୍ୱାରେ ।
କାଳଚନ୍ଦ୍ର ପ୍ରାୟ ଜଣି ବୁଲଏ ସେ ତୋଳା
ଯମ ଦେବତା ପରାୟ ଦିଶେ ଅନର୍ଗଳା ।
ମୂର୍ତ୍ତିକୁ କେହି ସ୍ପର୍ଶି ନ ପାରନ୍ତି ଡରେ
ଭୟଙ୍କର ସର୍ବଲୋକେ ଅନାନ୍ତି ସେ ଦ୍ୱାରେ ।
କେବାଇଁକ ନଗ୍ରେ ରାଜା ବିଜୟ ବିରାଟ
ଘରେ ଜଣାଇଲେ ରାଜ୍ୟ ନେଲା କୋଳଭଣ୍ଡ
ଯେବଣ ସୈରିନ୍ଧ୍ରୀ ପାଇଁ କୀଚକ ମରିଲା
ଅଭିଷେକ ହୋଇ କୋନ୍ତ କୋଳରେ ବସିଲା
ଅଭିଷେକର ଯୋଗାଡ଼ ପାଇଲେ ସେ କାହିଁ
ଏମନ୍ତ ପ୍ରକାରେ ରହି ମର୍ତ୍ତ୍ୟପୁରେ ନାହିଁ ।
ଦିବ୍ୟ ଅବତାର ତନ୍ତିପାଳ ସେ ଗୋପାଳେ
ପୋଥିସେନ ଗତାଗତ ବୋଲେ ପାଦତଳେ
ଶୁଦ୍ଧ କନକର ଦଣ୍ଡ ଧରିଛନ୍ତି ଯେଣ
ପାଶେ ଛନ୍ତି ବାଜୀପାଳ ବୃହନ୍ନଳା ବେନି ।
ହେ ଦେବ ଦ୍ୱାର ଆବୋରି ରହିଛୁ ବଲ୍ଲଭ
ତ୍ରୈଲୋକ୍ୟ ତାର ମହିମା ଅଟଇ ଦୁର୍ଲ୍ଲଭ ।
ତାହାର ମୂରତି ଦେଖି ନ ପାରିଲୁ ଜାଣି
ଦିବ୍ୟଅଙ୍ଗ ପୁରୁଷ ସେ ସ୍ୱର୍ଗେ ଚୂଡ଼ାମଣି ।୧

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଉତ୍ତର ମୁଖୁଁ ଏସନ ଶୁଣିଣ ବିରାଟ
ଅସିପତ୍ର କରେ ଧରି ଓଷ୍ଠ କଲା ସ୍ପୃଷ୍ଟ ।
ଧାମଇ ମତ୍ସ୍ୟ ଅଧିପ କରେ ଧରି ଖଣ୍ଡା
ଏତେକ ଦର୍ପ କପାଇଁ କଲା କୋନ୍ତପଣ୍ଡା ।
ତାହାର ମୁଣ୍ଡକୁ ଆଜ ହାଣିବି ମୁଁ ଯାଇ
କୋଳ କରଣ ଧଇଲେ ପାଟ ମହାଦେଈ ।
ସୁଦେଷ୍ଣା ଡାକିଲେ ନାଥ ରହ ରହ ବୋଲି
ବଳେ ବିରାଟ ତାହାଙ୍କୁ ପକାଇଲେ ପେଲି ।
ଅନ୍ତଃପୁରରୁ ନୃପତି ହୁଅନ୍ତେ ବାହାର
ଉତ୍ତର ଡାକଇ ରୁହ ରୁହ ମତ୍ସ୍ୟେଶ୍ୱର ।
ଅନାଦି ପୁରୁଷଙ୍କୁ ତୁ ଭେଟିଲୁ ପ୍ରତ୍ୟକ୍ଷ
କୋପ ସମ୍ବରଣ କର ଆହେ ମତ୍ସ୍ୟାଧିପ ।
ପିତାର କର ଧଇଲା ଉତ୍ତର କୁମର
ବୋଇଲା ନ ଜାଣି କପାଁ ହେଉଛ ଅସ୍ଥିର ।
ବିରାଟ ବୋଇଲା ଆରେ ଉତ୍ତ ଉତ୍ତ ବାବୁ
ସୁଜନ ପୁରୁଷ ବୋଲି ସମର୍ପିଲି ସବୁ ।
ଅଦଭୁତରେ ପଶିଲେ ହୋଇ ଭୃତ୍ୟପଣେ
ସମ୍ପଦ ମାଡ଼ି ବସିଲେ ମୋର ଅଜାଣେ ।
ଅତି ଆଦରରେ ବାବୁ ପୋଷିଲି ମୁଁ ଶ୍ୱାନ
ଅନ୍ତେ ମୋହର ମୁଖରେ ଦେଲେ ସେ ଚୁମ୍ବନ
ଏବେ ମୁଁ ଜାଣିଲି କୋନ୍ତପଣ୍ଡା ବଡ଼ଲଘୁ
କପାଇଁ ତୁ ନ ସହିଲୁ ନପୁଂସକେ ବାଗୁ ।
ଅତି ରାଗରେ ମାଇଲି ମୁଁହିଁ ପଶାକାଠି
କପାଇଁ ଫାଟି ନ ଗଲା ତା ଲଲାଟ ପାଟୀ ।
ତେଡେ଼ ପାମରଲୁ ତୁହି ସମ୍ମାନନା କଲୁ
ଚଣ୍ଡାଳ ନନ୍ଦନେ ପ୍ରଣିପାତ କରାଇଲୁ ।
ଯେତେବେଳରୁ ମୋହର ଦେଖିଲା ନସ୍ତେଜ
ତେଣୁ ମାଡ଼ି ବସିଲା ସେ ମୋହର ଏ ରାଜ୍ୟ ।
ଭୀଷ୍ମ ଦ୍ରୋଣ ଜିଣିବାକୁ ତୁହି ସାମରଥା
କେମନ୍ତେ ସହୁଛୁ ଏଡେ଼ ଏଡେ଼ ବଡ଼ କଥା ।
ଉତ୍ତର ବୋଇଲା ସ୍ଥିରହୋଇ ଦଣ୍ଡେ ବସ
ଶ୍ରୀଭୁଜ କୃପାଣ ଥୋଇ ସ୍ଥିର କର ଶ୍ୱାସ ।
ସାବଧାନ ହୋଇ ଧୀରେ ଶୁଣ ମୋର ବାକ୍ୟ
ପ୍ରାଣ ହରାଇବାକୁ ତୋ ପ୍ରତିଜ୍ଞା ଏତେକ ।
ଶୁଣ ସାବଧାନ ହୋଇ କେନ୍ତଙ୍କ ମହିମା
ଏ ମହୀମଣ୍ଡଳରେ ସେ ପୁରୁଷ ଉତ୍ତମା ।

ସ୍ୱାମୀ ରାଜସୂୟ ଯଜ୍ଞ ଆରୋପଣ କାଳେ
ଲକ୍ଷେରାଜା ଯାହାଙ୍କର ଚରଣ ସେବିଲେ ।
ତ୍ରେତାଯୁଗର ସେ ରାଜା ଲଙ୍କା ବିଭୀଷଣ
ସେ ତାହାଙ୍କ ଚରଣରେ କଲା ପ୍ରଦକ୍ଷିଣ ।
ତ୍ରୈଲୋକ୍ୟର ଠାକୁର ଯେ ଦେବ ମଧୁହାରୀ
ତାଙ୍କ ଯଜ୍ଞେ ସେ ଅନନ୍ତ ନାମେ ପ୍ରତିହାରୀ ।
ଦେଖିଲୁ ତୁ ଲକ୍ଷେରାଜା ସମ୍ମୁଖରେ ପୁଣ
ତାଙ୍କ ପାଦ ଆରାଧନା କରେ ନାରାୟଣ ।
ପାତାଳ ପୁରରୁ ଆସିଥିଲା ନାଗରାଜା
ଯେବଣ ସ୍ୱାମୀଙ୍କୁ ସେହୁ କଲା ପାଦପୂଜା ।
ପଞ୍ଚୋତ୍ତର ଶତ ସ୍ୱର୍ଣ୍ଣ ରଥ ଘେନିଗଲୁ
ସାତକ୍ଷୌଣୀ ବଳେ ଛନ୍ଦଶାଳରେ ଭୁଞ୍ଜିଲୁ ।
ତିନିନନ୍ଦନ ରହିଥିଲୁ ପଶ୍ଚିମ ଦୁଆରେ
କେହି ଜଣାଇ ନ ଦେଲେ ସ୍ୱାମୀଙ୍କ ସମ୍ମୁଖରେ ।
ହରି ତାଙ୍କ ଭୀମସେନ ଗଣ୍ଡେ ଦେଇ ହସ୍ତ
ତାଙ୍କ ପାଦେ କରାଇଲା ତୋତେ ପ୍ରଣିପାତ ।
ଉଠ ବୋଲି ଯେତେ ସ୍ୱାମୀ ଗ୍ରହଣଦେଲ କର
ବସ୍ତ୍ର ମୁଦଗୋଟି ମାତ୍ର ଦେଖିଲୁ ନେତ୍ରର ।
ଆହେ ପିତାମହ ସୁଖେ ଖେଳଲେ ସେ ପଶା
ସୋଦରଙ୍କୁ ରାଜ୍ୟଦେଇ ବନେ କଲେ ବସା ।
ସେ ସ୍ୱାମୀ ଅଜାତଶତ୍ରୁ ଧରମ ଯୁଧିଷ୍ଠି
କରି ଲେଉଟାନ୍ତେ ଯାର ଲେଉଟଇ ସୃଷ୍ଟି ।
ସେ ସ୍ୱାମୀ ଅଜ୍ଞାନବାସ ଗୋପନ ନିମନ୍ତେ
ସତ୍ୟ ପାଳିବାକୁ ନାମ ବହିଥିଲେ କୋନ୍ତେ ।
କୁନ୍ତୀ ଏହାଙ୍କର ମାତା ଏ ତାଙ୍କର ବସ୍ତ୍ର
କୋନ୍ତ ନାମକୁ ବହିଲେ ଏହା ନୁହେ ମିଛ ।
ପାଣ୍ଡବାସୁରକୁ ବଧ କରିଲେ ସମରେ
ପାଣ୍ଡବ ନାମ ବହିଲେ ତହୁଁ ପାଞ୍ଚଭାରେ ।
ବିଷଲଡ଼ୁ ଖାଇ ପାରି କଲା ଯେ ପ୍ରତ୍ୟକ୍ଷ
ନାଗୁଣୀବଳକୁ ଯେତ୍ତୁ କଣିଲା ସ୍ୱଇଚ୍ଛେ ।
ଜତୁଘରରୁ ଉଦ୍ଧରି ଯେତ୍ତୁ ନଶାକାଳେ
କୁମ୍ଭୀର ଦୈତ୍ୟକୁ ନାଶ କଲେ ଯେତ୍ତୁ ଜଳେ
ମଧୁବନରେ କଲ୍ମୀର ନାମେ କଉଣପ
ବନାଯୁଦ୍ଧରେ ହରିଲେ ତାହାର ଯେ ଦର୍ପ ।
ହିଡ଼ମ୍ବିକା ବଶ ହେଲେ ମାରି ହିଡ଼ମ୍ବକ
ଏକଚକ୍ରାନଗ୍ର ରକ୍ଷା କଲେ ମାରି ବକ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଚଣ୍ଡାଳ ବଳ ଓଡ଼ାଇ ଶିବପୁର ଧ୍ୱଂସି
ଲୁବ୍ଧକ ନାଶି ନଗ୍ନ ବନ ମଧ୍ୟେ ପଶି ।
ସ୍ୱାମୀ ଗୁପତ ଜନମେ ସେହୁ ସ୍ୱଇଚ୍ଛାରେ
ବ୍ୟାଘ୍ର ମାଇ ବଧକଲ୍ଲ କୌତୁକ ସମରେ ।
ପଞ୍ଚାଳଜେମା ସୈରନ୍ଧ୍ରୀ ବାକ୍ୟ ଅନୁସର
ଶତେ କୀଚକ ମାମୁଁଙ୍କୁ ଦେଲ୍ଲ ଉଦ୍ଧର ।
ଲୋକେ ମୁକ୍ତ କଲ୍ଲ ସେହୁ ବିରାଟ ନଗରୁ
ସୂପକାର ରୂପେ ସେହୁ ପବନର ସୂନୁ ।
ଶୁଣ ଶୁଣ ଆହେ ପିତା କିରୀଟୀ ପ୍ରତିଜ୍ଞା
ପରଦୁଃଖେ ଦୁଃଖୀ ସେହୁ ଅଲଙ୍ଘ୍ୟ ଯେ ଆଜ୍ଞା
ଉତ୍ତର ନଗରେ ବଳେ କଲ୍ଲ ସର୍ବବଧି
ଜିଣିଲେ ସୁଜନଶସ୍ତ୍ର ମହା ମହା ଯୋଧୀ
ଯା ନାମ ଲେଖି ପୋଛିଲେ ପ୍ରାଣ କରେ ନଷ୍ଟ
ଯାର ସମରେ ହାରିଲ୍ଲ ରାଜା ଜମାଗୋଷ୍ଠ ।
ନଗବଳେ କଲ୍ଲ ସେହୁ ଯେ କାଳେ ପାତାଳେ
ଦୁର୍ବହ ପୃଥ୍ୱୀ ଧଇଲ୍ଲ ପୁଣି ଧନୁତୁଳେ ।
ସାନନ୍ଦ ହୋଇଲ୍ଲ ତହୁଁ ଦେଖି ନାଗରାଜା
ଦୁହିତା ଦେଇ ଯାହାର କଲ୍ଲ ପାଦପୂଜା ।
ପଞ୍ଚାଳ ଦେଶରେ ସେହୁ ମହାଲକ୍ଷ ବନ୍ଧ
ବ୍ରାହ୍ମଣ ରୂପେ ଜିଣିଲ୍ଲ ତହିଁ ସର୍ବଯୋଧୀ ।
ସ୍ୱାମୀ ବସନ୍ତ ଉତ୍ସବେ ହରନ୍ତେ ସୁଭଦ୍ରେ
ବହୁ ଯୁଦ୍ଧକରି ହାରିଗଲେ ବଳଭଦ୍ରେ ।
କୃଷ୍ଣଙ୍କର ଭୟେ ଶତଧନୁ ପଳାଇଲ
ଯାହାଙ୍କର ପାଦେ ଆସି ଶରଣ ପଶିଲ୍ଲ ।
ଅନେକ ସମର ପୁଣି କଲ୍ଲ ଜମ୍ବରେଣୀ
ଇନ୍ଦ୍ରଙ୍କୁ ଜିଣି ଅଗ୍ନିରେ ଭଲ କଲ୍ଲ ବ୍ୟାଧି ।
ନବାତ କବଚ ଯାଇ ମାଇଲ୍ଲ ଆକାଶେ
ଅନେକ ପୂଜା ପାଇଲ୍ଲ ଅମରପୁରେ ସେ ।
କିରୀଟୀ ମୁକୁଟ ଇନ୍ଦ୍ର ବାନ୍ଧ ଦେଲ୍ଲ ଶିର
କିରୀଟୀ ନାମକୁ ପୁଣି ଦେଲ୍ଲ ପୁରନ୍ଦର ।
ହନୁମନ୍ତଙ୍କ ଭୁଜରେ ହୋଇଲ୍ଲ ନବାଣୀ
ଶରେ ସାଗର ବକ୍ଷରେ ଏକ ବନ୍ଧ ବାନ୍ଧି ।
ଦେଖିଲୁ ସୁଧାଚନ୍ଦ୍ରରେ ଯେ ରୂପ ମହିମା
ଲକ୍ଷେ ରଜା ତାହାର ଯେ ନ ପାଇଲେ ସୀମା
ମେରୁଶୃଙ୍ଗ ବଧ କଲ୍ଲ ହରିହର ଛଳେ
ଶରଣ ବତ୍ସଳ ସ୍ୱାମୀ ଅଟେ ସର୍ବକାଳେ ।

ଚୋରନ ଜନମେ ନବ୍ୟଂସକ ରୂପ ଧରି
ଉର୍ବଶୀର ଶାପକୁ ସେ ଏବେ ପାର କରି ।
ଗୋଧନ ହରଣେ ମୁହିଁ ଗଲି ତାଙ୍କୁ ଘେନି
ଦେଖିଲି ସମୁଦ୍ର ପ୍ରାୟ କୌରବ ସଇନ୍ୟ ।
ଭୟରେ ଲୋଇ ମୁହିଁ ରଥ ତେଜିଲଇଁ
ମୋତେ ବୋଇଲେ ସାରଥି ହୋଇଥାଅ ତୁହି
ମୁହିଁ ସାରଥି ହୋଇଲି ନିଜେ ହେଲେ ରଥୀ
ଦେବେ ଅଗୋଚର ମୁହିଁ ଦେଖିଲି ତା ମୂର୍ତ୍ତି ।
ଏକାଦଶ କ୍ଷୌଣୀବଳେ ସେହୁ ରଥୀ ଏକା
ଜିଣିଲେ ଭୀଷ୍ମ ଦ୍ରୋଣଙ୍କୁ ମନେ ନାହିଁ ଶଙ୍କା ।
ମନଭେଦ ନାଗଚକୁ ଛନ୍ଦିଲେ ସେ ଘେନ
ତେର ଯୋଜନ ମାଣ୍ଡଣ ପଡ଼ିଲେ ସଇନ୍ୟ ।
ରଥୀ ମହାରଥୀ ସର୍ବେ ପଡ଼ିଲେ ମୋହେ
ଭୁରିଶ୍ରବା ମୁକୁଟକୁ ଆଣେ ସେହୁ ବୋହେ ।
ଏକ ଯୋଦ୍ଧାକେ ଜିଣିଲ୍ଲ ତାର ସର୍ବ ସୈନ୍ୟ
ବୃହନ୍ନଳା ବୋଲୁ ଯାକୁ ସେ ଅଟେ ଅର୍ଜୁନ ।
ମରଣକୁ ଇଚ୍ଛା କିପାଁ କରୁଅଛୁ ତାତ
ତାରେ କୋପ କରୁ ନାଶିବାକୁ ତୋର ବଂଶ
ମାଦ୍ରୀନନ୍ଦନ ନକୁଳ ଯାହାକୁଟି ବୋଲୁ
ରାଜସୂୟ ଯଜ୍ଞେ ତାର ମହିମା ଦେଖିଲୁ ।
ଅତି ସୁକୁମାର ଅଟେ ଯାହାଙ୍କର ଅଙ୍ଗ
ଲକ୍ଷେ ରାଜା ଅଭିମୁଖେ ବୋଲଇ ଅନଙ୍ଗ ।
କୁନ୍ତମୁନେ ପୃଥ୍ୱୀ ଧରିବାକୁ ସାମରଥ
କୁମାରର ମୁଣ୍ଡେ ପାଟ ଶୂନ୍ୟେ ଅଛୁ ଯଥା ।
ଦକ୍ଷିଣ ନଗ ରଜାଙ୍କୁ ସାଧିଲ ଯେ ହେଲେ
ଚନ୍ଦ୍ରପୁର ଧ୍ୱଂସ ହେଲ ଯାର ଭୁଜବଳେ ।
ନକୁଳ ମହାବୀର ଯେ ଛନ୍ତି କାର ରୂପେ
ଅସାଧ୍ୟକୁ ସାଧ୍ୟ କଲ୍ଲ ମନ୍ତ୍ର ମହାଦର୍ପେ ।
ସ୍ୱାମି ନ ଜାଣି ବୃଥାରେ କାରେ କୋପ କରୁ
ଜୀଉ ଜୀଉ ମରଣକୁ କିପାଁ ଇଚ୍ଛା କରୁ ।
ସ୍ୱାମି ମନ୍ତ୍ରୀ ଚୂଡ଼ାମଣି ଯାହାକୁହିଁ ବୋଲ
ମନ୍ତ୍ରେ ସାଧିଲ୍ଲ ପୃଥୁନା ଗୋଧନର ପଲ ।
ପୂର୍ବେ ନଗବଳେ କଲ୍ଲ ସେହୁ ଯାରକାଳେ
ସାତସହସ୍ର ରଜାଙ୍କୁ ଖଟାଏ ସେ ବଳେ ।
ଏବେ କୁରୁବଳ ଏକାଦଶ କ୍ଷୌଣୀ ମୂଳେ
ପ୍ରଥମ ସମରେ ଆସି ଗୋଧନ ବେଢ଼ିଲେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏକା ଏ ଗୋପାଳରୂପେ ବହୁଯୁଦ୍ଧ କଲା
ଦୁର୍ଯ୍ୟୋଧନ ଦର୍ପ ଧ୍ୱଂସି ଗୋରୁ ଛଡ଼ାଇଲା ।
ଏକ ଏକ ଜଣ ତାତ ଏସନ ମହିମା
ଦେବ ଦାନବେ ଅକ୍ଷମ ଲଙ୍ଘିବାକୁ ସୀମା ।
ଅଜ୍ଞାନ ହୋଇଣ ପିତା କୋପ କରୁ ତୁମ୍ଭ
ସିଂହର ଗ୍ରାମରେ କାହିଁ ଶୃଗାଳ ଉଦଭ ।
ସ୍ୱାମି ଅନ୍ନପୂର୍ଣ୍ଣା ଅଟଇ ଦ୍ରୁପଦ ଦୁଲଳୀ
ସୈରିନ୍ଧ୍ରୀ ରୂପରେ ସେହି ସତ୍ୟବ୍ରତ ପାଳ ।
ଏ ମହାଭୟ ଉଶ୍ୱାସ କରବା ନମିତ୍ତ
ପ୍ରତ୍ୟକ୍ଷରେ ଅନ୍ନପୂର୍ଣ୍ଣା ସ୍ତ୍ରୀରୂପେ ଜାତ ।
କଉରବଙ୍କର କୋପେ ଦ୍ରୁପଦର କନ୍ୟା
ମେଦିନୀ ଭାର ନିମନ୍ତେ ଯା କେଶ ମୁକୁଳା ।
କୀଚକ ଶତ ସୋଦର ଯାର ବୋଲେ ମଲେ
ଗୁପତେ ରହିଲେ କେହି ଜାଣି ନ ପାରିଲେ
ଉତ୍ତମ କୁମର ଯହୁଁ ଏମାନ କହିଲା
ଖଡଗ ପକାଇ ରଜା ମୂର୍ଚ୍ଛାଗତ ହେଲା ।
କୋଳଙ୍କର ବରାଟକୁ ଧଇଲା ଉତ୍ତର
ଜଳ ଆଣିଣ ସିଞ୍ଚିଲା ମୁଖରେ ତାହାର ।
ସାଷ୍ଟାମ ହୋଇ ବସିଲା ତହୁଁ ନୃପଗଣ
କପାଇଁ ରେ ପୁତ୍ର ମୋର ରହିଲା ଏ ପ୍ରାଣ ।
ମୁହିଁ ହୀନ ମୂର୍ଖ ତାଙ୍କୁ ନ ପାରିଲି ଜାଣି
ଗୃହେ ରହିଲେ ଠାକୁର ପୁଣି ଠାକୁରାଣୀ ।
ଠାକୁର ପଣେ ମୁଁ ବହୁ ଭୁକାରି ବୋଇଲି
ଆବର କପାଳେ ପଶାକାଠି ଘାତ କଲି ।
ଯେତେକ ଭର୍ତ୍ସନା ତାଙ୍କୁ କରିଅଛି ମୁହିଁ
ଭୀମସେନ ଠାକୁର ତା ସହିବେ କପାଇଁ ।
ଜଗଜ୍ଜନନାଥ ମୋର ପୂର୍ବେ ବଡେ କଲ
ସେବା କରିବାକୁ ମୋତେ ବିଧାତା ନ କଲା
କେଉଁ ବାଗରେ କୁମର ରହିବଇଁ ମୁଖ
ଏହିକ୍ଷଣି ଶିର ମୋର କାଟିବେ ପ୍ରତ୍ୟକ୍ଷ ।
ଭୀମସେନ ରହିଛନ୍ତି ହାରକୁ ଆବୋରି
ତାଙ୍କ କୋପକୁ ତ୍ରୈଲୋକ୍ୟ ଲୋକେ ଥାନ୍ତି ଡରି
ଉତ୍ତର ବୋଇଲା ତାତ ନୁହଇ ଏମନ୍ତ
ଅଜାତଶତ୍ରୁ ଅଟନ୍ତି ଯୁଧିଷ୍ଠି ପଣ୍ଡିତ ।
ତାହାଙ୍କରକୋପ ଯେବେ ତୋତେହୋଇଥାନ୍ତା
କୀଚକ ବଧବେଳେ କି ତୋ ଜୀବନ ଥାନ୍ତା ।
ତାହାଙ୍କର ତଣ୍ଡୁ ଯେବେ ଲୋପତୋଟେଥିଲା
ବିରାଟେଶ୍ୱର ଯେ ତୋତେ ବାନ୍ଧିକରି ନେଲା
ତାଙ୍କ କୋପ ଥିଲେ କାହୁଁ ଆସନ୍ତୁ ବରାଟେ
ପଶାକାଠି ମାରିଲୁ ତୁ କୋନ୍ତଙ୍କ ଲଲାଟେ ।
ଭୂମିରେ ପଡ଼ନ୍ତା ଯେବେ ତାଙ୍କ ରକ୍ତ ଫୁଟି
ତୋର ରାଜ୍ୟରେ ନୁହନ୍ତା ବାରବର୍ଷ ବୃଷ୍ଟି ।
ତାହାଙ୍କର କୋପ ଯେବେ ହୋଇଥାନ୍ତା ତାତ
ମୋର ସଙ୍ଗେ କପାଇଁ ନ ଆସିଥାନ୍ତେ ପାର୍ଥ ।
ଯୁଧିଷ୍ଠି କପାଳେ ଯେବେ ଦେଖିଥାନ୍ତେ କ୍ଷତ
କ୍ଷଣକେ ସମ୍ପଦ ତୋର ନଷ୍ଟଦ୍ୟନ୍ତେ ତୂତ ।
ଅପାପୀ ଅକୋପୀ ଯାର ଦେହେ କୋପ ନାହିଁ
ତାହାଙ୍କୁ ତୁ ମନେ ଭ୍ରାନ୍ତ କରୁ କାର୍ଯ୍ୟପାଇଁ ।
ପିତା ଆଗରେ ଉତ୍ତର ଏମନ୍ତ କହିଲେ
ପର୍ବତକୁ ଟେକି ନାଥ ଟେଳାରେ ମାଇଲେ ।
ପୁନରପି ବୋଇଲେ ତାତ ଶୁଣ ତୁମ୍ଭେ ଭଲେ
ସମୁଦ୍ର ପୋତି ହୁଏ କି ଧୂଳି ପକାଇଲେ ।
ପର୍ବତ ସମାନ ଭୁଜାପଟର ଉପରେ
ଲୁହାନେଇ ପିଟିଲେ କି ଭଗ୍ନ ହୋଇପାରେ
ଭୁଜଙ୍ଗର ବଳ ଯେବେ ପ୍ରବଳ ହୁଅଇ
ସେ କି ବଞ୍ଚିପାରେ ତାତ ବୈନତେୟ ଠାଇଁ
ବହୁତ ସଂଖ୍ୟକ ଗଜ ଯେବେ ହସ୍ତି ଠୁଳ
ଏକା କେଶରୀରେ ମର୍ଦ୍ଦି ହୋଇବେ ସକଳ ।
ପୃଥିବୀ ଠାକୁର ଯେହୁ ପ୍ରଭୁ ଚକ୍ରପାଣି
ଏହାଙ୍କ ପାଦେ ପ୍ରଣାମ କରନ୍ତି ସେ ପୁଣି ।
ଉଠ ଉଠ ତାତ ବେଗେ ଛାଡ଼ ମନୁ ଭ୍ରାନ୍ତି
ମହତ ଦର୍ଶନେ ସିନା ପାଇ ସଦବୃତ୍ତି ।
ଆହେ ଜଗନ୍ନାଥ ଜଗଜ୍ଜନ ରକ୍ଷାକାରୀ
ବଡ଼ ଦେଉଳରେ ବସି ଶୁଣୁଛ ଗୁହାରି
ଦରିଦ୍ର ସୁଦାମାଠାରେ ଦୟା ପ୍ରକାଶିଲ
ଅଚଳାଚଳ ସମ୍ପଦ ତାକୁ ସମର୍ପିଲ ।
ଭକତ ଜନଙ୍କଠାରେ ସଦା ଦୟା କରି
ଭକତ ନିମନ୍ତେ ଦୁଃଖ ପାଉଛ ଅପାରି ।
ଏମନ୍ତ ଦୟାକୁ ନାଥ ମୋର ଥାଉଁ ଥାଉଁ
ଶାରଳା ଦାସର କସ ପ୍ରୟୋଜନ ଆଉ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିରାଟ ଯୁଧିଷ୍ଠିରଙ୍କ ନିକଟରେ ଅନୁନୟ, ଯୁଧିଷ୍ଠିରଙ୍କ ପୁନର୍ବାର ଅଭିଷେକ ଓ ଉତ୍ତରାକୁମାରୀର ବିବାହ ନିର୍ବନ୍ଧ

ଅଗସ୍ତି କହୁଅଛନ୍ତି ଆହେ ମନୁଗଣ
ଏଥିଅନ୍ତେ ଯାହା ହେଲା ସେହି କଥା ଶୁଣ ।
ମକର ଶୁକ୍ଳ ସପ୍ତମୀ ପୁଣି ଚନ୍ଦ୍ରବାର
ଅଶ୍ୱିନୀ ନାମେ ନକ୍ଷତ୍ର ଭୋଗ ସେ ଦିନର ।
ଅଶ୍ୱିନୀ ନକ୍ଷତ୍ରକୁ ଅମୃତ ଯୋଗ ଅଟେ
ଦ୍ୱିଜା ମେଷ ରାଶି ପୁଣି ଯୁଧିଷ୍ଠିରଙ୍କ ଅଟେ ।
ହସ୍ତାକନ୍ୟା ବିରାଟର ଦିନୁ ଉଭୟରେ
ଆଉ ମୀନଲଗ୍ନ ବେଳ ନ ଦଣ୍ଡ ମଧ୍ୟରେ ।
ସପ୍ତମରେ ବୃହସ୍ପତି ଶନି ଲାଭ ଘରେ
ଷଷ୍ଠେ ଚନ୍ଦ୍ରଧାରୀ ଗ୍ରହ ଶୁଭ ଦୃଷ୍ଟିଠାରେ ।
ଉତ୍ତର ବଚନେ ଶୁଣି ମନୁ ଭ୍ରାନ୍ତିମାନ
ମନ୍ତ୍ର ଅବା ତାନ୍ତୁ ଯାଇ କରିବ ଦର୍ଶନ ।
ବୋଲିବେ ପାଣ୍ଡବେ ବଞ୍ଚି ବିରାଟ ଭବନ
ପୁଣି ବୃକୋଦର ତାଙ୍କ ବଧିଲେ ଜୀବନ ।
ଇହଲୋକେ ଜନ୍ମି ନର ନିଶ୍ଚୟ ମରିବ
ତାଙ୍କ ହସ୍ତେ ମଲେ ମୋର ସ୍ୱର୍ଗଗତି ହେବ
ଏପରି ସୁଲଭ କପାଁ ଦେବ ପରହର
ଏହା ବିଚାରି ଗଳାରେ ବାନ୍ଧିଲା କୁଠାର ।
ଦନ୍ତରେ ତରଣ ମୁଖେ ଦଶନଖ ଭରେ
ସୁଦେଷ୍ଣା ରାଣୀ ସହିତ ଉତ୍ତର କୁମରେ ।
ତ୍ରାହି ତ୍ରାହି କରି ବୋଲି ଡାକେ ମତ୍ସ୍ୟାଧିପ
ଦ୍ୱାରେ ଦେଖିଲା ଯାଇଣ ଭୀମର ପ୍ରକୋପ
ମହାଭୟ ଉପୁଜିଲା ସେ ରୂପକୁ ଦେଖି
କାଳଚକ୍ର ପ୍ରାୟେକ ଯେ ବୁଲେ ତାର ଆଖି ।
ବିରାଟ ବୋଲେ ଉତ୍ତର ରଖ ମୋ ଜୀବନ
ନିଶ୍ଚୟ ଏହିକ୍ଷଣି ମୁଁ ବିସର୍ଜିବି ପ୍ରାଣ ।
ବିରାଟ ସୁଦେଷ୍ଣା ରାଣୀ କୁମାର ଉତ୍ତରି
ଭୀମସେନଙ୍କ ସମ୍ମୁଖରେ ବେଗେ ଯାଇ ଲେଟି ।
ବିରାଟ ଯାଇଣ ପାଦେ କଲେ ନଉଛଳି
ଝାଳରେ କର୍ଦ୍ଦମ ହେଲା ଲାଗି ଭୂମିଧୂଳି ।
କଟୁଦୂରେ ତିନିଜଣ ଯାଇଣ ପ୍ରଣମି
ବୋଲନ୍ତି ଦାସର ଦୋଷ କ୍ଷମା କର ସ୍ୱାମି ।

ମୂର୍ଖି ଅଜ୍ଞାନ ପୁରୁଷ ଅଟେ ମହାଦୋଷୀ
କୋନ୍ତଙ୍କର ସମୀପରେ ଆସ୍ଥାନରେ ବସି ।
ତୁମ୍ଭେ ଜଗ ଦୃଷ୍ଟ ସ୍ୱାମି ଆସ୍ଥାନର ତଳେ
ପୂର୍ବଦୋଷ ନ ଧରିବା ମୋର ଏତେବେଳେ
ଅଥବା ସମୁଦ୍ର ଯେବେ ଲଙ୍ଘ ବାକ ମହୀ
ପୃଥ୍ୱୀ ମାତ୍ର ତାହା କେବେ ନ ପାରିବ ସହି ।
ସ୍ୱାମି ଇନ୍ଦ୍ର ବୃଷ୍ଟି ଯେବେ କରିବ ପର୍ବତେ
ସଚରାଚର ପୃଥ୍ୱୀ ଏ ବର୍ତ୍ତିବ କେମନ୍ତେ
ଏହା ଶୁଣି ବୃକୋଦର ହରଷିତ ମୂର୍ତ୍ତି
ଦେଖି ବିରାଟ ଛାଡ଼ିଲା ନିଜ ମନୁ ଭ୍ରାନ୍ତି ।
ଭୀମସେନ ବୋଲେ ରାଜା କ୍ଷଣେ ଆସ ରହି
ଆଜ୍ଞା ହୋଇଲେ ହାଉ ହୋ ଛାଡ଼ିଦେବି ମୁହିଁ
ଅର୍ଜ୍ଜୁନ ରହିଲେ ସଭା ତଳରେ ଯେ ଥାଇ
ଦେଖିଲେ ବିରାଟ ନୃପ ଦ୍ୱାରେ ଛନ୍ତି ରହି ।
ଅର୍ଜ୍ଜୁନ ବୋଇଲେ ଦେବ ରାଜା ଅଛି ଦ୍ୱାରେ
ଭୀମ ତାକୁ ପଶିବାକୁ ନ ଦିଏ ଭିତରେ ।
ଯୁଧିଷ୍ଠି ବୋଇଲେ ଯାଇ କହ ତୁ ଭୀମକୁ
ଭିତରକୁ ଛାଡ଼ିଦେଉ ରାଜା ବିରାଟକୁ ।
ଆଜ୍ଞା ପରମାଣେ ଗଲା ବୀର ଫାଲଗୁନ
ବିରାଟକୁ ସଙ୍ଗେ ଘେନି ଆସିଲା ସେକ୍ଷଣି ।
ଶ୍ରୀମୁଖ ଗୋଟିକୁ ଦେଖି ମତ୍ସ୍ୟ ମହୀପାଳ
ଭୂମିପାତ କଲା ଯାଇ ଧର୍ମ ପାଦତଳ ।
ଧନ୍ୟ ସ୍ୱାମି ମୋ ଜୀବନ ପୂର୍ବ ତପବଳେ
ନିରଞ୍ଜନ ସ୍ୱାମୀଙ୍କୁ ମୁଁ ଦେଖିଲଇଁ ଡୋଳେ ।
ମୋହର ରାଜ୍ୟେ ଅଛନ୍ତି ଯେତେ ପ୍ରଜାଜନ
ସାଧୁ ଧନ୍ୟ ଧନ୍ୟ ଅଟେ ତାଙ୍କର ଜୀବନ ।
ଆପଣଙ୍କ ପାଖେ ଦୋଷ କରିଛି ମୁଁ ମନ୍ଦ
ଚିହ୍ନି ନ ପାରିଣ ମୂର୍ଖି ଚିନ୍ତିଲି ପ୍ରମାଦ ।
ଏହିପରି ବାକ୍ୟ ଶୁଣି ଧର୍ମଙ୍କ ନନ୍ଦନ
ବୋଇଲେ ହେ ରାଜା ଚିନ୍ତା ନ କର ତୁ ମନ
ଅଛନ୍ତି ବହୁତ ରାଜା ଏ ମହୀମଣ୍ଡଳ
କେହି ସହି ନ ପାରିଲେ ଆମ୍ଭର ଆର୍ଦ୍ଦୋଳ ।
ତୋ ଠାରେ ଦୋଷ ଆମ୍ଭେ କରିଛୁ ଯୁକତେ
ତୋର ଶଳାଶଳା ନାଶକଲୁ ଅକର୍ମତେ
କୀଚକ ବଧ ଶୁଣିଣ ଚଳିଲେ ବଇରି
ଦଣ୍ଡି ଘେନିବା ଧଇଁଗଲି ତୋତେ ନେଲା ଧରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଏଣେ କଳିଙ୍ଗଦେଶ ରାଜା ନାମ ଶାରବାହୁ
ସଇନ ଘେନଣ ଯୁଦ୍ଧ କଲା ଆସି ସେହୁ ।
ଭୀମସେନ ବୋଲେ ମୋର ଯେଉଁ ଭାଇଘୋଟି
ବେଳେ ଅନ୍ନ ଭୁଞ୍ଜାଇ ସେ ଖାଟିଏ ପଉଟି ।
ସେହି କୋପକଲେ କମ୍ପେ ଏହି ମହୀସ୍ଥଳୀ
ତୁମ୍ଭ ରାଜା ସହିଅଛି ତାହାର ଆର୍ଦୋଳ ।
କହିବାକୁ ଶକ୍ତି ନାହିଁ ତୋହର ମହିମା
ପ୍ରତ୍ୟକ୍ଷେ ଅଟୁ ତୁ ମୋର ପଣ୍ଡୁ ମହାତମା ।
କଲା ଉପକାରକୁ ଯେ ନ ଘେନଇ ଜନ
ସେ ପ୍ରାଣୀ ପ୍ରତ୍ୟକ୍ଷେ ନର୍କେ ହୁଅଇ ଯେ ଲୀନ
ହେ ବିରାଟ ଯେତେକାଳେ ଥିବ ପୃଥିବୀରେ
ତୋହର ଗୁଣକୁ ଘୋଷୁଥିବି ମୁଁ ମୁହଁରେ ।
ତୋହର ଅନ୍ନ ଖାଇ ମୁଁ ମହୀତଳେ ବର୍ତ୍ତି
ତୁମ୍ଭ ମୋତେ ସମ୍ଭାଳିଲୁ ବିରାଟ ନୃପତି ।
ତୋହର ଅନ୍ନ ଖାଇ ମୁଁ ହୋଇଲି ନିସ୍ଥଳ
ତୋ ଅନ୍ନ ଖାଇ ନାଶିଲୁ କୀଚକ ଯେ ମଲ୍ଲ ।
ହେ ବିରାଟ କଂସ କେଶୀ ମୁଷ୍ଟିକ ଯାମଳ
ପ୍ରଳମ୍ବା ବକା ଅର୍ଘାଢ ଯେତେ ମହାବଳ ।
ଜରା ନାରକା ଆବର ଶିଶୁପାଳ ଶାଲୁ
ଦନ୍ତବକ୍ର ହିଡ଼ିମ୍ବକ ଦୈତ୍ୟ ଯାହା ବୋଲୁ ।
ନିବାତ ହିରଣ୍ୟ କାଳନେମି ମେରୁଶୂଳ
ଗୋ ସିଂହ ବାଣା ନିକୁମ୍ଭ କୁମ୍ଭ ମହାମଲ୍ଲ ।
ଲୋହଶୂଳ କାଳକେତୁ ଏମାନେ ଯା ବୋଲି
ଏହାଙ୍କଠାରୁ କୀଚକ ଅଟେ ବଡ଼ ବଳୀ ।
ଏମାନଙ୍କ ଭାର ସହି ନ ପାରି ବସୁଧା
ମୁଖବାଟେ ରକ୍ତବହେ ହୁଏ ବହୁ ବାଧା ।
ମହାଭାର ପାଇ ଆକୁଳରେ ବସୁନ୍ଧରୀ
ଦେବ ସଙ୍ଗରେ ଯାଇ ସେ କହିଲା ଗୁହାରି ।
ପୃଥିବୀ ବିକଳ ଦେଖି ସର୍ବ ବୃନ୍ଦାରକେ
କ୍ଷୀର ସମୁଦ୍ରେ କହିଲେ ପ୍ରଭୁଙ୍କୁ ପ୍ରତ୍ୟକ୍ଷେ ।
ଦେବତାମାନଙ୍କ ଛଳେ ଶ୍ରୀରାମ ଲକ୍ଷ୍ମଣ
ପୁଣି ଦ୍ୱାପରେ ଜନ୍ମିଲେ କାହ୍ନୁ ସଙ୍କର୍ଷଣ
ଭୀମ ଅର୍ଜୁନ ନକୁଳ ମନ୍ତ୍ରୀ ସହଦେବ
ଏହାଙ୍କୁ ସଙ୍ଗେ ଆଣିଲେ ପ୍ରଭୁ ବାସୁଦେବ ।
ଏ ଷଡ଼ଜଣ ଜନ୍ମିଲେ ଆସି ମହୀତଳେ
ମହୀଭାର ନିବାରନ୍ତି ଏହୁ ସର୍ବକାଳେ ।

ବିରାଟେ ସର୍ବଦା ଗୋପ୍ୟ ଅଟନ୍ତି କୃଷ୍ଣାକୁ
ଦେବଙ୍କୁ ଏ ଅଗୋଚର ତୁ ତାଙ୍କୁ ନ ଚାହୁଁ
ପୂର୍ବେ ତୁମ୍ଭ ଆମ୍ଭ ଅଙ୍ଗୁ ହୋଇଅଛୁ ଜାତ
ଉପର ଜନ୍ମରେ ତୋର ନାମ ଅଟେ ଶ୍ୱେତ
ଧର୍ମଙ୍କର ଆଜ୍ଞା ମୋତେ ହୋଇଲା ଆକାଶେ
କୀଚକକୁ ବଧ ଯାଇ ଅଜ୍ଞାତର ବାସେ ।
ତାହାଙ୍କର ଆଜ୍ଞା ମୁହିଁ ନ କଲି ଅବଜ୍ଞା
କୀଚକ ନାଶି ରଖିଲୁ ଆମ୍ଭର ପ୍ରତିଜ୍ଞା ।
ତୁମ୍ଭେ ମୋର ଧର୍ମପିତା ଅଟ ହେ ବିଭୁରେ
ନକୁଳ ବୋଲେ ବିରାଟ ବସ ଆସ୍ଥାନରେ ।
ସ୍ୱାମି ମୁଁ ମାନବ ଏହୁ ଦେବତା ଆସ୍ଥାନ
ଏ ଆସ୍ଥାନେ ବସିବାକୁ ମୁହିଁ କି ଭାଜନ ।
ଆସ ଆସ ବସ ଏବେ ନକୁଳ ବୋଇଲେ
ବଡ଼ଭାର ଦେବ ତୁମ୍ଭେ ଛାଡ଼ା ହୋଇଥିଲେ ।
ଯୁଧିଷ୍ଠି ବୋଇଲେ ମନେ ନ ଧର ବିକୃତ
ଆମ୍ଭେ ପଞ୍ଚଭ୍ରାତା ତୋତେ ଘେନ ଷଡ଼ଭ୍ରାତ ।
ଏହି ମଣ୍ଡଳେ ହୋଇବୁ ତୁମ୍ଭ ଅଧିପତି
ସହସ୍ର ରାଜା ଉପରେ ହେବୁ ନରପତି ।
ହସ୍ତିମସ୍ତକେ ହୋଇବୁ ତୁମ୍ଭ ଅଧିକାରୀ
ଆସ ଆସ ବିରାଟ ତୁ ଘେନ ମୋର ଶାଢ଼ୀ ।
ହସ୍ତକରେ ଶାଢ଼ୀ ଘେନଣ ଧର୍ମଙ୍କ ତନୟ
ପ୍ରଣତ ହୋଇ ବିରାଟ ଘେନିଲା ମଥାଏ ।
କୁନ୍ତୀ ବୋଇଲେ ବିରାଟ ମାଗ ଯେତେ ଇଚ୍ଛା
ଦେବା ଏହିକ୍ଷଣି ଯାହା ଅଟେ ମନୋବାଞ୍ଛା ।
ବିରାଟ ବୋଇଲେ ସ୍ୱାମି ଦେବ ଯେବେ ବର
ତେବେ ପ୍ରତ୍ୟୟ ହୋଇବ ମନକୁ ମୋହର
ମୋର ଉତ୍ତରା କନ୍ୟାକୁ ବରନ୍ତୁ କିରୀଟୀ
ଏହାକଲେ ମନୁ ମୋର ଭ୍ରାନ୍ତି ଯିବ ଫିଟି ।
ଧର୍ମ ବୋଇଲେ ପାର୍ଥର ସୁଭଦ୍ରା ଭାରିଯା
ତାହାର ସେ ଦାର ରାମକୃଷ୍ଣ ଦେବରାଜା ।
ହଉରବାଳୀ ପ୍ରଦାନ କଲେ ଅର୍ଜୁନକୁ
ଅପ୍ରୀତି ହୋଇବ ତୋର ଶ୍ରୀରାମ କୃଷ୍ଣଙ୍କୁ ।
ଏ ସମ୍ପଦ ଅରଜିଲୁ ଯେବେ ତୁ ସମ୍ଭାଳି
ତୋତେ ଯେ କୋପ କରିବେ ରାମ ବନମାଳୀ
ଅର୍ଜୁନ ବୋଲେ ବିରାଟ ଏମନ୍ତ ନ କୁହ
ଆବର କଥାଏ ଏଥେ ଅଛଇ ସନ୍ଦେହ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଧର୍ମେ ସେ କନ୍ୟା ଥାନ୍ତ ଅଟେ ଶିଷ୍ୟପୁତ୍ରୀ
ତାହାର ମୋହର ବାନ୍ଧି ମିଳନ ଯୁକତ ।
ଯୁଧିଷ୍ଠି ବୋଇଲେ ଯେବେ କଲୁ ଅପ୍ରତ୍ୟୟ
ବନ୍ଧୁତ୍ୱ ହୋଇଲେ ତୋର ହୋଇବା ପ୍ରତ୍ୟୟ ।
କୁମାରେକ ଅଛଇ ହେ ଅର୍ଜୁନର ସୂନୁ
ରାମ କୃଷ୍ଣଙ୍କ ଭଣଜା ନାମ ଅଭିମନ୍ୟୁ ।
ତୋରକନ୍ୟା ବୟସରେ ହେବେ ଏକାସର
ଅଭିମନ୍ୟୁଙ୍କୁ ପ୍ରଦାନ କର ତୋ କୁମାରୀ ।
ବିରାଟ ବୋଇଲେ ମୁଁ ହସ୍ତରଲି ଧନ୍ୟରଲି
ଏ ବୁଦ୍ଧିଟା ପ୍ରସାଦେ ମୁଁ ମୁକତି ଲଭିଲି ।
ଆନନ୍ଦେ ଆଜ୍ଞା କରିଲେ ଯୁଧିଷ୍ଠିର ଦେବ
ବିଭାର ବିଧି ବିଧାନ କର ହେ ସମ୍ଭବ ।
ବିରାଟ ବୋଲେ ମାଗିବି ମୁହିଁ ଏକ ବର
ଅଭିଷେକ ହୋଇ ରାଜ୍ୟ ଭୁଞ୍ଜ ମୋହର ।
ମତ୍ସ୍ୟ ମଧ୍ୟଦେଶ ଲୋକେ ଦେଖି ଅଭିଷେକ
କୋଟିଏ ଜନ୍ମର ଯେତେ ହରନ୍ତୁ ପାତକ ।
ଏହା ଶୁଣି ଧର୍ମସୁତ କଲେ ସମ୍ମତ
ଅଭିଷେକର ଯୋଗାଡ଼ ହୋଇଲା ତୁରିତ ।
ଯୁଧିଷ୍ଠିର ଅଭିଷେକ ବାରତାକୁ ଶୁଣି
ମରୁତ ଦେଶର ରାଜା ବହେ ଥାଟ ଘେନ ।
ଶତେ ଅଶ୍ୱ ପାଞ୍ଚ ଐରାବତ ପଲାଣିରେ
କ୍ଷଣକେ ଆକାଶେ ଗମି ପଇନ୍ତି ବଳରେ ।
ଭାଣିଦ୍ରବ୍ୟ ଶତେ ରଥ ଘେନ ଶିବରାଜା
ଯୁଧିଷ୍ଠିରଙ୍କ ପଦ୍ମରେ ଦେଇ କଲେ ପୂଜା ।
ସାଧୁ ସାଧୁ ପୁଣ୍ୟ ମୋର ବୋଇଲେ ରାୟଶିବ
ହୃଦମଧ୍ୟେ ଲୟ କଲେ ଯୁଧିଷ୍ଠିର ଦେବ ।
ପୁଣ୍ୟବଳରେ ମୋହର ଦେଖି ପଦପତ
ଅନେକ ସାନନ୍ଦେ ରାଜ୍ୟ ହେଲି କୃତକୃତ୍ୟ ।
ଶିବରାଜା ଶ୍ୱେତଗଜେ ଧର୍ମ କଲେ ବଜେ
କରିଲେ ଭ୍ରମଣ ସାରା ମତ୍ସ୍ୟ ନଗରରାଜ୍ୟ ।
ସୁଶୀଳା କାମିନୀଗଣ କରେ ଅର୍ଘ୍ୟ ଘେନ
ଜୟ ଜୟ ଶବଦକୁ କଲେ ସୁଭମନ
ଯୁଧିଷ୍ଠିର ଅଭିଷେକ ହେବାରୁ ବିଦିତ
ବହୁ ଦେଶର ବାରତା ଦେଲେ ଯାଇ ଦୂତ
ପଞ୍ଚାଳ ଦେଶର ରାଜା ଦ୍ରୁପଦ ନୃପତି
ଆସିଲେ ପଦୁକ ହସ୍ତୀ ପୁଣି ପଦ୍ମ ରଥୀ
ବୃହପଦ୍ମ ଯୋଦ୍ଧାରେ ଯେ ସେତୁ ଅଧିପତି
ନବକ୍ଷୌଣୀ ବଳ ଘେନ ପଞ୍ଚାଳ ନୃପତି
ସଙ୍ଗରେ ଘେନିଲେ ପୁଣି ପାଞ୍ଚ କୁମରଙ୍କୁ
ଆନନ୍ଦେ ବାହାର ହେଲେ କନ୍ୟା ଦେଖିବାକୁ
ଦଣ୍ଡ ସମ୍ଭବେ ସଙ୍ଗରେ ଘେନ ଭନ୍ତକୋଷ
ଦଣ୍ଡ ସେନ ପ୍ରବେଶିଲେ ମତ୍ସ୍ୟ ମଧ୍ୟଦେଶ ।
ନଗରେ ପ୍ରବେଶ ଆସି ହୋନ୍ତେ ଦଣ୍ଡଧାରୀ
ଅସ୍ଥାନେ ବାର୍ତ୍ତା ଜଣାଏ ଗୃହ ଆସିକର ।
ସ୍ୱାମି ପଞ୍ଚାଳ ଦେଶର ନୃପତି ସୃଜତେ
ଧୃଷ୍ଟଦ୍ୟୁମ୍ନ ପଞ୍ଚାଳାଦି କୁମର ସଙ୍ଗତେ ।
ଆସିଲେ ଜଣାଇ ଦେଖା କରାଇଲେ ସ୍ୱମ୍
ଦୂରନ୍ତୁ ପଞ୍ଚକୁମରେ ଆସିଣ ପ୍ରଣମ୍ୟ ।
ହସ୍ତୀଉପରେ ବଳୟ ଧର୍ମଙ୍କର ସୁତେ
ଢୋଳେ ଧରିଛନ୍ତି ପୁଣି ଦ୍ରୁପଦ ଦୁହିତେ ।
ପଞ୍ଚାଳ କୁମାରମାନେ ତାକୁ ଦେଖି କାନେ
ଆନନ୍ଦରେ ଅଶ୍ରୁଜଳ ବୁହାଇଲେ ଡୋଳେ ।
ଗଜେ ଆରୋହଣ କରି ଅର୍ଘ୍ୟଥାଳ ଘେନ
ଓହାଣ ପାଖେ ଚଳନ୍ତି ବୀର ଯେ ପାବନ ।
କିରୀଟୀ ମୁକୁଟ ମାଥେ ହାତେ ଧରି ଧନୁ
ବାମପାଶେ ରହିଛନ୍ତି ବାସବର ସୂନୁ ।
ଗଜ ଏକ ଆରୋହଣ କୁମାର ନକୁଳ
ପଛୁଆଡ଼ି ଥାଟେ ଜଗିଛନ୍ତି ସୈନ୍ୟବଳ
ହସ୍ତୀ ଚଢ଼ି ଧନୁଶର କନ୍ଧରେ ଖରଗ
ଭୂତ ଭବିଷ୍ୟତ କହେ ସହଦେବ ମନ୍ତ୍ରୀ ।
ବିରାଟକୁମାର ଶ୍ୱେତ ନାମେ ଯେ ନନ୍ଦନ
ପାଞ୍ଚଲକ୍ଷ ବଳ ଚଳେ ଧର୍ମ ସନ୍ନିଧାନ ।
ଗଜ ଏକ ଆରୋହଣ ବିରାଟ ଭୂପାଳ
ଚାମର କରେ ଢାଳନ୍ତି ଅଭ୍ୟନ୍ତରେ ମେଳ ।
ଯାଜକେଶ୍ୱର ମନ୍ତ୍ରୀ ଯେ ପୁଣି ପୁରୋହିତେ
ଚାମରେ ଶୁମରେ ସେତୁ ଧରିଜନ୍ତି ହାତେ ।
ଦ୍ରୁପଦର ନନ୍ଦନ ଯେ କୁମର ଶିଖଣ୍ଡୀ
ଲକ୍ଷେ ଯୋଦ୍ଧା ଘେନ ସେତୁ ଆଗରେ ସହଣ୍ଡି
ଶ୍ୱେତ ହସ୍ତୀ ଆରୋହଣ ପଞ୍ଚାଳଈଶ୍ୱର
କନକର ଦଣ୍ଡ ଏକ ଧରିଛନ୍ତି କର ।
ମରୁତ ଦେଶରୁ ରାଜା ଶିବ ନରପତି
ଗଜ ଆରୋହଣ କରେ ଧରିଛନ୍ତି ଛତ୍ରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯୁଧିଷ୍ଠି ଦେବଙ୍କ ଅଭିଷେକ ସମୟେ
ଭେଟିଲ କୀଚକ ପିତା ସଂକୋଚନ ରାୟେ ।
ଦନ୍ତରେ ତୃଣ ଦଶନଖ ଭରି ମୁଖେ
ଅଶ୍ରୁଜଳ ନୟନରୁ ବହେ ମହାଦୁଃଖେ ।
ବିରାଟଙ୍କୁ ସଙ୍ଗେ ଘେନି ଭୂମିରେ ପ୍ରଣମି
ବୋଇଲ ମୋହର ପ୍ରାର୍ଥନା ଘେନ ଦେବସ୍ୱାମି
ବିରାଟ ବୋଇଲେ ଦେବ ଘେନ ନିବେଦନ
କୀଚକର ପିତା ଏହାର ନାମ ସଂକୋଚନ ।
ଦେଖି ସାନନ୍ଦ ହୋଇଲେ ଧର୍ମ ଅଧିକାରୀ
ଶ୍ରୀଭୁଜେ ସଂକୋଚନଙ୍କୁ ଦେଲେ ଶାଢ଼ୀ ଧରି
ବୋଇଲେଆଜ୍ଞାମୋତେସେଦେଲେଦେବରାୟେ
ପୃଥିବୀର ଭାର ହେଲ ତୋହର ତନୟେ ।
ତାଙ୍କୁ ବଧ କଲୁ ଭାରା ହରଣ ନିମନ୍ତେ
ଆଉ ଦେଇ ନ ପାରିବୁ ତୋତେ କଦାଚତେ
ସଂକୋଚନ ବୋଲେ ସ୍ୱାମି ଦୁଷ୍ଟ ନିସୂଦନ
ଅସଜ୍ଜନ ନାଶି କରେ ସନ୍ଥଙ୍କୁ ପାଳନ ।
ଭୀମ ହସ୍ତରେ କୀଚକ ଯେଣୁ ନାଶଗଲା
ପୂର୍ବଜନ୍ମେ ଅଶ୍ୱମେଧ ଯାଗ କରିଥିଲା ।
ଅନେକ ରତନମାନ ସଂକୋଚନ ଦେଇ
ପୁଣି ବହୁତ ପ୍ରଶଂସା କଲା ତାଙ୍କୁ ସ୍ତୁହିଁ ।
ଏହି ପରକାରେ ମଧ୍ୟ ମତ୍ସ୍ୟଦେଶ ଭୂମି
ଦେଖି ଉତ୍ସବ ହୋଇଲେ ଅମରାଧିସ୍ୱାମୀ ।
ମଧ୍ୟଦେଶ ମତ୍ସ୍ୟଦେଶେ ହୋଇଲା ଉତ୍ସବ
ରାଜାଙ୍କ ମଣୋହି ବିଧି କରେ ମତ୍ସ୍ୟଦେବ ।
ସମରାଜ୍ୟ ଲୋକମାନେ ବେଢ଼ିଣ ଦେଖନ୍ତି
ବିଜେ କଲେ ଧର୍ମରାଜ ବାହାର ଜଗତି ।
ସ୍ନାହାନ ମାଜଣା ଆଦି ସାରି ନିତ୍ୟକର୍ମ
ରାଜାଙ୍କୁ ଘେନି ମଣୋହି ବିଜେ କଲେ ଧର୍ମ
ମଣୋହି ଉପରେ ପୁଣି ଆଚମନ ସାରି
କର୍ପୂର ବିଡ଼ିଆ ଲାଗି ହେଲେ ବେଗକରି ।
ନମସ୍ତେ ନମସ୍ତେ ପ୍ରଭୁ ନମୋ ନାରାୟଣ
ଅଶେଷ କୋଟି ଜୀବଙ୍କ ଅଟୁ ତୁ କାରଣ ।
ବ୍ରହ୍ମାଣ୍ଡ ଅଟଇ ପ୍ରଭୁ ତୋର ଖେଳଘର
କାହାକୁ ରଖୁଛୁ କାହେ କରୁଛୁ ସଂହାର ।
କାହେ ରାଜା କାହେ ପ୍ରଜା କରି ରଙ୍ଗାଳୟେ
ହଜାଇ ରଙ୍ଗ କରାଇ ଦିବସ ଖୋଜାଏ ।
କାହାକୁ ତୁ ଶାନ୍ତ କାହେ ଦୁର୍ଦ୍ଦାନ୍ତ କରାଉ
ଏହି ପରକାରେ ଖେଳ ସଦା କରୁଥାଉ ।
ତୋହର ଅଶେଷ ମାୟା କେ ପାରିବ କହି
ସଂସାର ସାଗରୁ ମୋତେ ବାରେ କରି ଥାଇ
ଏବେ ତୋ ଅଭୟ ପାଦେ ପଶିଣ ଶରଣ
ଶାରଳା ଦାସ ମାଗଇ ସେ ମୋକ୍ଷ ନିର୍ବାଣ ।

ଅଭିମନ୍ୟୁଙ୍କର ଉତ୍ତରା ସହିତ ବିବାହ

କହନ୍ତି ଅଗସ୍ତି ମୁନି ଶୁଣ ମୁନିଗଣ
ଅଭିମନ୍ୟୁ ଉତ୍ତରାର ବିଭା ବିବରଣ ।
ଯୁଧିଷ୍ଠିଦେବ ବୋଇଲେ ସହଦେବେ ସ୍ତୁହିଁ
ଦ୍ୱାରକାପୁରକୁ ଏବେ ଯାଅ ବେଗ ହୋଇ ।
ବିଭାର ସନ୍ଦେଶ କହି ଶ୍ରୀରାମ କୃଷ୍ଣଙ୍କୁ
ସଙ୍ଗରେ ଘେନି ଆସିବୁ ତୁ ଅଭିମନ୍ୟୁଙ୍କୁ ।
ସ୍ୱାମୀଙ୍କର ଆଜ୍ଞା ପାଇ ମନ୍ତ୍ରୀ ଚୂଡ଼ାମଣି
ଚଳେ ଦ୍ୱାରକାକୁ ଘେନି ଥାଟ ଯେ ପଲଣି ।
ସହଦେବ ପ୍ରବେଶନ୍ତେ ଯାଇଣ ଦ୍ୱାରକା
ଶ୍ରୀହରି ଦେଖିଲେ ଆସେ ସହଦେବ ଏକା ।
ବୈନତେୟ ଆରୋହଣ ଦେବ ନାରାୟଣ
ସହଦେବଙ୍କୁ ଭେଟିଲେ ବାହା ପସାରେଣ ।
ପାଶେ ମିଳି ସହଦେବ ବୋଇଲେ ପ୍ରଣମି
ମତ୍ସ୍ୟଦେଶକୁ ବିଜୟ କରିବା ହୋ ସ୍ୱାମି ।
ବିରାଟ ରାଜାର କନ୍ୟା ଉତ୍ତରା କୁମାରୀ
ସନ୍ଧିତେ ଅଭିମନ୍ୟୁର ବିଭା ହେବ ହରି ।
ସେହି ଶବ୍ଦେ ପ୍ରୁଡ଼ଣ ଦେବ ଅଶ୍ୱଗୋଟି
ମନ୍ତ୍ରୀ ଘେନି ବିଜେ କଲେ ବୈନତେୟ ପିଠି
କୋଳେ ଘେନି ସହଦେବ ମନ୍ତ୍ରୀ ଚୂଡ଼ାମଣି
ଦ୍ୱାରକାପୁରେ ପ୍ରବେଶ ହେଲେ ଚକ୍ରପାଣି ।
ସଭାରେ ବିଜୟ କରିଛନ୍ତି ବଳଦେବ
ଆସ୍ଥାନେ ତଳେ ପ୍ରଣାମ କଲା ସହଦେବ ।
ସମଦଣ୍ଡ ସାଜ ପ୍ରଭୁ ମତ୍ସ୍ୟଦେଶେ ଯିବା
ବିରାଟ କନ୍ୟାକୁ ଅଭିମନ୍ୟୁ ବିଭା ହେବା ।
ବଳଦେବ ମୌନବ୍ରତ ହେଲେ ତାହା ଶୁଣି
ପୁଣି ବୋଇଲେ ହେ ତୁମ୍ଭେ ଶୁଣ ଚକ୍ରପାଣି
ବିବାହ ବିଧାନ ସବୁ ଆୟୋଜନ କରି
ସୁଭଦ୍ରା ଅଭିମନ୍ୟୁଙ୍କୁ ସଙ୍ଗେ ଯାଅ ଧରି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କୃଷ୍ଣଙ୍କୁ କହିଲେ ଯନ୍ତୁଁ ଏହା ବଳଦେବ
ପାଦତଳେ ବାରମ୍ବାର ନମେ ସହଦେବ ।
ସମଦଣ୍ଡ ସାଜ ସ୍ୱାମି ମତ୍ସ୍ୟଦେଶେ ଯିବା
ଗୋବିନ୍ଦ ବୋଇଲେ ତୁମ୍ଭେ ବିଜୟ କରିବା
ସହଦେବ ବଳରାମ ପାଦରେ ପ୍ରଣମି
ତୁମ୍ଭେ ନ ଗଲେ କି ଶୋଭା ହେବ ଦେବସ୍ୱାମି
ନଉଘୋଳ ପୁରୁଷ ଯେ ଅଟ ମହାଯୋଗୀ
କ୍ଷଣକେ ତପ୍ୟାସାଗର କ୍ଷଣେ ମହାରାଗୀ ।
କୃଷ୍ଣଙ୍କ ବଚନେ ପୂର୍ବଦୋଷ କଲେ ଚେଜ୍ୟା
ଦଣ୍ଡ ସାଜବୋଲି ଆଜ୍ଞା ଦେଲେ ଦେବରାଜା
ଯଦୁବଂଶ ଘେନ ଉଗ୍ରସେନ ନରପତି
ସାଜିଲେ ସେ ସମଦଣ୍ଡ ତିନଖର୍ବ ରଥୀ ।
ଭୋଜବଂଶର ନୃପତି ସମର୍ଥକ ଜତ
ସାଜିଲେ ସେ ସମଦଣ୍ଡ ତିନଖର୍ବ ରଥ ।
ଶୂରସେନ ନରପତି କୃଷ୍ଣବଂଶେ ରାଜା
ପାଞ୍ଚଖର୍ବ ରଥୀ ଯୋଦ୍ଧା ଆଣିଲେକ ସଜ୍ଜା ।
କୁକଳପୂବଂଶୀ ରାଜା ଅଟେ ବଡ଼ ଦୁଷ୍ଟ
ପାଞ୍ଚଲକ୍ଷ ରଥୀ ଘେନ ସାଜିଲେ ଟା ଥାଟ ।
ଅନ୍ଧକବଂଶ ଗୋପାଳସେନ ମହାରାଜା
ପାଞ୍ଚଲକ୍ଷ ରଥୀ ପୁଣି ସେହୁ କଲେ ସଜ୍ଜା ।
ହଇହୟବଂଶ ରାଜା ଅଟଇ ଉଦ୍ଧବ
ପଦ୍ମେ ଯୋଦ୍ଧା ଘେନଲେ ସେ ବଡ଼ାଇ ସମ୍ଭବ
ତୃହାଣବଂଶର ରାଜା ନାମ ଉପନନ୍ଦ
ସାଗରେ ରଥୀ ମୁକୁଟବନ୍ଧା ତିନବୃନ୍ଦ ।
ଏ ଅଧିରେ ରାଜାମାନେ ନିଜ ରଥ ମଣ୍ଡି
କରେ ଧରି ଶେଲ ଚକ୍ର କୃପାଣ ଭୂଷଣ୍ଡି ।
ଅଷ୍ଟରତ୍ନରେ ମଣ୍ଡିଲେ ସବୁଙ୍କର ରଥ
ଉଦେଗିଲ ପ୍ରଦକ୍ଷିଣ ହେଲେ ଗ୍ରହାକାନ୍ତ ।
ନନ୍ଦଘୋଷ ରଥ ଆଣି ମଣ୍ଡିଲେ ଦାରୁକ
ଉପରରେ ଶୋଭାବନ ଜଣପୂ ଅନେକ ।
ତାଳଧ୍ୱଜ ରଥ ଆଣି ମଣ୍ଡିଲେ ସାତ୍ୟକି
ବଳରାମ ଦେବ ବିଜେ କରିଲେ ତହିଁକି ।
ବତିଶ ସହସ୍ର କନ୍ୟା ଅଷ୍ଟ ପାଟବଂଶୀ
ଏହାଙ୍କୁ ଘେନି ବିଜୟ କଲେ କେଶୀଧ୍ୱଂସି ।
ଲକ୍ଷେ ଷାଠିଏ ସହସ୍ର ଅଶୀଏ ନନ୍ଦନ
ଏମାନେ ବିଜୟ କଲେ ଯେ ଯାହା ସ୍ୟନ୍ଦନ ।

ଅଭିମନ୍ୟୁ ପୃଷ୍ଠ ଘେନ ବିଜୟେ ସୁଭଦ୍ରା
ଏମ୍ଭପରି ବିଜେ କଲେ ଶ୍ରୀରାମ ଗୋବିନ୍ଦେ ।
ଯେ ଯାହା ବାହାନ ଚଢ଼ି ଅସ୍ତ୍ର ଧରି କରେ
ଅନେକ ରତ୍ନାଳଙ୍କାର ଭୂଷଣ ଶରୀରେ ।
ଦକ୍ଷିଣରେ ସଜନନ୍ଦ ବାମରେ ଲଙ୍ଗଳ
କାଦମ୍ବରୀ ପାନେ ହେଉଁ ସ୍ୱାମୀ ମତ୍ତହେଳ ।
କୋଟି କୋଟି ସଂଖ୍ୟା ସିଂହ ଯାର ପରକ୍ରମ
ଅଗ୍ରେ ହେଲେ ତାଳଧ୍ୱଜ ରଥ ବଳରାମ ।
ଦ୍ୱାରକାକୁ ରକ୍ଷା କଲେ ଚଉଶର ଯତି
ସମଦଣ୍ଡ ଘେନ ପ୍ରଭୁ ବିଜୟ କରନ୍ତି ।
ବହୁତ ସମ୍ପଦ ଘେନ ଦେବ ହୃଷୀକେଶ
ମତ୍ସ୍ୟ ଦେଶରେ ଯାଇଣ ହୋଇଲେ ପ୍ରବେଶ
ବାରତା ପାଇଲେ ଯନ୍ତୁଁ ରାଜନ ଯୁଧିଷ୍ଠି
ସମଦଣ୍ଡ ଘେନ ବେଗେ ଚଳିଲେ ପାଖେଣ୍ଟି ।
ମଦ ମତ୍ସ୍ୟ ଯେ ମରୁତ ଦେଶର ସଇନ
ବିରାଟ ବିଜୟ କଲା ଏତେ ସୈନ୍ୟ ଘେନ ।
ଯୁଧିଷ୍ଠି ପାଦେ କେଶବ ହୋଇଲେ ପ୍ରଣମି
ଅନୁଗ୍ରହ କର ନାଥ ପ୍ରସନ୍ନ ହେ ସ୍ୱାମି ।
ସମଦଣ୍ଡକୁ ଘେନିଣ ନୃପତି ପଞ୍ଚାଳେ
ବିରାଟ ସଙ୍ଗେ ପ୍ରଣତି କଲେ କାମପାଳେ ।
ସ୍ୱାମୀ ଲଭିଲେ ପରମ ଗତି ଧର୍ମଫଳେ
ପୁଣ ପୁଣ ପ୍ରଣମଇ କୃଷ୍ଣ ପାଦତଳେ ।
କୃଷ୍ଣ ବୋଇଲେ ବିରାଟ ପର୍ବଜନ୍ମେ ତୁମ୍ଭ
ତପସ୍ୟା କରିଣ ଥିଲ ବହୁ କଷ୍ଟ ସହି ।
ସେହି ପୁଣ୍ୟେ ଯୁଧିଷ୍ଠିର ଠାକୁର ତୋ ପୁରେ
ବିଶ୍ରାମ କରିଲେ ଆସି ଅତି ଆଦରରେ ।
ବିଜୟ କଲେ ଆସ୍ଥାନେ ଧର୍ମ ନରପତି
ବଳରାମ ଯୁଧିଷ୍ଠିର ପାଶରେ ବସନ୍ତି ।
ବଳରାମ ଯୁଧିଷ୍ଠିର ଆରେ ବିଜେ ହରି
ମସ୍ତକେ ହସ୍ତ ଦେଇଣ ଛନ୍ତି ଅପସରି ।
ବିରାଟ ଦ୍ରୁପଦ ଉଚ୍ଚ ଆସ୍ଥାନର ତଳେ
ବିରାଟ ଜଣାଏ ପଡ଼ି ରାମ ପାଦତଳେ ।
ସ୍ୱାମି ସେବା କରିବାକୁ ନୁହେ ମୁଁ ଭାଜନ
ଉତ୍ତରା ଅଭିମନ୍ୟୁକୁ କରିବି ପ୍ରଦାନ ।
ଗୋବିନ୍ଦ ବୋଇଲେ ଏହା ଅଟେ ତୋ ଭାଗ୍ୟ
ତୋହର ଆମ୍ଭର ପୂର୍ବୁ ଅଛି ଏହି ଯୋଗ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

କର ତୁ ଉତ୍ସବ ଏବେ ବିଶ୍ୱର ବିଧାନେ
ଚଳଇ ବିରାଟ ତହୁଁ ଅତି ତୋଷମନେ ।
ସ୍ଥାପ୍ୟ ମଣ୍ଡପ ନିର୍ମାଣ କଲ ନୃପମଣି
ପାଞ୍ଚକୋଶ ଆୟତନ ସବୁକୁ ନିର୍ମାଣି ।
ସୁବର୍ଣ୍ଣର ସ୍ତମ୍ଭ ହୀରାପଙ୍କରେ ଗୁଞ୍ଜଣି
ଦରପଣ ପନ୍ତ ପନ୍ତ ମୁକ୍ତା ରତ୍ନମଣି ।
ପାଞ୍ଚ ଅପୂର୍ବ ଆଲମ୍ବ ରଚନା କରନ୍ତି
ଶତ ଶତ ହୀରା ଚଉପାଶରେ ଖଞ୍ଜନ୍ତି ।
ମାଣିକ୍ୟ ରତ୍ନର ଶ୍ରେଣୀ ମର୍କତର କାଣ୍ଡ
କନକପଟ୍ଟ ଗୁଞ୍ଜଣି ଜଣେ ମାରତଣ୍ଡ ।
କନକର ଗୁଚ୍ଛ ପଟା ମାଳରତ୍ନେ ଶୋଭା
ଜଳଧର ଘନେ ଯେହ୍ନେ ବିଜୁଳିର ପ୍ରଭା ।
ମର୍କତ ପଦ୍ମକେଶର ପୁଣି ବଇଦୂର୍ଯ୍ୟ
ପାଖୁଡ଼ା ମାଳା ମୁକୁତା ବେଢ଼ରେ ବିରାଜ ।
ପାଣିପାଟିଆ କୁଞ୍ଜର ଦନ୍ତେ ନିର୍ମାଣିଛି
ତହିଁ ଉପରେ ରଥାଣ୍ଡପଟ୍ଟ ପଡ଼ିଅଛି ।
ଅନେକ ଭଣ୍ଡାରମାନ ବାଧ୍ୟଂସି ବିରାଟ
ବିପୁଳ ଭୁବନ ଜିଣି ଶୋଭା ଦିଶେ ଥାଟ ।
ସ୍ତମ୍ଭ ସମସ୍ତଙ୍କ ମଧ୍ୟରେ ଚନ୍ଦ୍ରାତପ ଗୋଟି
ଏ ବିଧିରେ ନବଲକ୍ଷ ଘର ତହିଁ ସୃଷ୍ଟି ।
ପାଣିପାଟିଆ ରତନେ କଣସ୍ତ ପିଛୁଳ
ହୀରାମାଳା ମାଣିକ୍ୟରେ ଦିଶଇ ସେ ଝଳ ।
ଉପରରେ ସୁବର୍ଣ୍ଣର କଳସ ବସଇ
ସେ କଳଶେ ଲକ୍ଷେ ମାଡ଼ ସୁବର୍ଣ୍ଣ ଲାଗଇ ।
କଳସ ଉପରେ ନେତ ପତାଙ୍ଗ ଗୋଟିଏ
ଦେହ ବିକାଶ ପତନ ତହିଁ ଲମ୍ବି ଥାଏ ।
ଏହି ପ୍ରକାରେ ସୁସଜ୍ଜା କରଇ ବିରାଟ
ଅଳକାପୁରକୁ ଜିଣି ଦିଶଇ ମୁରାଟ ।
ତଳେ ସ୍ଫଟିକର ପିଢ଼ ମୁକୁତାର ଝର
ଏସନ ସୁସଜ୍ଜେ ସଭା ନିର୍ଭାକଲ ଭ୍ୱର ।
ଦେଖି ପ୍ରଶଂସା କରଲେ ଦେବ ଚକ୍ରପାଣି
ଧନ୍ୟ ତୁ ବିରାଟ ରାଜା ଅଟୁ ବୀରମଣି ।
ଚତୁର୍ଦ୍ଦିଗେ ଦୂତମାନେ ପେଷେ ମତ୍ସ୍ୟପତି
ଉତ୍ସବ ବିବାହ ବୋଲି ଡାକରେ କହନ୍ତି ।
ନଇଷଧ ରାଜା ଅଟେ ଭୂମନ୍ୟୁ ନନ୍ଦନ
ଦଣ୍ଡସାଜ ଆସିଣ ସେ ଦେଲା ବହୁଧନ ।

କାଞ୍ଚନଦେଶର ରାଜା ନାମ ଉଦେମାଳ
ବଡ଼ାଇ ସମ୍ଭବେ ସେହୁ ଅଇଲାକ ଚଳ ।
ବ୍ରହ୍ମପୁର ରାଜା ନାମ ଅଟଇ କେତନ
ଦଣ୍ଡ ଘେନି ଆସେ ତୁଲେ ଲକ୍ଷେଭାର ଧନ ।
ଭାନୁପୁର ନରରାଜା ଅଟଇ କେଶରୀ
ସମଦଣ୍ଡ ଆଣେ ଯାଣିଦ୍ରବ୍ୟ ରଥ ସ୍ଥିର ।
ମଧୁପୁର ରାଜାନାମ ଜୀମୂତ ବାହନ
ଆଣିଥିଲ ସଙ୍ଗେ ସ୍ଥିରଲକ୍ଷ ଯେ ଗୋଧନ ।
ପାଣିମଣ୍ଡଳର ରାଜା ସେ ପଦ୍ମକେଶରୀ
ଅନେକ ସମ୍ଭବେ ଆସେ ଘେନି ଦଣ୍ଡଧାରୀ ।
ଦେବଶୁଭ ନଗ୍ର ରାଜା ନାମ ପଦ୍ମଦାସ
ବହୁତ ଆଣିଲା ସେହୁ ପାଣିଦ୍ରବ୍ୟ କୋଷ ।
ଗୌଳ ମଣ୍ଡଳର ରାଜା ନାମ ହରନାଥ
ସୈନ୍ୟ ତୁଲେ ଆଣେ ପାଣିଦ୍ରବ୍ୟ ସାତ ରଥ
ବିଜୟ ନଗର ରାଜା ଅଟେ ରିଭୁପର୍ଣ୍ଣ
ସ୍ଥିରଶତ ଅଶ୍ୱ ସଙ୍ଗେ ଆଣିଲା ବହନ ।
ଉଜ୍ଜୟ ଦେଶର ରାଜା କଉସ୍ତୁଭସେନ
ବଡ଼ ସମ୍ଭବେ ସସୈନ୍ୟେ ଅଇଲା ରାଜନ ।
ମହୀନ୍ଦ୍ର ମଣ୍ଡଳେ ଧନାଧିପ ବୋଲି ରାଜା
ସହସ୍ରେକ ମତ୍ତହସ୍ତୀ ଘେନି କଲା ପୂଜା ।
ରଣପୁର ନଗରର ବିଖ୍ୟାତ ନୃପତି
ବଡଇ ସମ୍ଭବେ ସେହୁ ଅଇଲା ତଡ଼ିତ ।
ଜେନାବଳପୁରେ ବଣିକେଶନ ଯେ ରାଜା
ଲକ୍ଷ ସୁବର୍ଣ୍ଣ ଘେନଣ ସେହୁ କଲା ପୂଜା ।
ଯୁଧିଷ୍ଠିର ପଶୁରଲେ ଶୁଣ ହେ ବିରାଟ
ହସ୍ତିନା ଦୂତ ପଠାଅ ଆସୁ ଧୃତରାଷ୍ଟ୍ର ।
ଭୀଷ୍ମ ଦ୍ରୋଣ ଭୂରିଶ୍ରବା ଆହର ବିଦୁର
କର୍ଣ୍ଣ ଶକୁନିର ତୁଲେ ମହା ମହା ବୀର ।
ଦୁର୍ଯ୍ୟୋଧନ ସହିତରେ ତାର ଶତେ ଭାଇ
ଅଣାଅ ତାହାଙ୍କୁ ବେଗେ ଦୂତଙ୍କୁ ପଠାଇ ।
ଆପଣେ ଯୁଧିଷ୍ଠି ଲେଖା ଲେଖିଲେ ଶ୍ରୀହସ୍ତେ
ଏହା ନେଇ ଦେବୁ ଧୃତରାଷ୍ଟ୍ରଙ୍କ ଅଗ୍ରତେ ।
ବଡ଼ ସମ୍ଭବେ ଆସନ୍ତୁ ଏଥେ କୁରୁପତି
ଯୋଗେ ବିଭା ହେଉଅଛି ତାହାଙ୍କର ନାତି ।
ଯୁଧିଷ୍ଠିରଙ୍କ ପତର ବିରାଟ ଅକ୍ଷତ
ଘେନ ଚଳିଗଲେ ବାମଦେବ ପୁରୋହିତ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସହସ୍ରେକ ଯୋଦ୍ଧା ଗଲେ ପୁରୋଧାଙ୍କ ତୁଲେ
ପାଞ୍ଚଦିନରେ ବାରୁଣାବନ୍ତେ ଯାଇ ହେଲେ ।
ଗୋଧନର ହରଣରୁ ଗଲେ କୁରୁପତି
ଧୃତରାଷ୍ଟ୍ର ସେନ ତହୁଁ ସମସ୍ତଙ୍କ ଶାନ୍ତି ।
ଇନ୍ଦ୍ରପ୍ରସ୍ଥରେ ବିଜୟ ଗାନ୍ଧାରୀର ସୁତ
ଅକ୍ଷତ ସେନା ସ୍ୱଦେଶ ଦେଲେ ପୁରୋହିତ ।
ମତ୍ସ୍ୟଦେଶୁ ଆଗତ ମୁଁ ବୋଲଣ ଜଣାଇ
ଆସ୍ଥାନେ ଆଜ୍ଞା ହୋଇଲେ ଆଣସି ସେନାଇ
କେଉଁ ଆଜ୍ଞା ବୋଲି ପୁଚ୍ଛାକଲେ କୁରୁପତି
ପଦ ଅକ୍ଷତ ଭୂମିରେ ଦେଲେ ନେଇ ଧାତି ।
ଧୃତରାଷ୍ଟ୍ରଙ୍କୁ ଯୁଧିଷ୍ଠିରଙ୍କର ନମସ୍କାର
ସହସ୍ରେକ ପ୍ରଣିପାତ ଅଟଇ ମୋହର ।
ଉଭୟ କୁଳଶୀଳର ବାରତା ଜଣାଇ
ସର୍ବ କୁଶଳରେ ଅଛୁ ଆମ୍ଭେ ପାଞ୍ଚଭାଇ ।
ଅଭିମନ୍ୟୁର ବିବାହ ଶୁଣି ଶୁଭ କଥା
ଶକୁନି କର୍ଣ୍ଣ ଦୁଃଶାସ ହେଲ ମନେ ବ୍ୟଥା ।
ଶୁଣିକରି ସାନନ୍ଦ ଯେ ହେଲେ ଧୃତରାଷ୍ଟ୍ର
ସଞ୍ଜୟକୁ ଆଜ୍ଞା ଦେଲେ ବେଗେ ସାଜ ଥାଟ ।
ପାଣ୍ଡବେ ଉଦ୍ଧତ ପୁଣି ଅଭିମନ୍ୟୁ ବିଭା
ସଜ ହୁଅ ଭୀଷ୍ମ ଦ୍ରୋଣ ବହନରେ ଯିବା ।
ମାନଗୋବିନ୍ଦ ବୋଇଲେ ଯାଅ ତୁମ୍ଭେ ତାତ
ଆମ୍ଭେ ଆସିଅଛୁ ଲଜ୍ଜା ପାଇଣ ବହୁତ ।
ନାସ୍ତି କରଣ ନୃପେନ୍ଦ୍ର ପଶେ ଅନ୍ତଃପୁରେ
ହୋଇ ନ ପାରନ୍ତି ସଜ ଯୋଦ୍ଧାଏ ଆତୁରେ
ଧୃତରାଷ୍ଟ୍ର ଭୂରିଶ୍ରବା ସଞ୍ଜୟ ବିଦୁର
ଏମାନଙ୍କୁ ସେନ ବେଗେ ହୋଇଲେ ବାହାର
କୁଞ୍ଜର ଦଶସହସ୍ର ଦଶସହସ୍ର ରଥୀ
ଲକ୍ଷେକ ତୁରଙ୍ଗ ତିନି ସହସ୍ର ପଦାତି ।
ଏତେକ ସୈନ୍ୟ ସେନଣ ଅମ୍ବିକାର ସୁତ
ଭୀଷ୍ମ ଦ୍ରୋଣ ସେନ ରାଜା ଚଳିଲ ତୁରିତ ।
ଧୃତରାଷ୍ଟ୍ର ବୋଲେ କୁହ ଦୁର୍ଯ୍ୟୋଧନ ଆଗେ
କାର୍ଯ୍ୟକୁ ମାନ କରଇ କପାଁ ଅନୁରାଗେ ।
ଅଜ୍ଞାନ ସମର ଅବା କଲେ ଅପରତେ
ସେହି କଥା ମନେ ଧର କପାଁ ପଛଦୁଷ୍ଟେ ।
ସମବନ୍ଧି ସେନକର ଯିବାକୁ ଆରମ୍ଭେ
ଅଭିମନ୍ୟୁକୁ ବିବାହ କରଇବା ସର୍ବେ ।

ଦୁହିଙ୍କଠେ ଜାତ ରାମକୃଷ୍ଣଙ୍କ ଭଣଜା
ସମବନ୍ଧି ସେନ ଆସିଛନ୍ତି ଦେବରାଜା ।
ଦୂରତେଣ ଜଣାଇଲେ ଦୁର୍ଯ୍ୟୋଧନ ଆଗେ
ନ ଶୁଣିଲ ସେ ଗୋଧନ ହରଣରେ ରାଗେ ।
ତେଣେ ବିରାଟ ଦେଶକୁ ଚଳେ ନୃପବର
ଯାଉଦିନେ ପ୍ରବେଶିଲେ ଯାଇ ମତ୍ସ୍ୟପୁର ।
ଦୂତରେ ଜଣାଇଲେ ତହୁଁ ଧର୍ମସୁତ ଆଗେ
ସମ୍ବନ୍ଧରେ ଧୃତରାଷ୍ଟ୍ର ଆସୁଛନ୍ତି ବେଗେ ।
ଆପଣେ ଯୁଧିଷ୍ଠିରେ ଚଳଲେ ପାଛୋଟି
ଭୀଷ୍ମ ଦ୍ରୋଣ ଧୃତରାଷ୍ଟ୍ର ପାଦତଳେ ଲୋଟି ।
ବିଦୁରଙ୍କୁ ଦେଖି ଧର୍ମ ବହୁ କଲେ ମାନ୍ୟ
ଆଦର ସ୍ନେହଙ୍କୁ ଯାଇ କଲେ ଆଲିଙ୍ଗନ ।
ଦେଖିକରି କୃତକୃତ୍ୟ ହୋଇଲେ ରାଜନ
ବାବୁ ପଣ୍ଡୁ ରାଜା ଧନ୍ୟ ତୋ ଜୀବନ ଧନ୍ୟ ।
ଏତେବୋଲି ମତ୍ସ୍ୟଦେଶେ ହୋଇଲେ ପ୍ରବେଶ
ବସିଲେ ସେ ଧୃତରାଷ୍ଟ୍ର ବଳରାମ ପାଶ ।
ବିରାଟ ଧୃତରାଷ୍ଟ୍ରଙ୍କୁ ଆସି ପ୍ରଣମିଲ
ବୋଲେ ମୋ ଜୀବନ ଆଜ ସଫଳ ହୋଇଲ
ବିରାଟ ପୁଚ୍ଛିଲେ କୁଳ କୁଶଳ ବାରତା
ବଳରାମଙ୍କୁ ପୁଚ୍ଛିଲେ ଅନ୍ଧ ନରପତି ।
ବନେ ପାଣ୍ଡବେ ଲଭିଲେ ବହୁତର ଦୁଃଖ
ମୋହର ଥାନ୍ତେ ସେମାନେ ହୋଇଲେ ନିରେଖ
ପୋଡୁ ଏ ଜୀବନ ମୋର ମରଣ ନ ହେଲା
କାହା ଦୁଃଖ ନ ଦେଖନ୍ତି କପାଇଁ ନ ଗଲା ।
ହେ ଧର୍ମ ନିରଞ୍ଜନ ହେ ମୋତେ କର ପାର
ପଣ୍ଡୁ ଅଂଶେ ଜାତ ହେଲେ ଏ ପାଞ୍ଚକୁମର ।
କୌରବ ପ୍ରଶଂସା ତାକୁ କଲେ ଅନୁରାଗ
ଯୁଧିଷ୍ଠି ବନ୍ଦନ୍ତି ଭୀଷ୍ମ ଦ୍ରୋଣଙ୍କର ଆଗେ ।
ଅନେକ କୁଶଳ ବାର୍ତ୍ତା ତାହାଙ୍କୁ ପଚାରି
ସକଳ କୁଶଳ ବୋଲି ବୋଲେ ଦଣ୍ଡଧାରୀ ।
ବନସ୍ତରେ ପାଇଥିଲେ ଯେତେ କଷ୍ଟମାନ
ଭ୍ରାତାଙ୍କ ବାକ୍ୟେ କହିଲେ ଧର୍ମଙ୍କ ନନ୍ଦନ ।
ଅନେକ ସାନନ୍ଦ ହେଲେ ଧୃତରାଷ୍ଟ୍ର ରାୟ
ଦେଖି କୃତକୃତ୍ୟ ହେଲେ ପଣ୍ଡୁର ତନୟ ।
ବିନୟ ହୋଇ ପୁଚ୍ଛିଲେ ଧର୍ମଙ୍କ ନନ୍ଦନ
ହେ ପିତା ନିର୍ଦ୍ଦୟ କପାଁ ମୋରେ ଦୁର୍ଯ୍ୟୋଧନ

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସେ ମୋର ସୋଦର ତାର କଲ କେଉଁଦୋଷ
ପୁତ୍ର ବଶ୍ଚ ଶୁଣି କପାଁ ନ ହେଲ ହରଷ ।
ଯୁଧିଷ୍ଠିରଙ୍କୁ କହିଲେ ଶୁଣି ଧୃତରାଷ୍ଟ୍ର
କୃଷ୍ଣ କି ନ ଜାଣୁ ସେହି ଅଟେ ବଡ ଦୁଷ୍ଟ ।
ଯୁଧିଷ୍ଠି ବୋଇଲେ ତାତ ଦୁଷ୍ଟ ଯେବେହେଲେ
ସମସ୍ତରେ ନାଶଯାନ୍ତି ଦୁର୍ବୁଦ୍ଧି କଅଲେ ।
ମହା ମହା ଦୁଷ୍ଟମାନେ ଥିଲେ ଏହି ଭୂମି
କଂସ କେଶୀ ପ୍ରଳମ୍ବାଦି ଅମ୍ବା କାଳନେମି ।
କାଳଯବନ ନାରକା ଜରାସନ୍ଧ ଆର
ବାଣ ବଜ୍ରନାଭ ଦୈତ୍ୟ ପୁତନା ଆବର ।
ଏମାନେ ଦୁଷ୍ଟପଣରେ ନାଶଗଲେ ତାତ
ଦୁଷ୍ଟପଣ କଲେ ପୃଥ୍ୱୀ ନ ସହେ ବହୁତ ।
ଗୋବିନ୍ଦ ବୋଇଲେ ଧର୍ମ ଲଭ ବହୁ ଦୁଃଖ
ଧୃତରାଷ୍ଟ୍ର ଅଗ୍ରତରେ ହୁଅନ୍ତୁ ବିମୁଖ ।
ମାଇଲ ମୁଁ କେଶୀ ଆଦି ଉଗ୍ରସେନ ସୁତ
ଏହିପରି କେତେ ଦୁଷ୍ଟ କରିଲି ମୁଁ ନଷ୍ଟ ।
ଶାନ୍ତିପନ ନାମେ ଋଷି ଅବନ୍ତୀ ନଗରେ
ବହୁତ ବାଳକ ପାଠ ପଢ଼ନ୍ତି ସେଠାରେ ।
ଆମ୍ଭେ ଦୁଇଭାଇ ଗଲୁ ପଢ଼ି ସେ ସ୍ଥାନକୁ
ବହୁତ କରିଲେ ଦୟା ଦେଖିଣ ଆମ୍ଭଙ୍କୁ ।
ପୁତ୍ରରୁ ଅଧିକ କରି ପଢ଼ାଇଲେ ସେହି
ଅନେକ ବିଦ୍ୟା ପଢ଼ିଲୁ ଆମ୍ଭେ ଦୁଇଭାଇ ।
ହେତୁମନ୍ତ ଦେଖିଣ ଯେ ପ୍ରଶଂସିଲେ ଗୁରୁ
ହୃଦଗତେ ବିସ୍ମରନ୍ତି ଆମ୍ଭର ପଢ଼ାରୁ ।
ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟା ପୂର୍ଣ୍ଣ ଶନିବାର
ଉତ୍ତରଭଦ୍ର ନକ୍ଷତ୍ର ଅଟେ ସେ ଦିନର ।
ଶାନ୍ତିପନ ନାହାନ୍ତି ଯେ ଆପଣାର ବାସ
ଗୃହେ ତାଙ୍କ ବନ୍ଧୁଜଣେ ହୋଇଲେ ପ୍ରବେଶ
ଶାନ୍ତିପନ ଋଷି ଭାର୍ଯ୍ୟା ନାମ ଅଟେ ଶ୍ରୀୟା
ସେଦିନ ଆମ୍ଭଙ୍କୁ ଡାକି ବୋଲେ ଗୁରୁପ୍ରିୟା ।
ବାବୁ ଆଜ କାଳି ନାହିଁ ବେଗେ ଯାଅ ବନ
ଶୁଖିଲା କାଠଗୁଡ଼ାଏ ଆଣ ଏହିକ୍ଷଣ ।
ଶୁଣିଣ ବୋଇଲୁ ଆମ୍ଭେ ତାହାଙ୍କ ବଚନେ
କପାଁ ଉପବାସ ହେବ କାଳିର ଦିବସନେ ।
କୁଠାର ଗୋଟିଏ ଆଣି ଦିଅ ଆଗୋ ମାଏ
ଏ ହିକ୍ଷଣି ଆଣିଦେବୁ କାଳେଣି ଗୁଡ଼ାଏ ।

କୁଠାର ଗୋଟିଏ ଆମ୍ଭ ହସ୍ତେ ଆଣିଦେଲେ
ଭଲକରି ଦୁଇଯୋଗ୍ଯ ଆଣିବ ବୋଇଲେ ।
ଗୁରୁପତ୍ନୀଙ୍କ ବଚନ ଆମ୍ଭେ ଶୁଣିକରି
ଭିତରେ ବଣକୁ ଗଲୁ କାଠ ଅନୁସରି ।
ଯେବେ ଦେଢ଼ ପ୍ରହରରେ ପ୍ରବେଶିଲୁ ବନେ
ମେଘ ଆସି ବରଷିଲା ଗହନ ଅରଣ୍ୟେ ।
ମୂଷଳ ଧାରା ପ୍ରାୟେକ ବରଷିଲା ନୀର
କ୍ଷଣେ ବିଶ୍ରାମ ନୋହିଲା ସେ ଦିନଯାକର ।
ଆଗରେ ଦେଖିଲୁ ରହିଅଛି ବୃକ୍ଷ ଏକ
ଦୁଇଗୋଟି କୋଟ ଅଛି ତାହା ଦୁଇପାଖ ।
ଦୁଇଭାଇ ଦୁଇ କୋଟେ ଯାଇଁ ପ୍ରବେଶିଲୁ
ଭୟରେ କାହାକୁ କେହି ଦେଖି ନ ପାରିଲୁ
ମହାବିଶାଳ ବୃକ୍ଷ ଯେ ଘୋର ତାର ଶାଖା
ଘୋର ବରଷଣେ ପ୍ରାଣେ ନ ଦିଶଇ ରେଖା
କୋଟରେ ଥାଇଣ ରାମ ଡାକିଲେ ଆମ୍ଭଙ୍କୁ
ମୁଁ ମଧ୍ୟ ଉଚ୍ଚସ୍ୱରରେ ଡାକିଲି ତାହାଙ୍କୁ ।
ବାରି ବରଷଣ କରି ଗରଜନ୍ତି ମେଘ
ନ ରହଇ ବରଷଣ ଦିବାରାତ୍ର ଭାଗ ।
ଉପବାସେ ଶୀତଭୟେ ସେ କୋଟରେ ପଶି
ବରଷୁଁ ବରଷୁଁ ରାତ୍ରି ପାହିଲାକ ଆସି ।
ପୁଣି ରଜନୀ ପ୍ରଭାତେ ନ ରହଇ ବୃଷ୍ଟି
ଉଚ୍ଚବୃକ୍ଷ ଉପରୁ ନ ପାରିଲୁ ଉଠି ।
ଆବର ଶୀତ ବାତରେ ଯୋଡ଼ିହିଁ ଅଚଳ
କମ୍ପଇ ଶରୀର ଦେଢ଼ ପ୍ରହର ଯେ ବେଳ ।
ଦୁଇଭାଇ ବସି ଭାକୁଥିଲୁ ସେହି ବନେ
ଉପବାସେ ଥିବେ ଘରେ କାଳିର ଦିବସନେ ।
କିସ ବୋଲି ବୋଲୁଥିବେ ଋଷିଙ୍କ ଭାର୍ଯ୍ୟା
କାର୍ଯ୍ୟକରି ନ ପାରିଲୁ ହେଲ ବଡ଼ ଲଜ୍ଜା ।
ଛେଦିଲୁ ବହୁତ ଶାଳବୃକ୍ଷରୁ ଗୁଡ଼ାଏ
ତରି ଦୁଇଭାଇ ବାନ୍ଧି ଗୋଟାଏ ଗୋଟାଏ ।
ଦିନ ଉପବାସ ଆରଦିନ ଅଧବେଳା
କାଠ ବୋହିଣ ଅଇଲୁଁ ନ କରଣ ହେଳା ।
ଦୁଇଗୋଟା କାଠ ଗୃହେ ପକାଇଲୁ ଆଣି
ଆମ୍ଭଙ୍କୁ ଧରିଣ ଶୋକ କଲେ ମହାମାଣୀ ।
ସେହୁ କାନ୍ଦନ୍ତେ ପାଇଲୁ ଆମ୍ଭେ ବଡ଼ ଲଜ୍ଜା
ବହୁତ କରି ବୋଲନ୍ତେ ଶୋକ କଲେ ତେଜ୍ୟା ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଶ୍ରୀ ବାସୁଦେବ କହିଲେ କଥାର ପ୍ରସ୍ତାବେ
ଧୃତରାଷ୍ଟ୍ରଙ୍କ କଥାରେ ହୋଇଲେ ଏ ଭାବେ ।
ଭୀଷ୍ମ ଦ୍ରୋଣ ହାହାକାର କଲେ ତାହା ଶୁଣି
ଦୁଃଖ ସୁଖ ଏକ କଲ ହେ ମହତ୍ତ୍ୱ ପ୍ରାଣୀ ।
ଦେହ ବହିଥିଲେ ହୁଏ ବହୁକଥା ଜାତ
ଯେହ୍ନେ ଏହା ବିଚାରନ୍ତି ସେ ମହାପଣ୍ଡିତ ।
ଏଥୁଅନନ୍ତରେ ନରେ ଶୁଣ ବିଦ୍ୟାବନ୍ତ
ବିଦୁର ବିଧି ବିଧାନେ ଯେବଣ ଯୁକତ ।
ଯେପରି ସୁସଜ୍ଜ ସଭା ଥିଲେ ସେ ନିର୍ମାଣି
ଦେଖି ପୂଜାକଲେ ତାଙ୍କୁ ଦେବ ଚକ୍ରପାଣି ।
ଲକ୍ଷେକ ସାମବେଦୀୟ ବ୍ରାହ୍ମଣ ସମସ୍ତେ
ଅମୃତର ରସପାନ କରନ୍ତି ହରଷେ ।
ଅନେକ ଅନ୍ନ ପାଇଣ ଜନେ ହେଲେ ସୁଖୀ
ଦେବତା ହୋଇ ହୁଅନ୍ତି ଯେଉଁ ଅନ୍ନ ଦେଖି
ସ୍ନାନ ତର୍ପଣ କରିଣ ସମସ୍ତ ନୃପତି
ମଣୋହ୍ର ପୀଠରେ ବସି ଭୋଜନ କରନ୍ତି ।
ବାସୁଦେବ ବୋଲି ଦ୍ୱିଜ ସୂପକାର-ବଂଶୀ
ହୋହର ପ୍ରସାଦେ ଆଣି ଅମୃତ ପରଷି ।
କ୍ଷୀର ସମୁଦ୍ରେ ଅଛନ୍ତି ବିରାଟେ ପରସ୍ତି
ଗୋରସ ପାନ କରିଲେ ଯାର ଯେତେଇଚ୍ଛା
ଭୁଞ୍ଜିଣ ତୃପତ ହେଲେ ସର୍ବ ମହୀପତେ
ଯେବଣ ରାଜାର ଯେତେ ଯୋଦ୍ଧା ଅମାତ୍ୟେ
ଆଚମନାନ୍ତ କର୍ପୂର ମିଶା ପାନ ଭୁଞ୍ଜି
ଆସି ଆସ୍ଥାନେ କୌତୁକେ ସର୍ବେ ହେଲେମଜ୍ଜି
ନୃତ୍ୟଗୀତାଦି କରନ୍ତି ବାରବିଳାସିନୀ
ବଳଦେବଙ୍କ ସହିତେ ବିଜେ ଚକ୍ରପାଣି ।
ସୁବର୍ଣ୍ଣ ମଢଇ ଏକ ବିରାଟର ଥିଲା
ତହିଁ ଜଗନ୍ନାଥଙ୍କର କୁଟୁମ୍ବ ସଞ୍ଚିଲ ।
ସମସ୍ତେ ପ୍ରଶଂସା କଲେ ଜୀବନ ତୋ ସାଧୁ
ଅନାଦି ପୁରୁଷଙ୍କୁ ତୁ ପାଇଲୁ ଯେ ବନ୍ଧୁ ।
ଏ ଦୁହିତା ଗୋଟି ତୋର କୁଳ ଉଦ୍ଧାରଣୀ
ସୋମବଂଶର ହୋଇଲା କୁଳର ମଣ୍ଡଣି ।
ବଳରାମ ବୋଇଲେ ସେ ନୁହେ କି ଏ କଥା
କଲ କର୍ମମାନ କେବେ ନୁହଇ ଅନ୍ୟଥା ।
ବିଭାଘରର ବିଧାନେ ବସି ଏବେ ସୁଖେ
ବିରାଟ ଖୁସି ହେଉଛି କନ୍ୟାଙ୍କ ଉତ୍ସୁକେ ।

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ନବମୀର ଦିନ
ମଙ୍ଗଳବାର କୃତ୍ତିକା ଋକ୍ଷ ବିଦ୍ୟମାନ ।
ତୈତିଳ ନାମେ କରଣ ପ୍ରୀତି ନାମେ ଯୋଗ
ଜାଳବେଳ ଶୁଭ ଯେ ଅମୃତ ଯୋଗ ଭୋଗ ।
ବିଭାର ଅନୁକୂଳକୁ ଧରି ପୁରୋହିତେ
ବିରାଟକୁ ବସାଇଲେ କର୍ମର ନିମନ୍ତେ ।
ବିଭାର ଦାରତା ପାଇ ବ୍ୟାସ ତପୋଧନ
କରନ୍ତି ସେ ଅନୁକୂଳ ମଙ୍ଗଳ ବିଧାନ ।
ଦେବତା ଗନ୍ଧର୍ବ ଆଦି ସର୍ବ ଦେବଗଣେ
କରନ୍ତି ସେ ଅନୁକୂଳ ମଙ୍ଗଳ ବିଧାନେ ।
ଦେବଳକ୍ଷ ଶିଷ୍ୟ ଘେନି ମୁନି ମାର୍କଣ୍ଡେୟ
ପ୍ରବେଶ ହୋଇଲେ ଆସି ରାଜାର ଆଳୟ ।
ଜଇମିନି କଣ୍ୱ ମୁନି କପିଳ ମହର୍ଷି
ଅଭିମନ୍ୟୁ ବିଭା ଶୁଣି ପ୍ରବେଶିଲେ ଆସି ।
ଦେଖିଣ ନୃପତିମାନେ କଲେ ପାଦପୂଜା
ବସିଲେ ସଭାରେ ମୁନିମାନେ ବ୍ରହ୍ମଦ୍ୱିଜା ।
କରନ୍ତି ମଙ୍ଗଳ ଯେହ୍ନେ ଯେବଣ ବିଧାନେ
ଦେବତା ଗନ୍ଧର୍ବ ପୁଣି ଯେତକ ସଇନ୍ୟେ ।
କୁଶଳେ ଗମନ କଲେ କୁମାର କୁମାରୀ
ସମସ୍ତ କଥା ବିରାଟ ଆଜ୍ଞା ଅବଧାରି ।
ଲାଗିଗଲା ପରିହାସ ହାସ ଗଣ୍ଡଗୋଳ
ଅନେକ ଉତ୍ସବ ହେଲା ବହୁତ ମଙ୍ଗଳ ।
କୁଙ୍କୁମରେ ଉତ୍ସବ ଯେ ହୋଇଲା ବହୁତ
ଏକକୁ ଆରେକ ଧରି ଲେପୁଛନ୍ତି ଗାତ୍ର ।
ପନ୍ଦରକୋଟି କରଷ ହଳଦୀ ସହିତ
ତିଳ ତଇଳ ସଂଯୋଗ କଲେ ମତ୍ସ୍ୟନାଥ ।
ମତ୍ସ୍ୟଦେଶରେ ମିଳିଲେ ଯେତେକ ଭୂପାଳ
ସକଳ ଯେ ବରଯାତ୍ରୀ ଅଛନ୍ତି କେବଳ ।
ରଥ କୁଞ୍ଜର ପଦାତି ଅଶ୍ୱ ଯେ ବହୁତ
ତାହଲେ ରାଜାଙ୍କୁ ଲୋକ ନୁହନ୍ତି ଆୟତ୍ତ ।
କୁଙ୍କୁମ ଲେପନ ହେଲେ ପୁରୁଷ ଯେ ସ୍ତ୍ରୀ
ରାଜାଙ୍କର ସୈନ୍ୟବଳ ପାଦ ଆଦିକରି ।
କୁଙ୍କୁମ ତୈଳ ଅର୍ଗଳା କରିଣ ଲେପନ
ବେଣୀଭଦ୍ରା ନଈରେ ଯେ ପଶିଲେ ଯାଇଣ
ନଦୀଯାକ ସବୁ ହେଲା କୁଙ୍କୁମର ପ୍ରାୟେ
ସେ ଅଗାଧଜଳେ ପାଞ୍ଚଯୋଜନର ଯାଏ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସ୍ନାନ ସାରିଣ ଦେବାଧିଦେବ ଭବଗ୍ରାହୀ
ଭୋଜନ ମନ୍ଦିରେ ଯାଇ କରିଲେ ମଣୋହି ।
କନକର ଥାଳମାନେ ରାଜାଙ୍କୁ ସେ ଦିଏ
ସୁପକ୍ୱ ଅନ୍ନ ରାଜାଙ୍କୁ ପରଷିଣ ଯାଏ ।
ପରିବେଷଣ କରନ୍ତି ସ୍ୱବେଦୀ ବ୍ରାହ୍ମଣ
ସ୍ତ୍ରୀମାନେ ଭୁଞ୍ଜନ୍ତି ବସି ଦେବ ନାରାୟଣ ।
ଭୋଜନ ବେଳ ସମୀପ ଜଣ୍ଟ ତ ନ ପାରି
ସହିଁର ନାରୀକ ଆପେ ଭଜେ ଦେବହରି ।
ଦୁର୍ବାଳଆ ଦ୍ୱିଜପଦ୍ମ ଛନ୍ତି ଯାର ଗାଈ
ପାଞ୍ଚପଦ୍ମ ଘିଅ ଦୁଗ୍ଧ ଯାର ନିତ୍ୟ ହୋଇ
ଛନିଲକ୍ଷ ଘିଅ ଯାର ନିତ୍ୟ ହୁଏ ଘୃତ
ସେ ତାର ଘରେ ଖାଇବା ଅଟେ ପୁରୁଷାର୍ଥ ।
ଯାହାର ଯେତେଜନ ଇଚ୍ଛା ଭୁଞ୍ଜି ଅପରିମିତ
ଭୋଜନ ଅନ୍ତେ ପ୍ରଶଂସା କରନ୍ତି ବହୁତ ।
ଭୋଜନ ଅନ୍ତରେ ପୁଣି ସନ୍ଧ୍ୟା ଅବକାଶ
ଯେତେକ ଲୋକ ବସିଛନ୍ତି ଯଦୁ ଭୋଜବଂଶ ।
ଜଣକରେ ରତ୍ନମାନେ ଦେଲେ ଅବକାଶ
ଏମନ୍ତ ପ୍ରତିବିଧିରେ ସମସ୍ତେ ହରଷ ।
ଶତେକ ରାଜାଙ୍କୁ ଭୂଷଣ ଦେଲେ ଏହି ବିଧି
କ ଅବା ପ୍ରାପତ ତାରେ ହେଲା ରତ୍ନନିଧି ।
କଣସ୍ତ ମଣ୍ଡପରେ ଯେ ପିଢ଼ା ସ୍ଫଟିକର
ମୁକୁତା ଗୁଆ ତାଳ ଯେ ତହିଁର ଉପର ।
ରୁପାର ପାବଲ୍ଲ ତହିଁ କଣସ୍ତ ଗ୍ରାଏଣି
କାଠରେ ଖଞ୍ଜିଲେ ନେଇ ମାଣିକ୍ୟର ମଣି ।
ସେହି ମଣ୍ଡପର ତଳେ ବିଜେ ବାସୁଦେବ
ଚତୁର୍ଦ୍ଦଶ ବ୍ରହ୍ମାଣ୍ଡରେ ଯେ ଦେବାଧିଦେବ ।
ଅଷ୍ଟରତ୍ନରେ ଖଞ୍ଜିତ ଆସନ ଯେ ବିଧି
ତହିଁର ଉପରେ ବିଜେ କଲେ ଗୁଣନିଧି ।
ନନ୍ଦ ଉଗ୍ରସେନ ରାଜା ପୁଣି ବସୁଦେବ
ରାମକୃଷ୍ଣ ଧୃତରାଷ୍ଟ୍ର ଯେ ପଞ୍ଚ ପାଣ୍ଡବ ।
ଦ୍ରୌପଦୀ ଶିଖଣ୍ଡୀ ଧୃଷ୍ଟଦ୍ୟୁମ୍ନ ଭାଇ ବେନି
ପାଞ୍ଚାଳୀର କୁମରକୁ ସଙ୍ଗେ ଛନ୍ତି ଘେନି ।
ଅଭିମନ୍ୟୁ ବସିଛନ୍ତି ଜଗନ୍ନାଥ କୋଳେ
ମଧ୍ୟରେ କରିବେ ବିଜେ ମୁନିଏ ସକଳେ ।
ପୂର୍ବ ମୁଖରେ ବିରାଟ ପଶ୍ଚିମେ କିରୀଟୀ
ସନ୍ନିଧିରେ ଅର୍ଘ୍ୟ ଘେନି ବଜନ୍ତି ବିରାଟି ।

ପାଶେ ପୁରୋହିତେ ଥାଇ କଲେ ବେଦଧ୍ୱନି
ବେଦକାଳ ମହାବାକ୍ୟ ଉଚ୍ଚାରନ୍ତି ମୁନି ।
ଶଶଧରଗୋତ୍ରୀ ପୁଣି ଅଟନ୍ତି ଅର୍ଜୁନ
ଚନ୍ଦ୍ରଶିଳ ଗୋତ୍ରୀ ଅଟେ ବିରାଟ ରାଜନ ।
ଦ୍ୱିଜକୁଳର ଗୋତ୍ରକୁ ପୁଚ୍ଛି ପୁରୋହିତ
ଦେବ ପୂଜାଦି ବରଣ ସାରିଲେ ସମସ୍ତ
ବିରାଟ ଅର୍ଜୁନ କୃତ କରି ସମ୍ଭାଷଣ
ଉଭୟଙ୍କ ଅନୁମତେ ବୋଲନ୍ତି ବ୍ରାହ୍ମଣ ।
କରଣ ବିଧାନମାନ ସାରିଲେ ସରବେ
ଅଭିମନ୍ୟୁ ବସାଇଲେ ଅର୍ଜୁନ କୋଳରେ ।
ସ୍ୱୀକାର ବରଣକୁ ସାରି ମହୀପତି
ଏ ମୋହର ସତ୍ୟ ସତ୍ୟ ନିବାର ବୋଲନ୍ତି ।
ସକଳ ରମଣୀ କରେ ଘେନି ଅର୍ଘ୍ୟଥାଳ
ମଙ୍ଗଳ ଗୀତକୁ ଗାଇ ଦ୍ୟନ୍ତି ହୁଳହୁଳି ।
ନାରୀଏ ମିଶି ଗାବନ୍ତି ଦଶଇ ତା ଶୋଭା
ଅଭିମନ୍ୟୁକୁ ଉତ୍ତରା କରାବନ୍ତି ବିଭା ।
ସ୍ୱୀକାର ବରଣକୁ ସାରି ବର କନ୍ୟା
ଗ୍ରାସ ଅର୍ଦ୍ଧରେ ମିଳିଲେ ସ୍ୱର୍ଗ ବରାଙ୍ଗନା ।
ନୃତ୍ୟନୃତ୍ୟ ଗୀତ କଲେ ଛନ୍ଦି ନରନାରୀ
ରଜନୀକୁ ପୁହାଇଲେ କଉତୁକ କରି ।
ପ୍ରଭାତ ହୁଅନ୍ତେ ବିଧି ଯୋଗାଡ଼ଆ ସଞ୍ଜା
ଋଷିମାନଙ୍କୁ ଅର୍ପିଲେ ନେଇ ଫଳଭିକ୍ଷା ।
କୃଷ୍ଣାଜିନ ଛାଲ ପୁଣି ଦେଲେକ ଆସନ
ପୁଷ୍ପ ପାଦ୍ୟଅର୍ଘ୍ୟ ଆଉ ଅକ୍ଷତ ଚନ୍ଦନ ।
ଲକ୍ଷେ ଲକ୍ଷେ ଚନ୍ଦନରେ କଲେ ରାଜପୂଜା
ଏହିପରି ସନମାନ କଲେ ମତ୍ସ୍ୟରାଜା ।
ପ୍ରଥମ ଆପୁଷ ବାଞ୍ଛା ଋଷିମାନେ ବାଞ୍ଛି
ଧର୍ମ ତୋତେ ସାହା ହେଉ ଶାସ୍ତ୍ରେ ଯାହା ଅଛି
ଲକ୍ଷେକ ବ୍ରାହ୍ମଣ ଘେନି ଧୌମ୍ୟ ପୁରୋହିତ
ବେଦ ବିଧାନେ ବସିଲେ ବିରାଟ ସହିତ ।
ସ୍ୱର୍ଣ୍ଣବେଦୀରେ ବସିଲେ ଯାଇ ମତ୍ସ୍ୟରାଜା
ପୁରୋହିତେ ଅଭିମନ୍ୟୁ କଲେ ଦେବପୂଜା ।
ଗଣପତି ଆଦିକରି ସନକାଦି ଗଣ
ନବଗ୍ରହ ପୂଜାଆଦି କରନ୍ତି ବରଣ ।
ପୃଥ୍ୱୀ ଆପ ତେଜ ପୁଣ ବାୟୁବ୍ୟ ଆକାଶ
ବହନ୍ତା ନବଗ୍ରହ ଯେ ଆଦିତ୍ୟାଦି ଅଂଶ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଦଧିବାମନ ସୁମଣ୍ଡ କଲେ ଅନୁକୂଳ
ଶଙ୍ଖପଦ୍ମ ମହାପଦ୍ମ ଅଷ୍ଟ ନାଗକୁଳ ।
ଦଶଦିଗପାଳ ମେଘେ ଶୂନ୍ୟ ସପତମ
ପ୍ରାଣବାୟୁ ମୂଳଜ୍ଞାନ ଭୂତ ତା ପଞ୍ଚମ ।
ଏତେ ଦେବତାଙ୍କୁ କଲେ ବରଣ ନିମିତ
ପୂଜାରେ ବସନ୍ତେ ଶ୍ୱଶୁର ଦେଲେ ବସ୍ତ୍ରବିତ୍ତ ।
ସ୍ୱର୍ଣ୍ଣଦାନ ରତ୍ନଦାନ ମୁକ୍ତା ମଣିମାଣିକ୍ୟ
ଦୁହିତା ନିମନ୍ତେ ଏହା ଦେଲେ ନୃପମଣି ।
ବସ୍ତ୍ର ଆଳଯ୍ୟେ ଦ୍ୱିଗୁଣ ଶିବେ ଗୋଦୋହନ
ବେଶ୍ୟାମାନଙ୍କୁ ଶୀତଳ କଲେ ପ୍ରଦାନ ।
ଜୀବଘାତର ନିମନ୍ତେ ବିରାଟର ରାଜା
ସ୍ୱସ୍ତି ଉପହାରେ କରେ ଦେବୀଙ୍କର ପୂଜା ।
ଗ୍ରହଶାନ୍ତି ନିମିତ୍ତରେ ପୂଜେ ଗ୍ରହବିପ୍ର
ରଙ୍ଗବସ୍ତ୍ର ରଙ୍ଗଫଳ ଦାନ୍ତ ସମସ୍ତ ।
ଶିଳାବରଣ କରଣ ପଢିଲେ ସ୍ନାତାନେ
ଚଣ୍ଡୀ ସ୍ୱସ୍ତି ପଢନ୍ତି ବସି ତପୋଧନେ ।
ବସ୍ତ୍ରରାଜା କରିଛନ୍ତି କଉତୁକେ ସଭା
ଅଳକାପୁରୀ ପରାୟେ ଦିଶଇ ସେ ଶୋଭା ।
ଯେତେ ଇଚ୍ଛା ଅନୁରୂପେ ଦେଉଛନ୍ତି ଦାନ
ଦୁଃଖୀ ଦରିଦ୍ରଙ୍କୁ ଦେଖି ବାଣ୍ଟନ୍ତି ଧନ ।
କୁମ୍ଭ ଶୁକ୍ଳ ଦଶମୀ ପୁଣି ବୁଧବାର
ରୋହିଣୀ ନାମେ ନକ୍ଷତ୍ର ଯୋଗ ସେ ଦିନର ।
ବାଣିଜ୍ୟ ନାମେ କରଣ ଆୟୁଷ୍ମାନ ଯୋଗ
ତାରଚନ୍ଦ୍ର ଶୁଭ ଯେ ଅମୃତ ଯୋଗ ଭୋଗ ।
ସେ ଦିନ ସୂର୍ଯ୍ୟାସ୍ତକୁ ଯୋଧୃକ ଲଗ୍ନବେଳ
କୁମ୍ଭଲଗ୍ନ ଶୁଭକାଳ ଧରିଲେ ସକଳ ।
ବର କନ୍ୟା ସ୍ନାନାନ୍ତରେ ଦେଲେକ ବହନେ
ମଙ୍ଗଳ ଗାଆନ୍ତି ଦାସୀବର୍ଗ ଜନମାନେ ।
ନଗରେ ବାହାରେ ରହିଛନ୍ତି ଲକ୍ଷରାଜା
ତାଙ୍କ ପାଶେ ଶାଙ୍କମ୍ଭରୀ ଅଛନ୍ତି ଗିରିଜା ।
ସେ ବେଶ୍ୟା ଅଗ୍ରେ ସୁନ୍ଦରୀ ଧରି ଅର୍ଘ୍ୟସ୍ଥାଳ
ଦେବୀଙ୍କୁ ପ୍ରଣାମ କଲେ ରାଜାର ଦୁଲଣୀ ।
ଅରସ୍ତ୍ର କହନ୍ତି କୁମ୍ଭ ଶୁଣ ନରସାଇଁ
ଗୋସାମଣୀଙ୍କୁ ବନ୍ଦିତ ସ୍ତୁତି କଲେ ତହିଁ ।
ରାଜସୁତାର ବସ୍ତ୍ରତ ବନ୍ଧୁକୁ ଦେଖି
ପ୍ରସନ୍ନରେ ବର ଦେଲେ ତାଙ୍କୁ ପିଙ୍ଗଳାକ୍ଷୀ

ବାଳକା ହୋଇଣ ଭୁଞ୍ଜ କଲୁ ବସ୍ତ୍ର ସୂତ
ଯାଅ ଭୁଞ୍ଜ ସୋମବଂଶେ ହୁଅ ପୁତ୍ରବତୀ ।
ପ୍ରସନ୍ନରେ ବର ଯହୁଁ ଦେଲେ ଶାକମ୍ଭରୀ
ବାହୁଡ଼ିଣ ଘେନିକଲେ ଉତ୍ତରା କୁମାରୀ ।
କନ୍ୟା ବସାଏ ବିରାଟ ଆପଣାର କୋଳେ
ମୁନିଏ କରନ୍ତି ପଜା ନିଜ ଯୋଗବଳେ ।
ପାର୍ଥ କୋଳେ ବସିଲେକ ସୁତ ଅଭିମନ୍ୟୁ
ତ୍ରୈଲୋକ୍ୟ ମୋହଇ ସେହୁ ସୁଭଦ୍ରାର ସୂନୁ ।
ଗନ୍ଧ ପୁଷ୍ପ ଅକ୍ଷତ ଯେ ବସ୍ତ୍ରବିଧ ବର୍ଣ୍ଣି
ବର କନ୍ୟାଙ୍କୁ ବସାଇ ଆରମ୍ଭିଲେ କର୍ମ ।
ବେଦାଧ୍ୟୟନ କରନ୍ତି ସର୍ବ ପୁରୋହିତେ
ମଙ୍ଗଳ ଗାୟନ କଲେ ଯେତେ ଚଣ୍ଡିପୁରେ ।
ଯୁଧିଷ୍ଠିରଙ୍କ କୋଳରେ ବସେ ଫାଲଗୁନ
ଅର୍ଜୁନ ଅଙ୍କଇ ଅଭିମନ୍ୟୁ କୋଳେ ସେନ ।
ସୂତ୍ରଧାରେ ବେଦବାକ୍ୟ ଉଚ୍ଚାର କରନ୍ତି
ପଶ୍ଚିମ ମୁଖରେ ବସିଛନ୍ତି ମତ୍ସ୍ୟପତି ।
ମଧ୍ୟରେ ବସିଅଛନ୍ତି ଧୌମ୍ୟ ପୁରୋହିତେ
ଉଦ୍ଦାଳକ ବାମଦେବ ଭାର୍ଗବ ସହିତେ ।
ଯେ ବିଧିରେ ଦେଶକାଳ ବାକ୍ୟ ସେ ଉଚ୍ଚାର
ସତ୍ୟ ସତ୍ୟ ସତ୍ୟ ବୋଲି ତିନିବାର କର ।
ଚନ୍ଦ୍ର ଦେବତାଙ୍କ ଗୋଷ୍ଠୀ ଅଟେ ଫାଲଗୁନ
ମହାବାକ୍ୟ ଉଚ୍ଚାରନ୍ତି ତହିଁ ବେଳ ତିନ ।
ଇଦଂ ପିତୃ ପିତାମହ ତିନୋଟି ପୁରୁଷ
ବିଚକ୍ଷଣାର୍ଯ୍ୟ ସେ ପଣ୍ଡୁ ପାର୍ଥ ନାମ ଘୋଷ ।
ବିରାଟଗୋଷ୍ଠୀ ଅଟଇ ମତ୍ସ୍ୟ ନୃପବର
ଦେଶକାଳ ବାକ୍ୟ ଉଚ୍ଚାରିଲେ ମୁନିବର ।
ଇଦଂ ପିତୃ ପିତାମହ ଯେ ପ୍ରପିତାମହ
ବିରାଟ ତିନିପୁରୁଷ ନାମ ତୋର କହ ।
ଦଧିବାମନ ନୃକୂଳେ ଉସବିଳା ସୁତା
ବାକ୍ୟେ ବରକନ୍ୟା ଘନେ କେଲେକ ପଇତା ।
ଇଦଂବାକ୍ୟ ପୁଣ୍ୟବାକ୍ୟ ଅଷ୍ଟବାକ୍ୟ କରି
ଅଖଣ୍ଡିତ ବାକ୍ୟସବୁ ହୃଦପଦ୍ମେ ଧରି
ବରକନ୍ୟାଙ୍କର ହସ୍ତ କରାଇ ବନ୍ଧନ
ବଜାଇ ସେ ବସ୍ତ୍ରବିଧ ବାଦ୍ୟ ଯନ୍ତ୍ରମାନ ।
ମଙ୍ଗଳ ବାକ୍ୟରେ କୁଶ ଦେନ ପୁରୋହିତେ
ବରର ହସ୍ତ ଉପରେ କନ୍ୟା କରପତେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଡାହାଣାବର୍ତ୍ତିକ ଶଙ୍ଖେ ଜଳ ତଳ ଭର
କଉତୁକରେ ଦଅଇ ମତ୍ସ୍ୟ ଦଣ୍ଡଧାରୀ ।
ସହସ୍ରେକ ଦାସୀ ପୁଣି ଲକ୍ଷେକ ଯେ ଗାଈ
ଲକ୍ଷେକ ଘର ରତନ ଯଉତୁକ ଦେଇ ।
ବେନଲକ୍ଷ ଧଳା ଅଶ୍ୱ ହସ୍ତୀ ଲକ୍ଷସ୍ତୁର
ଆଳଟ ଛତ୍ର ଉଲଖ ଦଣ୍ଡ ଲକ୍ଷ ସ୍ତୁର ।
ପାଞ୍ଚ ପଦାର୍ଥ ଦେଲେ ଯେ ପଦାତି ସଇନ
ପୁଣି ପାଞ୍ଚ ପାଣ୍ଡିଦଣ୍ଡ ଦେଲେ ନୃପମଣି ।
କୁମାର କୁମାରୀ ଗଲେ ଏକଇ ଆସ୍ଥାନେ
ପ୍ରଣତି କଲେ ବିରାଟ ପାର୍ଥ ସନ୍ନିଧାନେ ।
ଶ୍ରୀକୃଷ୍ଣ ଯାର ମାତୁଳ ଲକ୍ଷ୍ମୀ ଯାର ମାଇଁ
ତାହାଙ୍କୁ ଯଉତୁକ ମୁଁ ଦେବ ଅବା କାହିଁ ।
ମତ୍ସ୍ୟମଣ୍ଡଳେ ଠାକୁର ଯେତ୍ତୁ ସୋମବଂଶୀ
ଦୁହିତା ଗୋଟିକ ଦେଇ ଶରଣ ମୁଁ ପଶି ।
ମୋର କଲ ଅପରାଧ ନ ଘେନବ ଚିତ୍ତେ
ଦୁହିତା ଗୋଟିଏ ଦେଇ ରହିଲ ନିଶ୍ଚିନ୍ତେ ।
ଦୁହିତା ଗୋଟିଏ ଦେଇ ପଶିଲି ଶରଣ
ସମୁଦ୍ରକୁ ଆଶ୍ରା କରି ହୋଇଲ କାରଣ ।
ଅନେକ ବିନୟ ହୋଇ କହେ ମତ୍ସ୍ୟସାଇଁ
ଯୁଧିଷ୍ଠିରଙ୍କ ଚରଣରେ ପ୍ରଣମିଲ ଯାଇ ।
ଯୁଧିଷ୍ଠିର ଦେବ ବୋଇଲେ ଶୁଣ ମହାତମା
ତୁଷ୍ଟ ତ ଏବେ ହୋଇଲୁ ମୋର ପଞ୍ଚଆତ୍ମା ।
ଅର୍ଜୁନ ବଦନ ଯହୁଁ ଚାହିଁଲେ ଯୁଧିଷ୍ଠିର
ତହୁଁ ବିରାଟକୁ କୋଳକଲେ ବେଗେ ଉଠି ।
କନ୍ୟା କୁମରଙ୍କୁ ନେଇ ସମର୍ପିଲେ ସପ୍ତ
ପ୍ରୋହିତ ନାନା ହୋମର କରନ୍ତି ଉପାସ୍ତ ।
ଏ ଜାତ ଅନଳ କାମ କଲେ ସେତ୍ତୁ ଦ୍ରୁତ
ସ୍ୱାହା ସ୍ୱଧା ମନ୍ତ୍ରେ କଲେ ତାହା ଉପଗତ ।
ଗବ୍ୟଘୃତ ଜାଳ ମନ୍ତ୍ର କଲେ ଆରାଧନ
ଅଗ୍ନି ଦେବତାଙ୍କ ତେଜ ହୋଇଲ ନୂତନ ।
ମାର୍କଣ୍ଡ ବୋଇଲେହେ ଧୌମ୍ୟ ପୁରୋହିତେ
ଅଗ୍ନି ଶିଖା ନ ଉଠିଲ ଦେଖ ହେ ସାକ୍ଷାତେ
ତୋହର ପରାସ୍ତେ ବ୍ରହ୍ମ ଦେଲୁ ଯେ ଆହୁତି
ବାର ନ ପାରିଲୁ ଅଗ୍ନି ଦେବତା ମୂରତି ।
ପ୍ରକଟ ଅନଳ ବୋଲେ ଯେଉଁ ବୈଶ୍ୱାନର
ତିନୋଟି ବଦନ ପାଞ୍ଚ ଲୋଚନ ତାହାର ।

ଦ୍ୱାଦଶ କପାଳ ଚଉବଂଶ ଯେ ଚରଣ
ତିନ ଗଣ୍ଡସ୍ଥଳ ପୁଣି ସ୍ତୁର ଆବରଣ ।
ଉତ୍ସର୍ଗ ନାସିକା ଯାର ନବ ପାଞ୍ଚ କୁକ୍ଷି
ତିନଶତ ଆକର୍ଷଣ ସହସ୍ର ପିଙ୍ଗଳାକ୍ଷୀ ।
ଏକଇ ବଦନ ତାର ଚତୁର୍ଥ ମୂରତି
ଉଳ ବଦନ ଦ୍ୱାଦଶ ଅଟେ ରୂପକାନ୍ତି ।
ଚତୁର୍ଥ ଗୋଟି ଯାହାର ଦ୍ୱାଦଶଟି ଉମା
ଏକ ଚରଣ ଯେ ତିନ ପିଠି ଊର୍ଦ୍ଧ୍ୱ ବ୍ରହ୍ମା ।
ଆହୁତିରେ ବହ୍ନି ଯେବେ ପଡ଼ିବ ଧରଣୀ
ଭିକ୍ଷୁକ ହୋଇବେ ସେହି ବରକନ୍ୟା ବେନି
ଅହୁତି ଯେବେ ପଡ଼ିବ ଅଗ୍ନିଙ୍କର ପିଠି
କନ୍ୟାକୁ ବର ଚେତେ ତ ନ ପାରିବ ଦେଖି
ଯେବେ ଆହୁତି ପଡ଼ିବ ଅଗ୍ନିଙ୍କ ନାସିକା
ତାହାର ଉଦରେ ପୁତ୍ର ଉପୁଜିବ ଏକା ।
ଅଗ୍ନିଙ୍କର କଣ୍ଠେ ଯେବେ ଆହୁତି ପଡ଼ିବ
ଯେତ୍ତୁ ଉପୁଜିବ ସେତ୍ତୁ ବିନଷ୍ଟ ହୋଇବ ।
ଗଣ୍ଡସ୍ଥଳ ମଧ୍ୟେ ଯେବେ ପଡ଼ିବ ଆହୁତି
ବର ଥାଉଁ ଥାଉଁ କନ୍ୟା ହେବ ସ୍ୱର୍ଗଗତି ।
ଯେବେ ଆହୁତି ପଡ଼ିବ ଅଗ୍ନିଙ୍କର ହୃଦ
ବର କନ୍ୟାଙ୍କର ହେବ ବହୁତ ସୁହୃଦ ।
ଅହ୍ୟ ସୁଲକ୍ଷଣୀ ହେବ ପୁଣି ଭାଗ୍ୟବତୀ
ବହୁତ ଜନମ ହେବ ସନ୍ତାନ ସନ୍ତତି ।
ଆହୁତି ପଡ଼ିବ ଯେବେ ଅଗ୍ନିଙ୍କର କନ୍ଧେ
କନ୍ୟାଟି ବିଧବା ହେବ କାମ ଅଶବଦେ ।
ବାମ ଭୁଜରେ ଯଦ୍ୟପି ପଡ଼ିବ ଆହୁତି
ପର ପୁରୁଷେ ବିଶ୍ୱାସ ସ୍ୱାମୀଙ୍କୁ ଅପ୍ରୀତି
ଡାହାଣ ଭୁଜରେ ଯେବେ ଆହୁତି ପଡ଼ିବ
ସୁନ୍ଦରୀ ହୋଇଲେ ମଧ୍ୟ ପୁରୁଷ ତେଜିବ ।
ଆହୁତି ପଡ଼ିବ ଯେବେ କଟିର ମେଖଳା
ଏଗାର କନ୍ୟା ଜନ୍ମିବେ କର୍ମର ଅବଳା ।
ଜାନୁରେ ପଡ଼ିବ ଯେବେ ପୂର୍ଣ୍ଣର ଆହୁତି
ବର କନ୍ୟାଙ୍କର ଜାତ ହେବ ବଡ଼ ପ୍ରୀତି ।
ଦୁହିତା ନ ଉପୁଜିବ ନ ହେବ ତନୟ
ଅପ୍ରବଳେ ନାଶ ଯିବେ ସେ ଦମ୍ପତି ଦ୍ୱୟ ।
ପାଦରେ ପଡ଼ିବ ଯେବେ ଅଗ୍ନିଙ୍କର ଘବ
ଦେଶାନ୍ତର କର ବ୍ରହ୍ମ ଧାଆରେ ସମ୍ଭବ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଅନେକ ପୁତ୍ରବନ୍ତ ଯେ ହୋଇବ ସେ ବାଳୀ
ଦରିଦ୍ର ହୋଇବ ପରେ କରିବ ସେ କଳି ।
ଶୁଣି ପୁରୋଧା ବଦନ୍ତି ମୁନି ମାରକଣ୍ଡେ
ଅଦ୍ଭୁତ ପଡ଼ିବ ଯେବେ ଅଗ୍ନିଙ୍କର ମୁଣ୍ଡେ
ମହାମନ୍ତ୍ର ବାକ୍ୟେ ପଡ଼େ ଯେବେ ଅଗ୍ନି ତାଳ
ଭୋଗ କରିବ ସେ କନ୍ୟା ପୁତ୍ର ହେବା ବେଳ
ବଢ଼ାଇ ଦୁଇପଦରେ ରହିବ ସେ ବଂଶ
କନ୍ୟାକୁ ଭୋଗ ହୋଇବ ମାତ୍ର ଦେଢ଼ବର୍ଷ
ବ୍ୟାସ ଦେବ କହିଲେ ଯେ ଅଗ୍ନି ଶାସ୍ତ୍ର ଖଣ୍ଡି
ବିରାଟ ଦୁହିତା ଜାଣ ହେବ ପେଟବଣ୍ଡି ।
ମାର୍କଣ୍ଡ ବୋଇଲେ ବ୍ୟାସ ନୋହେ ଯେ ଏମନ୍ତ
ଚଉଦ ବରଷେ ନାଶ ଯିବ ଏହା ଜାଣ ।
ବ୍ୟାସ ବୋଇଲେ ଏ କଥା କରିବ ଗୁପତ
ପାଣ୍ଡବଙ୍କ କୁଳ କଥା ଲାଗିବ ବହୁତ ।
ଏମନ୍ତ ସକଳ କଥାକୁ ଋଷିଏ ଜାଣିଲେ
ଅଗ୍ନି ଦେବତା ଶୀତଳ କରାଇଣ ଦେଲେ ।
ଏଥୁଅନନ୍ତରେ ବର କନ୍ୟାକୁ ଯେ ନେଲେ
ହରଷ ହୋଇଣ ପଞ୍ଚଗ୍ରାସୀ କରାଇଲେ ।
ବରକନ୍ୟା କରିଲେ ଯେ ତହୁଁ ଆଚମନ
ମୁଖବାସକୁ ଭୁଞ୍ଜିଲେ ଅର୍ଜୁନ ନନ୍ଦନ ।
ଅଗ୍ନି ଦେବତାଙ୍କୁ ଶାନ୍ତ କରନ୍ତି ଶ୍ରୀବତ୍ସ
ପୁରାଣ ସଙ୍ଗତ ଏମନ୍ତ କଥା ଅଛି ।
ବିବାହ କାର୍ଯ୍ୟ ସାରିଣ ଆଦ୍ଭୁତ କର୍ମେଣ
କଲ୍ୟାଣ କରିଲେ ତହିଁ ଦ୍ଵିଜ ବେଦଜ୍ଞନ ।
ବିଭାଅନ୍ତେ ବର କନ୍ୟା ଭୁଞ୍ଜି ହେଲେ ସୁସ୍ଥ
ବହୁ ସମ୍ମାରେ ବସାଇ ଦେଲେ ମହାନନ୍ଦ ।
ଆଚମନାନ୍ତେ କର୍ପୂର ତାମ୍ବୁଳ ଭୋଜନ
ବହୁତ ଅକ୍ଷତ ଦେଲେ ବିରାଟ ରାଜନ ।
ଉତ୍ତରାକୁ ଘେନି ରାମ କୃଷ୍ଣଙ୍କ ଭଣଜା
ଅନେକ ମଙ୍ଗଳ ମନ୍ତ୍ରେ କଲେ ନିର୍ଦ୍ଧାରଣା ।
ଋଷିଭାମାନେ ମଙ୍ଗଳ ଗାଇଲେ ଯେ ମିଳି
ଶୟନ ଗୀତ ଗାଇଣ ଦିଅନ୍ତି ହୁଳହୁଳି ।
ପଲଙ୍କ ବିରାଟ ଯେ କଲଲେ ପ୍ରବେଶ
କୁମର କୁମାରୀ ତହିଁ ବହୁ ପ୍ରୀତି ରସ ।
ନାନାବିଧ ରହସ୍ୟରେ ଯେ ପାହିଲା ରଜନୀ
ସ୍ନାହାନ କରିଲେ ତହୁଁ ବରକନ୍ୟା ଦେନି ।

ବିଭା ଦୁଇଦିନେ ଦୁହେଁ ହେଲେ ବନ୍ଦାପନା
ପ୍ରୀତି ଉତ୍ସବେ ରହିଲେ ତହୁଁ ବର କନ୍ୟା ।
ଇନ୍ଦ୍ରାଣୀବ୍ରତ ପଢ଼ନ୍ତି ଥାଇ ପୁରୋହିତେ
ବର କନ୍ୟାଙ୍କୁ ଆରୋଗ୍ୟ କରିବା ନିମନ୍ତେ ।
ଚତୁର୍ଥ ଦିନେ ଚତୁର୍ଥୀ ଉତ୍ସବକୁ କରି
ସହସ୍ରେ ବ୍ରାହ୍ମଣ ରାଜା ବରଣରେ ବରି ।
ବହୁତ ଉତ୍ସବେ ତହୁଁ ପ୍ରବେଶିଲେ ରାତି
କୁମାର କୁମାରୀ ରତ୍ନମଣ୍ଡପେ ବସନ୍ତି ।
ରାତି ପ୍ରଭାତେ ହଳଦୀ ଚନ୍ଦନାଦି ବାଟି
ଏକକୁ ଆରେକ ହୋଇ ବହୁ ଗଲେ ଘୋଟି
ବେଳେ ବେଳ ପରିହାସ କରନ୍ତି ବହୁତ
ଚୂନ କୁଙ୍କୁମ ମିଶାଇ ବୋଳିଲେ ଯେ ଗାତ୍ର
କୁଙ୍କୁମ ପକାଇ ବହୁ ପରିହାସ କଲେ
ଶିଖଣ୍ଡୀ ପରିହାସରେ ମହାଦେବହେ ବୋଳେ
ଚନ୍ଦନ କର୍ପୂରଧୂଳି ସଙ୍ଗରେ ମିଶାଇ
ହସ୍ତୀ ମତ୍ତହେଲେ ଯେହ୍ନେ ମାଟିକି ଫିଙ୍ଗଇ ।
ଦାଣ୍ଡରେ କର୍ଦ୍ଦମ ହେଲେ ସେପରି ସମସ୍ତେ
ଏକ ଇଡ଼ନ୍ତି ନେଇଣ ଆରେକର ମାଥେ ।
ଚନ୍ଦନକୁ ବୋଳସାରି ସୁଗନ୍ଧି ଅଏଁଳା
ନଦୀରେ ପଶନ୍ତେ ଜଳ ହେଲା ମହାଘୋଳା ।
ସ୍ନାହାନ ସାରିଣ କୂଳେ ଉଭାହେଲେ ଯାଇ
ନୂତନ ବସନ ଆଣି ଦେଲା ମହାସାଇଁ ।
ଦେବବସ୍ତ୍ର କେବର୍ତ୍ତୀ ପାଟଳ ପଚନ
ନେତର କାଛେଣି ଦେଲା ସମସ୍ତଙ୍କୁ ଆଣି ।
ଠାକୁରଠାରୁ ସେବକ ବାଦ୍ୟକାର ଯାଏ
ନୂତନ ବସନ ଆଣି ବିରାଟ ପିନ୍ଧାଏ ।
ଅନେକ ଯୋଗାଡ଼ଆଣି ଦେଲା ସେ ଭୋଜନ
ଜଣ ଜଣକେ ଭୋଜନ ହେଲା ଭିନ୍ନ ଭିନ୍ନ ।
ବାସୁଦେବଙ୍କ ନନ୍ଦନ ଘେନି ଉଗ୍ରସେନ
ସାତବଂଶ ଯାଦବରେ ବିଜେ ଭଗବାନ ।
ବିରାଟ ଦ୍ରୁପଦ ରାଜା ପୁଣି ଧୃଷ୍ଟଦ୍ୟୁମ୍ନ
ସଞ୍ଜୟ ବିଦୁର ଯୁଧିଷ୍ଠିର ଭୀମାର୍ଜୁନ ।
ଏମନ୍ତ କାଳେ ସଭାରୁ ଉଠି ଅନ୍ଧରାଜ
ପ୍ରଣାମ କରି ବୋଲନ୍ତି ଆହେ ଦେବରାଜ ।
ପୂର୍ବକୃତ ପାପରୁ ମୋ ଫୁଟିଗଲା ଆଖି
ପୁତ୍ରଙ୍କ ବଦନ ତେଣୁ ନ ପାରିଲି ଦେଖି ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

ବହୁତ ବନସ୍ଥ ହୋଇ ଧର୍ମଙ୍କୁ କହୁଛୁ
ଦୁର୍ଯ୍ୟୋଧନ ଦୋଷ ତୁମ୍ଭେ ନ ଧରବ କହୁ ।
ମୁହିଁତ ଜାଣଇ ହାଦେ ଯୁଧିଷ୍ଠି ଅକୋପୀ
ଅର୍ଜୁନହିଁ ମଧ୍ୟ ଶାନ୍ତ ଭୀମ ଯେ ପ୍ରତାପୀ ।
ସମସ୍ତହୁଁ ସୁଜନ ଏ ଯୁଧିଷ୍ଠି ମହାତ୍ମା
ସେ ଦାସର ଅପରାଧ କର ତୁମ୍ଭେ କ୍ଷମା ।
ଦୁର୍ଯ୍ୟୋଧନ ଦୋଷଯେତେ ସବୁମୋତେଦେବ
ଶୁଭ ଅନୁକୂଳେ ଚାଲ ହସ୍ତିନାକୁ ଯିବ ।
ଯୁଧିଷ୍ଠି ବୋଇଲେ ଯାହା ବୋଇଲ ଆସ୍ଥାନେ
ଅନୁଗ୍ରହେ ତାପ ମୋତେ ଦଏ ଦୁର୍ଯ୍ୟୋଧନେ
ତହିଁ ପ୍ରପଞ୍ଚକାର କର୍ଣ୍ଣ ଆବର ଶକୁନ
ଉଭୟ କୁଳକୁ ନାଶ କରବେ ଏ ବେନ ।
ଯମ ଯାମ ମନୁଷ୍ୟ ଏ ତିନ ଏକ ହେଲେ
ନାନା ବଦ୍ୟା ରଚନ୍ତି ଏ ତିନହେଁ ମିଶିଲେ ।
କୁରୁ ପାଣ୍ଡବ ଏକ୍ଷଣି ନୁହନ୍ତି ପ୍ରବୋଧି
ଶକୁନ କର୍ଣ୍ଣ ଯେ କରପାରେ ଏକ ସନ୍ଧି ।
ଭୀମସେନ ବୋଲେ ଦେବ କହିଲ ଦୁର୍ଲ୍ଲଭ
ତୁମ୍ଭେ ହୁଡ଼ିବ କି ସହଦେବ ବାସୁଦେବ ।
ଏ କଥା ଶୁଣି ହସିଲେ ଧର୍ମ କାମପାଳ
ପଣ୍ଡିତ ବୁଦ୍ଧ କହିଲ ପବନର ବଳ ।
ଶକୁନ ଯେତେବେଳହୁଁ ହୋଇଲଣି ମନ୍ତ୍ରୀ
ପୃଥିବୀରେ ଦୁର୍ଯ୍ୟୋଧନ ହେଲ ଏକକ୍ଷତ୍ରୀ ।
ଯେତେବେଳେ ସଖା ତାକୁ ହେଲା ଶଲ୍ୟରାଜା
ଲକ୍ଷେ ରାଜାଙ୍କର ମୁଖେ ପାଇଲ ସେ ପୂଜା
କର୍ଣ୍ଣ ଶଲ୍ୟ ଶକୁନ ଯେ ତାହାର ଜୀବନ
ଏହାଙ୍କୁ ଛାଡ଼ିବ ବୋଲି ବଳୁଛୁ ମନ ।
ବଳରାମ ବୋଲନ୍ତି ଯେ ଶୁଣ ଧୃତରାଷ୍ଟ୍ର
ଦୁର୍ଯ୍ୟୋଧନ ଅଟଇ ଯେ ତୋର ଜ୍ୟେଷ୍ଠ ପୁତ୍ର
ତୁମ୍ଭ ଲଙ୍ଘି ନ ପାରିବୁ ବଚନ ତାହାର
ପାଣ୍ଡବେ କପର ଯିବେ କେଉଁ ବୁଦ୍ଧି ତୋର
ଏ କଥା ତିଆର ଯେବେ ପେଟବୁ ସଞ୍ଜୟେ
ତେତେବେଳେ ଯିବେ ସିନା ପଣ୍ଡୁଙ୍କ ତନୟେ
ଏହି ପରକାରେ ଶୁଣି ଅମ୍ବିକାର ବଳା
ସମଦଣ୍ଡ ଘେନଣ ସେ ହସ୍ତିନା ଚଳିଲ ।
ଆପଣାର ସୈନ୍ୟ ଘେନ ବିଜେ ଦେବରାଜେ
ଦ୍ୱାରକାପୁରକୁ ରାମ ହରି କଲେ ବିଜେ ।
ଆସିଥିଲେ ଯେ ଯେବଣ ଦେଶୁଁ ରାଜାମାନେ
ସମଦଣ୍ଡ ଘେନଗଲେ ଯେ ଯାହା ଭବନେ ।
ପଞ୍ଚାଳ ଦେଶର ରାଜା ଦ୍ରୁପଦ ସୁମତି
ଆପଣା ପୁତ୍ରକୁ ଘେନି ଚଳିଲେ ତଡ଼ିତ ।
ପାଣ୍ଡବେ ରହିଲେ ହର୍ଷେ ମଘ ମତ୍ସ୍ୟଦେଶ
ବହୁତ ପୁରୁଷାର୍ଥରେ ଖଟେ ମତ୍ସ୍ୟଈଶ ।
ଯାହାଙ୍କ କୃପାବଶରୁ ପାଣ୍ଡବ ସକଳେ
ଅଜ୍ଞାତବାସରୁ ମୁକ୍ତ ହେଲେ କୁତୂହଳେ ।
ସେ ପ୍ରଭୁଙ୍କ ପାଦପଦ୍ମେ ରହୁ ମୋର ଧ୍ୟାନ
ଆହେ ପାଣ୍ଡବରକ୍ଷକ ଘେନ ନିବେଦନ ।
ଯେ କାଳେ ଅନ୍ତିମ ଦଶା ଘଟିବ ମୋହର
କଣ୍ଠତରେ ପଦଛାୟା ମିଳବ ତୁମ୍ଭର ।
ଯମ ଯନ୍ତ୍ରଣା ଯେପର ନ ପାରବ ଦେଇ
ସର୍ବଦା ଶାରଳା ଦାସ ଏ ଭିକ୍ଷା ମାଗଇ ।
ଦେବୀ ଆରାଧନାବଳେ ଦେବୀ ଦାସ ହେଲି
ଜୀବର ମୁକ୍ତି କାରଣ କିଛି ନ କରିଲି ।

ଧୃତରାଷ୍ଟ୍ର ଶକୁନିର କଥୋପକଥନ ଓ ଧୃତରାଷ୍ଟ୍ରଙ୍କର ଅପମାନ

ଶୁଣ ବୈବସ୍ୱତ ମନୁ ବଦନ୍ତି ଅଗସ୍ତି
ହସ୍ତିନାରେ ବିଜେ କଲ ଅନ୍ଧ ନରପତି ।
ବିଜୟ ମାନଗୋବିନ୍ଦ ଆସ୍ଥାନରେ ଯାଇ
ଧୃତରାଷ୍ଟ୍ର ବିଜେ କଲେ ବିଦୁରକୁ ନେଇ ।
ବହୁତ ବନସ୍ଥ କରି ବୋଲେ ଧୃତରାଷ୍ଟ୍ର
ପାଣ୍ଡବଙ୍କୁ ସମ୍ଭାଳିଲ ସାଧୁ ସେ ବିରାଟ ।
ମଦ୍ର ମତ୍ସ୍ୟ ଦେଶରେ ମୁଁ ଶୁଣିଲଇଁ ଯାହା
ନିଜେ ଅଭିଷେକ କଲେ ଆସି ଶଚୀନାହା ।
କୁବେର ଦେବତା ଆସି କଲ ଧନଲାଗି
ପୁଷ୍କର ଦେବତା ଅଭିଷେକକଲେ ବେଗି ।
ଯମଦଣ୍ଡ ଘେନିବାକୁ ମତ୍ସ୍ୟଦେଶେ ଯିବା
ପୁରୁଷାର୍ଥେ ପାଣ୍ଡବଙ୍କୁ ଘେନଣ ଆସିବା ।
ଶକୁନ ବୋଲେ ଏ ବୁଦ୍ଧି କିପାଁ ବୃଦ୍ଧକାଳେ
ଲୋଭ ମୋହ ବସଇ ଯେ ନଷ୍ଟପ୍ରାୟ ଶୁଣିଲେ ।
ଶକୁନ ବୋଇଲ ଆହେ ଶୁଣ ଧୃତରାଷ୍ଟ୍ର
ଏବେ ଆସି ଜ୍ଞାନ ତୋର ହୋଇଲଣି ଭ୍ରଷ୍ଟ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ସକଳ ବ୍ୟାଧିମାନଙ୍କୁ ଅଛୁ ମହୌଷଧି
ପ୍ରକୃତ ଅନ୍ତରେ ନରେ ନାହିଁ କଛୁ ବୁଦ୍ଧି ।
କପାଇଁ ବିଧାତା ତୋର ହରନେଲ ଚକ୍ଷୁ
ତୋହର ପ୍ରିୟଜନଙ୍କୁ ଏପନ ତୁ ଦେଖୁ ।
ଅନ୍ଧ ନୟନ ଯାହାର ପଙ୍ଗୁଅଟେ ପାଦେ
ପିଠିରେ ବହୁଛୁ କୁଜ ଦନ୍ତବକ୍ର ହାଦେ ।
ଆଜନମ୍ମ ବଧିର ଯେ ଆବର କୁବୁଜା
କେବେ ଶୁଭ ନୁହେ ଏହିମାନେ ଭଗ୍ନଖଞ୍ଜା ।
ଆସ୍ଥାନେ ଶକୁନ ଯହୁଁ କହିଲ ଏ ବାଣୀ
ସମସ୍ତେ ହସି ଉଠିଲେ ମନ୍ଦକଥା ଶୁଣି ।
ଧୃତରାଷ୍ଟ୍ର ବୋଇଲେ ରେ ହସିଲେଣି ସବୁ
ଶକୁନ ଦୁଷ୍ଟର ବାକ୍ୟ ଶୁଣିଥାଅ ବାବୁ ।
ଏ ମୋହର ବଚନ ଯେ ସର୍ବ ଗୁଣଗ୍ରାହୀ
ପୁତ୍ର ମନ୍ତ୍ରୀ ଆବର ଯେ ଶୁଣିବ ନା ଭାଇ ।
ହେ ଅଶ୍ୱତ୍ଥାମା ଦେଖିବ ଆହେ କୃପାଚାର୍ଯ୍ୟ
ସବୁଙ୍କର କଷ୍ଟ ମୁହିଁ ଶୁଣିବ ନିର୍ଲ୍ଲଜ ।
ବ୍ୟାଧିର ଅବଶେ ପଡ଼ି ନାଶ ହୁଏ ରୋଗୀ
ଦୁର୍ଜନ ବୋଲେ ପଡ଼ିଲେ ନାଶ ହୁଏ ଯୋଗୀ
ବାବୁ ସର୍ବଜ୍ଞାନୀ ତୁମ୍ଭେ ପରମ ପଣ୍ଡିତ
କାଳେ ଧୃତରାଷ୍ଟ୍ରକୁ ଯେ ହେବ ପୁତ୍ରକଷ୍ଟ ।
ଆରେ ଶକୁନ ତୋ କୂଟ ବଚନ ପ୍ରମାଣେ
ପାଣ୍ଡବେ ହସ୍ତିନାପୁର ନ ଆସିବେ ଜାଣେ ।
ତୁମ୍ଭେମାନେ ଦେଲଥାଉଁ ନ କଲ ଉପାୟ
ତୁମ୍ଭମାନଙ୍କୁ ପଛନ୍ତେ ହେବ ମହାଭୟ ।
ପାଖବନ ମଧ୍ୟେ ରାଜ୍ୟ ବସିବେ ସେ ମାଡ଼ି
ଦେଖିବା ତାଙ୍କର ଆଗେ କେ କହିବ ବଡ଼ି ।
ବ୍ୟାସଙ୍କ ମୁଖରୁ ଏହା ଶୁଣିଅଛୁ ହାଦେ
କୁ ଛ ସମ୍ଭବ ବୁଢ଼ିବ ତୋହର ପ୍ରସାଦେ ।
ଶକୁନ ବୋଇଲେ ତୁହୋ କୁଳକ୍ଷୟ ଅନ୍ଧ
ପାଣ୍ଡବଙ୍କୁ ଏବେ ଆଣି କରାଇବୁ ଦ୍ୱନ୍ଦ୍ୱ ।
ଧୃତରାଷ୍ଟ୍ର ବୋଇଲେ ରେ ସରିଲଣି ଦିନ
ଅଳପ ଦିନେ ତୋହର ଶୁଣିବା ନିଧନ ।
କର୍ଣ୍ଣ ବୋଇଲେ ହେ ତାତ କପାଁ ଏହିଗିର
କହ ଶତ୍ରୁଦର୍ପ ଦୁର୍ଯ୍ୟୋଧନଙ୍କ ଆଗର ।
ଦୁର୍ଯ୍ୟୋଧନ ବୋଲେ ତାତ କହୁଛିଁ ନଜାଣ
ଏତେ କପାଇଁ ପାଣ୍ଡବ ପ୍ରତଜ୍ଞ ବଖାଣ ।

ଧୃତରାଷ୍ଟ୍ର ବୋଲେ ତୁମ୍ଭେ ଯେଉଁପର କ୍ଷତ୍ରୀ
କାମ୍ୟକ ବନରେ ଗୁଡ଼ି ପଳାଇଲ ରଥୀ ।
ଧାର୍ମିକ ବିବେକୀ ସେହୁ ପାଣ୍ଡବେ ମହତ
ରାଜ୍ୟ ଛଡ଼ାଇ ଆଣିଲ୍ଲ କଷି ଚିତ୍ରରଥ ।
ମୁହିଁ ତୁମ୍ଭମାନଙ୍କର ଜାଣେ କ୍ଷତ୍ରିପଣ
ଗୋଧନ ହରଣେ କଲ ଯେଉଁପର ରଣ ।
ଅଷ୍ଟାଦଶକ୍ଷୌଣୀ ସୈନ୍ୟ ସଙ୍ଗତରେ ଘେନ
ତେତେ ଅବସ୍ଥା ନ କଲ ତୁମ୍ଭଙ୍କୁ ଫାଲ୍‌ଗୁନ
ତୁମ୍ଭେ ବୋଲକର କଥା କହ ହେ ନିର୍ଲ୍ଲଜ
ଦ୍ୱିଗୁଣ ପ୍ରକାରେ କହ ଧିକ ତୁମ୍ଭ ଶୌର୍ଯ୍ୟ ।
ସ୍ୱଚ୍ଛ ପଟଳ ପ୍ରକାରେ କୁହ କଥା ଖଣ୍ଡି
ବୃଦ୍ଧଗୃଧ୍ର ପରାୟ ରେ ଖାଉଅଛ ଭଣ୍ଡି ।
ସରିଲ ତୁମ୍ଭର ବଂଶ ଧୃତରାଷ୍ଟ୍ର ବୋଲେ
ବିଦୁର ସଞ୍ଜୟ ଦୁହେଁ ଅସ୍ଥାନରୁ ନେଲେ ।
ଉଚ୍ଚସ୍ୱରେ ଧୃତରାଷ୍ଟ୍ର ଯାଉଅଛୁ କାନ୍ଦ
ଆଜଠାରୁ କାଳସର୍ପ ହୋଇଲ୍ଲ ଏ ବ୍ୟାଧି ।
ଅନ୍ଧ ବୋଲଇ ବିଦୁର କ କହିବ ତୋତେ
ନିର୍ଲ୍ଲଜ ଆତ୍ମା ମୋହର ରହିଛୁ କେମନ୍ତେ ।
ବିଦୁର ବୋଇଲେ ଭ୍ରାତ ନ ଭଜ ଏ କଥା
ବୁଝିବା ନାହିଁ କ ଏହା ଚଡ଼ନ୍ତ ବାରତା ।
ଅନ୍ତଃପୁରକୁ ବିଜୟ କଲେ ଧୃତରାଷ୍ଟ୍ର
ଗାନ୍ଧାରୀ ଆଗେ କହିଲେ ପୁତ୍ରଙ୍କର କଷ୍ଟ ।
ଗାନ୍ଧାରୀ ବୋଇଲେ ଆମ୍ଭେ ଏଥି କପାଁ ଥିବା
ନିଶ୍ଚେ ସଂଗ୍ରାମ ହୋଇଲେ ପ୍ରୟାଗକୁ ଯିବା
ଶକୁନ ସଭାରେ ଥାଇ ବୋଲେ ବୃଦ୍ଧଲୋକେ
ତୁଟନ୍ତି ମୋହର ଜ୍ଞାନ ବୁଡ଼ାବନ୍ତି ଥୋକେ ।
ଆତ୍ମା ନ ବୁଡ଼ନ୍ତେ ସେହୁ କାଳ ପ୍ରାପ୍ତ କାଳେ
ଯେ ଯାହା ମତେ ଚଳନ୍ତି ସର୍ବେ ଶେଷବେଳେ
ଏହି ପରକାରେ ହେଲା କଥୋପକଥନ
ସଭା ମଙ୍ଗଳଲ୍ଲ ବିଜେ ହେଲେ ଦୁର୍ଯ୍ୟୋଧନ ।
ଆହେ ଦୟାମୟ ହରି ଜଗତ ଠାକୁର
ଏହି ଅକିଞ୍ଚନ ଜନଠାରେ କୃପାକର ।
ଷଡ଼ରିପୁଙ୍କ ହାତରୁ ଉଦ୍ଧାରିବା ମୋତେ
ଶାରଳା ଦାସ ଶରଣ ପଶେ ଅବିରତେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ଯୁଧିଷ୍ଠିରଙ୍କର ଇନ୍ଦ୍ରପ୍ରସ୍ଥକୁ ଯିବାର ଅନୁକୂଳ

ଏଥୁ ଅନନ୍ତରେ ଶୁଣ ବୈବସ୍ୱତ ମନୁ
ଆସ୍ଥାନରେ ବିଜେ କରିଛନ୍ତି ଧର୍ମସୂନୁ ।
ଯୁଧିଷ୍ଠିରଦେବ ପୁଚ୍ଛିଲେ ସହଦେବେ ଗୁହିଁ
କେବେ ରାଜ୍ୟ ଅନୁକୂଳ କରିବାରେ ଯାଇ ।
ସହଦେବ ବୋଲେ ଦେବ କୁମ୍ଭମାସ ଅନ୍ତେ
ମଳମାସ ପ୍ରବେଶିବ ଚଇତ୍ର ଦୁଅନ୍ତେ ।
ବୈଶାଖ ମାସରେ ହେବ ବସନ୍ତ ଯେ ଋତୁ
ସେହି ମାସରେ ବିଜୟ କରିବ ଯେ ଏଥୁ ।
ଲେଖନ୍ତେ କହନ୍ତେ ସଂଶୟନ ବହିଗଲା
ବୈଶାଖର କୃଷ୍ଣପକ୍ଷ ପ୍ରବେଶ ହୋଇଲା ।
ବୈଶାଖ କୃଷ୍ଣ ତୃତୀୟା ଦିବା ବୁଧବାର
ଅନୁରାଧା ନକ୍ଷତ୍ରକୁ ଭୋଗ ସେ ଦିନର ।
ବୁଧବାରକୁ ଅମୃତ ବାର ଦେବ ବୋଲି
ବୁଧ ଅନୁରାଧା ଯୋଗ ହୋଇବ ଯେ କାଲି ।
ମନ୍ତ୍ରୀ ବୋଲନ୍ତି ମାହେନ୍ଦ୍ର ଯୋଗ ଯେ ଅଟଇ
ଏହି ଅନୁକୂଳେ ଗଲେ ରାଜ୍ୟପ୍ରାପ୍ତ ହୋଇ ।
ଗତାଗତ ସ୍ଥାନେ ବର୍ଷି କରନ୍ତି ଝଳେଣି
ଶୁଭରେ ପ୍ରବେଶ ଆସି ହୋଇଲେ ରଜନୀ ।
ସୁବେଳକୁ ଯେନଣ ଯେ ବାରବେ ନିଃଶ୍ୱାସ
ଦଧିମୁଖ ବାନର ଯେ ହୋଇଲାକ ଦୃଶ୍ୟ ।
ପୂର୍ଣ୍ଣକୁମ୍ଭ ଦେଖିଲେ ଯେ ବାମନ ସୁନ୍ଦର
ମେଷଲଗ୍ନେ ପାପଗ୍ରହ ନାହିଁ ଶୁଭ ଧର ।
ରୂପାର ଖଣ୍ଡରେ ନେଇ ଦଧିକୁ ଯୋଗାଡ଼ି
ତମ୍ବା ନଉକାରେ ପୁଣି ମାଛ ଦେଲେ ଛାଡ଼ି ।
ଶ୍ରୀମୁଖରେ ଶଙ୍ଖଚିଲ ଉଡ଼ନିଆ ପକ୍ଷୀ
ସୁମଧୁର ସ୍ୱର କଲେ ହୋଇ ବଡ଼ ସୁଖୀ ।
ନାରିକେଳ ବୃକ୍ଷ ଡାଳ ଫଳ ପୁଷ୍ପେ ଭରି
ତା ଉପରେ ନୀଳକଣ୍ଠ ଚଢ଼େ ଶୁଭକାରୀ ।
ଫଳିତ କଦଳୀବୃକ୍ଷ ପରେ ଶ୍ୱେତକାକ
ଶୁଭ ମଙ୍ଗଳରେ ସେହୁ ଦେଉଅଛି ଡାକ ।
ଶ୍ୱେତହସ୍ତୀଙ୍କୁ ମଣ୍ଡିଲେ ଆବର ବାରସ
ଅଲଟ ଛତ୍ର ନେତ ଯେ ଉଡ଼ଇ ଆକାଶ ।
ସୁବର୍ଣ୍ଣ କଳଶ ଅଛି ପତାକା ଉପରେ
ସୁଶଙ୍ଖ ଧ୍ୱନି ଶୁଭଇ ମଙ୍ଗଳ ସ୍ୱରରେ ।
ସର୍ବ ଶୁଭରେ ଭାଷନ୍ତି ତହିଁ ପକ୍ଷୀ ଯେତେ
ସର୍ବ ଶୁଭ ଧ୍ୟାନ ପୁଣି କଲେ ପୁରୋହିତେ ।
ବେଦମନ୍ତ୍ର ଅଧ୍ୟୟନ କଲେ ଦ୍ୱିଜଜନ
ମଙ୍ଗଳ ଶବଦ ପୁଣି ଶୁଭେ ଘନ ଘନ ।
ଦଧିବାମନ ଆବର ଲକ୍ଷ୍ମୀ ନାରାୟଣ
ଦୁର୍ଗାମାଧବ ନାମକୁ କରିଲେ ସ୍ମରଣ ।
ପୂର୍ବ ବଦନ ଉତ୍ତରେ ଦେଖି ମାହେଶ୍ୱରୀ
ବାୟବ୍ୟେ ଶାରଳା ଚଣ୍ଡୀ ରୂପକୁ ଯେ ଧରି ।
ଜମ୍ବୁଦ୍ୱୀପେ ଭରତଖଣ୍ଡେ ସୌରାଷ୍ଟ୍ର ମଣ୍ଡଳେ
ଯଜନ ଯାଜନ ଯେ ଶ୍ରୀ ମହୋଦଧି କୂଳେ ।
ଝଙ୍କଡ଼ ଯାହାକୁ ପୂର୍ବେ ବାରସ୍ଥଳୀ ବୋଲି
ଗିରିଜାଙ୍କ ଆଜ୍ଞାରେ ମୁଁ ତହିଁ ଜନମିଲି ।
ଚନ୍ଦ୍ରୋପଳା ଅଇଶାନ୍ୟ ଭାଗେ ଯେଉଁ ମୂର୍ତ୍ତି
ବୃହଦ୍ଧ୍ୱଜ ଋଷି ତହିଁ ତପ କରୁଛନ୍ତି ।
ତାଙ୍କ ପରେ ଭେଦ ବହେ ବୃଦ୍ଧନକ ମାତା
କନକାବତୀ ପାଟଣା ରାମଙ୍କ ସର୍ଜ୍ଜନା ।
ଅଭୟ କାମିନା ମୋର ଭୁବନ ମଣ୍ଡଣି
ଶୂଦ୍ର ମୁନି ଶାରଳା ପ୍ରସନ୍ନ ସିଦ୍ଧଯୋଗ୍ନୀ ।
ଏକାଦଶ ଖଣ୍ଡ ସୁଧା ପରକାର ଗାଥା
ଇଦଂ ବାକ୍ୟ କହିଲି ମୁଁ ଭାରତର କଥା ।
ଯାବତ ଧର୍ମ ତାବତ କର୍ମେ ସିନା ଲେଖା
ଭାରତପର୍ବ କହିଲି ଶାସ୍ତ୍ର କରି ଶିକ୍ଷା ।
ମୂଢ଼ବଂଶ ହୋଇ ମୁହିଁ ଜନ୍ମିଲଇଁ ଯୋନି
ଚଣ୍ଡୀ ପଦ୍ମପାଦ ସେବି ହେଲି ଶୂଦ୍ରମୁନି ।
ଶ୍ରୀଚଣ୍ଡୀ ଶାରଳାଙ୍କର କଣ୍ଠତ ପ୍ରସନ୍ନେ
ସେ ଯାହା କହନ୍ତି ମୁହିଁ ଲେଖଇ ଲେଖନେ ।
ହେ ବୁଧଜନେ ମୋହର ନ ଘେନିବା ଦୋଷ
ଅପଣ୍ଡିତ ଅଟେ ମୁହିଁ ମୋର ବୁଦ୍ଧି କସ ।
ଅଗାଧ ସମୁଦ୍ର ଅଟେ ଭାରତ ଯା ବୋଲି
ସାଗରେ ପଶିଣ ମଧ୍ୟେ ଅନ୍ତ ନ ପାଇଲି ।
ମାନବେ ଜନମ ଅନ୍ତ କରିବଇଁ କାହିଁ
ଶାରଳା ପ୍ରସନ୍ନେ ମହାଭାରତ ଲେଖଇ ।
ମୋତେ କଣ୍ଠରେ ଦୟା କରିଲେ ମଙ୍ଗଳେ
ଲେଖନ କରିଲି ମୁହିଁ ତାଙ୍କ ବୁଦ୍ଧି ବଳେ ।

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ପ୍ରସଙ୍ଗରେ ଦେଲେ ମୋତେ ଲେଖନ ଗୋଟିଏ
ତାହା ସେନ ଲେଖୁଥିଲେ ଦୁଃଖ ମୋତେ ହୁଏ
ତେଣୁକରି ଲେଖନ ମୁଁ କଲି ସାର ଗ୍ରନ୍ଥ
ସମ୍ପୂର୍ଣ୍ଣ କରି ଶୁଣିଲେ ପୁତ୍ର ହୁଏ ଜାତ ।
ନାରୀଏ ଶୁଣିଲେ ସଉଭାଗ୍ୟବତୀ ହେବେ
ବନ୍ଧ୍ୟା ମୃତବତ୍ସା ଦୋଷ ରହିଥିବ ଯେବେ ।
ସବୁ ଦୋଷ ନାଶଯିବ ତାହାଙ୍କ ଅଙ୍ଗରୁ
ସୁଲକ୍ଷଣୀ ହେବେ ମହାଲକ୍ଷ୍ମୀଙ୍କ ଦୟାରୁ ।
ଧନ ଗୋଧନ ଆଦି ଯେ ମିଳିବ ବହୁତ
ଶ୍ରଦ୍ଧାରେ ଶୁଣିବ ଯେହୁ ଏ ମହାଭାରତ ।
ଦେହରୁ ସକଳ ବ୍ୟାଧି ଯିବ ଦୂର ହୋଇ
ପ୍ରତିଦିନ ପାଠକଲେ ସଙ୍କଟ ନାଶଇ ।
ଭାରତ ପଢ଼ିଲେ କିବା କରିଲେ ଶ୍ରବଣ
ତା ବଂଶକୁ ବିପଦ ନ ଆସେ କଦାଚନ ।
ଆଜନ୍ମ ଦରିଦ୍ର ଜନ ଧନବନ୍ତ ହେବ
ମହାଭାରତରେ ଯେବେ ମତି ରହିଥିବ ।
ଆପଦ ଅପମୃତ୍ୟୁାଦି ସର୍ବ ହେବ ହାନି
ଶ୍ରୀହରି ପାଦେ ଶରଣ ଏ ଶାରଳା ମୁନି ।
ବିରାଟପର୍ବ ଚରିତ ସୁଧାସାର ରସ
ଆହେ ସୁଜ୍ଞଜନେ ଏଥିଠାରେ ହେଲା ଶେଷ ।

ଇତି ଶ୍ରୀ ବିରାଟପର୍ବ ସମାପ୍ତ

※ ସ ମା ପ୍ତ ※

ମୁଦ୍ରାକର—ଶ୍ରୀ କମଳଲୋଚନ ଗଡ଼ବଡ଼ ,ଶ୍ରୀରାଧାରମଣ ପ୍ରେସ, କଟକ—୧୯୮୦

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha

Vinay Avasthi Sahib Bhuvan Vani Trust Donations

ବିଜ୍ଞାପନ

ନିମ୍ନଲିଖିତ ପୁସ୍ତକ ସବୁ ସରସ କାଗଜରେ ସୁନ୍ଦର ଛପା ହୋଇ ବିକ୍ରୟ ନିମିତ୍ତ ଗଚ୍ଛିତ ଅଛି । ଅଗ୍ରିମସହ ଅର୍ଡ଼ର ପାଇଲେ ଉଚିତ କମିଶନ ସହ ଯୋଗାଇ ଦିଆଯାଏ ।

ମହାଭାରତ	ସେଟ୍	ଟ ୮୦-୦୦
ବାଲ୍ମୀକି ରାମାୟଣ	,,	ଟ ୪୫-୦୦
ହରିବଂଶ	,,	ଟ ୪୫-୦୦
ନୃସିଂହ ପୁରାଣ	,,	ଟ ୪୫-୦୦
ଭାଗବତ	,,	ଟ ୪୦-୦୦
ବ୍ରହ୍ମବୈବର୍ତ୍ତ ପୁରାଣ	,,	ଟ ୩୫-୦୦
ଶିବ ପୁରାଣ	,,	ଟ ୨୦-୦୦
ବାୟୁ ପୁରାଣ	,,	ଟ ୨୫-୦୦
ବ୍ରହ୍ମ ପୁରାଣ	,,	ଟ ୨୨-୦
ସ୍କନ୍ଦ ପୁରାଣ (ମାହେଶ୍ୱର ଖଣ୍ଡ)		ଟ ୧୮-୦୦
,, (ବିଷ୍ଣୁଖଣ୍ଡ ପ୍ରଥମାର୍ଦ୍ଧ)		ଟ ୧୪-୫୦
,, (,, ଦ୍ୱିତୀୟାର୍ଦ୍ଧ)		ଟ ୧୫-୫୦
ବୈଦେହୀଶ ବିଳାସ	,,	ଟ ୨୦-୦୦
ଦାର୍ଢ୍ୟତାଭକ୍ତି	,,	ଟ ୯-୦୦
,, ବନ୍ଧେଇ	,,	ଟ ୧୦-୦୦
ଚିତ୍ରବିନୋଦ	,,	ଟ ୨୨-୦୦
ଅବୋଲକରା କାହାଣୀ	,,	ଟ ୧୨-୦୦

ପଦ୍ମପୁରାଣ	ଟ ୭-୦୦	ବିଲଙ୍କା ରାମାୟଣ ୧ ସେଟ୍	ଟ ୯-୫୦
ନାମରତ୍ନ ଗୀତା	ଟ ୭-୦୦	ଭବିଷ୍ୟତ ପୁରାଣ	ଟ ୪-୫୦
ଗରୁଡ଼ ପୁରାଣ	ଟ ୭-୦୦	ସୂର୍ଯ୍ୟ ପୁରାଣ	ଟ ୪-୨୫
ଜଗନ୍ନାଥ ପୁରାଣ	ଟ ୭-୦୦	କୃଷ୍ଣଲୀଳା	ଟ ୭-୫୦
ଲକ୍ଷ୍ମୀ ପୁରାଣ	ଟ ୭-୫୦	ଗୀତା ବନ୍ଧେଇ	ଟ ୫-୫୦
ଲିଙ୍ଗ ପୁରାଣ	ଟ ୧୦-୦୦	ଜାତକ ଦର୍ପଣ	ଟ ୩୦-୦୦
ନାରଦୀୟ ପୁରାଣ	ଟ ୭-୫୦	ମାଧବକର ନିଦାନ	ଟ ୮-୦୦
ବାମନ ପୁରାଣ	ଟ ୧୦-୦୦	ଗଦାଧର ପଦ୍ଧତି	ଟ ୧୫-୦୦
ଟୀକା ମହାଭାରତ	ଟ ୧୦-୦୦	ଅଧ୍ୟାତ୍ମ ରାମାୟଣ	ଟ ୧୨-୦୦
ମାର୍କଣ୍ଡେୟ ପୁରାଣ	ଟ ୧୦-୦୦	ଅମରକୋଷ (ବନ୍ଧେଇ)	ଟ ୧୦-୦୦

ପ୍ରାପ୍ତିସ୍ଥାନ :—

ଶ୍ରୀ ରାଧାରମଣ ପୁସ୍ତକାଳୟ

ନିମଚୌଡ଼ି, କଟକ—୭୫୩୦୦୨

CC-O. Nanaji Deshmukh Library, BJP, Jammu. Digitized By Siddhanta eGangotri Gyaan Kosha